# ଉଡ଼ା ଭୂମିକା

odia.org

# ଭଞ୍ଜ-ଭୂମିକା

ପ୍ରଥମ ଖଣ୍ଡ

# BHANJA-BHOOMIKA

Vol. I

ଅଧ୍ୟାପକ ଗୌରୀକୁମାର ବ୍ରହ୍ମା

ପ୍ରକାଶକ

**ଧର୍ମଗ୍ରନ୍ଥ ଷ୍ଟୋର**
ଶ୍ରୀ ବଦ୍ୟାଧର ସାହୁ
ଅଲିଶା ବଜାର, କଟକ-୨
ଫୋନ୍ ନଂ : ୨୧୨୪୭

ପ୍ରଥମ ସଂସ୍କରଣ
୧୯୭୪

# BHANJA-BHOOMIKA
## Vol. I

*( A critical assesment of Orissa's greatest Poet UPENDRA BHANJA*

*by*

**Prof. Gouri Kumar Brahma**

ମୁଦ୍ରଣ :
ଶ୍ରୀ ଗଣପତି ପ୍ରେସ
ଚୌଧୁରୀ ବଜାର, କଟକ-୧

ମୂଲ୍ୟ : ଟ ୪୦-୦୦ ( ଚାଳିଶ ଟଙ୍କା ମାତ୍ର )

## ଉତ୍ସର୍ଗ

ଓଡ଼ିଶାର ମୁଖ୍ୟମନ୍ତ୍ରୀ

ଶ୍ରୀମତୀ ନନ୍ଦିନୀ ଶତପଥୀଙ୍କ

କରକମଳରେ —

ଲେଖକ

# ଅଗ୍ରଲେଖ

କବିସମ୍ରାଟ୍ ଉପେନ୍ଦ୍ର ଭଞ୍ଜ ଉତ୍କଳ-ସାହିତ୍ୟ-ଗଗନର ମହୋଜ୍ଜ୍ୱଳ ନକ୍ଷତ୍ର ରୂପେ ବିରାଜିତ । ଗତ ପ୍ରାୟ ତିନି ଶତ ବର୍ଷ ଧରି ତାଙ୍କର କାବ୍ୟଧାରା ଉତ୍କଳର ପୁରପଲ୍ଲୀରେ ପ୍ରବାହିତ ହୋଇ, ସାରସ୍ୱତ ରସ-ପିପାସୁ ଅଗଣିତ ନରନାରୀଙ୍କର ପ୍ରୀତିପ୍ରଦାୟକ ହୋଇଅଛି । ଅଦ୍ୟାବଧି ତାଙ୍କର ସମସ୍ତ ରଚନା ଆମର ହସ୍ତଗତ ହୋଇ ନ ଥିଲେ ମଧ୍ୟ, ଯେଉଁ ୨୮ ଖଣ୍ଡ ରଚନା ପ୍ରକାଶିତ ହୋଇଅଛି, ତହିଁରୁ ତାଙ୍କର ଅସାଧାରଣ ପାଣ୍ଡିତ୍ୟ ଓ ପ୍ରତିଭାର ଯଥେଷ୍ଟ ପରିଚୟ ଉପଲବ୍ଧ ହେଉଅଛି ।

ଭଞ୍ଜ ସାହିତ୍ୟର ସମୀକ୍ଷା ତଥା ଅନୁବାଦ ଓ ବ୍ୟାଖ୍ୟାନ ଦ୍ୱାରା ଯେଉଁମାନେ ଏହି ମହାକବିଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ କରିଅଛନ୍ତି, ଏ ସ୍ଥଳରେ ସେମାନଙ୍କୁ ମୁଁ ଅଭିନନ୍ଦନ ଜ୍ଞାପନ କରୁଅଛି । ଅଧ୍ୟାପକ ଗୌରୀକୁମାର ବ୍ରହ୍ମା ଗତ ପ୍ରାୟ ତିରିଶ ବର୍ଷ ଧରି 'ଭଞ୍ଜ-ଜୟନ୍ତୀ' ଉତ୍ସବମାନଙ୍କରେ ବରାବର ଭାଷଣ ଦେଇ ଆସିଅଛନ୍ତି । ଏହା ପୂର୍ବରୁ ଭଞ୍ଜଙ୍କ ସମ୍ପର୍କରେ ତାଙ୍କର ଏକାଧିକ ପୁସ୍ତକ ଓ ବହୁ ପ୍ରବନ୍ଧ ପ୍ରକାଶିତ ହୋଇଅଛି । ତେବେ, ତାଙ୍କର ନିଜ ଉକ୍ତି ଅନୁସାରେ, ଏହି 'ଭଞ୍ଜ ଭୂମିକା'ର ଆଉ ନଅଟି ଖଣ୍ଡର ପରିକଳ୍ପନା ସେ କରିଅଛନ୍ତି । ମୋର ମନେହୁଏ, ଏହି ପରିକଳ୍ପନା ପୂର୍ଣ୍ଣତାଲାଭ କରି ପାରିଲେ, ଭଞ୍ଜ-ସାହିତ୍ୟର ବହୁମୁଖୀ ମୂଲ୍ୟାୟନ ଦିଗରେ ପାଠକ ଓ ବିବେଚକମାନଙ୍କର ଚିନ୍ତା ଅନେକ ପରିମାଣରେ ସୁଗମ ହୋଇଯିବ ।

ଏହି ପ୍ରଥମ ଖଣ୍ଡରେ ଅଧ୍ୟାପକ ବ୍ରହ୍ମା ମୁଖ୍ୟତଃ ଛଅଗୋଟି ବିଷୟର ଆଲୋଚନା କରିଅଛନ୍ତି—ଭଞ୍ଜବଂଶର ପରିଚୟ ଓ ଭଞ୍ଜଙ୍କର ପ୍ରସିଦ୍ଧି, ଓଡ଼ିଆ ରୀତିଯୁଗ ସାହିତ୍ୟର ଭୂମିକା ଓ ଅବଧି ଛହିବ, ଉପେନ୍ଦ୍ର ଭଞ୍ଜଙ୍କର ଜୀବନୀ ତଥା ଭଞ୍ଜ-ସାହିତ୍ୟର ସମୀକ୍ଷା ଓ ସମୀକ୍ଷକ । ସ୍ଥାନେ ସ୍ଥାନେ ସେ କେତେକ ନୂତନ ଓ

ତଥ୍ୟ ଉପରେ ନିଜର ଅଭିମତ ପ୍ରକାଶ କରିଅଛନ୍ତି । ତହିଁର ଯାଥାର୍ଥ୍ୟ ତତ୍ତ୍ୱବିଦମାନେ ହିଁ କଳନା କରିବା ବିଧେୟ । କିନ୍ତୁ ଏ ଗ୍ରନ୍ଥର ୧୪୭ ପୃଷ୍ଠା-ଠାରୁ ୩୦ ଗୋଟି ପର୍ଯ୍ୟାୟରେ ଭକ୍ତଙ୍କର ଜୀବନଗାଥା ଗେନ ଲେଖକ ଯେ ଯେଉଁ ଶ୍ରମ ସ୍ୱୀକାର କରିଛନ୍ତି, ତାହା ତାଙ୍କର ନିଷ୍ଠାର ପ୍ରକୃଷ୍ଟ ପରିଚାୟକ । ତହିଁ ସଙ୍ଗେ ସଙ୍ଗେ ସମଗ୍ର ସଂସ୍କୃତ ଏବଂ ଓଡ଼ିଆ ସାହିତ୍ୟର ବହୁ ତଥ୍ୟ ପ୍ରସଙ୍ଗକ୍ରମେ ପରିବେଷଣ କରି, ସେ ତାଙ୍କ ଆଲୋଚନାର ପରିସର ସୁଦୂର ପ୍ରସାରିତ କରି ଅଛନ୍ତି ।

ମୁଁ ଶ୍ରୀଯୁକ୍ତ ବ୍ରହ୍ମାଙ୍କୁ ସାଧୁବାଦ ଜ୍ଞାପନ କରୁଅଛି ଏବଂ ତାଙ୍କର ପରିକଳ୍ପନାର ପୂର୍ଣ୍ଣତାପ୍ରାପ୍ତି ଦିଗରେ ସେ ସର୍ବଥା ଯତ୍ନଶୀଳ ହେବା ପାଇଁ ପରାମର୍ଶ ଦେଉଅଛି ।

ମୋର ଆଶା, ଏହି ଜାତୀୟ-ମହାକବିଙ୍କ ଦୁରଧିଗମ୍ୟ ରଚନାବଳୀର ତତ୍ତ୍ୱବୋଧ ଦିଗରେ ଏହି ଆଲୋଚନା-ଗ୍ରନ୍ଥ ବିଶେଷ ସହାୟକ ହେବ ଏବଂ ଆମର ତରୁଣ ଗବେଷକମାନଙ୍କୁ ଅନୁପ୍ରାଣିତ କରିବ । ଇତି ।

**ଯଦୁନାଥ ଦାଶ ମହାପାତ୍ର**
୧୨-୧୨-୭୪
ମନ୍ତ୍ରୀ, ଶିକ୍ଷା, ପର୍ଯ୍ୟଟନ ଓ ସାଂସ୍କୃତିକ ବ୍ୟାପାର ବିଭାଗ,
ଭୁବନେଶ୍ୱର

# ଭୂମିକାର ଭୂମିକା

## ଏ ଭଳି ଦଶଗୋଟି ଖଣ୍ଡ (Volume)ରେ ଏହି ଭଞ୍ଜ-ଭୂମିକା ପୂର୍ଣ୍ଣତା ଲାଭ କରିବ

ଏହାର ଦ୍ୱିତୀୟ ଖଣ୍ଡର ବିଷୟବସ୍ତୁ ହେଉଛି—'ଭଞ୍ଜ-ସାହିତ୍ୟରେ ସମାଜଚିତ୍ର ଓ ପ୍ରକୃତି ଚିତ୍ରଣ' । ପୁଣି ତୃତୀୟ ଖଣ୍ଡରେ—'ଭଞ୍ଜ-ସାହିତ୍ୟରେ ରାମ କଥା', ଚତୁର୍ଥ ଖଣ୍ଡରେ—'ଭଞ୍ଜ-ସାହିତ୍ୟରେ ଆଲଙ୍କାରିକତା', ପଞ୍ଚମ ଖଣ୍ଡରେ—'ଭଞ୍ଜ-ସାହିତ୍ୟରେ ନୀତି, ଧର୍ମ ଓ ଦର୍ଶନ', ଷଷ୍ଠ ଖଣ୍ଡରେ—'ଭଞ୍ଜ-ସାହିତ୍ୟରେ ପ୍ରଭାବ (ଭଞ୍ଜଙ୍କ ଉପରେ ଅନ୍ୟ କବିଙ୍କର ଏବଂ ଅନ୍ୟ କବିଙ୍କ ଉପରେ ଭଞ୍ଜଙ୍କ ପ୍ରଭାବ) ବିବେଚନ', ସପ୍ତମ, ଅଷ୍ଟମ ଓ ନବମ ଖଣ୍ଡରେ—ବିଭିନ୍ନ ଦୃଷ୍ଟିକୋଣରୁ ଭଞ୍ଜ-ସାହିତ୍ୟର ବିଚାର, ବ୍ୟାଖ୍ୟାନ ଓ ବିଶ୍ଳେଷଣ ଏବଂ ଦଶମ ଖଣ୍ଡରେ ଭଞ୍ଜ-ସାହିତ୍ୟର ସମୀକ୍ଷା ଓ ସମୀକ୍ଷକମାନଙ୍କ ସମ୍ପର୍କରେ ଆଲୋଚନା କରାଯାଉଛି । ଶେଷ ଖଣ୍ଡରେ ଭଞ୍ଜଙ୍କ ଉପରେ ପ୍ରକାଶ ପାଇଥିବା ୧୫।୨୦ଟି ପୁସ୍ତକ-ପୁସ୍ତିକା ଏବଂ ଶତାଧିକ ପ୍ରବନ୍ଧ ଓ ଆଲୋଚନାର ସମୀକ୍ଷା କରାଯାଇ, ଭିନ୍ନ ଭିନ୍ନ ବାକ୍ୟରେ କିପରି ଭଞ୍ଜଙ୍କ ସମ୍ପର୍କରେ ଅସତ୍ୟ କିମ୍ବା ଅଯଥାର୍ଥ ମତମାନ ପ୍ରକାଶ ପାଇଛି, ତାହା ସପ୍ରମାଣ ପ୍ରତିପାଦନ କରାଯାଉଛି । ଏଥିର କେତୋଟି ନମୁନା ଏହି ପ୍ରଥମ ଖଣ୍ଡର ପୃ ୫୭୭—୫୮୩ ମଧ୍ୟରେ ଦ୍ରଷ୍ଟବ୍ୟ ।

ଏହି ଗ୍ରନ୍ଥର ପରିକଳ୍ପନା ମୂଳରେ ବହୁ ବର୍ଷର ଗଭୀର ମନନ ଓ ସମୀକ୍ଷଣ ଦୃଢ଼ ଭାବରେ ବିଦ୍ୟମାନ । ୧୯୪୭ରୁ ୧୯୫୭ ମଧ୍ୟରେ କଟକ ଖ୍ରୀଷ୍ଟ କଲେଜରେ ଅଧ୍ୟାପକ ଥିଲାବେଳେ ଭଞ୍ଜ-ସାହିତ୍ୟର ଆଲୋଚନା ତଥା ପରିବେଷଣ କରିବା ପାଇଁ ମୁଁ ଯେଉଁ ସୁଯୋଗ ପାଉଥିଲି, ଯେତେ ଯେତେ ଆମନ୍ତ୍ରଣ ପାଉଥିଲି, ତାହା ମୋର ସମଧର୍ମୀ, ସମବୟସ୍କ ଓ ସହଯୋଗୀମାନଙ୍କ ପକ୍ଷରେ ଅନୁପଲବ୍ଧ ଥିଲା କହିଲେ ଚଳେ । ମୋର ସହକର୍ମୀ ପଣ୍ଡିତ ବାନାମ୍ବର ଆଚାର୍ଯ୍ୟ ମଝେ ମଝେ ମତେ ପ୍ରେରଣା ଦେଉଥିଲେ । ସେହି ଅବକାଶରେ ମୋର ପିତୃଦେବ ସ୍ୱର୍ଗତ (୧୯୫୦) ପଣ୍ଡିତ ଚନ୍ଦ୍ରଶେଖର ବ୍ରହ୍ମା

ମତେ ଭଞ୍ଜ ସାହିତ୍ୟ ପଢ଼ାଇବା ପାଇଁ ସୁଦୂର ଆସିକା (ଗଞ୍ଜାମ)ରୁ ମଝିରେ ମଝିରେ କଟକ ଆସୁଥିଲେ । ସିଂହ-ବିକ୍ରମଶାଳୀ ବିଚ୍ଛନ୍ଦ ଚରଣ ପଟ୍ଟନାୟକ ଭଞ୍ଜ-ସାହିତ୍ୟର ସମାଲୋଚକଙ୍କୁ ଅସ୍ତ୍ରସ୍ତ କରି ଯେଉଁ ହୁଂକାର ଦେଉଥିଲେ, ତାହା ଓଡ଼ିଆ ଜାତି ଓ ସଂସ୍କୃତିରେ ଅପକର୍ଷ-ପ୍ରଖ୍ୟାପକ ଅନ୍ୟ ଭାଷାଭାଷୀ ଅଥଚ ଓଡ଼ିଶା ନିବାସୀ ବହୁ ବ୍ୟକ୍ତିଙ୍କ ପ୍ରାଣରେ ଆତଙ୍କର ପ୍ରକମ୍ପ ସୃଷ୍ଟି କରୁଥିଲା । କେତେ ଥର ଭଞ୍ଜ-ଜୟନ୍ତୀ ସଭାକୁ ଭାଷଣ ଦେବାକୁ ଗଲାବେଳେ, ମୋ ପିତା ମୋ ସହିତ ଯାଉଥିଲେ । ବେଦ, ବେଦାନ୍ତ ଓ ବ୍ୟାକରଣରେ ତାଙ୍କର ପାଣ୍ଡିତ୍ୟ ଅସାଧାରଣ ଥିଲା । ସେ ଅନ୍ୟ ପଣ୍ଡିତମାନଙ୍କୁ ବେଳେ ବେଳେ ଯାହା କହି ଦେଉଥିଲେ, ତାହା ଶୁଣିବାକୁ ପଢ଼ୁଆ ରୁଚି-ଅନୁଗତ ମୋ ପକ୍ଷରେ କଷ୍ଟକର ମଧ୍ୟ ହେଉଥିଲା । ନିଖିଳ ଓଡ଼ିଶା-ପଣ୍ଡିତ-ସମ୍ମେଳନ ବେଳେ, ପୁରୀରେ ଉତ୍କଳ ସଂସ୍କୃତ ସମିତିରେ ଦୀକ୍ଷାନ୍ତ ଭାଷଣ (Convocation Address) ଦେଲାବେଳେ ତଥା ପଣ୍ଡିତ ନୀଳକଣ୍ଠ ଦାସ, ଅଧ୍ୟାପକ ଆର୍ତ୍ତବଲ୍ଲଭ ମହାନ୍ତି ଏବଂ ପଣ୍ଡିତ ଆକୁଳ ମିଶ୍ରଙ୍କ ସହିତ ସେମାନଙ୍କର କଟକସ୍ଥିତ ବାସଭବନଠାରେ ଆଳାପ ଆଲୋଚନା ବେଳେ, ପ୍ରାଚ୍ୟ ବିଦ୍ୟା ନିଷ୍ଣାତ, ପ୍ରତିବାଦୀ ଭୟଙ୍କର-ପଣ୍ଡିତ ସୁଲଭ ତାଙ୍କର ମୁଖରତାରେ ମୁଁ ଟିକିଏ ଶଙ୍କିତ ହୋଇ ପଡ଼ୁଥିଲି । ତଥାପି, କିଛି ଗୋଟିଏ ଜଟିଳ ପ୍ରଶ୍ନ ପଚାରିଦେଲେ, ପ୍ରାମାଣିକ ଉତ୍ତର ନ ମିଳିବ, ଏଭଳି ଆଶଙ୍କା ଲବମାତ୍ର ନ ଥିବାରୁ, ସ୍ୱ-ପକ୍ଷ ପ୍ରତିଷ୍ଠାପନରେ ବଳିଷ୍ଠତା ସମ୍ପାଦନ ଲାଗି କଟକ ସହରର କେତେକ ସଭାକୁ ମୁଁ ତାଙ୍କୁ ନେଇ ଯାଉଥିଲି । ୧୯୫୫ ସୁଦ୍ଧା ସେକାଳର ଗଞ୍ଜାମ ଜିଲ୍ଲାର ଜଣେ ଅପରିଚିତ ଯୁବକ ସୁଖ୍ୟାତ କଟକ ସହରର ଶ୍ରେଷ୍ଠ ସାହିତ୍ୟିକ ଗୋଷ୍ଠୀମାନଙ୍କରେ ପ୍ରଗଲ୍‌ଭ ବକ୍ତା ଭାବରେ ଖ୍ୟାତି ଅର୍ଜନ କରିବା କିଛି ସହଜସାଧ୍ୟ ବ୍ୟାପାର ନ ଥିଲା । ସେଥିପାଇଁ 'ଭାଗବତୀ ବିଦ୍ୟାର୍ଥୀ' ଭାବରେ ମତେ ବହୁ ବିଦ୍ରୂପ ଗଞ୍ଜଣା ସହନ କରିବାକୁ ହୋଇଥିଲା । ଶହ ଶହ ଗ୍ରନ୍ଥର ଗଦ୍ୟ ଓ ପଦ୍ୟ ଅଂଶମାନ କଣ୍ଠସ୍ଥ କରି, ତହିଁର ପରୀକ୍ଷଣ ଲାଗି ଦର୍ପଣ ସମ୍ମୁଖରେ, ଭାଷଣ ପ୍ରଦାନ ଭଙ୍ଗୀରେ ଦଣ୍ଡାୟମାନ ହୋଇ ଆବୃତ୍ତି କରିବାକୁ ହେଉଥିଲା । ପୁଣି ୧୯୮୩ଠାରୁ କଟକରେ ରବୀନ୍ଦ୍ରଙ୍କ ସ୍ମୃତିତର୍ପଣ ଲାଗି ସାଂସ୍କୃତିକ ଉତ୍ସବମାନ ଅନୁଷ୍ଠିତ ହେଉଥିବାରୁ, ଉପେନ୍ଦ୍ରଙ୍କ ଲାଗି ସେଭଳି ସାରସ୍ୱତ ସମାବେଶର ଆୟୋଜନ ପାଇଁ ମଧ୍ୟ ଅନ୍ତରରେ ପ୍ରବଳ ଆଗ୍ରହ ଓ ଅଭିରୁଚି ଜାତ ହୋଇଥିଲା । ଏହାର ଫଳସ୍ୱରୂପ ଭଞ୍ଜସାହିତ୍ୟର ବୈଦିକ ଭିତ୍ତି, ପୌରାଣିକ ଭିତ୍ତି, ଧର୍ମଶାସ୍ତ୍ରୀୟ ଭିତ୍ତି, ଦାର୍ଶନିକ ଭିତ୍ତି, ଆଳଙ୍କାରିକ ଭିତ୍ତି, ସାହିତ୍ୟିକ ଭିତ୍ତି, ସାମାଜିକ ଭିତ୍ତି ଏବଂ ଏ ଭଳି ଅନ୍ୟ ଅନେକ କଥା ସପ୍ରମାଣ

ଜାଣିବା ପାଇଁ ଅନ୍ତରରେ ପ୍ରବଳ ବାସନା ଓ ବ୍ୟଗ୍ରତା ଜାଗ୍ରତ ହୋଇଥିଲା । ଯେତେବେଳେ ଅଳ୍ପ କେତେଦିନ ପାଇଁ ମୋ ପିତା କଟକ ଆସୁଥିଲେ, ଘଣ୍ଟା ଘଣ୍ଟା ବସି ସେ ବିଷୟରେ ପଚାରୁଥିଲି । ବିଶେଷତଃ, ଭଞ୍ଜ-ଜୟନ୍ତୀ ଉତ୍ସବ-ମାନଙ୍କରେ ଯେତେବେଳେ କୁହାଯାଉଥିଲା—"ଭଞ୍ଜ-ସାହିତ୍ୟରେ ଅମୁକ ନାହିଁ, ଭଞ୍ଜ-ସାହିତ୍ୟରେ ତମୁକ ନାହିଁ" ଇତ୍ୟାଦି; ସେତିକିବେଳେ, ସେ ସବୁ ଭଞ୍ଜ-ସାହିତ୍ୟରେ କେଉଁଠାରେ ଓ କିପରି ପ୍ରକାଶ ପାଇଛି, ତାହା ଜାଣିବା ପାଇଁ ପିତୃଦେବଙ୍କୁ ବାରମ୍ବାର ପ୍ରଶ୍ନ କରୁଥିଲି । ତଦ୍ଦ୍ୱାରା ଚିନ୍ତାର ଦିଗ୍‌ବଳୟ ସମ୍ପ୍ରସାରିତ ହେଉଥିଲା । ଫଳରେ ମୋର ଏହି ଧାରଣା ହେଲା ଯେ, ଭଞ୍ଜ-ସାହିତ୍ୟର ଯଥାର୍ଥ ଗବେଷଣା ହେଲେ, ଭାରତର ମହାକବି କାଳିଦାସ, ତୁଳସୀ ଦାସ, ରବୀନ୍ଦ୍ରନାଥ, ପ୍ରମୁଖଙ୍କ ଭଳି ଉପେନ୍ଦ୍ର ଭଞ୍ଜ ମଧ୍ୟ ସର୍ବଭାରତୀୟ ସ୍ତରରେ ଗୌରବମଣ୍ଡିତ ଆସନ ଲାଭ କରିବାକୁ ସମର୍ଥ ହେବେ ।

ସେହି ସମୟରେ ଚିନ୍ତାର ପରିପକ୍ୱତା ଆସି ନ ଥିଲେ ମଧ୍ୟ, ଭାବାତ୍ମକ ଜାଗରଣର ପ୍ରବଳ ପ୍ଲାବନରେ ଭଞ୍ଜଙ୍କ ଉପରେ ସହସ୍ରାଧିକ ପୃଷ୍ଠାର ଆଲୋଚନା ଲେଖି ପକାଇଥିଲି । କିନ୍ତୁ "ଆଉ ଅଧିକା କିଛି ଲେଖିବି" ବୋଲି ଭାବି, ତାକୁ ପ୍ରକାଶ କରି ପାରି ନ ଥିଲି । ଆର୍ଥିକ ସମ୍ମାନ ସହିତ ତାକୁ ପ୍ରକାଶ କରାଇବାକୁ ସେଭଳି ବିଶିଷ୍ଟ ପ୍ରକାଶକ ପାଇଲି ନାହିଁ । ପ୍ରାୟ ୧୦ ବର୍ଷ ପରେ 'ଅମର ଚରିତ ଗ୍ରନ୍ଥମାଳା'ରେ ଭଞ୍ଜଙ୍କ ଜୀବନୀ ପ୍ରକାଶ କରିବାକୁ ପ୍ରକାଶକ ଅନୁରୋଧ କରିବାରୁ ଭଞ୍ଜଙ୍କର ସଂକ୍ଷିପ୍ତ ଜୀବନୀ ଲେଖି ଦେଇଥିଲି । ମାତ୍ର ୧୯୫୯ ଖ୍ରୀଷ୍ଟାବ୍ଦରେ ଦୈନିକ 'ସମାଜ' ପତ୍ରିକାରେ ତାହାର ଏକ ନିନ୍ଦାଭିତ୍ତିକ ସମାଲୋଚନା ପ୍ରକାଶ ପାଇଥିଲା । ସଙ୍ଗେ ସଙ୍ଗେ ମୁଁ ତାର ଉତ୍ତର ଦେଇଥିଲି । ଇଚ୍ଛୁକ ପାଠକମାନେ ଏ ଖଣ୍ଡର ପରିଶିଷ୍ଟରେ ତାହାର କିୟଦଂଶ ଦେଖିପାରନ୍ତି । ତା ପରେ ଓଡ଼ିଶାରେ ଓ ଓଡ଼ିଶା ବାହାରେ ଭଞ୍ଜଙ୍କ ଉପରେ ଶତାଧିକ ଭାଷଣ ପ୍ରଦାନ ପ୍ରସଙ୍ଗରେ କେତେକ ନୂତନ ଚିନ୍ତା ମନରେ ଖେଳି ଯାଇଥିଲା । କଲିକତା, ରାଉରକେଲା, ଜାମସେଦ୍-ପୁର, ଦିଲ୍ଲୀ ପ୍ରଭୃତିରେ ଅନେକ ବନ୍ଧୁ ପଚାରିଥିଲେ—"ଭଞ୍ଜ-ସାହିତ୍ୟ ବୋଲନ୍ତେ କ'ଣ ଖାଲି ସେହି ଚଉଷଠି କଳା, ବ୍ୟାକରଣ ଜ୍ଞାନ, ଜ୍ୟୋତିଷ ଜ୍ଞାନ, ଅଳଙ୍କାର ଶାସ୍ତ୍ରର ପାକ, ରସ, ଗୁଣ, ରୀତି, ଶବ୍ଦାଳଙ୍କାର, ଇତ୍ୟାଦି ବୁଝାଯାଏ, ନା ଦେଶ ପାଇଁ, ଜାତି ପାଇଁ ମଣିଷ ସମାଜ ପାଇଁ ତାଙ୍କର କିଛି ଉଚ୍ଚ, ଉନ୍ନତ ଓ ମଙ୍ଗଳମୟ ଚିନ୍ତା ଥିବାର ତାଙ୍କ ସାହିତ୍ୟରୁ ଜଣାଯାଏ ?" ଥରେ ରାଉରକେଲାର ପ୍ରାୟ ୨୫।୩୦ ହଜାର ଜନତାବିଶିଷ୍ଟ ଭଞ୍ଜ-ଜୟନ୍ତୀ ସଭାରେ କେହି ଜଣେ

ଚିଠା ଲେଖି ( ମୁଁ ଭାଷଣ ଦେଉଥିଲା ବେଳେ ) ରଙ୍ଗମଞ୍ଚ ଉପରକୁ ପଠାଇଥିଲେ । ତହିଁରେ ଥିଲା—"ଯଦି ଆପଣ ଗାଙ୍ଗୁଲି, ମରହଟ୍ଟିଆ, ଚୁଟିଆ ପଣ୍ଡିତଙ୍କ ଭଳି ଖାଲି ଭଞ୍ଜ-ସାହିତ୍ୟର ଚଉଷଠି କଳା, ଅଳଙ୍କାର, ରସ, ବନ୍ଧ, ନାୟିକାର ରୂପ ଇତ୍ୟାଦି କଥା କହିବାକୁ ଯାଉଛନ୍ତି, ତେବେ ଭାଷଣ ଦେବା ବନ୍ଦ କରନ୍ତୁ । ବିଶ୍ୱସାହିତ୍ୟ ଜାଣି ନଥିବା, ଇଂରାଜୀ ସାହିତ୍ୟ ପଢ଼ି ନ ଥିବା ଓ କେବଳ ମାତ୍ର ୨।୩ ଖଣ୍ଡ ସଂସ୍କୃତ କାବ୍ୟ-ଅଳଙ୍କାର ପଢ଼ିଥିବା ସଂସ୍କୃତଆ ପଣ୍ଡିତ ତାଙ୍କ ପାଠଶାଳାର ପିଲାଙ୍କୁ ଭଞ୍ଜ-ସାହିତ୍ୟର ଗୌରବ ଯେପରି ବ୍ୟାଖ୍ୟାନ କରନ୍ତି, ଆପଣ ଆଜି ଯଦି ସେପରି କରିବେ, ତାହାହେଲେ ସେଭଳି ଭାଷଣ ଶୁଣିବାକୁ ଆମେ ଇଚ୍ଛୁକ ନାହୁଁ । ଆଜିର ଦୁନିଆ, ଆଜିର ସମାଜ ଓ ପରିସ୍ଥିତି ଦୃଷ୍ଟିରେ ମଣିଷକୁ ଆଶା ଓ ଆଲୋକ ଦେବାକୁ ଭଞ୍ଜଙ୍କର ଯଦି କିଛି ଥାଏ, ତାହାହେଲେ କହନ୍ତୁ ।"

ଚିଠା ଖଣ୍ଡିକ ପାଇ ମୁଁ ଆଦୌ ବିଚଳିତ ହେଲି ନାହିଁ । ଭାଷଣ ଦେଉଥାଏ ଓ ଭାବୁଥାଏ, 'ଚିଠା ଖଣ୍ଡିକ ସଭା ସ୍ଥଳରେ, ସେହି ମୁହୂର୍ତ୍ତରେ ଲେଖା-ଯାଇ ନାହିଁ । ଆଗରୁ ଲେଖିକରି ଅଣାଯାଇଛି ।' ଜଗନ୍ନାଥଙ୍କୁ ଧ୍ୟାନ କଲି ଏବଂ ପୂର୍ବ ଅଭ୍ୟାସ ଭରସା ଧରି ଭଞ୍ଜଙ୍କ ଉପରେ ସେଦିନ ଯାହା କହିଥିଲି, ତାହା ପରବର୍ତ୍ତୀ କାଳରେ 'ଭଞ୍ଜଙ୍କର ନବୀନ ଇସ୍ତାହାର' ନାମକ ପୁସ୍ତକର ଅନେକ ପୃଷ୍ଠା ମଣ୍ଡନ କରି ପ୍ରକାଶଲାଭ କରିଅଛି ।

ଏହି ୧୯୭୫ ମାର୍ଚ୍ଚ ମାସରେ ପ୍ରସିଦ୍ଧ ପ୍ରକାଶକ ଶ୍ରୀଯୁକ୍ତ ବିଦ୍ୟାଧର ସିଂହ ଭଞ୍ଜଙ୍କର ସଟୀକ ଗ୍ରନ୍ଥାବଳୀ ନିଜ ଯୋଜନା ଅନୁସାରେ ପ୍ରକାଶ କରି ସାରିବା ପରେ, ଖାଲି ମୁଖବନ୍ଧଟିଏ ଲେଖିବାକୁ ମତେ ଅନୁରୋଧ କରିଥିଲେ । ଏହି ଅନୁରୋଧକୁ ଏକ ଦେବ-ସଙ୍କେତ ରୂପେ ଧରିନେଇ, ମୋର ଭଞ୍ଜ-ସାହିତ୍ୟ ସମ୍ପୃକ୍ତ ସମସାମୟିକ ଚିନ୍ତନକୁ ଲିପିବଦ୍ଧ କରିବାକୁ ଏ ଯୋଜନା ପ୍ରସ୍ତୁତ କଲି । ଏଠାରେ କହିରଖେ, ମୋର ପୂର୍ବବର୍ତ୍ତୀ ପ୍ରବନ୍ଧ ବା ପୁସ୍ତକରେ ପ୍ରକାଶ ପାଇଥିବା କେତେକ ମତ ଏବେ କେତେକ ସ୍ଥଳରେ ପରିବର୍ତ୍ତିତ ହୋଇ ଏ ଗ୍ରନ୍ଥରେ ଲିପିବଦ୍ଧ ହୋଇଅଛି ଓ ହେବାକୁ ଯାଉଛି । ସାହିତ୍ୟ-ରାଜ୍ୟରେ ଏହା ଏକ ପ୍ରତିଷ୍ଠିତ ପରମ୍ପରା ଯେ, ଏକ ସମୟରେ ଯାହା ଗୃହୀତ ଓ ସ୍ୱୀକୃତ ହୋଇଥାଏ, ଅଧିକ ଗବେଷଣା ଫଳରେ ନୂତନ ତଥ୍ୟ ଲବ୍ଧ ହେଲେ, ତାହା ପରିବର୍ତ୍ତିତ ହୋଇଯାଏ । ଭଞ୍ଜଙ୍କ ସମ୍ପର୍କରେ ଏବେ ମଧ୍ୟ ଗବେଷଣାର 'ଉପାଦାନ' ବୋଲି

କହିବାକୁ ହେବ । 'ମଧ୍ୟାହ୍ନ'ରେ ଉପନୀତ ହେବା ପାଇଁ ବହୁସଂଖ୍ୟକ ତଥା ନିସ୍ୱାର୍ଥପର, ଅହମିକାଶୂନ୍ୟ, ବହୁଭାଷାଭିଜ୍ଞ, ବହୁ ସାହିତ୍ୟପାଠୀ ତଥା (କେବଳ ସୁଯୋଗକ୍ରମେ ଉଚ୍ଚ ପଦବୀ ଲଭିବାର ଆଶା ରଖି ନ ଥିବା ) ଗୁଣୀ ଓ ଗୁଣଜ୍ଞ ସାଧକଙ୍କର ସମ୍ମିଳିତ ସାଧନା ବାସ୍ତବରେ ଦରକାର । ଏବେ ମଧ୍ୟ ବ୍ୟାପକତା-ଶୂନ୍ୟ କେତେକ ମରହଟ୍ଟୀ ପଣ୍ଡିତ, ସେହି ମାନଧାତା ଅମଳର କେତୋଟି ଗତାନୁଗତିକ ଆଳଙ୍କାରିକ ତଥ୍ୟକୁ ଭିତ୍ତି କରି, ବହି ଲେଖି, ଗର୍ବ ଓ ଆନନ୍ଦ ଅନୁଭବ କରୁଛନ୍ତି । ଭଞ୍ଜ-ପ୍ରତିଭାର ଗବେଷଣା କ୍ଷେତ୍ରରେ ନିଷ୍ଠାପର ସାଧନାର ବହୁମୁଖୀ ଆଲୋଚନା ଦୃଷ୍ଟିରୁ ମରହଟ୍ଟୀ ପଣ୍ଡିତଙ୍କର ଏଭଳି ଉଦ୍ୟମ ଯେପରି ଦୁଃଖଦାୟକ, ଭଞ୍ଜଙ୍କର ଯଥାର୍ଥ ପ୍ରତିଷ୍ଠା ପ୍ରତି ସେହିପରି ଏକ ଉପହାସ କହିଲେ ଅତ୍ୟୁକ୍ତି ହେବ ନାହିଁ । ଭଞ୍ଜ-ସାହିତ୍ୟର ମାନବବାଦ ବିଶ୍ଳେଷଣ ବିଶେଷ ଦରକାର ।

ଏ ଗ୍ରନ୍ଥର ରଚନାକାଳ ଗତ ସାତ ଆଠ ମାସ ମାତ୍ର । ତାହା ସୃଷ୍ଟି କେତେବେଳେ କୋଣାର୍କଠାରେ, କେତେବେଳେ ଚିଲିକା କୂଳରେ, ରମ୍ଭା ଶାନ୍ତି-ନିବାସଠାରେ, କେତେବେଳେ ପୁରୀ ସମୁଦ୍ର କୂଳରେ ଅଥବା ଭୁବନେଶ୍ୱର ଧଉଳି ଶିଖରରେ କିମ୍ବା ଛବିଳ ନନ୍ଦନ-କାନନରେ, ଟିକିଏ ସମୟ ମିଳିବା ମାତ୍ରେ ଲେଖାଲେଖି ଆରମ୍ଭ କରି, ଅଳ୍ପ ସମୟ ପାଇଁ ଘରକୁ ଫେରିବା ପରେ, ଆଗରୁ ସଂକଳିତ ତଥ୍ୟଗ୍ରନ୍ଥର ସାହାଯ୍ୟ ଗ୍ରହଣ ପୂର୍ବକ ବ୍ୟସ୍ତତାମୟ ଜୀବନ ମଧ୍ୟରେ, ଏହି ଖଣ୍ଡଟି ପୂର୍ଣ୍ଣ କରିବାକୁ ମୁଁ ଯେ ସମର୍ଥ ହୋଇପାରିଛି, ଅନାଥନାଥ ଜଗନ୍ନାଥ ମହାପ୍ରଭୁଙ୍କ ଅନୁଗ୍ରହର ଏହା ପ୍ରତ୍ୟକ୍ଷ ପ୍ରମାଣ ବ୍ୟତୀତ ଅନ୍ୟ କିଛି ନୁହେ । ଏହି ଗ୍ରନ୍ଥର ୧୦ଟିଯାକ ଖଣ୍ଡର ପ୍ରଣୟନ ଲାଗି ଦୀର୍ଘ ତିରିଶ ବର୍ଷ ଧରି ସଞ୍ଚିତ ଉପାଦାନସମୂହ ମୁଖ୍ୟତଃ ମୋର ସ୍ମୃତିକୋଷରେ ତଥା ଅସ୍ତବ୍ୟସ୍ତ ଭାବେ ଲିଖିତ ପ୍ରବନ୍ଧମାନଙ୍କରେ ସଞ୍ଚିତ ହୋଇ ରହିଅଛି । ଦୀର୍ଘ ବାର ବର୍ଷରୁ ଅଧିକ କାଳ କଲେଜର ଉଚ୍ଚତମ ଶ୍ରେଣୀରେ 'ଓଡ଼ିଆ ସାହିତ୍ୟର ଇତିହାସ' ପଢ଼ାଇଥିଲି ( ୧୯୪୬-୧୯୫୮ ) । ସାରା ଜୀବନ ଶତ ଶତ ସାହିତ୍ୟ-ସଭାରେ, ଓଡ଼ିଆ ସାହିତ୍ୟର ଶତାଧିକ ସାହିତ୍ୟିକ ବିଷୟ ( Literary topics ) ଓ ଓଡ଼ିଶାର ସାହିତ୍ୟ ସ୍ରଷ୍ଟାଙ୍କ ( ବିଭିନ୍ନ କବି ଓ ଲେଖକଙ୍କ ) ଉପରେ ବିବିଧ ଭାଷଣ ଦେଇ ଆସୁଛି । ଏହା ଫଳରେ, ଶତାଧିକ କବିଙ୍କ ସମ୍ପର୍କରେ ନାନା ତଥ୍ୟ, ତତ୍ତ୍ୱ, ଅବ୍ଦ ପ୍ରମାଣ ପ୍ରଭୃତି କଥା ବାରମ୍ବାର ଅଧ୍ୟୟନପୂର୍ବକ ଜିହ୍ୱାଗ୍ରରେ ରଖିବା ପାଇଁ ବହୁବର୍ଷ ଧରି କଠୋର ପରିଶ୍ରମ କରିବାକୁ ଏବଂ ବିନିଦ୍ର ରଜନୀ ଯାପନ

କରିବାକୁ ବାଧ୍ୟ ହୋଇଥିଲି ଏବଂ ତାକୁ ଭଗବାନଙ୍କର ଆଶୀର୍ବାଦ ବୋଲି ମନେ କରିଥିଲି ।

ଏହି ଗତ ୭/୮ ମାସ ମଧ୍ୟରେ ଗ୍ରନ୍ଥର ପରିକଳ୍ପନା ଏବଂ ତଥ୍ୟ ପରିବେଷଣ ଯେଉଁ ଅନେକ ସଦ୍ଗ୍ରନ୍ଥ-ସାହିତ୍ୟିକଙ୍କ ସହିତ ଆଲୋଚନା କରିଅଛି । ସେମାନଙ୍କ ମଧ୍ୟରେ ପଣ୍ଡିତ ଦଶରଥ ଶତପଥୀ, ଶ୍ରୀଯୁକ୍ତ କମଳ କିଶୋର ମିଶ୍ର ଆଇ. ଏ. ଏସ୍., ଶ୍ରୀଯୁକ୍ତ ପ୍ରାଣନାଥ ମହାନ୍ତି ଅବସର ପ୍ରାପ୍ତ ଆଇ. ଏ. ଏସ୍., ପଣ୍ଡିତ ଶ୍ରୀଧର ଶତପଥୀ, ଶ୍ରୀଯୁକ୍ତ ଦାମୋଦର ଦାସ, ଶ୍ରୀଯୁକ୍ତ ବାଇକୋଳ ଜ୍ୟୋତିଷ ବିଶାରଦ, ଐତିହାସିକ ଶ୍ରୀ ସତ୍ୟନାରାୟଣ ରାଜଗୁରୁ, ପଣ୍ଡିତ ନୀଳମଣି ମିଶ୍ର, ପ୍ରାଧ୍ୟାପକ ଡକ୍ଟର କାହ୍ନୁ ଚରଣ ମିଶ୍ର, ଶ୍ରୀ ଦୁଃଖିଶ୍ୟାମ ପଟ୍ଟନାୟକ, ଅଧ୍ୟାପକ ହୃଦାନନ୍ଦ ରାୟ, ଶ୍ରୀ ଗଙ୍ଗାଧର ଗୁରୁ, ଅଧ୍ୟାପକ ଶ୍ରୀ ବୃନ୍ଦାବନ ଚନ୍ଦ୍ର ଆଚାର୍ଯ୍ୟ, ପାରଳା-ଖେମୁଣ୍ଡି କଲେଜର ଭୂତପୂର୍ବ ଓଡ଼ିଆ ଅଧ୍ୟାପକ ଓ ସମ୍ପ୍ରତି ବ୍ରହ୍ମପୁର ବିଶ୍ୱ-ବିଦ୍ୟାଳୟର ଭଞ୍ଜ-ସାହିତ୍ୟ ଗବେଷକ ଶ୍ରୀ ସତ୍ୟନାରାୟଣ ଆଚାର୍ଯ୍ୟ, ଶ୍ରୀ ମାଗୁଣି ଦାସ, ପଣ୍ଡିତ ସୋମନାଥ ରଥ ପ୍ରଭୃତିଙ୍କ ନାମ ଉଲ୍ଲେଖଯୋଗ୍ୟ ।

ଏହା ବ୍ୟତୀତ, ପାଣ୍ଡୁଲିପି ପ୍ରସ୍ତୁତିରେ ଶ୍ରୀମାନ୍ ପ୍ରଫୁଲ୍ଲ ଚନ୍ଦ୍ର ଦାସ ( ଆସିକା ) ଶ୍ରୀଯୁକ୍ତ ସୁରେଶଚନ୍ଦ୍ର ଜେନା, ଶ୍ରୀମାନ୍ ପ୍ରମୋଦ କୁମାର ଦାସ ତଥା ଅନେକ ଛାତ୍ର ( କାଳୀଚରଣ, ଉମାକାନ୍ତ, ଯୋଗୀନ୍ଦ୍ର, ମୋହିନୀ ମୋହନ, ପୁରୁଷୋତ୍ତମ ) ସାମୟିକ ସାହାଯ୍ୟ କରିଥିବାରୁ ମୁଁ ସେମାନଙ୍କୁ ଆଶୀର୍ବାଦ ଦେଉଅଛି । ସର୍ବୋପରି, ମୋର କନ୍ୟା ( ସମ୍ପ୍ରତି ଓଡ଼ିଆ ଏମ୍. ଏ. ଛାତ୍ରୀ ) ଆୟୁଷ୍ମତୀ ମମତା ଓ ମୋର ପୁତ୍ରଦ୍ୱୟ ଆୟୁଷ୍ମାନ୍ ଶିବକୁମାର ଓ ଦେବକୁମାରଙ୍କର ସହଯୋଗ ମଧ୍ୟ ଏକାନ୍ତ ଉଲ୍ଲେଖଯୋଗ୍ୟ ।

ଏହାଛଡ଼ା, ଗତ ତିରିଶ ବର୍ଷ ମଧ୍ୟରେ ଯେଉଁ କେତେ ଜଣ ଭଞ୍ଜ-ସାହିତ୍ୟପ୍ରେମୀ ମତେ ଅନୁପ୍ରାଣିତ କରିଥିଲେ, ସେମାନେ ଆଜି ସ୍ୱର୍ଗରେ ଥିଲେ ମଧ୍ୟ ମୁଁ ସେମାନଙ୍କର ଅନୁସ୍ମରଣ କରୁଅଛି । କାରଣ, ସେମାନଙ୍କର ପରାମର୍ଶ ଓ ସୂଚନାର ସାର୍ଥକତା ଏହି ଗ୍ରନ୍ଥର ପ୍ରକାଶନ ଦ୍ୱାରା କେତେକ ପରିମାଣରେ ଚରିତାର୍ଥ ହୋଇଅଛି । ମୋର ଆରାଧ୍ୟ ପିତୃଦେବ ପଣ୍ଡିତ ଚନ୍ଦ୍ରଶେଖର ବ୍ରହ୍ମା, ମୋର ଶ୍ୱଶୁର, 'ନିଆଁଖୁଣ୍ଟା'ର ପ୍ରତିଷ୍ଠାତା-ସମ୍ପାଦକ ଗୋଦାବରୀଶ ମହାପାତ୍ର, ଉତ୍କଳ ବିଶ୍ୱବିଦ୍ୟାଳୟର ଅନ୍ୟତମ ପୂର୍ବତନ କୁଳପତି ଚିନ୍ତାମଣି ଆଚାର୍ଯ୍ୟ,

ପଣ୍ଡିତ ନନ୍ଦକିଶୋର ଦାସ, ଅଧ୍ୟାପକ ଆର୍ତ୍ତବଲ୍ଲଭ ମହାନ୍ତି, ସ୍ୱର୍ଗତ ତାରିଣୀ ପଟ୍ଟନାୟକ, ପଣ୍ଡିତ ବାମଦେବ ମିଶ୍ର, କବିଭୂଷଣ ଦେବେନ୍ଦ୍ରନାଥ ଆଚାର୍ଯ୍ୟ, କବିରାଜ ବ୍ରଜବନ୍ଧୁ ତ୍ରିପାଠୀ, ଚନ୍ଦ୍ରଶେଖର ପଟ୍ଟନାୟକ ପ୍ରମୁଖ ପୁଣ୍ୟ ମୂର୍ତ୍ତିରେ ମୋର ଆଖି ଆଗରେ ନାଚି ଯାଉଛନ୍ତି ।

ଏହା ବ୍ୟତୀତ ଅନୁରାଗ ବାଧ୍ୟକାରେ "ଭକ୍ତଙ୍କ ପାଇଁ କିଛି କିଛି ଲେଖିଯାନ୍ତୁ" ବୋଲି ଯେଉଁମାନେ ବହୁବର୍ଷ ଧରି କହି ଆସିଛନ୍ତି, ସେମାନଙ୍କ ମଧ୍ୟରେ ଶ୍ରୀଯୁକ୍ତ ରାଧାନାଥ ରଥ, ଡକ୍ଟର ମହତାବ, ଭୁବନେଶ୍ୱରର ଅମୃତହସ୍ତ ଡାକ୍ତର ଶ୍ରୀଯୁକ୍ତ ଗଦାଧର ମହାପାତ୍ର, କଟକର ସୁପ୍ରସିଦ୍ଧ କବିରାଜ ଶ୍ରୀଯୁକ୍ତ ଲକ୍ଷ୍ମୀନାରାୟଣ ଆଚାର୍ଯ୍ୟ, ଗଞ୍ଜାମର ପ୍ରଖ୍ୟାତ କବିରାଜ ଶ୍ରୀଯୁକ୍ତ କୃଷ୍ଣଚନ୍ଦ୍ର ତ୍ରିପାଠୀ, ଶ୍ରୀଯୁକ୍ତ ରାଜବଲ୍ଲଭ ମିଶ୍ର (କେନ୍ଦୁଝର), ଶ୍ରୀଯୁକ୍ତ ବ୍ରହ୍ମାନନ୍ଦ ପଣ୍ଡା (ନୀଳଗିରି), ଶ୍ରୀଯୁକ୍ତ ମିହିର କୁମାର ପାଣିଗ୍ରାହୀ (ବାଲେଶ୍ୱର), ଶ୍ରୀଯୁକ୍ତ ସୁନେଲ କିଶୋର ପାଣିଗ୍ରାହୀ (ପାରଳା), ଶ୍ରୀଯୁକ୍ତ ବସନ୍ତ କୁମାର ପାଣିଗ୍ରାହୀ (ବ୍ରହ୍ମପୁର) ଓ ମୋର କେତେକଣ କୃତଜ୍ଞ, ଯଥା—ମାତୃଭୂମି ସମ୍ପାଦକ ଶ୍ରୀଯୁକ୍ତ ହରିହର କର, ଶ୍ରୀଯୁକ୍ତ ଅଧ୍ୟାପକ ଡକ୍ଟର ଶ୍ରୀନିବାସ ମିଶ୍ର, ଅଧ୍ୟାପକ ଗଙ୍ଗାଧର ବଳ, ଶ୍ରୀଯୁକ୍ତ ମୁରାରି ମୋହନ ଜେନା, ଶ୍ରୀଯୁକ୍ତ ସଦାଶିବ ରଥଶର୍ମା, ଶ୍ରୀଯୁକ୍ତ ମୁରାରି ପ୍ରସାଦ ମିଶ୍ର (ସମ୍ବଲପୁର) ପ୍ରମୁଖଙ୍କ ନାମ ଉଲ୍ଲେଖଯୋଗ୍ୟ ।

ଏହି ପ୍ରଥମ ଖଣ୍ଡ ତଥା ପରବର୍ତ୍ତୀ ଖଣ୍ଡମାନଙ୍କରେ ପରିବେଷିତ ତଥ୍ୟ ରାଜିର ପ୍ରାମାଣିକତା ସମ୍ପାଦନ ନିମନ୍ତେ ଆବଶ୍ୟକ ହେଉଥିବା ବହୁ ଉପାଦେୟ ଓ ମୂଲ୍ୟବାନ୍ ଗ୍ରନ୍ଥର ସହଜଲଭ୍ୟତା ମୋ ପାଇଁ ସମ୍ପାଦନ କରି ମୋର କୃତଜ୍ଞ ଶ୍ରୀମାନ୍ ଦେବେନ୍ଦ୍ର ଶତପଥୀ ଏମ୍. ଏ. ଯେଉଁ ସହୃଦୟତା ପ୍ରଦର୍ଶନ କରିଛନ୍ତି, ତାହା ମୋର ସ୍ମୃତିକୋଷରେ ଏକ ମହାର୍ଘ ସମ୍ପଦ । ଏହି ଅବସରରେ ମୁଁ ତାଙ୍କୁ ଆଶୀର୍ବାଦ ପ୍ରଦାନ କରି ତାଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରୁଅଛି ।

ସୁଲେଖକ ତଥା ଓଡ଼ିଶାର ଶିକ୍ଷା ଓ ସାଂସ୍କୃତିକ ବ୍ୟାପାର ମନ୍ତ୍ରୀ ଶ୍ରୀଯୁକ୍ତ ଯଦୁନାଥ ଦାଶ ମହାପାତ୍ର ଏ ଗ୍ରନ୍ଥର ଅଗ୍ରଲେଖ ଲେଖି ଦେଇଥିବାରୁ ମୁଁ ତାଙ୍କ ପ୍ରତି ମୋର ଶ୍ରଦ୍ଧା ଓ କୃତଜ୍ଞତା ଜ୍ଞାପନ କରୁଅଛି । ତାଙ୍କ ଆନୁଷ୍ଠାନିକ ଭାବରେ ନୁହେଁ, ବ୍ୟକ୍ତିଗତ ଭାବରେ ପର୍ଯ୍ୟଟନ ଓ ସାଂସ୍କୃତିକ ବ୍ୟାପାର ବିଭାଗର ସେକ୍ରେଟାରୀ ଶ୍ରୀଯୁକ୍ତ ଏ. ଏନ୍. ତିୱାରୀ, ଶିକ୍ଷା ବିଭାଗର ସେକ୍ରେଟାରୀ ଶ୍ରୀଯୁକ୍ତ ହେରମ୍ବନାରାୟଣ ଦାସ ମହାପାତ୍ର, ଘରୋଇ ବିଭାଗର ସେକ୍ରେଟାରୀ ଶ୍ରୀଯୁକ୍ତ

ଚନ୍ଦ୍ରନାଥ ମିଶ୍ର, ଶିକ୍ଷା ବିଭାଗର ଡାଇରେକ୍ଟର ଶ୍ରୀଯୁକ୍ତ ଦେବେନ୍ଦ୍ର ଚନ୍ଦ୍ର ମିଶ୍ର ତଥା ଡକ୍ଟର ବଂଶୀଧର ପଣ୍ଡା ମୋର ଲେଖମାନଙ୍କୁ ଅଜସ୍ରଧାରା କରି ରଖିବାକୁ ଏ ମଧ୍ୟରେ ଯେଉଁ ପ୍ରେରଣା ପ୍ରଦାନ କରିଆସିଛନ୍ତି, ତାହାର ଅନୁସ୍ମରଣରେ ମୁଁ ସେମାନଙ୍କ ପ୍ରତି ସଶ୍ରଦ୍ଧ କୃତଜ୍ଞତା ଜ୍ଞାପନ କରୁଅଛି ।

ଏହି 'ଭୂମିକାର ଭୂମିକା' ଶେଷ କରିବା ପୂର୍ବରୁ, ମହାକବି ଓ ମାତୃଭାଷା-ସାହିତ୍ୟର ମହାମହିମ ନେତା ଉପେନ୍ଦ୍ର ଭଞ୍ଜଙ୍କର ଗୋଟିଏ ପଦ ବିଜ୍ଞ ପାଠକ-ମାନଙ୍କ ସମକ୍ଷରେ ଉପସ୍ଥାପନ କରିବାର ଔଚିତ୍ୟ ଉପଲବ୍ଧି କରୁଅଛି । ଭଞ୍ଜେ ତାଙ୍କ ନିଜ ଲେଖା ସମ୍ପର୍କରେ କହିଛନ୍ତି—

"ବିଜ୍ଞ ସୁଜନ ! ରଞ୍ଜନ ପଦମାନ ମାନସେ କରିବ ବିଗ୍ଭର,
ଅଳ୍ପ ବ୍ୟୁତ୍ପତ୍ତି ଭାରତୀ ନରହନ୍ତି ବାନରମୂର୍ତ୍ତି ପରକାର
ଗୁଡ଼ନ୍ତି, ନାହିଁ 'ଆମ୍ଭେ ବଡ଼'—ଏ ଗର୍ବ
ଏ ଗୀତ ସବତା ପଦ ଶ୍ରବଣରେ ତାମସ ତମସ ନାଶିବ ।"

କବିସମ୍ରାଟ୍ ଉପେନ୍ଦ୍ରଙ୍କ ଶୁଭେଚ୍ଛା ସହିତ ଦେବ ଦେବ ଜଗନ୍ନାଥଙ୍କ ଆଶୀର୍ବାଦରୁ ଏବେ ଏହି 'ଭଞ୍ଜ-ଭୂମିକା' ପ୍ରଥମ ଖଣ୍ଡ ସହିତ 'ବୈଦେହୀଶ ବିଳାସ' (ପ୍ରଥମାର୍ଦ୍ଧ) ଉପରେ ମୋର ପ୍ରାଞ୍ଜଳ ଟୀକା ସମ୍ବଳିତ ସୁନ୍ଦର, ସୁଦୃଶ୍ୟ ବିରାଟ ଗ୍ରନ୍ଥ ଓଡ଼ିଶା ସରକାରଙ୍କ ପକ୍ଷରୁ ପ୍ରକାଶଲାଭ କରି ମୋ ମନରେ ଆଶା ଓ ଆନନ୍ଦ ସଞ୍ଚାର କରାଇଅଛି । ଅଳମତି ବିସ୍ତରେଣ ।

ବିନୀତ

ରଥଦାଣ୍ଡ
ଭୁବନେଶ୍ବର-୨
୧୫।୧୨।୭୫

ଗୌରୀକୁମାର ବ୍ରହ୍ମା

# ପ୍ରକାଶକଙ୍କ ନିବେଦନ

ଉତ୍କଳର ସୁନାମଧନ୍ୟ ମହାକବି, କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ଅଠାଇଶ ଖଣ୍ଡ ରଚନା ଏ ପର୍ଯ୍ୟନ୍ତ ମୁଦ୍ରିତ ଓ ପ୍ରକାଶିତ ହୋଇଅଛି । ଏ ମଧ୍ୟରୁ କେତେକ ରଚନା ବର୍ତ୍ତମାନ ଦୁଷ୍ପ୍ରାପ୍ୟ ହୋଇଗଲଣି କହିଲେ ଚଳେ । ସେଥିପାଇଁ ଭଞ୍ଜଙ୍କର ସମସ୍ତ ଉପଲବ୍ଧ ରଚନା ଏକତ୍ର ପ୍ରକାଶ କରିବାର ବାସନା ଆମେ ବହୁଦିନରୁ ପୋଷଣ କରିଥିଲୁ । ଏବେ ଏହି ବାସନା କାର୍ଯ୍ୟକାରୀ ହୋଇଅଛି । ଆମେ ଏହି ୨୮ ଟି ରଚନା (ଅଧିକାଂଶରେ ଟୀକା ସହିତ) ପ୍ରକାଶ କରୁଅଛୁ । ଭଞ୍ଜ-ଗ୍ରନ୍ଥାବଳୀର ଭୂମିକା ଲେଖିବା ପାଇଁ ଆମେ ସୁପ୍ରସିଦ୍ଧ ଭଞ୍ଜ-ସାହିତ୍ୟ ଗବେଷକ ଏବଂ ସମୀକ୍ଷକ ଅଧ୍ୟାପକ ଗୌରୀକୁମାର ବ୍ରହ୍ମାଙ୍କୁ ଅନୁରୋଧ କରିଥିଲୁ । ସେ ମହାଶୟ ଏକ ବିସ୍ତୃତ ଭୂମିକା ଲେଖିବା ପାଇଁ କେତେ ମାସ ପୂର୍ବେ ସ୍ୱୀକୃତି ଦେବା ସଙ୍ଗେ ସଙ୍ଗେ, ପ୍ରତିଦିନ କିଛି କିଛି ଲେଖି ଆମ ନିକଟକୁ ପଠାଉଥିଲେ ଓ ତାହା ଅବିଳମ୍ବେ ମୁଦ୍ରିତ ହେଉଥିଲା । ତାଙ୍କର ବହୁ ଦାୟିତ୍ୱ ଏବଂ ସବୁଦା ବହୁସ୍ଥାନ ଭ୍ରମଣମୂଳକ ବ୍ୟସ୍ତତା ମଧ୍ୟରେ, ମାତ୍ର ୭ ମାସ ମଧ୍ୟରେ ସେ ଯେ ଏଭଳି ଏକ ବିରାଟ ଗ୍ରନ୍ଥ ଆମମାନଙ୍କୁ ଦେଇ ପାରିଛନ୍ତି, ଏଥିପାଇଁ ଆମେମାନେ ତାଙ୍କଠାରେ ଚିରକୃତଜ୍ଞ ।

ଅଧ୍ୟାପକ ଶ୍ରୀଯୁକ୍ତ ବ୍ରହ୍ମା ଏହି ଭଞ୍ଜ-ଭୂମିକାର ଆଉ ଦୁଇଟି ଖଣ୍ଡ ଲେଖିବା ପାଇଁ ଉପାଦାନ ସଂଗ୍ରହ କରି ସାରିଛନ୍ତି । କ୍ରମାଗତ ଭାବରେ ଖଣ୍ଡ ପରେ ଖଣ୍ଡ ପ୍ରକାଶ କରି ସେ ଓଡ଼ିଶାର ଜାତୀୟ ମହାକବି ଉପେନ୍ଦ୍ର ଭଞ୍ଜଙ୍କର ଗୌରବ ପ୍ରତିଷ୍ଠା ସହିତ ନିଜର ଶ୍ରମ ଓ ସାଧନାର ସାରସ୍ୱତ ପ୍ରତିଷ୍ଠା କରିବାକୁ ଅବଶ୍ୟ ସମର୍ଥ ହେବେ ବୋଲି ଆମେମାନେ ଦୃଢ଼ଭାବରେ ବିଶ୍ୱାସ କରୁଅଛୁ ।

ଏହି ଅବସରରେ ଅଧ୍ୟାପକ ଶ୍ରୀଯୁକ୍ତ ଗୌରୀକୁମାର ବ୍ରହ୍ମାଙ୍କ ସଂକ୍ଷିପ୍ତ ଜୀବନାଲେଖ୍ୟ ପ୍ରକାଶ କରିବା ସମୁଚିତ ମନେକରୁଛୁ ।

## ଅଧ୍ୟାପକ ଗୌରୀକୁମାର ବ୍ରହ୍ମା

୧୯୫୦ : ଆନ୍ଧ୍ର ବିଶ୍ୱବିଦ୍ୟାଳୟରୁ ବି. ଏ. ଉପାଧି ଲାଭ ।

୧୯୫୦-୫୫ : ଶିକ୍ଷକତା ଓ ଉଚ୍ଚ ଶିକ୍ଷାଲାଭ ତଥା ଶିକ୍ଷକତା ।

୧୯୪୬-୫୮ : କଟକ ଖ୍ରୀଷ୍ଟ ମହାବିଦ୍ୟାଳୟରେ ଓଡ଼ିଆ ଅଧ୍ୟାପକ (୧୯୪୬-୫୦) ଏବଂ ରେଭେନ୍ସା ମହାବିଦ୍ୟାଳୟରେ ଓଡ଼ିଆ ଅଧ୍ୟାପକ (୧୯୫୦-୫୮)

୧୯୫୮-୬୭ : ସମ୍ପାଦକ, ଓଡ଼ିଶା (ରାଜ୍ୟ) ସାହିତ୍ୟ ଏକାଡେମୀ, ଓଡ଼ିଶା ସଙ୍ଗୀତ-ନାଟକ ଏକାଡେମୀ ଓ ଓଡ଼ିଶା ଲଳିତ କଳା ଏକାଡେମୀ, ଭୁବନେଶ୍ୱର ।

୧୯୬୭-୬୮ : ଓଡ଼ିଶା ସରକାରଙ୍କ ସାଂସ୍କୃତିକ ବ୍ୟାପାର ବିଭାଗର ଉପ-ନିର୍ଦ୍ଦେଶକ ଏବଂ ସମ୍ପାଦକ, ଓଡ଼ିଶା [illegible] ।

୧୯୬୯-୭୩ : ହେଡ୍ ଟୁରିଷ୍ଟ୍ ଗାଇଡ୍ (ମୁଖ୍ୟ ପର୍ଯ୍ୟଟକ ପ୍ରଦର୍ଶକ)

୧୯୭୩-ଜାନୁୟାରୀ : ଉପ ନିର୍ଦ୍ଦେଶକ, ପର୍ଯ୍ୟଟନ ଓ ସାଂସ୍କୃତିକ ବ୍ୟାପାର ବିଭାଗ (ପର୍ଯ୍ୟଟନ ଶାଖା)

୧୯୭୬ -ଡିସେମ୍ବର : ମୁଖ୍ୟ ସମ୍ପାଦକ, [illegible] ପ୍ରାଚ୍ୟ ଗ୍ରନ୍ଥମାଳା, ପର୍ଯ୍ୟଟନ ଓ ସାଂସ୍କୃତିକ ବ୍ୟାପାର ବିଭାଗ ( ସାଂସ୍କୃତିକ ବ୍ୟାପାର ଶାଖା )ର ଉପ ନିର୍ଦ୍ଦେଶକ ।

## କୃତି, କୃତିତ୍ୱ ଓ ଅବଦାନ

୧ । ୧୯୬୫ ରେ ଭାରତ ସରକାରଙ୍କ ଦ୍ୱାରା ରୁଷିଆ ଓ ମଙ୍ଗୋଲିଆକୁ ପ୍ରେରିତ ହୋଇ ସେଠାରେ ବିଶ୍ୱବିଦ୍ୟାଳୟ ଓ ଶିକ୍ଷାନୁଷ୍ଠାନରେ ସଂସ୍କୃତ, ଇଂରେଜି ଓ ହିନ୍ଦୀରେ ଭାଷଣ ପ୍ରଦାନ ।

୨ । ଗତ ୩୦ ବର୍ଷ ଧରି ଓଡ଼ିଶା ଓ ଓଡ଼ିଶା ବାହାରେ ବହୁ ସାଧାରଣ ସଭା, ସାଂସ୍କୃତିକ ଅନୁଷ୍ଠାନ ଓ ମହାବିଦ୍ୟାଳୟମାନଙ୍କରେ ପ୍ରାୟ ଦୁଇ ହଜାର ଭାଷଣ ପ୍ରଦାନ ।

୩ । ଦୀର୍ଘ ୩୦ ବର୍ଷ କାଳ ବହୁ ବିଷୟ ଉପରେ ପ୍ରାୟ ୨୫ ଖଣ୍ଡ ଓଡ଼ିଆ ଗ୍ରନ୍ଥ ରଚନା (ପ୍ରକାଶିତ) ଅପ୍ରକାଶିତ ଅନେକ ଗ୍ରନ୍ଥ ଅଛି ।

୪ । କେନ୍ଦ୍ରୀୟ ସାହିତ୍ୟ ଏକାଡେମୀ ପକ୍ଷରୁ ଓଡ଼ିଆରେ ହିନ୍ଦୀ ଓ ବଙ୍ଗଳା ଗ୍ରନ୍ଥର ଅନୁବାଦକ (ପ୍ରକାଶିତ) ।

୫ । ସାହିତ୍ୟ, ଧର୍ମ, ଦର୍ଶନ, ସଂସ୍କୃତି ଓ ପର୍ଯ୍ୟଟନ ବିଷୟକ ବହୁ ପ୍ରବନ୍ଧ ଇଂରାଜୀ ଓ ଓଡ଼ିଆ ଭାଷାର ବିଭିନ୍ନ ପତ୍ର ପତ୍ରିକାରେ ପ୍ରକାଶ ।

୬ । ନିଖିଳ ଏସୀୟ ଲେଖକ ସମ୍ମେଳନର ଅଙ୍ଗ ଭାବରେ ନୂଆଦିଲ୍ଲୀର ବିଜ୍ଞାନ ଭବନରେ "ନିଖିଳ ଭାରତ ଲେଖକ ସମ୍ମେଳନ" (୧୯୫୬)ରେ ଓଡ଼ିଶାର ପ୍ରତିନିଧିତ୍ୱ କରି ମୌଖିକ (ଇଂରାଜୀ) ଭାଷଣ ପ୍ରଦାନ ।

୭ । ନୂଆଦିଲ୍ଲୀ ବିଜ୍ଞାନ ଭବନରେ ୧୯୭୨ରେ ଅନୁଷ୍ଠିତ ଆନ୍ତର୍ଜାତୀୟ ସଂସ୍କୃତ ସମ୍ମେଳନରେ ଓଡ଼ିଶା ସରକାରଙ୍କ ପ୍ରତିନିଧି ଭାବରେ ଯୋଗଦାନ ଓ ଭାଷଣ ପ୍ରଦାନ ।

୮ । ୧୯୫୭ ଓ ୧୯୫୯ରେ କଲିକତାରେ ଓ ମାନ୍ଦ୍ରାଜରେ ଅନୁଷ୍ଠିତ ସର୍ବଭାରତୀୟ ଲେଖକ ସମ୍ମେଳନରେ ଓଡ଼ିଶାର ପ୍ରତିନିଧି ରୂପେ ଯୋଗଦାନ ।

୯ । ନିଖିଳ ଭାରତ ତେଲୁଗୁ ଲେଖକ ସମ୍ମେଳନର ପ୍ରଥମ ଅଧିବେଶନର ଉଦ୍‌ଘାଟକ ଭାବରେ ଯୋଗ ଦେଇ, ୧୯୬୦ରେ ହାଇଦ୍ରାବାଦଠାରେ "ଅନ୍ଧ୍ର ପ୍ରଦେଶର ସଂସ୍କୃତ ସାହିତ୍ୟକୁ ଦାନ" ସମ୍ପର୍କରେ ସଂସ୍କୃତ ଓ ଇଂରାଜୀ ଭାଷଣ ।

୧୦ । ରାମକୃଷ୍ଣ ମିଶନ, କଲିକତା ଦ୍ୱାରା ୧୯୬୫ରେ ମୁଖ୍ୟ ଭାବରେ ନିମନ୍ତ୍ରିତ ହୋଇ 'ଉତ୍କଳୀୟ ସଂସ୍କୃତି' ସମ୍ପର୍କରେ ଭାଷଣ (ଆନ୍ତର୍ଜାତିକ ଭାଷଣମାଳାର ଅଙ୍ଗରୂପେ) ।

୧୧ । ସାର୍ବଭୌମ ସଂସ୍କୃତ ପ୍ରଚାର ସମିତି ପକ୍ଷରୁ ବାରାଣସୀଠାରେ ୧୯୬୯ରେ ଅନୁଷ୍ଠିତ ତିନିଦିନିଆ ସମ୍ମେଳନର ଦ୍ୱିତୀୟ ଦିବସର ଉଦ୍‌ଘାଟକ ରୂପେ ଯୋଗ ଦେଇ ସଂସ୍କୃତରେ ଭାଷଣ ପ୍ରଦାନ ।

୧୨ । ନିଖିଳ କେରଳ ସାହିତ୍ୟ ପରିଷଦ ପକ୍ଷରୁ ଖ୍ରୀ: ୧୯୫୬ରେ ଏର୍ଣ୍ଣାକୁଲମ୍‌ଠାରେ ଓ ଖ୍ରୀ: ୧୯୫୮ରେ ମାନ୍ଦ୍ରାଜଠାରେ ଅନୁଷ୍ଠିତ ନିଖିଳ ଭାରତୀୟ ଲେଖକ ସମ୍ମେଳନରେ ଭାଷଣ ପ୍ରଦାନ ।

୧୩ । ଓଡ଼ିଶା ସାହିତ୍ୟ ଏକାଡେମୀର ମୁଖପତ୍ର 'କୋଣାର୍କ'ର ସମ୍ପାଦକ ।

୧୪ । ଓଡ଼ିଶାର ବରେଣ୍ୟ ସାହିତ୍ୟ ଅନୁଷ୍ଠାନ 'ଉତ୍କଳ ସାହିତ୍ୟ ସମାଜ, କଟକ'ର ଖ୍ରୀ: ୧୯୫୮ ରୁ ୧୯୬୭ ଯାଏ ସମ୍ପାଦକ ।

୧୫ । ଅଖିଳ ଭାରତୀୟ ସର୍ବ୍ୟଙ୍ଗବନ ସଂଘ ପକ୍ଷରୁ ୧୯୭୨ରେ କଟକଠାରେ ଅନୁଷ୍ଠିତ ସର୍ବଭାରତୀୟ ଧର୍ମ ସମ୍ମେଳନରେ ଓଡ଼ିଶାର ପ୍ରତିନିଧି ଭାବରେ 'ଜଗନ୍ନାଥ ସଂସ୍କୃତି' ଉପରେ ଭାଷଣ ପ୍ରଦାନ ।

୧୬ । 'ଭାରତୀୟ ଥିଓସୋଫିକାଲ ସୋସାଇଟି' ଦ୍ୱାରା ଅନୁଷ୍ଠିତ ପୂର୍ବାଞ୍ଚଳୀୟ ସମ୍ମେଳନରେ "ଗୀତାର ବାଣୀ" ସମ୍ପର୍କରେ ୧୯୬୩ରେ ଭାଷଣ ।

୧୭ । ଗତ ୩୦ ବର୍ଷ ଧରି ଓଡ଼ିଶାରେ ଅନୁଷ୍ଠିତ ବଙ୍ଗଳା ସର୍ବଭାରତୀୟ ସମ୍ମେଳନମାନଙ୍କରେ ଯୋଗଦାନ ଓ ଭାଷଣ ପ୍ରଦାନ ।

୧୮ । ୧୯୭୩ରେ ଚିତ୍ରକୂଟ (ଉତ୍ତର ପ୍ରଦେଶ)ଠାରେ ଅନୁଷ୍ଠିତ ଅଖିଳ ଭାରତୀୟ ରାମାୟଣ ମେଳାରେ ଓଡ଼ିଶା ସରକାରଙ୍କର ପ୍ରତିନିଧି ଭାବରେ ଯୋଗ ଦେଇ, ପ୍ରସିଦ୍ଧ ଓଡ଼ିଆ ରାମ କାବ୍ୟ 'ବୈଦେହୀଶ ବିଳାସ' ଉପରେ ହିନ୍ଦୀରେ ଭାଷଣ ଦେବା ସଙ୍ଗେ ସଙ୍ଗେ, ଅନ୍ୟାନ୍ୟ ଦଶଟି ପ୍ରଦେଶରେ ବିଭିନ୍ନ ଭାଷାରେ ରଚିତ ରାମାୟଣମାନଙ୍କରୁ ଉଦ୍ଧୃତି ଦେଇ ଏକ ତୁଳନାତ୍ମକ ତତ୍ତ୍ୱର ଉପସ୍ଥାପନ ( ଓ 'ରାମାୟଣ ସୂକ୍ତ' ରୂପେ ଅଭିନନ୍ଦିତ ) ।

୧୯ । ପ୍ରସିଦ୍ଧ ଜ୍ୟୋତିର୍ବିତ୍ ପଠାଣି ସାମନ୍ତଙ୍କ ସ୍ମୃତିରକ୍ଷା ପାଇଁ ସମାରବ୍ଧ 'ସାମନ୍ତ ଚନ୍ଦ୍ରଶେଖର ସ୍ମରଣିକା' ଗ୍ରନ୍ଥର ଭାରପ୍ରାପ୍ତ ସଂପାଦକ ଭାବରେ ଓଡ଼ିଶା ସରକାରଙ୍କ ଦ୍ୱାରା ନିଯୁକ୍ତ ।

୨୦ । ପୃଥିବୀର ବହୁ ଖ୍ୟାତନାମା ବ୍ୟକ୍ତି ତଥା ଭାରତର ରାଷ୍ଟ୍ରପତି, ସୁପ୍ରିମ କୋର୍ଟର ପ୍ରଧାନ ବିଚାରପତି, ଦଲାଇ ଲାମା, କେନ୍ଦ୍ର ମନ୍ତ୍ରୀ ଓ ବିଭିନ୍ନ ରାଜ୍ୟପାଳମାନଙ୍କୁ ଓଡ଼ିଶାର ଦର୍ଶନୀୟ ସ୍ଥାନମାନଙ୍କର ଗୌରବ ପ୍ରଖ୍ୟାପନ କରିବା ସମ୍ବନ୍ଧରେ ସାନିଧ୍ୟ ଲାଭ ଓ ଓଡ଼ିଶାର ସଂସ୍କୃତିର ମହତ୍ତ୍ୱ ପ୍ରତିପାଦନ ।

୨୧ । ଡକ୍ଟର ଆର୍ତ୍ତବଲ୍ଲଭ ମହାନ୍ତିଙ୍କର ୧୯୬୩ରେ ତିରୋଭାବ ପରେ 'ସାରଳା ମହାଭାରତ'ର ଭାରପ୍ରାପ୍ତ ସଂପାଦକ ଭାବରେ ଓଡ଼ିଶା ସରକାରଙ୍କ ଦ୍ୱାରା ନିଯୁକ୍ତ ।

୨୨ । କବିସମ୍ରାଟ୍ ଉପେନ୍ଦ୍ର ଭଞ୍ଜଙ୍କର ଗ୍ରନ୍ଥମାନଙ୍କର ପ୍ରସ୍ତାବିତ ସୁଦୃଶ୍ୟ ସଂସ୍କରଣରେ ସମ୍ପାଦକ ଓ ଟୀକାକାର ଭାବରେ ଓଡ଼ିଶା ସରକାରଙ୍କ ଦ୍ୱାରା ନିଯୁକ୍ତ ।

୨୩ । ଓଡ଼ିଶା ସରକାରଙ୍କ ଦ୍ୱାରା ୧୯୫୮ରୁ ୧୯୬୮ ମଧ୍ୟରେ ବହୁ ବର୍ଷ ଧରି ରାଜ୍ୟ ଯୋଗସୂତ୍ର ରକ୍ଷାକାରୀ ( ଲିଆସନ୍ ) ଅଫିସର ଭାବରେ ନିଯୁକ୍ତ ।

୨୪ । ଜାତୀୟ ସାହିତ୍ୟ ଏକାଡେମୀର ବିଭିନ୍ନ ଉପ-ସମିତିମାନଙ୍କର ସଭ୍ୟ ଭାବରେ ବିଭିନ୍ନ ସମୟରେ ନିଯୁକ୍ତ ।

୨୫ । ତେଲୁଗୁ ଭାଷାକୋଷ ଓ ତତ୍ତୁଲ୍ୟ ଅନ୍ୟ କେତେକ ଗ୍ରନ୍ଥ ପାଇଁ ଓଡ଼ିଆ ଭାଷା ଓ ସାହିତ୍ୟ ସମ୍ପର୍କରେ ପ୍ରବନ୍ଧ ରଚନା ।

୨୬ । ଅନେକ ପ୍ରାଚୀନ ଓଡ଼ିଆ କାବ୍ୟ ଗ୍ରନ୍ଥର ସମ୍ପାଦନା ମୁଖବନ୍ଧ ସହିତ ।

୨୭ । ପ୍ରାୟ ୧୯୪୦ରୁ ୧୯୫୦ (ଦଶ ବର୍ଷ) ମଧ୍ୟରେ ସାମ୍ବାଦିକତାରେ ଅଭିଜ୍ଞତା ଅର୍ଜନ ।

୨୮ । ଜଗନ୍ନାଥ ମନ୍ଦିର ଓ ଜଗନ୍ନାଥ ସଂସ୍କୃତିର ବିଶେଷଜ୍ଞ ଭାବରେ ପରିଚିତ ।

୨୯ । ଓଡ଼ିଶାର ମହାକବି ଉପେନ୍ଦ୍ର ଭଞ୍ଜଙ୍କ ଉପରେ ଅଦ୍ୱିତୀୟ ବିଦ୍ୱାନ୍ ଭାବରେ ପ୍ରତିଷ୍ଠାବନ୍ତ ।

୩୦ । ୧୯୭୫ ଡିସେମ୍ବର ମାସ ପ୍ରଥମ ସପ୍ତାହରେ ପୁଣାରେ ଅନୁଷ୍ଠିତ ବିଶ୍ୱଧର୍ମ ମହାସଭାରେ ଏକାଧିକ ଥର ଭାଷଣ ପ୍ରଦାନ ( ଜଗନ୍ନାଥ ଧର୍ମ ସମ୍ପର୍କରେ ) ।

## ଅଧ୍ୟାପକ ବ୍ରହ୍ମାଙ୍କ ସମ୍ପର୍କରେ ପଣ୍ଡିତ ନୀଳକଣ୍ଠଙ୍କ ଅଭିମତ —

ଉତ୍କଳର ସୁନାମଧନ୍ୟ ମନୀଷୀପ୍ରବର ପଣ୍ଡିତ ନୀଳକଣ୍ଠ ଦାସ, ଅଧ୍ୟାପକ ବ୍ରହ୍ମାଙ୍କର ପାଣ୍ଡିତ୍ୟ ଓ ବ୍ୟାଖ୍ୟାନ-ପାଟବ ସମ୍ପର୍କରେ ଲେଖିଛନ୍ତି—

"ଏଇ ପ୍ରସଙ୍ଗ ଉପରେ ମୁଁ ଗୋଟିଏ ସ୍ମରଣୀୟ ଅନୁଭବର କଥା କହେ । ଏଇ ମାର୍ଚ୍ଚ ମାସରେ କଟକରେ ରାମ ଚରିତ ମାନସ ଯେଉଁ ଗୋଟିଏ ଉତ୍ସବ

ଅନୁଷ୍ଠିତ ହେଉଥିଲା । ଅବଶ୍ୟ ଏହି ଉତ୍ସବ କଟକରେ କେତେ ବର୍ଷ ହେଲାଣି । ଏ ବର୍ଷ ଓଡ଼ିଆମାନେ ଖୁବ୍ ଉତ୍ସାହରେ ଏଥିରେ ଯୋଗ ଦେଇଥିଲେ । ଉତ୍ସବର ଗୋଟିଏ ଦିନରେ, ଅର୍ଥାତ୍ ଏହି ଅପ୍ରେଲ ତା ୧୩ ଖିଖ ଦିନ ଉଦ୍ୟୋକ୍ତାମାନେ ମତେ ସଙ୍କେତ କରି ଡାକିଥିଲେ ଓ ସେହି ଦିନ ଡାକିଥିଲେ ପୂଜ୍ୟ ପଣ୍ଡିତ ଶ୍ରୀ ଗୌରୀକୁମାର ବ୍ରହ୍ମାଙ୍କୁ ପ୍ରଧାନ-ବକ୍ତା କରି । ପ୍ରାୟ ୭ଟା ବେଳେ ପ୍ରଧାନ-ବକ୍ତା ବକ୍ତୃତା ଆରମ୍ଭ କଲେ । ସେ ଆରମ୍ଭ କଲେ ଉପେନ୍ଦ୍ର ଭଞ୍ଜଙ୍କ ଶ୍ରେଷ୍ଠ ଓ ବୃହତ୍ତମ କାବ୍ୟ 'ବୈଦେହୀଶ ବିଳାସ'କୁ ଧରି ସେହି ଗ୍ରନ୍ଥର ବ୍ୟାଖ୍ୟାରୁ । ସେ ସେଥିରେ ଉପେନ୍ଦ୍ର ଭଞ୍ଜଙ୍କ ସୀତା ରାମ ସଂକଳିତ ଧର୍ମର ବଡ଼ ଦୁର୍ବୋଧ, ପୁସ୍ତକ ଓ ଚାତୁରିକ ବ୍ୟାଖ୍ୟା ପ୍ରଦାନ କଲେ । ରାଧାକୃଷ୍ଣ ତଥା ଗୋପୀକୃଷ୍ଣଙ୍କ ନାନା ଅଧ୍ୟାୟ ବର୍ଣ୍ଣନ କରି, ଯୌନ ସଙ୍କେତରେ ଭାବ ଉଠାଇ ଜନତା ମନ୍ତ୍ରାଇ ଦେବାର ଖ୍ୟାତି ମୁଁ କେବେ କେବେ ଶୁଣିଛି । ଏହିପରି ଗୋଟିଏ ବକ୍ତୃତା ସେହି ପରି ମୋ ପିଲାଦିନେ ଥରେ ମ୍ୟୁନିସିପାଲ ପଡ଼ିଆରେ ହୋଇଥିବାର ମୋର ମନେ ଅଛି । ୧୯୦୩ ଖ୍ରୀଷ୍ଟାବ୍ଦରେ ବଙ୍ଗଳାରୁ ଆସି ଜଣେ ପ୍ରସିଦ୍ଧ କଥକ ସ୍ୱର୍ଗତ ଉପେନ୍ଦ୍ରନାଥ ଭକ୍ତିତୀର୍ଥ ଏହି ମ୍ୟୁନିସିପାଲ ପଡ଼ିଆରେ ଥିବା ଗୋଟିଏ ଘରର ବାରଣ୍ଡାରେ ସେ ବକ୍ତୃତାଟି ଦେଇଥିଲେ । ସେତେବେଳେ ମୁଁ ଏଣ୍ଟ୍ରାନ୍ସ୍ ପରୀକ୍ଷା ଦେବାର ଠିକ୍ ତଳ ଶ୍ରେଣୀରେ ପଢ଼ୁଥିଲି । ମୁଁ ସେହି ବକ୍ତୃତା ଶୁଣି ରାଧାକୃଷ୍ଣ ପ୍ରେମରେ ତନ୍ମୟ ହୋଇ ଯାଇଥିଲି । ଏବେ ସେ କଥା ମୋର ମନେ ପଡ଼ିଗଲା । ସେଥିରେ ଥିଲା ଏକାନ୍ତ ଭାବପ୍ରବଣତା । ଏବେ ବକ୍ତୃତାଟି ଯୁକ୍ତିପୂର୍ଣ୍ଣ ଥିଲେ ମଧ୍ୟ, ଥିଲା ଅତ୍ୟନ୍ତ ସରସ ଓ ସୁନ୍ଦର । ଏହା ମତେ ବହୁ ପରିମାଣରେ ସେହିପରି ତନ୍ମୟ କରି ଦେଇଥିଲା । ସୀତା ରାମଙ୍କ ଚରିତ ଯେନି, ବିଶେଷତଃ କବିସମ୍ରାଟ୍ ଉପେନ୍ଦ୍ର ଭଞ୍ଜଙ୍କୁ କେନ୍ଦ୍ର କରି ଏପରି ଲୋକଙ୍କୁ ତନ୍ମୟ କରି ଦିଆଯାଇପାରେ, ତାହା ମୁଁ କଳ୍ପନା କରି ପାରି ନ ଥିଲି । ସେଥିରେ ପୁଣି ଆଲୋଚନାର ବିଷୟବସ୍ତୁ ହେଉଛି ଘୋର ଶବ୍ଦାଳଂକାର-ସମ୍ପନ୍ନ ଉପେନ୍ଦ୍ର ଭଞ୍ଜଙ୍କ 'ବୈଦେହୀଶ ବିଳାସ' । 'ବୈଦେହୀଶ ବିଳାସ'ରେ ସମସ୍ତ ଶବ୍ଦାଳଂକାର ମଧ୍ୟରେ ଭାବ ଓ ଭାବୁକତାର ବ୍ୟତିକ୍ରମ ନାହିଁ । ଅଶ୍ଳୀଳତାର ଦୂର ସଙ୍କେତ ନେଇ ଦେଖିଲେ ମଧ୍ୟ, ତାହା 'ବୈଦେହୀଶ ବିଳାସ'ରେ ଦର୍ଶନୀୟ ନୁହେଁ । 'ବୈଦେହୀଶ ବିଳାସ' ହେଉଛି ଓଡ଼ିଶାରେ 'ରାମ ଚରିତ ମାନସ'ର ଯଥାର୍ଥ ପ୍ରତିରୂପ । ଏ ସବୁ ଭିନ୍ନ ଭିନ୍ନ କରି ବୁଝାଇ ଗୌରୀକୁମାର ବ୍ରହ୍ମା ସେଦିନ ଜନତାର ଯେ ଭାବାବେଶ ଓ ଭାବ ପରିବର୍ତ୍ତନ କରାଇଥିଲେ, ତାହା ଓଡ଼ିଶାରେ ଅଦ୍ୱିତୀୟ ବୋଲି ମତେ ଲାଗିଲା ।

ଓଡ଼ିଆଙ୍କର ରାମ-ଧର୍ମ ଯଥାର୍ଥରେ ଆରମ୍ଭ କରିଥିଲେ ଉପେନ୍ଦ୍ର ଭଞ୍ଜ । ଶିଳ୍ପରେ ବହୁକାଳରୁ ପ୍ରଚଳିତ ଘୋର ଅଶ୍ଳୀଳତାର ବାୟୁମଣ୍ଡଳ ଭିତରେ ତଥା ଗ୍ରନ୍ଥ ଆରମ୍ଭ କାଳରୁ ଚଳି ଆସୁଥିବା କାବ୍ୟିକ ତଥା ଅଳଙ୍କାରିକ ଆଡ଼ମ୍ବର ନାମରେ ନାମିତ ଶାଉସ୍ତ୍ରତାର ପୃଷ୍ଠପଟ ଉପରେ ଉପେନ୍ଦ୍ର ଭଞ୍ଜ ଯେଉଁ 'ବୈଦେହୀଶ ବିଳାସ' ଯେ ଭାବରେ ଓ ଆଦର୍ଶରେ ଲେଖିଥିଲେ, ତାହା ହିଁ ଓଡ଼ିଆ ସାହିତ୍ୟ ତଥା ଓଡ଼ିଆ ସଭ୍ୟତା ଓ ଓଡ଼ିଆ ଧର୍ମର ଯଥାର୍ଥ ଆଦର୍ଶ ହେବା ଉଚିତ । ସେହି ରାମ ଚରିତ ବିକାଶର ପ୍ରଭାବରେ ଓଡ଼ିଶାର ଭକ୍ତିମାର୍ଗ ଗଢ଼ି କରିବା ଉଚିତ ଓ ଉପେନ୍ଦ୍ର ଭଞ୍ଜ ତାହା ପ୍ରଥମେ 'ବୈଦେହୀଶ ବିଳାସ' ମହାକାବ୍ୟରେ ଆରମ୍ଭ କରିଥିଲେ ବୋଲି ବ୍ରହ୍ମା ମହାଶୟ ଯାହା ବୁଝାଇଗଲେ, ତାହା ଉପଲବ୍ଧି କରିବାରେ ଆଉ କୌଣସି ସଂଶୟ ରହିଲା ନାହିଁ । ନଅଟା ବାଜିବାର ବହୁ ପରେ ସେ ସେପରିକ ବାଧ୍ୟ ହୋଇ ନିଜ ବକ୍ତୃତା ଶେଷ କଲେ । ସଭାପତି ଥାଇ ମଧ୍ୟ ଲୋକଙ୍କ ଭିତରେ ଏତେ ସୁନ୍ଦର ଭାବରେ ଛିଡ଼ା ହୋଇଥିବା ବ୍ରହ୍ମାଙ୍କର ଏହି ଭାବଧାରା ଉପରେ ଅନ୍ୟ କୌଣସି ପ୍ରଶ୍ନ ପକାଇବା ପାଇଁ ମୋର ଆଉ ଇଚ୍ଛା ରହିଲା ନାହିଁ । ମୁଁ ବ୍ରହ୍ମାଙ୍କୁ ଗୋଟିଏ ଆନ୍ତରିକ ସାଧୁବାଦ କହି ମୋର ବକ୍ତବ୍ୟ ଶେଷ କଲି । ଯଥାର୍ଥ କହୁଛି, ଏ ଘଟଣା ମୋ ପକ୍ଷରେ ଆଉ ଭୁଲିବାର ନୁହେଁ ।"

( କଳିଙ୍ଗ ଭାରତୀ, କଟକ—ସ୍ମରଣିକା, ୧୯୫୯—ପୃ ୫୦-୫୧ )

ଏ ଭଳି ଜଣେ କୃତବିଦ୍ୟ ସାହିତ୍ୟ-ସାଧକଙ୍କଠାରୁ ଏ ଭଳି ଏକ ସ୍ପଷ୍ଟ ପରିକଳ୍ପନାର ଆଦ୍ୟ-ଅର୍ଘ୍ୟ ରୂପେ 'ଭଞ୍ଜ-ଭୂମିକା'ର ପ୍ରଥମ ଖଣ୍ଡ ପ୍ରକାଶ କରି ଆମେ ନିଜକୁ ଗୌରବାନ୍ୱିତ ମନେ କରୁଛୁ । ଇତି ।

—ପ୍ରକାଶକ

# ବିଷୟ ସୂଚୀ


| ବିଷୟ | ପୃଷ୍ଠାଙ୍କ |
|---|---|
| ପ୍ରକାଶକଙ୍କୁ ସାଧୁବାଦ | ୧ |
| ଆଜି 'ଭଞ୍ଜ' ଏକ ଉପନାମ ନୁହେ, ମୁଖ୍ୟନାମ | ୧ |
| ଭଞ୍ଜ ରାଜବଂଶ | ୩ |
| ଆଜିର ମୟୂରଭଞ୍ଜରେ ଭଞ୍ଜବଂଶର ପ୍ରଥମ ପ୍ରତିଷ୍ଠା | ୫ |
| 'ଭଞ୍ଜ' ଶବ୍ଦର ବ୍ୟାଖ୍ୟାନ | ୬ |
| ନାମକରଣର ପରମ୍ପରା | ୮ |
| ଭଞ୍ଜ-ସାହିତ୍ୟରେ ଏଥିର ଉଲ୍ଲେଖ | ୯ |
| **ଘୁମୁସରର ଭଞ୍ଜବଂଶ—** | ୧୧ |
| 'ଘୁମୁସର'ର ସମୃଦ୍ଧି | ୧୩ |
| ଭଞ୍ଜଙ୍କ ଜନ୍ମ ସମୟ : ୧୬୭୫-୭୬ ହୋଇପାରେ | ୧୪ |
| କବିଙ୍କ ଜନ୍ମ ଦିବସ | ୧୬ |
| ଦୁଇଟି ବିବରଣର ସମନ୍ୱୟ କିପରି ହେବ : | ୧୭ |
| କବିଙ୍କ ଜନ୍ମସ୍ଥାନ | ୧୮ |
| କବିଙ୍କ ପ୍ରତିମୂର୍ତ୍ତି | ୨୧ |
| **ଭଞ୍ଜଙ୍କ ଜନପ୍ରିୟତା:—** | ୨୫ |
| 'କବିସମ୍ରାଟ୍' ଉପାଧି | ୨୫ |
| ଭଞ୍ଜ ପ୍ରଭାବର ବ୍ୟାପ୍ତି | ୨୫ |
| ବହୁ କବିକଣ୍ଠରେ ଭଞ୍ଜ ଗୌରବଗାନ | ୨୯ |
| ରାଧାନାଥ ସାହିତ୍ୟରେ ଭଞ୍ଜ ପ୍ରସଙ୍ଗ | ୩୨ |
| କବିସୂର୍ଯ୍ୟଙ୍କ ଭାଷାରେ 'ଗ୍ରାମ୍ୟବନ୍ତ'ର ଅର୍ଥ | ୩୨ |
| 'ଇନ୍ଦ୍ରଧନୁ'ରେ ଭଞ୍ଜ କବିତା : ଉପେନ୍ଦ୍ର ଭଞ୍ଜ | ୩୩ |
| ରାଧାନାଥ ଭଞ୍ଜ ବିରୋଧୀ ଥିଲେ କି ? | ୩୪ |
| ଏ ମତର ପରୀକ୍ଷା | ୩୫ |

ବିଷୟ — ପୃଷ୍ଠାଙ୍କ

ଭଞ୍ଜକି ରାଧାନାଥଙ୍କ ଶ୍ରେଷ୍ଠ ଉଦ୍‌ବୋଧକ ୩୭
ଫକୀରମୋହନ ଓ ଉପେନ୍ଦ୍ର ଭଞ୍ଜ ୩୯
ମଧୁସୂଦନଙ୍କର ଭଞ୍ଜ-ସାହିତ୍ୟ ନିନ୍ଦନ ୪୦
ମଧୁସୂଦନଙ୍କ ଏ କବିତାର ମୂଳ ରହସ୍ୟ ଉଦ୍‌ଘାଟନ ୪୧
'ଉତ୍କଳ ଦୀପିକା'ରେ ପ୍ରତିଫଳିତ ଓଡ଼ିଆ ଭାଷା ବିରୋଧୀ ଆନ୍ଦୋଳନ ୪୧
ଓଡ଼ିଆ ଭାଷା ବିରୋଧୀ ଏହି ମତର ମଧ୍ୟ ବିରୋଧ ୪୨
ରାଜେନ୍ଦ୍ର ଲାଲଙ୍କ ଓଡ଼ିଆ ବିରୋଧୀ ମତ ଅବିସ୍ମରଣୀୟ ୪୩
ସେ କାଳର ଓଡ଼ିଶା-ବିରୋଧୀ ଚକ୍ରାନ୍ତ, ଫକୀର-ମୋହନଙ୍କ
ଆତ୍ମଜୀବନୀରେ ୪୩
ବ୍ରାହ୍ମଧର୍ମର ଉତ୍କଳରେ ପ୍ରଚାର ୪୩
କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟଙ୍କ ଓଡ଼ିଆ ବିରୋଧୀ ପୁସ୍ତକ ରଚନା ୪୪
ଓଡ଼ିଶାରୁ ଓଡ଼ିଆ ଉଠାଇ ଦେବାର ଅପଚେଷ୍ଟା ୪୫
ଓଡ଼ିଆକୁ ରକ୍ଷା କରିବାକୁ ଉଦ୍ୟମ ୪୬
ଓଡ଼ିଶାରେ ଓଡ଼ିଆ ପଢ଼ାଯାଉ ବୋଲି ଦରଖାସ୍ତ ୪୭
ବଙ୍ଗଳା ବଦଳରେ ଓଡ଼ିଆ ପଢ଼ାଯାଉ ବୋଲି ସରକାରୀ ଆଦେଶ ୪୭
ପ୍ରାତଃସ୍ମରଣୀୟ ବିମ୍ସ ସାହେବଙ୍କ ଓଡ଼ିଆ ପ୍ରୀତି ୪୭
ଫକୀରମୋହନଙ୍କ ଲେଖାରୁ କେତେକ ତଥ୍ୟ ୪୭
ସେମାନଙ୍କ ବେଳେ ଉତ୍କଳଭୂମିର ଭାଷାଗୁଡ଼ି ସେଇ ଧାରଣା ୪୮
ଉଭୟଙ୍କ ଭାଷା ଏକ ପୂର୍ଣ୍ଣବିକଶିତ ଭାଷାନ୍ତରର ପ୍ରମାଣ ୪୮
ପାଠ୍ୟପୁସ୍ତକ ନିର୍ବାଚନ ବେଳେ ଭଞ୍ଜ ସାହିତ୍ୟର ସ୍ୱୀକୃତି ୪୯
ବ୍ରାହ୍ମଗୋଷ୍ଠୀର ଭଞ୍ଜ-ନିନ୍ଦନ ୫୦
'ଗୀତାଭିଧାନ'ର ଶବ୍ଦ ସଙ୍କଳନ-କ୍ରମ ୫୧
ଏହି କ୍ରମ ଅ-ଭାରତୀୟ ଓ ଅଯୌକ୍ତିକ ବୋଲି ସମାଲୋଚନା ୫୧
ଏହି ସମାଲୋଚନା ଅଜ୍ଞତା ଦ୍ୟୋତକ ୫୧
ବ୍ରାହ୍ମ ଦୃଷ୍ଟିରେ ଓଡ଼ିଶାର ମନ୍ଦିର ଓ ଜଗନ୍ନାଥଙ୍କ ରଥ କି ଦୂଷିତ ୫୨
ପଣ୍ଡିତ ନୀଳକଣ୍ଠଙ୍କ ଦୃଷ୍ଟିରେ ମଧୁସୂଦନଙ୍କ ଓଡ଼ିଆ ପ୍ରୀତି ୫୩
ଭଞ୍ଜଙ୍କୁ କେନ୍ଦ୍ର କରି ଏହି ବୈରଭାବ ଦୁର୍ଭାଗ୍ୟଜନକ ୫୪

| ବିଷୟ | ପୃଷ୍ଠାଙ୍କ |
|---|---|
| ଓଡ଼ିଶାର 'ସୀମାନ୍ତ-ପ୍ରଦେଶ'ମାନଙ୍କର ଭଞ୍ଜ-ପ୍ରଶଂସା | ୫୫ |
| ଉତ୍ତରର ସୀମାନ୍ତ-ପ୍ରଦେଶ ଫଣୀରମୋହନଙ୍କ ଭଞ୍ଜ-ପ୍ରୀତି | ୫୫ |
| 'କେବଳ' ଶବ୍ଦର ସାର୍ଥକତା | ୫୬ |
| ଭଞ୍ଜଙ୍କ ସିଦ୍ଧିର ଅସାଧାରଣ ବିଶେଷତ୍ୱ | ୫୬ |
| କବିତାରେ ଥିବା 'କେବଳ' ଶବ୍ଦର ସାର୍ଥକତା | ୫୭ |
| ଉତ୍କଳମଣି ଗୋପବନ୍ଧୁଙ୍କ ଭକ୍ତି-ବନ୍ଦନା | ୫୭ |
| ଆଧୁନିକ ଭାରତରେ ଓଡ଼ିଶାର ଦୁର୍ଦ୍ଦଶା | ୫୮ |
| ଘୋର ଦୁର୍ଦ୍ଦିନରେ କବି: ଭଞ୍ଜ ହିଁ ଆଶାର ଆଧାର | ୫୯ |
| ଏବେ ସର୍ବଭାରତୀୟ ମଞ୍ଚରେ କବି: ଭଞ୍ଜଙ୍କର ପ୍ରଶଂସା | ୬୦ |
| ଭଞ୍ଜଙ୍କର ଓଡ଼ିଆ ଜାତି ଜୀବନ ଶକ୍ତି | ୬୦ |
| ଅଥଚ, ୧୯୩୬ ଯାଏ ସେହି ଭଞ୍ଜ ଥିଲେ ଓଡ଼ିଶା ବାହାରେ | ୬୧ |
| ଉତ୍କଳ ଗୌରବ ମଧୁସୂଦନଙ୍କ ଭଞ୍ଜ ପ୍ରଶଂସା | ୬୨ |
| ପଲ୍ଲୀକବି ନନ୍ଦକିଶୋରଙ୍କ ଭଞ୍ଜ ଗୁଣଗାନ | ୬୨ |
| ଗଙ୍ଗାଧରଙ୍କ ଭଞ୍ଜ-ପ୍ରଶସ୍ତି | ୬୪ |
| ଚିନ୍ତାମଣିଙ୍କ ଭଞ୍ଜ ଭକ୍ତି | ୬୬ |
| ଗୋଦାବରୀଶଙ୍କ ଭଞ୍ଜ-ନିନ୍ଦନା | ୬୭ |
| କୁନ୍ତଳା-କୁମାରୀଙ୍କ ଭଞ୍ଜ-ସ୍ମରଣ | ୬୮ |
| ମହାପାତ୍ର ଗୋଦାବରୀଶଙ୍କ ଭଞ୍ଜ-ଶ୍ରଦ୍ଧାଞ୍ଜଳି | ୬୯ |
| **ରୀତିଯୁଗ ଓଡ଼ିଆ ସାହିତ୍ୟ —** | ୭୧ |
| ପ୍ରାକ୍-ରୀତିଯୁଗ ଓଡ଼ିଆ ସାହିତ୍ୟ | ୭୧ |
| ଲକ୍ଷ୍ମୀଙ୍କ ପାଞ୍ଚଗୋଟି ଆଶ୍ଚର୍ଯ୍ୟବର୍ଣ୍ଣ କାହିଗଲି | ୭୩ |
| ମଧ୍ୟଯୁଗ ଓଡ଼ିଆ ସାହିତ୍ୟ ରୀତିସର୍ବସ୍ୱ ନୁହେ | ୭୪ |
| ମଧ୍ୟଯୁଗ ସାହିତ୍ୟର ଅନାଦରରୁ ମନ୍ଦ ଧାରଣା | ୭୫ |
| 'ରୀତିଯୁଗ' ସାହିତ୍ୟରେ ମତ ଓ ଆଦର୍ଶ ଯଥେଷ୍ଟ ଅଛି | ୭୬ |
| ରୀତିବଦ୍ଧ କାବ୍ୟ-ମନ୍ଦିରର ବାହ୍ୟ କାରୁକାର୍ଯ୍ୟ ମାତ୍ର | ୭୬ |
| ରୀତିର ଅର୍ଥ ଓ ପ୍ରକାର ଭେଦ | ୭୭ |

| ବିଷୟ | ପୃଷ୍ଠାଙ୍କ |
|---|---|
| ରୀତି ଏବଂ Style | ୭୯ |
| ରୀତିର ସଂଖ୍ୟାବୃଦ୍ଧି | ୮୧ |
| ରୀତିର ବହିରଙ୍ଗତା | ୮୨ |
| ରୀତି ଯୁଗର ସମସ୍ତ ସୀମା | ୮୪ |
| ଆଚରଣକୁ ଭଞ୍ଜଙ୍କର ନିଜସ୍ୱ କହିବା ପ୍ରାମାଦିକ | ୮୫ |
| ଏଥିର ଦୃଷ୍ଟାନ୍ତ | ୮୫ |
| ସମସ୍ତ ଗୌରବ ଭଞ୍ଜଙ୍କର ନୁହେ | ୮୬ |
| ରୀତି-ସାହିତ୍ୟର ବିଶିଷ୍ଟ ସାଧକ | ୮୭ |
| ତେବେ ଭଞ୍ଜଙ୍କର ରୀତି ବିଭୂଷା ଅଭୂତପୂର୍ବ | ୮୭ |
| ସରଳ ରଚନାରେ ମଧ୍ୟ ବୈଚିତ୍ର୍ୟଭୂଷା | ୮୮ |
| ପ୍ରଥମ ଦୃଷ୍ଟାନ୍ତ | ୮୯ |
| ଦ୍ୱିତୀୟ ଦୃଷ୍ଟାନ୍ତ | ୯୦ |
| ତୃତୀୟ ଦୃଷ୍ଟାନ୍ତ | ୯୦ |
| ରୀତିପରମ୍ପରାର ସୀମା ଅତିକ୍ରମଣ | ୯୨ |
| ରୀତିଯୁଗ ବିକାଶ ମୂଳରେ ସାମାଜିକ ପରିସ୍ଥିତି | ୯୩ |
| ତତ୍କାଳୀନ ସଂସ୍କୃତ ଚଉପାଢ଼ୀ ଏବଂ ଓଡ଼ିଆ ସାହିତ୍ୟ | ୯୫ |
| ପ୍ରଥମ ମହାକବି ସାରଳାଙ୍କ ଦୁରବସ୍ଥା | ୯୫ |
| ଅନ୍ୟମାନଙ୍କର ସେଭଳି ଦୁର୍ଦ୍ଦଶା | ୯୬ |
| କୁଶାର୍ଥୀଙ୍କ ଦ୍ୱାରା ବଳରାମ ଅପମାନିତ | ୯୭ |
| ଜଗନ୍ନାଥ ଦାସ ମଧ୍ୟ ତିରସ୍କୃତ | ୯୮ |
| ମାଳିକା ଲେଖକ ଅଚ୍ୟୁତାନନ୍ଦଙ୍କ ତୀବ୍ର ପ୍ରତିକ୍ରିୟା | ୧୦୦ |
| ଭୂପତି ପଣ୍ଡିତଙ୍କର ମୌଳିକ ପ୍ରତିକ୍ରିୟା | ୧୦୧ |
| ଅଭିମନ୍ୟୁଙ୍କ ଲେଖମାନରେ ସେହି ପ୍ରତିଧ୍ୱନି | ୧୦୨ |
| ଚନ୍ଦ୍ରମଣିଙ୍କ ଶାଣିତ ପ୍ରତ୍ୟୁତ୍ତର | ୧୦୨ |
| ଭକ୍ତ-ସାହିତ୍ୟ ଏ ମନୋଭାବ ବଦଳାଇ ଦେଲା | ୧୦୨ |
| ସମଦୃଷ୍ଟିବାଦୀ ବଡ଼ଜେନାଙ୍କ ଖେଦ ପ୍ରକାଶ | ୧୦୩ |
| ପାଣ୍ଡିତ୍ୟ-ଦେବ ମନ୍ଦିରରେ ପୁଣି 'ଓଡ଼ିଆ'-ବର୍ଜନ | ୧୦୪ |
| ସମସାମୟିକ ସାହିତ୍ୟ ଚର୍ଚ୍ଚା | ୧୦୪ |

| ବିଷୟ | ପୃଷ୍ଠାଙ୍କ |
|---|---|
| ଚନ୍ଦ୍ରୋଦୟ ବର୍ଣ୍ଣନା ଭିତରେ ସୂର୍ଯ୍ୟୋଦୟ ବର୍ଣ୍ଣନା | ୧୦୬ |
| ପାଣ୍ଡିତ୍ୟର ଚରମସୀମା-ଭାଗବତର ପ୍ରଥମ ଶ୍ଳୋକ | ୧୦୬ |
| ଭଞ୍ଜୀୟ ପାଣ୍ଡିତ୍ୟର ଆଦର୍ଶ-ପରମ୍ପରା | ୧୦୭ |
| ପ୍ରଥମ ଦୃଷ୍ଟାନ୍ତ | ୧୦୭ |
| ଦ୍ୱିତୀୟ ଦୃଷ୍ଟାନ୍ତ—ଦୁଇଟି ରଚନାର ବିଚିତ୍ର ଟୀକା | ୧୦୭ |
| ତୃତୀୟ ଦୃଷ୍ଟାନ୍ତ | ୧୦୮ |
| ଚତୁର୍ଥ ଦୃଷ୍ଟାନ୍ତ | ୧୦୮ |
| ପଞ୍ଚମ ଦୃଷ୍ଟାନ୍ତ | ୧୦୯ |
| ଷଷ୍ଠ ଦୃଷ୍ଟାନ୍ତ—ଗୋଟିଏ ଶ୍ଳୋକ ଦେହରେ ୧୨୮ଟି ଶ୍ଳୋକ | ୧୦୯ |
| ସପ୍ତମ ଦୃଷ୍ଟାନ୍ତ | ୧୧୨ |
| ଅଷ୍ଟମ ଦୃଷ୍ଟାନ୍ତ | ୧୧୨ |
| ଭଞ୍ଜ-ସାହିତ୍ୟ ଓଡ଼ିଆରେ ଏଭଳି ପାଣ୍ଡିତ୍ୟର ପରପ୍ରକାଶ | ୧୧୩ |
| ସଙ୍ଗୀତର ପ୍ରଭାବ | ୧୧୪ |
| ଓଡ଼ିଆ ଛନ୍ଦ, ସଙ୍ଗୀତ ନୁହେ—ସଙ୍ଗୀତ ଭିତ୍ତିକ ମାତ୍ର | ୧୧୪ |
| ଓଡ଼ିଆ ଛନ୍ଦ-ସାହିତ୍ୟ 'ଅଧ୍ରୁବା-ପାଞ୍ଚାଳୀ' ଅନ୍ତର୍ଗତ | ୧୧୫ |
| ଓଡ଼ିଆ ଛନ୍ଦର ପରିବେଷଣ | ୧୧୬ |
| ଓଡ଼ିଶାରେ ସଙ୍ଗୀତ ଚର୍ଚ୍ଚା | ୧୧୬ |
| ଉତ୍କଳରେ ସଙ୍ଗୀତ-ସାହିତ୍ୟ ରଚନା | ୧୧୭ |
| ଧର୍ମଠାରୁ ସାହିତ୍ୟର ପୃଥକ୍-କରଣ | ୧୧୮ |
| ସାହିତ୍ୟ ସର୍ଜନାରେ ଉପାସନା ସବସ୍ୱତା ଦୂର ହେଲା | ୧୧୯ |
| ସେ କାଳର ଶିକ୍ଷା ପଦ୍ଧତି ଓ ପାଠ୍ୟକ୍ରମ | ୧୨୦ |
| ଅଷ୍ଟାଦଶ ବିଦ୍ୟାରେ ପାଣ୍ଡିତ୍ୟଲାଭର ଆଦର୍ଶ | ୧୨୧ |
| ସାମନ୍ତ ରାଜାମାନଙ୍କର ବିଳାସିତା | ୧୨୪ |
| ପରମ୍ପରା, ପଣ୍ଡିତ ଓ ଭଞ୍ଜଙ୍କ କୃତିତ୍ୱ | ୧୨୫ |
| ଗୀତଗୋବିନ୍ଦରୁ ଜନପ୍ରିୟତାର ମୂଳସୂତ୍ର ସଂଗ୍ରହ | ୧୨୫ |
| ତେଣୁ, ଐତିହାସିକ ପୃଷ୍ଠଭୂମିର ଧାରଣା ଦରକାର | ୧୨୭ |
| ମଧ୍ୟଯୁଗ ଓଡ଼ିଆ ସାହିତ୍ୟର କେତୋଟି ବିଭାବ | ୧୨୮ |
| ଅଳଙ୍କାରିକତା | ୧୩୦ |

ବିଷୟ | ପୃଷ୍ଠାଙ୍କ


ପୌରାଣିକତା ୧୩୩
ଈଶ୍ୱର ବିଶ୍ୱାସ : ଆଧ୍ୟାତ୍ମିକ ଚିନ୍ତାର ବୀଜବପନ ୧୩୪
ସାମାଜିକ ଚେତନା ୧୩୬
ରସଚର୍ଚ୍ଚା ୧୩୮
ସର୍ବଭାରତୀୟ ଭାବ ୧୩୯
ରାଜଧର୍ମ ଓ ଶାସନ ଶୃଙ୍ଖଳା ୧୪୦
ମଣ୍ଡବାସୀ ସମାଲୋଚକଙ୍କ ଦୃଷ୍ଟି ସଙ୍କେତ ୧୪୩

**ଭଞ୍ଜ ଜୀବନୀ—** ୧୪୫

**ତିରିଶ ଗୋଟି ପର୍ଯ୍ୟାୟରେ ଭଞ୍ଜ-ଜୀବନୀର ବିବରଣ** ୧୪୬

ଭଞ୍ଜଙ୍କର ଜୀବନୀ-ଉପାଦାନର ଦୁର୍ଲଭତା : ଭାରତରେ ପ୍ରମାଣସିଦ୍ଧ ଇତିହାସର ଅଭାବ ୧୪୬
ଭାରତୀୟ କବିମାନେ ଆତ୍ମପ୍ରଚାରପ୍ରିୟ ନ ଥିଲେ ୧୪୬
ଭଞ୍ଜଙ୍କ କଥା ସ୍ୱତନ୍ତ୍ର : ତାଙ୍କର ସାମାନ୍ୟ ଲିଖିତ ବିବରଣୀ ଉପଲବ୍ଧ ୧୪୮
**(୧) ଜନ୍ମସ୍ଥାନ ଓ ଜନ୍ମ ସମୟ** ୧୪୯
**(୨) ଭଞ୍ଜଙ୍କ ରୂପ କଳ୍ପନା : ପ୍ରତିକୃତି** ୧୫୦
**(୩) କବିଙ୍କର ଆତ୍ମବିବରଣୀ** ୧୫୦
**(୪) ନିଜର ରଚନା ସମ୍ପର୍କୀୟ ବିବରଣୀ** ୧୫୩
**(୫) ବାଲ୍ୟଶିକ୍ଷା ଓ ଉଚ୍ଚାଙ୍ଗ ଅଧ୍ୟୟନ** : ରାଜାମାନଙ୍କର ପଣ୍ଡିତ ପ୍ରୀତି ୧୫୪
ଧନଞ୍ଜୟଙ୍କ ପଣ୍ଡିତସଭା ୧୫୫
ଏହି 'ସଭା' ମଧ୍ୟ ଭଞ୍ଜଙ୍କ ଶିକ୍ଷାର ସହାୟକ ଥିଲା ୧୫୬
ସେ କାଳର ପାଠ୍ୟ ଓ ପାଣ୍ଡିତ୍ୟ—ଲଘୁତ୍ରୟୀ : ଗୁରୁତ୍ରୟୀ ୧୫୬
ଲଘୁତ୍ରୟୀ ୧୫୬
କାଳିଦାସଙ୍କ ପ୍ରତି ଅବଜ୍ଞା ୧୫୮
ପ୍ରଥମ ଅର୍ଥ ୧୫୯

| ବିଷୟ | ପୃଷ୍ଠାଙ୍କ |
|---|---|
| ଏକସ୍ଥ ଅର୍ଥ | ୧୬୦ |
| ଦ୍ୱିସ୍ଥ ଅର୍ଥ | ୧୬୦ |
| ଲକ୍ଷ୍ମୀସ୍ତୁତିର ଲଳିତ ସୌନ୍ଦର୍ଯ୍ୟ | ୧୬୨ |
| ଗୁରୁପତ୍ନୀ : କରଚାତୁର୍ଯ୍ୟ | ୧୬୪ |
| ପାଦ-ଏକାକ୍ଷର ରଚନା | ୧୬୬ |
| ନିରୋଷ୍ଠ୍ୟ ରଚନା | ୧୬୬ |
| ଗୋମୂତ୍ରିକା ବନ୍ଧ | ୧୬୭ |
| ପୂର୍ଣ୍ଣ ଏକାକ୍ଷର | ୧୬୭ |
| ସମୁଦ୍ଗକ | ୧୬୭ |
| ଲୋମ-ବିଲୋମ | ୧୬୮ |
| ଶ୍ଳୋକାର୍ଦ୍ଧ ଲୋମ-ବିଲୋମ | ୧୬୮ |
| ଦ୍ୱ୍ୟକ୍ଷର | ୧୬୮ |
| ଅର୍ଥଦ୍ୱୟବାଚୀ | ୧୬୯ |
| ମହାଯମକ | ୧୬୯ |
| ଭାରବି କାବ୍ୟର ଅନ୍ୟ କେତେକ ବୈଶିଷ୍ଟ୍ୟ | ୧୬୯ |
| ମାଘ କବିଙ୍କ ଶିଶୁପାଳ ବଧ | ୧୭୦ |
| ‘ମାଘ’ କାବ୍ୟରୁ କେତୋଟି ଦୃଷ୍ଟାନ୍ତ | ୧୭୦ |
| ମାଘ କାବ୍ୟର ଅନ୍ୟ କେତେକ ବୈଶିଷ୍ଟ୍ୟ | ୧୭୩ |
| ଶ୍ରୀହର୍ଷଙ୍କ ‘ନୈଷଧ’ କାବ୍ୟ | ୧୭୪ |
| ନୈଷଧର ବର୍ଣ୍ଣନା କୌଶଳ : କେତୋଟି ଦୃଷ୍ଟାନ୍ତ | ୧୭୫ |
| ପ୍ରଥମ ଉଦାହରଣ | ୧୭୭ |
| ଦ୍ୱିତୀୟ ଉଦାହରଣ | ୧୭୭ |
| ତୃତୀୟ ଉଦାହରଣ | ୧୭୭ |
| ଚତୁର୍ଥ ଉଦାହରଣ | ୧୭୯ |
| ପଞ୍ଚମ ଉଦାହରଣ | ୧୮୦ |
| ଷଷ୍ଠ ଉଦାହରଣ | ୧୮୧ |
| ସପ୍ତମ ଉଦାହରଣ | ୧୮୨ |
| ଅଷ୍ଟମ ଉଦାହରଣ | ୧୮୨ |

| ବିଷୟ | ପୃଷ୍ଠାଙ୍କ |
|---|---|
| ନବମ ଉଦାହରଣ | ୧୮୩ |
| ଦଶମ ଉଦାହରଣ | ୧୮୪ |
| ଏକାଦଶ ଉଦାହରଣ | ୧୮୫ |
| ଦ୍ୱାଦଶ ଉଦାହରଣ | ୧୮୭ |
| କୋଷଗ୍ରନ୍ଥ ବ୍ୟାକରଣ ପଠନ | ୧ ୯ |
| ଭଞ୍ଜ-ସାହିତ୍ୟରେ କୋଷଗ୍ରନ୍ଥର ନାମୋଲ୍ଲେଖ | ୧୯୦ |
| ବ୍ୟାକରଣ | ୧୯୨ |
| ଅଭିଧାନ-ବ୍ୟାକରଣପାଠୀ ହିଁ ଭଞ୍ଜ-ସାହିତ୍ୟର ଅଧିକାରୀ | ୧୯୫ |
| ଶବ୍ଦଜ୍ଞାନର ବିରଳ ପ୍ରୟୋଗ | ୧୯୬ |
| ଓଡ଼ିଆ ଭାଷାର ବ୍ୟାକରଣ ଆରମ୍ଭ ମାତ୍ର ହୋଇଛି | ୧୯୮ |
| ଭଞ୍ଜଙ୍କର ତତ୍ତ୍ୱବୋଧ : ପଣ୍ଡିତ ନୀଳକଣ୍ଠଙ୍କ ମତ | ୨୦୧ |
| ସଙ୍ଗୀତ ଶାସ୍ତ୍ର ଅଧ୍ୟୟନ | ୨୦୧ |
| କାମଶାସ୍ତ୍ର ଅଧ୍ୟୟନ | ୨୦୨ |
| ବ୍ୟଞ୍ଜନାଶକ୍ତି ବଳରେ ଏ ଶ୍ଳୋକର ବିରସ ଅର୍ଥ | ୨୦୭ |
| ଭଞ୍ଜ-ସାହିତ୍ୟରେ ବାତ୍ସ୍ୟାୟନଙ୍କ ଉଲ୍ଲେଖ | ୨୦୯ |
| ଅଳଙ୍କାର ଶାସ୍ତ୍ର ଅଧ୍ୟୟନ | ୨୧୦ |
| ଛନ୍ଦହୀନତା ହିଁ ସାଂପ୍ରତିକ କବିତାର ଦୋଷ | ୨୧୨ |
| ଖୋଦ ବିଳାତରେ ପଛମୁହାଁ ଗତି ! | ୨୧୨ |
| ସାଂପ୍ରତିକ କବିତାର ନିୟାମକ ଛନ୍ଦ ମଧ୍ୟ ଗଢ଼ିଉଠିବ | ୨୧୩ |
| ପ୍ରାଚୀନ ସାହିତ୍ୟରେ ବୈଚିତ୍ର୍ୟହୀନତା ? | ୨୧୩ |
| ଆର୍ତ୍ତବାବୁଙ୍କ ଯୁକ୍ତିର ଆଉ ଏକ ସମାନ୍ତରାଳ ଯୁକ୍ତି | ୨୧୫ |
| ଅଳଙ୍କାର ଶେଖରରେ କାବ୍ୟ-ବର୍ଣ୍ଣନୀୟ ବିଷୟ-ବିସ୍ତାର | ୨୧୬ |
| 'ମେଘଦୂତ' ରଚନା ପାଇଁ କବିଙ୍କୁ ଶବ୍ଦ ସଙ୍କେତ | ୨୧୭ |
| 'ନଚେସ୍ତକ' ରଚନା ପାଇଁ ଶବ୍ଦ ତାଲିକା | ୨୧୮ |
| ସବୁଠାରୁ ବଡ଼ କଥା—ବର୍ଣ୍ଣନୀୟ ବିଷୟ ତାଲିକା | ୨୨୦ |
| ନଗର ବର୍ଣ୍ଣନା | ୨୨୦ |
| ଅରଣ୍ୟ ବର୍ଣ୍ଣନା | ୨୨୦ |
| ସୂର୍ଯ୍ୟୋଦୟ ବର୍ଣ୍ଣନା | ୨୨୧ |

| ବିଷୟ | ପୃଷ୍ଠାଙ୍କ |
|---|---|
| ବେଦାଧ୍ୟୟନ—ଉପନିଷଦ ପାଠ | ୧୧୧ |
| ଦଶଟି ମୁଖ୍ୟ ଉପନିଷଦ | ୧୧୧ |
| ବେଦତତ୍ତ୍ୱର ବିଶ୍ଳେଷଣ ପାଇଁ ପୁରାଣାଦିର ସୃଷ୍ଟି | ୧୧୩ |
| ଭଞ୍ଜଙ୍କ 'ପ୍ରେମସୁଧାନିଧି' କାବ୍ୟର ମୂଳ—ପ୍ରଶ୍ନୋପନିଷଦ | ୧୧୪ |
| ପ୍ରଶ୍ନୋପନିଷଦରେ ଅଛି | ୧୧୫ |
| ପ୍ରେମ ସୁଧାନିଧିରେ ଅଛି | ୧୧୬ |
| ବେଦାଙ୍ଗ-ଜ୍ୟୋତିଷ ଅଧ୍ୟୟନ | ୧୩୧ |
| ଉପବେଦ | ୧୩୪ |
| ଦର୍ଶନଶାସ୍ତ୍ର ଅଧ୍ୟୟନ | ୧୩୬ |
| ଧର୍ମଶାସ୍ତ୍ର ଅଧ୍ୟୟନ | ୧୩୭ |
| ପୁରାଣ ଚର୍ଚ୍ଚା | ୧୩୯ |
| ଓଡ଼ିଆ ଭାଷାର ବିଖ୍ୟାତ ପୁରାଣ | ୧୪୦ |
| ରାମାୟଣ ଅଧ୍ୟୟନ | ୧୪୦ |
| ମହାଭାରତ ଅଧ୍ୟୟନ | ୧୪୧ |
| ଭିନ୍ନ ପୁରାଣ ଅଧ୍ୟୟନ | ୧୪୩ |
| ବୃନ୍ଦାବନ ଦାସୀଙ୍କ ପ୍ରଦତ୍ତ ତାଲିକା | ୧୪୪ |
| ବୈଷ୍ଣବ କବିମାନଙ୍କର ପ୍ରିୟ ପୁରାଣ | ୧୪୫ |
| ଅଷ୍ଟାଦଶ ପୁରାଣ | ୧୪୬ |
| ଅଷ୍ଟାଦଶ ଉପପୁରାଣ | ୧୪୭ |
| ଅଷ୍ଟାଦଶ ଔପପୁରାଣ | ୧୪୭ |
| ଭଞ୍ଜଙ୍କର ଅନ୍ୟାନ୍ୟ ଗ୍ରନ୍ଥ ଅଧ୍ୟୟନ : ଭଞ୍ଜଙ୍କ ପୂର୍ବେ ରଚିତ | |
| ଓଡ଼ିଆ ତଥା ବିଶିଷ୍ଟ ସଂସ୍କୃତ ଗ୍ରନ୍ଥ | ୧୪୯ |
| ପ୍ରଭାବର ସୀମା କଳନା | ୧୫୦ |
| ପ୍ରଥମ ଉଦାହରଣ | ୧୫୦ |
| ଦ୍ୱିତୀୟ ଉଦାହରଣ | ୧୫୧ |
| ତେଣୁ ପ୍ରାକ୍ ଭଞ୍ଜୀୟ ଗ୍ରନ୍ଥମାନଙ୍କର ଧାରଣା ଲୋଡ଼ା | ୧୫୩ |
| ପ୍ରଥମ ତାଲିକା—ଭଞ୍ଜଙ୍କ ପୂର୍ବବର୍ତ୍ତୀ ଓଡ଼ିଆ ରଚନା | ୧୫୪ |
| ଦ୍ୱିତୀୟ ତାଲିକା—ଓଡ଼ିଶାର ସଂସ୍କୃତ ରଚନା | ୧୫୫ |
| ତୃତୀୟ ତାଲିକା—ପ୍ରାଗ୍‌ଭଞ୍ଜୀୟ ଭାରତ ବିଖ୍ୟାତ ସଂସ୍କୃତ ଗ୍ରନ୍ଥ | ୧୬୦ |

ବିଷୟ | ପୃଷ୍ଠାଙ୍କ

ବୌଦ୍ଧ ତନ୍ତ୍ର ଅଧ୍ୟୟନ ୧୬୦
ଆସାମରେ ଉପଲବ୍ଧ ବୌଦ୍ଧ ତନ୍ତ୍ର ୧୬୧
ଅପଭ୍ରଂଶ ଓ ପ୍ରାକୃତ ସାହିତ୍ୟ ଅଧ୍ୟୟନ ୧୬୨
ଦ୍ରାବିଡ଼ ପ୍ରାକୃତ କାବ୍ୟ ୧୬୩
ତୁଳନାତ୍ମକ ଅଧ୍ୟୟନ ଚେଷ୍ଟା ୧୬୪
ପ୍ରଥମ ଦୃଷ୍ଟାନ୍ତ ୧୬୬
ଦ୍ୱିତୀୟ ଦୃଷ୍ଟାନ୍ତ ୧୬୭
ତୃତୀୟ ଦୃଷ୍ଟାନ୍ତ ୧୬୭
ଚତୁର୍ଥ ଦୃଷ୍ଟାନ୍ତ ୧୬୮
ପଞ୍ଚମ ଦୃଷ୍ଟାନ୍ତ ୧୬୯
ଆଉ ଏକ ଦୃଷ୍ଟାନ୍ତ : ସଂସ୍କୃତ ଭାବର ପ୍ରତିଧ୍ୱନି ୧୬୯

(୬) **ଧନଞ୍ଜୟଙ୍କ ସଂସ୍କୃତ ନିର୍ଦ୍ଦେଶ : ସାଧନାର ପଥେ** ୧୭୦
ଧନଞ୍ଜୟଙ୍କ ଜୀବନୀ ୧୭୨
ଧନଞ୍ଜୟ ଓ ଉତ୍କଳ ୧୭୬
ଧନଞ୍ଜୟଙ୍କ ପ୍ରଭାବ ୧୭୮
ମଦନ ମଞ୍ଜରୀର ପ୍ରଭାବ ୧୮୪
ରତ୍ନମଞ୍ଜରୀର ଶୋଭା ବର୍ଣ୍ଣନା ୧୮୬

(୭) **ରାମ ତାରକ ମନ୍ତ୍ର ପିଣ୍ଡି : କେଉଁଠାରେ ଓ କେବେ ?** ୧୮୯
ପ୍ରଥମ କିମ୍ବଦନ୍ତୀ ୧୯୦
ଦ୍ୱିତୀୟ କିମ୍ବଦନ୍ତୀ ୧୯୦
ତୃତୀୟ କିମ୍ବଦନ୍ତୀ ୧୯୦
ଚତୁର୍ଥ କିମ୍ବଦନ୍ତୀ ୧୯୨
ପଞ୍ଚମ କିମ୍ବଦନ୍ତୀ ୧୯୨
ଷଷ୍ଠ କିମ୍ବଦନ୍ତୀ ୧୯୨

( ) **ତୀର୍ଥାଟନ : ଗୃହଧାମର ସ୍ମାରକ— ଗୃହରେଟି କାବ୍ୟ** ୧୯୪
ପୂର୍ବ-ଧାମ—ପ୍ରବେଶ ବା ପୂଜା ୧୯୬

| ବିଷୟ | ପୃଷ୍ଠାଙ୍କ |
| --- | --- |
| ଉତ୍ତର-ଧାମ—ବଦରିକାଶ୍ରମ | ୨୮୭ |
| ପଶ୍ଚିମ-ଧାମ—ଦ୍ୱାରକା | ୨୯୭ |
| ଦକ୍ଷିଣ-ଧାମ—ରାମେଶ୍ୱର | ୨୮୭ |
| **(୯) ଓଡ଼ିଶାରେ ଓଡ଼ିଆ ଭାଷାର ଗୌରବ ପ୍ରତିଷ୍ଠା :** | |
| ଓଡ଼ିଶା ଭ୍ରମଣ : କଳିଙ୍ଗ ପ୍ରଭୁଙ୍କ ଉଦ୍ଦେଶ୍ୟରେ | ୨୯୨ |
| ଧର୍ମକ୍ଷେତ୍ରରେ ଶାସ୍ତ୍ରୀୟ ପରୀକ୍ଷା ଓ ବିଜୟୋତ୍ସବ | ୩୦୦ |
| 'ବୈଦେହୀଶ ବିଳାସ'ର ମଙ୍ଗଳାଚରଣ ପାଠ | ୩୦୦ |
| ମହାପଣ୍ଡିତଙ୍କ ସଂକେତ—ବ୍ୟାଖ୍ୟା କରିବାକୁ | ୩୦୧ |
| ତା ପରେ ପରେ ଶୈବ ପଣ୍ଡିତଙ୍କ ପ୍ରତିବାଦ | ୩୦୨ |
| ଏହି ଆକସ୍ମିକ 'ଦୁର୍ଘଟଣା' ହେତୁ ସମାଗମରେ ଘୋର ଉତ୍ତେଜନା | ୩୦୨ |
| ରାମ-ଜଗନ୍ନାଥଙ୍କୁ ମନେ ମନେ ଭକ୍ତଙ୍କର ବିକଳ ପ୍ରାର୍ଥନା | ୩୦୩ |
| ନମ୍ରବ୍ୟଥିତା ଭକ୍ତଙ୍କର ପ୍ରସନ୍ନ ବଦନରେ ଭକ୍ତଙ୍କର ଉତ୍ତର | ୩୦୩ |
| ପୁଣି ଥରେ ପ୍ରତିବାଦର ଗମ୍ଭୀର ସ୍ୱର | ୩୦୪ |
| ଏହି ପ୍ରତିବାଦର ପୁଣି ବଳିଷ୍ଠ ସମାଧାନ | ୩୦୪ |
| ଆହୁରି ଥରେ ପ୍ରତିବାଦ | ୩୦୫ |
| ପ୍ରତିବାଦର ପୁଣି ବସ୍ତୁନିଷ୍ଠ ଉତ୍ତର | ୩୦୫ |
| ପ୍ରଶ୍ନ ପରେ ପ୍ରଶ୍ନ—ପ୍ରଶ୍ନର ଧାରା ବାନ୍ଧି | ୩୦୬ |
| ଉତ୍ତର ପରେ ଉତ୍ତରର ପ୍ରବାହ | ୩୦୬ |
| ଧନ୍ୟ କବି, ତୁମେ ସରସ୍ୱତୀଙ୍କର 'ପୁତ୍ର-ଅବତାର' | ୩୦୬ |
| ସଭା ଶେଷରୁ ଶେଷ ନିବେଦନ | ୩୦୭ |
| 'ବୈଦେହୀଶ ବିଳାସ'ର କେତୋଟି ବିଶେଷତ୍ୱର ବିବରଣୀ ଭକ୍ତଙ୍କ ମୁଖରେ | ୩୦୭ |
| 'ବୈଦେହୀଶ ବିଳାସ'—ଏହି ନାମର ଛ' ଅର୍ଥ | ୩୦୮ |
| କେବଳ 'ବୈ'ରୁ ଅନେକ ଅର୍ଥର ପ୍ରକାଶ | ୩୧୦ |
| **(୧୦) ଦିଗ୍‌ବିଜୟ ଅଭିଯାନ** | ୩୧୫ |
| ବିଦ୍ୟାର୍ଥୀ ପଣ୍ଡିତମାନଙ୍କର ବିଭିନ୍ନ ରାଜଦରବାର ଭ୍ରମଣ | ୩୧୫ |

| ବିଷୟ | ପୃଷ୍ଠାଙ୍କ |
|---|---|
| ଦିଗ୍‌ବିଜୟ ଅଭିଯାନ ବେଳେ ଭଞ୍ଜଙ୍କର ତିନିଜଣ ସହଯାତ୍ରୀ | ୩୧୬ |
| 'ଏକସନ୍ଥଗ୍ରାହୀ'ର ଅର୍ଥ | ୩୧୬ |
| ଏଥିର ଦୃଷ୍ଟାନ୍ତ | ୩୧୭ |
| ଶ୍ୱେତବାହନ ଭଞ୍ଜଙ୍କର ଅପୂର୍ବ କୃତିତ୍ୱର ସ୍ୱପ୍ନ | ୩୧୭ |
| ବିକ୍ରମାଦିତ୍ୟଙ୍କ ସଭାରେ ଏ ଭଳି ପଣ୍ଡିତ | ୩୨୦ |
| ମହାକବି କାଳିଦାସଙ୍କୁ ନିଷ୍ପ୍ରଭ କରିବା ଉଦ୍ୟମ | ୩୨୧ |
| ବାରଣସୀରେ ଭଞ୍ଜଙ୍କ ଗବେଷଣା | ୩୨୨ |
| ଓଡ଼ିଶାର ଜଗନ୍ନାଥ ଭାରତର ଅନୁପମ ଦେବତା | ୩୨୩ |
| ବାରଣସୀରେ ଅପର ମହାନ ବିଷୟକ ଗ୍ରନ୍ଥ | ୩୨୪ |
| ଅଯୋଧ୍ୟାରେ ବୈଦେହୀଶ ବିଳାସ ଚର୍ଚ୍ଚା | ୩୨୬ |
| ଭଞ୍ଜଙ୍କର ଆତ୍ମଗତ ଉପସ୍ଥାପନ | ୩୨୭ |
| 'ମାନସ' ଠାରୁ 'ବିଳାସ'ର ବିଶେଷତ୍ୱ | ୩୨୮ |
| ପ୍ରଥମ ଦୃଷ୍ଟାନ୍ତ—ଗୋଟିଏ ଛାନ୍ଦ (ସର୍ଗରେ) କେବଳ ମୂର୍ଚ୍ଛା ବର୍ଣ୍ଣନା | ୩୩୨ |
| ଦ୍ୱିତୀୟ ଦୃଷ୍ଟାନ୍ତ—ତିନି ଗାଁର ଏକତ୍ର ବର୍ଣ୍ଣନା | ୩୩୨ |
| ତୃତୀୟ ଦୃଷ୍ଟାନ୍ତ—ଭାଷାସ୍ତରରେ ଭାବାତ୍ମକ ସମନ୍ୱୟ | ୩୩୩ |
| ଚତୁର୍ଥ ଦୃଷ୍ଟାନ୍ତ—ଅତ୍ୟାସ୍ୱିତ ଶ୍ରମିକମାନଙ୍କୁ ପରାମର୍ଶ | ୩୩୪ |
| ପ୍ରୟାଗରେ ଭଞ୍ଜଙ୍କ ବ୍ୟାଖ୍ୟାନ | ୩୩୯ |
| ବାଲ୍ମୀକିଙ୍କର ଚିତ୍ରକୂଟ ବର୍ଣ୍ଣନା | ୩୪୦ |
| ବାଲ୍ମୀକିଙ୍କର ମନ୍ଦାକିନୀ ନଦୀ ବର୍ଣ୍ଣନା | ୩୪୫ |
| କାଳିଦାସଙ୍କର ଚିତ୍ରକୂଟ-ମନ୍ଦାକିନୀ ବର୍ଣ୍ଣନା | ୩୪୬ |
| ତୁଳସୀ ଦାସଙ୍କର ଚିତ୍ରକୂଟ ବର୍ଣ୍ଣନା | ୩୪୮ |
| 'ବୈଦେହୀଶ ବିଳାସ'ରେ ଚିତ୍ରକୂଟ ବର୍ଣ୍ଣନା | ୩୪୯ |
| (୧୧) **ଭଞ୍ଜଙ୍କର ପାରିବାରିକ ଜୀବନ** | ୩୫୩ |
| (୧୨) **ଭଞ୍ଜଙ୍କର ଦାମ୍ପତ୍ୟ ଜୀବନ** | ୩୫୪ |
| ଉପେନ୍ଦ୍ରଙ୍କର ପତ୍ନୀ ସଂଖ୍ୟା ଏକ ନା ଦୁଇ ? | ୩୫୮ |
| ଏ କ୍ଷେତ୍ରରେ ଭଞ୍ଜଙ୍କ ନାଟକ | ୩୬୦ |
| ଦାମୋଦର ବାବୁଙ୍କ ମତ ସମୀକ୍ଷା | ୩୬୫ |

ବିଷୟ | ପୃଷ୍ଠାଙ୍କ

ଯୌବନରେ ଭଞ୍ଜଙ୍କ ନାୟିକା ବ୍ରହ୍ମଚାରିଣୀ ବାହାରିଲେ କିପରି ? ୩୬୬
ଭଞ୍ଜଙ୍କର ପତ୍ନୀ ବିୟୋଗ ଘଟିଲା କେବେ—ପ୍ରଥମ ମତ ୩୬୮
ଦ୍ୱିତୀୟ ମତ ୩୬୯
ଚନ୍ଦ୍ରମଣିଙ୍କ ବର୍ଣ୍ଣିତ ଦେହୋ ଭଞ୍ଜଙ୍କର ନା ଅଭିମନ୍ୟୁ ସାମନ୍ତ
ସିଂହାରଙ୍କ ଜୀବନରେ ଘଟିଥିଲା ? ୩୭୦

(୧୩) **ରାଜ୍ୟରୁ ବିତାଡ଼ନ** ୩୭୨

(୧୪) **କବିତ୍ୱର ଉଦ୍‌ଗମ** ୩୭୫

ପାଣ୍ଡିତ୍ୟ ସର୍ଜନା ୩୭୯
ନିଜର ରଚନା ସମ୍ପର୍କରେ କବିଙ୍କର ବିବରଣୀ ୩୭୯
ଅପରର ଉକ୍ତିରେ ଥିବା ବ୍ୟଞ୍ଜନା ୩୮୧
ଭଞ୍ଜଙ୍କ ନୂଆ କାବ୍ୟ ସମ୍ପର୍କରେ ଦାୟୀକର ସଙ୍କେତ ୩୮୬
ଗ୍ରନ୍ଥମାନଙ୍କର ଆନୁପୂର୍ବିକତା ୩୮୭
ପ୍ରକାଶିତ କାବ୍ୟାଦିର ସଂକ୍ଷିପ୍ତ ପରିଚୟ : ବୈଦେହୀଶ ବିଳାସ
(୫୨ ଛାନ୍ଦ) ୩୮୯
ଏ କାବ୍ୟର କେତୋଟି ବିଶିଷ୍ଟ ଛାନ୍ଦ ୩୯୦
କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ (୩୫ ଛାନ୍ଦ) ୩୯୪
ଏ କାବ୍ୟର କେତୋଟି ବିଶିଷ୍ଟ ଛାନ୍ଦ ୩୯୫
ଲାବଣ୍ୟବତୀ (୪୮ ଛାନ୍ଦ) ୪୦୧
ପ୍ରେମ ସୁଧାନିଧି (୧୬ ଛାନ୍ଦ) ୪୦୬
ରସିକ ହାରାବଳୀ-(୧୫ ଛାନ୍ଦ) ୪୦୯
ଏହାର କେତୋଟି ପ୍ରସିଦ୍ଧ ଛାନ୍ଦ ୪୧୦
ସୁଭଦ୍ରା ପରିଣୟ-(୧୭ ଛାନ୍ଦ) ୪୧୧
କଳା କୌତୁକ-(୧୦ ଛାନ୍ଦ) ୪୧୩
ରସତରଙ୍ଗ (୧୨ ଛାନ୍ଦ) ୪୧୪
ଚିତ୍ରକାବ୍ୟ ବନ୍ଧୋଦୟ ୪୧୬
ରସପଞ୍ଚକ ୪୧୭

| ବିଷୟ | ପୃଷ୍ଠାଙ୍କ |
|---|---|
| ପ୍ରେମଲୀଳାମୃତ-(୧୪ ଛାନ୍ଦ) | ୪୧୮ |
| ଗୁଣଭୂଷଣ-(୮ ଛାନ୍ଦ) | ୪୨୦ |
| ଶୈଳୀ ବର୍ଣ୍ଣନା | ୪୨୨ |
| ଗୀତାଭିଧାନ | ୪୨୩ |
| ରସଲେଖା-(୨୨ ଛାନ୍ଦ) | ୪୨୪ |
| ଶୁବଦନ-(୭ ଛାନ୍ଦ) | ୪୨୭ |
| ସୁବର୍ଣ୍ଣରେଖା-(୫ ଛାନ୍ଦ) | ୪୨୯ |
| ଯମକରାଜ ଚଉତିଶା | ୪୨୯ |
| ଚୌପଦୀ ଚନ୍ଦ୍ର | ୨୩୦ |
| ବଜାର ବୋଲି | ୨୩୩ |
| ଲାବଣ୍ୟବତୀ | ୪୩୪ |
| ଚନ୍ଦ୍ରରେଖା | ୪୩୫ |
| ଚଉପଦୀ ଭୂଷଣ | ୨୩୭ |
| ଚଉଦହରା | ୨୩୭ |
| ଶୋଭାବତୀ | ୪୩୭ |
| ଦଶପୋଇ | ୪୩୭ |
| ରସପୋଇ | ୪୪୩ |
| ସଙ୍ଗୀତ ଉପେନ୍ଦ୍ର ଭଞ୍ଜ | ୩୪୮ |
| ଏହି ୨୬ଖଣ୍ଡ ଭଞ୍ଜଙ୍କର ପ୍ରକାଶିତ ରଚନା | ୪୫୪ |
| ଭଞ୍ଜଙ୍କର ଅପ୍ରକାଶିତ କାବ୍ୟାଦି ପରିଚୟ | ୪୫୫ |
| ଘୋଷାପୋଇ | ୪୪୫ |
| ନାରଦ ପୁରାଣ | ୪୫୭ |
| ପଦ୍ମାବତୀ ପରିଚୟ | ୪ ୭ |
| ଚନ୍ଦ୍ରକଳା-(୨୬ ଛାନ୍ଦ) | ୫୪୮ |
| ତ୍ରୈଲୋକ୍ୟ ମୋହିନୀ | ୪୫୯ |
| କଳାବତୀ | ୪୫୨ |
| ଆଠଖଣ୍ଡି କାଳ୍ପନିକ କାବ୍ୟ | ୪୫୨ |
| ଛଟାପ୍ରା | ୨୫୨ |

| ବିଷୟ | ପୃଷ୍ଠାଙ୍କ |
|---|---|
| ପ୍ରହେଳିକା | ୪୪୩ |
| ଚିତ୍ରନିଷ୍ଠ | ୪୪୩ |
| ସଙ୍ଗୀତ କୌମୁଦୀ | ୪୪୫ |
| କାଳମାଧୀ | ୪୪୮ |
| ପୂର୍ଣ୍ଣପ୍ରଭ | ୪୪୮ |
| ନାନାର୍ଥ୍ୟି ଚିତ୍ରଶା | ୪୫୦ |
| କୁଞ୍ଜବିହାର | ୪୫୫ |
| ଚିତ୍ର ବିହାର | ୪୫୫ |
| ପ୍ରେମ ବିହାର | ୪୫୫ |
| କିନ୍ନର ଗୀତ | ୪୫୫ |
| ଚନ୍ଦ୍ର ମୁଖୀ | ୪୫୬ |
| ପ୍ରେମପଞ୍ଜିକା | ୪୫୭ |
| ସୁଲୋଚନା ନାୟିକା | ୪୫୭ |
| ପ୍ରଭାତ ଗୀତ | ୪୫୭ |
| ମନିଷ୍ଠି ବୋଲି | ୪୫୭ |
| ବିନୋଦ ତରଙ୍ଗିଣୀ | ୪୫୭ |
| କାନ୍ତି କଲ୍ପଲତା | ୪୫୭ |
| ବୋଧିକା (ଉଦ୍ୟାନ) | ୪୫୭ |
| ପଦ୍ମ ବିଳାସ | ୪୫୭ |
| ଚନ୍ଦ୍ରକାନ୍ତି ବିଳାସ | ୪୫୭ |
| ଭକ୍ତଙ୍କର ସ୍ତୁତି ରଚନା | ୪୫୮ |
| ଉତ୍କଳଗୁରୁଙ୍କୁ ଦୋହିର ପ୍ରସ୍ତୁତି ପ୍ରଣାମ | ୪୬୦ |
| ବିଦଗ୍ଧବୋଧ | ୪୬୦ |
| ଭକ୍ତଙ୍କ କାବ୍ୟରେ ବୃନ୍ଦ ପ୍ରଭେଦ ପରିଚୟ | ୪୬୧ |
| ବୈଦେହୀଶ ବିଳାସ | ୪୬୧ |
| ଲାବଣ୍ୟବତୀ | ୪୬୪ |
| ପ୍ରଥମ ଉଦାହରଣ | ୪୬୫ |
| ଦ୍ୱିତୀୟ ଉଦାହରଣ | ୪୬୬ |

| ବିଷୟ | ପୃଷ୍ଠାଙ୍କ |
|---|---|
| ତୃତୀୟ ଉଦାହରଣ | ୫୭୨ |
| ଏ ପଦର ଯଥାର୍ଥ ବ୍ୟାଖ୍ୟାନ | ୫୭୩ |
| ପ୍ରାଚୀ ପାଠ ଚୟନ କରିବାରେ ଅସଙ୍ଗତି | ୫୭୩ |
| ଚତୁର୍ଥ ଉଦାହରଣ | ୫୭୩ |
| ପ୍ରେମ ସୁଧାନିଧି | ୫୭୪ |
| ଚଉପଦୀ ଭୂଷଣ | ୫୭୫ |
| ଲାବଣ୍ୟବତୀ | ୫୭୫ |
| ରସପଞ୍ଚକ | ୫୭୭ |
| ଲିପିକରଙ୍କ ସୂଚକ ତାଲିକା | ୫୭୭ |
| ଚିତ୍ରକାବ୍ୟ ବନ୍ଧୋଦୟର ତାଲିକା | ୫୭୮ |
| [illegible]ଙ୍କ ତାଲିକା (ଖ୍ରୀ: ୧୮୭୬) | ୫୭୮ |
| ଶ୍ରୀ ମଦନମୋହନ ଚକ୍ରବର୍ତ୍ତୀଙ୍କ ତାଲିକା (ଖ୍ରୀ: ୧୮୨୭-୨୮) | ୫୭୮ |
| ଶ୍ରୀ ମଧୁସୂଦନ ଦାସଙ୍କ ତାଲିକା (ଖ୍ରୀ: ୧୯୦୩) | ୫୭୮ |
| ଶ୍ରୀ ଗୌରଚରଣ ରଥଙ୍କ ତାଲିକା (ଖ୍ରୀ: ୧୯୧୪) | ୫୮୦ |
| ଜଗବନ୍ଧୁ ସିଂହଙ୍କ ତାଲିକା (ଖ୍ରୀ: ୧୯୨୬-୨୭) | ୫୮୦ |
| ବିଜୟଚନ୍ଦ୍ର ମଜୁମଦାରଙ୍କ ତାଲିକା (ଖ୍ରୀ: ୧୯୩୦) | ୫୮୧ |
| ବିନାୟକ ମିଶ୍ରଙ୍କ ତାଲିକା (୧୯୨୮) | ୫୮୨ |
| ଡକ୍ଟର ମହତାବଙ୍କ ତାଲିକା | ୫୮୨ |
| ଚିନ୍ତାମଣି ମହାନ୍ତିଙ୍କ ତାଲିକା (୧୯୩୮) | ୫୮୩ |
| ଅନନ୍ତ ପଦ୍ମନାଭ ପଟ୍ଟନାୟକଙ୍କ ତାଲିକା (୧୯୪୨) | ୫୮୩ |
| ଶ୍ରୀ ଦାମୋଦର ଦାସଙ୍କ ତାଲିକା (୧୯୬୬) | ୫୮୪ |
| ଶ୍ରୀ ଗୌରକୁମାର ବ୍ରହ୍ମାଙ୍କ ତାଲିକା (୧୯୭୨) | ୫୮୬ |
| ରସିକାନୁଚିନ୍ତା | ୫୮୭ |
| (କୁଞ୍ଜ ଚରଣ ପଟ୍ଟନାୟକଙ୍କ ତାଲିକା—୬୦୯) | |
| (୧୬) **କବିତ୍ୱ ପରୀକ୍ଷା** | ୫୮୭ |
| (୧୭) **ଶ୍ରୀକ୍ଷେତ୍ରରେ ଅବସ୍ଥାନ** | ୫୯୫ |
| ପ୍ରଥମ ମଠ : ଘୁମୁସର ମଠ | ୫୯୫ |
| ଦ୍ୱିତୀୟ ମଠ : ଓଡ଼ିଆ ମଠ | ୫୯୫ |

| ବିଷୟ | ପୃଷ୍ଠାଙ୍କ |
|---|---|
| ନୂତନ ମତ | ୪୯୬ |
| (୧୮) ଭଞ୍ଜ ଥିଲେ ଦ୍ୱାଦଶାବଧାନୀ | ୪୯୭ |
| (୧୯) ଓଡ଼ଗାଁ ରଘୁନାଥ ମନ୍ଦିର ଓ ଭଞ୍ଜ | ୪୯୯ |
| (୨୦) ଭଞ୍ଜ ଓ ଦୀନକୃଷ୍ଣଙ୍କ ସାକ୍ଷାତ୍କାର | ୫୦୧ |
| (୨୧) ଭଞ୍ଜ ଓ ବଙ୍ଗଳାର କବି ଭାରତଚନ୍ଦ୍ର | ୫୦୫ |
| ଭଞ୍ଜଙ୍କ ଉପାଧି | ୫୦୮ |
| (୨୨) କବି ସମ୍ରାଟ ଉପାଧି : ନୂତନ ସଙ୍କେତ | ୫୦୯ |
| ସାରବର | ୫୧୦ |
| ମଙ୍ଗରାଜ | ୫୧୧ |
| (୨୩) ଭଞ୍ଜ ନୃପତି ଥିଲେ କି ? | ୫୧୫ |
| (୨୪) ଭଞ୍ଜ କେତେ ବର୍ଷ ଜୀବିତ ଥିଲେ ? | ୫୧୬ |
| (୨୫) କେଉଁଠାରେ ଭଞ୍ଜଙ୍କର ଦେହାନ୍ତ ହୋଇଥିଲା ? | ୫୧୭ |
| (୨୬) ଭଞ୍ଜଙ୍କର ନାଟ୍ୟ ସଙ୍ଗୀତ ଉଦ୍ଧେ ଗନା | ୫୧୮ |
| (୨୭) ଭଞ୍ଜେ ନଥିଲେ ଆଜିର ଜଗନ୍ନାଥ ମନ୍ଦିର ନଥାନ୍ତା କି ? | ୫୧୮ |
| ଶ୍ରୀଯୁକ୍ତ କେଦାରନାଥ ମହାପାତ୍ର ଲେଖିଛନ୍ତି | ୫୨୨ |
| ଡକ୍ଟର ହରେକୃଷ୍ଣ ମହତାବ ଲେଖିଛନ୍ତି | ୫୨୩ |
| ପଣ୍ଡିତ ସୂର୍ଯ୍ୟନାରାୟଣ ଦାଶ ଲେଖିଛନ୍ତି | ୫୨୪ |
| (୨୮) ଉପେନ୍ଦ୍ର ଭଞ୍ଜଙ୍କ ବସ୍ତ୍ରଭୂଷା ପମୁଖଲା | ୫୨୭ |
| (୨୯) ଭଞ୍ଜଙ୍କର ସଂସ୍କୃତ ରଚନା | ୫୨୯ |
| (୩୦) ଉପେନ୍ଦ୍ର ଭଞ୍ଜଙ୍କର ଚରିତ୍ର | ୫୩୨ |
| କାବ୍ୟରେ ଆତ୍ମଜୀବନୀ | ୫୩୬ |
| ଉପସଂହାର : ଭଞ୍ଜଙ୍କର ଅଲୌକିକ ଶକ୍ତି | ୫୪୮ |
| ଭଞ୍ଜ-ସାହିତ୍ୟର ଆଲୋଚନା ଓ ଆଲୋଚକ | ୫୫୦ |
| ଦୁଇ ପ୍ରକାର ସମାଲୋଚନା ! | ୫୫୧ |

| ବିଷୟ | ପୃଷ୍ଠା |
| --- | --- |
| [illegible] | ୪୪୦ |
| [illegible] | ୪୪୪ |
| [illegible] | ୪୪୬ |
| [illegible] | ୪୪୮ |
| [illegible] | ୪୪୮ |
| [illegible] | ୪୫୨ |
| [illegible] | ୪୫୪ |
| [illegible] | ୪୬୧ |
| [illegible] | ୪୬୩ |
| [illegible] | ୪୬୪ |
| [illegible] | ୪୬୬ |
| [illegible] | ୪୬୮ |
| [illegible] | ୪୬୨ |
| [illegible] | ୪୭୪ |
| [illegible] | ୪୭୬ |
| [illegible] | ୪୭୭ |
| [illegible] | ୪ ୮ |
| [illegible] | ୪୬୮ |
| [illegible] | ୪୭୯ |
| [illegible] | ୪ ୨ |
| [illegible] | ୪୮୦ |
| [illegible] | ୪୮୦ |
| [illegible] | ୪୮୨ |
| [illegible] | ୪୮ |
| [illegible] | ୪୮ |
| [illegible] | ୪୮ |

ଦେଶ ଅନ୍ତର୍ବର୍ତ୍ତୀ [illegible], [illegible]

[illegible]

| ବିଷୟ | ପୃଷ୍ଠାଙ୍କ |
|---|---|
| 'ଲାବଣ୍ୟବତୀ'ରେ ନୂଆ ବେଶ ଓ ନୂଆ ଅଳଙ୍କାର | ୪୮୬ |
| ଆଜିର ରଚନାରେ ଓଡ଼ିଶାର ୧୩ ଜିଲ୍ଲା ଓ ୧୩ଟି ନଦୀର ନାମ | ୪୮୭ |
| ଏ କ୍ଷେତ୍ରରେ ଭଞ୍ଜଙ୍କର ବେଣୀ ମାଧବ ପାଢ଼ୀଙ୍କ ବନ୍ଧୁ ଦୃଷ୍ଟି | |
| ନୂତନ ପୁସ୍ତକ—'ଭଞ୍ଜୀୟ କାବ୍ୟ ସାଧନା' | ୪୯୦ |
| ତଥ୍ୟ ପ୍ରକାଶ ଏବଂ ବ୍ୟକ୍ତିଗତ ଅଭିମତ | ୪୯୧ |
| ସୋଜା କଥାରେ କହିଲେ, ବ୍ୟକ୍ତିଗତ ମତ ଗ୍ରହଣୀୟ; କିନ୍ତୁ ତଥ୍ୟଗତ ଅସତ୍ୟ ଅକ୍ଷମଣୀୟ | ୪୯୧ |
| ଭଞ୍ଜଙ୍କର ପାଢ଼ୀଙ୍କ ପୁସ୍ତକର କେତୋଟି ତଥ୍ୟଗତ ଭ୍ରମ — | |
| ପ୍ରଥମ ଭ୍ରମ | ୪୯୩ |
| ଦ୍ୱିତୀୟ ଭ୍ରମ | ୪୯୪ |
| ତୃତୀୟ ଭ୍ରମ | ୪୯୪ |
| ଚତୁର୍ଥ ଭ୍ରମ | ୪୯୪ |
| ପଞ୍ଚମ ଭ୍ରମ | ୪୯୭ |
| ଷଷ୍ଠ ଭ୍ରମ | ୫୦୦ |
| ସପ୍ତମ ଭ୍ରମ | ୫୦୧ |
| ଅଷ୍ଟମ ଭ୍ରମ | ୫୦୨ |
| ଭଞ୍ଜଙ୍କର ଜୀବନୀ ମହାନ୍ତିଙ୍କ କଥା—ପାଢ଼ୀ ଓ ... | ୫୦୬ |

## ପରିଶିଷ୍ଟ

| | |
|---|---|
| (୧) ବିଜୟ ବାବୁଙ୍କ ପ୍ରତି ଭଞ୍ଜଙ୍କ ... | ୫୦୯ |
| (୨) ଭଞ୍ଜଙ୍କର ପ୍ରକାଶିତ ପୁସ୍ତକ ସଂଖ୍ୟା | ୫୧୧ |
| (୩) ଭଞ୍ଜ ମନ୍ଦିର | ୫୧୧ |
| (୪) ଭଞ୍ଜଙ୍କ ସଂସ୍କୃତ ରଚନା—ବନ୍ଦନା ବି... | ୫୧୩ |
| (୫) ଭଞ୍ଜଙ୍କ ଦୁର୍ଦ୍ଦଶା (ସମାଲୋଚନାର ପ୍ରତିବାଦ ଲେଖା | ୫୧୩ |

| ବିଷୟ | ପୃଷ୍ଠାଙ୍କ |
|---|---|
| (୬) କେତେକ ଉକ୍ତିର ସ୍ଥାନ ନିର୍ଦ୍ଦେଶ | ୬୧୮ |
| (୭) କେତୋଟି ସୂଚନା | ୬୨୮ |
| (୮) ଏ ଗ୍ରନ୍ଥସ୍ଥିତ କେତେକ ଲେଖକ ଓ ବ୍ୟକ୍ତିଙ୍କ ନାମ : ପୃଷ୍ଠା ନିର୍ଦ୍ଦେଶ ସହିତ | ୬୨୯ |
| (୯) କେତୋଟି ରଚନା ସମ୍ପର୍କରେ ସୂଚନା | ୬୩୫ |
| (୧୦) ଶୁଦ୍ଧିପତ୍ର | |

# ଶୁଦ୍ଧିପତ୍ର

| ପୃଷ୍ଠା | ଅଶୁଦ୍ଧ | ଶୁଦ୍ଧ |
|---|---|---|
| ୨ | ଚନସ୍ୟୁଂ | ମୂନସ୍ୟୁଃ |
| ୨୮ | ଅଶଂରୂପେ | ଅଂଶରୂପେ |
| ୧୨୪ | ପାଦଟୀକାରେ ଥିବା (୧) | ୧୨୪ ପୃଷ୍ଠାର ପାଦଟୀକାରେ ଥିବା (୧) ରହିବ |
| ୨୩୩ | ଆଧାରିତ | ଆଧାର |
| ୩୧୪ | ଲକ୍ଷରେ | ଲକ୍ଷ୍ୟରେ |
| ୩୨୨ | କୁହିଁକୁ ଦେଖି | କହିଁକୁ ଦେଖି |
| ୩୩୭ | ପଵିନ | ପଵିତ |
| ୩୪୭ | ଏସା ସ୍ତ୍ରପନ୍ଧ | ଏତୋ ପ୍ରସନ୍ନ |
| ୩୬୦ | ଖ୍ୟାତିସମ୍ପନ୍ନ ଅଧ୍ୟାପକ | ଖ୍ୟାତିସମ୍ପନ୍ନ ସାହିତ୍ୟିକ |
| ୩୭୦ | ଜପେନ୍ଦ୍ରଙ୍କର | ଅଧ୍ୟାପକ ଆର୍ତ୍ତବାବୁ ଜପେନ୍ଦ୍ରଙ୍କର |
| ୩୭୭ | ଅନନ୍ତ ପଟ୍ଟନାୟକ | ଅନନ୍ତ ପଦ୍ମନାଭ ପଟ୍ଟନାୟକ |
| ୩୭୭ | ” ” | ” ” |
| ୪୦୦ | ଧରସ | ସାରସ |
| ୪୦୪ | ଛଟବିଂଶ ଗ୍ରନ୍ଥ | ଚତୁର୍ବିଂଶ ଗ୍ରନ୍ଥ |
| ୪୧୨ | ଟିରଣ୍ଡ | ଟୀରଣ୍ଡ |
| ୪୩୧ | ଚୌଧୁରୀ | ଚୌଧୁରୀନ୍ଦ୍ର |
| ୪୪୪ | ଉତ୍କଳର ନଷ୍ଟବର ସାମନ୍ତବସ୍ତୁ | ଉତ୍କଳର ମନଭାବ |
| ୪୪୫ | ଏ ପର୍ଯ୍ୟନ୍ତ | ଏ ପର୍ଯ୍ୟନ୍ତ ପୁସ୍ତକ ଆକାରରେ |
| ୪୫୫ | ଖଳ ଏ | ଖାଳ ଏ |
| ୫୨୭ | ଟିକାଇଲେ | ଟିକାଲରେ |
| ୫୬୮ | (ଓଡ଼ିଆ ସଂସ୍କୃତି ଓ ସାହିତ୍ୟ) | ଓଡ଼ିଆ ସାହିତ୍ୟର କ୍ରମପରିଣାମ (୨ୟ ଖଣ୍ଡ) |

| | ଅଶୁଦ୍ଧ | ଶୁଦ୍ଧ |
|---|---|---|
| ୫୬୯ | ଯୌବନ ନାଂଘ୍ରି | ଯୌବନମାନାଂଘ୍ରି |
| ୫୭୬ | ଅଣା କରୁଯାଉଛି | ଲକ୍ଷ୍ୟ କରୁଯାଉଛି |
| ୫୮୦ | Farse | Farce |
| ୫୮୦ | ଧାମଙ୍କ (ପାଦଟୀକାରେ) | ଦାମ |
| ୫୯୦ | ଖ୍ରୀମା ଭୁଇଁଆଁ | ଖ୍ରୀମ ଭୁଇଁଆଁ |
| ୫୮୧ | ନିଜାଂ | ୭ |
| ୫୮୫ | ଏ ମଧ୍ୟରୁ | ଅପ୍ରକାଶିତ କାବ୍ୟମାନଙ୍କ ମଧ୍ୟରୁ |

୬୧୧—ଏହି ପୃଷ୍ଠାରେ ଥିବା ବିନ୍ଦୁ ପରିଶିଷ୍ଟର ଶେଷରେ ରହିବ—

ଭଞ୍ଜଙ୍କ 'ଯୋଗ ରୋଗ' ପୁସ୍ତକ ଆକାରରେ ଅଦ୍ୟାବଧି ପ୍ରକାଶ ପାଇ ନାହିଁ । ତେବେ, 'ଉତ୍କଳ' ପତ୍ରିକାରେ ପ୍ରକାଶ ପାଇଥିବା ଅଂଶମାନଙ୍କରୁ ଏ କାବ୍ୟର ସ୍ୱରୂପ ଅବଧାରଣ କରିବାକୁ ଆଗ୍ରହୀ ପାଠକମାନେ ଚେଷ୍ଟାଶୀଳ ହୋଇ ପାରନ୍ତି । ୨୯୪ ପୃଷ୍ଠାର ଦ୍ୱିତୀୟ ଅନୁଚ୍ଛେଦ ଅଧ୍ୟୟନ ବେଳେ ଏହା ସ୍ମରଣୀୟ ।

# ଭଞ୍ଜ-ଭୂମିକା

## ପ୍ରକାଶକଙ୍କୁ ସାଧୁବାଦ—

'ଧର୍ମଗ୍ରନ୍ଥ ଷ୍ଟୋର' (କଟକ)ର ସ୍ୱତ୍ୱାଧିକାରୀ ତଥା ଓଡ଼ିଶାର ସୁପରିଚିତ ପୁସ୍ତକ ପ୍ରକାଶକ 'ଭଞ୍ଜ ଗ୍ରନ୍ଥାବଳୀ' ପ୍ରକାଶ କରି ଏ ଦେଶର ଅଗଣିତ ପାଠକ-ପାଠିକାଙ୍କର ଧନ୍ୟବାଦାର୍ହ ହୋଇଅଛନ୍ତି । ଅଦ୍ୟାବଧି ଭଞ୍ଜଙ୍କର ଯେଉଁ କେତେ ଖଣ୍ଡ ଗ୍ରନ୍ଥ ପ୍ରକାଶିତ ହୋଇଅଛି, ଶ୍ରୀଧର ବାବୁ ଯତ୍ନପୂର୍ବକ ସେସବୁ ସଂଗ୍ରହ କରି ଏହି ଗ୍ରନ୍ଥାବଳୀରେ ସନ୍ନିବେଶିତ କରିଅଛନ୍ତି । ନିଜର ପରିକଳ୍ପନା ଅନୁଯାୟୀ ସେ ଗ୍ରନ୍ଥାବଳୀର ମୁଦ୍ରଣକାର୍ଯ୍ୟ ଶେଷ କଲା ପରେ, ମୁଖବନ୍ଧଟିଏ ଲେଖିଦେବା ଲାଗି ମତେ ଅନୁରୋଧ କରିଥିବାରୁ ମୁଁ ତାଙ୍କଠାରେ କୃତଜ୍ଞ । ଗ୍ରନ୍ଥାବଳୀର ଏହି ଭୂମିକା ଭଞ୍ଜ-ସାହିତ୍ୟର ଅବବୋଧ କରାଇବା ନିମନ୍ତେ ହିଁ ମୁଖ୍ୟତଃ ଅଭିପ୍ରେତ । ଏଥିରେ ପ୍ରଦତ୍ତ ସୂତ୍ରମାନ ଧରି ଭଞ୍ଜଙ୍କର କବି ଗୌରବର ବ୍ୟାଖ୍ୟାନ ଓ ପ୍ରଖ୍ୟାପନ ସହଜରେ ସମ୍ପାଦିତ କରାଯାଇ ପାରିବ ବୋଲି ଲେଖକର ଦୃଢ଼ ବିଶ୍ୱାସ ।

## ଅତି 'ଭଞ୍ଜ' ଏକ ଉପନାମ ନୁହେଁ, ମୁଖ୍ୟ ନାମ—

ମତକାର କହିଅଛନ୍ତି :—

"ଗୁଣିଗଣ ଗଣନାରମ୍ଭେ
ନ ପତତି କଠିନୀ ସୁସମ୍ଭ୍ରମାଦ୍ ଯସ୍ୟ
ତେନାମ୍ବା ଯଦି ସୁତିନୀ
ବଦ ବନ୍ଧ୍ୟା କୀଦୃଶୀ ନାମ ।"

ଅର୍ଥାତ୍ ଗୁଣୀ-ଲୋକମାନଙ୍କର ନାମ ଉଲ୍ଲେଖ ପ୍ରସଙ୍ଗରେ ଯେଉଁ ସୁନାମଧନ୍ୟ ବ୍ୟକ୍ତିର ନାମ ପ୍ରଥମେ ଉଚ୍ଚାରିତ ହୁଏ, ସେହି ଲୋକ ହିଁ ଯଥାର୍ଥରେ ସୁଯୋଗ୍ୟ ସନ୍ତାନ । ଭାରତର ମହାକବିମାନଙ୍କର ଗଣନାବେଳେ ବାଲ୍ମୀକି କିମ୍ବା କାଳିଦାସ ଯେପରି ବଳେ ବଳେ ଉଲ୍ଲିଖିତ ହୋଇଥାଆନ୍ତି, ଓଡ଼ିଆ ସାହିତ୍ୟର ବଶିଷ୍ଟ କବିମାନଙ୍କର ଗଣନା ପ୍ରସଙ୍ଗରେ ସେହିପରି 'ଭଞ୍ଜ'ଙ୍କ ନାମ ସର୍ବପ୍ରଥମେ ଉଲ୍ଲିଖିତ ହୋଇଥାଏ । ହିନ୍ଦୀ ସାହିତ୍ୟରେ ଭକ୍ତକବି ପ୍ରବର ତୁଳସୀ ଦାସ ଯେପରି ଅଗଣିତ ପାଠକଙ୍କର ପ୍ରୀତି, ଶ୍ରଦ୍ଧା ଓ ସମ୍ମାନର ପାତ୍ର, ଓଡ଼ିଶାର ଅଗଣିତ ପାଠକଙ୍କ ପକ୍ଷରେ 'ଉପେନ୍ଦ୍ର ଭଞ୍ଜ' ମଧ୍ୟ ଠିକ୍ ସେହିପରି । ଉତ୍କଳ-ସାହିତ୍ୟ-ଗଗନରେ ବହୁ ପ୍ରତିଭାସମ୍ପନ୍ନ ଜ୍ୟୋତିଷ୍କ ଆବିର୍ଭୂତ ହୋଇଅଛନ୍ତି । ତଥାପି ପ୍ରାୟ ତିନି ଶତାବ୍ଦୀ ବ୍ୟାପୀ ଉତ୍କଳ-ସାହିତ୍ୟ-ମୁକୁରରେ ଉପେନ୍ଦ୍ର ଭଞ୍ଜଙ୍କର ବିମଳ କୃତିତ୍ୱ-ବିମ୍ବ ଯେପରି ଅମ୍ଳାନ ଭାବରେ ପ୍ରତିଫଳିତ ହୋଇ ରହିଅଛି, ତାହାର ପଟାନ୍ତର ନାହିଁ କହିଲେ ଅତ୍ୟୁକ୍ତି ହେବ ନାହିଁ । ଓଡ଼ିଶାରେ କେତେ 'ଭଞ୍ଜ' ନ ଥିଲେ, ପୁଣି କେତେ 'ଭଞ୍ଜ' ଏବେ ବର୍ତ୍ତମାନ ନାହାନ୍ତି; କିନ୍ତୁ 'ଭଞ୍ଜ' ବୋଲନ୍ତେ ଓଡ଼ିଶାର ଅଗଣିତ ପାଠକ ପାଠିକା ଉପେନ୍ଦ୍ର ଭଞ୍ଜଙ୍କ ପ୍ରତି ହିଁ ନିଜ ନିଜର ପ୍ରୀତି ସିକ୍ତ ଦୃଷ୍ଟି ପ୍ରସାରିତ କରିଥାନ୍ତି । ଏକ ନାମରେ ପରିଚିତ ବହୁ ବ୍ୟକ୍ତି ତଥା ବହୁବସ୍ତୁ ଉଲ୍ଲିଖିତ ହୋଇଥାଆନ୍ତି, ତଥାପି ଅସାଧାରଣ ପ୍ରସିଦ୍ଧି ହେତୁରୁ ଜଣେ ନିର୍ଦ୍ଦିଷ୍ଟ ବ୍ୟକ୍ତି ତଥା ଗୋଟିଏ ନିର୍ଦ୍ଦିଷ୍ଟ ବସ୍ତୁ ଅର୍ଥରେ ହିଁ ଗୋଟିଏ ଗୋଟିଏ ଶବ୍ଦ ମୁଖ୍ୟତଃ ବ୍ୟବହୃତ ହୋଇଥାଏ; ଏହା ଏକ ଚିରନ୍ତନ ସତ୍ୟ । ଭାରତର ମହାକବି କାଳିଦାସ ମଧ୍ୟ ପାର୍ଷ ପ୍ରାୟ ଦେଢ଼ ହଜାର ବର୍ଷ ତଳେ ଏହି ସାଙ୍କେତିକ ସତ୍ୟ ଉପଲବ୍ଧି କରି କୁମାରସମ୍ଭବରେ ରମଣୀୟ ଭଙ୍ଗୀରେ କହିଅଛନ୍ତି :—

"ହରିର୍ଯଥୈକଃ ପୁରୁଷୋତ୍ତମଃ ସ୍ମୃତଃ
ମହେଶ୍ୱରସ୍ତ୍ର୍ୟମ୍ବକ ଏବ ନାପରଃ
ତଥା ବିଦୁର୍ମାଂ ମୁନୟଃ ଶତକ୍ରତୁଂ
ଦ୍ୱିତୀୟଗାମୀ ନହି ଶବ୍ଦ ଏଷ ନଃ ।"

ଅର୍ଥାତ୍, 'ହରି' ଶବ୍ଦର ଅନେକ ଅର୍ଥ ଅଛି । କିନ୍ତୁ, 'ହରି' ଏହି ଉଚ୍ଚାରଣ କଲାମାତ୍ରେ, ଲୋକେ କେବଳ ଭଗବାନ ପୁରୁଷୋତ୍ତମ-ବିଷ୍ଣୁଙ୍କୁ ହିଁ ଗ୍ରହଣ କରିଥାଆନ୍ତି, ଯଦିଓ ଏହି ଶବ୍ଦର ଅନ୍ୟ ଅନେକ ଅର୍ଥ ଅଛି । ମୁକ୍ତିକାମୀ ଜନତାକୁ ଉପଦେଶ ଦେଇ ଧର୍ମଗୁରୁ ଯେତେବେଳେ କହନ୍ତି—

"ହରେର୍ନାମ ହରେର୍ନାମ
ହରେ ର୍ନାମୈବ କେବଳମ୍
କଳୌ ନାସ୍ତ୍ୟେବ ନାସ୍ତ୍ୟେବ
ନାସ୍ତ୍ୟେବ ଗତିରନ୍ୟଥା ।"

ସେତେବେଳେ, ସେ ମୁଖ୍ୟତଃ ବିଷ୍ଣୁ ବା ନାରାୟଣଙ୍କର ଅର୍ଥରେ ହିଁ 'ହରି' ଶବ୍ଦର ପ୍ରୟୋଗ କରିଥାଆନ୍ତି । ସେହିପରି, 'ମହେଶ୍ୱର' ଶବ୍ଦ ମହାନ୍ ଐଶ୍ୱର୍ଯ୍ୟ-ଶାଳୀ ଯେ କୌଣସି ଦେବତା କିମ୍ବା ପୁରୁଷଙ୍କୁ ବୁଝାଇପାରେ; କିନ୍ତୁ ଲୋକ ବ୍ୟବହାରରେ ଏହି 'ମହେଶ୍ୱର' ଶବ୍ଦ ଶିବ-ମହାଦେବଙ୍କୁ ହିଁ ବୁଝାଇଥାଏ । 'ଶତକ୍ରତୁ' ଶବ୍ଦର ଅର୍ଥ 'ଶହେ ଗୋଟି ଯଜ୍ଞର ଅନୁଷ୍ଠାନକାରୀ । ଯେ କେହି ବ୍ୟକ୍ତି ଏକଶତ ଯଜ୍ଞ ଅନୁଷ୍ଠାନ କରିବା ପରେ 'ଶତକ୍ରତୁ' ନାମରେ ଅଭିହିତ ହେବାଲାଗି ଯୋଗ୍ୟତା ଲାଭ କରିଥାଏ । କିନ୍ତୁ ମୁଖ୍ୟତଃ 'ଦେବରାଜ ଇନ୍ଦ୍ର'ଙ୍କ ଅର୍ଥରେ ହିଁ ଏହି ଶବ୍ଦର ପ୍ରୟୋଗ କରାଯାଇଥାଏ । ଅର୍ଥାତ୍ 'ଶତକ୍ରତୁ' ଶବ୍ଦ ଉଚ୍ଚାରିତ ହେବାମାତ୍ରେ, ତାହା ଇନ୍ଦ୍ରଙ୍କୁ ବୁଝାଉଛି ବୋଲି ଧରି ନିଆଯାଏ । ଭଞ୍ଜବଂଶର ରାଜାମାନେ ମୟୂରଭଞ୍ଜ, କେନ୍ଦୁଝର, ବୌଦ, ଘୁମୁସର ପ୍ରଭୃତି ରାଜ୍ୟରେ ଶତ ଶତ ବର୍ଷ ଧରି ଶାସନ କରୁଥିଲେ । ଭଞ୍ଜ ଉପାଧିଧାରୀ ଅନେକ ନରପତି ସାହିତ୍ୟ, ସଙ୍ଗୀତ ଓ ସମାଜସେବା ତଥା ସୁଶାସନ କ୍ଷେତ୍ରରେ ଉଲ୍ଲେଖଯୋଗ୍ୟ କୃତିତ୍ୱ ପ୍ରଦର୍ଶନ କରି ଯାଇଛନ୍ତି, ଯେପରି କି ଧନଞ୍ଜୟ ଭଞ୍ଜ, ଶ୍ରୀରାମଚନ୍ଦ୍ର ଭଞ୍ଜ ଇତ୍ୟାଦି । କିନ୍ତୁ ଭଞ୍ଜ-ସାହିତ୍ୟ, ଭଞ୍ଜ-ଯୁଗ, ଭଞ୍ଜ-ଗ୍ରନ୍ଥାବଳୀ, ଭଞ୍ଜ-ଜୟନ୍ତୀ, ଭଞ୍ଜୀୟ-କବିତା ପ୍ରଭୃତି ସ୍ଥଳରେ କେବଳ ଉପେନ୍ଦ୍ର ଭଞ୍ଜ ହିଁ ବୁଝାଯାଇ ଥାଆନ୍ତି । ଆଜି ଏତେଦିନ ପରେ ଭଞ୍ଜଙ୍କର ଉପଲବ୍ଧ ରଚନା ସମୂହ 'ଗ୍ରନ୍ଥାବଳୀ' ଆକାରରେ ପ୍ରକାଶ ପାଇଥିବାରୁ ଓଡ଼ିଆ ଜାତିର ମାନମର୍ଯ୍ୟାଦା ସହିତ ଓଡ଼ିଆ ଜାତିର ମାନମର୍ଯ୍ୟାଦାକୁ ସଂଶ୍ଳିଷ୍ଟ କରି ଯେଉଁମାନେ ଜାତୀୟ ଦୃଢ଼ତା ଓ ଗୌରବ-ପ୍ରତିଷ୍ଠା କଥା ଚିନ୍ତା କରିଥାନ୍ତି, ସେମାନଙ୍କ ମନରେ ଆନନ୍ଦ-ମନ୍ଦାକିନୀ ପ୍ରବାହିତ ହେବା ସ୍ୱାଭାବିକ । କାରଣ, **'Better'** ଅପେକ୍ଷା **'Good'** କାର୍ଯ୍ୟତଃ ବରଣୀୟ, ଯଦିଓ 'ବ୍ୟାକରଣ' ଦୃଷ୍ଟିରୁ ନୁହେଁ ।

## ଭଞ୍ଜ ରାଜବଂଶ :—

ଉପେନ୍ଦ୍ର ଭଞ୍ଜଙ୍କର କାବ୍ୟ କବିତାର ଆବଗତି ଓ ମୂଲ୍ୟାୟନ ଲାଗି ତାଙ୍କର ପରିଚୟ ଲାଭ ଏକାନ୍ତ ଆବଶ୍ୟକ । ଏହା ସର୍ବସାଧାରଣଙ୍କର ସୁପରିଚିତ ଯେ,

ଉପେନ୍ଦ୍ର ଭଞ୍ଜ ଘୁମୁସର ରାଜବଂଶରେ ଜନ୍ମଗ୍ରହଣ କରିଥିଲେ । ଘୁମୁସର ରାଜ୍ୟ ପ୍ରାୟ ସପ୍ତାଦଶତ ବର୍ଷ ପୂର୍ବରୁ ସ୍ୱାଧୀନତା ହରାଇଲାଣି । ଏହା ଗଞ୍ଜାମ ଜିଲ୍ଲାର ଉତ୍ତର-ପୂର୍ବ ଅଞ୍ଚଳ କହିଲେ ଚଳେ । ସେ କାଳର ଦୃଷ୍ଟିଭଙ୍ଗୀରେ ଦେଖିଲେ ଏହା ଏକ ବିଶାଳ ରାଜ୍ୟ ଥିଲା । ଏହି ଘୁମୁସର ରାଜ୍ୟର ପୂର୍ବରେ ପୁରୀ ଜିଲ୍ଲାର ନୂଆଗଡ଼, ରଣପୁର ଓ ବାଣପୁର ପ୍ରଭୃତି ଅବସ୍ଥିତ । ପୁଣି ଏହାର ଉତ୍ତର-ପୂର୍ବରେ ଦଶପଲ୍ଲା ଓ ବୌଦ ପ୍ରଭୃତି ଅବସ୍ଥିତ । ତତ୍ତ୍ୱବିଦମାନେ କହନ୍ତି, ଭଞ୍ଜ-ବଂଶୀୟ ରାଜାମାନେ ପ୍ରଥମେ ମୟୂରଭଞ୍ଜ ଅଞ୍ଚଳରେ ଶାସନ କରୁଥିଲେ । ସେମାନେ ସୂର୍ଯ୍ୟବଂଶୀୟ ରାଜା ଥିବାର ପରମ୍ପରା ରହିଅଛି । କାଳକ୍ରମେ ସେମାନେ କେନ୍ଦୁଝର, ଦଶପଲ୍ଲା, ବୌଦ ଏବଂ ଘୁମୁସରରେ ଶାସନ କରିଥିଲେ । ଭଞ୍ଜ ବଂଶାନୁଚରିତରେ ଅଛି—

"ତ୍ରେତୟା ଯୁଗ ଶେଷେ ବଶିଷ୍ଠ ମହାଋଷି
ତପ କରୁଥିଲେ ପୁଷ୍କରମାର୍ଗେ ବସି ।

× × ×

ତତକ୍ଷଣେ ସେହି ତଟେ ଦୁଇଗୋଟି ଡିମ୍ବ
ଜାତକରି (ମୟୂର) ଚଳିଲା ନ କଲା ବିଳମ୍ବ ।

× × ×

ଏମନ୍ତ ବିସ୍ମୟେ ଦୁଇ ଡିମ୍ବ ଘେନିଲେ
ଆପଣା ଆଶ୍ରମରେ ନେଇ ସେ ରଖିଲେ ।

× × ×

ଚଣ୍ଡ ପରଚଣ୍ଡ ଭାନୁ କିରଣରେ
ଦ୍ୱିଖଣ୍ଡ ହେଲା ଏକ ଅଣ୍ଡା ଦୁଇଗରେ
ଜନ୍ମିଲା ତହୁଁ ଏକ ବାଳକ ସୁନ୍ଦର
ରୂପସମ ତାକୁ ନାହିଁ ପଞ୍ଚଶର
'କରଣ୍ଡୁ' ଜାତ ଯେ ହେବାରୁ ଘେନିକରି
'ଭଞ୍ଜ' ବୋଲି ବଂଶ ନାମକୁ ଉଚ୍ଚାରି
ମଦନ ବୋଲି ନିଜ ନାମ ତାକୁ ଦେଲେ
ମନେ, ମହର୍ଷି ହରଷ ହୋଇଲେ ।

ଆଉ ଏକ ଡିମ୍ବଗୋଟି ନ ଫିଟିବାରୁ ଫାଟି
ଆରହନ ଋଷି ଯଷ୍ଟିରେ ଦେଲେ ପିଟି
ଜାତ ହେଲା କୁମର ଏକ ଅବା ଅମର
ଦେଖି ଋଷି ନାମ ବାନ୍ଧିଲେ ତାଙ୍କର
'ଭଞ୍ଜନ' କରିବାରୁ ଜନମିଲା ସେନ
'ଭଞ୍ଜ'ବଂଶ ନାମ କଲେ ମହାମୁନି
'ମୋଦକୁ' ଦେବାରୁ 'ମୋଦକ' ବୋଲି ତାର
ନିଜ ନାମଗୋଟି ଦେଲେ ଋଷିବର ।

× × ×

'ସୂର୍ଯ୍ୟ କିରଣ'ରେ ପାକହେବା ସେନ
'ସୂର୍ଯ୍ୟବଂଶୀ' ତୁମ୍ଭେ ବୋଲାଇବ ପୁଣି
ମୟୂର ଅଣ୍ଡାରୁ ବାହାର ହେବାରୁ
ଖ୍ୟାତ ହେବ ମୟୂରବଂଶ ବୋଲିବାରୁ ।

× × ×

ଉଦୟପୁର ଦେଶେ ନିଜ ବାହୁବଳେ କରି
ମହାନ ରଣେ ହେଲେ ତହୁଁ ଦଣ୍ଡଧାରୀ
ସାନଭାଇ ମୋଦକ ଭଞ୍ଜେ ତହୁଁ ଚଳି
ସୁବର୍ଣ୍ଣରେଖା ନଦୀତଟେ ଯାଇ ମିଳି
ଭଞ୍ଜଭୂମି ନାମରେ ହୋଇଲା ସେ ଖ୍ୟାତ
ହରିହର ପୁର ତା ନାମ ବିଦିତ ।

## ଆଜିର ମୟୂରଭଞ୍ଜରେ ଭଞ୍ଜବଂଶର ପ୍ରଥମ ପ୍ରତିଷ୍ଠା :—

ସାରକଥା—ଓଡ଼ିଶାର ଉତ୍ତରାଞ୍ଚଳସ୍ଥିତ ମୟୂରଭଞ୍ଜରେ ସର୍ବପ୍ରଥମେ ଭଞ୍ଜ ରାଜାମାନେ ରାଜତ୍ୱ କରୁଥିଲେ । ପରେ କେନ୍ଦୁଝର, ବଉଦ ପ୍ରଭୃତି ରାଜ୍ୟରେ ତାଙ୍କର ବଂଶଧରମାନେ ଶାସନ କଲେ । ନାନା ରାଜବଂଶର ଗୌରବ ବୃଦ୍ଧି କରିବା ଲାଗି ରାଜପ୍ରଶସ୍ତିମୂଳକ ବହୁ ଗ୍ରନ୍ଥ ଓ କାବ୍ୟ କବିତା ଭାରତର

ବିଭିନ୍ନ ଅଞ୍ଚଳରେ ଓ ବିଭିନ୍ନ ଭାଷାରେ ରଚିତ ହୋଇଅଛି । ଉପରେ 'ଭଞ୍ଜ-ବଂଶାନୁଚରିତ' ନାମକ ପୁସ୍ତକରୁ ଯେଉଁ ଅଂଶ ଉଦ୍ଧାର କରାଯାଇଛି, ତହିଁରୁ ରାଜାଙ୍କର ସନ୍ତୋଷ ବିଧାନ କରିବାର ପ୍ରୟାସ ସ୍ପଷ୍ଟ ପ୍ରକାଶ ପାଏ । ଏହାର ଅର୍ଥ ନୁହେ ଯେ, ଏହି ପ୍ରୟାସ 'ଭଞ୍ଜ ବଂଶାନୁଚରିତ' ପୁସ୍ତକର ଲେଖକଙ୍କଠାରୁ ଆରମ୍ଭ ହୋଇଥିଲା । ହୁଏତ ବହୁଶତ ବର୍ଷ ପୂର୍ବରୁ କୌଣସି ଏକ ଭଞ୍ଜବଂଶୀୟ ରାଜାଙ୍କୁ ସନ୍ତୁଷ୍ଟ କରିବାପାଇଁ ରାଜାନୁଗ୍ରହକାମୀ ପଣ୍ଡିତଙ୍କଦ୍ୱାରା ସ୍ତାବକତା ପରିପୂର୍ଣ୍ଣ ଏହିଭଳି ଗଳ୍ପ ଉଦ୍ଭାବିତ ହୋଇଥିଲା । ପରେ, ତାହାକୁ ଏକ ସତ୍ୟ ଘଟଣାରୂପେ ଚିହ୍ନିତ କରାଯାଇ ତାକୁ ଅଧିକରୁ ଅଧିକ ଗମ୍ଭୀର ସ୍ୱରରେ ପ୍ରଚାର କରାଯାଇଥିଲା । ଭାରତରେ ସୂର୍ଯ୍ୟବଂଶ ଓ ଚନ୍ଦ୍ରବଂଶ ଅସାଧାରଣ ଗୌରବଲାଭ କରିଥିଲା । ହୁଏତ, ମଦନରଣା ନାମକ ଜଣେ ଯୋଦ୍ଧା ନିଜ ବାହୁବଳରେ ଏକ ରାଜ୍ୟ ସ୍ଥାପନ କରିବାକୁ ସମର୍ଥ ହୋଇଥିଲେ । ପରବର୍ତ୍ତୀ କାଳରେ ପ୍ରଖ୍ୟାତ ସୂର୍ଯ୍ୟବଂଶ ସଙ୍ଗେ ତାଙ୍କୁ ସଂଯୁକ୍ତ କରି ତାଙ୍କର ଗୌରବ ବଢ଼ାଇବାକୁ ସ୍ତାବକ ପଣ୍ଡିତମାନେ ଚେଷ୍ଟା କରିଥିଲେ; କିନ୍ତୁ ତହିଁର କିଛି ଯୁକ୍ତିଯୁକ୍ତ ପ୍ରମାଣ ସେମାନେ ପାଇ ପାରିଲେ ନାହିଁ । ବୋଧହୁଏ ସେଥିପାଇଁ ସେମାନେ କହୁଥିଲେ—"ହେ ରାଜା ! ତୁମେ ଯେଉଁ ମୟୂର ଡିମ୍ବରୁ ଜନ୍ମଲାଭ କଲ, ତାହା ସୂର୍ଯ୍ୟକିରଣରେ ଉତ୍ତପ୍ତ ହୋଇ ଫାଟି ଯାଇଥିଲା ! ତେଣୁ ତୁମେ ସୂର୍ଯ୍ୟବଂଶୀୟ ରାଜାରୂପେ ହିଁ ସମ୍ମାନିତ ହେବା ଉଚିତ ।"

## 'ଭଞ୍ଜ' ଶବ୍ଦର ବ୍ୟାଖ୍ୟାନ :—

ଦ୍ୱିତୀୟରେ, 'ଭଞ୍ଜ' ଶବ୍ଦଟିର ଅର୍ଥ ମଧ୍ୟ ବିଚାର କରାଯାଉ । ଏହି ଶବ୍ଦଟିର ଅର୍ଥ ଭଞ୍ଜନ ବା ଭାଙ୍ଗିବା । ବଶିଷ୍ଠ ମହର୍ଷି ବାଡ଼ିରେ ପିଟି ପିଟି ଦ୍ୱିତୀୟ ମୟୂର ଡିମ୍ବଟିକୁ ଭଞ୍ଜନ କରିବାରୁ ବା ଭାଙ୍ଗିବାରୁ ପୁଅଟିଏ ଜନ୍ମ ହୋଇଥିଲା । ତେଣୁ, ରାଜବଂଶର ନାମ ହେଲା 'ଭଞ୍ଜବଂଶ' । ଏହା ମଧ୍ୟ ରାଜବଂଶର ଗୌରବ ବଢ଼ାଇବା ଲାଗି ଏକ କଷ୍ଟକଳ୍ପନା । ସେଥିପାଇଁ, 'ସଙ୍ଗୀତ ମୁକ୍ତାବଳୀ' ନାମକ ସଂସ୍କୃତ ଗ୍ରନ୍ଥରେ ଲେଖାଅଛି—

"ଭଞ୍ଜନାତ୍ ଶତ୍ରୁସୈନ୍ୟାନାଂ
କିମ୍ବା ଡିମ୍ବସ୍ୟ ଭଞ୍ଜନାତ୍
ତେ ଭଞ୍ଜାଇତି ବିଖ୍ୟାତା
କ୍ଷତ୍ରିୟାଃ ସୂର୍ଯ୍ୟବଂଶଜାଃ ।"

ଏଥିରେ କୁହାଯାଇଛି, ଏହି ରାଜବଂଶକୁ ଭଞ୍ଜବଂଶ କହିବାର ଦୁଇଟି କାରଣ ଥାଇପାରେ । ଯଥା :—

(କ) ସେମାନେ ଭଙ୍ଗାଯାଇଥିବା ଡିମ୍ବରୁ ଜାତ ହୋଇଥିଲେ,

(ଖ) କମ୍ବା ଶତ୍ରୁ ସୈନ୍ୟମାନଙ୍କର ଗର୍ବ ଭଞ୍ଜନ କରିଥିଲେ ।

ଯେତେଦୂର ମନେହୁଏ, ଏହି ଦ୍ୱିତୀୟ ବ୍ୟାଖ୍ୟାନଟି ଅଧିକ ଯୁକ୍ତିସଙ୍ଗତ । ମହାପଣ୍ଡିତ କବିବର ରାଧାନାଥ ରାୟ ତାଙ୍କର "ଉଷା" କାବ୍ୟରେ ପ୍ରସଙ୍ଗକ୍ରମେ ଏ ସମ୍ପର୍କରେ କହିଅଛନ୍ତି—

"ବାହନ ଶିଖରୁ ପଡ଼ିଲା ସେ କାଳେ ବର୍ହ ରୁଚିର
ମହାଦରେ ତୋଳି ନେଲା ସେ କଳାପ ଜୟନ୍ତ ବୀର ।
ଭେଟିଲା ଭୂପତି ଛାମୁରେ ତା ନେଇ ଭୂପ ସନ୍ତତି
ମୁକୁଟରେ ଭୂଷା କଲେ ସେ ବର୍ହକୁ ବାହନପତି ।
ଘେନଲେ "ମୟୂରଧ୍ୱଜ" ପଦ ସେହିଦନୁ ରାଜନ
ସେହିଦନୁ ରାଜ୍ୟେ ମୟୂର ନଧନ ହେଲା ବାରଣ ।"

ଏହି ସ୍ଥଳରେ ରାଧାନାଥ ନଜେ ପାଦଟୀକାରେ ଲେଖିଛନ୍ତି—"ମୟୂରଧ୍ୱଜ ବଂଶୀୟ ରାଜାମାନେ ମୟୂରଭଞ୍ଜର ପୂର୍ବତନ ରାଜା ଥିଲେ । ସେହି ରାଜବଂଶର ଗର୍ବ ଗଞ୍ଜନ କରି ସିଂହାସନ ଅଧିକାର କରିଥିବାରୁ ବର୍ତ୍ତମାନ ରାଜବଂଶର ନାମ 'ମୟୂରଭଞ୍ଜ' ହୋଇଅଛି । ମୟୂରଭଞ୍ଜର ଇତିହାସରେ ଏହି କଥାର ଉଲ୍ଲେଖ ଅଛି ।"

( ରାଧାନାଥ ଗ୍ରନ୍ଥାବଳୀ ୧୯୭୮ ସଂ; ପୃଷ୍ଠା-୯୫ )

'ସଙ୍ଗୀତ ମୁକ୍ତାବଳୀ' ଲେଖକ "ଭଞ୍ଜନାତ୍ ଶତ୍ରୁ ସୈନ୍ୟାନାମ୍" ଲେଖି ଏହି ଅସଲ କଥାଟି ପ୍ରକାଶ କରିଛନ୍ତି । ପୁଣି, ରାଜବଂଶର ଅଲୌକିକ ଗୌରବ ପରମ୍ପରା ଦେଖାଇବା ନମନ୍ତେ ଡିମ୍ବର ଭଞ୍ଜନରୁ ବଂଶ ପ୍ରତିଷ୍ଠାର ଉତ୍ପତ୍ତି କଥା ଉଲ୍ଲେଖ କରି, ବିଷୟବୋଧ କ୍ଷେତ୍ରରେ ନଜର କୂପମଣ୍ଡୂକତା ଦୋଷ ପରିହାର କରିଅଛନ୍ତି ।

ଏହା ବ୍ୟତୀତ, "ସୂର୍ଯ୍ୟବଂଶଟୀକା" ଲେଖିଲାବେଳେ ସେହି ପରମ୍ପରାରେ କିମ୍ବଦନ୍ତୀର ସୂଚନା ମାତ୍ର ଦେଇଅଛନ୍ତି ।

ତୃତୀୟ କଥା, ଭଞ୍ଜବଂଶର ପ୍ରଥମ ରାଜା ମଦନଙ୍କୁ ଅନ୍ୱର୍ଥନାମା ବା ସାର୍ଥକନାମା କରିବାର ପ୍ରୟାସ ମଧ୍ୟ ସ୍ପଷ୍ଟ ପ୍ରକାଶ ପାଏ । ପ୍ରଥମ ଡିମ୍ବଟିରୁ ଜନ୍ମିଥିବା ସନ୍ତାନ 'ମଦନ' ନାମରେ ପରିଚିତ । 'ମଦନ' ଶବ୍ଦର ଅର୍ଥ କନ୍ଦର୍ପ, କାମଦେବ,—ଯେ ସର୍ବାଧିକ ସୁନ୍ଦର ବୋଲି ଭାରତୀୟ କବିସମାଜରେ ସୁପରିଚିତ । ତେଣୁ କବି କହିଅଛନ୍ତି—'ପିଲାଟି ମଦନ ପରି ସୁନ୍ଦର ହେବାରୁ ତାହାର ନାମ ଦିଆଗଲା 'ମଦନ' ।

ଚତୁର୍ଥରେ, ମଦନଙ୍କର ବଂଶ-ଉପାଧି ବିଚାର୍ଯ୍ୟ । ତାଙ୍କୁ 'ରଣା' ବୋଲି କାହିଁକି କୁହାଗଲା, ଏହି ପ୍ରଶ୍ନ କେହି କେବେ ପଚାରିପାରେ । ତେଣୁ ଲେଖକ କହିଛନ୍ତି, ସୂର୍ଯ୍ୟକିରଣରେ ଡିମ୍ବଟି ଫାଟିବାରୁ ପିଲାଟି ଜନ୍ମ ହୋଇଥିଲା । 'ସୂର୍ଯ୍ୟକିରଣ' ଏହି ପାଞ୍ଚଟି ଅକ୍ଷର ଭିତରୁ ଶେଷ ଦୁଇଟି ଅକ୍ଷର ହେଉଛି 'ରଣ' । ତେଣୁ ମଦନ ଯେତେବେଳେ ରାଜା ହେଲେ, ତାଙ୍କ ସଂଜ୍ଞା ରଖାଗଲା ରଣା; ସେ ହେଲେ ମଦନ ରଣା । ରାଜସ୍ଥାନର ଉଦୟପୁର ସଙ୍ଗେ ତାହାଙ୍କର ସମ୍ପର୍କ ନିର୍ଦ୍ଦେଶ କରାଯାଇଅଛି । ଏହାର କାରଣ ହୋଇପାରେ, ରାଜସ୍ଥାନ ଅନ୍ତର୍ଗତ ଉଦୟପୁରର ରାଣାମାନଙ୍କର ଯୋଦ୍ଧାଭାବରେ ସର୍ବଭାରତୀୟ ପ୍ରସିଦ୍ଧି । ସୁତରାଂ, ଏ 'ରଣା' ଉପାଧି ମଧ୍ୟ ଏହିଭଳି ଭାବରେ କବିକଳ୍ପିତ ହୋଇଥିବା ସମ୍ଭବ ।

ପଞ୍ଚମରେ, ମୋଦକ ଭଞ୍ଜ ନାମଟି ମଧ୍ୟ ଆଲୋଚ୍ୟ । ହୁଏତ କିମ୍ବଦନ୍ତୀ ଗଢ଼ି ଆସୁଥିଲା ଯେ, ଭଞ୍ଜମାନଙ୍କର ପ୍ରଧାନ୍ ପୁରୁଷ ହେଉଛନ୍ତି ଦୁଇଭାଇ । ସେ ମଧ୍ୟରୁ ଦ୍ୱିତୀୟ ଭାଇଟିର ନାମ ମୋଦକ ଭଞ୍ଜ । 'ମୋଦ' ଶବ୍ଦର ଅର୍ଥ ହେଉଛି ଆନନ୍ଦ, ସନ୍ତୋଷ । ତେଣୁ ସେ ପିଲାଟି ତାର ପ୍ରିୟଜନମାନଙ୍କୁ ମୋଦ ବା ଆନନ୍ଦ ଦେଉଥିବାରୁ ତାହାର ନାମ ରଖାଯାଇଥିଲା 'ମୋଦକ' ।

**ନାମକରଣର ପରମ୍ପରା :—**

ଭାରତୀୟ କବିସମାଜରେ ନାମମାନଙ୍କର ଏ ଭଳି କବିତ୍ୱପୂର୍ଣ୍ଣ ତଥା କାଳ୍ପନିକ ବ୍ୟାଖ୍ୟାନ ଏକ ପରମ୍ପରାରେ ପଡ଼ିଯାଇଛି । ନିଜେ ଭାରତର ଆଦିକବି

ବାଲ୍ମୀକି, ରାମଚନ୍ଦ୍ର, ଲବ, କୁଶ ପ୍ରଭୃତିଙ୍କ ନାମକରଣ ସମ୍ପର୍କରେ ବଡ଼ କବିତ୍ୱପୂର୍ଣ୍ଣ ବ୍ୟାଖ୍ୟାନ ଦେଇଛନ୍ତି । ପଣ୍ଡିତମାନେ ଯୁଧିଷ୍ଠିର, ଭୀମ ପ୍ରଭୃତି ନାମଗୁଡ଼ିକର ଏହିଭଳି ପାଣ୍ଡିତ୍ୟପୂର୍ଣ୍ଣ ବ୍ୟାଖ୍ୟାନ କରି ଯାଇଛନ୍ତି । ମହାକବି କାଳିଦାସ 'ରଘୁବଂଶ' ମହାକାବ୍ୟର ଚତୁର୍ଥ ସର୍ଗରେ ରଘୁ ମହାରାଜାଙ୍କର ନାମର ସାର୍ଥକତା ବ୍ୟାଖ୍ୟାନ କରିବାକୁ ଯାଇ ଅପୂର୍ବ କବିତ୍ୱ ଦେଖାଇଛନ୍ତି । ପୁଣି ସେ ତାଙ୍କର 'କୁମାରସମ୍ଭବ' କାବ୍ୟର ପ୍ରଥମ ସର୍ଗରେ 'ଉମା' ଶବ୍ଦର ଏବଂ ପଞ୍ଚମ ସର୍ଗରେ 'ଅପର୍ଣ୍ଣା' ଶବ୍ଦର ଏହିପରି ସରସ ବ୍ୟାଖ୍ୟାନ ପ୍ରଦାନ କରିଅଛନ୍ତି । ସୁବିଖ୍ୟାତ 'ନୈଷଧ' କାବ୍ୟର ଦ୍ୱିତୀୟ ସର୍ଗରେ 'ଦମୟନ୍ତୀ' ଶବ୍ଦର ଏହିଭଳି ବ୍ୟାଖ୍ୟାନ ଦିଆଯାଇଛି । ଶାରଳା ଦାସଙ୍କ ମହାଭାରତରେ ମଧ୍ୟ ଅନେକ ଚରିତ୍ର ବା ବ୍ୟକ୍ତିଙ୍କର ନାମର ଏଭଳି କବିତ୍ୱ-ପାଣ୍ଡିତ୍ୟ-ବିଳସିତ ଅର୍ଥ ବ୍ୟାଖ୍ୟାନ ସମାବେଶିତ ହୋଇଅଛି । ନିଜେ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ 'ଭରତ', 'ଲକ୍ଷ୍ମଣ', 'ଚନ୍ଦ୍ରଭାନୁ', 'କୋଟିବ୍ରହ୍ମାଣ୍ଡ ସୁନ୍ଦରୀ' ପ୍ରଭୃତି ଶବ୍ଦର ବ୍ୟାଖ୍ୟାନରେ ବିଦଗ୍ଧତା ଦେଖାଇଛନ୍ତି । ଅଭିମନ୍ୟୁ ସାମନ୍ତସିଂହାର 'ବିଦଗ୍ଧ ଚିନ୍ତାମଣିର' ଚତୁର୍ଥ ଛାନ୍ଦରେ 'ରାଧା' ଶବ୍ଦର ତାଦୃଶ ବ୍ୟାଖ୍ୟାନ ଦେଇଅଛନ୍ତି । କବିସମାଜରେ ଏ ଭଳି ବ୍ୟାଖ୍ୟାନର ଆଦର ଏତେ ବେଶି ଥିଲା ଯେ, ଆଧୁନିକ ଓଡ଼ିଆ କାବ୍ୟଯୁଗର ପ୍ରବର୍ତ୍ତକ କବିବର ରାଧାନାଥ ରାୟ ମଧ୍ୟ ତାଙ୍କର "ପାର୍ବତୀ" କାବ୍ୟରେ 'ଅନ୍ନପୂର୍ଣ୍ଣା' ନାମ୍ନୀ ରାଜନନ୍ଦିନୀର ନାମକରଣ ଉପରେ ଚାତୁର୍ଯ୍ୟପୂର୍ଣ୍ଣ ବ୍ୟାଖ୍ୟାନ ଦେଇଅଛନ୍ତି । ତେଣୁ ଭଞ୍ଜବଂଶର ଗୌରବ ପ୍ରଖ୍ୟାପନ କରିବାକୁ ଯାଇ ପଣ୍ଡିତ-କବିମାନେ ବଂଶ ପ୍ରତିଷ୍ଠାତାଙ୍କର ନାମ ଓ ସଂଜ୍ଞା ଉପରେ ଏଭଳି ଚାତୁର୍ଯ୍ୟ ମଣ୍ଡିତ ପାଣ୍ଡିତ୍ୟ ପ୍ରଦର୍ଶନ କରିଥିବାରେ କୌଣସି ଅସଙ୍ଗତ କିମ୍ବା ଅସ୍ୱାଭାବିକତା ନାହିଁ । କିନ୍ତୁ ଏ ସବୁର ଐତିହାସିକତା ପ୍ରତି ପାଠକ ନିଜକୁ ସର୍ବଦା ସଚେତନ ରଖିବା ଦରକାର ।

## ଭଞ୍ଜ-ସାହିତ୍ୟରେ ଏଥିର ଉଲ୍ଲେଖ :—

ଉପେନ୍ଦ୍ର ଭଞ୍ଜ ଏହି ମୟୂର ଜନ୍ମ ଓ ସୂର୍ଯ୍ୟବଂଶ ସମ୍ବନ୍ଧିତ ସ୍ୱଆଦିପୁରୁଷଙ୍କର ସଂପର୍କ କତିପୟ ସ୍ଥଳରେ ଉଲ୍ଲେଖ କରିଅଛନ୍ତି । ଯଥା :—

(କ) ଯେ ବଂଶେ ଇଷ୍ଟ ଦୁର୍ଗାଦେବୀ
ବରହି କୋଷରୁ ସମ୍ଭବ ।   (ଲାବଣ୍ୟବତୀ)
(ବରହି କୋଷର ଅର୍ଥ—ମୟୂର ଡିମ୍ବ)

(ଖ) କଞ୍ଜେଶ ବଂଶ ହୋଇ ପ୍ରକାଶ
କ୍ରମେ ଘୁମୁସରେ ହେଲେ ନରେଶ
(ରସପଞ୍ଚକ)

(ଗ) ବରହ୍ମ ବଂଶେ ଉଦ୍ଭବ ନୃପ ଧନଞ୍ଜୟ
ବଶିଷ୍ଟେ ଘୁମୁସର ଅଧିପ ଗୁଣାଳୟ ।
(ବୈ: ବିଳାସ)

ଉଦୟପୁରର ରାଣାମାନଙ୍କର ବଂଶଗୌରବ ପ୍ରଭୃତିର ତଥ୍ୟ ସଂଗ୍ରହ ହୋଇପାରିଲେ ତଥା ଏହି ଭଞ୍ଜବଂଶ ସହିତ ତହିଁର ତାତ୍ତ୍ୱିକ ସମ୍ପର୍କ ନିର୍ଦ୍ଦେଶ କରାଯାଇ ପାରିଲେ ଏ ଦିଗରେ ଅଧିକ ପ୍ରାମାଣିକ ସିଦ୍ଧାନ୍ତ ଉପସ୍ଥାପନ କରାଯାଇ ପାରିବ ।

# ଘୁମୁସରର ଭଞ୍ଜବଂଶ

ଘୁମୁସରରେ ଭଞ୍ଜବଂଶର ସ୍ଥାପୟିତା ହେଉଛନ୍ତି ରଘୁନାଥ ଭଞ୍ଜ । ଭଞ୍ଜବଂଶର ଇତିହାସରୁ ଜଣାଯାଏ, ନବମ ଶତାବ୍ଦୀର ଦ୍ୱିତୀୟ ପାଦରେ ( ଆନୁମାନିକ ୮୩୨ ଖ୍ରୀଷ୍ଟାବ୍ଦ) ରଘୁନାଥଭଞ୍ଜ ସେ ଅଞ୍ଚଳରେ ନିଜକୁ ରାଜାରୂପେ ପ୍ରତିଷ୍ଠିତ କରିଥିଲେ । କେଉଁଠାରେ ସେ ନିଜର ରାଜଧାନୀ ପ୍ରତିଷ୍ଠା କରିବେ, ଏ କଥା ଚିନ୍ତା କଲାବେଳେ ଗୋଟିଏ 'ଗୁମା' ବା ଉଚ୍ଚସ୍ଥାନ ଏବଂ ତା ନିକଟରେ ଗୋଟିଏ ସୁନ୍ଦର 'ସର' ବା ସରୋବର ଥିବାର ସେ ଦେଖିବାକୁ ପାଇଲେ । ସେଠାରେ କୁଆଡ଼େ ଗୋଟିଏ ବକ ପକ୍ଷୀକୁ ଶ୍ୟାମଳ ପକ୍ଷୀ ମାଡିବସିଥିଲା । ଏହାକୁ ଏକ ଶୁଭସଙ୍କେତ ମନେକରି ସେ କୁଆଡ଼େ ସେହି ସ୍ଥାନରେ ଗଡ ନିର୍ମାଣ କଲେ । ସେଠାରେ ଥିବା ଗୁମା ଓ ସରକୁ ଦେଖି ସେ ଗଡ଼ ନିର୍ମାଣ ସ୍ଥାନ ବାଛିଥିବାରୁ ତାହାର ନାମ ରଖିଲେ 'ଗୁମାସର' । କାଳକ୍ରମେ ଲୋକ ମୁଖରେ ତାହା 'ଘୁମୁସର'ରେ ପରିଣତ ହୋଇଛି । କବି ଶ୍ରୀଯୁକ୍ତ ଚିନ୍ତାମଣି ମହାନ୍ତି ତାଙ୍କର ପ୍ରସିଦ୍ଧ 'ଘୁମୁସର କାବ୍ୟରେ' ଘୁମୁସରକୁ 'ଘୁମୁଷର' ବୋଲି ଯାହା ଲେଖିଛନ୍ତି, ତାହା 'ବାସୁଦେବ' ଶବ୍ଦର ଶୁଦ୍ଧ ଉଚ୍ଚାରଣ 'ବାଂସୁଦେବ' ପରି ହୋଇଅଛି ।

ଘୁମୁସରର ଇତିହାସ ଲେଖକମାନେ ବକପକ୍ଷୀକୁ ଶାମଳପକ୍ଷୀ ମାଡି-ବସିଥିବାର ଯେଉଁ ଘଟଣା ବର୍ଣ୍ଣନା କରିଅଛନ୍ତି, ତାହା ହୁଏତ କପୋଳ କଳ୍ପିତ । ଏହି କଳ୍ପନା ଘୁମୁସରର ଇତିହାସ ଲେଖକମାନଙ୍କଠାରୁ ଆରମ୍ଭ ହୋଇଛି ବୋଲି କୁହାଯାଉ ନାହିଁ । କହିବାର କଥା, ଏ ଭଳି ଏକ ଗଳ୍ପ ଜନଶ୍ରୁତିରେ ବର୍ତ୍ତି ରହିଥିଲା । ଇତିହାସ ଲେଖକମାନେ ସେହି ଗଳ୍ପକୁ କେବଳ ଲିପିବଦ୍ଧ କରିଛନ୍ତି । କିନ୍ତୁ ଯେତେଦୂର ମନେହୁଏ, 'ମାଦଳା ପାଞ୍ଜି'ର ବିବରଣୀରୁ ବା ଘଟଣା-ବର୍ଣ୍ଣନାର ପ୍ରସ୍ତରରୁ ଏହା ଉଦ୍‌ଭୂତ ହୋଇଅଛି । ତହିଁରେ ଅଛି, ମହାରାଜା ଅନଙ୍ଗଭୀମ ଦେବ କଟକଠାରେ ନିଜର ନୂତନ ରାଜଧାନୀ ନିର୍ମାଣ କଲାବେଳେ, ଅବିକଳ ଏ ଭଳି ଶୁଭସଂକେତ ଦେଖିଥିଲେ । ଯଥା :—

"ଏ ରଜା ନଗର ଚଉଦ୍ୱାର କଟକେ ବିଜେ କରିଥାନ୍ତି । ଏମନ୍ତରେ ଏକଦିନରେ ରଜାଏ ବିଜେକରି ଆସି ମହାନଦୀ ପାର ହୋଇ ଏ ନଦୀରୁ

ଦକ୍ଷିଣଗ୍ରାରେ ଦେଖିଲେ × × ବାରବାଟୀ ଗ୍ରାମରେ × × ଶ୍ୟାମଳ ଭକ୍ଷୀକି ବକ ମାଡ ବସିଅଛୁ । ଏହା ଦେଖି ରଜାଏ ବଡ଼ ଆଶ୍ଚର୍ଯ୍ୟ ହୋଇ ଶୁଭଯୋଗ ଦିନରେ ଏ ବାରବାଟୀ ଗ୍ରାମରେ ଶୁଭ ଦେଇ ନଅର ତୋଳାଇ × × ଚଉଦ୍ୱାର କଟକ ଛାଡ଼ି ଆସି କଟକ କରି ରହିଲେ ।”

(ପ୍ରାଚୀନ ଗଦ୍ୟପଦ୍ୟାଦର୍ଶ—ପୃ-୩)

ହୁଏତ, ଓଡ଼ିଶା ଗଜପତିଙ୍କ ସମ୍ପର୍କୀୟ ଏହି ଗଳ୍ପ ଲୋକମୁଖରେ ପ୍ରଚଳିତ ହୋଇ ଘୁମୁସର ରାଜ୍ୟରେ ମଧ୍ୟ ପ୍ରୋପିତ ହୋଇଅଛି । ବିଖ୍ୟାତ “ବାରିଷ୍ଟର” ଆମ ମଧୁବାବୁ ନିଜର ବିଚକ୍ଷଣ ବୁଦ୍ଧିବଳରେ ଅନେକ ମକଦ୍ଦମାରେ ଜୟଲାଭ କରିଥିଲେ । ତାଙ୍କର ପରଲୋକ ହେବାର ଅନେକ ଦିନ ପରେ ମଧ୍ୟ ଅନେକ ଉକିଲଙ୍କର ବିଚକ୍ଷଣ ବୁଦ୍ଧିମୂଳକ ବିଜୟଲାଭର ଘଟଣା ଘଟିଅଛି । ଅଥଚ, ତହିଁରୁ କେତୋଟି ଅର୍ବାଚୀନ ଘଟଣା ମଧୁବାବୁଙ୍କ ସଙ୍ଗେ ଯୋଡ଼ି ହୋଇଆସିବାର ଦେଖାଯାଉଛି । ତେଣୁ ଉତ୍କଳ ଗଜପତିଙ୍କର କଟକ ରାଜଧାନୀ ନିର୍ମାଣ ସମୟର ଘଟଣା ଘୁମୁସର ରାଜାଙ୍କ ସଙ୍ଗେ ତାଙ୍କର ପ୍ରସାଦପ୍ରାପ୍ତ ଅନୁରାଗୀ ଲୋକଙ୍କ ଦ୍ୱାରା ସଂଯୋଜିତ ହୋଇଯାଇ ଥିବାରେ କିଛି ବିଚିତ୍ରତା ନାହିଁ ।

ଉପେନ୍ଦ୍ର ଭଞ୍ଜଙ୍କର ପିତାମହ ଧନଞ୍ଜୟ ଭଞ୍ଜ ୧୬୩୬ ରୁ ୧୭୦୧ ପର୍ଯ୍ୟନ୍ତ ଶାସନ କରିଥିଲେ । ତାଙ୍କ ପୂର୍ବରୁ ୪୯ (ଅଣଚାଶ) ଜଣ ରାଜା ରାଜତ୍ୱ କରିଥିଲେ ବୋଲି ତଦ୍‌ବିଦମାନେ କହନ୍ତି । ଅଧିକାଂଶ ରାଜାଙ୍କ ନାମ ବିଷ୍ଣୁଙ୍କର ନାମ । ଏଥିରୁ ଅନୁମିତ ହୁଏ ଯେ, ଭଞ୍ଜବଂଶୀୟ ରାଜାମାନେ ମୁଖ୍ୟତଃ ବୈଷ୍ଣବ ଥିଲେ । ଅର୍ଥନୈତିକ ସମୃଦ୍ଧି ଏବଂ ବୀରତ୍ୱ ଲାଗି ଘୁମୁସର ରାଜ୍ୟ ସୁଖ୍ୟାତି ଅର୍ଜନ କରିଥିଲା । ଏପରି କି, ଉତ୍କଳ ଗଜପତି ଯେତେବେଳେ ମୁସଲମାନମାନଙ୍କ ଦ୍ୱାରା ଆକ୍ରାନ୍ତ ହୋଇଥିଲେ, ସେତେବେଳେ ଘୁମୁସର ରାଜା ଉତ୍କଳ ଗଜପତିଙ୍କୁ ସାହାଯ୍ୟ କରିଥିଲେ । ‘ଭଞ୍ଜ ବଂଶାନୁଚରିତ’ରେ ଲେଖାଅଛି—

“ମୋଗଲମାନେ ଅତି କୁଶଳ ଅଟନ୍ତି
ଓଡ଼ିଶା ଦେଶଯାକ କଲେ ଛତିବନ୍ତି
ଜାଣି ଭଞ୍ଜରଜା ଫଉଜ ସଙ୍ଗେ ଧରି
ବୀରକେଶରୀ ଦେବଙ୍କୁ ରକ୍ଷା କରି
ବାଣପୁର ବାଟେ ଓଡ଼ିଶାକୁ ଗଲେ
ଦେଶରେ ଥାଇ ରଜାଙ୍କୁ ବସାଇଲେ ।

ବୀର କେଶରୀ ଦେବେ ହେଲେ ଅତି ତୋଷ
'କ୍ଷତ୍ରିୟ ବର' ପଦ କଲେ ପରକାଶ ।
ସେ ପଦ ସେନି ଭଞ୍ଜ ରଜା ନିଜ ଦେଶେ
ପ୍ରବେଶ ହେଲେ ଅତି ମନର ସନ୍ତୋଷେ ।
"କ୍ଷତ୍ରିୟବରପୁର" ଶାସନକୁ ଗଲେ
ବହୁତ ପରକାରେ ବୀରଙ୍କ ବନ୍ଦିଲେ ।"

## 'ଘୁମୁସର'ର ସମୃଦ୍ଧି :—

ଘୁମୁସର ରାଜ୍ୟ କାଳେ କାଳେ ସମୃଦ୍ଧ ଥିଲା । ବହୁ ଜଳାଶୟ ଓ ମନ୍ଦିର ପ୍ରଭୃତି କୀର୍ତ୍ତି ଅଦ୍ୟାପି ଭଞ୍ଜବଂଶର ଗୌରବ ଗାନ କରୁଅଛି । ଘୁମୁସରର ପୂର୍ବବର୍ତ୍ତୀ ରାଜଧାନୀ କୁଲଡ଼ା ଗଡ଼ର ଜଗନ୍ନାଥ ମନ୍ଦିର ତଥା ବୁଗୁଡ଼ାର ବିରଞ୍ଚି ନାରାୟଣ ( ଭିତ୍ତିଚିତ୍ର ତଥା କାଠକାମ ଶୋଭିତ ) ମନ୍ଦିର ବେଲଗୁଣ୍ଠାର କାଠକାମ, ପିତଳ ମାଛ ପ୍ରଭୃତି ଏବେ ମଧ୍ୟ ଦର୍ଶନୀୟ ବସ୍ତୁ ହୋଇ ରହିଛି । ବୈଷ୍ଣବ, ଶୈବ, ଶାକ୍ତ ଇତ୍ୟାଦି ବିଭିନ୍ନ ଧର୍ମମତର ପ୍ରବଳ ଆଦର ଘୁମୁସରରେ ଦେଖାଯାଏ । ଆଧୁନିକ ଓଡ଼ିଶାର ମନୀଷୀପ୍ରବର ପଣ୍ଡିତ ନୀଳକଣ୍ଠ ଦାଶ, ପଣ୍ଡିତ ଗୋପୀନାଥ ନନ୍ଦଙ୍କ ସୁବିଖ୍ୟାତ ଗ୍ରନ୍ଥ 'ଓଡ଼ିଆ ଭାଷାତତ୍ତ୍ୱ'ର ଭୂମିକାରେ ଘୁମୁସରର କଥିତ ଓଡ଼ିଆ ଭାଷାକୁ ସମଗ୍ର ଓଡ଼ିଶାର ପରିଶୁଦ୍ଧ ଓଡ଼ିଆ ଭାଷା ବୋଲି ସ୍ୱର୍ଣ୍ଣାକ୍ଷରରେ ଲେଖି ଯାଇଛନ୍ତି (୧) । କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ବିଖ୍ୟାତ ରାଜା ଧନଞ୍ଜୟ ଭଞ୍ଜଙ୍କର ପୌତ୍ର (ପୁଅର ପୁଅ) । କବି ନିଜେ ଲେଖିଛନ୍ତି :—

"ସେ କୁଳେ ରାଜା ଧନଞ୍ଜୟ
ସକଳ ଗୁଣର ନିଳୟ ।
ଘୁମୁସର ଅଧିପ ଜଣେ
ଲୋକେ ବିଖ୍ୟାତ କବିଗୁଣେ ।

---

(୧) "ଏତେଦିନ ପରେ ମଧ୍ୟ ସେଥିପାଇଁ ଗଞ୍ଜାମର ଘୁମୁସରରେ ବିଶୁଦ୍ଧ ଓଡ଼ିଆ ଦେଖିବାକୁ ମିଳେ । ଗୋପୀନାଥ ସେହି ବିଶୁଦ୍ଧ ଓଡ଼ିଆର ଉପାସକ ଥିଲେ ।"—ଗୋପୀନାଥ ନନ୍ଦଙ୍କ ଓଡ଼ିଆ ଭାଷାତତ୍ତ୍ୱ, ୨ୟ ସଂସ୍କରଣ, ମୁଖବନ୍ଧ, ପୃଷ୍ଠା-୭ ।

ତଦ୍‌ବତ ତାହାଙ୍କ ତନୁଜ
ନରେଶ ନୀଳକଣ୍ଠ ଭଞ୍ଜ ।
ତାହାଙ୍କ ଜ୍ୟେଷ୍ଠ ସୁତ ମୁହିଁ
ଉପେନ୍ଦ୍ର ଭଞ୍ଜ ନାମ ବହି ।

(ଲାବଣ୍ୟବତୀ ୧୭ ଛାନ୍ଦ)

ଉପେନ୍ଦ୍ର ଭଞ୍ଜଙ୍କୁ ଚିହ୍ନିବାକୁ ହେଲେ ତାଙ୍କର ପିତାମହ ଧନଞ୍ଜୟ ଭଞ୍ଜଙ୍କୁ ସର୍ବପ୍ରଥମେ ଚିହ୍ନିବାକୁ ପଡ଼ିବ । ସେ କଥା ଯଥାସ୍ଥାନରେ ଆଲୋଚିତ ହୋଇଅଛି ।

## ଭଞ୍ଜଙ୍କ ଜନ୍ମ ସମୟ : ୧୬୭୫-୭୬ ହୋଇପାରେ

ଉପେନ୍ଦ୍ର ଭଞ୍ଜ କେଉଁ ବର୍ଷ ଜନ୍ମଗ୍ରହଣ କରିଥିଲେ, ତାହା ଏ ପର୍ଯ୍ୟନ୍ତ ଅଭ୍ରାନ୍ତ ଭାବରେ ନିରୂପିତ ହୋଇ ପାରି ନାହିଁ । ଏ ପର୍ଯ୍ୟନ୍ତ କବିଙ୍କ ଜନ୍ମକାଳ ଘେନି ଯେଉଁସବୁ ଆଲୋଚନା ହୋଇଯାଇଛି, ତହିଁରେ ନାନା ଅଙ୍କ ଦେଖାଯାଏ । ତେବେ, ୧୬୭୦ ଖ୍ରୀଷ୍ଟାବ୍ଦରେ କବି ଜନ୍ମଗ୍ରହଣ କରିଥିଲେ ବୋଲି କେହି କେହି ବହୁ ଯୁକ୍ତି ଦେଖାଇଛନ୍ତି । ଅନ୍ୟମାନଙ୍କ ମତରେ, ସେ ୧୬୮୮ ରେ ଜନ୍ମ ହୋଇଥିବା ସମ୍ଭବ । ତାହାହେଲେ ଦେଖାଯାଉଛି, ମାତ୍ର ୧୮ ବର୍ଷର ବ୍ୟବଧାନ ସର୍ବପ୍ରଥମ ଓ ସର୍ବଶେଷ ସମ୍ଭାବିତ କାଳ ମଧ୍ୟରେ ରହିଅଛି । ପ୍ରାୟ ଦୁଇବର୍ଷ ତଳେ, ଦୈନିକ 'ସମାଜ'ରେ କବିଙ୍କ ଜନ୍ମକାଳ ଘେନି ଶ୍ରୀ ନୀଳକଣ୍ଠ ଦାସ (ଆସିକା, ଗଞ୍ଜାମ) ଏବଂ ଶ୍ରୀ ସଚ୍ଚିଦାନନ୍ଦ ମିଶ୍ରଙ୍କ ମଧ୍ୟରେ ବାଦାନୁବାଦ ହୋଇ ଯାଇଛି । ଆମ୍ଭମାନଙ୍କ ମତରେ, ୧୬୭୦ରେ କବି ଜନ୍ମ ହୋଇଥିଲେ ବୋଲି ଦୃଢ଼ଭାବରେ କୁହାଯାଇ ପାରିବ ନାହିଁ । କିନ୍ତୁ ୧୬୮୫ରେ ବା ୧୬୮୮ ଖ୍ରୀଷ୍ଟାବ୍ଦରେ ଉପେନ୍ଦ୍ର ଜନ୍ମ ହୋଇଥିଲେ ବୋଲି ଯେଉଁମାନେ କହନ୍ତି, ସେମାନେ ବୋଧହୁଏ ସତ୍ୟଠାରୁ ଟିକିଏ ବେଶି ଦୂରରେ ଅଛନ୍ତି । ଉଭୟ ପକ୍ଷର ଯୁକ୍ତି-ଗୁଡ଼ିକୁ ବିଚାର କଲେ ପ୍ରତୀୟମାନ ହୁଏ ଯେ, ଉପେନ୍ଦ୍ର ଭଞ୍ଜ ୧୬୭୫ ରୁ ୧୬୮୦ ଖ୍ରୀଷ୍ଟାବ୍ଦ ମଧ୍ୟରେ ଜନ୍ମଗ୍ରହଣ କରିଥିଲେ । ହୁଏତ ୧୬୭୫ କିମ୍ବା ୧୬୭୬କୁ ତାଙ୍କର ଜନ୍ମର ଅଙ୍କ ବୋଲି ଧରାଯାଇପାରେ । ଏହା ସାମାନ୍ୟ ଏପଟ-ସେପଟ ହୋଇପାରେ ।

ଏ ସମ୍ପର୍କରେ ଜିଜ୍ଞାସୁ ପାଠକମାନଙ୍କ ଲାଗି ଟିକିଏ ବିସ୍ତୃତ ବିବରଣୀ ଦିଆଯାଇପାରେ । ଉପେନ୍ଦ୍ରଙ୍କ ପିତାମହ ଧନଞ୍ଜୟ ଭଞ୍ଜ ୧୬୩୬ ଖ୍ରୀଷ୍ଟାବ୍ଦରୁ

୧୭୦୧ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ରାଜତ୍ୱର ଶେଷ ବର୍ଷ ତାଙ୍କର ମୃତ୍ୟୁ ହୋଇଥିଲା । ସେ ଥିଲେ 'ଶ୍ରୀରାମ ବିଳାସ' ନାମକ କାବ୍ୟର ରଚୟିତା । 'ଶ୍ରୀରାମ ବିଳାସ'ଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ଓ ପାଣ୍ଡିତ୍ୟପୂର୍ଣ୍ଣ 'ବୈଦେହୀଶ ବିଳାସ' କାବ୍ୟ ରଚନା କରି ଉପେନ୍ଦ୍ର ତାଙ୍କୁ ଉପହାର ଦେଇଥିଲେ । ସୁତରାଂ, ୧୭୦୧ ଖ୍ରୀଷ୍ଟାବ୍ଦ ବେଳକୁ ବୈଦେହୀଶ ବିଳାସର ରଚନା ଶେଷ ହୋଇଥିଲା । ହୋଇପାରେ, ସେହି ୧୭୦୧ ଖ୍ରୀଷ୍ଟାବ୍ଦରେ ହିଁ ବୈଦେହୀଶ ବିଳାସ କାବ୍ୟ ସମ୍ପୂର୍ଣ୍ଣ ହୋଇଥିଲା ।

ଏହାଛଡ଼ା, କିମ୍ବଦନ୍ତୀ କହେ, ବୈଦେହୀଶ ବିଳାସ ପରି ଏକ ଅସାଧାରଣ କାବ୍ୟ ରଚନା କରିବା ପାଇଁ କବିଙ୍କୁ ରାମତାରକ ମନ୍ତ୍ର ଜପ କରି ସିଦ୍ଧିଲାଭ କରିବାକୁ ପଡ଼ିଥିଲା । ତାହାପରେ ସେ ଏକ ବର୍ଷ ମଧ୍ୟରେ ଅର୍ଥାତ୍ ଏକ ବର୍ଷର ୫୨ ସପ୍ତାହ ମଧ୍ୟରେ ୫୨ ଛାନ୍ଦ ବିଶିଷ୍ଟ ବୈଦେହୀଶ ବିଳାସ ସମ୍ପୂର୍ଣ୍ଣ କରିଥିଲେ । ରାମତାରକ ମନ୍ତ୍ରରେ ସିଦ୍ଧିଲାଭ କରିବାକୁ ହୁଏ ତ ଏକ ବର୍ଷ ସମୟ ଲାଗି ଯାଇଥିଲା । ଆହୁରି ମଧ୍ୟ, କିମ୍ବଦନ୍ତୀରୁ ଜଣାଯାଏ, ବୈଦେହୀଶ ବିଳାସ ଲେଖିଲା ବେଳକୁ ସେ ଜଣେ ପ୍ରାୟ ୨୦ ବର୍ଷ ବୟସର ଯୁବକ । ଏତେ ଅଳ୍ପ ବୟସରେ ପିତାମହ ଧନଞ୍ଜୟ ଭଞ୍ଜଙ୍କ କାବ୍ୟଟି, 'ସେ ଭଳି ଉତ୍କୃଷ୍ଟ ହୋଇ ନାହିଁ' ବୋଲି ଉପେନ୍ଦ୍ର ଯାହା କହି ପାରିଥିଲେ, ତାହା ହିଁ ତାଙ୍କର ବାଲ୍ୟ ପ୍ରତିଭାର ଚିହ୍ନ ।

ପରିଣତ ବୟସରେ ଜଣେ ଲୋକ ଯେଉଁ ମନ୍ତବ୍ୟ ଦିଏ, ତାହା ତ ଭିନ୍ନ କଥା । ମାତ୍ର ଯେଉଁ ବୟସରେ ଉପେନ୍ଦ୍ର ସେଭଳି ଏକ ମନ୍ତବ୍ୟ ଦେଲେ, ସେ ବୟସରେ ସାଧାରଣତଃ ସେଭଳି ମନ୍ତବ୍ୟ ଆଶା କରାଯାଏ ନାହିଁ । ଏହି ଦୃଷ୍ଟିରୁ, ଉପେନ୍ଦ୍ର ଦିବ୍ୟପ୍ରତିଭା ମଣ୍ଡିତ ହୋଇ ଜନ୍ମ ହୋଇଥିବାର ଅନୁମାନ ଏକାନ୍ତ ଯୁକ୍ତିଯୁକ୍ତ । ତେଣୁ ସାରକଥା, ୧୭୦୧ ଖ୍ରୀଷ୍ଟାବ୍ଦ ବେଳକୁ ଅର୍ଥାତ୍ ଧନଞ୍ଜୟ ଭଞ୍ଜଙ୍କର ପରଲୋକ ବେଳକୁ, ଅଳ୍ପବୟସ୍କ ଉପେନ୍ଦ୍ର ରାମତାରକ ମନ୍ତ୍ରରେ ସିଦ୍ଧିଲାଭ କରି 'ବୈଦେହୀଶ ବିଳାସ' ରଚନା କରି ସାରିଥିଲେ । ସେତେବେଳକୁ ତାଙ୍କର ବୟସ ଅତି ବେଶି ୨୫-୨୬ ବୋଲି ଧରିଲେ, ଜନ୍ମକାଳ ୧୬୭୫ କିମ୍ବା ୧୬୭୬ ହେଉଅଛି । ଯେଉଁମାନେ ୧୬୭୦ରେ କବିଙ୍କ ଜନ୍ମ ବୋଲି ସ୍ଥିର କରିଛନ୍ତି, ସେମାନେ ନାନା ଆଳ ଦେଖାଇ କବିଙ୍କର ବୟସକୁ ପ୍ରାୟ ୫-୬ ବର୍ଷ ପଛକୁ ଠେଲିବାକୁ ଚେଷ୍ଟା କରିଛନ୍ତି ।

ସେଥିପାଇଁ, ଉପେନ୍ଦ୍ର ବାଣପୁର ରାଜନନ୍ଦିନୀଙ୍କୁ ବିବାହ କରିବାର ୫-୬ବର୍ଷ ପରେ ପତ୍ନୀଙ୍କୁ ହରାଇଥିଲେ ବୋଲି ସେମାନେ ଧରି ନେଇଛନ୍ତି । କିନ୍ତୁ

ମହାକବିଙ୍କ ଭାଗ୍ୟରେ ଏତେ ଦୀର୍ଘକାଳ ଧରି ପାରିବାରିକ ସୁଖ ସମ୍ଭବପର ହୋଇ ନ ଥିବାର ହିଁ ଶୁଣାଯାଇଥିଲା । ବିବାହର ମାତ୍ର ବର୍ଷେ ଦୁଇ ବର୍ଷ ପରେ ପତ୍ନୀବିୟୋଗ ଘଟିଥିଲା ବୋଲି ଧରିନେଲେ, ୧୭୭୦ ଅବ୍ଦର ସମ୍ଭାବ୍ୟ ମୃତ୍ୟୁ ଗ୍ରାପ୍ତ ଘୁରି ପାଞ୍ଚ ବର୍ଷ ଆଗକୁ ଘୁଞ୍ଚିଯିବ । ସୁତରାଂ, ୧୬୭୫।୧୬୭୬ ଖ୍ରୀଷ୍ଟାବ୍ଦ ଉପେନ୍ଦ୍ର ଭଞ୍ଜଙ୍କର ଜନ୍ମକାଳ ବୋଲି ଧରିନେବା ସମଧିକ ଯୁକ୍ତିଯୁକ୍ତ ପ୍ରତୀୟମାନ ହୁଏ ।

## **କବିଙ୍କ ଜନ୍ମ ଦିବସ :—**

କବିଙ୍କ ଆବିର୍ଭାବ ଦିବସ ତଥା ତିରୋଭାବ ଦିବସ ମଧ୍ୟ ଏ ପର୍ଯ୍ୟନ୍ତ ନିରୂପିତ ହୋଇ ପାରି ନାହିଁ । ଘୁମୁସର ରାଜାଙ୍କର ଯେଉଁ ସବୁ ମୂଲ୍ୟବାନ୍ ନଥିପତ୍ର ଥିଲା, ଗୋରାମାନଙ୍କର ଆକ୍ରମଣ କାଳରେ ସେ ସବୁ ବିଧ୍ୱସ୍ତ ହୋଇଯାଇଛି । ଆଜିକାଲି ଗୁରୁଆରେ ଜୟନ୍ତୀ ଉତ୍ସବ ଓ ଶ୍ରାଦ୍ଧସଭା କରା-ଯାଉଅଛି । ସୁତରାଂ, ଉପେନ୍ଦ୍ରଙ୍କ ଆବିର୍ଭାବ ଓ ତିରୋଭାବ ଦିନ ଲୋକେ ନାନା ପ୍ରଶ୍ନ ପଚାରୁଛନ୍ତି । ଦେଖିବାକୁ ଗଲେ, କଟକରେ ସ୍ୱର୍ଗତ ବିଚ୍ଛନ୍ଦ ଚରଣ ପଟ୍ଟନାୟକ ବଡ଼ ଧରଣର ଭଞ୍ଜ ଜୟନ୍ତୀ ଉତ୍ସବ ପାଳନ କରି ଏ କ୍ଷେତ୍ରରେ ନେତୃତ୍ୱ ନେଇଛନ୍ତି । ସେ ତତ୍କାଳୀନ କେତେକ ସ୍ଥାନୀୟ ପରିସ୍ଥିତିକୁ ଆଖିରେ ରଖି, ମେ' ମାସ ୧୬ ତାରିଖ ଦିନ ଭଞ୍ଜଙ୍କର ଜନ୍ମ ତିଥି ପାଳନ କରାଇଥିଲେ । ତାଙ୍କର 'କଳିଙ୍ଗ ଭାରତୀ' ବର୍ତ୍ତମାନ ଭଞ୍ଜ ଜୟନ୍ତୀ କ୍ଷେତ୍ରରେ ଓଡ଼ିଶାରେ ବୃହତ୍ତମ ଅନୁଷ୍ଠାନ । ସ୍ଥାନେ ସ୍ଥାନେ ଭଞ୍ଜ ଜୟନ୍ତୀ ପରିପାଳିତ ହେଉଅଛି । ବିଶେଷତଃ, ଓଡ଼ିଶାର ଶିଳ୍ପାଞ୍ଚଳମାନଙ୍କରେ ବହୁ ଅର୍ଥ ସଂଗୃହୀତ ହୋଇ ଭଞ୍ଜ ଜୟନ୍ତୀ ଉପଲକ୍ଷେ ବ୍ୟୟ କରାଯାଉଅଛି । କିନ୍ତୁ କେତେକ ଅସୁବିଧା ହେତୁରୁ ଯାହାକୁ ଯେତେବେଳେ ସୁବିଧା ମିଳିଲା, ସେ 'ଭଞ୍ଜ ଜୟନ୍ତୀ' ପାଳନ କରୁଅଛି ।

ପ୍ରକୃତରେ କହିବାକୁ ଗଲେ, ସେଗୁଡ଼ିକୁ ଭଞ୍ଜ ଜୟନ୍ତୀ କୁହାଯିବା ଉଚିତ ନୁହେଁ । ତାହା ବଦଳରେ ବରଂ "ଭଞ୍ଜ ସ୍ମୃତିସଭା" କହିଲେ ଅଧିକ ଯୁକ୍ତିଯୁକ୍ତ ହେବ ।

ଏଣେ କଟକ 'କଳିଙ୍ଗ ଭାରତୀ'ର ପ୍ରଭାବରେ ମେ ମାସରେ ଭଞ୍ଜ ଜୟନ୍ତୀ ପାଳିତ ହେଲାବେଳକୁ, ତେଣେ ଖୋଦ ଭଞ୍ଜନଗରରେ ଶ୍ରୀପଞ୍ଚମୀ ଦିନ ଭଞ୍ଜ ଜୟନ୍ତୀ ପାଳନ କରାଯାଉଅଛି । ସେଥିପାଇଁ ମଧ୍ୟ କୌଣସି ଅଭ୍ରାନ୍ତ ଓ

ଅକାଟ୍ୟ ପ୍ରମାଣ ନାହିଁ । କେବଳ ଏତିକି କଥା, ଉପେନ୍ଦ୍ର ଭଞ୍ଜ ଥିଲେ ସରସ୍ୱତୀଙ୍କର 'ପ୍ରଥମାବତାର' । ସେ ଦୃଷ୍ଟିରୁ ଏବଂ ତାଙ୍କ ଜନ୍ମଦିବସର ନିର୍ଦ୍ଦିଷ୍ଟ ପ୍ରମାଣ ମିଳୁ ନ ଥିବାରୁ ଶ୍ରୀପଞ୍ଚମୀ ଦିନକୁ କବିଙ୍କ ଜନ୍ମରୂପେ ସ୍ଥିର କରିବାରେ ବିଶେଷ ଅସଙ୍ଗତି ନାହିଁ । ତେବେ, ଯାହାହେଉ, ଏ ଦିଗରେ ବିଭିନ୍ନ ଅନୁଷ୍ଠାନ ନିଜର ନିଜର ଖୁସିଲିଖିବ ବୋଲି ଭାବ ସମସ୍ୟାଟିକୁ ସମାଧାନ ନ କରିବା ଠିକ୍ ହେବ ନାହିଁ । ଗୋଟିଏ ନିର୍ଦ୍ଦିଷ୍ଟ ଦିବସକୁ ସମସ୍ତେ ମାନିନେବା ଉଚିତ ।

## ଦୁଇଟି ଦିବସର ସମନ୍ୱୟ କିପରି ହେବ :—

ବର୍ତ୍ତମାନ ସୁଦ୍ଧା ଶ୍ରୀପଞ୍ଚମୀ ଓ ମେ' ୧୭ କବିଙ୍କର ଜନ୍ମଦିବସ ରୂପେ ଧରାଯାଉଛି । ହୁଏତ ଶ୍ରୀପଞ୍ଚମୀକୁ କିମ୍ବା ମେ ୧୭ ତାରିଖକୁ; ଅର୍ଥାତ୍ ଦୁଇଟିରୁ ଗୋଟିକୁ ସ୍ଥିର କରିବାକୁ ଉଭୟ ପକ୍ଷ ସମ୍ମତ ହୋଇଯିବା ଦରକାର ! ଯଦି ତାହା ନ ହୁଏ, ତେବେ ଶ୍ରୀପଞ୍ଚମୀ ଦିନ କଳିଙ୍ଗ ଭାରତୀ ଅନୁଷ୍ଠାନରେ ମଧ୍ୟ କେତେ ଜଣ ସଭ୍ୟ ଏକାଠି ହୋଇ ଅତି ନିରାଡ଼ମ୍ବର ଭାବରେ କବିଙ୍କୁ ଅନ୍ତତଃ ନମସ୍କାର କରି ପାରନ୍ତି ଓ ମେ ୧୭ ତାରିଖରେ ପୂର୍ବ ପରି ବଡ଼ ଧରଣର "ଆଲୋଚନା ସଭା" କରିପାରନ୍ତି । ଓଡ଼ିଶାରେ ଭଞ୍ଜ ସାହିତ୍ୟ ଚର୍ଚ୍ଚା ଲାଗି ଯେଉଁ ସବୁ ଛୋଟ ବଡ଼ ଅନୁଷ୍ଠାନ ଅଛି, ସେମାନେ ଶ୍ରୀପଞ୍ଚମୀ ଦିନ କେବଳ ପୂଜାବିଧି ରକ୍ଷା କରି, ତାଙ୍କର ଯେତେବେଳେ ସୁବିଧା ହେବ, ବଡ଼ ଧରଣର 'ସ୍ମୃତି ସଭା' କରିପାରନ୍ତି; କିନ୍ତୁ ସେ ଭଳି ସଭାକୁ 'ଜୟନ୍ତୀ ଉତ୍ସବ' ନ କହିବା ଉଚିତ ।

ଅନ୍ୟ ପକ୍ଷରେ, ଭଞ୍ଜନଗରର ଭଞ୍ଜ-ସାହିତ୍ୟ ପରିଷଦ ମଧ୍ୟ ସେଭଳି କିଛି କାର୍ଯ୍ୟକ୍ରମର ବ୍ୟବସ୍ଥା କରି ପାରନ୍ତି । ଦେଖିବାକୁ ଗଲେ, ବଡ଼ ଧରଣର ସାହିତ୍ୟ ସଭା ପାଇଁ ଶ୍ରୀପଞ୍ଚମୀ ଅନୁକୂଳ ସମୟ ନୁହେ । କାରଣ ଅଧିକାଂଶ ଛାତ୍ର, ଶିକ୍ଷକ ତଥା ଅଧ୍ୟାପକ ସେତେବେଳେ ପରୀକ୍ଷା ପ୍ରସ୍ତୁତିରେ ବ୍ୟସ୍ତ ଥାନ୍ତି । ଦିବସ ସେଭଳି ପ୍ରଶସ୍ତ ନ ଥାଏ । ଅନ୍ୟ ପକ୍ଷରେ, ଖରାଦିନେ ସଭା କଲେ ବହୁସଂଖ୍ୟ ପର୍ଯ୍ୟନ୍ତ ଲୋକଙ୍କର ଉପସ୍ଥିତି ସମ୍ଭବପର ହୁଏ । ଶ୍ରୀପଞ୍ଚମୀ ବେଳକୁ ସେପରି ସୁବିଧା ହୁଏ ନାହିଁ । ଓଡ଼ିଶାରେ ମେ ମାସ ଏପରି ଏକ ମାସ, ଯେତେବେଳେ ଦିନତମାମ ପ୍ରଚଣ୍ଡ ଖରା ହେଉ ଘରୁ ବାହାରି ହୁଏ ନାହିଁ । ପୁଣି ସନ୍ଧ୍ୟାବେଳେ ପଦାକୁ ବାହାରି ମୁକ୍ତ ଆକାଶ ତଳେ କିଛିକାଳ କଟାଇବାକୁ ସମସ୍ତେ ଉତ୍ସୁକ ଥାଆନ୍ତି । ଆଜିର ଭଞ୍ଜ-ଜୟନ୍ତୀ ତଥା ବିଭିନ୍ନ ସାହିତ୍ୟ ସଭା

ଖାଲି ତତ୍ତ୍ୱବିଦମାନଙ୍କର ଯଷ୍ଟି ନୁହେଁ, ଏଥିରେ ଲୋକଶିକ୍ଷା ଏବଂ ଜନତା ମଧ୍ୟରେ କେତେକ ତଥ୍ୟ ଓ ଜ୍ଞାନ ପ୍ରଚାରର ଲକ୍ଷ୍ୟ ମଧ୍ୟ ଅନ୍ତର୍ନିହିତ ଥାଏ । ମୁଁ ନିଜେ ଏକ ସମୟରେ ଖଣ୍ଡାଦିନଆ ଉତ୍ସବର ପକ୍ଷପାତୀ ନ ଥିଲି, କିନ୍ତୁ ଏବେ ବେଳକୁ ବେଳ ଅନୁଭବ କରୁଛି ଯେ, ଶ୍ରୀପଞ୍ଚମୀ ଦିନ ନିରାଡମ୍ବର ଭାବରେ କବିଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି, ମେ ମାସରେ ବଡ଼ ଧରଣର ଜୟନ୍ତୀ ଯଷ୍ଟି କରାଯାଇପାରେ । ତେବେ, ଜନ୍ମଦିବସର ପ୍ରମାଣ ନ ମିଳିବାଯାଏ ଏହିଁ ଏହା ସ୍ୱୀକରଣୀୟ ।

ଭଗବାନ କରନ୍ତୁ, କୌଣସି ସୂତ୍ରରୁ ଏହି ଜାତୀୟ ମହାକବିଙ୍କର ସଠିକ୍ ଜନ୍ମ ଦିବସର ସନ୍ଧାନ ମିଳୁ ଏବଂ ଯଥାର୍ଥ ତିଥିରେ ଏ ଜାତି ପ୍ରତିଭା ପୂଜା କରୁ ।

## କବିଙ୍କ ଜନ୍ମସ୍ଥାନ :—

ଗୁମା ଓ ଘର ଯୁକ୍ତ ସ୍ଥାନ ବା ଗୁମାଘର (ଲୋକ ମୁଖର ଘୁମୁସର)ହିଁ ଥିଲା ଭଞ୍ଜବଂଶର ପ୍ରଥମ ରାଜଧାନୀ (୧) । କିନ୍ତୁ ପରବର୍ତ୍ତୀ କାଳରେ କୁଲାଡ଼ ସହର ଭଞ୍ଜବଂଶର ରାଜଧାନୀ ହେଲା । ଭଞ୍ଜବଂଶର ଦ୍ୱାବିଂଶତମ ରାଜା କୁଆଁରେଜ ୧୧୯୦ ଖ୍ରୀଷ୍ଟାବ୍ଦରେ ରାଜଧାନୀକୁ ସ୍ଥାନାନ୍ତରିତ କରିଥିଲେ । ଲୋକମୁଖରେ ପ୍ରଚଳିତ ଅଛି ଯେ, ସେତେବେଳେ 'କୁଲ୍' ନାମକ ଜଣେ କନ୍ଧ, ଲୋକଙ୍କୁ ମେଳାଇ ବଡ଼ ଶକ୍ତିଶାଳୀ ହୋଇ ଉଠିଲା । ରାଜାଙ୍କର ଭୟ ହେଲା, କାଳେ ସେ ରାଜଧାନୀ ମାଡ଼ି ବସିବ । ତେଣୁ ତାକୁ ଯେଉଁଠାରେ ସେ ହତ୍ୟା କଲେ, ସେଠାରେ ତାଙ୍କର ନୂତନ ରାଜଧାନୀ ଗଢ଼ିଉଠିଲା । ଗତ ଶହ ଶହ ବର୍ଷ ଧରି ଘୁମୁସର ରାଜ୍ୟରେ ଏହି ନୂତନ ରାଜଧାନୀ ହିଁ ଐତିହାସିକ ପ୍ରତିଷ୍ଠା ଲାଭ କରିଅଛି । କୁଲ୍‌କୁ ହତ୍ୟାକରି ଗଡ଼ ନିର୍ମାଣ କରା ହୋଇଥିବାରୁ, ତାହାର ନାମ ରଖାଗଲା 'କୁଲ୍‌ଗଡ଼' (୨) । କାଳକ୍ରମେ ଲୋକମୁଖରେ କୁଲାଗଡ଼ ଶବ୍ଦଟି 'କୁଲାଡ଼'ରେ

---

(୧) ଏହା ପୁରୁଣା ଘୁମୁସର ନାମରୂପେ ଏବେ ସୁପରିଚିତ । ଭଞ୍ଜନଗରଠାରୁ ପ୍ରାୟ ୭-୮ ମାଇଲ ଦୂର ।

(୨) ମତାନ୍ତରରେ—ଗୁପ୍ତ ସାମ୍ରାଜ୍ୟ କାଳର ଏହି ସ୍ଥାନ ହିଁ ହେଉଛି 'କୁରାଳକ ଦୁର୍ଗ' । ଏହି କୁରାଳକ ଶବ୍ଦର ଅପଭ୍ରଂଶ ହେଉଛି 'କୁଲାଡ଼' । ଏହି ମତର ସତ୍ୟତା ଅନୁସନ୍ଧେୟ ।

ପରିଚିତ ହୋଇଅଛି । ତଦ୍‌ବଦମାନେ କହନ୍ତି, ରାଜା ଧନଞ୍ଜୟ ଭଞ୍ଜ ସତୁରି ହଜାର ଟଙ୍କା ବ୍ୟୟ କରି ଦୁର୍ଗର ଉନ୍ନତି ସାଧନ କରିଥିଲେ । ଶତ୍ରୁମାନଙ୍କ ଆକ୍ରମଣରୁ ରାଜ୍ୟକୁ ରକ୍ଷା କରିବା ପାଇଁ ଘୁମୁସର ରାଜ୍ୟରେ ଅଠର ଗୋଟି ଗଡ଼ ନିର୍ମିତ ହୋଇଥିଲା । ସେ ମଧ୍ୟରେ 'କୁଲାଡ଼ ଗଡ଼' ସବୁଠାରୁ ସୁନ୍ଦର, ସୁଦୃଢ଼ ଓ ପ୍ରସିଦ୍ଧ । ଗଞ୍ଜାମର ବାଣିଜ୍ୟ ସହର ବ୍ରହ୍ମପୁରଠାରୁ ଭଞ୍ଜନଗର [illegible] ୫୦ ମାଇଲ ବା ୮୦ କିଲୋମିଟର । ଭଞ୍ଜନଗରଠାରୁ କୁଲଡ଼ [illegible] ମାତ୍ର ୫ ମାଇଲ ବା ଆଠ କି: ମି: । ଗଡ଼ର ପୂର୍ବ ପାର୍ଶ୍ୱରେ ଗଞ୍ଜାମର ମହାନଦୀ ବା ବଡ଼ ନଦୀ ପ୍ରବାହିତ ହେଉଅଛି । ପୁଣି ପଶ୍ଚିମ ଭାଗରେ ଘନ ବନ ପରିପୂର୍ଣ୍ଣ ପର୍ବତମାଳା ଦଣ୍ଡାୟମାନ । ରାଜାଙ୍କର ନଅର ଥିଲା ପର୍ବତର ବକ୍ଷଦେଶରେ । ଏପର୍ଯ୍ୟନ୍ତ ତାହାର ଭଗ୍ନାବଶେଷ ରହିଅଛି । ନିକଟବର୍ତ୍ତୀ ସମତଳ ଭୂମିଠାରୁ ପ୍ରାୟ ୧୦୦-୧୫୦ ଫୁଟ ଉଚ୍ଚରେ ଏକ ବିରାଟକାୟ ପଥର ରହିଅଛି । ତାହାର ନିମ୍ନଭାଗରେ ଗୋଟିଏ ପ୍ରଶସ୍ତ ଅଗଣା ପରି ଦେଖାଯାଏ । ଲୋକେ ତାକୁ କହନ୍ତି 'ବେହରଣୀ ଗୁମ୍ଫା' । କଥିତ ଅଛି, ରାଜା ଧନଞ୍ଜୟ ସେହି ବିରାଟକାୟ ଶିଳାଖଣ୍ଡ ଉପରେ ବିହାର କରି ଗଡ଼ ଚତୁଃପାର୍ଶ୍ୱର ପ୍ରାକୃତିକ ଶୋଭା ଦେଖୁଥିଲେ । ସମୟ ସମୟରେ ସେହି ଗୁମ୍ଫା ଉପରେ ପଣ୍ଡିତ ସଭା ଓ କବି ସମ୍ମିଳନୀ ଅନୁଷ୍ଠିତ ହେଉଥିଲା । ଉପେନ୍ଦ୍ର ଭଞ୍ଜ ମଧ୍ୟ ସେହି ଗୁମ୍ଫା ଉପରୁ ପ୍ରକୃତିର ରୁଦ୍ର ସୁନ୍ଦର ରୂପ ଦର୍ଶନ କରୁଥିଲେ । ଇଂରାଜୀ କବି ଶେଲି ତାଏ ଲେଖିଛନ୍ତି,—

**'From nature doth emotion come and moods of calmness equally are nature's gift + + Hence genius + + Finds in her his best and purest friends."**

ଏହା ଏକ ଚିରନ୍ତନ ସତ୍ୟ । ଉପେନ୍ଦ୍ର ଭଞ୍ଜଙ୍କର ଅନେକ କବିତା ଯେଉଁମାନେ ମନନ କରିଛନ୍ତି, ସେମାନେ 'ବେହରଣୀ ଗୁମ୍ଫା' ଉପରେ ଠିଆ ହେଲେ ଏକ ଅନିର୍ବଚନୀୟ ଭାବାବେଶରେ ବିହ୍ୱଳ ହୋଇ ପଡ଼ିବେ । 'ଦେଖି ନବକଳିକା ବକାଳିକା ମାଳିକା' ପ୍ରଭୃତି କବିତା ସେହି 'ବେହରଣୀ ଗୁମ୍ଫା' ଉପରେ ହିଁ କବି ମାନସରୁ ଜନ୍ମଲାଭ କରିଥିବ ବୋଲି ପ୍ରତ୍ୟୟ ଜନ୍ମିଥାଏ । ସେଠାରେ ଠିଆ ହୋଇ ପୂର୍ବଦିଗକୁ ଚାହିଁଲେ ଦୁଇଟି ପର୍ବତର ମଧ୍ୟଦେଇ ଓଡ଼ଗାଁର ପ୍ରସିଦ୍ଧ ରଘୁନାଥଙ୍କ ମନ୍ଦିର ଦେଖାଯାଏ ବୋଲି ପ୍ରବାଦ ଅଛି ।

ଉଭୟ ସ୍ଥାନର ଭୌଗୋଳିକ ପରିସ୍ଥିତି ଦେଖିଲେ ଏହା ବାସ୍ତବ ପରି ମନେହୁଏ । ଉପେନ୍ଦ୍ର ସେହି କୁଲାଡ଼ ଦୁର୍ଗରେ ଜନ୍ମ ହୋଇ କରିଥିବାର ଜଣାଯାଏ । ୧୮୫୩ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ କୁଲାଡ଼ ଦୁର୍ଗ ଅସାଧାରଣ ଗୌରବର ଅଧିକାରୀ ଥିଲା । ସେହି ବର୍ଷ ପ୍ରାଣମୂର୍ଚ୍ଛା ପ୍ରତିରୋଧ କରି ମଧ୍ୟ ଭଞ୍ଜ ରାଜା ପ୍ରବଳ ପରାକ୍ରମୀ ବ୍ରିଟିଶ ସୈନ୍ୟମାନଙ୍କର କବଳରେ ନିପତିତ ହେଲେ । ଭଞ୍ଜଭୂମିର ଦୁର୍ଦ୍ଦାନ୍ତ କନ୍ଧ ସୈନିକମାନେ ଶେଷ ରକ୍ତବିନ୍ଦୁ ଦେଇ ମଧ୍ୟ ଜନ୍ମଭୂମିକୁ ଶତ୍ରୁ କବଳରୁ ରକ୍ଷା କରି ପାରିଲେ ନାହିଁ । ଜନ୍ମଭୂମିର ମାନମର୍ଯ୍ୟାଦା ରକ୍ଷା କରିବାକୁ ଯେଉଁମାନେ ପ୍ରାଣ ପ୍ରାୟଶ୍ଚିତ୍ତ କରିଥିଲେ, ରକ୍ତମୁଖା ଗୋରା ସୈନ୍ୟମାନେ ସେମାନଙ୍କ ପ୍ରତି ପୈଶାଚିକ ବ୍ୟବହାର କରିଥିଲେ । ଗୋରା ସୈନ୍ୟମାନଙ୍କର ଅତ୍ୟାଚାରର ବର୍ଣ୍ଣନା ପଢ଼ିଲେ ଆଜି ମଧ୍ୟ ଆମର ରୋମ ଟାଙ୍କୁରି ଉଠେ, ରକ୍ତପ୍ରବାହ ସ୍ତମ୍ଭିତ ହୋଇଯାଏ, ହୃଦୟ ଭିତରେ ଥରିଉଠେ । ଆଜି ଯେଉଁ ନଗର 'ଭଞ୍ଜନଗର' ନାମରେ ଖ୍ୟାତ, ଆଗେ ସେଠାରେ ସହର ନ ଥିଲା । କୁଲାଡ଼ ଗଡ଼କୁ ଆକ୍ରମଣ କରିବା ପାଇଁ ଇଂରେଜ ସୈନ୍ୟମାନେ ସେଠାରେ ଥିବା ଏକ ଶ୍ରେଷ୍ଠ ପାହାଡ଼ ଉପରେ ଛାଉଣି ପକାଇଥିଲେ । ରସଲ୍ ସାହେବ ଥିଲେ ସେମାନଙ୍କର ସେନାପତି । ସେ ଦକ୍ଷିଣ ପଟୁ ଆସିଥିଲେ ଏବଂ ତାଙ୍କ ସହିତ ଅନେକ ତେଲୁଗୁ ଭାଷୀ ଲୋକେ ନାନା ସୂତ୍ରରେ ସେଠାକୁ ଆସିଥିଲେ । ତେଲୁଗୁ ଭାଷାରେ ପାହାଡ଼କୁ 'କୋଣ୍ଡା' କହନ୍ତି । ଯେଉଁ କୋଣ୍ଡା ବା ପାହାଡ଼ ଉପରେ ରସଲ ସାହେବଙ୍କ ସୈନ୍ୟମାନେ ଛାଉଣି ପକାଇଥିଲେ, ତାହା 'ରସଲ ସାହେବଙ୍କ କୋଣ୍ଡା' ବା 'ରସଲ-କୋଣ୍ଡା' ରୂପେ ପରିଚିତ ହେଲା । ସ୍ୱାଧୀନ ଭାରତର ଅନେକ ସ୍ଥାନ ଓ ସହର ସେମାନଙ୍କର ପ୍ରାଚୀନ କିମ୍ବା ସାର୍ଥକ ନୂତନ ନାମ ଦ୍ୱାରା ପୁନର୍ନାମିତ ହୋଇଅଛନ୍ତି । ସେହି ସୂତ୍ରରେ, ପ୍ରାୟ ବାର ବର୍ଷ ତଳେ ରସଲକୋଣ୍ଡା ନାମ ପରିବର୍ତ୍ତିତ ହୋଇ ସହରଟିକୁ ଭଞ୍ଜନଗର ନାମ ଦିଆଯାଇଛି । ସହରର ମଧ୍ୟଭାଗରେ ପାହାଡ଼ଟି ଅବସ୍ଥିତ । ପାହାଡ଼ ଉପରେ ଠିଆ ହେଲେ ଚତୁର୍ଦ୍ଦିଗର ଗୋଲାକାର ରାସ୍ତା ଦେଖି ମନେହୁଏ, ଯେପରି କି ଏକ ସୁବିଶାଳ ଅଜଗରରୂପୀ ଶିବଲିଙ୍ଗର ଚତୁର୍ଦ୍ଦିଗରେ ଏକ 'ଅଣ୍ଟାପାଡ଼ିଆ' ଗିଡ଼ାଇ ଦିଆଯାଇଛି ।

କୁଲାଡ଼ ଦୁର୍ଗରେ ଉପେନ୍ଦ୍ର ଭଞ୍ଜ ଜନ୍ମ ହୋଇ ଜୀବନର ପ୍ରାୟ ଅନ୍ତତଃ ପଚାଶ ଛବିଶ ବର୍ଷ ପର୍ଯ୍ୟନ୍ତ ଅବସ୍ଥାନ କରିଥିବାର ଅନୁମିତ ହୁଏ । ତେଣୁ ଏହା ଏକ ଜାତୀୟ ସ୍ମୃତିପୀଠ । ୧୯୩୬ ଖ୍ରୀଷ୍ଟାବ୍ଦରେ ଏପ୍ରିଲ ପହିଲା ଦିନ

ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠିତ ହେଲା । ସେତେବେଳେ ଓଡ଼ିଆ ଭାଷା ଓ ସାହିତ୍ୟର ସ୍ୱକୀୟ ବିକାଶ ବିକାଶ ଦୃଷ୍ଟିରୁ ହିଁ ଓଡ଼ିଆମାନଙ୍କର ସ୍ୱତନ୍ତ୍ର ରାଜ୍ୟ ସୃଷ୍ଟି ହୋଇଥିଲା । ସାଧାରଣ ଭାବରେ କହିଲେ, ଭାଷା ସୂତ୍ରରେ ପ୍ରଦେଶ ଗଠିତ ହୋଇଥିଲା । ଭାଷା ବୋଲନ୍ତେ ଖାଲି କଥିତ ଓଡ଼ିଆ ଭାଷା ନୁହେ । ଓଡ଼ିଆ ଭାଷାର ସମୃଦ୍ଧ ସାହିତ୍ୟ ହିଁ ତାହାର ଜାତୀୟ ବ୍ୟକ୍ତିତ୍ୱର ମାନଦଣ୍ଡ ରୂପେ ବିବେଚିତ ହୋଇଥିଲା । ଯେଉଁ କେତେ ଜଣ ମହାସାଧକଙ୍କ ଅବଦାନ ଫଳରେ ଓଡ଼ିଆମାନଙ୍କର ଭାଷାଗତ ଦାବୀ ଉଚ୍ଚସ୍ତରରେ ସ୍ୱୀକୃତ ହୋଇଥିଲା, ସେମାନଙ୍କ ମଧ୍ୟରେ ଉପେନ୍ଦ୍ର ଭଞ୍ଜ ଅନ୍ୟତମ । ସାରଳା, ଜଗନ୍ନାଥ, ଦୀନକୃଷ୍ଣ, ଉପେନ୍ଦ୍ର, ଅଭିମନ୍ୟୁ, କବିସୂର୍ଯ୍ୟ, ଫକୀରମୋହନ, ରାଧାନାଥ, ମଧୁସୂଦନ, ଗଙ୍ଗାଧର ପ୍ରମୁଖ ସ୍ୱନାମଧନ୍ୟ ମହାସାଧକମାନଙ୍କର ଜନ୍ମସ୍ଥଳୀ ଓଡ଼ିଆ ଜାତିର ଗୋଟିଏ ଗୋଟିଏ ସାରସ୍ୱତ ତୀର୍ଥକ୍ଷେତ୍ର । ପ୍ରତ୍ୟେକ ଓଡ଼ିଆ, ଏପରି କି ପ୍ରତ୍ୟେକ ପ୍ରତିଭା-ପୂଜକ ବ୍ୟକ୍ତି ଜୀବନରେ ଥରେ ହେଲେ ସୁଦ୍ଧା ଏହି ମହାକବିମାନଙ୍କର ଜନ୍ମପୀଠ ଦର୍ଶନ କରିବା ଉଚିତ । କୁଲଡ଼ ଗଡ଼ର ଧ୍ୱଂସ (?) କୁଆଡ଼େ ଲୁଚି-ଗଲାଣି । କିନ୍ତୁ ଓଡ଼ିଆ ଜାତି ଯେତିକି ଆତ୍ମପ୍ରତିଷ୍ଠା ଅର୍ଜନ କରୁଅଛି, ସେତିକି ସେତିକି ଉପେନ୍ଦ୍ରଙ୍କର ଗୌରବ ଗଭୀର ଭାବରେ ଅନୁଭୂତ ହେଉଅଛି । ଆଶା କରାଯାଏ, ଏଣିକି ଯାନବାହନର ସୁବିଧା ଦୃଷ୍ଟିରୁ ଭଞ୍ଜଙ୍କର ଜନ୍ମପୀଠ ପ୍ରତିବର୍ଷ ସହସ୍ର ସହସ୍ର ଲୋକଙ୍କୁ ଆକୃଷ୍ଟ କରିବ । ଦିନ ଆସିବ, ଯେତେବେଳେ ଲୋକେ କୁଲଡ଼ରେ ଉପସ୍ଥିତ ହୋଇ ସେହି ପବିତ୍ର ମାଟିର ତିଳକ ଗ୍ରହଣ କରିବେ ।

## କବିଙ୍କ ପ୍ରତିମୂର୍ତ୍ତି :—

ଆଜିକାଲି ବହୁ ସ୍ଥାନରେ କବିମାନଙ୍କର ଜୟନ୍ତୀ ଉତ୍ସବ ପାଳିତ ହେଉଅଛି । ସେହି ଉପଲକ୍ଷେ କବିଙ୍କର ଆଲୋକଚିତ୍ର (ଫୋଟୋ) କିମ୍ବା ପ୍ରତିମୂର୍ତ୍ତି ରଙ୍ଗମଞ୍ଚ ଉପରେ ସ୍ଥାପିତ ହୋଇଥାଏ । ସଭାର ଆରମ୍ଭରେ କବିଙ୍କୁ ପୁଷ୍ପମାଳାରେ ଭୂଷିତ କରାଯାଇଥାଏ । ଅନେକ ସ୍ଥାନରେ ଧୂପ ଓ ଦୀପର ପରମ ସୁନ୍ଦର ବ୍ୟବସ୍ଥା ମଧ୍ୟ କରାଯାଇଥାଏ । ଆମେ ଆମ ଦେବଦେବୀଙ୍କ ପୂଜା କଲାବେଳେ ତାଙ୍କ ଉଦ୍ଦେଶ୍ୟରେ ଧୂପ, ଦୀପ ଓ ପୁଷ୍ପ ଚନ୍ଦନ ପ୍ରଭୃତି ଅର୍ପଣ କରିଥାଉ । ସେହି କ୍ରମ ଅବଲମ୍ବନ କରି, ଦେବଲୋକଗତ ତଥା ଦେବରୂପଧାରୀ ପ୍ରତିଭାଶାଳୀ କବିଙ୍କୁ ଜନତା ସମକ୍ଷରେ, ରଙ୍ଗମଞ୍ଚ ଉପରେ ଏହିପରି ଭାବରେ ପୂଜା କରାଯାଇଥାଏ । କିନ୍ତୁ ପରିତାପର ବିଷୟ, ଏ ପର୍ଯ୍ୟନ୍ତ ଭଞ୍ଜଙ୍କର ଉପଯୁକ୍ତ ଓ ପ୍ରାମାଣିକ ପ୍ରତିମୂର୍ତ୍ତି

ମୌଳିକ ନୋଟନକା ଆସିପାରିଲ୍ ନାହିଁ । କଳିଙ୍ଗ ଭାରତୀର ଉଦ୍ୟମ ଏ ଦୃଷ୍ଟିରେ ପ୍ରଶଂସନୀୟ; କାରଣ "ନାହିଁ ମାମୁଁଠାରୁ କଣାମାମୁଁ ଭଲ" ନ୍ୟାୟରେ, ସେମାନେ କିଛି ଚୋଟାଏ କାଳ୍ପନିକ ମୂର୍ତ୍ତି, ଜୟନ୍ତୀ-ଉତ୍ସବରେ ପୂଜା କରି ଆସୁଅଛନ୍ତି । କଟକ ସହରର ପ୍ରାଧାନ୍ୟ ତଥା କଳିଙ୍ଗ ଭାରତୀ ସହିତ ଓଡ଼ିଶାର ବହୁ ବିଶିଷ୍ଟ ଲୋକଙ୍କର ସମ୍ପର୍କ ଦୃଷ୍ଟିରୁ, କଳିଙ୍ଗ ଭାରତୀର ଭଞ୍ଜ ମୂର୍ତ୍ତି ଅନେକଙ୍କ ମନରେ ପ୍ରଭାବ ବିସ୍ତାର କରିଅଛି । କିନ୍ତୁ ଏହା ଯେ ଏକ କଳ୍ପିତ ମୂର୍ତ୍ତି, ଏଥିରେ ସନ୍ଦେହ ନାହିଁ । ଏ ବିଷୟ ସ୍ପଷ୍ଟ କହିଦେବା ଦରକାର, ଭଞ୍ଜ-ଜୟନ୍ତୀ ଉତ୍ସବମାନଙ୍କରେ ଓଡ଼ିଶାର ବହୁ ବିଶିଷ୍ଟ ବ୍ୟକ୍ତି ଭଞ୍ଜଙ୍କ ପ୍ରକୃତ ମୂର୍ତ୍ତି ଖୋଜି ବାହାର କରିବା ପାଇଁ କହିଆସୁଛନ୍ତି । ସ୍ୱର୍ଗତ ପଣ୍ଡିତ ନୀଳକଣ୍ଠ, ସ୍ୱର୍ଗତ ପଣ୍ଡିତ ଗୋଦାବରୀଶ ମିଶ୍ର, ସ୍ୱର୍ଗତ ଚିନ୍ତାମଣି ଆଚାର୍ଯ୍ୟ, ସ୍ୱର୍ଗତ ଲକ୍ଷ୍ମୀ ନାରାୟଣ ସାହୁ, ସ୍ୱର୍ଗତ ଗୋଦାବରୀଶ ମହାପାତ୍ର ପ୍ରମୁଖ ସାହିତ୍ୟ-ସାଧକମାନେ ଭଞ୍ଜ-ଜୟନ୍ତୀ ମଣ୍ଡପରେ, ଏହି ମର୍ମରେ ବାରମ୍ବାର କହିଛନ୍ତି—"ଏ ମୂର୍ତ୍ତି ଭଞ୍ଜଙ୍କର ନୁହେଁ । ଭଞ୍ଜଙ୍କର ପ୍ରକୃତ ମୂର୍ତ୍ତି ବାହାର କରିବାକୁ ଉଦ୍ୟମ କରାଯାଉ ।" କିନ୍ତୁ, ସେମାନଙ୍କର ପରାମର୍ଶ ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ କରାଯାଇ ପାରି ନାହିଁ ।

କଟକର କଳିଙ୍ଗ ଭାରତୀ ଏବଂ ପୋଷ୍ଟର ଅନୁଗାମୀମାନେ ଭଞ୍ଜଙ୍କର ଯେଉଁ ମୂର୍ତ୍ତି ପୂଜା କରନ୍ତି, ସେହି ମୂର୍ତ୍ତି ଭଞ୍ଜନଗରର ଭଞ୍ଜମୂର୍ତ୍ତି ନୁହେଁ । କଟକର ଭଞ୍ଜମୂର୍ତ୍ତି 'ଭଞ୍ଜପ୍ରଭା' ନାମକ ପୁସ୍ତକରେ ଦେଖିବାକୁ ମିଳେ । ଏହି ପୁସ୍ତକଟି କଟକର କଳିଙ୍ଗ ଭାରତୀ ନିଜେ ଛାପିଛନ୍ତି । କିନ୍ତୁ ଭଞ୍ଜନଗରର 'ଭଞ୍ଜ-ସାହିତ୍ୟ ପରିଷଦ' ଭିନ୍ନରୂପରେ ଭଞ୍ଜମୂର୍ତ୍ତି ଗଠନ କରିଅଛନ୍ତି । ସେଠା ସାହିତ୍ୟ ପରିଷଦ ପ୍ରାଙ୍ଗଣରେ ଭଞ୍ଜଙ୍କର ପୂର୍ଣ୍ଣାବୟବ ମୂର୍ତ୍ତି ସ୍ଥାପିତ ହୋଇଅଛି । ପଣ୍ଡିତ ଶ୍ରୀଧର ଶତପଥୀଙ୍କ 'ଅମର ସନ୍ତାନ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ' ପୁସ୍ତକର ମଲାଟରେ ଭଞ୍ଜନଗରର ଭଞ୍ଜମୂର୍ତ୍ତିର ଚିତ୍ର ଦେଖିବାକୁ ମିଳେ । ଏ ଦୁଇ ପୁସ୍ତକର ଚିତ୍ର ଦେଖିଲେ ଦୁଇଟି ମୂର୍ତ୍ତି କିପରି ପରସ୍ପରଠାରୁ ଭିନ୍ନ, ସହଜରେ ଜଣାପଡ଼ିବ । ଏହାଛଡ଼ା, ଭଞ୍ଜଙ୍କର ଆଉ ଏକ ପ୍ରତିରୂପ ଏବେ ପରିକଳ୍ପିତ ହୋଇଅଛି । ଗଞ୍ଜାମ ବ୍ରହ୍ମପୁର ଭଞ୍ଜନଗର—ଫୁଲବାଣୀ ରାସ୍ତାରେ ୧୪ ମାଇଲ ଦୂରରେ 'ହିଞ୍ଜିଳୀକାଟୁ' ନାମକ ସହର ଅଛି । ସେଠାରେ ଯେଉଁ ମହାବିଦ୍ୟାଳୟ ଅଛି, ତହିଁରେ ଭଞ୍ଜଙ୍କର ଏକ ତୈଳଚିତ୍ର ସ୍ଥାପିତ ହୋଇଅଛି । ଗଞ୍ଜାମର ପ୍ରସିଦ୍ଧ ଚିତ୍ରଶିଳ୍ପୀ ଶ୍ରୀଯୁକ୍ତ ହରିହର ମହାପାତ୍ର ଏହି ନୂତନ ଚିତ୍ରଲାଗି ଧନ୍ୟବାଦର ପାତ୍ର । ଏହି ଚିତ୍ରଟି ଏକାନ୍ତ ଚିତ୍ତାକର୍ଷକ ହୋଇଅଛି । ଚିତ୍ରରେ କବିଙ୍କର

ପ୍ରସନ୍ନ ମୁଖମଣ୍ଡଳ, ଭାବଗମ୍ଭୀର ଚକ୍ଷୁଦ୍ୱୟ ଏବଂ ମୁଖର ଠାଣି ବା ପରିପାଟୀ ଯେପରି ପ୍ରଦର୍ଶିତ ହୋଇଅଛି, ତାହା ଦର୍ଶକ ମନରେ କବିଙ୍କ ପ୍ରତି ସହଜ ଅନୁରାଗ ସୃଷ୍ଟି କରିଥାଏ। କିନ୍ତୁ ଏହାର ପ୍ରାମାଣିକତା, ନିର୍ଭରତା ଓ ସମୀଚୀନତା ପରୀକ୍ଷଣୀୟ। କେବଳ ସୁନ୍ଦର, ବର୍ଣ୍ଣାଢ୍ୟ ଚିତ୍ର ଦୃଷ୍ଟିରୁ ହିଁ ତାହାର ସର୍ବ-ସ୍ୱୀକାର୍ଯ୍ୟତା ଓ ସମର୍ଥନଯୋଗ୍ୟତା ଯୁକ୍ତିଯୁକ୍ତ ହୋଇ ନ ପାରେ।

ନିକଟରେ ପଣ୍ଡିତ ସୂର୍ଯ୍ୟନାରାୟଣ ଦାଶ ଆଉ ଏକ କଥା ପ୍ରତି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଅଛନ୍ତି। ସେହି କଥା ଉତ୍କଳର ମହତାବ ଆଗରେ ଥରେ କହିଥିବା ଏହି ଲେଖକଙ୍କର ମନେ ଅଛି। ସେହି କଥାଟି ହେଉଛି :—

ଭଞ୍ଜନଗରର ପ୍ରାୟ ୭।୮ ମାଇଲ ଦୂରରେ ବେଣୀପଲ୍ଲୀ ନିକଟବର୍ତ୍ତୀ 'ପୁରୁଣା ଘୁମୁସର ଗଡ଼'ରେ ଏକ ପ୍ରାଚୀନ ମନ୍ଦିର ଅଛି। ମନ୍ଦିର ଦେହରେ ଅଳ୍ପ କେତେ ଧାଡ଼ି ଉପରେ ଗୋଟିଏ ସୁନ୍ଦର ମୂର୍ତ୍ତି ଅଛି। ସେହି ମୂର୍ତ୍ତିଟି ଉପେନ୍ଦ୍ର ଭଞ୍ଜଙ୍କ ପିତାମହ ଧନଞ୍ଜୟ ଭଞ୍ଜଙ୍କର ମୂର୍ତ୍ତି ବୋଲି ଲୋକେ କହନ୍ତି। ଘୁମୁସରର ପୁରୁଣା ଲୋକେ କହନ୍ତି ଯେ, ଉପେନ୍ଦ୍ର ଭଞ୍ଜଙ୍କ ଚେହେରା ଠିକ୍ ତାଙ୍କ ପିତାମହ ଧନଞ୍ଜୟ ଭଞ୍ଜଙ୍କ ଚେହେରା ପରି।

ସୁତରାଂ, ଏହି ସବୁ ଧରି ଉପେନ୍ଦ୍ର ଭଞ୍ଜଙ୍କର ମୂର୍ତ୍ତି କଳ୍ପନା କରାଯାଇ-ପାରେ।

କିନ୍ତୁ ସବୁଠାରୁ ଅଧିକ ଉଲ୍ଲେଖଯୋଗ୍ୟ ହେଉଛି, ତାଳପତ୍ର ପୋଥିରେ ଭଞ୍ଜଙ୍କର ରୂପାଙ୍କନ। ଧରାକୋଟ ରଜାଙ୍କର ଏକ 'ବୈଦେହୀଶ ବିଳାସ' ପୋଥି ଅଛି। ତାହା ଦୁଇଶହ ବର୍ଷ ପୂର୍ବେ ଲେଖା ହୋଇଥିବାର ଅନୁମିତ ହୁଏ। ସେହି ପୋଥିରେ ଉପେନ୍ଦ୍ର ଭଞ୍ଜଙ୍କର ଏକାଧିକ ମୂର୍ତ୍ତି ଅଙ୍କିତ ହୋଇଅଛି। ବୈଦେହୀଶ ବିଳାସର ପ୍ରଥମ ଛାନ୍ଦର ପ୍ରଥମ ପଦରେ ଶିବ, ବିଷ୍ଣୁ, ସୂର୍ଯ୍ୟ ପ୍ରଭୃତିଙ୍କୁ ବନ୍ଦନା କରାଯାଇଛି, ଅର୍ଥାତ୍ ଠାଏ ଶିବଙ୍କ ମୂର୍ତ୍ତି ଅଙ୍କିତ ହୋଇଅଛି ଓ ଉପେନ୍ଦ୍ର ଭଞ୍ଜ ଯୋଡ଼ହସ୍ତରେ ତାଙ୍କ ଆଗରେ ଠିଆ ହୋଇ ବନ୍ଦନା କରୁଛନ୍ତି। ଆଉ ଠାଏ, ବିଷ୍ଣୁଙ୍କ ଆଗରେ ଠିଆ ହୋଇ ସେହିପରି ଭଙ୍ଗୀରେ ବନ୍ଦନା କରୁଛନ୍ତି ଏବଂ ଅନ୍ୟ ଜାଗାରେ ମଧ୍ୟ ପୂର୍ବ ପରି ଠିଆ ହୋଇ, ସେହିପରି ସୂର୍ଯ୍ୟଙ୍କୁ ବନ୍ଦନା କରୁଛନ୍ତି। ଧରାକୋଟ, ଘୁମୁସରର ପଡ଼ୋଶୀ ରାଜ୍ୟ। ଏହି ଉଭୟ ରାଜ୍ୟ ସାହିତ୍ୟ-ସାଧନା ତଥା କବି ସମ୍ବର୍ଦ୍ଧନା ଲାଗି ଏବେ ମଧ୍ୟ ଲୋକମୁଖରେ ଉଚ୍ଚ ପ୍ରଶଂସିତ। ଧରାକୋଟ

ଓ ଘୁମୁସରର ଅନେକ ଲୋକ ତାଳପତ୍ର ପୋଥି ଲେଖିବାରେ ସିଦ୍ଧହସ୍ତ ଥିଲେ । ଏପରି ପୋଥି ଲେଖି, ସେଥିରେ ଚିତ୍ର ଲେଖିବା ଥିଲା ତାଙ୍କର ଜୀବିକା । ଏଣୁ ଉକ୍ତ ପୋଥିରୁ ଭଞ୍ଜଙ୍କର ଯେଉଁ ଚିତ୍ର ମିଳୁଛି, ତାହା ପ୍ରମାଣଯୋଗ୍ୟ ମନେହୁଏ । ହୋଇପାରେ, ଏ ପୋଥିରେ ଯେ ଭଞ୍ଜଙ୍କ ଛବି ଅଙ୍କନ କରିଛନ୍ତି, ସେ ଭଞ୍ଜଙ୍କୁ ସ୍ୱଚକ୍ଷୁରେ ଦେଖିଥିବେ ବା ତାଙ୍କ ବିଷୟେ ସବୁକିଛି ଜାଣିଥିବେ । ଅନୁମାନ କରାଯାଇପାରେ ଯେ, ସେହି ବ୍ୟକ୍ତି ଜଣେ ବର୍ଷୀୟାନ୍ ହୋଇଥିବେ । ତାହାହେଲେ, ଭଞ୍ଜଙ୍କର ବିଶ୍ୱାସଯୋଗ୍ୟ ପ୍ରତିମୂର୍ତ୍ତି ଲାଗି ଏବେ ଉଦ୍ୟମ କରିବା ଦରକାର । ବେଣିପଲ୍ଲୀ ମନ୍ଦିରର (?) ସେହି ମୂର୍ତ୍ତିଟିର ଫୋଟୋ ଏବଂ ଧରାକୋଟ ରଜାଙ୍କର ତାଳପତ୍ର ପୋଥିଚିତ୍ର—ଏ ଦୁଇଟିକୁ ନିଆଯାଇ ଏକ ସିଦ୍ଧାନ୍ତ କରିବା ଦରକାର । ଓଡ଼ିଶା ସରକାରଙ୍କର ସାଂସ୍କୃତିକ ବ୍ୟାପାର ବିଭାଗ, ଓଡ଼ିଶା ସାହିତ୍ୟ ଏକାଡେମୀ କିମ୍ବା ସୁପ୍ରସିଦ୍ଧ ସାହିତ୍ୟ-ସମାଜ, କଟକ, ଏ ଦିଗରେ ନେତୃତ୍ୱ ନେବା ଦରକାର । ଏଥିରେ କଟକ କଳିଙ୍ଗ ଭାରତୀ ଓ ଭଞ୍ଜନଗର ଭଞ୍ଜ-ସାହିତ୍ୟ ପରିଷଦର ପ୍ରତିନିଧିଙ୍କୁ ନିଆଯାଇପାରେ । ଏହାଛଡ଼ା, ଏହି ବିଷୟ ଉପରେ ବହୁକାଳ ଧରି ଆଲୋଚନା କରୁଥିବା କେତେକ ବ୍ୟକ୍ତିଙ୍କୁ ନିଆଯାଇପାରେ । ପ୍ରତିବର୍ଷ ଖରାଦିନେ ଓଡ଼ିଶାର ବହୁ ଅଞ୍ଚଳ ଭଞ୍ଜ-ଜୟନ୍ତୀ ମହୋତ୍ସବରେ ମୁଖରିତ ହୋଇଉଠେ । ଆହୁରି ଅନେକ କାଳଧରି ଏପରି ହେବାର ଆଶା କରାଯାଏ । ସୁତରାଂ, ଏ ଦିଗରେ ଏକ ନିଷ୍ପତ୍ତି ଏକାନ୍ତ ଆବଶ୍ୟକ ।

# ଭଞ୍ଜଙ୍କ ଜନପ୍ରିୟତା

## 'କବି ସମ୍ରାଟ୍' ଉପାଧି :—

ଉପେନ୍ଦ୍ର ଭଞ୍ଜ ଓଡ଼ିଶାରେ ଅସାଧାରଣ ଜନପ୍ରିୟତା ଲାଭ କରିଛନ୍ତି । ଏହି ଜନପ୍ରିୟତା ଏକାବେଳକେ ବିଲକ୍ଷଣ, ଅନନ୍ୟସୁଲଭ ତଥା ଅତୁଳନୀୟ । ଜନପ୍ରିୟତା କହିଲେ ଓଡ଼ିଶାର ଜନସମାଜରେ ସୁପରିଚିତ ବୋଲି ବୁଝିବାକୁ ହେବ । ଓଡ଼ିଶାର ଜନତାକୁ ଏହି ପ୍ରସଙ୍ଗରେ ଦୁଇ ଭାଗରେ ବିଭକ୍ତ କରାଯାଇ ପାରେ; ଯଥା :—ସାଧାରଣ ସାହିତ୍ୟପ୍ରେମୀ, ଅଳ୍ପଶିକ୍ଷିତ ପାଠକ ପାଠିକା, ଦ୍ୱିତୀୟରେ, ଓଡ଼ିଶାର ପଣ୍ଡିତ ସମାଜ । ପଣ୍ଡିତମାନେ ସଂସ୍କୃତ ସାହିତ୍ୟ ପ୍ରତି ଏକାନ୍ତ ଅନୁରକ୍ତ ଥିଲେ । ସଂସ୍କୃତ ସାହିତ୍ୟର ଚତୁର୍ଯ୍ୟ, ପାଣ୍ଡିତ୍ୟ ଓ ଆଳଙ୍କାରିକ ଛଟା ସେମାନଙ୍କୁ ବିମୁଗ୍ଧ କରି ରଖିଥିଲା । ଓଡ଼ିଆ ସାହିତ୍ୟରେ ସେଭଳି ଚତୁର୍ଯ୍ୟ ଓ ପାଣ୍ଡିତ୍ୟ ଭଞ୍ଜଙ୍କ ପର୍ଯ୍ୟନ୍ତ ବେଶି ପରିମାଣରେ ଫୁଟି ଉଠି ନ ଥିଲା । ସେଥିପାଇଁ, ସଂସ୍କୃତ ପଣ୍ଡିତମାନେ ଓଡ଼ିଆ ସାହିତ୍ୟକୁ ସେ ଭଳି ସମ୍ମାନପୂର୍ଣ୍ଣ ଦୃଷ୍ଟିରେ ଦେଖୁ ନ ଥିଲେ । ଓଡ଼ିଆ ମହାଭାରତର ଲେଖକ ସାରଳା ଦାସ, ଓଡ଼ିଆ ରାମାୟଣର ଲେଖକ ବଳରାମ ଦାସ, ଓଡ଼ିଆ ଭାଗବତର ଲେଖକ ଜଗନ୍ନାଥ ଦାସ ଏବଂ ଓଡ଼ିଆ ହରିବଂଶର ଲେଖକ ଅଚ୍ୟୁତାନନ୍ଦ ଦାସ ସାଧାରଣ ଜନସମାଜର ପ୍ରିୟପାତ୍ର ହୋଇ ପାରିଥିଲେ । କିନ୍ତୁ ଓଡ଼ିଶାର ସଂସ୍କୃତପାଠୀ ପଣ୍ଡିତମଣ୍ଡଳୀ ସେମାନଙ୍କୁ ଉଚ୍ଚାଦରରେ କବିରୂପେ ଗ୍ରହଣ କରୁ ନ ଥିଲେ ।

## ଭଞ୍ଜ ପ୍ରଭାବର ବ୍ୟାପ୍ତି :—

ଯେତେଦୂର ଜଣାଯାଏ, ଉପେନ୍ଦ୍ର ଭଞ୍ଜ ବୋଧହୁଏ ଓଡ଼ିଶାର ସର୍ବପ୍ରଥମ କବି, ଯାହାଙ୍କୁ ସାଧାରଣ ଜନତା ତଥା ପଣ୍ଡିତମଣ୍ଡଳୀ ସମଭାବରେ ତୁଙ୍ଗ ଆସନ ପ୍ରଦାନ କରିଥିଲେ । ପଣ୍ଡିତ ଗୋପବନ୍ଧୁ ଦାସ ଯଥାର୍ଥରେ ଲେଖି ଅଛନ୍ତି :—

"ଗାଏ ଭଞ୍ଜ ଗୀତ ସଭାରେ ପଣ୍ଡିତ
ପଥେ ପାନ୍ଥ ହୃଷ୍ଟମନା
ହଳେ ବୋଲେ ଚଷା ଅନ୍ତଃପୁରେ ଯୋଷା
ନୃତ୍ୟରଙ୍ଗେ ବାରାଙ୍ଗନା ।"

ଉପେନ୍ଦ୍ର ଭଞ୍ଜଙ୍କ ସମୟ ପର୍ଯ୍ୟନ୍ତ ଓଡ଼ିଶାର କୌଣସି କବି ଏତେ ବ୍ୟାପକ ଭାବରେ ସମ୍ମାନିତ ଓ ସମ୍ବର୍ଦ୍ଧିତ ହୋଇଥିବାର ପ୍ରମାଣ ଅଦ୍ୟାବଧି ମିଳିନାହିଁ । ସେଥିପାଇଁ, ଜନତା ତାଙ୍କୁ 'କବିସମ୍ରାଟ' ରୂପେ ଅଭିନନ୍ଦିତ ଓ ଅଭିବନ୍ଦିତ କରିଅଛି । ଉପେନ୍ଦ୍ର ଭଞ୍ଜଙ୍କୁ 'କବିସମ୍ରାଟ' ଉପାଧି କିଏ ଦେଇଥିଲା, ସେ କଥା ଜାଣିବାର ଉପାୟ ନାହିଁ । ଯେତେଦୂର ମନେହୁଏ, ଯେଉଁ କବି ସମସାମୟିକ ସମାଜରେ ସମସ୍ତଙ୍କୁ ନିଷ୍ପ୍ରଭ କରି ଦେଇଥିଲେ, ତାଙ୍କୁ ହିଁ ବଳେ ବଳେ 'କବିସମ୍ରାଟ' କୁହାଯାଇଥିଲା । ମହାକବି କାଳିଦାସଙ୍କର "ମେଧାରୁଦ୍ର" "କୋଟିଜିତ୍" ପ୍ରଭୃତି ନାମ ଅଛି । କେହି କେହି କହନ୍ତି, କୋଟି ବା ବହୁ-ସଂଖ୍ୟକ କବି ଓ ପଣ୍ଡିତଙ୍କୁ ସେ ଜୟ କରିଥିବାରୁ ତାଙ୍କୁ 'କୋଟିଜିତ୍' କୁହା-ଯାଉଥିଲା । କିନ୍ତୁ, ଖୋଜିବସିଲେ ଏହି ନାମର ଇତିହାସ ମିଳିବା ସମ୍ଭବପର ନୁହେ । ସେହିପରି, ଭଞ୍ଜଙ୍କର 'କବିସମ୍ରାଟ୍' ଉପାଧିର ଇତିହାସ ଘୋର ଅନ୍ଧକାରାଚ୍ଛନ୍ନ । ଓଡ଼ିଶାର ପ୍ରସିଦ୍ଧ କବି ମାର୍କଣ୍ଡେୟ 'ଦଶଗ୍ରୀବ ବଧ' ନାମକ ସଂସ୍କୃତ କାବ୍ୟ ରଚନା କରିଅଛନ୍ତି । ତହିଁରେ ସେ ନିଜକୁ "କବିରାଜ ଚକ୍ରବର୍ତ୍ତୀ" ବୋଲି ବର୍ଣ୍ଣନା କରିଛନ୍ତି । ଚକ୍ରବର୍ତ୍ତୀ ଓ ସମ୍ରାଟ ଏକାର୍ଥବାଚକ । ଉପେନ୍ଦ୍ର ଭଞ୍ଜ ଓଡ଼ିଶାର ବହୁ ରାଜଦରବାରରେ ନିଜର ଅପୂର୍ବ ପାଣ୍ଡିତ୍ୟ ଓ କବିତ୍ୱ ଦ୍ୱାରା ସମସ୍ତଙ୍କୁ ମ୍ଳାନପ୍ରଭ କରି ଦେଉଥିଲେ । ଏପରି କି, ମହା ମହା ସଂସ୍କୃତ ପଣ୍ଡିତମାନେ ମଧ୍ୟ ତାଙ୍କର ପ୍ରତିଭା ଦେଖି ଭୟଭୀତ ହୋଇ ପଡ଼ୁଥିଲେ । ରାଜସଭା ମାନଙ୍କରେ ରାଜ୍ୟର ଗଣ୍ୟମାନ୍ୟ ଲୋକେ ମଧ୍ୟ ଶ୍ରୋତା ଭାବରେ, ଦର୍ଶକ ଭାବରେ ଉପସ୍ଥିତ ହେଉଥିଲେ । ଯୁକ୍ତିତର୍କ, ବାଦାନୁବାଦ ଓ କବିତ୍ୱ ପରୀକ୍ଷାରେ ଉପେନ୍ଦ୍ର ସମସ୍ତଙ୍କୁ ଟପି ଯାଉଥିବାର ଦେଖି ସେମାନେ ହୁଏତ କହିପକାଉଥିଲେ, 'ଇଏ କବିସମ୍ରାଟ' । କାଳକ୍ରମେ ଏହି ଶବ୍ଦଟି ତାଙ୍କଠାରେ ରୂଢ଼ ହୋଇଗଲା । ଯଥାର୍ଥରେ, ଆଜି ପର୍ଯ୍ୟନ୍ତ ସେ 'କବି ସମ୍ରାଟ୍' ହୋଇ ରହିଛନ୍ତି । ଭଞ୍ଜ କହିଲେ ଯେପରି ଉପେନ୍ଦ୍ର ଭଞ୍ଜ ହିଁ ବୁଝାଯାଆନ୍ତି, କବି ସମ୍ରାଟ୍ କହିଲେ ଉପେନ୍ଦ୍ର ଭଞ୍ଜ ହିଁ ବୁଝାଯାଆନ୍ତି । ଏହି ଉପାଧିର ଗୌରବ ଅନ୍ୟ କୌଣସି କବିଙ୍କ ଭାଗ୍ୟରେ ସମ୍ଭବପର ହୋଇପାରି ନାହିଁ । ବଳଦେବଙ୍କର 'କବିସୂର୍ଯ୍ୟ' ଉପାଧି ମଧ୍ୟ ଏ ଭଳି ସମ୍ମାନସୂଚକ ।

ଗତ ୩୦ ବର୍ଷ ଧରି ଏହି ଲେଖକ ଓଡ଼ିଶାର ପୁରପଲ୍ଲୀରେ ତଥା ଓଡ଼ିଶା ବାହାରେ ବହୁବାର ଭାଷଣ ଦେଇ ଆସିଅଛି । ଭାଷଣମାନଙ୍କ ମଧ୍ୟରେ ଭଞ୍ଜ-ସାହିତ୍ୟ ବିଷୟକ ଭାଷଣ ବହୁସଂଖ୍ୟାରେ ଓ ବହୁ ସ୍ଥାନରେ ବହୁବାର ହୋଇ-

ଅଛି । କେତେକ ସଭାରେ ଓଡ଼ିଆ ସାହିତ୍ୟ ସଙ୍ଗେ ଆଦୌ ସମ୍ପର୍କ ନ ଥିବା କିମ୍ବା ଅଳ୍ପ ସମ୍ପର୍କ ଥିବା ଲୋକେ ସଭାପତି, ମୁଖ୍ୟ ଅତିଥି କିମ୍ବା ଉଦ୍‌ଘାଟକ ଭାବରେ ଅଂଶଗ୍ରହଣ କରିଛନ୍ତି । ଏହି ଲେଖକର ଭାଗ୍ୟରେ ପ୍ରାୟଶଃ ମୁଖ୍ୟବକ୍ତୃତ୍ୱ ଅବ୍ୟାହତ ରହି ଆସିଛି । ଦେଖାଯାଇଛି, ଯେଉଁମାନଙ୍କର ଓଡ଼ିଆ ସାହିତ୍ୟରେ ସେଭଳି ପ୍ରବେଶ ନାହିଁ, ସେମାନେ ଉପେନ୍ଦ୍ର ଭଞ୍ଜଙ୍କୁ ପରିହାସ, ଉପହାସ କିମ୍ବା ଅସମ୍ମାନ କରିବାକୁ ସାହସ କରି ନାହାନ୍ତି ତାହାର କାରଣ ହୋଇପାରେ, ଉପହାସ କରିବାକୁ ସେମାନଙ୍କର ମନ୍ଦ ପ୍ରଣୋଦନା କିମ୍ବା ଯୋଗ୍ୟତା ନ ଥିଲା । କିନ୍ତୁ କେତେକ ସ୍ଥଳରେ ବକ୍ତା ଭଞ୍ଜ-ସାହିତ୍ୟକୁ ଥଙ୍କା-ପରିହାସ କରି ଆତ୍ମତୃପ୍ତି ଲାଭ କରିଅଛନ୍ତି ! କେତେକ କହିଛନ୍ତି—"କବି ସମ୍ରାଟ୍" ଭଳି ଏକ ଶବ୍ଦ ହିଁ ଅର୍ଥହୀନ । ଆଜିକାଲି ଭାରତରେ 'ପ୍ରେସିଡେଣ୍ଟ' ବା ରାଷ୍ଟ୍ର[illegible]ନ୍ତି । ଆମେ ତ କେବେ ହେଲେ 'ପୋଏଟ୍ ପ୍ରେସିଡେଣ୍ଟ' ବୋଲି କାହାକୁ କହି ନ ଥାଉ"— ଏ ଭଳି ମତ ଯେଉଁମାନଙ୍କ ମୁହଁରୁ ବାହାରେ, ସେମାନେ ନୂଆ କଥାଟାଏ କହିଛନ୍ତି ଭାବି ଆନନ୍ଦ ଅନୁଭବ କରନ୍ତି । ଅଥଚ ଏହି ଶ୍ରେଣୀର ବକ୍ତାମାନେ କି ଭଳି ହାସ୍ୟାସ୍ପଦ ଭାବରେ ଜ୍ଞାନହୀନ ଓ ଓଡ଼ିଆ ସାହିତ୍ୟର କପର ଅନଭିଜ୍ଞ, ସେମାନେ ଲଜ୍ଜାମାନ ଅନୁଭବ କରି ନ ଥାନ୍ତି । ରବୀନ୍ଦ୍ରଙ୍କୁ 'କବୀନ୍ଦ୍ର' କହି କୁହାଯାଏ । ଏହିଭଳି ଜ୍ଞାନହୀନ ସାହିତ୍ୟିକମାନଙ୍କୁ ଆମେ କହିବା କଥା, "ଇନ୍ଦ୍ର ତ ସ୍ୱର୍ଗର ରାଜା, 'ରବୀନ୍ଦ୍ର' କଣ ସ୍ୱର୍ଗର ଆଉ ଜଣେ ରାଜା ?" ଅଥଚ ରବୀନ୍ଦ୍ରଙ୍କୁ 'କବୀନ୍ଦ୍ର' କହିବାରେ ଏମାନେ ସେ ଶବ୍ଦର ଅସଙ୍ଗତି ଅନୁଭବ କରି ପାରନ୍ତି ନାହିଁ । 'ରବୀନ୍ଦ୍ର' ଶବ୍ଦ ପୂର୍ବରେ 'କବୀନ୍ଦ୍ର' ଶବ୍ଦର ପ୍ରୟୋଗ କରାଗଲେ ନିଜକୁ ନିଜେ ପଣ୍ଡିତ ବୋଲାଉଥିବା ଏ ଭଳି ବକ୍ତାମାନେ କାହିଁକି ସମାଲୋଚନା କରିବାକୁ ସାହସ କରନ୍ତି ନାହିଁ, ତାହାର କାରଣ ବୁଝାଇଦେବା ଅନାବଶ୍ୟକ । କଥାରେ ତ ଅଛି, "ଗାଁ କନ୍ୟା ସିଙ୍ଘାଣି ନାକ", ପୁଣି "ଗରିବର ଭାର୍ଯ୍ୟା ସମସ୍ତଙ୍କର ଶାଳୀ ।" ରବୀନ୍ଦ୍ର ସିନା ମହାନଗରୀ କଲିକତାରୁ ଆସିଲେ, ଉପେନ୍ଦ୍ର ତ ଏହି ବଣ ପାହାଡ଼ ଭରା ଘୁମୁସରରୁ ଆସିଥିଲେ ! ତେଣୁ ସହର ସଭ୍ୟତାରେ ବଢ଼ିଥିବା ଏବଂ ପ୍ରାଚୀନ ସାହିତ୍ୟର ସୀମା ମାଡ଼ି ନ ଥିବା ଆଧୁନିକ ସାହିତ୍ୟ ରଥୀଙ୍କ ଆଖିରେ ସିଏ ବଡ଼ ହେବେ କୁଆଡ଼ୁ ? ମେଷ ପଲ ପରି ଏ ଜାତିର ଅନେକ ପଣ୍ଡିତଂମନ୍ୟ ବକ୍ତା ଓ ସାହିତ୍ୟରଥୀ ଆତ୍ମ-ଧିକ୍କାର କରିବାର ରାସ୍ତାରେ ହିଁ ଚାଲିଛନ୍ତି । ଯେଉଁମାନେ "କବି ସମ୍ରାଟ୍" ଶବ୍ଦଟିକୁ ଅର୍ଥହୀନ ଓ ଅସଙ୍ଗତ କହି, ଭଞ୍ଜ-ଜୟନ୍ତୀ ସଭାରେ ନିଜର ଜ୍ଞାନହୀନ ଭାଷଣକୁ ଠିକିଏ ସରସ କରିଥାନ୍ତି, ସେମାନେ 'ପଦ୍ମଭୂଷଣ', 'ଭାରତ ରତ୍ନ' ପ୍ରଭୃତି

ବଡ଼ ବଡ଼ ଉପାଧିକୁ କାହିଁକି ଅଛା କରନ୍ତି ନାହିଁ ବୁଝିହୁଏ ନାହିଁ । 'ରତ୍ନ' କହିଲେ ତ ଖଣ୍ଡେ ଦାମିକା ପଥରଜାତୀୟ ପଦାର୍ଥ । ଯେଉଁ ଲୋକ "ଭାରତ ରତ୍ନ" ହେଲ, ସେ କ'ଣ ଖଣ୍ଡେ ମୂଲ୍ୟବାନ ପଥର ? 'ପଦ୍ମଭୂଷଣ' ଉପାଧି ଯାହାକୁ ଦିଆଗଲା, ସେ କ'ଣ ପଦ୍ମଫୁଲର ଭୂଷଣ ? 'କବି ସମ୍ରାଟ' ପଦକୁ ଅସଙ୍ଗତ କହି ବଡ଼ ବଡ଼ ସଭାରେ ଯେଉଁମାନେ ଦସ୍ତୁମସ୍ତୁ ଅଜ୍ଞତା ସହିତ ଗ୍ଲାନିକର ଜାତିଦ୍ରୋହିତାର ପ୍ରମାଣ ଦେଇଥାଆନ୍ତି, ସେମାନେ ଯେ 'ପଦ୍ମଶ୍ରୀ' ପ୍ରଭୃତି ଉପାଧି ପାଇବାକୁ ଏକାନ୍ତ ଲାଳାୟିତ, ସେ କଥା କହିବା ଅନାବଶ୍ୟକ । ଗୌରବାବହ ଓ ଆତ୍ମସମ୍ମାନପୁଷ୍ଟ ପ୍ରାଚୀନ ଓଡ଼ିଆଙ୍କର ସାଂପ୍ରତିକ ବଂଶଧର-ମାନଙ୍କର କି ଦାରୁଣ ନୈତିକ ଦୁର୍ବିପାକ !!

ମନେପଡ଼େ ପ୍ରାୟ ପଚିଶ ବର୍ଷ ତଳେ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ଶ୍ରୀଯୁକ୍ତ ଚିନ୍ତାମଣି ଆଚାର୍ଯ୍ୟ ଥରେ ଭଞ୍ଜ-ଜୟନ୍ତୀ ଉତ୍ସବରେ ଏ କଥା କହିଥିଲେ । ଭଞ୍ଜ-ସାହିତ୍ୟ ନ ପଢ଼ି ସମ୍ମାନ ଆଶାରେ ଯେଉଁମାନେ ବହୁଜନ-ସମନ୍ୱିତ ଭଞ୍ଜ ଜୟନ୍ତୀ ସଭାକୁ ଆମନ୍ତ୍ରିତ ହୁଅନ୍ତି, ସେମାନେ ସେଦିନର ଭାଷଣ ଶୁଣି ଏକାବେଳକେ ନତଶିର ହୋଇପଡ଼ନ୍ତି । ଭଞ୍ଜ ଉପରେ କିଛି କହିବା ପାଇଁ ସେମାନଙ୍କର ମସଲ୍ ନ ଥାଏ । ଅଥଚ, କୌଣସି ନା କୌଣସି ଭାବରେ ସେମାନେ ଜଣେ ଜଣେ ପଦସ୍ଥ ବ୍ୟକ୍ତି ହିସାବରେ ପରିଗଣିତ । ଅନ୍ୟ ବକ୍ତାଙ୍କର ପାଣ୍ଡିତ୍ୟପୂର୍ଣ୍ଣ ଭାଷଣ ପ୍ରତି ଈର୍ଷା ଏବଂ ପାଣ୍ଡିତ୍ୟ ଦ୍ୱାରା ଜନତାକୁ ଆକୃଷ୍ଟ କରିବା ପାଇଁ ନିଜର ଶକ୍ତିର ଅଭାବ ଅନୁଭବ କରି 'କବିସମ୍ରାଟ' ଶବ୍ଦ ଉପରେ ଏ ଭଳି ଏକ ଉପହାସର ଝଡ଼ ବୁହାଇ ଦିଅନ୍ତି । ଯେଉଁମାନେ ଭଞ୍ଜ-ସାହିତ୍ୟ ନ ପଢ଼ି, ଶୁଣିବାକୁ ସଭାକୁ ଆସିଥାଆନ୍ତି, ସେମାନେ ଏ ଭଳି ମୂର୍ଖତାପୂର୍ଣ୍ଣ ଉପହାସ ଶୁଣି ମଧ୍ୟ ଦୁଃଖିତ ହୁଅନ୍ତି ନାହିଁ । ବରଂ ଭଞ୍ଜ-ସାହିତ୍ୟର ବିଶ୍ଳେଷଣ ଅପେକ୍ଷା ଏ ଭଳି ଉପହାସକୁ ଅଧିକ ଉପଭୋଗ କରନ୍ତି । ଏହା ଜାତୀୟ ଜୀବନରେ ଘୋରତର ଗ୍ଲାନି ଓ ସଙ୍କୋଚନର ସଙ୍କେତ ପ୍ରଦାନ କରେ । ନିଜ ଘରର ମୂଲ୍ୟବାନ୍ ଦ୍ରବ୍ୟକୁ ଯେ ମୂଲ୍ୟବାନ୍ ବୋଲି ବୋଧକରେ ନାହିଁ, ଜାତୀୟ ଜୀବନ ପ୍ରବାହରେ ସେ ଏକ ବିଚ୍ଛିନ୍ନ ଅଙ୍ଗରୂପେ ହିଁ ଗ୍ରାହ୍ୟ ହୋଇପାରେ । କୌଣସି ପ୍ରଭାବଶାଳୀ, ବିକାଶଶୀଳ, ଆତ୍ମମର୍ଯ୍ୟାଦା ସମ୍ପନ୍ନ ଜାତିର ଜଣେ ସୁଯୋଗ୍ୟ ବଂଶଧର ନିଜ ପୂର୍ବପୁରୁଷଙ୍କର ଗୌରବରେ କଳଙ୍କ ଲାଗିବାର ଦେଖିଲେ ଆନନ୍ଦ ଅନୁଭବ କରି ନ ପାରେ । ସାଂପ୍ରତିକ ଭାରତରେ ସଙ୍କୁଚିତ ଓଡ଼ିଆ ପ୍ରାନ୍ତର ଆଉ କି ଅଧିକ ପ୍ରାମାଣିକ ଦୃଷ୍ଟାନ୍ତ ଦିଆଯାଇପାରେ ?

'କବି ସମ୍ରାଟ୍' ଶବ୍ଦ ସାର୍ଥକ କି ନିରର୍ଥକ, ସୁସଙ୍ଗତ କି ଅସଙ୍ଗତ, ଆଜି ଏ କଥା ଆଲୋଚିତ ହେବା ହିଁ ହେଉଛି ଜାତିପକ୍ଷରେ ଗ୍ଲାନିକର । ମନୀଷୀପ୍ରବର **Spinoza** ଠାଏ ଲେଖିଛନ୍ତି—

**"Works like this are as a mirror; if an ass looks in, you can not expect an angel to look out."**

[ The Story of Philosophy—by W. Durant. p. 305 ]

ଏହାର ଅର୍ଥ ହେବ :—

ହେ ପାଠକେ ! ମନେକର ତୁମେ ମୋର ବହି ପଢ଼ିଲ ଅଥଚ ତୁମକୁ ମୋ ବହି ଭଲ ଲାଗିଲା ନାହିଁ; କିନ୍ତୁ ଏହାର ଏକମାତ୍ର ଅର୍ଥ ନୁହେ ଯେ, ମୋ ବହିଟା ବଡ଼ ବାଜେ ଧରଣର । ମୁଁ ତୁମକୁ ଗୋଟିଏ ଉଦାହରଣ ଦେଇ ବୁଝାଇ ଦେଉଛି । ମନେକର, ଗୋଟିଏ ନିର୍ମଳ ଦର୍ପଣ ଥୁଆ ହୋଇଛି । ଜଣେ ଅପ୍ସରା ଯାଇ ଯଦି ଦର୍ପଣକୁ ଦେଖିବ, ତେବେ ସିନା ଆଉ ଗୋଟିଏ ସୁନ୍ଦର ମୁଖମଣ୍ଡଳ ଦର୍ପଣ ଭିତରେ ଦେଖାଯିବ । ମାତ୍ର, ଜଣେ ଅପ୍ସରା ବଦଳରେ ଯଦି ଗୋଟିଏ ଗଧ ଦର୍ପଣ ଭିତରକୁ ଚାହିଁବ, ତା ଭିତରେ ସୁନ୍ଦର ମୁଖମଣ୍ଡଳଟିଏ ଦିଶିବ କୁଆଡୁ ?

ସେହିପରି, ସେ ଯୁଗର ସାହିତ୍ୟ ଏବଂ ସେ ଯୁଗର ଜ୍ଞାନଗରିମା ସମ୍ପର୍କରେ ଯାହାର ଜ୍ଞାନ ନାହିଁ, ତାହାର ଆଖିକୁ ସବୁ ସାର୍ଥକ ଲେଖା ଅସଙ୍ଗତ ଓ ଅସାର୍ଥକ ଦେଖା ନ ଯିବ କିପରି ?

## ବନ୍ଧୁ ଜନକଣ୍ଠରେ ଭଞ୍ଜଗୌରବ ଗାନ :—

ସୂର୍ଯ୍ୟ ଉଦିତ ହେଲେ ତାଙ୍କର କିରଣସମୂହ ଚତୁର୍ଦ୍ଦିଗରେ ବିଚ୍ଛୁରିତ ହୋଇଯାଏ; ତାକୁ ରୋକିବାର ଶକ୍ତି କୌଣସି ମନୁଷ୍ୟର ନ ଥାଏ । ପ୍ରତିଭା ଗୋଟିଏ ଈଶ୍ୱରଦତ୍ତ ଶକ୍ତି । ତଥାପି, କେହି କେହି କାଳେ କାଳେ ମହତ୍ତର ପ୍ରତିଭାକୁ ଅସ୍ୱୀକାର କରି ଆତ୍ମପ୍ରବଞ୍ଚନା କରିଥାଆନ୍ତି । ଉପେନ୍ଦ୍ର ଭଞ୍ଜଙ୍କର ଜୀବନକାଳରେ ମଧ୍ୟ ଏହି ସତ୍ୟର ପୁନରାବୃତ୍ତି ଘଟିଥିଲା । ସେ କଥା ତାଙ୍କର ଜୀବନୀ ଆଲୋଚନା ପ୍ରସଙ୍ଗରେ ଯଥାସ୍ଥାନରେ ବର୍ଣ୍ଣିତ ହୋଇଅଛି । ଏହି ସ୍ଥଳରେ ଏତିକି କହିଲେ ଯଥେଷ୍ଟ ହେବ ଯେ, ଉପେନ୍ଦ୍ର ଭଞ୍ଜ ତାଙ୍କ ଜୀବନକାଳରେ ଯେପରି, ତାଙ୍କ ତିରୋଭାବ ପରେ ମଧ୍ୟ ସେହିପରି ଅଗଣିତ ସାହିତ୍ୟସ୍ରଷ୍ଟା ଓ

ସେବକଙ୍କୁ ନିଜ ପ୍ରତି ଅନୁରକ୍ତ କରି ରଖିପାରିଛନ୍ତି । ସେଥିପାଇଁ ଓଡ଼ିଶାର ଜ୍ଞାନଗରିଷ୍ଠ କବିସମାଜରେ ଯେଉଁ ଅଭିମନ୍ୟୁ ସାମନ୍ତସିଂହାର 'ଦ୍ୱିତୀୟ ଉପେନ୍ଦ୍ର' ରୂପେ ସମ୍ମାନିତ, ସେ ତାଙ୍କର ମହାଗ୍ରନ୍ଥ 'ବିଦଗ୍ଧ ଚିନ୍ତାମଣି'ରେ ଲେଖିଅଛନ୍ତି :—

"ଉପଇନ୍ଦ୍ର ପଦ ଅଭିମନ୍ୟୁ ମନୁ
ଉପେକ୍ଷିତ ନୋହିବ ତ ଦିନୁ ଦିନୁ ।"

ଏଠାରେ 'ଉପେନ୍ଦ୍ର' ଶବ୍ଦ କବିସମ୍ରାଟ୍ ଉପେନ୍ଦ୍ର ଭଞ୍ଜ ଏବଂ ଅଭିମନ୍ୟୁଙ୍କ ଉପାସ୍ୟ ଦେବତା ଶ୍ରୀକୃଷ୍ଣଙ୍କ ଅର୍ଥରେ ପ୍ରଯୁକ୍ତ ହୋଇଅଛି ।

ମହାକବି ଅଭିମନ୍ୟୁ ପଦେ ପଦେ କିପରି ଉପେନ୍ଦ୍ରଙ୍କୁ ମନେ ପକାଇଛନ୍ତି ଓ ଅନୁସରଣ କରିଛନ୍ତି, ତାହା ତଦ୍‌ବିଦସମାଜରେ ସୁପରିଚିତ । ଉପେନ୍ଦ୍ର ଭଞ୍ଜଙ୍କ 'ଲାବଣ୍ୟବତୀର' ଏକାଦଶ ଛାନ୍ଦ ସଙ୍ଗେ ଅଭିମନ୍ୟୁଙ୍କ 'ବିଦଗ୍ଧ ଚିନ୍ତାମଣି' ତ୍ରିଂଶ ଛାନ୍ଦର ତୁଳନା କଲେ ଭଞ୍ଜଙ୍କ ପ୍ରଭାବ ଉତ୍ତମରୂପେ ଜାଣି ହେବ ।

ଭଞ୍ଜଙ୍କ ସମୟରୁ ଆରମ୍ଭ କରି ରାଧାନାଥଙ୍କର ଅଭ୍ୟୁଦୟକାଳ ପର୍ଯ୍ୟନ୍ତ ସେ ହିଁ ଥିଲେ ଉତ୍କଳ-ସାହିତ୍ୟ-ଗଗନର ପ୍ରଚଣ୍ଡ ମାର୍ତ୍ତଣ୍ଡ । ଭଞ୍ଜଙ୍କ ରଚନାବଳୀ ତାଙ୍କ ପରବର୍ତ୍ତୀକାଳରେ ସୁଦୂର ମୟୂରଭଞ୍ଜ, କେନ୍ଦୁଝର, ସମ୍ବଲପୁର, ଢେଙ୍କାନାଳ ପ୍ରଭୃତି ରାଜ୍ୟର ଶ୍ରେଷ୍ଠ କବିମାନଙ୍କୁ ଶିଷ୍ୟସ୍ଥାନରେ ହିଁ ରଖିଥିଲା । ଉତ୍କଳର କାବ୍ୟଜଗତରେ 'କବିକୁଳଗୁରୁ' ରୂପେ ଉପେନ୍ଦ୍ର ହିଁ ସମ୍ମାନିତ ।

ଢେଙ୍କାନାଳର ସୁନାମଧନ୍ୟ କବି ବ୍ରଜନାଥ ବଡ଼ଜେନା ପଦେ ପଦେ ଭଞ୍ଜ-ଭାରତୀର ଅନୁସରଣ କରିଅଛନ୍ତି । ଭଞ୍ଜେ ଲେଖିଲେ 'ବ' ନିୟମରେ 'ବୈଦେହୀଶ ବିଳାସ' । ବ୍ରଜନାଥ ଲେଖିଲେ 'ଅ' ନିୟମରେ 'ଅମ୍ବିକା ବିଳାସ' । ଭଞ୍ଜେ ଲେଖିଲେ ୧୬ ଛାନ୍ଦରେ ୧୬ କଳା ପୂର୍ଣ୍ଣ 'ପ୍ରେମସୁଧାନିଧି' । ବ୍ରଜନାଥ ଲେଖିଲେ ୧୬ ଛାନ୍ଦରେ ୧୬ କଳାପୂର୍ଣ୍ଣ 'କେଳି କଳାନିଧି' । ଭଞ୍ଜେ ଲେଖିଲେ 'ରସତରଙ୍ଗ' । ବ୍ରଜନାଥ ଲେଖିଲେ 'ସମର ତରଙ୍ଗ' । ଅବଶ୍ୟ 'ଅବଳା ନିୟମ' ରସତରଙ୍ଗର ବିଶେଷତ୍ୱ । ଖାଲି ବାହ୍ୟବସ୍ତୁରେ ନୁହେଁ, କାବ୍ୟର ଆତ୍ମିକ ସୌନ୍ଦର୍ଯ୍ୟ ବିସ୍ତାରରେ ମଧ୍ୟ ସ୍ଥାନେ ସ୍ଥାନେ ଭଞ୍ଜଙ୍କର ପ୍ରଭାବ ଗଭୀର ଭାବରେ ଅଙ୍କିତ ହୋଇଅଛି ।

କବିସୂର୍ଯ୍ୟ ବଳଦେବ ରଥ ମଧ୍ୟ କବି ସମ୍ରାଟ୍ ଉପେନ୍ଦ୍ର ଭଞ୍ଜଙ୍କର ଅନୁସରଣରେ 'ଚନ୍ଦ୍ରକଳା' କାବ୍ୟ ଲେଖିଥିଲେ । ଶିଳ ଶିଳ୍ପା ଗଗନେ ଉଡ଼ିଲା ବେଳେ, ବୁରବୁଳା କଥା କାହିଁକି କହିବା ? ଜନ୍ମରୁ ପ୍ରତିଭାଶାଳୀ ଏବଂ ମନ୍ତ୍ରସିଦ୍ଧି ବଳରେ ଦୈବୀକୃପାର ପାତ୍ର ଅଭିମନ୍ୟୁ ଓ କବି-ସୂର୍ଯ୍ୟଙ୍କ ପରି ମହାକବି ଯାହାଙ୍କୁ ଅତିକ୍ରମ କରି ନ ପାରି ଅନୁସରଣ କରିଥିଲେ, ସେ ଯେ ଜଣେ ଯୋଗଜନ୍ମା ପୁରୁଷ, କ୍ଷଣଜନ୍ମା କବି, ଏଥିରେ ସନ୍ଦେହର ଅବକାଶ ଥାଇ ନ ପାରେ ।

ଭଞ୍ଜଙ୍କର 'ବୈଦେହୀଶ ବିଳାସ' ଏବଂ 'ଲାବଣ୍ୟବତୀ' କବିବର ରାଧାନାଥ ରାୟଙ୍କୁ ମଧ୍ୟ ସ୍ତମ୍ଭିତ କରି ରଖିଥିଲା । ଯେଉଁ ରାଧାନାଥ ରାୟ ଓଡ଼ିଆ କାବ୍ୟ-ସାହିତ୍ୟର ପାରମ୍ପରିକ ପ୍ରବାହର ପ୍ରବଳ ତରଙ୍ଗ ଭଙ୍ଗ କରିଥିଲେ, ସେ ମଧ୍ୟ ଅଣଓଡ଼ିଆ, ବିଶିଷ୍ଟ ପଣ୍ଡିତ ଭୂଦେବ ମୁଖୋପାଧ୍ୟାୟଙ୍କୁ କହିଥିଲେ, "ଉପେନ୍ଦ୍ର ଭଞ୍ଜ ଓଡ଼ିଶାର ସର୍ବଶ୍ରେଷ୍ଠ କବି ।" ଏ କଥା 'ରାଧାନାଥ ଜୀବନୀ' ନାମକ ପୃଥୁଳକାୟ ଗ୍ରନ୍ଥରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଅଛି । ନିଜେ ରାଧାନାଥ ରାୟ ଉପେନ୍ଦ୍ର ଭଞ୍ଜଙ୍କୁ କିପରି ଗୌରବମୟ ଆସନ ଦେଇଥିଲେ, ତାହା ତାଙ୍କର ଗୋଟିଏ ବଙ୍ଗଳା କବିତାରୁ ଜଣାପଡ଼େ । ସେ ଲେଖିଥିଲେ :—

"ନୀଳକଣ୍ଠାତ୍ମଜ କମକାୟ ଶକ୍ତିଧର,
ତ୍ରିଦଶ ବଲେରଶୂର ସେନାନୀ ହଇୟେ,
ବହୁକଷ୍ଟ ସହ୍ୟ କରି ରଣ ଘୋରତର,
ପାଇଲ ଅକ୍ଷୟ ଯଶଃ ତାରକେ ବଧିୟେ ।
ହେ ନୀଳକଣ୍ଠ ନନ୍ଦନ ନୃପକୁଲ ଧନ !
ତୁମି ଓ ତେମନି ଶୂର ! ସୁକବି ମଣ୍ଡଲେ,
ହୟେ ଅଗ୍ରଗଣ୍ୟ କବି ନିଜ ବାହୁବଲେ ।
ନାଶିଲି ଉତ୍କଲ ନିନ୍ଦା ଉତ୍କଲ ଭୂଷଣ ।
ଧନ୍ୟ ରାଜକବି ତୁମି । ଜନମ ସୁକ୍ଷଣେ,
ତ୍ରିହନିଲ୍ ଏ ପ୍ରଦେଶେ ହେ କବୀନ୍ଦ୍ରମଣି ।
ସୁପଶାସ୍ତ୍ରୀ ସୁସମୟେ ସରସ ଲେଖନୀ
ଧରିଲ ଉପେନ୍ଦ୍ର ! ମରି ସେ ଗୁରୁଭୂଷଣେ ।
ସାଜାୟେଛ ବୈଦେହୀଶେ ହେ କବିରତନ,
ତୋମା ବିନା ସାଧ କାର ସାଜାୟ ଏମନ ।"

ପୁଣି ରାଧାନାଥଙ୍କଠାରୁ ଭଞ୍ଜଙ୍କ କବିତାଂଶ ଶୁଣି ଭୂଦେବ ବାବୁ ଯେଉଁ କବିତା ବଙ୍ଗଳାର 'ଏଡୁକେସନ ଗେଜେଟ୍'ରେ ପ୍ରକାଶ କରାଇଥିଲେ, ତହିଁରେ ଅଛି—

"ଯେଇଦିନ ପ୍ରିୟବର ମମ ସନ୍ନିଧାନେ
ବସିୟା ଅଗାଧ ସୁଖେ
ହରଷିତ ସ୍ମିତମୁଖେ
ଉପେନ୍ଦ୍ର ଭଞ୍ଜେର ସେଇ କବିତା ସୁନ୍ଦର
ଶୁନାୟେ ମୋହିୟାଛିଲ ଆମାର ଅନ୍ତର ।"

(ଦ୍ର: ଛନ୍ଦାବଳୀ—ମୁଖବନ୍ଧ)

## ରାଧାନାଥ ସାହିତ୍ୟରେ ଭଞ୍ଜ ପ୍ରସଙ୍ଗ :—

କବିବର ରାଧାନାଥ ରାୟ ତାଙ୍କର ବିଖ୍ୟାତ 'ଚିଲିକା' କାବ୍ୟରେ ଉପେନ୍ଦ୍ର ଭଞ୍ଜ ତଥା 'କବିସୂର୍ଯ୍ୟ' ରୂପେ ସବିଦିତ ସୁପରିଚିତ ବଳଦେବ ରଥଙ୍କ ଲକ୍ଷ୍ୟରେ ଲେଖିଥିଲେ—

"ଭାଗ୍ୟବାନ ବେନି ବାଣୀଙ୍କ କୁମର
କବି ବଳଦେବ ଭଞ୍ଜ ବୀରବର ।"

ଅବଶ୍ୟ, ହାସ୍ୟରସିକ କବି କବିସୂର୍ଯ୍ୟ ଯଦି ବଞ୍ଚିଥାଆନ୍ତେ, ସେ ହୁଏତ ରାଧାନାଥଙ୍କର ଏହି ଉକ୍ତି ଶୁଣି କହିଥାଆନ୍ତେ

"ହଇ ହେ ରାଧାନାଥ ! ତୁମ ବିଚାରରେ ମୁଁ ଏବଂ ଭଞ୍ଜ ଭାଗ୍ୟବାନ ହୋଇପାରୁ; କିନ୍ତୁ ମୋ ମତରେ 'ଭାଗ୍ୟବନ୍ତ' ଲୋକେ ଆମଠାରୁ ଭିନ୍ନ । ଭାଗ୍ୟବାନ କିଏ, ଏ କଥା ମୁଁ ମୋର ଗୋଟିଏ କବିତାରେ ଲେଖିଦେଇଛି । ତୁମକୁ ଶୁଣାଇ ଦେଉଛି । ଶୁଣ—

## କବିସୂର୍ଯ୍ୟଙ୍କ ଭାଷାରେ 'ଭାଗ୍ୟବନ୍ତ'ର ଅର୍ଥ :—

"ଚନ୍ଦ୍ରମୁଖୀ ରେ, ଏକା ଭାଗ୍ୟବନ୍ତପଣେ ତାକୁ ଲେଖି ରେ ।
କୁସୁମ ବନ ବିହରୁଥିବ
ବିଦ୍ୟାରସେ କାଳ ହରୁଥିବ

ଜ୍ଞାମା ପଣ୍ଡିତାର                    ପାନ ପିକାଧାର
ଧରି ନଉକର ଶିରେ ଥିବ ।୧।
ଅନର୍ଗଳ ଅଧିକାର ଥିବ
ଉଚ୍ଚ ଅଟ୍ଟାଳିକା ଘର ଥିବ
ନୂତନ ଛଇଳା                    ଅବତାର ମାର
ବାଣ ମାରଣ ମନ୍ତ୍ରର ଥିବ।୨।"

( କବିସୂର୍ଯ୍ୟ ଗୀତାବଳୀ )

ଏହି ରଚନା ଅଧିକ ପରିମାଣରେ ହାସ୍ୟରସାତ୍ମକ; କିନ୍ତୁ ଏ କଥା ସ୍ୱୀକାର୍ଯ୍ୟ ଯେ, ଓଡ଼ିଶାର ଅନ୍ୟ ଅନେକ ବିଶିଷ୍ଟ କବିଙ୍କ ତୁଳନାରେ କବିସୂର୍ଯ୍ୟଙ୍କର ଆର୍ଥିକ ପରିସ୍ଥିତି ସ୍ୱଚ୍ଛଳ ଥିଲା । ତଥାପି ଆଧୁନିକ ଯୁଗର ମହାକବି ଏବଂ କାବ୍ୟଯୁଗ-ପ୍ରବର୍ତ୍ତକ ରାଧାନାଥଙ୍କ ଭାଷାରେ ଭଞ୍ଜଙ୍କର ପ୍ରଶଂସା ଲକ୍ଷ୍ୟ କରିବାର କଥା । ଆଧୁନିକ ଓଡ଼ିଶାର ଅନେକ କବି ଖୋଲି ଖୋଲି ଭାବରେ ଭଞ୍ଜଙ୍କର ଗୌରବ ଗାନ କରିଅଛନ୍ତି । ଗତ ଶତାବ୍ଦୀର ଶେଷ ଦଶକରେ 'ବିଜୁଳି' ଏବଂ 'ଇନ୍ଦ୍ରଧନୁ' ପତ୍ରିକାଦ୍ୱୟ ଭଞ୍ଜ-ସାହିତ୍ୟକୁ କେନ୍ଦ୍ର କରି ତୁମୁଳ ଆନ୍ଦୋଳନ ସୃଷ୍ଟି କରିଥିଲେ । କିନ୍ତୁ ସେ ଘଟଣାର ବହୁ ପରେ ମଧ୍ୟ ଉପେନ୍ଦ୍ର ଭଞ୍ଜଙ୍କର ପ୍ରତିଭାମୁଗ୍ଧ ବହୁ କବି ଭଞ୍ଜଙ୍କର ଗୁଣଗାନ କରିଅଛନ୍ତି । 'ଇନ୍ଦ୍ରଧନୁ'ରେ ପ୍ରକାଶିତ ଗୋଟିଏ କବିତା ଏଠାରେ ଉଦ୍ଧାର କରାଯାଇପାରେ । କବି ଗୋପାଳ ବଲ୍ଲଭ ଦାସ ଲେଖିଛନ୍ତି :—

**'ଇନ୍ଦ୍ରଧନୁ'ରେ ଭଞ୍ଜ କବିତା :—**

**ଉପେନ୍ଦ୍ର ଭଞ୍ଜ**

"ଭଞ୍ଜକୁଳ କଞ୍ଜ ଉପଇନ୍ଦ୍ର ବୀରବର
ଧନ୍ୟ ଧନ୍ୟ ନୀଳକଣ୍ଠ ନୃପତି ନନ୍ଦନ
ଆବାଳ-ବନିତା-ବୃଦ୍ଧ ହୃଦୟ ଚନ୍ଦନ
ଋତୁପତି ସହଚର ମତ୍ତ ପିକବର ।
ପୂର୍ଣ୍ଣ ଶଶଧର କିବା ମଳୟ ପବନ
ପରି, ସୁଧାକଣା ତବ ସଙ୍ଗୀତ ଲହରୀ
ତରଙ୍ଗେ ତରଙ୍ଗେ ହାଟ ହୃଦରେ ପ୍ରସରି

ପ୍ରାସାଦେ କୁଟୀରେ କରେ ଚିତ୍ତବିନୋଦନ ।
ଦେଖେ ଯେବେ ପଥେ ଯାଉଁ ମଳିନ ବସନ
ପିନ୍ଧି ଦୀନହୀନ ତବ ମଧୁର ସଙ୍ଗୀତ
ଗାଇ ସର୍ବ ଦୁଃଖ ଭୁଲି ପ୍ରଫୁଲ୍ଲ ବଦନ
ତବ ଗୁଣ ଭାବି ହୁଏ, ଚକିତ, ବିସ୍ମିତ ।
କବିର କୁହୁକ ଧନ୍ୟ ସାର୍ଥକ ଜୀବନ
କରି କାଳେ କାଳେ ପର ଦୁଃଖ ବିମୋଚନ ।"

(ଇନ୍ଦ୍ରଧନୁ ୧୮୯୫ ତୃତୀୟ ଭାଗ—୧ମ ସଂଖ୍ୟା, ୧୫ ପୃଷ୍ଠା)

[illegible]ି, ଇନ୍ଦ୍ରଧନୁର ଉକ୍ତ ସଂଖ୍ୟାରେ 'ଭଞ୍ଜାଳୀ' ଶୀର୍ଷକ ଆଉ ଏକ କବି[illegible]ଛନ୍ତି । ତହିଁରେ ମଧ୍ୟ ଭଞ୍ଜଙ୍କର କେତେକ କାବ୍ୟର ନାମୋଲ୍ଲେଖ ପୂର୍ବ[illegible]ଙ୍କର ଗୌରବ ଉଦ୍‌ଘୋଷିତ ହୋଇଅଛି । ଅବଶ୍ୟ, 'ଇନ୍ଦ୍ରଧନୁ'ରେ ଏହିଭଳି ପ୍ରଶଂସା ପ୍ରକାଶ ପାଇବା ସ୍ୱାଭାବିକ କଥା । କାରଣ, ଭଞ୍ଜ-ସାହିତ୍ୟର ପକ୍ଷସମର୍ଥନ ଓ ଗୌରବ ପ୍ରଚାର ହିଁ ତାହାର ଲକ୍ଷ୍ୟ ଥିଲା । କିନ୍ତୁ, କବିବର ରାଧାନାଥ 'ଚିଲିକା' କାବ୍ୟରେ 'ବାଣୀକୁମର' ଉପେନ୍ଦ୍ରଙ୍କର ମହତ୍ତ୍ୱ ସ୍ୱୀକାର କରି ନିଜର ପୌରୁଷର ପରିଚୟ ଯେପରି ପ୍ରଦାନ କରିଅଛନ୍ତି, ଭଞ୍ଜ-ସାହିତ୍ୟର ସର୍ବଗ୍ରାସୀ ପ୍ରଭାବର ସ୍ୱୀକୃତି ମଧ୍ୟ ସେହିପରି ଲିପିବଦ୍ଧ କରି-ଅଛନ୍ତି ।

## ରାଧାନାଥ ଭଞ୍ଜ ବିରୋଧୀ ଥିଲେ କି ? :—

କିନ୍ତୁ ଏ ସମ୍ପର୍କରେ ମତମତାନ୍ତର ପ୍ରକାଶ ପାଇଛି । କେହି କେହି ସମୀକ୍ଷକ ରାଧାନାଥଙ୍କର କୌଣସି ଏକ ଘରୋଇ ଚିଠି ଉପରେ ନିର୍ଭର କରି ଏ କଥା ପ୍ରଚାର କରିଅଛନ୍ତି ଯେ, ରାଧାନାଥ ପ୍ରକୃତରେ ଭଞ୍ଜ-ସାହିତ୍ୟକୁ ଉଚ୍ଚ ଦୃଷ୍ଟିରେ ଦେଖୁ ନ ଥିଲେ । 'କବିଲିପି' ନାମକ ପୁସ୍ତକରେ ଲେଖାଅଛି—

"ସାଧାରଣତଃ ରାଧାନାଥଙ୍କୁ ଭଞ୍ଜଙ୍କର ଅନ୍ୟତମ ପ୍ରଶଂସକ ରୂପେ ଗ୍ରହଣ କରାଯାଇଥାଏ । × × × ମାତ୍ର ଆଲୋଚ୍ୟ ପତ୍ରର ରାଧାନାଥଙ୍କର ମନ୍ତବ୍ୟ ପ୍ରତିଷ୍ଠିତ ଧାରଣାର ବିରୋଧ କରେ ।

(କବିଲିପି ପୃ-୧୦୯)

ରାଧାନାଥଙ୍କର ଚିଠିର ଯେଉଁ ଅଂଶ ଉପରେ ଗୁରୁତ୍ୱ ଦିଆଯାଇ ସେ ବିରୋଧୀ ଥିଲେ ବୋଲି ପ୍ରତିପାଦନ କରାଯାଉଛି, ତାହା ହେଉଛି—

"ଓଡ଼ିଶାରେ କାଳିଦାସଙ୍କ ସହିତ ଭଞ୍ଜଙ୍କ ପରି କବି, ସମାନ ଆସନ ପାଆନ୍ତି, ହିମାଳୟ ସହିତ କପିଳାସ ତୁଳିତ ହୁଏ—ଏ ଦେଶରେ ସାହିତ୍ୟ ଜ୍ଞାନଲାଭ ସହଜ କଥା ନୁହେଁ ।

(କବିଲିପି ପୃ-୭୦)

## ଏ ମତର ପରୀକ୍ଷା :—

"ଚିଲିକା ଏବଂ ରାଧାନାଥ" ନାମକ ପୁସ୍ତକରେ ଏହି ଲେଖକ ୧୯୭୧ ମସିହାରେ ଏହି ମନ୍ତବ୍ୟର ତୀବ୍ର ସମାଲୋଚନା କରିଥିଲି । 'ଚିଲିକା ଓ ରାଧାନାଥ' ପୁସ୍ତକରେ ଲେଖାଯାଇଛି :—

"ଏଥିରୁ ଅର୍ଥ କରାଯାଉଛି ଯେ, ରାଧାନାଥ ଭଞ୍ଜ-ସାହିତ୍ୟ ପ୍ରଶଂସା କରୁଥିଲେ ବୋଲି ଯାହା କୁହାଯାଉଛି, ତାହା ଠିକ୍ ନୁହେଁ ।"

ଏଠାରେ ଦୁଇଟି କଥା ବିଚାର୍ଯ୍ୟ । ପ୍ରଥମ କଥା, ରାଧାନାଥ ତାଙ୍କ 'ଚିଲିକା' କାବ୍ୟରେ ତଥା ନିଜର ଟିପାଖାତାରେ ଭଞ୍ଜଙ୍କର ପ୍ରଶଂସା କରିଛନ୍ତି । ଟିପାଖାତା ଯଦ୍ୟପି ସର୍ବସାଧାରଣଙ୍କ ଲାଗି ଅଭିପ୍ରେତ ନୁହେଁ, ତଥାପି, 'ଚିଲିକା' ବିରାଟ ପାଠକଗୋଷ୍ଠୀ ପାଇଁ ଉଦ୍ଦିଷ୍ଟ । ଦ୍ୱିତୀୟ କଥା, ବ୍ୟକ୍ତିଗତ ଭାବରେ ରାଧାନାଥ ଯେଉଁ ପତ୍ରଟି ଲେଖିଥିଲେ, ତହିଁରେ ଭଞ୍ଜଙ୍କର ପ୍ରଶଂସା କରାଯାଇ ନାହିଁ ବୋଲି ଅର୍ଥ କରାଯାଇଛି ।

କହିବାର କଥା, ଜଣେ ବ୍ୟକ୍ତି ପ୍ରକାଶ୍ୟରେ, ସର୍ବସାଧାରଣଙ୍କ ସମକ୍ଷରେ ବା ଉଦ୍ଦେଶ୍ୟରେ, ଯାହା କହେ ବା ଲେଖେ, ତାହା ହିଁ ତାର ମତରୂପେ ଗ୍ରାହ୍ୟ । ଆମେ ଆମର ନିତିଦିନିଆଁ ଜୀବନରେ ପ୍ରକାଶ୍ୟରେ ଯାହାର ପ୍ରଶଂସା କରୁ, ବ୍ୟକ୍ତିଗତ ଚିଠିପତ୍ରରେ ଆମର ନିଜ ଲୋକଙ୍କ ପାଖକୁ, ତାହାର ନିନ୍ଦା କରି ମଧ୍ୟ ଲେଖିଥାଉ । ଏହା ପ୍ରତ୍ୟେକ ଲୋକର ପ୍ରତିଦିନର ଅନୁଭୂତ କହିଲେ ଅତ୍ୟୁକ୍ତି ହେବ ନାହିଁ । ସୁତରାଂ, ଜଣେ କାହା ପାଖକୁ ବ୍ୟକ୍ତିଗତ ଭାବରେ କ'ଣ ଲେଖିଛି, ତାହା ଉପରେ ଅଯଥା ଗୁରୁତ୍ୱ ଦେଇ, ପ୍ରତିଷ୍ଠିତ କଥାକୁ ଆଡ଼େଇ ଦେବାକୁ ଚେଷ୍ଟା କରିବା ଠିକ୍ ନୁହେଁ ।

ପୁଣି, ବ୍ୟକ୍ତିଗତ ପଦ ସମୟ ସମୟରେ ତତ୍‌କାଳୀନ ଅନୁଭୂତି ଦ୍ୱାରା ପରିଗୃହୀତ । ଦେଖାଯାଏ, ସାମାଜିକ ଜୀବନରେ ଲକ୍ଷ୍ୟସିଦ୍ଧି ପାଇଁ ଲୋକେ ମହାଭକ୍ତିରେ ଦେବଦେବୀ ପୂଜା କରିଥାଆନ୍ତି । କିନ୍ତୁ ନିର୍ଦ୍ଦିଷ୍ଟ ଦିବସରେ ଲକ୍ଷ୍ୟ ବିଫଳ ହେଲେ ଦେବଦେବୀଙ୍କର ଅସ୍ତିତ୍ୱ ଉପରେ ଏ ଭଳି ରାଗିଥାଆନ୍ତି ଯେ, ଘରର ଖଟୁଲି ପର୍ଯ୍ୟନ୍ତ "କାଲିକି ପୋଡ଼ିଦେବି କି ଫିଙ୍ଗିଦେବି" ବୋଲି କହନ୍ତି । ସେହି ମୁହୂର୍ତ୍ତରେ ଦେବ ଦେବୀ ନିନ୍ଦାନକୁ ଶୁଣୁଥିବା ଲୋକ, ଦୁଇ ଦିନ ପରେ ସେମାନଙ୍କର ପୁଣି ସେହି ଦେବଦେବୀ ଉପାସନା ଦେଖି, "ସେମାନେ ଦେବଦେବୀ ଅବିଶ୍ୱାସୀ" ବୋଲି ଯୁକ୍ତି କରିବା ଯାହା, ଏହା ଠିକ୍ ସେହି କଥା । ବ୍ୟକ୍ତିଗତ ପଦ ଲିଖନ ବେଳର କବିଙ୍କ ମାନସିକ-ସ୍ଥିତି ଓ ପରିପାର୍ଶ୍ୱର ଧାରଣା କରିବା ଅସମ୍ଭବ, ଯେପରି କି, ଆମ୍ଭେ କେତେବେଳେ କେଉଁ ଚିନ୍ତା ଓ ଆବେଷ୍ଟନୀରେ ଥାଇ ଯେ କୌଣସି ପଦ ଲେଖୁ, ତାହା ବହୁ ଦିନ ପରେ ଜାଣିବା ଅନ୍ୟ ପକ୍ଷରେ ଅସମ୍ଭବ ।

ତାହାପରେ, ରାଧାନାଥ କାଳିଦାସଙ୍କୁ ହିମାଳୟ ସଙ୍ଗେ ଓ ଉପେନ୍ଦ୍ରଙ୍କୁ (ସେଇ ଚନ୍ଦ୍ରଶେଖରଙ୍କ ଅଧିଷ୍ଠାନ ପୀଠ, ଉତ୍କଳର ପବିତ୍ର ତୁଙ୍ଗ ପର୍ବତ) କପିଳାସ ସଙ୍ଗେ ତୁଳନା କରିଥିବାରୁ, ଅର୍ଥ କରାଯାଇଛି ଯେ, ରାଧାନାଥ ଭଞ୍ଜଙ୍କର ପ୍ରଶଂସକ ନ ଥିଲେ । କିନ୍ତୁ ମନେହେଉଛି, ପଦରୁ ଉଦ୍ଧୃତ ବାକ୍ୟଟିରେ ଭଞ୍ଜଙ୍କ ପ୍ରତି ଅବମାନନା କରାଯାଇ ନାହିଁ । ରାଧାନାଥ ଆଧୁନିକ ଉତ୍କଳର ସର୍ବଶ୍ରେଷ୍ଠ କବି ଥିବା ସତ୍ତ୍ୱେ ତାଙ୍କୁ ଯଦି କେହି ରବୀନ୍ଦ୍ରନାଥ ଠାକୁରଙ୍କ ସଙ୍ଗେ ତୁଳନା କରେ, ତେବେ ସେହି ତୁଳନାରେ ଅଯଥାର୍ଥତା ଦର୍ଶାଇବା ପାଇଁ ରାଧାନାଥଙ୍କ ପଦରେ ଥିବା ହିମାଚଳ ଓ କପିଳାସର ଦୃଷ୍ଟାନ୍ତ ଦେଲେ ଅସଙ୍ଗତ ହେବ କି ? ଅର୍ଥାତ୍ ତହିଁରୁ କ'ଣ ଏ ଅର୍ଥ ବାହାରିବ କି ଯେ, ରବୀନ୍ଦ୍ରଙ୍କ ସଙ୍ଗେ ରାଧାନାଥଙ୍କ ତୁଳନାକୁ ଯେଉଁମାନେ ସମର୍ଥନ କରୁନାହାନ୍ତି, ସେମାନେ ରାଧାନାଥଙ୍କୁ ଆଧୁନିକ ଓଡ଼ିଶାର ଶ୍ରେଷ୍ଠ କବି ବୋଲି ସ୍ୱୀକାର କରୁନାହାନ୍ତି ବା ରାଧାନାଥଙ୍କର ପ୍ରଶଂସକ ନୁହନ୍ତି ?

ଆଉ ଗୋଟିଏ କଥା । ଯେଉଁମାନେ ସଂସ୍କୃତ ସାହିତ୍ୟ ପଢ଼ିଛନ୍ତି, ସେମାନେ ଜାଣନ୍ତି ଯେ, କାଳିଦାସଙ୍କର ଶୈଳୀ ଓ ସରଳତା ନୈଷଧୀୟ ଲାଳିତ୍ୟ ଏବଂ ଶାବ୍ଦିକତାଠାରୁ ଭିନ୍ନ । କାଳିଦାସଙ୍କ ସଙ୍ଗେ କେହି ନୈଷଧକୁ ତୁଳନା କରେ ନାହିଁ । ବରଂ, ମାଘ, ଭାରବିଙ୍କ ସଙ୍ଗେ ତୁଳନା କରେ । ସଂସ୍କୃତରେ ନୈଷଧ ଯାହା, ଓଡ଼ିଆରେ ଭଞ୍ଜ-ସାହିତ୍ୟ ତାହା । ତେଣୁ ନୈଷଧ ଓ ଭଞ୍ଜ-

ସାହିତ୍ୟର ତୁଳନା କରାଯିବା ଯୁକ୍ତିସଙ୍ଗତ । ଏହା ସତ୍ତ୍ୱେ କାଳିଦାସ ଓ ଭଞ୍ଜଙ୍କର ତୁଳନା କରି କେହି କେହି ଭଞ୍ଜଭକ୍ତ ଭଞ୍ଜଙ୍କୁ ମହାଭାରତୀୟ ସ୍ତରକୁ ଉଠାଇବାକୁ ଚେଷ୍ଟା କରୁଥିବାରୁ, ରାଧାନାଥ ସେହି ଚିନ୍ତାଧାରା ଓ ମନୋବୃତ୍ତିର ଅବୈଜ୍ଞାନିକତା ପ୍ରଦର୍ଶନ କରିବାକୁ ଏ ଭଳି ଲେଖିଥିବା ସମ୍ଭବ ସିନା, ଭଞ୍ଜଙ୍କ ପ୍ରତି ଅସମ୍ମାନ ପ୍ରଦର୍ଶନ ତାଙ୍କର ଉଦ୍ଦେଶ୍ୟ ଥିବା ପରି ପ୍ରତୀତ ହୁଏ ନାହିଁ ।

## ଭଞ୍ଜ ହିଁ ରାଧାନାଥଙ୍କ ଶ୍ରେଷ୍ଠ ଉଦ୍‌ବୋଧକ :—

ଅନ୍ୟ ପକ୍ଷରେ, ଉପେନ୍ଦ୍ର ଭଞ୍ଜ ନ ଥିଲେ ହୁଏ ତ ରାଧାନାଥ ଓଡ଼ିଆ କବି ନ ହୋଇ ବଙ୍ଗଳା କବି ହିଁ ହୋଇ ରହିଥାଆନ୍ତେ କିମ୍ବା ଯେ ଭଳି ନିଷ୍ଠାରେ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ସେ ଆତ୍ମନିୟୋଗ କରିଥିଲେ, ତାହା ସେ ଭଳି ବଳିଷ୍ଠ ଓ ସାଧନାପୁଷ୍ଟ ହୋଇପାରି ନ ଥାନ୍ତା । ଏହି ସମ୍ପର୍କରେ 'ରାଧାନାଥ ଜୀବନୀ'ରୁ ଏକ ବିଶିଷ୍ଟ ଘଟଣାର ଅବତାରଣା କରାଯାଇପାରେ ।

ରାଧାନାଥ ସ୍କୁଲ ବିଭାଗର ଜଏଣ୍ଟ ଇନ୍‌ସ୍‌ପେକ୍‌ଟର ଥିଲାବେଳେ ବଙ୍ଗଳାରୁ ଶିକ୍ଷା ବିଭାଗର ଇନ୍‌ସ୍‌ପେକ୍‌ଟର ବାବୁ ଭୂଦେବ ମୁଖୋପାଧ୍ୟାୟ ଓଡ଼ିଶା ଗସ୍ତରେ ଆସିଥିଲେ । ଏହି ସୁପଣ୍ଡିତ ଓ ଗୁଣଗ୍ରାହକ ଭୂଦେବ ବାବୁଙ୍କ ପ୍ରେରଣାରୁ ହିଁ ରାଧାନାଥ ଓଡ଼ିଆ ସାହିତ୍ୟର ସମୃଦ୍ଧି ସାଧନ ପାଇଁ ମନପ୍ରାଣ ଢାଳି ଦେଇଥିଲେ । ଭୂଦେବ ବାବୁଙ୍କର ପରଲୋକ ପରେ ରାଧାନାଥ ତାଙ୍କର ମଧୁର ସ୍ମୃତି ସମ୍ପର୍କରେ ଏକ ଲେଖା ବଙ୍ଗଳା ପତ୍ରିକାରେ ପ୍ରକାଶ କରିଥିଲେ । ତହିଁରେ ଥିଲା :—

"ପୂଜ୍ୟପାଦ ଭୂଦେବ ମୁଖୋପାଧ୍ୟାୟଙ୍କର ଓଡ଼ିଶାକୁ ଶୁଭାଗମନ ମୋ ଜୀବନର ଗୋଟିଏ ପ୍ରଧାନ ଘଟଣା । × × । ସେ ସର୍ବପ୍ରଥମରେ କଟକରେ ଉପସ୍ଥିତ ହେଲେ । ମୁଁ ତାଙ୍କ ସମଭିବ୍ୟାହାରରେ ପୁରୀ ଯାତ୍ରା କଲି । × × ( ପୁରୀ ଯିବା ବାଟରେ ) ବାଲିଅନ୍ତାରୁ ଆମ୍ଭେମାନେ ଭୁବନେଶ୍ୱର ଗଲୁ । ଭୁବନେଶ୍ୱରର ପ୍ରାଚୀନ କୀର୍ତ୍ତିରାଜି ଦେଖି ସେ ଆହ୍ଲାଦ ଏବଂ ବିସ୍ମୟରେ ଗଦ୍‌ଗଦ ହେଲେ । × × ସେ ମତେ ସ୍ୱର ସଂଯୋଗରେ କୌଣସି ଗୋଟିଏ ଶ୍ଳୋକ ପଢ଼ିବାକୁ କହିଲେ । × ×. ସଂସ୍କୃତ-ସାହିତ୍ୟ ପ୍ରସଙ୍ଗରେ ଉତ୍କଳ-ସାହିତ୍ୟ କଥା ଉଠିଲା । ଉତ୍କଳର ସର୍ବପ୍ରଧାନ କବି ଉପେନ୍ଦ୍ର ଭଞ୍ଜଙ୍କର ସର୍ବପ୍ରଧାନ କାବ୍ୟ

'ବୈଦେହୀଶ ବିଳାସ'ରୁ ମୁଁ କେତେଗୁଡ଼ିଏ ଉତ୍କୃଷ୍ଟ କବିତା (୧) ଆବୃତ୍ତି କରି ତାହାର ବ୍ୟାଖ୍ୟା ମଧ୍ୟ କରିଦେଲି ।"

"ସେ (ଲାବଣ୍ୟବତୀ ଏବଂ ବୈଦେହୀଶ ବିଳାସରୁ ଉଦ୍ଧୃତ ଅଂଶମାନଙ୍କର) ଭାବର ସୌନ୍ଦର୍ଯ୍ୟରେ ଚମତ୍କୃତ ଏବଂ ମୁଗ୍‌ଧ ହୋଇ କହିଲେ—'ଏହି ଓଡ଼ିଶାକୁ ବଙ୍ଗାଳୀମାନେ ପୁଣି ବେହେରାର ଦେଶ ବୋଲି କହନ୍ତି !' ଏହା କହି ସେ ଭଞ୍ଜ କବିଙ୍କର ଜୀବନୀ ଏବଂ ରଚନା ସମ୍ବନ୍ଧରେ ମୋତେ ଅନେକ ପ୍ରଶ୍ନ କଲେ । ମୋ ନିକଟରୁ ଭଞ୍ଜ କବିଙ୍କର କବିତା ସେ ମଧ୍ୟେ ମଧ୍ୟେ ଶୁଣୁଥିଲେ ଏବଂ ସେହି ରଚନାର ସେ ଏତେଦୂର ପକ୍ଷପାତୀ ହୋଇଥିଲେ ଯେ × × ।"

ଏବଂ ଶେଷରେ ଭୂଦେବ ବାବୁ ରାଧାନାଥଙ୍କର ଏକ ବଙ୍ଗଳା କାବ୍ୟର ପାଣ୍ଡୁଲିପି ଦେଖି, ତାଙ୍କୁ ଉପଦେଶ ଦେଇ କହିଲେ—

"ପୁରାତନ ବିଷୟ ଯେନ ଶକ୍ତିର ଓ ଶ୍ରମର ଅଯଥା ବିନିଯୋଗ କର କାହିଁକି ? × × ତୁମେ ନୂଆ ଗଢ଼ିବାକୁ ଚେଷ୍ଟା କରିବ । × ଓଡ଼ିଶା ଅତି ସୁନ୍ଦର ଦେଶ । ଏ ଦେଶର ମନୋହର ପ୍ରକୃତି କବିତାର ସଂପୂର୍ଣ୍ଣ ଉପଯୋଗୀ । ଓଡ଼ିଶା ବାସ୍ତବିକ୍ କବିତ୍ୱପୂର୍ଣ୍ଣ ଶିଶୁର ଉପଯୁକ୍ତ ଧାତ୍ରୀ । ଓଡ଼ିଶାର ଯେଉଁଆଡ଼କୁ ଚାହିଁବ, ନୂଆ ଗଢ଼ିବାର ଉପାଦାନ ଯଥେଷ୍ଟ ରହିଅଛି ।"

କବିବର ରାଧାନାଥଙ୍କ ସ୍ୱହସ୍ତଲିଖିତ ଏହି ବିବରଣୀ ପାଠ କରିବା ପରେ ପାଠକେ ନିଜ ନିଜକୁ ପ୍ରଶ୍ନ କରନ୍ତୁ—"ସେ ଭଞ୍ଜଙ୍କର ପ୍ରଶଂସକ ଥିଲେ କି ନ ଥିଲେ ?"

ଏଠାରେ ଲକ୍ଷ୍ୟ କରିବାର କଥା, ରାଧାନାଥ ଲେଖିଛନ୍ତି ଯେ, ତାଙ୍କର ଗଣ୍ଡବେଳେ ନାନା ବିଷୟ ଆଲୋଚିତ ହେଉଥିଲା ଏବଂ ମଝି ମଝିରେ ସେ ଭଞ୍ଜୀୟ କବିତା ଭୂଦେବ ବାବୁଙ୍କୁ ଶୁଣାଉଥିଲେ । ଏହା କ'ଣ ନିଃସନ୍ଦେହରେ ପ୍ରତିପାଦନ କରୁନାହିଁ ଯେ, ରାଧାନାଥ ସେତେବେଳକୁ ଭଞ୍ଜ-ସାହିତ୍ୟରେ ମଜ୍ଜି ଯାଇଥିଲେ ଏବଂ ଭଞ୍ଜ-ସାହିତ୍ୟର ବହୁ ଅଂଶ ତାଙ୍କର ସ୍ମୃତିକୋଷରେ ସଞ୍ଚିତ ହୋଇ ତାଙ୍କୁ ତହିଁରେ ଅଭିଭୂତ କରି ରଖିଥିଲା ?

---

(୧) ଦୁର୍ଗାଚରଣ ରାୟଙ୍କ 'ରାଧାନାଥ ଜୀବନୀ' ପୃ-୯୭-୧୦୦ । ଭଞ୍ଜ-ସାହିତ୍ୟରୁ 'ଲାବଣ୍ୟବତୀ' ଏବଂ 'ବୈଦେହୀଶ ବିଳାସ'ରୁ ଯେଉଁ ଅଂଶଟିମାନ ରାଧାନାଥ ସ୍ୱୟଂ ଭୂଦେବ ବାବୁଙ୍କୁ ଶୁଣାଇ ତାଙ୍କର ପ୍ରୀତି ଉଦ୍ରେକ କରିଥିଲେ, ତାହା ଏହି 'ରାଧାନାଥ ଜୀବନୀ' ପୃ ୯୯-୧୦୦ରେ ଉଦ୍ଧୃତ ହୋଇଅଛି ।

ଆହୁରି ମଧ୍ୟ, ଗୁଣଗ୍ରାହୀ ଭୂଦେବ ବାବୁ ରାଧାନାଥଙ୍କ ବଙ୍ଗଳା ରଚନା ଦେଖି, ସେହିଁରୁ ତାଙ୍କୁ ନିବର୍ତ୍ତାଇଥିଲେ ଏବଂ ଓଡ଼ିଶାର ମନୋରମ ପରିବେଶରେ ଆଉ ଓଡ଼ିଆ ପାଇଁ ନୂତନ ସୃଷ୍ଟି କରିବାକୁ ତାଙ୍କୁ ପ୍ରବର୍ତ୍ତାଇଥିଲେ । ଏହି ପ୍ରବର୍ତ୍ତନା ବା ପରାମର୍ଶ ପାଇ ନ ଥିଲେ ରାଧାନାଥ ରାୟ ହୁଏ ତ ମାଇକେଲ ମଧୁସୂଦନ ପ୍ରମୁଖ ବଙ୍ଗୀୟ କବିଙ୍କର ପନ୍ଥା ଅନୁସରଣ କରି ବଙ୍ଗଳାରେ ଲେଖିଥାଆନ୍ତେ ଏବଂ ହୁଏତ ଜଣେ 'ଅନୁଜ' ବା 'ଅର୍ଦ୍ଧ-ଉଚ୍ଚ' ଦରର ବଙ୍ଗଳା କବି ହୋଇଥାଆନ୍ତେ । କିନ୍ତୁ ଅଗଣିତ ଓଡ଼ିଆ ପାଠକ ଓ ଲେଖକଙ୍କ ଆଗରେ ନୂଆ ଭାଷା ଓ ନୂଆ ଭାବଧାରା ତଥା ଉତ୍କଳପ୍ରୀତିର ପ୍ଲାବନ-ପ୍ରଦାୟୀ ଆଦର୍ଶ ସ୍ଥାପନ କରି 'ଯୁଗପ୍ରବର୍ତ୍ତକ' ହେବାକୁ ସମର୍ଥ ହୋଇ ପାରି ନ ଥାଆନ୍ତେ । ଭଞ୍ଜ-ସାହିତ୍ୟ ହିଁ ଏ ଦେଶର ମଞ୍ଜୁଳ ମନୋରମାଳା ସହିତ ସୌନ୍ଦର୍ଯ୍ୟ ଅବବୋଧରେ ସମନ୍ୱିତ ହୋଇ ଭୂଦେବଙ୍କ ଅନ୍ତରକୁ ଉତ୍କଳ ପ୍ରତି ସ୍ନେହାସକ୍ତ କରିପାରିଥିଲା ଏବଂ ତାହାର ଅମୃତମୟ ପରିଣତିରେ ରାଧାନାଥ ଉତ୍କଳମାତାର ଜଣେ ଶ୍ରେଷ୍ଠ ସାରସ୍ୱତ ସେବକରୂପେ ଆତ୍ମବିକାଶ ସାଧନ କରି ପାରିଥିଲେ ।

ଅନେକ ସମୟରେ ପ୍ରତିଷ୍ଠିତ ଧାରଣା ବା ମତ ବିରୁଦ୍ଧରେ ମତ ବ୍ୟକ୍ତ କରିବାକୁ ସମୀକ୍ଷକର ଇଚ୍ଛା ହୋଇଥାଏ । କିନ୍ତୁ ତାହା ଯଦି ବଳିଷ୍ଠ ଯୁକ୍ତି ଓ ତଥ୍ୟ ଉପରେ ପ୍ରତିଷ୍ଠିତ ନ ହୁଏ, ତେବେ ବାଲୁକାସ୍ତୂପ ଉପରେ ନିର୍ମିତ ପ୍ରାସାଦ ପରି ତାହା ବହୁକାଳ ସ୍ଥାୟୀ ହୋଇପାରେ ନାହିଁ । ଭଞ୍ଜ ରାଧାନାଥଙ୍କର ସମ୍ପର୍କ ବିଚାରକ୍ଷେତ୍ରରେ ଏହା ସର୍ବଥା ସ୍ମରଣୀୟ ।

## ଫକୀର ମୋହନ ଓ ଉପେନ୍ଦ୍ର ଭଞ୍ଜ :—

ଓଡ଼ିଆ ପଦ୍ୟ-ସାହିତ୍ୟରେ ଆଧୁନିକ ଯୁଗର ପ୍ରବର୍ତ୍ତକ ରୂପେ ରାଧାନାଥ ଯେପରି ସର୍ବମାନ୍ୟ, ଆଧୁନିକ ଓଡ଼ିଆ ଗଦ୍ୟ-ସାହିତ୍ୟର ସର୍ବଶ୍ରେଷ୍ଠ ପ୍ରତିଷ୍ଠାତା ରୂପେ ଫକୀର ମୋହନ ସେନାପତି ସେହିପରି ସର୍ବବନ୍ଦ୍ୟ । ଫକୀର ମୋହନ ଆଧୁନିକ ଓଡ଼ିଆ ସାହିତ୍ୟକୁ ଏ ଭଳି ଉଜ୍ଜ୍ୱଳ ମର୍ଯ୍ୟାଦାରେ ମଣ୍ଡିତ କରିଅଛନ୍ତି ଯେ, କେହି କେହି ବିଶିଷ୍ଟ ସାହିତ୍ୟ ସମାଲୋଚକ ଆଧୁନିକ ଓଡ଼ିଆ ସାହିତ୍ୟକୁ ଫକୀର ମୋହନଙ୍କ ନାମାନୁସାରେ ନାମିତ କରିବାକୁ ଦୃଢ଼ ମତ ପ୍ରକାଶ କରି-ଅଛନ୍ତି । ଏହା ଫକୀର ମୋହନଙ୍କର ମହୀୟସୀ ପ୍ରତିଭାର ଏକ ବଳିଷ୍ଠ ପ୍ରମାଣରୂପେ ବିବେଚିତ ହୋଇପାରେ । ତେବେ ପ୍ରକୃତ କଥା ହେଉଛି, ଉତ୍କଳ ଜନନୀଙ୍କର ଏକନିଷ୍ଠ ସେବକ ରୂପେ ଆଧୁନିକ ଯୁଗର ସାହିତ୍ୟସ୍ରଷ୍ଟାମାନଙ୍କ ମଧ୍ୟରେ

ଯେଉଁ କେତେ ଜଣଙ୍କ ନାମ ସର୍ବପ୍ରଥମେ ସ୍ମରଣୀୟ, ସେମାନଙ୍କ ମଧ୍ୟରେ ଫକୀର ମୋହନ ଅବଶ୍ୟ ଅନ୍ତର୍ଭୁକ୍ତ ହେବେ । ସେ ଉତ୍କଳର ଆଜୀବନ ବାଣୀ-ସାଧକମାନଙ୍କୁ ମହୋଚ୍ଚ ଆସନ ଦେଇଅଛନ୍ତି । ଫକୀର ମୋହନଙ୍କର ବଳିଷ୍ଠ ସାହିତ୍ୟ-ସାଧନା ରୂପପରିଗ୍ରହ କଲାବେଳକୁ, ଭଞ୍ଜଙ୍କର ଉତ୍କର୍ଷ-ଅପକର୍ଷ ଘେନି ଓଡ଼ିଶାରେ ପ୍ରବଳ ଝଡ଼ ସୃଷ୍ଟି ହୋଇ ଯାଇଥିଲା । ସେଥିରେ ସେ ମର୍ମାହତ ହୋଇଥିଲେ । ଏପରି କି, ରାଧାନାଥଙ୍କର ଆଜୀବନ ସାହିତ୍ୟିକ ବନ୍ଧୁ, ଭକ୍ତକବି ମଧୁସୂଦନ ରାଓ କେବଳ ନୈତିକତା ବିଚାରରେ ଭଞ୍ଜଙ୍କର ମହତ୍ତ୍ୱ ଅସ୍ୱୀକାର କରିଥିବାରୁ ହୁଏତ ଫକୀର ମୋହନଙ୍କ ମନରେ ଦାରୁଣ ଆଘାତ ଲାଗିଛି ।

## ମଧୁସୂଦନଙ୍କର ଭଞ୍ଜ-ସାହିତ୍ୟ ନିନ୍ଦନ :—

ବ୍ରହ୍ମବାଦୀ ମଧୁସୂଦନ ତାଙ୍କର ବ୍ୟଙ୍ଗ କବିତା, "ସାବାସ୍ ସାହିତ୍ୟ ଚର୍ଚ୍ଚା ସାବାସ୍ ସାବାସ୍ ।" କବିତାରେ ଭଞ୍ଜଭକ୍ତଙ୍କୁ ଲକ୍ଷ୍ୟ କରି ଲେଖିଛନ୍ତି :—

"ଯୁବରାଜ ଶୁଭେ ବିରାଜି
ଭଞ୍ଜ କାବ୍ୟ କୁଞ୍ଜରେ
କି ଲୀଳା କରୁଛ ସୁଭଗ
କ୍ରୀଡ଼ା ଛଡ଼ା ଖଞ୍ଜରେ ।

× × × ×

ଯାହା ବଂଶଧର ନିକଟରେ
ନିତ୍ୟ ଆନନ୍ଦଭରେ
ଭୁଞ୍ଜ ନର୍ଦ୍ଦମାର କର୍ଦ୍ଦମ
ପାଣି ପିଆଅ ଶତରେ ।
ତୁଳସୀ ସମୂଳେ ଉପାଡ଼ି
ରୋପ ବିଛୁଆତିକି
ଦୁଇପଦ ବେତ୍ର କୁଣ୍ଡାଇ
ହେବ ସିନା ଏତିକି ।"

ଭକ୍ତକବି ମଧୁସୂଦନ ସେ କାଳର ସାହିତ୍ୟିକ ଗଣ୍ଡଗୋଳକୁ ଲକ୍ଷ୍ୟ କରି "ଭଣ୍ଡ ରସାତ୍ମକ କାବ୍ୟ" ନାମକ ଏକ କବିତା ରଚନା କରିଥିଲେ । ତହିଁରେ ଅଛି :—

"ଉତ୍କଳ ସାହିତ୍ୟ କ୍ଷେତ୍ରେ ଲଗିଛି ସମର
ଅବ୍ଦ ବ୍ୟାପୀ ଶବ୍ଦମୟ ମହାଭୟଙ୍କର
ଭଞ୍ଜକୀର୍ତ୍ତି ବିଭଞ୍ଜନ ବ୍ୟାପାର ପ୍ରୟାସୀ
ସମର ପ୍ରାଙ୍ଗଣେ ରଙ୍ଗେ ଦେଖାଦେଲେ ଆସି
ରେରେକାର ଶବ୍ଦେ ଧନ୍ଦା ବୋଇଲେ ସକୋପେ
ସୂଚ୍ୟଗ୍ର ପ୍ରମାଣ ଦୋଷ ଭଞ୍ଜେ ଯେ ଆରୋପେ
ସେ ଉତ୍କଳ କୁଳାଙ୍ଗାର ମୂଢ଼ ଅବିବେକ
ନ ଜାଣଇ ନିଷ୍କଳଙ୍କ ଭଞ୍ଜକବି ଟେକ ।"

## ମଧୁସୂଦନଙ୍କ ଏ କବିତାର ମୂଳ ରହସ୍ୟ ଉଦ୍‌ଘାଟନ :—

ମଧୁସୂଦନଙ୍କର ଏହି ପଂକ୍ତିମାନଙ୍କରେ ସେକାଳର ଘୋରତର ବାକ୍ୟଯୁଦ୍ଧ ପ୍ରତିଫଳିତ ହୋଇଅଛି । କିନ୍ତୁ, କର୍ମଯୋଗୀ ଗୌରୀଶଙ୍କରଙ୍କ ଜୀବନୀ ଆଲୋଚନା ପ୍ରସଙ୍ଗରେ ସେକାଳର ଅର୍ଥାତ୍ ଗତ ଶତାବ୍ଦୀର ଦ୍ୱିତୀୟ ଅର୍ଦ୍ଧରେ ଲଗିଥିବା ସାହିତ୍ୟ-ସମରର ଅନ୍ୟ ଏକ ପ୍ରକାରର ଚିତ୍ର ଦେଖିବାକୁ ମିଳେ । ଯେତେବେଳେ 'ଓଡ଼ିଆ ଏକ ସ୍ୱତନ୍ତ୍ର ଭାଷା ନୁହେଁ' ବୋଲି ଦୃଢ଼ ଭାବରେ ଘୋଷଣା କରି ଓଡ଼ିଶାର ବିଦ୍ୟାଳୟମାନଙ୍କରୁ ଓଡ଼ିଆ ଭାଷା ସମୂଳେ ଉଠାଇଦେବାକୁ ଅପଉଦ୍ୟମ ଆରମ୍ଭ ହେଲା, ସେତିକିବେଳେ ଭଞ୍ଜ ପ୍ରଭୃତି କବିମାନଙ୍କର କାବ୍ୟ ଗ୍ରନ୍ଥମାନଙ୍କୁ ଭିତ୍ତି କରି ଓଡ଼ିଆ ଭାଷାର ବିଭବଶାଳିତା ପ୍ରତିଷ୍ଠାପିତ ହୋଇ ପାରିଥିଲା । ଆଜିର ଓଡ଼ିଆ ପାଠକ ହୁଏ ତ ସେହି ଭୀଷଣ ଦୁର୍ଦ୍ଦିନର ଘନଘଟା ଜାଣୁନାହାନ୍ତି କିମ୍ବା ଜାଣିଲେ ମଧ୍ୟ ଗୁରୁତ୍ୱର ସହିତ ତାହାର ବିଚାର କରୁନାହାନ୍ତି । ସେକାଳର ଅପଉଦ୍ୟମ କିପରି ଭୟାବହ ଥିଲା, ୧୮୭୩ ମାର୍ଚ୍ଚ ୧ ତାରିଖରେ ପ୍ରକାଶିତ 'ଉତ୍କଳ ଦୀପିକା'ର ନିମ୍ନ ଉଦ୍ଧୃତ ଅଂଶଟିରୁ ସହଜରେ ଜାଣିହେବ ।

## 'ଉତ୍କଳ ଦୀପିକା'ରେ ପ୍ରତିଫଳିତ ଓଡ଼ିଆ ଭାଷା ବିରୋଧୀ ଆନ୍ଦୋଳନ :—

"ଓଡ଼ିଆ ଭାଷା ଉପରୁ ବାବୁ ରାଜେନ୍ଦ୍ର ଲାଲ ମିତ୍ରଙ୍କ କୋପ ଅଦ୍ୟାପି ଶାନ୍ତ ହୋଇ ନାହିଁ । ଗତ ଜାନୁଆରି ମାସ ୨୩ ତାରିଖ ଦିନ କଲିକତା ବେଥୁନ୍ ସୋସାଇଟି ସଭାରେ ଡାକ୍ତର ମୋରେ ମିଡ଼ଲ୍ ସାହେବ ଭାଷା ସମୁହର ସମ୍ବନ୍ଧ-ତତ୍ତ୍ୱ ବିଷୟରେ ଗୋଟିଏ ସୁନ୍ଦର ଓ ବିଜ୍ଞ ବକ୍ତୃତା କରିଥିଲେ । ଉକ୍ତ ବକ୍ତୃତା

ଶେଷ ହେଲାରୁ ବାବୁ ରାଜେନ୍ଦ୍ର ଲାଲ ମିତ୍ର ଡାକ୍ତର ମହୋଦୟଙ୍କୁ ସଭାରେ ଧନ୍ୟବାଦ ଦେବା ପ୍ରସ୍ତାବ ଛଳରେ ଯେଉଁ ବକ୍ତୃତା କଲେ, ତହିଁରେ ବ୍ୟକ୍ତ ଥିଲା ଯେ, ଭାରତବର୍ଷର ଭାଷା ସମସ୍ତଙ୍କର ଭିନ୍ନତା ବିଷୟରେ ଅନେକ ମତଭେଦ ଦେଖାଯାଏ ଓ ଭ୍ରମବଶତଃ, ଶିକ୍ଷା ବିଭାଗର କର୍ମଚାରୀ ଓ ଅନ୍ୟ ଲୋକମାନେ ଯାହାକୁ ଭିନ୍ନତା ଜ୍ଞାନ କରନ୍ତି, ତାହା ପ୍ରକୃତ ନୁହଁଇ, ଯଥା—ଓଡ଼ିଆ, ବଙ୍ଗଳା ଓ ଆସାମୀ ଭାଷାମାନ ବାସ୍ତବରେ ଏକ; କିନ୍ତୁ ଭ୍ରମ ହେତୁରୁ ତାହାକୁ ଭିନ୍ନ ଭାଷା ଜ୍ଞାନ କରାଯାଏ । ବଙ୍ଗାଳୀମାନଙ୍କୁ ଏ କଥା ବାଧୁ ନାହିଁ । କାରଣ, ସେମାନେ ଆପଣା ଅବସ୍ଥା ରକ୍ଷା କରିବାକୁ ସକ୍ଷମ ଅଛନ୍ତି । କିନ୍ତୁ ଆସାମୀ ଓ ଓଡ଼ିଆ ଅଳ୍ପସଂଖ୍ୟକ ଲୋକ ହେତୁରୁ ଆପଣା ଭାଷା ରକ୍ଷା କରିବାକୁ ସକ୍ଷମ ନୁହନ୍ତି । ଯେବେ ସେମାନେ ବଙ୍ଗଳା ପଢ଼ିବାକୁ ଆରମ୍ଭ କରିବେ, ତେବେ ଅଳ୍ପ କାଳରେ ବଙ୍ଗାଳୀଙ୍କ ସହିତ ଭ୍ରାତୃଭାବରେ ଲିପ୍ତ ହୋଇ ଏକ ହୋଇଯିବେ ଓ ବଙ୍ଗଳାରେ ଯେ ସମସ୍ତ ଉନ୍ନତି ହୋଇଅଛି, ସେ ସବୁର ଫଳ ଭୋଗ କରିବେ । ଏମାନଙ୍କ ଭାଷା ଭିନ୍ନ ଭିନ୍ନ ରହିଲେ ଏମାନେ କ୍ଷୁଦ୍ର କ୍ଷୁଦ୍ର, ପୃଥକ୍ ସମାଜବଦ୍ଧ ହୋଇ ଆପଣାକୁ ଅତିଶୟ ଅସହାୟ ମଣିବେ । କାରଣ ଭାଷାରେ ଯେମନ୍ତ ସମାଜର ପ୍ରଭେଦ ହୁଅଇ, ଏମନ୍ତ ଆଉ ପ୍ରାୟ କାହିଁରେ ହୁଅଇ ନାହିଁ । ତାହାଙ୍କର ଏମନ୍ତ ମାନସ ହୁଅଇ ଯେ, ଭାରତବର୍ଷର ୧୦୮ ଭାଷାକୁ ସେ ବଳପୂର୍ବକ ଗୋଟିଏ କରିଦେବେ, କାରଣ, ସେଥିରେ ସିଦ୍ଧାନ୍ତ ଅବଧି କିଛି ହୋଇନାହିଁ । ଏ ଦେଶର ଉନ୍ନତିଶୀଳ ଲୋକଙ୍କ ଉପରେ ଏଥିର ଭାର ରହିଅଛି । ଭବିଷ୍ୟତରେ ତାହା ସିଦ୍ଧାନ୍ତ ହୋଇପାରେ ।”

## ଓଡ଼ିଆ ଭାଷା ବିରୋଧୀ ଏହି ମତର ମଧ୍ୟ ବିରୋଧ :—

‘ଉତ୍କଳ ଦୀପିକା’ରେ ପୁଣି ଲେଖାଅଛି:—“ଏହିରୂପେ ବାବୁ ରାଜେନ୍ଦ୍ରଲାଲ କଥା ଶେଷ କଲାରୁ, ରେଭରେଣ୍ଡ ଜେ, ଏମ୍, ବାନୁର୍ଯ୍ୟା ଗାତ୍ରୋତ୍ଥାନ ପୂର୍ବକ କହିଲେ ଯେ, ଧନ୍ୟବାଦ ପ୍ରସ୍ତାବ କର୍ତ୍ତା ଯାହା କହିଲେ, ତହିଁରେ ଅଧିକାଂଶରେ ସମ୍ମତ ଅଛନ୍ତି କିନ୍ତୁ ସେ ଅନୁମାନ କରନ୍ତି ଯେ, ବାବୁ ରାଜେନ୍ଦ୍ରଲାଲ ମିତ୍ର ସଂସ୍କୃତ ଜାଣୁଥିବାରୁ ସହଜରେ ଆସାମୀ ଭାଷା ବୁଝିପାରନ୍ତି । କାରଣ, ସଂସ୍କୃତ ଓଡ଼ିଆ, ବଙ୍ଗଳା ଓ ଆସାମୀ, ତିନି ଭାଷାର ମୂଳ ହେଉଛି । ଯଦ୍ୟପି କି ସେ ସ୍ୱୟଂ ଆପଣା ମାତୃଭାଷା ବଙ୍ଗଳା ପ୍ରତି ସ୍ୱଦେଶାନୁରାଗପୂର୍ଣ୍ଣ ସ୍ନେହରେ କାହାରିଠାରୁ ଊଣା ନୁହନ୍ତି, ତଥାପି ସେ ଓଡ଼ିଶା ଓ ଆସାମର ଲୋକମାନଙ୍କୁ ବଙ୍ଗଳା ଭାଷା ଗ୍ରହଣ କରିବା ପାଇଁ ସାହସ କରି କହି ନ ପାରନ୍ତି ।”

ଏଥିରୁ ପାଠକମାନେ ଜାଣିବେ ଯେ, ବ୍ରଜେନ୍ଦ୍ର ବାବୁଙ୍କ କଥା କେବଳ ତାହାଙ୍କ ସାଙ୍କର । କେବଳ ତାହାଙ୍କ ସଙ୍ଗେ ମିଶୁ ନାହାନ୍ତି, ତଥାପି ସେ ଆପଣା ଖିଆଲ ଛାଡ଼ୁ ନାହାନ୍ତି ।

## ରାଜେନ୍ଦ୍ର ଲାଲଙ୍କ ଓଡ଼ିଆ ବିରୋଧୀ ମତ ଅବସ୍ମରଣୀୟ :—

'ଉତ୍କଳ ଦୀପିକା'ର ଏହି ଅଂଶ ଖାଲି ଭଞ୍ଜ ସାହିତ୍ୟ ଚର୍ଚ୍ଚା ପ୍ରସଙ୍ଗରେ ଗୁରୁତ୍ୱପୂର୍ଣ୍ଣ ନୁହେଁ, ଓଡ଼ିଶାର ଜାତୀୟ-ଜୀବନର ଚର୍ଚ୍ଚା ଅବକାଶରେ ମଧ୍ୟ ଏହା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ । ଫକୀରମୋହନଙ୍କର 'ଆତ୍ମଜୀବନୀ'ରେ ଏହି ସମ୍ପର୍କରେ ଅନେକ କଥା ରହିଅଛି । ଭଞ୍ଜ-ସାହିତ୍ୟର ଖଣ୍ଡନ ମଣ୍ଡନାତ୍ମକ ଆଲୋଚନା କରାଯିବା ବେଳେ ଫକୀରମୋହନଙ୍କ ଆତ୍ମଜୀବନୀର କେତେକ ଅଂଶ ଏକାନ୍ତ ସ୍ମରଣୀୟ ମନେହୁଏ । ତଳେ ତାଙ୍କ ଆତ୍ମଜୀବନୀର କେତେକ ସ୍ଥାନରୁ କେତୋଟି ଅଂଶ ଉଦ୍ଧାର କରାଯାଉଛି । ଫକୀରମୋହନ ଲେଖିଛନ୍ତି :—

## ସେ କାଳର ଓଡ଼ିଶା-ବିରୋଧୀ ପରିସ୍ଥିତି, ଫକୀରମୋହନଙ୍କ ଆତ୍ମଜୀବନୀରେ :—

(୧) "ଓଡ଼ିଆ ବଙ୍ଗାଳୀମାନଙ୍କ ମଧ୍ୟରେ ସେ ସମୟରେ ପ୍ରତିଦ୍ୱନ୍ଦିତା ଚାଲୁଥିଲା । ସେ ସମୟରେ ଉତ୍କଳର ସବୁ ପ୍ରତ୍ୟେକ ସରକାରୀ ମହକୁମାରେ ପ୍ରଧାନ କର୍ମଚାରୀ ବଙ୍ଗାଳୀ । ଓଡ଼ିଆ ଭାଷା ଉଠାଇ ଦେଇ, ବଙ୍ଗଳା ଭାଷା ଚଳାଇବାରେ ସମସ୍ତେ ଏକମତ । ସାଧ୍ୟାନୁସାରେ ଆପଣା ଆପଣା ମହକୁମାରେ ବଙ୍ଗଳା ଚଳାଇବା ବିଷୟରେ ସମସ୍ତେ ସଚେଷ୍ଟ । କୌଣସି କାର୍ଯ୍ୟ ଖାଲି ହେଲେ, ଆପଣା ପକ୍ଷର ଲୋକଙ୍କୁ ନିଯୁକ୍ତ କରିବା ସକାଶେ ପ୍ରାଣପଣେ ଚେଷ୍ଟା । ପବ୍ଲିକ୍ ଓ୍ୱାର୍କସ୍ ଏବଂ ଡାକ ବିଭାଗରେ ଜଣେ ମାତ୍ର ଓଡ଼ିଆର ପ୍ରବେଶାଧିକାର ନ ଥିଲା ।"

(ଫ: ମୋ: ଗ୍ରନ୍ଥାବଳୀ – ପୃ-୨୬)

## ବ୍ରାହ୍ମଧର୍ମର ଉତ୍କଳରେ ପ୍ରସାର :—

(୨) "କିଛି କାଳ ପରେ କଲିକତାରୁ ଜଣେ ବ୍ରାହ୍ମଧର୍ମ ପ୍ରଚାରକ ବାଲେଶ୍ୱରକୁ ଆସିଲେ । ତାଙ୍କ ସହିତ ସାକ୍ଷାତ ହେଲା । ପ୍ରତିଦିନ ଧର୍ମସମ୍ବନ୍ଧରେ କଥୋପକଥନ ହୁଏ । ପରେ, ଧର୍ମାଲୋଚନା ଛାଡ଼ି ସେ ଭାଷାଲୋଚନା କରିବାକୁ

ଲାଗିଲେ । ସେ ପ୍ରମାଣ କରାଇବାକୁ ଚାହିଁଲେ ଯେ, ବଙ୍ଗଳା ଭାଷା ବଡ଼ ଭଲ, ଓଡ଼ିଆ ଭାଷାଟା ଭଲ ନୁହେ । ମୋ ମନରେ ବଡ଼ ରାଗ ହେଲା । ଆଉ ତାଙ୍କ ସହିତ ସାକ୍ଷାତ୍ କଲି ନାହିଁ ।”

(ଗ୍ରନ୍ଥାବଳୀ—ପୃ-୨୮)

(୩) ଏହି ଘଟଣାର ଅନେକ ଦିନ ପରେ ଜଣେ କରାଣୀ ବଙ୍ଗଦେଶରୁ ଆସିଲେ । ଶୁଣିଲି, ସେ ଲୋକଟି ବ୍ରାହ୍ମ । ତାଙ୍କ ସହିତ ସାକ୍ଷାତ କରି ବ୍ରାହ୍ମଧର୍ମ ସମ୍ବନ୍ଧରେ କଥୋପକଥନ କଲି । ପ୍ରତି ରବିବାର ରାତିରେ × × ବ୍ରହ୍ମ ଉପାସନା ହୁଏ । ଉପାସନା ଉତ୍ତାରେ ଉପାସକମାନେ ବସି ମଦ ଖାଆନ୍ତି । ସେ ସମୟରେ ଅନେକ ବ୍ରାହ୍ମଙ୍କ ମଧ୍ୟରେ ମଦ୍ୟପାନଟା ଉପାସନାର ଅଙ୍ଗୀଭୂତ ହୋଇପଡ଼ିଥିଲା । ବଙ୍ଗଦେଶରେ ଶୁଣିଛୁ ପ୍ରଧାନ ପ୍ରଧାନ ବ୍ରାହ୍ମ ମହାତ୍ମାମାନେ ମଧ୍ୟ ମଦ୍ୟପାନରୁ ବିରତ ନ ଥିଲେ ।”

(ଗ୍ରନ୍ଥାବଳୀ—ପୃ-୨୮)

## କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟଙ୍କ ଓଡ଼ିଆ ବିରୋଧୀ ପୁସ୍ତକ ରଚନା :—

(୪) ବାଲେଶ୍ୱର ଗଭର୍ଣ୍ଣମେଣ୍ଟ ସ୍କୁଲରେ × × ବଙ୍ଗଦେଶବାସୀ କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟ (ଓଡ଼ିଆ ପଣ୍ଡିତ ପଦରେ) ନିଯୁକ୍ତ ହୋଇ ଆସିଲେ । ବୋଧକରୁ, ସେ ମନରେ କରି ଆସିଥିଲେ, ଓଡ଼ିଆଟା ପଢ଼ାଇ ଦେବା ତାହାଙ୍କ ପକ୍ଷରେ ଅସହଜ ହେବ ନାହିଁ । ଭଟ୍ଟାଚାର୍ଯ୍ୟ ୪।୬ ମାସ ପରିଶ୍ରମ କରି ସ୍କୁଲର ସମସ୍ତ ଓଡ଼ିଆ ଛାପା ପାଠ୍ୟ ପୁସ୍ତକଗୁଡ଼ିକ ପଢ଼ି ପକାଇଲେ । ହେଲେ କ’ଣ, ମୂଳ କଥାଟାରେ ରହିଲା ବିଭ୍ରାଟ । ଖୁବ୍ ଚେଷ୍ଟାକରି ମଧ୍ୟ ଓଡ଼ିଆ କଥା ତ କହି ପାରିଲେ ନାହିଁ । ଆଉ ‘ଣ’ ଏବଂ ‘ଳ’ ଉଚ୍ଚାରଣ କରିବା ତାହାଙ୍କ ପକ୍ଷରେ ନିତାନ୍ତ ଅସାଧ୍ୟ ହୋଇପଡ଼ିଲା । × × ବୁଢ଼ା କାଠୁଆ ଜିଭରେ ଅନଭ୍ୟସ୍ତ ଅକ୍ଷର ଉଚ୍ଚାରଣ କରିବା କ’ଣ ସହଜ କଥା ? ‘ଳ’କୁ ଉଚ୍ଚାରଣ କରନ୍ତି ‘ଡ’, ‘ଣ’ କୁ ଉଚ୍ଚାରଣ କରନ୍ତି ‘ନ’ । ଯଥା—‘ହେ ବାଡ଼କ ଗନୋ, (ଅର୍ଥାତ୍, ହେ ବାଳକଗଣ ) । ତାଙ୍କ କଥା ଶୁଣି ଶ୍ରେଣୀସାକ ଛାତ୍ର ଠୋ ଠୋ କରି ହସି-ପକାନ୍ତି । ଏପରି ଅପମାନ ଏଡ଼େ ବଡ଼ ପଣ୍ଡିତଙ୍କ ଦେହକୁ କେତେଦିନ ସହେ ? କାମ ଅଟକିଲେ ବୁଦ୍ଧି ବାହାରେ । ଦିନେ ଭଟ୍ଟାଚାର୍ଯ୍ୟ ସ୍କୁଲକୁ ଆସି ପିଲାମାନଙ୍କ ଆଗରେ କହି ପକାଇଲେ —

"ଆରେ ! ଓଡ଼ିଆ ତ ସ୍ୱତନ୍ତ୍ର ଭାଷା ନୁହଁ, ବାଙ୍ଗଲାର ବିକୃତ ମାତ୍ର । ଓଡ଼ିଆ ପଢ଼ାର ଆଉ ଦରକାର ନାହିଁ ।" ଅବଶ୍ୟ ମୁଁ ଠିକ୍ ଜାଣେ ନାହିଁ । ବୋଧହୁଏ, ପିଲାଗୁଡ଼ାକ ଖୁବ୍ ଆନନ୍ଦରେ ମନ ମଧ୍ୟରେ ଆଶୀର୍ବାଦ କରିଥିବେ, "ପଣ୍ଡିତେ ଦୀର୍ଘଜୀବୀ ହୋଇ ଏହିଠାରେ ନିଶ୍ଚିନ୍ତରେ ବସିଥାଅ ।" କାରଣ, ଓଡ଼ିଆ ପଢ଼ିବା ସେ ସମୟ ପିଲାମାନଙ୍କ ପକ୍ଷରେ, ବଡ଼ ହରବରର କଥା ଥିଲା । ବର୍ତ୍ତମାନ ସମୟ ପରି ସେ ସମୟରେ **Second Language** ବୋଲି ଓଡ଼ିଆ ପଢ଼ାଠା ବିଷୟରେ କିଛି ଧରପଗଡ଼ ନ ଥିଲା । ଯାହାର ଇଚ୍ଛା ହେଲା, ପଢ଼ୁ ! କେହି ନ ପଢ଼ିଲା ତ କ୍ଷତି ନାହିଁ । ପଢ଼ୁଆ ପିଲାମାନଙ୍କର ତ ଏହି ଅବସ୍ଥା । ଏଣେ ଗୋଡ଼ଠାରୁ ମୁଣ୍ଡପାଏ ସବୁ ଶ୍ରେଣୀରେ ବଙ୍ଗାଳୀ ମାଷ୍ଟର । ଓଡ଼ିଆ ପଦେ ହାଣି କଥା ପଦେ ବୋଲିବାକୁ କେହି ନାହିଁ । ପଣ୍ଡିତଙ୍କର ତ ପଡ଼ିଗଲା ପୋ'ବାର ।"

## ଓଡ଼ିଶାରୁ ଓଡ଼ିଆ ଉଠାଇଦେବାର ଅପପ୍ରଚେଷ୍ଟା :—

(୫) "ଓଡ଼ିଆ ସ୍ୱତନ୍ତ୍ର ଭାଷା ନୁହଁ"—ଲୁଚ୍ଚା ମୁହଁରେ କହିଲେ ତ ହେବ ନାହିଁ; ପ୍ରମାଣ କରାଇବାକୁ ହେବ । ପଣ୍ଡିତେ ଖଣ୍ଡିଏ ଗ୍ରନ୍ଥ ରଚନା କରିବାକୁ ବସିଗଲେ । ନାମ ହେଲା "ଓଡ଼ିଆ ସ୍ୱତନ୍ତ୍ର ଭାଷା ନୁହଁ ।" ଛପା ବହି ବାହାରିଲା । ବଙ୍ଗାଳୀ ହେଡ୍ ମାଷ୍ଟର ଖଣ୍ଡିଏ ପୁସ୍ତକ ସହିତ ଇନସ୍‌ପେକ୍‌ଟର ସାହେବଙ୍କଠାକୁ ଖଣ୍ଡେ ରିପୋର୍ଟ ପଠାଇଲେ । ସେ ସମୟର ସ୍କୁଲ ଇନସ୍‌ପେକ୍‌ଟର ଆର୍. ଏଲ୍. ମାର୍ଟିନ୍ । ତାଙ୍କ ହେଡ଼ ଅଫିସ ଥିଲା ମେଦିନୀପୁରରେ । ଅଫିସର ସମସ୍ତ କର୍ମଚାରୀ ଥିଲେ ବଙ୍ଗାଳୀ । ବାଲେଶ୍ୱର ଜିଲ୍ଲାର ବଙ୍ଗାଳୀ ଡେପୁଟି ଇନସ୍‌ପେକ୍‌ଟରଙ୍କ ଅନୁକୂଳ ମତ ପିଠିରେ ଦେଇ, ହେଡ଼ ମାଷ୍ଟରଙ୍କ ରିପୋର୍ଟ ଇନସ୍‌ପେକ୍‌ଟରଙ୍କ ଅଫିସରେ ଉପସ୍ଥିତ ହେଲା ।

"ସେ ସ୍ଥାନରୁ ଚଞ୍ଚଳ ହୁକୁମ ବାହାରି ବାଲେଶ୍ୱର ହେଡ଼ମାଷ୍ଟରଙ୍କଠାରେ ଉପସ୍ଥିତ । ସେଥିର ସାରମର୍ମ—

"ବାଲେଶ୍ୱର ଗଭର୍ଣ୍ଣମେଣ୍ଟ ସ୍କୁଲରେ କେବଳ ସଂସ୍କୃତ ଆଉ ବଙ୍ଗଳା ପଢ଼ା ହେବ ; ସେ ସମୟର କେବଳ ସ୍କୁଲ ବୋଲି ନୁହେଁ, ସରକାରୀ ସମସ୍ତ ବିଭାଗରେ ଜଣେ ମଧ୍ୟ ଓଡ଼ିଆ ଉଚ୍ଚପଦସ୍ଥ ଥିଲେ ନାହିଁ । ସମସ୍ତ ବଙ୍ଗାଳୀଙ୍କର ଏକାମତ । ସମସ୍ତେ ସମାନ ଓଡ଼ିଆ ବିଦ୍ୱେଷୀ, ଆଉ ବଙ୍ଗପ୍ରକାଶୀ । ବର୍ତ୍ତମାନ

ସେମାନଙ୍କ ମଧ୍ୟରେ ଆନନ୍ଦ ଉଚ୍ଛ୍ୱାସର ଚହଳ ପଡ଼ିଗଲା । କାନ୍ତି ଭଟ୍ଟାଚାର୍ଯ୍ୟଙ୍କର ଗୋଡ଼ ତଳେ ପଡ଼ୁ ନାହିଁ । ମନରେ କରୁଛନ୍ତି, "ଓଡ଼ିଶାରେ ଗୋଟାଏ ଅକ୍ଷୟ କୀର୍ତ୍ତି ସ୍ଥାପନ କରିଗଲେ ।"

"କେବଳ ଇଂରେଜୀ ସ୍କୁଲରେ ନୁହେଁ, ଆଉ ଆଉ (ଏଡେଡ୍) ସାହାଯ୍ୟକୃତ ସ୍କୁଲମାନଙ୍କରେ ଓଡ଼ିଆ ଉଠିବାର ପ୍ରସ୍ତାବ ଚଳିବାକୁ ଲଗିଲା । ବଙ୍ଗାଳୀ ଜମିଦାର ମଣ୍ଡଳ ବାବୁ ତାଙ୍କ ମଫସଲ ଜମିଦାରୀରେ ଗୋଟାଏ ନବୋଳ ବଙ୍ଗଳା ସ୍କୁଲ ବସାଇଦେଲେ ।

"କେବଳ ବାଲେଶ୍ୱର ବୋଲି ନୁହେଁ, ଉତ୍କଳ ଦେଶବାସୀ ସମସ୍ତ ବଙ୍ଗାଳୀ ରାଜ କର୍ମଚାରୀମାନଙ୍କର ଏକ ମତ, ଏକ ପରାମର୍ଶ,—ଉତ୍କଳ ଭାଷା ଉଠାଇଦେବା ସମସ୍ତଙ୍କର ମତ ଏବଂ ଯତ୍ନ ।

"ସେ ସମୟରେ ଉତ୍କଳରେ ବଙ୍ଗାଳୀ-ଓଡ଼ିଆ ମଧ୍ୟରେ ଉଭୟଙ୍କର ଦଳାଦଳି ଚାଲୁଥାଏ । ବର୍ତ୍ତମାନ ଏକ ପକ୍ଷ ଆନନ୍ଦ ଉଚ୍ଛ୍ୱାସରେ ଅଭୀଷ୍ଟ ସାଧନରେ ନିଯୁକ୍ତ, ଅନ୍ୟ ପକ୍ଷ ସମ୍ପୂର୍ଣ୍ଣରୂପେ ନୀରବ ଏବଂ ନିଶ୍ଚେଷ୍ଟ ।"

## ଓଡ଼ିଆକୁ ରକ୍ଷା କରିବାକୁ ଉଦ୍ୟମ :—

(୭) "ବାବୁ ଗୌରୀଶଙ୍କର ରାୟଙ୍କ ଉଦ୍ଦେଶ୍ୟରେ ଶତ ସହସ୍ର ପ୍ରଣିପାତ କରିଥାଉ । ସେ ଉତ୍କଳ ଦୀପିକାରେ ଉତ୍କଳ ଭାଷା ସପକ୍ଷରେ ପ୍ରତି ସପ୍ତାହ ଯୁକ୍ତି-ପୂର୍ଣ୍ଣ ପ୍ରବନ୍ଧ ବାହାର କରୁଥାଆନ୍ତି । × × ଆମ୍ଭମାନଙ୍କ ବାଲେଶ୍ୱରରେ ନବ ପ୍ରକାଶିତ "ବାଲେଶ୍ୱର ସମ୍ବାଦ ବାହିକା"ରେ କିଛି କିଛି ଲେଖୁଥାଉ । × × ଦିନେ କଟକୀ ବନ୍ଦରେ ସମସ୍ତ ଅମଲାଙ୍କୁ ଏକାଠି କରି ଗୋଟିଏ ବକ୍ତୃତା କଲୁ । ସେଥିର ସାରମର୍ମ ଏହି—"ହେ ମହାଶୟଗଣ ! ଏହି ଯେ ସ୍କୁଲମାନଙ୍କରୁ ଓଡ଼ିଆ ଉଠିଯାଇ ବଙ୍ଗଳା ପଢ଼ା ହେଉଛି, ଏହା ସରକାରଙ୍କ ହୁକୁମ ନୁହେଁ—ବଙ୍ଗାଳୀମାନେ ଚକ୍ରାନ୍ତ କରି × × ଏପରି କରିଛନ୍ତି । ଅଳ୍ପ ଦିନ ଭିତରେ କଚେରୀରୁ ମଧ୍ୟ ଓଡ଼ିଆ ଭାଷା ଉଠାଇ ଦେବେ । × × ଓଡ଼ିଆ ଭାଷା ଉଠିଗଲେ ଏହି ବଙ୍ଗାଳୀମାନଙ୍କ ପୁଅ, ଭାଇ, ଜ୍ଞାତି କୁଟୁମ୍ବମାନେ ଅମଲା ହୋଇଯିବେ । × × ଏଣିକି ଆପଣଙ୍କ ପୁଅ ନାତିମାନେ ଆଉ ସରକାରୀ ଚାକିରୀ ପାଇବେ ନାହିଁ ।"

**ଓଡ଼ିଶାରେ ଓଡ଼ିଆ ପଢ଼ାଯାଉ ବୋଲି ଦରଖାସ୍ତ :—**

(୭) "ଦିନ ରାତି ପଡ଼ି ଗୋଟାଏ ଦରଖାସ୍ତ ତଯ୍ୟାର ହେଲା । ପ୍ରାୟ ପାଞ୍ଚ ଶତ ଲୋକ ସେଥିରେ ଦସ୍ତଖତ କରି × × ଦାଖଲ କଲେ । × × ସେ ସମୟରେ ବାଲେଶ୍ୱରର କଲେକ୍ଟରେ ଜନ୍ ବିମ୍ସ ସାହେବ । ଆମ୍ଭମାନଙ୍କ ଦରଖାସ୍ତ × × ଅନୁକୂଳ ମତ ପ୍ରକାଶ କରି କମିଶନର ସାହେବଙ୍କ ସମୀପକୁ ପଠାଇ ଦେଲେ । 'ଓଡ଼ିଆ ଅତି ପ୍ରାଚୀନ ସ୍ୱତନ୍ତ୍ର ଭାଷା । ଏହି ଭାଷା ଦେଶରେ ବହୁଳ ରୂପରେ ଶିକ୍ଷା ଦିଆଯିବା ଉଚିତ ।' × × ଓଡ଼ିଶାର ପରମ ବନ୍ଧୁ ଟି ରେଭେନ୍‌ସା ସେ ସମୟରେ ଉତ୍କଳର କମିଶନର । କଲେକ୍‌ଟରଙ୍କ ପ୍ରେରିତ ଦରଖାସ୍ତରେ ଆପଣାର ବିଶେଷ ରୂପେ ଅନୁକୂଳ ମତ ଲେଖି ଗଭର୍ଣ୍ମେଣ୍ଟକୁ ପଠାଇ ଦେଲେ । ସରକାରରୁ ହୁକୁମ ଆସିଲା ।"

**ବଙ୍ଗଳା ବଦଳରେ ଓଡ଼ିଆ ପଢ଼ାଯାଉ ବୋଲି ସରକାରୀ ଆଦେଶ :**

(୮) "ଓଡ଼ିଶାର ସମସ୍ତ ସ୍କୁଲରୁ ବଙ୍ଗଭାଷା ସମ୍ପୂର୍ଣ୍ଣ ରୂପେ ଉଠାଇ ଦିଆଯାଉ ଏବଂ ଉତ୍କଳ ଭାଷାର ବହୁଳ ପ୍ରଚାର ନିମନ୍ତେ ସ୍ଥାନେ ସ୍ଥାନେ ସ୍କୁଲ ସ୍ଥାପିତ ହେଉ ।"

( ଗ୍ରନ୍ଥାବଳୀ—'ଆତ୍ମଜୀବନ ଚରିତ'ର ପରିଶିଷ୍ଟ )

**ପ୍ରାତଃସ୍ମରଣୀୟ ବିମ୍ସ ସାହେବଙ୍କ ଓଡ଼ିଆ ପ୍ରୀତି :—**

(୯) "ଏହି ସମୟରେ ବାଲେଶ୍ୱର ଜିଲାର କଲେକ୍‌ଟରେ ଜନ୍ ବିମ୍ସ ଜଣେ ଅସାଧାରଣ ପଣ୍ଡିତ ବୋଲି × × ଖ୍ୟାତିଲାଭ କରିଥିଲେ । ଏଗାରଟା ଭାଷାରେ ତାଙ୍କର ପାରଦର୍ଶିତା ଥିଲା ।"

( ଗ୍ରନ୍ଥାବଳୀ—ପୃ-୧୫ )

**ଫକୀର ମୋହନଙ୍କ ଲେଖାର ଏହି କେତେକ ତଥ୍ୟ ଊନବିଂଶ ଶତାବ୍ଦୀର ଓଡ଼ିଶା-ଇତିହାସର ପୃଷ୍ଠା ମଣ୍ଡନ କରିବାକୁ ଏକାନ୍ତ ଉପଯୁକ୍ତ ।**

ଉପରେ ଯେଉଁ ସ୍ୱନାମଧନ୍ୟ ଜନ୍ ବିମ୍ସ ସାହେବଙ୍କ କଥା କୁହାଯାଇଛି, ସେ ଓଡ଼ିଆ ଭାଷାର ମାନ ମର୍ଯ୍ୟାଦା ବରେଣ୍ୟ ଭାବରେ ପ୍ରତିପାଦନ କରି

ଯାଇଛନ୍ତି । ତାଙ୍କର ବିଖ୍ୟାତ ଆଧୁନିକ ଭାରତୀୟ ଆର୍ଯ୍ୟମାନଙ୍କର ତୁଳନାତ୍ମକ ବ୍ୟାକରଣ ଏକ ମହାମୂଲ୍ୟ ଗ୍ରନ୍ଥ । ଏହା ତାଙ୍କର ବହୁ ଭାଷା ଜ୍ଞାନ, ବହୁ ବର୍ଷର ଚିନ୍ତା ଓ ପ୍ରଗାଢ଼ ସାଧନା ଉପରେ ପ୍ରତିଷ୍ଠିତ ।

## ବିମ୍ସଙ୍କ ବେଳେ ଭଞ୍ଜଭୂମିର ଭାଷାଶୁଦ୍ଧି ଯୋଗ ଧାରଣା :—

ସେ ତାଙ୍କର ଏହି ପ୍ରସିଦ୍ଧ ଗ୍ରନ୍ଥର ୧୦୫ ପୃଷ୍ଠାରେ ଲେଖିଛନ୍ତି :—

"From the Subarnarekha all down coast to Puri, the ordinary Oriya is spoken with hardly any perceptible differences X X It is said by the Oriyas themselves that the language is spoken in its greatest purity in the hill state of Ghumsur, the birth place of the first national Poet, Upendra Bhanja. As, however, Ghumsur is very far to the South, closely adjourning areas peopled by Dravidians and Kols, this assertion seems rather doubtful."

ଏଥିରୁ ଏତିକି ଜଣାଯାଏ ଯେ, ସେତେବେଳର ପଣ୍ଡିତ ଲୋକେ ଭଞ୍ଜଙ୍କ ଜନ୍ମଭୂମି ଘୁମୁସର ଅଞ୍ଚଳର ଭାଷା ଶୁଦ୍ଧି ସମ୍ପର୍କରେ ଉଚ୍ଚ ଧାରଣା ପୋଷଣ କରୁଥିବାର ମଧ୍ୟ ବିମ୍ସ ସାହେବଙ୍କ ଦୃଷ୍ଟିକୁ ଆସିଛି । ପରେ, ନୀଳକଣ୍ଠଙ୍କ ଲେଖାରେ ( ଗୋପୀନାଥ ନନ୍ଦଙ୍କ ଭାଷାତତ୍ତ୍ୱ ଭୂମିକାରେ ) ଏହା ପ୍ରମାଣ ହୋଇ ଉଠିଛି ।

## ଭଞ୍ଜଙ୍କ ଭାଷା ଏକ ପୂର୍ଣ୍ଣବିକଶିତ ଭାଷାସ୍ତରର ପ୍ରମାଣ :—

ଓଡ଼ିଆ ଭାଷାର ଉତ୍କର୍ଷ ସୂଚକ ଏବଂ ତାର ପରିଷ୍କୃତ ରୂପଗ୍ରହଣର ପ୍ରାଚୀନତା ପ୍ରତିପାଦନ ତଥ୍ୟକୁ ଭାରତର ବିଜ୍ଞ ପାଠକଙ୍କୁ ଜଣାଇବାକୁ ଯାଇ ବିମ୍ସ ସାହେବ ଉକ୍ତ ଗ୍ରନ୍ଥର ୧୧୯ ପୃଷ୍ଠାରେ ଲେଖିଛନ୍ତି :—

"Looked at from the purely linguistic side, there is no doubt that Oriya has ample proof of its individuality. The Poems of Upendra Bhanja and his contemporaries are written in a language which hardly differs in a single word or inflection from the vernacular of today and

ଅଶ୍ଳୀଳ ଆଖ୍ୟା ଦେଇ ସମାଲୋଚନା କରିଥିଲେ । ପାଦ୍ରୀ ସଟନ୍ କୋଣାର୍କର ସ୍ଥାପତ୍ୟକଳାରେ ବିମୁଗ୍ଧ ହୋଇଥିଲେ ହେଁ, ସେଥିରେ ଥିବା ମନୋହର ଚିତ୍ରକୁ ସେ ପାଶବ ମୂର୍ତ୍ତି ଓ ଅଶ୍ଳୀଳ ଚିତ୍ର ବୋଲି କହିବାକୁ ପଶ୍ଚାତ୍ପଦ ହୋଇ ନାହାନ୍ତି । ମିଶନାରୀମାନଙ୍କ ଏହି ଦୃଷ୍ଟିଭଙ୍ଗୀ ଗ୍ରହଣ କରି ବ୍ରାହ୍ମମାନେ ସମାଜ-ସଂସ୍କାର କର୍ମରେ ବ୍ରତୀ ହୋଇଥିଲେ । × × । ବ୍ରାହ୍ମ ପତ୍ରିକା **Indian Mirror** ୧୮୭୨ ସାଲରେ ଜଗନ୍ନାଥ ମନ୍ଦିର ଗାତ୍ରରେ ଥିବା ଚିତ୍ର ଓ ରଥରେ ଚିତ୍ରିତ ବିଭିନ୍ନ ଛବିକୁ ଅତ୍ୟନ୍ତ କୁତ୍ସିତ ଓ ଜଘନ୍ୟ ବୋଲି କହିଥିଲେ । (୧)

ଏହି ପରିପ୍ରେକ୍ଷୀରେ ଦେଖିଲେ, ଭଞ୍ଜ-ସାହିତ୍ୟ ମଧୁବାବୁ ଓ ତାଙ୍କର ବ୍ରାହ୍ମ ବନ୍ଧୁବାନ୍ଧବଙ୍କ ଦୃଷ୍ଟିରେ ନିନ୍ଦିତ ହେବାର କାରଣ ବାରି ହୋଇପଡ଼େ ।

## ପଣ୍ଡିତ ନୀଳକଣ୍ଠଙ୍କ ଦୃଷ୍ଟିରେ ମଧୁସୂଦନଙ୍କ ଓଡ଼ିଆ ପ୍ରୀତି :—

ସୁନ୍ଦର ପଦ୍ମକୁ ସୂର୍ଯ୍ୟ ଗ୍ରହଣ କଲାବେଳେ ଚନ୍ଦ୍ର ତାହା ପ୍ରତି ବୀତଶ୍ରଦ୍ଧ ହୋଇଥାଏ । ଏହି ପ୍ରାକୃତିକ ସୂତ୍ରର ଅନୁଧାବନରେ ବିଗ୍ଭର କଲେ, ରାଧାନାଥ ଓ ମଧୁସୂଦନଙ୍କର ଆଲୋଚନା ବେଳେ ଫକୀରମୋହନ ବଡ଼ ବିମଳ ଜ୍ୟୋତିରେ ଉଦ୍ଭାସିତ ହୋଇଉଠନ୍ତି । ଆଧୁନିକ ଉତ୍କଳର ସ୍ୱନାମଧନ୍ୟ ମନୀଷୀପ୍ରବର ପଣ୍ଡିତ ନୀଳକଣ୍ଠ ଦାଶ ରାଧାନାଥ ଏବଂ ମଧୁସୂଦନଙ୍କର ସମ୍ପର୍କରେ ସାହିତ୍ୟ ସମୀକ୍ଷା ପୁସ୍ତକର ଭୂମିକାରେ ହାତ କାଟି ଲେଖି ଦେଇଛନ୍ତି :—(୨)

"ସେମାନଙ୍କ ଭିତରେ ( ରାଧାନାଥ ରାୟ ଓ ମଧୁସୂଦନଙ୍କ ହୃଦୟରେ ) ଜାତୀୟ ପ୍ରେରଣା ନ ଥିଲା । ମଧୁବାବୁ ନିଜକୁ ରଜପୁତ୍ର ବୋଲି ପରିଚୟ ଦେବାକୁ ଘୃଣା କରୁଥିଲେ । × × ରାଧାନାଥଙ୍କ ଘର ସବୁଠି ତାଙ୍କର ବଙ୍ଗଳାରେ କଥାବାର୍ତ୍ତା ଓ ଚିଠିପତ୍ର ଦିଆ ନିଆ ହେଉଥିଲା ।"

ପୁଣି ନିଜର ଆତ୍ମଜୀବନୀରେ ମଧ୍ୟ ସେହି କଥା ଦୃଷ୍ଟାନ୍ତ ସହ ବୁଝାଇ ଦେଇ ଲେଖିଛନ୍ତି :—

---

(୧) ଡକ୍ଟର ନଟବର ସାମନ୍ତରାୟଙ୍କ ନିବନ୍ଧ 'ଓଡ଼ିଆ ସାହିତ୍ୟର ଇତିହାସ' ପୃ-୩୨୭ ୩୨୮ ।

(୨) ଡକ୍ଟର କାହ୍ନୁଚରଣ ମିଶ୍ରଙ୍କ 'ସାହିତ୍ୟ ସମୀକ୍ଷା'ର ମୁଖବନ୍ଧ, ପୃ-୧୨

"ସେତେବେଳେ ଓଡ଼ିଶାରେ ଗୋଟିଏ ସାହିତ୍ୟ-ଯୁଦ୍ଧ ଲାଗିଥାଏ । ରାଧାନାଥ ରାୟ ଆଗେ ବଙ୍ଗଳାରେ ମାଇକେଲ୍ ମଧୁସୂଦନଙ୍କୁ ଅନୁକରଣ କରି କବିତାମାନ ଲେଖୁଥିଲେ । × × । ନୂଆ ଛନ୍ଦ ଓ ନୂଆ ଶୈଳୀସବୁ ବଙ୍ଗଳାରୁ ଅନୁକରଣ କରି ଓଡ଼ିଆରେ ଭର୍ତ୍ତି କଲେ । ସେତେବେଳେ ସେ ଥିଲେ ସ୍କୁଲ ଇନ୍‌ସ୍‌ପେକ୍ଟର । ସେହି ସୂତ୍ରରେ ସେ ନିଜ କବିତା-ସାହିତ୍ୟ ପ୍ରଚାର କରିବାରେ ଲାଗିଲେ ।" (ନୀଳକଣ୍ଠ ଗ୍ରନ୍ଥାବଳୀ, ପୃ-୧୬)

ପୁଣି ମଧୁବାବୁ ସେତେବେଳର ବି: ଏ: ପରୀକ୍ଷାର୍ଥୀ ଗୋପବନ୍ଧୁ (ପରେ, ଉତ୍କଳମଣି)ଙ୍କୁ କମ୍ ନମ୍ବର ଦେଇ ଓଡ଼ିଆରେ ଫେଲ୍ କରାଇ ଦେଇଥିବାରୁ, ନୀଳକଣ୍ଠ ନିଜ ଆତ୍ମଜୀବନୀରେ ତାଙ୍କୁ (ମଧୁସୂଦନଙ୍କୁ) ତୀବ୍ର ସମାଲୋଚନା କରିଛନ୍ତି ଏବଂ ଲେଖିଛନ୍ତି :—

"ବଙ୍ଗାଳୀ ଭାଷା ଓ ସାହିତ୍ୟକୁ ଅନୁକରଣ କରି [illegible] ସାହିତ୍ୟିକଙ୍କ ସଙ୍ଗେ ନିଜକୁ ସମକକ୍ଷ ବୋଲି ଦେଖାଇବାର ଯେ ପ୍ରବୃତ୍ତି ଏ ପରୀକ୍ଷକମାନଙ୍କର ଥିଲା, ଏପରି (କମ୍) ନମ୍ବର ଦେବା ତାହାର ଫଳ । ଓଡ଼ିଆ ସ୍ୱତନ୍ତ୍ର ଭାଷାରୂପେ ଏତେ ଶୀଘ୍ର ପରିଚିତ ହେଉ, ଏହା ଏମାନଙ୍କର ଇଚ୍ଛା ନ ଥିଲା ବୋଲି ସେ ବେଳର ଅନେକେ ବୁଝିଥିବା କଥା ମୋ ମନେଅଛି ।" (ନୀ. ଗ୍ର: ପୃ-୫୦—୫୪)

## ଭଞ୍ଜଙ୍କୁ କେନ୍ଦ୍ର କରି ଏହି ବୈରଭାବ ଦୁର୍ଭାଗ୍ୟଜନକ :—

ରାଧାନାଥ ଏବଂ ମଧୁସୂଦନଙ୍କର ବିରୁଦ୍ଧରେ ଏତେ ତୀବ୍ରମତ ନୀଳକଣ୍ଠଙ୍କର ଲେଖନୀରୁ ନିର୍ଗତ ହୋଇଥିଲେ ମଧ୍ୟ ଏ କଥା ସ୍ୱୀକାର କରିବାକୁ ପଡ଼ିବ ଯେ, ଏହି ଗୁରୁ ଶିଷ୍ୟ ଦୁହେଁ ବାଣୀଙ୍କର ବରପୁତ୍ର ଥିଲେ ଏବଂ ଏମାନଙ୍କର ନିଷ୍ଠା, ସାଧନା ଓ ଅବଦାନ ଦ୍ୱାରା ଉତ୍କଳ-ଭାରତୀଙ୍କର ଭଣ୍ଡାର ଋଦ୍ଧିମନ୍ତ ହୋଇଅଛି । ଏ ଉଭୟ କବି ସେଥିଲାଗି ବନ୍ଦନୀୟ ଏବଂ ସାରସ୍ୱତ-ସେବକ-ପ୍ରବର ଭାବରେ ପରମ ଗୌରବାବହ ଆସନର ଅଧିକାରୀ । ଏ ପ୍ରସଙ୍ଗରେ ଏତିକିମାତ୍ର କୁହାଯାଇପାରେ, ଚନ୍ଦ୍ର ଏବଂ ପଦ୍ମ ଦୁହେଁ ସୁନ୍ଦର, ଦୁହେଁ ଲୋକଲୋଚନ ଆନନ୍ଦଦାୟକ, ଦୁହେଁ ଭାରତୀୟ କବିସମାଜର ପରମ ପ୍ରିୟ ଅଥଚ, ଦୁହେଁ ପରସ୍ପରର ବିରୋଧୀ । ଠିକ୍ ସେହିପରି ଭଞ୍ଜ, ଦୀନକୃଷ୍ଣ, କବିସୂର୍ଯ୍ୟ ପ୍ରଭୃତି ମହାକବିମାନେ ଉତ୍କଳୀୟ ଜନତାର ଚିରନମସ୍ୟ ଓ ପରମପ୍ରିୟ । ପୁଣି ମଧୁସୂଦନ, ବିଶ୍ୱନାଥ ପ୍ରମୁଖ ବାଣୀସାଧକମାନେ ମଧ୍ୟ ଏ ଦେଶର ବରେଣ୍ୟ ସାଧକ, ଉତ୍କଳମାତାର ସୁଯୋଗ୍ୟ ସନ୍ତାନ । ଅଥଚ, ଏହି ତରୁଣମାନେ ସେହି ପ୍ରବୀଣମାନଙ୍କ ସହିତ ସଖ୍ୟ, ମୈତ୍ରୀ, ସଦ୍ଭାବ ବା ସହୃଦୟତା ରକ୍ଷା କରିପାରି ନାହାନ୍ତି । ଏହା ହିଁ ତ ସୃଷ୍ଟିର ମୌଳିକ ଲକ୍ଷଣ !

## ଓଡ଼ିଶାର 'ସୀମାନ୍ତ ପ୍ରହରୀ'ମାନଙ୍କର ଭଞ୍ଜ ପ୍ରଶଂସା :—

ଆଧୁନିକ ଓଡ଼ିଆ ସାହିତ୍ୟରେ ଫକୀରମୋହନ, ଗଙ୍ଗାଧର ଏବଂ ପାରଳାର ଗୋପୀନାଥ ତଥା ଶ୍ୟାମସୁନ୍ଦର ସ୍ୱତନ୍ତ୍ର ସମ୍ମାନ ଦାବୀ କରନ୍ତି । ସ୍ୱର୍ଗତ ଗୋଦାବରୀଶ ମହାପାତ୍ରେ ଥରେ 'ମେହେର ଜୟନ୍ତୀ' ଉତ୍ସବରେ ବରପାଲିଠାରେ ଏମାନଙ୍କୁ "ସୀମାନ୍ତ ପ୍ରହରୀ" ବୋଲି କହିଥିଲେ । ପୁରୀ, କଟକ ବା ଭୁବନେଶ୍ୱରରେ ଜନ୍ମ ହେବା ଲୋକଙ୍କୁ ସୀମାନ୍ତ ଅଞ୍ଚଳର ଦାରୁଣ ସାଂସ୍କୃତିକ ଧକ୍କା ବାଜେ ନାହିଁ ବା ବାଜିବ ନାହିଁ ବୋଲି କହିବା ଠିକ୍ ନୁହେ । କିନ୍ତୁ ଏହା ଏକ ସାଧାରଣ ଅନୁଭୂତି ଯେ, ସୀମାନ୍ତ ଅଞ୍ଚଳରେ ଯେଉଁମାନଙ୍କର ଜନ୍ମ ଏବଂ କର୍ମପୀଠ, ସେମାନେ ପ୍ରତିବେଶୀମାନଙ୍କର ସାଂସ୍କୃତିକ ଆଘାତ ଅଧିକ ଗଭୀର ଭାବରେ ଉପଲବ୍ଧି କରିଥାଆନ୍ତି । ଫକୀର ମୋହନଙ୍କର ଆତ୍ମଜୀବନୀରୁ ଯେଉଁ ଅଂଶ ଏଥିପୂର୍ବେ ଉଦ୍ଧାର କରାଯାଇଛି, ତହିଁରେ ଏ କଥା ଜୀବନ୍ତ ହୋଇ ଉଠିଛି । ଗଙ୍ଗାଧର ମେହେର ଏବଂ ଗୋପୀନାଥ ନନ୍ଦଙ୍କ ଜୀବନୀରେ ମଧ୍ୟ ଏଥିର ଭୂରି ଭୂରି ପ୍ରମାଣ ରହିଅଛି । ସୁତରାଂ, ଓଡ଼ିଆ ସାହିତ୍ୟ ଓ ସଂସ୍କୃତିର ଭଣ୍ଡାରକୁ ଅଭେଦ୍ୟ ରଖିବା ଲାଗି ଏମାନଙ୍କ ସଂକଳ୍ପ ସହଜରେ ଅନୁମେୟ ।

## ଉତ୍ତରର ସୀମାନ୍ତ ପ୍ରହରୀ ଫକୀରମୋହନଙ୍କ ଭଞ୍ଜ-ପ୍ରୀତି :—

ଆଧୁନିକ ଓଡ଼ିଆ ଭାଷା-ସଂରକ୍ଷଣ-ସଂଗ୍ରାମର ଉତ୍ତର-ସୀମାନ୍ତ-ପ୍ରହରୀ ଶ୍ରୀଯୁକ୍ତ ଫକୀର ମୋହନ ସେନାପତି ବାଲେଶ୍ୱରରେ କର୍ମମୟ ଜୀବନର ଶୁଭାରମ୍ଭ କରି ଉତ୍କଳ-ଜନନୀଙ୍କର ଆସନ୍ନ ବିପତ୍ତି ବଡ଼ ଆନ୍ତରିକତାର ସହିତ ଲକ୍ଷ୍ୟ କରୁଥିଲେ । ତାଙ୍କ ପ୍ରାଣରେ କବିସମ୍ରାଟ୍ ଉପେନ୍ଦ୍ର ଭଞ୍ଜ କିପରି ତେଜୋଦୀପ୍ତ ଉତ୍କଳ-ସନ୍ତାନ ଭାବରେ ପ୍ରତିଷ୍ଠିତ ଥିଲେ, ତାହା ତାଙ୍କର ଦୋଟିଏ କବିତାରୁ ଜଣାପଡ଼େ । କବିତାଟିର ନାମ ହେଉଛି— "ଉପେନ୍ଦ୍ର ଭଞ୍ଜଙ୍କ ସ୍ୱପ୍ନ ଦର୍ଶନ" ଏବଂ 'ଅବସର ବାସରେ' ନାମକ କବିତା-ପୁସ୍ତକରେ ଏହା ସନ୍ନିବେଶିତ । ତହିଁରେ ଅଛି :—

"ନିଶୀଥ ସମୟେ ସ୍ୱପ୍ନଯୋଗେ ବୀଣାପାଣି
ବୋଇଲେ ଉପେନ୍ଦ୍ର ଭଞ୍ଜେ ଶୁଣ ବତ୍ସ ବାଣୀ ।
ହୋଇନ ବାପା କୃପା କରି ଦେଉଛୁ ଏ ବର
ଉତ୍କଳ ମଣ୍ଡଳେ ହେବୁ ଯଶସ୍ୱୀ ଅମର ।
କର ଦେଶେ ରାମଚନ୍ଦ୍ର ମହିମା ପ୍ରଚାର
ଉଦ୍ଧର ଆପଣେ, କର ଦେଶକୁ ଉଦ୍ଧାର ।

ଗ୍ରାମେ ଗ୍ରାମେ ଲୋକମାନେ ତୋ ପ୍ରେମ ସଙ୍ଗୀତ
ଗାଉଛନ୍ତି ଆନନ୍ଦ ମନେ ହୋଇ ବିମୋହିତ ।
ରହିଁ ଦେଖ କି ହୋଇଛି ତୋର ମାତୃଭାଷା
**କେବଳ** କରୁଛି ପୁତ୍ର ! **ତୋତେ ମୁହିଁ ଆଶା** ।"
( ଗ୍ରନ୍ଥାବଳୀ, ପୃ-୭୯୧-୭୯୨ )

## 'କେବଳ' ଶବ୍ଦର ସାର୍ଥକତା :—

ଏହି କବିତାରେ ଫକୀରମୋହନଙ୍କ ସମୟର ଓଡ଼ିଆ ଭାଷା ଓ ସାହିତ୍ୟର ଦୈନ୍ୟ ହିଁ ପ୍ରତିଫଳିତ ହୋଇଅଛି; ଯଦିଓ ଏହା ସ୍ୱପ୍ନସୂଚିତ ଭଞ୍ଜଙ୍କ ସମୟର ପରିସ୍ଥିତି ପ୍ରତି ମଧ୍ୟ ପ୍ରଯୁଜ୍ୟ । କବି କହିଛନ୍ତି, ଉତ୍କଳ-ଭାରତୀ ତାଙ୍କ ପୁତ୍ର ଉପେନ୍ଦ୍ର ଭଞ୍ଜଙ୍କୁ ଆଶୀର୍ବାଦ ଦେଉଛନ୍ତି । ସେ କହୁଛନ୍ତି, "ରେ ଉପେନ୍ଦ୍ର ! ତୁ ମୋର **ଏକମାତ୍ର** ପୁଅ, ଯାହାଠାରେ ମୁଁ ଭରସା ରଖିଛି । ମୋର ଅନେକ ପୁଅ ଅଛନ୍ତି । ତେବେ, ମୋର ( ଅର୍ଥାତ୍ ଓଡ଼ିଆ ସାହିତ୍ୟର) ଦୀନତା ଦୂର କରିବା ପାଇଁ ତୋ ଭଳି ପୁଅ ମୁଁ ଆଉ ଦେଖୁ ନାହିଁ । ତୁ ଯେଉଁ ଭାଷାରେ ପ୍ରଥମେ ମା' ବୋଲି ଡାକିଥିଲୁ, ସେହି 'ତୋର ମାତୃଭାଷା' ଓଡ଼ିଆ ଭାଷାର ମୁଁ ହେଉଛି ଅଧିଷ୍ଠାତ୍ରୀ ଦେବୀ । ମୁଁ **କେବଳ** ତୋ ଠାରେ ଏହି ଆଶା ରଖିଛି ଯେ, ତୁ ତୋର ଉଦ୍ୟମ ବଳରେ, ପ୍ରତିଭା ବଳରେ ମୋର ଦୈନ୍ୟ ଦୂର କରିଦେଇ ପାରିବୁ । ତୁ ଜାଣୁ, ଲୋକେ ମତେ ବନ୍ଦନା କରି କହିଥାଆନ୍ତି—

"ବୀଣା ପୁସ୍ତକ ରଞ୍ଜିତ ହସ୍ତେ,
ଭଗବତି ! ଭାରତି ! ଦେବି ! ନମସ୍ତେ ।"

## ଭଞ୍ଜଙ୍କ ସିଦ୍ଧିର ଅସାଧାରଣ ବିଶେଷତ୍ୱ :—

ଅର୍ଥାତ୍, ମୋ ହାତରେ ଦୁଇଟି କଥା ଶୋଭାପାଏ—ପ୍ରଥମଟି ପୁସ୍ତକ ଏବଂ ଦ୍ୱିତୀୟଟି ବୀଣା । ସାହିତ୍ୟିକ ଉଚ୍ଚ ଚିନ୍ତା ତଥା ଶବ୍ଦ-ସମ୍ଭାର ଲକ୍ଷ୍ୟରେ, ଏହି ବନ୍ଦନାରେ ଶବ୍ଦରାଶି-ଗଠିତ 'ପୁସ୍ତକ' ଶବ୍ଦ ପ୍ରଯୁକ୍ତ ହୋଇଅଛି । ପୁଣି, ବୀଣା ହେଉଛି ସରସ-ସଙ୍ଗୀତମୟ ରଚନାର ପ୍ରତୀକ । "ତୁ ତୋର ସାହିତ୍ୟରେ ଏ ଉଭୟ ବିଶେଷତ୍ୱ ସମାବେଶିତ କରିଅଛୁ । ତୋର ରାମାୟଣ ବା 'ବୈଦେହୀଶ ବିଳାସ' ଉଚ୍ଚ ଚିନ୍ତା ଓ ଶବ୍ଦଶିଳ୍ପରେ ପରିପୂର୍ଣ୍ଣ । ଏହି କାବ୍ୟ ମାଧ୍ୟମରେ ପୁଣ୍ୟଫଳପ୍ରଦ ରାମ-ଚରିତ ଉତ୍କଳରେ ପ୍ରଚାରିତ ହେଉ ଏବଂ ଉତ୍କଳବାସୀ ବାଲ୍ମୀକି ରାମାୟଣ ଅଧ୍ୟୟନର ପ୍ରାଣପାବନକାରୀ ମଙ୍ଗଳମୟ ଫଳ ଉପଭୋଗ କରନ୍ତୁ । ଆହୁରି ମଧ୍ୟ, ତୋର ସଙ୍ଗୀତମୟ ରଚନାବଳୀ ଉତ୍କଳର

every word of which is distinctly intelligible to the meanest labourer. X X At a period when Oriya was already a fixed and settled language, Bengali did not exist The inhabitants of Bengal spoke a vast variety of corrupt forms of Eastern Hindi. It is not till quite recent times that we find anything that can be with propriety called the Bengali language."

ଏଥିରେ ଗୋଟିଏ କଥା ବିଶେଷ ଲକ୍ଷ୍ୟ କରିବାର ଅଛି । ତାହା ହେଉଛି, ଭଞ୍ଜଙ୍କ ବେଳକୁ ଓଡ଼ିଆ ଭାଷାର ସ୍ତର ଅତ୍ୟନ୍ତ ଉନ୍ନତ ଥିଲା । ତାହା ଏତେ ଉନ୍ନତ ଥିଲା ଯେ, ତାଙ୍କ ପରେ ପ୍ରାୟ ୨୫୦ ବର୍ଷ ବ୍ୟାପୀ ଭାଷା ବ୍ୟବହାର ଓ ଗ୍ରନ୍ଥାଦି ରଚନା ପରେ ମଧ୍ୟ ତାଙ୍କ ଭାଷାସ୍ତରର କିଛି ପରିବର୍ତ୍ତନ ହୋଇ ନାହିଁ । ଭଞ୍ଜଙ୍କୁ କେନ୍ଦ୍ର କରି ଏହି ମନ୍ତବ୍ୟ ସେ ଭଳି ଜଣେ ସ୍ୱନାମଧନ୍ୟ ଭାଷାତତ୍ତ୍ୱବିଦ୍ ଦୃଢ଼ ଭାବରେ ଘୋଷଣା କରି ଯାଇଥିବାରୁ, ଭଞ୍ଜଙ୍କର ଗୌରବ ପ୍ରଖ୍ୟାପନ ପ୍ରସଙ୍ଗରେ ତହିଁର ଅବତାରଣା ଅପରିହାର୍ଯ୍ୟ ମନେହୁଏ ।

## ପାଠ୍ୟପୁସ୍ତକ ନିର୍ବାଚନ ବେଳେ ଭଞ୍ଜ-ସାହିତ୍ୟର ସ୍ୱୀକୃତି :-

ଫକୀରମୋହନ ସେନାପତିଙ୍କ 'ଆତ୍ମଜୀବନୀ' ସହିତ କର୍ମଯୋଗୀ ଗୌରୀଶଙ୍କରଙ୍କର ଜୀବନୀ ପାଠ କଲେ ଜଣାପଡ଼ିବ, କିପରି ଗତ ଶତାବ୍ଦୀରେ ଓଡ଼ିଶା ମାଟିରୁ ଓଡ଼ିଆ ଭାଷାକୁ ନିର୍ବାସିତ କରିଦେବା ପାଇଁ ଉଦ୍ୟମ ହୋଇଥିଲା । ସେତିକିବେଳେ ଓଡ଼ିଆ ଭାଷା ବିରୋଧୀମାନେ ଦାବୀ କରିଥିଲେ ଯେ, ସ୍କୁଲ କଲେଜରେ ପଢ଼ାଯିବା ପାଇଁ ଓଡ଼ିଆ ଭାଷାରେ କିଛି ବହିପତ୍ର ନାହିଁ । ୧୮୬୭ ଖ୍ରୀଷ୍ଟାବ୍ଦ ଜୁଲାଇ ମାସ ୨୮ ତାରିଖରେ ଓଡ଼ିଆ ଭାଷାର ଉନ୍ନତି ସମ୍ପର୍କରେ ଏକ ସଂସ୍ଥା ସଂଗଠିତ ହୋଇଥିଲା । ସେହି ଉଦ୍ୟମର ଫଳ ସ୍ୱରୂପ ମାଟ୍ରିକୁଲେସନ୍ ପରୀକ୍ଷାର ପାଠ୍ୟ ନିମନ୍ତେ ଓଡ଼ିଆ ପାଠ୍ୟାଂଶ ସଂକଳନ କରିବା ପାଇଁ ସ୍ଥିର କରାଯାଇଥିଲା । ଗୌରୀଶଙ୍କର ସ୍ୱୟଂ ଏ ସବୁ ଉଦ୍ୟମରେ ବିଶିଷ୍ଟ ଅଂଶ ଗ୍ରହଣ କରିଥିଲେ । ଯେଉଁ ପୁସ୍ତକମାନଙ୍କରୁ ପାଠ୍ୟାଂଶମାନ ସଂକଳନ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା, ସେ ମଧ୍ୟରେ ଉପେନ୍ଦ୍ର ଭଞ୍ଜଙ୍କ 'ବୈଦେହୀଶ ବିଳାସ' ଏବଂ 'ସୁଭଦ୍ରା ପରିଣୟ' ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା ।(୧)

(୧) ପ୍ରିୟରଞ୍ଜନ ସେନ—Modern Oriya Literature— p. 22

ଗତ ଶତାବ୍ଦୀର ଘଡ଼ିସନ୍ଧି ସମୟରେ ଭଞ୍ଜଙ୍କ ରଚନାବଳୀ ଓଡ଼ିଆ ଭାଷାକୁ ସରକାରୀ ସ୍ୱୀକୃତି ଦିଆଇ ନିଜକୁ ବଞ୍ଚାଇ ରଖିବାକୁ ଏ ଜାତିକୁ ପ୍ରେରଣା ଦେଇଥିଲା । ସେଥିପାଇଁ ରାଧାନାଥ ଏ ମହାସତ୍ୟକୁ ସ୍ୱୀକାର କରି ଓ ଭଞ୍ଜଙ୍କର ପ୍ରଶଂସା ଗାନ କରି 'ଚିଲିକା'ରେ ଲେଖିଥିଲେ—

"କାହିଁ ସେହି (ଭଞ୍ଜ-କବିସୂର୍ଯ୍ୟ) କାହିଁ ମୁହିଁ ଅକିଞ୍ଚନ !"

## ବ୍ରାହ୍ମଗୋଷ୍ଠୀର ଭଞ୍ଜ ନିନ୍ଦନ :—

ଏହାସତ୍ତ୍ୱେ, ରାଧାନାଥଙ୍କର ପ୍ରିୟଶିଷ୍ୟ ଓ ଆଜୀବନ ସାହିତ୍ୟିକ-ବନ୍ଧୁ ମଧୁସୂଦନ ରାଓ ଭଞ୍ଜଙ୍କ ଗୌରବ ସ୍ୱୀକାର ନ କରିବା ଯେପରି ଦୁର୍ଭାଗ୍ୟ-ଜନକ, ସେହିପରି କୌତୂହଳ ଉଦ୍ଦୀପକ ମଧ୍ୟ । ଅନୁସନ୍ଧାନରୁ ଜଣାଯାଏ, ମଧୁସୂଦନଙ୍କର ବ୍ରାହ୍ମଧର୍ମ ଗ୍ରହଣ ଏବଂ ବ୍ରହ୍ମ ଉପାସନା ଏ କ୍ଷେତ୍ରରେ ଭଞ୍ଜ-ସାହିତ୍ୟର ମୂଲ୍ୟ ସ୍ୱୀକୃତି ପାଇଁ ତାଙ୍କ ପକ୍ଷରେ ବାଧା ସୃଷ୍ଟି କରିଥିଲା । ବାଗ୍ମିପ୍ରବର ବିଶ୍ୱନାଥ କର ଏବଂ ମଧୁ ରାଓ ସେତେବେଳେ ବ୍ରାହ୍ମଧର୍ମର ତତ୍ତ୍ୱ ଓ ପ୍ରଚାର ଦିଗରେ ପ୍ରବଳ ଉଦ୍ୟମ କରିଥିଲେ । ଉପେନ୍ଦ୍ର ଭଞ୍ଜଙ୍କର ରଚନାର ବହୁ ଅଂଶ ପ୍ରମୋଦ-ସାହିତ୍ୟ ହୋଇଥିବାରୁ, ବ୍ରାହ୍ମଧର୍ମ ଉପାସକଗଣ ତହିଁର ପ୍ରବଳ ପ୍ରତିରୋଧ କରିଥିଲେ । ଉପେନ୍ଦ୍ର ଭଞ୍ଜଙ୍କ ସମ୍ପର୍କରେ ଶ୍ରୀଯୁକ୍ତ ବିଶ୍ୱନାଥ କର ଯେଉଁ ପ୍ରବନ୍ଧ ଲେଖିଥିଲେ, ତାହା ତାଙ୍କର 'ବିବିଧ ପ୍ରବନ୍ଧ' ପୁସ୍ତକର ୧୦୨ ଠାରୁ ୧୧୦ ପୃଷ୍ଠା ମଧ୍ୟରେ ସନ୍ନିବେଶିତ ହୋଇଅଛି । ତାଙ୍କର ମୁଖ୍ୟ ଯୁକ୍ତିଗୁଡ଼ିକ ଆପାତତଃ ସତ୍ୟପ୍ରତିଷ୍ଠ ପରି ଜଣାଗଲେ ମଧ୍ୟ, ବହୁସ୍ଥଳରେ ସେଗୁଡ଼ିକ ତାଙ୍କର ମୌଳିକ ମନୋଭାବକୁ ଲୁହାଇଲା ପରି ସଂଯୋଜିତ ବା ସଜ୍ଜିତ ହୋଇଅଛି । ସମାଲୋଚକଙ୍କୁ ଉତ୍ତର ପ୍ରଦାନ ଅବକାଶରେ, ( ଏହି ସୁଦୀର୍ଘ ଭୂମିକାରେ) ତାଙ୍କର ଯୁକ୍ତିଗୁଡ଼ିକର ସମୀକ୍ଷା ମଧ୍ୟ କରାଯାଉଛି । ମଧୁବାବୁଙ୍କର ନିକଟ-ସମ୍ପର୍କୀୟ ଭାବରେ ବାବୁ ବିଜୟଚନ୍ଦ୍ର ମଜୁମଦାର ମଧ୍ୟ ଭଞ୍ଜବିରୋଧୀ ହୋଇ ଉଠିଛନ୍ତି । ନିନ୍ଦୁକ ତିନି ପ୍ରକାର ଥାଇପାରନ୍ତି । ଯଥା— (୧) ନିଜ ମତ ସପକ୍ଷରେ ଯୁକ୍ତି ଥାଇ ଅନ୍ୟକୁ ନିନ୍ଦା କରିବା, (୨) ନିଜ ମତ ସପକ୍ଷରେ ଯୁକ୍ତି ନ ଥାଇ ଅନ୍ୟକୁ ନିନ୍ଦିତ କରିବା ଲାଗି ନିନ୍ଦା କରିବା ଏବଂ (୩) ଅନ୍ୟକୁ ଯେ କୌଣସି ପ୍ରକାରରେ ନିନ୍ଦିତ କରିବାକୁ ଯାଇ, କପୋଳ-କଳ୍ପିତ ଘଟଣାକୁ ସତ୍ୟ ଭାବରେ ସ୍ଥାପନ କରି, ଅନ୍ୟର ନିନ୍ଦା କରିବା । ବାବୁ ବିଜୟଚନ୍ଦ୍ର ମଜୁମଦାର ଥିଲେ ଏହି ତୃତୀୟ ଶ୍ରେଣୀର ନିନ୍ଦୁକ । ସେ ତାଙ୍କର 'ଓଡ଼ିଆ ସାହିତ୍ୟର ପରିଚୟ'ର ଭୂମିକାରେ ବହୁ ଯୁକ୍ତି ଦେଖାଇ ଭଞ୍ଜଙ୍କର ଗୌରବ-ମନ୍ଦିରକୁ ମାଟିରେ ମିଶାଇ ଦେବାକୁ ଉଦ୍ୟମ କରିଛନ୍ତି ।

କବିଙ୍କ ପାଖାପାଖି ଦେହରେ ଶୀତବାତ ପ୍ରବାହ ବାଜ ଗ୍ଲଲେ ପରି, ତାଙ୍କର ସୁକ୍ଷ୍ମ-ପ୍ରବାହ କେଉଁଆଡେ ଉଡ଼ିଯାଇଛି । ତହିଁର ଗୋଟିଏ ଦୃଷ୍ଟାନ୍ତ ଏ ସ୍ଥଳରେ ଉଲ୍ଲେଖ କରାଯାଇପାରେ । ଉପେନ୍ଦ୍ର ଭଞ୍ଜଙ୍କର 'ଗୀତାଭିଧାନ' ନାମକ ଏକ ଅଭିଧାନ ଅଛି, ଯାହା ସମସ୍ତ ଓ ପ୍ରାଚୀନତା ବିଚାରରେ ସମଗ୍ର ଭାରତର ପ୍ରାଦେଶିକ ସାହିତ୍ୟରେ ବିସ୍ମୟକର । ଏହି ପୁସ୍ତକରେ ଭଞ୍ଜ କଠିନ ଶବ୍ଦ-ମାନଙ୍କର ଅର୍ଥ ବୁଝିବାର ବାଟ ସରଳ କରି ଦେଇଛନ୍ତି । ତହିଁରେ ସେ ଶବ୍ଦମାନଙ୍କୁ ବର୍ଗୀକୃତ ବା ତାଲିକାଭୁକ୍ତ କରିବା ବେଳେ, ଶବ୍ଦମାନଙ୍କର ଶେଷ ଅକ୍ଷରକୁ ଆଖି ଆଗରେ ରଖି ଶବ୍ଦ ତାଲିକା କରିଛନ୍ତି । କବି ନିଜେ ଲେଖିଛନ୍ତି—

"'କ'ଠାରୁ 'କ୍ଷ' ଯାଏ ପ୍ରାନ୍ତାକ୍ଷର ଯେନି
ବର୍ଗ ବର୍ଗ ଏ ହୋଇବ
ଏକା ଶବଦକୁ ନାନାର୍ଥେ ବୁଝାଇ
କବିଙ୍କି ପ୍ରବୋଧ ଦେବ ।" (ଗୀତାଭିଧାନ ମୂଳ)

ଶେଷ ଅକ୍ଷର ଅନୁସାରେ ଶବ୍ଦମାନଙ୍କୁ କିପରି ଥାକ ଥାକ ବା ବର୍ଗ ବର୍ଗ କରାଯାଇଛି, ତହିଁର ଗୋଟିଏ ଉଦାହରଣ ଦେଖନ୍ତୁ—

**'ଗୀତାଭିଧାନ'ର ଶବ୍ଦ-ସଙ୍କଳନ-କ୍ରମ :—**

ଗୀତାଭିଧାନର ପ୍ରଥମ ବର୍ଗର ନାମ 'କାନ୍ତ'; ଅର୍ଥାତ୍ 'କ' ଅକ୍ଷର ଯେଉଁ ଶବ୍ଦମାନଙ୍କର 'ଅନ୍ତ' ବା ଶେଷରେ ଅଛି (କ+ଅନ୍ତ=କାନ୍ତ) । ଏଥିରେ ଏ ଭଳି ଭାବରେ ଶବ୍ଦମାନଙ୍କୁ ତାଲିକା କରାଯାଇଛି; ଯଥା—ଜନକ, ପେଚକ, ଉଲୂକ, କଣ୍ଟକ, ତାରକ, ଆଲୋକ ଇତ୍ୟାଦି । ଏହି କ୍ରମରେ ଖାନ୍ତ ବର୍ଗ, ଗାନ୍ତ ବର୍ଗ, ଘାନ୍ତ ବର୍ଗ ଇତ୍ୟାଦି ରହିଛି । ବାବୁ ବିଜୟଚନ୍ଦ୍ର ମଜୁମ୍‌ଦାର ଭଞ୍ଜଙ୍କୁ ନିନ୍ଦିତ କରିବାକୁ ଏତେଦୂର ବ୍ୟଗ୍ର ଓ ସଂକଳ୍ପବଦ୍ଧ ଥିଲେ ଯେ, ଗୀତାଭିଧାନର ଏହି ଖଣ୍ଡ ବା କ୍ରମକୁ ଅଙ୍କା କରି ସେ ଲେଖିଛନ୍ତି—

**ଏହି କ୍ରମ ଅ-ଭାରତୀୟ ଓ ଅଯୌକ୍ତିକ ବୋଲି ସମାଲୋଚନା :—**

"ଭଞ୍ଜ ଖାଲି ଗୋଟାଏ ନୂଆ ମାର୍ଗ ବା କ୍ରମ ଦେଖାଇବାକୁ ଯାଇ ପାର୍ଶୀ ରୀତିରେ ଶବ୍ଦମାନଙ୍କର ଅର୍ଥବିଭାଗ କରିଛନ୍ତି ।"

**ଏହି ସମାଲୋଚନା ଅଜ୍ଞତାଦ୍ୟୋତକ :—**

ଓଡ଼ିଆ ଭାଷା ଓ ସାହିତ୍ୟ-ଅନଭିଜ୍ଞ ଅଥଚ ଉଦ୍‌ବେଳିକାରେ ବଙ୍ଗାଶ୍ରିତ କୌଣସି କୌଣସି ଓଡ଼ିଆ ପଣ୍ଡିତଙ୍କୁ ନେଇ ସ୍ୱର୍ଗତ ବିଜୟଚନ୍ଦ୍ର 'ଓଡ଼ିଆ ସାହିତ୍ୟ ପରିଚୟ' ସଂକଳନ କରାଇଥିଲେ । ସେ କେବଳ ଏହିତକ କରାଇ-ଥିଲେ ଆମର ବିଶେଷ କିଛି କହିବାର ନ ଥାନ୍ତା । ଅଣଓଡ଼ିଆଙ୍କ ଭିତରେ

ଓଡ଼ିଆ ସାହିତ୍ୟର ପ୍ରଚାରର ଉଦ୍ଦେଶ୍ୟରେ ସେ ତାଙ୍କର ବିସ୍ତୃତ ଇଂରେଜୀ ମୁଖବନ୍ଧ ସମାବେଶିତ କରି ଠାଏ ଠାଏ ଆତ୍ମ-ପରିହାସ କରି ଯାଇଛନ୍ତି ମାତ୍ର । ତାହା ନ ହେଲେ, 'ଗୀତାଭିଧାନ'ର ଶବ୍ଦ-ବର୍ଗୀକରଣ ରୀତିକୁ ସେ ଅ-ଭାରତୀୟ ରୀତି ବୋଲି ଲେଖିପାରି ନ ଥାନ୍ତେ । ଭଞ୍ଜଙ୍କ ପରି ଶବ୍ଦପଣ୍ଡିତ ମହାକବି-ମାନଙ୍କ ସମ୍ପର୍କରେ ଯେଉଁମାନେ ଲେଖନୀ ଚାଳନା କରିବେ, ସେମାନଙ୍କଠାରୁ ଅନ୍ତତଃ ଏତିକି ଆଶା କରାଯିବା କଥା ଯେ, ସେମାନେ ଭାରତ ବିଖ୍ୟାତ 'ଅମରକୋଷ' ପରି ଜନପ୍ରିୟ ଏବଂ ପ୍ରାଚୀନ ସଂସ୍କୃତ ଅଭିଧାନର ପୃଷ୍ଠା ଉପରେ ଥରେ ଆଖି ପକାଇଥିବେ । ପାଣ୍ଡିତ୍ୟପୂର୍ଣ୍ଣ ମଧ୍ୟଯୁଗ ଓଡ଼ିଆ-ସାହିତ୍ୟ ଉପରେ ଯେ ଲେଖନୀ ଚାଳନ କରିବାକୁ ନିଜକୁ ଯୋଗ୍ୟ ମନେ କରିଛନ୍ତି, ସେ ଯେ 'ଅମରକୋଷ' ଭଳି ସଂସ୍କୃତ ଜଗତର ସୁପ୍ରସିଦ୍ଧ ଗ୍ରନ୍ଥ ସଙ୍ଗେ ଟିକିଏ ସମ୍ପର୍କ ସ୍ଥାପନ କରି ପାରି ନାହାନ୍ତି, ଭାବିଲେ ବିସ୍ମିତ ହେବାକୁ ପଡ଼େ ! ଭଞ୍ଜେ ଅମରକୋଷର 'ନାନାର୍ଥ ବର୍ଗ' ଅନୁସାରେ ହିଁ ଶବ୍ଦମାନଙ୍କୁ ବର୍ଗୀକୃତ କରିଛନ୍ତି । ଉତ୍କଳ ମାତାର ସୁଯୋଗ୍ୟ ସନ୍ତାନ ସ୍ୱର୍ଗତ ପଣ୍ଡିତ ଗୋଦାବରୀଶ ମିଶ୍ର ତାଙ୍କର ଏକ ଭଞ୍ଜ-ଜୟନ୍ତୀ ଭାଷଣରେ କହିଥିଲେ—"ମୋର ଏବେ ଏହି ଧାରଣା ଜାତ ହେଉଛି, ଭଞ୍ଜ-ସାହିତ୍ୟକୁ ଯେ ଭଳି ଚହଲାଇବା କଥା, ସେ ଭଳି ଉଦ୍ୟମ ଇଂରାଜୀ ପ୍ରଭୃତି ଭାଷାରେ ରୂପାୟିତ ହେଲା ନାହିଁ । ଆମେ ବିଜୟଚନ୍ଦ୍ରଙ୍କ ମୁଖବନ୍ଧ ପଢ଼ି ଭଞ୍ଜଙ୍କ ସମ୍ପର୍କରେ ଯେଉଁ ଧାରଣା ପୋଷଣ କରିନେଲୁ, ତାହା ପରିବର୍ତ୍ତିତ କରିବାକୁ ଆମର କର୍ମବ୍ୟସ୍ତତାମୟ ଜୀବନରେ ଆମେ ସମୟ ପାଇଲୁ ନାହିଁ ।"

ଶ୍ରୀଯୁକ୍ତ ବିଶ୍ୱନାଥ କର, ମଧୁ ରାଓ ଏବଂ ବିଜୟଚନ୍ଦ୍ରଙ୍କର ସାମାଜିକ ତଥା ବ୍ରାହ୍ମଧର୍ମମୂଳକ ଗଭୀର ସମ୍ପର୍କ ନ ଜାଣିଲେ, ଭଞ୍ଜ-ଭାରତୀ କି କାରଣରୁ ସେମାନଙ୍କ ବିଷଦୃଷ୍ଟିରେ ପଡ଼ିଥିଲା, ତାହା ଜାଣିହେବ ନାହିଁ ।

## ବ୍ରାହ୍ମ ଦୃଷ୍ଟିରେ ଓଡ଼ିଶାର ମନ୍ଦିର ଓ ଜଗନ୍ନାଥଙ୍କ ରଥ ବି କୁତ୍ସିତ—

ବସ୍ତୁତଃ, ବ୍ରାହ୍ମଧର୍ମର ନଦୀଶଯ୍ୟା ଉପରେ ଏହି ବିଶିଷ୍ଟ ଲେଖକଗୋଷ୍ଠୀର ଭଞ୍ଜ-ନିନ୍ଦାର ଆବିଳ ବାରିଧାରା ପ୍ରବାହିତ ହୋଇଥିଲା । ବ୍ୟକ୍ତି ତଥା ସାମାଜିକ ଜୀବନର ଉନ୍ନତି ସାଧନ ପାଇଁ ବ୍ରାହ୍ମସମାଜ ମଧ୍ୟରେ 'ସଙ୍ଗତ ସଭା' ଓ 'ଭାରତ ଆଶ୍ରମ'ର ଆବିର୍ଭାବ ହୋଇଥିଲା । × × । ସାହିତ୍ୟ ଓ ସ୍ଥାପତ୍ୟରେ ନଗ୍ନପ୍ରେମ ଚିତ୍ରଣ × × ସେମାନଙ୍କୁ ଅତିଶୟ ଅପବିତ୍ର, କୁତ୍ସିତ ଓ ଅଶ୍ଳୀଳ ଦେଖାଯିବାରେ ଆଶ୍ଚର୍ଯ୍ୟ କିଛି ନାହିଁ । × × ବ୍ରାହ୍ମସମାଜ ଏ ଦେଶରେ ସ୍ଥାପତ୍ୟ ଓ ସାହିତ୍ୟରେ ବିକାଶଲାଭ କରିଥିବା ମୁକ୍ତପ୍ରଣୟ-ଚିତ୍ରକୁ

ଅଗଣିତ ପାଠକ ପାଠିକା ମଧୁର କଣ୍ଠରେ ଗାନ କରି ସଙ୍ଗୀତ ରସ ଆସ୍ୱାଦନ କରନ୍ତୁ ।

ଫକୀରମୋହନ ଉପେନ୍ଦ୍ର ଭଞ୍ଜଙ୍କୁ କି ଭଳି ଉଚ୍ଚ ଦୃଷ୍ଟିରେ ଦେଖୁଥିଲେ, ତାହା ଏହି କବିତାରୁ ହିଁ ପ୍ରକାଶ ପାଏ । ସେ ଭାବୁଥିଲେ, ଭଞ୍ଜ-ସାହିତ୍ୟ ସମସ୍ତ ପ୍ରକାରର ସାହିତ୍ୟିକ ଉତ୍କର୍ଷ, ମହତ୍ତ୍ୱ, ବୈଶିଷ୍ଟ୍ୟ, ସୌରଭ ଓ ଗୌରବରେ ପରିପୂର୍ଣ୍ଣ । କାଳ କାଳ ଧରି ତାଙ୍କର 'ବୈଦେହୀଶ ବିଳାସ' ଏ ଜାତିକୁ ଉଦ୍‌ବୁଦ୍ଧ କରିବ ।

**କବିତାରେ ଥିବା 'କେବଳ' ଶବ୍ଦର ସାର୍ଥକତା—**

ଅଭିଜ୍ଞ ପାଠକେ ! ନିଜ ଅନୁଭବରୁ ଗୋଟିଏ କଥା ଠିକ୍‌ଏ ବିଚାର କରନ୍ତୁ । ଜଣେ ଲୋକର ପାଞ୍ଚ ପୁଅ—ସେ ମଧ୍ୟରୁ ଜଣେ ପ୍ରାଥମିକ ଶିକ୍ଷକ, ଜଣେ କ୍ଷୁଦ୍ର ବ୍ୟବସାୟୀ, ଜଣେ କିରାଣି, ଜଣେ କବି ଓ ସାଧାରଣ ପୁସ୍ତକ ଲେଖକ ଏବଂ ଜଣେ ଶିଳ୍ପପତି—ବହୁ ଧନର ଅଧିକାରୀ । ପରିବାରରେ ଗୋଟିଏ ବୋଲି ଝିଅ । ତାହାର ବିବାହ ସମୟ ଆସି ଉପସ୍ଥିତ ହେଲା । ପିତା ମାତାଙ୍କର ଗଣ୍ଠିରି ନାସ୍ତି, ମର୍ଯ୍ୟାଦାର ସହିତ କିପରି ସୁବିଧା ଝିଅଟିର ବିବାହ କାର୍ଯ୍ୟ ସମ୍ପାଦନ ହେବ । ସେତେବେଳେ ସେହି ଦମ୍ପତ୍ତି କେଉଁ ପୁଅକୁ ବେଶି ମନେ ପକାଇବେ ? କାହାକୁ କହିବେ, "ପୁଅ ରେ, ଏହି ଶୁଭକାର୍ଯ୍ୟ ପାଇଁ **କେବଳ ତୋ ଠାରେ** ଆମେ ବୁଢ଼ା ବୁଢ଼ୀ ଦୁଇ ଜଣ ଆଶା ରଖିଛୁ ।" ଏହାର ଉତ୍ତର ଅତି ସରଳ । ସେହି ଶିଳ୍ପପତି ପୁଅକୁ ହିଁ ସେମାନେ ଏ ଭଳି ଅନ୍ତରର ବାଣୀ ଶୁଣାଇବେ । ଠିକ୍ ସେହିପରି, ଫକୀରମୋହନ ଉତ୍କଳ-ଭାରତୀଙ୍କ ମୁଖରେ ଉପେନ୍ଦ୍ର ଭଞ୍ଜଙ୍କ ଲକ୍ଷ୍ୟରେ କୁହାଇଛନ୍ତି, "ପୁଅ ଉପେନ୍ଦ୍ର ! ତୁ ହେଉଛୁ ମୋର ଏକମାତ୍ର ପୁଅ, ମୋର ଦୈନ୍ୟ ଦୂରୀକରଣ ଲାଗି ମୁଁ ଯାହାଠାରେ ଆଶା ରଖିଛି ।" ଫକୀରମୋହନ ଭଞ୍ଜ-ସାହିତ୍ୟ ପଢ଼ୁ ନ ଥିଲେ କିମ୍ବା ବୁଝୁ ନ ଥିଲେ ଅଥବା ଆତ୍ମପ୍ରତାରକ ଥିଲେ ବୋଲି କହିବାକୁ ଯେଉଁମାନେ ପ୍ରସ୍ତୁତ ନୁହନ୍ତି, ସେମାନେ କହନ୍ତୁ ତ ଦେଖି, ଉତ୍କଳ-ସରସ୍ୱତୀ ଫକୀରମୋହନଙ୍କ ମାନସରେ ଭଞ୍ଜଙ୍କର ପ୍ରତିଭାପୁରୁଷ କିପରି ଶୋଭନ ଭଙ୍ଗୀରେ ଓ ଲୋଭନୀୟ ରୂପ ବୈଭବରେ ନିତ୍ୟ ଝଙ୍କୃତ ଥିଲା !

**ଉତ୍କଳମଣି ଗୋପବନ୍ଧୁଙ୍କ ଭଞ୍ଜ-ବନ୍ଦନା—**

ଓଡ଼ିଶାର ଜାତୀୟ ଜୀବନକୁ ସଗଠିତ କରିବାରେ ଯେଉଁମାନଙ୍କର ଅବଦାନ ଅତ୍ୟଧିକ, ସେମାନଙ୍କ ମଧ୍ୟରେ ଉତ୍କଳମଣି ଗୋପବନ୍ଧୁ ଏବଂ ମନସ୍ୱୀ ମଧୁସୂଦନଙ୍କ ନାମ ସର୍ବପ୍ରଥମେ ଉଲ୍ଲେଖଯୋଗ୍ୟ । ଓଡ଼ିଆର ଦୈନ୍ୟରେ ଏ

ଦୁହିଁଙ୍କର ହୃଦୟତନ୍ତ୍ରୀ ଯେଉଁ କରୁଣ ମୂର୍ଚ୍ଛନା ସୃଷ୍ଟି କରୁଥିଲା, ତାହା ଭାଷାରେ ବ୍ୟକ୍ତ କରି ହେବ ନାହିଁ । ଉତ୍କଳମାତାର ଏ ଦୁଇ ବରପୁତ୍ର ଓଡ଼ିଶାରେ ଜାତୀୟ ଜୀବନର ଦୀନତା ଓ ହୀନତା ଅବଲୋକନ କରି ମ୍ରିୟମାଣ ହୋଇ ପଡ଼ୁଥିଲେ । ଓଡ଼ିଶାରେ ପ୍ରତିଭା ପୂଜାର ଏକ ନୂତନ ସରଣୀ ଓ ପରମ୍ପରା ପ୍ରତିଷ୍ଠା କରିବା ପାଇଁ ଏ ଦୁହେଁ ଥିଲେ ନିରନ୍ତର କର୍ମନିରତ । ଗୋପବନ୍ଧୁଙ୍କର 'ଉପେନ୍ଦ୍ର ଭଞ୍ଜ' କବିତା ତାଙ୍କର 'ଅବକାଶ ଚିନ୍ତା'ର ଏକ ସାର୍ଥକ ସର୍ଜନା । ଏହି କବିତାରେ ସେ ଭଞ୍ଜଙ୍କର ବନ୍ଦନା କରିବାକୁ ଯାଇ ଲେଖିଛନ୍ତି :—

"ହେ କବିଶେଖର ଭଞ୍ଜ ବୀରବର
କୋଟି ଉତ୍କଳ ସନ୍ତାନେ,
ଆଜ ନବଯୁଗେ ଧନ୍ୟ ଧନ୍ୟବାଦ
କରୁଛନ୍ତି ତୁମ୍ଭ ନାମେ ।
କାଳ ବଳଆର ଆଣିଲି ସଂସାର
ନବ ରୁଚି ନବ ଜ୍ଞାନ
କିନ୍ତୁ 'ବୈଦେହୀଶ ବିଳାସ' ପାଇବ
କାଳେ କାଳେ ଉଚ୍ଚ ସ୍ଥାନ ।
ସୁଜଣ ସ୍ୱ-ନୟେ ଓଡ଼ିଆଙ୍କ ଭାଷା
ଗଢ଼ିଛ ଓଡ଼ିଆ ଜାତି
ତବ ଜନ୍ମସ୍ଥାନ ଓଡ଼ିଶାରୁ ଆନ
ଭାବିଲେ ବିଦରେ ଛାତି ।"

## ଆଧୁନିକ ଭାରତରେ ଓଡ଼ିଶାର ଦୁର୍ଦ୍ଦଶା—

ଉତ୍କଳମଣି ଗୋପବନ୍ଧୁ ଭଞ୍ଜକବିଙ୍କର ସର୍ବୋତ୍କର୍ଷୀୟ ଜନପ୍ରିୟତା ସମ୍ପର୍କରେ ଏହି 'ଉପେନ୍ଦ୍ର ଭଞ୍ଜ' କବିତାରେ ଯେଉଁ ପଦଟି ଲେଖିଅଛନ୍ତି, ତାହା ଏଥିପୂର୍ବରୁ ଉଦ୍ଧୃତ ହୋଇଅଛି । ଭଞ୍ଜ-ସାହିତ୍ୟର ଆଲୋଚନା ପ୍ରସଙ୍ଗରେ ସେହି ପଦଟି ସାଧାରଣରେ ଉଦ୍ଧାର କରାଯାଇଥାଏ । କିନ୍ତୁ ଏ ସ୍ଥଳରେ ବର୍ତ୍ତମାନ ଯେଉଁ ଅଂଶ ଉଦ୍ଧାର କରାଯାଇଛି, ତାହା ସମଧିକ ଗୁରୁତ୍ୱପୂର୍ଣ୍ଣ । ଆଜ ବଙ୍ଗଳାର ଲୋକେ ରବୀନ୍ଦ୍ରନାଥଙ୍କ ଲାଗି ଗର୍ବ ଅନୁଭବ କରନ୍ତି । କେହି କେହି କହନ୍ତି, "ଆମର ସେହି ଦେଶରେ ଜନ୍ମ, ଯେଉଁ ଦେଶରେ ବିଶ୍ୱକବି ରବୀନ୍ଦ୍ରନାଥ ଜନ୍ମଗ୍ରହଣ କରିଛନ୍ତି ।" ଠିକ୍ ସେହିପରି, ଗତ ଦୁଇ ଶହରୁ ବେଶି ବର୍ଷ ଧରି କୋଟିସଂଖ୍ୟକ ଓଡ଼ିଆ ଏପରି ଅନୁଭବ କରି ଆସିଛନ୍ତି—"ଆମର ସେହି ଦେଶରେ ଜନ୍ମ, ଯେଉଁ ଦେଶରେ କବିସମ୍ରାଟ୍

ଉପେନ୍ଦ୍ର ଭଞ୍ଜଙ୍କର ଜନ୍ମ ।" ଦୁର୍ଭାଗ୍ୟବଶତଃ ରାଜନୈତିକ ଘନଘଟା ଓଡ଼ିଶାକୁ ବିକଳାଙ୍ଗ କରି ଦେଇଛି । ଆଧୁନିକ ବଙ୍ଗଳାର ସୁପଣ୍ଡିତ, କୃତୀସନ୍ତାନ ଅଧ୍ୟାପକ ପ୍ରିୟରଞ୍ଜନ ସେନ ମଧ୍ୟ ଓଡ଼ିଶାର ଦୁର୍ଦ୍ଦଶା ଉପଲବ୍ଧି କରି ଖୋଲାଖୋଲି ଭାବରେ ଲେଖିଛନ୍ତି :—

"Orissa which had been so long tagged to Bengal could not be expected to have developed its political life on independent lines. (1)"

ସେ ପୁଣି ଲେଖିଛନ୍ତି :—

"Orissa was comparatively inaccessible, X X X communication was difficult X X (2)

'ଓଡ଼ିଶା ଥିଲା ବଙ୍ଗଳା ସଙ୍ଗେ ଗ୍ରଥିତ । ଏହା ଅପେକ୍ଷାକୃତ ଅଗମ୍ୟ ଥିଲା ଏବଂ ଯାନବାହନର ସୌକର୍ଯ୍ୟ ଏଠାରେ ନ ଥିଲା ।

## ଘୋର ଦୁର୍ଦ୍ଦିନରେ ବୈଦେହୀଶ ବିଳାସ ହିଁ ଆଶାର ଆଧାର—

ଏହା ଫଳରେ ଓଡ଼ିଶାର ଜାତୀୟ-ଜୀବନ ଦୟନୀୟ ଅବସ୍ଥାକୁ ଖସି ଆସିଥିଲା । ଏକ ସମୟରେ ବଙ୍ଗ, ବିହାର ଏବଂ ଓଡ଼ିଶା ଗୋଟିଏ ପ୍ରଦେଶ ହୋଇ ରହିଥିବାରୁ ଏବଂ କଲିକତା ବୃହତ୍ତମ ସହର ହୋଇଥିବାରୁ, ବଙ୍ଗଳାର ଲୋକେ ବିଶ୍ୱବିଖ୍ୟାତ କୋଣାର୍କ ମନ୍ଦିରକୁ ମଧ୍ୟ ବଙ୍ଗଳାର ବୋଲି କହିବାକୁ ଗୋଟାଏ ବାଟ ପାଇ ଯାଇଥିଲେ । ଜାତି ଯେତେବେଳେ ମ୍ରିୟମାଣ ହୋଇପଡ଼ିଲା, ଜାତୀୟ ମହାପୁରୁଷଙ୍କର ଉପାସନା କ୍ଷେତ୍ରରେ ମଧ୍ୟ ଦୁର୍ଭେଦ୍ୟ ପ୍ରାଚୀର ଗଢ଼ି-ଉଠିଲା । ତାହା ହିଁ ହେଲା ଓଡ଼ିଶାର ସର୍ବାଧିକ ଦୁଃଖଦାୟକ ଘଟଣା । ଉତ୍କଳମଣି ଗୋପବନ୍ଧୁ କିନ୍ତୁ ଆଶାବାଦୀ ଥିଲେ । ସେ ଭାବୁଥିଲେ, ଜାତୀୟ ଦୈନ୍ୟ ଓ ଦୁର୍ଦ୍ଦଶା ଚିରକାଳ ରହିବ ନାହିଁ ଓ ଉପେନ୍ଦ୍ରଙ୍କ ଭଳି ଓଡ଼ିଆ ମହାକବିମାନଙ୍କର ମହାମୂଲ୍ୟ ଗ୍ରନ୍ଥରାଜି କାଳେ କାଳେ ପୂଜିତ ହେବ । ଫକୀରମୋହନ ସେନାପତି ଭଞ୍ଜଙ୍କର ରାମାୟଣ ଅର୍ଥାତ୍ 'ବୈଦେହୀଶ ବିଳାସ'ର ଚିରନ୍ତନ ମୂଲ୍ୟ ଯେପରି ଉପଲବ୍ଧି କରିଥିଲେ, ଉତ୍କଳମଣି ଗୋପବନ୍ଧୁ ମଧ୍ୟ ତାହାର ମୂଲ୍ୟ ସେହିପରି ଭାବରେ ଉପଲବ୍ଧି କରିଥିଲେ । ସେଥିପାଇଁ କାଳେ କାଳେ 'ବୈଦେହୀଶ ବିଳାସ'

---

(1) P. R. Sen—Modern Oriya Literature. P. 19

(2) Ibid— p. 27.

ରାମ ଉପାସକ ଏବଂ ପ୍ରାଚ୍ୟ ସାହିତ୍ୟ-କଳାପ୍ରିୟ ପଣ୍ଡିତ ଓ ପାଠକସମାଜରେ ପୂଜା ପାଇବାର ଦୃଢ଼ ଆଶା ସେ ପୋଷଣ କରିଥିଲେ ।

**ଏବେ ସର୍ବଭାରତୀୟ ମେଳାରେ ବୈ: ବିଳାସର ପ୍ରଶଂସା –**

ଏ ପ୍ରସଙ୍ଗରେ ତା ୧ । ୧୨ । ୬୩ ଦିନ ଆହ୍ଲାବାଦଠାରୁ ୮୦ ମାଇଲ ଦୂରବର୍ତ୍ତୀ ବିଖ୍ୟାତ ଚିତ୍ରକୂଟଠାରେ ଅନୁଷ୍ଠିତ ହୋଇଥିବା ରାମାୟଣ ମେଳା କଥା ଉଲ୍ଲେଖ କରାଯାଇପାରେ । ଭାରତର ସମସ୍ତ ପ୍ରାଦେଶିକ ସାହିତ୍ୟର ପ୍ରତିନିଧିମାନେ ନିଜ ନିଜ ଭାଷାର ଶ୍ରେଷ୍ଠ ରାମାୟଣ ଗ୍ରନ୍ଥ ବା କାବ୍ୟ ସମ୍ପର୍କରେ ଭାଷଣମାନ ଦେଇଥିଲେ । ଏହି ଲେଖକ ଓଡ଼ିଶାର ପ୍ରତିନିଧି ଭାବରେ ଉପେନ୍ଦ୍ର ଭଞ୍ଜଙ୍କର 'ବୈଦେହୀଶ ବିଳାସ'ର ଉତ୍କର୍ଷ ଉପରେ ଭାଷଣ ଦେଇଥିଲି । 'ବୈଦେହୀଶ ବିଳାସ'ର ନାମରେ ସାତୋଟି ଅକ୍ଷର ଅଛି । ସେହି ସାତୋଟି ଅକ୍ଷରରୁ ଶେଷ ଛଅଟି ଅକ୍ଷର କାଟିଦେଲେ ବାକି ରହିଲା "ବୈ" । ଏହି ଗୋଟିକ ଅକ୍ଷର "ବୈ"ରୁ ସୁପ୍ରସିଦ୍ଧ ଅଳଙ୍କାର ଗ୍ରନ୍ଥମାନଙ୍କ ଅନୁସାରେ ରାମଚନ୍ଦ୍ର ତଥା ରାମାୟଣ କାବ୍ୟ ସମ୍ପର୍କରେ କିପରି ବହୁ ଅର୍ଥ ପ୍ରକାଶ ପାଉଛି, ତାହା ବ୍ୟାଖ୍ୟାନ କଲାବେଳେ ପଣ୍ଡିତ ପ୍ରତିନିଧିମାନେ ବିସ୍ମିତ ହୋଇ ଯାଇଥିଲେ । ପୁଣି, 'ବୈଦେହୀଶ ବିଳାସ' କାବ୍ୟର ପ୍ରଥମ ଛାନ୍ଦର ମୂଳରେ ଯେଉଁ ମଙ୍ଗଳାଚରଣ ଅଛି, ତହିଁରେ ଭାରତୀୟ ଧାର୍ମିକ ସଂସ୍କୃତି, ସାମାଜିକ ସଂସ୍କୃତି ତଥା ଭାରତବର୍ଷୀୟ ଭାବାତ୍ମକ ସମନ୍ୱୟ କିପରି ପ୍ରକାଶ ପାଇଛି, ତାହା ବ୍ୟାଖ୍ୟାନ କଲାବେଳେ ବିପୁଳ ହର୍ଷରୋଳ ସୃଷ୍ଟି ହୋଇଥିଲା । ପ୍ରକୃତରେ, ଗତ କେତେ ବର୍ଷ ମଧ୍ୟରେ ଭାରତରେ ଏ ଭଳି ପଣ୍ଡିତ କବି ଅତି ଅଳ୍ପମାନ ଜନ୍ମଗ୍ରହଣ କରିଛନ୍ତି କହିଲେ ସତ୍ୟର ଅପଳାପ ହେବ ନାହିଁ । ଏହି ଭୂମିକାରେ ଯଥାସ୍ଥାନରେ 'ବୈଦେହୀଶ ବିଳାସ'ର ଉପରଲିଖିତ ଦୁଇଟି ବିଶେଷତ୍ୱ ବିଶଦ ଭାବରେ ବୁଝାଇ ଦିଆଯାଇଅଛି ।

**ଭଞ୍ଜଙ୍କର ଓଡ଼ିଆ ଭାଷା ଗଠନ ଶକ୍ତି –**

ସବୁଠାରୁ ବଡ଼ କଥା, ଗୋପବନ୍ଧୁଙ୍କ ଦୃଷ୍ଟିରେ ଭଞ୍ଜଙ୍କର ସଂଗଠନାତ୍ମକ ଶକ୍ତି । ଉପେନ୍ଦ୍ର ଭଞ୍ଜ ଭାଷା-ରାଜ୍ୟରେ ନିର୍ଭୀକ ପ୍ରଗତିବାଦୀ ଥିଲେ । ସଂସ୍କୃତ ପଣ୍ଡିତମାନଙ୍କର ବ୍ୟାକରଣ ଶାସ୍ତ୍ର-ପରିପୁଷ୍ଟ ମାନସ-ରାଜ୍ୟରେ ନୂତନ ବ୍ୟାକରଣ ନିୟମରେ କଳ୍ପପାଦପ ପ୍ରୋଥିତ କରିବାକୁ ତାଙ୍କର ପ୍ରୟାସ ଥିଲା ଅପ୍ରତିହତ । ଗୋଟିଏ ଉଦାହରଣ ଦ୍ୱାରା ଏଠାରେ କଥାଟି ବୁଝାଇ ଦିଆଯାଇ ପାରେ । ଆଜିକାଲି ରେଳ, ମଟର, ରେଡିଓ, ସାଇକେଲ, ଫୋଟୋ ପ୍ରଭୃତି ଶବ୍ଦ ଓଡ଼ିଆ ଭାଷାରେ ମିଶିଗଲାଣି । ଅଥଚ, ପ୍ରାଚୀନପନ୍ଥୀ ସାହିତ୍ୟିକମାନେ ଏ ଭଳି

ଶବ୍ଦମାନଙ୍କୁ ବର୍ଣ୍ଣବାହ୍ୟ ( untouchable ) କରି ରଖିବାକୁ ଇଚ୍ଛା କରନ୍ତି । ବାଷ୍ପୀୟ ଶକଟ, ଦ୍ୱିଚକ୍ର ଯାନ, ଆଲୋକ ଚିତ୍ର ଇତ୍ୟାଦି ଶବ୍ଦ ଗଠନ କରି ସେମାନେ ନିଜର ଜ୍ଞାନର ପରିଚୟ ଦେଇଥାଆନ୍ତି । କିନ୍ତୁ ଓଡ଼ିଆ ଭାଷାର ପ୍ରଗତିବାଦୀ କୌଣସି ଲେଖକ ବା ପାଠକ ଏ ଭଳି ନୂତନ ଶବ୍ଦ ସର୍ଜ୍ଜନାକୁ ସ୍ୱାଗତ କରି ନ ଥାଏ । ଉପେନ୍ଦ୍ର ଭଞ୍ଜ ଥିଲେ ଜଣେ ପ୍ରଗତିବାଦୀ ଭାଷା ସଂଗଠକ । ବହୁ ସ୍ଥଳରେ ସେ ଅବିକଳ ସଂସ୍କୃତ ଧାତୁରୂପ ଗ୍ରହଣ କରିଅଛନ୍ତି । କିନ୍ତୁ ତାହା ସଙ୍ଗେ ସଙ୍ଗେ ଓଡ଼ିଆ ଚଳଣିରେ ଯାହା ଜନ-ସ୍ୱୀକୃତ ପାଇଗଲାଣି, ତାକୁ ଭ୍ରମପୂର୍ଣ୍ଣ ବୋଲି ପରିତ୍ୟାଗ କରି ନାହାନ୍ତି । ଏଥିର ଦୃଷ୍ଟାନ୍ତ ଦେଖନ୍ତୁ—ଆମେ 'ବଞ୍ଚିତ' ଶବ୍ଦକୁ ଏହିପରି ଭାବରେ ବ୍ୟବହାର କରିଥାଉ, ଯଥା—'ମୁଁ ସେହି ସୁଯୋଗରୁ 'ବଞ୍ଚିତ' ହେଲି'; କିମ୍ବା 'ଓଡ଼ିଆମାନେ ବ୍ରିଟିଶ ଶାସନରେ ତାଙ୍କର ଅନେକ ନ୍ୟାଯ୍ୟ ଦାବୀରୁ 'ବଞ୍ଚିତ' ଥିଲେ' ଇତ୍ୟାଦି । ଇଂରାଜୀ ଭାଷାର Deprived ଅର୍ଥରେ ହିଁ ଉପରି ଦୁଇଟି ବାକ୍ୟରେ 'ବଞ୍ଚିତ' ଶବ୍ଦଟି ବ୍ୟବହୃତ ହୋଇଅଛି । କିନ୍ତୁ ଉପେନ୍ଦ୍ର ଭଞ୍ଜ ବଞ୍ଚିବା (ଜୀବନଧାରଣ କରିବା) ଅର୍ଥରେ 'ବଞ୍ଚିତ' ଶବ୍ଦ ପ୍ରୟୋଗ କରିଅଛନ୍ତି । 'ବୈଦେହୀଶ ବିଳାସ'ର ପ୍ରଥମ ଛାନ୍ଦରେ ଲେଖାଅଛି :—

"ବିରୋଜାମଣ୍ଡଳରେ ତପସ୍ୟା ଜଗଜ୍ଜୟୀରେ କରି ମନୀଷା
ଅଶନହୀନେ ଦିବସ ନିଶା କାଳ ବଞ୍ଚିତ ।"

ଅଧ୍ୟାପକ ଡକ୍ଟର ଆର୍ତ୍ତବଲ୍ଲଭ ମହାନ୍ତି "ପ୍ରାଚୀ-ଲାବଣ୍ୟବତୀ" ମୁଖବନ୍ଧରେ ଭଞ୍ଜଯୁଗର ଓଡ଼ିଆ ଭାଷାର ବ୍ୟାକରଣଗତ ବୈଧତା ସେନି ସୋଦାହରଣ ପାଣ୍ଡିତ୍ୟପୂର୍ଣ୍ଣ ଆଲୋଚନା କରିଅଛନ୍ତି । ଏଥିର ଆଗ୍ରହୀ ପଣ୍ଡିତମାନେ ତାହା ଅଧ୍ୟୟନ କରିପାରନ୍ତି ।

## ଅଥଚ, ୧୯୩୬ ଯାଏ ସେହି ଭଞ୍ଜ ଥିଲେ ଓଡ଼ିଶା ବାହାରେ—

ଖଣ୍ଡ ବିଖଣ୍ଡିତ ଓଡ଼ିଆ ଜାତିକୁ ଏକତ୍ର କରିବା ଯାହାଙ୍କର ସ୍ୱପ୍ନ ଥିଲା, ସେହି ଗୋପବନ୍ଧୁ ତାଙ୍କର ସ୍ୱପ୍ନ ଦୃଷ୍ଟିରୁ ହିଁ ଭଞ୍ଜଙ୍କର ମୂଲ୍ୟାୟନ କରି ଯାଇଛନ୍ତି । ତାଙ୍କର ଗଭୀର ଦୁଃଖ ଯେ, ଓଡ଼ିଆ ଜାତିର ଏଡ଼େ ବଡ଼ ସାହିତ୍ୟ-ସ୍ରଷ୍ଟା ଯେଉଁଠାରେ ଜନ୍ମଗ୍ରହଣ କରିଥିଲେ, ସେହି ଘୁମୁସର ବା ଗଞ୍ଜାମ ୧୯୩୬ ଖ୍ରୀଷ୍ଟାବ୍ଦ ଯାଏ ଓଡ଼ିଶା ରାଜ୍ୟର ଅନ୍ତର୍ଗତ ହୋଇ ନ ଥିଲା । ସେଠାର ଲୋକେ ମାନ୍ଦ୍ରାସ ପ୍ରେସିଡେନ୍ସିର ବୋଲି ବଡ଼ ଗ୍ଲାନିକର ଭାବରେ ଆତ୍ମପରିଚୟ ଦେଉଥିଲେ । ପ୍ରକୃତି-କବି ଗଙ୍ଗାଧର ମେହେର ଆଧୁନିକ ଓଡ଼ିଶାର ସୁନାମଧନ୍ୟ କବି । ତାଙ୍କର 'ଇନ୍ଦୁମତୀ' ଏବଂ 'କୀଚକ ବଧ' ୧୯୦୫ ଖ୍ରୀଷ୍ଟାବ୍ଦ

ପୂର୍ବରୁ ପ୍ରକାଶ ପାଇଥିଲା । ଏ ଦୁଇ ଖଣ୍ଡି କାବ୍ୟ ତାଙ୍କୁ ଅଳ୍ପକାଳ ମଧ୍ୟରେ ସମଗ୍ର ଉତ୍କଳରେ ଅସାଧାରଣ ଗୌରବ ପ୍ରଦାନ କରିଥିଲା । ଅଥଚ, ଏ ଦୁଇ କାବ୍ୟର କବି ଗଙ୍ଗାଧର ଓଡ଼ିଶାର ଲୋକ ନ ଥିଲେ; ସେ ଥିଲେ ମଧ୍ୟପ୍ରଦେଶର ! ତପସ୍ୱିନୀ ଓ ପ୍ରଣୟ-ବଲ୍ଲରୀ ଲେଖିଲା ବେଳକୁ ସେ ଅବଶ୍ୟ ଓଡ଼ିଶାର ହୋଇ ଯାଇଥିଲେ । ସୁତରାଂ ଗୋପବନ୍ଧୁଙ୍କ ଦୃଷ୍ଟିରେ ଉପେନ୍ଦ୍ର ଭଞ୍ଜ କେବଳମାତ୍ର କବି ନ ଥିଲେ । ସେ ଥିଲେ ଏକ ଖାଣ୍ଟିଆ ଓଡ଼ିଆ ଭାଷାର ସ୍ରଷ୍ଟା, ଯାହାର ବୈଜ୍ଞାନିକ ବିଶ୍ଳେଷଣ କଲାବେଳେ ଆଜି ତାଙ୍କର ଦୂରଦୃଷ୍ଟି ଓ ମାତୃଭାଷା-ପ୍ରିୟତାରେ ଆଶ୍ଚର୍ଯ୍ୟ ହେବାକୁ ପଡ଼େ । ଗୋପବନ୍ଧୁ ଯେପରି ଓଡ଼ିଆ ଜାତିର ଜଣେ ଅଦ୍ୱିତୀୟ ପ୍ରତିନିଧି, ତାଙ୍କର ଲେଖନୀରେ ଉପେନ୍ଦ୍ର ଭଞ୍ଜଙ୍କର ଏ ଭଳି ମହତ୍ତ୍ୱ ପ୍ରଖ୍ୟାପନ ସେହିଭଳି ଏକ ଅଭିନନ୍ଦନୀୟ ସମୀକ୍ଷଣ ।

## ଉତ୍କଳ-ଗୌରବ ମଧୁସୂଦନଙ୍କ ଭଞ୍ଜ-ପ୍ରଶଂସା —

ଉତ୍କଳ-ଗୌରବ ମଧୁସୂଦନ ଗୋପବନ୍ଧୁଙ୍କ ପରି ଓଡ଼ିଆ ଜାତୀୟତାର ଜଣେ ମୂର୍ତ୍ତିମନ୍ତ ସ୍ୱରୂପ । ସେ ତାଙ୍କର ଏକ ବକ୍ତୃତାରେ କହିଥିଲେ—

"ଉତ୍କଳ ଜନନୀ ମୃତ୍ୟୁଶଯ୍ୟାରେ ପଡ଼ିଛନ୍ତି । ଉପେନ୍ଦ୍ର ଭଞ୍ଜଙ୍କ ମନ୍ତ୍ରରେ କଣ୍ଠ ଫିଟିବ ।" ( ଉତ୍କଳ-ଗୌରବ ମଧୁସୂଦନ, ପୃ-୧୨୫ )

ମଧୁବାବୁ ଅନ୍ୟ ଏକ ବକ୍ତୃତାରେ କହିଥିଲେ (ଉ: ଗୌ: ମ: ପୃ-୬୮)—

( ଉତ୍କଳମାତାର ) "ମୁଣ୍ଡ ଏକ ସ୍ଥାନରେ, ହାତ ଏକ ସ୍ଥାନରେ, ପାଦ ଏକ ସ୍ଥାନରେ ପଡ଼ିରହିଛି । ଏହି ଅବସ୍ଥାକୁ କେହି ମନୁଷ୍ୟର ସୁସ୍ଥ ଅବସ୍ଥା ବୋଲି କହି ନ ପାରେ । ଉପେନ୍ଦ୍ର ଭଞ୍ଜ ପରି ମସ୍ତକ ଗଞ୍ଜାମରେ ଉତ୍କଳ-ମାତାଙ୍କ ଗଣ୍ଡିରୁ ବିଚ୍ଛିନ୍ନ ହୋଇ ପଡ଼ିରହିଅଛି । × × × ଗୋପବନ୍ଧୁ ବାବୁ ଯାହା କହିଥିଲେ, କେବଳ ବିଶ୍ୱାସ ହିଁ ସବୁର ଜୟ କରିବ, ମୁଁ ମଧ୍ୟ ତାହା କହୁଅଛି । କେବଳ ବିଶ୍ୱାସ କର । ବିଶ୍ୱାସରେ ବଳୀୟାନ୍ ହୁଅ । ଜାତିସ୍ତ ଉନ୍ନତିର ଜୁଆର ଦେଶର ଗୁରିଆଡ଼େ ଉଠାଅ । ତୁମର ଅଭୀଷ୍ଟ ଫଳ ଆପେ ଆପେ ଆସିବ ।" ଭଞ୍ଜ-ସାହିତ୍ୟ ହିଁ ନିର୍ଜୀବ ଓଡ଼ିଆଙ୍କୁ ଉଠାଇବ ବୋଲି କି ଦୃଢ଼ ବିଶ୍ୱାସ !

## ପଲ୍ଲୀକବି ନନ୍ଦକିଶୋରଙ୍କ ଭଞ୍ଜ ଗୁଣ ଗାନ—

ଆଧୁନିକ ଓଡ଼ିଶାରେ ଅନେକ କବି ଉପେନ୍ଦ୍ର ଭଞ୍ଜଙ୍କୁ ସମ୍ମାନ ପ୍ରଦର୍ଶନ କରି ତାଙ୍କର ନାମୋଚ୍ଚାରଣ କରିଅଛନ୍ତି । ପଲ୍ଲୀକବି ନନ୍ଦକିଶୋର ଅନେକ

ସ୍ଥଳରେ ଭଞ୍ଜଙ୍କୁ ସ୍ମରଣ କରିଛନ୍ତି । 'ନବ ଶତାବ୍ଦୀର ନିମନ୍ତ୍ରଣ' କବିତାରେ ସେ ଲେଖିଛନ୍ତି—

ଏହି ଦେଶେ ଜନ୍ମି                କବିସୂର୍ଯ୍ୟ ଭଞ୍ଜ
ଦୀନକୃଷ୍ଣ ଆଦି କବି ।
ଚାହିଁ ଯାଇଛନ୍ତି                ଉତ୍କଳମାତାଙ୍କ
ଆହା କି ବରେଣ୍ୟ ଛବି ।"

ସେ ତାଙ୍କର 'ଗୁରୁଚାରି' ଅନ୍ତର୍ଗତ 'ଉତ୍କଳ' କବିତାରେ ଲେଖିଛନ୍ତି—

"ଉତ୍କଳର ଅଙ୍କେ ଜନ୍ମି ଭଞ୍ଜ ବୀରବରେ
ସାହିତ୍ୟ-ପଟେ ଲେଖିଲେ ଅମର ଅକ୍ଷରେ ।"

ପୁଣି କବି ତାଙ୍କର "ଜନ୍ମଭୂମି" ଅନ୍ତର୍ଗତ "ଉତ୍କଳ ଜନନୀଙ୍କ ଆହ୍ୱାନ" କବିତାରେ ଲେଖିଛନ୍ତି—

"ଭଞ୍ଜ ଆଦି କବିଗଣ ଭ୍ରମି ଭାରତୀ-ଭୁବନ
କବିତା-କମଳମାଳା ଲମ୍ବାଇଲେ ମୋ କଣ୍ଠର ।"

ଏହା ବ୍ୟତୀତ କବି, ତାଙ୍କର "ଉତ୍କଳ ମଙ୍ଗଳ ଗୀତ"ରେ ଲେଖିଛନ୍ତି—

"ବାଣୀବରପୁତ୍ର ଉପେନ୍ଦ୍ର କବି
ସାହିତ୍ୟ ଗଗନେ ପ୍ରଦୀପ୍ତ ରବି
ଦୀନକୃଷ୍ଣ ଅଭିମନ୍ୟୁ ସାମନ୍ତ
କବିସୂର୍ଯ୍ୟ ଋଷି ସଂଖ୍ୟା ଅନନ୍ତ
ବାଣୀ-ବନରେ ବିହାର
କରି ମାତୃକଣ୍ଠେ ଲମ୍ବାଇଣ ଗଲେ
କବିତା-କୁସୁମ ହାର ।"

କବି ତାଙ୍କର "ଜନ୍ମଭୂମି" ଅନ୍ତର୍ଗତ "ମାତୃଭୂମି" କବିତାରେ ପୁଣି ଲେଖିଛନ୍ତି—

"ତୋହରି କୋଳରେ ଜନ୍ମି ଭଞ୍ଜ ବୀରବରେ
ଭଣିଗଲେ କେତେ କାବ୍ୟ ଅମର ଅକ୍ଷରେ ।"

ଏହା ବ୍ୟତୀତ, "ଜନ୍ମଭୂମି" ଦ୍ୱିତୀୟ ଭାଗରେ ଜାତୀୟବାଦୀ ନନ୍ଦକିଶୋର ଖୋଦ୍ ଭଞ୍ଜଙ୍କ ଉପରେ ଏକ କବିତା ଲେଖିଛନ୍ତି । କବିତାଟିର ନାମ 'କବିକୁଳ ଗୁରୁ ଉପେନ୍ଦ୍ର ଭଞ୍ଜ' । ଏ ପ୍ରସଙ୍ଗରେ ତହିଁରୁ କେତେକ ପଂକ୍ତି ଉଦ୍ଧାର ନ କରି ରହି ହେଉ ନାହିଁ । ତହିଁରେ ଅଛି :—

"ସୁପଣ୍ଡିତ ହେ ଉପେନ୍ଦ୍ର ଭଞ୍ଜ ବୀରବର !
କବିକୁଳପତି ତୁମ୍ଭେ ଅଟ ଉତ୍କଳର ।
ରାଜସିଂହାସନ ସୁଖ ତେଜି ମହାମନା !
କଲ କେତେ କେତେ କାବ୍ୟ, ସଙ୍ଗୀତ ରଚନା !
ତୁମ୍ଭ ଯୋଗ ମାତୃଭାଷା ସାହିତ୍ୟ ଶାଳିନୀ
ତୁମ୍ଭ ଯୋଗୁ ମାତୃଭାଷା ଆଜ ଏ ମାନିନୀ ।
କ୍ଷୁଦ୍ର ରାଜ୍ୟ ସୁଖ ତେଜି ପଣ୍ଡିତ ମହାନ
ଉତ୍କଳ ଭାଷାକୁ ଦେଇଗଲ ଜୀବଦାନ ।
ହୋଇଥାନ୍ତ ସିନା କ୍ଷୁଦ୍ର-ଖଣ୍ଡ ନରେଶ୍ୱର
ସମଗ୍ର ଉତ୍କଳେ ଆଜି ରାଜତ୍ୱ ତୁମ୍ଭର
ଗଞ୍ଜାମ ସମ୍ବଲପୁର ଓଡ଼ିଶା ଦେଶର
ପ୍ରତି ଗୃହେ ପାଉଅଛ ପୂଜା କବିବର ।
ଗଙ୍ଗା ଗୋଦାବରୀ ସିନ୍ଧୁ-ରେବା ବନ୍ଦ୍ୟ କବି
ଉତ୍କଳ ସାହିତ୍ୟାକାଶେ ଚିର ଦୀପ୍ତ ରବି ।
ଭାରତୀ-ନିକୁଞ୍ଜ ସୁତରୁଣ ପିକବର
ସାହିତ୍ୟାକାଶରେ ଫୁଲ୍ଲ ସୁରଭି ପୁଷ୍କର ।
ଦେଖ ଦେଖ ଦିବୁ ମାତୃଭୂମି ପ୍ରିୟ କବି
ଉତ୍କଳ-ଜନନୀ ପାନସ୍ତାନ ମୁଖଛବି ।
ଜନ୍ମ ଯହିଁ ନେଲ ଭାଷା ନିମନ୍ତେ ଜୀବିତ
ଉତ୍କଳରୁ ହୋଇଅଛି ତାହା ବିତାଡ଼ିତ ।"

ଉପର ଉଦ୍ଧୃତିର ଶେଷ ଦୁଇ ଧାଡ଼ିର ଜାତୀୟବାଦୀ ଆଭିମୁଖ୍ୟ ଲକ୍ଷ୍ୟ କରିବାର କଥା । ଗୋପବନ୍ଧୁ ଏବଂ ମଧୁସୂଦନଙ୍କ ରଚନାରେ ଯେଉଁ ଭାବଧାରା, ଏଥିରେ ମଧ୍ୟ ତହିଁର ଉତ୍ତରଳ ପରିପ୍ରକାଶ ପରିଦୃଷ୍ଟ । ନନ୍ଦକିଶୋର ବଳ ଜଣେ ଉଗ୍ର ଜାତୀୟବାଦୀ କବି । ଯୌବନର ପ୍ରାକ୍‌କାଳରେ, ସାଧକ ଜୀବନରୁ

ହରିବଳସ୍ମ ଅରୁଣ ରାଗରେ ରଞ୍ଜିତ ହେଉଥିବା ବେଳେ ସେ ଦାବୀ କରି, ମଣ୍ଡା-ମହିମ ଗୋରା ସରକାରଙ୍କୁ ଜଣାଇଥିଲେ —

"ଓଡ଼ିଆଙ୍କ ପାଇଁ ଓଡ଼ିଶା ପ୍ରଦେଶ
ପ୍ରବର୍ତ୍ତିତ ହେଉ ଏ ନ୍ୟାଯ୍ୟ ମନ୍ତ୍ର ।"

( ଗ୍ରନ୍ଥାବଳୀ, ପୃ-୩୧୯ )

କବି ରାଧାନାଥଙ୍କର ପ୍ରଶଂସାମୁଖର ବାତାବରଣରେ ସେ ତାଙ୍କ ସାହିତ୍ୟର ଆଦର୍ଶଶୂନ୍ୟତା ଦୃଢ଼କଣ୍ଠରେ ପ୍ରତିପାଦନ କରିଥିଲେ ଏବଂ ସେ ଅଭାବ ଦୂର କରି ମାତୃଭାଷାର ଟେକ ରଖିବାକୁ ଗଙ୍ଗାଧରଙ୍କୁ ଅନୁରୋଧ କରିଥିଲେ ।

## ଗଙ୍ଗାଧରଙ୍କ ଭଞ୍ଜ-ପ୍ରଶସ୍ତି —

କବି ଗଙ୍ଗାଧର ରାଧାନାଥଙ୍କ ପ୍ରବର୍ତ୍ତିତ ଯୁଗର ବରେଣ୍ୟ ପ୍ରତିଷ୍ଠାପକ ଭାବରେ ଗୃହୀତ ହୋଇଥାଆନ୍ତି । ତାଙ୍କର ଅମର ଲେଖନୀ ପଦେ ପଦେ ଭଞ୍ଜ-ସାହିତ୍ୟରେ ଅନୁପ୍ରାଣିତ ହୋଇ ରାଧାନାଥଙ୍କର ପ୍ରଦର୍ଶିତ ମାର୍ଗର ଅନୁବର୍ତ୍ତନ କରିଅଛି । ସେଥିପାଇଁ "ଶୃଙ୍ଖଳା" ଓ "ଅବଳା" ଭଳି ଶବ୍ଦାଳଙ୍କାର ପର୍ଯ୍ୟନ୍ତ ତାଙ୍କ ସାହିତ୍ୟରେ ପରିଦୃଷ୍ଟ ହୁଏ (୧) । କବି ତାଙ୍କର ଉତ୍କଳ-ଲକ୍ଷ୍ମୀରେ ଭଞ୍ଜଙ୍କ ସମେତ ଓଡ଼ିଶାର ମହିମାମୟ କବିମାନଙ୍କୁ ସ୍ୱର୍ଗଧାମରେ ବିରାଜମାନ ଥିବାର ପରିକଳ୍ପନା ରୂପାୟିତ କରିଛନ୍ତି । ତେବେ, ତାଙ୍କର 'ଚନ୍ଦ୍ରରଜନୀ' କବିତାରେ ଭଞ୍ଜ-ସାହିତ୍ୟର ବ୍ୟାପ୍ତି ସେନେ ଏକ ସୁନ୍ଦର ଦୃଷ୍ଟାନ୍ତ ଦେଇଛନ୍ତି । ଭଞ୍ଜ-ସାହିତ୍ୟ ସୁଦୂର ସମ୍ବଲପୁର ଜିଲ୍ଲାରେ ମଧ କିପରି ଜନପ୍ରିୟତା ଲଭ କରିଥିଲା, ତାହା ବର୍ଣ୍ଣନା କରିବାକୁ ଯାଇ ସେ କହିଛନ୍ତି—

"ହେ ପାଠକେ ! ମୁଁ ଚନ୍ଦ୍ରକିରଣ ପରିଶୋଭିତ ସୁନ୍ଦର ରଜନୀର ବର୍ଣ୍ଣନା କରୁଅଛି । ଅନ୍ୟାନ୍ୟ କଥା ମଧ୍ୟରେ ଗୋଟିଏ କଥା ମୋ ମନକୁ ବଡ଼ ନେଉଛି । ଏହି ମୋର ବର୍ଣ୍ଣିତ ଚନ୍ଦ୍ରମା ରାତିରେ, ମନଖୁସିରେ ଦୁଇ ଜଣ ଯୁବକ ବନ୍ଧୁ ବୁଲି ବାହାରିଛନ୍ତି । "ମନଫୁଲିଣିଆ ଗୀତ ଗାଏ" ବୋଲି ତ କଥା ଅଛି । ଏ

(୧) ସୀତା ଶୀତାତପ ତପନ କିରଣ— (ତପସ୍ୱିନୀ, ୫ମ ସର୍ଗ)
ପୁଣି ଅବଳା—"ଜଳଚର ଖଗଦଳ କଳକଳ ସ୍ୱନ ।"
( ଗ: ଗ୍ରନ୍ଥାବଳୀ, ପୃ-୧୩୦ )

ଦୁଇ ବନ୍ଧୁ କ ଗୀତ ଗାଉଛନ୍ତି, ଜାଣନ୍ତି ?—ଗାଉଛନ୍ତି, ଭଞ୍ଜ କବିଙ୍କ ଗୀତ ଭଞ୍ଜ କବି ତାଙ୍କ 'ପ୍ରେମ ସୁଧାନିଧି'ରେ ଲେଖିଛନ୍ତି :—

"ନିର୍ମଳ ଚନ୍ଦ୍ରମଣ୍ଡଳ ଶରଦେ ବିରାଜି
ଦିଶେ ଯଥା ଦର୍ପକ ଦର୍ପଣେ ଥିଲେ ମାଜି
ତୁହିଁ କୁମର କାତର
ଲେଖି ଆରମ୍ଭିଲ ବସି ବିନୟ ପତର ।"

ଏହି ଭଞ୍ଜୀୟ-କବିତାକୁ ଦୁହେଁ ଖଣ୍ଡ ଖଣ୍ଡ କରି ଗାଇ ଗାଇ ବୁଲୁଛନ୍ତି । ତେଣୁ, ମୁଁ ଏହି ଘଟଣାଟିକୁ ବର୍ଣ୍ଣନା କରି ଲେଖୁଛି :—

"ନିର୍ମଳ ଚନ୍ଦ୍ରମଣ୍ଡଳ ଶରଦେ ବିରାଜି"
ଚନ୍ଦ୍ରେ ତୁହିଁ ମୁଦେ ଗାଏ କେ ରସିକବର
"ଦିଶେ ଯଥା ଦର୍ପକ ଦର୍ପଣେ ଥିଲେ ମାଜି"
ଗାଏ ତହିଁ ପଛେ'ତାର ପ୍ରିୟ ସହଚର ।
"ତୁହିଁ କୁମର କାତର" ବୋଲଇ ପ୍ରଥମ
ଦ୍ୱିତୀୟ ରସିକ କରି ସୁଲଳିତ ସ୍ୱର
ଉଚ୍ଚାରେ ଚତୁର୍ଥ ପାଦ ଗାଇ ମନୋରମ
"ଲେଖି ଆରମ୍ଭିଲା ବସି ବିନୟ ପତର"
ବୁଲନ୍ତି ଯୁବକ ଯୁଗ ସୁଧାଂଶୁ କିରଣେ
ଭଞ୍ଜକବି ବିରଚିତ ପଦ ଜପି ମନେ ।"

( ଗ: ଗ୍ରନ୍ଥାବଳୀ, ପୃ-୨୩୮ )

ସୁଦୂର ସମ୍ବଲପୁରବାସୀ ଗଙ୍ଗାଧର ଚନ୍ଦ୍ରରଜନୀର ବର୍ଣ୍ଣନା ପ୍ରସଙ୍ଗରେ, "ମନଫୁଲିଣିଆ ଗୀତ ଗାଏ" ନାମରେ ଏ ଯେଉଁ ଚିତ୍ରାଙ୍କନ କରିଅଛନ୍ତି, ତାହା ଭଞ୍ଜଙ୍କର ସୁଦୂରପ୍ରସାରୀ ଜନପ୍ରିୟତାର ଏକ ସମୁଚ୍ଚ ଯଶସ୍ତମ୍ଭ ନୁହେଁ କି ?

## ଚିନ୍ତାମଣିଙ୍କ ଭଞ୍ଜ-ଭକ୍ତି—

ଆଧୁନିକ ଓଡ଼ିଆ ସାହିତ୍ୟର ଅଜସ୍ରସ୍ରାବୀ ଲେଖକ, କବିଶେଖର ଚିନ୍ତାମଣି ମହାନ୍ତିଙ୍କ 'ଘୁମୁସର କାବ୍ୟ'ରେ ଉପେନ୍ଦ୍ର ଭଞ୍ଜଙ୍କର ଗୌରବ ଗାଥା କୀର୍ତ୍ତିତ ହୋଇଅଛି । କାବ୍ୟର ମୂଳରେ ସେ ଯେପରି ଭାବରେ ଭଞ୍ଜଙ୍କ ପ୍ରତି ନିଜର ଶ୍ରଦ୍ଧା ଓ ସମ୍ମାନ ଜ୍ଞାପନ କରିଅଛନ୍ତି, ତାହା ପ୍ରତ୍ୟେକ ଓଡ଼ିଆ ଭାଷା ପ୍ରେମୀର ଅନ୍ତରକୁ ଅନୁକମ୍ପିତ କରିବା ସ୍ୱାଭାବିକ । ସେ ଲେଖିଛନ୍ତି—

"ଉତ୍କଳ-ସାହିତ୍ୟ-କଳ୍ପଦ୍ରୁମ ମଞ୍ଜୁ
କବିକୁଳ-ଟୀକା ଉପେନ୍ଦ୍ର ଭଞ୍ଜ ।
ବଞ୍ଚିଥାନ୍ତେ ଯେବେ ଭଞ୍ଜ ମହାକବି,
ଗ୍ରହନ୍ତି ମୁଁ ତାଙ୍କ ସେବକ ପଦବୀ ।
ଲେଖକ ହେବାକୁ କାହିଁ ମୋ ଭରଷା,
ମୋ ପକ୍ଷରେ ସିନା ତାହା ଲୋକହସା ।
ଲେଖନ ପତ୍ରର ଶ୍ରୀକରେ ବଢ଼ାଇ—
ଦେଇ ମୁଁ କରନ୍ତି ସଗର୍ବେ କଢ଼ାଇ ।
'ବାଣୀ-ବରପୁତ୍ର ପଦସ୍ଥର' ପଦ
ହୋଇଥାନ୍ତା ମୋର ଗୌରବ-ସମ୍ପଦ ।
ପାଦମୂଳେ ବସି ହୋଇ ଉଲ୍ଲସିତ
ଶୁଣୁଥାନ୍ତି ତାଙ୍କ ଲଳିତ ସଙ୍ଗୀତ ।
ସର୍ଧୀତିର ମଞ୍ଜୁଳ କବି ପୁଣ୍ୟପାଦ
ପୂର୍ଣ୍ଣ କରନ୍ତି ମୋ ଅନ୍ତରର ସାଧ ।
ହାୟ ରେ ଏ ମୋର ତୁଚ୍ଛା ମନୋରଥ,
ଫେରିବ ତ ନାହିଁ ସେ ରୁକୁଣା ରଥ ।
କାହିଁ ଭଞ୍ଜ, କାହିଁ ମୁହିଁ ଅକିଞ୍ଚନ,
ଦେଖୁଛି ମୁଁ ବ୍ୟର୍ଥ କଳ୍ପନା ସ୍ୱପନ ।"

ଏ ଭାବଧାରା ଖାଲି ତାଙ୍କର ନୁହେ, ଏହା ପ୍ରାୟ ତିନି ଶହ **ବର୍ଷ** ଧରି ବହୁ ବାଣୀ-ବରପୁତ୍ରଙ୍କର ଅନ୍ତରର ବାସନା ମାତ୍ର ।

**ଗୋଦାବରୀଶଙ୍କ ଭଞ୍ଜ-ନୀରାଜନା—**

ଭଞ୍ଜଙ୍କ ପ୍ରଭାବ ସତ୍ୟବାଦୀର ବନବିଦ୍ୟାଳୟକୁ ଏପରି ଗମ୍ଭୀର ଭାବରେ ପ୍ଲାବିତ କରିଥିଲା ଯେ, ଓଡ଼ିଶାର ଅଦ୍ୱିତୀୟ ଗାଥା-ସାହିତ୍ୟସ୍ରଷ୍ଟା ଏବଂ ଉତ୍କଳମଣିଙ୍କ ପ୍ରିୟସଖା ପଣ୍ଡିତ ଗୋଦାବରୀଶ ମିଶ୍ର ତାଙ୍କର 'ଉପେନ୍ଦ୍ର ଭଞ୍ଜ' କବିତାରେ ଲେଖିଥିଲେ :—

"ପ୍ରକୃତି-କୁସୁମ ଉଦ୍ୟାନୁ ଯତ୍ନେ ଆହରି ଫୁଲ
ଦେବୀ ସରସ୍ୱତୀ ପୟରେ କଲେ ସେନେହେ ଠୁଳ ।
ସରସ୍ୱତୀ ଦତ୍ତ ଲେଖନୀ ମୁନେ ଲେଖିଲେ ଛନ୍ଦ
ସେ ଛନ୍ଦ ହୋଇଛି ଉତ୍କଳେ ଆଜ ଅତି ବଚନ୍ଦ ।

କେତେ ଯେ ଇଚ୍ଛନ୍ତି ଧରନ୍ତେ ସେହି ଲେଖଣୀ କରେ
ଚିହ୍ନି ରଖିଥିବେ ଜଗତ ଗାଥା ଅବନୀ ତଳେ ।
ସେ ଇଚ୍ଛା କେହି ତ ପୂରଣ ପାରି ନାହାନ୍ତି କରି
କଣ୍ଠ କଟା ଯାଉ ଉତ୍କଳେ କେତେ ଲେଖଣୀ ଧରି ।"

( ଗୋଦାବରୀଶ ଗ୍ରନ୍ଥାବଳୀ—ପ୍ରଥମ ଖଣ୍ଡ, ପୃ-୪୧୮ )

ଖାଲି ସେତିକି ନୁହେଁ, ଉତ୍କଳ-ଗୌରବ ମଧୁସୂଦନ ତାଙ୍କର ଭାଷଣରେ "ଉପେନ୍ଦ୍ର ଭଞ୍ଜ ପରି ମୁଣ୍ଡ ମାତାର ଗଣ୍ଡିରୁ ଛିଡ଼ିଯାଇ ଦୂର ଦକ୍ଷିଣରେ ପଡ଼ିରହିଛି" ବୋଲି କହିବାରୁ, ତହିଁରେ ଉଦ୍‌ବୁଦ୍ଧ ହୋଇ ଏହି ପଣ୍ଡିତ ଗୋଦାବରୀଶ ତାଙ୍କର 'ଦୁଃସ୍ୱପ୍ନ' କବିତାରେ ବଡ଼ ପ୍ରାଣସ୍ପର୍ଶୀ ଭାଷାରେ ଲେଖିଥିଲେ :—

"ବଡ଼ ସ୍ୱପ୍ନମାନ ଆମ ଘର ଦଶା
ଶୁଣିଲେ ଫାଟଇ ବୁକୁ,
ଖଣ୍ଡଖଣ୍ଡ ହୋଇ ଓଡ଼ିଶା ଦେଶ ଲୋ
ପଡ଼ି ହୁଏ ଧୁକୁ ଧୁକୁ ।
ଗଣ୍ଡିରୁ ପଡ଼ିଛି ଛିଡ଼ ମୁଣ୍ଡ ଠାବେ
ପାଦ ପଡ଼ିଅଛି କାହିଁ
ହାତ ପୁଣି ଆନେ ଗଡ଼ୁଛି ସଡ଼ ଲୋ
ନେକେ କା ନ ଦେଖ ଚାହିଁ ।"

( ଗୋଦାବରୀଶ ଗ୍ରନ୍ଥାବଳୀ—୧ମ ଖଣ୍ଡ, ପୃ-୨୭୮ )

ବାସ୍ତବିକ୍ ଦକ୍ଷିଣରୁ ଭଞ୍ଜ ରୂପକ ମୁଣ୍ଡ ଓଡ଼ିଶାରେ ପୁଣି ମିଶିବା ପର୍ଯ୍ୟନ୍ତ ଏହି କବିତାଟି ସ୍ୱଦେଶ-ମୂଲ୍ୟ ଓଡ଼ିଶା ପ୍ରାଣରେ ପୁଲକ ଓ ପ୍ରକମ୍ପ ସର୍ଜନା କରିବା ସ୍ୱାଭାବିକ ।

## କୁନ୍ତଳା କୁମାରୀଙ୍କ ଭଞ୍ଜ-ସ୍ମରଣ :—

ନାରୀକବି କୁନ୍ତଳା କୁମାରୀ ତାଙ୍କର ସାହିତ୍ୟିକ ଅବଦାନ ଲାଗି ଯେପରି ବିଖ୍ୟାତ, ତାଙ୍କର ଦେଶ ଜାତୀୟ ଭାବ ଲାଗି ସେହିପରି ସୁପରିଚିତା । ସେ ମଧ୍ୟ କେତେକ ସ୍ଥଳରେ ଭଞ୍ଜଙ୍କର ମହତ୍ତ୍ୱ ଗାନକରି ଦେଶବାସୀଙ୍କୁ ଉଦ୍‌ବୋଧନ ଦେଇଛନ୍ତି । ତାଙ୍କର ଅର୍ଚ୍ଚନା ( ଫୁଲ୍‌ଦାନ ) ଅନ୍ତର୍ଗତ 'ଉତ୍କଳ ବନ୍ଦନା'ରେ ସେ ଲେଖିଛନ୍ତି :—

"ତାନତମାନ ତାନ ମନା
ଶତ ଚଟିମା ପୂତ ସଲଳା
କାବ୍ୟକୁଞ୍ଜ କଳ କୋକଳା
ପୂଜିତ ପାଦ ଭଞ୍ଜ ଶାରଦା
ଶୁଭ୍ର ଗୀତ ସୁଧା ସ୍ୟନ୍ଦନ
ବିଶ୍ୱ ବନ୍ଦନ ଚିତ୍ତ ନନ୍ଦନ ନୟନାହ୍ଲାଦନ ।"

## ମହାପାତ୍ର ଗୋଦାବରୀଶଙ୍କ ଭଞ୍ଜ-ଶ୍ରଦ୍ଧାଞ୍ଜଳି —

ଏହାଛଡ଼ା, ସତ୍ୟବାଦୀ ଗୋଷ୍ଠୀର ଅନ୍ୟତମ କବିପ୍ରବର ସ୍ୱର୍ଗତ ଗୋଦାବରୀଶ ମହାପାତ୍ର ନିଜେ ଆଧୁନିକ ଓଡ଼ିଆ ସାହିତ୍ୟର ଜଣେ ପ୍ରବୀଣ ସ୍ରଷ୍ଟା ଥାଇ ମଧ୍ୟ ଉପେନ୍ଦ୍ର ଭଞ୍ଜଙ୍କ ସମ୍ପର୍କରେ କବିତା ଲେଖି ଠାଏ କହିଛନ୍ତି—

"କେତେ ଯୁଗ ପରେ ଆଜ ବାଣପୁରେ ହେ କବିବର
ତବ ପରିମଳ ମଙ୍ଗଳ ବେଦୀ ତରୁଣଦଳ
ଚୂତବନ ତଳ ନବୀନ ବଉଳ ପରାଗେ ପୂଜି
ଉଚ୍ଛଳେ ଯିବେ ଶତେକ ଭଞ୍ଜ ଆବର ସୃଜି ।
ଆବର ଜାଗିବ ଏ ବନେ ଲଭିବ ବାଣୀଁ ଚରଣ
ନବ ବିଧାତାର ଶୁଭବାଣୀ ତାରେ ମାତିବ ମନ ।"

ଆଶାବାଦୀ କବିଙ୍କର ବିଶ୍ୱାସ ଯେ, ଉପେନ୍ଦ୍ର ଭଞ୍ଜଙ୍କର ପ୍ରତିଭା ପୂଜା ହେବା ଫଳରେ, ଆହୁରି ବହୁସଂଖ୍ୟକ କବି ଏ ମାଟିରେ ଜାତ ହେବେ । ସେମାନେ ଯେ ସେହି ଭଞ୍ଜଙ୍କୁ ଖାଲି ଅନୁସରଣ କରି ମଧ୍ୟଯୁଗ ଭାରତୀଙ୍କର ବୀଣାଧ୍ୱନି ଶୁଣାଇବେ, ତାହା ନୁହେଁ; ସେମାନେ ତାଙ୍କଠାରୁ ପ୍ରେରଣା ଲାଭ କରି ନୂତନ ମୂର୍ଚ୍ଛନା ଓ କବିତା କ୍ଷେତ୍ରରେ ନବୀନ ପରମ୍ପରା ସୃଷ୍ଟି କରିବେ ।

ଏହିପରି ଭାବରେ ଖୋଜି ବସିଲେ ଆହୁରି ରାଶି ରାଶି କବିତା ଦୃଷ୍ଟିଗୋଚର ହେବ । ଆଲୋଚନାର କଳେବର ବୃଦ୍ଧି ଭୟରେ ତହିଁରୁ କ୍ଷାନ୍ତ ହେବାକୁ ବାଧ୍ୟ ହେଉଛୁ ।

ଆଧୁନିକ ଓଡ଼ିଶାର ଅସାଧାରଣ ସାହିତ୍ୟିକ ପ୍ରତିଷ୍ଠାବନ୍ତ ପଣ୍ଡିତ ନୀଳକଣ୍ଠ ଦାସ ଏବଂ ଅଧ୍ୟାପକ ଆର୍ତ୍ତବଲ୍ଲଭ ମହାନ୍ତି ଭଞ୍ଜଙ୍କ ଉପରେ ବହୁ ସୁଚିନ୍ତିତ ମତ ପ୍ରକାଶ କରିଅଛନ୍ତି । ପଣ୍ଡିତ ନୀଳକଣ୍ଠଙ୍କ "ଓଡ଼ିଆ ସାହିତ୍ୟର କ୍ରମ ପରିଣାମ" ଅନ୍ତର୍ଗତ ଭଞ୍ଜ ବିଷୟକ ଆଲୋଚନା ଏବଂ ଆଧ୍ୟାପକ

ଆର୍ତ୍ତବଲ୍ଲଭଙ୍କ "ଲବଣ୍ୟବତୀ" ମୁଖବନ୍ଧ ଅନ୍ତର୍ଗତ ସୁଦୀର୍ଘ ସମୀକ୍ଷା ଏ ପ୍ରସଙ୍ଗରେ ଅନୁଶୀଳନଯୋଗ୍ୟ । ବର୍ତ୍ତମାନ କାଳ ପର୍ଯ୍ୟନ୍ତ ବହୁ ତରୁଣ ଏବଂ ପ୍ରବୀଣ ସାହିତ୍ୟିକ ଭଞ୍ଜଙ୍କ ଉପରେ ନିଜ ନିଜର ଅଭିରୁଚି ତଥା ଚିନ୍ତା ଦୃଷ୍ଟିରୁ ଭଞ୍ଜଙ୍କର ଖଣ୍ଡନ ମଣ୍ଡନାତ୍ମକ ମତବ୍ୟକ୍ତ କରୁଅଛନ୍ତି । ଈଶ୍ୱରଙ୍କ ଅସ୍ତିତ୍ୱ ଯେମ ଆସ୍ତିକ ଏବଂ ନାସ୍ତିକମାନଙ୍କର ମତବାଦ ମାନବ ସଭ୍ୟତାର ଆରମ୍ଭ ସମୟରୁ ଯେପରି ପ୍ରକାଶ ପାଇ ଆସିଛି, ଭଞ୍ଜଙ୍କ ସମ୍ପର୍କରେ ଠିକ୍ ସେହି କଥା । ଗତ ତିରିଶି ବର୍ଷ ଧରି 'କଳିଙ୍ଗ ଭାରତୀ'ର ଉଦ୍‌ବୋଧନରେ ଓଡ଼ିଶାର ବିଜ୍ଞବ୍ୟକ୍ତିମାନେ ଭଞ୍ଜଙ୍କ ବିଷୟରେ ବହୁବାର ନିଜ ନିଜର ମତବ୍ୟକ୍ତ କରିବାର ସୁଯୋଗ ପାଇଛନ୍ତି । ଏତେଦିନ ଧରି ଉଭୟ ପକ୍ଷୀୟ ଏପରି ବଳିଷ୍ଠ ଆଲୋଚନା କେବଳ ଗୋଟିଏ କଥା ସୂଚାଇ ଦେଉଛି—ଭଞ୍ଜ-ସାହିତ୍ୟ ହିମାଚଳ ପରି ଭୀମକାନ୍ତ ଏବଂ ମହୋଦଧି ପରି ରୁଦ୍ରସୁନ୍ଦର । ସେଥିପାଇଁ ଏହାର ସୌନ୍ଦର୍ଯ୍ୟରେ କେହି କେହି ଆତ୍ମହରା ହୋଇଛନ୍ତି, କେହି କେହି ଅବା ଉର୍ମିଶିକାରେ ମ୍ରିୟମାଣ ହୋଇଉଠିଛନ୍ତି । ଏହା ଏପରି ଭାବରେ ଚାଲିବ ଯେତେ ଦିନ, 'ନରଦେହେ ଥିବ ଯାବତ ହୃଦୟ' । ତେବେ, ଭଞ୍ଜଙ୍କୁ କେତୋଟି ନିର୍ଦ୍ଦିଷ୍ଟ ଦିଗରୁ ଆଲୋଚନା କରାଯାଇଛି ଏବଂ କରାଯାଇ ପାରେ ମଧ୍ୟ; ଯଥା—ଚରିତ୍ର ଚିତ୍ରଣରେ ତାଙ୍କର ଦକ୍ଷତା, ଓଡ଼ିଆ ଭାଷାକୁ ଋଦ୍ଧିମନ୍ତ କରିବାରେ ତାଙ୍କର ଅବଦାନ, ଭାରତବର୍ଷର ଧର୍ମମତ ବିଖଣ୍ଡିତ-ଚିନ୍ତାରାଜ୍ୟକୁ ତାଙ୍କର ଇଙ୍ଗିତ ବା ଅବଦାନ, ବିଶ୍ୱ ମାନବସମାଜ ଲାଗି ତାଙ୍କର ସନ୍ଦେଶ ଇତ୍ୟାଦି । ଏ ସବୁ ଏହି ଆଲୋଚନାରେ ଯଥାସ୍ଥାନରେ ସନ୍ନିବେଶିତ କରାଯାଇଛି ।

# ରୀତିଯୁଗ ଓଡ଼ିଆ ସାହିତ୍ୟ

## ପ୍ରାକ୍-ରୀତିଯୁଗ ଓଡ଼ିଆ ସାହିତ୍ୟ—

ଓଡ଼ିଆ ଭାଷାର ସାହିତ୍ୟିକ ବିକାଶ ପ୍ରାୟ ଏକ ସହସ୍ର ବର୍ଷ ତଳୁ ଘଟିଥିଲେହେଁ, ପଞ୍ଚଦଶ ଶତାବ୍ଦୀର ମଧ୍ୟଭାଗରୁ ହିଁ ଯଥାର୍ଥ ଓ ବଳିଷ୍ଠ ଓଡ଼ିଆ ସାହିତ୍ୟର ଧାରାବାହିକ ଅଗ୍ରଗତି ସାଧାରଣରେ ଆଲୋଚିତ ହୋଇଥାଏ । ପ୍ରଥମ ମହାକବି-ରୂପେ ସାରଳା ଦାସ ହିଁ ଏ ଜାତିର ଚିରସ୍ମରଣୀୟ, ଏ ଜାତୀୟ ସାହିତ୍ୟରେ ଚିର ନମସ୍କରଣୀୟ, ଉତ୍କଳର ଜାତୀୟ ଜୀବନରେ ଅନୁସରଣୀୟ ଏବଂ ଗଣଧର୍ମୀ କବିମାନଙ୍କର ପରମ ଅନୁକରଣୀୟ । ଏ ପର୍ଯ୍ୟନ୍ତ ସାରଳା-ସାହିତ୍ୟର ପ୍ରଭାବ ପୁରପଲ୍ଲୀରେ ଅବ୍ୟାହତ ରହିଅଛି । ଯଦିଓ ଗତ ଦୁଇଶତ ବର୍ଷର ଶିକ୍ଷା ଦୀକ୍ଷା ଏବଂ ସଭ୍ୟତା-ସଂସ୍କୃତି ବିସ୍ତାରରେ ଓଡ଼ିଶାର ପ୍ରଭୂତ ଅଗ୍ରଗତି ବା ବିବର୍ତ୍ତନ ଘଟିଅଛି, ତଥାପି ପ୍ରାଚୀନ ସାହିତ୍ୟର ଧାରା ତାହାର ପୁଷ୍କଳ ପ୍ଲାବନରେ ଦେଶବାସୀଙ୍କୁ ରସସିକ୍ତ କରି ପାରିଅଛି । ତେବେ, ଗତ ୨୦-୨୫ ବର୍ଷ ମଧ୍ୟରେ ପ୍ରାଚୀନ ସାହିତ୍ୟର ଚର୍ଚ୍ଚା କରିବା ମୁଷ୍ଟିମେୟ 'ଜୟନ୍ତୀ ପରିପାଳକ'ଙ୍କର ଏକ ସାମୟିକ ବିଳାସ ରୂପେ ହିଁ ପ୍ରତିଭାତ ହେଉଅଛି ।

ସ୍ୱାଭାବିକ ଭାବରେ ଦେଶ-ବିଦେଶରେ ବନପ୍ରାନ୍ତର (**Natural Vegetation**) ଉଦ୍ଭବ ପରି, ସାରଳା-ସାହିତ୍ୟ ଉନ୍ମେଷିତ ଓ ବିକଶିତ ହୋଇଥିଲା । ଭକ୍ତ ସାଧକ-ସୁଲଭ ସ୍ପନ୍ଦନଶୀଳ ହୃଦୟର ଅସରନ୍ତି ଉତ୍ସ ହିଁ ସେତେବେଳେ ଥିଲା ସାହିତ୍ୟ ସର୍ଜନର ଶ୍ରେଷ୍ଠ ସମ୍ବଳ । ସାରସ୍ୱତ ସେବା କ୍ଷେତ୍ରରେ ଜଣେ ଜଣେ ମହାକବି ଯେଉଁ ବିସ୍ମୟକର ଅବଦାନରେ ସମଗ୍ର ଦେଶକୁ ଉଦ୍ଭାସିତ କରି ପାରିଛନ୍ତି, ତାହା କେବଳ ଅପରିସୀମ ଭକ୍ତିମତ୍ତା, ନିଷ୍ଠା ଏବଂ ଦେଶୈକପ୍ରାଣତାର ଅଦମ୍ୟ ପରିପ୍ରକାଶ ଫଳରେ ସମ୍ଭବପର ହୋଇ ପାରିଥିଲା । ବିଶେଷତଃ,

କୌଣସି ଭାଷାର ସାହିତ୍ୟ ସୁପ୍ରତିଷ୍ଠିତ ହୋଇଯିବା ପରେ ଯେଉଁମାନେ କେବଳ ତାହାର ଅଭିବୃଦ୍ଧି ସାଧନ କରିବାକୁ ତତ୍ପର ବା କୃତକାର୍ଯ୍ୟ ହୋଇଥାଆନ୍ତି, ସେମାନଙ୍କ କଥା ସ୍ୱତନ୍ତ୍ର, କାରଣ, ସେମାନେ ପ୍ରାଥମିକ ଅବସ୍ଥାରେ ମାର୍ଗହୀନ ହୋଇ ନ ଥାନ୍ତି । କିନ୍ତୁ ସାରଳା ଦାସ ସାହିତ୍ୟ କ୍ଷେତ୍ରରେ ମାର୍ଗ ଆବିଷ୍କାରକ ହୋଇ ମଧ୍ୟ ପରବର୍ତ୍ତୀ ସାଧକମାନଙ୍କ ପାଇଁ ପ୍ରଶସ୍ତ ମାର୍ଗ ନିର୍ମାଣ କରି ପାରିଛନ୍ତି ।

ମହାକବି ଓ ମହାସାଧକ ସାରଳାଙ୍କର ଲେଖନୀରୁ ମହାଭାରତ ପ୍ରଭୃତି ଗ୍ରନ୍ଥ ନିଃସୃତ ହେବା ପରେ, ଓଡ଼ିଆ ପୁଅ ଶ୍ରୀ ଚୈତନ୍ୟ ଖ୍ରୀ: ୧୫୧୦ରେ ଜନ୍ମଭୂମି ଉତ୍କଳରେ ପଦାର୍ପଣ କରି, ବୈଷ୍ଣବଧର୍ମ ତତ୍ତ୍ୱରେ ଏ ଦେଶର ଜାତୀୟ ଜୀବନକୁ ପ୍ଲାବିତ କରି ଦେଇଥିଲେ । ନିଦାଘ ଶେଷରେ ବର୍ଷାକାଳ ଆବିର୍ଭୂତ ହେଲେ ରୁକ୍ଷ ଧରଣୀର ବକ୍ଷ କ୍ରମେ ଭିନ୍ନରୂପ ଧାରଣ କରେ—ଶୈଳର ଅଙ୍ଗରୁ ନିର୍ଝର ନିର୍ଗତ ହୁଏ; ହରିତଶ୍ରୀ ପର୍ବତମାଳା ନୂତନ ମନୋରମ ବଲ୍ଲରୀ-ପଲ୍ଲବରେ ଉଲ୍ଲସିତ ହୋଇ, ଶୋଭା ବିପଣୀର ଭ୍ରାନ୍ତି ସୃଷ୍ଟି କରେ; ଧରଣୀରାଣୀ ବର୍ଷାର ବୈଭବରେ ଅଳକାର ଭଗିନୀ ପରି ପ୍ରତିଭାତ ହୁଅନ୍ତି । ସେତେବେଳେ ଭାବୁକ ମନରେ ଯେଉଁ ଅଭିନବ ଅନୁଭୂତି ଜାତ ହୁଏ, ତାହା ରୂପାୟିତ ହୋଇଛି ମହାକବି କାଳିଦାସଙ୍କ ଭାଷାରେ—

"ମେଘାଲୋକେ ଭବତି ସୁଖିନୋଽପ୍ୟନ୍ୟଥା ବୃତ୍ତିଚେତଃ
କଣ୍ଠାଶ୍ଳେଷ—ପ୍ରଣୟିନି ଜନେ କିଂ ପୁନର୍ଦୂରସଂସ୍ଥେ ।"

ଓଡ଼ିଶାର ସାହିତ୍ୟ-କ୍ଷେତ୍ର ପ୍ରତି ଏହି ଦୃଷ୍ଟାନ୍ତ ବିଶେଷ ଭାବେ ପ୍ରଯୁଜ୍ୟ ।

ବୀର, ଦୃପ୍ତ ଓଡ଼ିଆ ଜାତି ଥିଲା ବଳିଷ୍ଠ;—କରୁଥିଲା ଦେଶ ସଂଗଠନ କରୁଥିଲା ସମର ମାଧ୍ୟମରେ ଜାତୀୟ ଗୌରବର ପ୍ରତିଷ୍ଠାପନ,—କରୁଥିଲା, ଗଗନଚୁମ୍ବୀ ମନ୍ଦିରମାଳାର ବିସ୍ମୟକର ପରିକଳ୍ପନା, କରୁଥିଲା ଧର୍ମ ଓ ସମାଜ-ଦର୍ଶନ କ୍ଷେତ୍ରରେ ବରେଣ୍ୟ ସହାବସ୍ଥାନ ଓ ସମନ୍ୱୟ ନୀତିର ଆଦର୍ଶ ସ୍ଥାପନ । କିନ୍ତୁ ୧୫୬୮ ଖ୍ରୀଷ୍ଟାବ୍ଦ ଠାରୁ ( ଭଞ୍ଜଙ୍କର ଶତାଧିକ ବର୍ଷ ପୂର୍ବରୁ ) ଓଡ଼ିଶାର ଭାଗ୍ୟ-ଗଗନରେ ଅକାଳ ଜଳଦ ହେଲା ଆବିର୍ଭୂତ । ବିଧାତାର ଅଲଂଘ୍ୟ ନିୟମରେ ଏ ଜାତି ହେଲା ଖଣ୍ଡିତ ଓ ଦଣ୍ଡିତ, ସନ୍ତ୍ରସ୍ତ ଓ ବିପର୍ଯ୍ୟସ୍ତ । ଏହାର ସ୍ୱାଧୀନତା ବିଲୁପ୍ତ ହେଲା—ସମର କୌଶଳ ବିସ୍ମୃତ ହେଲା—ପାଇକପୁଅର ସଗର୍ବ ହୁଂକାର ଅନ୍ତଃପୁରର ସପ୍ରେମ 'ଟୁଂକାର'ରେ ପର୍ଯ୍ୟବସିତ ହେଲା । ଆଉ ଯାହା

ଘଟିଲା, ଏ ଦେଶରେ ଏକ ସରସ ସଂସ୍କୃତ କବିତାର ଅବଲମ୍ବନରେ ଏଠାରେ ହୁଏ ତ କୁହାଯାଇପାରେ— (ଭାଗ୍ୟଲକ୍ଷ୍ମୀଙ୍କ ଦାନପଞ୍ଚକ)

"ଯାବଦେବ କମଳା ଦୟାନ୍ୱିତା
ତାବଦେବ ଭବନଂ ବଧୂଃ ସୁଖମ୍
ପୌରୁଷାନ୍ୱିତ ତନୁର୍ଜନାଦରୋ
ନାସ୍ତିଚେତ୍ତୁ ପ୍ରଥମବର୍ଣ୍ଣ ବର୍ଜିତଃ ।"

## ଲକ୍ଷ୍ମୀଙ୍କ ପାଞ୍ଚଗୋଟି ଦାନରୁ ଅଦ୍ୟବର୍ଣ୍ଣ କଟିଗଲା –

ଭାଗ୍ୟଦେବୀ ଏ ଜାତିପ୍ରତି ଯେତେବେଳେ ଅନୁରକ୍ତ ଥିଲେ, ପ୍ରୀତି-ପ୍ରବଣ ହୋଇ ଏ ଦେଶକୁ ଯେତେବେଳେ ଦେଇଥିଲେ ପାଞ୍ଚୋଟି ସମ୍ପଦ—(୧) ଭବନ, (୨) ବଧୂ, (୩) ସୁଖ, (୪) ପୌରୁଷାନ୍ୱିତ ଦେହ ଓ (୫) ଜନାଦର । ମାତ୍ର ୧୫୬୮ରେ ଯେତେବେଳେ ସେହି ଅନୁରାଗ-ଦୃଷ୍ଟି ଫେରାଇ ନେଲେ, ସେତେବେଳେ ଯାହା ଯାହା ଦେଇଥିଲେ, ସେସବୁ ପୂରାପୂର ଫେରାଇ ନ ନେଇ କେବଳ ଶବ୍ଦଗୁଡ଼ିକର ପ୍ରଥମ ଅକ୍ଷରଟିମାନ କାଟି ନେଇଗଲେ । ଫଳରେ ଏ ଜାତି 'ଭବନ' ବା ଗୃହ ( ପୁରୀ, କୋଣାର୍କ, ଲିଙ୍ଗରାଜ ମନ୍ଦିର ପରି ତୁଙ୍ଗ ମନ୍ଦିରମାଳା ) ଭାଗ୍ୟ ବିପର୍ଯ୍ୟୟ ଫଳରେ ହରାଇଲା ଆଦ୍ୟ ଅକ୍ଷର 'ଭ'—ରହିଲା 'ବନ'(ବଣ) ଅର୍ଥାତ୍, ପୌଧବିକାସୀ ଓଡ଼ିଆ ପକ୍ଷରେ ହେଲା, "ଯଥାରଣ୍ୟଂ ତଥା ଗୃହଂ" । ବନବାସୀଙ୍କ ପରି ପତ୍ରପଲ୍ଲବ କୁଟିର ହିଁ ହେଲା ତାହାର ଆଶ୍ରୟସ୍ଥଳ । ଏ ଜାତି ପାଇଥିଲା ବଧୂ ବା ସଙ୍ଗୀତରଙ୍ଗିଣୀ ଓ ସମରବିଳାସିନୀ ନାରୀମାନଙ୍କୁ ମାତାରୂପରେ, ଦୁହିତାରୂପରେ, ଭଗିନୀରୂପରେ; କିନ୍ତୁ ଭାଗ୍ୟ-ଲକ୍ଷ୍ମୀ ପ୍ରଥମ ବର୍ଣ୍ଣ କାଟି ନେଇଯିବା ପରେ, କେବଳ ରହିଲା ଧୂଃ = ଅଗ୍ନି । ଖାଲି ପେଟର ପ୍ରଚଣ୍ଡ ଅଗ୍ନି ଯେପରି କି 'ଧୂ ଧୂ' ହୋଇ ତାକୁ ଜାଳିପୋଡ଼ି ଦେଲା । ଜାତି ପାଇଥିଲା—'ସୁଖ', ତ୍ରିବିଧ ସୁଖ—କିନ୍ତୁ କଟିଗଲା "ସୁ" । ରହିଲା କେବଳ "ଖ" = ଆକାଶ = ଶୂନ୍ୟ, ଶୂନ୍ୟ, ମହାଶୂନ୍ୟ । ବିପତ୍ତି ବେଳରେ 'ଆହା' କହିବାକୁ ତାର କେହି ରହିଲା ନାହିଁ । ଜାତି ପାଇଥିଲା—ପୌରୁଷାନ୍ୱିତ ତନୁ—ଗୃହି ଖୁଣ୍ଟିଆଙ୍କ ଭଳି ପୌରୁଷ ଶକ୍ତି ଶୋଭିତ ପୁରୁଷପୁଙ୍ଗବମାନେ ଏ ଦେଶରେ ଜନ୍ମୁଥିଲେ । କିନ୍ତୁ ପ୍ରଥମ ବର୍ଣ୍ଣ 'ପୌ' କଟିଯିବାରୁ ରହିଲା କେବଳ 'ରୁଷାନ୍ୱିତ ତନୁ' । କ୍ରୋଧୀଲୋକର ଶୀର୍ଣ୍ଣଶୀର୍ଣ୍ଣ ଦେହ ପରି, ଦୁର୍ବଳ ଦେହଧାରୀ ଲୋକେ ଉତ୍କଳମାତାଙ୍କର ଅଙ୍କମଣ୍ଡନ କଲେ । ଆଉ ଶେଷରେ, ଏ ଦେଶ ପାଇଥିଲା 'ଜନାଦର'—ଜନମାନଙ୍କର ଆଦର । ଖାରବେଳ, ନରସିଂହ,

ଅନଙ୍ଗ, କପିଳେନ୍ଦ୍ରଙ୍କ ଦେଶର, ପୁଣି, ଦେବ ଦେବ ଜଗନ୍ନାଥଙ୍କ ଭୂମିର ଭାଇ ଭଉଣୀ ଓ ପୁଅ ଝିଅମାନେ ଭାରତରେ କାହାର ଅବା ଶ୍ରଦ୍ଧାସମ୍ମାନର ଭାଜନ ନ ଥିଲେ ! କିନ୍ତୁ, ଭାଗ୍ୟଲକ୍ଷ୍ମୀ ପ୍ରଥମ ବର୍ଣ୍ଣ 'ଜ' ଅକ୍ଷରଟିକୁ କାଟି ନେଇଯିବା ପରେ, ଜାତି ପାଇଲା "ନାଦର" = ନ + ଆଦର । ଆଉ କେହି ପୂର୍ବପରି ତାକୁ ଆଦର କଲେ ନାହିଁ ! ବାସ୍ତବରେ, "କାଳସ୍ୟ କୁଟିଳା ଗତିଃ" । ଶକ୍ତ ଓଡ଼ିଆ ଜାତି ଯେପରି କି ଏକ ରିକ୍ତ ଜାତିରେ ପରିଣତ ହୋଇଗଲା !

ଯଦି "ଶୁଷ୍କଂ କାଷ୍ଠଂ ପତତ୍ୟଗ୍ରେ" କବିତା ନୁହେଁ, ଯଦି "ନୀରସ ତରୁବର ପୁରତୋ ଭାତି" କବିତା ରୂପେ ସର୍ବଥା ଗଣ୍ୟ ଓ ଗ୍ରାହ୍ୟ, ତେବେ ଭାଗ୍ୟଦେବୀଙ୍କର ଅନୁଗ୍ରହ-ନିଗ୍ରହ ଗର୍ଭିତ ଯେଉଁ କବିତାର ସାରକଥା ଉପରେ ଉଲ୍ଲେଖ କରାଯାଇଛି, ତାହା ହିଁ ଖାଣ୍ଟି କବିତାରେ ଏକ ବଳିଷ୍ଠ ଦୃଷ୍ଟାନ୍ତ ନୁହେଁ, ଖାଲି ଉପ-ସ୍ଥାନୀୟ ନୁହେଁ, ଉପଭୋଗ୍ୟ ମଧ୍ୟ ।

ଏ ସ୍ଥଳରେ ସ୍ୱାଧୀନ ଭାରତର ନାଗରିକମାନଙ୍କ ଦୃଷ୍ଟିରୁ ଏ କଥା କୁହା-ଯାଇପାରେ ଯେ, ବିଦେଶୀ ଶାସନ କାଳରେ ରଚିତ ଏହି ଶ୍ଳୋକ ରଚୟିତାଙ୍କର କେବଳ ପ୍ରତିଭା ଓ ବିଦଗ୍ଧତାର ପରିଚୟ ଦିଏ ନାହିଁ, ସମସାମୟିକ ପରିସ୍ଥିତି ଦୃଷ୍ଟେ ସ୍ୱଦେଶବାତ୍ସଲ୍ୟର ମଧ୍ୟ ପ୍ରମାଣ ପ୍ରଦାନ କରେ । ଆଜି କିନ୍ତୁ ଆଉ ସେ ଦିନ ନାହିଁ । ଆଜିର କବି ଓ ଲେଖକ ସ୍ୱାଧୀନ ଦେଶର ନାଗରିକ ରୂପେ ତାର ଜାତୀୟ ସାହିତ୍ୟ-ମନ୍ଦିର ନିର୍ମାଣ କରିବାକୁ ବ୍ୟଗ୍ର ।

## ମଧ୍ୟଯୁଗ ଓଡ଼ିଆ ସାହିତ୍ୟ ରୀତି-ସର୍ବସ୍ୱ ନୁହେଁ—

ଭକ୍ତିଯୁଗ ସାହିତ୍ୟର ଉନ୍ମେଷ ପୂର୍ବରୁ ବୈଷ୍ଣବ ତତ୍ତ୍ୱ-ପ୍ରଖ୍ୟାପନ ମୂଳକ ନାନା ଗ୍ରନ୍ଥ ରଚିତ ଓ ପ୍ରଚାରିତ ହୋଇଥିଲା । ଚୈତନ୍ୟ ଦେବଙ୍କ ସମସାମୟିକ ବିଖ୍ୟାତ ପଞ୍ଚସଖା ପ୍ରକୃତରେ ଶ୍ରୀ ଚୈତନ୍ୟରୂପୀ ଗୁରୁ-କୃଷ୍ଣଙ୍କୁ ଆଶ୍ରୟ କରି "ପଞ୍ଚଶାଖା" ପ୍ରବର୍ତ୍ତନ କରିଥିଲେ । ଅନ୍ୟ ଭାବରେ କହିଲେ, ବଳରାମ ଦାସ, ଅଚ୍ୟୁତାନନ୍ଦ ଦାସ, ପ୍ରମୁଖ କବିମାନେ ଚୈତନ୍ୟଙ୍କ 'ସଖା' ଥିଲେ ହେଁ ଏକ ନିର୍ଦ୍ଦିଷ୍ଟ ଧର୍ମମତ ପ୍ରଚାର ନ କରି, ପରମ୍ପରଠାରୁ ଭିନ୍ନ ଧର୍ମମତର ବ୍ୟାଖ୍ୟାନ ଓ ପ୍ରଚାର କରି ଯାଇଥିଲେ । ଯେତେବେଳେ ବିବିଧ ସାମାଜିକ, ରାଜନୈତିକ ଓ ସାହିତ୍ୟିକ କାରଣ ହେତୁ ଭକ୍ତିଯୁଗ ସ୍ପଷ୍ଟରୁ ସ୍ପଷ୍ଟତର ହୋଇଉଠିଲା, ସେତେବେଳେ ଆଲଙ୍କାରିକ ବଳିଷ୍ଠତା ହିଁ ଲେଖକମାନଙ୍କର ସଶ୍ରଦ୍ଧ ଦୃଷ୍ଟି ଆକର୍ଷଣ କରି ଧୀରେ ଧୀରେ ସେମାନଙ୍କ ରଚନାରେ ନିଜର ଦୃଢ଼ ଆସନ ପ୍ରତିଷ୍ଠା କରି ବସିଲା । ଫଳରେ, ଗ୍ରୀଷ୍ମକାଳର ଧରଣୀ ଓ ବର୍ଷାକାଳର ଧରଣୀ, ଉପାଦାନିକ

ବସ୍ତୁରରେ ପ୍ରାୟଶଃ ସମାନ ହେଲେ ହେଁ, ଉପସ୍ଥାପକ ଆଲୋକରେ ନିଜ ନିଜର ସ୍ୱତନ୍ତ୍ରତା ପ୍ରକାଶ କଲା ପରେ, ଜୀବନକଳ୍ପନାସାପୂର୍ଣ୍ଣ ବୈଷ୍ଣବ ଓ ପୁରାଣ-ସାହିତ୍ୟର ତତ୍ତ୍ୱ ଭିତ୍ତି ଉପରେ ହିଁ ରୀତିଯୁଗର ବୈଦଗ୍ଧ୍ୟଧାରା ପ୍ରକଟିତ ହୋଇ, କାବ୍ୟ-ରସିକ ଓ କାବ୍ୟ-ଭାବୁକମାନଙ୍କର ବହୁର ସରଣୀରେ ଦଣ୍ଡାୟମାନ ହେଲା । ଅନ୍ୟ ଭାବରେ କହିଲେ, ପ୍ରାକ୍-ରୀତିଯୁଗ (ଓଡ଼ିଆ) ସାହିତ୍ୟର ତାତ୍ତ୍ୱିକ ଦୃଷ୍ଟିକୋଣ ପରିତ୍ୟାଗ ନ କରି ଓ ଅଧିକତର ଭାବରେ ରୀତି-ଶ୍ରୀ-ଶୋଭିତ ହୋଇ, 'ମଧ୍ୟଯୁଗ ଓଡ଼ିଆ ସାହିତ୍ୟ' ମନଲୋଭା ହୋଇଉଠିଲା । ଏହି ବଶିଷ୍ଟ ତଥ୍ୟ ପ୍ରତି ସଚେତନ ରହି, ଏଠାରେ ବୁଝାଇଦେବା ଦରକାର ପଡ଼ୁଛି ଯେ, ମଧ୍ୟଯୁଗର ଓଡ଼ିଆ ସାହିତ୍ୟ (୧) ( ଯାହାକୁ କି ଆଜିକାଲିର ଆଲୋଚକମାନେ "ରୀତି-ଯୁଗ-ସାହିତ୍ୟ" ବୋଲି କହନ୍ତି ) **"ରୀତି-ସର୍ବସ୍ୱ ନୁହେ"**—"ରୀତି-ରଞ୍ଜିତ" ମାତ୍ର ।

## ମଧ୍ୟଯୁଗ ସାହିତ୍ୟର ଅନାଦରରୁ ମନ୍ଦ ଧାରଣା—

"ରୀତିଯୁଗର ରଚନାମାନଙ୍କରେ କେବଳ ବଶିଷ୍ଟ ପଦ ସଙ୍ଘଟନା ଦେଖିବାକୁ ମିଳେ, ତହିଁରେ ଜୀବନର ପ୍ରତିଚ୍ଛବି ନାହିଁ କି ଜୀବନ-ଦର୍ଶନ ନାହିଁ"— ଏ ଭଳି ଧାରଣା ଆମ୍ଭେମାନେ ସାଧାରଣତଃ ପୋଷଣ କରିଥାଉ । ପ୍ରାଚୀନ ସାହିତ୍ୟର ସମୁଚିତ ଆଲୋଚନାର ଅଭାବ, ନିଷ୍ଠାର ସହିତ ତନ୍ମଧ୍ୟରୁ ତଥ୍ୟ ସଂଗ୍ରହ କରିବାର ଅସାମର୍ଥ୍ୟ ଏବଂ ଗତାନୁଗତିକ କେତେଗୋଟି ଶସ୍ତା ମତ ପ୍ରକାଶ କରି, ଦରକାର ବେଳେ, ସାହିତ୍ୟିକ ଦାୟିତ୍ୱ ନିର୍ବାହ କରିବାର ଅପଚେଷ୍ଟା ଫଳରେ ଏ ଭଳି ଧାରଣା ଆଜି ଶିକ୍ଷାଦୀକ୍ଷାର ଉଚ୍ଚତମ ସ୍ତରରୁ ଜାନପଦ ଶ୍ରୋତୃ-ମଣ୍ଡଳୀ ପର୍ଯ୍ୟନ୍ତ ବ୍ୟାପିଯାଇଛି । ସେଥିପାଇଁ, ମଧ୍ୟଯୁଗ ସାହିତ୍ୟ ପ୍ରତି ବିମୁଖତା ଓ ବିରକ୍ତି ହିଁ ତରୁଣ ଲେଖକମାନଙ୍କର ଏକ ଅଭିମୁଖ୍ୟରେ ପରିଣତ ହୋଇଯାଇଛି ! କି ଦାରୁଣ ବିଧି-ବିଡ଼ମ୍ବନା ! ସବୁଠାରୁ ବିସ୍ମୟର କଥା— ଓଡ଼ିଶାରେ ସର୍ବତ୍ର ପାଳିତ ଭଞ୍ଜ-ଜୟନ୍ତୀ ଉତ୍ସବମାନଙ୍କରେ ଭାଷଣ ଦେବାକୁ ଯାଇ ଅନେକ ବିଶିଷ୍ଟ ପଣ୍ଡିତ ଯେଉଁସବୁ ମତ ବ୍ୟକ୍ତ କରିଥାଆନ୍ତି, ବହୁ କ୍ଷେତ୍ରରେ ତାହା କେବଳ ଏତିକି ପ୍ରମାଣ କରେ ଯେ, ପ୍ରାଚୀନ ସାହିତ୍ୟର ପୃଷ୍ଠା ମଧ୍ୟ ନ ଓଲଟାଇ ସେମାନେ ବିଦ୍ୟାବାଗୀଶ ପରି କହିଥାଆନ୍ତି ।

(୧) "ମଧ୍ୟଯୁଗ ଓଡ଼ିଆ ସାହିତ୍ୟ" କହିଲେ ଏଠାରେ ପଞ୍ଚସଖା ପରବର୍ତ୍ତୀ ଯୁଗର ଓ ରାଧାନାଥଙ୍କ ପୂର୍ବବର୍ତ୍ତୀ ଯୁଗର ରଚନାମାନଙ୍କୁ ମୂଳତଃ ବୁଝିବାକୁ ହେବ । ତା ନ ହେଲେ, ଭାରତୀୟ ସାହିତ୍ୟରେ ଯାହା ମଧ୍ୟଯୁଗ, ସେ ଅର୍ଥରେ ଏ ଭଳି ସୀମା-ସଂସ୍ଥାନ ଭ୍ରମପୂର୍ଣ୍ଣ ହୋଇଯିବ ।

## 'ରୀତିଯୁଗ'-ସାହିତ୍ୟରେ ନୀତି ଓ ଆଦର୍ଶ ଯଥେଷ୍ଟ ଅଛି—

ପ୍ରକୃତ କଥା ହେଉଛି—ଆଗରୁ ଓଡ଼ିଆ ପୁରାଣ-ସାହିତ୍ୟରେ ଏବଂ ବୈଷ୍ଣବ ତତ୍ତ୍ୱମୂଳକ ସାହିତ୍ୟରେ ଯେଉଁ ଧର୍ମସ୍ଥ ଜୀବନ-ଦର୍ଶନ ପ୍ରକାଶ ପାଇଥିଲା, ତାହା ହିଁ ରୀତିଯୁଗରେ, କମନୀୟ ଆଳଙ୍କାରିକ ଭଙ୍ଗୀରେ, ମନୋହର ଛନ୍ଦ ବନ୍ଧନରେ ପ୍ରକାଶଲାଭ କଲା । ଉପେନ୍ଦ୍ର ଭଞ୍ଜ କିମ୍ବା ତାଙ୍କ ପୂର୍ବବର୍ତ୍ତୀ ରୀତି-ମାର୍ଗର ଅନୁସରଣକାରୀ କବିମାନେ ସଂଯତ ଜୀବନର ପ୍ରଶସ୍ତ ରାଜପଥରୁ କୌଣସିଠାରେ ବିଚ୍ୟୁତ ହୋଇ ନାହାନ୍ତି । ସେମାନଙ୍କର ଲକ୍ଷ୍ୟ ଥିଲା, ଜୀବନକୁ ସରସ ଓ ସୁନ୍ଦର କରିବା ପାଇଁ କାବ୍ୟପୁରୁଷ ଏବଂ କବିତା-ସୁନ୍ଦରୀଙ୍କୁ ସୃଷ୍ଟି କରିବା । ନରନାରୀଙ୍କର ପଞ୍ଚଭୂତ ଗଠିତ ଶରୀରରେ ଏକାନ୍ତ ପ୍ରକାଶଯୋଗ୍ୟ ତଥ୍ୟ ଅତ୍ୟନ୍ତ ଗୋପନୀୟ ଅଙ୍ଗପ୍ରତ୍ୟଙ୍ଗ ଥିଲା ପରି, କାବ୍ୟ-ପୁରୁଷ ଓ କବିତା-ସୁନ୍ଦରୀଙ୍କର ନବରସ ଗଠିତ କଳେବରରେ ରସିକ କବିମାନେ ସେହିପରି ( ପ୍ରକାଶ୍ୟ ଭାବରେ ଉପଭୋଗ୍ୟ ଓ ଗୋପନୀୟ ଭାବରେ ଅନୁଭବ୍ୟ ) ଅଂଶମାନ ସମାବେଶିତ କରି ଯାଇଛନ୍ତି । ରୀତି ରଞ୍ଜିତ ରଚନାର ଆଦର୍ଶ ଯେତେବେଳେ ସାମାଜିକ ପରିପାର୍ଶ୍ୱରେ ଅଧିକରୁ ଅଧିକତର ଗୁରୁତ୍ୱପୂର୍ଣ୍ଣ ବୋଲି ଅନୁଭୂତ ହେଲା, ସେତେବେଳେ ହିଁ କବିତା-ରଚନାର ଶୈଳୀ, କ୍ରମେ ପୂର୍ବ ପରମ୍ପରା ଭଙ୍ଗ କରି, ଏହି ନୂତନ ଆଭିମୁଖ୍ୟର କଣ୍ଠଦେଶରେ ଜୟ ବରଣମାଳା ଲମ୍ବିତ କରି ଦେଲା । କିନ୍ତୁ କେବଳ ନିର୍ଜୀବ କାଷ୍ଠପୁତ୍ତଳିକା ସୃଷ୍ଟି କରିବାରେ ବିଶ୍ୱକର୍ମାଙ୍କ ଭଳି ଅଦ୍ଭୁତ ସିଦ୍ଧିସମ୍ପନ୍ନ କବିମାନଙ୍କର ଶିଳ୍ପକୌଶଳ ଓ ଶବ୍ଦସୌଷ୍ଠବ ପରିନିବଦ୍ଧ ହୋଇ ରହିଲା ନାହିଁ । ମାନବିକତାର ମହନୀୟ ନୀତି ବିକାଶ ହିଁ ରୀତି-ସାହିତ୍ୟ ପ୍ରବାହର ନିଦର୍ଶନ ରୂପେ ବିକଶିତ ଓ ପ୍ରତିଷ୍ଠିତ ଥିଲା । ତେଣୁ, "ରୀତିଯୁଗ ସାହିତ୍ୟ 'ରୀତିସର୍ବସ୍ୱ' ନୁହେଁ, ତାହା କେବଳ 'ରୀତିଶାସ୍ତ୍ର ସମ୍ମତ ବିଦଗ୍ଧତା, ଶବ୍ଦଭୂଷା ଓ ବିବିଧ ଶୈଳୀରେ ରଞ୍ଜିତ" ହୋଇ ସ୍ୱକୀୟତା ସଂରକ୍ଷଣ କରିଥିଲା ।

## ରୀତି ଚାତୁରୀ କାବ୍ୟ ମନ୍ଦିରର ବାହ୍ୟ କାରୁକାର୍ଯ୍ୟ ମାତ୍ର —

"ରୀତିଯୁଗ ସାହିତ୍ୟ" ସମଗ୍ର ଓଡ଼ିଆ ସାହିତ୍ୟର ଏକ ମହାସମ୍ପଦ ହୋଇ-ଥିବାରୁ ଏବଂ ଏହାର ଯଥାର୍ଥ ମୂଲ୍ୟ ବିକଳନା ଉପରେ ଜାତୀୟ ଗୌରବର ପ୍ରତିଷ୍ଠା ଅନେକାଂଶରେ ନିର୍ଭର କରୁଥିବା ହେତୁ ଏଠାରେ ଆଉଥରେ ଟିକିଏ ସ୍ପଷ୍ଟ ଭାବରେ ତାହାର ବୈଶିଷ୍ଟ୍ୟ ଫୁଟାଇଦେବା ଆବଶ୍ୟକ ମନେହୁଏ । ରୀତିଯୁଗର କବିମାନେ ଜନମନ ଆକର୍ଷଣ କରିବା ପାଇଁ ବିବିଧ ଶାବ୍ଦିକ

କାରୁକାର୍ଯ୍ୟରେ ନିଜ ନିଜର କାବ୍ୟରୂପୀ ଭାରତୀ-ମନ୍ଦିରର ଗାତ୍ରମଣ୍ଡନ କରି ଯାଇଅଛନ୍ତି । କିନ୍ତୁ ଏହାଦ୍ୱାରା ବୁଝିବା ଉଚିତ ନୁହେଁ ଯେ, କାବ୍ୟ-କବିତାର ମୌଳିକ ଓ ମହତ୍ତ୍ୱପୂର୍ଣ୍ଣ ଲକ୍ଷ୍ୟବୋଧ ସେମାନଙ୍କର ନ ଥିଲା । ପୁରୀ ଓ କୋଣାର୍କ ମନ୍ଦିରର ଯେଉଁମାନେ ନିର୍ମାତା, ସେମାନଙ୍କର ମନ୍ଦିର ନିର୍ମାଣରେ 'ଇଞ୍ଜିନିଅରିଂ-ଦକ୍ଷତା' ଯେ ଅସୀମ ଥିଲା, ଏହା କହିବା ଏକାନ୍ତ ଅନାବଶ୍ୟକ । ପୁଣି ଅପୂର୍ବ ବୈଜ୍ଞାନିକ ଚିନ୍ତା ଓ ଦକ୍ଷତା ବଳରେ ଏ ଯେଉଁସବୁ ଉଚ୍ଚ ଉଚ୍ଚ ମନ୍ଦିରମାଳା ନିର୍ମିତ, ସେଗୁଡ଼ିକର ମନୋହାରିତା, ମାଦକତା ଓ ମହତ୍ତ୍ୱ ବଢ଼ାଇବା ପାଇଁ ବିସ୍ମୟକର କାରୁକାର୍ଯ୍ୟ ଦ୍ୱାରା ଆମୂଳଚୂଳ ସେମାନଙ୍କର ବାହ୍ୟ ଅଂଶମାନଙ୍କୁ ବିମଣ୍ଡିତ କରାଗଲା । ଏହା ମାନବର ଏକ ସାଧାରଣ ପ୍ରବୃତ୍ତି ଯେ, ସୁନ୍ଦର ସନ୍ତାନଟିଏ ଜାତ ହେଲେ ପିତାମାତା ତାହା ପାଇଁ ନାନା ରଙ୍ଗ-ବେରଙ୍ଗର ପୋଷାକ ପରିଚ୍ଛଦର ବ୍ୟବସ୍ଥା କରନ୍ତି, ଯାହା ଫଳରେ ସ୍ୱଭାବ-ସୁନ୍ଦର ଶିଶୁ ଅଧିକତର ସୁନ୍ଦର ଓ ନୟନ ମନୋରମ ହୋଇଉଠେ । ଏହି-ସବୁ ପୋଷାକ ପରିଚ୍ଛଦରେ ମଣ୍ଡିତ ହୋଇଥିବା ସ୍ୱଭାବ-ସୁନ୍ଦର ଶିଶୁକୁ ଅସୁନ୍ଦର କହିବା ଦୃଷ୍ଟିଦୋଷର ପରିଚୟସୂଚକ ମାତ୍ର । ଠିକ୍ ସେହିପରି, ରୀତିଯୁଗର କବିମାନେ ନିଜ ନିଜର କାବ୍ୟ କବିତାରୂପୀ ସ୍ୱଭାବସୁନ୍ଦର ସନ୍ତାନମାନଙ୍କୁ ( ଅର୍ଥାତ୍ ସ୍ୱଭାବତଃ ଉଚ୍ଚସାହିତ୍ୟିକ ଗୁଣବତ୍ତାପୂର୍ଣ୍ଣ ରଚନାକୁ ) ବିବିଧ ବର୍ଣ୍ଣ-ଚାତୁରୀ, ଛନ୍ଦ ମାଧୁରୀ, ଶବ୍ଦଚାତୁରୀ, ଅଳଙ୍କାର ଝଂକୃତି ଓ ବର୍ଣ୍ଣନା-ନୈପୁଣ୍ୟ-ପୂର୍ଣ୍ଣ ବାହ୍ୟବସ୍ତ୍ର-ପୋଷାକ-ପରିଚ୍ଛଦରେ ବିମଣ୍ଡିତ କରି ଯାଇଅଛନ୍ତି । କିନ୍ତୁ କାବ୍ୟ କବିତାର ବାସ୍ତବ ପ୍ରାଣପୀଠ ବା ଜୀବନୀ ଶକ୍ତି ପ୍ରତି ଅନାଦର ଭାବ ପ୍ରଦର୍ଶନ କରି ନାହାନ୍ତି । ଏହା କେବେ ସମ୍ଭବପର ନୁହେଁ, ଅନ୍ତତଃ ମାନବର ସ୍ୱାଭାବିକ ପ୍ରବୃତ୍ତି ଦୃଷ୍ଟିରୁ । ସ୍ରଷ୍ଟା ସବୁବେଳେ ଚାହେଁ ତାର ସୃଷ୍ଟିକୁ ଅଧିକରୁ ଅଧିକ ସୁନ୍ଦର କରିବା ପାଇଁ । ଏହା ସବୁ ଯୁଗରେ ଓ ସବୁ ଦେଶରେ ଏକ ଚିରନ୍ତନ ସତ୍ୟରୂପେ ସ୍ୱୀକାର୍ଯ୍ୟ । ସୁତରାଂ, ରୀତିଯୁଗର କବିମାନଙ୍କଠାରେ ପ୍ରାଣ-ପ୍ରଚୁର ରସସାହିତ୍ୟକୁ ଅଧିକ ଆକର୍ଷଣୀୟ କରିବାର ପ୍ରବୃତ୍ତି ହିଁ ଲକ୍ଷ୍ୟ କରାଯିବାର କଥା ।

## ରୀତିର ଅର୍ଥ ଓ ପ୍ରକାର ଭେଦ :—

ଆଳଙ୍କାରିକ ବାମନ ତାଙ୍କର 'କାବ୍ୟାଳଙ୍କାର ସୂତ୍ର' ନାମକ ଅଳଙ୍କାର ଗ୍ରନ୍ଥରେ ରୀତିର ଅର୍ଥ ନିର୍ଦ୍ଦେଶ କରି ଲେଖିଛନ୍ତି—

"ବିଶିଷ୍ଟା ପଦ ସଙ୍ଘଟନା ରୀତିଃ ।"

ଅର୍ଥାତ୍‌ ବିଶିଷ୍ଟ ପଦ ରଚନାର ନାମ ହେଉଛି ରୀତି । ସେ ଏବଂ ତାଙ୍କର ଅନୁଗାମୀମାନେ ରୀତିକୁ କାବ୍ୟର ଆତ୍ମାରୂପେ ଗ୍ରହଣ କରି ରୀତି-ବାଦର ମୂଲ୍ୟ ଓ ମହତ୍ତ୍ୱ ବଢ଼ାଇ ଦେଇଛନ୍ତି । ଏହି 'ଆତ୍ମାର' ଧାରଣା ବୁଝିବାକୁ ହେଲେ ଦେହ ସଙ୍ଗେ କାବ୍ୟର ତୁଳନା କରିବାକୁ ହେବ । ସମସ୍ତ ପ୍ରକାରର କାବ୍ୟ ବା ସାହିତ୍ୟ ସୃଷ୍ଟି ହେଉଛି ଏକ ପଦ-ଯୋଜନାତ୍ମକ ପ୍ରକ୍ରିୟା । ଦେହର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗ ଯେତେବେଳେ ଆତ୍ମାଠାରୁ ବିଚ୍ଛିନ୍ନ ହୋଇଯାଏ, ସେତେବେଳେ ଜଡ଼ପିଣ୍ଡ ମାତ୍ର ରହେ ଏବଂ ତାକୁ ଶବ କୁହାଯାଏ । ଠିକ୍‌ ସେହିପରି, ବିଭିନ୍ନ ବର୍ଣ୍ଣଘଟିତ ପଦମାନଙ୍କୁ ଯେନ କେନ ପ୍ରକାରେଣ ଯୋଡ଼ି ଦେଲେ କାବ୍ୟ ବା ସାହିତ୍ୟର ଯେଉଁ ଦେହ ଗଠିତ ହୁଏ, ତାହାର ଅଧିଷ୍ଠିତ ଆତ୍ମା ଖୋଜି ବାହାର କରିବା ପାଇଁ ଆଲଙ୍କାରିକମାନେ ଉଦ୍ୟମ କରିଥିବାର ଦେଖାଯାଏ । ଏହି ପ୍ରସଙ୍ଗରେ ଆଚାର୍ଯ୍ୟ ବାମନଙ୍କ ମତ ହେଉଛି, ରୀତି ହିଁ କାବ୍ୟର ଆତ୍ମା । ଏଠାରେ କାବ୍ୟ ବୋଲନ୍ତେ କବିକର୍ମର ଯାବତୀୟ ପ୍ରକାର ଅଭିବ୍ୟକ୍ତି ବୋଲି ବୁଝିବାକୁ ହେବ । ପୁଣି ରୀତିର ଅର୍ଥ ବୁଝାଇବାକୁ ଯାଇ ସେ ବିଶିଷ୍ଟ ପଦ ସଂଗଠନା କଥା କହିଅଛନ୍ତି । ମନେ ରଖିବାକୁ ହେବ, ଏହି ମତବାଦାନୁସାରେ କାବ୍ୟରେ ଏ ଭଳି ଶବ୍ଦ ଓ ଏ ଭଳି ଅର୍ଥ ସମନ୍ୱିତ ହୋଇ ପ୍ରକାଶଲାଭ କରିବା ଦରକାର, ଯାହା ଫଳରେ ଶାବ୍ଦିକ ସୌନ୍ଦର୍ଯ୍ୟ ଓ ଅର୍ଥଗତ ଚମତ୍କାରିତାରେ କବିକୃତି ମଞ୍ଜୁଳ ହୋଇଉଠିବ ।

ପ୍ରସିଦ୍ଧ ଆଲଙ୍କାରିକ ଭୋଜରାଜ ରୀତି ଶବ୍ଦର ବ୍ୟୁତ୍ପତ୍ତି ନିର୍ଦ୍ଦେଶ କରି କହିଛନ୍ତି,—'ରୀ' ଧାତୁର ଅର୍ଥ ଗତି, ଗମନ, ଯିବା, ଯାହାର ମାର୍ଗ, ଯେଉଁବାଟେ ଯାଆନ୍ତି; ଅର୍ଥାତ୍‌ କବିମାନଙ୍କର କାବ୍ୟକୃତି ମଧ୍ୟରେ ଭାବପ୍ରକାଶମୂଳକ ଯେଉଁ ପନ୍ଥା, ଧାରା ବା ମାର୍ଗ ଲକ୍ଷିତ ହୁଏ, ତାହା ହିଁ ରୀତି । ଉଦାହରଣ ସ୍ୱରୂପ ଆଗରେ ପଡ଼ିଥିବା ଶୁଖିଲା କାଠକୁ ଦେଖି ଜଣେ କବି କହିଥିଲେ—

'ଶୁଷ୍କଂ କାଷ୍ଠଂ ତିଷ୍ଠତ୍ୟଗ୍ରେ ।'

ଅଥଚ, ଆଉ ଜଣେ କବି ( ବୋଧହୁଏ, କାଳିଦାସ ) ସେହି କାଠକୁ ଦେଖି କହିଥିଲେ—

'ନୀରସ ତରୁବର ପୁରତୋ ଭାତି ।'

ଏଠାରେ ଦୁଇ କବିଙ୍କର ପ୍ରକାଶ ଭଙ୍ଗୀ, ଭଙ୍ଗୀ, ଢଙ୍ଗ, ଧାରା, କୌଶଳ, ସରଣୀ ବା ପନ୍ଥା ସ୍ପଷ୍ଟ ବାରି ହୋଇପଡ଼େ ।

ପ୍ରାୟ ଦୁଇ ହଜାର ବର୍ଷ ତଳେ ଭରତ ମୁନି ଚ୍ଚାରି ପ୍ରକାର ପ୍ରବୃତ୍ତି ସମଗ୍ର ଭାରତରେ ଲକ୍ଷ୍ୟ କରିଥିଲେ । ସେଗୁଡ଼ିକ ହେଉଛି ଆବନ୍ତୀ, ଦାକ୍ଷିଣାତ୍ୟା, ପାଞ୍ଚାଳୀ ଏବଂ ଔଡ୍ର ମାଗଧୀ (୧) । ମଗଧ ସହିତ ଉତ୍କଳର ଘନିଷ୍ଠ ଭୌଗୋଳିକ ଏବଂ ସାଂସ୍କୃତିକ ସମ୍ପର୍କ ଶେଷୋକ୍ତ ନାମକରଣରୁ ସ୍ପଷ୍ଟ ପ୍ରତିଭାତ ହୁଏ ।

## ରୀତି ଏବଂ Style

ଆଜିର ଶିକ୍ଷିତ ସମାଜରେ ସାହିତ୍ୟିକ 'ରୀତି' ଶବ୍ଦ ଯେତିକି ସୁବିଦିତ ନୁହେଁ, ଇଂରାଜୀ Style ଶବ୍ଦ ତତୋଧିକ ସୁପ୍ରଚଳିତ । ଏ ସମ୍ପର୍କରେ ପ୍ରାଚ୍ୟ-ତତ୍ତ୍ୱବିଦ୍ ପଣ୍ଡିତମାନେ ସୁଦୀର୍ଘ ଆଲୋଚନାମାନ କରିଛନ୍ତି । ଏ ସ୍ଥଳରେ ସେଭଳି କେତେକ ପ୍ରାମାଣିକ ଆଲୋଚନାର ଅବତାରଣା କରାଯାଉଛି ମାତ୍ର ।

ସୁପ୍ରସିଦ୍ଧ ପଣ୍ଡିତ ଡକ୍ଟର ଏସ୍. କେ ଡେ଼ ମହୋଦୟ 'Sanskrit Poetics' ନାମକ ଗ୍ରନ୍ଥରେ ଲେଖିଛନ୍ତି :—

**"It should be observed that the term Riti is hardly equivalent to the English word Style, by which it is often rendered X X But at the same time, the Riti is not like the Style, the expression of poetic individuality as is generally understood by Western criticism, but it is merely the outward presentation of its beauty called-forth by a harmonicus combination of more or less fixed literary excellences".**

ସାରକଥା—ଇଂରାଜୀ ଶବ୍ଦ Style ଓ ସଂସ୍କୃତ ଅଳଙ୍କାର-ଶାସ୍ତ୍ରର ପରିଭାଷା, 'ରୀତି' ଏକାର୍ଥବାଚକ ନୁହନ୍ତି । ପାଶ୍ଚାତ୍ୟ ସାହିତ୍ୟରେ ଲେଖକର ବ୍ୟକ୍ତିତ୍ୱ ସଙ୍ଗେ Styleର ଅଚ୍ଛେଦ୍ୟ ସମ୍ପର୍କ ସୁପ୍ରତିଷ୍ଠିତ । କିନ୍ତୁ ରୀତି ବିଚାରରେ କେତେଗୁଡ଼ିଏ ନିର୍ଦ୍ଦିଷ୍ଟ କାବ୍ୟଶୋଭାବର୍ଦ୍ଧକ ଗୁଣ ବା ବିଶେଷତ୍ୱ ହିଁ ପ୍ରଧାନ ଆଲୋଚ୍ୟ ବିଷୟ ହୋଇଥାଏ ।

ଦୁଇଟି କାରଣରୁ ରୀତି ଓ Style ର ଅର୍ଥଗତ ସାମ୍ୟ ସ୍ୱୀକାର କରାଯାଇ ନ ପାରେ । ପ୍ରଥମ, ଯେ କୌଣସି ରଚନାର ସର୍ବବିଧ ବିଶେଷତ୍ୱ

(୧) ନାଟ୍ୟଶାସ୍ତ୍ର ଅ: ୧୩।୨୫ ଶ୍ଳୋକ ।

Styleର ଦୃଢ଼ ଭିତ୍ତି ଉପରେ ପ୍ରତିଷ୍ଠିତ । କିନ୍ତୁ ପ୍ରାଚ୍ୟ-ସାହିତ୍ୟର 'ରୀତି' କେବଳ କେତେଗୁଡ଼ିଏ କାବ୍ୟଗତ 'ଗୁଣ' ଉପରେ ପ୍ରତିଷ୍ଠିତ । ଦ୍ୱିତୀୟରେ, ପ୍ରାଚ୍ୟ ସାହିତ୍ୟରେ ପଣ୍ଡିତମାନେ ରୀତିର ଯେଉଁ ସଂଖ୍ୟା ନିର୍ଣ୍ଣୟ କରିଛନ୍ତି, ତାହା 'ଦୁଇ'ରୁ ନ୍ୟୂନ ନୁହେ କିମ୍ବା 'ଛ'ରୁ ଅଧିକ ନୁହେ । କିନ୍ତୁ ଇଂରାଜୀ ସାହିତ୍ୟରେ Styleର ସଂଖ୍ୟା ନିର୍ଦ୍ଦିଷ୍ଟ କରାଯାଇପାରେ ନାହିଁ, କାରଣ Style ହେଉଛି କବି ବା ଲେଖକର ସ୍ୱଭାବଜ କିମ୍ବା ସ୍ୱଭାବ ସଙ୍ଗେ ସଂଶ୍ଳିଷ୍ଟ । ସୁତରାଂ, ଯେତେ ସଂଖ୍ୟକ ଲେଖକ ଥାଇପାରନ୍ତି, ଷ୍ଟାଇଲର ସଂଖ୍ୟା ହୁଏତ ସେତେ ହୋଇପାରେ । ତେଣୁ, ପାଶ୍ଚାତ୍ୟ-ସାହିତ୍ୟ ସମାଲୋଚନାର 'ଷ୍ଟାଇଲ୍' 'ରୀତିର' ପ୍ରତିଶବ୍ଦରୂପେ ବ୍ୟବହୃତ ହେବା ଅସଙ୍ଗତ ।

କିନ୍ତୁ ଡକ୍ଟର ଭି. ରାଘବନ୍ ପ୍ରମୁଖ ପଣ୍ଡିତମାନେ ଅତି ଯୁକ୍ତିଯୁକ୍ତ ଭାବରେ ଡକ୍ଟର ଦେ'ଙ୍କର ମତର ଖଣ୍ଡନ କରିଛନ୍ତି । ସେମାନେ କହନ୍ତି, 'ରୀତି'ର ଇତିହାସ ବିଚାର କଲେ ଜଣାଯାଏ, ପ୍ରଥମ ଅବସ୍ଥାରେ 'ରୀତି'ର ଅର୍ଥ ଯାହା ଥିଲା, ତାହା ଯଥାର୍ଥରେ ଷ୍ଟାଇଲ୍‌ଠାରୁ ଭିନ୍ନ । ସେହି ଦୃଷ୍ଟିରୁ ବିଚାର କଲେ, ଦେ'ଙ୍କର ମତ ଗ୍ରାହ୍ୟ ହୋଇପାରେ; ମାତ୍ର ରୀତିର ଅର୍ଥ ବିଖ୍ୟାତ ଆଳଙ୍କାରିକ କୁନ୍ତକଙ୍କ ସମୟରୁ ପରିବର୍ତ୍ତିତ ଓ ପରିବର୍ଦ୍ଧିତ ହୋଇ ଯାଇଛି ।

ରୀତିର ଇତିହାସ ବିଚାର କଲେ, ତିନି ଗୋଟି ସ୍ତର ସ୍ପଷ୍ଟ ଭାବରେ ଲକ୍ଷ୍ୟ କରି ହେବ । ପ୍ରଥମେ ଦେଶର ନାମ ଅନୁସାରେ ସେହି ଅଞ୍ଚଳରେ ପ୍ରଚଳିତ ରଚନା ଭଙ୍ଗୀର ବିଶେଷତ୍ୱ ଅନୁସାରେ ରୀତିର ନାମକରଣ ହୋଇଥିଲା । ଆଦିମ ଅବସ୍ଥାରେ ବୈଦର୍ଭୀ ଓ ଗୌଡ଼ୀ, ଏ ଦୁଇଟି ରୀତି ହିଁ ସ୍ୱୀକୃତ ହୋଇଥିଲା । ଆଳଙ୍କାରିକ ଭାମହଙ୍କ ସମୟରେ କେହି କେହି ଗୌଡ଼ୀ ରୀତିର ସମାଲୋଚନା କରି, ତାହା ନିକୃଷ୍ଟ ବୋଲି ପ୍ରତିପାଦନ କରିଛନ୍ତି । ବାଣଭଟ୍ଟଙ୍କ ସମୟରେ ଭାରତର କେଉଁ କେଉଁ ଅଞ୍ଚଳର ରଚନା ଭଙ୍ଗୀର କି କି ବିଶେଷତ୍ୱ ଫୁଟି ଉଠୁଥିଲା, ତାହା ତାଙ୍କର ନିମ୍ନୋଦ୍ଧୃତ ଶ୍ଳୋକରୁ ଜଣାଯାଏ ।

ଶ୍ଳେଷ ପ୍ରାୟମୁଦୀଚ୍ୟେଷୁ ପ୍ରତୀଚ୍ୟେଷ୍ୱର୍ଥମାତ୍ରକମ୍ ।
ଉତ୍ପ୍ରେକ୍ଷା ଦାକ୍ଷିଣାତ୍ୟେଷୁ ଗୌଡ଼େଷ୍ୱକ୍ଷରଡମ୍ବରଃ ॥

(ହର୍ଷଚରିତ)

ଏଥିରୁ ଜଣାଯାଏ, ଉତ୍ତର-ଭାରତରେ ଶ୍ଳେଷର ପ୍ରାଧାନ୍ୟ, ପଶ୍ଚିମ-ଭାରତରେ କେବଳ ଅର୍ଥର ପ୍ରାଧାନ୍ୟ, ଦାକ୍ଷିଣାତ୍ୟରେ ଉତ୍ପ୍ରେକ୍ଷା ଅଳଙ୍କାରର ଓ ପ୍ରାଚ୍ୟ ଅଞ୍ଚଳରେ, ଅକ୍ଷର-ଆଡ଼ମ୍ବରର ପ୍ରାଧାନ୍ୟ ପରିଦୃଷ୍ଟ ହେଉଥିଲା । ଦଣ୍ଡୀଙ୍କ ମତରେ ଗୌଡ଼ୀରୀତି ତୁଳନାରେ, କୋମଳତା ପ୍ରଭୃତି ଦଶଗୋଟି ଗୁଣ ମଣ୍ଡିତ ବୈଦର୍ଭୀ ରୀତି ହିଁ ଉତ୍କୃଷ୍ଟ । ଏ ସବୁ ଗୁଣ ବିବର୍ଜିତ ହୋଇଥିବାରୁ ସେ ଗୌଡ଼ୀ ରୀତିକୁ ନିମ୍ନ ଆସନ ଦେଇଛନ୍ତି । ତେବେ ଏଥିରେ ମତଭେଦ ଅଛି । (୧)

## ରୀତିର ସଂଖ୍ୟା ବୃଦ୍ଧି—

ଦ୍ୱିତୀୟ ସ୍ତରରେ, ରୀତିର ସଂଖ୍ୟା ବୃଦ୍ଧି ଲାଭ କଲା । ଆଳଙ୍କାରିକ ବାମନ ପୂର୍ବକଥିତ ଦୁଇଟି ରୀତିରେ "ପାଞ୍ଚାଳୀ" ନାମକ ତୃତୀୟ ରୀତି ଯୋଗ କରି ଘୋଷଣା କଲେ ଯେ, ରୀତି ( ବିଶିଷ୍ଟ ପଦରଚନା) ହେଉଛି କାବ୍ୟର ଆତ୍ମା । ଦଣ୍ଡୀଙ୍କ ପରି, ବାମନ 'ଗୌଡ଼ୀକୁ' ନିତାନ୍ତ ନିକୃଷ୍ଟ ନ କହି ବୈଦର୍ଭୀ ରୀତିର ପ୍ରାୟ ତୁଲ୍ୟ ଆସନ ଦେଇଥିଲେ । ବୈଦର୍ଭୀ ରୀତିର ଦଶବିଧ ଗୁଣରୁ ଓଜ ଓ କାନ୍ତି ଗୁଣ ଅପସାରିତ ହେଲେ, ତାହା 'ପାଞ୍ଚାଳୀ'ରେ ପରିଣତ ହୁଏ । ଏଥିସଙ୍ଗେ ଆଳଙ୍କାରିକ ରୁଦ୍ରଟ "ଲାଟୀୟା" ରୀତି ଯୋଗ କରି ଚତୁର୍ବିଧ ରୀତି ଗ୍ରହଣ କଲେ । ରାଜଶେଖର 'ମାଗଧୀ' ରୀତି ଗ୍ରହଣ ( 'କର୍ପୂର ମଞ୍ଜରୀ' ନାଟକର ମୂଳ ଶ୍ଳୋକ ) କରିଥିଲେ ମଧ୍ୟ ବୈଦର୍ଭୀକୁ ହିଁ ଶ୍ରେଷ୍ଠ ରୀତି ବୋଲି କହିଅଛନ୍ତି । ଶେଷରେ, 'ସରସ୍ୱତୀ କଣ୍ଠାଭରଣ'ରେ ଭୋଜରାଜ ଆବନ୍ତୀ ରୀତିର ବିସ୍ତାର କରି ରୀତିର ସଂଖ୍ୟା ଛ ବୋଲି ନିର୍ଦ୍ଦେଶ କଲେ । ତୃତୀୟ ସ୍ତରରେ, କିନ୍ତୁ ବିଖ୍ୟାତ ଆଳଙ୍କାରିକ କୁନ୍ତକ, ରୀତିର ନାମକରଣ ଓ ଆଦର୍ଶରେ ଆମୂଳ ପରିବର୍ତ୍ତନ ଆନୟନ କଲେ । ଉପରେ ଯେଉଁ ଷଡ଼୍‌ବିଧ ରୀତିର ନାମୋଲ୍ଲେଖ କରାଯାଇଛି, ପ୍ରତ୍ୟେକଟି ଗୋଟିଏ ଗୋଟିଏ ଭୌଗୋଳିକ ନାମରେ ନାମିତ । କୁନ୍ତକ କିନ୍ତୁ ଭୌଗୋଳିକ ନାମକରଣରେ ସାର୍ଥକତାର ଅଭାବ ଅନୁଭବ କରି, ରଚନାସୌଷ୍ଠବ ଅନୁସାରେ ରୀତିବିଭାଗ ନିର୍ଦ୍ଦେଶ କଲେ । ପୂର୍ବବର୍ତ୍ତୀ ଆଳଙ୍କାରିକମାନେ ରୀତିର ଉତ୍ତମ, ମଧ୍ୟମ ଓ ଅଧମ ରୂପେ ଯେଉଁ ତ୍ରିବିଧ ବିଭାଗ କରିଥିଲେ, ତାହା ଏକାନ୍ତ ଅସଙ୍ଗତ ବୋଲି କୁନ୍ତକ ଖଣ୍ଡନ କରିଛନ୍ତି । × × ସେ ଲେଖିଛନ୍ତି—"ଯଦ୍ୟପି କବିସ୍ୱଭାବ ଭେଦ ନିବନ୍ଧନତ୍ୱାତ୍ ଅନନ୍ତଭେଦ—ଭିନ୍ନତ୍ୱମନିବାର୍ଯ୍ୟଂ, ତଥାପି ପରିସଂଖ୍ୟାତୁଂ ଅଶକ୍ୟତ୍ୱାତ୍ ସାମାନ୍ୟେନ ତ୍ରୈବିଧ୍ୟମେବୋପପଦ୍ୟତେ ।" ଅର୍ଥାତ୍ କବିସ୍ୱଭାବ ଅନୁସାରେ

(୧) **Concepts of Riti and Guna in S. P. pp. 48—84.**

ରୀତିର ଭେଦ ଅସଂଖ୍ୟ ହୋଇଥିବାରୁ ସ୍ଥୂଳତଃ କେବଳ ତିନୋଟି ବର୍ଗର କରାଯାଇପାରେ— ସୁକୁମାର, ବିଚିତ୍ର ଓ ମଧ୍ୟମ (୧)। ଅନ୍ୟ ଆଳଙ୍କାରିକମାନଙ୍କ ଭଳି ବୈଦର୍ଭୀ ଉତ୍କୃଷ୍ଟ ଓ ଅନ୍ୟଗୁଡ଼ିକ ନିତାନ୍ତ ନିକୃଷ୍ଟ ବୋଲି ସେ କହିବାକୁ ପଶ୍ଚାତ୍‌ପଦ। ତାଙ୍କ ମତରେ ବ୍ୟକ୍ତିର ସ୍ୱଭାବ, କଥାବସ୍ତୁ ଓ ଘଟଣା ପ୍ରଭୃତି ଦିଗରୁ ବିଚାର କଲେ, ପ୍ରତ୍ୟେକ ରୀତିର ଉପାଦେୟତା ଅନୁଭୂତ ହେବ। ରୀତିବାଦ ଦୃଷ୍ଟିରୁ କାବ୍ୟଗତ ବହିରାବରଣ ମୁଖ୍ୟତଃ ଆଲୋଚିତ ହେବ କିମ୍ବା କବିକୃତି ସମ୍ପର୍କୀୟ ଯାବତୀୟ ବିଷୟ ତହିଁର ଅନ୍ତର୍ଭୁକ୍ତ ହେବ, ଏହା ବେଳେ ବେଳେ ଏକ ବିବଦମାନ ବିଷୟ ଭଳି ପ୍ରତିଭାତ ହୁଏ।

## ରୀତିର ବହିରଙ୍ଗତା—

ରୀତିର ବହିରଙ୍ଗତା ଏବଂ ତଥା ବାମନଙ୍କର ଆଦର୍ଶ ସମ୍ପର୍କରେ ଆଲୋଚନା କରି ଅଧ୍ୟାପକ ଗୋବିନ୍ଦ ଚନ୍ଦ୍ର ଉଦ୍‌ଗାତା ଲେଖିଛନ୍ତି :—

"ରୀତି କାବ୍ୟର ନାମ ହିଁ ଏହି ଜାତୀୟ କାବ୍ୟର ମୁଖ୍ୟ ବୈଶିଷ୍ଟ୍ୟର ପ୍ରକାଶକ। "ପଦ ସଂଘଟନା ରୀତି ରଙ୍ଗସଂସ୍ଥା ବିଶେଷବତ୍" 'ସାହିତ୍ୟ-ଦର୍ପଣ'ର ଏହି ଉକ୍ତି ଅନୁସାରେ "ରୀତି", କାବ୍ୟର ଅଙ୍ଗ ମାତ୍ର। ରସାନୁଗୁଣ-ଉଚ୍ଚାରଣ-ସମ୍ବଳିତ ପଦବିନ୍ୟାସ, ସମାସର ସଂଖ୍ୟା ଏବଂ ଶବ୍ଦାଳଙ୍କାର ଓ ଅର୍ଥାଳଙ୍କାର ପ୍ରୟୋଗ ବିଷୟରେ ଆବଶ୍ୟକ ଶୃଙ୍ଖଳା ରୀତିକୁ ପ୍ରକୃତରେ କାବ୍ୟର (ଆଭ୍ୟନ୍ତରୀଣ ପ୍ରାଣ ସହିତ ଅସମ୍ବନ୍ଧ) ବହିରାବରଣ ମାତ୍ର ନ କରି, ତାହାକୁ ପ୍ରାଣ ସହିତ ଅଙ୍ଗାଙ୍ଗୀଭାବେ ଜଡ଼ିତ ଚର୍ମର ଗୌରବ ଦେଇଅଛି। ଆମ ରୀତି କାବ୍ୟରେ ଏହି ଆଦର୍ଶ କେତେଦୂର ସୁରକ୍ଷିତ ହୋଇଅଛି, ତାହା ପରବର୍ତ୍ତୀ ଅନୁଚ୍ଛେଦମାନଙ୍କରେ ବିଚାର୍ଯ୍ୟ। ଆଦର୍ଶ ଯାହା ହେଉ, ଉପାଦାନଗୁଡ଼ିକ ଯେ ବହିରଙ୍ଗ, ଏଥିରେ ସନ୍ଦେହ ନାହିଁ। ସ୍ଥୂଳ କଥାରେ, ଏହାକୁ ଅଙ୍ଗ ବା **Form** ରୂପରେ ଗ୍ରହଣ କରାଯାଇପାରେ। ବିଷୟବସ୍ତୁର ସରସ ପରିବେଷଣ-ଜନିତ ଚମତ୍କାରିତା ଅପେକ୍ଷା ଶବ୍ଦପ୍ରୟୋଗ ଚାତୁରୀ ଏବଂ ସାଙ୍ଗୀତିକ ମହତ୍ତ୍ୱ ରକ୍ଷା କରିବା ଉଦ୍ଦେଶ୍ୟରେ ବ୍ୟବହୃତ ଶବ୍ଦାଳଙ୍କାର ଏବଂ ଶୃଙ୍ଖଳା ଜନିତ ସୌନ୍ଦର୍ଯ୍ୟର ପ୍ରଭାବ ଏ ଜାତୀୟ କାବ୍ୟର ଆକର୍ଷଣର ହେତୁ ହୋଇଥିବାରୁ ଏଗୁଡ଼ିକୁ ରୀତିକାବ୍ୟ କହିବାରେ ଅସାର୍ଥକତା ବୋଧହୁଏ ନାହିଁ।"

"ଭାମହଙ୍କ ପରେ ବହିରଙ୍ଗ ସୌନ୍ଦର୍ଯ୍ୟର ଅପର ଦିଗଗୁଡ଼ିକୁ ଉଦ୍‌ଘାଟିତ କଲେ ଦଣ୍ଡୀ, ବାମନ ଓ କୁନ୍ତକ। ଗୁଣ, ରୀତି ଏବଂ ବକ୍ରୋକ୍ତିକୁ କାବ୍ୟର

(୧) **History of Sanskrit Poetics, p. 234—235**

ମୁଖ୍ୟ ସୌନ୍ଦର୍ଯ୍ୟବିଧାୟକ ଉପାଦାନ ରୂପେ ପ୍ରତିଷ୍ଠିତ କରିବା ଏମାନଙ୍କର ଲକ୍ଷ୍ୟ ଥିଲା । କାବ୍ୟ ଶୋଭା ସମ୍ପାଦନକାରୀ ଧର୍ମ ହିଁ ଗୁଣ; ସେହି ଗୁଣ ବିଶିଷ୍ଟ ପଦ ରଚନା ରୀତି ଏବଂ ଗୁଣ, ରୀତି, ଅଳଙ୍କାର, ସମସ୍ତ ହିଁ ବକ୍ରୋକ୍ତିର ଅନ୍ତର୍ଭୁକ୍ତ—ଏହା ସେମାନଙ୍କର ପ୍ରତିପାଦ୍ୟ ଥିଲା । କେବଳ ବାମନଙ୍କ ବ୍ୟତୀତ ଅନ୍ୟ କାହାରି ଆଲୋଚନାରେ କାବ୍ୟର ଅନ୍ତରସୌନ୍ଦର୍ଯ୍ୟ ବିଷୟରେ କୌଣସି ପ୍ରଭାବଶାଳୀ ବିଚାର ଦେଖିବାକୁ ମିଳେ ନାହିଁ । ବାମନଙ୍କ କାବ୍ୟ ଲକ୍ଷଣ ଅତ୍ୟନ୍ତ ସୁନ୍ଦର,—'କାବ୍ୟଂ ଗ୍ରାହ୍ୟମଳଂକାରାତ୍' ଏବଂ ସେହି ଅଳଙ୍କାରର ଲକ୍ଷଣ ସେ ଦେଲେ—'ସୌନ୍ଦର୍ଯ୍ୟମଳଂକାରଃ' । ଏହି ସୌନ୍ଦର୍ଯ୍ୟର ସ୍ୱରୂପ କଥନ ପ୍ର [illegible] ଆତ୍ମା ବୋଲି ପ୍ରତିପାଦନ [illegible] ଏହି ମତ ଖଣ୍ଡିତ ହୋଇଥିଲେ ମଧ୍ୟ ଅଳଙ୍କାରର ସଂଜ୍ଞା ନିର୍ଦ୍ଦେଶ ବାମନଙ୍କର ମହାଦାନ । ମୋଟ କଥାରେ ଭାମହ, ଦଣ୍ଡୀ, ବାମନ ଏବଂ କୁନ୍ତକଙ୍କ ଆଲୋଚନା କାବ୍ୟର ବାହ୍ୟସୌନ୍ଦର୍ଯ୍ୟର ବ୍ୟୂହଭେଦ କଲା ମାତ୍ର ।"

( ଓଡ଼ିଆ ସାହିତ୍ୟ ସମୀକ୍ଷା—ପୃ-୧୨୮—୧୩୧ )

ଦେଖାଯାଏ, ବାମନଙ୍କ ସମୟରୁ ରୀତି ସମ୍ପର୍କରେ ଯେଉଁ ତାତ୍ତ୍ୱିକ ଆଲୋଚନା ଆରମ୍ଭ ହୋଇଥିଲା, ତାହା ପରବର୍ତ୍ତୀ କାଳର ସୂକ୍ଷ୍ମ ବିଶ୍ଳେଷଣ ଲାଗି ବାଟ ଫିଟାଇ ଦେଇଥିଲା । ବାହ୍ୟସୌନ୍ଦର୍ଯ୍ୟରୁ ଆଲୋଚକ ପଣ୍ଡିତମାନଙ୍କର ଦୃଷ୍ଟି ଯାଇ ଯେତେବେଳେ ଅନ୍ତଃସୌନ୍ଦର୍ଯ୍ୟ ରାଜ୍ୟରେ ପ୍ରବେଶ କଲା, ସେତେବେଳେ ଧ୍ୱନିବାଦ ସୁପ୍ରତିଷ୍ଠିତ ହେଲା । ଧ୍ୱନି କହିଲେ ଶବ୍ଦର ଉଚ୍ଚାରଣଗତ ଧ୍ୱନି ବୁଝାଯାଏ ନାହିଁ । ଏହା ହେଉଛି, ଏକ ପାରିଭାଷିକ ଶବ୍ଦ ଏବଂ ଆନନ୍ଦବର୍ଦ୍ଧନ ବଡ଼ ଚମତ୍କାର ଭାବରେ ଏହି ତତ୍ତ୍ୱ ତାଙ୍କର କାବ୍ୟ ପ୍ରକାଶରେ ଉପସ୍ଥାପନ କରିଛନ୍ତି । ବାମନଙ୍କର ପରବର୍ତ୍ତୀ କେତେକ ଆଳଙ୍କାରିକ ବହିରଙ୍ଗମୁଖୀ ରୀତିବାଦର ଖଣ୍ଡନ କରିବାକୁ ଯାଇ ଗୋଟିଏ କଥା ପ୍ରତିପାଦନ କରିଅଛନ୍ତି ଯେ, କବିକୃତିର ରସ, ଗୁଣ, ଅଳଙ୍କାର, ଧ୍ୱନି ପ୍ରଭୃତି ସମସ୍ତ ବିଷୟ କଦାପି ରୀତିର ଅନ୍ତର୍ଭୁକ୍ତ ହୋଇପାରିବ ନାହିଁ । ସୁତରାଂ, ଅଳଙ୍କାର ଶାସ୍ତ୍ରରେ ଯେତେବେଳେ ବହୁବିଧ ବିଷୟ ଆଲୋଚିତ, ସେହି ସମସ୍ତ ବିଷୟର ଅନ୍ତର୍ଭାବକ ରୂପେ ରୀତି ଶବ୍ଦରେ ପ୍ରୟୋଗ ସମୀଚୀନ ହେବ ନାହିଁ । ସୁତରାଂ, ଭରତ, ମାଘ, ଶ୍ରୀହର୍ଷ ଏବଂ ସେମାନଙ୍କର ଅନୁଗାମୀ

ଉପେନ୍ଦ୍ର, ଅଭିମନ୍ୟୁ, ବ୍ରଜନାଥ ପ୍ରମୁଖ କବିମାନେ ଯେଉଁ ବ୍ୟାପକ ଆଳଙ୍କାରିତା ପ୍ରଦର୍ଶନ କରି ଯାଇଛନ୍ତି, ରୀତିବାଦର ସଂକୀର୍ଣ୍ଣ ପରିସର ମଧ୍ୟରେ ସେ ସମସ୍ତଙ୍କୁନେଇ ଭର୍ତ୍ତି କରିଦେବା ଠିକ୍ ହେବ ନାହିଁ । ସୁତରାଂ, ମଧ୍ୟଯୁଗ ଓଡ଼ିଆ ସାହିତ୍ୟକୁ "ଆଳଙ୍କାରିକ ଯୁଗ" କହିବା ଯେତିକି ସମୀଚୀନ ହେବ, "ରୀତିଯୁଗ" କହିବା ସେତିକି ସମୀଚୀନ ହେବ ନାହିଁ । କାରଣ, ତହିଁରେ କେବଳ ଯେ ରୀତିରଞ୍ଜନ ଅଛି ତା ନୁହେଁ, । ତଦଧିକ ଅନେକ ବିଷୟ ମଧ୍ୟ ସ୍ଥାନ ପାଇଛି । ଏ ଦୃଷ୍ଟିରୁ କୁହାଯାଇଛି, ମଧ୍ୟଯୁଗ ଓଡ଼ିଆ ସାହିତ୍ୟକୁ ରୀତିବାଦ ଦୃଷ୍ଟିରୁ ଆଲୋଚନା କରିବା ଯାହା, ତାକୁ 'ରୀତି ସର୍ବସ୍ୱ' କହିବା ତାହା ନୁହେଁ । ତେବେ, କାବ୍ୟର ବହିରଙ୍ଗ ସୌନ୍ଦର୍ଯ୍ୟ ବିଧାୟକ ବିଶେଷତ୍ୱ ଦୃଷ୍ଟିରୁ ମଧ୍ୟଯୁଗ ଓଡ଼ିଆ ସାହିତ୍ୟରେ ଯେଉଁ ରୀତିବାଦର ଉତ୍କର୍ଷ ଦେଖିବାକୁ ମିଳେ, ଏଠାରେ ତହିଁର କେତେକ ଉଲ୍ଲେଖଯୋଗ୍ୟ ବିଭାଗ ହିଁ ବିଚାର କରାଯାଉଅଛି ।

## ରୀତି ଯୁଗର ସମୟ ସୀମା :—

"ଯୁଗ" ଶବ୍ଦ ଏକ ବିଶିଷ୍ଟ ସମୟ ସୀମାର ଦ୍ୟୋତକ । ଓଡ଼ିଆ ସାହିତ୍ୟର ଇତିହାସ ଲେଖକମାନେ ଭିନ୍ନ ଭିନ୍ନ ଭାବରେ ଓଡ଼ିଆ କବିମାନଙ୍କୁ ବିଭିନ୍ନ ଯୁଗର ଅନ୍ତର୍ବର୍ତ୍ତୀ କରିଅଛନ୍ତି । ତଥାପି ସ୍ଥୂଳ ଭାବରେ ଦେଖିଲେ, ପଞ୍ଚସଖା ଯୁଗର ଅବସାନ ଓ ରାଧାନାଥ ଯୁଗ ଆରମ୍ଭର ମଧ୍ୟବର୍ତ୍ତୀ କାଳ ଏକ ସ୍ୱତନ୍ତ୍ର, ଅଖଣ୍ଡ ଓ ସୁନିର୍ଦ୍ଦିଷ୍ଟ "ସାହିତ୍ୟିକ ଯୁଗ" ରୂପେ ଗୃହୀତ ହେବାର ଯଥେଷ୍ଟ ଔଚିତ୍ୟ ରହିଛି । (୧) ଏହି ଯୁଗର ପୂର୍ବ ମଧ୍ୟଭାଗରେ ଆବିର୍ଭୂତ ହୋଇଥିଲେ କବିସମ୍ରାଟ୍ ଉପେନ୍ଦ୍ର ଭଞ୍ଜ । ୧୫୫୦ ରୁ ୧୬୫୦ ମଧ୍ୟରେ ରୀତି-ଶୈଳୀ ଧୀରେ ଧୀରେ ବିକଶିତ ଓ ବିସ୍ତାରିତ ହୋଇ ପରେ ଭାରତୀ ଭୁବନରେ ବିରାଟ ବଟବିଟପୀ ରୂପେ ଦଣ୍ଡାୟମାନ ହୋଇଥିଲା । "ରାଧାନାଥ ଯୁଗ" ପର୍ଯ୍ୟନ୍ତ ସେହି ବଟବିଟପୀ ଆତ୍ମପ୍ରସାର କରି ଏ ଭଳି ଘନ-ପଲ୍ଲବ ମଣ୍ଡିତ ହୋଇ-ଥିଲା ଯେ, ଆଧୁନିକ ଯୁଗର ଲେଖକମାନଙ୍କ ଉପରେ ଦୃଷ୍ଟିପାତ କଲବେଳେ ମଧ୍ୟ ସେହି "ରୀତି-ରଞ୍ଜନ"ର ବ୍ୟାପ୍ତି ଏମାନଙ୍କରେ ଉପଲବ୍ଧ ହୁଏ,—ପ୍ରକାଶିତ ଓ ପ୍ରକାଶୋନ୍ମୁଖ ନାନା କାବ୍ୟ-କବିତାର ଆଧାର ଉପରେ

---

(୧) ଅର୍ଥାତ୍ ମୋଟାମୋଟି ଖ୍ରୀ: ୧୬୫୦ ରୁ ୧୮୫୦ ପର୍ଯ୍ୟନ୍ତ । ମାତ୍ର ସୂକ୍ଷ୍ମ ବିଚାରରେ ୨୫-୩୦ ବର୍ଷ ଏପଟ ସେପଟ ହୋଇପାରେ ।

ଏହି ଉପଲବ୍ଧି ଜନ୍ମିଥାଏ । ଆଜି ବିଂଶ ଶତାବ୍ଦୀର ଅଷ୍ଟମ ଦଶକରେ ମଧ୍ୟ ଭଞ୍ଜୀୟ ଆଳଙ୍କାରିକ ଶୈଳୀରେ କାବ୍ୟ ଲେଖା ଚାଲିଛି । ବିଂଶ ଶତାବ୍ଦୀର ମଧ୍ୟଭାଗରେ ରଚିତ 'ସୀତା ପ୍ରେମ ତରଙ୍ଗିଣୀ' କାବ୍ୟ ହିଁ 'କଳାହାଣ୍ଡି ପୁରସ୍କାର' ଲାଭ କରିଥିଲା । ବର୍ଣ୍ଣାନୁପ୍ରାସିକ କାବ୍ୟ ଏବେ ମଧ୍ୟ ରଚିତ ହେଉଅଛି । ପୁଣି, ଯେଉଁମାନେ ଏ ଦେଶରେ ପ୍ରାଚୀନ ସାହିତ୍ୟ ପରମ୍ପରା ଭଙ୍ଗକରି 'ସବୁଜ ଯୁଗ'ର ପ୍ରବର୍ତ୍ତନ କରିଥିଲେ, ସେମାନଙ୍କର ରଚନାରେ ସରଳ ଆଳଙ୍କାରିକ ପ୍ରୟାସ ହିଁ ସୁସ୍ପଷ୍ଟ ରୂପେ ପ୍ରତିଭାତ ହୁଏ । ବାସ୍ତବିକ୍, ଚିତ୍ତରଞ୍ଜନର ପରିସର ମଧ୍ୟରେ ଶବ୍ଦ-ପ୍ରୟୋଗମୂଳକ ସୁକୁମାରତାର ଯେଉଁ ମୋହନ ମାଦକତା ଅନୁଭୂତ ହୁଏ, ତାହା ଆଜି ମଧ୍ୟ ଅପ୍ରତିବନ୍ଧ ଭାବରେ ଗତିଶୀଳ ହେଉଥିବାର ସଂକେତ ସ୍ପଷ୍ଟ !

## ଅହରଣକୁ ଭଞ୍ଜଙ୍କର ନିଜସ୍ୱ କହିବା ପ୍ରାମାଦିକ —

ଭଞ୍ଜଙ୍କର ସାହିତ୍ୟ ସୌଷ୍ଠବ ଦିନକର ବା ବ୍ୟକ୍ତିବିଶେଷଙ୍କର ଚିନ୍ତା ପ୍ରସୂତ ନୁହେ । ବିରାଟ ସୌଧର ନିର୍ମାଣ ଲାଗି ଯେପରି ସୁଦୃଢ଼ ଭିତ୍ତି ଆବଶ୍ୟକ ହୋଇଥାଏ, ସେହିପରି ବିରାଟ ରୀତି ସାହିତ୍ୟର ବିକାଶ ଓ ପ୍ରତିଷ୍ଠା ଲାଗି ହୁଏ ତ ଶତାଧିକ ବର୍ଷର ନିଷ୍ଠାପର ସାରସ୍ୱତ ସାଧନା ଆବଶ୍ୟକ ହୋଇଥିଲା । ସୌଧ ନିର୍ମିତ ହେବା ପରେ ତାହାର ମହନୀୟତା, ଗାମ୍ଭୀର୍ଯ୍ୟ ଓ ସୌନ୍ଦର୍ଯ୍ୟରେ ଦର୍ଶକର ଚକ୍ଷୁ ସ୍ତମ୍ଭିତ ହୋଇ, ମୂଳଦୁଆର ସୁଦୃଢ଼ ଅସ୍ତିତ୍ୱକୁ ଭୁଲି ବିସ୍ମୃତ ହୋଇଗଲା ପରି, ଭଞ୍ଜ-ଭାରତୀର ସୁବିଶାଳ ପ୍ରାସାଦ ନିର୍ମିତ ହେବା ପରେ ପାଠକମାନଙ୍କର ମନ, ପୂର୍ବବର୍ତ୍ତୀ କବିପୁଙ୍ଗବମାନଙ୍କର ସୃଷ୍ଟି-ସୌଷ୍ଠବ ପ୍ରତି ସଚେତ ହୋଇ ନ ଉଠିବାରେ କିଛି ବିଚିତ୍ରତା ନାହିଁ । ବହୁ ପାଠକ ଓ ଆଲୋଚକ ଏହି ମୂଳସୂତ୍ରଟି ଅବଗତ ନ ହୋଇ, ଆହରଣପୁଷ୍ଟ ବହୁ ରଚନାକୁ ଭଞ୍ଜଙ୍କର ଏକାନ୍ତ ନିଜସ୍ୱ ଓ ଅତ୍ୟନ୍ତ ମୌଳିକ ଚିନ୍ତାର ନିଦର୍ଶନ ରୂପେ ଉପସ୍ଥାପିତ କରିଥାଆନ୍ତି ! ଭଞ୍ଜ ଜୟନ୍ତୀ ଉତ୍ସବମାନଙ୍କରେ ପ୍ରଦତ୍ତ ଅନେକ ବକ୍ତୃତା ବିଚାର କଲେ ଏହି ଉତ୍କଟ ଭ୍ରାନ୍ତିର ବ୍ୟାପକତା ସହଜରେ ଅଧିଗତ ହେବ । ସୁତରାଂ, ରୀତିଯୁଗ ଓଡ଼ିଆ ସାହିତ୍ୟର ସ୍ୱରୂପ ଓ ଆଦର୍ଶର ଅବଗତି ନିମନ୍ତେ ପଞ୍ଚସଖା ଯୁଗଠାରୁ "ରୀତି-ରଞ୍ଜନ"ର ପ୍ରଭାବଧାରା ବିଚାର କରିବାକୁ ହେବ ।

## ଏଥିର ଦୃଷ୍ଟାନ୍ତ

ଗୋଟିଏ ଦୃଷ୍ଟାନ୍ତ ଦେଖନ୍ତୁ । ଭଞ୍ଜ ବୈଦେହୀଶ ବିଳାସରେ, ମନ୍ଥରା ମୁଖରେ କୁହାଇଛନ୍ତି—"ହଇ ହେ କୈକେୟି ! ରାମଚନ୍ଦ୍ର ରାଜା ହେବା ଯୁକ୍ତ-

ଯୁକ୍ତ ନୁହେ; ତୁମ ପୁଅ ଭରତ ହିଁ ରାଜା ହେବା ଯଥାର୍ଥ । କାରଣ, ( କବିଙ୍କ ଭାଷାରେ )—

"ବସୁଧାପତି ପଦ ରାମେ ଉଚିତ ନୁହେ ସେ ଜାମାତା ତାର !"

ଅର୍ଥାତ୍, ରାମ ହେଉଛନ୍ତି ପୃଥିବୀ-କନ୍ୟା ସୀତାଙ୍କର ସ୍ୱାମୀ । ତେଣୁ ପୃଥିବୀ ହେଲେ ରାମଙ୍କର ଶାଶୁ । ସୁତରାଂ, ରାମ ପୁଣି ଶାଶୁଙ୍କର ଭର୍ତ୍ତା ବା ପାଳକ ହେବେ କପରି ? ଏହ ଚମତ୍କୃତିପୂର୍ଣ୍ଣ ଭଞ୍ଜ-ପ୍ରତିଭାର ନିଦର୍ଶନ ବୋଲି ଉଦ୍‌ଘୋଷଣ କରି 'ବାଃ ବାଃ' ନେଇଥାନ୍ତି । ମାତ୍ର ଏହା 'ହନୁମନ ମହାନାଟକ'ର ଏକ ଶ୍ଳୋକାଂଶର ଅନୁବାଦ ମାତ୍ର । ତହିଁରେ ଅଛି—

"ଭୂପୁତ୍ରୀ ଯସ୍ୟ ଭାର୍ଯ୍ୟା ସଶ୍ଚ ଭବତି କଥଂ ଭୂପତୀ ରାମଚନ୍ଦ୍ରଃ"

## ସମସ୍ତ ଗୌରବ ଭଞ୍ଜଙ୍କର ନୁହେ —

ଭଞ୍ଜଙ୍କୁ ରୀତିଯୁଗର ସର୍ବଶ୍ରେଷ୍ଠ ପରପ୍ରକାଶ ବୋଲି ଗ୍ରହଣ କଲେ, ପ୍ରଶ୍ନ ଉଠେ, ଭଞ୍ଜଙ୍କ ପୂର୍ବେ କେଉଁ କେଉଁ କବି ରୀତିଯୁଗ ପ୍ରାସାଦର ଭିତ୍ତି ନିର୍ମାଣରେ ଆତ୍ମନିଯୋଗ କରିଥିଲେ । ସେମାନଙ୍କ ସିଦ୍ଧିର ପରିମାଣ ମଧ୍ୟ ଏ ପ୍ରସଙ୍ଗରେ ଅବଧାରଣା କରିବାର ଆବଶ୍ୟକତା ଅନୁଭୂତ ହୋଇଥାଏ । ଆହୁରି ମଧ୍ୟ, ଭଞ୍ଜଙ୍କ ଦ୍ୱାରା ରୀତି-ପ୍ରାସାଦର ପ୍ରତିଷ୍ଠା-ଉତ୍ସବ ସମାହିତ ହୋଇ ସାରିବା ପରେ ଯେଉଁ କବିମାନେ ତାଙ୍କୁ ଏକନିଷ୍ଠ ଭାବରେ 'କବିକୁଳ ଗୁରୁ' ରୂପେ ଗ୍ରହଣ କରିଥିଲେ, ସେମାନଙ୍କର ଉଲ୍ଲେଖ ଏ ସ୍ଥଳରେ ସର୍ବଥା କରିବାକୁ ହେବ । ଶ୍ରୀ ମନ୍ଦିରରେ ପ୍ରବେଶ କରି, ଅଭ୍ୟନ୍ତରରେ ରତ୍ନ ସିଂହାସନ ଉପରେ ଉପବିଷ୍ଟ ଦେବ-ଦେବ ଜଗନ୍ନାଥଙ୍କୁ ଦର୍ଶନ କରିବା ପୂର୍ବରୁ, ମନ୍ଦିରର ନିମ୍ନତମ ପ୍ରଦେଶରୁ ନୀଳଚକ୍ରର ଶୀର୍ଷଭାଗ ପର୍ଯ୍ୟନ୍ତ ଦୃଷ୍ଟି ସଞ୍ଚାଳନ କରିବାକୁ ହୋଇଥାଏ । ସେହିପରି, ରୀତିଯୁଗର ସାରସ୍ୱତ ଅଧିଦେବତାଙ୍କୁ ବିସ୍ମୟର ଦୃଷ୍ଟିରେ ଦର୍ଶନ କରିବା ଆଗରୁ ମୂଳରୁ ଚୂଳ ପର୍ଯ୍ୟନ୍ତ କବିମାନଙ୍କ ଉପରେ ସ୍ଥୂଳ ଦୃଷ୍ଟିପାତ କରିବା ଅପରିହାର୍ଯ୍ୟ ମନେହୁଏ । କାରଣ, ଭଞ୍ଜଙ୍କର ଅନେକ ସ୍ତାବକ ପରମ୍ପରାଗତ ରୀତି-ରଞ୍ଜନ ଚତୁରୀ ସମ୍ପର୍କରେ ଅନଭିଜ୍ଞ ଥାଇ, ସମସ୍ତ ଗୌରବ ଭଞ୍ଜଙ୍କ ଉପରେ ହିଁ ଆରୋପ କରିଥାଆନ୍ତି । ଏହା ଫଳରେ କେବଳ ଯେ ସତ୍ୟର ଅପଳାପ ଓ ମିଥ୍ୟାର ପ୍ରସାର ହୁଏ ତାହା ନୁହେ, କେତେକ ସ୍ଥଳରେ ସ୍ତାବକମାନେ ଯାହା କହନ୍ତି, ତାହାର ଠିକ୍ ଓଲଟା ଧାରଣା ପଣ୍ଡିତ ଲୋକଙ୍କ ମନରେ ଜାତ ହୋଇ, ଭଞ୍ଜଙ୍କର ଯାହା ଯଥାର୍ଥ ମୌଳିକତା ତାହାର ବିରୋଧାତ୍ମକ

ଧାରଣା ଉଦ୍‌ଭୂତ ହୋଇଥାଏ । ଓଡ଼ିଶାର ଖ୍ୟାତନାମା ବୁଦ୍ଧିଜୀବୀ ମଧୁବାବୁ ଅପୂର୍ବ ପ୍ରତିଭା ବଳରେ ପ୍ରତିପକ୍ଷମାନଙ୍କୁ ପରାଭୂତ କରୁଥିଲେ । ଏବେ ଅନ୍ୟ କାହାର ସେହିଭଳି ବୁଦ୍ଧିବିକଶିତ ଘଟଣା ଶୁଣାଗଲେ ମଧ୍ୟ, କେହି କେହି 'ତାହା ମଧୁବାବୁଙ୍କର' ବୋଲି କହି, ନିଜର ବହୁଦର୍ଶିତାର ପରିଚୟ ଦେଇଥାଆନ୍ତି ! ଯାହା ଭଞ୍ଜଙ୍କର ନୁହେଁ, ତାକୁ ତାଙ୍କର ବୋଲି କହିବା ଏ ଭଳି ଏକ ମିଥ୍ୟା-ଜାଲର ନମୁନା ମାତ୍ର ।

## ରୀତି ସାହିତ୍ୟର ବିଶିଷ୍ଟ ସାଧକ :—

ଅଧ୍ୟାପକ ଆର୍ତ୍ତବଲ୍ଲଭ ମହାନ୍ତି ଏ ସମ୍ପର୍କରେ ବିଚାର କରି 'ପ୍ରାଚୀ ଲାବଣ୍ୟ-ବତୀ' ମୁଖବନ୍ଧରେ ଲେଖିଛନ୍ତି:— (୧)

"ଘୁମୁସର ରାଜବଂଶ, ଅର୍ଥାତ୍ ଉପେନ୍ଦ୍ରଙ୍କ ପୂର୍ବପୁରୁଷମାନେ ଗୋବିନ୍ଦ ଭଞ୍ଜ, ଗୋପାଳ ଭଞ୍ଜ, ଧନଞ୍ଜୟ ଭଞ୍ଜ, ଯୁଗ ଭଞ୍ଜ, ଘନ ଭଞ୍ଜ ପ୍ରଭୃତି ସାହିତ୍ୟର ବିଶେଷ ରସିକ ଥାଇ ଉପାଦେୟ କାବ୍ୟମାନ ପ୍ରଣୟନ କରି-ଅଛନ୍ତି । ଘୁମୁସର ରାଜବଂଶ ବ୍ୟତୀତ ଉତ୍କଳର ଚତୁର୍ଦ୍ଦଶ ଶତାବ୍ଦୀଠାରୁ କାବ୍ୟ-କବିତା ଲିଖିତ ହୋଇ ସର୍ବତ୍ର ପ୍ରଚାରିତ ହେଉଥିଲା । ଅର୍ଜ୍ଜୁନ ଦାସଙ୍କ 'ରାମବିଭା', ନରସିଂହଙ୍କ 'ପରିମଳା', ଶିଶୁ ଶଙ୍କରଙ୍କ 'ଉଷାଭିଳାଷ'; ଚକ୍ରପାଣିଙ୍କ 'କୃଷ୍ଣ-ବିଳାସ', ଦେବଦୁର୍ଲ୍ଲଭଙ୍କ 'ରହସ୍ୟ ମଞ୍ଜରୀ', କାର୍ତ୍ତିକଙ୍କ 'ରୁକ୍ମଣୀ ବିଭା', ବିଷ୍ଣୁ ଦାସଙ୍କ 'ପ୍ରେମାଲୋଚନା', ରଘୁନାଥଙ୍କ 'ଲୀଳାବତୀ', ଧନଞ୍ଜୟଙ୍କ 'ରଘୁନାଥ ବିଳାସ' ଓ 'ରତ୍ନ ମଞ୍ଜରୀ', ଘନକୃଷ୍ଣଙ୍କ 'ଜଗମୋହନ ଛାନ୍ଦ' ଓ 'ରସକଲ୍ଲୋଳ' ପ୍ରଭୃତି ଉଚ୍ଚ ଧରଣର କାବ୍ୟ-କବିତା ସାହିତ୍ୟ-ରସିକଙ୍କ ଦ୍ୱାରା ପଠିତ, ଆଲୋଚିତ, ଆଦୃତ ଓ ପ୍ରଶଂସିତ ହେଉଥିଲା ।"

## ତେବେ ଭଞ୍ଜଙ୍କର ରୀତିଚାତୁରୀ ଅଭୁତପୂର୍ବ

ଏଥିରେ ପ୍ରାଗ୍-ଭଞ୍ଜୀୟ ଯୁଗର ଯେଉଁ ରୀତିଧର୍ମୀ କବିମାନଙ୍କୁ ଅନ୍ତର୍ଭୁକ୍ତ କରାଯାଇଛି, ସେମାନଙ୍କର କାବ୍ୟ-କବିତା ପାଠ କରିବା ଭଞ୍ଜଙ୍କ ପକ୍ଷରେ ବିଶେଷ କଷ୍ଟସାଧ୍ୟ ନ ଥିବା ସହଜରେ ଅନୁମେୟ । ଜଣାଯାଏ, ତାଙ୍କ ପିତାମହ ଧନଞ୍ଜୟ ଭଞ୍ଜ ଘୁମୁସରର ପ୍ରତାପଶାଳୀ ରାଜା ଥିବା ହେତୁ ଓ ନିଜେ ସାହିତ୍ୟସ୍ରଷ୍ଟା ହିସାବରେ ଶ୍ରେଷ୍ଠ କବି-ପଣ୍ଡିତ-ମଣ୍ଡଳୀ ପରିବେଷ୍ଟିତ ହୋଇ

(୧) ପ୍ରାଚୀ ଲାବଣ୍ୟବତୀ ମୁଖବନ୍ଧ—୧୯୪୪ ସଂସ୍କରଣ, ପୃଷ୍ଠା-୧୧) ।

କାଳଯାପନ କରୁଥିବା ହେତୁ, ଉଲ୍ଲିଖିତ କାବ୍ୟ-କବିତାମାନଙ୍କର ପ୍ରାପ୍ତି ଓ ପରିଶୀଳନ ତାଙ୍କ ପକ୍ଷରେ ଦୁରୂହ ନ ଥିଲା । ସୁତରାଂ, ସଂସ୍କୃତ-ସାହିତ୍ୟରେ ଅସାଧାରଣ ପଣ୍ଡିତ, କବି ଉପେନ୍ଦ୍ର ଭଞ୍ଜ ଉକ୍ତରୀତି ରୀତିଧାରାର ସମୀକ୍ଷା କରି, ସ୍ୱ-ପୂର୍ବବର୍ତ୍ତୀ କବିମାନଙ୍କଠାରୁ ଅଧିକତର ଋଦ୍ଧିମନ୍ତ ଓ ବୈଚିତ୍ର୍ୟ ସମ୍ବଳିତ କାବ୍ୟ କବିତାର ପ୍ରଣୟନରେ ପ୍ରୟାସୀ ହୋଇଥିବା ସହଜରେ ଅନୁମେୟ । କେବଳ ସେତିକି ନୁହେଁ, ସଂସ୍କୃତ-ସାହିତରେ "ରୀତି" ଆଦର୍ଶର ଆଦର ପ୍ରତି ଗଭୀର ଦୃଷ୍ଟି ଦେଇ ଓ ନିଜ ପରିପାର୍ଶ୍ୱର ଆବଶ୍ୟକତା ଅନୁଭବ କରି ଉପେନ୍ଦ୍ର ଏ ଭଳି ଶାସ୍ତ୍ରିକ ଋଦ୍ଧିମନ୍ତ ପ୍ରଦର୍ଶନ କରିବାକୁ ସଂକଳ୍ପ କଲେ, ଯାହା କି କେବଳ ଓଡ଼ିଆ ସାହିତ୍ୟରେ ନୁହେଁ, ଭାରତର ଅନ୍ୟପ୍ରାନ୍ତୀୟ ସାହିତ୍ୟରେ ମଧ୍ୟ ଅନୁପଲଭ୍ୟ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ଉକ୍ତ ମନ୍ତବ୍ୟଟି ଏହି ଆଲୋଚକର କୂପମଣ୍ଡୂକତା ତଥା ଆତ୍ମାଳନ-ସର୍ବସ୍ୱତାରେ ଦୁଷିତ ବୋଲି ଚିନ୍ତା କରିବା ଅନଭିଜ୍ଞ ଓ ଅନବଗାହି ଭାବୁକ ପକ୍ଷରେ ଅସ୍ୱାଭାବିକ ନୁହେଁ । କିନ୍ତୁ ସର୍ବଭାରତୀୟ ସାହିତ୍ୟ-ସମ୍ମେଳନମାନଙ୍କରେ ଏହି ବିଷୟର ବିଶଦ ଆଲୋଚନା କରିବାକୁ ଏହି ଲେଖକ ପ୍ରଶସ୍ତ ଅବକାଶ ପାଇଅଛି ଏବଂ ଉକ୍ତ ମନ୍ତବ୍ୟର କଠୋର ବାସ୍ତବତା ସମ୍ପର୍କରେ ସେ ଅଧିକ ସଚେତନ ହୋଇ, ଅନ୍ତତଃ 'ଶାସ୍ତ୍ର' ଦୃଷ୍ଟିରୁ, ମଧ୍ୟଯୁଗ ପ୍ରାଦେଶିକ ସାହିତ୍ୟରେ ଓଡ଼ିଶାର ସାମ୍ରା ଉପଲବ୍ଧି କରିଅଛି ତଥା ବହୁ ଭାଷଣରେ ପ୍ରତିପାଦନ କରିଅଛି ।

## ସରଳ ରଚନାରେ ମଧ୍ୟ ରୀତିଋଦ୍ଧିରୀ—

ଭଞ୍ଜଯୁଗରେ ଶେଷଭାଗ ବେଳକୁ କେବଳ ରୀତି-ଦେବୀଙ୍କର ଜନମନ-ବିମୋହିନୀ ଶକ୍ତି ଓଡ଼ିଶାର ପୁରପଲ୍ଲୀରେ ଗଭୀର ଭାବରେ ଅନୁଭୂତ ହୋଇଥିଲା । ଉପେନ୍ଦ୍ରଙ୍କ ପରେ ଅଭିମନ୍ୟୁ ସାମନ୍ତସିଂହାର, ବ୍ରଜନାଥ ବଡ଼ଜେନା, କବିସୂର୍ଯ୍ୟ ବଳଦେବ ରଥ ପ୍ରମୁଖ ବହୁ ପଣ୍ଡିତକବି ଭଞ୍ଜୀୟ ରୀତି-ଋଦ୍ଧିମନ୍ତର ଏକନିଷ୍ଠ ଉପାସକ ହୋଇ ଯାଇଥିଲେ । ହେଲେ ହେଁ, ଜନସାହିତ୍ୟ ସୃଷ୍ଟିର ଆଭିମୁଖ୍ୟ ଏକାବେଳକେ ଅନାଦୃତ କିମ୍ବା ଅପସାରିତ ହୋଇଯାଇ ନ ଥିଲା । ସେତିକି-ବେଳେ ମଧ୍ୟ ଦୀନେଇ ଦାସଙ୍କର 'ଗୋପୀଭାଷା' ପ୍ରଭୃତି କାବ୍ୟ ଗ୍ରାମାଞ୍ଚଳର ଅଗଣିତ ପାଠକଙ୍କ ମୁଖମନ୍ଦିରରେ ଅହରହ ପ୍ରତିଧ୍ୱନିତ ହୋଇ ଉଠୁଥିଲା । ଭୁଣ୍ଡ ମଧ୍ୟରେ ରଦନ (ଦାନ୍ତ) ଓ ରସନା (ଜିଭ)ର ସହାବସ୍ଥାନ ପରି ଓ ବେଳେ ବେଳେ ରଦନ ପଂକ୍ତି ମଧ୍ୟରେ ନିଷ୍ପେଷିତ ରସନାର ପୀଡ଼ାନୁଭବ ପରି, ପୁର-ପଲ୍ଲୀରେ ରୀତିଧର୍ମୀ ସାହିତ୍ୟ ସଙ୍ଗେ ସଙ୍ଗେ ପଦସରଳ ଓ ଭାବଚଞ୍ଚଳ କବିତା

ଆବୃତ ହେଉଥିଲା ଏବଂ ସମସ୍ତ ସମୟରେ ଶବ୍ଦର ଆଡ଼ମ୍ବର ଓ ଐଶ୍ବର୍ଯ୍ୟ ବିଳାସ ମଧ୍ୟରେ ସରଳତା ଓ ସୁକୁମାରତା ନିଷ୍ପ୍ରଭ ହୋଇ ଯାଉଥିଲା । ସେଥିପାଇଁ ବୋଧହୁଏ, "ପଦସରଳତା"ର (୧) ପ୍ରବୀଣ ଉପାସକମାନେ ସ୍ଥାନେ ସ୍ଥାନେ, "ଯେନକେନ ପ୍ରକାରେଣ" ନିଜ ନିଜର ପାଣ୍ଡିତ୍ୟର ଆଭିଜାତ୍ୟ ପ୍ରଦର୍ଶନ ଲାଗି ପ୍ରଚେଷ୍ଟିତ ଥିଲେ । ଉଦାହରଣ ସ୍ୱରୂପ :—

(କ) "ଗହନ କାନନ ବନରେ ଘୋର ବରଷା କାଳ
ଗିରି ବାମକରେ ଧରିଲେ ନନ୍ଦ ଯଶୋଦା ବାଳ ।"

( ଭକ୍ତଚରଣ—'କଳାକଳେବର ଚଉତିଶା' )

(ଖ) "ପୀଡା ଉପରେ ପୀଡ଼ାମାନ ଥୋଇ
ତଥି ଉପରେ ଚଢ଼ିଲେ ମାଧୋଇ
ଯଷ୍ଟି ଯେମନ ଫୋଡ଼ିଲା ଦଧିଭାଣ୍ଡି
ଜଳା ଖଳଖେ ଚାଟିଅଛି ଭୁଣ୍ଡି
ମୁଁ ଗୋ ଏମନ୍ତ ସମୟେ ଅଇଲି
ନିର ଭାଣ୍ଡ ତଳେ ଥୋଇ ଗୁହିଁଲି
ଦୁଧ ପିଉଛି ହାଣ୍ଡି କଣା କରି
ଯାଇ ବସିଲା ଦୁଆର ଆବୋରି ।"

( ଦଇନେଇ ଦାସ—'ଗୋପୀଭାଷା' )

(ଗ) "ଦେଖିବା ଭଦ୍ର କୋଠାରେ ?

× × × ×

ଗୋପାଳକୃଷ୍ଣ କର ପଇଠ ରେ"

( ଗୋପାଳକୃଷ୍ଣ—'ନବାନୁରାଗ' )

**ପ୍ରଥମ ଦୃଷ୍ଟାନ୍ତ—**

ଏହି ତିନିଗୋଟି ଦୃଷ୍ଟାନ୍ତରୁ ପ୍ରଥମଟିରେ "ଗହନ କାନନ ବନରେ" ର ପ୍ରୟୋଗ ଅତି ଚମତ୍କାର । ଯେଉଁମାନେ ସଂସ୍କୃତ "ଅମରକୋଷ" ପଢ଼ିଥିବେ,

(୧) "ପଦ ସରଳ ଧ୍ୱନିରେ ମାନସ ମୋହିବ"—ଲାବଣ୍ୟବତୀ, ୧ମ ଛାନ୍ଦ ।

ସେମାନେ ବନର ପର୍ଯ୍ୟାୟବାଚକ ( ଏକାର୍ଥବୋଧକ ) ନିମ୍ନଲିଖିତ ଶ୍ଲୋକଟି ଏ ସ୍ଥଳରେ ଅବଶ୍ୟ ସ୍ମରଣ କରିବେ –

"ଅଟବ୍ୟରଣ୍ୟଂ ବିପିନଂ,
ଗହନଂ କାନନଂ ବନମ୍ ।"

ଅର୍ଥାତ୍ ଅଟବୀ, ଅରଣ୍ୟ, ବିପିନ, ଗହନ, କାନନ, ବନ—ଏ ସବୁଗୁଡ଼ିକ ଶବ୍ଦର ଅର୍ଥ ହେଉଛି—ବଣ । ସୁତରାଂ, ପ୍ରଥମ ଉଦାହରଣରେ "ଗହନ କାନନ-ବନ"ର ପ୍ରୟୋଗ କବିଙ୍କର ଅଭିଜ୍ଞତା ପରିବର୍ତ୍ତେ ଅନଭିଜ୍ଞତା ପ୍ରକାଶ କରି, ଆମର ହାସ୍ୟ ବା ବିସ୍ମୟ ସୃଷ୍ଟି କରେ ! କିନ୍ତୁ ପ୍ରାଚୀନ ସାହିତ୍ୟର ରସିକମାନେ ଏହି ପଦଟିର ଭିତର ଅର୍ଥ କରି ଆଜି ମଧ୍ୟ ଆମର ପ୍ରୀତି ଉଦ୍ରେକ କରିଥାଆନ୍ତି । ଅତି ଦୁଃଖର କଥା ଯେ, ବର୍ତ୍ତମାନ କୌଣସି କୌଣସି ପୁସ୍ତକ ପ୍ରକାଶକ ଏହି ପଦଟିକୁ ନିଜର ମନଇଚ୍ଛା ପରିବର୍ତ୍ତନ କରିଦେଇ, ନିଜ ନିଜକୁ ବିଜ୍ଞ ବୋଲି ପ୍ରତିପାଦନ କରିବାକୁ ଚେଷ୍ଟା କରୁଅଛନ୍ତି ।

## ଦ୍ୱିତୀୟ ଦୃଷ୍ଟାନ୍ତ—

ଦ୍ୱିତୀୟ ଉଦାହରଣରେ, ସାହିତ୍ୟ-ରସିକମାନେ ପ୍ରଶ୍ନ କରିଥାଆନ୍ତି— "କୃଷ୍ଣ ତ ବାଡ଼ି ଧରି ଶିକାରୁ ଓହଳା ହୋଇଥିବା ଦହି ହାଣ୍ଡି (ଦଧିଭାଣ୍ଡ)କୁ କଣା କଲେ; ଆଉ ତହିଁରୁ ଦୁଧ ପିଇଲେ କପରି ?" ଏହାର ଉତ୍ତର 'ଦଧି' ଶବ୍ଦରେ ଲୁକ୍କାୟିତ ଥିବାର ବ୍ୟାଖ୍ୟାନ ଶ୍ରୋତାମାନଙ୍କର ଅଶେଷ କୌତୂହଳ ଉଦ୍ଦୀପକ ହୋଇଥାଏ ।

## ତୃତୀୟ ଦୃଷ୍ଟାନ୍ତ—

ତୃତୀୟ ଉଦାହରଣରେ କବି କଳହଂସ, ସଙ୍ଗୀତ ସାଧକ ଭକ୍ତପ୍ରବର ଗୋପାଳକୃଷ୍ଣଙ୍କର ଗୀତମାଧୁରୀ ଉପଭୋଗର ଧୁରୀଣତା ହିଁ ପ୍ରଚ୍ଛନ୍ନ ରୂପରେ ସନ୍ନିବେଶିତ ହୋଇଅଛି । ସଂସ୍କୃତ ପଣ୍ଡିତମଣ୍ଡଳୀରେ ଏକ ପରମ୍ପରାଗତ ଶ୍ଲୋକ ଆଦର ସହକାରେ ଆବୃତ୍ତି ଓ ଆଲୋଚିତ ହୋଇଥାଏ । ଶ୍ଲୋକଟି ହେଉଛି—

କାକାଳୀ କା ମଧୁରା
କାଶୀତଳ ବାହିନୀ ଗଙ୍ଗା ।
କଂସଂ ଜଘାନ କୃଷ୍ଣଃ
କଂବଳବନ୍ତଂ ନବାଧତେ ଶୀତଃ ।

ଏହି ଶ୍ଳୋକରେ ପାଞ୍ଚଗୋଟି ପ୍ରଶ୍ନ ପଚରା ଯାଇଛି । **ତେବେ** କୌତୂହଳର କଥା ଏହି ଯେ, ପ୍ରତ୍ୟେକ ପ୍ରଶ୍ନର ଉତ୍ତର ସେହି ପ୍ରଶ୍ନର ପୁନରୁଚ୍ଚାରଣ ଦ୍ୱାରା ହିଁ ପ୍ରଦାନ କରାଯାଇଥାଏ; ଅର୍ଥାତ୍ ପ୍ରଶ୍ନ ଯାହା, ଉତ୍ତର ମଧ୍ୟ ତାହା ।

ଗୋପାଳକୃଷ୍ଣ ମୁଖ୍ୟତଃ ସରଳ-ତରଳ-ରସ-ଢଳଢଳ ପଦାବଳୀର ରଚୟିତା ଭାବରେ ଉତ୍କଳରେ ସୁପରିଚିତ । ତଥାପି, ଉପାନ୍ତ ଅଞ୍ଚଳ ପାରଳା-ଖେମୁଣ୍ଡିରେ, 'ରାମଚନ୍ଦ୍ର ବିହାର' ତଥା 'ରାଧାମାଧବ ବିଳାସ'ର ରଚୟିତା-ମାନଙ୍କର ପାଣ୍ଡିତ୍ୟ-ସେବାପୀଠରେ "ରୀତି" ରଞ୍ଜିତ ରଚନାର ବିଶେଷ

---

* (୧) ପ୍ରଶ୍ନ : କାକାଳୀ ? କାଳିଆ କିଏ ?

ଉତ୍ତର :—କାକାଳୀ—କାକ (କୁଆ)+ଆଳୀ (ସମୂହ)=କୁଆମାନେ ।

(୨) ପ୍ରଶ୍ନ :—କାମଧୁରା ? କେଉଁ ନାରୀ (କା) ଦେଖିବାକୁ ସୁନ୍ଦର ? (ମଧୁରା)

ଉତ୍ତର :—କାମଧୁରା—କନ୍ଦର୍ପ ଭାବରେ ଯେ ବିହ୍ୱଳା (କାମ+ଧୁରା)

(୩) ପ୍ରଶ୍ନ :—କା ଶୀତଳବାହିନୀ ଗଙ୍ଗା ? କେଉଁଠାରେ ଗଙ୍ଗା ନଦୀର ଜଳ ବଡ଼ ଥଣ୍ଡା ?

ଉତ୍ତର :—କାଶୀ-ତଳ ବାହିନୀ ଗଙ୍ଗା ( ହିମାଳୟର କାଶୀ, ଗୁପ୍ତକାଶୀ ) ଠାରେ ଗଙ୍ଗାଜଳ ଅତ୍ୟନ୍ତ ଶୀତଳ ।

(୪) ପ୍ରଶ୍ନ :—କଂ ସଂଜଘାନ କୃଷ୍ଣଃ ? କୃଷ୍ଣ କାହାକୁ (କଂ) ମାରିଥିଲେ ( ସଂଜଘାନ ) ?

ଉତ୍ତର :—କଂସଂ ଜଘାନ କୃଷ୍ଣଃ—କୃଷ୍ଣ କଂସକୁ ମାରିଥିଲେ ।

(୫) ପ୍ରଶ୍ନ :—କଂ ବଳବନ୍ତଂ ନବାଧତେ ଶୀତଃ ? କେଉଁ (କଂ) ଟାଣୁଆ ଲୋକକୁ ( ବଳବନ୍ତଂ) ଶୀତ ବାଧେ ନାହିଁ ?

ଉତ୍ତର : —କମ୍ବଳବନ୍ତଂ ନ ବାଧତେ ଶୀତଃ – କମ୍ବଳ ( ପାଖରେ ) ଥିବା ଲୋକକୁ ଶୀତ ବାଧେ ନାହିଁ ।

ଆକର୍ଷଣ ହେତୁରୁ ହିଁ ଗଣକବି ଗୋପାଳକୃଷ୍ଣ "ଦେଖିବା ରହି କୋଠାରେ" (=କେଉଁଠାରେ ଓ କୋଠା ଉପରେ ) ଲେଖି ପ୍ରଶ୍ନ ସଙ୍ଗେ ସଙ୍ଗେ ତହିଁର ଉତ୍ତର ଦେଇଅଛନ୍ତି (୧) ।

ଏ ପ୍ରସଙ୍ଗରେ ଓଡ଼ିଶାର କେତେକାଞ୍ଚଳର ପାଠକଙ୍କୁ ଜଣାଇଦେବା ଉଚିତ ମନେହୁଏ ଯେ, 'କେଉଁଠାରେ' ଅର୍ଥରେ କୋ'ଠେ, କେଉଁଠେ, କେଉଠି, କୋଠାରେ ପ୍ରଭୃତି ଶବ୍ଦ ବିଭିନ୍ନ ଅଞ୍ଚଳରେ ବ୍ୟବହୃତ ହେଉଅଛି । ସୁତରାଂ, 'କୋଠାରେ' ଶବ୍ଦର ପ୍ରୟୋଗରେ ଏକାନ୍ତ ସମୀଚୀନତା ହିଁ ସ୍ୱୀକାର୍ଯ୍ୟ ।

## ରୀତି ସର୍ବସ୍ୱତାର ସୀମା-ଅତିକ୍ରମଣ—

ଏବେ ଅଳ୍ପଦିନ ହେଲା ଓଡ଼ିଶାର ଆଲୋଚକମାନେ ସାହିତ୍ୟ ସମୀକ୍ଷା ପ୍ରସଙ୍ଗରେ 'ରୀତି' ଶବ୍ଦର ବହୁଳ ପ୍ରୟୋଗ କରୁଅଛନ୍ତି । ରୀତି ସମ୍ପର୍କରେ ଏଠାରେ ଏତିକି କହିଲେ ଯଥେଷ୍ଟ ହେବ ଯେ, ପଞ୍ଚସଖା ଯୁଗ (୧୫୦୦-୧୬୫୦) ପରେ ପରେ ଓଡ଼ିଶାର କବିମାନେ ଆଳଂକାରିକ ଆଦର୍ଶରେ ଉଦ୍‌ବୁଦ୍ଧ ହୋଇ କବିତାରେ ଶାବ୍ଦିକ ଚାତୁର୍ଯ୍ୟ ଓ ଅଳଂକାର ବିନ୍ୟାସଗତ ପାଣ୍ଡିତ୍ୟ ପ୍ରଦର୍ଶନ କରିଅଛନ୍ତି । ପୁଣି, ତହିଁ ସଙ୍ଗେ ସଙ୍ଗେ ବିଳକ୍ଷଣ ଓ ବନ୍ଧଭଙ୍ଗୀରେ ଚମତ୍କାର ପ୍ରକାଶ, ତଥା ସାଧାରଣ ବୁଦ୍ଧିର ଅଗମ୍ୟ ଅଦ୍ଭୁତ କଳ୍ପନା ଚାତୁରୀ ପ୍ରଭୃତି ମଧ୍ୟ ତହିଁରେ ଛନ୍ଦେ ଛନ୍ଦେ ସନ୍ନିବେଶିତ ହୋଇଅଛି । ପ୍ରାଗ୍‌ଭଞ୍ଜୀୟ ଯୁଗର ସୁପ୍ରସିଦ୍ଧ ଓ ସୁପରିଚିତ ଓଡ଼ିଆ ପୁରାଣକାରମାନେ ( ମହାଭାରତ, ରାମାୟଣ, ଭାଗବତ, ହରିବଂଶ ପ୍ରଭୃତିର ଲେଖକମାନେ ) ଏ ଭଳି ବନ୍ଧଭଙ୍ଗୀର ପଦମାନ ଯେ ଆଦୌ ରଚନା କରି ନାହାନ୍ତି, ତାହା ନୁହେ । କିନ୍ତୁ ଆଧ୍ୟାତ୍ମିକତା, ଭକ୍ତିମନ୍ତ୍ର, ଶାନ୍ତିଧର୍ମୀ ସାହିତ୍ୟ ସର୍ଜନା ଏବଂ ଦାର୍ଶନିକ ତଥା ଯୋଗମୂଳକ ତତ୍ତ୍ୱ ବ୍ୟାଖ୍ୟାନ ଉପରେ ସେମାନେ ଅଧିକ ଗୁରୁତ୍ୱ ଦେଉଥିଲେ । ସାହିତ୍ୟ ସୃଷ୍ଟି ଥିଲା ସେମାନଙ୍କ ପକ୍ଷେ ଏହିସବୁ ଲକ୍ଷ୍ୟ ସାଧନର ଉପାୟ ବା ଅବଲମ୍ବନ । କିନ୍ତୁ ଭଞ୍ଜଯୁଗରେ ଅଧିକତର ଦୃଷ୍ଟି ଦିଆଗଲା, ଛନ୍ଦ-ସଂଯୋଜନ, ଗୀତିମୟତା ସମ୍ପାଦନ, ଅଳଙ୍କାରଶାସ୍ତ୍ର ନିର୍ଦ୍ଦେଶ ଅନୁସାରେ ଚରିତ୍ର ଚିତ୍ରଣ ଓ ପ୍ରକୃତି

---

(୧) ପ୍ରଶ୍ନ—କୋଠାରେ ( କେଉଁଠାରେ ) ରହି (କୃଷ୍ଣଙ୍କୁ) ଦେଖିବା ?
ଉତ୍ତର—କୋଠାରେ ( କୋଠା ଉପରେ ) ରହି ( କୃଷ୍ଣଙ୍କୁ ) ଦେଖିବା ।

ରଚନା ତଥା ବିଭିନ୍ନ ଶାସ୍ତ୍ର ପାଣ୍ଡିତ୍ୟର ପ୍ରମାଣ ସ୍ୱରୂପ ବିଭିନ୍ନ ତଥ୍ୟର ଅବତାରଣା । ଭକ୍ତକବିମାନେ ମଧ୍ୟ ଏହିସବୁ 'ରୀତି' ଭଙ୍ଗୀର ଆଶ୍ରୟ ନେଇ ସୁମଧୁର, ସୁଲଳିତ ଓ ପାଣ୍ଡିତ୍ୟବିକଶିତ କାବ୍ୟ ପ୍ରଣୟନରେ ଉଦ୍ୟୋଗୀ ହୋଇଲେ । ଶବ୍ଦର ଇନ୍ଦ୍ରଜାଲ ଏବଂ ଚିତ୍ର ତଥା ଅଳଙ୍କାର ପ୍ରକାଶ ଭଙ୍ଗୀରେ ବିଚିତ୍ରତା, ବିଲକ୍ଷଣତା, ଅଭିନବତା ଓ ବିସ୍ମୟୋଦ୍ଦୀପକତା ହିଁ ରୀତିଯୁଗ ସାହିତ୍ୟର ବିଶିଷ୍ଟ ଲକ୍ଷଣ ମଧ୍ୟରେ ଗଣ୍ୟ ହୋଇ ତତ୍ତ୍ୱବିଦମାନଙ୍କ ଦ୍ୱାରା ସ୍ୱୀକୃତ ହେଲା । ଅନ୍ୟ ଭାବରେ କହିଲେ, 'ରୀତି'ର ଆଦର୍ଶ ମଧ୍ୟରେ ବାହ୍ୟ ଆଭରଣ, ବିବିଧ ଶବ୍ଦ-ବିନ୍ୟାସମୂଳକ ଚାତୁରୀ ହିଁ ମହତ୍ତ୍ୱର ରୂପେ ପ୍ରତିଭାତ ହେଲା । ମଧ୍ୟଯୁଗ ଓଡ଼ିଆ ସାହିତ୍ୟରେ ରୀତିପ୍ରଚୁରତା ରହିଅଛି,—ଏପରିକି ଠାଏ ଠାଏ ରୀତିର ଐନ୍ଦ୍ରଜାଲିକ ପ୍ରକାଶଭଙ୍ଗୀ ମୁଖ୍ୟତଃ ସାହିତ୍ୟ-ସୌଷ୍ଠବର ନିୟାମକ ହୋଇଅଛି । କିନ୍ତୁ ଏହା ସମଗ୍ର ମଧ୍ୟଯୁଗ ଓଡ଼ିଆ ସାହିତ୍ୟକୁ ଏହି ନାମକରଣରେ ଚିହ୍ନିତ, ରୂପାୟିତ କିମ୍ବା ଆଚ୍ଛାଦିତ କରିବା ପାଇଁ ଯଥେଷ୍ଟ ନୁହେ । ମଧ୍ୟଯୁଗ ସାହିତ୍ୟର ଯେଉଁ ଚିନ୍ତାତ୍ମକ ତଥା ଭାବାତ୍ମକ ଉତ୍କର୍ଷ ବିଦ୍ୟମାନ, ତାହା 'ରୀତି'ର ଅନ୍ତର୍ଭୁକ୍ତ ନୁହେ କିମ୍ବା ଗୌଣରୂପେ ତ୍ୟାଜ୍ୟ ହୋଇ ନ ପାରେ ।

## ରୀତିଯୁଗ ବିକାଶମୂଳରେ ସାମାଜିକ ପରିସ୍ଥିତି :—

'ଉତ୍କଳ ଇତିହାସ' ଲେଖକ କୃପାସିନ୍ଧୁ ମିଶ୍ର ଲେଖିଛନ୍ତି, "ଉତ୍କଳର ଶେଷ ସ୍ୱାଧୀନ ଗଜପତି ରାଜା ମୁକୁନ୍ଦଦେବଙ୍କ ମୃତ୍ୟୁଠାରୁ ମରହଟ୍ଟା ଅଧିକାର ପର୍ଯ୍ୟନ୍ତ ( ଖ୍ରୀ: ଅ: ୧୫୬୮ ରୁ ଖ୍ରୀ: ଅ: ୧୭୫୧ ) ଏ ଦୁଇଶତ ବର୍ଷ ମଧ୍ୟରେ ଉତ୍କଳ ଇତିହାସର ଯେ ବିପ୍ଳବ, ଲୁଣ୍ଠନ ଓ ଅତ୍ୟାଚାର, ରକ୍ତପାତର କାହାଣୀ ପୂର୍ବବର୍ତ୍ତୀ ଅଧ୍ୟାୟମାନଙ୍କରେ ବର୍ଣ୍ଣିତ ହେଲା, ତହିଁରୁ ଦେଶରେ ଶାସନତନ୍ତ୍ର ଯେ କେବେ ନିୟମିତ ଶୃଙ୍ଖଳାରେ ଚାଲିଥିଲା, ବୋଧହୁଏ ନାହିଁ । ମାତ୍ର ସେ ସକଳ ଅଶାନ୍ତି, ଅରାଜକତା ଓ ବିଶୃଙ୍ଖଳା ମଧ୍ୟରେ ସମୟ ସମୟରେ ଜଣେ ଜଣେ ସୁଶାସକଙ୍କ ଶାସନ ପଦ୍ଧତିର ଯେ ଆଭାସ ମିଳେ, ତହିଁରେ ଦେଶବାସୀ ସାମାନ୍ୟ ଆଶ୍ୱାସନା ପାଉଥିଲେ । × × × ମୋଗଲ ରାଜତ୍ୱରେ ସାମାଜିକ ବିଧାନ କ୍ରମେ ଜଟିଳ ହୋଇଉଠିଲା । କୌଳିନ୍ୟ ପ୍ରଥା ସମାଜରେ ପଶିଲା । ପ୍ରାଚୀନ ସ୍ୱାଧୀନ ରଣାରଙ୍ଗ ଓ ବିଜୟୀ ଅଭିଜାତ କ୍ରମେ ଅବନତ ହୋଇ ବୃଥା-ବଡ଼ିମା ବଢ଼ାଇବାରେ ଲାଗିଲେ । × × × ସମସ୍ତ ଲୁଣ୍ଠନ ଅତ୍ୟାଚାର ସତ୍ତ୍ୱେ × × × କୃଷି ବାଣିଜ୍ୟରେ ଦେଶବାସୀ ଆପଣାର ଆର୍ଥିକ

ଅବସ୍ଥାର ସ୍ୱଚ୍ଛଳତା ବଢ଼ାଉଥିଲେ × × × ଗଜପତିଙ୍କ ରାଜତ୍ୱର ପାଣ୍ଡିତ୍ୟଚର୍ଚ୍ଚା ଉତ୍କଳରୁ ଲୋପ ପାଇ ନ ଥିଲା । ବ୍ରାହ୍ମଣମାନେ ସାଧାରଣ ସଂସ୍କୃତ ଚର୍ଚ୍ଚାରେ ଅନୁରକ୍ତ ଥିଲେ । ଭୋଇବଂଶୀୟ ରାଜାମାନଙ୍କର ଶାସନ, ଦାନ ଓ କୌଳୀନ ବିଧାନ ତତ୍‌କାଳୀନ ପାଣ୍ଡିତ୍ୟର ସମଧିକ ପରିଚୟ ଦିଏ । କାବ୍ୟ, ନାଟକ, ସ୍ମୃତି, ବ୍ୟାକରଣ, ଦର୍ଶନ, ଅଭିଧାନ, କର୍ମକାଣ୍ଡ, ଯୁଦ୍ଧବିଦ୍ୟା, ଜ୍ୟୋତିଷ, ଆୟୁର୍ବେଦ, ଗଣିତ ପ୍ରଭୃତି ବିଦ୍ୟାରେ ସେକାଳର ପଣ୍ଡିତମାନେ ମୂଳଗ୍ରନ୍ଥ ଓ ଟୀକା ଆକାରରେ ବହୁ ଗ୍ରନ୍ଥ ପ୍ରଣୟନ କରିଥିଲେ (୧)

## **ତତ୍କାଳୀନ ସଂସ୍କୃତପାଠୀ ଏବଂ ଓଡ଼ିଆ ସାହିତ୍ୟ :—**

ଉପେନ୍ଦ୍ର ଭଞ୍ଜଙ୍କ ପୂର୍ବର ସାମାଜିକ ପରିସ୍ଥିତି ବିଚାର କଲେ ଜଣାଯିବ ଯେ, ଉତ୍କଳରେ ଜଣେ 'ବିପ୍ଳବୀ'ର ଉଦ୍ଭବ ଏକାନ୍ତ ଆବଶ୍ୟକ ଥିଲା । ସାରଳା ଦାସଙ୍କ ସମୟରୁ ଆରମ୍ଭ କରି ଉପେନ୍ଦ୍ରଙ୍କ ପର୍ଯ୍ୟନ୍ତ ଉତ୍କଳର ସାମାଜିକ ସଂସ୍ଥା ଯେପରି ଥିଲା, ତଦ୍ଦ୍ୱାରା ସାହିତ୍ୟ ଓ ମାତୃଭାଷାର ଅଗ୍ରଗତି ପଦେ ପଦେ ବ୍ୟାହତ ହେବାର ଯଥେଷ୍ଟ ଆଶଙ୍କା ଥିଲା । ଉତ୍କଳର ରାଜାମାନେ ପଣ୍ଡିତମାନଙ୍କର ପୃଷ୍ଠପୋଷକ ଥିଲେ । ବ୍ରାହ୍ମଣ ପଣ୍ଡିତମାନେ ସଂସ୍କୃତ ସାହିତ୍ୟର ଚର୍ଚ୍ଚା ଫଳରେ (ଏବଂ ରକ୍ଷଣଶୀଳତାର ଅନୁଧାବନରେ) ବ୍ରାହ୍ମଣ୍ୟ ବ୍ୟବସ୍ଥାକୁ ସେତେବେଳେ ମଧ୍ୟ କାର୍ଯ୍ୟକାରୀ କରିବାକୁ ଚେଷ୍ଟିତ ଥିଲେ । ସାଧାରଣତଃ ଓଡ଼ିଆ ଭାଷାରେ କାବ୍ୟ-କବିତା ରଚନା କରିବା ସେମାନଙ୍କର ରୁଚିବିଗର୍ହିତ ଥିଲା । ସଂସ୍କୃତ-ସାହିତ୍ୟ ଏତେ ସୁମିଷ୍ଟ, ଏତେ ଗମ୍ଭୀର ଓ ଏତେ ରସାଳ ଯେ, ଯେଉଁ ପଣ୍ଡିତ ଥରେ ସେହି କାବ୍ୟ ରସାମୃତ ପାନ କରିବାକୁ ସମର୍ଥ ହେଉଥିଲା ବା ସୁଯୋଗ ପାଉଥିଲା, ସେହି ଯୁଗର ଉତ୍କଳ-ସାରସ୍ୱତ ଭଣ୍ଡାର ତା ଦୃଷ୍ଟିରେ ଅକିଞ୍ଚନ ପ୍ରତୀତ ହେଉଥିଲା । ପ୍ରସିଦ୍ଧ ଆଳଙ୍କାରିକ ପଣ୍ଡିତରାଜ ଜଗନ୍ନାଥ ତାଙ୍କ 'ଭାମିନୀ ବିଳାସ'ରେ ଲେଖିଛନ୍ତି (୨), ଯେଉଁ ମରାଳ ମାନସ ସରୋବର

---

(୧) 'ଉତ୍କଳ ଇତିହାସ'ର ପୃ-୨୪୦ ଠାରୁ ପୃ-୨୭୭ ମଧ୍ୟରୁ ସଗୃହୀତ ।

(୨) ପୁରା ସରସି ମାନସେ ବିକଚ ସାରସାଳି ସ୍ଖଳତ୍-
ପରାଗ ସୁରଭୀକୃତେ ପୟସି ଯସ୍ୟ ଯାତଂ ବୟଃ ।
ସ ପଲ୍ୱଳ ଜଳେଽଧୁନା ମିଳଦନେକ ଭେକାକୁଳେ,
ମରାଳ କୁଳନାୟକଃ କଥୟରେ କଥଂବର୍ତ୍ତତାମ୍ ।

ଅଗଣିତ ଫୁଲ୍ଲାରବିନ୍ଦରୁ ସ୍ଖଳିତ ପରାଗରେ ସୁରଭିକୃତ ବିମଳ ଜଳରାଶିରେ କେଳି କରୁଥିଲା, ତାକୁ ଯେବେ ଭେକପୂର୍ଣ୍ଣ ଓ ଆବିଳ ଜଳପୂର୍ଣ୍ଣ ତଡ଼ାଗରେ ବିହାର କରିବାକୁ ପଡ଼େ, ତେବେ ତା ଦୁଃଖର ସୀମା ରହିବ କି ?

## ପ୍ରଥମ ମହାକବି ସାରଳାଙ୍କ ଦୁଇହଟା—

ସଂସ୍କୃତ ପଣ୍ଡିତମାନଙ୍କର ସଂସ୍କୃତ-ସାହିତ୍ୟଲବ୍ଧ ବିମଳ 'ମାନସ' ଜଳରୂପୀ ସ୍ୱଚ୍ଛନ୍ଦ କାବ୍ୟରସ ତୁଳନାରେ ନବୋଦିତ ଉତ୍କଳ-ସାହିତ୍ୟ ଏକାନ୍ତ ନୀରସ ଥିଲା । ସେଥିପାଇଁ, ସେମାନେ କେବଳ ଯେ ଓଡ଼ିଆ ସାହିତ୍ୟର ସେବକ ନ ଥିଲେ, ତାହା ନୁହେଁ; ବରଂ ଅନ୍ୟ ଓଡ଼ିଆ ବାଣୀ-ସାଧକଙ୍କର ସେମାନେ ଘୋର ପ୍ରତିବାଦୀ ଓ ବିରୋଧୀ ମଧ୍ୟ ହୋଇଯାଇଥିଲେ । ଏହାର ପ୍ରମାଣ ଦେବା ଲାଗି ଆମକୁ ପ୍ରାଗ୍‌ଭଞ୍ଜୀୟ ପ୍ରସିଦ୍ଧ କବିମାନଙ୍କର କୃତିମାନ ପରିଶୀଳନ କରିବାକୁ ପଡ଼ିବ । ସ୍ୱୟଂ ସାରଳା ଦାସ ସଂସ୍କୃତରେ କେତେଦୂର ବ୍ୟୁତ୍ପତ୍ତିଲାଭ କରିଥିଲେ, ତାହା ଏ ପର୍ଯ୍ୟନ୍ତ ସ୍ପଷ୍ଟ ପ୍ରତିପାଦିତ ହୋଇ ନାହିଁ । ତଥାପି ଉକ୍ତ ସମସ୍ୟାର ସପକ୍ଷ ବା ବିପକ୍ଷରେ ଉପସ୍ଥାପିତ ଯୁକ୍ତିଗୁଡ଼ିକୁ ଏଠାରେ ପରୀକ୍ଷା ନ କରି, କବି ନିଜେ ପଣ୍ଡିତମାନଙ୍କ ପ୍ରତିରୋଧର କିପରି ସମ୍ମୁଖୀନ ହୋଇଥିଲେ, ତାହା ଆମର ବିଚାର୍ଯ୍ୟ ହେବା ବିଧେୟ । ସେ ନିଜର 'ରାମାୟଣ', 'ମହାଭାରତ' ଓ 'ଭାଗବତ'ରେ (୧) ସ୍ପଷ୍ଟ କହିଅଛନ୍ତି ଯେ, ସାରଳା ଠାକୁରାଣୀଙ୍କ ପ୍ରସାଦରୁ ସେ ଏ ଗ୍ରନ୍ଥଗୁଡ଼ିକ ଲେଖିବାକୁ ସମର୍ଥ ହୋଇଥିଲେ । ସେହି ସମୟରେ 'ମହାଭାରତ' ଭଳି ଗ୍ରନ୍ଥ ଲେଖିବାକୁ ଅଭିଳାଷ ପୋଷଣ କରିବା ଜଣେ ଓଡ଼ିଆ ପକ୍ଷରେ କମ୍ ସାହସ ଓ ପ୍ରଶଂସାର ବିଷୟ ନ ଥିଲା । ଜଣାଯାଉଛି ଯେ, ତାଙ୍କର ଗ୍ରନ୍ଥ ରଚନା ସାର୍ଥକ ହେଲା, ଯେତେବେଳେ ସଂସ୍କୃତ ଅନଭିଜ୍ଞ ପାଠକସମାଜ ଆଦର ସହକାରେ ତାଙ୍କ ଓଡ଼ିଆ ମହାଭାରତ ପାଠ କରିବାକୁ ଲାଗିଲେ । କବି ନିଜ ସ୍ଥାନ ଝଙ୍କଡ଼ରେ ବସି ସମଗ୍ର ମହାଭାରତ ରଚନା କରି ନ ଥିଲେ । ଗ୍ରନ୍ଥର ପ୍ରାରମ୍ଭ ଓ ପରିସମାପ୍ତି ମଧ୍ୟରେ ସେ ପୁରୁଷୋତ୍ତମ ପୁରୀ, କୋଣାର୍କ ପ୍ରଭୃତି

---

(୧) ସାରଳା ଦାସ "ଭାଗବତ" ଲେଖିଛନ୍ତି, ଶୁଣିଲା ମାତ୍ରେ ହଠାତ୍ ମନରେ ଏକ ଅଦ୍ଭୁତ ପ୍ରଶ୍ନ ଉଠିବ—କାରଣ 'ଭାଗବତ' ନାମିତ ତାଙ୍କର କୌଣସି ଗ୍ରନ୍ଥ ନାହିଁ । କିନ୍ତୁ କଥା ହେଉଛି, 'ଚଣ୍ଡୀପୁରାଣ' ତାଙ୍କର ପରିଚିତ ଲେଖା । ରାମାୟଣ, ମହାଭାରତ ଓ ଭାଗବତ, ଏହି ତିନୋଟି ଭାରତର ବିଖ୍ୟାତ ମହାଗ୍ରନ୍ଥ । ଏଠାରେ ବୁଝାଇ ଦେବାର ଅଛି ଯେ, 'ଭାଗବତ ପୁରାଣ' ଭାରତର

ତୀର୍ଥସ୍ଥଳ ପରିଭ୍ରମଣ କରିଥିଲେ। ପୁରୀରେ ତାଙ୍କର ଅବସ୍ଥାନବେଳେ ସାଧାରଣ ଜନତା ଓଡ଼ିଆ ଭାଷାରେ ମହାଭାରତ ରଚିତ ହୋଇଥିବା ଜାଣି କବିଙ୍କୁ ବିପୁଳ ସମ୍ବର୍ଦ୍ଧନା ଜଣାଇଥିଲେ। ସମ୍ବର୍ଦ୍ଧନାର ପରିସର ପ୍ରସାରିତ ହେବା ସଙ୍ଗେ ସଙ୍ଗେ ପୁସ୍ତକଳ ସଂସ୍କୃତ ସାହିତ୍ୟସେବୀ ପଣ୍ଡିତମାନେ କବିଙ୍କର କାବ୍ୟ ମଧ୍ୟରେ ନାନା ଦୋଷ ପ୍ରଦର୍ଶନ କରିବାକୁ ଚେଷ୍ଟା କଲେ। ଦୃଷ୍ଟାନ୍ତସ୍ୱରୂପ, ଯୁଦ୍ଧ ନିମନ୍ତେ ପ୍ରସ୍ତୁତ ହାତୀମାନଙ୍କର ବର୍ଣ୍ଣନା କରି କବି ଲେଖିଛନ୍ତି—'ଗଜ ବାରଯୁଣ ତାର ଘଣ୍ଟା ବାରଯୁଣ।' ଦୋଷଦର୍ଶୀ ପଣ୍ଡିତମାନେ ପ୍ରଶ୍ନ କଲେ, "ହାତୀର ଦୀର୍ଘତା ଯଦି ବାର ଯୋଜନ, ତେବେ ତାର ବେକରେ ବନ୍ଧାଯାଇଥିବା ଘଣ୍ଟାର ଦୀର୍ଘତା ମଧ୍ୟ ବାର ଯୋଜନ ହେବ କିପରି?" ଅବଶ୍ୟ, ପ୍ରଥମେ ସାରଳା ଦାସ ଏ ଅସମ୍ଭାବିତ ଦୋଷ ପ୍ରଦର୍ଶନରେ ବଡ଼ ବିବ୍ରତ ହୋଇ ପଡ଼ିଥିଲେ। କିନ୍ତୁ ପରେ, ଗଭୀର ଭକ୍ତିପୂତ ହୃଦୟରେ ଜଗନ୍ନାଥଙ୍କର ଶରଣାପନ୍ନ ହୋଇ ପ୍ରତିବାଦୀମାନଙ୍କୁ ପରାସ୍ତ କରିଥିଲେ। ସେ ବୁଝାଇ ଦେଇଥିଲେ ଯେ, ଦୈବ ମାନ (ମାପ)ରେ ହାତୀଗୁଡ଼ାକର ଲମ୍ବା ଥିଲା ବାର ଯୋଜନ, କିନ୍ତୁ ମାନୁଷ (ମାନବ) ମାନ ଅନୁସାରେ ଘଣ୍ଟାଗୁଡ଼ାକର ଦୀର୍ଘତା ଥିଲା ବାର ଯୋଜନ। ସୁତରାଂ ଏଥିରେ କିଛି ଅସଙ୍ଗତ ନାହିଁ। ପଣ୍ଡିତମାନେ ଏହା ଶୁଣି ଅବାକ୍ ହୋଇ ଯାଇଥିଲେ।

## ଅନ୍ୟମାନଙ୍କର ସେହିଭଳି ଦୁର୍ଦ୍ଦଶା

ଷୋଡ଼ଶ ଶତାବ୍ଦୀରେ ମଧ୍ୟ ଠିକ୍ ସେହି କଥା। କୃପାସିନ୍ଧୁ ବଳରାମ ଦାସ (୧) ଥିଲେ ଓଡ଼ିଶାର ତତ୍କାଳୀନ ମନ୍ତ୍ରୀଙ୍କର ପୁତ୍ର। ଜଗନ୍ନାଥଙ୍କଠାରେ

---

ସୁପ୍ରସିଦ୍ଧ ଅଷ୍ଟାଦଶ ପୁରାଣର ଅନ୍ତର୍ଗତ। ତେବେ ବୈଷ୍ଣବମାନେ କହନ୍ତି, "ଶ୍ରୀମଦ୍‌ଭାଗବତ" ହିଁ ଅଷ୍ଟାଦଶ ପୁରାଣରେ ଅନ୍ତର୍ଗତ। ମାତ୍ର ଶାକ୍ତମାନେ କହନ୍ତି, "ଦେବୀ ଭାଗବତ" (ଯହିଁରେ ଦୁର୍ଗା ବା ଚଣ୍ଡୀଙ୍କର ମାହାତ୍ମ୍ୟ ଓ ବିଚିତ୍ର ଲୀଳା ବର୍ଣ୍ଣିତ) ହିଁ ଅଷ୍ଟାଦଶ ପୁରାଣ ଅନ୍ତର୍ଭୁକ୍ତ (ଅର୍ଥାତ୍ ଶ୍ରୀମଦ୍‌ଭାଗବତ ତହିଁର ଅନ୍ତର୍ଗତ ନୁହେ) ପଣ୍ଡିତ ଗଙ୍ଗାନାଥ ଝା ପ୍ରମୁଖଙ୍କର ଏ ସମ୍ପର୍କୀୟ ଆଲୋଚନା ପ୍ରଣିଧେୟ। ଏଠାରେ 'ରାମାୟଣ' କହିଲେ 'ବିଲଙ୍କା ରାମାୟଣ' ଓ 'ଭାଗବତ' କହିଲେ 'ଚଣ୍ଡୀପୁରାଣ'କୁ ହିଁ ବୁଝିବାକୁ ହେବ।

(୧) ଏହି ବଳରାମ ଦାସଙ୍କୁ ମନେପକାଇ, ଉପେନ୍ଦ୍ର ଭଞ୍ଜ 'ବୈଦେହୀଶ ବିଳାସ' କାବ୍ୟର ମୂଳରେ ଲେଖିଛନ୍ତି, "କୃପାସିନ୍ଧୁ ଏ ଗୀତ ପ୍ରକାଶେ ଗ୍ରନ୍ଥିଲେ ତନ୍ତ୍ର।"

ତାଙ୍କର ପ୍ରଗାଢ଼ ଭକ୍ତ ଥିଲ । ସେ ଥିଲେ ଯୋଗୀ ଓ ଦାର୍ଶନିକ । ନୈସର୍ଗିକ କବିତ୍ତ ତାଙ୍କର 'ଦାଣ୍ଡୀ ରାମାୟଣ'ରେ ବର୍ଷାକାଳର ତଟିନୀ ତୁଲ୍ୟ ପ୍ରଖର ବେଗରେ ପ୍ରବାହିତ । ଓଡ଼ିଶାର ଜନସାଧାରଣ ହୁଏ ତ ଯଥାଯୋଗ୍ୟ ଭାବରେ କବିଙ୍କର ପରିଚୟ ପାଇ ନାହାନ୍ତି । ତଥାପି, ତାଙ୍କର 'ଦାଣ୍ଡୀ ରାମାୟଣ'କୁ ଆଜ ପର୍ଯ୍ୟନ୍ତ ଓଡ଼ିଆ ଭାଷା ଓ ସାହିତ୍ୟ-କୋଷର ଗୋଟିଏ ଅମୂଲ୍ୟ ରତ୍ନ ରୂପେ ବିବେଚନା କରି ଆସିଛନ୍ତି । ନିଜ "ବେଦାନ୍ତସାର ଗୁପ୍ତଗୀତା"ରେ ବଳରାମ ଦାସ ସ୍ୱୀୟ ଓଡିଆ-ସାହିତ୍ୟ ସାଧନାରେ ବିରକ୍ତ ହୋଇଥିବା ପଣ୍ଡିତମାନଙ୍କଠାରୁ କିପରି 'ପ୍ରାଭବ' ପାଇଥିଲେ, ତାହା ଦର୍ଶାଇଛନ୍ତି । ସେ ଲେଖିଛନ୍ତି, ମୁକ୍ତିମଣ୍ଡପ ସଭାରେ 'ପ୍ରଣବ'ର (ଓଁକାର ତତ୍ତ୍ୱ) ଉତ୍ପତ୍ତି ସମ୍ବନ୍ଧେ ପଣ୍ଡିତମାନଙ୍କ ମଧ୍ୟରେ ଆଲୋଚନା ହେଉଥିବା ବେଳେ ସେ ସେଠାରେ ଉପସ୍ଥିତ ଥିଲେ । ଧୀର ସ୍ଥିର ଭାବରେ ଆଲୋଚନା ନ କରି, ଶାସ୍ତ୍ରାଲୋଚନାକୁ କଳହରେ ପରିଣତ କରୁଥିବାରୁ, ବଳରାମ ତହିଁରେ ବିଚଳିତ ହୋଇ, "ମାର୍କଣ୍ଡେୟ ପୁରାଣ" ଅନ୍ତର୍ଗତ ଗୋଟିଏ ସିଦ୍ଧାନ୍ତ ସେମାନଙ୍କର ସମକ୍ଷରେ ଉପସ୍ଥାପିତ କଲେ । ଫଳରେ, ସେମାନଙ୍କର ତିରସ୍କାର ହିଁ ତାଙ୍କର ପୁରସ୍କାର ହେଲା । ସେ ଲେଖିଛନ୍ତି—

"ତା ଶୁଣି ବିପ୍ରେ କଲେ କଳି
ବହୁତ ଦେଲେ ମୋତେ ଗାଳି ।
ତୁ ସୋମନାଥ ଶୂଦ୍ର ସୁତ
ତୁ କହୁ ବେଦାନ୍ତ ଚରିତ ।
ତୁ ସ୍ଥୂଳ ମୂଢ଼ ହୀନ ଜନ
ତୁ କହୁ ବେଦାନ୍ତ ବିଧାନ ।"

## କୃପାସିନ୍ଧୁ ବଳରାମ ଅପମାନିତ—

ଏଥିରେ ରକ୍ଷଣଶୀଳ ସମାଜର ଏକ ଜ୍ୱଳନ୍ତ ପ୍ରମାଣ ମିଳେ । ଶୂଦ୍ର ବେଦ-ବେଦାନ୍ତ ଚର୍ଚ୍ଚାର ଅଧିକାରୀ ନୁହେ । ସୁତରାଂ ଶୂଦ୍ର ବଳରାମଙ୍କ ମୁଖରେ ବେଦାନ୍ତ ତତ୍ତ୍ୱର ବ୍ୟାଖ୍ୟାନ ଅସଙ୍ଗତ; ଏହା ହିଁ ଥିଲା ପଣ୍ଡିତଙ୍କର ମତ । ଓଡ଼ିଆ ଭାଷାର ବିକାଶ ଉପରେ ଏ ଭଳି ପରିସ୍ଥିତି କି ପ୍ରଭାବ ପକାଉଥିବ, ତାହା ସହଜରେ ଅନୁମେୟ । ଏବେ ମଧ୍ୟ ପ୍ରାଚୀନପନ୍ଥୀ ମନୋଭାବ ହେତୁରୁ, ଆମ ଦେଶରେ ଉଚ୍ଚ ଦରମାର ଟେକ୍‌ନିକାଲ ଚାକିରିଟିଏ ଦିଆଗଲେ, ନିଜର ଜାତି ଓ କୁଳର ବାହାନାରେ ଅନେକେ ବେକାର ଲୋକ ମଧ୍ୟ ତାକୁ ଗ୍ରହଣ କରିବାକୁ ବ୍ୟଗ୍ର ନ ହେବାର ଦେଖାଯାଉଛି । ସମାଜସ୍ଥିତିମୂଳକ ବୃଥା ଗୌରବ-

ଧାରଣାର ପ୍ରଚାରଣାତ୍ମକ ପ୍ରଭାବ ଆଜି ବିଂଶ ଶତାବ୍ଦୀରେ, ମଣିଷ ଚନ୍ଦ୍ର-ମଣ୍ଡଳରେ ମଟର ଚଳାଇବା ପରେ ମଧ୍ୟ ଯଦି ଏହିଭଳି ଲାଗୁଛି, ତେବେ ସେ ଯୁଗରେ ତାହା କେତେଦୂର ଉତ୍କଟ ନ ଥିବ ।

ଏ ଭଳି ଭାବରେ ଆଲୋଚନା କଲେ, ସାମାଜିକ ପୃଷ୍ଠପଟରେ ଓଡ଼ିଆ ସାହିତ୍ୟ ଚର୍ଚ୍ଚାମୂଳକ କବି-ପଣ୍ଡିତ ଖଣ୍ଡନ-ମଣ୍ଡନର ନାନା ଦୃଷ୍ଟାନ୍ତ ମିଳିବ । ସାରଳା ଦାସ ଏବଂ ବଳରାମ ଦାସ ପଣ୍ଡିତମାନଙ୍କର ଆକ୍ଷେପରେ ବୋଧହୁଏ ଏତେଦୂର ଖିନ୍ନମନସ୍କ ହୋଇଥିଲେ ଯେ, ନିଜ ନିଜର ଶ୍ରମସାଧନା ପ୍ରସୂତ ଗ୍ରନ୍ଥଗୁଡ଼ିକୁ ଯଥାକ୍ରମେ ସାରଳା ଚଣ୍ଡୀ ଓ ଜଗନ୍ନାଥଙ୍କର ମୁଖନିଃସୃତ ବାଣୀରୂପେ ବର୍ଣ୍ଣନା କରି ଯାଇଛନ୍ତି । (୧)

## ଜଗନ୍ନାଥ ଦାସ ମଧ୍ୟ ତିରସ୍କୃତ—

ସାରଳା କିମ୍ବା ବଳରାମ ଯେପରି ମୂଳ ଭାରତ କିମ୍ବା ମୂଳ ରାମାୟଣ ଅନୁବାଦ ନ କରି ସେଗୁଡ଼ିକର ଅନୁସରଣରେ 'ମହାଭାରତ' ଓ 'ଦାଣ୍ଡୀ ରାମାୟଣ' ରଚନା କରିଥିଲେ, ଜଗନ୍ନାଥ ସେହିପରି ସଂସ୍କୃତ ଭାଗବତର ଆକ୍ଷରିକ ଅନୁବାଦ ନ କରି, ସ୍ଥଳବିଶେଷରେ କେତେକ ଅଂଶର ପରିହାର କିମ୍ବା ସଂଯୋଜନ ପୂର୍ବକ 'ଓଡ଼ିଆ ଭାଗବତ' ରଚନା କରିଥିଲେ । ପରବର୍ତ୍ତୀ ଓଡ଼ିଆ କବିମଣ୍ଡଳୀ, ଉତ୍କଳର ଶତ ଶତ ଧର୍ମପ୍ରାଣ ଓ ପୁରାଣପ୍ରେମୀ ପାଠକ ତାହାଁରୁ ଯେଉଁ ସୁଫଳ ପାଇଛନ୍ତି, ତାହା କଳନା କରି ହେବ ନାହିଁ । ହେଲେ ହେଁ, ସଂସ୍କୃତ ଭାଗବତରେ ଯେଉଁମାନଙ୍କର ଶ୍ରଦ୍ଧା ଓ ବ୍ୟୁତ୍ପତ୍ତି ଥିଲା, ସେମାନେ ଜଗନ୍ନାଥଙ୍କୁ କଟୁ ସମାଲୋଚନା କରିଥିଲେ । ଏପରି କି ବତରେଣୀ ଓଡ଼ିଆ ଭାଗବତକୁ "ତେଲି ଭାଗବତ" ନାମରେ ନିନ୍ଦିତ କରାଯାଇଥିଲା । ପୁରାଣମାନଙ୍କରେ ନାନା ବୈଦିକ ତତ୍ତ୍ୱ, ଆଖ୍ୟାୟିକା ଛଳରେ ବ୍ୟାଖ୍ୟାନ କରାଯାଇଛି । ତାହାଁରେ ସଂସ୍କୃତ ପଣ୍ଡିତଙ୍କର ଆସ୍ଥା ଥିଲା ଅସୀମ । ସେମାନଙ୍କର ବିଶ୍ୱାସ ଯେ, ବିଧି ଅନୁସାରେ ସଂସ୍କୃତ ଭାଗବତ ପାରାୟଣ କଲେ ଶବ୍ଦଶକ୍ତିଜନିତ ସୁଫଳ ପାଠକର ଅଧିଗତ ହୁଏ । ପୁରାଣରେ ଠାଏ ଲେଖାଅଛି, "ଅର୍ଥ ନ ବୁଝି ମଧ୍ୟ ଯେବେ ପରିଶୁଦ୍ଧ ଉଚ୍ଚାରଣପୂର୍ବକ ପୁରାଣ ଅଧ୍ୟୟନ କରାଯାଏ, ତେବେ ତାହା

---

(୧) ସାରଳା 'ଚଣ୍ଡୀ ପୁରାଣ'ରେ "ଶୂଦ୍ରମୁନି ସାରଳା ଅଟେ ଚଣ୍ଡୀ ପୁତ୍ର" ଏବଂ 'ବିଲଙ୍କା ରାମାୟଣ'ରେ "ସେ ଯାହା କରନ୍ତି ଆଜ୍ଞା ତାହା ମୁଁ ଲେଖଇ, ଅପଣ୍ଡିତ ମୂର୍ଖ ମୋର ଶାସ୍ତ୍ରଜ୍ଞାନ ନାହିଁ ।" ବୋଲି ଲେଖିଛନ୍ତି ।

ଅର୍ଥ ଅବଗତିପୂର୍ବକ ଅଧ୍ୟୟନ ପାଠ (ଉତ୍ତମ ପାଠ) ସୁଭଫଳଦାୟକ ହୁଏ” (୧)। ଏଠାରେ ‘ପାଠ’ ବା ‘ପାରାୟଣ’ ସଂସ୍କୃତ ପୁରାଣ ପ୍ରତି ହିଁ ପ୍ରଯୋଜ୍ୟ । ତେଣୁ, ପାରମ୍ପରିକ ବିଶ୍ୱାସରେ ସେମାନେ କହୁଥିଲେ, ଭାଗବତରେ ଓଡ଼ିଆ ପାଠ ସଂସ୍କୃତ ଗ୍ରନ୍ଥର ପାଠ ପରି ସୁଫଳ ପ୍ରସବ କରିବାକୁ ଅସମର୍ଥ । ଦ୍ୱିତୀୟରେ, ଜଗନ୍ନାଥଙ୍କର ଭାଗବତ ସଂସ୍କୃତ ଭାଗବତର ଅନୁବାଦ ବୋଲି ସେତେବେଳେ ମଧ୍ୟ ପ୍ରଚରିତ ହେଉଥିଲା । କିନ୍ତୁ ମୂଳ ଭାଗବତର ଅନୁବାଦ ହୋଇଥିବା ତ ଦୂରର କଥା, କ୍ରମିକ ଢଙ୍ଗରେ ଅବତାରଣା ମଧ୍ୟ କରାଯାଇ ନାହିଁ । ଦୃଷ୍ଟାନ୍ତ ସ୍ୱରୂପ, କେବଳ ଦଶମ ସ୍କନ୍ଧର ପ୍ରଥମ ଅଧ୍ୟାୟ ଉପସ୍ଥାପନ କରାଯାଇପାରେ । ଅନ୍ୟ ସ୍ଥଳମାନଙ୍କରେ ଘଟଣାଗୁଡ଼ିକର ବର୍ଣ୍ଣନାକ୍ରମ ମଧ୍ୟ ଠାଏ ଠାଏ ପରିବର୍ତ୍ତନ କରି ଦିଆଯାଇଛି । କିନ୍ତୁ ଓଡ଼ିଆ ଭାଗବତର ଦଶମ ସ୍କନ୍ଧର ଦ୍ୱିତୀୟ ଅଧ୍ୟାୟ ହେଉଛି ମୂଳ (ସଂସ୍କୃତ) ଭାଗବତର ପ୍ରଥମ ଅଧ୍ୟାୟ । ଏଠାରେ ମନେ ରଖିବାକୁ ହେବ ଯେ, ଭକ୍ତକବି ଜଗନ୍ନାଥ ଭାଗବତର ‘ବଦ୍ଧ’ (Literal) ଅନୁବାଦ ନ କରି ‘ମୁକ୍ତ’ (Free) ଅନୁବାଦ କରିଛନ୍ତି; କିନ୍ତୁ ପଣ୍ଡିତମାନେ ଅନୁବାଦ (୨) ଦ୍ୱାରା ଆକ୍ଷରିକ ଅନୁବାଦ ହିଁ ବୁଝୁଥିଲେ ।

ଆଜିକାଲି ଯାହାକୁ ମୁକ୍ତ ଅନୁବାଦ ବା ମର୍ମାନୁବାଦ କୁହାଯାଉଛି, ସେତେବେଳେ ତାହା ଆଦୃତ ହେଉ ନ ଥିଲା । ଭାଗବତର ପ୍ରତି ଶ୍ଳୋକ ଅନ୍ତର୍ଗତ ପ୍ରତ୍ୟେକ ପଦର ସାରମର୍ମ ଅନୂଦିତ ହୋଇଛି କି ନାହିଁ, ସେମାନେ ଆଲୋଚନା କରି ଦେଖିଥିଲେ (୩) । ଫଳରେ, ଓଡ଼ିଆ ଭାଗବତର ଦୋଷ ତ୍ରୁଟି ଦର୍ଶାଇବାର ପ୍ରୟାସରେ ସେମାନେ ଲବ୍ଧକାମ ହେଉଥିଲେ । ଏପରି କି ପୂତପ୍ରାଣ

---

(୧) ଜ୍ଞାନାର୍ଥଃ ଶୁଦ୍ଧପାଠଶ୍ଚୋତ୍ତମପାଠୋ ଭବେତ୍ ।

(୨) ଅନୁବାଦଃ—ଅନୁ (ପଶ୍ଚାତ୍) ବାଦଃ—କଥନମ୍ । ଅର୍ଥାତ୍ ମୂଳରେ ଯାହା ଯେପରି କୁହାଯାଇଛି, ତାହା ଠିକ୍ ସେହିପରି କହିବା ହିଁ ଅନୁବାଦ ।

(୩) ଦୃଷ୍ଟାନ୍ତ ଦେଖନ୍ତୁ—ଭାଗବତ ଦଶମ ସ୍କନ୍ଧ, ୨୯ ଅଧ୍ୟାୟରୁ ରାସପଞ୍ଚାଧ୍ୟାୟୀ ଆରମ୍ଭ । ଏହାର ପ୍ରଥମ ଶ୍ଳୋକ ହେଉଛି—

ଭଗବାନପି ତା ରାତ୍ରୀଃ ଶରଦୋତ୍ଫୁଲ୍ଲମଲ୍ଲିକାଃ
ବୀକ୍ଷ୍ୟରନ୍ତୁଂ ମନଶ୍ଚକ୍ରେ ଯୋଗମାୟାମୁପାଶ୍ରିତଃ ।

ଜଗନ୍ନାଥଙ୍କର କୀର୍ତ୍ତିକୁ କାଳିମା କଳୁଷିତ କରି ନ ପାରି, ଶେଷରେ ତାଙ୍କ ବିରୁଦ୍ଧରେ ଚରିତ୍ରଗତ ଦୋଷର ଅଭିଯୋଗ କରିଥିଲେ । ନିନ୍ଦୁକଙ୍କ ଜଗନ୍ନାଥ କିନ୍ତୁ ସ୍ୱୟଂ ଉତ୍କଳ ନରପତିଙ୍କ ଦ୍ୱାରା ପରୀକ୍ଷିତ ହୋଇ, ଶୁଦ୍ଧ ଚରିତ୍ର ରୂପେ ସମସ୍ତଙ୍କର, ଏପରିକି ଶ୍ରୀ ସ୍ୱଜନଦମ୍ପତିର ମଧ୍ୟ ଅଶେଷ ସମ୍ମାନଭାଜନ ହୋଇ-ପାରିଥିଲେ । ୫ଃ ସଖା ମଧ୍ୟରୁ ଅନ୍ୟତମ, ସୁଖ୍ୟାତ 'ମାଳିକା' ଲେଖକ ଅଚ୍ୟୁତାନନ୍ଦ ମଧ୍ୟ ପଣ୍ଡିତମାନଙ୍କର ଓଡ଼ିଆ ସାହିତ୍ୟ ସମାଲୋଚନାରେ ଉତ୍ତେଜିତ ହୋଇ ସେମାନଙ୍କୁ ଉତ୍ତର ଛଳରେ ଲେଖିଥିଲେ—

"ଅନେକ ଯେ ଶାସ୍ତ୍ର ପଠନ କରନ୍ତି
ପଣ୍ଡିତ ପଣରେ କେବେ ତରଣି ନ ଯାନ୍ତି ।
ସଂସ୍କୃତ ପ୍ରାକୃତ ଯେ ଦୁଇ ଧାର ସରି
କେବଳ 'ଗୋବିନ୍ଦ-ରସ' ଅମୃତ ମାଧୁରୀ ।"

( ଗୁରୁଭକ୍ତି ଗୀତା )

## ମାଳିକା ଲେଖକ ଅଚ୍ୟୁତାନନ୍ଦଙ୍କ ତୀବ୍ର ପ୍ରତିକ୍ରିୟା—

ଏହା କହିବାର ଅଭିପ୍ରାୟ ହେଉଛି, କେବଳ କୌଣସି ଭାଷା ଦ୍ୱାରା ହିଁ ମୁକ୍ତି ବା ଭଗବତ୍ ପ୍ରାପ୍ତି ଅସମ୍ଭବ । ଯେଉଁ ଭାଷାରେ ହେଉ ନା କାହିଁକି, ଯେତେବେଳ ପର୍ଯ୍ୟନ୍ତ ଗୋବିନ୍ଦଙ୍କର ଗୁଣକୀର୍ତ୍ତନ ଓ ଲୀଳାବର୍ଣ୍ଣନ ତହିଁରେ ହୋଇ ନାହିଁ, ସେ ପର୍ଯ୍ୟନ୍ତ ଅମୃତ ତତ୍ତ୍ୱ ବା 'ପରମ ପୁରୁଷାର୍ଥ' ପ୍ରାପ୍ତି ଅସମ୍ଭବ । ବଳରାମ ଯେପରି ଶୂଦ୍ର ହୋଇଥିବାରୁ ମୁକ୍ତିମଣ୍ଡପ ସଭାରେ ତିରସ୍କୃତ ହୋଇଥିଲେ, ଓଡ଼ିଆ ଭକ୍ତି-ସାହିତ୍ୟର ଅନ୍ୟ ଅନେକ ସ୍ରଷ୍ଟା ସେହିପରି ଲାଞ୍ଛିତ ହୋଇଥିବା ଅତି ସାଧାରଣ କଥା । ଅଚ୍ୟୁତାନନ୍ଦ ଜାତିପ୍ରାଧାନ୍ୟମୂଳକ ଏ ଭଳି ମନୋବୃତ୍ତିର ଦୃଢ଼ ପ୍ରତିବାଦ କରି କହିଥିଲେ—

---

ଏହାର ଅନୁବାଦ ପ୍ରସଙ୍ଗରେ ଓଡ଼ିଆ ଭାଗବତରେ ଅଛି :—

"ସହଜେ ଶରତର କାଳ     ପବନ ବହେ ପରିମଳ ।"

ମୂଳ ଶ୍ଳୋକରେ ପରିମଳ ପବନ ବହିବା କଥା ନ ଥିବା ସତ୍ତ୍ୱେ ଓଡ଼ିଆରେ ଏପରି ଥିବାରୁ ପ୍ରବୀଣ ପଣ୍ଡିତମାନେ ଏ ସ୍ଥଳରେ ତୀବ୍ର ଆକ୍ଷେପ କରିବାର ମୁଁ ପିଲାଦିନେ ଶୁଣିଛି ।

"ହେଲେ ଜାତିହୀନ ନାହିଁ ତହିଁ ମାନ
ଶ୍ରୀକୃଷ୍ଣ ବାସନା ଥାଏ
କନକକେତକୀ ଯେ ପଙ୍କରେ ଉଠିଲେ
ପଙ୍କ ନ ଲାଗଇ ଦେହେ ।"

ଏଥିରୁ ଜଣାଯାଏ, ଆଭିଜାତ୍ୟ ଓ କୌଳିନ୍ୟ ମୂଳରେ କୁଠାରାଘାତ କରି, ଓଡ଼ିଆ ସାହିତ୍ୟର ପଥ୍ର-ପାଦଧାରୀ ଅଗ୍ରଗାମୀ କବିମାନେ ସଂସ୍କୃତର ପ୍ରତିଦ୍ୱନ୍ଦ୍ୱୀଭାବରେ ଓଡ଼ିଆ ସାହିତ୍ୟକୁ ପୁଷ୍ଟ ଓ ବଳିଷ୍ଠ କରି ଗଢ଼ିବାକୁ ଚେଷ୍ଟା କରୁଥିଲେ ।

ଲେଖକ-ସମାଜ ଯେତେବେଳେ ସଂସ୍କୃତ ଓ ଓଡ଼ିଆ, ଏ ଦୁଇଟି ମାର୍ଗର ପଥିକ ରୂପେ ଦ୍ୱିଧା ବିଭକ୍ତ ହୋଇଥିଲେ ଓ ହେଉଥିଲେ; ଦେଶରେ ସାହିତ୍ୟିକ ନେତୃତ୍ୱ ଓ ଶକ୍ତି ପଦେ ପଦେ ଦୁର୍ବଳ ହେଉଥିଲା । ମନେ ହେଉଥିଲା, ଏ ସମସ୍ତ ବୈଷମ୍ୟ ଦୂର କରି ବିଭିନ୍ନ ସାହିତ୍ୟିକ-ସ୍ରୋତର ସମନ୍ୱୟ ସାଧନପୂର୍ବକ, ଦେଶରେ ସାହିତ୍ୟ-ପ୍ରାଣତାର ବଳିଷ୍ଠ ସ୍ରୋତ ପ୍ରବାହିତ କରିବା ପାଇଁ ଜଣେ ଶକ୍ତିଶାଳୀ ସାହିତ୍ୟନାୟକ ଆବଶ୍ୟକ । ରୀତିଯୁଗର ପ୍ରତିଷ୍ଠାତା ଉପେନ୍ଦ୍ର ଭଞ୍ଜଙ୍କ ଆବିର୍ଭାବ ଠିକ୍ ସେଥିପାଇଁ ହୋଇଥିଲା କହିଲେ ଅସତ୍ୟ ବା ଅର୍ଦ୍ଧସତ୍ୟ ହେବ ନାହିଁ ।

## ଭୂପତି ପଣ୍ଡିତଙ୍କର ସେ ଭଳି ପ୍ରତିଜ୍ଞା—

ଉପେନ୍ଦ୍ରଙ୍କର ସମସାମୟିକ ଭୂପତି ପଣ୍ଡିତ ମଧ୍ୟ ( ତାଙ୍କ ସମୟର ପ୍ରାୟ ଦୁଇ ଶତ ବର୍ଷ ପୂର୍ବେ ଜାତ ହୋଇଥିବା ) ଏ ସାହିତ୍ୟିକ-ଦ୍ୱନ୍ଦ୍ୱର ସୂଚନା ଦେଇଛନ୍ତି । ଓଡ଼ିଆ ମହାଭାରତ, ରାମାୟଣ କିମ୍ବା ଭାଗବତରେ ସଂସ୍କୃତ ସାହିତ୍ୟ ସୁଲଭ ଶବ୍ଦାଡ଼ମ୍ବର, ଶବ୍ଦସୌଷ୍ଠବ ଓ ଅର୍ଥଗୌରବ ନାହିଁ । କବି ଭୂପତି ତାଙ୍କ 'ପ୍ରେମ ପଞ୍ଚାମୃତ'ରେ ପୂର୍ବବର୍ତ୍ତୀ ଓଡ଼ିଆ ଭାଗବତାଦି ଗ୍ରନ୍ଥଲବ୍ଧ ସରଳ ଭାଷା ଓ ନିରାଡ଼ମ୍ବର ରୀତି ହିଁ ମୁଖ୍ୟତଃ ପ୍ରୟୋଗ କରିଛନ୍ତି । କାରଣ, ଭାଷାର ଆଡ଼ମ୍ବର ଦ୍ୱାରା ହିଁ ଭକ୍ତିର ଲକ୍ଷ୍ୟ ସିଦ୍ଧି ଘଟେ ବୋଲି ସେ ବିଶ୍ୱାସ କରୁ ନ ଥିଲେ । 'ଭାବ' ହିଁ କବିତାର ପ୍ରାଣ । ତାଙ୍କ ମତରେ—

"ନାହିଁ ଯହିଁରେ କୃଷ୍ଣ ରସ
ସେ ସଂସ୍କୃତେ କାହିଁ କସ ।"

( ପ୍ରେମ ପଞ୍ଚାମୃତ, ୧ମ ଛାନ୍ଦ )

## ଅଭିମନ୍ୟୁଙ୍କ ଲେଖନୀରେ ସେହି ପ୍ରତିଧ୍ୱନି—

ଯଥା ତୁଳନାରେ ଭକ୍ତିମୂଳକ କଥାବସ୍ତୁ ଉପରେ ଗୁରୁତ୍ୱ ଦେଇ, 'ବିଦଗ୍ଧ ଚିନ୍ତାମଣି'ର ପ୍ରଥମ ଛାନ୍ଦରେ ଅଭିମନ୍ୟୁ ସାମନ୍ତସିଂହାର ଲେଖିଛନ୍ତି—

"ଅଟ୍ଟେ ଯେ ହେଉ ଯେ ହେଉ ଶାଳଗ୍ରାମ ସ୍ନାନେ
ଅଗ୍ରାହ୍ୟ କାହାର ପାଦୋଦକ ନାମ ଜ୍ଞାନେ ।" (୧)

## ଯଦୁମଣିଙ୍କର ଶାଣିତ ପ୍ରତ୍ୟୁତ୍ତର—

ଉପେନ୍ଦ୍ରଙ୍କର ବହୁ ବର୍ଷ ପରେ ମଧ୍ୟ ପଣ୍ଡିତମାନଙ୍କର ଜ୍ଞାନାଭିମାନ, ସଂସ୍କୃତାଭିମାନ ଓ ଜାତ୍ୟଭିମାନକୁ ଲକ୍ଷ୍ୟ କରି 'ଉତ୍କଳପଣ୍ଡା' ଯଦୁମଣି 'ପ୍ରବନ୍ଧ ପୂର୍ଣ୍ଣଚନ୍ଦ୍ର' ମୂଳରେ ଲେଖିଛନ୍ତି—

"ଶୂଦ୍ର ମୂର୍ଖ ଏ ହୋଇଛୁ ବାହାର
ରୌଦ୍ରତା ବହି କେହ୍ନ ନ ଦଗ୍ଧର ।
ବଧୂ ବଧୂ ମୁଦ ଉଚ୍ଛିଷ୍ଟ ଜଣା,
ଶିବେ ବାଜେ ଚନ୍ଦ୍ରଚୂଡ଼ ବାଜଣା ସେ
ପଦ୍ମାପତିଙ୍କର ପଦ ଯେ,
ସମ୍ଭବ ସମ୍ପଦ ପଦାର୍ଥରେ ବ୍ୟର୍ଥ
ଖଣ୍ଡିବାର ଅପବାଦ ଯେ ।"

## ଭଞ୍ଜ-ସାହିତ୍ୟ ଏ ମନୋଭାବ ବଦଳାଇ ଦେଲା—

ଭଞ୍ଜଙ୍କ ପରବର୍ତ୍ତୀ କେତେ ଜଣ କବି ପରମ୍ପରାର ଅନୁସରଣରେ ଏ ପ୍ରକାର ଲେଖିଥିଲେ ମଧ୍ୟ ପଣ୍ଡିତମାନଙ୍କର ଓଡ଼ିଆ ଭାଷା ପ୍ରତି ବୈମୁଖ୍ୟ

---

(୧) ଅଭିମନ୍ୟୁଙ୍କର ଗୁରୁ ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମା, ରୂପ ଗୋସ୍ୱାମୀଙ୍କର 'ବିଦଗ୍ଧ ମାଧବ' ନାଟକ ଅନ୍ତର୍ଗତ "ମମାସ୍ମିନ୍ ସନ୍ଦର୍ଭେ × × × ଅପଃ ଶାଳଗ୍ରାମ ପ୍ଲବନ × × ନ ପିବନ୍ତି" ଶ୍ଳୋକର ଅନୁବାଦ କରି ଲେଖିଛନ୍ତି—

"ଯଦ୍ୟପି ଏ ଗ୍ରନ୍ଥେ ମୋର କବିତା ନିବନ୍ଧେ,
ଅତ୍ୟନ୍ତ ଲଳିତ ପଦ ହୋଇବ ପ୍ରବନ୍ଧେ । × ×
କୂପୋଦକେ ଶାଳଗ୍ରାମ ସ୍ନାନ କରିଥିଲେ,
ଚରଣାମୃତ ବୋଲିଣ ତାକୁ କେ ନ ବୋଲେ ।"

ଭଞ୍ଜଙ୍କର ଆବିର୍ଭାବ ପରେ, ସଶ୍ରଦ୍ଧ ଅନୁରାଗିତାରେ ପରିଣତ ହୋଇ ଯାଇଥିଲା । ପ୍ରଚଣ୍ଡ ମାର୍ତ୍ତଣ୍ଡ ଉଦିତ ହେଲେ, ନିଶୀଥିନୀର ଘନ ଅନ୍ଧକାର ଅପସାରିତ ହୋଇ କମନୀୟ ଆଲୋକ ସଞ୍ଚାରିତ ହେଲା ପରି, ପଣ୍ଡିତମାନଙ୍କର ଚିରଆକାଙ୍କ୍ଷିତ ଓ ପାଣ୍ଡିତ୍ୟ-ଛଟାମଣ୍ଡିତ ଭଞ୍ଜୀୟ କାବ୍ୟ ଉତ୍କଳର ଘରେ ଘରେ ( କୁଟୀରବାସୀ କୃଷକଠାରୁ ରାଜସଭା ପର୍ଯ୍ୟନ୍ତ) ନବୀନ କାବ୍ୟାଲୋକ ବିକିରଣ କରି ସେମାନଙ୍କୁ ହର୍ଷୋତ୍ଫୁଲ୍ଲ କରିବାକୁ ସମର୍ଥ ହେଲା । ଉତ୍କଳମଣି ଗୋପବନ୍ଧୁ ଦାସ ଉପେନ୍ଦ୍ରଙ୍କର ଏ ଶକ୍ତିମତ୍ତା ଉପଲବ୍ଧି କରି, ତାଙ୍କର ଯଶୋଗାନ ଛଳରେ ଲେଖିଥିଲେ—

## ସମନ୍ୱୟବାଦୀ ବଡ଼ଜେନାଙ୍କ ଖେଦ ପ୍ରକାଶ—

"ଗାଏ ତୁମ୍ଭ ଗୀତ ସଭାରେ ପଣ୍ଡିତ
ପଥେ ପାନ୍ଥ ହୃଷ୍ଟମନା
ହଳେ ବୋଲେ ଚଷା ଅନ୍ତଃପୁରେ ଯୋଷା
ନୃତ୍ୟରଙ୍ଗେ ବାରାଙ୍ଗନା ।"

ଉପେନ୍ଦ୍ର ଭଞ୍ଜ ଜନ୍ମଗ୍ରହଣ କରି ନ ଥିଲେ, ମଞ୍ଜୁଳ-କଳ୍ପନାବିଳସିତ 'ଲାବଣ୍ୟବତୀ'ଠାରୁ ଆରମ୍ଭ କରି ଶବ୍ଦଚାତୁର୍ଯ୍ୟ ରସାଣିତ 'ବୈଦେହୀଶ ବିଳାସ' ପର୍ଯ୍ୟନ୍ତ ରଚନା କରି ନ ଥିଲେ, ସଂସ୍କୃତ ପଣ୍ଡିତମାନଙ୍କର ମନୋଭାବ ଆଜି ପର୍ଯ୍ୟନ୍ତ ଓଡ଼ିଆ ସାହିତ୍ୟ ପ୍ରତି ପୂର୍ବ ପରି ଶ୍ରଦ୍ଧାବିରହିତ ଏବଂ ଆଗ୍ରହ-ବିବର୍ଜିତ ହୋଇ ଯେ ରହି ନ ଥାନ୍ତା, ତାହା କହିବ କିଏ ? ସୁତରାଂ, ଏହି ଦୃଢ଼ମତ ପୋଷଣ କରାଯାଇପାରେ ଯେ, ଉପେନ୍ଦ୍ରଙ୍କର ସାଧନାର ଫଳ ସ୍ୱରୂପ ଉତ୍କଳ-ସରସ୍ୱତୀ ସମସ୍ତଙ୍କର ଶ୍ରଦ୍ଧା ଓ ସମ୍ମାନଭାଜନ ହୋଇ ପାରିଥିଲେ । ତାଙ୍କର ଅନେକ ବର୍ଷ ପରେ, ବ୍ରାହ୍ମଣ ଶୂଦ୍ରାଦି ସଂକୀର୍ଣ୍ଣ, ଅସୁସ୍ଥ ବିସ୍ମରର (୧) ଅସାରତା ପ୍ରତିପାଦନ କରିବାକୁ ଯାଇ ବିଖ୍ୟାତ କବି ବଡ଼ଜେନା ନିଜ 'ଶ୍ୟାମ ରାସୋତ୍ସବ'ରେ ଖେଦଖଣ୍ଡିତ ହୃଦୟରେ ଲେଖିଥିଲେ—

---

(୧) ଓଡ଼ିଶାରେ ଏହି ଜାତିଗତ ଓ ଭାଷାଗତ ସାହିତ୍ୟିକ ତଥା ଧାର୍ମିକ ଦ୍ୱନ୍ଦ୍ୱ ଆରମ୍ଭ ହେବାର ବହୁ ଶତାବ୍ଦୀ ଆଗରୁ ଦକ୍ଷିଣ-ଭାରତର 'ଟେନ୍କଲେଇ' ଏବଂ 'ବଡ଼କଲେଇ' ନାମିତ ଦୁଇଟି ବଳିଷ୍ଠ ଧର୍ମଗୋଷ୍ଠୀ ମଧ୍ୟରେ ଠିକ ଏ ଭଳି ପ୍ରବଳ ଦ୍ୱନ୍ଦ୍ୱ ଲାଗିଥିବା କଥା ଅନେକେ ଭଲ ଭାବେ ବୁଝାଇ ଦିଆଯାଇଛି ।

"ଶୂଦ୍ର କିବା ଦ୍ୱିଜ ଋଷି ସୁ ଭରୁଜ
ଏ ରୂପେ ଅଜ୍ଞାନ,
ଶୁଭଜନ୍ମ ଜନ କେହୁ କେହୁ ଜ୍ଞାନ
ବିଷୟେ ମଗ୍ନନ ।
ଶୂଦ୍ର ଜନ୍ମ ହୋଇ ମୂର୍ଖ କେ ବୋଲଇ
ବେଦରୁ କି ଫଳ,
ଶୂନ୍ୟକୁ ଅନାଇଁ ବ୍ୟର୍ଥେ ବୋଲେ ଏହି
ଦେଖ ବୃକ୍ଷ ମୂଳ ।" (୧)

## ପାଣ୍ଡିତ୍ୟ-ଦେବ ମନ୍ଦିରରେ ପୁଣି 'ଓଡ଼ିଆ'-ହରିଜନ !

ଦେଶରେ ବହୁ ବର୍ଷ ତଳୁ ଜାତି-ନସ୍ତ ସଂକୀର୍ଣ୍ଣତାର ଯେଉଁ ସ୍ରୋତ ପ୍ରବାହିତ ହେଉଥିଲା, ହୁଏ ତ ତାର କ୍ଷୀଣ ସ୍ରୋତ ଭଞ୍ଜଙ୍କ ପରେ ମଧ୍ୟ କେତେକ କବିଙ୍କର ଭକ୍ତିପୂତ ହୃଦୟରେ ଖେଦ ଜନ୍ମାଇଥିଲା । ମାତ୍ର ଭଞ୍ଜଙ୍କର ଶବ୍ଦ-ସୌଷ୍ଠବ ସମ୍ବଳିତ, ଭାବ-ଗାମ୍ଭୀର୍ଯ୍ୟ-ପରିପ୍ଲୁତ ଓ ସଙ୍ଗୀତ ମୁଖରିତ କାବ୍ୟଗୁଡ଼ିକ ମୁଖ୍ୟ ଭାବରେ ଏହି ଅବାଞ୍ଛିତ ଆଭିଜାତ୍ୟର ପରିସର ସଂକୀର୍ଣ୍ଣ କରି ଦେଇଥିଲା । ଆଗେ ଓଡ଼ିଆ କୃଷକ ତାର ପିଲାମାନଙ୍କୁ ସାକ୍ଷର କରାଇଲା ବେଳେ ଭାବୁଥିଲା—"ମୋ ପିଲାଏ ଭାଗବତ ଖୋଦାରୁ ଦୁଇ ଅଧ୍ୟାୟ ମତେ ଶୁଣାଇ ମୋର କାନକୁ ପବିତ୍ର କରିବେ ।" ସେତେବେଳେ ଅଭିଜାତ ପରିବାରରେ ଓଡ଼ିଆ ଗ୍ରନ୍ଥଙ୍କର ପ୍ରବେଶାଧିକାର ନ ଥିଲା, ସେ ଥିଲା ଯେପରି କି ଅପାଂକ୍ତେୟ ବର୍ଣ୍ଣବାହ୍ୟ, ହରିଜନ । ମାତ୍ର ଭଞ୍ଜଙ୍କର ଆବିର୍ଭାବ ପରେ ବଡ଼ ବଡ଼ ସଂସ୍କୃତ ପଣ୍ଡିତ ବି ଭାବିଲେ, 'ବୈଦେହୀଶ ବିଳାସ' ପ୍ରଭୃତିରୁ ଗୁନ୍ଦେ ଦୁଇ ଗୁନ୍ଦ ନ ପଢ଼ିଲେ ଓଡ଼ିଆ ଭାବରେ ଜନ୍ମ ହେବାର ସାର୍ଥକତା କିଛି ରହିବ ନାହିଁ । ମହା-ପଣ୍ଡିତ ସାମନ୍ତ ଚନ୍ଦ୍ରଶେଖର (ବିଖ୍ୟାତ ନୈଷଧ କାବ୍ୟ ଯାହାଙ୍କର କଣ୍ଠସ୍ଥ ଥିଲା) ମଧ୍ୟ ଶେଷ ଜୀବନରେ ଭଞ୍ଜଙ୍କ 'ଲାବଣ୍ୟବତୀ' ପାଠ କରିବାକୁ ବ୍ୟଗ୍ର ହୋଇ ଉଠିଥିଲେ ଏବଂ ତହିଁରୁ ଦିବ୍ୟ ଆନନ୍ଦ ଲାଭ କରିଥିଲେ ।

## ସମସାମୟିକ ସାହିତ୍ୟ ଚର୍ଚ୍ଚା—

ସମସାମୟିକ ସାହିତ୍ୟ ଚର୍ଚ୍ଚା କବିମାନଙ୍କୁ ଅନେକାଂଶରେ ପ୍ରଭାବିତ କରିଥିଲା । ଅଷ୍ଟାଦଶ ଶତାବ୍ଦୀର ପ୍ରାକ୍-କାଳ ପର୍ଯ୍ୟନ୍ତ ଉତ୍କଳର ସାହିତ୍ୟ କ୍ଷେତ୍ରରେ ସଂସ୍କୃତ ସାହିତ୍ୟର ପ୍ରଭାବ ବିସ୍ତାର ବିଶେଷ ଭାବରେ ଅନୁଭୂତ

(୧) ବ୍ରଜକିଶୋର ପଟ୍ଟନାୟକ ସଂ ଶ୍ୟାମ ରାସୋତ୍ସବ, ପୃ ୭।

ହେଉଥିଲା । ଉପେନ୍ଦ୍ରଙ୍କ ପୂର୍ବରୁ ସାରଳାଙ୍କ 'ମହାଭାରତ', ବଳରାମଙ୍କ 'ଜଗମୋହନ ରାମାୟଣ', ଜଗନ୍ନାଥଙ୍କ 'ଭାଗବତ' ପ୍ରଭୃତି କେତେଗୁଡ଼ିଏ ପୁରାଣ ଓ ସେହି ଶ୍ରେଣୀୟ ଗ୍ରନ୍ଥ ରଚିତ ହୋଇଥିଲା । ଧର୍ମଚର୍ଚ୍ଚାର ପ୍ରଧାନ ଅଙ୍ଗରୂପେ, ଭକ୍ତିବାଦର ପ୍ରଚାର ମାଧ୍ୟମରୂପେ ଏଗୁଡ଼ିକର ଅଂଶୟ ଆଦର ଥିଲା । ଶିଶୁ ଶଙ୍କରଙ୍କ 'ଉଷାଭିଳାଷ', ଦେବଦୁର୍ଲ୍ଲଭଙ୍କ 'ରହସ୍ୟମଞ୍ଜରୀ', କାର୍ତ୍ତିକ ଦାସଙ୍କ 'ରୁକ୍ମିଣୀ ବିଭା', ଅର୍ଜୁନ ଦାସଙ୍କ 'ରାମବିଭା' ପ୍ରଭୃତି ନାନା ରାଗରାଗିଣୀର ମଧୁର ରସପୂର୍ଣ୍ଣ କାବ୍ୟର ସଂଖ୍ୟା ଧୀରେ ଧୀରେ ବୃଦ୍ଧି ପାଉଥିଲା । ମାତ୍ର ଉପେନ୍ଦ୍ରଙ୍କର କାବ୍ୟଗୁଡ଼ିକ ଯେପରି ଅତିଶୀଘ୍ର ପୁରପଲ୍ଲୀରେ ପ୍ରଚଳିତ ହୋଇ ପାରିଥିଲା, ଯଥାସମ୍ଭବ ଧର୍ମମାତ୍ର ପ୍ରଧାନ ପୁରାଣ ଗ୍ରନ୍ଥ ବ୍ୟତୀତ, ଅନ୍ୟ କବିଙ୍କର କାବ୍ୟ-ଗୁଡ଼ିକ ସେତେ ଚଞ୍ଚଳ ଜନମନ ହରଣ କରି ପାରି ନ ଥିଲା । ଉତ୍କଳର ଶୌର୍ଯ୍ୟ, ବୀର୍ଯ୍ୟ ପରି ପାଣ୍ଡିତ୍ୟ ମଧ୍ୟ ଅତି ଉଚ୍ଚକୋଟୀର ଥିଲା । ବର୍ତ୍ତମାନ ମିଳୁଥିବା ଉତ୍କଳୀୟ ନରପତିମାନଙ୍କର ଦାନପତ୍ର ପ୍ରଭୃତିରେ ଯେଉଁ ଶ୍ଳୋକଗୁଡ଼ିକ ଖୋଦିତ, ସେଗୁଡ଼ିକରେ ଶ୍ରୁତିମଧୁର ଶବ୍ଦାଳଙ୍କାର ପୂରି ରହିଛି । ଉପେନ୍ଦ୍ରଙ୍କର ପ୍ରାୟ ତିନି ଶହ ବର୍ଷ ପୂର୍ବରୁ ଅଳଙ୍କାର ଚର୍ଚ୍ଚାରେ ଓଡ଼ିଶାର ପଣ୍ଡିତମାନେ ବ୍ୟାପୃତ ଥିଲେ । ମାତୃଭାଷା ଓଡ଼ିଆର ଶ୍ରୀ ସମ୍ପାଦନ କରିବାକୁ ଯେଉଁମାନେ ବଦ୍ଧପରିକର ହେଲେ, ସଂସ୍କୃତ କବିମାନଙ୍କର ପ୍ରତିଦ୍ୱନ୍ଦ୍ୱିତା କରିବା ବ୍ୟତୀତ ସେମାନଙ୍କର ଉପାୟାନ୍ତର ନ ଥିଲା । ମନେଅଛି, ଏହି କଥା ଆଲୋଚନା କରୁ କରୁ ଗଞ୍ଜାମ ଆଠଗଡ଼ ନିବାସୀ ତଥା ପୁରୀ ସଦାଶିବ ସଂସ୍କୃତ ମହାବିଦ୍ୟାଳୟର ନ୍ୟାୟଶାସ୍ତ୍ର ଅଧ୍ୟାପକ ( ସ୍ୱର୍ଗତ ) ପଣ୍ଡିତ ରାମକୃଷ୍ଣ ମିଶ୍ର ଭାଗବତର ଗୋଟିଏ ଶ୍ଳୋକ ବ୍ୟାଖ୍ୟାନ କରି ସାହିତ୍ୟିକ ରସିକତା, ଗମ୍ଭୀରତା ଏବଂ ବାଗ୍‌ବିଳାସ ଦୃଷ୍ଟିରୁ ଓଡ଼ିଆ ଭାଗବତ କିପରି ସଂସ୍କୃତ ଭାଗବତର ସମକକ୍ଷ ହୋଇ ପାରିବ ନାହିଁ, ତାହା ବଡ଼ ବିଦଗ୍ଧ ଭଙ୍ଗୀରେ ଓ ଯୁକ୍ତିଯୁକ୍ତ ଭାବରେ ପ୍ରତିପାଦନ କରିଥିଲେ । ସେ କହିଲେ ଭାଗବତ ରାସପଞ୍ଚାଧ୍ୟାୟୀର ଦ୍ୱିତୀୟ ଶ୍ଳୋକଟି ଦେଖନ୍ତୁ । ତାହା ହେଉଛି—

"ତଦୋଡୁରାଜଃ କକୁଭଃ କରୈର୍ମୁଖଂ
ପ୍ରାଚ୍ୟା ବିଲିମ୍ପନ୍ନରୁଣେନ ଶନ୍ତମୈଃ ।
ସ ଚର୍ଷଣୀନାମୁଦଗାଚ୍ଛୁଚୋ ମୃଜନ୍
ପ୍ରିୟଃ ପ୍ରିୟାୟା ଇବ ଦୀର୍ଘଦର୍ଶନଃ ।"

## ଚନ୍ଦ୍ରୋଦୟ ବର୍ଣ୍ଣନା ଭିତରେ ସୂର୍ଯ୍ୟୋଦୟ ବର୍ଣ୍ଣନା—

ଏଠାରେ "ଉଡୁରାଜ" ଉଦିତ ହେବାର ଦୃଶ୍ୟ ବର୍ଣ୍ଣିତ । ଉଡୁ ଶବ୍ଦର ଅର୍ଥ ନକ୍ଷତ୍ର । ଉଡୁମାନଙ୍କର ରାଜା, ଉଡୁରାଜ, ଅର୍ଥାତ୍ ଚନ୍ଦ୍ର । ସୁତରାଂ, ଚନ୍ଦ୍ରୋଦୟ ବର୍ଣ୍ଣନା ଏହି ଶ୍ଳୋକର ପ୍ରତିପାଦ୍ୟ ବିଷୟ । କିନ୍ତୁ ପଣ୍ଡିତ ମହୋଦୟ ଏହି ଶ୍ଳୋକ ଅର୍ଥ କରି ସୂର୍ଯ୍ୟୋଦୟର ଚିତ୍ର ମଧ୍ୟ ଉପସ୍ଥାପନ କରିଦେଲେ । ସେ କହିଲେ, ଉଡୁରାଜର ଅର୍ଥ ମଧ୍ୟ ହେବ ସୂର୍ଯ୍ୟ । ଉଡୁ ବା ନକ୍ଷତ୍ରମାନଙ୍କୁ ଯେ 'ରାତି' (ଦିଏ) ବା ସୌନ୍ଦର୍ଯ୍ୟ ଦାନ କରେ, ସେ ହେଉଛି 'ଉଡୁର୍' ଅର୍ଥାତ୍ ଚନ୍ଦ୍ର । ସେହି ଉଡୁରକୁ ଯେ ନିଜର ଅଧିକ ତେଜଦ୍ୱାରା 'ଅଜତି' ବା ନିଷ୍ପ୍ରଭ କରିପକାଏ, ସେ ହେଉଛି 'ଉଡୁରାଜ' ଅର୍ଥାତ୍ ସୂର୍ଯ୍ୟ ।

ପରେ ମୁଁ ଦେଖିଲି, "କୂଟପଦ୍ୟବ୍ୟାଖ୍ୟା" ନାମକ ଏକ ସଂସ୍କୃତ ଗ୍ରନ୍ଥରେ ଏହିଭଳି ଟୀକା ଅଛି । ଏଥିରୁ ଜଣାଯାଏ, ଶତ ଶତ ବର୍ଷ ଧରି ଭାରତର ବିଭିନ୍ନ ଅଞ୍ଚଳରେ ପଣ୍ଡିତମାନଙ୍କ ମସ୍ତିଷ୍କରୁ ଭାଗବତାଦି ଗ୍ରନ୍ଥର ଏ ଭଳି ଶ୍ରମସାପେକ୍ଷ ବ୍ୟାଖ୍ୟାନମାନ ପ୍ରକାଶ ପାଉଥିଲା ।

## ପାଣ୍ଡିତ୍ୟର ଚରମ ସୀମା—ଭାଗବତର ପ୍ରଥମ ଶ୍ଳୋକ—

ଖାଲି ସେତିକି ନୁହେଁ, ପାଣ୍ଡିତ୍ୟ ପ୍ରଦର୍ଶନର ପ୍ରବାହ ସମଗ୍ର ଭାରତରେ ଏ ଭଳି ଉଲ୍ଲୋଳ-କଲ୍ଲୋଳମାଳା ସୃଷ୍ଟି କରିଥିଲା ଯେ, ସଂସ୍କୃତ ଭାଗବତର (୧) ପ୍ରଥମ ଶ୍ଳୋକଟିକୁ ଏକଶହ ଆଠ ପ୍ରକାର ଅର୍ଥ କରାଯାଇ ପାଣ୍ଡିତ୍ୟୋତ୍କର୍ଷର ବିଜୟସ୍ତମ୍ଭ ପ୍ରତିଷ୍ଠା କରାଯାଇ ଥିଲା । ସେହି ଅନୁସାରେ କେତେକ କାବ୍ୟର ଶ୍ଳୋକାର୍ଥ କଲାବେଳେ ପଣ୍ଡିତମାନେ ନିଜ ନିଜର ବିଦଗ୍ଧତା ଦେଖାଇବାକୁ ଚେଷ୍ଟା କରିଛନ୍ତି । ଉଦାହରଣ ସ୍ୱରୂପ, ନୈଷଧ କାବ୍ୟର ପ୍ରଥମ ଶ୍ଳୋକ ଅର୍ଥ କରିବାକୁ ଯାଇ ମହାପଣ୍ଡିତ ନାରାୟଣ ବିଚିତ୍ର ପାଣ୍ଡିତ୍ୟ ଦେଖାଇଛନ୍ତି । ଏପରି କି, ମହାକବି କାଳିଦାସଙ୍କ 'ରଘୁବଂଶ' କାବ୍ୟର ପ୍ରଥମ ଶ୍ଳୋକରେ ପ୍ରଯୁକ୍ତ ହୋଇଥିବା 'ପାର୍ବତୀ ପରମେଶ୍ୱରୌ' ଅଂଶଟିକୁ ପାର୍ବତୀ ଏବଂ ଶିବଙ୍କ ପକ୍ଷରେ ଅର୍ଥ କରାଯିବା ସଙ୍ଗେ ସଙ୍ଗେ 'ପାର୍ବତୀପ' ଅର୍ଥାତ୍ 'ପାର୍ବତୀ-

---

(୧) ଶ୍ଳୋକଟି ହେଉଛି:—

ଜନ୍ମାଦ୍ୟସ୍ୟ ଯତୋଽନ୍ୱୟାଦିତରତଶ୍ଚାର୍ଥେଷ୍ୱଭିଜ୍ଞଃ ସ୍ୱରାଟ୍ × ×
ଧାମ୍ନା × × ସତ୍ୟଂ ପରଂ ଧୀମହି

ପତି' ମହାଦେବ ଶିବ ଏବଂ 'ରମେଶ୍ୱରୀ' ଅର୍ଥାତ୍ ରମାପତି ନାରାୟଣ ରୂପେ
ମଧ୍ୟ ବ୍ୟାଖ୍ୟାନ କରାଯାଇଥାଏ ।

## ଭଞ୍ଜୀୟ ପାଣ୍ଡିତ୍ୟର ଅତର୍ଣ-ପରମ୍ପରା—

ଓଡ଼ିଶାର ରୀତିଯୁଗ ସାହିତ୍ୟର ପୃଷ୍ଠଭୂମିକା ବିଷୟରେ କହିଲାବେଳେ ଏ ଭଳି ଦୃଷ୍ଟାନ୍ତମାନ ବିଶେଷ ଉପାଦେୟ ମନେହୁଏ । ରୀତିଯୁଗ ଓଡ଼ିଆ ସାହିତ୍ୟର ସମସାମୟିକ ସାହିତ୍ୟଚର୍ଚ୍ଚା କହିଲେ ପ୍ରାଦେଶିକ ତଥା ପ୍ରାକୃତ ସାହିତ୍ୟର ଚର୍ଚ୍ଚା ଅପେକ୍ଷା ସଂସ୍କୃତ ସାହିତ୍ୟର ଚର୍ଚ୍ଚା ହିଁ ସମଧିକ ପରିମାଣରେ ବୁଝାଯାଇଥାଏ । ପାଣ୍ଡିତ୍ୟ ପ୍ରଦର୍ଶନ କରିବା ଲାଗି କବିମାନଙ୍କର ବ୍ୟଗ୍ରତା ଉପରେ ଥିଲା, ତାହା ଯେତିକି ବିସ୍ମୟ ନୁହେଁ, ପାଣ୍ଡିତ୍ୟ ଦେଖାଇବା ଦିଗରେ ଟୀକାକାରମାନଙ୍କର ବ୍ୟଗ୍ରତା ତତୋଧିକ ଭାବରେ ବିସ୍ମୟ ହୋଇଥାଏ । ଏ ସ୍ଥଳରେ ସଂସ୍କୃତ ସାହିତ୍ୟରୁ କେତୋଟି ଦୃଷ୍ଟାନ୍ତ ଦିଆଯାଇପାରେ । ଭଞ୍ଜଙ୍କ ପୂର୍ବରୁ ଆରମ୍ଭ ହୋଇ ଏହି ଧାରା କପର ଅଦ୍ୟାବଧି ପ୍ରବାହିତ, ତାହା ଭୁଲିଯିବାର ନୁହେଁ ।

## ପ୍ରଥମ ଦୃଷ୍ଟାନ୍ତ—

କବି କାଳିଦାସଙ୍କର 'ଶୃଙ୍ଗାର ତିଳକ' ବୋଲି ଖଣ୍ଡିଏ ରସାଳ ରଚନା ଦେଖାଯାଏ । ଏହାକୁ ଖଣ୍ଡକାବ୍ୟ ନ କହି ପ୍ରେମରସ ଜର୍ଜରିତ କେତେକ ଖଣ୍ଡ କବିତାର ସଂକଳନ କହିଲେ ଆଦୌ ଅସଙ୍ଗତ ହେବ ନାହିଁ । ଅଥଚ ଏହି ପ୍ରେମରସସିକ୍ତ ଶ୍ଳୋକଗୁଡ଼ିକୁ ଭକ୍ତିଭାବର ଶ୍ଳୋକ ରୂପରେ ମଧ୍ୟ ଅର୍ଥ କରାଯାଇଛି । ମୂଳ କବିତାଗୁଡ଼ିକୁ ଯେ ରଚନା କରିଥିଲେ, ସେ କେବେ କଳ୍ପନା କରି ନ ଥିବେ ଯେ, ଭକ୍ତିତତ୍ତ୍ୱ ଦୃଷ୍ଟିରୁ ସେଗୁଡ଼ିକର ଅର୍ଥ କରାଯାଇ ପାରିବ ବୋଲି । ଏବେ ପ୍ରତି ଶ୍ଳୋକର ଦୁଇ ଦୁଇଟି ଅର୍ଥ !

## ଦ୍ୱିତୀୟ ଦୃଷ୍ଟାନ୍ତ— ଦୁଇଟି ରଚନାର ବିଚିତ୍ର ଟୀକା—

ସଂସ୍କୃତ ଭକ୍ତି-ସାହିତ୍ୟରେ ସ୍ତୁତି, ସ୍ତୋତ୍ର ପ୍ରଭୃତିର ସ୍ଥାନ ଅତି ଉଚ୍ଚରେ । ଶହ ଶହ ସ୍ତୋତ୍ର ମଧ୍ୟରେ 'ମହିମ୍ନ ସ୍ତୋତ୍ର' ଅସାଧାରଣ ଜନପ୍ରିୟତା ତଥା ପ୍ରତିପତ୍ତି ଲାଭ କରିଅଛି । ଏଥିରେ ମହାଦେବ ଶିବଙ୍କର ଗୁଣ ଗୌରବ ଗାନ କରାଯାଇଅଛି । ଅଥଚ ବୈଷ୍ଣବ ତତ୍ତ୍ୱ ଦୃଷ୍ଟିରୁ ମଧ୍ୟ ଏହାର ଆମୂଳଚୂଳ

ବ୍ୟାଖ୍ୟାନ କରାଯାଇଅଛି । ଏହି ସ୍ତୋତ୍ର ଅନ୍ତର୍ଗତ ପ୍ରତ୍ୟେକ ଶ୍ଳୋକ ପାଣ୍ଡିତ୍ୟ ବଳରେ ଏ ଭଳି ଅର୍ଥ କରାଯାଇଛି ଯେ, ପଢ଼ିଲେ ମନେହେବ, ଯେପରି କି ବିଷ୍ଣୁଙ୍କୁ ବନ୍ଦନା କରିବାକୁ ଯାଇ କୌଣସି ବୈଷ୍ଣବ ଏହି ଶ୍ଳୋକମାନଙ୍କୁ ରଚନା କରିଅଛନ୍ତି ! ଗୀତ ଗୋବିନ୍ଦର ମଧ୍ୟ ଶିବପକ୍ଷୀୟ ଅର୍ଥ କରାଯାଇଛି (୧)।

## ତୃତୀୟ ଦୃଷ୍ଟାନ୍ତ—

ମହାକବି କାଳିଦାସଙ୍କ 'ମେଘଦୂତ' କାବ୍ୟ ଆଜି ସମଗ୍ର ବିଶ୍ବର ପ୍ରେମ-ସାହିତ୍ୟରେ ଆଲୋଡ଼ନ ସୃଷ୍ଟି କରିଅଛି । ସମସ୍ତେ ଜାଣନ୍ତି, ଏହି କାବ୍ୟରେ ଅଳକା ନିବାସୀ ଜଣେ ଯକ୍ଷ ପୂର୍ବ-ଭାରତ ବା ମଧ୍ୟ-ଭାରତ ଅବସ୍ଥିତ ରାମଗିରି ନାମକ ଗୋଟିଏ ପର୍ବତ ଅଞ୍ଚଳରୁ ମେଘଦ୍ୱାରା ତା ପ୍ରିୟା ନିକଟକୁ ସନ୍ଦେଶ ପଠାଇଅଛି । ଏହି ସନ୍ଦେଶର ଅର୍ଥ, (କଲିକତାର ପ୍ରସିଦ୍ଧ ମିଠେଇ, ସନ୍ଦେଶ ନୁହେ) ହେଉଛି ବାର୍ତ୍ତା, ଖବର, ସମ୍ବାଦ । ଅଥଚ, ଓଡ଼ିଆ ସାହିତ୍ୟର ରୀତିଯୁଗ ଯେତେବେଳେ ଚରମ ଉତ୍କର୍ଷ ଲାଭ କରିଥିଲା, ଭଞ୍ଜ-ସାହିତ୍ୟର ସୁପ୍ରସିଦ୍ଧ ଟୀକାକାର 'ଲୋକନାଥ ଦାସଙ୍କ' ଜନ୍ମସ୍ଥାନ ନିକଟି ଅଞ୍ଚଳର ପଣ୍ଡିତ ପ୍ରବର 'ନରହରି' ଏହି 'ମେଘଦୂତ' କାବ୍ୟ ଉପରେ ଏକ ନୂତନ ଟୀକା ଲେଖି ପାଣ୍ଡିତ୍ୟର ପ୍ରକର୍ଷରେ ସମସ୍ତଙ୍କୁ ଚମତ୍କୃତ କରି ଦେଇଥିଲେ । ସେ କହନ୍ତି, 'ମେଘଦୂତ'ରେ ଓଡ଼ିଶାର ଜଗନ୍ନାଥ ମହାପ୍ରଭୁଙ୍କ ରଥଯାତ୍ରା ବର୍ଣ୍ଣନା କିଁ କରାଯାଇଛି । ସମସ୍ତେ ଜାଣନ୍ତି, ମେଘଦୂତ ଦୁଇ ଭାଗରେ ବିଭକ୍ତ— ପୂର୍ବ ମେଘ ଓ ଉତ୍ତର ମେଘ । ସୁତରାଂ ପଣ୍ଡିତ ନରହରି ତାଙ୍କ ଟୀକାରେ ଏ କଥା ପ୍ରତିପାଦନ କରିଅଛନ୍ତି ଯେ, 'ପୂର୍ବ ମେଘ'ରେ ଗୁଣ୍ଡିଚା ଯାତ୍ରା (ଅର୍ଥାତ୍ ବଡ଼ଦେଉଳ ଭିତରୁ ବାହାରି ଜଗନ୍ନାଥେ ଗୁଣ୍ଡିଚା ଘରକୁ ଯିବା କଥା) ବର୍ଣ୍ଣିତ ହୋଇଅଛି । ପୁଣି 'ଉତ୍ତର ମେଘ'ରେ ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରା ବର୍ଣ୍ଣିତ ହୋଇଅଛି । ପ୍ରକୃତ କଥାଠାରୁ ଏହି ଟୀକାର ପ୍ରତିପାଦ୍ୟ ବିଷୟ ବହୁ କୋଟି 'କଲୋମିଟର' ଦୂରବର୍ତ୍ତୀ ହୋଇପାରେ । ଏହିଭଳି ପାଣ୍ଡିତ୍ୟ ରୀତିଯୁଗରେ ଅଭିନନ୍ଦନୀୟ ଓ ବନ୍ଦନୀୟ ଥିଲା ।

## ଚତୁର୍ଥ ଦୃଷ୍ଟାନ୍ତ—

ସଂସ୍କୃତରେ "ଦୁଇ-ଅର୍ଥ" ବା 'ଦ୍ୱ୍ୟର୍ଥ' କାବ୍ୟ, ରୀତିଯୁଗର ସଚେତନ କହାନ କରି ଜ୍ଞାନଗରିଷ୍ଠ ପଣ୍ଡିତ ଏମାନଙ୍କରେ ମହାଭ୍ରମ ଛାଇ ଦଣ୍ଡାୟମାନ

(୧) ଓଡ଼ିଆ ସାହିତ୍ୟରେ ଜୟଦେବ—୧ ୧୯୭

ରହିଅଛି (୧) । ଏହି କାବ୍ୟମାନଙ୍କରେ ପ୍ରତ୍ୟେକ ଶ୍ଲୋକରୁ ଦୁଇ ଦୁଇଟି ଅର୍ଥ ପ୍ରକାଶ ପାଏ । କାବ୍ୟଗୁଡ଼ିକ ହେଉଛି, 'ରାଘବ ପାଣ୍ଡବୀୟ', 'ରାଘବ ନୈଷଧୀୟ' ଓ 'ରାଘବ ଯାଦବୀୟ' । ପ୍ରଥମ କାବ୍ୟ, ରାଘବ ପାଣ୍ଡବୀୟରେ ପ୍ରତ୍ୟେକ ଶ୍ଲୋକ ଥରେ ପଢ଼ିଗଲେ ତହିଁରେ ରାମାୟଣ ଚରିତ ବର୍ଣ୍ଣିତ ହୋଇଥିବାର ଜଣାଯାଏ । କିନ୍ତୁ ଆଉ ଥରେ ପଢ଼ିଗଲେ ଜଣାଯାଏ, ଯେପରି କି ତହିଁରେ ରାମାୟଣ ଚରିତ କିଛି ନାହିଁ, କିନ୍ତୁ ପାଣ୍ଡବମାନଙ୍କ ଚରିତ ବା 'ମହାଭାରତ' ଚରିତ ବର୍ଣ୍ଣିତ ହୋଇଅଛି । ସେହିପରି, ଦ୍ୱିତୀୟ କାବ୍ୟଟି ଗୋଟିଏ ଟୀକା ଧରି ପଢ଼ିଗଲେ, ମନେହୁଏ, ଯେପରି କି ତହିଁରେ ରାମାୟଣ ଚରିତ ହିଁ ବର୍ଣ୍ଣିତ ହୋଇଅଛି । କିନ୍ତୁ ଆଉ ଗୋଟିଏ ଟୀକା ଧରି ପଢ଼ିଗଲେ ମନେହୁଏ, ଯେପରି କି ନଳ ଦମୟନ୍ତୀ ଚରିତରି ବର୍ଣ୍ଣନା ଲାଗି ଏହି କାବ୍ୟ ରଚନା କରାଯାଇଅଛି । ତୃତୀୟ କାବ୍ୟର ଲେଖକ ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ଅଞ୍ଚଳର ମହାପଣ୍ଡିତ ବସୁ ପ୍ରହରାଜ । ଏ କାବ୍ୟ ଏ ଭଳି ଭାବରେ ରଚନା କରାଯାଇଛି ଯେ ଥରେ ପଢ଼ିଗଲେ ତହିଁରୁ ରାମାୟଣ ଚରିତ ପ୍ରତିପନ୍ନ ହୁଏ; କିନ୍ତୁ ଟୀକା ଧରି ଦ୍ୱିତୀୟ ବାର ପଢ଼ିଗଲେ, ଜଣାଯାଏ ଯେପରି କି ଯଦୁବଂଶର ବା ଶ୍ରୀକୃଷ୍ଣଙ୍କର ଚରିତ ତହିଁରେ ବର୍ଣ୍ଣିତ ହୋଇଛି । ସମଗ୍ର ଭାରତରେ ଏହି ଧରଣର ଅଳ୍ପ କେତୋଟି କାବ୍ୟରୁ ଗୋଟିକର ଲେଖକ ଭଞ୍ଜଭୂମି ଗଞ୍ଜାମରେ ଜନ୍ମଲାଭ କରିଥିବା ଗୌରବର ବିଷୟ ।

## ପଞ୍ଚମ ଦୃଷ୍ଟାନ୍ତ :—

'ନଳୋଦୟ ଚମ୍ପୂ' ଗୋଟିଏ ଚମ୍ପୂ କାବ୍ୟ । ଅଥଚ, ଶବ୍ଦ-ସ୍ୱଭାବର ଅନୁରଞ୍ଜନରେ ଏହା ଏ ଭଳି ପାଣ୍ଡିତ୍ୟପୂର୍ଣ୍ଣ ହୋଇଅଛି ଯେ, ଅଧିକାଂଶ ସ୍ଥଳରେ ଶ୍ଲୋକଗୁଡ଼ିକୁ ପଢ଼ିବାକୁ ଭଲ ଲାଗେ; ଯଦ୍ୟପି ସେଗୁଡ଼ିକ ବୁଝିହୁଏ ନାହିଁ । 'ବିଦଗ୍ଧ ଚିନ୍ତାମଣି'ର ୩୪ ଛାନ୍ଦରେ ଏହି ଧରଣର ଟିକଟିକ ପଦ ଦେଖାଯାଏ ।

## ଷଷ୍ଠ ଦୃଷ୍ଟାନ୍ତ — ଗୋଟିଏ ଶ୍ଲୋକ ଦେହରେ ୧୮ଟି ଶ୍ଲୋକ—

ଆନ୍ଧ୍ର ପ୍ରଦେଶର ଜଣେ ପଣ୍ଡିତ ଆମର ଏହି 'ଶତକାଳ' ମଧ୍ୟରେ 'ମହାକଙ୍କଣ ବନ୍ଧ ରାମାୟଣ' ବୋଲି ଗୋଟିଏ କବିତା ରଚନା କରିଅଛନ୍ତି ।

---

(୧) ଓଡ଼ିଆରେ ଜୟପୁର ରାଜା ବିକ୍ରମଦେବ ବର୍ମାଙ୍କର ଏ ଭଳି କାବ୍ୟ ଅଛି ।

ଥରେ ଜଣେ ପଣ୍ଡିତ କୌଣସି ଏକ ରାଜାଙ୍କୁ ସଂସ୍କୃତ ଅନୁଷ୍ଟୁପ୍ ଛନ୍ଦର ଗୋଟିଏ ଶ୍ଳୋକ ଆଣି ଉପହାର ଦେଲେ ଏବଂ କହିଲେ—"ଏହି ଗୋଟିକ ଶ୍ଳୋକ ଯଦିଓ ମାତ୍ର ବତିଶ ଗୋଟି ଅକ୍ଷର ବିଶିଷ୍ଟ; ତଥାପି, ଏହାର ଭିତରେ ଚଉଷଠି ଗୋଟି ଶ୍ଳୋକ ଅଛି । ଆପଣ ଯଦି ପ୍ରଥମ ଅକ୍ଷରରୁ ଆରମ୍ଭ କରିବେ, ତାହାହେଲେ ୩୨ ସଂଖ୍ୟକ ଅକ୍ଷରରେ ଶ୍ଳୋକଟି ଶେଷ ହେବ । ଅକ୍ଷରଗୁଡ଼ିକୁ ତଳ ଧାଡ଼ି-ଉପର ଧାଡ଼ି ଭାବରେ ନ ସଜାଇ, ଆପଣ ଅକ୍ଷରଗୁଡ଼ିକୁ ଗୋଲାକାର ଭାବରେ ଲେଖି ଦିଅନ୍ତୁ । ପ୍ରଥମ ଥର ଶ୍ଳୋକଟି ପଢ଼ି ସାରି, ଦ୍ୱିତୀୟ ଅକ୍ଷରରୁ ପଢ଼ା ଆରମ୍ଭ କରନ୍ତୁ । ତାହାହେଲେ ଦେଖିବେ, ପ୍ରଥମ ଅକ୍ଷରଟା ଶ୍ଳୋକର ଶେଷ ଅକ୍ଷର ହେବ । ଏହିପରି ଭାବରେ ତୃତୀୟ ଅକ୍ଷରରୁ ଆରମ୍ଭ କରି, ଚତୁର୍ଥ ଅକ୍ଷରରୁ ଆରମ୍ଭ କରି, ଶେଷରେ ୩୨ ସଂଖ୍ୟକ ବା ଶେଷ ଅକ୍ଷରରୁ ଆରମ୍ଭ କରି ପଢ଼ିଯାଆନ୍ତୁ । ଏହିପରି ଭାବରେ ପଢ଼ିଲେ ଆପଣ ୩୨ ଗୋଟି ଶ୍ଳୋକ ପାଇବେ ଏବଂ ପ୍ରତି ଶ୍ଳୋକରେ ବି ବତିଶଟି ଲେଖା ଅକ୍ଷର ରହିବ ।"

"ତା ପରେ, ଆପଣ ପ୍ରଥମ ଶ୍ଳୋକଟି ଯେପରି ଲେଖିଥିଲେ, ତାକୁ ଆଖିରେ ରଖି ଶେଷ ଅକ୍ଷରରୁ ଓଲ୍ଟାଆଡ଼ୁ ପଢ଼ିଆସନ୍ତୁ । ପ୍ରତି ଥର ଆପଣ ବତିଶ ଅକ୍ଷର ବିଶିଷ୍ଟ ଗୋଟିଏ ଶ୍ଳୋକ ପାଇବେ । ଏହିଭଳି ଭାବରେ ୩୨+୩୨ =ସର୍ବମୋଟ ଚଉଷଠି ଗୋଟି ଶ୍ଳୋକ ଆପଣ ପାଇବେ । ଏହି ୬୪ଟି ଶ୍ଳୋକ ଭିତରେ ରାମାୟଣ ଚରିତ ସଂକ୍ଷେପରେ ବର୍ଣ୍ଣନା କରାଯାଇଛି । ଏହାକୁ ମୁଁ ନାମ ଦେଇଛି—'କଙ୍କଣ ବନ୍ଧ ରାମାୟଣ' । ପୃଥିବୀର କୌଣସି ଦେଶରେ, କୌଣସି ଭାଷାରେ ଏ ଭଳି ପାଣ୍ଡିତ୍ୟ କେହି କେବେ ପ୍ରଦର୍ଶନ କରି ନାହିଁ ।"

ଏହା ଶୁଣି ସମସ୍ତେ ସ୍ତମ୍ଭୀଭୂତ ହୋଇଗଲେ । ତାହାର କିଛିଦିନ ପରେ ଆଉ ଜଣେ ପଣ୍ଡିତ ଆସି ରାଜପରିଷଦରେ କହିଲେ—

"ଆପଣମାନେ ସିନା 'କଙ୍କଣବନ୍ଧ ରାମାୟଣ' ଦେଖିଅଛନ୍ତି; କିନ୍ତୁ 'ମହାକଙ୍କଣବନ୍ଧ ରାମାୟଣ' କଥା କଳ୍ପନା ମଧ୍ୟ କରି ନ ଥିବେ । ମୋର ଏହି ସମୁଦାୟ କାବ୍ୟଟି ଗୋଟିଏ ଶ୍ଳୋକ । ଏହି ଶ୍ଳୋକରେ ୩୨ଟି ଅକ୍ଷର ଅଛି ସତ, ମାତ୍ର, ପ୍ରତ୍ୟେକ ଅକ୍ଷରରେ ଗୋଟିଏ ବ୍ୟଞ୍ଜନ ବର୍ଣ୍ଣ ଓ ଗୋଟିଏ ସ୍ୱରବର୍ଣ୍ଣ ମିଶିକରି ରହିଛି । ତାହାହେଲେ ୩୨ ଅକ୍ଷର ବିଶିଷ୍ଟ ମୋର ଏହି ଗୋଟିକ ଶ୍ଳୋକରେ ବ୍ୟଞ୍ଜନ ଓ ସ୍ୱର ମିଶି ଚଉଷଠିଟି ବର୍ଣ୍ଣ ଅଛି । ଆପଣ ପ୍ରଥମ ବର୍ଣ୍ଣରୁ

ଶେଷ ବର୍ଣ୍ଣ ପର୍ଯ୍ୟନ୍ତ ପଢ଼ିଗଲେ ୬୪ଟି ଶ୍ଳୋକ ପାଇବେ । ପୁଣି ଶେଷ ବର୍ଣ୍ଣରୁ ଆରମ୍ଭ କରି ଏକାଦଶକ୍ରମେ ପଛକୁ ପଛ ଥିବା ବର୍ଣ୍ଣମାନଙ୍କୁ ଶ୍ଳୋକର ପ୍ରଥମ ବର୍ଣ୍ଣ ରୂପେ ଧରି ଯଦି ପଢ଼ିଯାଆନ୍ତି, ତେବେ ଆପଣ ଆଉରି ୬୪ ଗୋଟି ଶ୍ଳୋକ ପାଇବେ । ତାହାହେଲେ, ମୋଟ ୧୨୮ ଗୋଟି ଶ୍ଳୋକ ଏହି ଗୋଟିକ ଶ୍ଳୋକ ଭିତରେ ଖଞ୍ଜି ଦିଆଯାଇଛି । ୬୪ ଶ୍ଳୋକ ବିଶିଷ୍ଟ ଗୋଟିଏ ଶ୍ଳୋକକୁ ମୋର ବନ୍ଧୁ 'କଙ୍କଣ ବନ୍ଧ ରାମାୟଣ' ନାମ ଦେଇଥିବାରୁ, ମୁଁ ମୋର ଏହି ୧୨୮ ଗୋଟି ଶ୍ଳୋକ ବିଶିଷ୍ଟ ଗୋଟିକ ଶ୍ଳୋକକୁ 'ମହାକଙ୍କଣ ବନ୍ଧ ରାମାୟଣ' ନାମ ଦେଇଅଛି । ଏହି ୧୨୮ଟି ଶ୍ଳୋକ ପଢ଼ିଗଲେ, ଆପଣମାନେ ସଂକ୍ଷେପରେ ରାମାୟଣ ଚରିତ ଜାଣିପିବେ ।"

ତଳେ 'କଙ୍କଣ ବନ୍ଧ ରାମାୟଣ' ଓ 'ମହାକଙ୍କଣ ବନ୍ଧ ରାମାୟଣ'ର ଦୁଇଟିଯାକ ଶ୍ଳୋକ କୌତୂହଳୀ ପାଠକମାନଙ୍କ ଲାଗି ଉଦ୍ଧାର କରି ଦିଆଯାଉଛି—

**କଙ୍କଣବନ୍ଧ ରାମାୟଣ—**

କାମା ମାମାୟୁାସା ରାମେ
ହାମା ମାରା ହାରା ଗାସା
ଲକ୍ଷା ସେନା ପାଣା ସାମା
ଯୁାମାସ୍ତୋମା ଦାୟୁାଦାର ।

**ମହାକଙ୍କଣବନ୍ଧ ରାମାୟଣ—**

ରାମାନାଥା ଭାବୁ ସାରା
ରୂର ବାରା ଗୋପାଧାରା
ଧାରା ଧାର ଶ୍ରମାକାରା
ପାରାବାରା ସୀତାରାମା ।

ଶବ୍ଦପାଣ୍ଡିତ୍ୟ କେତେଦୂର ଯାଇପାରେ, ଏହା ତାହାର ଏକ ବଳିଷ୍ଠ ଦୃଷ୍ଟାନ୍ତ । ଏହାର ରଚନାକାଳ ଯେଉଁ ଶତାବ୍ଦୀ ହେଉ ପଛେ, 'ସ୍ୱର୍ଣ୍ଣ ଯୁଗ' ପ୍ରବାହର ତରଙ୍ଗାଘାତ ବକ୍ଷରେ ଏହା ଯେ ଏକ ଅଟଳ ଶିଳାଖଣ୍ଡ, ଏଥିରେ ସନ୍ଦେହର ଅବକାଶ ନାହିଁ ।

## ସପ୍ତମ ଦୃଷ୍ଟାନ୍ତ—

ସୁଖ୍ୟାତ ନୈଷଧ କାବ୍ୟର 'ପଞ୍ଚନଳୀ ଉପାଖ୍ୟାନ' ଆଧୁନିକ ଭାରତୀୟ ପ୍ରାଦେଶିକ ରୀତିଯୁଗ କବିପୁଙ୍ଗବମାନଙ୍କର ଏକାନ୍ତ ଅନୁଧ୍ୟେୟ ଥିଲା । ଦମୟନ୍ତୀ ନିଜର ପତିରୂପେ ନଳ ମହାରାଜାଙ୍କୁ ହିଁ ପାଇବାକୁ ଅଭିଳାଷ ପୋଷଣ କରିଥିଲେ । କିନ୍ତୁ ଇନ୍ଦ୍ର, ଅଗ୍ନି, ବାୟୁ ଓ ଯମ, ଏହି ଦେବତା ଚତୁଷ୍ଟୟ ମଧ୍ୟ ଜଣେ ମାନବୀର ପାଣିଗ୍ରହ କାମନାରେ ଉନ୍ମନା ହୋଇ ଉଠିଲେ । ନୈଷଧକାର ଶ୍ରୀହର୍ଷ ଏମାନଙ୍କୁ ଲକ୍ଷ୍ୟ କରି ଏ ଭଳି ଶ୍ଳୋକ ରଚନା କରିଛନ୍ତି ଯେ, ତାକୁ ଥରେ ପଢ଼ିଗଲେ ଅଗ୍ନିଙ୍କ ବର୍ଣ୍ଣନା, ଆଉ ଥରେ ପଢ଼ିଗଲେ ଇନ୍ଦ୍ରଙ୍କ ବର୍ଣ୍ଣନା, ତୃତୀୟ ଥର ପଢ଼ିଗଲେ ପବନ ଦେବତାଙ୍କ ବର୍ଣ୍ଣନା ଏବଂ ଚତୁର୍ଥ ଥର ପଢ଼ିଗଲେ ଯମଙ୍କ ବର୍ଣ୍ଣନା ପାଠକ ସମକ୍ଷରେ ଉପସ୍ଥାପିତ ହୋଇଯାଏ । ପୁଣି ପଞ୍ଚମ ଥର ପଢ଼ିଗଲେ ନଳଙ୍କ ପକ୍ଷରେ ତାହାର ଅର୍ଥ ଫୁଟିଉଠେ । ରୀତି-ଉପାସକ ପଣ୍ଡିତସମାଜରେ ଏହି ନୈଷଧୀୟ ଛଟା ବହୁ ଶତାବ୍ଦୀ ଧରି ଅନୁଶୀଳିତ ହୋଇ ଆସିଛି । ଶ୍ଳୋକଟି ହେଉଛି—

"ଦେବଃ ପତିର୍ବିଦୁଷି ନୈଷଧରାଜଗତ୍ୟା
ନିର୍ଣ୍ଣୀୟତେ ନ କିମୁ ନ ବ୍ରିୟତେ ଭବତ୍ୟା
ନାୟଂ ନଳଃ ଖଳୁ ତବାତିମହାନଲାଭୋ
ଯଦ୍ୟେନମୁଜ୍ଝସି ବରଃ କତରଃ ପରସ୍ତେ ।"
( ୧୩।୩୪ )

## ଅଷ୍ଟମ ଦୃଷ୍ଟାନ୍ତ—

ଦକ୍ଷିଣ-ଓଡ଼ିଶାର ସୁନାମଧନ୍ୟ ମହାପଣ୍ଡିତ ରାମନାଥ ନନ୍ଦ ମହୋଦୟ ଖୁବ୍ ନିକଟରେ ପରଲୋକ ଗମନ କରିଛନ୍ତି । 'ଜୟପୁର ରାଜବଂଶାବଳୀ' ନାମକ ଏକ ସଂସ୍କୃତ କାବ୍ୟ ସେ ରଚନା କରି ଯାଇଛନ୍ତି । ନିଜର ପୃଷ୍ଠପୋଷକ ମହାରାଜା ବିକ୍ରମଦେବ ବର୍ମାଙ୍କର ପ୍ରଶସ୍ତି ଗାନ କରିବାକୁ ଯାଇ ସେ ଏହି ଶ୍ଳୋକଟି ରଚନା କରିଛନ୍ତି—

"ଅନନ୍ତ ଗୋଭୂତ ବିଧାର କଲ୍ପିତ
ପ୍ରଭୂତ ତେଜୋ ବଳବିକ୍ରମୋଦୟଃ ।

ଚରଂ ବିଦଧ୍ୟା ଦ୍ୱଣ୍ଟଲ୍‌କ ପାଳକଃ
ସ୍ଥିତିଂ ଚ ବଂଶସ୍ୟ ସମୁଜ୍ଜ୍ୱଳଶ୍ରିୟଂ ।”
(ସମିକ ଶ୍ଳୋକ ବ୍ୟାଖ୍ୟା—ଅଜ୍ଞାତ)

ଆଧୁନିକ ଭାରତରେ ଏ ଭଳି ଶ୍ଳୋକ ରଚୟିତା (ଅର୍ଥାତ୍, 'ପଣ୍ଡିତ-କବି') ଅତ୍ୟନ୍ତ ବିରଳ କହିଲେ ଅତ୍ୟୁକ୍ତି ହେବ ନାହିଁ । ଏହି ଶ୍ଳୋକରେ ବିକ୍ରମ ଦେବଙ୍କ ଗୁଣ ଗୌରବ ପ୍ରକାଶ ପାଇଛି । ତାହାଁ ସଙ୍ଗେ ସଙ୍ଗେ, ଅନ୍ୟ ୩୭ ଜଣ ଦେବ ଦେବୀଙ୍କର ବର୍ଣ୍ଣନା ମଧ୍ୟ ଏଥିରେ ଅଛି । ଅର୍ଥାତ୍ ଏହି ଶ୍ଳୋକରେ ଶବ୍ଦଗୁଡ଼ିକ ଏପରି ସମାବେଶିତ ହୋଇଅଛି ଯେ, ଥର ଥର କରି ପଢ଼ିଗଲେ, ପ୍ରତି ଥର ଗୋଟାଏ ନୂଆ ଦେବତା, ଗ୍ରହ ପ୍ରଭୃତିଙ୍କ ବର୍ଣ୍ଣନାତ୍ମକ ଅର୍ଥ ବାହାରିଥାଏ । ବାସ୍ତବିକ୍, ଏ ପଣ୍ଡିତଙ୍କର ପାଣ୍ଡିତ୍ୟ ଆଧୁନିକ ଭାରତରେ ଅନତିକ୍ରମଣୀୟ ପରି ପ୍ରତିଭାତ ହୁଏ ।

## ଭଞ୍ଜ-ସାହିତ୍ୟ ଓଡ଼ିଆରେ ଏ ଭଳି ପାଣ୍ଡିତ୍ୟର ପରିପ୍ରକାଶ —

ଏହିଭଳି କାବ୍ୟ-ସାହିତ୍ୟର ସ୍ରଷ୍ଟା, ଟୀକାକାର, ପରିବେଷକ, ଉପଭୋକ୍ତା ତଥା ଅନୁରାଗୀମାନଙ୍କର ଯେଉଁ ପ୍ରତିପତ୍ତି ଥିଲା; ତାକୁ ନିସ୍ତ୍ରଭ କରିବା ପାଇଁ ଓଡ଼ିଆ ଭାଷାରେ ସେହିଭଳି ଶକ୍ତିଶାଳୀ ଯୋଗଜନ୍ମା ବାଣୀ-ବରପୁତ୍ର, ସିଦ୍ଧ-ସାଧକ, ସ୍ୱଦେଶବତ୍ସଳ କବିଦ୍ରଷ୍ଟାଙ୍କର ଅଭିର୍ଭାବ ଆବଶ୍ୟକ ହେଉଥିଲା । ଷୋଡ଼ଶ ଶତାବ୍ଦୀରେ ଛାନ୍ଦ-ସାରସ୍ୱତ ମହାମନ୍ଦିରର ଭିତ୍ତିପତନ ଆରମ୍ଭ ହୋଇଥିଲେ ମଧ୍ୟ ମନ୍ଦିରର ପରିସମାପ୍ତି ଏବଂ ଦେବତାର ପ୍ରତିଷ୍ଠା କାର୍ଯ୍ୟ କବିସମ୍ରାଟ୍ ଉପେନ୍ଦ୍ର ଭଞ୍ଜଙ୍କ ଦ୍ୱାରା ହିଁ ସମାହିତ ହୋଇଥିଲା ।

'ଓଡ଼ିଆ ରୀତି ଯୁଗ'ର ଯେଉଁମାନେ ଆଲୋଚନା କରିନାହାନ୍ତି, ଅଥବା, କେବଳ ଆଧୁନିକ ସାହିତ୍ୟର ଆଲୋଚନା କରୁଛନ୍ତି, ସେମାନଙ୍କର କଥା ସ୍ୱତନ୍ତ୍ର । ସେମାନେ ଜାହାଜର ଉପରିଭାଗ ଦୂରରୁ ଦେଖି, ସେହି ଉପରିଭାଗ ଦ୍ୱାରା ହିଁ ଜାହାଜ ଚାଲୁଥିବାର ଅନୁମାନ କରନ୍ତି । ଜାହାଜ ଭିତରେ କେତେ ପ୍ରକାର ଜିନିଷ ଖଞ୍ଜାଯାଇଛି, ଜଳର ଆକ୍ରମଣକୁ ଏଡ଼ିବା ପାଇଁ କେତେ ଯେ ଇଞ୍ଜିନିୟରିଂ ବୁଦ୍ଧି ବ୍ୟୟ କରାଯାଇଛି, ତାହା ସେମାନେ ଜାଣୁ ନାହାନ୍ତି, ଜାଣିବାକୁ ଚେଷ୍ଟା ମଧ୍ୟ କରନ୍ତି ନାହିଁ । ସର୍ବଭାରତୀୟ ସ୍ତରରେ ଭାଗବତର ପାଣ୍ଡିତ୍ୟ-ପୂର୍ଣ୍ଣ ବ୍ୟାଖ୍ୟାନଠାରୁ ନନ୍ଦ ମହୋଦୟଙ୍କ ରଚନା ପର୍ଯ୍ୟନ୍ତ ରୀତି ପାଣ୍ଡିତ୍ୟର ଏ ଯେଉଁ ପ୍ରବଳ ପ୍ଳାବନ ଲାଗି ରହିଥିଲା, ତାକୁ ଭୁଲିଗଲେ ରୀତିଯୁଗ ସାହିତ୍ୟର

ସଙ୍ଗୀତଶାସ୍ତ୍ରୀୟ ଭିତ୍ତିମୂଳକତା, ବ୍ୟାପକତା ଏବଂ ଶ୍ରମସାଧ୍ୟ ତଦର୍ଥତା ପ୍ରଭୃତି ବୁଝିବାର କୌଣସି ଅବକାଶ ରହିବ ନାହିଁ ।

## ସଙ୍ଗୀତର ପ୍ରଭାବ

ଏଠାରେ ଉତ୍କଳ ପାଠକମାନଙ୍କୁ କହିଦେବା ଦରକାର, ଉତ୍କଳ ଭଳି ସବୁ ପ୍ରଦେଶରେ ସଂସ୍କୃତ ଶ୍ଲୋକମାନଙ୍କୁ ସୁଲଳିତ ଭଙ୍ଗୀରେ ଗାନ କରନ୍ତି ନାହିଁ । ଗ୍ରନ୍ଥ-ସାହିତ୍ୟ ଯେପରି ଓଡ଼ିଶାର ବିଶେଷତ୍ୱ, ଓଡ଼ିଶାର କାବ୍ୟଗୁଡ଼ିକ ସେପରି ଏକ ଦିଗରେ ପଦ୍ୟ ଓ ଅନ୍ୟ ଦିଗରେ ସଙ୍ଗୀତପୂର୍ଣ୍ଣ, ଭାରତର ଅନ୍ୟ ସାହିତ୍ୟରେ ସେପରି ପ୍ରାୟ ନୁହେ । ଓଡ଼ିଶାବାସୀମାନେ 'ନୈଷଧ'ର ଆବୃତ୍ତି ବା ପାଠ କରନ୍ତି ନାହିଁ, ଗାନ କରନ୍ତି । ଉପେନ୍ଦ୍ର ଏହି ପରିବେଶ ମଧ୍ୟରେ ପରିବର୍ଦ୍ଧିତ ହୋଇ ନୈଷଧୀୟ ଧାରାନୁରୂପ ଶବ୍ଦସୌଷ୍ଠବ ଓ ପଦଲାଳିତ୍ୟ ରକ୍ଷା କରିବାକୁ ଚେଷ୍ଟା କଲେ, ତାହା ସହିତ ନୈଷଧର ବିଷୟ ଗାମ୍ଭୀର୍ଯ୍ୟ ଓ ଭାବଗାମ୍ଭୀର୍ଯ୍ୟ, ବର୍ଣ୍ଣନା କୌଶଳ ଓ ପାଣ୍ଡିତ୍ୟ ସମ୍ପଦରେ ମଧ୍ୟ ମାତୃ-ସାହିତ୍ୟକୁ ସମୃଦ୍ଧ କରିବାକୁ ଚେଷ୍ଟା କଲେ । ଓଡ଼ିଶୀ ସଙ୍ଗୀତର ଗାନ କ୍ରମରେ ନିଜ କବିତା-ସୁନ୍ଦରୀଙ୍କୁ ମୂର୍ଚ୍ଛନାମୟୀ କରିଦେଲେ । ମଧ୍ୟଯୁଗ ଓଡ଼ିଆ-ସାହିତ୍ୟ ସଙ୍ଗୀତମୟତାରେ ଅଭିନନ୍ଦିତ । ଓଡ଼ିଶା ଧର୍ମରାଜ୍ୟରେ ଯେପରି, ସାହିତ୍ୟ ରାଜ୍ୟରେ ସେପରି, ଉତ୍ତର ଏବଂ ଦକ୍ଷିଣ-ଭାରତର ସଙ୍ଗୀତ ପଦ୍ଧତି ଦ୍ୱୟ ଚିରକାଳ ସଚେତନ ରହିଅଛି । ସେଥିପାଇଁ ଆଜିର ଅନେକ ବିଦ୍ୱାନ ଦୃଢ଼ ଭାବରେ ଦାବୀ କରୁଛନ୍ତି ଯେ, ଉତ୍କଳୀୟ ସଙ୍ଗୀତ ବା ଓଡ଼ିଶୀ ସଙ୍ଗୀତ ଏକ ସ୍ୱତନ୍ତ୍ର ଶାସ୍ତ୍ରୀୟ ପଦ୍ଧତି । ସେମାନେ କର୍ଣ୍ଣାଟକୀ ସଙ୍ଗୀତ ବା ହିନ୍ଦୁସ୍ଥାନୀ ସଙ୍ଗୀତକୁ ସ୍ୱତନ୍ତ୍ର ଶାସ୍ତ୍ରୀୟ ସଙ୍ଗୀତ ବୋଲି ସ୍ୱୀକାର କରି 'ଓଡ଼ିଶୀ ସଙ୍ଗୀତକୁ' ସ୍ୱତନ୍ତ୍ର ଶାସ୍ତ୍ରୀୟ ସଙ୍ଗୀତର ସମ୍ମାନ ଦେଇ ନାହାନ୍ତି, ସେମାନେ ସତ୍ୟର ଅପଳାପ କରୁଛନ୍ତି ବୋଲି ଓଡ଼ିଶାର ବହୁ କଳାବିତ୍ ପଣ୍ଡିତଙ୍କ ମେଘଗମ୍ଭୀର ସ୍ୱରରେ ଘୋଷଣା କରିଛନ୍ତି । ତେବେ, ଏ କଥା ନିଶ୍ଚୟ ଯେ, ଏ ପର୍ଯ୍ୟନ୍ତ ଓଡ଼ିଶୀ ଶାସ୍ତ୍ରୀୟ ସଙ୍ଗୀତର ସ୍ୱତନ୍ତ୍ର ଏବଂ ପ୍ରାମାଣିକ ବ୍ୟାକରଣ ଶାସ୍ତ୍ର ପ୍ରଣୟନ କରାଯାଇ ପାରି ନାହିଁ । ହୁଏତ ଆହୁରି କେତେକ ବର୍ଷ ପରେ ଅଧିକ ଗବେଷଣା ଫଳରେ ସର୍ବଭାରତୀୟ ସ୍ତରରେ ଓଡ଼ିଆମାନଙ୍କର ଏହି ଦାବୀ ପ୍ରତିଷ୍ଠିତ ହୋଇ ପାରିବ ।

## ଓଡ଼ିଆ ଛାନ୍ଦ, ସଙ୍ଗୀତ ନୁହେ, ସଙ୍ଗୀତଭିତ୍ତିକ ମାତ୍ର –

ଓଡ଼ିଶୀ ସଙ୍ଗୀତ କଥା ନ ଜାଣିଲେ, ଓଡ଼ିଆ ଛାନ୍ଦ ଯୁଗର ସୌନ୍ଦର୍ଯ୍ୟ ବା ଗୌରବ ଉପଲବ୍ଧି କରି ହେବ ନାହିଁ । କାରଣ, ମଧ୍ୟଯୁଗରେ ଓଡ଼ିଆ-ସାହିତ୍ୟ

ସଙ୍ଗୀତ ଉପରେ ପ୍ରତିଷ୍ଠିତ । ଏ କଥା ସର୍ବପ୍ରଥମେ କହିଦେବା ଦରକାର ଯେ, ଓଡ଼ିଶାର ଛାନ୍ଦ-ସାହିତ୍ୟ ସଙ୍ଗୀତ ନୁହେଁ; କିନ୍ତୁ ସଙ୍ଗୀତ ଶାସ୍ତ୍ରର ଅନେକ ବୈଜ୍ଞାନିକ ତଥ୍ୟ ଗ୍ରହଣରେ ଛାନ୍ଦ-ସାହିତ୍ୟ ମନୋଜ୍ଞ ହୋଇ ଉଠିଛି । ତତ୍ତ୍ୱବିଦମାନେ କହନ୍ତି—

## ଓଡ଼ିଆ ଛାନ୍ଦ-ସାହିତ୍ୟ 'ଅଧ୍ରୁବା-ପାଞ୍ଚାଳୀ' ଅନ୍ତର୍ଗତ –

"ଛାନ୍ଦ, ଯାହା ସଂସ୍କୃତ ଛନ୍ଦ ଅନୁକରଣରେ ଓଡ଼ିଆ ଭାଷାର ସାହିତ୍ୟ, କବିଙ୍କର ଇଚ୍ଛାନୁସାରେ ବନ୍ଧ ଅକ୍ଷର, ବନ୍ଧ ପଦ ସଂଯୋଗରେ ରଚିତ, ଯାହାର ଘୋଷା ବା ଧ୍ରୁବ ପଦ ନାହିଁ, ତାହାକୁ 'ଛାନ୍ଦ' କହନ୍ତି । ଏହାର ପ୍ରଥମ ପଦକୁ ଯେପରି ଗାଇବ, ସେହିପରି ସମସ୍ତ ପଦକୁ ଗାଇବାକୁ ହେବ । ଏହା ଅଧ୍ରୁବା-ପାଞ୍ଚାଳୀ ଅଟେ । ଛାନ୍ଦକୁ ଗାୟକଙ୍କ ଇଚ୍ଛାନୁସାରେ ଗାଇଲେ, ତାହା ସଂପୂର୍ଣ୍ଣ ରସ ଭାବବ୍ୟଞ୍ଜକ ହେବ ନାହିଁ । ତାହା କେବଳ ପଦ୍ୟାବୃତ୍ତି ହେବ; କିନ୍ତୁ ଛାନ୍ଦ ସମ୍ପର୍କୀୟ ରାଗ ତାଳ ସହିତ ଗାଇଲେ ସର୍ବତୋଭାବେ ରସଭାବ-ବ୍ୟଞ୍ଜକ ହୁଏ ।

"ଛାନ୍ଦକୁ ରାଗ-ତାଳ-ବିସ୍ତାର ସଂଯୋଗରେ କେହି ଗାଇବାର ଦେଖାଯାଏ ନାହିଁ, × × × । ମାତ୍ର ଗାଇବା ସମୟରେ ସ୍ୱର, ରାଗ ଓ ତାଳକୁ ରକ୍ଷା କରି ଅକ୍ଷର ସହିତ ସ୍ୱର ବିସ୍ତାର କରିଥାନ୍ତି । କିନ୍ତୁ ରାଗ-ତାଳରେ ଗାଇଲେ, ପ୍ରଥମେ ରାଗକୁ ଅଳ୍ପ ଆଳାପ କରି ଗାଇବା ଉଚିତ । ଏହି ଛାନ୍ଦମାନଙ୍କରେ ଅନେକ ସ୍ଥଳରେ ରାଗର ନାମ ଲେଖାଅଛି; କିନ୍ତୁ ତାଳର ନାମ ଲେଖାଥିବା ବହୁତ କମ୍ ଦେଖାଯାଏ । କେତେକ ଛାନ୍ଦରେ କେବଳ ପ୍ରଚଳିତ ବୃତ୍ତ, ବାଣୀରେ ଗାଇବାର ଲେଖାଅଛି ଓ ଅନେକ ଛାନ୍ଦରେ ବୃତ୍ତ ବା ବାଣୀର ନାମ ଓ ବୃତ୍ତ ଓ ରାଗର ନାମ ଉଭୟ ଲେଖାଅଛି । ବୃତ୍ତ ଯଥା— କାଳୀ, ଗଡ଼ମାଳିଆ, ଚକ୍ରକେଳୀ, ବେଙ୍ଗି, ଝୁମ୍ପା, ଧୀପା, ରଣବଜେ, ମୁନିବର ବାଣୀ, ପୋଇ, କୋଇଲି, ହଂସମ ଭୂଆର, କଳସା, ସଜନୀ ଚୌତିଶା, ଆଷାଢ଼ଶୁକ୍ଳ—ଏହିପରି ଆହୁରି କେତେକ ବାଣୀ ଅଛି । ଏହି ବାଣୀ ମଧ୍ୟରେ କେତେ ବାଣୀ ସହିତ ରାଗ ନାମ ଲେଖା ଅଛି । ଛାନ୍ଦକୁ ରାଗ-ତାଳ ସହିତ ନ ଗାଇଲେ ତାହାକୁ ପଦ୍ୟାବୃତ୍ତି କୁହାଯିବ । ଏହା ଅଧ୍ରୁବା-ପାଞ୍ଚାଳୀ ମଧ୍ୟରେ ଗଣ୍ୟ । ଏହି ଛାନ୍ଦ ସଂସ୍କୃତ ଛନ୍ଦରୁ ଆସି କେତେକ ଛନ୍ଦର ନାମ ଓଡ଼ିଆରେ କରାଯାଇଅଛି ଓ କେତେକ ଛନ୍ଦର ଓଡ଼ିଆ ନାମ ଦିଆ ହୋଇ ନାହିଁ । ତାହାକୁ ଯେଉଁ ରାଗରେ ଗାଇବ, ତାର ନାମ ଲେଖା ଅଛି । ଯେଉଁ ସଂସ୍କୃତ

ଛନ୍ଦର ଓଡ଼ିଆ ନାମ ନାହିଁ, ତାହାର ସଂସ୍କୃତ ବୃତ୍ତ ନାମ ଓଡ଼ିଆରେ ବୁଝାଯିବ । ( ଉତ୍କଳ ସଙ୍ଗୀତ ପଦ୍ଧତି—୩୪୦ ରୁ ୩୪୧ )

## ଓଡ଼ିଆ ଛାନ୍ଦର ପରିବେଷଣ : ପଦ୍ୟାବୃତ୍ତି —

ଏହା ବ୍ୟତୀତ, ଉତ୍କଳ ସଙ୍ଗୀତ ପଦ୍ଧତିର ଲେଖକ ଶ୍ରୀଯୁକ୍ତ ଶ୍ୟାମସୁନ୍ଦର ଧୀର ଛାନ୍ଦ ଗାଇବାର କ୍ରମ ସମ୍ପର୍କରେ କେତେକ ସୂଚନା ଦେଇ ଲେଖିଛନ୍ତି—

"ଛାନ୍ଦ ଗାଇବା ରାଗ-ତାଳ ନିୟମରେ ହୁଏ । ତାହା କରିବା ନିତାନ୍ତ ଆବଶ୍ୟକ । ଯେଉଁଥିରେ ରାଗ ନାମ ଲେଖା ନାହିଁ, ବାଣୀ ବା ବୃତ୍ତ ଲେଖାଅଛି, କିମ୍ବା କୌଣସି ସ୍ଥାନରେ ବୃତ୍ତର ନାମ ଯଦି ଲେଖା ନ ଥାଏ, ତେବେ ଜ୍ଞାନୀ ଗାୟକ ଭାଷାର ଭାବ, ରସ ଓ ଛନ୍ଦକୁ ଲକ୍ଷ୍ୟ ରଖି ରାଗ, ତାଳ ଆଦି ସଂଯୋଗ ସହିତ ଗାନ କରିବା ଉଚିତ । ତାହା ନ କରି ମନଇଚ୍ଛା ଭାଷା ବ୍ୟକ୍ତ କରି, ଯେକୌଣସି ଗୋଟିଏ ତାଳ ସହିତ ସ୍ୱର ପ୍ରୟୋଗ କରି ସାଧାରଣମାନେ ଯାହା ଅନାୟାସରେ ଗାନ କରନ୍ତି, ତାହା ପ୍ରକୃତ ଛାନ୍ଦ ଗାଇବାର ସଂପୂର୍ଣ୍ଣ ରୂପ ନୁହେଁ । ତାହା ପଦ୍ୟାବୃତ୍ତି ମଧ୍ୟରେ ଗଣ୍ୟ । ଆହୁରି ମଧ୍ୟ, କେତେକ ବୃତ୍ତ ଓଡ଼ିଆରେ ଲକ୍ଷିତ କୌଣସି ଏକ ଛାନ୍ଦ ଗୀତର ବୃତ୍ତକୁ ସେହି ଛାନ୍ଦର ପ୍ରଥମ ପାଦର ପ୍ରଥମ ଧାଡ଼ି ଅଥବା କେତେକାଂଶ ଉଲ୍ଲେଖ କରାଯାଇଅଛି । ତାହାକୁ ଅନୁସରଣ କରି ଗାଇବାକୁ ହୁଏ । ତାହା ଯେଉଁ ଗୀତ ବୃତ୍ତକୁ ଅନୁସରଣ କରୁଅଛି, ସେହି ଛନ୍ଦକୁ ବୁଝି ଗାଇବା ଉଚିତ । ଏପରି ଉକ୍ତିରେ ମଧ୍ୟ ଭ୍ରମର ସମ୍ଭାବନା ଅଛି । ଏହା ପାଞ୍ଚାଳୀ ମଧ୍ୟରେ ଗଣ୍ୟ । ଏଥିରେ ରାଗ ଶୁଦ୍ଧ ରହିପାରେ ନାହିଁ । ଏହାକୁ ଲୋକେ ଆଠତାଳ, ନିପଟା, ଝୁଲା ବା ତାଳ ଓ କେହି କେହି ଝମ୍ପା ତାଳମାନଙ୍କରେ ଗାଇବାର ବିଶେଷ ଦେଖାଯାଏ । ସଙ୍ଗୀତଜ୍ଞ ଓ ସାଧକ ବ୍ୟତୀତ ରାଗ ତାଳ ଅନୁସାରେ ଅନ୍ୟ କେହି ଗାଇ ପାରନ୍ତି ନାହିଁ ।"

(ଉତ୍କଳ ସଙ୍ଗୀତ ପଦ୍ଧତି—ପୃ-୩୪୩-୩୪୪)

ଏଥିରୁ ଜଣାଯାଏ, ଏ ଦିଗରେ ଅଧିକ ଗବେଷଣା ଦରକାର ।

## ଓଡ଼ିଶାରେ ସଙ୍ଗୀତ ଚର୍ଚ୍ଚା :—

ସଙ୍ଗୀତ କହିଲେ, ଗୀତ, ବାଦ୍ୟ ଓ ନୃତ୍ୟ, ତିନୋଟିଯାକ ବୁଝାଯାଏ । (୧) ଓଡ଼ିଶାରେ ସଙ୍ଗୀତ ଶିକ୍ଷାର ଏକ ପରମ୍ପରା ରହିଅଛି । ଓଡ଼ିଶାରେ ଜୈନଧର୍ମର

(୧) ଭାରତୀୟ ସଙ୍ଗୀତ— ପୃ-୧୬-୧୮

ପ୍ରବଳ ପ୍ରାଚୀନ କାଳରୁ ହିଁ ସଙ୍ଗୀତ ଚର୍ଚ୍ଚା ପ୍ରତି ଏ ଦେଶର ଲୋକମାନେ ଅନୁରକ୍ତ ହୋଇ ଉଠିଥିବା ଜଣାଯାଏ । ନିଜେ କଳିଙ୍ଗର ଜୈନସମ୍ରାଟ ଖାରବେଳ ଗାନ୍ଧର୍ବ ବିଦ୍ୟା ଶିକ୍ଷା କରିଥିଲେ ବୋଲି ସୁପ୍ରସିଦ୍ଧ ହାତୀଗୁମ୍ଫା ଶିଳାଲେଖରେ ଲେଖି ଯାଇଛନ୍ତି । ଓଡ଼ିଶାର ମନ୍ଦିର ଗାତ୍ରରେ ଶତ ଶତ ନର୍ତ୍ତକୀ ବିବିଧ ବାଦ୍ୟ-ସହ ନୃତ୍ୟ-ସଙ୍ଗୀତ-ନିରତ ଥିବାର ମନୋରମ ଭାସ୍କର୍ଯ୍ୟସମୂହ ଏ ଦେଶରେ ସଙ୍ଗୀତ ଶିକ୍ଷାର ମୂକସାକ୍ଷ୍ୟ ପ୍ରଦାନ କରନ୍ତି । (୧) ଏହା ବ୍ୟତୀତ, ମଧ୍ୟଯୁଗୀୟ ଉତ୍କଳର ରାଣୀ ଓ ରାଜକୁମାରୀମାନେ ସଙ୍ଗୀତପ୍ରବୀଣା ଥିଲେ ଏବଂ ତହିଁର ଐତିହାସିକ ପ୍ରମାଣମାନ ରହିଅଛି । ଐତିହାସିକ ଶ୍ରୀଯୁକ୍ତ ସତ୍ୟନାରାୟଣ ରାଜଗୁରୁ ତାଙ୍କର ଏକ ପ୍ରବନ୍ଧରେ ଲେଖିଅଛନ୍ତି, ଉତ୍କଳର ସଙ୍ଗୀତକୁ 'କଳିଙ୍ଗ ସଙ୍ଗୀତ' କହିବା ହୁଏ ତ ଅଧିକ ଯୁକ୍ତିସଙ୍ଗତ । ରାଜନ୍ୟଙ୍କ ପୃଷ୍ଠପୋଷକତା ଓ ରାଜଭବନରେ ସେହି କଳାପ୍ରୀତିର ପ୍ରକାଶ ବିଷୟକ ଐତିହାସିକ ବିବରଣୀ ପ୍ରଦାନ କରି, ସେ ଏକ ନୂତନ ଦିଗ୍‌ଦର୍ଶନ କରାଇଛନ୍ତି ।

ଅନ୍ୟାନ୍ୟ ଅନେକ ଐତିହାସିକ ତଥ୍ୟ ମଧ୍ୟରେ ସେ କହିଛନ୍ତି—ଖ୍ରୀଷ୍ଟୀୟ ପ୍ରାୟ ୧୧ଶ ଶତାବ୍ଦୀରେ କହ୍ଲଣ 'ରାଜ ତରଙ୍ଗିଣୀ' ନାମକ ଯେଉଁ ଗ୍ରନ୍ଥ ରଚନା କରିଅଛନ୍ତି, ସେଥିରେ ଉଲ୍ଲେଖ ଅଛି ଯେ, "କଳିଙ୍ଗର ରାଜକୁମାରୀମାନେ ସଙ୍ଗୀତ ବିଦ୍ୟାରେ ଧୁରନ୍ଧର ଥିଲେ" (୨) ।

## ଉତ୍କଳରେ ସଙ୍ଗୀତ-ସାହିତ୍ୟ ରଚନା —

ଯୁଗେ ଯୁଗେ ଉତ୍କଳର ସଙ୍ଗୀତ-ସାହିତ୍ୟ ଏଥିର ସର୍ବାଧିକ ପ୍ରମାଣ ପ୍ରଦାନ କରେ । କୃଷ୍ଣଦାସ ବଡ଼ଜେନା ମହାପାତ୍ରଙ୍କ 'ଗୀତପ୍ରକାଶ', ହଳଧର ମିଶ୍ରଙ୍କ 'ସଙ୍ଗୀତ କଳ୍ପଲତା', ନାରାୟଣ ମିଶ୍ରଙ୍କ 'ସଙ୍ଗୀତ ସରଣୀ', ନାରାୟଣ ଦେବଙ୍କ 'ସଙ୍ଗୀତ ନାରାୟଣ' ତଥା ଅନ୍ୟମାନଙ୍କ 'ତାଳସର୍ବସ୍ୱ', 'ସଙ୍ଗୀତ ମୁକ୍ତାବଳୀ', 'ସଙ୍ଗୀତ କୌମୁଦୀ' ପ୍ରଭୃତି ଗ୍ରନ୍ଥ ଓଡ଼ିଶାର ସମଗ୍ର ଭାରତୀୟ ସଙ୍ଗୀତ-ସାହିତ୍ୟକୁ ଏକ ଏକ ସୁମହତ୍ ଦାନ । ଏଥିରୁ ଅଧିକାଂଶ ଭଞ୍ଜଙ୍କର ପୂର୍ବକାଳୀନ ବା ଭଞ୍ଜଙ୍କ ସମସ୍ତର । ଗୋଟିଏ ଗୋଟିଏ ଗ୍ରନ୍ଥର ରଚନା ପ୍ରମାଣ କରେ

(୧) କୃଷ୍ଣଚନ୍ଦ୍ର—ଡକ୍ଟର ମହତାବଙ୍କ 'ଓଡ଼ିଶା ଇତିହାସ' (୧୯୪୮) ପୃ-୨୮
ଶ୍ରୀ ଖାରବେଳ—ପୃ-୯୭

(୨) କୋଣାର୍କ, ୩ୟ ବର୍ଷ— ୧।୨ ସଂଖ୍ୟା ।

ଯେ, ସେହି ବିଷୟରେ ସେ ସମୟରେ ଓଡ଼ିଶାର ବିଭିନ୍ନ ସ୍ଥାନରେ ଗଭୀର ଚର୍ଚ୍ଚା ହେଉଥିଲା । ଭଞ୍ଜ ଏଥିରୁ କେତେକ ଗ୍ରନ୍ଥ ଅବଶ୍ୟ ପଢ଼ିଥିବେ । ସେ ନିଜେ ଜଣେ ନାଟ୍ୟ-ନିର୍ଦ୍ଦେଶକ ଥିବାର ଜନଶ୍ରୁତି ରହିଅଛି । ସୁତରାଂ, ସେ 'ଭରତ ନାଟ୍ୟଶାସ୍ତ୍ର' ଏବଂ 'ଦଶ ରୂପକ' ପ୍ରଭୃତି ଅବଶ୍ୟ ଅଧ୍ୟୟନ କରିଥିବାରେ, ତାଙ୍କ କବିପ୍ରସିଦ୍ଧି ଏବଂ ସେ ସମୟର ଶିକ୍ଷାପଦ୍ଧତି ଦୃଷ୍ଟିରୁ, ସନ୍ଦେହ ନାହିଁ ।

ସେତେବେଳେ ଏପରି ଚଳଣି ଥିଲା ଯେ, ଜଣେ ବ୍ୟକ୍ତି ଗୋଟିଏ ଗ୍ରନ୍ଥ ଲେଖି କୌଣସି ରାଜଦରବାରରେ ତାକୁ ଉପସ୍ଥାପିତ କରିବା ପରେ, ସେହି ବିଷୟ ଚର୍ଚ୍ଚା କରୁଥିବା ଲୋକଙ୍କ ଭିତରେ ତାହା ପ୍ରଚାରିତ ହୋଇ ଯାଉଥିଲା । ସୁତରାଂ, ଯାହାର ଦରକାର, ସେ ଯାଇ ସେଥିରୁ ନକଲ କରି ନେଇ ଯାଉଥିଲା । ଘୁମୁସରର ପ୍ରତାପଶାଳୀ ରାଜା ଧନଞ୍ଜୟ ତାଙ୍କର ପ୍ରିୟତମ ପୌତ୍ରଙ୍କ ପାଇଁ ସେହିଭଳି ବ୍ୟବସ୍ଥା ଯେ କରିଥିବେ ଏବଂ ତାଙ୍କୁ ସେ କାଳର ଯାବତୀୟ ଗ୍ରନ୍ଥ ଯୋଗାଇ ଦେଇଥିବେ, ତହିଁରେ ମଧ୍ୟ ସନ୍ଦେହର ଅବକାଶ ନାହିଁ । ଭଞ୍ଜ-ସାହିତ୍ୟ ସାଂଗୀତିକ ଉପାଦାନରେ ପରିପୂର୍ଣ୍ଣ ।

## ଧର୍ମଠାରୁ ସାହିତ୍ୟର ପୃଥକ୍‌କରଣ:—

ଶ୍ରୀଯୁକ୍ତ ବିଜୟ ଚନ୍ଦ୍ର ମଜୁମଦାର ଏବଂ ଅନ୍ୟ କେତେକଙ୍କ ମତରେ ଉପେନ୍ଦ୍ର ଭଞ୍ଜ ଧର୍ମଠାରୁ ସାହିତ୍ୟକୁ ଅଲଗା କରି ଦେଇଛନ୍ତି । ଏହା ହିଁ ତାଙ୍କର ଏକ ଅସାଧାରଣ ବିଶେଷତ୍ୱ ରୂପେ କଥିତ ହୋଇଥାଏ । ଭଞ୍ଜ-ସାହିତ୍ୟର ବିଶ୍ଳେଷଣ କଲେ ଏହି ମତ ଗୋଟାଏ ଦୃଷ୍ଟିରୁ ସତ୍ୟ ହୋଇଥିବାର ଜଣାଯାଏ । ଧର୍ମ, ଅର୍ଥ, କାମ ଓ ମୋକ୍ଷ ସାହିତ୍ୟରୁ ଲାଭ ହୁଏ ବୋଲି ପ୍ରାଚୀନ-କାଳରୁ ଭାରତର ପଣ୍ଡିତମାନେ କହିଆସିଛନ୍ତି । ମଧ୍ୟଯୁଗରେ ସେହି ପ୍ରାଚୀନ ପରମ୍ପରା ବିଶେଷ ଭାବେ ସମ୍ମାନିତ ହେଉଥିଲା । ସେଥିପାଇଁ ସମସ୍ତ ଦିଗରୁ ଧର୍ମର ଚିତ୍ରଣ ମଧ୍ୟଯୁଗ ଓଡ଼ିଆ ସାହିତ୍ୟରେ, ବିଶେଷତଃ ଭଞ୍ଜଙ୍କର କାବ୍ୟମାନଙ୍କରେ ପରିଦୃଷ୍ଟ ହୁଏ । ଈଶ୍ୱର ବିଶ୍ୱାସ, ଭଗବଦ୍ ଉପାସନା, ରାଜଧର୍ମ, ଜାତିଧର୍ମ, କୁଳଧର୍ମ, ନାରୀଧର୍ମ, ଗୃହଧର୍ମ, ପିତୃଧର୍ମ, ମାତୃଧର୍ମ, ଏ ସବୁ ଭଞ୍ଜଙ୍କର ପ୍ରମୋଦ-ସାହିତ୍ୟରେ ମଧ୍ୟ ବ୍ୟାପକ ଭାବରେ ରୂପାୟିତ ହୋଇଅଛି । ସୁତରାଂ, ଭଞ୍ଜ ନିଜର କବିତା-ସୁନ୍ଦରୀଙ୍କୁ ଭାରତୀୟ ଧର୍ମଧାରଣା ଓ ଧର୍ମପରମ୍ପରା ଠାରୁ ବିଚ୍ଛିନ୍ନ କିମ୍ବା ବ୍ୟବଚ୍ଛିନ୍ନ କରିଦେଇ ନାହାନ୍ତି ।

ତେବେ, ଯେଉଁମାନେ ଏହି ଧର୍ମଠାରୁ ପୃଥକ୍‌କରଣ କଥା କହନ୍ତି, ସେମାନେ ଭଞ୍ଜଙ୍କ ପ୍ରମୋଦ-ସାହିତ୍ୟରେ ସୀତା ରାମ ଏବଂ ରାଧା କୃଷ୍ଣଙ୍କର ଅପ୍ରାଧାନ୍ୟ ପ୍ରତି ହିଁ ଗୁରୁତ୍ୱପୂର୍ଣ୍ଣ ଦୃଷ୍ଟି ଦେଇଥାନ୍ତି । ଏ କଥା ନିଶ୍ଚିତ ଯେ, ଓଡ଼ିଆ ସାହିତ୍ୟର ଆରମ୍ଭ ସମୟରୁ ଦେବଦେବୀଙ୍କର ଉପାସନା, ଯୋଗସାଧନା କିମ୍ବା ମୁଖ୍ୟତଃ ମୁକ୍ତିଲାଭ ନିମନ୍ତେ ସାହିତ୍ୟ ସର୍ଜନା ଥିଲା ବହୁ କବିଙ୍କର ଶ୍ରେଷ୍ଠ ଲକ୍ଷ୍ୟ । ସେମାନେ ବିଶ୍ୱାସ କରୁଥିଲେ, ନିଜର ଆରାଧ୍ୟ ଦେବତାଙ୍କର ଚରିତ ବର୍ଣ୍ଣନ କିମ୍ବା ଗୁଣଗାନ କରି କାବ୍ୟ-କବିତା ରଚନା କଲେ ଅନାୟାସରେ ଆଧ୍ୟାତ୍ମିକ ଉତ୍କର୍ଷ ସାଧନ କରିହେବ । ଏହାକୁ ଯଦି ଧର୍ମ-ସାହିତ୍ୟ କିମ୍ବା ସାହିତ୍ୟରେ ଧର୍ମଧାରା ବୋଲି ଗ୍ରହଣ କରାଯାଏ, ତେବେ ଭଞ୍ଜଙ୍କର ଅନେକ ବିଶିଷ୍ଟ ରଚନା ଏହି ଶ୍ରେଣୀର ଅନ୍ତର୍ଗତ ହୋଇଥିବାରୁ ଧର୍ମଠାରୁ ପୃଥକ୍-କରଣ ପ୍ରଶ୍ନ ଉଠେ ନାହିଁ । 'ରାମ ଲୀଳାମୃତ', 'ରସତରଙ୍ଗ', 'ବୈଦେହୀଶ ବିଳାସ', 'ବ୍ରଜ ବିହାର', 'କୁଞ୍ଜ ବିହାର', 'ଛାନ୍ଦ ଭୂଷଣ' ପ୍ରଭୃତି ସୀତା ରାମ ତଥା ରାଧା କୃଷ୍ଣଙ୍କର ଲୀଳାବିଳାସ ଉପରେ ପ୍ରତିଷ୍ଠିତ ।

## ସାହିତ୍ୟ ସର୍ଜନାରେ ଉପାସନାସର୍ବସ୍ୱତା ଦୂର ହେଲା —

ଯଦି ତାଙ୍କର ପ୍ରେମ କାବ୍ୟମାନଙ୍କୁ ଭକ୍ତି କିମ୍ବା ଧର୍ମଧାରା ଦୃଷ୍ଟିରୁ ବିଚାର କରାଯାଏ, ତାହାହେଲେ ସେ ସମସ୍ତ କାବ୍ୟମାନଙ୍କରେ ମଧ୍ୟ ବିଭିନ୍ନ ଦେବ-ଦେବୀଙ୍କର ବନ୍ଦନା ଦୃଷ୍ଟିଗୋଚର ହୁଏ । ଆମେ କେବେ କେବେ ଧର୍ମ ଶବ୍ଦକୁ ସାଂପ୍ରଦାୟିକ ଦେବଦେବୀ ଉପାସନା ଅର୍ଥରେ ପ୍ରୟୋଗ କରୁ; ଯଥା—ବୈଷ୍ଣବ ଧର୍ମ, ଶୈବ ଧର୍ମ, ଶାକ୍ତ ଧର୍ମ ଇତ୍ୟାଦି । ଯଥାର୍ଥରେ କହିବାକୁ ଗଲେ ଏଗୁଡିକ ଗୋଟିଏ ଗୋଟିଏ 'ଧର୍ମ' ନୁହନ୍ତି । ବହୁ-ଦେବବାଦୀ ହିନ୍ଦୁ ଧର୍ମରେ ନାନା ଦେବଦେବୀଙ୍କର ଉପାସନା ପଦ୍ଧତି ଗୋଟିଏ ଗୋଟିଏ ପ୍ରତିଷ୍ଠିତ ପରମ୍ପରାରେ ପରିଣତ ହୋଇ ଯାଇଛି । ସେହି ସେହି ପନ୍ଥାର ଉପାସକମାନେ ସ୍ୱ ସ୍ୱ ଆରାଧ୍ୟ ଦେବତାଙ୍କର ମହତ୍ତ୍ୱ ପ୍ରଖ୍ୟାପନ ନିମନ୍ତେ କାବ୍ୟ-କବିତା ଲେଖି ଆସିଛନ୍ତି । ଏଗୁଡ଼ିକୁ ଧର୍ମ-ସାହିତ୍ୟ ବୋଲି ଧରିଗଲେ ମଧ୍ୟ 'ବୈଦେହୀଶ ବିଳାସ' ଲେଖକଙ୍କୁ ଧର୍ମ-ସାହିତ୍ୟଠାରୁ ଓଡ଼ିଆ ସାହିତ୍ୟର ପୃଥକ୍‌କରଣକାରୀ ରୂପେ ନିର୍ଦ୍ଦେଶ କରାଯାଇ ନ ପାରେ ।

ଏହି ପ୍ରସଙ୍ଗରେ ଏତିକି କହିଲେ ଯଥେଷ୍ଟ ହେବ ଯେ, ୧୫୧୦ ଖ୍ରୀଷ୍ଟାବ୍ଦରେ ଚୈତନ୍ୟ ଦେବଙ୍କର ଉତ୍କଳ ଆଗମନ ବୈଷ୍ଣବ ଧର୍ମର ପ୍ରବଳ ପ୍ଲାବନ ସୃଷ୍ଟି ସମ୍ଭାବ୍ୟ ହୋଇଥିଲା । ଶିବ ଓ ଶକ୍ତିଙ୍କୁ ନେଇ 'ରୁଦ୍ର ସୁଧାନିଧି', 'କଳଶା

ଚଉତିଶା', 'ଚଣ୍ଡୀ ପୁରାଣ' ପ୍ରଭୃତି ଲିଖିତ ହୋଇଥିଲେ ହେଁ, ବୈଷ୍ଣବ ସାହିତ୍ୟ ପ୍ରକାଣ୍ଡ ବଟବୃକ୍ଷ ପରି ବଢ଼ି ଯାଇଥିଲା । ବୈଷ୍ଣବ ଭାବଧାରାର ଗଣ୍ଡିରୁ ତିନୋଟି ମୁଖ୍ୟ ଶାଖା ନିର୍ଗତ ହୋଇଥିଲା । ଗୋଟିଏ ରାମଙ୍କୁ କେନ୍ଦ୍ର କରି, ଦ୍ୱିତୀୟଟି ଜଗନ୍ନାଥଙ୍କୁ କେନ୍ଦ୍ର କରି ଏବଂ ତୃତୀୟଟି କୃଷ୍ଣଙ୍କୁ କେନ୍ଦ୍ର କରି ଘନପଲ୍ଲବିତ ହୋଇ ଉଠିଥିଲା । କୃଷ୍ଣ ଶାଖାରେ ମଧ୍ୟ ଦୁଇଟି ବିଶାଳକାୟ ଉପଶାଖା ବିକଶିତ ହୋଇଥିଲା । ସେ ମଧ୍ୟରୁ ଗୋଟିକରେ ଉତ୍କଳୀୟ ସଂସ୍କୃତିର ପ୍ରାଧାନ୍ୟ ଏବଂ ଅନ୍ୟଟିରେ ଗୌଡ଼ୀୟ ବୈଷ୍ଣବ ଭାବଧାରାର ପ୍ରାବଲ୍ୟ ପ୍ରକାଶ ପାଇଥିଲା । ଉପେନ୍ଦ୍ର ଭଞ୍ଜ କିନ୍ତୁ ଧର୍ମରାଜ୍ୟରେ ଅତ୍ୟନ୍ତ ଉଦାର ଏବଂ ଏକାନ୍ତ ସମନ୍ୱୟଶୀଳ ଥିଲେ । ଭଞ୍ଜ-ସାହିତ୍ୟରେ ଧର୍ମ ଧାରାର ଆଦର୍ଶ ଓ ଆତ୍ମମୁଖ୍ୟର ଆଲୋଚନା ପ୍ରସଙ୍ଗରେ ପାଠକମାନେ ଅଧିକ ତଥ୍ୟ ପାଇବାକୁ ସମର୍ଥ ହେବେ ।

ଭକ୍ତି ଯୁଗରେ ମଧ୍ୟ 'ହାରାବଳୀ' କାବ୍ୟ (୧) ପରି ଏକାନ୍ତ ସାମାଜିକ କାବ୍ୟ ରଚିତ ହୋଇଥିଲା । ପୁଣି ସାମାଜିକତାର ଗାଥାର ମୁଖା ବହନ କରି ବିବାହଭିତ୍ତିକ କେତେକ କାବ୍ୟ ମଧ୍ୟ ପ୍ରଣୀତ ହୋଇଥିଲା । ତେଣୁ ଭଞ୍ଜଙ୍କୁ ଏହି "ଧର୍ମଠାରୁ ସାହିତ୍ୟର ପୃଥକ୍‌କରଣ" ରୂପୀ ମୁକୁଟରେ ମଣ୍ଡିତ କରାଯିବା ବେଳେ ଏ ସବୁ ପ୍ରାକ୍-ଭଞ୍ଜୀୟ କାବ୍ୟଗୁଡ଼ିକୁ ବିସ୍ମୃତ ହେବା ଉଚିତ ନୁହେ । ସାରକଥା, ଭକ୍ତି-ଯୁଗରେ ଉପାସନା ସହିତ କବିତ୍ୱବିକାଶ ମଧ୍ୟ ଗରୀୟାନ୍ ହୋଇ ଉଠିଥିଲା ।

## ସେ କାଳର ଶିକ୍ଷା ପଦ୍ଧତି ଓ ପାଠ୍ୟକ୍ରମ—

ଯେ କୌଣସି ଯୁଗର କବି ଓ ଲେଖକମାନଙ୍କୁ ସେହି ସମୟର ପ୍ରଚଳିତ ଶିକ୍ଷା ପଦ୍ଧତି ପ୍ରଭାବିତ କରିଥାଏ । ଏ ଦେଶରେ ଇଂରାଜୀ ଶିକ୍ଷା ପ୍ରଚଳିତ ହେବା ପରେ, ଆଧୁନିକ ଭାରତୀୟ ସାହିତ୍ୟରେ ବୈଷୟିକତାନିଷ୍ଠ ଇଂରାଜୀ ସାହିତ୍ୟର ଅନିବାର୍ଯ୍ୟ ପ୍ରଭାବ ଏଥିର ଏକ ବଳିଷ୍ଠ ଦୃଷ୍ଟାନ୍ତ (୨) । ମଧ୍ୟଯୁଗ ସାହିତ୍ୟରେ ମୁଖ୍ୟ ପ୍ରଭାବ ବିସ୍ତାରକ ଥିଲା ସଂସ୍କୃତ ସାହିତ୍ୟ ତଥା କେତେକ ପ୍ରାଦେଶିକ ଓ ପ୍ରାକୃତ ସାହିତ୍ୟ । ଭଞ୍ଜଙ୍କର ବିଦ୍ୟାଶିକ୍ଷା ଅବକାଶରେ ଏ ସମ୍ପର୍କରେ ଆଲୋଚନା କରାଯାଉଛି ।

---

(୧) ରାଷ୍ଟ୍ରଭାଷା ରଜତ ଜୟନ୍ତୀ ଗ୍ରନ୍ଥ—ପୃ-୧୫୨ ତଥା ଖୁରୁଧା ଇତିହାସ ପୃ-୨୪୪
(୨) ଭାରତୀୟ ଶିକ୍ଷା—ପୃ-୧୩୭

## ଅଷ୍ଟାଦଶ ଶତାବ୍ଦୀରେ ପାଣ୍ଡିତ୍ୟଲାଭର ଆଦର୍ଶ—

ଏତିକି କହିଲେ ଯଥେଷ୍ଟ ହେବ ଯେ, ଅଷ୍ଟାଦଶ ଶତାବ୍ଦୀରେ ବ୍ୟୁତ୍ପତ୍ତି ଲାଭ କରିବାକୁ ପଣ୍ଡିତମାନେ ପ୍ରବଳ ପ୍ରୟାସ କରୁଥିଲେ । ସୁତରାଂ, ଶିକ୍ଷା ପଦ୍ଧତି ତଦନୁସାରେ ନିୟନ୍ତ୍ରିତ ହେଉଥିଲା । ଓଡ଼ିଶାର ଏହି ଜିଘାଙ୍ଗ ପାଣ୍ଡିତ୍ୟ ପରମ୍ପରା ସମ୍ପର୍କରେ ଗୋଟିଏ ସ୍ମରଣୀୟ ଘଟଣା ସ୍ୱର୍ଗତ ଜଗବନ୍ଧୁ ସିଂହ ନିଜର 'ପ୍ରାଚୀନ ଉତ୍କଳ'ରେ ଲିପିବଦ୍ଧ କରିଅଛନ୍ତି । ତଳେ ସେହି ଘଟଣାଟି ଉଦ୍ଧାର କରାଯାଉଛି ।

"ଗୁରୁ ରାମଗୁରୁଙ୍କର ଟିକିଏ ପରିଚୟ ଆବଶ୍ୟକ । ପୁରୀ ଜିଲ୍ଲା ଅନ୍ତର୍ଗତ ବୀରନରସିଂହପୁର ଶାସନରେ ରାମଗୁରୁଙ୍କର ଘର ଥିଲା । ବାଣୀ ପଞ୍ଚକୋଶୀ ରାମଗୁରୁଙ୍କ ଭାଇ ଥିଲେ । ଏ ଦୁଇ ଭାଇ ସଂସ୍କୃତ ସାହିତ୍ୟରେ ଅସାଧାରଣ ପାଣ୍ଡିତ୍ୟ ଲାଭ କରିଥିଲେ । ରାମଗୁରୁ 'ଉଷା ପରିଣୟ' ନାମକ ନାଟକ ସଂସ୍କୃତ ଭାଷାରେ ରଚନା କରିଥିଲେ । ପଞ୍ଚକୋଶୀ ଜଣେ ଶ୍ରେଷ୍ଠ ନୈୟାୟିକ ଥିଲେ । 'କୃପାସିନ୍ଧୁ ବଣାଣ' ରଚୟିତା ରାଜା ବୀରକିଶୋର ଦେବଙ୍କ ଅମଳରେ ଏ ଦୁଇ ଭାଇ ପାଣ୍ଡିତ୍ୟର ପରାକାଷ୍ଠା ଦେଖାଇ ଥିଲେ । ରାଜସଭାରେ ରାମଗୁରୁଙ୍କର ବିଶେଷ ଆଧିପତ୍ୟ ଥିଲା । ବୀରକିଶୋର ଦେବ ପାଗଳ ହେବାରୁ ତାଙ୍କ ପୁତ୍ରଙ୍କୁ ସିଂହାସନରେ ବସାଇବା ପାଇଁ ରାମଗୁରୁ ଚେଷ୍ଟା କଲେ; ମାତ୍ର ବୀରକିଶୋର ଦେବ ତହିଁରେ ସମ୍ମତ ହେଲେ ନାହିଁ । ରାମଗୁରୁ ବିଫଳ ମନୋରଥ ହୋଇ ରଘୁଜୀଙ୍କ ଆଶ୍ରୟ ନେବା ପାଇଁ ନାଗପୁର ଗଲେ; ମାତ୍ର ନାଗପୁରରେ ପହଞ୍ଚି ରଘୁଜୀ ପେଶବାଙ୍କ ଦରବାରରେ ବାକି ଖଜଣା ଲାଗି ବନ୍ଦୀ ଥିବାର ଶୁଣିଲେ । ରାମଗୁରୁ ଆପଣା ଭାଇ ବାଣୀ ପଞ୍ଚକୋଶୀଙ୍କୁ ସଙ୍ଗରେ ନେଇ ପେଶବାଙ୍କ ନିକଟକୁ ଗଲେ ।

"ପେଶବାଙ୍କ ଦରବାରରେ ରାଜ ସାକ୍ଷାତର ଗୋଟିଏ ନିୟମ ଥିଲା । ସଭାଗୃହର ଗୋପୁର ଦ୍ୱାରଠାରେ ଗୋଟିଏ ଢୋଲକ ଲଟକା ହୋଇଥାଏ । କୌଣସି ପଣ୍ଡିତ ରାଜଦର୍ଶନ ଲାଭ କରିବାକୁ ଇଚ୍ଛା କଲେ, ସେ ଯେତେ ପ୍ରକାର ବିଦ୍ୟା ଜାଣିଥିବ, ସେତିକି ବାଡ଼ି ସେ ଢୋଲକରେ ବଜାଇ ଦେବ । ତହିଁରେ ରାଜସଭାକୁ ଯିବାର ଅନୁମତି ମିଳିବ । ସଭାଗୃହରେ ପଣ୍ଡିତମାନେ ବସିଥିବେ ।

ନବାଗତ ପଣ୍ଡିତ ସେଥିରେ ପଣ୍ଡିତଙ୍କ ସହିତ ବିଦ୍ୟାଚର୍ଚ୍ଚା କରି କୃତିତ୍ୱ ଦେଖାଇ ପାରିଲେ, ପରେ ରାଜଦର୍ଶନ ହେବ । ରାଜଗୃହରେ ପହଞ୍ଚି ବାସୁଗୁରୁ ତୋଳଣରେ ଅଠର ପାହାର ବାଡ଼େଇ ଦେଲେ । ପଣ୍ଡିତମାନେ ବୁଝିଲେ ଯେ, ଜଣେ ଅଷ୍ଟାଦଶ ବିଦ୍ୟାବେତ୍ତା ଆସିଗଲେ ।”

“ବାସୁଗୁରୁ ଦେବୀ ଉପାସକ ଥିଲେ ଏବଂ ଦେବୀ ଭଗବତୀଙ୍କ ଅନୁଗ୍ରହରେ ଭୂତ, ଭବିଷ୍ୟତ ଓ ବର୍ତ୍ତମାନ କଥା କହି ପାରୁଥିଲେ । ବାସୁଗୁରୁ ଜାଣିଥିଲେ ଯେ; ସେ ନ୍ୟାୟଶାସ୍ତ୍ରରେ ପାରଦର୍ଶୀ ନ ଥିଲେ । ସୁତରାଂ, ଭାଇଙ୍କୁ କହିଥିଲେ ଯେ, ନ୍ୟାୟଶାସ୍ତ୍ର ତର୍କବେଳେ ସେ ‘ବଣିମିଣି’ କହିଲେ, ସେ ନୈୟାୟିକମାନଙ୍କ ସଙ୍ଗେ ତର୍କ କରିବେ । ଏହିପରି ପରାମର୍ଶ କରି ଦୁଇ ଭାଇ ରାଜସଭାରେ ପ୍ରବେଶ ହେଲେ । ନାନା ଶାସ୍ତ୍ରଜ୍ଞ ପଣ୍ଡିତଙ୍କ ସହିତ ତର୍କ କରି ବାସୁଗୁରୁ ଜୟଲାଭ କଲେ ।”

( ପ୍ରାଚୀନ ଉତ୍କଳ—୧ମ ସଂ: ପୃ ୪୦-୪୧ )

ଉତ୍କଳ ଜନନୀ ଏ ଭଳି ବହୁ କୃତବିଦ୍ୟ ସନ୍ତାନ ପ୍ରସବ କରି ଗର୍ବ ଓ ଗୌରବ ଅନୁଭବ କରୁଥିଲା । ‘ଅଷ୍ଟାଦଶ ବିଦ୍ୟା’ କହିଲେ, ପଦେ କଥାରେ, ସଂସ୍କୃତ ଭାଷାର ଯାବତୀୟ ଜ୍ଞାନଗର୍ଭକ ଶାସ୍ତ୍ର ବୁଝାଯାଇଥାଏ । ସେଥିପାଇଁ ବୋଧହୁଏ ଏକ ସମୟରେ ମାତୃଶକ୍ତି ଉପାସକ ଶାକ୍ତମାନେ ଜଗଜ୍ଜନନୀଙ୍କର ଅଷ୍ଟାଦଶ ଭୁଜ ବା ଅଠରଟି ହାତର ପରିକଳ୍ପନା କରିଥିଲେ । ମହାପଣ୍ଡିତ ଓ ମହାକବି ଶ୍ରୀହର୍ଷ ତାଙ୍କ ବିଖ୍ୟାତ ନୈଷଧ କାବ୍ୟର ପ୍ରଥମ ସର୍ଗରେ ନଳ ମହାରାଜାଙ୍କର ଅଷ୍ଟାଦଶ ବିଦ୍ୟା ଅଧ୍ୟୟନ ସେନ ଲେଖିଅଛନ୍ତି—

“ଅମୁଷ୍ୟ ବିଦ୍ୟା ରସନାଗ୍ର ନର୍ତ୍ତକୀ
ତ୍ରୟୀବ ନୀତାଙ୍ଗ—ଗୁଣେନ ବିସ୍ତରମ୍ ।
ଅଗାହତାଷ୍ଟାଦଶତାଂ ଜଗୀଷୟା
ନବଦ୍ୱୟ ଦ୍ୱୀପ ପୃଥଗ୍-ଜୟ ଶ୍ରିୟାମ୍ ।” ( ୫ମ ଶ୍ଳୋକ )

ଏହି ଅଠର ସଂଖ୍ୟା ଏ ଭଳି ପ୍ରସିଦ୍ଧି ଲାଭ କରିଥିଲା ଯେ, ପଣ୍ଡିତ ଗଦାଧର ରାଜଗୁରୁ ‘ସାର’ ଶବ୍ଦଯୁକ୍ତ ଅଠର ଖଣ୍ଡି ଗ୍ରନ୍ଥ ରଚନା କରିଥିଲେ

ଯଥା—କାଳସାର, ଆଗୁର ସାର ଇତ୍ୟାଦି । ଅପର ଭାଷାରେ ଛନ୍ଦିତ ଗୋଦାବର ମିଶ୍ର 'ଚନ୍ଦ୍ରାମଣି' ଶବ୍ଦ ଚନ୍ଦ୍ର ନାମରେ ଯୁକ୍ତ ଥାଇ ଅପର ଖଣ୍ଡି ଗ୍ରନ୍ଥ ରଚନା କରିଥିଲେ (୧) । ଏ ଭଳି ଅନ୍ୟ ଦୃଷ୍ଟାନ୍ତ ମଧ୍ୟ ଅଛି ।

କବିସମ୍ରାଟ୍ ଉପେନ୍ଦ୍ର ଭଞ୍ଜ ଯେଉଁମାନଙ୍କଠାରୁ ଶିକ୍ଷାଲାଭ କରିଥିଲେ, ସେମାନେ ରାଜା ଧନଞ୍ଜୟଙ୍କର ପରାମର୍ଶ ଅନୁସାରେ, ଉପେନ୍ଦ୍ରଙ୍କୁ ସେହି ଅଷ୍ଟାଦଶ ବିଦ୍ୟାରେ ସୁପଣ୍ଡିତ କରାଇବାକୁ ଚେଷ୍ଟା କରିଥିଲେ । ଅଧ୍ୟାପକ ଆର୍ତ୍ତବଲ୍ଲଭ ମହାନ୍ତି ଉପେନ୍ଦ୍ର ଭଞ୍ଜଙ୍କର ଅଧିଗତ ବିଦ୍ୟା ସମ୍ପର୍କରେ ଯାହା ଲେଖିଛନ୍ତି, ତହିଁରୁ ସେ କାଳର ଉଚ୍ଚଶିକ୍ଷାର ପାଠ୍ୟକ୍ରମ ସମ୍ବନ୍ଧରେ ଅନୁମାନ କରି ହେବ । ଆର୍ତ୍ତ ବାବୁଙ୍କର ମତ ଉପେନ୍ଦ୍ରଙ୍କ ବିଦ୍ୟାଶିକ୍ଷା ପ୍ରସଙ୍ଗରେ ଉଦ୍ଧୃତ ହୋଇଅଛି । ଭଞ୍ଜେ ଅଷ୍ଟାଦଶ ବିଦ୍ୟାରେ ପାରଙ୍ଗମ ନ ଥିଲେ, ବିଶ୍ୱକୋଷ ଅଭିଧାନରେ ଅନ୍ତର୍ଗତ ହୋଇ ନ ଥାନ୍ତେ ଏବଂ ତାଙ୍କର 'ବୈଦେହୀଶ ବିଳାସ'ର ବ୍ୟାଖ୍ୟାନ ବେଳେ ସେ କାଳର ପଣ୍ଡିତମଣ୍ଡଳୀ ତାଙ୍କୁ ବିଜୟ-ମୁକୁଟ ପ୍ରଦାନ କରି ନ ଥାନ୍ତେ । ନଚେତ ନୈଷଧ କାବ୍ୟର ପ୍ରବୀଣ ପାଠକ, କଣ୍ଟକାକ୍ଷ ଏବଂ ଚତୁର୍ଲୀ କବିତାର ଲେଖକ ମହାମହୋପାଧ୍ୟାୟ ଚନ୍ଦ୍ରଶେଖର ସିଂହ ସାମନ୍ତ ନିଜର ନୈଷଧ-ପ୍ରୀତି କଥା ସୁବିଖ୍ୟାତ ଗ୍ରହ-ଗଣିତଶାସ୍ତ୍ର 'ସିଦ୍ଧାନ୍ତ ଦର୍ପଣ'ରେ ଲେଖି ଯାଇଛନ୍ତି (୨) । ଶେଷ ଜୀବନରେ ସେ 'ଲାବଣ୍ୟବତୀ' କାବ୍ୟ ପୁଣି ଥରେ ପଢ଼ିବାକୁ ଉଦ୍ୟତ ହୋଇଥିବାର ଘଟଣା ତାଙ୍କ ଜୀବନୀରେ ଲିପିବଦ୍ଧ ହୋଇଅଛି (୩) । ଗତ ଆଠ ଶହ ବର୍ଷ ଭିତରେ ସମଗ୍ର ଭାରତରେ ଯାହାଙ୍କ ଭଳି ପ୍ରତିଭାଶାଳୀ ଗ୍ରହ-ଗଣିତବେତ୍ତା ଜନ୍ମ ହୋଇ ନାହାନ୍ତି ବୋଲି ଆଜି ସାରା ଭାରତର ତତ୍ତ୍ୱବିଦମାନେ ସମସ୍ୱରରେ କହୁଅଛନ୍ତି, ତାଙ୍କୁ ଯେଉଁ କବିଙ୍କର ପ୍ରେମକାବ୍ୟ (ଲାବଣ୍ୟବତୀ) ପ୍ରବୃଦ୍ଧ ବୟସରେ ବିମୁଗ୍ଧ କରିଥିଲା, ସେହି କବି ଉପେନ୍ଦ୍ର ଭଞ୍ଜଙ୍କର ସର୍ବଶାସ୍ତ୍ର ପାଣ୍ଡିତ୍ୟରେ ସନ୍ଦେହାନ ହେବାର ଅବକାଶ ଥିଲା ପରି ଅନୁଭୂତ ହୁଏ ନାହିଁ ।

---

(୧) ଓଡ଼ିଶାର ସଂସ୍କୃତ ଲେଖା ଓ ଲେଖକ—ପୃ-୨୮

(୨) ସିଦ୍ଧାନ୍ତ ଦର୍ପଣ—ପୃ-୧୭—ଶ୍ଳୋକ ୩

(୩) ସାମନ୍ତ ଚନ୍ଦ୍ରଶେଖର (ଜୀବନୀ) ପୃ-୧୮୭ (୧୯୫୭ ସଂସ୍କରଣ)

## ସାମନ୍ତ ରାଜାମାନଙ୍କର ବିଳାସିତା—

ପଣ୍ଡିତ ବିନାୟକ ମିଶ୍ର ନିଜର 'ଓଡ଼ିଆ ସାହିତ୍ୟର ଇତିହାସ'ରେ ଭଞ୍ଜ ସାହିତ୍ୟର ବିବରଣୀ ଦେବା ପୂର୍ବରୁ, ସେହି ଯୁଗରେ ପ୍ରବେଶେଚ୍ଛୁ ପାଠକଙ୍କ ନିମନ୍ତେ ସୁନ୍ଦର ଉପକ୍ରମଣିକା ପ୍ରଦାନ କରିଅଛନ୍ତି । ତାଙ୍କ ମତରେ, ଓଡ଼ିଶାର ରାଜନୈତିକ ଅଧଃପତନ ପରେ ସାମନ୍ତ ରାଜାମାନଙ୍କ ସମରନୈପୁଣ୍ୟ ଧୀରେ ଧୀରେ ଲୁପ୍ତ ହେବାକୁ ବସିଲା ଏବଂ ଚିତ୍ତବିନୋଦନର ଅନ୍ୟତମ ଉପାୟ ଉଦ୍ଭାବନରେ କାବ୍ୟକଳାର ଚର୍ଚ୍ଚା ତାହାର ସ୍ଥାନ ଅଧିକାର କରି ବସିଲା । ଫଳରେ, ରାଜାଶ୍ରୟରେ କେବଳ ଯେ କାବ୍ୟ-କବିତାର ସୃଷ୍ଟି ସଂପ୍ରସାରିତ ହେଲା, ତାହା ନୁହେଁ, ତହିଁ ସଙ୍ଗେ ସଙ୍ଗେ ରାଜନ୍ୟମାନଙ୍କଠାରୁ ମଧ୍ୟ କବିତାର ପ୍ରବଳ ଉତ୍ସ ଉତ୍ସାରିତ ହେଲା । ସଂସ୍କୃତ ସାହିତ୍ୟ ଆଲୋଚନା ପ୍ରସଙ୍ଗରେ ଏହା ଅଧିକତର ପରିସ୍ଫୁଟ ହୁଏ । ଭଞ୍ଜବଂଶ ତଥା ଅନ୍ୟାନ୍ୟ ରାଜବଂଶର କାବ୍ୟକଳା କୁଶଳତା, ଏହି ଦୃଷ୍ଟିକୋଣରୁ, ବିଷୟର ବିଶ୍ଳେଷଣ ଲାଗି, ଯଥେଷ୍ଟ ଗବେଷକଙ୍କୁ ଉପାଦାନ ଯୋଗାଇଥାଏ ।

ପଣ୍ଡିତ ବିନାୟକ ମିଶ୍ର ଯଥାର୍ଥରେ ଲେଖିଛନ୍ତି—"(ଓଡ଼ିଶା) ପରାଧୀନ ହେଲା, ତହିଁରୁ ଲୋକେ ଦିନକୁ ଦିନ × × ଅକର୍ମଣ୍ୟ ହୋଇ ପଡ଼ୁଥିଲେ । × × ଯେତେବେଳେ ରାଜାମାନେ କର୍ମହୀନ ହୋଇ ପଡ଼ିଲେ, ସେତେବେଳେ ସେମାନେ ନିଜର ଜୀବନକୁ ବିଳାସମୟ କରିବା ନିମନ୍ତେ ଆଗ୍ରହାନ୍ୱିତ ହେବା ସ୍ୱାଭାବିକ" (୧)

ଇତିହାସରୁ ଜଣାଯାଏ, ମୟୂରଭଞ୍ଜ, କେନ୍ଦୁଝର (୨) ଓ ଘୁମୁସର ପରି ପ୍ରାଚୀନ ରାଜ୍ୟର ରାଜାମାନେ ଓଡ଼ିଆ ସାହିତ୍ୟକୁ ବିପୁଳ ଦାନ ଦେଇଅଛନ୍ତି । ଏପରି କି, ଗଞ୍ଜାମ ଜିଲ୍ଲାର ଖଲ୍ଲିକୋଟ ଏବଂ ଚିକିଟି ରାଜବଂଶର ଦାନ ଦେଖିଲେ ଜଣାପଡ଼ିବ, କପରି ଅନେକ ରାଜବଂଶର ସାହିତ୍ୟ-ସାଧନା ଅଦ୍ୟାବଧି ସଂକଳିତ ହୋଇ ପାରି ନାହିଁ ଏବଂ ଏ ଦୁଇଟି ବଂଶର ସାଧନାର ଇତିହାସ ଗବେଷକ-ମାନଙ୍କର ଚିନ୍ତାର ଦିଗ୍‌ବଳୟ ସଂପ୍ରସାରିତ କରିଦେଇଛି । (୧)

---

(୧) ଓଡ଼ିଆ ସାହିତ୍ୟର ଇତିହାସ (୧୯୨୮ ଖ୍ରୀ) ପୃ ୧୧୭

(୨) ଅମ୍ବିକା ଦାସ 'ବାନାମ୍ବର ଆଗୃହୀ ସମ୍ପାଦିତ', ପୁସ୍ତିକା

## ପରମ୍ପରା, ପରିସ୍ଥିତି ଓ ଭଞ୍ଜଙ୍କ କୃତିତ୍ୱ

ଏ ଅଧ୍ୟାୟରେ ଏ ପର୍ଯ୍ୟନ୍ତ ଯେଉଁ ସମସ୍ତ ତଥ୍ୟର ଅବତାରଣା କରା ଯାଇଛି, ତହିଁରୁ ଜଣାଯାଏ, ଉପେନ୍ଦ୍ରଙ୍କ ସମୟରେ କିଛି ଗୋଟାଏ କାବ୍ୟିକ ପରିବର୍ତ୍ତନର ଆବଶ୍ୟକତା ଥିଲା । ସାଧାରଣ ଓଡ଼ିଆ ପାଠକ ଓ ସଂସ୍କୃତ ପଣ୍ଡିତ-ମଣ୍ଡଳୀ, ରାଧାକୃଷ୍ଣ ଉପାସକ ଓ ସ୍ମାର୍ତ୍ତମତାନୁରୂପ ଉପାସକ, ସଙ୍ଗୀତ ରସିକ ଏବଂ ଗ୍ରାବଗାମ୍ଭୀର୍ଯ୍ୟକାମୀ—ସରଳତା ପ୍ରିୟ ଓ ଆଳଙ୍କାରିକତାପ୍ରିୟ, ଭକ୍ତି-ମୁକ୍ତିକାମୀ ଓ ମଧୁର ଶୃଙ୍ଗାରପ୍ରେମୀ—ଏହିପରି ନାନା ଦୃଷ୍ଟିକୋଣରୁ ବିବିଧ ଭେଦଭାବ ପ୍ରକାଶ ପାଉଥିଲା । ଅନ୍ୟତ୍ର ମଧ୍ୟ ଏ କଥା ଏ ଆଲୋଚନାରେ କୁହାଯାଇଛି । ଦେଶ ଏପରି ଏକ ଅପୂର୍ବ ଶକ୍ତିଶାଳୀ ଲେଖନୀର ଅପେକ୍ଷା କରିଥିଲା, ଯାହାର ସୃଜନୀ ଫଳରେ ସମସ୍ତ ବୈଷମ୍ୟ ଦୂରୀଭୂତ ହେବ, ଏ ସମସ୍ତ ଅଭିରୁଚି ଚରିତାର୍ଥ ହେବ, କୋମଳତା ଓ କଠୋରତାର ସମନ୍ୱୟ ହେବ ଏବଂ ରସିକତା ଓ ଧାର୍ମିକତା, ସରଳତା ଓ ଦୁର୍ବୋଧତା, ସାବୁଜତା ଓ ଭାବିକତା, ପାଣ୍ଡିତ୍ୟ ଓ କଳ୍ପନା ବିଳାସିତାର ଅପୂର୍ବ ମିଳନ ସାଧିତ ହୋଇ ପାରିବ । ଏହିପରି ଏକ ସାଧନା ମନ୍ଦିରରେ ଯେ 'ମୂର୍ତ୍ତି ମାଡ଼ିଥିଲେ', ସେ ହେଉଛନ୍ତି ଉପେନ୍ଦ୍ର ଭଞ୍ଜ ।

## ଗୀତଗୋବିନ୍ଦରୁ ଜନପ୍ରିୟତାର ମୂଳସୂତ୍ର ସଂଗ୍ରହ—

ଯଥାର୍ଥରେ, ଯେଉଁ କୌଶଳ-ସୂତ୍ର ଜୟଦେବଙ୍କୁ ପରମ ଜନପ୍ରିୟ କରି ପାରିଥିଲା, ତାହାର ପରିବର୍ତ୍ତିତ ରୂପ ହିଁ ସେକାଳର ପରିସ୍ଥିତିରେ ଉପେନ୍ଦ୍ରଙ୍କୁ ସର୍ବଜନପ୍ରିୟ କରି ପାରିଥିଲା । ଜୟଦେବଙ୍କ ଗୀତଗୋବିନ୍ଦର ବିଶେଷତ୍ୱ ସେହି କାବ୍ୟର ଶେଷରେ ହିଁ ସମାବେଶିତ, (୨) ଯଥା :—

"ଯଦ୍‌ଗାନ୍ଧର୍ବ କଳାସୁ କୌଶଳମନୁ-
ଧ୍ୟାନଂ ଚ ଯଦ୍‌ବୈଷ୍ଣବମ୍
ଯଚ୍ଛୃଙ୍ଗାର ବିବେକ ତତ୍ତ୍ୱମପିଯତ୍
କାବ୍ୟେଷୁ ଲୀଳାୟିତମ୍ ।

---

(୧) ଓଡ଼ିଆ କବି ଓ କାବ୍ୟ—ପୃ-୫୨-୬୪ ଓ ୧୬୧-୧୮୬

(୨) ଗୀତଗୋବିନ୍ଦ-୧୨ଶ, ୨୮ ଶ୍ଳୋକ

ତତ୍ ସର୍ବଂ ଜୟଦେବ ପଣ୍ଡିତ କବେଃ
କୃଷ୍ଣୈକତାନାତ୍ମନଃ
ସାନନ୍ଦାଃ ପରିଶୋଧୟନ୍ତୁ ସୁଧିୟଃ
ଶ୍ରୀଗୀତଗୋବିନ୍ଦତଃ ।”

ଏଥିରେ ତିନୋଟି କଥାର ଉଲ୍ଲେଖ କରାଯାଇଛି, ଯଥା :—

(୧) ଏଥିରେ ସଙ୍ଗୀତ କଳାର ପ୍ରୟୋଗ କରାଯାଇଛି ।

(୨) ଏଥିରେ ବୈଷ୍ଣବ ତତ୍ତ୍ୱ ମଧ୍ୟ ପ୍ରତିପାଦିତ ହୋଇଅଛି ।

(୩) ଏଥିରେ ଶୃଙ୍ଗାରାଦି ନବରସ ଏବଂ କାମସୂତ୍ର ପ୍ରଭୃତିର ତତ୍ତ୍ୱ ବର୍ଣ୍ଣିତ ହୋଇଅଛି ।

ଗୀତଗୋବିନ୍ଦର ପ୍ରଭାବରେ ସମଗ୍ର ଓଡ଼ିଶାର ପଣ୍ଡିତମଣ୍ଡଳୀ ଏକାବେଳକେ ଉଦ୍‌ବୁଦ୍ଧ ହୋଇ ଯାଇଥିଲେ ଏବଂ ସମ୍ପ୍ରତି ଉପଲବ୍‌ଧ ନାନା ଲଳିତ ରଚନା ତହିଁର ପ୍ରମାଣ ଦିଏ (୧) । ଭଞ୍ଜେ ଗୀତଗୋବିନ୍ଦର ତିନୋଟିଯାକ ବିଶେଷତ୍ୱ ବଡ଼ ମର୍ମଜ୍ଞ ଭାବରେ ଅବଗତ ହୋଇ, ତଦନୁସାରେ ସ୍ୱ-କାବ୍ୟମାନଙ୍କୁ ଅନୁରଞ୍ଜିତ ଓ ଅଭିମଣ୍ଡିତ କରି ଯାଇଛନ୍ତି । ଫଳରେ, ରଚନାର ଅର୍ଥ ନ ବୁଝି ମଧ୍ୟ ସଙ୍ଗୀତମୟତା ହେତୁ ଲୋକେ “ଲଳିତ ଲବଙ୍ଗଲତା” ପ୍ରଭୃତିର ଆବୃତ୍ତି ବା ଗାନ କରି ଥାଆନ୍ତି ।

ଭଞ୍ଜଙ୍କର କବିତାବଳୀ ତଥା କାବ୍ୟସମୂହରେ ଏହି ତ୍ରିବିଧ ଲକ୍ଷ୍ୟ ସାଧିତ ହୋଇ ତାଙ୍କୁ ବିପୁଳ ଜନପ୍ରିୟତାର ରତ୍ନମୟ ମହାର୍ଘ ମୁକୁଟରେ ମଣ୍ଡିତ କରିଅଛି । ଯେଉଁମାନେ ଅପଠ, ସେମାନେ ‘ଗାନ୍ଧର୍ବ’ କଳା (=ସଙ୍ଗୀତମୟତା)ର ମୋହନମାଦକତାରେ ତାଙ୍କ ପ୍ରତି ଅନୁରକ୍ତ ହୋଇ ଉଠିଛନ୍ତି । ଯେଉଁମାନେ ଧର୍ମପ୍ରାଣ ତଥା ରାମ-କୃଷ୍ଣ-ଶିବ-ଶକ୍ତି ପ୍ରଭୃତିଙ୍କର ଉପାସକ, ସେମାନେ ଭଞ୍ଜୀୟ କାବ୍ୟ-କବିତାରେ ଏହି ଦେବଦେବୀଙ୍କର

---

(୧) ଶ୍ରୀ ଜୟଦେବ ଓ ଶ୍ରୀ ଗୀତଗୋବିନ୍ଦ—୧୦ମ ଅଧ୍ୟାୟ ଦ୍ରଷ୍ଟବ୍ୟ

ଗୁଣଙ୍ଗୌରବ ଗାନ ପ୍ରତି ଅବହିତ ରହି, କବିଙ୍କ ପ୍ରତି ଆକୃଷ୍ଟ ହୋଇ ଉଠିଛନ୍ତି । ତୃତୀୟରେ, ଯେଉଁମାନେ ଖୋଦ ସାହିତ୍ୟକଳା ଦୃଷ୍ଟିରୁ 'ରସ' ରୂପକ ଆତ୍ମା-ଶୋଭିତ କାବ୍ୟକଳାର ଉପାସକ, ସେମାନେ ମଧ୍ୟ ଶୃଙ୍ଗାରାଦି 'ନବରସ-ରୁଚିର' ( ଏବଂ ପରିପୁଷ୍ଟ ରସର ଆନୁଷଙ୍ଗିକ ଗୁଣାଳଂକାରାଦି ସହକୃତ ) ରଚନାବଳୀ ପ୍ରତି ସଶ୍ରଦ୍ଧ ହୋଇ ଉଠିଛନ୍ତି । ଏହା ହିଁ ଭଞ୍ଜୀୟ ସର୍ବଜନ-ପ୍ରିୟତାର ଚରମ ଓ ପରମ ରହସ୍ୟ, ଏହା ହିଁ 'ଜଣ' ଓ 'ଗଣ'ଙ୍କୁ ସନ୍ତୁଷ୍ଟ କରିବାର ଶ୍ରେଷ୍ଠ ସାରସ୍ୱତ ସୂତ୍ର ।

## ତେଣୁ, ଐତିହାସିକ ପୃଷ୍ଠଭୂମିର ଧାରଣା ଦରକାର—

ଭଞ୍ଜ-ସାହିତ୍ୟଚର୍ଚ୍ଚା ପ୍ରସଙ୍ଗରେ କବିଙ୍କୁ କେବଳ ତାଙ୍କର କୃତିମତ୍ତ୍ୱର ମୂଲ୍ୟ କଳନାରେ ଗୌରବର ତୁଙ୍ଗ ଶୃଙ୍ଗକୁ ଉତ୍ତୋଳିତ କରାଯାଇଥାଏ କିମ୍ବା ପ୍ରତିପକ୍ଷର ବିଦ୍ୱେଷାନ୍ଧ ବାକ୍ୟବାଣରେ କ୍ଷତ ବିକ୍ଷତ କରାଯାଇଥାଏ । କିନ୍ତୁ ସ୍ମରଣୀୟ ଯେ, କେବଳ ବୈଧାନିକ ଧାରା ବା ପରମ୍ପରା ପ୍ରତିଷ୍ଠିତ ଶାସ୍ତ୍ରୀୟ ବିଚାରରେ କବିଙ୍କର ବ୍ୟକ୍ତିତ୍ୱର ଅବବୋଧ ପର୍ଯ୍ୟାପ୍ତ ନୁହେଁ । ସେଥିପାଇଁ ଆଜି ପାଶ୍ଚାତ୍ୟ ସାହିତ୍ୟରୁ ପ୍ରେରଣା ଲାଭ କରି ସମାଲୋଚକମଣ୍ଡଳୀ ତାତ୍ତ୍ୱିକ (**Objective**) ସମାଲୋଚନା କଲାବେଳେ କବିଙ୍କର ପରିବେଶ ଓ ଐତିହାସିକ ପୃଷ୍ଠଭୂମିର ବିମଳ ବିଶ୍ଳେଷଣ କରିଥାନ୍ତି । ଭଞ୍ଜ-ସାହିତ୍ୟର ଅବଗତି ଲାଗି ଏହି ଐତିହାସିକ ପରିସର ଭିତରେ ବିଚରଣ ନ କଲେ, କେବଳ ଖଣ୍ଡନ-ମଣ୍ଡନର ମଣ୍ଡଳୀକୃତ ଆଲୋଚନା ମଧ୍ୟରେ ପାଣ୍ଡିତ୍ୟ ବା ଯୌକ୍ତିକତା ଫୁଟି ପାରେ; କିନ୍ତୁ ଅତୀତଯୁଗ ସାହିତ୍ୟର ଯଥାର୍ଥ ମୂଲ୍ୟ କଳନା ସମ୍ଭବପର ହେବ ନାହିଁ । ଜଣେ କବିଙ୍କୁ ଯେପରି, ଗୋଟାଏ ଯୁଗକୁ ସେହିପରି, ଚିହ୍ନିବାକୁ ହେଲେ ତତ୍‌ପୂର୍ବର କବି ବା ଯୁଗ ସହିତ ତୁଳନାତ୍ମକ ସମ୍ପର୍କ ପ୍ରତିଷ୍ଠା କରି ଉତ୍କର୍ଷ ବା ଅପକର୍ଷ ପ୍ରତିପାଦନ କରିବାକୁ ହେବ । ପୁଣି, ଇତିହାସର ଆଦର୍ଶ ହେଉଛି, ଯାହା ଯେତେବେଳେ ଯେପରି ଥିଲା, ତାକୁ ସେପରି ଭାବରେ ଦେଖାଇବାକୁ ପଡ଼ିବ । ଆଜି ଆମକୁ କେଉଁ ଲେଖା ବା କଳାସୃଷ୍ଟି ଭଲ ଲାଗୁଛି ବା ନ ଲାଗୁଛି, ତାର ଭିତ୍ତିରେ ଆଲୋଚନା କଲେ, ଇତିହାସ ତ "ଲେଖାଯିବ" ନାହିଁ, ଇତିହାସ "ସୃଷ୍ଟି କରାଯିବ", ଯାହା କି ଏକାବେଳକେ ବିଭ୍ରାନ୍ତିକର ଓ ମାରାତ୍ମକ । ତେଣୁ, ଭଞ୍ଜ ତାଙ୍କ ସମୟରେ କ'ଣ ଥିଲେ, ତାହା ହିଁ ଦେଖାଇବା ସାହିତ୍ୟ-ଐତିହାସିକର କର୍ତ୍ତବ୍ୟ ସିନା, ଆଜି ବଂଶ

ଶତାବ୍ଦୀର ତୃତୀୟ ପାଦରେ ଆମେ ତାଙ୍କୁ କପରି ଦେଖୁଛୁ, ତାହା ହିଁ ଦେଖାଇବା ଆମର ନ୍ୟାଯ୍ୟ କର୍ତ୍ତବ୍ୟ ନୁହେ ।

## ମଧ୍ୟଯୁଗ ଓଡ଼ିଆ ସାହିତ୍ୟର କେତୋଟି ବଣ୍ଡର—

ଓଡ଼ିଆ ସାହିତ୍ୟର ମଧ୍ୟଯୁଗ ମୁଖ୍ୟତଃ ପଦ୍ୟ ଓ କବିତାର ଯୁଗ, ଯଦିଓ 'ରୁଦ୍ର ସୁଧାନିଧି' (୧), 'ଚତୁର ବିନୋଦ' ପରି ଗଦ୍ୟଗ୍ରନ୍ଥଗୁଡ଼ିକର ବିନୋଦ-ଦାୟକ ଅସାମାନ୍ୟ ରଚନା ସେତେବେଳେ ମଧ୍ୟ ଅନୁପଲବ୍ଧ ନ ଥିଲା । ଗୀତଗୋବିନ୍ଦ ସମୟରୁ ଏ ଦେଶରେ ସାହିତ୍ୟ ଓ ସଙ୍ଗୀତର ଅପୂର୍ବ ସମନ୍ୱୟ ସାଧିତ ହୋଇ ଜନମାନସରେ ପ୍ରବଳ ପ୍ରଭାବପାତ କରିଥିଲା । ସେଥିପାଇଁ ସମସ୍ତ ପଦ୍ୟରଚନାକୁ ସଙ୍ଗୀତମୟ ଛନ୍ଦରେ ଆବୃତ୍ତି କରିବାର ବାସନା ବଳବତ୍ତର ହୋଇ ଉଠିଥିଲା । ସାରଳାଙ୍କର ଦାଣ୍ଡୀବୃତ୍ତ ଅସମ ଅକ୍ଷର ବିଶିଷ୍ଟ ପଦମାନଙ୍କରେ ରଚିତ ହୋଇଥିଲେ ହେଁ ତହିଁରେ ପାଠକମାନେ ସ୍ୱରମୂର୍ଚ୍ଛନା ସଂଯୋଗ କରି ରସୋପଲବ୍ଧି କରୁଥିଲେ । ସାରଳାଙ୍କ ସମୟରୁ ରାଧାନାଥଙ୍କ ପର୍ଯ୍ୟନ୍ତ ଓଡ଼ିଆ ପଦ୍ୟ-ସାହିତ୍ୟ ଥିଲା ସଙ୍ଗୀତମୟ । ଦକ୍ଷିଣ-ଭାରତର କେତେକ ସାହିତ୍ୟରେ ସଂସ୍କୃତ ପୁରାଣ କିମ୍ବା ଭଗବଦ୍‌ଗୀତାର ଅନୁବାଦ କଲାବେଳେ, ମୂଳ ସଂସ୍କୃତ ଶ୍ଳୋକରେ ବ୍ୟବହୃତ ହୋଇଥିବା ବୃତ୍ତ ବା ଛନ୍ଦ ଅବଲମ୍ବିତ ହେଉଥିଲା ଓଡ଼ିଆରେ କିନ୍ତୁ ସାଧାରଣତଃ ବିଭିନ୍ନ ରାଗ-ରାଗିଣୀରେ ଓ ସ୍ୱତନ୍ତ୍ର ବୃତ୍ତରେ ସଂସ୍କୃତ ପଦ୍ୟଗ୍ରନ୍ଥମାନଙ୍କର ଅନୁବାଦ କରାଯାଇଛି । ବିଭିନ୍ନ ସଙ୍ଗୀତମୟ ଛନ୍ଦରେ କାବ୍ୟ-କବିତା ରଚନା କରିବାର ସ୍ପୃହା ଏତେ ପ୍ରବଳ ହୋଇ ଉଠିଥିଲା ଯେ, କାବ୍ୟକୁ ମଧ୍ୟ 'ଛାନ୍ଦ' ବୋଲି କୁହାଯାଉଥିଲା । (୨)

ମଧ୍ୟଯୁଗ ଓଡ଼ିଆ ସାହିତ୍ୟର ଛନ୍ଦ ବା ରାଗ ଯଦିଓ ଭାରତୀୟ ସଙ୍ଗୀତ-ଶାସ୍ତ୍ରର ଭିତ୍ତି ଉପରେ ଗଢ଼ି ଉଠିଥିଲା, ତଥାପି ତାହାକୁ ବିଜ୍ଞାନ ଦୃଷ୍ଟିରୁ ଶାସ୍ତ୍ରୀୟ ସଙ୍ଗୀତ ବୋଲି କହିବା ସମୀଚୀନ ହେବ ନାହିଁ । ତେବେ, ବିଭିନ୍ନ ରସର ପ୍ରକଟନ ନିମନ୍ତେ ଭିନ୍ନ ଭିନ୍ନ ଛନ୍ଦ ବା ରାଗର ପ୍ରୟୋଗ କରାଯାଉଥିଲା ।

---

(୧) ରୁଦ୍ର ସୁଧାନିଧି—ଡକ୍ଟର କରୁଣାକର କର ସମ୍ପାଦିତ । ପୁଣି ପ୍ରାଚୀନ ଗଦ୍ୟପଦ୍ୟାଦର୍ଶ—ପୃ ୭୨-୭୨ ।

(୨) ସମସ୍ୟା ଓ ସମାଧାନ—ପୃ-୫୦

କରୁଣ ରସର ଅଭିବ୍ୟକ୍ତି ନିମନ୍ତେ ସଂସ୍କୃତ କବିମାନେ ଯେପରି 'ବିଯୋଗିନୀ' ନାମକ ବୃତ୍ତର ପ୍ରୟୋଗ କରିଛନ୍ତି, ଓଡ଼ିଆ ସାହିତ୍ୟରେ ସେହିପରି 'ଚକ୍ରା-କେଦାର' ବୃତ୍ତର ବହୁଳ ପ୍ରୟୋଗ ( କରୁଣ ରସ ଲାଗି ) କରାଯାଇଛି । ସଂସ୍କୃତରେ 'ଅନୁଷ୍ଟୁପ୍' ବୃତ୍ତ ଯେପରି ସବୁ ରସର ଅନୁକୂଳ, ଓଡ଼ିଆ ସାହିତ୍ୟରେ ଚଉଦ ଅକ୍ଷରୀ ବୃତ୍ତ ଓ 'ବଙ୍ଗଳାଶ୍ରୀ' ମଧ୍ୟ ସେହିପରି ସବୁ ରସରେ ବ୍ୟବହୃତ ହୋଇଅଛି । ତେଣୁ କବିତାରେ ପ୍ରଯୁକ୍ତ ଛନ୍ଦକୁ ଆବୃତ୍ତି କରିବା ଏବଂ ଗାନ କରିବା,— ଏହିପରି ଦୁଇଟି ଦୃଷ୍ଟିକୋଣରୁ ଆଲୋଚନା କରାଯାଇପାରେ । ତାହାହେଲେ ମଧ୍ୟଯୁଗ ଓଡ଼ିଆ ସାହିତ୍ୟରେ ଏ ଦୁଇଟି ଆଭିମୁଖ୍ୟର ସୁସମନ୍ୱୟ ସାଧିତ ହୋଇଛି ବୋଲି କୁହାଯାଇ ପାରିବ । 'ଶଙ୍କରାଭରଣ' ପରି ଓଡ଼ିଆ କାବ୍ୟର ରାଗ ମଧ୍ୟ ସଙ୍ଗୀତ-ବିଜ୍ଞାନର ଏକାନ୍ତ ଅନୁବର୍ତ୍ତୀ ବୋଲି କେହି କେହି ଓଡ଼ିଆ ସଙ୍ଗୀତ ବିଶାରଦ କହିଥାଆନ୍ତି । ଅନ୍ୟ ପକ୍ଷରେ, ଆବୃତ୍ତିର ସୌକର୍ଯ୍ୟ ଦୃଷ୍ଟିରୁ ସୁନ୍ଦର ଓ ସୁସଙ୍ଗତ ହୋଇଥିବା ବହୁ ଛନ୍ଦ ସ୍ଥାନେ ସ୍ଥାନେ ଆମ୍ଭ-ମାନଙ୍କର ଦୃଷ୍ଟିରେ ପଡ଼େ । ସୁତରାଂ, ସଙ୍ଗୀତମୟ ଛନ୍ଦ, ବୃତ୍ତ, ବାଣୀ, ଓ ରାଗ-ରାଗିଣୀର ବହୁଳ ପ୍ରୟୋଗ ମଧ୍ୟଯୁଗ ଓଡ଼ିଆ ସାହିତ୍ୟର ଏକ ବଶିଷ୍ଟ ବୈଭବ ରୂପେ ଆମ୍ଭମାନଙ୍କର ଦୃଷ୍ଟି ଆକର୍ଷଣ କରେ । (୧)

ଏ ପ୍ରସଙ୍ଗରେ କେବଳ ଏତିକି କହିଲେ ଯଥେଷ୍ଟ ହେବ ଯେ, ଯେଉଁ ସମୟରେ ମୁଦ୍ରାଯନ୍ତ୍ର ନ ଥିଲା କିମ୍ବା ସଙ୍ଗୀତ ସହଯୋଗୀ ଆଧୁନିକ ଯୁଗର ଅନେକ ଉପାଦେୟ ଯନ୍ତ୍ରପାତି ନ ଥିଲା, ସେତେବେଳେ ସଙ୍ଗୀତମୟତାର ଆବଶ୍ୟକତା ଅତ୍ୟଧିକ ଥିଲା (୨) । ସଙ୍ଗୀତରେ ଆକର୍ଷଣୀ ଶକ୍ତି ଏପରି ବିଶ୍ୱବ୍ୟାପିନୀ ଯେ, ବର୍ତ୍ତମାନ ଯୁଗରେ ମଧ୍ୟ ଆମେ କବିତାରୁ ଯେଭଳି ଭାବରେ ପଦେ ଅଧେ ଉଦ୍ଧାର କରିଥାଉ, ସୁପରିଚିତ ଉପନ୍ୟାସରୁ ସେହିପରି ଭାବରେ ଆଦୌ ଉଦ୍ଧାର କରି ପାରି ନ ଥାଉ । ସୁତରାଂ, ନିଜ ରଚନାକୁ ଜନପ୍ରିୟ କରିବା ଲାଗି ଓଡ଼ିଶାର କବିମାନେ ସଂସ୍କୃତ ଛନ୍ଦର ଅନ୍ଧ ଅନୁସରଣ ନ କରି ନାନା ମୌଳିକ ରାଗ-ରାଗିଣୀ, ବୃତ୍ତ ବା ଛନ୍ଦ ଉଦ୍ଭାବନ କରିବାରେ କିମ୍ବା

(୧) ବଳଭଦ୍ର ବହିଦାରଙ୍କ 'ସନ୍ତପାତ' ଦ୍ରଷ୍ଟବ୍ୟ ।

(୨) ଏପରି କି, ଆଜି ପର୍ଯ୍ୟନ୍ତ ଅସମ ଅକ୍ଷର ବିଶିଷ୍ଟ ସାରଳା ମହାଭାରତ ଓ ଦାଣ୍ଡୀ ରାମାୟଣ ପାଠ ବେଳେ ସଙ୍ଗୀତର ମୂର୍ଚ୍ଛନା ସୃଷ୍ଟି କରାଯାଇଥାଏ ।

ପ୍ରାକୃତ ସାହିତ୍ୟରୁ ଗ୍ରହଣ କରି ତହିଁରେ ନିଜତ୍ୱ ଫୁଟାଇବାରେ ଯେଉଁ କୌଶଳ, ଚାତୁର୍ଯ୍ୟ ଓ ସର୍ଜନପାଟବ ପ୍ରଦର୍ଶନ କରିଅଛନ୍ତି, ତାହା ଏକାନ୍ତ ଅଭିନନ୍ଦନୀୟ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ଭଞ୍ଜ-ଭାରତୀ ବିବିଧ ଛନ୍ଦର ସ୍ୱଚ୍ଛନ୍ଦ ଓ ବୈଜ୍ଞାନିକ ପ୍ରୟୋଗର ଏକ ପରୀକ୍ଷାଗାର କହିଲେ ଅତ୍ୟୁକ୍ତି ହେବ ନାହିଁ ।

## ଆଳଙ୍କାରିକତା -

ଆଗରୁ କୁହାଯାଇଅଛି, ମଧ୍ୟଯୁଗ ଓଡ଼ିଆ ସାହିତ୍ୟ ଭାରତ ବିଖ୍ୟାତ ସଂସ୍କୃତ କାବ୍ୟ ସାହିତ୍ୟର (୧) ପ୍ରତିଯୋଗିତା ତଥା ପ୍ରତିଦ୍ୱନ୍ଦ୍ୱିତା କରିବାର ଅଦମ୍ୟ-ଉଦ୍ୟମ ବଳରେ ଆଳଙ୍କାରିକତାର ପରିଚ୍ଛଦ ଗ୍ରହଣ କରିବାକୁ ବାଧ୍ୟ ହୋଇଥିଲା । ଉତ୍କଳରେ 'ଏକାବଳୀ' ଏବଂ 'ସାହିତ୍ୟ ଦର୍ପଣ' ଭଳି କେବଳ ଯେ ମୌଳିକ ଅଳଙ୍କାର ଶାସ୍ତ୍ର ବିରଚିତ ହୋଇଥିଲା, ତାହା ନୁହେଁ । ତହିଁ ସଙ୍ଗେ ସଙ୍ଗେ, 'କାବ୍ୟ ପ୍ରକାଶ' ପରି ପ୍ରାଚ୍ୟ ଅଳଙ୍କାର ଜଗତର ଆକର ଗ୍ରନ୍ଥ-ମାନଙ୍କ ଉପରେ ମନୋଜ୍ଞ ଟୀକା ଓ ଟିପ୍ପଣୀମାନ ମଧ୍ୟ ପ୍ରଣୀତ ହୋଇଥିଲା (୨) । ସେଥିପାଇଁ, ସଂସ୍କୃତ ପଣ୍ଡିତମାନେ ଅଳଙ୍କାର ଶାସ୍ତ୍ରଗତ ଗମ୍ଭୀର ଜ୍ଞାନର ମାନଦଣ୍ଡରେ କାବ୍ୟ କବିତାର ମୂଲ୍ୟ କଳନା କରୁଥିଲେ । ଏପରି କି, କେତେକ ସଂସ୍କୃତ ପଣ୍ଡିତ ମହାକବି କାଳିଦାସଙ୍କର ସୁପ୍ରସିଦ୍ଧ 'ରଘୁବଂଶ' ମହାକାବ୍ୟରେ ମଧ୍ୟ ସେମାନଙ୍କର ଅଭିମତ ଆଳଙ୍କାରିକ ପାଣ୍ଡିତ୍ୟର ଅଭାବ ଦେଖି, ତାହାକୁ ସେଭଳି ଉଚ୍ଚ ସ୍ଥାନ ଦେଉ ନ ଥିଲେ (୩) । ଯେଉଁ ସର୍ବଭାରତୀୟ ପରମ୍ପରାରେ ଭାରବି, ମାଘ ଓ ଶ୍ରୀହର୍ଷଙ୍କର ପ୍ରକାଣ୍ଡ ପାଣ୍ଡିତ୍ୟ ମଣ୍ଡିତ ମହାକାବ୍ୟମାନଙ୍କର

(୧) ଏହି ଆଲୋଚନାରେ ଭଞ୍ଜଙ୍କର ଶିକ୍ଷାଦୀକ୍ଷା ପ୍ରସଙ୍ଗରେ 'ଲଘୁତ୍ରୟୀ' ଓ 'ଗୁରୁତ୍ରୟୀ' କଥା କୁହାଯାଇଛି । କିନ୍ତୁ ସଂସ୍କୃତରେ ରାଶି ରାଶି କାବ୍ୟ, ଗତ ଦେଢ଼-ଦୁଇ ହଜାର ବର୍ଷ ମଧ୍ୟରେ ରଚିତ ହୋଇଅଛି । କୃଷ୍ଣମାଚାରୀଙ୍କ 'କ୍ଲାସିକାଲ ସଂସ୍କୃତ ଲିଟରେଚର' ଦ୍ରଷ୍ଟବ୍ୟ ।

(୨) P. V. Kane Sanskrit Poetics. p. 792

(୩) ଏହି ଆଲୋଚନାରେ ଭଞ୍ଜଙ୍କର ଶିକ୍ଷାଦୀକ୍ଷା ପ୍ରସଙ୍ଗରେ ପ୍ରଦତ୍ତ 'ଲଘୁତ୍ରୟୀ'ର ବିବରଣୀ ଦ୍ରଷ୍ଟବ୍ୟ ।

ସୃଷ୍ଟି, ସେହି ପରମ୍ପରା ହିଁ ଆଳଙ୍କାରିକ ଅନୁରକ୍ତି ନିମନ୍ତେ ମୁଖ୍ୟତଃ ଦାୟୀ । ତେବେ, ମଧ୍ୟଯୁଗ ଓଡ଼ିଆ ସାହିତ୍ୟରେ ଧ୍ୱନି ବା ବ୍ୟଞ୍ଜନାମୂଳକ ପ୍ରଥମ ଶ୍ରେଣୀୟ ରଚନାର ସ୍ୱଳ୍ପତା ଥିଲେ ହେଁ, ଶବ୍ଦାଳଙ୍କାରର ପ୍ରାଚୁର୍ଯ୍ୟ ଉପରେ ହିଁ ସେ ଯୁଗରେ ସମଧିକ ଗୁରୁତ୍ୱ ଆରୋପ କରାଯାଉଥିଲା । ଭଞ୍ଜ ପ୍ରଭୃତି କବିମାନେ ଅନୁପ୍ରାସ, ଯମକ, ଶ୍ଳେଷ, ବକ୍ରୋକ୍ତି, ସମସ୍ୟା ପୂରଣ, ସ୍ୱୟଂଦୂତୀ ଅନ୍ତର୍ଲିପି, ବହିର୍ଲିପି, ଗୋମୂତ୍ର ଛନ୍ଦ, ସିଂହାବଲୋକନ-ଶୃଙ୍ଖଳା, ଏକାକ୍ଷରୀ, ଲୋମ-ବିଲୋମ, ସଓଷ୍ଠକ, ନିରୋଷ୍ଠକ ପ୍ରଭୃତି ଉପରେ ଗୁରୁତ୍ୱ ଦେଉଥିଲେ । କିନ୍ତୁ ଏହାର ଅର୍ଥ ନୁହେ ଯେ, ଚରିତ୍ର ଚିତ୍ରଣ, ମନସ୍ତତ୍ତ୍ୱ-ବିଶ୍ଳେଷଣ, ନୈତିକ-ଆଦର୍ଶ-ପ୍ରତିଷ୍ଠାପନ, ସାମାଜିକ ଚେତନାର ଉଦ୍ଦୀପନ ଏବଂ କମନୀୟ କଳ୍ପନାର ତରଳ ବିଳାସ ମଧ୍ୟରେ ଭାଷା ଓ ଭାବର ଐକତାନିକ ସମାବେଶ କରିବାକୁ ସେମାନେ ଦୃଷ୍ଟିପାତ କରି ନାହାନ୍ତି । ନୈଷଧ କାବ୍ୟ ଉତ୍କଳରେ ତଥା ଭାରତରେ ଯେଉଁ ସମସ୍ତ ଶବ୍ଦ-ଶାସ୍ତ୍ରଗତ, ରସଶାସ୍ତ୍ରଗତ, ଛନ୍ଦଶାସ୍ତ୍ରଗତ ଏବଂ ଶାବ୍ଦିକତାମୂଳକ ବିଭୂର୍ଯ୍ୟ ନିମନ୍ତେ ସୁପରିଚିତ, ସୁପ୍ରତିଷ୍ଠିତ ଓ ସୁସମ୍ମାନିତ, ସେହି ବୈଭବ, ବୈଶିଷ୍ଟ୍ୟ, ବିଦଗ୍ଧତା ଓ ମହତ୍ତ୍ୱର ସମାବେଶ ତଥା ପ୍ରକଟନ ନିମନ୍ତେ ମଧ୍ୟଯୁଗୀୟ ଓଡ଼ିଆ କବିମାନଙ୍କର ସାଧନା ଥିଲା ଚିରଉଜ୍ଜୀବିତ । ଏଠାରେ ଗୋଟିଏ ଦୃଷ୍ଟାନ୍ତ ପ୍ରଦେୟ । 'ଲାବଣ୍ୟବତୀ'ରେ ଭଞ୍ଜକବି ବସନ୍ତ ବର୍ଣ୍ଣନା ପ୍ରସଙ୍ଗରେ ଲେଖିଛନ୍ତି—(୧)

"ମଳୟ ଶିଖରୀ ଶିରୀ ଚୋରି କରି
ବହିଲାଣି ମନ୍ଦ ସମୀର ।" (୫ମ ଛାନ୍ଦ)

ଏହାର ଅର୍ଥ ସାଧାରଣରେ ଏପରି ବୁଝାଯାଏ,—ମଳୟ ପର୍ବତ ବାଟେ ମଳୟ ପବନ ବହିଲା ବେଳେ ସେହି ମଳୟ ପର୍ବତର ସୌରଭ ବା ସୁବାସ ହରଣ କରିନେଇ, ଧୀରେ ଧୀରେ ବହୁଛି । କାରଣ ମଳୟ ପବନ ମନ୍ଦ ମନ୍ଦ ପ୍ରବାହିତ ହୋଇ ସୁଖକର ବୋଧ ହେଉଥିବାରୁ ତାହାର ପ୍ରସିଦ୍ଧି ରହି ଯାଇଅଛି । କିନ୍ତୁ ସମାଜ-ସଚେତନ କବି ଏଠାରେ କହିବାକୁ ଚାହାନ୍ତି, ମଳୟ ପବନ ଯେହେତୁ ମଳୟ ପର୍ବତରୁ ଶିରୀ ଚୋରି କରି ପ୍ରବାହିତ ହେଉଅଛି ଏବଂ ଯେହେତୁ ଚୋରି କରିବାଟା ଏକ ମନ୍ଦ କାର୍ଯ୍ୟ, ସେହି ହେତୁ ମଳୟ ପବନ

(୧) ସମସ୍ୟା ଓ ସମାଧାନ—ପୃଷ୍ଠା-୨୩

କୁଖ୍ୟାତ ଡକାୟତଙ୍କ ଭଳି 'ଅନ୍ଧ ମନାୟୁ' ଦେବାର ଅପଖ୍ୟାତି ପାଇଅଛି । 'ମନ୍ଦ' ଶବ୍ଦର 'ଧୀର' ଅର୍ଥ ଅନ୍ତରାଳରେ ମନ୍ଦକାର୍ଯ୍ୟ ରୂପକ ଅର୍ଥ ଏବଂ ତା ମଧ୍ୟରେ ଜଡ଼ ମାନସର ସମାଜ ସଚେତନ ଛବି ଆମେ ସାଧାରଣରେ ଭୁଲିଯାଉ । ତଥାପି, ଏ କଥା ସ୍ୱୀକାର କରିବାକୁ ପଡ଼ିବ ଯେ, ଅତ୍ୟଧିକ ଆଳଙ୍କାରିକ ଚାତୁର୍ଯ୍ୟ ପ୍ରଦର୍ଶନ ଫଳରେ ଓଡ଼ିଆ ସାହିତ୍ୟ ସିନା ଜ୍ଞାନଗରିଷ୍ଠ ସଂସ୍କୃତ କାବ୍ୟମାନଙ୍କର ସମକକ୍ଷ ହୋଇ ପାରିଅଛି, କିନ୍ତୁ ଆଜିର ପାଠକ-ସାଧାରଣଙ୍କଠାରୁ ଦୂରେଇ ଯାଇଅଛି । (୧)

ନିକଟରେ ଯେଉଁ ଅଧ୍ୟାପକ କବି ମଧ୍ୟଯୁଗ ସାହିତ୍ୟ-ଗଗନର ପ୍ରଚଣ୍ଡ ମାର୍ତ୍ତଣ୍ଡ ଉପେନ୍ଦ୍ର ଭଞ୍ଜଙ୍କୁ ଲକ୍ଷ୍ୟକରି ଲେଖିଛନ୍ତି—"ହେ ଉପେନ୍ଦ୍ର ! ତୁମେ ମୋର ବିରାଟ ଆତଙ୍କ", ଆଜିକାଲିର ସଂସ୍କୃତ ଅଧ୍ୟୟନ ବିବର୍ଜିତ ଓଡ଼ିଶାର ଶିକ୍ଷିତ ସମାଜ ଭଞ୍ଜ-ସାହିତ୍ୟ ଅଧ୍ୟୟନରେ କିପରି ଅସୁବିଧାର ସମ୍ମୁଖୀନ ହେଉଛନ୍ତି, ତାହା ହିଁ ସେ ପ୍ରତିପାଦନ କରିଛନ୍ତି । ଅଙ୍କଶାସ୍ତ୍ର ନ ପଢ଼ି ଚିତ୍ର-ଗଣିତ ଚର୍ଚ୍ଚା କରିବାର ପ୍ରୟାସ ଯାହା, ଅର୍ଥ ସହିତ ଅମରକୋଷ, ଗୁରୁବନ୍ଧୀ ଏବଂ ସାହିତ୍ୟ ଦର୍ପଣ, ଧ୍ୱନ୍ୟାଲୋକ ଏବଂ ସରସ୍ୱତୀ କଣ୍ଠାଭରଣ ପ୍ରଭୃତିର ଅଧ୍ୟୟନ ନ କରି, ମଧ୍ୟଯୁଗ ଓଡ଼ିଆ ସାହିତ୍ୟ ଆସ୍ୱାଦନର ପ୍ରଚେଷ୍ଟା ତାହା । ଅଭିମନ୍ୟୁ ଏବଂ କବିସୂର୍ଯ୍ୟଙ୍କ ଭଳି ବୈଷ୍ଣବ କବିମାନଙ୍କର ସାହିତ୍ୟ ଅଧ୍ୟୟନ କରିବାକୁ ହେଲେ, 'ବେଦାନ୍ତ-ଭାଷ୍ୟ', 'ହରିଭକ୍ତି ରସାମୃତ ସିନ୍ଧୁ' ଓ 'ରାଧାତାପିନୀ' (୨) ପ୍ରଭୃତିର ଅଧ୍ୟୟନ ମଧ୍ୟ ଏକାନ୍ତ ଆବଶ୍ୟକ । ଅତଏବ, ମଧ୍ୟଯୁଗ ଓଡ଼ିଆ ସାହିତ୍ୟରେ ଶବ୍ଦାଳଙ୍କାର ଓ ଅର୍ଥାଳଙ୍କାରର ପ୍ରାଚୁର୍ଯ୍ୟ ମଧ୍ୟରେ ତାହାର ଅନ୍ୟ ଏକ ବିଶେଷତ୍ୱ ପ୍ରତିପାଦିତ ହେଲାବେଳେ ଏ କଥା ମଧ୍ୟ ମନେ ରଖିବାକୁ ଯେ, ସ୍ୱାଭାବିକ ଭାବଧାରାର କୋମଳତା, ସରସତା, ସାବଲୀଳତା ଓ ସହୃଦୟତା ମଧ୍ୟ ସ୍ଥାନେ ସ୍ଥାନେ ଶବ୍ଦସମ୍ପଦରେ ପରିପୂର୍ଣ୍ଣ ହୋଇ ବହୁ ଦୁର୍ଗମ କନ୍ଦରପୂର୍ଣ୍ଣ ପର୍ବତମାଳାର

(୧) ମୋ ଦୃଷ୍ଟିରେ ସାଂପ୍ରତିକ କବିତା—ପୃ-୮-୧୦

(୨) (ସ୍ୱାମୀ) ପୁରୁଷୋତ୍ତମ ଚନ୍ଦ୍ରୋଦୟ, ମୁଖବନ୍ଧ—ପୃ-୯
(ସ୍ୱାମୀ) ରହସ୍ୟ ମଞ୍ଜରୀ, ମୁଖବନ୍ଧ—ପୃ-୧୩

ଅଳ୍ପ କେତେ ଗୋଟି ମଧୁର ମାର ପ୍ରସ୍ରବଣ ପରି ଆମ୍ଭମାନଙ୍କର ସହଜସେବ୍ୟ ହୋଇଥାଏ ।

## ପୌରାଣିକତା —

ପୌରାଣିକ-ସାହିତ୍ୟ ଭାରତୀୟ ସାମାଜିକ ଓ ସାଂସ୍କୃତିକ ଇତିହାସରେ ବଶିଷ୍ଟ ସ୍ଥାନ ଅଧିକାର କରିଅଛି । ଅଠର ପୁରାଣ ଓ ଅଠର ଉପ-ପୁରାଣ ଯଦିଓ ପଣ୍ଡିତମାନଙ୍କର ସୁବିଦିତ, ତଥାପି ମୁଖ୍ୟତଃ ଏହି କେତୋଟି ପୁରାଣ ହିଁ ପରିଶୀଳିତ ହୋଇଥାଏ—ବିଷ୍ଣୁ ପୁରାଣ, ବ୍ରହ୍ମ ପୁରାଣ, ପଦ୍ମ ପୁରାଣ, ନୃସିଂହ ପୁରାଣ, ମାର୍କଣ୍ଡେୟ ପୁରାଣ, ସୂର୍ଯ୍ୟ ପୁରାଣ, ଶିବ ପୁରାଣ, ଦେବୀ ଭାଗବତ ପୁରାଣ ଏବଂ ଶ୍ରୀମଦ୍ ଭାଗବତ ପୁରାଣ (୧) । ମଧ୍ୟଯୁଗରେ ସାଧାରଣ କୃଷକ ଓ ଶ୍ରମିକଠାରୁ ମହାପଣ୍ଡିତ ଓ ମହାରାଜାଙ୍କ ପର୍ଯ୍ୟନ୍ତ ପୁରାଣ ଶ୍ରବଣରେ ଜୀବନର ଅନ୍ୟତମ ସାର୍ଥକତା ଉପଲବ୍ଧି କରୁଥିଲେ । ବାଣୀ-ସାଧକମାନଙ୍କ ପକ୍ଷରେ ଏହିସବୁ ପୁରାଣ ପାଠ ଏକପ୍ରକାର ଅତ୍ୟାବଶ୍ୟକ ଥିଲା । ସେଥିପାଇଁ ସେମାନେ ସ୍ଥାନେ ସ୍ଥାନେ ପୁରାଣର ଘଟଣା, ଦୃଶ୍ୟ, ବର୍ଣ୍ଣନା କମ୍ବା ଉପାଖ୍ୟାନମାନଙ୍କୁ ଲକ୍ଷ୍ୟ ରଖି, ଉପମାନ ଉପମେୟ ଭାବ ଛଳରେ ତଥା ଅନ୍ୟାନ୍ୟ ପ୍ରସଙ୍ଗରେ ମଧ୍ୟ ନିଜର ପୁରାଣ-ଜ୍ଞାନର ପରିଚୟ ଦେଇ ଯାଇଛନ୍ତି । ଶବ୍ଦର ସହଜବୋଧ୍ୟତା ସତ୍ତ୍ୱେ ପୁରାଣ ଚରିତ ଜ୍ଞାନର ଅଭାବ ଫଳରେ ପ୍ରାଚୀନ ସାହିତ୍ୟ ଉପରେ ପାଠକର ଚିତ୍ତକୁ ଅଭିଭୂତ କରିବାକୁ ଅସମର୍ଥ, ତାହା 'ରସିକହାରାବଳୀ'ର ନିମ୍ନଲିଖିତ ପଦରୁ ବୁଝିହେବ—

> "କଲା ମନରେ ବିଗ୍ରହ ବିଷ୍ଣୁ ମାୟା ଅଗୋଚର
> କାମିନୀ ରୂପେ ମୋହିଛି ବଇଲୋଚନ ।
> କରିଛି ଶିବଙ୍କୁ ଯାହା କର୍ଣ୍ଣେ ଶୁଣିଅଛି ତାହା
> କେମନ୍ତେ ଏହାଙ୍କୁ ମୁଁ କରିବି ମୋଚନ ।
> କାତ୍ୟାୟନୀ ଯୁବତୀ ହୋଇ
> କଉଣସି କୁଳକୁ ସେ କି କରି ନାହିଁ ?" (୨)

---

(୧) (ପ୍ରାଚୀ) ବ୍ରହ୍ମଣାଙ୍କୁଳ ଓ ଅଣାକାର ସହିତା—ପୃ-୨୫

(୨) ରସିକହାରାବଳୀ—୨।୧୪

ଅତଏବ, ଭାରତୀୟ ପୁରାଣମାନଙ୍କର ପ୍ରତ୍ୟକ୍ଷ ଓ ପରୋକ୍ଷ ପ୍ରଭାବରେ ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟ ପରିପୁଷ୍ଟ ହୋଇଅଛି । ପୁରାଣମାନଙ୍କରୁ ସୁନ୍ଦର ସୁନ୍ଦର ଉପାଖ୍ୟାନମାନ ସଂଗ୍ରହ କରି ପ୍ରତିଭାଶାଳୀ କବିମାନେ ସ୍ୱୀୟ କୌଶଳ ପ୍ରଦର୍ଶନ କରିଅଛନ୍ତି ଏବଂ ବିଭିନ୍ନ ଚରିତ୍ରର ବର୍ଣ୍ଣନା ଦ୍ୱାରା ନିଜର ଜ୍ଞାନ-ଗରିମାର ପରିଚୟ ମଧ୍ୟ ପ୍ରଦାନ କରିଛନ୍ତି । ଭଞ୍ଜ-ସାହିତ୍ୟରେ ପୁରାଣର ପ୍ରଭାବ ଅତ୍ୟନ୍ତ ଅଧିକ ।

## ଈଶ୍ୱର ବିଶ୍ୱାସ : ଆଧ୍ୟାତ୍ମିକ ଚିନ୍ତାର ବୀଜବପନ—

ଭାରତୀୟ ପୁରାଣ-ସାହିତ୍ୟର ଯେତେ ଯେତେ ବିଶେଷତ୍ୱ ବିଦ୍ୟମାନ, ତାହା ମଧ୍ୟରେ ନିମ୍ନଲିଖିତ କେତୋଟି ବିଷୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚିତ ହୋଇଥାଏ । ଯଥା :—

(କ) ଗଭୀର ଈଶ୍ୱର ବିଶ୍ୱାସ । (୧)

(ଖ) ଈଶ୍ୱରଙ୍କୁ ପାଇବା ଲାଗି ବିଭିନ୍ନ ମାର୍ଗରେ ଉପାସନା । (୨) ଭକ୍ତିମାର୍ଗ ବିଶେଷ ଉପାଦେୟ ଓ ଜନପ୍ରିୟ ।

(ଗ) ଜୀବନର ଚରମ ଉତ୍କର୍ଷ ମୁକ୍ତି ସିନା—ଧର୍ମ, ଅର୍ଥ କିମ୍ବା କାମ ନୁହେ ।

(ଘ) ଜନ୍ମାନ୍ତରବାଦ ଓ ଭାଗ୍ୟବାଦ ।

ଭାରତର ସର୍ବଶ୍ରେଷ୍ଠ ମହାଗ୍ରନ୍ଥ ହେଉଛି 'ବେଦ' । 'ବେଦ'ର ଅନ୍ତର୍ନିହିତ ତତ୍ତ୍ୱମାନଙ୍କୁ ଜନସାଧାରଣଙ୍କ ଭିତରେ ପ୍ରଚାର କରି, ସେମାନଙ୍କୁ କର୍ମଯୋଗରେ, ଭକ୍ତିଯୋଗରେ କିମ୍ବା ଜ୍ଞାନଯୋଗରେ ଉପାସକ କରାଇବା ହେଉଛି ପୁରାଣମାନଙ୍କର ଏକ ମହନୀୟ ଲକ୍ଷ୍ୟ । ଭାରତୀୟମାନଙ୍କୁ ପୃଥିବୀର ବହୁ ପଣ୍ଡିତ ଏକ ଦାର୍ଶନିକ ମହାଜାତି ରୂପେ ଅଭିହିତ କରି ଯାଇଅଛନ୍ତି । ଏହି ନାମକରଣ ମୂଳରେ ଯଦିଓ ଭାରତ ପ୍ରତି ସମ୍ମାନର ସଙ୍କେତ ରହିଛି, ତଥାପି ଏଥିରେ ଭାରତୀୟ ମହାଜାତୀୟ

---

(୧) ସମସ୍ତ କାବ୍ୟରେ ଏକ ବା ଏକାଧିକ ଦେବଦେବୀଙ୍କ ପ୍ରତି ଭକ୍ତିଭାବ ପ୍ରଦର୍ଶିତ ।

(୨) ଏହା କେବଳ ରାମ, କୃଷ୍ଣ, ଶିବ, ଶକ୍ତି ପ୍ରଭୃତିଙ୍କ ଚରିତ ବିଷୟକ କାବ୍ୟ ପ୍ରତି ପ୍ରଯୁଜ୍ୟ ।

ଜୀବନର ଗୋଟିଏ ଦୁର୍ବଳତା ମଧ୍ୟ ପ୍ରକାଶ ପାଉଅଛି । ତାହା ହେଉଛି, ଭାରତୀୟ ଜୀବନରେ ବାସ୍ତବ ଓ ବୈଷୟିକ ଜୀବନ ପ୍ରତି ଲୋକମାନଙ୍କ ପରାଙ୍ମୁଖତା । ଭାରତରେ ବ୍ରିଟିଶ ଶାସନ କାଳରେ ଏହି ଅପୂର୍ଣ୍ଣ ସତ୍ୟ ସମ୍ବନ୍ଧୀୟ ମତକୁ ଦୃଢ଼ ଭାବରେ ପ୍ରଚାର କରାଯାଇଥିଲା । ଏପରି କି, ଭାରତର ଶିକ୍ଷିତ ସମାଜ ମଧ୍ୟ ନିଜର ସଂସ୍କୃତି ଏବଂ ପରମ୍ପରା ପ୍ରତି ବୀତଶ୍ରଦ୍ଧ ହୋଇ ଉଠିଥିଲେ ।

ପ୍ରକୃତ କଥା ହେଉଛି, ଜୀବନ-ସମ୍ଭୋଗକୁ ଭାରତ ଏକମାତ୍ର ସତ୍ୟରୂପେ ଗ୍ରହଣ କରି ନାହିଁ କିମ୍ବା ଧର୍ମକୁ (୧) ଈଶ୍ୱର ସମ୍ପର୍କ ସମ୍ବନ୍ଧୀୟ ଏକମାତ୍ର ସଂକୀର୍ଣ୍ଣ ଦୃଷ୍ଟିକୋଣରୁ କେବେହେଲେ ବିଚାର କରି ନାହିଁ । ଭାରତବର୍ଷ ଦୃଢ଼ରୂପେ କହୁଛି—

"ଧର୍ମାର୍ଥକାମାଃ ସମମେବସେବ୍ୟାଃ
ଯସ୍ତ୍ୱେକସେବୀ ସନରୋଜଘନ୍ୟଃ ।"

ଅର୍ଥାତ୍ ଧର୍ମ, ଅର୍ଥ, କାମ ଓ ମୋକ୍ଷ—ଏହି ଚାରି ଗୋଟିଯାକ ମାନବର ସେବ୍ୟ । ସେଥିପାଇଁ ମନସ୍ତତ୍ତ୍ୱ ଦୃଷ୍ଟିରୁ, ତଥା ମାନବିକ ପ୍ରବୃତ୍ତିମାନଙ୍କର କ୍ରମବିକାଶ ପ୍ରତି ଲକ୍ଷ୍ୟ ରଖି ଭାରତବର୍ଷ ବ୍ରହ୍ମଚର୍ଯ୍ୟ, ଗୃହୀ, ବାନପ୍ରସ୍ଥ ଏବଂ ଭିକ୍ଷୁ—ଏହି ଚାରି ଭାଗରେ ଜୀବନକୁ ବିଭକ୍ତ କରିଅଛି (୨) । ଧର୍ମକୁ ମାନବର ବ୍ୟାପକ କର୍ତ୍ତବ୍ୟ ଅର୍ଥରେ ଏହି ପବିତ୍ର ଭାରତ ଭୂମିରେ ଚିରକାଳ ବ୍ୟାଖ୍ୟାନ କରାଯାଇଅଛି । କିନ୍ତୁ ବିଦେଶୀ ଶିକ୍ଷା ଓ ସଭ୍ୟତାର ରଥ-ଚକ୍ର ତଳେ ଏହି ଭାରତୀୟ ଆଦର୍ଶ ପରମ୍ପରା ଧୂଳିସାତ୍ ହୋଇ ଯାଇଛି କହିଲେ ଚଳେ । ଆଜି ପ୍ରାଦେଶିକ ସାହିତ୍ୟମାନଙ୍କର ମଧ୍ୟଯୁଗୀୟ ପରମ୍ପରା ବିଚାର କଲାବେଳେ ଏହି କଥାଗୁଡ଼ିକୁ ମନେ ପକାଇଦେବାକୁ ହେବ ।

ଓଡ଼ିଶାର ମଧ୍ୟଯୁଗୀୟ କବିମାନେ ମଧୁର ରସ, ଶୃଙ୍ଗାର ରସ ଓ ଅନ୍ୟ ରସମାନଙ୍କର ପରିବେଷଣ ଛଳରେ ଦେହଚର୍ଚ୍ଚା ଓ ବିଷୟ ସମ୍ଭୋଗର ଚିତ୍ର

---

(୧) 'ଧର୍ମ'କୁ **Religion** ବୋଲି ଏବେ ବୁଝାଯାଉଅଛି । କିନ୍ତୁ ନିଜ ପ୍ରତି, ଦେଶ ପ୍ରତି ଓ ମାନବସମାଜ ପ୍ରତି ମାନବର ଯାହା କର୍ତ୍ତବ୍ୟ, ତାହା ହିଁ ଧର୍ମ ।

(୨) **Sanatana Dharma—Chapter-VI.**

ବ୍ୟାପକ ଭାବରେ ପ୍ରଦାନ କରିଅଛନ୍ତି । କିନ୍ତୁ ତହିଁ ସଙ୍ଗେ ସଙ୍ଗେ ପାଠକମାନଙ୍କ କାନରେ ଏହି ଉପଦେଶ ଦେବାକୁ ଚେଷ୍ଟା କରିଛନ୍ତି—"ହେ ପାଠକ ! ତୁମେ ସୁସ୍ଥ ହୁଅ, ତୁମେ ସବଳ ହୁଅ, ତୁମେ ଶିକ୍ଷିତ ହୁଅ; କିନ୍ତୁ ଏହି ପରିଦୃଶ୍ୟମାନ ଜଗତର ଅନ୍ତରାଳରେ ଏବଂ ଅଲକ୍ଷିତରେ ଯେଉଁ ବିରାଟ ଐଶୀଶକ୍ତି ଚିର-ଜାଗ୍ରତ ରହିଅଛି, ତାହାକୁ ଭୁଲ ନାହିଁ । ମନୁଷ୍ୟର ନିଜର କର୍ମ ହେଉଛି ତାହାର ସୁଖ-ଦୁଃଖର କାରଣ । ଏହି ଜୀବନରେ ଯଦି ତୁମେ ଦୁଃଖ ପାଉଛ, ତେବେ ତୁମେ ଏ କଥା ବୁଝିବା ଉଚିତ ଯେ, ତୁମର ଅପକର୍ମ ବା ଦୁଷ୍କୃତିର ଫଳ ହିଁ ତୁମେ ଭୋଗ କରୁଛ । ଇହ-ଜୀବନକୁ ଏବଂ ପରବର୍ତ୍ତୀ ଜୀବନକୁ ତୁମେ ଯଦି ସୁଖମୟ ଓ ମଙ୍ଗଳମୟ କରିବାକୁ ଚାହଁ, ତାହାହେଲେ ଇହ-ଜୀବନକୁ ଧର୍ମ ମାର୍ଗରେ, ନ୍ୟାୟ ମାର୍ଗରେ ଓ ଶାସ୍ତ୍ର ମାର୍ଗରେ ପରିଚାଳିତ କରିବାକୁ ଚେଷ୍ଟା କର । ନିଜର ବାହୁବଳକୁ କେବେହେଲେ ଦୈବଶକ୍ତିଠାରୁ ଅଧିକ ବୋଲି ଭାବ ନାହିଁ ।"

କହିବା ବାହୁଲ୍ୟ ଯେ, ଏହା ହିଁ ହେଉଛି ଭାରତବର୍ଷୀୟ ସଂସ୍କୃତିର ସାରମର୍ମ । ଆଜିର ଏହି ଜଡ଼ବିଜ୍ଞାନ ଯୁଗରେ ମନୁଷ୍ୟର ଅନ୍ତରରୁ ଆଧ୍ୟାତ୍ମିକ ଚିନ୍ତା ଧୀରେ ଧୀରେ ବିଦୂରିତ ହୋଇ ଯାଉଛି । ଆଜି ସାହିତ୍ୟ ଭିତରେ କଳା କୌଶଳକୁ ହିଁ ମୁଖ୍ୟ ସ୍ଥାନ ଦିଆଯାଇ, ତହିଁରୁ ଏହି ଆତ୍ମଚେତନାକୁ ବାହାର କରି ନେବାର ମଧ୍ୟ ଉଦ୍ୟମ ହେଉଛି । ଇନ୍ଦ୍ରିୟସର୍ବସ୍ୱ ଭୋଗ ଓ ତୃଷ୍ଣା ପରିପୂର୍ଣ୍ଣ ଆଧୁନିକ ସଭ୍ୟତା ଯେଉଁମାନଙ୍କର ଉପାସ୍ୟ, ସେମାନଙ୍କର ଦୃଷ୍ଟିରେ ହୁଏ ତ ଭାରତର ଆଧ୍ୟାତ୍ମିକ ସଂସ୍କୃତି ମାନବର ଏକାନ୍ତ କାମ୍ୟ ନୁହେ । କିନ୍ତୁ ବିଶ୍ୱ ସଂସ୍କୃତିର ଇତିହାସରେ ଭାରତୀୟ ସଂସ୍କୃତିର ତଥା ଆଧ୍ୟାତ୍ମିକ ଚେତନାର ଯେଉଁ ମହନୀୟତା ରହିଅଛି, ସେ ଦୃଷ୍ଟିରୁ ଆଜିର ଦୁନିଆଁରେ ମଧ୍ୟ ମଧ୍ୟଯୁଗ ଓଡ଼ିଆ ସାହିତ୍ୟର ଏହି ଦିଗଟି ଏକାନ୍ତ ମହତ୍ତ୍ୱପୂର୍ଣ୍ଣ ।

**ସାମାଜିକ ଚେତନା —**

'ସାହିତ୍ୟ' ଶବ୍ଦର ଆକ୍ଷରିକ ବା ତାତ୍ତ୍ୱିକ ଅର୍ଥ (୧) ଯାହା ହେଉ ପଛେ, ବର୍ତ୍ତମାନ ଯୁଗରେ ତାହାର ଏକ ନୂତନ ବ୍ୟାଖ୍ୟାନ କରାଯାଉଛି । ଏହି ବ୍ୟାଖ୍ୟାନରେ ସମାଜ ସହିତ ସାହିତ୍ୟର ଗତିଶୀଳତା ପ୍ରତିପାଦିତ ହୋଇଥାଏ । ଅନ୍ୟ ଭାବରେ କହିଲେ, ସମାଜକୁ ସୁସ୍ଥ, ସୁନ୍ଦର, ସବଳ ଓ ପ୍ରଗତିଶୀଳ

(୧) କାବ୍ୟ ପ୍ରକାଶ ( ଓ: ସା: ଏକାଡେମୀ ) ପୃ-୧୦

ସାହିତ୍ୟରେ ଉପାଦାନ ରହିଥିବା ଆବଶ୍ୟକ । ଏହା ଏକ ମାଡବାପା ମନୋବୃତ୍ତିରୁ ସମୁଦ୍ଭୂତ ହୋଇଛି ବୋଲି ମଧ୍ୟ କୁହାଯାଇପାରେ । ପୃଥିବୀର ସମସ୍ତ ମହାକବି ବାଣୀଙ୍କର ଆଶୀର୍ବାଦ ଲାଭ କରି ଧରାଧାମକୁ ଆସିଥାଆନ୍ତି । ସମାଜକୁ ବିଭ୍ରଷ୍ଟ, ବିଭ୍ରାନ୍ତ, ବିପାକ୍ତ, ବିକଳାଙ୍ଗ କିମ୍ବା ବିପର୍ଯ୍ୟସ୍ତ କରିବା ନିମନ୍ତେ ଭାରତୀପୁତ୍ରମାନେ କେବେହେଲେ ଉଦ୍ୟମ କରି ନାହାନ୍ତି । ତେବେ, ସେମାନଙ୍କର ଆଦର୍ଶ ବା ଆଭିମୁଖ୍ୟରେ ଅଭିନ୍ନତା କିମ୍ବା ଏକରୂପତା ପ୍ରକଟିତ ହୋଇ ନ ଥାଏ । ମାନବର ରୁଚି ହେଉଛି, ଅନନ୍ତ ପରିସ୍ଥିତି ମଧ୍ୟଦେଇ ସେ ତାହାର ଜୀବନ ନିର୍ବାହ କରିବ । ଦେଶାଚାର, ଲୋକାଚାର, କୁଳାଚାର ଓ ବ୍ୟକ୍ତିଗତ ଅଭିପ୍ରାୟ ପ୍ରଭୃତିର ବିଭିନ୍ନ-ମୁଖୀ ବିବେଚନା, ସାହିତ୍ୟ-ସାଧକର ସୃଷ୍ଟି-ଉପବନରେ ବିଭିନ୍ନ ପ୍ରକାରର ପୁଷ୍ପ ବିକଶିତ କରାଇଥାଏ । ତଥାପି ଏ କଥା ସତ୍ୟ ଯେ, ସ୍ୱ ସ୍ୱ ଦୃଷ୍ଟିକୋଣରୁ ସମାଜକଲ୍ୟାଣ-କାମନା ପ୍ରକାଶ କରିବାକୁ ସେମାନଙ୍କର ଆନ୍ତରିକତା ଏକାବେଳକେ ଅତଳସ୍ପର୍ଶୀ । ଏହି ସାର୍ବଜନୀନ ସତ୍ୟର ବ୍ୟତିକ୍ରମ ସ୍ଥଳ-ବିଶେଷରେ ହୁଏ ତ ସଙ୍ଘଟିତ ହେଲା ପରି ପ୍ରତିଭାତ ହୋଇପାରେ । ତଥାପି, ସମ୍ବେଦନଶୀଳ ଓ ସୁହୃଦୟ ସମୀକ୍ଷକର ବିଚାର-ଆଲୋକ ଏହି କ୍ଷେତ୍ରରେ କବିଙ୍କ ମହତ୍ତ୍ୱ ପ୍ରତିପାଦନ କରାଇବାକୁ ବୋଧହୁଏ ଅସମର୍ଥ ହେବ ନାହିଁ ।

ମଧ୍ୟଯୁଗ ଓଡ଼ିଆ ସାହିତ୍ୟରେ ମୁଖ୍ୟତଃ ଦୁଇ ପ୍ରକାର ବିଷୟବସ୍ତୁ ଦେଖାଯାଏ । ଗୋଟିକରେ, ଦେବଦେବୀଙ୍କର ବିଚିତ୍ର ଲୀଳା-ବିଳାସ, ଅନ୍ୟଟିରେ ମାନବିକ ପ୍ରେମଲୀଳାର ପ୍ରଚଣ୍ଡ ତାଣ୍ଡବ । ପ୍ରଥମଟିରେ କୃଷ୍ଣ, ଜଗନ୍ନାଥ, ମହାଦେବ କିମ୍ବା ସେମାନଙ୍କର ଚରିତ ସମ୍ପୃକ୍ତ ପୌରାଣିକ ଆଖ୍ୟାନ-ଉପାଖ୍ୟାନମାନଙ୍କର ଲୋକୋତ୍ତର ଭାବପ୍ରବାହ; ଦ୍ୱିତୀୟଟିରେ ରାଜା-ରାଣୀ, ରାଜକୁମାର-ରାଜକୁମାରୀଙ୍କ ମିଳନ-ବିଚ୍ଛେଦ, ଜୀବନ ସମ୍ଭୋଗ ପ୍ରଭୃତିର ବିସ୍ତୃତ ରୂପାୟନ । ବିଷୟବସ୍ତୁ ଯାହା ହେଉ ପଛେ, ସମାଜକୁ ଧର୍ମ ଭାବରେ ଉଦ୍‌ବୁଦ୍ଧ କରିବା ଏବଂ ସଂଯମ ସାଧନାରେ ଅନୁପ୍ରାଣିତ କରିବା ଓଡ଼ିଶାର ମହାକବିମାନଙ୍କର ମହାଲକ୍ଷ୍ୟ । ନାରୀର ପାତିବ୍ରତ୍ୟ (୧), ପୁରୁଷର ଦାମ୍ପତ୍ୟ ଜୀବନରେ ଏକନାରୀବ୍ରତ, ସଦାଚାରର ଅବଲମ୍ବନରେ ସାମାଜିକ ଜୀବନ ଯାପନ, କର୍ମନିଷ୍ଠା ଦ୍ୱାରା ଲକ୍ଷ୍ୟସିଦ୍ଧି ଲାଗି ପ୍ରୟାସ—ଏହିସବୁ ହେଉଛି ମଧ୍ୟଯୁଗୀୟ ଓଡ଼ିଆ କବିମାନଙ୍କର ସାମାଜିକ

(୧) ଲାବଣ୍ୟବତୀ—୨।୫୨

ଚେତନାର ବଶିଷ୍ଟ ଓ ବଳିଷ୍ଠ ପ୍ରମାଣ । ମାନବ ଜୀବନକୁ ପୂର୍ଣ୍ଣାଙ୍ଗ କରିବା ଦିଗରେ ଯେଉଁସବୁ ଉଦାର ଗୁଣାବଳୀ ଆବଶ୍ୟକ, ସେ ସବୁର ପ୍ରତିଫଳନ ଲାଗି କବିମାନେ ଅଳ୍ପ ପ୍ରୟାସ କରି ନାହାନ୍ତି । ପିତୃଭକ୍ତି, ମାତୃଭକ୍ତି, ଗୁରୁ ସେବା, ମିତ୍ରତା, ସହନଶୀଳତା, ଧୈର୍ଯ୍ୟଶୀଳତା, ଲଜ୍ଜାଶୀଳତା, ପୌରୁଷ ପ୍ରଭୃତି ଗୁଣାବଳୀ ନାରୀ ତଥା ପୁରୁଷ ଲାଗି ଯେଉଁଠାରେ ଯେଉଁପରି ଆବଶ୍ୟକ, ସେଠାରେ କବିମାନେ ନିଜ ନିଜର ବିବେଚନା ଅନୁସାରେ ସେ ସବୁ ପ୍ରଦାନ କରି ଯାଇଛନ୍ତି ।

## ରସଚର୍ଚ୍ଚା–

ସରସ୍ୱତୀ ହେଉଛନ୍ତି 'ନବରସରୁଚିରା' (୧) । ବିଶ୍ୱବିଧାତାଙ୍କ ସୃଷ୍ଟିରେ ଛଅ ରସ ପ୍ରସିଦ୍ଧି ଲାଭ କରିଥିବାରୁ ନଅ ରସର ପ୍ରତିଷ୍ଠାତାଙ୍କୁ ସାହିତ୍ୟ-ସମାଲୋଚକମାନେ ଉଚ୍ଚତର ଆସନ ପ୍ରଦାନ କରିଛନ୍ତି । ମଧ୍ୟଯୁଗ ଓଡ଼ିଆ ସାହିତ୍ୟରେ କିନ୍ତୁ ଆଦିରସର ସମଧିକ ପ୍ରକାଶ ଦ୍ୱାରା ଅନ୍ୟ ରସଗୁଡ଼ିକ ଆବୃତ, ଆଚ୍ଛାଦିତ ହୋଇ ଯାଇଛନ୍ତି । ଯଦିଓ କବିସମ୍ରାଟ୍ ଉପେନ୍ଦ୍ର ଭଞ୍ଜ 'ସୁଭଦ୍ରା ପରିଣୟ'ରେ ଲେଖିଛନ୍ତି (୨)—

"ସପ୍ତଭରିଣ ପଦେ ପୂରିତ ବୀର କାରୁଣ୍ୟ ହାସ୍ୟ ଅଦ୍ଭୁତ
ବୀଭତ୍ସ ଭୟାନକ ସୁଶାନ୍ତ ରୌଦ୍ର ଶୃଙ୍ଗାର ଯେ ।"

ତଥାପି, ଏ କଥା ମୁକ୍ତ କଣ୍ଠରେ ସ୍ୱୀକାର କରିବାକୁ ପଡ଼ିବ ଯେ, ଶୃଙ୍ଗାର ଏବଂ କରୁଣ ରସ ତୁଳନାରେ ଅନ୍ୟ ରସମାନେ ଏକାନ୍ତ ଗୌଣ ହୋଇପଡ଼ିଛନ୍ତି । ମଧ୍ୟଯୁଗର ସାହିତ୍ୟିକ-ରସଚର୍ଚ୍ଚା ସମ୍ପର୍କରେ ଏହା ଏକ ଅଭିଯୋଗ ରୂପେ ପ୍ରକାଶ ପାଇଆସୁଛି ।

କିନ୍ତୁ ଏ ସ୍ଥଳରେ ସୂଚାଇ ଦେବା ଦରକାର ମନେ ହେଉଛି, ସମଗ୍ର ଭାରତୀୟ ସାହିତ୍ୟରେ ଶୃଙ୍ଗାର, ବୀର ଓ କରୁଣ—ଏହି ତିନୋଟି ରସ ହିଁ

(୧) 'କାବ୍ୟପ୍ରକାଶ'ର ମୂଳ ଶ୍ଳୋକ ।

(୨) ସୁଭଦ୍ରା ପରିଣୟ— ୬ଷ୍ଠ ଛାନ୍ଦ–୩୭ ପଦ ।

ଶ୍ରେଷ୍ଠ ସ୍ଥାନ ଲାଭ କରିଅଛି । ଗୀତଗୋବିନ୍ଦରେ ବୀର ରସର ଚିହ୍ନ ନାହିଁ ବୋଲି (୧) କବିଙ୍କ ଉପରେ ଦୋଷାରୋପ କରିବା ସଙ୍ଗେ ସଙ୍ଗେ ଗୀତ-ଗୋବିନ୍ଦର ଅପକର୍ଷ ପ୍ରଖ୍ୟାପନ ଉଦ୍ୟମ ସହିତ ମଧ୍ୟଯୁଗୀୟ ରସଚର୍ଚ୍ଚା ବିଷୟକ ଉପରୋକ୍ତ ମନ୍ତବ୍ୟ ଯଥାର୍ଥ ଭାବରେ ତୁଳନୀୟ । ହାସ୍ୟ, ଅଦ୍ଭୁତ, ରୌଦ୍ର, ଭୟାନକ ପ୍ରଭୃତି ମଧ୍ୟ ସ୍ଥାନେ ସ୍ଥାନେ ସମାବେଶିତ ହୋଇଅଛି । ରସମାନଙ୍କ ମଧ୍ୟରେ ଶୃଙ୍ଗାର ରସ ସର୍ବଶ୍ରେଷ୍ଠ ରୂପେ ଗୃହୀତ ହୋଇଅଛି । ବିଶିଷ୍ଟ ଆଳଙ୍କାରିକମାନେ କାବ୍ୟ କ୍ଷେତ୍ରରେ ଶୃଙ୍ଗାର ରସର ଅସାଧାରଣ ଉପାଦେୟତା ଉଦ୍‌ଘୋଷିତ କରି ଯାଇଛନ୍ତି (୨) । ଶୃଙ୍ଗାର ରସ ସାଧାରଣ ଲୋକ ଚିତ୍ତକୁ ସହଜରେ ଆକୃଷ୍ଟ କରେ । ଏହାକୁ ତିକ୍ତ ଔଷଧ ବଟିକାର ସୁମିଷ୍ଟ ଆବରଣ ରୂପେ ବର୍ଣ୍ଣନ କରାଯାଇପାରେ । ସାହିତ୍ୟ ରସ ପରିବେଷଣ କେବଳ ରସଭୋଗ ନିମନ୍ତେ କରାଯାଇ ନ ଥାଏ । ଏହାର ପ୍ରକୃତ ଓ ପ୍ରଧାନ ଲକ୍ଷ୍ୟ ହେଉଛି ଚତୁର୍ବର୍ଗ ଫଳ ପ୍ରାପ୍ତି ଲାଗି ସାଧାରଣ ପାଠକ ନିମନ୍ତେ ପ୍ରଶସ୍ତ ମାର୍ଗର ଉଦ୍‌ଘାଟନ । ସେଥିପାଇଁ, ସାହିତ୍ୟରେ ଶୃଙ୍ଗାର ରସର ଲୋଭନୀୟ ପ୍ରାଚୁର୍ଯ୍ୟ ମଧ୍ୟରେ ସାଧାରଣ ଜନମାନସକୁ ନିମଜ୍ଜିତ କରି, ଅନ୍ତର୍ନିହିତ ନୀତି ଓ ଆଦର୍ଶ ଦିଗରେ ସେମାନଙ୍କୁ ଅନୁପ୍ରେରିତ କରିବା ହେଉଛି କାବ୍ୟକଳାର ଚରମ ଓ ପରମ ବିଶେଷତ୍ୱ । ସାହିତ୍ୟ ପ୍ରଭୁସମ୍ମିତ ବାଣୀ ନୁହେ କିମ୍ବା ମିତ୍ରସମ୍ମିତ ବାଣୀ ନୁହେଁ; ଏହା ହେଉଛି କାନ୍ତାସଂମିତ ବାଣୀ (୩) । ଏହି ପୃଷ୍ଠପଟ ଉପରେ ମଧ୍ୟଯୁଗ ଓଡ଼ିଆ ସାହିତ୍ୟକୁ ବିଚାର କଲେ, ନବରସ ପରିବେଷଣରେ ଯେଉଁ ପରିମାଣଗତ ତାରତମ୍ୟ ପରିଲକ୍ଷିତ ହୁଏ, ତାହା କଦାପି ଅସ୍ୱାଭାବିକ ନୁହେଁ, ଏ କଥା ପ୍ରତିଭାତ ହେବ ।

## ସର୍ବଭାରତୀୟ ଭାବ —

ବର୍ତ୍ତମାନ ଯୁଗରେ ବେଳେ ବେଳେ ପ୍ରାଦେଶିକ ସଂକୀର୍ଣ୍ଣତା ଜନମାନସକୁ ବିଷମୂର୍ଚ୍ଛିତ କରିଦିଏ । ମାତ୍ର ତାହାର ପ୍ରତିଷେଧକ ଔଷଧ ମଧ୍ୟଯୁଗ ଓଡ଼ିଆ ସାହିତ୍ୟରେ କମ୍ ଦେଖିବାକୁ ମିଳେ ନାହିଁ । ଓଡ଼ିଶାର ଶ୍ରେଷ୍ଠ ଦେବତା ଜଗନ୍ନାଥ

---

(୧) କବିଙ୍କ ଉକ୍ତି—ସବୁ ଶୃଙ୍ଗାର ବିବେକସାର । (ଗୀତଗୋବିନ୍ଦ ୧୨।୨୮)

(୨) ସରସ୍ୱତୀ କଣ୍ଠାଭରଣରେ ଭୋଜରାଜଙ୍କ ଉକ୍ତି—'ଶୃଙ୍ଗାରୀ ଚେତ୍ କବିଃ' ।

(୩) ପ୍ରତାପରୁଦ୍ରୀୟ—୧।୮ ।

ସମଗ୍ର ଭାରତୀୟ ସଂସ୍କୃତିର ଏକ ବିଶିଷ୍ଟ ପ୍ରକାଶ । ଭାରତରେ କେତେ ଧର୍ମ, କେତେ ମତ, କେତେ ପଥ ଯେ ପ୍ରବର୍ତ୍ତିତ ହୋଇଅଛି, ତାହାର ସୀମା ନାହିଁ । ଭାରତର ଦେବପୀଠ ବା ଦେବୀପୀଠଗୁଡ଼ିକ ଗୋଟିଏ ଗୋଟିଏ ଧର୍ମମତ ସଙ୍ଗେ ଦୃଢ଼ ଭାବେ ସଂଶ୍ଳିଷ୍ଟ ହୋଇଯାଇଛି । କିନ୍ତୁ ଆମର ଜଗନ୍ନାଥଙ୍କୁ ନେଇ କୌଣସି ନିଜର ଧର୍ମମତ ସଙ୍ଗେ କୌଣସି ଧର୍ମପ୍ରବର୍ତ୍ତକ କିମ୍ବା ମତବାଦ, ଏକାନ୍ତ ଓ ଅତ୍ୟନ୍ତ ଭାବରେ ସଂଶ୍ଳିଷ୍ଟ କରି ପାରି ନାହାନ୍ତି । ସେଥିପାଇଁ ଜଗନ୍ନାଥ ହେଉଛନ୍ତି ସମସ୍ତଙ୍କର—ସମଗ୍ର ହିନ୍ଦୁ-ଜଗତର ଅପ୍ରତିଦ୍ୱନ୍ଦୀ ଉପାସ୍ୟ ଦେବତା । ସେହି ଦୃଷ୍ଟିରୁ, ମଧ୍ୟଯୁଗ ଓଡ଼ିଆ ସାହିତ୍ୟରେ ସମଗ୍ର ଭାରତକୁ ଏକ ସୂତ୍ରରେ ଗ୍ରଥିତ କରିବା ଲାଗି କବିମାନଙ୍କର ପ୍ରୟାସ ପ୍ରକାଶ ପାଇଛି । ରାମ, କୃଷ୍ଣ, ଏପରି କି ମହାଦେବ, ଭୈରବ ତଥା ବୁଦ୍ଧଦେବ ମଧ୍ୟ ଜଗନ୍ନାଥଙ୍କର ବିରାଟ ବପୁ ମଧ୍ୟରେ ସ୍ଥାନଲାଭ କରିଅଛନ୍ତି । ସେଉଁ ସମୟରେ ଜାତୀୟ ଜୀବନରେ ଧର୍ମର ପ୍ରଭାବ ଥିଲା ଅତ୍ୟଧିକ, ସେତେବେଳେ ଓଡ଼ିଆ କବିମାନଙ୍କର ଏହି ପ୍ରଚେଷ୍ଟା କିପରି ଗୁରୁତ୍ୱସମ୍ପନ୍ନ ଥିଲା ତାହା ବୁଝାଇ ବସିବା ଅନାବଶ୍ୟକ ।

କେବଳ ଦେବତାଙ୍କ ନୁହେଁ, ପୌରାଣିକ ଚରିତ ହେଉ କିମ୍ବା କାଳ୍ପନିକ ଚରିତ ହେଉ, କବିମାନେ ସେ ସବୁ ଚରିତ ଉପରେ ଯେଉଁ କାବ୍ୟ ଲେଖିଛନ୍ତି, ତହିଁରେ ସମଗ୍ର ଭାରତକୁ ଦେଖିବାକୁ ଓ ଜାଣିବାକୁ ବ୍ୟଗ୍ରତା ସୃଷ୍ଟି କରିଛନ୍ତି । କାହିଁ ସିଂହଳ, କାହିଁ ଶ୍ରୀନଗର, କାହିଁ କାମରୂପ, କାହିଁ ବା କେରଳ, କାହିଁ ବଦରିକାଶ୍ରମ, କାହିଁ ବା ଦକ୍ଷିଣ-ଭାରତର ଚନ୍ଦନ କାନନ— ସ୍ଥାନେ ସ୍ଥାନେ ସୁବିଧା ସୁଯୋଗ ଅନୁସାରେ କବିମାନେ ସେ ସବୁର ବର୍ଣ୍ଣନା କରିଅଛନ୍ତି । ଭାରତର ବହୁରୂପା ପ୍ରକୃତି, ନଦ ନଦୀ, ଗିରିଦରୀ, ବନ ଉପବନ ପ୍ରଭୃତି କାବ୍ୟ ମଧ୍ୟରେ ସ୍ଥାନଲାଭ କରି ସେ ସବୁ ଜାଣିବା ଲାଗି, ସେମାନଙ୍କ ସଙ୍ଗେ ସମ୍ପର୍କ ସ୍ଥାପନ କରିବା ଲାଗି, ପାଠକମାନଙ୍କୁ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ପ୍ରେରଣା ପ୍ରଦାନ କରିଥାଆନ୍ତି । ବୈଷମ୍ୟ ମଧ୍ୟରେ ସାମ୍ୟ ଅନୁଭୂତ ହୁଏ ଯେଉଁ ଭାରତୀୟ ସଂସ୍କୃତି, ତାହାର ରୂପରେଖ ଜାଣିବା ପାଇଁ ମଧ୍ୟଯୁଗ ଓଡ଼ିଆ ସାହିତ୍ୟରେ ଉପାଦାନର ନ୍ୟୂନତା ଆଦୌ ଉପଲବ୍ଧ ହୁଏ ନାହିଁ ।

## ରାଜଧର୍ମ ଓ ଶାସନ ଶୃଙ୍ଖଳା—

ଭାବସମ୍ପଦ ଭରା ମଧ୍ୟଯୁଗ ଓଡ଼ିଆ ସାହିତ୍ୟର ଅନ୍ୟ ଅନେକ ଦିଗକୁ ମଧ୍ୟରୁ ଆଜ ଗୋଟିକୁ ଉପସ୍ଥାପନ କରାଯାଇପାରେ । ଆଜକାଲି ଗ୍ରାମୀଣ

ଜାଗରଣ ଓ ଜନତାର ସଂଗଠିତ ଉଦ୍ୟମ କାଳରେ କେହି କେହି ପ୍ରଶ୍ନ କରିଥାନ୍ତି—"ମଧ୍ୟଯୁଗର କବିମାନେ ଦେବଦେବୀଙ୍କୁ ଓ ରାଜା ରାଣୀଙ୍କୁ ନାୟକରେ ସମ୍ବଳ କରି ବିପୁଳ ପାଣ୍ଡିତ୍ୟ, ରସିକତା ଓ କଳାତ୍ମଭୂମିଁ ଦେଖାଇଛନ୍ତି ସତ୍ୟ; କିନ୍ତୁ ଜନତାର କରୁଣ କ୍ରନ୍ଦନ ସେମାନଙ୍କ କର୍ଣ୍ଣକୁହରରେ କ'ଣ ପ୍ରବେଶ କରୁ ନ ଥିଲା ? ସେମାନଙ୍କ ସମୟରେ ଓଡ଼ିଶାର ରାଜନୈତି ଶାସନର ଅପାରଗତା, ଅପାର୍ଥ୍ୟତା ତଥା ଅସଙ୍ଗତି କ'ଣ ନ ଥିଲା ? ଏହାସତ୍ତ୍ୱେ କବିମାନେ ଦେଶର ସାଧାରଣ ଲୋକଙ୍କ ପାଇଁ ପଦେ ହେଲେ କହିନାହାନ୍ତି କାହିଁକି ?"

ଏହାର ଉତ୍ତର ଦେବାକୁ ଗଲାବେଳେ ମନେ ପକାଇ ଦେବାକୁ ହେବ ଯେ, କୃଷ୍ଣ ଅଧିକେ ସମଗ୍ର ଭାରତର କବିମାନେ ଯେଉଁପରି ଭଙ୍ଗୀ, କ୍ରମ ବା ଆଦର୍ଶରେ କାବ୍ୟ-କବିତା ଲେଖୁଥିଲେ, ଓଡ଼ିଶାର କବିମାନେ ମଧ୍ୟ ସେହିପରି ଲେଖୁଥିଲେ । ଦ୍ୱିତୀୟ କଥା, ପାଶ୍ଚାତ୍ୟ ଜଗତରେ ଯାନ୍ତ୍ରିକ ବିପ୍ଳବ ଘଟିବା ପରେ ଏବଂ ଦେଶରେ ଇଂରାଜୀ ଶିକ୍ଷାର ପ୍ରସାର ଘଟିବା ପରେ ତଥା ଭାରତର ମୁକ୍ତି-ସଂଗ୍ରାମ ଲାଗିବା ପରେ, ଆଜିର କବିଙ୍କ ମନରେ ଜନତାର ଦାବୀ ସମ୍ପର୍କରେ ଯେଉଁ ଚିନ୍ତା ଜାଗ୍ରତ ହେଉଅଛି, ସେହି ଚିନ୍ତା ମଧ୍ୟଯୁଗରେ ନ ଥିଲା । ତେବେ, ଏହା ହେଉଛି ଏକ ଆତ୍ମରକ୍ଷାମୂଳକ ତଥା ପ୍ରତିରୋଧକ ବିବେଚନା । ଅନ୍ୟ ଦିଗରୁ ଦେଖିଲେ ମଧ୍ୟ, ଜନତା-ଦାବୀର ଦରବାରରେ ମଧ୍ୟଯୁଗର କବିମାନଙ୍କୁ ଉଚ୍ଚ ଆସନ ଦେବା ପାଇଁ ଚିତ୍ତସଙ୍କୋଚନର ଅବକାଶ ରହିବ ନାହିଁ । କବିମାନେ କାବ୍ୟ ଲେଖୁଥିଲେ, ଭାରତୀୟ ପରମ୍ପରାର ସୁଦୃଢ଼ ଅନୁସରଣ କରି । କିନ୍ତୁ ଯେଉଁଠାରେ ଅବକାଶ ପାଇଛନ୍ତି, ଜନତାର ପୀଡ଼ାଦାୟକ କୁ-ଶାସନ ବିରୁଦ୍ଧରେ ତର୍ଜ୍ଜନୀ ଉତ୍ତୋଳନ କରିବାକୁ କୁଣ୍ଠାବୋଧ କରି ନାହାନ୍ତି । ଅଭିମନ୍ୟୁ ସାମନ୍ତ ସିଂହାର 'ବିଦଗ୍ଧ ଚିନ୍ତାମଣି'ରେ ଏକ ପକ୍ଷରେ ସୂର୍ଯ୍ୟାସ୍ତ ଓ ଅପର ପକ୍ଷରେ ଚନ୍ଦ୍ରୋଦୟ ବର୍ଣ୍ଣନା କରି (ଭଞ୍ଜଙ୍କ ଅନୁସରଣରେ) ଲେଖିଛନ୍ତି—

"ଦିନକୁ କଲେ ବିନାଶ ବାରୁଣୀରେ ହେଲେ ବଶ
ତରଣୀ ଦ୍ୱିଦୋଷ ହେତୁ ସିନ୍ଧୁମଜ୍ଜନ ।
ଦ୍ୱିଜ ତାପ ବିନାଶନ ଭାମସକୁଳ ଖଣ୍ଡନ
ପୁଣ୍ୟରୁ ମାନ ପାଇଲେ ବିଧୁ ବନ୍ଦନ ।" (୧)

---

(୧) ବିଦଗ୍ଧ ଚିନ୍ତାମଣି, ୩୦।୨

ଖରାବେଳେ ସୂର୍ଯ୍ୟ ଆମର ମୁଣ୍ଡ ଉପରେ; ସେ ଥିଲେ ଦିବାକର, ଦିନନାଥ । ଲୋକେ ତାଙ୍କୁ ପୂଜା କରୁଥିଲେ । ମାତ୍ର ସନ୍ଧ୍ୟାବେଳେ ସେ ଦିନକୁ ହତ୍ୟା କଲେ । ସେ ପୂର୍ବ ଯାଇ 'ବାରୁଣୀ'ରେ ଆଶ୍ରୟ ନେଲେ । ଧର୍ମ ସହିଲା ନାହିଁ । ବିଧାତା ନେଇ ସୂର୍ଯ୍ୟଙ୍କୁ ସମୁଦ୍ରରେ ବୁଡ଼ାଇଦେଲା ।

ଜନତାର କବି ଅଭିମନ୍ୟୁ ନିଜ ଚତୁର୍ଦ୍ଦିଗରେ ଅଗଣିତ ଜନତାର ଦୁଃଖ ଦେଖି ଅଶ୍ରୁପାତ କରିଛନ୍ତି । ସୂର୍ଯ୍ୟଙ୍କର ଏତାଦୃଶ ଦଶା ବର୍ଣ୍ଣନା କରି ଶ୍ଳେଷ ଅଳଙ୍କାରର ମନୋଜ୍ଞ ଆବରଣ ତଳେ ତତ୍କାଳୀନ ସରକାର (ଶାସକ)ଙ୍କୁ ଏବଂ ସବୁ ଦେଶର ତଥା ସବୁ କାଳର ଦୁର୍ନୀତିଗ୍ରସ୍ତ ସରକାରଙ୍କୁ ସଜାଗ କରାଇଲା ପରି କହିଛନ୍ତି—'ହେ ଶାସକ ! ସାବଧାନ, ତୁମେ ଯଦି ଏ ଭଳି ଭାବରେ ରାଜ୍ୟ ଶାସନ କର, ଯାହା ଫଳରେ ଗରିବ (ଦିନ) ଲୋକେ କଷ୍ଟ ପାଇବେ, ବିନଷ୍ଟ ହେବେ, ଆଉ ତୁମେ ଯଦି ଶାସକ ପଦରେ ବସିରହି ମଧ୍ୟ ମଦ୍ୟାସକ୍ତ (ବାରୁଣୀ) ଓ ମଉଜ ମଜଲିସରେ ଦିନ କଟାଇବ, ତେବେ ତୁମକୁ ଧର୍ମ ସହିବ ନାହିଁ । ସେଥିପାଇଁ ତୁମେ ତୁମର କର୍ତ୍ତବ୍ୟ ଏ ଭଳି ଭାବରେ ସମ୍ପାଦନ କର, ଯାହାଦ୍ୱାରା ଗରିବ ଲୋକମାନେ କଷ୍ଟ ପାଇବେ ନାହିଁ—ଗରିବ ହୋଇ ରହିବେ ନାହିଁ । କାରଣ, ସେମାନଙ୍କର ଗରିବତା ହିଁ ତୁମକୁ ସୁଯୋଗ ଦେଉଛି, ସେମାନଙ୍କୁ ବିନଷ୍ଟ କରିବା ଲାଗି ।' (୧)

କବିସମ୍ରାଟ୍ ଉପେନ୍ଦ୍ର ଭଞ୍ଜ ତାଙ୍କର ସର୍ବାଧିକ ଜନପ୍ରିୟ ପ୍ରେମକାବ୍ୟ 'ଲାବଣ୍ୟବତୀ'ରେ ଲେଖିଛନ୍ତି—ରାଜା (ଶାସକ ବା ସରକାର) ଏ ଭଳି ଭାବରେ ଶାସନ କରିବା ଉଚିତ, ଯାହା ଫଳରେ ଦେଶରେ ଗୃହହୀନ ଓ ବସ୍ତ୍ରହୀନ ହୋଇ କେହି ରହିବେ ନାହିଁ । 'ଲାବଣ୍ୟବତୀ' କାବ୍ୟର ନାୟକ, ରାଜକୁମାର ଚନ୍ଦ୍ରଭାନୁ ରାଜା ହେଉ ହେଉ କ'ଣ କଲେ, ସେ କଥା ବର୍ଣ୍ଣନା କରି ଉପେନ୍ଦ୍ର ଭଞ୍ଜ ଲେଖିଛନ୍ତି—

"ସେ ନରବର ପାଳିବାର ଦେଶ
ନୋହିଲା ଆଉ ମିଥ୍ୟା ବକାଶ

(୧) ଦ୍ରଷ୍ଟବ୍ୟ—ଭଞ୍ଜଙ୍କ ନିର୍ବାଚନ ଇସ୍ତାହାର—'ଇଏ ମଧ୍ୟ ଭଞ୍ଜ-ସାହିତ୍ୟ' ।

ଦିବସ ନାମରେ ଦିନ ରହିଲା
ଦିନକୁ ଦଣ୍ଡ ଆଶ୍ରୟ କଲା ।"

( ଲାବଣ୍ୟବତୀ—୪ର୍ଥ ଛାନ୍ଦ)

ଅର୍ଥାତ୍ ସର୍ବପ୍ରଥମେ ଶାସନ ସଂସ୍ଥାରେ ଥିବା ମିଥ୍ୟାଚାର ବା ଦୁର୍ନୀତିର ମୂଳୋତ୍ପାଟନ କରାଗଲା । ଦ୍ୱିତୀୟରେ, ରାଜ୍ୟରେ ଯେତେ ଗରିବ ଲୋକ ଥିଲେ, ସେ ସମସ୍ତଙ୍କର ଗରିବତା ଦୂର କରି ଦିଆଗଲା । ଆମ ଦେଶରେ ଯେଉଁ ଲୋକ ଗରିବ ବୋଲି ପରିଚିତ, ଯାହାର ରହିବାକୁ ଠାବ ନାହିଁ, ପେଟକୁ ଦାନା ନାହିଁ କି ପିଠିକୁ କନା ନାହିଁ । କବି ସମାଜରୁ ଏହି ଦୁରବସ୍ଥା ଦୂର କରିବାକୁ ସୂଚନା ଦେଇଛନ୍ତି ମାତ୍ର ।

ମଧ୍ୟଯୁଗ ଓଡ଼ିଆ ସାହିତ୍ୟର ଗିରିକନ୍ଦରରେ ଏ ଭଳି ଜନତାବାଦୀ, ସମ୍ବେଦନଶୀଳ ସ୍ୱଚ୍ଛ ଉତ୍ସମାନ ଅଛି ବୋଲି ଜାଣିବା ପରେ ମଧ୍ୟ, ଯଦି କେହି ତହିଁରେ ଅବଗାହନ କରିବାକୁ ଅନିଚ୍ଛୁକ ରହେ, ଚତୁର୍ମୁଖ ବ୍ରହ୍ମା ମଧ୍ୟ ତାହାର ଚିତ୍ତରେ ପରିବର୍ତ୍ତନ ଆଣିବାକୁ ନିଜର ଅସହାୟତା ଜ୍ଞାପନ କରିବେ । ଏପରି ସ୍ଥଳେ, ଯେତେ ସୁଯୋଗ୍ୟତା ବିରହିତ ହେଲେ ମଧ୍ୟ, ମଧ୍ୟଯୁଗ ଓଡ଼ିଆ ସାହିତ୍ୟର ଜଣେ ଅନୁରାଗୀ ପାଠକ ଭାବରେ ଏହି 'ଏକମୁଖ ବ୍ରହ୍ମା' (୧) ଏ କ୍ଷେତ୍ରରେ ନିଜର ଅସହାୟତା ପ୍ରକାଶ କରିବା ଏକାନ୍ତ ସ୍ୱାଭାବିକ ।

## ନୀତିବାଦୀ ସମାଲୋଚକଙ୍କ ତର୍ଜନୀ ସଂକେତ—

"ସାହିତ୍ୟ ଜାତୀୟ-ଜୀବନର ଆଶା ଓ ଆକାଙ୍କ୍ଷାର ବହିଃପ୍ରକାଶ । କେଉଁଠାରେ, କେଉଁ ନିଭୃତ ହୃଦୟରେ, କେଉଁ ଭାବ, କେଉଁ ଆଶା, କେଉଁ ଆକାଙ୍କ୍ଷା ଉଦିତ ହେଲା, ତାହା କିଏ ଜାତି ମଧ୍ୟରେ ଗୁରିଆଣ୍ଡେ ବ୍ୟାପ୍ତ କରେ ? ଜାତୀୟ-ଜୀବନରେ, ବିଶେଷ ବିଶେଷ ସ୍ଥଳରେ, ନବ ନବ ଆଶା ଓ ଆକାଙ୍କ୍ଷା ଜାଗ୍ରତ ହେଲାବେଳେ, ସାହିତ୍ୟ ନାନା ମୂର୍ତ୍ତି ପରିଗ୍ରହ କରି ଜନସାଧାରଣଙ୍କ ନିକଟରେ ଉପସ୍ଥିତ ହୁଏ । ଏହି ସାହିତ୍ୟ କେତେବେଳେ ବଜ୍ରନିର୍ଘୋଷରେ ଜାତୀୟ ଆକାଙ୍କ୍ଷାକୁ ସମସ୍ତଙ୍କ ସମ୍ମୁଖରେ ଉପସ୍ଥାପିତ କରେ ଏବଂ ଲକ୍ଷ ଲକ୍ଷ

---

(୧) ଏହି ଲେଖକର ଉପନାମ 'ବ୍ରହ୍ମା' । ଶହ ଶହ ସଭାରେ ଧନ୍ୟବାଦ ଅର୍ପଣ ବେଳେ ଏହି ଲେଖକ 'ଏକମୁଖ ବ୍ରହ୍ମା' ରୂପେ ହିଁ ଅଭିହିତ ହୋଇଥାଏ ।

ପ୍ରାଣରେ ମୋହ ଓ ଜଡ଼ତା ମୁହୂର୍ତ୍ତକେ ବିନାଶ କରିଦିଏ । ପୁଣି କେତେବେଳେ ଏହି ସାହିତ୍ୟ ଭୀଷଣ ଆଗ୍ନେୟଗିରି ତୁଲ୍ୟ ଚତୁର୍ଦ୍ଦିଗରେ ଅଗ୍ନିସ୍ଫୁଲିଙ୍ଗ ସଞ୍ଚାଳନ କରି, ସମୁଦାୟ ଅତ୍ୟାଚାର, ଅନାଚାରକୁ ଭସ୍ମୀଭୂତ କରି ପକାଏ । କେତେବେଳେ ବା ଏହି ସାହିତ୍ୟ କଳାଦେବୀ ରୂପରେ ସ୍ୱର୍ଗରୁ ଅବତୀର୍ଣ୍ଣ ହୋଇ, ସୁଧାଧାର ବର୍ଷଣ କରି, ଅଗଣ୍ୟ ସନ୍ତପ୍ତ ପ୍ରାଣକୁ ଶାନ୍ତ ଓ ସୁଶୀତଳ କରେ । ସମସ୍ତ ଉନ୍ନତ ଜାତିମାନଙ୍କର ଓ ଉନ୍ନତ ଯୁଗର ସାହିତ୍ୟ ଆଲୋଚନା କଲେ, ସାହିତ୍ୟର ଏବଂବିଧ ବିଚିତ୍ର ମୂର୍ତ୍ତି ଦେଖି ହୃଦୟ, ମନ ବିମୋହିତ ହୋଇଯାଏ । ଅତଏବ, ଜାତୀୟ-ସାହିତ୍ୟ ଜାତୀୟ-ଜୀବନର ଆକାଙ୍‌କ୍ଷାର ବହିରାକୃତି, ଆଶାର ବହିଃପ୍ରକାଶ । ଆମ୍ଭମାନଙ୍କର ପ୍ରାଚୀନ ସାହିତ୍ୟ-ଭଣ୍ଡାର ଆମ୍ଭେମାନେ ଉତ୍ତମ ରୂପେ ଅନୁସନ୍ଧାନ କରି ଦେଖି ନାହୁଁ । ଗୋଟିଏ ଉନ୍ନତ ଜାତିର ସାହିତ୍ୟ ମଧ୍ୟରେ ନାନା ଭାବର ବିକାଶ ସହଜରେ ଅନୁମାନ କରାଯାଇପାରେ । ମାତ୍ର କାବ୍ୟକଳା ଛଡ଼ା ଆଉ ଅଧିକ କିଛି ଆମ୍ଭମାନଙ୍କର ଦୃଷ୍ଟିପଥରେ ପଡ଼ି ନାହିଁ-- ତାହା ପୁଣି ପ୍ରଧାନତଃ ଆଦିରସାତ୍ମକ । ଅବଶ୍ୟ ପୁରାଣାଦିର ଅନୁବାଦ ସ୍ୱତନ୍ତ୍ର କଥା । ମାତ୍ର ପ୍ରାଚୀନ ଉତ୍କଳରେ ଶୌର୍ଯ୍ୟ, ବୀର୍ଯ୍ୟ, ଶିଳ୍ପ, ରାଜନୀତି ପ୍ରଭୃତିର ବିଶେଷ ବିକାଶ ହୋଇଥିଲା, ଏହା ସର୍ବବାଦୀସମ୍ମତ । ସୁତରାଂ, ଉପଯୁକ୍ତ ଅନୁସନ୍ଧାନ ଫଳରେ କାଳକ୍ରମେ ଉକ୍ତ ବିଷୟମାନଙ୍କରେ ପ୍ରାଚୀନ ରଚନାମାନ ପ୍ରକାଶିତ ହେବାର ଆଶା କରାଯାଇପାରେ ।" (୧)

ଭଞ୍ଜ-ସାହିତ୍ୟର କଠୋର ନୀତିବାଦୀ ସମାଲୋଚକ ବାଗ୍ମୀ-ପ୍ରବର ବିଶ୍ୱନାଥ ଏ ଯେଉଁ ତର୍ଜ୍ଜନୀ ସଂକେତ ଦେଇ, ସାହିତ୍ୟ-ପାଠକଙ୍କୁ ଗଭୀର ଭାବରେ ଅନୁସନ୍ଧିତ୍ସୁ ହେବା ପାଇଁ ପରାମର୍ଶ ଦେଇଅଛନ୍ତି, ତାହା ଅଧିକରୁ ଅଧିକ କାର୍ଯ୍ୟକାରୀ ହେବା ଦରକାର ।

---

(୧) ବିବିଧ ପ୍ରବନ୍ଧ (୧୯୫୧), ପୃ-୧୮୨-୮୩

# ଭଞ୍ଜ-ଜୀବନୀ

ଉପେନ୍ଦ୍ର ଭଞ୍ଜଙ୍କର ଜୀବନୀ ଏ ପର୍ଯ୍ୟନ୍ତ ପୂର୍ଣ୍ଣ ଭାବରେ, ଏପରିକି ଚଳନୀୟ ଭାବରେ ମଧ୍ୟ ସଙ୍କଳିତ ହୋଇପାରି ନାହିଁ । ଯାହା କିଛି ସଙ୍କଳିତ ହୋଇଅଛି, ସେ ସବୁ ପ୍ରାୟଶଃ କିମ୍ବଦନ୍ତୀ ଉପରେ ପ୍ରତିଷ୍ଠିତ । ଆଜିକାଲି ଯୁଗରେ ଲିଖିତ ପ୍ରମାଣ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଥାଏ । ସୁତରାଂ, କେବଳ କିମ୍ବଦନ୍ତୀମୂଳକ ଜୀବନୀ ସଙ୍କଳନ କିମ୍ବା ସଂଗଠନ ଯୁଗାଦର୍ଶର ଅନୁରୂପ ନ ହେବା ହିଁ ସ୍ୱାଭାବିକ । ତଥାପି, କିମ୍ବଦନ୍ତୀ ଏକାନ୍ତ ଅମୂଳକ ନୁହେଁ । ଓଡ଼ିଶାର ପ୍ରସିଦ୍ଧ ଐତିହାସିକ ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ମତରେ—"କିମ୍ବଦନ୍ତୀକୁ ଇତିହାସର ଗୋଟିଏ ଅପରିହାର୍ଯ୍ୟ ଉପାଦାନ ବୋଲି ସମସ୍ତ ଐତିହାସିକ ସ୍ୱୀକାର କରିଛନ୍ତି (୧) ।" ଏହା ହେଉଛି ଅଡ଼ୁଆ ସୂତା । ତାକୁ ଅଡ଼ୁଆ ସୂତା ବୋଲି ଫିଙ୍ଗିଦେବା ଠିକ୍ ହେବ ନାହିଁ । ସେହି ସୂତାକୁ ସିଧାସଳଖ କରି ପାରିଲେ, ତାକୁ ବସ୍ତ୍ରବୟନରେ ବ୍ୟବହାର କରାଯାଇ ପାରିବ । ଇତିହାସର ଆଧାର ଭିତ୍ତିରେ କିମ୍ବଦନ୍ତୀଗୁଡ଼ିକୁ ବ୍ୟବହାର କରାଯାଇ, ଯେତେଦୂର ସମ୍ଭବ, ଭଞ୍ଜ-ଜୀବନୀ ସଂଗଠନ କରାଯାଇପାରେ ।

(୧) ଇତିହାସ ଓ କିମ୍ବଦନ୍ତୀ—ମୁଖବନ୍ଧ ।

## ପଚିଶ ଗୋଟି ପର୍ଯ୍ୟାୟରେ ଭଞ୍ଜ-ଜୀବନୀର ବିବରଣ—

ଏହି ପରିଚ୍ଛେଦରେ ଭଞ୍ଜଙ୍କର ଜୀବନୀ ଆଲୋଚନା କରାଯାଉଛି । ସୁବିଧା ଦୃଷ୍ଟିରୁ ନିମ୍ନଲିଖିତ କ୍ରମ ଅବଲମ୍ବନ କରାଯାଇଛି—

୧ । ଭଞ୍ଜଙ୍କର ଜନ୍ମସ୍ଥାନ ଓ ଜନ୍ମକାଳ ।
୨ । ଭଞ୍ଜଙ୍କର ରୂପ-କଳ୍ପନା; ପ୍ରତିକୃତି ।
୩ । କବିଙ୍କର ଆତ୍ମ-ବିବରଣୀ ( ଭଞ୍ଜ-ସାହିତ୍ୟରେ )
୪ । ନିଜର ରଚନା ସମ୍ପର୍କୀୟ ବିବରଣୀ ।
୫ । ବାଲ୍ୟଶିକ୍ଷା ଓ ଉଚ୍ଚାଙ୍ଗ ଅଧ୍ୟୟନ ।
୬ । ଧନଞ୍ଜୟ ଭଞ୍ଜଙ୍କ ସସ୍ନେହ ନିର୍ଦ୍ଦେଶ; ସାଧନାର ପଥେ ।
୭ । ରାମତାରକ ମନ୍ତ୍ର ସିଦ୍ଧି; କେଉଁଠାରେ ଓ କେବେ ?
୮ । ତୀର୍ଥାଟନ—ଗୁରୁଧାମର ସ୍ମାରକ ଗୁରେଟି କାବ୍ୟ ।
୯ । ଓଡ଼ିଶାରେ ଓଡ଼ିଆ ଭାଷାର ଗୌରବ ପ୍ରତିଷ୍ଠା ।
୧୦ । ଦିଗ୍‌ବିଜୟ ଅଭିଯାନ—ବାରାଣସୀରେ ବିଜୟ ଲାଭ ।
୧୧ । ପାରିବାରିକ ଜୀବନ ।
୧୨ । ଦାମ୍ପତ୍ୟ ଜୀବନ ।
୧୩ । ରାଜ୍ୟରୁ ବିତାଡ଼ନ ।
୧୪ । କବିତ୍ୱର ଉଦ୍‌ଗମ ।
୧୫ । ସାହିତ୍ୟ ସର୍ଜନା ।
୧୬ । କବିତ୍ୱ ପରୀକ୍ଷା; ସମସ୍ୟା ପୂରଣ ।
୧୭ । ଶ୍ରୀକ୍ଷେତ୍ରରେ ଅବସ୍ଥାନ ।
୧୮ । ସେ ଥିଲେ ଦ୍ୱାଦଶାବଧାନୀ ।
୧୯ । ଓଡ଼ଗାଁ ରଘୁନାଥ ମନ୍ଦିର ଓ ଭଞ୍ଜ ।
୨୦ । ଭଞ୍ଜ ଓ ଦୀନକୃଷ୍ଣଙ୍କ ସାକ୍ଷାତ୍‌କାର ।
୨୧ । ଭଞ୍ଜ ଓ ବଙ୍ଗଳାର କବି ଭାରତ ଚନ୍ଦ୍ର ।
୨୨ । ଭଞ୍ଜଙ୍କ ଉପାଧି—ବୀରବର ଓ ମହାରାଜ ।
୨୩ । ଭଞ୍ଜ "ନୃପତି" ଥିଲେ କି ?
୨୪ । ଭଞ୍ଜ କେତେ ବର୍ଷ ଜୀବିତ ଥିଲେ ?
୨୫ । କେଉଁଠାରେ ଭଞ୍ଜଙ୍କର ଦେହାନ୍ତ ହୋଇଥିଲା ?

୨୬ । ଭଞ୍ଜଙ୍କର ନାଟ୍ୟ ସଙ୍ଗୀତ ନିର୍ଦ୍ଦେଶନା ।
୨୭ । ଭଞ୍ଜ ନ ଥିଲେ ଆଜିର ଜଗନ୍ନାଥ ମନ୍ଦିର ନ'ଥାନ୍ତା କି ?
୨୮ । ଭଞ୍ଜଙ୍କର ବିବିଧ ଭାଷାଜ୍ଞାନ ।
୨୯ । କବିଙ୍କର ସଂସ୍କୃତ ରଚନା !
୩୦ । ଭଞ୍ଜଙ୍କର ଚରିତ୍ର ।

ସାମାନ୍ୟ ପ୍ରାରମ୍ଭିକ ସୂଚନା ସହିତ ଏଗୁଡ଼ିକୁ ବର୍ତ୍ତମାନ ଏକାଦିକ୍ରମେ ଆଲୋଚନା କରାଯାଉ ।

## ଭଞ୍ଜଙ୍କର ଜୀବନୀ—ଉପାଦାନର ସ୍ୱଳ୍ପତା

### ଭାରତରେ ପ୍ରାମାଣିକ ଇତିହାସର ଅଭାବ—

ଭାରତବର୍ଷରେ ଐତିହାସିକ ଚେତନା ଅତ୍ୟଳ୍ପ ବୋଲି ବୈଦେଶିକମାନେ ଆକ୍ଷେପ କରିଥାଆନ୍ତି । ଏପରି କି ଯେଉଁ ଜର୍ମାନ୍ ପଣ୍ଡିତ **Max Muller** ସଂସ୍କୃତ ସାହିତ୍ୟକୁ ବିଶ୍ୱ ବକ୍ଷରେ ପ୍ରଚ୍ଛରିତ କରି ଅମର ଗୌରବ ଲଭି କରିଅଛନ୍ତି, ସେ ମଧ୍ୟ ଭାରତବର୍ଷରେ ଐତିହାସିକ ଜ୍ଞାନ ଦୈନ୍ୟ କଥା ଉଦ୍‌ଘୋଷିତ କରି ଯାଇଛନ୍ତି । ଏହାସତ୍ତ୍ୱେ ପ୍ରସିଦ୍ଧ ପଣ୍ଡିତ **A. Stein** 'ରାଜତରଙ୍ଗିଣୀ'ର ମୁଖବନ୍ଧରେ ଏବଂ ବିଶ୍ୱବିଖ୍ୟାତ ପ୍ରାଚ୍ୟତତ୍ତ୍ୱବିତ୍ **H. H. Wilson** ତଦୀୟ ବାୟୁ ପୁରାଣ ଅନୁବାଦର ମୁଖବନ୍ଧରେ ଦୃଢ଼ମତ ବ୍ୟକ୍ତ କରିଅଛନ୍ତି ଯେ, ଯଦିଓ ଆଧୁନିକ ୟୁରୋପ ପରି ଭାରତ ଐତିହାସିକ ତଥ୍ୟ ସଂଗ୍ରହ କରି ନାହିଁ, ତଥାପି, ଭାରତରେ ଐତିହାସିକ ତଥ୍ୟ ପ୍ରତି ଆଦୌ ଦୃଷ୍ଟି ଦିଆଯାଇ ନ ଥିଲା ବୋଲି କହିବା ଆଦୌ ଠିକ୍ ହେବ ନାହିଁ (୧) । ଏ ସମ୍ପର୍କରେ **Weber**ଙ୍କ ମତ ଗଣ୍ୟ ।

### ଭାରତୀୟ କବିମାନେ ଆତ୍ମପ୍ରଶଂସାର ପ୍ରିୟ ନ ଥିଲେ—

ଐତିହାସିକ ବିବରଣୀର ଅଭାବ ଦୃଷ୍ଟିରୁ ଭାରତର କବିମାନଙ୍କ ସମ୍ପର୍କରେ ଗୋଟିଏ କଥା କୁହାଯାଇପାରେ । ତାହା ହେଉଛି, ସେମାନଙ୍କର ଆତ୍ମଗୌରବ ପ୍ରତିଷ୍ଠା ପ୍ରତି ବୈମୁଖ୍ୟ ବା ଆଗ୍ରହଶୂନ୍ୟତା । ଆଜିକାଲି କବିଙ୍କର

(୧) **History of Indian Literature**—Weber. p. 2 6

ସାମାନ୍ୟତମ କାର୍ଯ୍ୟର ବିବରଣୀ ଖବର କାଗଜରେ ଓ ପୁସ୍ତିକା, ସ୍ମରଣିକା, ବୁଲେଟିନ୍ ପ୍ରଭୃତି ଦ୍ୱାରା ପ୍ରଚାର କରାଯାଇ ଆତ୍ମଶ୍ଳାଘା ଓ ଆତ୍ମପ୍ରତିଷ୍ଠା ଅନୁଭବ କରାଯାଉଅଛି । କିନ୍ତୁ ଆମ୍ଭମାନଙ୍କର ପୂର୍ବପୁରୁଷମାନଙ୍କର ଆତ୍ମଗ୍ଳାନି ଓ ଆତ୍ମପ୍ରଶଂସା ଅପେକ୍ଷା ନିଜର ସାଧନା ଦ୍ୱାରା ଜୀବନର ସଂଶୋଧନ ହିଁ ଅଧିକତର ବରଣୀୟ ଥିଲା । ସେହି କାରଣରୁ ବାଲ୍ମୀକି, କାଳିଦାସ ପ୍ରଭୃତି କବିମାନଙ୍କର ଆତ୍ମବିବରଣୀ ଲିପିବଦ୍ଧ ହୋଇ ନାହିଁ ଏବଂ ସେମାନଙ୍କର ପରିଚୟ ନେଇ ଘୋରତର ମତମତାନ୍ତର ପ୍ରକାଶ ପାଉଛି ।

## ଭଞ୍ଜଙ୍କ କଥା ସ୍ୱତନ୍ତ୍ର : ତାଙ୍କର ସାମାନ୍ୟ ଲିଖିତ ବିବରଣୀ ଉପଲଭ୍ୟ—

ତେବେ ଭଞ୍ଜଙ୍କର ପରିଚୟ ଅନ୍ୟ ଅନେକ ଓଡ଼ିଆ କବିଙ୍କ ତୁଳନାରେ ଟିକିଏ ଅଧିକ ପରିମାଣରେ ଉପଲଭ୍ୟ । ଓଡ଼ିଶାର ଆଦି ମହାକବି ସାରଳା ଦାସ କୋଣାର୍କ ଅଞ୍ଚଳରେ ଜନ୍ମ ହୋଇଥିଲେ କି କଟକ ଜିଲ୍ଲାରେ ଜନ୍ମ ହୋଇଥିଲେ, ସେ ଜାତିରେ ଶୂଦ୍ର ଥିଲେ କି ବ୍ରାହ୍ମଣ ଥିଲେ (୧), ଇତ୍ୟାଦି ସମ୍ପର୍କରେ ଯେଉଁ ମତମତାନ୍ତର ପ୍ରକାଶ ପାଉଛି, ସେ ଭଳି ମତ ଭଞ୍ଜଙ୍କ ସମ୍ପର୍କରେ ପ୍ରକାଶ ପାଏ ନାହିଁ ବା ପାଇ ନାହିଁ । ହୁଏ ତ 'ଭଞ୍ଜ' ଉପାଧିଧାରୀମାନେ ମୟୂରଭଞ୍ଜ, କେନ୍ଦୁଝର, ଘୁମୁସର ପ୍ରଭୃତିରେ ଥିବାରୁ, ଏହି ଉପେନ୍ଦ୍ର ଭଞ୍ଜଙ୍କୁ ଘୁମୁସର ବ୍ୟତୀତ ଅନ୍ୟ ଭଞ୍ଜବଂଶର ବୋଲି ଦାବୀ ହେବା ସମ୍ପର୍କରେ ଅବକାଶର ସମ୍ଭାବନା ମଧ୍ୟ ଥିଲା—ଅନ୍ୟ ବହୁ କବିଙ୍କର ଏବଂବିଧ ସ୍ଥିତି ବିଚାରରେ । କିନ୍ତୁ ତାହା ହୋଇ ନାହିଁ । ବଳଭଦ୍ର ଭଞ୍ଜଙ୍କର 'ଭାବବତୀ' କାବ୍ୟ କେଉଁ ରାଜ୍ୟର 'ଭଞ୍ଜ' ବଂଶର ସର୍ଜନା, ଏ ସମ୍ପର୍କରେ ଏ ଯାଏ ମତମତାନ୍ତର ପ୍ରକାଶ ପାଇ ଆସିଛି । ଭଞ୍ଜଭୂମି ଗଞ୍ଜାମର ଲେଖକ ତାରିଣୀ ଚରଣ ରଥଙ୍କ ମତରେ ଏହି 'ବଳଭଦ୍ର ଭଞ୍ଜ' ଘୁମୁସରର ରାଜା । ସୁତରାଂ ପ୍ରଥମ ଓଡ଼ିଆ କାବ୍ୟ 'ଭାବବତୀ' ଘୁମୁସରର ଅବଦାନ (୨) । କିନ୍ତୁ କେନ୍ଦୁଝର ରାଜାଙ୍କ ପୃଷ୍ଠପୋଷକତାରେ, ସେଠାରେ ବହୁକାଳ ଅବସ୍ଥାନ କରିଥିବା ପଣ୍ଡିତ ବାନାମ୍ବର ଆଚାର୍ଯ୍ୟ

(୧) ଉତ୍ତର, ୧୯୬୬ ଏପ୍ରିଲ ସଂଖ୍ୟା ।

(୨) ଉତ୍କଳ ସାହିତ୍ୟର ଇତିହାସ, ପୃ-୩-୪ ।

କହନ୍ତି, "ତାରିଣୀ ବାବୁଙ୍କ ମତ ଠିକ୍ ନୁହେ । କାରଣ, ବଳଭଦ୍ର ଭଞ୍ଜ କେନ୍ଦୁଝରର ଜଣେ ରାଜା ହିଁ ହୋଇଥିବା ସମ୍ଭବପର (୧) । ଶେଷରେ, ମୟୂରଭଞ୍ଜ ମହାରାଜାଙ୍କ ଆର୍ଥିକ ସାହାଯ୍ୟରେ ଗବେଷଣାନିରତ ଅଧ୍ୟାପକ ବିନାୟକ ମିଶ୍ର କହିଛନ୍ତି, "ବଳଭଦ୍ର ଭଞ୍ଜ ନାମକ ରାଜା ମୟୂରଭଞ୍ଜରେ ଥିଲେ । ତେବେ, ଏ ଘୁମୁସରର ହୋଇପାରନ୍ତି (୨) ।" ଭଞ୍ଜଙ୍କର 'ଭାବବତୀ' (ପ୍ରକାଶିତ) କାବ୍ୟର ଉଲ୍ଲେଖ ତାଙ୍କର 'ଚିତ୍ରକାବ୍ୟ ବନ୍ଧୋଦୟ'ରେ ହିଁ ଦେଖିବାକୁ ମିଳେ । ଟିକିଲି ରାଜାଙ୍କ 'ଭାବବତୀ' କାବ୍ୟ ମଧ୍ୟ ପ୍ରକାଶ ପାଇଛି । ଅଥଚ, ଯେଉଁ 'ଭାବବତୀ' କାବ୍ୟକୁ କେନ୍ଦ୍ର କରି ତାହାର ଜନ୍ମସ୍ଥାନ ନିରୂପଣରେ ମତ-ମତାନ୍ତର ପ୍ରକାଶ ପାଉଛି, ତାକୁ କେହି ଅଦ୍ୟାବଧି ଦେଖି ନାହିଁ ଏବଂ ସେଭଳି ଏକ ପୁରୁଣାକାଳିଆ କାବ୍ୟ ଅଛି କି ନାହିଁ, ଏହା ମଧ୍ୟ ସନ୍ଦେହର କଥା (୩) । ଏ ସ୍ଥଳରେ ଅନେକେ "ଗଣେଶ ହୋସେନ୍ ମରିଗିଯ୍ଯା" ଗଳ୍ପ ସ୍ମରଣ କରି ପାରନ୍ତି । ସୁଖର କଥା, ଭଞ୍ଜଙ୍କର କେତେକ କାବ୍ୟ ସମ୍ପର୍କରେ ଏ ଭଳି ପରିସ୍ଥିତି ଉପୁଜିଥିଲେ ମଧ୍ୟ, ତାଙ୍କର ଜନ୍ମପୀଠ ପ୍ରଭୃତି ସମ୍ବନ୍ଧରେ ସନ୍ଦେହର ଘନାନ୍ଧକାର ଦୂର ହୋଇ ଯାଇଛି । ଯେଉଁଠାରେ ଅନ୍ଧକାରର ଆବରଣ ବିଦ୍ୟମାନ, ତାହା ଯଥାସ୍ଥାନରେ ଉପସ୍ଥାପନ କରାଯାଉଛି । ଭଞ୍ଜଙ୍କର ନିଜସ୍ୱ ବିବରଣୀ ଏ କ୍ଷେତ୍ରରେ ଆମର ପରମ ସହାୟକ ।

## (୧) ଜନ୍ମସ୍ଥାନ ଓ ଜନ୍ମ ସମୟ

ଉପେନ୍ଦ୍ର ଭଞ୍ଜ ଆଜିର ଭଞ୍ଜନଗର ସହରଠାରୁ ମାତ୍ର ଆଠ କିଲୋମିଟର ଦୂରରେ, ପ୍ରସିଦ୍ଧ କୁଲାଡ଼ ଗଡ଼ରେ ଜନ୍ମଗ୍ରହଣ କରିଥିବା କଥା ଏହି

---

(୧) ଅମ୍ବିକା ବିଳାସ, ମୁଖବନ୍ଧ (ବାନାମ୍ବର ଆଚାର୍ଯ୍ୟଙ୍କ ଦ୍ୱାରା ସମ୍ପାଦିତ)

(୨) ଓଡ଼ିଆ ସାହିତ୍ୟର ଇତିହାସ (୧୯୨୮) ପୃ-୨୯

(୩) 'ନିଆଁଖୁଣ୍ଟା'ର ହାସ୍ୟରସିକ ପ୍ରତିଷ୍ଠାତା ସ୍ୱର୍ଗତ ଗୋଦାବରୀଶ ମହାପାତ୍ରେ ଏହି ଲେଖକର ଏହି ବିବରଣୀ ଏକ ଭାଷଣ-ପ୍ରସଙ୍ଗରେ ଶୁଣିବା ପରେ, ହାସ୍ୟଚ୍ଛଳରେ ମଧ୍ୟରେ କହିଥିଲେ, "ମୁଁ ଦେଖୁଛି, 'ଭାବବତୀ' କାବ୍ୟ ଯେଉଁ ପଣ୍ଡିତଙ୍କ ମତରେ ଯେଉଁ ରାଜବଂଶର ହେବ, ସେଉଁ ପଣ୍ଡିତେ ସେହି ରାଜବଂଶ ଅଞ୍ଚଳର ବାସିନ୍ଦା ବା ସାହାଯ୍ୟପ୍ରାପ୍ତ ହୋଇଥିବେ !!"

ଆଲୋଚନାର ପୃ ୧୮-୨୧ ମଧ୍ୟରେ ଦ୍ରଷ୍ଟବ୍ୟ । ପୁଣି ତାଙ୍କର ଜନ୍ମ ଅବ୍ଦ ଓ ଜନ୍ମତିଥି ଅଦ୍ୟାବଧି ଅମୀମାଂସିତ ରହିଥିବାର ବିବରଣୀ ଏହି ଆଲୋଚନାର ପୃ ୧୪-୧୭ ମଧ୍ୟରେ ଦ୍ରଷ୍ଟବ୍ୟ । ବର୍ତ୍ତମାନ ପର୍ଯ୍ୟନ୍ତ ମିଳିଥିବା ଉପାଦାନର ଆଧାର ଉପରେ ତାଙ୍କ ଜନ୍ମାବ୍ଦ ଖ୍ରୀ: ୧୬୭୫-୭୭ ହୋଇଥିବା ଅନୁମିତ ହୁଏ । ନଚେତ୍ ଏହି ଅବ୍ଦ ଆହୁରି ଦୁଇ ତିନି ବର୍ଷ ଏପଟ ବା ସେପଟ ହୋଇପାରେ ।

## (୨) ଭଞ୍ଜଙ୍କ ରୂପ କଳ୍ପନା : ପ୍ରତିକୃତ

ଭଞ୍ଜଙ୍କର ପ୍ରତିମୂର୍ତ୍ତି ଯେନ ଏହି ଆଲୋଚନାର ପୃ ୨୧-୨୪ ଦ୍ରଷ୍ଟବ୍ୟ । ଏହି ଆଲୋଚନା ମୁଦ୍ରିତ ହେଉଥିଲା ବେଳେ ସମ୍ବାଦ ମିଳିଅଛି ଯେ, ଅଯୋଧ୍ୟାନିବାସୀ ଉତ୍କଳୀୟ ସାଧୁ ଏ ଦିଗରେ କିଛି ପ୍ରାମାଣିକ ତଥ୍ୟ ପାଇଛନ୍ତି । ଉପେନ୍ଦ୍ର ଭଞ୍ଜ ଏବଂ ତାଙ୍କର ସାକ୍ଷାତ୍ ଶିଷ୍ୟ ରଘୁବର ଦାସଙ୍କର ଚିତ୍ର ତାଙ୍କର ହସ୍ତଗତ ହୋଇଅଛି । ତାହା ସଂଗ୍ରହ କରାଯାଇ ଉପସ୍ଥିତ କ୍ଷେତ୍ରରେ ବ୍ୟବହାର କରାଯାଇପାରେ । ଧରାକୋଟ ରାଜାଙ୍କ ପୋଥିଚିତ୍ର ସହିତ ଏ ଚିତ୍ର ଯଦି ମିଳିଯାଏ, ତେବେ ସମସ୍ୟା ସମାଧାନର ପନ୍ଥା ସୁଗମ ହୋଇଯିବ ।

## (୩) କବିଙ୍କର ଆତ୍ମ-ବିବରଣୀ

ବର୍ତ୍ତମାନ ପର୍ଯ୍ୟନ୍ତ ଭଞ୍ଜଙ୍କର ଯେଉଁ ପରିଚୟ ଉପଲବ୍ଧ ତାହା ମୋଟାମୋଟି ତିନୋଟି ଆଧାର ଉପରେ ପ୍ରତିଷ୍ଠିତ, ଯଥା—(୧) ସ୍ୱ-କାବ୍ୟ-ମାନଙ୍କରେ କବିଙ୍କର ଆତ୍ମ-ପରିଚୟ, (୨) ଘୁମୁସର ରାଜବଂଶାବଳୀମାନଙ୍କରେ ପ୍ରଦତ୍ତ ବିବରଣୀ ତଥା ଅନ୍ୟାନ୍ୟ ସୂତ୍ରରୁ ଲବ୍ଧ ଉପାଦାନ ଏବଂ (୩) ପ୍ରଚଳିତ ବିବିଧ କିମ୍ବଦନ୍ତୀ । କବିଙ୍କର ସ୍ୱକୀୟ ବିବରଣୀ ତାଙ୍କର ଜୀବନଚରିତ ସମ୍ପର୍କରେ ସର୍ବପ୍ରଥମ ଓ ଗୌରବାବହ ଆସନ ଦାବି କରେ । ବର୍ତ୍ତମାନ ସେହି କଥାଟି ଏଠାରେ ଉପସ୍ଥାପନ କରାଯାଉଛି । ଅନ୍ୟ ଦୁଇଟି କଥା ତାଙ୍କର ଜୀବନୀବିଷୟକ ଏହି ଆଲୋଚନାର ଶେଷଭାଗରେ ଉଲ୍ଲିଖିତ ହେବ ।

କବି ନିଜର କାବ୍ୟମାନଙ୍କରେ ଯେଉଁସବୁ ସ୍ୱକୀୟ ପରିଚୟ ପ୍ରଦାନ କରି-ଅଛନ୍ତି, ସେ ମଧ୍ୟରେ, ଏହି କଥାଟି ସୁସ୍ପଷ୍ଟ ହୋଇ ଉଠିଛି, ଯଥା :—ଘୁମୁସର ରାଜା ରାଜକବି ଧନଞ୍ଜୟ ଭଞ୍ଜ ତାଙ୍କର ପିତାମହ, ନୀଳକଣ୍ଠ ଭଞ୍ଜ ତାଙ୍କର ପିତା ଏବଂ ସେ ନିଜେ ରାମତାରକ ମନ୍ତ୍ରସିଦ୍ଧି ବଳରେ ଅଦ୍ଭୁତ କବିତ୍ୱ ଶକ୍ତିର

ଅଧିକାଂଶ ହୋଇ ପାରିଥିଲେ । ତଳେ ତାଙ୍କ ରଚନାରୁ କେତୋଟି ଗୁରୁତ୍ୱପୂର୍ଣ୍ଣ ଉଦ୍ଧୃତି ପ୍ରଦାନ କରାଯାଉଛି ।

(୧) 'ବୈଦେହୀଶ ବିଳାସ'ରେ ଆତ୍ମ-ପରିଚୟ—

"ବରଶାବଂଶେ ଉଦ୍ଭବ ନୃପ ଧନଞ୍ଜୟ
ବଶିଷ୍ଟ ଧୂମସର ଅଧିପ ଗୁଣାଳୟ ଯେ ।
ବେନ ଅର୍ଥେ ଯେ କବି ଗଣେଶ ବୋଲି ଜାଣ
ବନ୍ଦନ ତଦ୍‌ବତ ତାଙ୍କ ନନ୍ଦନ ପ୍ରମାଣ ଯେ ।
ବସୁଧାପତି ଯେ ନୀଳକଣ୍ଠ ନାମେ ଖ୍ୟାତ
ବଧାନରେ ମୁହିଁ ତାହାଙ୍କର ଜ୍ୟେଷ୍ଠସୁତ ଯେ ।
ବୀରବର ପଦ ଉପେନ୍ଦ୍ର ମୋର ନାମ
ବାରେ ବାରେ ସେବାରେ ମନାଇଁ ସୀତା ରାମ ଯେ ।
ବରଣ କବିଙ୍କ ମାର୍ଗେ ପ୍ରସରିଲା ବୁଦ୍ଧି
ବିରଚିଲି ରାମାୟଣ ଏ ମୋ ବଡ଼ ସିଦ୍ଧି ଯେ ।"

(୨) 'ଲାବଣ୍ୟବତୀ'ରେ ଆତ୍ମ-ପରିଚୟ—

"ଯେ ବଂଶେ ଇଷ୍ଟ ଦୁର୍ଗାଦେବୀ,
ବରଶା-କୋଷରୁ ସମ୍ଭବ ।
ମନୁଷ୍ୟ ଏଥି ଅଦଭୁତ,
ଭଞ୍ଜାନୁଭଞ୍ଜେ ନାମ ସତ ।
ବଶିଷ୍ଠ ବଶିଷ୍ଠ ପାଳକା,
ଶ୍ରୀରାମେ ଭକ୍ତି ଗ୍ରନ୍ଥଟୀକା ।
ସେ କୁଳେ ରାଜା ଧନଞ୍ଜୟ,
ସମସ୍ତ ଗୁଣରେ ନିଳୟ ।
ଘୁମୁସର ଅଧିକ ଭଣେ,
ଲୋକେ ବିଖ୍ୟାତ କବିଗୁଣେ ।
ତଦ୍‌ବତ ତାହାଙ୍କ ତନୁଜ,
ନରେଶ ନୀଳକଣ୍ଠ ଭଞ୍ଜ

ତାହାଙ୍କ ଜ୍ୟେଷ୍ଠ ସୁତ ମୁହିଁ,
ଉପେନ୍ଦ୍ର ଭଞ୍ଜ ନାମ ବହି ।"

(ଖ) 'ରସପଞ୍ଚକ'ରେ ଆତ୍ମ-ପରିଚୟ—

"କାଶ୍ୟପୀକାନ୍ତ ତାହାଙ୍କ ସୁତ,
କୃତଜ୍ଞ ନୀଳକଣ୍ଠ ଭଞ୍ଜ ସୁତ ।
କୁମର ଜ୍ୟେଷ୍ଠ ତାଙ୍କର ଶ୍ରେଷ୍ଠ,
କବିପଣରେ ଅତି ପରନିଷ୍ଠ ।
କାବ୍ୟ ନାଟକ ଅଳଙ୍କାର ଯାକ,
କୋବିଦେ କେବଳ ବୋଲନ୍ତି ଏକ ।
କୋଷାଭିଧାନ ସାକ୍ଷାତ ଜନ,
କବିତ୍ୱ ଛନ୍ଦ ବନ୍ଧେ କେ ସମାନ ।
କଥିତ କୀର୍ତ୍ତି ଗୀତେ ଏ ମତି,
କାଳିଦାସ ବାଣୀ ଓରସ୍ୟ ସ୍ଫୂର୍ତ୍ତି ।
କଳା ପିଙ୍ଗଳ ଶାସ୍ତ୍ର ଅନର୍ଗଳ,
କେତେ ପ୍ରବନ୍ଧେ ପୂରିଲ ଭୂତଳ ।
କୃତକେ ଯଶ ଲୋକ ପ୍ରକାଶ,
କବି ଗର୍ବ-ପର୍ବତକୁ କୁଳିଶ ।
କରୁଣ ଚିତ୍ତେ ପଞ୍ଚବିଧ ଗୀତେ,
କଲି ସାକ୍ଷାତେ ରସିକଙ୍କ ହିତେ ।
କବିତ୍ୱ ହେବ ଯେ ପ୍ରକାଶ ମୋର,
କର ବିବେକ ସୁଧୀ ବିଜ୍ଞବର ।
କବି ସୁହୃଦ ହୃଦ କୁମୁଦ,
କରିବାକୁ ମୋଦ ପୂର୍ଣ୍ଣିମୀ ଚନ୍ଦ ।
କହ ଏପରି ବିସ୍ମର ବିଚାରି,
କୁମତି ମତି ମନେ ମଣାରି ।
କାବ୍ୟ ଦୋଷଦ (?) ଦେବାକୁ ଏ ପଦ,
କଳହକାଣ୍ଡି ଆଶୀର୍ବାଦ ଗଦ ।
କରୁ ସରସ ହୃଦ ବିଦୁଷ,
କର୍ଣ୍ଣିକକରେ ଏ ଗୀତ ନିବାସ ।

କନର୍କ ଭଞ୍ଜ ଉପଇନ୍ଦ୍ର ଭଞ୍ଜ,
ନତରେ ଧ୍ୟାନ ତାଙ୍କ ଚରଣ କଞ୍ଜ ।”

ଏଥିରେ କବି କହିଛନ୍ତି—(କାଳୀ-ସାଧକ ?) ମହାକବି କାଳିଦାସଙ୍କ ପରି ତାଙ୍କ ବଦନରୁ ଅନାୟାସରେ, ଅନର୍ଗଳ ଭାବରେ କବିତାର ସ୍ରୋତ ନିର୍ଗତ ହେଉଥିଲା । ସେ ପୁଣି କଳା-ପିଙ୍ଗଳ ଶାସ୍ତ୍ରରେ ଅନର୍ଗଳ ଥିଲେ ଓ ରାଶି ରାଶି ରଚନା ଦ୍ୱାରା ଏହି ଉତ୍କଳ-ଭୂତଳକୁ ପୂର୍ଣ୍ଣ କରି ଦେଇଥିଲେ ।

## (୪) ନିଜର ରଚନା ସମ୍ପର୍କୀୟ ବିବରଣୀ—

ନିଜର ରଚନା ସମ୍ପର୍କରେ ସେ ତାଙ୍କର ସର୍ବଶେଷ ବିବରଣୀ ଦେଇଅଛନ୍ତି 'ଚିତ୍ରକାବ୍ୟ ବନ୍ଧୋଦୟ'ରେ । ତାହାର ବିସ୍ତୃତ ଆଲୋଚନା ଏହି ଜୀବନୀ ଚର୍ଚ୍ଚାର ପରିସର ମଧ୍ୟରେ, ଏହା ପରେ, ଯଥାସ୍ଥାନରେ ଉପସ୍ଥାପନ କରାଯାଉଛି । ତାହାରି ଉପରେ ନିର୍ଭର କରି ଭଞ୍ଜଙ୍କର ସାହିତ୍ୟିକ ଅବଦାନର ପରିମାଣ ସମ୍ପର୍କରେ ନାନା ବିଷୟ ସେହି ଅବକାଶରେ ଆଲୋଚିତ ହୋଇଅଛି ।

ଏହା ବ୍ୟତୀତ, ସେ ଠାଏ ଠାଏ ନିଜର କାବ୍ୟମାନଙ୍କର ବିଶେଷତ୍ୱ ଏବଂ ରଚନାକାଳ ସେପରି ସୂଚନା ଦେଇଅଛନ୍ତି । ଦୃଷ୍ଟାନ୍ତ ସ୍ୱରୂପ, ସେ 'ରସଲେଖା'ରେ ଲେଖିଅଛନ୍ତି—

“ଦିବ୍ୟସିଂହ ଗଜପତି ଅଙ୍କ ସପ୍ତବିଂଶତି
ଶେଷ ଦିନେ ଶେଷ ଏହୁ ଗୀତ
ଦେଶେ ଦେଶେ ହେଉ ଖ୍ୟାତ
ମୋହୁ ଏ ରସିକ ଚିତ୍ତ
ହରିହର କରନ୍ତୁ ଏମନ୍ତ ହେ ସାଧୁଜନେ,
ଖଳ ଦୂଷଣକୁ ନାହିଁ ଡର, ପରହିଂସାରେ ସେ ମହା ତରତର ଯେ ।”

“ମନ୍ଦାଦ୍ରୀଶ ଚଉତିଶା”ରେ କବି ନିଜର ବୃଦ୍ଧାବସ୍ଥା କଥା ଜଗନ୍ନାଥଙ୍କୁ ଜଣାଇଛନ୍ତି ଏବଂ ନିଜର ସମସ୍ତ ସାଂସାରିକ ଖ୍ୟାତି ଭଗବଦ୍ କୃପା ହେତୁକ ହୋଇଥିବା ଅନୁଭବ କରି, ଗଭୀର ଭକ୍ତିମତ୍ତା ଓ ଅସୀମ ଆତ୍ମଗ୍ଳାନିରେ 'ଜଗତର ନାଥ'ଙ୍କ ନିକଟରେ ସମର୍ପଣ କରି ଦେଇଛନ୍ତି ।

ନିଜର ଗ୍ରାମତାଗିକ ମନ୍ଦ ସ୍ଥିତି କଥା ଏବଂ ପ୍ରକାରାନ୍ତରରେ ନିଜର ପତ୍ନୀ ବିୟୋଗ ତଥା ନିଜ ପିତାଙ୍କର ରାଜ୍ୟରୁ ବିତାଡ଼ନ କଥା ମଧ୍ୟ ସେ ଲେଖିଯାଇଥିବାର ଅନୁମିତ ହୁଏ । 'ରସିକ ହାରାବଳୀ' କାବ୍ୟ ସମ୍ପର୍କରେ ଲେଖିଛନ୍ତି— "ଅଳ୍ପଭବନ୍ତୁ ପ୍ରଖ୍ୟାତ ମାନସ ରଚନା ।" ସାଧୁ ସୁଭଙ୍ଗ ଓ ଖଳନିନ୍ଦା ଛଳରେ ପଣ୍ଡିତମାନଙ୍କର ଉଚ୍ଚ ପ୍ରଶଂସା କରିବା ସଙ୍ଗେ ସଙ୍ଗେ ଛିଦ୍ରାନ୍ବେଷୀ, ଅପଣ୍ଡିତ, ତଥା ଦୋଷଦର୍ଶୀମାନଙ୍କର ତୀବ୍ରତର ସମାଲୋଚନା କରିଅଛନ୍ତି ।

## (୫) ବାଲ୍ୟଶିକ୍ଷା ଓ ଉତ୍ତାଙ୍କ ଅଧ୍ୟୟନ

### ରାଜାମାନଙ୍କର ପଣ୍ଡିତ-ପ୍ରୀତି—

ଉପେନ୍ଦ୍ର ଭଞ୍ଜଙ୍କ ବାଲ୍ୟଶିକ୍ଷା ସମ୍ପର୍କରେ ଜାଣିବାକୁ ହେଲେ ତାଙ୍କର ଗ୍ରନ୍ଥମାନଙ୍କରୁ, ଘୁମୁସରର ଇତିହାସରୁ ତଥା ପ୍ରଚଳିତ କିମ୍ବଦନ୍ତୀରୁ ତଥ୍ୟ ସଂଗ୍ରହ କରିବାକୁ ପଡ଼ିବ ।

ପ୍ରଥମେ ଘୁମୁସରର ଇତିହାସ ଉପରେ ଦୃଷ୍ଟିପାତ କରାଯାଉ । ରାଜା ଧନଞ୍ଜୟ ଭଞ୍ଜ ଦୀର୍ଘ ପଞ୍ଚଷଠି ବର୍ଷକାଳ ରାଜ୍ୟ ଶାସନ କରିଥିଲେ । ତାଙ୍କର ରାଜତ୍ୱ କାଳରେ ଘୁମୁସରର ସମୃଦ୍ଧି ବିଶେଷ ଭାବରେ ସାଧିତ ହୋଇଥିଲା । ସେ ଥିଲେ ନିଜେ ଜଣେ ଉଚ୍ଚଦରର କବି ଏବଂ ଗୁଣଗ୍ରାହୀ । ଓଡ଼ିଶାର ସ୍ୱାଧୀନତା ୧୫୬୮ ଖ୍ରୀଷ୍ଟାବ୍ଦରେ ଲୁପ୍ତ ହୋଇଗଲା । ତାହା ଆଗରୁ ଉତ୍କଳ ଗଜପତିମାନେ ଗୁଣୀଅଧିକେ କବି, ପଣ୍ଡିତ ଓ ସାହିତ୍ୟିକମାନଙ୍କର ପୃଷ୍ଠପୋଷକ ଥିଲେ । ଜଣେ ଜଣେ ପଣ୍ଡିତ-କବି ଉତ୍କଳ ରାଜଦରବାରରେ ସେ ଭଳି ସମ୍ମାନ ପାଉଥିଲେ, ସେ କଥା ଚିନ୍ତା କଲେ ଆଜ ବିସ୍ମିତ ହେବାକୁ ପଡ଼େ । ଓଡ଼ିଶାର ଅସାଧାରଣ ପଣ୍ଡିତପ୍ରବର ତଥା ଅଷ୍ଟାଦଶ ସଂଖ୍ୟକ 'ଚିନ୍ତାମଣି' ଶବ୍ଦ (ନାମରେ) ସମ୍ବଳିତ ସଂସ୍କୃତ ଗ୍ରନ୍ଥର ପ୍ରଣେତା, ପଣ୍ଡିତ ଗୋଦାବର ମିଶ୍ର ଉତ୍କଳ ଗଜପତି ପ୍ରତାପରୁଦ୍ର ଦେବଙ୍କ ଦ୍ୱାରା କିପରି ସମ୍ମାନିତ ହେଉଥିଲେ, ତାହା ସେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ କରି ଯାଇଛନ୍ତି । ସେ ଲେଖିଛନ୍ତି—

"ଇତି ଶ୍ରୀମନ୍ ମହାରାଜାଧିରାଜ ପ୍ରତାପରୁଦ୍ର ଦେବ ସ୍ୱହସ୍ତଧାରିତ କନକ ଚକଚକ-ଚତୁଷ୍ଟୟାବେଷ୍ଟିତ ଶାତକୁମ୍ଭମୟ କୁମ୍ଭସମ୍ଭବ-ମେଢାଡମ୍ବରଭିଧାନ-

ଶ୍ରୋତାତପତ୍ର ଶୋଭମାନ କବିପୁଙ୍ଗବ ପଣ୍ଡିତରାଜ ରାଜଗୁରୁ × ×
ମନ୍ତ୍ରିବର ଗୋଦାବରୀ ବର୍ଦ୍ଧନ ଗୋଦାବର ମିଶ୍ର ବିରଚିତ ଜୟଚିନ୍ତାମଣି ।” (୧)

( ଓଡ଼ିଶାର ସଂସ୍କୃତ ଲେଖା ଓ ଲେଖକ, ପୃ-୩୦ )

ମହାରାଜଚକ୍ରବର୍ତ୍ତୀ ପ୍ରତାପରୁଦ୍ର ଏହି କବିପୁଙ୍ଗବଙ୍କୁ ମହା ମହା ରାଜ-ଚକ୍ରବର୍ତ୍ତୀର ସମ୍ମାନ ଦେଉଥିଲେ । ନରସିଂହ, କପିଳେନ୍ଦ୍ର ଓ ପୁରୁଷୋତ୍ତମ ପ୍ରମୁଖ ରାଜାମାନଙ୍କର ମଧ୍ୟ ଅସୀମ ଗୁଣଗ୍ରାହକତା ଓଡ଼ିଶାକୁ ପାଣ୍ଡିତ୍ୟପୂର୍ଣ୍ଣ କରି ରଖିଥିଲା ।

## ଧନଞ୍ଜୟଙ୍କ ପଣ୍ଡିତ ସଭା—

ଧନଞ୍ଜୟ ଭଞ୍ଜଙ୍କ ସମ୍ପର୍କରେ ଏ ଭଳି ଅନେକ କଥା ଶୁଣାଯାଏ । ତାଙ୍କର ଏକ ପଣ୍ଡିତ-ପରିଷଦ୍ ଥିଲା । ଏହାକୁ ‘ସଭା’ କୁହାଯାଉଥିଲା । କେବଳ ଜନ-ସମାଗମ ହେଲେ ସଭା ହୁଏ ନାହିଁ । ପଣ୍ଡିତମାନେ କହନ୍ତି—

“ବିଦ୍ୱାଂସୋ କବୟୋ ଭଟ୍ଟା ଗାୟକାଃ ପରିହାସକାଃ
ଇତିହାସ ପୁରାଣଜ୍ଞାଃ ସଭା ସପ୍ତାଙ୍ଗ ଲକ୍ଷଣା ।”

ସଭାରେ ଏହି ସାତ ପ୍ରକାରର ଗୁଣୀଲୋକ ରହିବା ଦରକାର, ଯଥା—ଶାସ୍ତ୍ର ପଣ୍ଡିତ, କବିତା ରଚନାକାରୀ କବି, ଭାଟ, ଗାୟକ, ହାସ୍ୟରସିକ, ଇତିହାସବିତ୍ ଏବଂ ପୁରାଣଜ୍ଞ । ଏହା ଫଳରେ, ସଭାରେ ନାନାବିଧ ଶାସ୍ତ୍ର ଯଥାର୍ଥ ଭାବରେ ଆଲୋଚିତ ହୋଇଥାଏ ଏବଂ ଅଳ୍ପଜ୍ଞ ଲୋକ ନିଜର ନିଃସାର ବିଦ୍ୟା ଦେଖାଇବାକୁ ସୁବିଧା ପାଏ ନାହିଁ ।

ଧନଞ୍ଜୟ ଭଞ୍ଜଙ୍କର ଏ ଭଳି ଏକ ପଣ୍ଡିତ ସଭା ଥିବା ହେତୁ, ଭାରତର ବିଭିନ୍ନ ଅଞ୍ଚଳରୁ ପୁରୀଧାମକୁ ଆସୁଥିବା ପଣ୍ଡିତ, ସାଧୁ, ସନ୍ନ୍ୟାସୀ ପ୍ରଭୃତି ଘୁମୁସର ପ୍ରତି ଆକୃଷ୍ଟ ହେଉଥିଲେ । ରାଜା ଧନଞ୍ଜୟ ସେମାନଙ୍କୁ ସମ୍ବର୍ଦ୍ଧନା ଜଣାଇବା ସଙ୍ଗେ ସଙ୍ଗେ ସେମାନଙ୍କ ସହିତ କାବ୍ୟଚର୍ଚ୍ଚା ଓ ଶାସ୍ତ୍ରଚର୍ଚ୍ଚା କରି ଉପକୃତ ହେଉଥିଲେ । ଶିଶୁ ଉପେନ୍ଦ୍ର, ସେହି ଅବସରରେ ନିଜର ପ୍ରତିଭା

---

(୧) Des. Cat. of Sans. MSS of Orissa.—p. XIX.

ବିକାଶ ଲାଗି ଅପୂର୍ବ ସୁଯୋଗ ଲାଭ କରୁଥିଲେ । ଶିକ୍ଷା ଆଦୌ ଗ୍ରନ୍ଥଗତ ନୁହେଁ । ଅନୁଭବୀ ମାନଙ୍କ ଦ୍ୱାରା କୁହାଯାଇଛନ୍ତି—"ଦେଶାଟନଂ ପଣ୍ଡିତ ମିତ୍ରତା ।" ଏଠାରେ ଦେଶାଟନକୁ ଜ୍ଞାନଲାଭର ତୁଙ୍ଗ ଆସନ ପ୍ରଦାନ କରାଯାଇଛି । 'ପଣ୍ଡିତ-ମିତ୍ରତା' ମଧ୍ୟ ଅତି ସହଜରେ ଜ୍ଞାନର ଦିଗ୍‌ବଳୟ ବିସ୍ତାରିତ କରି ଦେଇଥାଏ । ଅହରହ ଶାସ୍ତ୍ରଚର୍ଚ୍ଚା ଓ କାବ୍ୟଚର୍ଚ୍ଚା ଶୁଣି ଉପେନ୍ଦ୍ର ଭଞ୍ଜଙ୍କର ଗ୍ରନ୍ଥଗତ ଜ୍ଞାନ ପରିମାର୍ଜିତ ଓ ପରିଶୀଳିତ ହୋଇ ଯାଉଥିଲା । ଏଠାରେ ଗୋଟିଏ ଦୃଷ୍ଟାନ୍ତ ଦିଆଯାଇପାରେ । କୌଣସି ଏକ ପଣ୍ଡିତ ସଭାରେ ଥରେ ରାଜା କହିଲେ, 'ସଂସ୍କୃତ ସାହିତ୍ୟରେ ବସନ୍ତ ବର୍ଣ୍ଣନା' ଆଜି ଆଲୋଚିତ ହେଉ । ଦଶ-ପନ୍ଦରଜଣ ଯାଏ ପଣ୍ଡିତ ରାମାୟଣ, ଭାଗବତ, କାଳିଦାସତ୍ରୟୀ, ଗୁରୁତ୍ରୟୀ ପ୍ରଭୃତିରୁ ବସନ୍ତ ବର୍ଣ୍ଣନାମୂଳକ ଶ୍ଳୋକମାନ ଉଦ୍ଧାର କରି ବସନ୍ତ ବର୍ଣ୍ଣନାରେ କବି କୃତିତ୍ୱ ପ୍ରଦର୍ଶନ କଲେ । ଜଣେ ବ୍ୟକ୍ତିକୁ ଏହିସବୁ ଶ୍ଳୋକ ଏବଂ ଏତେଗୁଡ଼ିଏ ଦୃଷ୍ଟିକୋଣରୁ ଆଲୋଚନା କରିବା ପାଇଁ ହୁଏ ତ ବର୍ଷ ବର୍ଷ ଲାଗିଯିବ । କିନ୍ତୁ ସବୁଥିରୁ କିଛି କିଛି ପଢ଼ିଥିବା ପ୍ରତିଭାଶାଳୀ ଲୋକ ବିଭିନ୍ନ ପଣ୍ଡିତଙ୍କ ଆଲୋଚନା ଶୁଣିଗଲେ, ମନକୁ ସହଜରେ ଜ୍ଞାନପୁଷ୍ଟ କରି ପାରିବ । ଯଦି ମାସକରେ ଆଠ ଦଶଟି ଆଲୋଚନା ହୁଏ, ତେବେ ନାନା ବିଷୟରେ ଗମ୍ଭୀର ଜ୍ଞାନ ଅତି ସହଜରେ ଉପାର୍ଜିତ ହୋଇ ପାରିବ ।

## ଏହି 'ସଭା' ମଧ୍ୟ ଭଞ୍ଜଙ୍କ ଶିକ୍ଷାର ସହାୟକ ଥିଲା—

ଏହିପରି ଭାବରେ ପ୍ରାଚ୍ୟ-ଜ୍ଞାନକୋଷର ବେଦ-ବେଦାନ୍ତ, ଷଡ଼୍‌ଦର୍ଶନ, ଅଷ୍ଟାଦଶ ପୁରାଣ, ବିଭିନ୍ନ ମହାକାବ୍ୟ, ବ୍ୟାକରଣ, କାମସୂତ୍ର, ଜ୍ୟୋତିଷ, ଆୟୁର୍ବେଦ, ସଙ୍ଗୀତ ଶାସ୍ତ୍ର, ଛନ୍ଦ ଶାସ୍ତ୍ର, ଶକୁନ ଶାସ୍ତ୍ର, ଅଳଙ୍କାର ଶାସ୍ତ୍ର ପ୍ରଭୃତି କ୍ଷେତ୍ରରେ ବିପୁଳ ପାଣ୍ଡିତ୍ୟଲାଭ ପାଇଁ ଭଞ୍ଜଙ୍କର ଆଖି ଖୋଲି ଯାଇଥିଲା । ଘୁମୁସରର ପଣ୍ଡିତ-ପରିଷଦ୍' ତଥା ତାହାର ପରିଚାଳକ ଧନଞ୍ଜୟ ଭଞ୍ଜ ହିଁ ନୈସର୍ଗିକ ପ୍ରତିଭାଶାଳୀ ଉପେନ୍ଦ୍ରଙ୍କର ଜ୍ଞାନ ବିସ୍ତାରର ସର୍ବଶ୍ରେଷ୍ଠ ସହାୟକ ଥିଲେ ।

## ସେ କାଳର ପାଠ୍ୟ ଓ ପାଣ୍ଡିତ୍ୟ—ଲଘୁତ୍ରୟୀ : ଗୁରୁତ୍ରୟୀ

କିନ୍ତୁ ସେ କାଳର ଶିକ୍ଷାପଦ୍ଧତି ପ୍ରତି ଦୃଷ୍ଟି ଦିଆ ନ ଗଲେ, ଉପେନ୍ଦ୍ରଙ୍କର ଜ୍ଞାନର ପରିସର କଳନା କରି ହେବ ନାହିଁ । ସେତେବେଳେ ପଣ୍ଡିତମାନେ

ସଂସ୍କୃତ ସାହିତ୍ୟ ହିଁ ଚର୍ଚ୍ଚା କରୁଥିଲେ । ଏପରି କି, ଓଡ଼ିଆ ଭାଷାରେ ସେଭଳି ଉଚ୍ଚାଙ୍ଗ ଗ୍ରନ୍ଥ ନ ଥିବାରୁ ସର୍ବଦା ସଂସ୍କୃତାଭିମୁଖୀ ହୋଇ ରହୁଥିଲେ । ଓଡ଼ିଆ ଭାଷାର ସାହିତ୍ୟ ସେଥିପାଇଁ ସେମାନଙ୍କର ଦୃଷ୍ଟି ଆକର୍ଷଣ କରି ପାରୁ ନ ଥିଲା । ଉପେନ୍ଦ୍ର ସେହି ସଂସ୍କୃତ ପଣ୍ଡିତମାନଙ୍କର ପ୍ରତିଷ୍ଠିତ ପଦ୍ଧତିରେ ଶିକ୍ଷାପ୍ରାପ୍ତ ହୋଇଥିଲେ । 'ପ୍ରତିଷ୍ଠିତ-ପଦ୍ଧତି' କହିଲେ, ଉଚ୍ଚାଙ୍ଗ ସଂସ୍କୃତ ସାହିତ୍ୟ ଚର୍ଚ୍ଚା ଲାଗି ଶବ୍ଦ ସଂଗ୍ରହ ବା ଶବ୍ଦ ବିକାଶ ହିଁ ବୁଝାଯାଏ । ପ୍ରଥମେ ଅମର କୋଷ ଓ ବ୍ୟାକରଣ ପଢ଼ାଯାଉଥିଲା । ତାହା ପରେ 'ଲଘୁତ୍ରୟୀ' ବା 'କାଳିଦାସତ୍ରୟୀ' ପଢ଼ାଯାଉଥିଲା । ଏଥିସହିତ ଅଳଙ୍କାର ଶାସ୍ତ୍ର ମଧ୍ୟ ଅବଶ୍ୟ ପାଠ୍ୟ ଥିଲା । ଲଘୁତ୍ରୟୀ ପରେ 'ଗୁରୁତ୍ରୟୀ' ବିଶେଷ ଭାବରେ ଅଧୀତ ହେଉଥିଲା । ଗୁରୁତ୍ରୟୀ ଶବ୍ଦ ନିମ୍ନଲିଖିତ ତିନିଗୋଟି ଭାରତ ବିଖ୍ୟାତ ଓ ପାଣ୍ଡିତ୍ୟପ୍ରଭା-ଭାସ୍ୱର ମହା-କାବ୍ୟକୁ ବୁଝାଇଥାଏ, ଯଥା—ମହାକବି ଭାରବିଙ୍କ 'କିରାତାର୍ଜୁନୀୟ', ମହାକବି ମାଘଙ୍କ 'ଶିଶୁପାଳ ବଧ' ଓ ମହାକବି ଶ୍ରୀହର୍ଷଙ୍କ 'ନୈଷଧୀୟ ଚରିତ'।

## ଲଘୁତ୍ରୟୀ—

ପ୍ରଥମେ ଲଘୁତ୍ରୟୀ ସମ୍ପର୍କରେ ପାଠକମାନଙ୍କୁ ଯତ୍‌ସାମାନ୍ୟ ଧାରଣା ଦିଆଯିବା ପରେ, ଗୁରୁତ୍ରୟୀର ବିଚାର କରାଯିବା ସମୁଚିତ ମନେହୁଏ । ଲଘୁତ୍ରୟୀ ଦ୍ୱାରା ମହାକବି କାଳିଦାସଙ୍କ ଏହି ତିନୋଟି କାବ୍ୟ ବୁଝାଯାଏ, ଯଥା—'ରଘୁବଂଶ ମହାକାବ୍ୟ', 'କୁମାର ସମ୍ଭବ' ଓ 'ମେଘଦୂତ' ।

ରଘୁବଂଶ ମହାକାବ୍ୟରେ ମହାରାଜ ଦିଲୀପ, ରଘୁ, ଅଜ, ଦଶରଥ, ରାମଚନ୍ଦ୍ର ପ୍ରମୁଖ ମହାରାଜାମାନଙ୍କର ଲୋକୋତ୍ତର ଚରିତ ବର୍ଣ୍ଣିତ ହୋଇଅଛି । ଏହି ମହାକାବ୍ୟ ୧୯ ସର୍ଗରେ ସଂପୂର୍ଣ୍ଣ ଏବଂ ରାଜାର ଆଦର୍ଶ, ପ୍ରଜାର ଆଦର୍ଶ, ସମାଜର ବିବିଧ ଆଦର୍ଶ ତଥା ଅନାଚାରର କ୍ରମିକ ଅଧଃପତନ ପ୍ରଭୃତି ଅସାଧାରଣ କବିତ୍ୱବିକାଶ ମଧ୍ୟରେ ବର୍ଣ୍ଣିତ ହୋଇଅଛି ।

'କୁମାର ସମ୍ଭବ' କାବ୍ୟ ଯଦିଓ ୧୭ ସର୍ଗ ବିଶିଷ୍ଟ, ତଥାପି ଏହାର ପ୍ରଥମ ୭-୮ ସର୍ଗ ହିଁ କାଳିଦାସଙ୍କର ସ୍ୱକୀୟ ରଚନା ବୋଲି ଅନେକେ କହିଥାଆନ୍ତି । ଏଥିରେ ପ୍ରଦତ୍ତ ହିମାଳୟର ବର୍ଣ୍ଣନା, କାମଦେବର ଦହନ ପରେ ରତି ବିଳାପ ଏବଂ ପାର୍ବତୀଙ୍କ ତପସ୍ୟା ସମଗ୍ର ପ୍ରାଚ୍ୟ ସାହିତ୍ୟରେ ଅତୁଳନୀୟ ଗୌରବ ଲାଭ କରିଅଛି ।

'ମେଘଦୂତ' ଖଣ୍ଡକାବ୍ୟ ସମଗ୍ର ଭାରତରେ ଦୂତ କାବ୍ୟର ବା ସନ୍ଦେଶ-ସାହିତ୍ୟର ଆଦ୍ୟ ଉଦ୍‌ବୋଧକ ରୂପେ ସର୍ବଜନପ୍ରିୟ ହୋଇଅଛି । ଏଥିରେ ଜଣେ ଅଭିଶାପଗ୍ରସ୍ତ ଯକ୍ଷ ତାର ଗୃହିଣୀଠାରୁ ଦୂରରେ ରହି, ବିରହୀ ଭାବରେ ସ୍ୱପ୍ରିୟା ନିକଟକୁ ତାର ପ୍ରାଣର ବାର୍ତ୍ତା ପଠାଇଅଛି । ବିଶ୍ୱର ପ୍ରେମ-ସାହିତ୍ୟ ରାଜ୍ୟରେ ଏହି କ୍ଷୁଦ୍ର ରଚନାଟି ଏକ ଉଚ୍ଚମଞ୍ଚ ଆସନ ଉପରେ ପ୍ରତିଷ୍ଠିତ ରହିଅଛି । ଏହାର ଅନୁକରଣରେ ଗଣି ଗଣି ଦୂତ-କାବ୍ୟ ଲେଖାଯାଇଛି ସତ; କିନ୍ତୁ ଏହାର କାନ୍ତି କାହାରି ଦ୍ୱାରା ଆଚ୍ଛାଦିତ ବା ଅଧଃକୃତ ହୋଇପାରି ନାହିଁ (୧) ।

## କାଳିଦାସଙ୍କ ପ୍ରତି ଅବଜ୍ଞା—

ବିଶ୍ୱବନ୍ଦ୍ୟ କବି କାଳିଦାସଙ୍କର କାବ୍ୟାବଳୀ ଯେ ଉତ୍କଳରେ ଅନାଦୃତ ହୋଇଥିଲା ବା ହେଉଥିଲା, ତାହା ନୁହେ । ତଥାପି, ଓଡ଼ିଶାର ଅଳଙ୍କାରପ୍ରେମୀ ପ୍ରୌଢ଼ ପଣ୍ଡିତମଣ୍ଡଳୀ ଗୁରୁବର୍ଗୀ ପ୍ରତି ଅତ୍ୟଧିକ ଆଦର ପ୍ରଦର୍ଶନ କରି, କବିତା ମଧ୍ୟରେ ପ୍ରକାଣ୍ଡ ପାଣ୍ଡିତ୍ୟର ପରିପ୍ରକାଶ ପ୍ରତି ହିଁ ବିଶେଷ ଦୃଷ୍ଟି ପ୍ରଦାନ କରୁଥିଲେ । ଫଳରେ ବେଳେ ବେଳେ, ପଣ୍ଡିତସମାଜରେ କାଳିଦାସଙ୍କ ମହାକାବ୍ୟ 'ରଘୁବଂଶ' ମଧ୍ୟ ଅନୁଚ୍ଚ ଦୃଷ୍ଟିରେ ବୀକ୍ଷିତ ହେଉଥିଲା । କେହି କେହି କହୁଥିଲେ—

"ରଘୁରିତି କାବ୍ୟମ୍
ତଦୁପରି ଟୀକା
ସାପି ଚ ଭାବ୍ୟା !"

ଏହାର ଅର୍ଥ, ରଘୁବଂଶ ବୋଲି ଗୋଟିଏ କାବ୍ୟ, ତା'ର ଉପରେ ପୁଣି ଟୀକା ଦରକାର, ଆଉ ସେହି ଟୀକାକୁ ମଧ୍ୟ କୁଆଡ଼େ ଚିନ୍ତା କରିବାକୁ ହେବ ! ଏହି ଅବଜ୍ଞାର ଫଳ ସ୍ୱରୂପ ଓଡ଼ିଆରେ ସରଳ ଭାଷାର କବି ଓ ଲେଖକମାନେ ରାଜଦରବାରମାନଙ୍କରେ ଉଚ୍ଚ ଆସନ ଲାଭ କରି ପାରୁ ନ ଥିଲେ । ପୁଣି

(୧) ଓଡ଼ିଶାର ପଣ୍ଡିତ ନରହରି ( ଗଞ୍ଜାମ ଜିଲ୍ଲାର ଟେକଟି ଅଞ୍ଚଳର ) ଏହି 'ମେଘଦୂତ'ର ଶ୍ଳୋକଗୁଡ଼ିକୁ ଏ ଭଳି ପାଣ୍ଡିତ୍ୟ ବଳରେ ଅର୍ଥ କରିଛନ୍ତି ଯେ, ତହିଁରୁ ଜଗନ୍ନାଥ ମହାପ୍ରଭୁଙ୍କ ଗୁଣ୍ଡିଚା ଯାତ୍ରାର ବର୍ଣ୍ଣନା ସ୍ପଷ୍ଟ ବାହାରି ପଡ଼ୁଛି । ଏହା ପ୍ରକାଶିତ ହୋଇ ଯାଇଛି ।

ଯେଉଁମାନେ ଲଘୁତ୍ରୟୀର ପକ୍ଷ ସମର୍ଥନ କରୁଥିଲେ, ସେମାନେ କଳେ-ବଳେ କୌଶଳେ ଗୁରୁତ୍ରୟୀ ଦୃଷ୍ଟିରୁ କାଳିଦାସଙ୍କର କେତେକ ଶ୍ଲୋକର ବ୍ୟାଖ୍ୟାନ କରୁଥିଲେ । ଭାରତବର୍ଷରେ ସରଳ ସଂସ୍କୃତ ସାହିତ୍ୟ ଏବଂ ପ୍ରୌଢ଼ ରଚନା ଭିତର ସାହିତ୍ୟ ମଧ୍ୟରେ ଏ ଭଳି ଏକ ଦ୍ୱନ୍ଦ୍ୱ ଲାଗି ରହିଥିଲା । 'ବାଲ୍ମୀକ ରାମାୟଣ'କୁ ବଡ଼ ସରଳ ରଚନା ବୋଲି ହୁଏ ତ କିଏ କେବେ ସମାଲୋଚନା କରିଥିବାରୁ, ଜଣେ ପଣ୍ଡିତ 'ଚତୁରର୍ଥୀ' ନାମକ ଟୀକା ଲେଖି ଯାଇଛନ୍ତି (୧) । ଏଥିରେ ଲୁଆଡ଼େ ରାମାୟଣର ଅନେକ ସରଳ ସଂସ୍କୃତ ଶ୍ଲୋକର ଚାରି ଚାରିଟା ଅର୍ଥ ପ୍ରଦାନ କରାଯାଇଛି । ହୁଏ ତ ଏ ଭଳି ଏକ ବାତାବରଣ ମଧ୍ୟରେ କାଳିଦାସଙ୍କର କେତେକ ଶ୍ଲୋକରୁ ( ଯାହା କି ମୂଳତଃ ସରଳ ), ଜଟିଳ ଅର୍ଥ ବାହାର କରିବାକୁ ପଣ୍ଡିତମାନେ ଲାଗିପଡ଼ିଥିଲେ । ଗୋଟିଏ ଉଦାହରଣ ଦେଖନ୍ତୁ—ରଘୁବଂଶ ମହାକାବ୍ୟର ମୂଳରେ ମହାକବି କାଳିଦାସ ଅତ୍ୟନ୍ତ ଆତ୍ମ-ଗ୍ଲାନିରେ, ନିଜ ସମ୍ପର୍କରେ, କହିଅଛନ୍ତି—

> "ମନ୍ଦଃ କବିଯଶଃ ପ୍ରାର୍ଥୀ
> ଗମିଷ୍ୟାମ୍ୟୁପହାସ୍ୟତାମ୍
> ପ୍ରାଂଶୁଲଭ୍ୟେ ଫଳେଲୋଭାତ୍
> ଉଦ୍‌ବାହୁରିବ ବାମନଃ ।"

**ପ୍ରଥମ ଅର୍ଥ—**

ଅର୍ଥାତ୍ "ହେ ପାଠକେ, ଏଡ଼େ ବଡ଼ ବିଷୟବସ୍ତୁ ଉପରେ କାବ୍ୟ ଲେଖିବାକୁ ବାହାର ପଡ଼ିଲି ସିନା, କିନ୍ତୁ ମୋର ଶକ୍ତିହୀନତା କଥା ମୁଁ ଜାଣେ । ମୋର ବୁଦ୍ଧି ସେଭଳି ପ୍ରଖର ନୁହେ । ସୁତରାଂ, ମୁଁ ହେଉଛି ମନ୍ଦ; ଅଥଚ, ବଡ଼ କବିମାନଙ୍କ ପରି ସାରସ୍ୱତ ଯଶ ଲାଭ କରିବା ପାଇଁ ମୁଁ ବାସନା ପୋଷଣ କରିଅଛି । ତେଣୁ ମୋ ରଚନା ଦେଖି ଲୋକେ ମତେ ଯେ ଥଟ୍ଟା ପରିହାସ କରିବେ, ଏଥିରେ ସନ୍ଦେହ ନାହିଁ । ଡେଙ୍ଗା ଲୋକର ହାତ ପାଇବା ଭଳି ଫଳ ଫଳିଥିବା ଗଛକୁ ଗୋଟିଏ ନିତାନ୍ତ ଗେଡ଼ା ଲୋକ ହାତ ବଢ଼ାଇଲେ ଲୋକେ ହସିବା ହିଁ ସାର ହେବ ।"

---

(୧) Krishnamachari—Classical Sanskrit Literature (1937) p. 24

ପ୍ରଥମ ପାଦରେ ଥିବା 'ମନ୍ଦ' ଏବଂ 'କବି', ଏ ଦୁଇଟି ଶବ୍ଦକୁ ଗୁରୁତ୍ୱପୂର୍ଣ୍ଣ ପାଣ୍ଡିତ୍ୟରେ ଭୂଷିତ କରି, କେହି କେହି ପଣ୍ଡିତ ଏଥିରୁ ଆଉ ଦୁଇଟି (ସବମୋଟ ତିନୋଟି) ଅର୍ଥ ବାହାର କରିଥାନ୍ତି; ଯଥା—

## ଦ୍ୱିତୀୟ ଅର୍ଥ—

ମୁଁ ମନ୍ଦ ଅଟେ; କିନ୍ତୁ କବିଯଶ ପାଇବାକୁ ଇଚ୍ଛୁକ । 'ମନ୍ଦ' ଶବ୍ଦର ଅର୍ଥ କାକ ବା କୁଆ । 'କ' ଶବ୍ଦର ଅର୍ଥ ବ୍ରହ୍ମା ଏବଂ 'ବି' ଶବ୍ଦର ଅର୍ଥ ପକ୍ଷୀ । ତେଣୁ କ+ବି='କବି' ଶବ୍ଦର ଅର୍ଥ ହେଲା ବ୍ରହ୍ମାଙ୍କର ପକ୍ଷୀ ( ବାହନ ) ବା ହଂସ । କୁଆର ବର୍ଣ୍ଣ କଳା ଏବଂ ହଂସର ବର୍ଣ୍ଣ ଧଳା । ତାହାହେଲେ ଅର୍ଥ ହେଲା, 'ମୁଁ (କାଳିଦାସ) ମୋର କବିଶକ୍ତି ବିଷୟରେ ଯଦିଓ କୁଆ ପରି କଳା, ତଥାପି, ହଂସପକ୍ଷୀ ପରି ଧଳାରୂପେ ପରିଚିତ ହେବାକୁ ଇଚ୍ଛା କରୁଅଛି । ସୁତରାଂ, ମତେ ଲୋକହସା ହେବାକୁ ପଡ଼ିବ ।'

## ତୃତୀୟ ଅର୍ଥ—

ମୁଁ ମନ୍ଦ ଅଟେ । ଅଥଚ, କବି ଭାବରେ ପରିଚିତ ହେବାକୁ ଇଚ୍ଛା କରୁଛି । 'ମନ୍ଦ' ଶବ୍ଦର ଅର୍ଥ ଶନି (ଗ୍ରହ) । ପୁଣି 'କବି' ଶବ୍ଦର ଅର୍ଥ ଶୁକ୍ର (ଗ୍ରହ) । ତତ୍ତ୍ୱବିଦମାନେ କହନ୍ତି, ଶନି ଗ୍ରହ ଗୋଟାଏ କ୍ରୂରଗ୍ରହ; ତାହାର ତେଜ କାନ୍ତି କିଛି ନାହିଁ । କିନ୍ତୁ ଶୁକ୍ରଗ୍ରହ ଗୋଟାଏ ଅତ୍ୟନ୍ତ କାନ୍ତିମୟ ଗ୍ରହ । ସାରକଥା ହେଲା, ମୁଁ ଯଦିଓ କବିଶକ୍ତି ବିଷୟରେ ଶନି ଗ୍ରହ ପରି କାନ୍ତିହୀନ; ତଥାପି, ଶୁକ୍ର ଗ୍ରହ ପରି ପରିଚିତ ହେବାକୁ ଇଚ୍ଛା କରୁଛି । ଫଳରେ, ମୁଁ ଲୋକହସା ହେବା ହିଁ ସାର ହେବ ।

ଏହି ପରିପ୍ରେକ୍ଷୀରେ ଓଡ଼ିଶାର ପଣ୍ଡିତମାନେ 'କଳାକଳେବର ଚଉତିଶା' ଓ 'ଗୋପୀଭାଷା' ପରି ସରଳ ରଚନାମାନଙ୍କୁ କିପରି ଅର୍ଥ କରିଛନ୍ତି କିମ୍ବା ଏ ଭଳି ଶବ୍ଦସୌନ୍ଦର୍ଯ୍ୟ ପ୍ରତି ଦୃଷ୍ଟି ଦେଇ, ଏହିଭଳି ସରଳ ଓଡ଼ିଆ କାବ୍ୟ କବିତାରେ କିପରି ପାଣ୍ଡିତ୍ୟର ସମାବେଶ କରିଅଛନ୍ତି, ତାହା ମଧ୍ୟ ବିଚାର କରିବାର କଥା । ଏଥିର ଦୃଷ୍ଟାନ୍ତ ଏଥିପୂର୍ବେ ଦିଆଯାଇଛି । ( ପୃ ୮୯-୯୧ )

# ଲଘୁବସ୍ତୁର ଲଳିତ ସୌନ୍ଦର୍ଯ୍ୟ

ପ୍ରୌଢ଼ ବୟସରେ ମନୁଷ୍ୟ ନାନା ରସବ୍ୟଞ୍ଜକ ଓ ଭାବଦ୍ୟୋତକ ହସ ହସିପାରେ,—ହସିବା ଢଙ୍ଗରେ ତାର ଅନୁକରଣୀୟ ଦକ୍ଷତା ଦେଖାଇ ଜନମନ ମୁଗ୍ଧ କରିପାରେ । କିନ୍ତୁ ମାତୃସ୍ତନ୍ୟପାୟୀ, ମାତ୍ର କେତେକ ମାସର ଶିଶୁ ଯେଉଁ ମଧୁର ହାସରେ ମାତୃହୃଦୟ-ସାଗରକୁ ଉଦ୍‌ବେଳିତ କରିଥାଏ, ତାର ତୁଳନା, କଳନା, ଉପମା ନାହିଁ । ତାହା ଯେ ଦେଖିବ, ସେ ହିଁ ହେବ ଆତ୍ମହରା । ସେ ଆନନ୍ଦାଭିଭୂତ ଅନିର୍ବଚନୀୟ । ସେଥିରେ ଐଶ୍ୱର୍ଯ୍ୟର ଆଡ଼ମ୍ବର ନ ଥାଇପାରେ; କିନ୍ତୁ ଲାଳିତ୍ୟର ସରସ ପ୍ରକାଶରେ ତାର ପଟାନ୍ତର ନାହିଁ । କାଳିଦାସଙ୍କ ରଚନାବଳୀ ଏହିପରି ଭାବରେ 'ଗୁରୁତ୍ୱ'ଠାରୁ ନିଜର ସ୍ୱତନ୍ତ୍ରତା ଦାବି କରେ । ଏଠାରେ ଶତ ଶତ ଦୃଷ୍ଟାନ୍ତ ମଧ୍ୟରୁ ମାତ୍ର ଗୋଟିଏ ଦୃଷ୍ଟାନ୍ତ ଉପସ୍ଥାପନ କରାଯାଇପାରେ । 'କୁମାର ସମ୍ଭବ' କାବ୍ୟର ପଞ୍ଚମ ସର୍ଗରେ ଶିବ-ଅଭିଳାଷିଣୀ ପାର୍ବତୀଙ୍କର ସ୍ୱ-କାମନା ସିଦ୍ଧି ଲଗି ଆଚରିତ କଠୋର ତପସ୍ୟାର ବର୍ଣ୍ଣନା କରାଯାଇଛି । ପାର୍ବତୀ ତପସ୍ୟା କଲାବେଳେ ବୃଷ୍ଟି ହେବା ଫଳରେ ତାଙ୍କର ମୁଖମଣ୍ଡଳ ଜଳସିକ୍ତ ହୋଇ ଉଠିଲା । ସେ ପ୍ରସଙ୍ଗରେ କାଳିଦାସ ବର୍ଣ୍ଣନା କରିଛନ୍ତି—

"ସ୍ଥିତାଃକ୍ଷଣଂ ପକ୍ଷ୍ମସୁ ତାଡ଼ିତାଧରାଃ
ପୟୋଧରୋତ୍ସେଧନିପାତ ଚୂର୍ଣ୍ଣିତାଃ
ବଳୀଷୁ ତସ୍ୟାଃ ସ୍ଖଳିତାଃ ପ୍ରପେଦିରେ
ଚିରେଣ ନାଭିଂ ପ୍ରଥମୋଦବିନ୍ଦବଃ ।" (୫।୨୪)

ଏହାର ଅର୍ଥ—'ପ୍ରଥମେ ଯେଉଁ କେତେ ଫୋଟା ପାଣି ତାଙ୍କ କପାଳ ଉପରେ ପଡ଼ିଲା, ତାହା ତଳକୁ ତଳ ଖସି, ନେତ୍ର ଲୋମରେ ଟିକିଏ ଅଟକିଗଲା ତା ପରେ, ଅଧରକୁ ତାଡ଼ନା ଦେଇ ତଳକୁ ଖସିଗଲା ଓ ବକ୍ଷ ଉପରେ ପଡ଼ି ଚୂର୍ଣ୍ଣ ବିଚୂର୍ଣ୍ଣ ହୋଇଗଲା । ତଥାପି, ଚୂର୍ଣ୍ଣ ବିଚୂର୍ଣ୍ଣ ଜଳବିନ୍ଦୁ ଆହୁରି ତଳକୁ ଖସି ଯାଉ ଯାଉ, ନାଭିକୁ ବନ୍ଧାଗଲା ଓ ବହୁ ସମୟ ଧରି ଧୀରେ ଧୀରେ ସେହି ନାଭି ଭିତରକୁ ପ୍ରବେଶ କଲା ।' ଏଠାରେ ଲକ୍ଷ୍ୟ କରିବାର କଥା, ଏ ଯେଉଁ ଭାବାର୍ଥ ବୁଝାଇ ଦିଆଗଲା, ତାହା କାଳିଦାସ ପ୍ରତିଭାର ମହତ୍ତ୍ୱ ପ୍ରକଟନ କରିବାକୁ ସମ୍ପୂର୍ଣ୍ଣ ଅସମର୍ଥ । କାରଣ, ଶବ୍ଦସିଦ୍ଧ କବି କାଳିଦାସ ଏହି ଶ୍ଳୋକରେ ଯେଉଁଭଳି ଶବ୍ଦବିନ୍ୟାସ କରିଛନ୍ତି, ସେଥିରୁ ବିବିଧ ଅର୍ଥ ପ୍ରକାଶଲାଭ କରି ପାଠକ-

ମାନଙ୍କୁ ଉପସ୍ଥିତ କରିଦିଏ । ତଳେ କବିଙ୍କର ବର୍ଣ୍ଣନାର ପ୍ରକୃତ ମର୍ମ ବୁଝାଇ ଦିଆଯାଉଛି—

କବି କହୁଛନ୍ତି—ପ୍ରଥମେ ପ୍ରଥମେ ଯେଉଁ କେତେ ଫୋଟା ପାଣି ତାଙ୍କ ମୁହଁ ଉପରେ ପଡ଼ିଲା, ସେଗୁଡ଼ିକ ଧୀରେ ଧୀରେ କପାଳରୁ ତଳକୁ ଖସି ଆସିଲା । କିନ୍ତୁ ସିଧାସଳଖେ ତଳକୁ ନ ଯାଇ, ନେତ୍ରଲୋମରେ ଅଟକିଗଲା (ସ୍ଥିତାଃ) । କାହିଁକି ଅଟକିଗଲା ? ତାହାର କାରଣ ହେଉଛି, ପାର୍ବତୀଙ୍କର ନେତ୍ରଲୋମ ବଡ଼ ସଘନ ବା ଘଞ୍ଚ । ସାମୁଦ୍ରିକ ଶାସ୍ତ୍ର ଅନୁସାରେ ନେତ୍ରଲୋମର ସଘନତା ସୌଭାଗ୍ୟର ଚିହ୍ନ । ସୁତରାଂ, ପାଣି ଅଟକିଯିବା ସ୍ୱାଭାବିକ । ତେବେ ପ୍ରଶ୍ନ ଉଠେ, ନେତ୍ରଲୋମରେ କେତେ ସମୟ ଧରି ପାଣି ଅଟକିଗଲା ? କବି କହୁଛନ୍ତି—'କ୍ଷଣଂ' = କ୍ଷଣକମାତ୍ର; ଅର୍ଥାତ୍ ଅଳ୍ପ ଟିକିଏ ସମୟ ଅଟକିଗଲା । କାହିଁକି ? ତାହାର କାରଣ ହେଉଛି, ପାର୍ବତୀଙ୍କର ନେତ୍ରଲୋମାବଳୀ ଯଦିଓ ଖୁବ୍ ଘଞ୍ଚ, ତଥାପି, ଅତ୍ୟନ୍ତ ଚିକ୍କଣ । ଏହି କାରଣରୁ ପାଣିତକ ଅଟକିଗଲା ସତ; କିନ୍ତୁ ଚିକ୍କଣତା ହେତୁ ଅଳ୍ପ ସମୟ ଅଟକିଯାଇ, ଆହୁରି ତଳକୁ ଖସିଗଲା ।

ତା ପରେ ସେ ପାଣି ତଳକୁ ଯାଇ ଯାଇ ଗଲା କୁଆଡ଼େ ? ସେ ଆସି ଅଧର ଉପର ଦେଇ ତଳକୁ ବହିଗଲା । ଅଧର ଉପର ଦେଇ ପାଣି ବହିବାର କାରଣ କ'ଣ ? କାରଣ ହେଉଛି, ପାର୍ବତୀଙ୍କର ବସିବା ଭଙ୍ଗୀ । ଯେଉଁ ତପସ୍ୱୀମାନେ ଯୋଗାସନରେ ବସନ୍ତି; ସେମାନେ ନିଜର ମୁହଁକୁ ଏ ଭଳି ଠାଣିରେ ରଖନ୍ତି ଯେ, ତାଙ୍କର ଅଧର ଏବଂ ନାସା ଏକ ନିର୍ଦ୍ଦିଷ୍ଟ ଭଙ୍ଗୀରେ ଠିକ୍ ହୋଇ ରହେ । ସୁତରାଂ, ପାର୍ବତୀ ଯୋଗାସନରେ ଶାସ୍ତ୍ରୀୟ ନିୟମ ଅନୁସାରେ ବସି ରହିଥିଲେ ବୋଲି ଏଥିରୁ ପ୍ରକାଶ ପାଇଯାଏ (୧) । ପୁଣି, ମାତ୍ର କେତେ ଗୋଟି ଜଳବିନ୍ଦୁର ସମଷ୍ଟି ପାର୍ବତୀଙ୍କର ଅଧର ଉପର ଦେଇ ତଳକୁ ଗଡ଼ିଯିବା ବେଳେ, କବି ଅନୁମାନ କଲେ ଯେ, ତଦ୍ଦ୍ୱାରା ପାର୍ବତୀଙ୍କର ଅଧର 'ତାଡ଼ିତ' ହୋଇଗଲା । 'ତାଡ଼ନ'ର ଅର୍ଥ ଆଘାତ । ଯଦି ଏତେ କମ୍ ଉଚ୍ଚରୁ ଧୀରେ ଧୀରେ ତଳକୁ ଗଡ଼ି ଆସୁଥିବା ଟିକିଏ ଜଳ ପାର୍ବତୀଙ୍କ ଅଧରକୁ 'ତାଡ଼ନା' ଦେଇ ତଳକୁ ବହିଗଲା, ତାହାହେଲେ ତାଙ୍କର 'ଅଧର ସତରେ କେତେଡ଼େ ନରମ, କେତେଡ଼େ କୋମଳ ହୋଇ ନ ଥିବ ! ଅନ୍ୟ ଭାବରେ କହିଲେ,

(୧) ଦ୍ରଷ୍ଟବ୍ୟ—ଗୀତା, ୬।୧୩ ।

ପାର୍ବତୀଙ୍କର ଅଧର ଅତ୍ୟନ୍ତ କୋମଳ ବୋଲି କବି ସିଧାସଳଖ ନ କହି, ବଡ଼ ବିଦଗ୍ଧ ଭଙ୍ଗୀରେ କେବଳ 'ତାଡ଼ିତ' ଶବ୍ଦ ଦ୍ୱାରା ତାହା ପ୍ରକାଶ କରି ଦେଇଛନ୍ତି ।

ତା ପରେ ସେହି ଟିକିକ ପାଣି ଅଧର ଉପରୁ ଯାଇ ପାର୍ବତୀଙ୍କର 'ବକ୍ଷ' ଉପରେ ପଡ଼ିଛି ଏବଂ ଚୂର୍ଣ୍ଣ ବିଚୂର୍ଣ୍ଣ ହୋଇ ଯାଇଛି । କାହିଁକି ଚୂର୍ଣ୍ଣ ବିଚୂର୍ଣ୍ଣ ହୋଇଗଲା ? ତାର କାରଣ ଏହି ଯେ, ପାର୍ବତୀଙ୍କର ବକ୍ଷ ସ୍ତନଯୁଗଳ) ପଥର-ଠାରୁ ମଧ୍ୟ ଅଧିକ କଠିନ । ତେଣୁ, ଅଧରରୁ ଖସି ଖସି, ମଧ୍ୟ ସ୍ତନମଣ୍ଡଳର କଠିନତା ଫଳରେ ପାଣି ଟିକିକ 'ଗୁଣ୍ଡ୍ ଗୁଣ୍ଡା' ହୋଇଗଲା । ପୟୋଧର 'ଶବ୍ଦ' ପ୍ରୟୋଗ କରି କବି ବିଦଗ୍ଧଜନବୋଧ୍ୟ ଆହୁରି ଅନେକ କଥା "ନ କହି, କହି ପକାଇଛନ୍ତି" । ଶେଷରେ, "ବହୁକାଳ ଧରି" ଜଳର ନାଭି ବିବରରେ ପ୍ରବେଶ ବର୍ଣ୍ଣନା କରି, ପାର୍ବତୀଙ୍କ ନାଭି କେତେ ଯେ ଗଭୀର, ତାହା ମଧ୍ୟ ସୂଚାଇଛନ୍ତି । ସାମୁଦ୍ରିକ ଶାସ୍ତ୍ର ଅନୁସାରେ ନାରୀମାନଙ୍କର ନାଭିର ଗଭୀରତା ଏକ ଶୁଭ ଲକ୍ଷଣ । ସାକ୍ଷାତ୍ ଶଙ୍କର ରୂପୀ ଶଙ୍କରାଚାର୍ଯ୍ୟ ମଧ୍ୟ ଏ ଭଳି ବିଦଗ୍ଧତାରେ ପ୍ରଭାବିତ ବା ପ୍ରରୋଚିତ ହୋଇଥିବାର ଜଣାଯାଏ (୧) ।

ଏହି ଗୋଟିକ ନୁହେଁ, ଏ ଭଳି ଶଟ ଶତ (୨) ଶ୍ଲୋକରେ କାଳିଦାସୀୟ କୋମଳ-କବିତ୍ୱର ଅନୁପମ ଲାବଣ୍ୟ ପ୍ରକଟିତ ହୋଇଅଛି । ଭାତ ହାଣ୍ଡିରୁ ଗୋଟିଏ ଟିପିଲା ପରି ଏଠାରେ ଏ ଶ୍ଲୋକର ଅବତାରଣା କରାଯାଇଛି ମାତ୍ର ।

ଲଘୁତ୍ରୟୀର ଅନ୍ୟ କେତେକ ବିଶେଷତ୍ୱ ମଧ୍ୟ ଅଛି । ତେବେ, ଗୁରୁତ୍ରୟୀ ବା ବୃହତ୍ତ୍ରୟୀ) ଦୃଷ୍ଟିରୁ ମୁଖ୍ୟତଃ 'ରଘୁବଂଶ'ର ନବମ ସର୍ଗ ପ୍ରତି ପାଠକଙ୍କ ଦୃଷ୍ଟି ଆକୃଷ୍ଟ କରାଯାଇପାରେ । ତହିଁରେ ଏ ଭଳି ଅନେକ ଶ୍ଲୋକ ଅଛି, ଯାହାର ଚତୁର୍ଥ ପାଦରେ ଯମକାଳଙ୍କାରର ସୁନ୍ଦର ସମାବେଶ ହୋଇଅଛି । କେତୋଟି ଶ୍ଲୋକର କେବଳ ଚତୁର୍ଥ ପାଦ ଏଠାରେ ଉଦ୍ଧାର କରାଯାଇପାରେ, ଯଥା—

(୧) ବିଯମତା ସମତା ସରଯୂତଟାଃ (୯।୨୦)
(୨) କମଳିନୀ ମଳିନୀ ରଘୁପତିଦିଶଃ (୯।୨୭)

---

(୧) ଆନନ୍ଦ ଲହରୀ ଶ୍ଲୋକ—୭୭ (ହରେକ୍ଷେମ ଛଟୋବ)
(୨) ଶକୁନ୍ତଳା ଓ ଗଙ୍ଗାଧର, ପୃ ୧୪୩

(୩) ସ ଶ୍ରବଣ ଭାଷଣ ଭାଷାର ଭ୍ରମଣାମିବ (୯।୪୧)

(୪) ଭୁଜଲତାଂ ଜଡତାମବଳାଜନଃ (୯।୪୬)

ଭାରବିଙ୍କ ସମୟକୁ ଏହି ଆଳଙ୍କାରିକ ଆଭିମୁଖ୍ୟ କେତେ ସୁପ୍ରସାରିତ ହୋଇ ଯାଇଥିଲା, ତାହା 'କିରାତାର୍ଜ୍ଜୁନୀୟ'ର ପରିଚୟ ପ୍ରଦାନ ବେଳେ ଦର୍ଶାଇ ଦିଆଯାଇଛି ।

କାଳିଦାସଙ୍କର ରଚନାରେ ଚରିତ୍ରମାନଙ୍କର ନାମକରଣ ମଧ୍ୟରେ ଶ୍ରୁତି-ସୂକ୍ଷ୍ମ ପରିଦୃଷ୍ଟ ହୁଏ । 'ରଘୁବଂଶ' ମହାକାବ୍ୟରେ ଅଛି—ମହାରାଜାଙ୍କର ନାମ 'ରଘୁ' ରଖାଯାଇଥିଲା । କାହିଁକି ଜାଣନ୍ତି ? ତାର କାରଣ, 'ରଘ୍' ଧାତୁର ଅର୍ଥ ଯିବା, ଗତି କରିବା । ତାଙ୍କ ପିତା ଜାଣିଥିଲେ, ତାଙ୍କର ପୁଅ ବିଦ୍ୟାରୂପକ ସାଗରର ପର ପାରକୁ "ଯାଇପାରିବ" ଏବଂ ଯୁଦ୍ଧରେ ଶତ୍ରୁମାନଙ୍କର ଶେଷସୀମା ପର୍ଯ୍ୟନ୍ତ "ଗତି କରିପାରିବ" ( ଓ ନିଜର ବିଜୟ ବୈଜୟନ୍ତୀ ଉଡ଼ାଇ ପାରିବ)— ଏ ଉଭୟ କ୍ଷେତ୍ରରେ ସେ "ଯାଇ ପାରିବାକୁ" ଯୋଗ୍ୟ ଥିବାରୁ ଏବଂ 'ରଘ୍' ଧାତୁ ଗତ୍ୟର୍ଥକ ହୋଇଥିବାରୁ, ପୁଅର ନାମ ରଖିଲେ 'ରଘୁ' (୧)

ସେହିପରି 'କୁମାର ସମ୍ଭବ'ରେ ପାର୍ବତୀଙ୍କର 'ଉମା' ଏବଂ 'ଅପର୍ଣ୍ଣା' ନାମ ଉପରେ ଶ୍ରୁତିଯୁଗ-ସୁଲଭ ମନୋରମ ବ୍ୟାଖ୍ୟାନ ଦେଇଅଛନ୍ତି । ପାର୍ବତୀ 'ଉମା' ନାମରେ ଅଭିହିତ ହେଲେ କପରି ? କବି କହୁଛନ୍ତି (୨)—ପାର୍ବତୀ ଯେତେବେଳେ କଠୋର ତପସ୍ୟା କରିବାକୁ କୃତସଂକଳ୍ପ ହେଲେ, ତାଙ୍କର ସ୍ନେହଶୀଳା ଜନନୀ ଦୁହିତାର ତରୁଣ ବୟସ ଓ କୋମଳାଙ୍ଗ ଦୃଷ୍ଟିରୁ ତାଙ୍କର ଭାବୀ-ଦୁଃଖର ଆଶଙ୍କାରେ ଅଧୀର ହୋଇ ଉଠିଲେ ଏବଂ ତାଙ୍କୁ ତହିଁରୁ ନିବର୍ତ୍ତାଇବାକୁ ଯାଇ କହିଲେ, "ଆଲୋ ଝିଅ, 'ଉ' (=ହେଇଟି ଦେଖ, ଭୟଙ୍କର କଥା ତୁ କରିବାକୁ ଯାଉଛୁ । ଏହା ତୋ ପକ୍ଷରେ ସମ୍ଭବ ନୁହେଁ, ତେଣୁ )+'ମା' (=ମା ତାପ୍‌ସୀଃ) ଅର୍ଥାତ୍ ତପସ୍ୟା କର ନାହିଁ (୩) । ଏହି

(୧) ରଘୁବଂଶ— ୩।୨୧

(୨) କୁମାର ସମ୍ଭବ— ୧।୨୬

(୩) ଏ ପର୍ଯ୍ୟନ୍ତ ଓଡ଼ିଶାରେ ମା'ମାନେ ପିଲାଙ୍କୁ ଡରାଇଲା ବେଳେ, ହେଇଟି 'ଉ' ବୋଲି କହିଥାନ୍ତି ।

କାରଣରୁ ତାଙ୍କର ନାମ ହେଲା ଉ+ମା ( =ଭୀଷଣ ତପସ୍ୟା କର ନାହିଁ ) = ଉମା ।

ତା ପରେ, 'ଅପର୍ଣ୍ଣା' । କାଳିଦାସ କହିଛନ୍ତି, ପାର୍ବତୀ ଏ ଭଳି କଠୋର ତପସ୍ୟା କଲେ ଯେ, ମୁନି ଋଷିମାନେ ଯେଉଁ ଶୁଖିଲା ପତ୍ର ଖାଇ, କଷ୍ଟେ ମଷ୍ଟେ ଜୀବନ ଧାରଣ କରନ୍ତି ଓ ତପସ୍ୟାରେ ଅଟଳ ରହନ୍ତି, ପାର୍ବତୀ ସେହି ପର୍ଣ୍ଣ ବା ପତ୍ର ମଧ୍ୟ ଖାଇଲେ ନାହିଁ—ନିରାହାରରେ ତପସ୍ୟା କଲେ (୧) । ତପସ୍ୟା କାଳରେ ପର୍ଣ୍ଣ (ବା ପତ୍ର)କୁ ମଧ୍ୟ ତ୍ୟାଗ କରିଥିବାରୁ ଲୋକେ ତାଙ୍କୁ 'ଅ-ପର୍ଣ୍ଣା' ବୋଲି କହିବାକୁ ଲାଗିଲେ । ଭଞ୍ଜଙ୍କର 'ଚନ୍ଦ୍ରଭାନୁ' ପ୍ରଭୃତି ନାମକରଣ ଏହି ଧାରାର ମୂର୍ତ୍ତି ମାତ୍ର । ଏ ସବୁର ସୂଚନା ୯ମ ପୃଷ୍ଠାରେ ଆଗରୁ ପ୍ରଦତ୍ତ ।

## ସ୍ଥୂଳବସ୍ତୁ

### କିରାତାର୍ଜ୍ଜୁନୀୟ—

ଏହାର ଲେଖକ ହେଉଛନ୍ତି, ମହାକବି ଭାରବି । ଏଥିରେ ରାଜନୈତିକ ତତ୍ତ୍ୱ ଓ ଆଦର୍ଶ ସହିତ ବିଭିନ୍ନ ରସ, ବିଭିନ୍ନ ଋତୁ ଓ ବିଭିନ୍ନ ପ୍ରକାର ଦୃଶ୍ୟର ବଡ଼ ପାଣ୍ଡିତ୍ୟପୂର୍ଣ୍ଣ ବର୍ଣ୍ଣନା ଦେଖିବାକୁ ମିଳେ । ଭଞ୍ଜେ ଯେଉଁ ରୀତିଯୁଗ ସାହିତ୍ୟର ପ୍ରଚଣ୍ଡ ମାର୍ତ୍ତଣ୍ଡ, ସେହି ରୀତି ଶୃଙ୍ଖଳାର ମନୋଜ୍ଞ ପ୍ରକାଶ ଭାରବିଙ୍କଠାରେ କଳିକାରୂପେ ଆତ୍ମପ୍ରକାଶ କରିଥିଲା । ଯୁଧିଷ୍ଠିର ଯେତେବେଳେ ତାଙ୍କର ଗୁପ୍ତଚର ବନେଚରଙ୍କୁ ପଚାରିଛନ୍ତି—(୨)

'ହଇ ହେ, ତୁମେ ତ ଯାଇଥିଲ, କହ ତ ଦେଖି— ଆମେ ପାଣ୍ଡବମାନେ ଏ ଭଳି ବନବାସ କରୁଥିବା ବେଳେ, ଦୁର୍ଯ୍ୟୋଧନ କିପରି ଭାବରେ ରାଜ୍ୟଶାସନ କରୁଛନ୍ତି ?' ଉତ୍ତର ମିଳୁଛି—

"ତବାଭିଧାନାଦ୍ ବ୍ୟଥତେ ନତାନନଃ
ସ ଦୁଃସହାନ୍ ମନ୍ତ୍ରପଦାଦିବୋରଗଃ ।" (୧।୨୪)

---

(୧) କୁମାର ସମ୍ଭବ—୫।୨୮

(୨) 'କିରାତାର୍ଜ୍ଜୁନୀୟ' ମୂଳର ପ୍ରଥମ ୭ଟି ଶ୍ଳୋକ ଦ୍ରଷ୍ଟବ୍ୟ ।

ଅର୍ଥାତ୍—ହେ ଯୁଧିଷ୍ଠିର ! ଦୁର୍ଯ୍ୟୋଧନ ଖୁବ୍ ସତର୍କତାର ସହିତ ରାଜ୍ୟ ଶାସନ କରୁଛନ୍ତି ସତ; କିନ୍ତୁ ଯେତେବେଳେ କଥା ପ୍ରସଙ୍ଗରେ ଆପଣଙ୍କର ନାମ ଉଚ୍ଚାରିତ ହେଉଛି, ସେ ଏକାବେଳକେ ଭୟବିଚଳିତ ହୋଇ ପଡ଼ୁଛନ୍ତି । କିପରି, ଜାଣନ୍ତି ? କେଳା ମନ୍ତ୍ରପଦର ଉଚ୍ଚାରଣ କଲେ, ସାପ ଯେପରି ଭୟଭୀତ, ଠିକ୍ ସେହିପରି । ଏଠାରେ "ତବାଭିଧାନ"ର ଗୋଟିଏ ଅର୍ଥ ତୁମର ନାମ (ଅର୍ଥାତ୍ 'ଯୁଧିଷ୍ଠିର'—ଏହି ନାମ) । ତବ ଅଭିଧାନର ଅନ୍ୟାର୍ଥ—ତାର୍କ୍ଷ୍ୟ (ଅର୍ଥାତ୍ ଗରୁଡ଼) ଏବଂ ବାସୁକୀ (ସର୍ପରାଜ) । ଆମର ସାପମାନେ ଯେତେ ବଳୁଆ ବା ଦୁର୍ଦ୍ଦାନ୍ତ ହୋଇଥାନ୍ତୁ ପଛେ, ସେମାନେ ଯେତେବେଳେ ତାର୍କ୍ଷ୍ୟ (ଗରୁଡ଼) ଏବଂ ବାସୁକୀଙ୍କ ନାମ ଶୁଣନ୍ତି, ଏକାବେଳକେ ଡରି ଯାଆନ୍ତି । ଏଠାରେ ତାର୍କ୍ଷ୍ୟ ଶବ୍ଦର ଆଦ୍ୟ ଅକ୍ଷର 'ତ' ଏବଂ ବାସୁକୀ ଶବ୍ଦର ଆଦ୍ୟ ଅକ୍ଷର 'ବ'—ଏ ଦୁଇ ଅକ୍ଷର ଗ୍ରହଣ କରାଯାଇ, ତହିଁରେ 'ଅଭିଧାନ' (=ନାମ) ଶବ୍ଦ ଯୋଗ କରାଯାଇଛି । ସୁତରାଂ, 'ତବାଭିଧାନାତ୍' ଶବ୍ଦରୁ 'ତୁମ ନାମ' ଓ 'ତାର୍କ୍ଷ୍ୟ ବାସୁକୀଙ୍କ ନାମ'—ଏଭଳି ଦୁଇଟି ଅର୍ଥ ପ୍ରକାଶ ପାଉଛି । ଏହା ହିଁ ଗୌଡ଼-ରୀତିର ଆଦ୍ୟବିକାଶ କାଳ,—'ଗୁଚ୍ଛନସ୍ତି' ବିଷୟରେ ।

ଏହା ବ୍ୟତୀତ, ରୀତି-ସ୍ମୃତିର ଚର୍ଚ୍ଚା ପ୍ରସଙ୍ଗରେ ଭାରବିଙ୍କ ୧୫ଶ ସର୍ଗ ସ୍ୱତନ୍ତ୍ର ସମ୍ମାନ ଦାବୀ କରେ । ଏଥିରେ ନାନା ପ୍ରକାର 'ମଧ୍ୟଯୁଗୀୟ' ଛଟା ଦେଖିବାକୁ ମିଳେ, ଯଥା :— (ଏ ସବୁ ଜାଣିଲେ ହିଁ ଭଞ୍ଜ ପ୍ରଭୃତି କବି-ମାନଙ୍କର ଏ ଭଳି ପ୍ରୟାସର ମୂଳସୂତ୍ର ଧରି ହେବ ।)

**ପାଦ-ଏକାକ୍ଷର ରଚନା—**

"ସ ସାସିଃ ସା ସୁ ସୂଃ ସା ସୋ
ଯେୟ ଯ୍ୟା ଯେୟ ଯ୍ୟା ଯ୍ୟ ଯ୍ୟା ଯ୍ୟ ଯ୍ୟଃ
ଲ ଲୌ ଲ୍ଲାଂ ଲଲେଲ୍ଲେଲଃ
ଶଶୀ ଶାଶିଶୁଶୀ ଶଶନ୍ ।" (୧୬।୫)

ଏଠାରେ ପ୍ରତି ପାଦରେ ଗୋଟିଏ ଗୋଟିଏ ଅକ୍ଷର ପ୍ରଯୁକ୍ତ ।

**ନିରୋଷ୍ଠ୍ୟ ରଚନା—**

ଓଷ୍ଠ୍ୟବର୍ଣ୍ଣ ହେଉଛନ୍ତି—ଉ, ପ, ଫ, ବ, ଭ ଓ ମ (ତଥା ଉପଧ୍ମାନୀୟ-ମାନେ) । ନାହିଁ ଓଷ୍ଠ୍ୟବର୍ଣ୍ଣ ଯହିଁରେ, ସେ ନିରୋଷ୍ଠ୍ୟ ଅର୍ଥାତ୍ ଏ ସବୁ ଉପରଲକ୍ଷିତ

ଊ, ଘ, ଫ ପ୍ରଭୃତି ବର୍ଣ୍ଣ ନରେନ୍ଦ୍ର ରଚନାରେ ବ୍ୟବହୃତ ହୋଇ ନ ଥାଏ, ଯଥା :-

"ଅଥାଗ୍ରେ ହସତା ସାଚ ସ୍ଥିତେନ ସ୍ଥିରକୀର୍ତ୍ତିନା
ସେନାନ୍ୟାଜେ ଜଗଦ୍ଧରେ କଂଚେଦାସ୍ତୁସ୍ତ ଚେତସା ।" (୧୫।୭)

**ଗୋମୂତ୍ରିକା ବନ୍ଧ—**

ଗାଈଟାଏ ମୂତ ମୂତ ଗଲେ ଯେଉଁଭଳି ଭଙ୍ଗୀରେ ମୂତ୍ରଧାରା ଭୂମିରେ ତରଙ୍ଗାଙ୍କିତ ହୋଇ ଚିହ୍ନିତ ହୋଇଥାଏ, ଏହି ରଚନାରେ ସେପରି ଭଙ୍ଗୀରେ ବର୍ଣ୍ଣାବଳୀ ବିନ୍ୟସ୍ତ ହୋଇଥାଏ, ଯଥା :-

"ନାସୁରୋଯଂ ନବାନାଗୋ ଧରସଂସ୍ଥୋ ନ ରାକ୍ଷସଃ
ନା ସୁଖୋୟଂ ନବାଭୋଗୋ ଧରଣିସ୍ଥୋ ହିରାଜସଃ ।" (୧୫।୧୨)

ଏଥିରେ ଉପର ଧାଡିର ୨ୟ, ୪ର୍ଥ, ୬ଷ୍ଠ, ୮ମ, ୧୦ମ, ୧୨ଶ, ୧୪ଶ ଏବଂ ୧୬ଶ ବର୍ଣ୍ଣ ଯାହା, ତଳ ଧାଡ଼ିର ସେହି ସେହି ସଂଖ୍ୟକ ବର୍ଣ୍ଣ ଅବିକଳ ସେଇଆ । ଏହି ବର୍ଣ୍ଣମାନଙ୍କୁ ଗାର କାଟି ଯୋଡଦେଲେ ଗୋମୂତ୍ରଧାର ଭୂମିତଳେ ଚିହ୍ନିତ ହେବାର ରୂପ ଆସିଯାଏ ।

**ପୂର୍ଣ୍ଣ-ଏକାକ୍ଷର—** ( ଗୋଟିଏ ଅକ୍ଷରରେ ଶ୍ଳୋକଟିଯାକ ରଚିତ )

"ନ ନୋନନୁନ୍ନୋ ନୁନ୍ନୋନୋ
ନାନା ନାନା ନନା ନନୁ
ନୁନ୍ନୋଽନୁନ୍ନୋ ନ ନୁନ୍ନେନୋ
ନାନେନା ନୁନ୍ନନୁନ୍ନନୁନ୍ ।" (୧୫।୧୮)

**ସମୁଦ୍ଗକ-**

"ସ୍ୟନ୍ଦନା ନୋ ଚତୁରଗାଃ ସୁରେଭା ବାବପତ୍ତୟଃ
ସ୍ୟନ୍ଦନା ନୋ ଚ ତୁରଗାଃ ସୁରେଭା ବା ବପତ୍ତୟଃ ।" (୧୫।୧୬)

ଏଥିରେ ପ୍ରଥମ ଓ ତୃତୀୟ ଏବଂ ଦ୍ୱିତୀୟ ଓ ଚତୁର୍ଥ ପାଦର ବର୍ଣ୍ଣାବଳୀ ସମାନ, ଅର୍ଥ କିନ୍ତୁ ଅଲଗା ଅଲଗା ।

**ଲୋମ ବିଲୋମ —**

"ବେଣଗୀତ କୁଟଜକେଶୈଲେଽଲେଶୈକେଜଟକୁତଗୀଣବେ
ଯୁକ୍ତ କଂ ବନ୍ଦସେ ଜନ୍ତୁଂ ତୁଂଜନ୍ଦସେ ନ୍ଦବ କଂକ୍ତଯୁ ।"
(୧୫।୧୮)

ଭଞ୍ଜ-ସାହିତ୍ୟରେ ଏହାର ନାମ ମେଷଯୁଦ୍ଧ । ଏଠାରେ ଲକ୍ଷ୍ୟ କରିବାର କଥା, ପ୍ରଥମ ଧାଡ଼ିରେ ୧୬ଟି ଅକ୍ଷର ଏବଂ ଦ୍ୱିତୀୟ ଧାଡିରେ ୧୬ଟି ଅକ୍ଷର ଅଛି । ପ୍ରଥମ ଅକ୍ଷରଟାରୁ ୧୬ଶ ଅକ୍ଷର ପର୍ଯ୍ୟନ୍ତ ପଢ଼ିଗଲେ ଯାହା ହେବ, ୧୬ଶ ଅକ୍ଷରଟାରୁ ପଛକୁ ପଛକୁ ଏକ ନମ୍ବର (ପ୍ରଥମ) ଅକ୍ଷର ପର୍ଯ୍ୟନ୍ତ ପଢ଼ିଗଲେ ଠିକ୍ ସେଇଆ ହେବ । ଯେପରି କି, 'କଟକ', 'ନବଜୀବନ' ଶବ୍ଦ— ଏ ପଟୁ ବା ସେ ପଟୁ ପଢ଼ିଲେ ଏକା କଥା । ୨ୟ ଧାଡ଼ିରେ ମଧ୍ୟ ସେହି କଥା ।

**କଷ୍ଟସାଧ୍ୟ ଲୋମ ବିଲୋମ —**

( ଏହି ସମଗ୍ର ଅଂଶ ପ୍ରଥମ ଅକ୍ଷରରୁ ଶେଷ ଅକ୍ଷର ଯାଏ ଯାହା, ଶେଷ ଅକ୍ଷରରୁ ପ୍ରଥମ ଅକ୍ଷରଯାଏ ତାହା । ମୋଟ ଅକ୍ଷର ସଂଖ୍ୟା ୬୪ । )

"ନଶିତାସିରତୋଷ୍ଟିକୋ ନେୟଜତେଽମରଣାଗୁରୁ
ସାରତୋ ନ ବିରୋଧୀ ନଃ ସ୍ୱାଭାସୋ ଭରବାନ୍ନୁତ
ତନ୍ନୁବାର ଭସୋ ଭାସ୍ୱ ନଧୀରୋଽବିନତୋରସା
ଗୁରୁଣା ରମତେ ଜନେୟା କୋଽଷ୍ଟିତୋ ରସିତାସିନ ।"
( ୧୫।୨୨-୨୩ )

**ଦ୍ୱ୍ୟକ୍ଷର—**

ମାତ୍ର ଦୁଇଟି ଅକ୍ଷରରେ ଏ ପଦଟି ରଚିତ ।

"ରୁଚ ଚୁଂଚୁ ଚିରା ରେଚ
ଚଂଚୈରି ରୁଚୁ ରୁଚଃ
ଚରୁର ରୁଚିର ଚିରୁ
ଚେରୈରିଚୁର ଚଂଚୁରଃ ।" (୧୫।୩୮)

**ଅର୍ଥତ୍ରୟବାଚୀ—**

ଏହି ପଦଟିର ପୂରା ଅଲଗା ଅଲଗା ତିନିଗୋଟି ଅର୍ଥ ଅଛି (୧)।

"ଜଗତୀ ଶରଣେ ଯୁକ୍ତୋ ହରିକାନ୍ତଃ ସୁଧାସିତଃ
ଦାନବର୍ଷୀ କୃତାଶଂସୋ ନାଗରାଜ ଇବାବଭୌ ।" (୧୫।୭୫)

**ମହାଯମକ —**

ଏଥିରେ ଗୋଟିଏ ପଦ (ଶ୍ଳୋକ)ର ଚାରିଗୋଟି ଯାକ ପାଦର ଅକ୍ଷର-ଗୁଡ଼ିକ ସମାନ । ଅଥଚ ପ୍ରତି ପାଦ ବା ଧାଡ଼ିର ଅର୍ଥ ଅଲଗା ଅଲଗା, ଯଥା :—

"ବିକାଶ ମୀୟୁର୍ଜ ଗତୀଶ ମାର୍ଗଣା
ବିକାଶ ମୀୟୁର୍ଜଗତୀଶ ମାର୍ଗଣାଃ
ବିକାଶ ମୀୟୁର୍ଜଗତୀଶ ମାର୍ଗଣା
ବିକାଶ ମୀୟୁର୍ଜଗତୀଶ ମାର୍ଗଣାଃ ।" (୧୫।୫୨)

ଏହି ସମସ୍ତ ପ୍ରକାର ଚିତ୍ରଭୂଷା ସଂସ୍କୃତରେ ହିଁ ସମ୍ଭବ ସିନା, ଓଡ଼ିଆ ଭାଷାରେ ସମ୍ଭବ ନୁହେଁ, ଏହିଭଳି ଧାରଣା ଘେନି ସଂସ୍କୃତ ପଣ୍ଡିତମାନେ ଓଡ଼ିଆ କବିଙ୍କୁ 'ମୁଣ୍ଡଂ ଦେହି' ଆହ୍ୱାନ ଦେଉଥିଲେ । ଭଞ୍ଜେ ଏହାର ଉତ୍ତର ଦେଇ କିପରି ଅସାଧାରଣ କୃତିତ୍ୱ ଦର୍ଶାଇଥିଲେ, ତାହା ତାଙ୍କର ଆଳଂକାରିକତା ବିଚାରରେ ଏହା ପରେ ପ୍ରଦର୍ଶିତ ହୋଇଛି ।

## ଭାରବି କାବ୍ୟର ଅନ୍ୟ କେତେକ ବିଶେଷତ୍ୱ

ଭାବଗାମ୍ଭୀର୍ଯ୍ୟ ଲାଗି ଭାରବି ସମଗ୍ର ଭାରତରେ ଅଭିନନ୍ଦିତ । ତାଙ୍କର ଶ୍ଳୋକାବଳୀରେ ବହୁ ମତ ବଡ଼ ଜଟିଳ ଭଙ୍ଗୀରେ ପ୍ରକାଶିତ (୨) । ଗୁପ୍ତଯୁଗ ସୁଲଭ ଉଦାତ୍ତ କଳ୍ପନାବୈଭବ ମଧ୍ୟ ଏ କାବ୍ୟର ଅନ୍ୟତମ ବିଶେଷତ୍ୱ ।

---

(୧) ଏହାର ଅନୁବାଦ ପାଇଁ ଦ୍ରଷ୍ଟବ୍ୟ—'କିରାତାର୍ଜୁନୀୟ'
(ବାଳୁକେଶ୍ୱର ମହାପାତ୍ର) ପୃ-୨୦୪

(୨) କିରାତାର୍ଜୁନୀୟ—୨ୟ ସର୍ଗ, ୮ମ-୯ମ ଶ୍ଳୋକ ଦ୍ରଷ୍ଟବ୍ୟ ।

୪ର୍ଥ ସର୍ଗର ଶାରଦ ଶୋଭା ବର୍ଣ୍ଣନା, ୯ମ ସର୍ଗର ସନ୍ଧ୍ୟା ବର୍ଣ୍ଣନା ଓ ୧୪ଶ ସର୍ଗର ମାନ୍ତ୍ରବାଦିତା ଏକାବେଳକେ ବିଲକ୍ଷଣ । ବିଶେଷତଃ, ରାଜନୀତିକ ତତ୍ତ୍ୱ ଏବଂ ଦେଶର ଶତ୍ରୁନିପାତମୂଳକ ସ୍ୱଦେଶ ପ୍ରୀତିର ଉଦ୍‌ଗମ ପାଇଁ ଏ କାବ୍ୟ ଅତୁଳନୀୟ । ଏହା ଗତ ସହସ୍ରାଧିକ ବର୍ଷ ଧରି ନିଜର ଗୌରବ ବଜାୟ ରଖିଆସିଛି

ସାଧାରଣତଃ କବିଙ୍କ ନାମାନୁସାରେ ଏହି କାବ୍ୟ ପରିଚିତ ହୋଇଥାଏ, ଯଥା :— "ତୁମେ 'କିରାତାର୍ଜ୍ଜୁନୀୟ' ପଢ଼ିଛ କି", ବୋଲି ପଚରା ନ ଯାଇ, "ତୁମେ 'ଭାରବି' ପଢ଼ିଛ କି" ବୋଲି ପ୍ରଶ୍ନ କରାଯାଇଥାଏ ।

## (୬) ମାଘ କବିଙ୍କ ଶିଶୁପାଳ ବଧ

ମାଘ କବିଙ୍କର 'ଶିଶୁପାଳ ବଧ' ନାମକ ମହାକାବ୍ୟ ଗୁପ୍ତଯୁଗ ସାହିତ୍ୟ ଭିତରେ ମହନୀୟ । ସାଧାରଣରେ ଏହାକୁ "ମାଘ କାବ୍ୟ" କହନ୍ତି । ଉପେନ୍ଦ୍ର ଭଞ୍ଜ ମଧ୍ୟ ମାଘ ନାମ ଉଲ୍ଲେଖ କରିଅଛନ୍ତି (୧) । ଏଥିରେ ନାନା ପ୍ରକାର ଶବ୍ଦାଳଙ୍କାର ସମାବେଶିତ ହୋଇଅଛି । ତଳେ ମାଘରୁ କେତୋଟି ଉଦାହରଣ ଦିଆଯାଉଛି । ଭଞ୍ଜଙ୍କ ରଚନାରେ ଏ ପ୍ରକାର କୃତିତ୍ୱ କେତେଦୂର ପ୍ରତିଫଳିତ ଏବଂ ଏଥିପାଇଁ ଭଞ୍ଜେ କାହିଁକି ଉଦ୍ୟତ ହୋଇଥିଲେ, ତାହା ଏଥିରୁ ହିଁ ଜାଣି ହେବ ।

### 'ମାଘ' କାବ୍ୟରୁ ଏଗାରଟି ଦୃଷ୍ଟାନ୍ତ —

୧ । ପ୍ରତି ଦୁଇ ପାଦର ପାଞ୍ଚଟି ଅକ୍ଷର ସମାନ ; ଅର୍ଥ କିନ୍ତୁ ଭିନ୍ନ—

କ୍ରାନ୍ତଂରୁଚ୍ଚ କାଞ୍ଚନ ବ ପ୍ରଭାଭା
ନବ ପ୍ରଭାଜା-ଲଭୃତାଂ ମଣୀନାମ୍ ।
ଶ୍ରିତଂ ଶିଳା ଶ୍ୟାମଲତାଭିରାମଂ
ଲତାଭିରାମଂ ବିତଷଟ୍‌ପଦାଭିଃ । (୪।୭)

---

(୧) ରସିକହାରାବଳୀ ବନ୍ଦୋଦୟ—୧।୪୬

୨। ପ୍ରତି ଦୁଇ ପାଦର ୬ଟି ଲେଖା ଅକ୍ଷର ସମାନ (୧)

ଛାୟ୍ୟା ନକସ୍ତୀ ଚଟୁଲାଲସାନାଂ
ମଦେନ କାଞ୍ଚିତ୍ ଚଟୁଲାଽଲସାନାମ୍
କୁର୍ବାଣମୂର୍ତ୍ତିଂ ଜଲଜାତପର୍ଣ୍ଣୈଃ
ବହନ୍ତମାନାଂ ଜଲଜାଽତପର୍ଣ୍ଣୈଃ । (୪।୭)

ଏହିପରି ଭାବରେ ଆହୁରି ଅଧିକ ସଂଖ୍ୟକ ଅକ୍ଷର ସମାନ ଥାଇ ଶ୍ଳୋକ ମଧ୍ୟ ଏହି କାବ୍ୟରେ ସନ୍ନିବେଶିତ ହୋଇଅଛି ।

୩। ମଧ୍ୟଯମକରେ ଷଷ୍ଠ ସର୍ଗର ବହୁ ଶ୍ଳୋକ ଶ୍ରୁତିମଧୁର ହୋଇଉଠିଛି (୨)। ଗୋଟିଏ ଶ୍ଳୋକ ଦେଖନ୍ତୁ—

ନବ ପଲାଶ ପଲାଶ ବନଂ ପୁରଃ
ସ୍ଫୁଟ ପରାଗ ପରାଗ—ତ ପଙ୍କଜମ୍ ।
ମୃଦୁ ଲତାନ୍ତ ଲତାନ୍ତ—ମଲୋକୟତ୍
ସ ସୁରଭିଂ ସୁରଭିଂ ସୁମନୋହରୈଃ । (୬।୨)

୪। ଶ୍ଳୋକର ଗୃଣ ପାଦରେ ମାତ୍ର ଗୃଣଗୋଟି ଅକ୍ଷର ପ୍ରୟୋଗ—

ଜ ଜୌଜୋ ଜାଽଜିଜଜ୍ଜାଜୀ
ତଂ ତତୋଽତି ତତାଽତିତୁତ୍
ଭାଽଭୋଽଭୀଭାଽଭିଭୂଭାଭୂ
ରାରାଽରିରରୀରରଃ । (୧୯।୩)

ପ୍ରତି ଧାଡ଼ିରେ ମାତ୍ର ଗୋଟିଏ ଗୋଟିଏ ନିର୍ଦ୍ଦିଷ୍ଟ ଅକ୍ଷରର ପ୍ରୟୋଗ କରାଯାଇଛି ।

ଦୁଇ ଧାଡ଼ିର ଆଦ୍ୟ ତିନୋଟି ଓ ପ୍ରାନ୍ତ ତିନୋଟି ଅକ୍ଷର ସମାନ—

ସାଦରଂ ଯୁଧମାନାପି ତେନାନଂନର ସାଦରମ୍
ସାଦରଂ ସ୍ତୁତନାନତେ୍ୟ ଯାସୁମାନାରସାଦରମ୍ । (୧୯।୨୩)

---

(୧) ଅନୁବାଦ ପାଇଁ ଦ୍ରଷ୍ଟବ୍ୟ—'ଶିଶୁପାଳ ବଧ' (ବା: ମହାପାତ୍ର) ପୃ-୫୩
(୨) ଅନୁବାଦ ପାଇଁ ଦ୍ରଷ୍ଟବ୍ୟ—ଶିଶୁପାଳ ବଧ (ହ: ମି: ସିଂହ) ପୃ-୫୯

୬। ପ୍ରତି ପାଦ ଏ ପଟୁ ପଢ଼ିଲେ ଯାହା, ସେ ପଟୁ ପଢ଼ିଲେ ତାହା–

ନାନା ଜୀବ ବଜୀନାନା
ଯା ଜନୈଘ ଘନୈଜଯା ।
ପରାଙ୍କହା ହାନରାପ
ତାନ୍ ସ୍ଥାତ ତସ୍ଥାନ୍ତା । (୧୯।୪୦)

୭। ପ୍ରତି ଧାଡ଼ି (ଦୁଇ ପାଦ) ଏ ପଟୁ ପଢ଼ିଲେ ଯାହା, ସେ ପଟୁ ତାହା–

ବାରଣା ଗଗଣ୍ଡୀରାଯା   ଯାରାଣ୍ଡୀ ଗଗଣା ରବା
କାରିତା ରିବଧାସେନା   ନାସେଧା ବରିତ ରିକା । ୧୯।୪୪)

ପ୍ରଥମ ଧାଡ଼ିର 'ବା'ରୁ ଆରମ୍ଭ କରି ଧାଡ଼ିର ଶେଷ ଅକ୍ଷର 'ବା' ପର୍ଯ୍ୟନ୍ତ ପଢ଼ିଲେ ଯାହା, ଧାଡ଼ିର ଶେଷ ଅକ୍ଷର 'ବା'ଠାରୁ ପଛକୁ ଓଲଟ ଅକ୍ଷରଗୁଡ଼ିକୁ ପ୍ରଥମ ଧାଡ଼ିର 'ବା' ପର୍ଯ୍ୟନ୍ତ ପଢ଼ିନେଲେ ସେଇଆ । ଦ୍ୱିତୀୟ ଧାଡ଼ିରେ ମଧ୍ୟ ସେହିପରି ।

୮। ମାତ୍ର ଦୁଇଟି ଅକ୍ଷରର ଶ୍ଳୋକ—

ଭୂରିଭିର୍ଭାରିଭିର୍ଭୀରା ଭୂଭାରୈ ରଭିରେଭିରେ
ଭେରୀରେଭି ଭିରଭ୍ରାଭୈ ରଭୀରୁଭି ରିଭୈରିଭାଃ ।

ଏଥିରେ କେବଳ 'ଭ' ଓ 'ର', ଏ ଦୁଇଟି ଅକ୍ଷର ପ୍ରଯୁକ୍ତ ।

୯। ଆଦୌ ସଂଯୁକ୍ତ ବର୍ଣ୍ଣ ନ ଥିବା ରଚନା—

ନ ଛୀଡ଼ନାଦ୍ଧବମିଥୋ
ଦାନଚୋଦ୍ୟମନାରତମ୍
ବପୁଷାମଦସ୍ୟାଗାତ
ଦ୍ଧବାନା ପ୍ରଭଚ୍ଛୋଽଗଲତ୍ । (୧୯।୬୮)

ଏଠାରେ ଦୁଇଟି ବ୍ୟଞ୍ଜନ ବର୍ଣ୍ଣ ଏକାଠି ହୋଇଥିବାର ଗୋଟିଏ ସୁଦ୍ଧା ଅକ୍ଷର ନାହିଁ । ( ଯେପରି କ ଶ୍ଚ, ସ୍ତ, ସ୍କ, ଦ୍ଧ, ମ୍ପ, ଙ୍କ ଇତ୍ୟାଦି ) । ବ୍ୟଞ୍ଜନ ବର୍ଣ୍ଣରେ କେବଳ ସ୍ୱରବର୍ଣ୍ଣ ଯୁକ୍ତ ହୋଇଥିବା ଅକ୍ଷରମାନ ଅଛି ।

୧୦ । ଗତ ପ୍ରତ୍ୟାଗତ–

ତଂ ଶ୍ରିୟା ଘନୟାନସ୍ତ ରୁରୁସାରତୟା ତୟା
ୟାତୟାତରସାରୁରୁ ସ୍ତନୟାନଘୟାଶ୍ରିତଂ । (୧୯।୧୮)

ଏହି ଶ୍ଳୋକର ଗୁରି ପାଦକୁ ଦୁଇ ଧାଡ଼ିରେ ଲେଖାଯାଇଛି । ପ୍ରଥମ ଅକ୍ଷର 'ତଂ'ଠାରୁ ପଢ଼ିଗଲେ, ଶେଷ ଅକ୍ଷର 'ତଂ' ପର୍ଯ୍ୟନ୍ତ ମୋଟ ୩୨ଟି ଅକ୍ଷର ହେଉଛି, କାରଣ ପ୍ରତି ଧାଡ଼ିରେ ୧୬ଟି ଲେଖା ଅକ୍ଷର ଅଛି ।

ବର୍ତ୍ତମାନ, ପ୍ରଥମ ଅକ୍ଷର 'ତଂ' ଠାରୁ ପଢ଼ନ୍ତୁ । ଦ୍ୱିତୀୟ ଧାଡ଼ିର ଶେଷ ଅକ୍ଷର 'ତଂ' ପର୍ଯ୍ୟନ୍ତ ପଢ଼ିଗଲେ ଯାହା ହେବ, ଶେଷ ଅକ୍ଷର 'ତଂ'ଠାରୁ ଓଲଟେଇ ପଢ଼େଇ ପ୍ରଥମ ଅକ୍ଷର 'ତଂ' ପର୍ଯ୍ୟନ୍ତ ପଢ଼ିଆସନ୍ତୁ, ଦେଖିବେ, ଠିକ୍ ସେଇଆ ହେବ ।

୧୧ । ଗୋଟିଏ ଶ୍ଳୋକର ଭିନ୍ନ ଅର୍ଥ—

ସଦାମଦବଳପ୍ରାୟଃ ସମୁଦ୍ଧୃତରସୋବଭୌ
ପ୍ରତୀତ ବିକ୍ରମଃ ଶ୍ରୀମାନ୍ ହରିର୍ହରିର ରିବାପରଃ । (୧୯।୧୧୬)

ଏହି ଶ୍ଳୋକଟିକୁ ଥର ଥର କରି ଅଲଗା ଅଲଗା ଭିନ୍ନ ପ୍ରକାର ଅର୍ଥ କରାଯାଏ ।

ଏହାଛଡ଼ା, ଏ ଭଳି ଶବ୍ଦପାଣ୍ଡିତ୍ୟମୂଳକ ଅନ୍ୟ ଅନେକ ପ୍ରକାରର ଶବ୍ଦାଳଙ୍କାର ବା ଶବ୍ଦଚିତ୍ରମୂଳକ ରଚନା ଓ ଚକ୍ରବନ୍ଧ, ମୁରଜବନ୍ଧ, ଗୋମୂତ୍ରିକା ବନ୍ଧ ପ୍ରଭୃତି ମାଘ କବି 'ଶିଶୁପାଳ ବଧ'ରେ ସମାବେଶିତ କରି ଭାରବିଙ୍କୁ ଏହି ଶବ୍ଦଚିତ୍ର କବିତ୍ୱରେ ମଧ୍ୟ ଅତିକ୍ରମ କରିବାକୁ ପ୍ରୟାସୀ ହୋଇଛନ୍ତି ।

## ମାଘ କାବ୍ୟର ଅନ୍ୟ କେତେକ ବିଶେଷତ୍ୱ—

ମାଘ ସମ୍ପର୍କରେ 'ସୂକ୍ତି' ହେଉଛି—

ନବ ସର୍ଗେ ଗତେ ମାଘେ
ନବ ଶବ୍ଦୋ ନ ଦୃଶ୍ୟତେ ।

'ମାଘ' କାବ୍ୟର ପ୍ରଥମ ନଅଟି ସର୍ଗ ପଢ଼ିଗଲେ ପରେ ନୂଆ ଶବ୍ଦ ଆଖିରେ ପଡ଼େ ନାହିଁ । ଆକ୍ଷରିକ ଭାବରେ ଏହା ସତ୍ୟ ନ ହେଲେ ବି, ବହୁ ଭାବ ଓ ଦ୍ରବ୍ୟସୂଚକ ତଥା ସାଧାରଣରେ ଅବ୍ୟବହୃତ ଶବ୍ଦର ପ୍ରୟୋଗ ଏଥିରେ ଦେଖାଯାଏ । ସ୍ଥାନେ ସ୍ଥାନେ ପୌରାଣିକ ଋଚିତ୍ରମାନ ସୂଚିତ ହୋଇଅଛି (୧) । ଚତୁର୍ଥ ସର୍ଗର ରୈବତ ପର୍ବତ ବର୍ଣ୍ଣନା, ଭଞ୍ଜଙ୍କ 'ସୁଭଦ୍ରା ପରିଣୟ'ର ମୂଲ୍ୟାୟନ ପାଇଁ ଅନୁଶୀଳନୀୟ । ଷଷ୍ଠ ସର୍ଗର ଷଡ଼ଋତୁ ବର୍ଣ୍ଣନା ମଧ୍ୟ ଏକ ସ୍ଥାନରେ ବହୁ ଋତୁ ବର୍ଣ୍ଣନା ଦିଗରେ ଭଞ୍ଜଙ୍କର ଆଖି ଖୋଲି ଦେଇଛି । ଏହା ବ୍ୟଞ୍ଜିତ ଭାଷା, ଭାବ ଓ ଚିତ୍ରା-ଶୃଙ୍ଖଳା ପାଇଁ ତଥା ବର୍ଣ୍ଣନାର ବୈଭବ ପାଇଁ ଏଥିର ବହୁ ଅଂଶ ମହନୀୟ (୨) ।

## (୩) ଶ୍ରୀହର୍ଷଙ୍କ 'ନୈଷଧ' କାବ୍ୟ

ପରମ ଦାର୍ଶନିକ ଓ ମହାକବି ଶ୍ରୀହର୍ଷ ତାଙ୍କର ମହାକାବ୍ୟ 'ନୈଷଧୀୟ ଚରିତ' ଲାଗି ଭାରତୀୟ ପଣ୍ଡିତ ସମାଜରେ ଅନନ୍ୟ-ସାଧାରଣ ଗୌରବ, ପ୍ରତିପତ୍ତି ଏବଂ ପ୍ରତିଷ୍ଠା ଅର୍ଜନ କରିଅଛନ୍ତି । ତାଙ୍କ ସମ୍ପର୍କରେ ଗୋଟିଏ ଶ୍ଲୋକ ସାରା ଭାରତରେ ପ୍ରଚଳିତ । ଶ୍ଲୋକଟି ହେଉଛି—

"ତାବଦ୍ ଭା ଭାରବେର୍ଭାତି
ଯାବନ୍ ମାଘସ୍ୟ ନୋଦୟଃ ।
ଉଦିତେ ନୈଷଧେ କାବ୍ୟେ
କ୍ୱ ମାଘଃ କ୍ୱ ଚ ଭାରବିଃ ।"

ଏହାର ଅର୍ଥ :—ଯେତେ ଦିନ ପର୍ଯ୍ୟନ୍ତ 'ମାଘ' କାବ୍ୟ ରଚିତ ହୋଇ ନ ଥିଲା, ସେତେ ଦିନ ପର୍ଯ୍ୟନ୍ତ 'ଭାରବି' ଭାରତୀୟ କାବ୍ୟ-ଗଗନର ଉଜ୍ଜ୍ୱଳତମ ଜ୍ୟୋତିଷ୍କ ରୂପେ ବିବେଚିତ ହେଉଥିଲେ । କିନ୍ତୁ ଶ୍ରୀହର୍ଷଙ୍କର 'ନୈଷଧୀୟ ଚରିତ' ରଚିତ ହେବା ପରେ, ଭାରବି ଓ ମାଘ, ଦୁହେଁଯାକ ନିଷ୍ପ୍ରଭ ହୋଇଗଲେ । ସାଧାରଣରେ ଏହି କାବ୍ୟ, 'ନୈଷଧ' କାବ୍ୟ ରୂପେ ହିଁ ପରିଚିତ ।

---

(୧) ଯଥା— ୫।୭୬, ୯।୪୨, ୧୫।୨୪ ଶ୍ଲୋକ ଦ୍ରଷ୍ଟବ୍ୟ ।

(୨) ଦ୍ରଷ୍ଟବ୍ୟ— ୨।୨୬, ୩।୯୩, ୫।୪ ଶ୍ଲୋକ ।

ଆହୁରି ମଧ୍ୟ, ଏହି ଗୁରୁତ୍ରୟୀ ବା ପାଣ୍ଡିତ୍ୟ-ଗୌରବ ମଣ୍ଡିତ ତିନୋଟି ମହାକାବ୍ୟ ଭିତରୁ କାହାର କେଉଁ ବିଶେଷତ୍ୱ ରହିଅଛି, ତାହାର ନିର୍ଦ୍ଦେଶକ ରୂପେ ଆଉ ଗୋଟିଏ ଶ୍ଳୋକ ପଣ୍ଡିତମାନେ ଉଦ୍ଧାର କରିଥାନ୍ତି, ଯଥା—

"ଉପମା କାଳିଦାସସ୍ୟ ଭାରବେରର୍ଥଗୌରବମ୍
ଦଣ୍ଡିନଃ ପଦଲାଳିତ୍ୟଂ ମାଘେସନ୍ତି ତ୍ରୟୋଗୁଣାଃ ।"

'ଦଣ୍ଡିନଃ ପଦଲାଳିତ୍ୟମ୍' ବଦଳରେ କେହି କେହି 'ନୈଷଧେ ପଦଲାଳିତ୍ୟମ୍' ବୋଲି କହିଥାଆନ୍ତି । ଦଣ୍ଡୀଙ୍କର ଗଦ୍ୟକାବ୍ୟ 'ଦଶକୁମାର ଚରିତ' ବାସ୍ତବରେ କାନ୍ତକୋମଳ ପଦାବଳୀରେ ଆମୂଳଚୂଳ ବିରଚିତ । ତେବେ, ଲଳିତ ପଦ ଯୋଜନାରେ ନୈଷଧ କାବ୍ୟ ମଧ୍ୟ ଅନନ୍ୟସାଧାରଣ । ଏଥିଲାଗି ଗୋଟିଏ ଦୁଇଟି ଉଦାହରଣ ଦେଇ କିଛି ଫଳ ନାହିଁ । ହିମାଳୟ ଏବଂ ମହୋଦଧିର ମହିମ୍ନସ୍ଥା ଜାଣିବାକୁ ଯେଉଁମାନେ ଉତ୍ସୁକ, ସେମାନେ ସ୍ୱ-ଚକ୍ଷୁରେ ଯାଇ ଏହି ଦୁଇ "ମହାବସ୍ତୁ" ଦେଖିବା ଦରକାର । ସେହିପରି, 'ନୈଷଧ'ର ପଦଲାଳିତ୍ୟ ଉପଭୋଗ ଲାଗି ମୂଳଗ୍ରନ୍ଥର କେତେକାଂଶ ପାଠ କରିବା ଉଚିତ ।

ଓଡ଼ିଆରେ ମଧ୍ୟ ଏହି ଶ୍ଳୋକର ଏକ ଲାଳିକାରେ ବିଭିନ୍ନ କବିଙ୍କର ବିଶେଷତ୍ୱ ପ୍ରଦର୍ଶିତ ହୋଇଅଛି, ଯଥା—

"ଉପମା ଭଞ୍ଜବୀରସ୍ୟ ତସ୍ୟଚୈବାର୍ଥଗୌରବମ୍
କଲ୍ଲୋଳେ ପଦଲାଳିତ୍ୟମ୍ ସନ୍ତି ଚିନ୍ତାମଣୌ ତ୍ରୟଃ ।"

ଅର୍ଥାତ୍, ଭଞ୍ଜ-ସାହିତ୍ୟରେ ଉପମା ଓ ଅର୍ଥଗୌରବ ଏବଂ ଦୀନକୃଷ୍ଣଙ୍କ 'ରସକଲ୍ଲୋଳ'ରେ ପଦଲାଳିତ୍ୟ ଦେଖାଯାଏ; ମାତ୍ର ଅଭିମନ୍ୟୁ ସାମନ୍ତସିଂହାରଙ୍କ 'ବିଦଗ୍ଧ ଚିନ୍ତାମଣି'ରେ ଏହି ତିନୋଟିଯାକ ବିଶେଷତ୍ୱ ରହିଅଛି ।

## 'ନୈଷଧ'ର ବର୍ଣ୍ଣନା ଚାତୁରୀ : କେତୋଟି ଦୃଷ୍ଟାନ୍ତ —

ନୈଷଧକାର ଶ୍ରୀହର୍ଷ ଥିଲେ ପରମତାର୍କିକ । ସେ ଜଣେ ବୈଦାନ୍ତିକ ଏବଂ ଭାରତୀୟ ତର୍କଶାସ୍ତ୍ର ଉପରେ ତାଙ୍କର ଆଧିପତ୍ୟ ଥିଲା ଅସାଧାରଣ । ତେଣୁ ତାଙ୍କର ଚିନ୍ତା-ଚାତୁରୀ ସମଗ୍ର ଭାରତୀୟ କବି-ସମାଜରେ ବିଲକ୍ଷଣତାର ଉଚ୍ଚ ଆସନ ଦାବୀ କରିଥାଏ । ତଳେ ତାଙ୍କର ବିଚିତ୍ର ଚିନ୍ତା-ଚାତୁରୀ ଅନୁରଞ୍ଜିତ କେତେକ ଶ୍ଳୋକର ଦୃଷ୍ଟାନ୍ତ ଦିଆଯାଉଛି । ଏହି କେତୋଟିରୁ ପାଠକେ ବୁଝିବେ

ଯେ, ନୈଷଧୀୟ ଗୁଡ଼ୁଗୁଣ କହିଲେ କ'ଣ ବୁଝାଯାଏ ଏବଂ ଏହିସବୁ ସୂତ୍ର ଧରି ଭଞ୍ଜ-ସାହିତ୍ୟର ବିଶ୍ଳେଷଣ ଓ ଆସ୍ୱାଦନ କିପରି କରିବାକୁ ହେବ ।

## ପ୍ରଥମ ଉଦାହରଣ—

ନୈଷଧ' କାବ୍ୟର ନାୟକ ମହାରାଜା ନଳ କିପରି ଦାନୀ ଥିଲେ, ତାହା ବକ୍ରଭଙ୍ଗୀରେ ବର୍ଣ୍ଣନା କରି କବି କହୁଛନ୍ତି—

"ଅୟଂ ଦରିଦ୍ରୋ ଭବିତେତି ବୈଧସୀଂ
ଲିପିଂ ଲଲାଟେଽର୍ଥିଜନସ୍ୟ ଜାଗ୍ରତୀମ୍ ।
ମୃଷା ନ ଚକ୍ରେଽଲ୍ପିତ କଳ୍ପପାଦପଃ
ପ୍ରଣୀୟ ଦାରିଦ୍ର୍ୟ ଦରିଦ୍ରତାଂ ନୃପଃ ।" (୧।୧୫)

ଏହାର ଅର୍ଥ :—ଦେଶରେ ଯେତେ ଧନହୀନ ଲୋକ (ଗରିବ) ଥିଲେ, ସମସ୍ତଙ୍କୁ ବିପୁଳ ଦାନ ଦେଇ ନଳ ମହାରାଜା ଧନୀ କରିଦେଲେ । ତେଣୁ କେହି କେହି କହିଲେ, "ଏପରି କରିବା ଦ୍ୱାରା ନଳ ମହାରାଜା ବିଧାତାର ନିର୍ଦ୍ଦେଶକୁ ଅମାନ୍ୟ କଲେ । କାହିଁକି ନା, ଯେଉଁମାନେ ଗରିବ ଥିଲେ, ସେମାନଙ୍କ କପାଳରେ ବିଧାତା ଏ କଥା ଲେଖିଥିଲେ—'ଏ ଲୋକ ଦରିଦ୍ର ହେବ ।' ଏବେ, ଏ ଭଳି ଗରିବମାନଙ୍କୁ ଧନଶାଳୀ କରିବା ଦ୍ୱାରା, ନଳ ମହାରାଜା ସେହି ଦୈବୀଲିପିକୁ ଅନ୍ୟଥା କରିଦେଲେ ନାହିଁ କି ?"

ଏ ଭଳି ପ୍ରଶ୍ନ ଉଠିବାରୁ କବି ଶ୍ରୀହର୍ଷ କହିଲେ—"ନାହିଁ, ନାହିଁ, ଧନହୀନ ଲୋକଙ୍କୁ ଧନୀ କରି ଦେଇ ମଧ୍ୟ ନଳ, ବିଧାତାର ଲିପିକୁ ଅବଜ୍ଞା କଲେ ନାହିଁ । କିପରି ? କଥା ହେଉଛି, ବିଧାତା ଲେଖିଥିଲେ, 'ଇଏ ଦରିଦ୍ର ହେବ ।' ହଉ ହେ ପାଠକେ ! ଭାବି ଦେଖ, ଦରିଦ୍ରତା ବୋଇଲେ, 'ଅଭାବ' ହିଁ ବୁଝାଯାଏ । ଯାହାର ଯାହା ନାହିଁ, ସେ ତହିଁରେ ଦରିଦ୍ର । ଯାହାର ଧନ ନାହିଁ, ସେ ଧନ-ଦରିଦ୍ର, ଯାହାର ଜ୍ଞାନ ନାହିଁ, ସେ ଜ୍ଞାନ-ଦରିଦ୍ର, ଯାହାର ଯାହା ନାହିଁ; ସେ ସେଥିରେ ଦରିଦ୍ର । ସୁତରାଂ, ଆଗେ ଯେଉଁମାନଙ୍କର ଧନ ନ ଥିଲା, ସେମାନେ ଧନ-ଦରିଦ୍ର ଥିଲେ । ଏବେ ସେମାନେ ନଳଙ୍କ ଦାନ ବଳରେ ଧନୀ ହୋଇଯିବାରୁ ସେମାନଙ୍କ ପାଖେ ଆଉ ଅର୍ଥ-ଦାରିଦ୍ର୍ୟ ରହିଲା ନାହିଁ । ଫଳରେ, ସେମାନେ ହେଲେ 'ଦରିଦ୍ରତା ଗୁଣରେ ଦରିଦ୍ର' । ଧନବନ୍ତ ହୋଇ ମଧ୍ୟ ଯେହେତୁ ସେମାନେ 'ଦରିଦ୍ରତାରେ ଦରିଦ୍ର' ହୋଇ ରହିଲେ, ସେହି ହେତୁ ବିଧାତାର ଲିପି

ତାଙ୍କଠାରେ ସାର୍ଥକ ହେଲା ଏବଂ ନଳ ମହାରାଜା ବଧୀତାର ଲିପି ପ୍ରତି ଅବଜ୍ଞା ପ୍ରକାଶ କଲେ ବୋଲି କହିବା ଠିକ୍ ହେବ ନାହିଁ ।

## ଦ୍ୱିତୀୟ ଉଦାହରଣ –

ନଳ ମହାରାଜା ସମଗ୍ର ପୃଥିବୀର ଅଧିପତି ହୋଇ ଉତ୍ତମରୂପେ ରାଜ୍ୟ ଶାସନ କଲେ । ରାଜ୍ୟରେ ସୁଶାସନ ନ ରହିଲେ ଅତିବୃଷ୍ଟି, ଅନାବୃଷ୍ଟି ପ୍ରଭୃତି ବିପତ୍ତି ଘଟିଥାଏ । କିନ୍ତୁ ନଳଙ୍କ ରାଜ୍ୟରେ ସୁଶାସନ ଥିବାରୁ ଅତିବୃଷ୍ଟି, ଅନାବୃଷ୍ଟି ପ୍ରଭୃତି ଦୂର ହୋଇଗଲେ (୧)। ଏହାର ଭିତରୁ ଅତିବୃଷ୍ଟି ( ଖୁବ୍ ବେଶି ପରିମାଣରେ ଦିନ ରାତି ବୃଷ୍ଟି ହେଲେ ଶସ୍ୟ ନଷ୍ଟ ହୋଇଯାଏ; ସୁତରାଂ, ଏହା ଏକ ଦୁର୍ଲକ୍ଷଣ ) ଗୁଡ଼ିକ ଆଶ୍ରୟ ନେବାକୁ ନଳଙ୍କ ରାଜ୍ୟରେ ଆଉ ସ୍ଥାନ ପାଇଲେ ନାହିଁ । ଆଶ୍ରୟ ଖୋଜି ଖୋଜି ଶେଷରେ ସେମାନେ ଯାଇ ନଳଙ୍କର ଶତ୍ରୁପକ୍ଷୀୟ ରାଜା (ଓ ସୈନ୍ୟ)ମାନଙ୍କର ବିଧବା ସ୍ତ୍ରୀମାନଙ୍କର ନେତ୍ରକୋଣରେ ଆଶ୍ରୟ ନେଲେ ।

ନୈଷଧୀୟ ଵିଦଗ୍ଧ ଭଙ୍ଗୀର ଏହା ଗୋଟିଏ ଦୃଷ୍ଟାନ୍ତ । ଏହି ବିରାଟ ବାକ୍ୟବିସ୍ତାରର ସାରକଥା ହେଲା,—ନଳ ମହାରାଜା ସମସ୍ତ ଶତ୍ରୁ ସୈନ୍ୟମାନଙ୍କୁ ହତ୍ୟା କରିଦେଲେ, ପୃଥିବୀରେ ସାର୍ବଭୌମ ନରପତି ହେଲେ ଏବଂ ଶତ୍ରୁପକ୍ଷୀୟ ବିଧବା ଗୃହିଣୀମାନେ ଦିନ ରାତି କାନ୍ଦି କାନ୍ଦି ଅନବରତ ଅଶ୍ରୁପାତ କରିବାକୁ ଲାଗିଲେ ।

## ତୃତୀୟ ଉଦାହରଣ —

ନଳ ମହାରାଜା ତାଙ୍କର ମୁଣ୍ଡ କୁଣ୍ଡାଇଲା ବେଳେ କେଶଗୁଚ୍ଛକୁ ଦୁଇ ଭାଗ କରି କୁଣ୍ଡାଉଥିଲେ ଏବଂ ମଝିରେ ସୀମନ୍ତରେଖା ସିଧାସଳଖ ସ୍ପଷ୍ଟ ବାରିହୋଇ

---

(୧) ନବାରିତାମ୍ଭେନ ମହୀତଳେଽଖିଳେ
ନଶାନ୍ତିଭାବଂ ଗମିତେଽତି ବୃଷ୍ଟୟଃ ।
ନ ତତ୍ୟଜୁର୍ନୂନମନନ୍ୟ ସଂଶ୍ରୟାଃ
ପ୍ରତୀପ ଭୂପାଳ ମୃଗୀଦୃଶାଂ ଦୃଶଃ । (୧।୧୧)

ପଡ଼ୁଥିଲା (୧) । ହେ ପାଠକେ ! ମୁଣ୍ଡକୁ ଢ଼'ଙ୍କାଳ କଲା ଭଳି ଯେ ଯେ ବାଳ କୁଣ୍ଡାଉଥିଲେ, ତହିଁର ଅସଲ, ଭିତରି ମର୍ମ ରହିଛି । ସାହିତ୍ୟ-ଶାସ୍ତ୍ରରେ କୁହା-ଯାଇଛି, କୀର୍ତ୍ତି ହେଉଛି ଶୁଭ୍ରବର୍ଣ୍ଣ (ଧଳା); କିନ୍ତୁ ଅପକୀର୍ତ୍ତି ହେଉଛି କଳା । ନଳଙ୍କ ମୁଣ୍ଡରେ ଦୁଇଟା କଳାଅଂଶ ଦେଖାଯାଉ ଥିବାରୁ ଜଣାଯାଉଛି, ସେ ଅନ୍ୟ ସମସ୍ତ କାର୍ଯ୍ୟରେ ଅପୂର୍ବ କୀର୍ତ୍ତି ଅର୍ଜନ କରିଥିଲେ ମଧ୍ୟ, କେବଳ ଦୁଇଟି ବିଷୟରେ ସେଭଳି କୀର୍ତ୍ତି ଅର୍ଜନ କରି ପାରି ନାହାନ୍ତି । ସେ ଦୁଇଟି ଅପକୀର୍ତ୍ତି କ'ଣ କ'ଣ ? ପ୍ରଥମ ଅପକୀର୍ତ୍ତି—ସେ ଗୁଣୀ ଓ ପଣ୍ଡିତ ଲୋକମାନଙ୍କୁ ପ୍ରଚୁର ପରିମାଣରେ ଧନରତ୍ନ ଦାନ କରୁଥିଲେ ମଧ୍ୟ, ରତ୍ନମୟ ମେରୁ ପର୍ବତକୁ ଖଣ୍ଡ ଖଣ୍ଡ କରି ଦାନ କରିଦେଇ ପାରି ନାହାନ୍ତି । ତାହାହେଲେ ତାଙ୍କୁ ଅଦ୍ୱିତୀୟ ଦାନୀ କିପରି ଅବା କୁହାଯିବ ? ତେଣୁ, ଏ ହେଲା ତାଙ୍କର ଏକ କଳଙ୍କ (୨) ।

ତା ଛାଡ଼ା, ଦାନ ଦିଆଯିବା ବେଳେ ତହିଁ ସଙ୍ଗେ ସଙ୍ଗେ ଟିକିଏ ଜଳ ଉତ୍ସର୍ଗ କରାଯାଏ । ନଳ ମହାରାଜା ଦାନ ବ୍ରତ ହୁଏ ତ ଦାନ କରୁଥିଲେ ଏବଂ ଦାନ ପରେ ଟିକିଏ ଟିକିଏ ଜଳ ଉତ୍ସର୍ଗ କରୁଥିଲେ । ତଥାପି, ଏ ମହୋଦଧି ଏ ପର୍ଯ୍ୟନ୍ତ ଜଳପୂର୍ଣ୍ଣ ହୋଇ ରହିଛି । ମହାଦାନୀ ନଳ ମହାରାଜା ଦାନ ଦେବା ସୂତ୍ରରେ ଏହି ସାଗରକୁ ତ ଶୁଖାଇ ପାରିଲେ ନାହିଁ, ଆଉ ତାଙ୍କର ଦାନପଣିଆ ରହିଲା କେଉଁଠି ? ତେଣୁ ରତ୍ନମୟ ମେରୁ ପର୍ବତକୁ ଯାଚକମାନଙ୍କ ମଧ୍ୟରେ ବିତରଣ କରି ପାରି ନ ଥିବାରୁ ଓ ଦାନ ଦେବା ପରେ ଟିକିଏ ଟିକିଏ ପାଣି ପକାଇ ପକାଇ ସମୁଦ୍ରମାନଙ୍କୁ ଶୁଖାଇ ପାରି ନ ଥିବାରୁ ସେ ଯେଉଁ ଦୁଇଟି କଳଙ୍କ ଅର୍ଜନ କଲେ, ତାହାର ଦ୍ୟୋତକ ରୂପେ ମୁଣ୍ଡ ଉପରେ ଦୁଇଟି କଳା ଅଂଶ ଦୁଇଭାଗ ବାଳ ହିସାବରେ ଶୋଭା ପାଉଛି ।

---

(୧) ବିଭଜ୍ୟ ମେରୁର୍ନ ଯଦର୍ଥିସାତ୍ କୃତୋ
ନ ସିନ୍ଧୁରୁତ୍ସର୍ଗ ଜଳ ବ୍ୟୟୈର୍ମରୁଃ
ଅମାନି ତତ୍ତେନ ନିଜାଯଶୋଯୁଗମ୍
ଦ୍ୱିଫାଳବଦ୍ଧାଃ ଚକୁରାଃ ଶିରସ୍ଥିତମ୍ । (୧।୧୬)

(୨) ଏହାର ଓଡ଼ିଆ ଅନୁବାଦ ପାଇଁ, ଦ୍ରଷ୍ଟବ୍ୟ :—
(କ) 'ନୈଷଧୀୟ ଚରିତ' (ବା: ମହାପାତ୍ର) ପୃ—୪
(ଖ) ,, ,, (ବ: ମି: ସିଂହ) ପୃ—୪
(ଗ) 'ନୈଷଧ କାବ୍ୟ' (ଗୋ: ସିଂହ) ପୃ—୩

## ଚତୁର୍ଥ ଉଦାହରଣ —

ନଳ ମହାରାଜାଙ୍କର ପାଦର ରକ୍ତିମା, ହସ୍ତର କାନ୍ତି, ମୁଖର କାନ୍ତି ଏବଂ ରମଣୀୟତା ବର୍ଣ୍ଣନା କରି କବି କହୁଛନ୍ତି—(୧)

ଲୋକେ ହୁଏ ତ କହିବେ, ନଳ ମହାରାଜାଙ୍କର ପାଦପଦ୍ମ ବଡ଼ ସୁନ୍ଦର । ଅର୍ଥାତ୍, ପଦ୍ମ ଯେପରି ସୁନ୍ଦର ( ତାହାର ରକ୍ତିମା, କୋମଳତା ଗୁଣ ହେତୁ ) ନଳ ମହାରାଜାଙ୍କର ପାଦ ଠିକ୍ ସେମିତି । ଅନ୍ୟ ଭାବରେ କହିଲେ, ପଦ୍ମଠାରେ ଗୁଣର ମାତ୍ରା ଅଧିକ ଏବଂ ନଳଙ୍କ ପାଦରେ ସେହି ଗୁଣର ମାତ୍ରା ଅପେକ୍ଷାକୃତ ଅଳ୍ପ । 'ପାଦପଦ୍ମ' କହିବା ବେଳେ ସମସ୍ତ କବି ଏହିଭଳି ଭାବରେ ପଦ୍ମଠାରେ ଅଧିକ ଗୁଣ ସ୍ୱୀକାର କରିଥାନ୍ତି ।

କିନ୍ତୁ ମୁଁ ଶ୍ରୀହର୍ଷ କବି କହୁଛି, ନଳଙ୍କର 'ପାଦ' ଚେବେହେଲେ 'ପଦ୍ମ'-ଠାରୁ ଅଳ୍ପ ଗୁଣସମ୍ପନ୍ନ ନୁହେ । 'ପଦ୍ମ' ଶବ୍ଦର ଅର୍ଥ ଯାହା, ତାକୁ ବିଶ୍ଳେଷଣ କରି ବୁଝାଇ ଦେଲେ ଆପଣମାନେ ମାନିଯିବେ ଯେ, ସୌନ୍ଦର୍ଯ୍ୟ ବିଚାରରେ, ପଦ୍ମକୁ ନଳଙ୍କର ପାଦ ବେଖାତିର କରିବାର ଯଥେଷ୍ଟ କାରଣ ଅଛି ।

କିପରି ? ଏଇ ଦେଖନ୍ତୁ—'ପଦ୍ମ' ଶବ୍ଦର ଅର୍ଥ ହେଲା, 'ପଦ୍' ବା 'ପାଦ'ର 'ମା'; ଅର୍ଥାତ୍ 'ଶୋଭା' ପରି ଶୋଭା ଯାହାର, ସେ ହେଉଛି 'ପଦ୍ମ' । ଅନ୍ୟ ଭାବରେ କହିଲେ, 'କମଳ'କୁ 'ପଦ୍ମ' କାହିଁକି କୁହାଗଲା ? ତାହାର କାରଣ, ନଳଙ୍କ ପାଦର ରକ୍ତିମା, କୋମଳତା ପ୍ରଭୃତି ଯେଉଁସବୁ ଗୁଣ ଅଛି, ସେ ସବୁ ଗୁଣ କେତେକ ପରିମାଣରେ ଏହି ଫୁଲଠାରେ ଅଛି । ଅର୍ଥାତ୍, ଏ ସବୁ ଗୁଣରେ 'ପାଦ' ହେଲା ଅଧିକ ଯୋଗ୍ୟତାଶାଳୀ ଏବଂ 'କମଳ' ହେଲା ଅଳ୍ପ ଯୋଗ୍ୟତାସମ୍ପନ୍ନ । ସୁତରାଂ, ନଳଙ୍କ 'ପାଦ'ଠାରୁ 'ପଦ୍ମ' ଅଧିକ ସୁନ୍ଦର ନୁହେ ବୋଲି ହିଁ ଏହି 'ପଦ୍ମ' ଶବ୍ଦର ଅର୍ଥରୁ ବାହାରୁଅଛି ।

---

(୧) ଅଧାରି ପଦ୍ମେଷୁ ତଦଂଘ୍ରିଣା ଘୃଣା
କ୍ୱ ତଚ୍ଛୟଚ୍ଛାୟ ଲବୋଽପି ପଲ୍ଲବେ ।
ତଦାସ୍ୟ ଦାସ୍ୟେଽପି ଗତୋଽଧିକାରିତାଂ
ନ ଶାରଦଃ ପାର୍ବିକ-ଶର୍ବରୀଶ୍ୱରଃ । (୧।୨୦)

ଠିକ୍ ସେହିପରି, ନଳଙ୍କ ହାତକୁ 'କର-ପଲ୍ଲବ' କହିବା ଉଚିତ ହେବ ନାହିଁ, ଯଦିଓ କବିମାନେ ନିଜ ନିଜର କାବ୍ୟ-ନାୟକଙ୍କ ହାତ ବର୍ଣ୍ଣନା କଲାବେଳେ 'କର-ପଲ୍ଲବ' ରୂପେ ବର୍ଣ୍ଣନା କରିଛନ୍ତି । 'ପଲ୍ଲବ' ଶବ୍ଦର ଅର୍ଥ କଅଁଳ ପତ୍ର, ଯହିଁରେ ରକ୍ତିମା, କୋମଳତା, ପାଟଳିମା ପ୍ରଭୃତି ଗୁଣ ଥାଏ । କିନ୍ତୁ ମୁଁ କହୁଛି, ମୋ କାବ୍ୟ-ନାୟକ ନଳ ମହାରାଜାଙ୍କର କରତଳ ସହିତ ତୁଳିବେ ହେଲେ ପଲ୍ଲବର ତୁଳନା ସମ୍ଭବପର ନୁହେ । କାରଣ, ଆପଣ 'ପଲ୍ଲବ' ଶବ୍ଦର ଅର୍ଥ ବିଶ୍ଳେଷଣ କରି ଦେଖନ୍ତୁ, ଏହା "ପଦ୍‌+ଲବ"ରୁ ନିଷ୍ପନ୍ନ । 'ପଦ୍'ର ଅର୍ଥ 'ପାଦ' ଏବଂ ଲବର ଅର୍ଥ 'ଟିକିଏ ମାତ୍ର' । ଯେ ଦେହର ଅଧମାଙ୍ଗର ତଳେ ସବୁବେଳେ ଘଷି ହେଉଥିବା ପାଦର ଟିକିଏ ମାତ୍ର ଗୁଣ ନିଜଠାରେ ରଖିପାରିଛି, ସେ ହେଲା 'ପଲ୍ଲବ' । ମାତସ୍ଥିତ ପାଦର ସବୁ ଗୁଣ ଯେ ହାସଲ କରି ପାରି ନାହିଁ ଏବଂ ଯେ ତାହାର 'ଲବ'ମାତ୍ର ଗୁଣ ହାସଲ କରିଛି, ସେହି ଯେ 'ପଲ୍ଲବ' (କଅଁଳ ପତ୍ର), ତାକୁ ଆଣି ସମସ୍ତ ଉଚ୍ଚାଙ୍ଗ କାର୍ଯ୍ୟର ଅନୁଷ୍ଠାନକାରୀ 'ହାତ' ସହିତ କିପରି ଅବା ତୁଳନା କରାଯିବ ? ତେଣୁ ନଳଙ୍କ ହାତ ବର୍ଣ୍ଣନା ପ୍ରସଙ୍ଗରେ 'କର-ପଲ୍ଲବ' ଶବ୍ଦର ପ୍ରୟୋଗ ଅସଙ୍ଗତ (୧) ।

## ପଞ୍ଚମ ଉଦାହରଣ—

ନଳ ମହାରାଜାଙ୍କର ଘୋଡ଼ାମାନେ ଡେଇଁ ଡେଇଁ ଗଲାବେଳେ ମୁହଁ ତଳକୁ ପୋତି ଦେଉଛନ୍ତି । ସେମାନେ ଏ ଭଳି ଶକ୍ତିଶାଳୀ ଘୋଡ଼ା ଯେ, ଇଚ୍ଛା କଲେ ହୁଏତ ଆକାଶମଣ୍ଡଳକୁ ଡେଇଁ ଯାଆନ୍ତେ । କିନ୍ତୁ, ରାସ୍ତା ଉପରେ ସେମାନେ ଗଲାବେଳେ ମୁଁ ଦେଖିଛି, ସେମାନେ ଡେଇଁପଡ଼ିଲା ପରି ହେଉଛନ୍ତି । କିନ୍ତୁ କାହିଁକି କେଜାଣି, ଉପରକୁ ଟେକିଥିବା ଆଗପଟର ଗୋଡ଼କୁ ପୁଣି ଥରେ ତଳୁଆ କରି ଦେଉଛନ୍ତି । ତାର କାରଣ ଏଇଆ ହୋଇଥିବ ବୋଲି ମୁଁ ଭାବୁଛି— (୨)

---

(୧) ଏଥିର ବ୍ୟାଖ୍ୟା ପାଇଁ ଦ୍ରଷ୍ଟବ୍ୟ—
'ନୈଷଧୀୟ ଚରିତ'—ନାରାୟଣୀ ଟୀକା ।

(୨) ହରେର୍ଯଦକ୍ରାମି ପଦୈକକେନ ଖଂ
ପଦୈଶ୍ଚତୁର୍ଭିଃ କ୍ରମଣେଽପି ତସ୍ୟନଃ ।
ତଥାଦ୍ରବ୍ରଣୀ ମିତ ନମ୍ରିତା ନତୈଃ
ନ୍ୟବର୍ତ୍ତିତେତି ରର୍ଦ୍ଧନଭଃ କ୍ରତଙ୍କମୈଃ । (୧।୭୦)

ଆଗକୁ ଯିବା ବେଳେ ସେମାନେ ହୁଏ ତ ଭାବୁଛନ୍ତି, 'ଏପରି ଡିଆଁ ଟେ ମାରିବା ଯେ, ଆକାଶକୁ ଡେଇଁଯିବା ।' କିନ୍ତୁ ପରମୁହୂର୍ତ୍ତରେ ଭାବୁଛନ୍ତି,— 'ନାହିଁ, ନାହିଁ, ଆମେ ଆମର ଦେହ ବଳରେ ଆମର ଖୁରରେ ଖୁରାରେ ଆମେ ଆକାଶକୁ ଡେଇଁଗଲେ ମଧ୍ୟ କିଛି ଗୌରବର କଥା ହେବ ନାହିଁ । କାହିଁକି ନା, ଆଗେ ଜଣେ 'ହରି' ଥିଲେ ଯେ, ସେ ତାଙ୍କର ଗୋଟିଏ ପାଦରେ ସମଗ୍ର ଆକାଶମଣ୍ଡଳକୁ ଅତିକ୍ରମ କରିଥିଲେ (୧) । ଆଜି ଆମେ ବି ହରି (୨) । ଗୋଟିଏ ପାଦରେ ଜଣେ ହରି ଯେଉଁ ଅସାଧ୍ୟ ସାଧନ କରିଥିଲେ, ଏବେ ଚାରି ପାଦରେ ଆମେ ହରିମାନେ (ଅଶ୍ୱମାନେ) ଯଦି ସେହି କଥା କରିବା, ଲୋକେ ଆମକୁ ପ୍ରଶଂସା କରିବେ ନାହିଁ ।' ଏଣୁ ମନେହୁଏ, ଗୋଟିଏ ପାଦରେ ଆଗକାଳର ହରିଙ୍କ ଭଳି ଏହି ଘୋଡ଼ାମାନେ ଆକାଶ ଅତିକ୍ରମରେ ଅସମର୍ଥ ହୋଇ ମୁହଁ ତଳକୁ କରି ଦେଇଛନ୍ତି ଏବଂ ଡେଇଁଲା ପରି ହେଲେ ମଧ୍ୟ ଲମ୍ଫ ପ୍ରଦାନ କରି ଆକାଶମଣ୍ଡଳକୁ ଅତିକ୍ରମ କରୁ ନାହାନ୍ତି ।

## ଷଷ୍ଠ ଉଦାହରଣ—

ଦମୟନ୍ତୀଙ୍କ କେଶର ଶୋଭା ବର୍ଣ୍ଣନା କରି କବି କହୁଛନ୍ତି-

"ପାଠକେ ! ମୋର କାବ୍ୟ-ନାୟିକା ଦମୟନ୍ତୀଙ୍କର କେଶ ପାଶକୁ ବର୍ଣ୍ଣନା କରି ଆପଣ ଯଦି କହିବେ, ସେ ହେଉଛନ୍ତି 'ଚାମର କେଶୀ', ତେବେ ମୁଁ ଆପତ୍ତି କରିବି । କାରଣ, ଚାମର, ଚମରୀ-ମୃଗର ପୁଚ୍ଛରୁ ସଂଗୃହୀତ । ଆଚ୍ଛା, ଭାବି ଦେଖନ୍ତୁ ତ, ଚମରୀ-ମୃଗ ଗୋଟିଏ ପଶୁ । ଯେଉଁ ଚାମର ସହିତ ଆପଣ ମୋ ନାୟିକାର କେଶକୁ ତୁଳନା କରୁଛନ୍ତି, ସେହି ଚାମର ଏତେ ନିକୃଷ୍ଟ ଜିନିଷ ଯେ, ସୌନ୍ଦର୍ଯ୍ୟ ଜ୍ଞାନଶୂନ୍ୟ ପଶୁ ମଧ୍ୟ ତାକୁ ନେଇ ନିଜ ଦେହର ପଛଭାଗରେ ରଖିଛି । ସୁତରାଂ, ଆପଣମାନେ କେଉଁ ବିବେକରେ ପଶୁଦ୍ୱାରା

---

(୧) ବାମନ ଅବତାରରେ 'ହରି' ତାଙ୍କର ଉତ୍କ୍ଷିପ୍ତ ପାଦରେ (ଗୋଟିଏ ପାଦରେ) ସମଗ୍ର ଆକାଶମଣ୍ଡଳକୁ ଆବୃତ କରି ଦେଇଥିଲେ ।

(୨) 'ହରି' ଶବ୍ଦର ଅନ୍ୟ ଏକ ଅର୍ଥ ହେଉଛି, ଘୋଡ଼ା ।

ମଧ୍ୟ ଅପୁରସ୍କୃତ ( ଦେହର ପଛଭାଗରେ ରଖାଥିବା ) ଶ୍ଲୋକର ସହିତ ମୋ ନାୟିକାର ସୁନ୍ଦର କେଶ ପାଶର ତୁଳନା କରିବେ ? (୧)

## ସପ୍ତମ ଉଦାହରଣ—

ଦମୟନ୍ତୀଙ୍କର କେଶପାଶ ଏବଂ ସ୍ତନମଣ୍ଡଳ ବର୍ଣ୍ଣନା କରି କବି କହୁଛନ୍ତି— (୨)

କିଏ ନ ଜାଣେ ଯେ, ମୟୂର ଯାଇ କାର୍ତ୍ତିକେୟଙ୍କଠାରେ ଶରଣ ପଶିଛି । ପୁଣି ଐରାବତ ହାତୀ ଯାଇ ଇନ୍ଦ୍ରଙ୍କଠାରେ ଶରଣ ପଶିଛି । ଏହାର କାରଣ ଜାଣନ୍ତି ? ନିଜର ଯୋଗ୍ୟତା ନ ଥିଲେ ଦେବତାର ପ୍ରସାଦରୁ ତାହା ପାଇବା ପାଇଁ ଲୋକେ ଦେବସେବା କରନ୍ତି । ମୟୂର ଏବଂ ଐରାବତ କାର୍ତ୍ତିକେୟ ଏବଂ ଇନ୍ଦ୍ରଙ୍କଠାରେ ଶରଣ ପଶିବାର ପ୍ରକୃତ କାରଣ ଏହି ଯେ, ମୟୂରର ପୁଚ୍ଛ ଦମୟନ୍ତୀଙ୍କର କେଶପାଶ ସଙ୍ଗେ ସମାନ ହୋଇ ପାରିଲା ନାହିଁ ଏବଂ ଐରାବତ ହସ୍ତୀର କୁମ୍ଭସ୍ଥଳ ତାଙ୍କର ସ୍ତନମଣ୍ଡଳ ସଙ୍ଗେ ସମାନ ହୋଇ ପାରିଲା ନାହିଁ ।

( ଏହି ବର୍ଣ୍ଣନା ଏବଂ ଏ ଭଳି ଶତ ଶତ ବର୍ଣ୍ଣନା ରୀତିଯୁଗ ଓଡ଼ିଆ ସାହିତ୍ୟରେ ପରିଦୃଷ୍ଟ ହୁଏ । )

## ଅଷ୍ଟମ ଉଦାହରଣ –

କାବ୍ୟ-ନାୟିକା ଦମୟନ୍ତୀଙ୍କ ମୁଖର ଆହ୍ଲାଦନ ଗୁଣ ବର୍ଣ୍ଣନା କରି କବି କହୁଛନ୍ତି—ଚନ୍ଦ୍ରମଣ୍ଡଳ ଅମୃତମୟ । ସେଥିପାଇଁ ସେ ଯେପରି ଆକର୍ଷଣୀୟ,

---

(୧) ଚିକୁର ପ୍ରକରା ଜୟନ୍ତି ତେ
ବିଦୁଷୀ ମୂର୍ଦ୍ଧନି ସା ବିଭର୍ତ୍ତିଯାନ୍ ।
ପଶୁନାଽପ୍ୟପୁରସ୍କୃତେନ ତତ୍
ତୁଳନାମିଚ୍ଛତୁ ଚାମରେଣ କଃ । (୨।୨୦)

(୨) ଭଜତେ ଖଲୁ ଷଣ୍ମୁଖଂ ଶିଖୀ
ଚିକୁରୈର୍ନିର୍ମିତ ବର୍ହଗର୍ହଣଃ
ଅପିଜମ୍ଭରିପୁଂ ଦମସ୍ୱସୁଃ
ଜିତକୁମ୍ଭଃ କୁଚଶୋଭୟେଭରାଟ୍ । (୨।୩୩)

ଶତଧ୍ୱସନ୍ଧିକର, ସେହିପରି ଅମୃତସ୍ରାବୀ । ଦମୟନ୍ତୀଙ୍କ ମୁଖମଣ୍ଡଳ ନିର୍ମାଣ କଲାବେଳେ, ବିଧାତା ଅମୃତମୟ ଚନ୍ଦ୍ରମଣ୍ଡଳରୁ ସାର ସାର ଜିନିଷ ବାହାର କରି ଆଣିଲା । ପୂର୍ଣ୍ଣ ଚନ୍ଦ୍ରମଣ୍ଡଳକୁ ଦେଖିଲେ ଜଣାଯିବ, ତାହାର ମଧ୍ୟସ୍ଥଳରେ ଏକ କଳଙ୍କ ଅଛି । ଲୋକେ ତାକୁ ନାନା ଭାବରେ ବର୍ଣ୍ଣନା କରୁଛନ୍ତି । କିନ୍ତୁ ସେ ସବୁ ଠିକ୍ ନୁହେ । ଅସଲ କଥା ହେଉଛି, ଖଣି ଖୋଳିଲେ ଗଭୀର ଗାତ ହୋଇଯାଏ । ବିଧାତା ଚନ୍ଦ୍ରମଣ୍ଡଳକୁ ଖୋଳି ଖୋଳି ତା ମଝିରେ ଗୋଟାଏ ଗାତ ହୋଇଗଲା ଏବଂ ସେହି ଗାତ ତଳପଟକୁ ଫୁଟିଗଲା । ସେଥିପାଇଁ ସେହି ଗାତ ଭିତରେ ବାଟେ ଚନ୍ଦ୍ର ପଛପଟେ ଥିବା ନୀଳ ଆକାଶର ଗୋଟାଏ ଅଂଶ ଦେଖାଯାଉଛି ମାତ୍ର । ଲୋକେ ଏହି ଖଣି ଖୋଳା ରହସ୍ୟ ଜାଣି ନ ପାରି ତାକୁ ଚନ୍ଦ୍ରର କଳଙ୍କ ବୋଲି କହୁଛନ୍ତି । (୧)

**ନବମ ଉଦାହରଣ —**

ଦମୟନ୍ତୀଙ୍କ ପିତା ଭୀମ ନରପତିଙ୍କ କୁଣ୍ଡିନ ନଗରୀ ଆକାଶଚୁମ୍ବୀ ସୌଧମାଳାରେ ପରିପୂର୍ଣ୍ଣ । ସୂର୍ଯ୍ୟ ଯେତେବେଳେ ସପ୍ତାଶ୍ୱଯୁକ୍ତ ରଥରେ ବସି ଆକାଶରେ ଯାଉଥାନ୍ତି, ସେତେବେଳେ ତାଙ୍କ ସାରଥୀ ଘୋଡ଼ାମାନଙ୍କୁ ଉତ୍ତେଜିତ କରାଇବା ପାଇଁ ବରାବର ଚାବୁକ ପ୍ରହାର କରୁଥାନ୍ତି । ଏହାଦ୍ୱାରା ତାଙ୍କୁ ବରାବର ହାତ ଉଠାଇବାକୁ ପଡ଼ୁଥାଏ ଏବଂ ବାହୁରେ ପୀଡ଼ା ଲାଗିଲେ ମଧ୍ୟ, କର୍ତ୍ତବ୍ୟ ଦୃଷ୍ଟିରୁ ବିଶ୍ରାମ ନେବାକୁ ତାଙ୍କୁ ଅବସର ମିଳୁ ନ ଥାଏ । ସେ ଖାଲି ମନେ ମନେ ଭାବୁଥାନ୍ତି, ଭୀମ ରାଜାଙ୍କର କୁଣ୍ଡିନ ନଗରୀ ଶୀଘ୍ର କପରି ପାଖେଇ ଆସନ୍ତା କି !

ପାଠକେ ! ଆପଣମାନେ ଭାବୁଥିବେ, କୁଣ୍ଡିନ ନଗରୀ ସଙ୍ଗେ ସୂର୍ଯ୍ୟ ସାରଥୀ ଅରୁଣଙ୍କର କି ଅବା ସମ୍ପର୍କ ଅଛି ? କଥା ହେଉଛି, କୁଣ୍ଡିନ ନଗରୀର କୋଠାଗୁଡ଼ିକ ଏତେ ଉଚ୍ଚ ଯେ, ତାକୁ ବର୍ଣ୍ଣନା କରି ହେବ ନାହିଁ । ସେହି ସବୁ କୋଠା ଉପରେ ପତାକାମାନ ଉଡ଼ୁଥାଏ । ସେହି ପତାକା ଅତି ଉଚ୍ଚରେ ଉଡ଼ିବା ବେଳେ ସୂର୍ଯ୍ୟଙ୍କ ରଥର ଘୋଡ଼ାମାନଙ୍କ ପାଖାପାଖି ହୋଇ ଯାଉଥାଏ । ସେତିକିବେଳେ ସୂର୍ଯ୍ୟ ସାରଥୀ ଟିକିଏ ବିଶ୍ରାମ ନିଅନ୍ତି । କାରଣ, ପତାକା-

(୧) ନୈଷଧ—୨।୨୫

ମାନଙ୍କର ବାୟୁପ୍ରବାହରେ ସଞ୍ଚାଳନ ଦେଖି ଘୋଡ଼ାମାନେ ଭାବନ୍ତି, ଆମ ଉପରେ ପାହାର ଉପରେ ପାହାର ବସିଲଣି । ତେଣୁ ସେମାନେ ଶୀଘ୍ର ଶୀଘ୍ର ଦୌଡ଼ନ୍ତି । (୧)

ଗୃହମାନଙ୍କର ଉଚ୍ଚତା ବର୍ଣ୍ଣନା କରିବା ପାଇଁ ଏହା ଏକ ବଦଗ୍ଧ ଭଙ୍ଗୀର ବର୍ଣ୍ଣନା ।

## ଦଶମ ଉଦାହରଣ

ନଳ ମହାରାଜାଙ୍କର ମୁଖର ସୌନ୍ଦର୍ଯ୍ୟ ବର୍ଣ୍ଣନା କରି କବି କହୁଛନ୍ତି—

ହଠାତ୍ ନଳ ପ୍ରଣୟ-କାମିନୀ ଦମୟନ୍ତୀ ହେମ ହଂସକୁ ପଚାରିଲେ- "ହଇ ହେ ହଂସ, ଆଚ୍ଛା ମତେ କହିଲ, ନଳ ମହାରାଜାଙ୍କର ମୁଖମଣ୍ଡଳ ଦେଖିବାକୁ ସୁନ୍ଦର ତ ?" ତା'ର ଉତ୍ତରରେ ହଂସ କହୁଛି-

ଫଙ୍କାପ୍ୟନଃ ସ୍ୱଧକଭୃତ୍ୟବର୍ଗାନ୍
ଦୈତ୍ୟାରି ରତ୍ୟବ୍ଜନଳାସ୍ୟ ନୁତୈ୍ୟ
ତତ୍ ସଙ୍କୁଚନ୍ନାଭି ସରୋଜ ପୀଡା-
ଭାତୁର୍ବିଲକ୍ଷଂ ରମତେରମାୟାମ୍ । (୩।୩୪)

ଅର୍ଥାତ୍ ବିଷ୍ଣୁ କ୍ଷୀର ସାଗରରେ ଶୋଇଥାନ୍ତି । ତାଙ୍କ ନାଭିରେ ଗୋଟିଏ ବିରାଟ ପଦ୍ମଫୁଲ ଫୁଟିଥାଏ । ତାହାର ଉପରେ ଚତୁର୍ମୁଖ ବ୍ରହ୍ମା ଗୃହ ଦଉଳକୁ ଚାହିଁ ବସିଥାନ୍ତି (ହୁଏ ତ ଲକ୍ଷ୍ମୀ ତାଙ୍କର ଗୋଡ଼ ଘଷୁଥାନ୍ତି) । ବିଷ୍ଣୁଙ୍କର ଇଚ୍ଛା ହୁଏ, ସେ କିପରି ତାଙ୍କର ପ୍ରଣୟିନୀ ଲକ୍ଷ୍ମୀଙ୍କ ସଙ୍ଗେ ଭଲମନ୍ଦ ବା କିଛି ଗୋପନୀୟ କଥାବାର୍ତ୍ତା କରନ୍ତେ ! କିନ୍ତୁ ଏ ଇଚ୍ଛା କାର୍ଯ୍ୟକାରୀ ହୋଇପାରେ ନାହିଁ । କାରଣ, ଚତୁର୍ମୁଖ ବ୍ରହ୍ମା ନାଭିକମଳରେ ବସିଥାନ୍ତି । ବୁଢ଼ା ଲୋକଟାଏ ପାଖରେ ବସିଥିଲେ, ପତି ପତ୍ନୀଙ୍କର କୌଣସି ପ୍ରକାର ପ୍ରଣୟ ଲୀଳା ସମ୍ଭବ ହୋଇପାରେ ନାହିଁ ।

ତେଣୁ ବିଷ୍ଣୁ ବଡ଼ ଅଡ଼ୁଆରେ ପଡ଼ନ୍ତି । ଶେଷରେ କହନ୍ତି, "ହଇ ହେ ଗରୁଡ଼ ! ତୁମେ ତ ମୋର ସେବକ, ଆଉ ତୁମେ ମଧ୍ୟ ପକ୍ଷୀମାନଙ୍କର ରାଜା ।

---

(୧) ଏହା ୨ୟ ସର୍ଗର ୮୦ ସଂ ଶ୍ଳୋକ ।

ତେଣୁ ତୁମେ ତୁମର ଅନୁଚରମାନଙ୍କୁ ଡକାଅ । ତାଙ୍କ ଡାକରାରେ, ଆମେ ହଂସମାନେ ମଧ୍ୟ ସେଠାକୁ ଯାଉ । ଆମକୁ ପୁଚ୍ଛାଯାଏ, "ଆଚ୍ଛା ହଂସ ! ତୁମେ ତ ନଳ ମହାରାଜାଙ୍କୁ ଦେଖିଛ । ସେ ଦେଖିବାକୁ କ'ଣ ଖୁବ ସୁନ୍ଦର ?" ଆମେ ସଙ୍ଗେ ସଙ୍ଗେ ନଳ ମହାରାଜାଙ୍କର ମୁଖମଣ୍ଡଳର ସୌନ୍ଦର୍ଯ୍ୟ ବର୍ଣ୍ଣନା କରିବସୁ ।

କିଏ ନ ଜାଣେ, ଯୁଗ ଯୁଗ ଧରି କାବ୍ୟ-ନାୟକମାନଙ୍କର ମୁଖକୁ ପଦ୍ମଫୁଲ ସଙ୍ଗେ ତୁଳନା କରାଯାଏ । ତେଣୁ ମୁଖଠାରୁ ଅଧିକ ସୁନ୍ଦର ବୋଲି ପଦ୍ମର ମନରେ ଗର୍ବ ବରାବର ରହି ଆସିଛି । ହଂସ ମୁଖରେ ନଳ ମହାରାଜାଙ୍କ ବଦନମଣ୍ଡଳର ଅଦ୍ଭୁତପୂର୍ବ ସୌନ୍ଦର୍ଯ୍ୟ ବର୍ଣ୍ଣିତ ହେବାରୁ ପଦ୍ମ ଭାବେ, "ଆଜିଠାରୁ ମୋର ଗର୍ବ-ଗୌରବ ଦୂର ହୋଇଗଲା । ଏମାନେ ଯାହା ବର୍ଣ୍ଣନା କରୁଛନ୍ତି, ସେ ଦୃଷ୍ଟିରୁ ଦେଖିଲେ, ମୁଁ ନଳ ମହାରାଜାଙ୍କ ପାଖରେ ପଡ଼ିବି ନାହିଁ । ଗୌରବଶାଳୀ ଲୋକ ପରାଜିତ ହେଲେ ତାହାର ପ୍ରଫୁଲ୍ଲ ମୁଖମଣ୍ଡଳ ସଂକୁଚିତ ହୋଇଯାଏ । ଅତଏବ, ନଳଙ୍କ ପ୍ରଶଂସା ଶୁଣି ପଦ୍ମଫୁଲ ସଂକୁଚିତ ହୋଇଯାଏ । ତେଣୁ ଚତୁର୍ଦ୍ଦିଗରେ ବିଚ୍ଛୁରିତ ହୋଇଥିବା ପଦ୍ମ ପାଖୁଡ଼ା ଗୁଡ଼ିକ ଆସ୍ତେ ଆସ୍ତେ ସଂକୁଚିତ ହୋଇଯାଏ । ବ୍ରହ୍ମା ତ ପଦ୍ମଫୁଲର ମଧ୍ୟସ୍ଥଳରେ ବସିଥାନ୍ତି । ପଦ୍ମ ପାଖୁଡ଼ାଗୁଡ଼ିକ ବୁଜି ହୋଇଯିବାରୁ ସେ ତା'ରି ଭିତରେ ବୁଜି ହୋଇଯାନ୍ତି । ସେ ବିଷ୍ଣୁଙ୍କର ଏତେ ପାଖରେ ଥାଇ ମଧ୍ୟ ନ ଥିଲା ପରି ହୁଏ । ଏହି ଅବସରରେ ବିଷ୍ଣୁ ତାଙ୍କ ପ୍ରଣୟିନୀ ଲକ୍ଷ୍ମୀଙ୍କ ସହିତ ନିଜର ଇଚ୍ଛାନୁସାରେ ପ୍ରଣୟଲୀଳା କରିବାକୁ ଟିକିଏ ସମୟ ପାଇଯାନ୍ତି ।

ନଳ ମହାରାଜାଙ୍କର ମୁଖର ସୌନ୍ଦର୍ଯ୍ୟ କବି ବର୍ଣ୍ଣିତ ପଦ୍ମର ସୌନ୍ଦର୍ଯ୍ୟ-ଠାରୁ ଆହୁରି ଅଧିକ, ଏହି ଗୋଟିକ କଥା ବିଦଗ୍ଧ ଭଙ୍ଗୀରେ ଫୁଟାଇବାକୁ ଯାଇ କବି ଏହିଭଳି ଭାବରେ ବର୍ଣ୍ଣନା କରିଛନ୍ତି ।

## ଏକାଦଶ ଉଦାହରଣ—

ଅତ୍ୟନ୍ତ ବିରହ ଅବସ୍ଥାରେ ଦମୟନ୍ତୀ ଯେତେବେଳେ କାମଭାବ ଉଦ୍ଦୀପକ ନିର୍ମଳ ଚନ୍ଦ୍ରମଣ୍ଡଳକୁ ଦେଖିଛନ୍ତି, ତାଙ୍କଠାରେ ତହିଁର ପ୍ରତିକ୍ରିୟା ପ୍ରକାଶ ପାଇଛି । ସେ ପ୍ରସଙ୍ଗରେ କବି ଲେଖିଛନ୍ତି—

ଶଶିମୟଂ ଦହନାସ୍ତ୍ରମୁଦଞ୍ଚିତଂ
ମନସିଜସ୍ୟ ବିମୃଶ୍ୟ ବିୟୋଗିନୀ
ଝଟିତି ବାରୁଣ ମସ୍ତ୍ରମିଷାଦଧୌ
ଚତୁରତଂ ପ୍ରତିଶସ୍ତ୍ରମୁପାଦଦେ । (୪।୩୮)

ଅର୍ଥାତ୍, ବିରହିଣୀ ଦମୟନ୍ତୀ ଚନ୍ଦ୍ରମଣ୍ଡଳକୁ ଚାହିଁବାରୁ, ତାଙ୍କୁ ଜଣାଗଲା,— ଏହି ଚନ୍ଦ୍ରମଣ୍ଡଳ ପ୍ରକୃତରେ ଚନ୍ଦ୍ରମଣ୍ଡଳ ନୁହେଁ, କାହିଁକି ନା ଚନ୍ଦ୍ରରୁ ଶୀତଳତା ଝରିପଡ଼େ; ଅଥଚ, ଏହି ଚନ୍ଦ୍ରମଣ୍ଡଳକୁ ମୁଁ ଚାହିଁଲା ମାତ୍ରେ ମୋ ଦେହ ତାପରେ (ବିରହାନଳରେ) ଜଳିପୋଡ଼ି ଯାଉଛି । ତେଣୁ ମୁଁ ଭାବୁଛି, ଏହା ଚନ୍ଦ୍ର ନୁହେଁ ଯେ, କାମଦେବ ମତେ ମାରିବା ପାଇଁ ଗୋଟାଏ ଆଗ୍ନେୟ ଅସ୍ତ୍ର ମୋ ଆଡ଼କୁ ଫିଙ୍ଗି ଦେଇଛି । ଅଗ୍ନି ଦେଖିବାକୁ ଯେମିତି ବର୍ତ୍ତୁଳ, ଏଇ ଚନ୍ଦ୍ରର ମଧ୍ୟ ସେହିଭଳି ବର୍ତ୍ତୁଳ । ଅଗ୍ନି ଯେପରି ପୋଡି ପକାଏ, ଇଏ ମଧ୍ୟ ଯେପରି ପୋଡ଼ି ପକାଉଛି ।

ଏ କଥା ଭାବୁ ଭାବୁ ସେ ଅତ୍ୟନ୍ତ ଭାବ ପ୍ରପୀଡ଼ିତ ହେଲେ ଏବଂ ତାଙ୍କ ଆଖିରୁ ଦୁଇଧାର ଲୁହ ବହିଗଲା । ପାଠକେ ! ଆପଣମାନେ କ'ଣ ଭାବୁଛନ୍ତି ତା ମନକୁ ମନ ଦୁଇଧାର ପାଣି ଆଖିରୁ ଝରିପଡ଼ିଲା ? ନା, ତା ନୁହେଁ ଦମୟନ୍ତୀ ଜାଣନ୍ତି, ଯୁଦ୍ଧରେ ଜଣେ ଯେତେବେଳେ ଅନ୍ୟ ଉପରକୁ ଆଗ୍ନେୟାସ୍ତ୍ର ପ୍ରୟୋଗ କରେ, ସେତେବେଳେ ଅନ୍ୟ ପକ୍ଷରୁ ବାରୁଣାସ୍ତ୍ର (ଜଳୀୟାସ୍ତ୍ର) ପ୍ରୟୋଗ କରାଯାଏ, କାରଣ, ନିଆଁକୁ ଲିଭାଇବାକୁ ହେଲେ, ତା' ଉପରକୁ ପାଣି ଫିଙ୍ଗିବାକୁ ହୁଏ । ଏ ଦୃଷ୍ଟିରୁ, ଦମୟନ୍ତୀ ବିରହ ଦୁଃଖରେ ଆଖିରୁ ଲୁହ ଗଡାଇଲେ ନାହିଁ ଯେ, ଚନ୍ଦ୍ରରୂପକ ଆଗ୍ନେୟଅସ୍ତ୍ରକୁ ଅକାମୀ କରିଦେବା ପାଇଁ ଲୁହରୂପକ ଜଳୀୟଅସ୍ତ୍ର ନେତ୍ରରୂପକ ଧନୁ ସାହାଯ୍ୟରେ ପ୍ରୟୋଗ କଲେ ।

ଆଖିରୁ ଟିକିଏ ଲୁହ ଗଡ଼ିଗଲେ ହୃଦୟ ଟିକିଏ ହାଲୁକା ହୋଇଯାଏ । ଅନ୍ୟ ଭାବରେ କହିଲେ, ଲୋତକପାତରୂପକ ବାରୁଣାସ୍ତ୍ର ପ୍ରୟୋଗ କରିବାରୁ ସେ ଟିକିଏ ଆଶ୍ୱସ୍ତି ବୋଧ କଲେ । ଯୋଦ୍ଧା, ଶତ୍ରୁ ପକ୍ଷର ଅସ୍ତ୍ରକୁ ଅକାମୀ କରି ପାରିଲେ ଆଶ୍ୱସ୍ତି ବୋଧ କରିଥାଏ ।

## ଦ୍ୱାଦଶ ଉଦାହରଣ—

ଏହାପରେ ବର୍ଣ୍ଣିତ ହୋଇଛି, ବରବର୍ଣ୍ଣୀ ଦମୟନ୍ତୀ ଆକାଶରେ ନୂତନ ମେଘଖଣ୍ଡକୁ ଦେଖିବାକୁ ପାଇଲେ । କବିଙ୍କ ଭାଷାରେ—

ଅତନୁନା ନବମମ୍ବୁଦମାମ୍ବୁଦଂ
ସୁତନୁରସ୍ତ୍ରମୁଦସ୍ତମବେକ୍ଷ୍ୟ ସା
ଉଚିତମାୟତନିଃଶ୍ୱସିତଚ୍ଛଳା
ତ୍ୱ୍ବଣନାୟମମୁଂଚଦମୁଂତ୍ରତି । (୪।୩୯)

ନୂତନ ମେଘଖଣ୍ଡ ଦେଖିବାରୁ ତାଙ୍କ ହୃଦୟରେ କାମଭାବ ଉଦ୍ଦୀପିତ ହେଲା । ମହାକବି କାଳିଦାସ ଲେଖି ଯାଇଛନ୍ତି—

ମେଘାଲୋକେ ଭବତି ସୁଖିନୋ-
ପ୍ୟନ୍ୟଥା ବୃତ୍ତିଚେତଃ
କଣ୍ଠାଶ୍ଳେଷ ପ୍ରଣୟିନି ଜନେ
କିଂପୁନର୍ଦ୍ଦୂରସଂସ୍ଥେ । (୧)

ନୂତନ ମେଘ ଦେଖିଲେ ସୁଖୀ ଲୋକମାନଙ୍କ ମନରେ ମଧ୍ୟ ଭାବାନ୍ତର ଜାତହୁଏ । ଆଉ ଯେଉଁମାନେ ବିରହୀ-ବିରହିଣୀ, ସେମାନଙ୍କ କଥା କାହିଁକି କହିବା ? ସୁତରାଂ, ବରବର୍ଣ୍ଣୀ ଦମୟନ୍ତୀ ମେଘ ଦର୍ଶନରେ ଦୀର୍ଘନିଃଶ୍ୱାସଟିଏ ପକାଇଲେ ।

କବି କହିଛନ୍ତି, 'ପାଠକେ ! ଆପଣମାନେ କ'ଣ ଭାବୁଛନ୍ତି ଯେ, ହୃଦୟରେ କୋହ ଉଠିବାରୁ ଦମୟନ୍ତୀ ଦୀର୍ଘନିଃଶ୍ୱାସଟିଏ ପକାଇ ଦେଲେ ? ନାହିଁ, ନାହିଁ, ସେ କଥା ନୁହେ । ପ୍ରକୃତ କଥା ହେଉଛି, ଏକାକିନୀ ଦମୟନ୍ତୀ ଭାବିଲେ, ତାଙ୍କୁ ଅସହାୟ ଅବସ୍ଥାରେ ପଡ଼ିଥିବାର ଦେଖି କାମଦେବ ତାଙ୍କ ପ୍ରତି ମେଘ-ରୂପକ ବାରୁଣାସ୍ତ୍ର ପ୍ରୟୋଗ କରିଛି । ଯୁଦ୍ଧବିଦମାନେ ଜାଣନ୍ତି, ଯୁଦ୍ଧରେ ଗୋଟିଏ ପଟରୁ ଯେତେବେଳେ ବାରୁଣାସ୍ତ୍ର (ଜଳୀୟଅସ୍ତ୍ର) ପ୍ରୟୋଗ କରାଯାଏ,

---

(୧) ମେଘଦୂତ—୩ୟ ଶ୍ଳୋକ

ସେତେବେଳେ ଅନ୍ୟ ପକ୍ଷରୁ ବାୟୁବ୍ୟାସ୍ତ୍ର ପ୍ରୟୋଗ କରାଯାଏ । କାରଣ, ବାୟୁ ତାର ବେଗରେ ଜଳୀୟ ଅସ୍ତ୍ରକୁ ବହୁ ଦୂରକୁ ଉଡ଼ାଇ ଦିଏ । ବର୍ତ୍ତମାନ ପ୍ରସଙ୍ଗରେ ଦମୟନ୍ତୀ ଖାଲି ନିଃଶ୍ୱାସଟାଏ ପକାଇଲେ ନାହିଁ ଯେ, କନ୍ଦର୍ପର ବାରୁଣାସ୍ତ୍ରକୁ ଉଡ଼ାଇ ଦେବା ପାଇଁ ନିଜର ନିଃଶ୍ୱାସରୂପକ ବାୟୁବ୍ୟାସ୍ତ୍ର ପ୍ରୟୋଗ କଲେ ।

ଚନ୍ଦ୍ର ଦର୍ଶନରେ ବିରହିଣୀ ନାରୀ କାହିଁକି ଦୀର୍ଘନିଃଶ୍ୱାସ ପକାଇଥାଏ, ତାର ଏହି ବିଦଗ୍ଧ ବିଶ୍ଳେଷଣ ଭଞ୍ଜଯୁଗ ପଣ୍ଡିତଙ୍କର ପରମ ରୋଚକ ଥିଲା ।

ଏଭଳି ଭାବରେ ଉଦାହରଣ ଦେଇ ବସିଲେ ହୁଏତ ନୈଷଧର ଅଧ୍ୟାୟଟି ସ୍ଖଳିପଡ଼ିବ । ତେବେ, ଜାଣିବାର କଥା, ଏଭଳି ଲୋକୋତ୍ତର ଓ ଶାବ୍ଦିକତା-ସମ୍ବଳିତ କଳ୍ପନାବିଳାସ ହିଁ ସଂସ୍କୃତ ପାଠୀମାନଙ୍କର ଗର୍ବ ଓ ଗୌରବର ଆଧାର ଥିଲା । ଆଜି ବେଶି କିଛି ନ ପଢ଼ିଲେ ମଧ୍ୟ ଭଞ୍ଜ-ସାହିତ୍ୟର ଅର୍ଥକାରମାନେ ଓ ଭାବୁକ-ପାଠକମାନେ ଅନ୍ତତଃ ନାରାୟଣୀ ଟୀକା ଧରି, ନୈଷଧର ପ୍ରଥମ ଶ୍ଳୋକଟିର ବ୍ୟାଖ୍ୟାନ ପଢ଼ିବା ଉଚିତ । ପ୍ରଥମ ଶ୍ଳୋକରେ ଥିବା 'ସୁଧାମପି' ଶବ୍ଦକୁ କେତେ ଭଙ୍ଗୀରେ ବ୍ୟାଖ୍ୟାନ କରାଯାଇଛି, ତାହା ଦେଖିବା ଦରକାର । ତହିଁରୁ ଜାଣିହେବ, ଭଞ୍ଜଙ୍କର "ବିଭୁଧଣପୁଷ୍ପେ ଯାକାନ୍ତ ଜାଣ" (୧) ପଦଟିର କପଣ୍ଡ ଓ କାହିଁକି ୩, ୫, ୭, ୧୦, ଏପରି କି କେହି କେହି ୧୬ ପ୍ରକାର ଅର୍ଥ କରନ୍ତି (୨) । ଅଧ୍ୟବନ୍ଧ ପାଲାବାଲାମାନେ—

"ନଉକା ନାୟିକା ହେଲେ ବୁଢ଼ିବ ଭେଳା" ( ବୈ: ବି: ୯।୩ )

ପଦଟିର ୩୪ ପ୍ରକାର ଅର୍ଥ କରି, ଶ୍ରୋତାମାନଙ୍କର ମୁଖରେ ହାସ୍ୟରେଖା ଫୁଟାଇଥିବାର ଦେଖାଯାଏ ।

---

(୧) ବୈଦେହୀଶ ବିଳାସ, ୧୦।୧

(୨) କଟକ ଜିଲ୍ଲା ଆଳ ରାଜାଙ୍କ ରାଜସଭାରେ ପ୍ରାୟ ୫୦ ବର୍ଷ ତଳେ ଏହି ପଦଟିର, ନୈଷଧୀୟ ଢଙ୍ଗରେ, ୧୬ ପ୍ରକାର ଅର୍ଥ କରାଯାଇଥିବାର, ଏ ଲେଖକ ପ୍ରତ୍ୟକ୍ଷଦର୍ଶୀ ବୃଦ୍ଧଙ୍କଠାରୁ ଶୁଣିଛି ।

ନୈଷଧ କାବ୍ୟର ସରୋବର ବର୍ଣ୍ଣନା (୧ମ ସର୍ଗ), କୁଣ୍ଡିନ ନଗରୀ ବର୍ଣ୍ଣନା (୨ୟ ସର୍ଗ) ଏବଂ ବରବର୍ଣ୍ଣୀର ଚନ୍ଦ୍ରୋପାଳମ୍ଭ (୪ର୍ଥ ସର୍ଗ) ମଧ୍ୟଯୁଗ ଓଡ଼ିଆ-ସାହିତ୍ୟରେ ଆସ୍ଥାନ ଜମାଇ ବସିଛି ।

ଧନଞ୍ଜୟ, ଭଞ୍ଜ, ଅଭିମନ୍ୟୁ, ବ୍ରଜନାଥ ପ୍ରମୁଖ କବିମାନେ ବହୁ ସ୍ଥଳରେ ଓ ବହୁ ଭାବରେ ଏହି ତିନୋଟି ଗ୍ରନ୍ଥର ପନ୍ଥା ଅନୁସରଣ କରିଅଛନ୍ତି । ସୁତରାଂ, ଯେଉଁମାନେ ଏହି କବିମାନଙ୍କୁ ଯଥାର୍ଥ ଭାବରେ ଚିହ୍ନିବାକୁ ଚାହିଁବେ, ସେମାନଙ୍କ ପକ୍ଷରେ ଅନ୍ତତଃ ଏହି ୩ ଗୋଟି ଗ୍ରନ୍ଥର ସଟୀକାଧ୍ୟୟନ ଅପରିହାର୍ଯ୍ୟ ।

ନୈଷଧକାର ନିଜର ବିଦଗ୍ଧ କବିତ୍ୱର ବ୍ୟଞ୍ଜନା ମଧ୍ୟରେ, ଶେଷରେ କହିଛନ୍ତି—

ଯଥାଯୂନସ୍ତଦ୍ୱତ୍ପରମରମଣୀୟାପିରମଣୀ
କୁମାରାଣାମନ୍ତଃ କରଣ ହରଣଂ ନୈବକୁରୁତେ ।
ମଦୁକ୍ତିଶ୍ଚେ ଦନ୍ତର୍ମଦୟତି ସୁଧୀଭୂୟ ସୁଧିୟଃ
କିମସ୍ୟାନାମ ସ୍ୟାଦରସ ପୁରୁଷାନାଦରଭରୈଃ ।

ଗୋଟିଏ ସୁନ୍ଦରୀ ନାରୀକୁ ଜଣେ ମାତୃସ୍ତନ୍ୟ ମାତ୍ର ଆଶାୟୀ ଶିଶୁ ଯେଉଁ ଦୃଷ୍ଟିରେ ଦେଖେ, ଜଣେ ରସିକ ପୁରୁଷ ସେହି ଦୃଷ୍ଟିରେ ଦେଖି ନ ଥାଏ । ସେ ହିଁ ନାରୀର ରୂପ ଲାବଣ୍ୟ ଓ ହାବଭାବର ମୂଲ୍ୟ କଳନା କରିବାକୁ ସମର୍ଥ । ସେହିପରି, ଯେଉଁମାନେ ବିଦଗ୍ଧ, ସେମାନଙ୍କୁ ହିଁ ଏହି ଭକ୍ତି-ରଞ୍ଜିତ ରଚନା ତାର ସମସ୍ତ ଚାତୁର୍ଯ୍ୟ-ବିଳାସରେ ବିମୋହିତ କରିବ । ଆବୃତ୍ତି ମାତ୍ର କାମୀ କିମ୍ବା ଆଭିଧାନିକ ଅର୍ଥାଶ୍ରୟୀ ପାଠକସାଧାରଣଙ୍କ ପକ୍ଷରେ ସେହିସବୁ ଚାତୁରୀ ନିରର୍ଥକ ଓ ଅନୁପଭୋଗ୍ୟ ।

## କୋଷଗ୍ରନ୍ଥ-ବ୍ୟାକରଣ ପଠନ

ସେ ଯୁଗରେ କୋଷଗ୍ରନ୍ଥ ବା ଅଭିଧାନର ଅଧ୍ୟୟନ ତଥା କଣ୍ଠସ୍ଥକରଣ ଉଚ୍ଚ ଶିକ୍ଷାର ପ୍ରଥମ ସୋପାନ ଥିଲା । ଭାଷା ହେଉଛି ଭାବର ବାହକ । ମାତ୍ର ତାତ୍ତ୍ୱିକ ବିଚାରରେ, ଭାଷା ହିଁ ଭାବ । ସୁତରାଂ, ବିଭିନ୍ନ ପ୍ରକାରର ଭାବ ବର୍ଣ୍ଣନା କରି, କାବ୍ୟର ରସଗତ ମୂଲ୍ୟ ବଢ଼ାଇବାକୁ ହେଲେ, ଶବ୍ଦ ଉପରେ ପ୍ରଭୁତ

ଆଧିପତ୍ୟ ଦରକାର । ଆଜକାଲି ଆମର ଅଭିଧାନଗୁଡ଼ିକ ଅ, ଆ, କ, ଖ, ବା A. B C. D. କ୍ରମରେ ଶବ୍ଦମାନଙ୍କୁ ସଜାଇ ଥାଆନ୍ତି । ଏହା ଫଳରେ ଏହି ଆଧୁନିକ ଅଭିଧାନଗୁଡ଼ିକ 'ଜ୍ଞାତ-ଜ୍ଞାପକ' ହୁଅନ୍ତି ସିନା, 'ଅଜ୍ଞାତ-ଜ୍ଞାପକ' ହୋଇ ପାରନ୍ତି ନାହିଁ । କିନ୍ତୁ 'ଅଜ୍ଞାତ-ଜ୍ଞାପକ' ହେବା ହିଁ ହେଉଛି ଅଭିଧାନର ପ୍ରଥମ ଆବଶ୍ୟକତା । ମନେ କରନ୍ତୁ, ଗୋଟାଏ ଯୁଦ୍ଧ-ଅଶ୍ୱର ବର୍ଣ୍ଣନା କରା-ଯାଉଛି । ତାହାର ବେଶସଜ୍ଜା ମଧ୍ୟରେ କେଉଁ କେଉଁ ଜିନିଷ ବ୍ୟବହୃତ ହୁଏ, ଆଜିକାଲିର ଅଭିଧାନରୁ ବାହାର କରିବା କାଠିକର ପାଠ । ସେହି ଜିନିଷ-ମାନଙ୍କ ଭିତରୁ ଯେଉଁଟିର ନାମ ଆମକୁ ଜଣାଥାଏ, ସେହି ଶବ୍ଦଟି ଅଭିଧାନରୁ ଦେଖି ଆମେ ତାହାର ଅର୍ଥ ମାତ୍ର ଜାଣିପାରୁ । ଏ ସ୍ଥଳରେ ଏ ଅଭିଧାନଗୁଡ଼ିକ କେବଳ 'ଜ୍ଞାତ-ଜ୍ଞାପକ' ଅର୍ଥାତ୍ ଆମର ଜ୍ଞାତ ଶବ୍ଦର ( ବା ଆମେ ଜାଣିଥିବା ଶବ୍ଦର ) ଅର୍ଥ ଜ୍ଞାପନ ହିଁ ଅଭିଧାନ ସାହାଯ୍ୟରେ ହୋଇପାରିଲା । ମନେ କରନ୍ତୁ, ହାତ ଆଙ୍ଗୁଠିରେ ଆମେ ଯେଉଁ ମୁଦି ଲଗାଉ, ତାହାର ନାମ ଆମକୁ ଜଣା-ନାହିଁ । ଇଂରାଜୀ ଅଭିଧାନ ଖଣ୍ଡିଏ ହାତରେ ଧରି, "ମୁଦିକି କ'ଣ କହନ୍ତି", ତାକୁ ଜାଣି ହେବ କି ? ତେଣୁ ଆଜିର ପ୍ରାୟ ସମସ୍ତ ଅଭିଧାନ ଜ୍ଞାତ-ଜ୍ଞାପକ ସିନା, ଅଜ୍ଞାତ ଶବ୍ଦକୁ ଜ୍ଞାପନ କରିବା ଦିଗରେ ସହାୟକ ନୁହନ୍ତି । ଇଂରାଜୀ-ଓଡ଼ିଆ ଅଭିଧାନ ଧରି ହୁଏ ତ ମୁଦିର ଇଂରାଜୀ ପ୍ରତିଶବ୍ଦ ଜାଣି ହେବ । କିନ୍ତୁ ମୁଦିର ପାଖାପାଖି ଅନ୍ୟ ଅଳଙ୍କାର ଯେତେବେଳେ ବର୍ଣ୍ଣନା ବହୁଳ କାବ୍ୟରେ ବର୍ଣ୍ଣନୀୟ ବିବେଚିତ ହେବ, ଏହି ଅଭିଧାନମାନଙ୍କରୁ ସେ ଅସୁବିଧା ଦୂର କରି ହେବ କି ? ତେଣୁ କୋଷଗ୍ରନ୍ଥ ମୁଖସ୍ଥ କରି ଶବ୍ଦଶାସ୍ତ୍ର ଉପରେ ଆଧିପତ୍ୟ ଲାଭ ସେତେବେଳର ଶିକ୍ଷା ପଦ୍ଧତିର ମୂଳମନ୍ତ୍ର ଥିଲା । ଏହାଦ୍ୱାରା ଶବ୍ଦକୁ ନେଇ ଯଥାର୍ଥ ସ୍ଥାନରେ ବ୍ୟବହାର କରି ହେଉଥିଲା ।

## ଭଞ୍ଜ-ସାହିତ୍ୟରେ କୋଷଗ୍ରନ୍ଥର ନାମୋଲ୍ଲେଖ —

କୋଷଗ୍ରନ୍ଥ ଅନେକ ଥିଲେ ମଧ୍ୟ ଭଞ୍ଜେ ନିମ୍ନଲିଖିତ କେତୋଟି କୋଷର ନାମ ଉଲ୍ଲେଖ କରି ଯାଇଛନ୍ତି ; ଯଥା—ଅମରକୋଷ, ତ୍ରିକାଣ୍ଡଶେଷ, ଯାଦବ-ପ୍ରକାଶକୃତ ବୈଜୟନ୍ତୀକୋଷ, ଶାଶ୍ୱତକୋଷ, ମେଦିନୀକୋଷ ଏବଂ ବିଶ୍ୱପ୍ରକାଶ କୋଷ । କବିଙ୍କ ଭାଷାରେ—

"ଅମର ତ୍ରିକାଣ୍ଡ ଯାଦବ ଶାଶ୍ୱତ
ମେଦିନୀ ବିଶ୍ୱପ୍ରକାଶେ ।"

( ଗୀତାଭିଧାନ )

ଏହି ତାଲିକା ପ୍ରଦାନ କରି ଭଞ୍ଜେ ଯେ ସବୁ ଗ୍ରନ୍ଥରେ ତାଙ୍କର ଗଭୀର ପ୍ରବେଶ ଥିବା କଥା ଲେଖିଅଛନ୍ତି । କୋଷଗ୍ରନ୍ଥମାନଙ୍କରେ ତାଙ୍କର ଏ ଭଳି ପ୍ରବେଶ ଥିଲା ଯେ, ଶବ୍ଦସାଗରର ପର ପାରକୁ ଯାଇ ପାରିଥିଲେ ବୋଲି ସେ ଲେଖିଅଛନ୍ତି (୧)। କୋଷଗ୍ରନ୍ଥରେ ପ୍ରବେଶ ଥିବାରୁ ବର୍ଣ୍ଣମାନଙ୍କର ବିନ୍ୟାସ-ମୂଳକ ଆବଶ୍ୟକତା ବହୁ ପରିମାଣରେ ଚରିତାର୍ଥ ହୋଇ ପାରୁଥିଲା । ଉଦାହରଣସ୍ୱରୂପ, ଅମରକୋଷରେ ମହାଦେବ ଶିବଙ୍କର ଅଠଚାଳିଶ ଗୋଟି ନାମ ଅଛି, ଯଥା:—ଶମ୍ଭୁ, ଶିବ, ସର୍ବ, ଈଶ, ଈଶ୍ୱର ଇତ୍ୟାଦି । ସେହିପରି, ବିଷ୍ଣୁଙ୍କର ପ୍ରାୟ ଚାଳିଶ ଗୋଟି ନାମ ଦିଆଯାଇଛି । ଦୁର୍ଗାଙ୍କର ସତରଟି ନାମ, କାର୍ତ୍ତି-କେୟଙ୍କର ସତରଟି ନାମ, ଇନ୍ଦ୍ରଙ୍କର ପଚିଶଟି, ଅଗ୍ନିଙ୍କର ଚଉତିରିଶିଟି ନାମ ପବନଙ୍କର କୋଡ଼ିଏଟି ନାମ, ଆକାଶର ଷୋଳଟି ନାମ, ଚନ୍ଦ୍ରଙ୍କର କୋଡ଼ିଏଟି ନାମ, ସୂର୍ଯ୍ୟଙ୍କର ପ୍ରାୟ ଚାଳିଶଟି ନାମ ପ୍ରଦତ୍ତ ହୋଇଅଛି । ଅନ୍ୟାନ୍ୟ କୋଷର ସାହାଯ୍ୟ ନେଲେ ହୁଏ ତ ନାମସଂଖ୍ୟା ଟିକିଏ ବଢ଼ିପାରେ । କୋଷ ଗ୍ରନ୍ଥରେ ଦଖଲ ଥିଲେ ଏହି ନାମଗୁଡ଼ିକ ସଙ୍ଗେ ଘନିଷ୍ଠ ସମ୍ପର୍କ ସ୍ଥାପିତ ହୋଇଥାଏ । ଫଳରେ, ଅନୁପ୍ରାସ, ଯମକ, ଶ୍ଳେଷ କୂଟଉକ୍ତି ଇତ୍ୟାଦି ଇତ୍ୟାଦି ପାଇଁ କବି-ଲେଖନୀ ବଳିଷ୍ଠ ହୋଇଉଠେ । ଏହା ବ୍ୟତୀତ, ଅମରକୋଷରେ 'ନାନାର୍ଥ ବର୍ଗ' ଅଛି । ଗୋଟିଏ ଗୋଟିଏ ଶବ୍ଦ କିପରି ଭିନ୍ନ ଭିନ୍ନ ଅର୍ଥ ପ୍ରକାଶ କରିଥାଏ, ଏହି ନାନାର୍ଥ ବର୍ଗରୁ ସହଜରେ ଜାଣି ହୁଏ । ଏହି ବର୍ଗ ଉପରେ ଆଧିପତ୍ୟ ଥିଲେ ଏକାଧିକ ଅର୍ଥ ପ୍ରକାଶ ପାଇଲା ଭଳି ବାକ୍ୟ ଯୋଜନା କରିବାକୁ କବି ଆଦୌ କ୍ଳେଶ ଅନୁଭବ କରେ ନାହିଁ । ସଂସ୍କୃତରେ 'ଏକାକ୍ଷର କୋଷ' ପ୍ରଭୃତି ଗ୍ରନ୍ଥ ମଧ୍ୟ ରହିଅଛି । ଗୋଟିଏ ଗୋଟିଏ ଅକ୍ଷରରୁ କିପରି ଏକ, ଦୁଇ ବା ବହୁ ଅର୍ଥ ପ୍ରକାଶ ପାଏ, ଏ କୋଷରୁ ତାହା ଜାଣିହୁଏ । ଗୋଟିଏ ଶବ୍ଦ ଦେଖିଲାବେଳକୁ ମାତ୍ର ତିନୋଟି ଅକ୍ଷର-ବିଶିଷ୍ଟ । କିନ୍ତୁ ପ୍ରତ୍ୟେକ ଅକ୍ଷରରୁ ଗୋଟିଏ ଗୋଟିଏ ଅଲଗା ଅଲଗା ଅର୍ଥ ବାହାରିପାରେ । ସାଧାରଣ ପାଠକ ହୁଏ ତ ତିନି ଅକ୍ଷର ଯୁକ୍ତ ସେହି ଶବ୍ଦରୁ ଗୋଟିଏ ଅର୍ଥ ବୁଝେ । କିନ୍ତୁ ଗ୍ରନ୍ଥସୂଚର ଯେ କୌଣସି

(୧) 'କହେ ଉପେନ୍ଦ୍ର ଭଞ୍ଜ ମୁଁ ଲଙ୍ଘିଛି ଶବଦ ସମୁଦ୍ରପାର ।' (କୋ:ସୁ: ୧୪।୩୮)

ମହାକାବ୍ୟ କମ୍ବା ସ୍ପୃହାର୍ଥୀ ତାହାଁରୁ ତିନଗୋଟି ଅର୍ଥ ବାହାର କରିପାରେ'। କୋଷ-ଗ୍ରନ୍ଥର ଅଧ୍ୟୟନରୁ ମଧ୍ୟ ଯୁଗର କବିମାନେ ଏତେ ସୁବିଧା, କୌଶଳ ବା ସାହିତ୍ୟ ପାଇଥିବା କଥା ନ ଜାଣିଲେ, ମଧ୍ୟ-ଯୁଗ ଓଡ଼ିଆ ସାହିତ୍ୟର ରଚନା ପରିପାଟୀ ସମ୍ପର୍କରେ ସୁସ୍ପଷ୍ଟ ଧାରଣା ଜନ୍ମିବ ନାହିଁ।

**ବ୍ୟାକରଣ —**

ପଣ୍ଡିତମାନେ କହିଛନ୍ତି, କାୟମଳ ଦୂରୀକରଣ ଲାଗି ଆୟୁର୍ବେଦ ଏବଂ ବାଙ୍ମଳ ଦୂରୀକରଣ ଲାଗି ବ୍ୟାକରଣ ଶାସ୍ତ୍ର ଅଧ୍ୟୟନ କରିବାକୁ ହେବ। ଆଳଂକାରିକ ବିଶ୍ୱନାଥ କହିଅଛନ୍ତି, "ଏକଃଶବ୍ଦଃ ସୁପ୍ରଯୁକ୍ତଃ ସମ୍ୟଗ୍ଜ୍ଞାତଃ ସ୍ୱର୍ଗେ ଲୋକେ ଚ କାମଧୁଗ୍ ଭବତି"—(୧) ଗୋଟିଏ ସୁଦ୍ଧା ଶବ୍ଦ ଯଦି ଉତ୍ତମରୂପେ ପ୍ରଯୁକ୍ତ ହୁଏ ଓ ସମ୍ୟକ୍ ଭାବରେ ବୁଝାଯାଏ, ତେବେ ତାହା ଇହଲୋକ ଏବଂ ପରଲୋକରେ ମଙ୍ଗଳବିଧାୟକ ହୁଏ। ଏଥିରୁ ଶବ୍ଦଶୁଦ୍ଧିର ଗୁରୁତ୍ୱ ସହଜରେ ଉପଲବ୍ଧ।

ସେଥିପାଇଁ, ସେ କାଳର ପଣ୍ଡିତମାନେ ନିଜ ବଂଶ ରକ୍ଷା କରି, ନିଜର ଗୌରବ ପରମ୍ପରା ଅକ୍ଷୁଣ୍ଣ ରଖିବାକୁ ଯାଇ, ନିଜର ପୁତ୍ର ସନ୍ତାନଙ୍କୁ ଉପଦେଶ ଦେଉଥିଲେ—

"ଯଦ୍ୟପି ବହୁନାଧୀଷେ
ପଠପୁତ୍ର ବ୍ୟାକରଣମ୍
ସ୍ୱଜନଃ ଶ୍ୱଜନୋମାଭୂତ୍
ସକଳଂ ଶକଳଂ ସକୃତ୍ ଶକୃତ୍।" (୨)

ଏହାର ଅର୍ଥ—

'ରେ ପୁଅ, ତୁ ଯଦି ଆଉ ବେଶି କିଛି ପଢ଼ିପାରିବୁ ନାହିଁ, ତେବେ ଅନ୍ତତଃ ବ୍ୟାକରଣ ଶାସ୍ତ୍ରଟି ଭଲ ଭାବରେ ପଢ଼ିବୁ। କାହିଁକି ନା, ବ୍ୟାକରଣ ନ ପଢ଼ିଲେ, 'ସ୍ୱଜନ' ବଦଳରେ ତୁ ଲେଖିବୁ 'ଶ୍ୱଜନ'। 'ସ୍ୱଜନ'ର ଅର୍ଥ ନିଜର

(୧) ସାହିତ୍ୟ ଦର୍ପଣ—୧ମ ପରିଚ୍ଛେଦ

(୨) ଭଟ୍ଟିକାବ୍ୟମ୍—ତୁକାରାମ ଜାବଜୀ ପ୍ରକାଶିତ (୧୯୧୪) ମୂଳରେ ଦ୍ରଷ୍ଟବ୍ୟ

ବନ୍ଧୁବାନ୍ଧବ, ମାତ୍ର 'ଶ୍ୱଜନ'ର ଅର୍ଥ କୁକୁର ସମ୍ପର୍କୀୟ ଲୋକ । 'ସକଳ' (= ପୂର୍ଣ୍ଣ) ଶବ୍ଦ ବଦଳରେ ଭୁଲ ଲେଖିବୁ ଶକଳ (ଗୋଟିଏ ଖଣ୍ଡ ବା ଅଂଶମାତ୍ର)। ଏବଂ 'ସକୃତ୍' (ଥରେ ମାତ୍ର) ବଦଳରେ ଭୁଲେଖିବୁ 'ଶକୃତ୍' ବିଷ୍ଠା ବା ମଳ)

ଏହି କାରଣରୁ ସେ ଯୁଗରେ ବ୍ୟାକରଣରେ ଗଭୀର ଅଧ୍ୟୟନ ଅପରିହାର୍ଯ୍ୟ ଥିଲା । ଓଡ଼ିଆରେ ସୁଦ୍ଧା ବିଶିଷ୍ଟ ଲେଖକ ହେବା ପାଇଁ ସଂସ୍କୃତ ସାହିତ୍ୟର ଗଭୀର ପରିଶୀଳନ ଦରକାର ହେଉଥିଲା । ତା ନ ହେଲେ ଉପନିଷଦ୍, ଭାଗବତ, ଏବଂ ନୈଷଧ ପରି କଠିନ ଗ୍ରନ୍ଥମାନଙ୍କୁ ଆୟତ୍ତ କରିବା ଅସମ୍ଭବ ଥିଲା । "ବ୍ୟାକରଣ" କହିଲେ ସଂସ୍କୃତ ବ୍ୟାକରଣ ହିଁ ବୁଝାଯାଉଥିଲା । ଉତ୍ତର-ଓଡ଼ିଶାରେ ଜୁମର ବ୍ୟାକରଣ ଓ ଦକ୍ଷିଣ-ଓଡ଼ିଶାରେ ପାଣିନି ବ୍ୟାକରଣ ଅଧିକ ଆଦୃତ ହୋଇଥିବାର କୁହାଯାଇଥାଏ । ଉପେନ୍ଦ୍ର ସଂସ୍କୃତ ବ୍ୟାକରଣ ପଢ଼ିଥିବା ସହଜରେ ଅନୁମେୟ । ଗତ ଶତାବ୍ଦୀର ଚତୁର୍ଥ ପାଦଠାରୁ ହିଁ ଓଡ଼ିଆ ଭାଷାର ବ୍ୟାକରଣ ସମ୍ପର୍କରେ ସଚେତନତା ଜନ୍ମିଅଛି । ସେ ଯୁଗର ଓଡ଼ିଆ ଲେଖକ-ମାନେ ସଂସ୍କୃତ ବ୍ୟାକରଣ ଅଧ୍ୟୟନ କରୁଥିଲେ ମଧ୍ୟ ଓଡ଼ିଆରେ କାବ୍ୟ-କବିତା ଲେଖିଲା ବେଳେ ପୁରାପୁରି ତାହାର ଅନୁବର୍ତ୍ତନ କରୁ ନ ଥିଲେ । ମଧ୍ୟଯୁଗ ଓଡ଼ିଆ ସାହିତ୍ୟ ଥିଲା ସଙ୍ଗୀତମୟ । ତେଣୁ, ଭାଷାଶୁଦ୍ଧି ସମ୍ପର୍କରେ ସଙ୍ଗୀତ ଶାସ୍ତ୍ରରେ ଥିବା ନିର୍ଦ୍ଦେଶଗୁଡ଼ିକୁ ବିଶେଷ ରୂପେ ପରିପାଳନ କରୁଥିଲେ । ଓଡ଼ିଆରେ ଯୁଗ ଯୁଗ ଧରି କେବଳ (ଦନ୍ତ୍ୟ)'ସ' ଥିଲା । ଏ କଥା ଭାଷାତତ୍ତ୍ୱ ବିଶାରଦ ପଣ୍ଡିତ ଗୋପୀନାଥ ନନ୍ଦ ପ୍ରାଞ୍ଜଳ ଭାବରେ ଲେଖିଯାଇଛନ୍ତି । ତିନି ପ୍ରକାର 'ସ'ର ଭେଦ ବ୍ୟତୀତ, ଓଡ଼ିଆରେ ଆଉ କେତେଗୁଡ଼ିଏ ସ୍ୱାଧୀନତା ଲେଖକମାନେ ପାଇଥିଲେ । ଏହି ସ୍ୱାଧୀନତା ବଳରେ ସେମାନେ 'ଦିନ' ଓ 'ଦୀନ' ଶବ୍ଦରେ ଥିବା ଇ ଓ ଈ ଭେଦ ମାନିବାକୁ ବାଧ୍ୟ ହେଉ ନ ଥିଲେ । ଗୁଢ଼ାର୍ଥୀମାନେ ସଙ୍ଗୀତ ଶାସ୍ତ୍ରର ଏହି ସମ୍ପର୍କୀୟ ପ୍ରମାଣ ଉଦ୍ଧାର କରି ଭଞ୍ଜ-ଭାରତୀର ଟୀକା କରିଅଛନ୍ତି । ବୈଦେହୀଶ ବିଳାସର ପ୍ରଥମ ପଦରେ ଯେଉଁ 'ଦିନ' ଶବ୍ଦ ଅଛି, ତାହା 'ଦୀନ'-ରୂପେ ମଧ୍ୟ ବ୍ୟାଖ୍ୟାତ ହେଉଅଛି । (୧)

---

(୧) ବୈଃ ବିଳାସ, ୧୯୧୯ ଅରୁଣୋଦୟ ପ୍ରେସ-ସଂସ୍କରଣ
୧ମ ଛାନ୍ଦ, ୧ମ ପଦର ଟୀକା

ଏହିଭଳି କବାନଗତ ସ୍ୱାଧୀନତା ପାଇବା ସଙ୍ଗେ ସଙ୍ଗେ ଉପେନ୍ଦ୍ର ଭଞ୍ଜ ଓଡ଼ିଆ ଭାଷାର ଉଚ୍ଚାରଣଗତ ବୈଶିଷ୍ଟ୍ୟ ପ୍ରତି ବି ସଙ୍କେତ ଦେଇଛନ୍ତି । ବୈଦେହୀଶ ବିଳାସରେ ଠାଏ ଅଛି—

ବନ୍ଧୁ ବଚନେ ଏଣୁ ସିଦ୍ଧତର୍କି
ବ୍ୟାକରଣେ ରାମ ରାମା କରି ଜା ।
ବନ୍ଧୁ ଏଣୁ ଗୀତର ଯୋଷା ସୁଷମା
ବୋଲନ୍ତି ପାଶ୍ଚାତ୍ୟ ଶ୍ରୀରାମା ରାମା । ( ଛା-୧୫ ପଦ-୭ )

ଏଠାରେ କେଳି ମନ୍ଦିରରେ ପ୍ରବିଷ୍ଟ ରାମଚନ୍ଦ୍ରଙ୍କୁ 'ରାମା' ରୂପେ ବର୍ଣ୍ଣନା କରିବାର ପରିପାଟୀ ସମ୍ପାଦନ କରି କବି କହୁଛନ୍ତି—ଯେଁ ରାମ ସ୍ୱୟଂ କେଳି କକ୍ଷରେ ଅଛନ୍ତି, ତାଙ୍କୁ 'ରାମା' (ନାରୀ) କହିଲେ ମଧ୍ୟ ଚଳିବ । କିପରି ? ତାର ଉତ୍ତର ହେବ, ଆମ ଓଡ଼ିଶାର ଉଚ୍ଚାରଣ ଅନୁସାରେ ସିନା ସେ 'ରାମ' କିନ୍ତୁ ପଶ୍ଚିମା ଲୋକଙ୍କର ଉଚ୍ଚାରଣ ଅନୁସାରେ କହିଲେ, ସେ ହେବେ 'ରାମା' ।

ଓଡ଼ିଆ ଲୋକେ ସଂସ୍କୃତ ରାମ ଶବ୍ଦକୁ ଯେପରି 'ରୂପ' (ଶବ୍ଦ-ରୂପ) କରନ୍ତି, ତହିଁରେ ସେମାନଙ୍କର ଜାତୀୟ ଉଚ୍ଚାରଣ ଧାରା ପ୍ରତିଫଳିତ । ଓଡ଼ିଆ-ମାନେ ତାଙ୍କର ଭାଷାର ସ୍ୱକୀୟ ନିଜତ୍ୱ ରକ୍ଷା କରିବାକୁ ହେଲେ, ଶବ୍ଦମାନଙ୍କର ଉଚ୍ଚାରଣଗତ ସ୍ୱତନ୍ତ୍ରତା ମଧ୍ୟ ରକ୍ଷା କରିବାକୁ ପଡ଼ିବ । ଅନ୍ୟ ଭାବରେ କହିଲେ, ଉପେନ୍ଦ୍ର ଓଡ଼ିଆ ଜାତିକୁ ଚେତାବନୀ ସଙ୍କେତ ଦେଇ କହୁଛନ୍ତି,—'ଓଡ଼ିଆ ଭାଷାର ଏକ ସ୍ୱତନ୍ତ୍ର ଉଚ୍ଚାରଣ ଭଙ୍ଗୀ ରହିଅଛି । ତାକୁ ରକ୍ଷା ନ କଲେ, ଓଡ଼ିଆ ଭାଷାର ଅସ୍ତିତ୍ୱ ରହିବ ନାହିଁ । ଆଜି ଓଡ଼ିଶାରେ ହିନ୍ଦୀ ଭାଷାର ବହୁଳ ପ୍ରଚାର ଫଳରେ ଓଡ଼ିଆର ନିଜତ୍ୱ ଧୀରେ ଧୀରେ ବିଲୁପ୍ତ ହେବାକୁ ବସୁଛି । ଓଡ଼ିଆ ଲୋକେ ଲେଖନ୍ତି 'ଜଳ', କହନ୍ତି 'ଜଳ' । ହିନ୍ଦୀରେ କିନ୍ତୁ ଲେଖନ୍ତି 'ଜଲ', କହନ୍ତି 'ଜଲ୍' । ଯୁକ୍ତି 'ଳ' ଓ 'ଲ'ର ପ୍ରୟୋଗ ତହିଁରେ ଭିନ୍ନ, ଆମେ ଓଡ଼ିଆରେ 'ହରି' ଲେଖୁ ଏବଂ 'ହରି' କହୁ । କିନ୍ତୁ ହିନ୍ଦୀରେ 'ହରି' ବଦଳରେ 'ହରୀ' ମଧ୍ୟ ହୁଏ । ଏବେ ଅପଉଚ୍ଚାରଣ ଏତେ ବେଶି ହେଲାଣି ଯେ, କଟକ ରେଡ଼ିଓ ଷ୍ଟେସନରୁ ତହିଁର ନମୁନା ପ୍ରତ୍ୟହ ସଂଗ୍ରହ କରାଯାଇ ପାରିବ । "ସଭା ଅନୁଷ୍ଠିତ" ହୋଇଥିଲା, ସ୍ଥାନରେ "ସଭା ଅନୁଷ୍ଠୀତ" ହୋଇଥିଲା, 'ପିତା' ବଦଳରେ 'ପୀତା', "ସତ୍ୟ ଶିବ ସୁନ୍ଦର" ବଦଳରେ "ସତ୍ୟ ଶୀବ ସୁନ୍ଦର" ପ୍ରଭୃତିର ଉଚ୍ଚାରଣ ବହୁବାର ଶୁଣିବାକୁ ମିଳେ । 'ଆଧାତ୍ମିକ' ବଦଳରେ 'ଆଧ୍ୟାତ୍ମିକ' ଶବ୍ଦର ହାସ୍ୟୋଦ୍ଦୀପକ ଉଚ୍ଚାରଣ ମଧ୍ୟ ବେଳେ ବେଳେ ଶୁଣାଯାଏ । ଓଡ଼ିଆ

ଉଚ୍ଚାରଣରେ ହଳନ୍ତ ଶବ୍ଦ ଏ ଭଳି ଭାବରେ ବଢ଼ି ଚାଲିଛି ଯେ, ଆଶଙ୍କା ହେଉଛି, ଦିନେ ସର୍ବଭାରତୀୟ ସଂହତିବାଦୀ ହୁଏତ କହିବେ, "ଓଡ଼ିଆ ଏକ ସ୍ୱତନ୍ତ୍ର ଭାଷା ନୁହେଁ"; ଏହା ହେଉଛି ହିନ୍ଦୀ ଭାଷାର ଏକ ବିକୃତ ପ୍ରକାଶ ମାତ୍ର ।" ଆଉ ଯଦି ସମୟ ଆସିବ, ଯେତେବେଳେ କେବଳ ଦେବନାଗରୀ ଲିପିରେ ଓଡ଼ିଆ ଭାଷା ଲେଖାଯିବ, ସେତେବେଳେ ଧରିନେବାକୁ ହେବ ଯେ, ଉତ୍କଳ-ଭାରତୀ ଦୁରାରୋଗ୍ୟ ସାନ୍ନିପାତିକ ଜ୍ୱରରେ ଆକ୍ରାନ୍ତ ହୋଇଛନ୍ତି । ମାତୃଭାଷା ଓଡ଼ିଆକୁ ପ୍ରାଣ ପରି ଯେଉଁମାନେ ଭଲ ପାଉଛନ୍ତି, ଓଡ଼ିଆ ଭାଷାର ଅସ୍ତିତ୍ୱ ସଂରକ୍ଷଣ ଦୃଷ୍ଟିରୁ ସେମାନେ ଟିକିଏ ବିଚାର କରି ଦେଖନ୍ତୁ, ଓଡ଼ିଆ ଭାଷାକୁ ତାହାର ଉଚ୍ଚାରଣଗତ ବୈଶିଷ୍ଟ୍ୟରେ ଶ୍ରୀମନ୍ତ ଓ ଋଦ୍ଧିମନ୍ତ କରି ରଖିବାକୁ ତିନିଶହ (୩୦୦) ବର୍ଷ ତଳର କବି ଉପେନ୍ଦ୍ର ଭଞ୍ଜ କିପରି ସାଧୁ ପରାମର୍ଶ ଦେଇ ଯାଇଛନ୍ତି । ଆଜିର ଓଡ଼ିଆ ଯଦି ହିନ୍ଦୀ ଲିପିରେ ଲେଖାଯିବ ଓ ହଳନ୍ତ ବହୁଳ ଭାବରେ ଉଚ୍ଚାରିତ ହେବ, ତାହାହେଲେ, ଭବିଷ୍ୟତ ବଂଶଧରମାନେ ଓଡ଼ିଆ ଭାଷା କହିବେ କି ଅନ୍ୟ ଏକ ଭାଷା କହିବେ ତାହା ବୁଝିହେବା ଅନବଶ୍ୟକ ।

## ଅଭିଧାନ-ବ୍ୟାକରଣପାଠୀ ହିଁ ଭଞ୍ଜ-ସାହିତ୍ୟର ଅଧିକାରୀ-

ଉପେନ୍ଦ୍ର ନିଜର କାବ୍ୟମାନଙ୍କର 'ଅଧିକାରୀ' ( = ଯୋଗ୍ୟ ଉପଭୋଗକାରୀ) ସମ୍ପର୍କରେ ଏକାଧିକ ସ୍ଥାନରେ କହିଅଛନ୍ତି ଓ ବ୍ୟାକରଣ ତଥା କୋଷ (ଅଭିଧାନ) ଗ୍ରନ୍ଥପାଠର ଗୁରୁତ୍ୱ ବାରମ୍ବାର ଉଦ୍‌ଘୋଷଣ କରିଅଛନ୍ତି, ଯଥା:—

(କ) "ବୁଦ୍ଧି ଯାହାର ବିଶେଷ କାବ୍ୟ ଅଭିଧାନେ
ସୁଜନ ନାଶ ଚରିତ ଶୁଣ ସାବଧାନେ ।"

( ବୈ: ଷ: ୨।୧ )

(ଖ) ନାନା ଶବ୍ଦ ଯେ ବିଶେଷ··· ( କୋ: ବ୍ର: ସୁ: ୩।୧ )

(ଗ) ପୁରାଣ ଅଭିଧାନ ଜାଣିଥିଲେ··· ( କୋ: ବ୍ର: ସୁ: ୨।୧ )

(ଘ) ନାନା ଅଭିଧାନ ବିଧାନପଣେ- ( ଲା: ବ: ୫୮।୪୩ )

(ଙ) କଳି ନ ଥିବ ଅଭିଧାନମାନ ଶବ୍ଦମାନଙ୍କ ( କ: କୌ: )

(ଚ) କର୍ତ୍ତା ପରି ବ୍ୟାକରଣେ ପାଣିନୟ × × ···(କୋ: ବ୍ର: ସୁ: ୪।୩୭)

(ଛ) ବ୍ୟାକରଣ ସାଧନରେ ବର୍ଣ୍ଣିର ସ୍ୱରୂପ (ବୈ: ବି:)

(ଜ) ବ୍ୟାକରଣେ ରାମ ରାମା କରି କି (ବୈ: ବି: ୧୫।୬)

(ଝ) ବେଦ ବେଦାନ୍ତ ବିଧାତା ବ୍ୟାକରଣେ ହର (ଲା: ବ: ୧।୬୫)

## ଶବ୍ଦଜ୍ଞାନର ବଚିତ୍ର ପ୍ରୟୋଗ —

ବ୍ୟାକରଣ ତଥା କୋଷଗ୍ରନ୍ଥର ଗଭୀର ଅଧ୍ୟୟନ ଫଳରେ ପଣ୍ଡିତମାନେ ନିଜର ରଚନାରେ କିପରି ଚମତ୍କାରିତା ସୃଷ୍ଟି କରି ପାରନ୍ତି, ତାହାର କେତୋଟି ନମୁନା ଏଠାରେ ଦିଆଯାଇପାରେ । ମଧ୍ୟଯୁଗର କୌଣସି ରାଜକୁମାର ନିଜ ପ୍ରେୟସୀ ସହିତ ଜଳକ୍ରୀଡ଼ା କଲାବେଳେ ତା ଉପରକୁ ବହୁ ଜଳ ପ୍ରକ୍ଷେପ କଲା । ତହିଁରେ ନାରୀ ବ୍ୟତିବ୍ୟସ୍ତ ହୋଇ କହିଲା, "ମୋଦକୈଃ କ୍ରୀଡ଼ୟ" । ରାଜକୁମାର ବୁଝିଲା, ପାଣି ବଦଳରେ "ମୋଦକ" ଫିଙ୍ଗିବାକୁ କୁମାରୀ କହୁଛି ଏବଂ ଗୁଡ଼ାଏ ମୋଦକ ଅଣାଇ ତା ଉପରକୁ ଫିଙ୍ଗିବାକୁ ଲାଗିଲା । କିନ୍ତୁ "ମୋଦକୈଃ କ୍ରୀଡ଼ୟ"ର ପ୍ରକୃତ ଅର୍ଥ,"ମା ଉଦକୈଃ କ୍ରୀଡ଼ୟ" ଅର୍ଥାତ୍ 'ଏପରି ପାଣି ଫିଙ୍ଗି କରି ଖେଳ ନାହିଁ' । ଓଡ଼ିଶାରେ ଏଭଳି ବହୁ ସଂଖ୍ୟାରେ ସଂସ୍କୃତ ଶ୍ଳୋକ ପ୍ରଚଳିତ, ଯାହାର ବାହ୍ୟଅର୍ଥ ବଡ଼ ହାସ୍ୟ ଉଦ୍ଦୀପକ ଅଥଚ ତାହାର ଅସଲ ଅର୍ଥ ସେପରି ନୁହେଁ । ତଳେ ଦୁଇଟି ସୁପରିଚିତ ଶ୍ଳୋକ ଉଦ୍ଧାର କରାଯାଉଛି—

(କ) ହତୋହନୂମତାରାମଃ ସୀତାହର୍ଷମୁପାଗତଃ
ରୁଦନ୍ତି ରାକ୍ଷସାଃ ସର୍ବେ ହାହାରାମ ହତୋ ହତଃ ।

ଆପାତତଃ ଏହାର ଅର୍ଥ—"ରାମଚନ୍ଦ୍ରଙ୍କୁ ହନୁମାନ ମାରିଦେଲା ଯେ ସୀତା ବଡ଼ ଖୁସି ହେଲେ । କିନ୍ତୁ 'ଆହା ରାମଚନ୍ଦ୍ର ହତ ହେଲେ' ବୋଲି ରାକ୍ଷସମାନେ କାନ୍ଦି ପକାଇଲେ । (୧)

କିନ୍ତୁ ଏହାର ଅସଲ ଅର୍ଥ ହେଉଛି— ହନୁମାନ ( ଅଶୋକବନ ରୂପକ ) ଆରାମ ( ବଗିଚା ) ଭାଙ୍ଗିଦେବାର ଦେଖି ( ସେଠାରେ ବନ୍ଦୀ ଥିବା ) ସୀତା ଆନନ୍ଦିତା ହେଲେ । କିନ୍ତୁ 'ଆହା ( ଏଡ଼େ ସୁନ୍ଦର ) ଉଦ୍ୟାନ ଭାଙ୍ଗିଗଲା' ବୋଲି ରାକ୍ଷସମାନେ କାନ୍ଦି ପକାଇଲେ ।

(ଖ) କେଶବଂ ପତିତଂ ଦୃଷ୍ଟ୍ୱା ଦ୍ରୋଣୋ ହର୍ଷମୁପାଗତଃ
ରୁଦନ୍ତି କୌରବାଃ ସର୍ବେ ହାହା କେଶବ ! କେଶବ !

ଏହାର ଆପାତତଃ ଅର୍ଥ ହେଉଛି—

କେଶବ ( ଶ୍ରୀକୃଷ୍ଣ ) ତଳେ ପଡ଼ିଗଲେ ଯେ, ସ୍ୱନାମଧନ୍ୟ ଯୋଦ୍ଧା ଦ୍ରୋଣାଚାର୍ଯ୍ୟ ଆନନ୍ଦିତ ହେଲେ । କିନ୍ତୁ କୌରବମାନେ ରଡ଼ି ଛାଡ଼ିଲେ, "ହା କେଶବ ! ହା କେଶବ !" ଏହା ଆମର ହାସ୍ୟ ଉଦ୍ରେକ କରିଥାଏ ।

---

(୧) ବିଦଗ୍ଧ ମୁଖମଣ୍ଡନମ୍ ( ଓଡ଼ିଆ ଅର୍ଥ ସହିତ ) ପୃ-୨

ଏ ଶ୍ଳୋକର ପ୍ରକୃତ ଅର୍ଥ ହେଉଛି—

ଜଳରେ ( = କେ) ଗୋଟାଏ ଶବ ପଡ଼ିଥିବାର ଦେଖି ( ପଶୁମାଂସପ୍ରିୟ ) କୁଆ ( ଦ୍ରୋଣ )ମାନେ ଆନନ୍ଦିତ ହେଲେ । ମାତ୍ର ( ସ୍ଥଳଭୂମିରେ ପଡ଼ିଥିବା ଶବ ମାଂସ ଭୋଜନକାରୀ ) କୌରବ ( ବିଲୁଆ )ମାନେ ଗାଳିଦେଲେ—"ଆରେ ଏ, ଶବଟା ପାଣିରେ ତ ପଡ଼ିଗଲା, ( ଆଉ ଆମେ ତାକୁ ଖାଇବା କିପରି ? )

ଏହାଛଡ଼ା ଓଡ଼ିଶାରେ ଏଭଳି କେତେକ ରଚନା ଅଛି, ଯାହା ପଢ଼ିଗଲେ ଖାଣ୍ଟି ଓଡ଼ିଆ ପରି ଜଣାଯାଉଛି, ଅଥଚ ତାହା ପ୍ରକୃତରେ ସଂସ୍କୃତ ରଚନା, ଯଥା—

"ଆଲୋଲୋ ଜାନକୀ ନାମ୍ନୀ
ରାଜ୍ୟବାର୍ତ୍ତା କଥା କହ । × ×
ଆଖୁ ପେଡ଼ା ହେଲୁ ପରା ।"

ଏହା ବ୍ୟତୀତ, ଓଡ଼ିଶାର ପଣ୍ଡିତ ମହଲରୁ ଜଣାଯାଏ, ପଣ୍ଡିତମାନେ ଯେତେବେଳେ ରାଜସଭାକୁ ଯାଇ ସମ୍ମାନିତ ହୁଅନ୍ତି ନାହିଁ, ସେମାନେ ଆଶୀର୍ବାଦ ଦେବା ଛଳରେ ତିରସ୍କାର କରିଆସନ୍ତି । ସେମାନେ ଏଭଳି ଶବ୍ଦ ପ୍ରୟୋଗ କରନ୍ତି, ଯାହାର ଗୋଟାଏ ଅର୍ଥ ଶୁଭକାମନାତ୍ମକ; ମାତ୍ର ଅନ୍ୟ ଅର୍ଥ ଅଭିଶାପାତ୍ମକ । ଏହା ବ୍ୟତୀତ ଅନ୍ୟ ପ୍ରକାରର ରଚନା ମଧ୍ୟ ଦେଖାଯାଏ । ନିଜେ ଯଦୁମଣି ଯେତେବେଳେ ଅବମାନିତ ହୋଇ, ପ୍ରତିଶୋଧ ନେବା ଛଳରେ ଜଣେ ବିଶିଷ୍ଟ ବ୍ୟକ୍ତିଙ୍କୁ ଥଟ୍ଟାକରି ରାଜାଙ୍କ ଆଗରେ ଗାଇଲେ—

"ମହାରଥିର
ଦେଖିଦେଲେ ହେବ ମାହାରଥିର ।"

ସେତେବେଳେ, 'ମହାରଥୀ ବାବୁ' ରାଗିଉଠିଲେ ଏବଂ ଆପତ୍ତି ଜଣାଇ ରାଜାଙ୍କୁ କହିଲେ, "ଏ କବି ମୋର କାଳିଆ ରୂପ ଦେଖି ମତେ ମାହାର ସଙ୍ଗେ ତୁଳନା କରୁଛନ୍ତି ।" ହଠାତ୍ ହସି ହସି ଯଦୁମଣି ଉତ୍ତର ଦେଲେ, "ନାଇଁ ନାଇଁ, ମୁଁ ମୋଟେ ଥଟ୍ଟା କରି ନାହିଁ । କଥା କ'ଣ କି, ମୁଁ କହିଲି, କଳା କୃଷ୍ଣଙ୍କ ପରି ଆପଣଙ୍କ ଅଙ୍ଗଗଠନ ଏ ଭଳି ସୁନ୍ଦର ଯେ, ଆପଣଙ୍କୁ ଦେଖିଦେଲେ ନିଜେ ଲକ୍ଷ୍ମୀଦେବୀ ଚାଟକା ହୋଇ ଠିଆ ହୋଇଯିବେ ଏବଂ ତାଙ୍କ ବେକରେ ଥିବା ରତ୍ନହାର ମଧ୍ୟ ଆଉ ଦୋଳାୟିତ ହେବ ନାହିଁ ।" ଏହାପରେ

ଖାବଟରେ ବିଖ୍ୟାତ 'ଦୁଃଖ ଭଞ୍ଜନ କବି' କୁଆଡ଼େ ଜଣେ ରାଜାଙ୍କୁ ବିଦଗ୍ଧ ଭଙ୍ଗୀରେ ଗାଳିଦେଇ ଲେଖିଥିଲେ — (୧)

"ଧୀରେନ୍ଦ୍ର ମାରେନ୍ଦ୍ର ବନ୍ଦ୍ରେ ରେନ୍ଦ୍ର
ହାରାମ ସାଦେ × × × ॥"

ଏହା ଦୁଇ ଅର୍ଥର ପ୍ରକାଶକ । ପ୍ରଥମ ଅର୍ଥ (ହିନ୍ଦିରେ) ଅତି କଦର୍ଯ୍ୟ ଧରଣର ଗାଳି ଏବଂ ଦ୍ୱିତୀୟ ଅର୍ଥ (ସଂସ୍କୃତରେ) ଉଚ୍ଚାଙ୍ଗ ପ୍ରଶଂସା ।

ଉପେନ୍ଦ୍ର ଭଞ୍ଜ ସ୍ଥାନେ ସ୍ଥାନେ ଏ ଭଳି କୋଷଜ୍ଞାନ-ପ୍ରସୂତ ଶବ୍ଦମାନ ବିନ୍ୟାସ କରି ଯାଇଛନ୍ତି । ଉପେନ୍ଦ୍ର ନିଜର ସଂସ୍କୃତ ବ୍ୟାକରଣ ଶାସ୍ତ୍ର ଅଧ୍ୟୟନ କଥା ପ୍ରକାରାନ୍ତରେ ବହୁସ୍ଥଳରେ କହି ଯାଇଛନ୍ତି । ତଳେ ତାଙ୍କର ତିନୋଟି ସୁବିଖ୍ୟାତ କାବ୍ୟରୁ ତିନୋଟି ଦୃଷ୍ଟାନ୍ତ ଦିଆଯାଉଛି—

(କ) 'କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ'ରେ ଲେଖିଛନ୍ତି—

"କର୍ତ୍ତାପରି ବ୍ୟାକରଣେ
ପାଣିନୀପ୍ରାୟ ମନେଗୁଣେ
କରିବା ଏହା ସଙ୍ଗତି
ହେବ ବ୍ୟୁତ୍ପତ୍ତି ।" (୫।୩୦)

(ଖ) 'ଲାବଣ୍ୟବତୀ'ରେ କହିଛନ୍ତି-

"ବେଦ ବେଦାନ୍ତେ ବିଧାତା ବ୍ୟାକରଣେ ହର ।" (୧।୬୪)

(ଗ) 'ବୈଦେହୀଶ ବିଳାସ'ରେ ଲେଖିଛନ୍ତି—

ବ୍ୟାକରଣ ସାଧନରେ କର୍ତ୍ତୃ ସ୍ୱରୂପ (୨୩।୨୧)

## ଓଡ଼ିଆ ଭାଷାର ବ୍ୟାକରଣ ଆରମ୍ଭ ମାତ୍ର ହୋଇଛି-

କହିବାକୁ ଗଲେ, ଓଡ଼ିଆ ଭାଷାର ବ୍ୟାକରଣ ଅଦ୍ୟାବଧି ରଚିତ ହୋଇନାହିଁ । ରାଧାନାଥ ରାୟଙ୍କ ବ୍ୟାକରଣ ବହୁ ବର୍ଷ ଧରି ଓଡ଼ିଶାରେ ଚଳୁଥିଲା ।

---

(୧) ଓଡ଼ିଶା ସାହିତ୍ୟ ଏକାଡେମୀର ପଣ୍ଡିତ ସୋମନାଥ ରଥଙ୍କଠାରୁ ସଂଗୃହୀତ ।

ତାଙ୍କ ବ୍ୟାକରଣର ଦେଖାଦେଖି ଆଉ କେତୋଟି ବ୍ୟାକରଣ ମଧ୍ୟ ରଚିତ ହୋଇଥିଲା । କିନ୍ତୁ ସେ ସବୁ ସଂସ୍କୃତ ଗ୍ରନ୍ଥରେ ଥିଲା । ପ୍ରାୟ ୨୫।୩୦ ବର୍ଷ ତଳେ ଅଧ୍ୟାପକ ପଣ୍ଡିତ ବିନାୟକ ମିଶ୍ର ପ୍ରସିଦ୍ଧ କବି ଗୋଦାବରୀଶ ମିଶ୍ରଙ୍କ କବିତାର ଗୋଟିଏ ଶବ୍ଦକୁ ଦୋଷଦୁଷ୍ଟ ବୋଲି, ତାଙ୍କର ଗୋଟିଏ ପ୍ରବନ୍ଧରେ ପ୍ରତିପାଦନ କରିଥିଲେ । ସେ ଶବ୍ଦଟି ହେଉଛି, 'ନାହିଁଛି' । ତାଙ୍କର କହିବାର କଥା, ନାହିଁ + ଅଛି = ନାହିଁଛି, ଏହା ଓଡ଼ିଆ ବ୍ୟାକରଣ ସମ୍ମତ ନୁହେ ।

ଏହାର ଉତ୍ତରରେ ଏହି ଲେଖକ ଦର୍ଶାଇଥିଲି, "ଉପେନ୍ଦ୍ର ଭଞ୍ଜ ତାଙ୍କର ବୈଦେହୀଶ ବିଳାସରେ 'କାହିଁଛି' ଶବ୍ଦ ପ୍ରୟୋଗ କରିଛନ୍ତି (୧) । ଏହି 'କାହିଁଛି' ଶବ୍ଦ ( କାହିଁ + ଅଛି = କାହିଁଛି ଓଡ଼ିଆ ସନ୍ଧି ନିୟମ ଅନୁସାରେ ନିଷ୍ପନ୍ନ ।" ଅଧ୍ୟାପକ ଆର୍ତ୍ତବଲ୍ଲଭ ମହାନ୍ତି ପ୍ରାଚୀ ଲାବଣ୍ୟବତୀ ମୁଖବନ୍ଧରେ ଓଡ଼ିଆ ବ୍ୟାକରଣର ମୌଳିକତା ଓ ସ୍ୱତନ୍ତ୍ରତା ଦେଖାଇବାକୁ ଯାଇ ଅଳ୍ପ କେତେଗୋଟି ବିଭାଗରେ ଆଲୋଚନା କରିଛନ୍ତି । ପରବର୍ତ୍ତୀ କାଳର ଆଲୋଚକମାନେ ଆର୍ତ୍ତ-ବାବୁଙ୍କର ପନ୍ଥା ଅନୁସରଣ କରି ମଧ୍ୟ ସେ ଦିଗରେ ବିଶେଷ କିଛି କରି ନାହାନ୍ତି । ପଣ୍ଡିତ ନୀଳକଣ୍ଠ ଦାସ ଓଡ଼ିଆ ବ୍ୟାକରଣର ମୌଳିକତା ସମ୍ପର୍କରେ ଦୃଢ଼ ମତ ପ୍ରକାଶ କରିଛନ୍ତି । ପଣ୍ଡିତ ଗୋପୀନାଥ ନନ୍ଦ ଓଡ଼ିଆ ଶବ୍ଦତତ୍ତ୍ୱ ବିଚାର କରି ଯେଉଁ ମୌଳିକତା ଦେଖାଇଛନ୍ତି, ତାକୁ ସମ୍ପ୍ରସାରିତ କରିବା ପାଇଁ ସେ ଭଳି ମନୀଷା ଏ ପର୍ଯ୍ୟନ୍ତ ଦେଖାଯାଇ ନାହିଁ କହିଲେ ଚଳେ । ଗବେଷକ ଶ୍ୟାମସୁନ୍ଦର ରାଜଗୁରୁଙ୍କର ନାମ ମଧ୍ୟ ଏ କ୍ଷେତ୍ରରେ ଉଲ୍ଲେଖଯୋଗ୍ୟ । (୨)

ଉପେନ୍ଦ୍ର ଭଞ୍ଜଙ୍କର ସମୟ ପର୍ଯ୍ୟନ୍ତ ଓଡ଼ିଆ ଭାଷା ସଂସ୍କୃତରୁ ଶବ୍ଦରତ୍ନ ସଂଗ୍ରହ କରି ନିଜର ଭଣ୍ଡାରକୁ ସମୃଦ୍ଧ କରିଥିଲେ ହେଁ, ତହିଁର ବିଶଦ ଆଲୋଚନା ଅଭାବରୁ ଓଡ଼ିଆ ଭାଷାର ମୌଳିକତା ଯେନ ବେଳେ ବେଳେ ଅବାଞ୍ଛିତ ମନୋଭାବ ଶିକ୍ଷିତ ସମାଜରେ ପ୍ରକାଶ ପାଇଥାଏ । ପ୍ରାୟ ୨୦।୨୫ ବର୍ଷ ପୂର୍ବେ ପୁରୀରେ ଅନୁଷ୍ଠିତ 'ନିଖିଳ ଉତ୍କଳ ମଠ ମହନ୍ତାଧୀଶ ମହାସମ୍ମେଳନୀ'ରେ ଓଡ଼ିଶାର ଜଣେ ବକ୍ତା 'ସମ୍ମିଳନୀ' ଶବ୍ଦ ପ୍ରୟୋଗ କରିବାରୁ, କେହି କେହି ସଂସ୍କୃତ ପଣ୍ଡିତ ତହିଁର କଟୁ ସମାଲୋଚନା କରିଥିଲେ । ଅଥଚ, କୋଟି

(୧) ବ୍ରହ୍ମା ସର୍ଜନାରେ ବ୍ରହ୍ମାଣ୍ଡେ କାହିଁଛି, (ବୈ: ବି: ୧୭।୨)
(୨) ପ୍ରବନ୍ଧାବଳୀ (୧୯୬୪) ପୃ ୧୨୯-୧୫୪

କଣ୍ଠରେ ଆଜ 'ଉତ୍କଳ ସମ୍ମିଳନୀ' ଶବ୍ଦ ଉଚ୍ଚାରିତ ହୋଇ ବ୍ୟବହାର କ୍ଷେତ୍ରରେ ଏହି ଶବ୍ଦଟିର ଗଠନ ଶୁଦ୍ଧି ପ୍ରତିଷ୍ଠିତ କରି ଯାଇଛି । ସଂସ୍କୃତ ନାଭି ଶବ୍ଦର ଉତ୍ପନ୍ନ 'ଲହି' ଶବ୍ଦ, 'ନାହି' ଶବ୍ଦ ଅପେକ୍ଷା ଅଧିକ ଶୁଦ୍ଧ ବୋଲି ଯେଉଁମାନେ କହନ୍ତି, 'କାକ' ଶବ୍ଦରୁ ଉତ୍ପନ୍ନ 'କାଉ' ଶବ୍ଦକୁ ଅଶୁଦ୍ଧ କହି, 'କୁଆ' ଶବ୍ଦକୁ ଓଡ଼ିଆରେ ସାଧୁଶବ୍ଦ ବୋଲି ଯେଉଁମାନେ କହନ୍ତି, ସେହି ସଂସ୍କୃତାଭିମୁଖୀ ପଣ୍ଡିତ ବା ସାହିତ୍ୟିକମାନେ 'ସମ୍ମିଳନୀ' ଶବ୍ଦକୁ (ସମ୍ମେଳନ ବଦଳରେ) ଅଶୁଦ୍ଧ ବୋଲି କିପରି କହିପାରୁନ୍ତନ୍ତି, ସେ କଥା ସେହିମାନଙ୍କୁ ହିଁ ଜଣା ।

ସାରଳା ମହାଭାରତରେ ଏପରି ଅନେକ ଶବ୍ଦ ଅଛି, ଯାହା ଆଜି ଆମ୍ଭମାନଙ୍କର ଦୁର୍ବୋଧ । ପଣ୍ଡିତ ଗୋପୀନାଥ ନନ୍ଦ ତାଙ୍କର 'ଶ୍ରୀ ଭାରତ ଦର୍ପଣ'ରେ ଏଭଳି ଅଧୁନା ଅବ୍ୟବହୃତ ବା ବ୍ୟବହାର-ବହିଷ୍କୃତ ଶବ୍ଦମାନଙ୍କର ଏକ ତାଲିକା ଦେଇଛନ୍ତି (୧) । ଶ୍ରୀଯୁକ୍ତ ସୁରେନ୍ଦ୍ର ମହାନ୍ତି ଉଣାଅଧିକେ ସେହି ତାଲିକାଟି ନିଜର ଓଡ଼ିଆ ସାହିତ୍ୟ ଇତିହାସ ଗ୍ରନ୍ଥରେ ସମାବେଶିତ କରି, ଗୋଟିଏ ଖାଣ୍ଟି ସଂସ୍କୃତ ଶବ୍ଦକୁ ମଧ୍ୟ ତା ଭିତରେ ଭର୍ତ୍ତି କରି ଦେଇଛନ୍ତି । ଓଡ଼ିଶାରେ ଭାଷାତତ୍ତ୍ୱର ତଥା ଶବ୍ଦତତ୍ତ୍ୱର ଆଲୋଚନା କେତେ କମ୍ ଏବଂ ସେ ସମ୍ପର୍କରେ ଆମ୍ଭମାନଙ୍କର ଜ୍ଞାନ କେତେ କମ୍, ସେହି ଶବ୍ଦଟି ଏ ସ୍ଥଳରେ ସେ କଥା ପ୍ରମାଣ କରିଦିଏ । ଅଧ୍ୟାପକ ଡକ୍ଟର ଗୋପାଳ ଚନ୍ଦ୍ର ମିଶ୍ର ନିଜେ 'ଓଡ଼ିଆ' ଅଧ୍ୟାପକ ଥାଇ, ହିନ୍ଦି ଭାଷାରେ ଲିଖିତ ତାଙ୍କର ଓଡ଼ିଆ ସାହିତ୍ୟର ଇତିହାସରେ (୨) ଯେ ଭଳି ବିକୃତ, ହସୋଦ୍ଦୀପକ ତଥା ଜାତୀୟ ଗ୍ଲାନିକର ଭାବରେ ଓଡ଼ିଆ ଶବ୍ଦର ବନାନ ଲେଖିଛନ୍ତି, ତାହା ଦେଖିଲେ ଆମର ଜ୍ଞାନ-ଦୈନ୍ୟ ସହଜରେ ବାରି ହୋଇପଡ଼େ ।

ଏ ଭଳି ରାଶି ରାଶି ଦୃଷ୍ଟାନ୍ତ ଦେଇ ହେବ । 'ଯଥେଷ୍ଟ' ଶବ୍ଦର ଅର୍ଥ, 'ଯେପରି ଇଚ୍ଛା' । ଅଥଚ, ଯାଠୁଆ ଲୋକେ ଲେଖୁଛନ୍ତି, "ସେ ମୋର ଯଥେଷ୍ଟ

(୧) ଶ୍ରୀଭାରତ ଦର୍ପଣ—ପୃ (୨ୟ ସଂ:) ପୃ ୨୩୯-୨୪୧

(୧) ଓଡ଼ିଆ ସାହିତ୍ୟର ଆଦିପର୍ବ—ପୃ ୨୯୧ (ଶବ୍ଦଟି ହେଉଛି 'ନିର୍ଜିତ')

(୨) ଏହି ପୁସ୍ତିକା ଦିଲ୍ଲୀରୁ ପ୍ରକାଶିତ । ଏ ଭଳି ତଥ୍ୟଗତ ଭ୍ରମପ୍ରମାଣ ପୂର୍ଣ୍ଣ ବହି ( ଓଡ଼ିଆ ସାହିତ୍ୟ ଉପରେ ) ଖୁବ୍ କମ୍ ପ୍ରକାଶ ପାଇଛି ।

ଷ୍ଠିତ କଲି । ନିଜର କ୍ଷତ କେହି କେବେ କ'ଣ ଇଚ୍ଛା କରେ ? ସୁତରାଂ, 'ନେଥୋସ୍ତୁ କ୍ଷତ କଲି' କହିବା କେତେମାରାତ୍ମକ ଭୁଲ ନୁହେ ?

## ଭଞ୍ଜଙ୍କର ତତ୍ତ୍ୱବୋଧ : ପଣ୍ଡିତ ନୀଳକଣ୍ଠଙ୍କ ମତ-

ମନୀଷୀପ୍ରବର ପଣ୍ଡିତ ନୀଳକଣ୍ଠ ଯଥାର୍ଥରେ ଲେଖିଛନ୍ତି—"କିନ୍ତୁ ସଂସ୍କୃତରେ ଏତେ ଆଧିପତ୍ୟ ସତ୍ତ୍ୱେ ସେ ଓଡ଼ିଆ ଭାଷାକୁ ସମ୍ପୂର୍ଣ୍ଣ ରୂପେ ସଂସ୍କୃତର ଅନୁଚରୀ କରି ନାହାନ୍ତି । ଓଡ଼ିଆ ଭାଷାର ସ୍ୱତନ୍ତ୍ର ବେଶ ସେ ବୁଝିଅଛନ୍ତି ଏବଂ ସଂସ୍କୃତ ସଙ୍ଗେ ତାହାର ସମ୍ବନ୍ଧର ପ୍ରାକୃତିକ ସୀମା ଠିକ୍ ରଖିଅଛନ୍ତି । ଓଡ଼ିଆରେ ହ୍ରସ୍ୱ, ଦୀର୍ଘ, ଦନ୍ତ୍ୟ, ତାଲବ୍ୟ, ମୂର୍ଦ୍ଧନ୍ୟ, ଅନ୍ତଃସ୍ଥ, ବର୍ଗ୍ୟ ପ୍ରଭୃତି ବର୍ଣ୍ଣଭେଦରେ ପାର୍ଥକ୍ୟ ନାହିଁ । ତାହା ସେ ରଖି ନାହାନ୍ତି । କିନ୍ତୁ ସଂସ୍କୃତରେ ଏଗୁଡ଼ିକ ହୁଏତ ରକ୍ଷଣୀୟ । ଆଜିକାଲି ମଧ୍ୟ ଲୋକେ ଶୁଦ୍ଧକରି କହନ୍ତି, 'ବିବାହ କଲି' । ଏମାନଙ୍କ ମତରେ 'ବିଭା ହେଲି' କଥାଟି ବ୍ୟାକରଣ ହିସାବରେ ଅସଙ୍ଗତ । କିନ୍ତୁ ଓଡ଼ିଆ ଯେ ସଂସ୍କୃତ ଭାଷା, ରୀତି ଓ ସଂସ୍କୃତ ବ୍ୟାକରଣରେ ପଦେ ପଦେ ବନ୍ଧା ହେବାର ନୁହେଁ, ଉପେନ୍ଦ୍ର ଭଞ୍ଜ ସେ କଥା ବୁଝିଥିଲେ । × × ଭାଷାର × ସ୍ୱଚ୍ଛନ୍ଦ ଓ ପ୍ରାକୃତ ବ୍ୟବହାର ଉପେନ୍ଦ୍ର ଭଞ୍ଜ କରିଅଛନ୍ତି ।" (୧)

## ସଙ୍ଗୀତ ଶାସ୍ତ୍ର ଅଧ୍ୟୟନ—

ରାଜପୁତ୍ର ଉପେନ୍ଦ୍ର ତାଙ୍କର କାବ୍ୟ-ନାୟକ ରାଜକୁମାର ଚନ୍ଦ୍ରଭାନୁ ସମ୍ପର୍କରେ ଲେଖିଛନ୍ତି—"ସଙ୍ଗୀତରେ ନାରଦ, ଶୃଙ୍ଗାର ଶାସ୍ତ୍ରେ ମାର ।" ଚନ୍ଦ୍ରଭାନୁ ଯେ ସଙ୍ଗୀତରେ ପ୍ରବୀଣ ଥିଲେ, ତାହା ନୁହେ, ନିଜେ ଉପେନ୍ଦ୍ର ମଧ୍ୟ ସଙ୍ଗୀତଜ୍ଞ ଓ ନାଟ୍ୟ ନିର୍ଦ୍ଦେଶନାରେ ପ୍ରବୀଣ ଥିଲେ । ସୁତରାଂ ଏବେ ତାଙ୍କର ସଙ୍ଗୀତାଧ୍ୟୟନ ଓ କାମଶାସ୍ତ୍ର (ଶୃଙ୍ଗାର ଶାସ୍ତ୍ର) ଅଧ୍ୟୟନ କଥା ବିଗ୍ଭର କରାଯାଉ । ଖାଲି ମଧ୍ୟଯୁଗ ଓଡ଼ିଶାରେ ନୁହେଁ, ଏ ପର୍ଯ୍ୟନ୍ତ ମଧ୍ୟ ରାଜପରିବାରମାନଙ୍କରେ ସଙ୍ଗୀତ-ବିଳାସିତା ବିଶେଷ ଭାବରେ ଦେଖାଯାଏ । ବର୍ତ୍ତମାନ କାଳ ପର୍ଯ୍ୟନ୍ତ ଅର୍ଥାତ୍

---

(୧) ଓଡ଼ିଆ ଭାଷା ଓ ସାହିତ୍ୟ (୧୯୫୮)—ପୃ ୧୭୮

ଗଉଡ଼ଜାତ ମିଶ୍ରଣ ପର୍ଯ୍ୟନ୍ତ ଓଡ଼ିଶାର ସଙ୍ଗୀତଜ୍ଞମାନେ ଓଡ଼ିଶାର ବିଭିନ୍ନ ରାଜା-ରାଜୁଡ଼ାଙ୍କ ବାହୁଚ୍ଛାୟାରେ ସୁଖ ଶାନ୍ତିରେ ରହିଥିଲେ । ଭଞ୍ଜ ନିଜେ ସୁଗାୟକ ଓ ମୃଦଙ୍ଗକଣ୍ଠ ଏବଂ ସଙ୍ଗୀତଶାସ୍ତ୍ର ଉପରେ ଓଡ଼ିଆରେ 'ସଙ୍ଗୀତ କୌମୁଦୀ' ନାମକ ଗ୍ରନ୍ଥ ଲେଖିଥିବାର ଶୁଣାଯାଏ । କିନ୍ତୁ ଏ ପର୍ଯ୍ୟନ୍ତ ତାଙ୍କର ଅନେକ ବହି ପରି ଏହି 'ସଙ୍ଗୀତ କୌମୁଦୀ' ମଧ୍ୟ ଲୋକଲୋଚନକୁ ଆସି ନାହିଁ । ତେବେ ତାଙ୍କର କାବ୍ୟ-ମାନଙ୍କରେ ସଙ୍ଗୀତ ଶାସ୍ତ୍ରର ନାନା ତଥ୍ୟ ପ୍ରସଙ୍ଗ କ୍ରମେ ସମାବେଶିତ ହୋଇଅଛି ।

ରୀତିଯୁଗ ଓଡ଼ିଆ ସାହିତ୍ୟର ଆଲୋଚନା ପ୍ରସଙ୍ଗରେ ଉତ୍କଳରେ ସଙ୍ଗୀତ ଚର୍ଚ୍ଚାର ପରମ୍ପରା କଥା କୁହାଯାଇଛି ( ପୃଷ୍ଠା ୧୧୬-୧୧୭ ଦ୍ରଷ୍ଟବ୍ୟ ) । ମଧ୍ୟଯୁଗ ଓଡ଼ିଆ ସାହିତ୍ୟ ଗୋଟିଏ ଦୃଷ୍ଟିରୁ ପଦ୍ୟ-ସାହିତ୍ୟ ହେଲେ ମଧ୍ୟ ତହିଁରେ ସଙ୍ଗୀତର ଗଭୀର ପ୍ରଭାବ ଲକ୍ଷିତ ହୁଏ । ଓଡ଼ିଶାରେ ବହୁ ସଙ୍ଗୀତ ଗ୍ରନ୍ଥ ତଥା ନୃତ୍ୟ ବିଷୟକ ଗ୍ରନ୍ଥ ରଚିତ ହୋଇଥିବାରୁ ଭଞ୍ଜେ ସେ ସବୁ ଅଧ୍ୟୟନ କରିଥିବା ସୁନିଶ୍ଚିତ । ବିଶେଷରେ, ଏଥିପୂର୍ବେ ପ୍ରଦତ୍ତ ସୂଚନା ପ୍ରକାରେ ସେ 'ଗୀତ ପ୍ରକାଶ', 'ସଙ୍ଗୀତ କଳ୍ପଲତା' ପ୍ରଭୃତି ଅବଶ୍ୟ ଅଧ୍ୟୟନ କରିଥିବେ । ଉପେନ୍ଦ୍ର ଭଞ୍ଜଙ୍କ ସାହିତ୍ୟରେ ସଙ୍ଗୀତର ପ୍ରଭାବ ଯଥାସ୍ଥାନରେ ପ୍ରଦର୍ଶିତ ହୋଇଅଛି । ଏହା ବ୍ୟତୀତ ଏହି ଆଲୋଚନାର ପୃ ୧୧୪-୧୧୮ ଦ୍ରଷ୍ଟବ୍ୟ ।

## କାମଶାସ୍ତ୍ର ଅଧ୍ୟୟନ—

ଉପେନ୍ଦ୍ର ଭଞ୍ଜ ବହୁସ୍ଥଳରେ ବାତ୍ସ୍ୟାୟନ ଓ କାମଶାସ୍ତ୍ରର ଉଲ୍ଲେଖ କରିଅଛନ୍ତି । ପ୍ରାଚୀନ ଭାରତରେ ପଣ୍ଡିତମାନେ ଜୀବନର ଲକ୍ଷ୍ୟ ଭେଦିନି ଆଲୋଚନା କଲା ବେଳେ, ଧର୍ମ-ଅର୍ଥ-କାମ-ମୋକ୍ଷ କଥା କହୁଥିଲେ । ଧର୍ମ ଶାସ୍ତ୍ରରେ ମାନବର ଜୀବନ ସମ୍ଭୋଗ କୁତ୍ରାପି ନିଷିଦ୍ଧ ହୋଇ ନାହିଁ । (୧) କିନ୍ତୁ ଜୀବନ ସମ୍ଭୋଗ ବେଳେ ଧର୍ମଭିତ୍ତି ଉପରେ ତଥା ଧର୍ମର ଆଦର୍ଶ ଉପରେ

(୧) "ଗୃହୀତ ଇବ କେଶେଷୁ ମୃତ୍ୟୁନା ଧର୍ମମାଚରେତ୍"—ଏହି ମତ ସହିତ ଅନ୍ୟ ମତ ମଧ୍ୟ ସ୍ମରଣୀୟ, ଯଥା—

'ଧର୍ମାର୍ଥକାମାଃ ସମମେବ ସେବ୍ୟାଃ
ଯସ୍ତ୍ୱେକସେବୀ ସଜନେ ଜଘନ୍ୟଃ ।'

ମନୁଷ୍ୟ ନିଜକୁ ପ୍ରତିଷ୍ଠିତ କରି ରଖିବା ଉଚିତ ବୋଲି ପ୍ରାଚୀନ ଭାରତରେ ସୁଚିନ୍ତିତ ମତ ପ୍ରକାଶ ଲାଭ କରିଅଛି । ଯେଉଁ ଭଗବଦ୍ ଗୀତାରେ ଶ୍ରୀକୃଷ୍ଣ କାମକୁ ତ୍ୟାଗ କରିବା ଲାଗି ଉପଦେଶ ଦେଇଅଛନ୍ତି (୧), ସେହି ଗୀତାରେ ପୁଣି କୁହାଯାଇଛି, "ମୁଁ ହେଉଛି ଧର୍ମର ଅବିରୋଧୀ କାମ" । ସୁତରାଂ, କାମତତ୍ତ୍ୱ ମାନବର ଅପାଠ୍ୟ ନୁହେ । କାମ ଉପଦେଶକ ଶାସ୍ତ୍ରମାନଙ୍କ ମଧ୍ୟରେ ବାତ୍ସ୍ୟାୟନଙ୍କ କାମସୂତ୍ର ସର୍ବୋତ୍କୃଷ୍ଟ । "ସେହି ଶାସ୍ତ୍ର ଅନୁଯାୟୀ ଜୀବନଯାତ୍ରା ନିର୍ବାହ କଲେ ଲୋକ ଯଥାଯଥ କାମସେବନ କରିବ × × × ବେଶ୍ୟା ସଙ୍ଗ ବର୍ଜନୀୟ । ଏହା ଉପେନ୍ଦ୍ର ଭଞ୍ଜ ବାତ୍ସ୍ୟାୟନଙ୍କ ଭଳି ଉପଦେଶ ଦେଇଅଛନ୍ତି ।"(୨)

ବାତ୍ସ୍ୟାୟନଙ୍କ କାମସୂତ୍ର ଶୃଙ୍ଗାର କାବ୍ୟ ରଚନାର ପ୍ରଧାନ ଅବଲମ୍ବନ । ପ୍ରାଚୀନ କବିମାନେ ଏହି ଶାସ୍ତ୍ରର ପ୍ରୟୋଗ ଦ୍ୱାରା ନିଜ ନିଜର ରଚନାମାନଙ୍କର ଶାସ୍ତ୍ରୀୟ ମର୍ଯ୍ୟାଦା ବଢ଼ାଇଥିଲେ ମଧ୍ୟ ଶାସ୍ତ୍ର ଅନଭିଜ୍ଞ ଲୋକ ପକ୍ଷରେ ସେ ସବୁର ମୂଲ୍ୟ ଅତ୍ୟନ୍ତ ଅଳ୍ପ । ସେଥିପାଇଁ ଭଞ୍ଜ ପ୍ରଭୃତି ମହାକବିମାନେ ବାରମ୍ବାର କହିଅଛନ୍ତି—"ଆମର ଏହିସବୁ କାବ୍ୟ ପାଇଁ ଯୋଗ୍ୟ ଅଧିକାରୀ ଦରକାର ।"

ଭାରତୀୟ ଦର୍ଶନଶାସ୍ତ୍ର ଯେଉଁମାନେ ପଢ଼ିଛନ୍ତି, ସେମାନେ ଜାଣନ୍ତି, କିପରି ଠାଏ ଠାଏ ଦର୍ଶନଶାସ୍ତ୍ରଗତ ସୂତ୍ରମାନଙ୍କର ଅର୍ଥ ଏକାନ୍ତ ଦୁର୍ବୋଧ ହୋଇଉଠେ । ବେଦାନ୍ତ ଦର୍ଶନର ପ୍ରଥମ ସୂତ୍ର—"ଅଥାଽତୋ ବ୍ରହ୍ମ ଜିଜ୍ଞାସା" ( ଯାହାର ସରଳ ଅର୍ଥ ହେଉଛି—ଏହା ପରେ ଏହି କାରଣରୁ ବା ଏଥିପାଇଁ ବ୍ରହ୍ମ ଜିଜ୍ଞାସା କରାଯାଉଛି ) ଆପାତତଃ ସହଜବୋଧ ପରି ଜଣାଯାଏ । ମାତ୍ର 'ଅଥ' ଏବଂ 'ଅତଃ' ଏ ଦୁଇଟି ଶବ୍ଦ ଉପରେ ଶହ ଶହ ବର୍ଷ ଧରି ନାନା ବିଚିତ୍ର ଚିନ୍ତାପ୍ରବାହ ଅମନ୍ଦ ବେଗରେ ପ୍ରବାହିତ ହୋଇଅଛି । ଦର୍ଶନ ଶାସ୍ତ୍ରର ଅନବଗାହୀମାନଙ୍କୁ ଏ କଥା ସହଜରେ କିପରି ଅବା ବୁଝାଇ ଦେଇ ହେବ ?

---

(୧) ଜହି ଶତ୍ରୁଂ ମହାବାହୋ କାମରୂପଂ ଦୁରାସଦମ୍ (ଗୀତା-୩।୪୩)

ଧର୍ମାବିରୁଦ୍ଧୋ ଭୂତେଷୁ କାମୋଽସ୍ମି ଭରତର୍ଷଭ । (ଗୀତା-୭।୧୧)

(୨) ପ୍ରାଚୀ ଲାବଣ୍ୟବତୀ ମୁଖବନ୍ଧ—ପୃ ୧୩।୧୪

ପ୍ରାଚୀନ ସାହିତ୍ୟ କ୍ଷେତ୍ରରେ ମଧ୍ୟ ଠିକ୍ ସେହିକଥା । ଗୀତ ଗୋବିନ୍ଦରେ ଲେଖାଅଛି—

"ପୀନ ପୟୋଧର ପରିସର ମର୍ଦ୍ଦନ
ଚଞ୍ଚଳ କରଯୁଗଶାଳୀ ।"

ଏଠାରେ ଶ୍ରୀକୃଷ୍ଣଙ୍କ ଦ୍ୱାରା ଶ୍ରୀରାଧାଙ୍କର କୁଚ ମର୍ଦ୍ଦନର ଯେଉଁ ବର୍ଣ୍ଣନା, ତହିଁରେ ପରିସର ଶବ୍ଦର ପ୍ରୟୋଗ ବଡ଼ ବିଦଗ୍ଧତା ମଣ୍ଡିତ । କାରଣ, ଶାସ୍ତ୍ର ଅନୁସାରରେ କୁଚର ପାର୍ଶ୍ୱରେ ହିଁ ମର୍ଦ୍ଦନ ନିମନ୍ତେ ପ୍ରଶସ୍ତ । କାବ୍ୟ ପ୍ରକାଶ ମୂଳରେ "ନିଃଶେଷଚ୍ୟୁତ × × ତସ୍ୟା ଧମସ୍ୟାନ୍ତିକମ୍"—ଏ ଯେଉଁ ଶ୍ଳୋକଟି ବ୍ୟଞ୍ଜନାର ଶ୍ରେଷ୍ଠ ଦୃଷ୍ଟାନ୍ତ ରୂପେ ଉପସ୍ଥାପିତ ହୋଇଛି, ତହିଁରେ ମଧ୍ୟ ସେହି କଥା ପ୍ରତିଫଳିତ । ସମଗ୍ର ସଂସ୍କୃତ ସାହିତ୍ୟରେ ଏଭଳି ଚମତ୍କାର ଭାବ ପରିପୂର୍ଣ୍ଣ ଅଥବା ଚମତ୍କାର ଭଙ୍ଗୀରେ ଭାବ ପ୍ରକାଶଯୁକ୍ତ ରଚନା ହୁଏ ତ ବହୁସଂଖ୍ୟାରେ ମିଳି ନ ପାରେ । ଏହି ଶ୍ଳୋକଟିର ଅର୍ଥ ଏପରି ଭାବରେ ବୁଝାଇ ଦିଆଯାଇପାରେ ।

ସେହି ଶ୍ଳୋକର ସାଧାରଣ (ଆଭିଧାନିକ) ଅର୍ଥ—

ଜଣେ ପ୍ରେମିକା ନାୟିକା ତାର ପ୍ରେମିକକୁ ଡାକି ଆଣିବା ପାଇଁ ତା ନିଜର ଦୂତୀକୁ ପଠାଇଅଛି । କିଛି ସମୟ ପରେ ଦୂତୀ ଫେରି ଆସି ତାର ମାଲିକାଣୀ ଏହି ପ୍ରେମିକା ନାୟିକାକୁ କହୁଛି,—"ସାଆନ୍ତାଣି, ତୁମେ ପଠାଇବା ଜାଗାକୁ ମୁଁ ଯାଇଥିଲି, ସେ କିନ୍ତୁ ସେଠାରେ ନ ଥିଲେ । ତାଙ୍କ ସହିତ ମୋର ଆଉ ଭେଟ ହେଲି ନାହିଁ । ମୁଁ ତେଣୁ ଫେରି ଆସିଲି, ଆସିଲା ବେଳେ ବାଟରେ ଗୋଟିଏ ବାମ୍ପି ଦେଖିଲି । ତାହାର ଥଣ୍ଡା ପାଣିରେ ଗାଧୋଇ ପକାଇଲି । ସେଥିପାଇଁ ଟିକିଏ ବିଳମ୍ବ ହେଲା ।"

ଏହା ଶୁଣି ଅତ୍ୟନ୍ତ ଦୁଃଖିତ ହୃଦୟରେ ସେହି ପ୍ରେମିକା ଏହି ଦୂତୀକୁ କହିଲା, "ହଁ, ହଁ, ମୁଁ ଜାଣିଲି ଯେ, ତୁ ତ ତାଙ୍କୁ ଭେଟି ନ ଥିବୁ; ତୁ ଆସିଲା ବେଳେ ବାମ୍ପିର ଥଣ୍ଡା ପାଣିରେ ନିଶ୍ଚୟ ସ୍ନାନ କରି ଆସିଥିବୁ । କାହିଁକି ନା,—( ତହିଁର ଚାରିଗୋଟି କାରଣ ସେ କହୁଛି )—

(କ) ତୋହର ସ୍ତନମଣ୍ଡଳରେ ଚନ୍ଦନ ବୋଳା ହୋଇଥିଲା । ତୁ ତରତରରେ ଗାଧୋଉ ଗାଧୋଉ, ଲୁଗାରେ ଘଷାଘଷି କରି, ଲାଗିଥିବା

ଚନ୍ଦନ ପୋଛି ପକାଇଥିବୁ । ତେବେ ମୋ ପାଖକୁ ତୁ ଚଞ୍ଚଳ ଫେରି ଆସି ମତେ ସମ୍ବାଦ ଦେବୁ ବୋଲି ମନରେ ଭାବୁଥିବାରୁ, ତୋର ସ୍ତନ-ମଣ୍ଡଳର ଚତୁର୍ଦ୍ଦିଗରେ ଲାଗିଥିବା ଚନ୍ଦନତକ ସିନା ଛଡ଼ାଇ ଦେଲୁ, କିନ୍ତୁ ସ୍ତନ ଉପରେ ଓ ତାର ଅଗ୍ରଭାଗରେ ଲାଗିଥିବା ଚନ୍ଦନ ଛଡ଼ାଇ ପାରିନାହୁଁ । ତାହା ଏବେ ମଧ୍ୟ ଯେପରି ସେପରି ରହିଛି । ତୁ ଯଦି ତରତରରେ ଗାଧୋଇ ନ ଥାନ୍ତୁ, ତେବେ ସ୍ତନମଣ୍ଡଳର 'ଘରଘର'ରେ ଲାଗିଥିବା ଚନ୍ଦନତକ ଛୁଡ଼ି ଯାଇଥାଆନ୍ତା କିପରି ? ( ତେଣୁ ମୋ ପାଇଁ ତୋ ମନ ଧାଁଣି ହେଉଥିଲା ଓ ଭଲ ଭାବରେ ଘଷା ଘଷି ହୋଇ ଗାଧୋଇବାକୁ ତୁ ସମୟ ପାଇଲୁ ନାହିଁ ।)

(ଖ) ହିତ୍ତୀୟତଃ, ତୁ ନିଷ୍ଟୟ ବାମ୍ଫିରେ ଗାଧୋଇ କରି ଆସିଛୁ । ତା ନ ହେଲେ, ତୋର ତଳ ଓଠରେ ଯେଉଁ ନାଲି ରଙ୍ଗ ଲାଗିଥିଲା, ତାହା ପୋଛି ହୋଇ ଯାଇଛି କିପରି ମୁଁ ଭାବୁଛି, ମୋ ପାଇଁ ତୋ ମନ ଧାଁଣି ହେଉଥିଲା ଓ, ତୁ ଫେରି ଆସିବାକୁ ତରତର ହେଉଥିଲୁ । ତେଣୁ ଅଧର ଅର୍ଥାତ୍ ତଳ ଓଠ ଏବଂ ଉପର ଓଠ, ଦୁଇ ଓଠ ଯାକରେ ଯଦିଓ ନାଲି ରଙ୍ଗ ଲାଗିଥିଲା, ତଥାପି ତୁ ତରତରରେ ଗାଧୋଇ ସାରି ଫେରି ଆସିବାରୁ ଖାଲି ତଳ ପଟର ଓଠରୁ ନାଲି ରଙ୍ଗ ଛଡ଼ାଇ ଦେଇଛୁ ସିନା, ଉପର ପଟର ଓଠରୁ ତାହା ଛଡ଼ାଇ ପାରି ନାହୁଁ । ( ତେଣୁ ବାମ୍ଫିରେ ଏଇଲାଗେ ଗାଧୁଆ ଶେଷ କରି ତୁ ମୋ ପାଖକୁ ଆସିଛୁ ବୋଲି ଯାହା କହୁଛୁ, ତାହା ଏକା-ବେଳକେ ଠିକ୍ ।

(ଗ) ତୃତୀୟତଃ, ତୋର ଆଖିର କଜ୍ଜ୍ୱଳ ଦେଖିଲେ ଜଣାପଡ଼ୁଛି ଯେ, ତୁ ନିଷ୍ଟୟ ବାମ୍ଫିରେ ଗାଧୁଆ ଶେଷ କରି ଆସିଛୁ । ତୁ ଯେତେବେଳେ ମୋ ପାଖରୁ ଯାଇଥିଲୁ ସେତେବେଳେ, ତୋର ଆଖିରେ ଲମ୍ବା ଲମ୍ବା କଜ୍ଜ୍ୱଳ ଗାର ଥିଲା । ଏବେ ମୁଁ ଦେଖୁଛି, ଆଖିର ବାହାର ପଟେ ଯେଉଁ ଗାର ବା ଲାଞ୍ଛ ଥିଲା, ତାହା ଘଷି ହୋଇ ଲିଭି ଯାଇଛି । ( ତୁ ଯଦି ତରତରରେ ଗାଧୁଆ ଶେଷ କରି ନ ଥାନ୍ତୁ, ତାହାହେଲେ ଆଖିର ବାହାର ପଟର କଜ୍ଜ୍ୱଳ ଦାଗ ଲିଭିଯାଇ ଥାଆନ୍ତା କିପରି ? ତେଣୁ ତୁ ତରତରରେ ଗାଧୁଆ ଶେଷ କରି ସିଧା ମୋ ପାଖକୁ ଆସିବା କଥା ସତ ।

(ଘ) ଶେଷରେ, ତୋ ଦେହ ପୁଲକିତ ହୋଇ ଯାଇଛି । ବାମ୍ପିର ପାଣି ଘର ଥଣ୍ଡା । ସେହି ଥଣ୍ଡା ପାଣିରେ ତୁ ସେତେବେଳେ ଯାଇ ବୁଡ଼ ପକାଇଥିବୁ, ତୋ ଦେହ କମ୍ପି ଉଠିଥିବ । ସେଥିପାଇଁ ତୋର ଦେହରେ ଗୋଟାଏ 'ପୁଲକ' ପ୍ରକାଶ ପାଇଲା ପରି ଜଣାଯାଉଛି ।

"ଅତଏବ ଲୋ ଦାସୀ ! ଆଲୋ ମିଛୁଆ ! ତୁ ନିଶ୍ଚୟ ସେହି ଅଧମ ପ୍ରେମିକ ପାଖକୁ ଯାଇଥିଲୁ ସିନା, ତାଙ୍କୁ ଦେଖିଲୁ ନାହିଁ ଓ ଆସିଲା ବେଳେ ବାମ୍ପିରେ ଥଣ୍ଡା ଜଳରେ ତରତରରେ ଗାଧୋଇ ପକାଇ ଆସିଲୁ ।" (୧)

ରସିକ ପାଠକେ ! ଉପରେ ଯେଉଁ ଶ୍ଲୋକଟିର ଅର୍ଥ ବୁଝାଇ ଦିଆଗଲା, ସେହି ଶ୍ଲୋକଟି ହେଉଛି—

ନିଃଶେଷ ଚ୍ୟୁତ ଚନ୍ଦନଂ ସ୍ତନତଟଂ
ନିର୍ମୃଷ୍ଟ ରାଗୋଧରୋ
ନେତ୍ରେଦୂରମନଞ୍ଜନେ ପୁଲକିତା
ତନ୍ୱୀ ତବେୟଂ ତନୁଃ ।
ମିଥ୍ୟାବାଦିନ ଦୂତି ବାନ୍ଧବଜନ-
ସ୍ୟାଜ୍ଞାତ ପୀଡ଼ାଗମେ
ବାପୀଂସ୍ନାତୁମିତୋଗତାସି ନପୁନଃ
ତସ୍ୟା ଧମସ୍ୟାନ୍ତିକମ୍ ।

ଉପରେ କ, ଖ, ଗ, ଘ, ଏ ଭଳି, ଚାରି ଦଫାରେ ଚାରୋଟି ଘଟଣାର ବର୍ଣ୍ଣନା କରାଯାଇଛି ଏବଂ ପ୍ରତ୍ୟେକଟିରୁ ଏହି ଅର୍ଥ ବାହାର କରାଯାଇଛି ଯେ, ସେହି ଦୂତୀ ପ୍ରେମିକର ଭେଟ ପାଇଲା ନାହିଁ । କିନ୍ତୁ ପ୍ରାଚ୍ୟ ପାଣ୍ଡିତ୍ୟର ଐନ୍ଦ୍ରଜାଲିକ ଆବରଣ ବାହାର କରିଦେଲେ ଏଥିରୁ ଅର୍ଥ ବାହାରିବ,—ଏଇ (ବଦମାସୀ) ଦୂତୀ ଯେଉଁ ପ୍ରେମିକଙ୍କୁ ତାହାର ମାଲିକାଣି ନିକଟକୁ ଡାକି

(୧) ମୂଳ ଶ୍ଲୋକରେ ଥିବା ଆଉ କେତୋଟି ବ୍ୟଞ୍ଜନା ଏଠାରେ ଛାଡ଼ି ଦିଆଗଲା । ଯେଉଁମାନେ ଏଥିରେ ଅନୁରାଗୀ ସେମାନେ ମୂଳ ଶ୍ଲୋକର ଟୀକା ଦେଖିପାରନ୍ତି ।

ଆଣିବ ବୋଲି ଯାଇଥିଲା, ସେ ତାଙ୍କର ଭେଟ ପାଇଲା ଓ ନିଜେ ସେହି ରସିକଙ୍କର ପ୍ରେମିକା ହୋଇ ତାଙ୍କୁ ନିଜର ଅଙ୍ଗଦାନ କଲା ଏବଂ ବିଳମ୍ବରେ ଫେରିଆସି ମିଥ୍ୟାରେ ମାଳକାଣିକୁ କହିଲା, 'ମୁଁ ତାଙ୍କୁ ଭେଟିଲି ନାହିଁ ଓ ବାଟରେ ଗାଧୁଆ ପାଧୁଆ କରି ଆସିବାରୁ ସାମାନ୍ୟ ଡେରି ହୋଇଗଲା ।'

## ବ୍ୟଞ୍ଜନା ଶକ୍ତି ବଳରେ ଏ ଶ୍ଳୋକର ବିପରୀତ ଅର୍ଥ—

କିନ୍ତୁ ସମସ୍ତ ପୂର୍ବେ 'ଅଭିଧାବୃତ୍ତି' ବଳରେ 'ଭେଟିଲି ନାହିଁ' ବୋଲି ଯେଉଁ ଅର୍ଥ ବାହାରିଲା, ଏବେ 'ବ୍ୟଞ୍ଜନାବୃତ୍ତି' ବଳରେ ସେ ଅର୍ଥ ଓଲଟି ଯାଇ, 'ସେ ତାଙ୍କୁ ଭେଟିଲା ଓ ତାହାଙ୍କୁ ଦେହ ଦାନ କଲା' ଏ ଅର୍ଥ କିପରି ବାହାରୁଛି ଦେଖାଯାଉ । ସେହି କ, ଖ, ଗ, ଘ, କ୍ରମ ରକ୍ଷା କରି ଗୁଡ଼ିଏ ଘଟଣାର ବିଚାର କରାଯାଉ—

(କ) ପ୍ରେମିକା ଦୂତୀକୁ କହୁଛି, ତୋର ସ୍ତନମଣ୍ଡଳର ଚତୁର୍ଦ୍ଦିଗରୁ ଚନ୍ଦନ ଲିଭି ଯାଇଥିଲେ ମଧ୍ୟ, ସ୍ତନ ଉପରେ ଓ ସ୍ତନର ଅଗ୍ରଭାଗରେ ଚନ୍ଦନ ଆଗ ପରି ଲାଗିରହିଛି । ଏପରି କହିବାର କାରଣ ହେଉଛି—ପୁରୁଷ ଯେତେବେଳେ ନାରୀକୁ ସମ୍ଭୋଗ କରେ ଓ ତାର ସ୍ତନ ମର୍ଦ୍ଦନ କରେ, ସେ ସେତେବେଳେ, ରତିଶାସ୍ତ୍ର ଦୃଷ୍ଟିରୁ, ସ୍ତନମଣ୍ଡଳର ପରିସର ବା ଚତୁର୍ଦ୍ଦିଗକୁ ମର୍ଦ୍ଦନ କରିଥାଏ । ସେହି ହେତୁରୁ ଗୀତ ଗୋବିନ୍ଦରେ, 'ପରିସର ମର୍ଦ୍ଦନ' କରାଯିବା କଥା କୁହାଯାଇଛି । ଯଦି ପ୍ରକୃତରେ ଦୂତୀ ଗାଧୋଇ ଥାଆନ୍ତା, ତେବେ ସ୍ତନମଣ୍ଡଳର ଚତୁର୍ଦ୍ଦିଗର ଚନ୍ଦନ ଲିଭିଯାଆନ୍ତା କିପରି ଏବଂ ସ୍ତନ ଉପରର ଚନ୍ଦନ ପ୍ରଲେପ ଧୋଇ ନ ହୁଅନ୍ତା କିପରି ? ତେଣୁ "ସ୍ତନତଟ" ଶବ୍ଦ ପ୍ରୟୋଗରୁ ଜଣାପଡ଼ୁଛି ଯେ, ସେହି ଦୂତୀ ମୋଟେ ବାପୀରେ ଗାଧୋଇ ନାହିଁ । ଯେଉଁ ପ୍ରେମିକକୁ ଡାକି ଆଣିବ ବୋଲି ଯାଇଥିଲା, ସେହି ପ୍ରେମିକ ଏହା ସହିତ ରତିକ୍ରୀଡ଼ା କରି, ତାର 'ପୟୋଧର ପରିସର ମର୍ଦ୍ଦନ' କରିଥିବାରୁ ହିଁ ଚତୁଃପାର୍ଶ୍ୱର ଚନ୍ଦନ ଲିଭିଯାଇଛି ।

(ଖ) ପ୍ରେମିକ ନିକଟକୁ ଯିବାବେଳେ ସେ ଅଧରରେ ( ତଳ ଓଠ ଏବଂ ଉପର ଓଠ, ଦୁଇଟି ଯାକରେ ) ନାଲି ରଙ୍ଗ ଲଗାଇଥିଲା । କାମଶାସ୍ତ୍ର ଅନୁସାରେ ପୁରୁଷ ନାରୀର ଅଧରର ନିମ୍ନଭାଗ ବା ତଳ ଓଠକୁ ଦଂଶନ କରିବାର ବିଧି ରହିଛି । ସେଥିପାଇଁ, ଏହି ଦୂତୀର ଖାଲି ତଳ ଓଠର

ରକ୍ତିମା ଗ୍ରୁଡ ଯାଉଛି ସିନା (ପ୍ରେମିକ ତାହାକୁ ଦଂଶନ କରିଥିବାରୁ) ପ୍ରକୃତରେ ଗାଧୋଇବା ବେଳେ ସେହି ରଙ୍ଗ ଗ୍ରୁଡ ନାହିଁ । ଦୂତୀ ଯଦି ପ୍ରକୃତରେ ଗାଧୋଇ ଥାଆନ୍ତା, ଆଙ୍ଗୁଠିରେ ବା ଲୁଗାରେ ଓଠକୁ ଘଷିଥାଆନ୍ତା, ତେବେ ଉପର ଓଠର କେତେକ ଅଂଶ ମଧ୍ୟ ଧୋଇ ହୋଇଯାଇଥା'ନ୍ତା (ତେଣୁ ସେ ମୋଟେ ବାର୍ମି ରେ ଗାଧୋଇ ନାହିଁ ଏବଂ ପ୍ରେମିକ ସହିତ ସମ୍ଭୋଗ ବେଳେ କେବଳ ତଳ ଓଠର ନାଲି ରଙ୍ଗ ଲିଭିଯାଇଛି )।

(ଗ) ସେ ଯେତେବେଳେ ପ୍ରେମିକ ପାଖକୁ ବାହାରିଲା, ସେତେବେଳେ ସେ ଆଖିରେ କଜ୍ଜ୍ୱଳ ଲଗାଇଥିଲା ଏବଂ ଆଖି କୋଣରେ କଜ୍ଜ୍ୱଳ ଗାର ଲମ୍ବା-ଲମ୍ବା ହୋଇଥିଲା । କାମଶାସ୍ତ୍ର ଅନୁସାରେ, ପୁରୁଷ ସମ୍ଭୋଗ ବେଳେ ନାରୀର ନେତ୍ର ପ୍ରାନ୍ତରେ ଚୁମ୍ବନ ଦେବା ବିଧି ରହିଛି । ଯଦି ପ୍ରକୃତରେ ଦୂତୀ ପାଣିରେ ବୁଡ଼ି ଗାଧୋଇ ଥାଆନ୍ତା, ତେବେ ସେ ନେତ୍ର ପ୍ରାନ୍ତରେ ଥିବା କଜ୍ଜ୍ୱଳ ଗାର ସହିତ ଆଖିର କଜ୍ଜ୍ୱଳ ଗାର ମଧ୍ୟ ଧୋଇ ଦେଇ ଥାଆନ୍ତା । କିନ୍ତୁ ତାହା ହୋଇନାହିଁ । କେବଳ ନେତ୍ରପ୍ରାନ୍ତରେ ଥିବା କଜ୍ଜ୍ୱଳ ଗାର ଲିଭି ଯାଇଥିବାର ଏକମାତ୍ର କାରଣ ହେଉଛି, ସେ ଯେଉଁ ପ୍ରେମିକ ନିକଟକୁ ଯାଇଥିଲା, ସେହି ପ୍ରେମିକ ତାକୁ ସମ୍ଭୋଗ କରିଛି ଏବଂ ବିଧି ଅନୁସାରେ, ନେତ୍ରର ପ୍ରାନ୍ତଭାଗରେ ଚୁମ୍ବନ କରିବା ଦ୍ୱାରା ବାହାର କଜ୍ଜ୍ୱଳ ଗାର ଧୋଇ ହୋଇ ଯାଇଛି ।

(ଘ) ଶେଷରେ, ତାର ଦେହରେ ପୁଲକ ପ୍ରକାଶ ପାଇଛି । ଏହି ସବୁ ଘଟଣାରୁ ଜଣାଯାଉଛି, ଥଣ୍ଡା ପାଣିରେ ବୁଡ଼ିବା ଦ୍ୱାରା ପୁଲକ ଜାତ ହୋଇ-ନାହିଁ । ତାହାର ପ୍ରଧାନ କାରଣ, ଅପ୍ରତ୍ୟାଶିତ ଭାବରେ ଯୁବକର ସଙ୍ଗଲାଭ ।

ଏ ଗୋଟିକ ଶ୍ଳୋକ ଅନୁଧ୍ୟାନ କଲେ ଚିନ୍ତାଶୀଳ ପାଠକ ଜାଣିପାରିବେ ଯେ, ପ୍ରାଚ୍ୟ ଶାସ୍ତ୍ରରେ ପ୍ରବେଶ ନ ଥିଲେ ଭଞ୍ଜଙ୍କର ତଥା ତାଙ୍କ ପରି ଅନ୍ୟ ବିଦଗ୍ଧ ପଣ୍ଡିତଙ୍କର କବିତାର ମର୍ମ ବୁଝିହେବ ନାହିଁ ।

ଭଞ୍ଜ-ସାହିତ୍ୟରେ କାମସୂତ୍ରର ପ୍ରଭାବ ଅତ୍ୟଧିକ । ତାହା ନ ପଢ଼ିଲେ ଭଞ୍ଜ କେଉଁ ଅର୍ଥରେ କେଉଁ ଶବ୍ଦ ପ୍ରୟୋଗ କରିଛନ୍ତି, ତାହା ସହଜରେ ଜାଣି ହେବ ନାହିଁ । କାମସୂତ୍ରର ତୃତୀୟ ଅଧିକରଣର ପଞ୍ଚମ ଅଧ୍ୟାୟରେ ବିବାହ

ସମ୍ପର୍କରେ ଆଲୋଚନା କରାଯାଇଛି । ସେହିପରି, ପଞ୍ଚମ ଅଧିକରଣରେ ଚତୁର୍ଥ ଅଧ୍ୟାୟରେ ଦୂତର ପ୍ରକାର ଭେଦ ଏବଂ କର୍ତ୍ତବ୍ୟ ଆଲୋଚନା କରାଯାଇଛି । କାମସୂତ୍ର ରଚିତ ହେବା ପରେ ଆଞ୍ଚଳିକ ଭିତ୍ତିରେ ନାନା ଗ୍ରନ୍ଥ ରଚିତ ହୋଇ ଅଛି । କାମସୂତ୍ରରେ ବାତ୍ସ୍ୟାୟନ ସ୍ପଷ୍ଟ କହିଅଛନ୍ତି (୧), ଶାସ୍ତ୍ରରେ କୁହାଯାଇଛି ବୋଲି ପ୍ରତ୍ୟେକ ଲୋକ ଯେ ପ୍ରତ୍ୟେକ ନିର୍ଦ୍ଦେଶ କାର୍ଯ୍ୟକାରୀ କରିବ ତାହା ନୁହେଁ; କାରଣ, ଅନନ୍ତକାଳ ଏବଂ ଯାବତୀୟ ପ୍ରକାରର ମନୁଷ୍ୟମାନଙ୍କୁ ଆଖିରେ ରଖି ଶାସ୍ତ୍ର ଲେଖାଯାଇଛି । ଦେଶାଚାର ଅନୁସାରେ କାର୍ଯ୍ୟ କରିବା ହେଉଛି ସବୁଠାରୁ ବୁଦ୍ଧିମତ୍ତର କଥା ।

## ଭଞ୍ଜ-ସାହିତ୍ୟରେ ବାତ୍ସ୍ୟାୟନଙ୍କ ଉଲ୍ଲେଖ

ଭଞ୍ଜେ ବହୁସ୍ଥଳରେ ବାତ୍ସ୍ୟାୟନ ତଥା କାମସୂତ୍ରର ନାମୋଲ୍ଲେଖ କରିଅଛନ୍ତି । ଏଥିରୁ ଜଣାଯାଏ, ଯାବତୀୟ ପ୍ରେମଚେଷ୍ଟାଙ୍କ ପ୍ରସଙ୍ଗରେ ବାତ୍ସ୍ୟାୟନ କାମସୂତ୍ର ହିଁ କବିଙ୍କର ମୁଖ୍ୟ ଅବଲମ୍ବନ ଥିଲା । ତଳେ ଭଞ୍ଜ-ସାହିତ୍ୟରୁ ଏହିପରି କେତୋଟି ଉଦ୍ଧୃତାଂଶ ପ୍ରଦର୍ଶିତ ହେଉଅଛି—

(କ) 'ବୈଦେହୀଶ ବିଳାସ'ରେ—

ବାତ୍ସ୍ୟାୟନ ଶାସ୍ତ୍ର ଯା । ଗୁରୁ ଛନ୍ଦରେ । (୪।୩୭)

(ଖ) 'ଲାବଣ୍ୟବତୀ'ରେ—

ବାତ୍ସ୍ୟାୟନ ଯେ ଅନୁଷ୍ଟୁପ ଛନ୍ଦରେ ( ୨୬।୧୪ )

ଜାଣିଥାଇ କାମଶାସ୍ତ୍ର ବଚନ ବିଧାନେ ( ୨୮।୩୫ )

ସୁରଶାସ୍ତ୍ର ଅଳଙ୍କାରେ ଯେ ସ୍ତବପାଦିତ ( ୨୮।୩ )

ଏହା ବ୍ୟତୀତ, କାମଶାସ୍ତ୍ର ଅନୁସାରେ ଅନ୍ୟ ଅନେକ ବନ୍ଧ ବିଧାନ ନାୟକ ନାୟିକାଙ୍କର ଲୀଳା ବିଳାସ ମାଧ୍ୟମରେ ବର୍ଣ୍ଣିତ କରାଯାଇଥାଏ ।

(୧) ଦ୍ରଷ୍ଟବ୍ୟ—କାମସୂତ୍ର ଦ୍ୱିତୀୟ ଅଧିକରଣ—୭।୨୬ ଏବଂ ୧।୩୪

କାମସୂତ୍ରର ଓଡ଼ିଆ ଅନୁବାଦକ ପଣ୍ଡିତ ଅନନ୍ତ ତ୍ରିପାଠୀ ଶର୍ମା ଯଥାର୍ଥରେ ଲେଖିଛନ୍ତି—

"କାଳିଦାସଙ୍କର ପ୍ରତ୍ୟେକ କାବ୍ୟରେ କାମସୂତ୍ରର ଛାୟା × × ପ୍ରତିଫଳିତ × × । କହିବା ବାହୁଲ୍ୟ ଯେ, କବିମାନେ ଆଲମ୍ବନ ବିଭାବ, ଉଦ୍ଦୀପନ ବିଭାବ ଓ ଅନୁଭାବର ବର୍ଣ୍ଣନା କଲାବେଳେ ଔଚିତ୍ୟରକ୍ଷା ସକାଶେ କାମଶାସ୍ତ୍ରର ଆଶ୍ରୟ ନେଇଥାନ୍ତି । × × କାମଶାସ୍ତ୍ର କବିତାର ଅଙ୍ଗରୂପେ ପରିଗୃହୀତ ।" (୧)

ଭଞ୍ଜଯୁଗ ସାହିତ୍ୟରେ କାମସୂତ୍ରର ଭୂମିକା ବଡ଼ ଗୁରୁତ୍ୱପୂର୍ଣ୍ଣ ।

## ଅଳଙ୍କାର ଶାସ୍ତ୍ର ଅଧ୍ୟୟନ—

ଅଳଙ୍କାର ଶାସ୍ତ୍ର ମଧ୍ୟଯୁଗ ଓଡ଼ିଆ କବିମାନଙ୍କର ସବୁଠାରୁ ପ୍ରିୟ ପାଠ୍ୟ ଥିଲା । ଓଡ଼ିଶାରେ ବିଦ୍ୟାଧରଙ୍କ 'ଏକାବଳୀ', ବିଶ୍ୱନାଥଙ୍କ 'ସାହିତ୍ୟ ଦର୍ପଣ' (୨), ଜଗନ୍ନାଥଙ୍କ 'ରସ କଳ୍ପଦ୍ରୁମ' ଏବଂ ଗୋପୀନାଥ ପାତ୍ରଙ୍କ 'କବି ଚିନ୍ତାମଣି' ପରି ଉଚ୍ଚ ଦରର ଅଳଙ୍କାର ଶାସ୍ତ୍ର ମଧ୍ୟ ରଚିତ ହୋଇଥିଲା । ଅଳଙ୍କାର ଶାସ୍ତ୍ରରେ ପାଣ୍ଡିତ୍ୟ ନ ଜନ୍ମିଲେ କାବ୍ୟର ଉତ୍କର୍ଷ ବର୍ଦ୍ଧନ ଏବଂ ଦୋଷ ପରିହାର ସମ୍ଭବପର ନୁହେ । ଏଠାରେ ଅଳଙ୍କାର ଶାସ୍ତ୍ରର ଅବତାରଣା ଅନାବଶ୍ୟକ । ପୁଣି ରସସୃଷ୍ଟି ହିଁ ସାହିତ୍ୟର ମୁଖ୍ୟ ବିଷୟ ହୋଇଥିଲେ ମଧ୍ୟ ରସର ସୃଷ୍ଟି ଓ ଯଥାର୍ଥ ଅନୁଭୂତି ଅନ୍ୟ ଅନେକ ସାହିତ୍ୟିକ ବିଭାଗ ବା ତତ୍ତ୍ୱ ଉପରେ ନିର୍ଭର କରେ । ସେଥିପାଇଁ ସମଗ୍ର ଗ୍ରନ୍ଥ ଅଧ୍ୟୟନ ଦରକାର ସିନା, କେବଳ 'ରସ' ପ୍ରକରଣ ନୁହେ ( ଅଳଙ୍କାର ଶାସ୍ତ୍ରମାନଙ୍କର ) ।

ଅଳଙ୍କାର ଶାସ୍ତ୍ରମାନଙ୍କ ମଧ୍ୟରେ ବିଶ୍ୱନାଥଙ୍କ 'ସାହିତ୍ୟ ଦର୍ପଣ' ଏକ ବିଶ୍ୱ-ବିଖ୍ୟାତ ଗ୍ରନ୍ଥ । ଓଡ଼ିଶା ସମଗ୍ର ସଂସ୍କୃତ ସାହିତ୍ୟକୁ ଦୁଇଟି ବିମଳ 'ଦର୍ପଣ' ଦାନ କରିଅଛି । ଗୋଟିଏ ବିଶ୍ୱନାଥଙ୍କ 'ସାହିତ୍ୟ ଦର୍ପଣ' ଏବଂ ଅନ୍ୟଟି ଚନ୍ଦ୍ରଶେଖରଙ୍କ

(୧) କାମସୂତ୍ରମ୍—ଆତ୍ମକଥା ପୃ-୪

(୨) **Des. Catalogue of Sanskrit MSS of Orissa Vol-II. p. cxcv.**

'ସିଦ୍ଧାନ୍ତ ଦର୍ପଣ' । ମୁହଁ ଦେଖିବା ପାଇଁ ଦର୍ପଣ ବ୍ୟବହୃତ ହୋଇଥାଏ । ଓଡ଼ିଆ ଜାତିର ସାଂସ୍କୃତିକ ପୁରୁଷର ମୁଖମଣ୍ଡଳ ଦେଖିବା ପାଇଁ ଏ ଦୁଇଟି 'ଦର୍ପଣ' ଏକାନ୍ତ ଆବଶ୍ୟକ । 'ସାହିତ୍ୟ ଦର୍ପଣ' ପରି ଭୋଜରାଜଙ୍କ 'ସରସ୍ୱତୀ-କଣ୍ଠାଭରଣ' ମଧ୍ୟ ଆଉ ଏକ ଉପାଦେୟ ଗ୍ରନ୍ଥ । ଏହି ଗ୍ରନ୍ଥରେ ଉପେନ୍ଦ୍ରଙ୍କର ଗଭୀର ପ୍ରବେଶ ଥିଲା (୧) । ଭଞ୍ଜ-ସାହିତ୍ୟର ଆଳଙ୍କାରିକ ଭିତ୍ତି ପ୍ରସଙ୍ଗରେ ତାହାଁର କିଛି ସୂଚନା ଦିଆଯାଉଛି ।

ଅଳଙ୍କାର ସାହିତ୍ୟରେ ଆନନ୍ଦ ବର୍ଦ୍ଧନଙ୍କ 'ଧ୍ୱନ୍ୟାଲୋକ' ଏବଂ ମମ୍ମଟଙ୍କ 'କାବ୍ୟ-ପ୍ରକାଶ' ଦୁଇଟି ଅତି ପାଣ୍ଡିତ୍ୟପୂର୍ଣ୍ଣ ଗ୍ରନ୍ଥ । ଆନନ୍ଦ ବର୍ଦ୍ଧନ କାବ୍ୟର ଆତ୍ମାରୂପେ ଧ୍ୱନିକୁ ପ୍ରତିଷ୍ଠା କରିଛନ୍ତି । 'କାବ୍ୟ ପ୍ରକାଶ' ସାଧାରଣରେ ଆକର ଗ୍ରନ୍ଥରୂପେ ଅଭିହିତ । ଏ ଦୁଇ ଗ୍ରନ୍ଥ ମଧ୍ୟ ଉପେନ୍ଦ୍ର ପଢ଼ିଥିବାର ଜଣାଯାଏ । କାରଣ, ତାଙ୍କୁ ଶିକ୍ଷା ଦିଆଯାଇଥିବା ପରିବେଶରେ ଏ ଦୁଇ ଗ୍ରନ୍ଥର ଅଧ୍ୟୟନ ସୁନିଶ୍ଚିତ । ଭଞ୍ଜଙ୍କର 'ରସପଞ୍ଚକ' ଗୋଟିଏ ଅଳଙ୍କାର ଗ୍ରନ୍ଥ । ଓଡ଼ିଆ ଭାଷାରେ ସଂସ୍କୃତ-ସାହିତ୍ୟର ଆଳଙ୍କାରିକ ତଥ୍ୟ-ମାନଙ୍କୁ ପ୍ରକାଶ କରି ଉପେନ୍ଦ୍ର ସଂସ୍କୃତ ଅନଭିଜ୍ଞ ପାଠକଙ୍କ ପାଇଁ ବହୁତ ଦାନ ଦେଇ ଯାଇଛନ୍ତି । 'ଲାବଣ୍ୟବତୀ'ରେ ଧ୍ୱନିବାଦର ସୁସ୍ପଷ୍ଟ ଉଲ୍ଲେଖ ଥିବାରୁ ଧ୍ୱନ୍ୟାଲୋକର ଅଧ୍ୟୟନ ନିଃସନ୍ଦେହ ।

ସେ ନିଜେ 'ସାହିତ୍ୟ-ରତ୍ନାକର' ନାମ ଉଲ୍ଲେଖ କରିଛନ୍ତି । ଏହାଛଡ଼ା 'ରସ ତରଙ୍ଗିଣୀ' ଏବଂ 'କବି କଳ୍ପଲତା'ର ଉଲ୍ଲେଖ କରିଛନ୍ତି । 'କବି କଳ୍ପଲତା' ଏବଂ 'ସାହିତ୍ୟ ରତ୍ନାକର' କାବ୍ୟ-କବିତା ଲେଖିବା ଦିଗରେ ଅତ୍ୟନ୍ତ ସହାୟକ ।

ସେ ଯୁଗରେ କବିମାନଙ୍କୁ ମଧ୍ୟ କାବ୍ୟ ଲେଖିବା ପାଇଁ ତାଲିମ ଗ୍ରହଣ କରିବା ପାଇଁ ପଡ଼ୁଥିଲା । କବିତ୍ୱ ଶକ୍ତି ନୈସର୍ଗିକ । ତାହା ହିଁ ପ୍ରତିଭା ଓ ପାଣ୍ଡିତ୍ୟ ଏବଂ ଅମନ୍ଦ ଅଭିଯୋଗ ଦ୍ୱାରା ପରିପୁଷ୍ଟ ହୁଏ । ନୈସର୍ଗିକ ଶକ୍ତିକୁ କାବ୍ୟ ଆକାରରେ ରୂପ ପ୍ରଦାନ କରାଗଲେ, କେତେଗୁଡ଼ିଏ ନିୟମ ମାନି ଚଳିବାକୁ ହେବ । କାବ୍ୟରେ ଭାବପ୍ରକାଶର ନିୟନ୍ତ୍ରଣକାରୀ ଗ୍ରନ୍ଥ ହେଉଛି 'ଅଳଙ୍କାର ଗ୍ରନ୍ଥ' । ଶତ ଶତ ବର୍ଷ ଧରି ପଣ୍ଡିତମାନେ ଚିନ୍ତା କରି, କାବ୍ୟଶାସ୍ତ୍ରକୁ ଏକ ବୈଜ୍ଞାନିକ

---

୧) ସ୍ୱାମୀ ଲାବଣ୍ୟବତୀ ମୁଖବନ୍ଧରେ ଅଧିକ ବିବରଣୀ ଉପଲଭ୍ୟ ।

ରୂପ ଦେଇଥିଲେ । ତାହାର ଭିତ୍ତି ଥିଲା ଅଳଙ୍କାର ଶାସ୍ତ୍ର । ଆଜିର ଦୈନନ୍ଦିନ ଅନୁଭୂତିରୁ ଗୋଟିଏ ଦୃଷ୍ଟାନ୍ତ ଦେଇ ଏ କଥାର ସ୍ପଷ୍ଟୀକରଣ କରାଯାଇପାରେ । ଆଜି ଘରେ ଘରେ ବିଜୁଳି ଆଲୁଅ ଲାଗିଛି । ବିଜୁଳି ମିଟର ଘରର ଯେଉଁଠାରେ ବସୁ, ଯନ୍ତ୍ରର କାର୍ଯ୍ୟକାରିତାରେ ପୂର୍ଣ୍ଣ ସମତା ଥାଏ । ଯଦି କୌଣସି କାରଣରୁ ଯନ୍ତ୍ର ବିଗିଡ଼ିଗଲା ଏବଂ ଆଲୁଅ ଜଳିଲା ନାହିଁ, ତେବେ ମରାମତି ଦରକାର ପଡ଼ିବ । ମରାମତି କରିବାକୁ କୌଣସି ନିର୍ଦ୍ଦିଷ୍ଟ ମେକାନିକ୍ ଆଣିବା ଦରକାର ନାହିଁ ସେଥିରେ ତାଲିମ ପାଇଥିବା ଯେ କୌଣସି ବ୍ୟକ୍ତି ଆସିଲେ ବିଗିଡ଼ିଥିବା ମିଟର ଯନ୍ତ୍ରକୁ ସଜାଡ଼ି ଦେଇ ଚାଲିଯିବ ।

## ନିୟମହୀନତା ହିଁ ସାଂପ୍ରତିକ କବିତାର ଦୋଷ —

ସାହିତ୍ୟରେ ଶବ୍ଦ ଓ ଛନ୍ଦ, ଏ ଦୁଇଟିକୁ ପଣ୍ଡିତମାନଙ୍କର ଶହ ଶହ ବର୍ଷର ସାଧନା, ବୈଜ୍ଞାନିକ ଭିତ୍ତି ଉପରେ ପ୍ରତିଷ୍ଠା କରି ଯାଇଥିଲା । ସେଥିପାଇଁ ଅଳଙ୍କାର ଶାସ୍ତ୍ରର ସୃଷ୍ଟି । ହୁଏତ ପ୍ରଥମାବସ୍ଥାରେ କବିତା ଅନିୟମିତ ଥିଲା । ପରେ, ନିୟମିତ ବା ନିୟନ୍ତ୍ରିତ ହୋଇ ଛନ୍ଦୋବଦ୍ଧ ହେଲା । ତାହାର ଅଙ୍ଗପ୍ରତ୍ୟଙ୍ଗ ବିଶ୍ଳେଷଣ କରି ଏ ଭଳି କୌଶଳରେ ବଢ଼ାଇ ଦିଆଗଲା ଯେ, ଯେ ପଢ଼ିବ, ସେ ନିୟମିତ କ୍ରମରେ ପଢ଼ିପାରିବ ଓ ପଢ଼ିବାକୁ ବାଧ୍ୟ ହେବ । ଗଲା କେତେ ବର୍ଷ ଧରି ଯେଉଁ ଗଦ୍ୟ-ଛନ୍ଦର କବିତା ପ୍ରବର୍ତ୍ତିତ, ବୈଜ୍ଞାନିକ ଭାବରେ ତାହାର କୌଣସି ଆବୃତ୍ତି କ୍ରମ ନିର୍ଦ୍ଦେଶିତ ହୋଇ ନାହିଁ । ଏଭଳି ହୋଇପାରେ, ପଚାଶ— ଶହେ ବର୍ଷ ଧରି ଏଭଳି ଗଦ୍ୟ ଛନ୍ଦ କବିତା ରଚିତ ହେବାକୁ ଲାଗିବ । ତାହା ହେଲେ ସମୟ ଆସିବ, ଯେତେବେଳେ ଆଜିର ସମାଲୋଚିତ ଅନିୟନ୍ତ୍ରିତତା ବିଦୂରିତ ହୋଇ ନିୟମବଦ୍ଧତା ଅପରିହାର୍ଯ୍ୟ ହୋଇଉଠିବ ।

## ଖୋଦ ବିଲାତରେ ପଛମୁହାଁ ଗତି !

ଇଂରାଜୀ ପଦ୍ୟ-ସାହିତ୍ୟରେ ଗଦ୍ୟ ଛନ୍ଦର ପ୍ରଚଳନ ହୋଇ ଆମର କବିମାନଙ୍କୁ ଗଦ୍ୟ କବିତାଭିମୁଖୀ କଲାବେଳକୁ ତେଣେ ଖୋଦ ବିଲାତରେ ଗଦ୍ୟ ଛନ୍ଦ ପ୍ରଭୃତିର ଗତିପଥ ପରିବର୍ତ୍ତିତ ହେଉଥିବାର ଦେଖାଯାଉଛି । ଜଣେ ଆଲୋଚକ ଲେଖିଛନ୍ତି—

“୧୯୫୦ ସାଲଠାରୁ ଯେଉଁ ଆଧୁନିକ ଇଂରେଜ କବିମାନେ ବର୍ତ୍ତମାନ ଆଗରୁ ଇଂରାଜୀ ସାହିତ୍ୟରେ ପ୍ରତିଷ୍ଠା ଲାଭ କରି ସାରିଛନ୍ତି, ସେମାନେ ଏବେ

ମଙ୍କଟରେ 'The New Poetry' ଶୀର୍ଷକ ଏକ କବିତା ସଂକଳନ ପ୍ରକାଶ କରିଛନ୍ତି । ଏଥିରେ କବିତାମାନଙ୍କରେ ମୁକ୍ତ ଛନ୍ଦ ପରିହାର କରି ପୁରାତନ ମିଟରର ପ୍ରୟୋଗ କରାଯାଇଛି । ପୁନଶ୍ଚ, ଉପମା-ଉପମେୟ ବା ରୂପକଳ୍ପ ମାଧ୍ୟମରେ ଏଥିରେ କ୍ଲିଷ୍ଟତା ଓ ଦୁର୍ବୋଧତା ସୃଷ୍ଟି କରାଯାଇ ନାହିଁ (୧) ।"

ଯେଉଁମାନେ ସାଂପ୍ରତିକ ( ବହୁ କ୍ଷେତ୍ରରେ ବିବେଚନାଶୂନ୍ୟ ଓ ଅନ୍ଧ ଅନୁକରଣସର୍ବସ୍ୱ ) ଓଡ଼ିଆ କବିତାର ରଚନା ରୀତିକୁ ସର୍ବନାଶୀ ରହିବୋଧି ମନେକରନ୍ତି ଏବଂ ତାର ଉପରେ ବିଶ୍ୱାସମାନ ହୋଇ ଭଞ୍ଜ-ସାହିତ୍ୟ ଉପରେ ( ଯାହା କି ସେମାନେ ପଢ଼ି ନ ଥାନ୍ତି କିମ୍ବା ଆଖି ପକାଇ ଥାନ୍ତି ମାତ୍ର ) "ସୁନିଶ୍ଚିତ" ମତ ଦେଇଥାଆନ୍ତି, ସେମାନେ ଠିକଏ ସମ୍ବେଦନଶୀଳତା ଦୂରଦୃଷ୍ଟି ଏବଂ ରସରାଗ ରଞ୍ଜିତ ରଚନାର ମାନବହୃଦୟ କାହାଣୀ ଶକ୍ତି-ବିକାଶ ଦୃଷ୍ଟିରୁ ପୁନର୍ବିଚାରପୂର୍ବକ ସ୍ୱମତ ସମ୍ମୁଖରେ ବ୍ୟକ୍ତ କରିବା ଯୁକ୍ତିଯୁକ୍ତ ହେବ ନାହିଁ କି ?

## ସାଂପ୍ରତିକ କବିତାର ନିୟାମକ ଗ୍ରନ୍ଥ ମଧ୍ୟ ଗଢ଼ି ଉଠିବ —

ଏହାଛଡ଼ା, ଅଳଙ୍କାର ଶାସ୍ତ୍ର ପରି ଆଧୁନିକ ଓଡ଼ିଆ କବିତାର ଗୋଟାଏ ନିୟାମକ ଶାସ୍ତ୍ର ପ୍ରଣୀତ ହେବା ପର୍ଯ୍ୟନ୍ତ, ଆଧୁନିକ କବିତାର ଅର୍ଥଶୂନ୍ୟତା, ଅବୋଧତା ପ୍ରଭୃତି ଦୋଷର ପଙ୍କ-ପ୍ରଲେପ ପ୍ରକ୍ଷାଳିତ ହୋଇ ପାରିବ ନାହିଁ । ଆଜିର ଅତ୍ୟାଧୁନିକ ଓଡ଼ିଆ କବିତା ତାହାର ଶୈଶବରେ ପଦାର୍ପଣ କରିଅଛି ମାତ୍ର । ସାଧନାର ବିପୁଳ ନଦୀ ବକ୍ଷରେ କବିମାନଙ୍କ ପ୍ରଯୁକ୍ତ ଶବ୍ଦ-ମାନଙ୍କର ଅର୍ଥ କିମ୍ବା ଭାବସମ୍ପଦ ଲିପିବଦ୍ଧ ହେବା ହିଁ ସୁନିଶ୍ଚିତ । ତାହାହେଲେ ପ୍ରାଚୀନ ଧରଣର ଅଳଙ୍କାର ଶାସ୍ତ୍ର ସ୍ଥାନରେ ନିୟମବଦ୍ଧ ଆଧୁନିକ "ଅଳଙ୍କାର-ଶାସ୍ତ୍ର" ଗଢ଼ିଉଠିବ । ଫଳରେ, ଯାହା ବର୍ତ୍ତମାନ ଆଧୁନିକ ସାହିତ୍ୟର ଦୋଷ ବୋଲି ପ୍ରଦର୍ଶିତ ହେଉଅଛି, ତାହା ଏକ ସ୍ୱୀକୃତ ଓ ପ୍ରତିଷ୍ଠିତ ପରମ୍ପରାରେ ପରିଣତ ହେବ ।

## ପ୍ରାଚୀନ ସାହିତ୍ୟରେ ବୈଚିତ୍ର୍ୟହୀନତା ?

ପାଠକମାନେ ଲକ୍ଷ୍ୟ କରିଥିବେ, ମଧ୍ୟଯୁଗ ଓଡ଼ିଆ-ସାହିତ୍ୟରେ ବିଭିନ୍ନ କାବ୍ୟର ସମତା ବା ସମରୂପତା ଦେଖିବାକୁ ମିଳେ । ଏହା ହିଁ 'ବୈଚିତ୍ର୍ୟହୀନତା'

(୧) ମାନସ (ପତ୍ରିକା) ମେ, ୧୯୭୩ ପୃ ୪୭

ରୂପେ ପ୍ରଦର୍ଶିତ ହୋଇଥାଏ । ନାରୀର ସୌନ୍ଦର୍ଯ୍ୟ ବର୍ଣ୍ଣନା, ପୁରୁଷର ରୂପ-ଗୁଣ ବର୍ଣ୍ଣନା, ପ୍ରାକୃତିକ ଦୃଶ୍ୟ ବର୍ଣ୍ଣନା, ଯଥା—ପ୍ରଭାତ, ପ୍ରଦୋଷ, ସରୋବର ପର୍ବତ, କାନନ, ବସନ୍ତାଦି ଋତୁ ବର୍ଣ୍ଣନା ବେଳେ କେତୋଟି ନିର୍ଦ୍ଦିଷ୍ଟ ପଦାର୍ଥ, ଘଟଣା, ଦୃଶ୍ୟ ବା ଅବସ୍ଥା ବର୍ଣ୍ଣିତ ହୋଇଥାଏ । ଏହାକୁ ଦେଖି, ପ୍ରାଚୀନ, ଏପରିକି, ବହୁ ଶତ ବର୍ଷର ଅଳଙ୍କାର ଶାସ୍ତ୍ରରେ ଅନଭିଜ୍ଞ ଥିବା ପାଠକମାନେ ଅକ୍ଷେପ କରିଥାନ୍ତି ଯେ, ତହିଁରେ କିଛି ନୂତନତା ନାହିଁ । ନୂତନତା କହିଲେ ନୂତନ ବସ୍ତୁ ଯଦି ବୁଝିବାକୁ ହେବ, ତାହାହେଲେ ଏକ ହାସ୍ୟାସ୍ପଦ ପରିସ୍ଥିତିରେ ଆମକୁ ପହଞ୍ଚିବାକୁ ହେବ । ମନେକରନ୍ତୁ, ପ୍ରଭାତ କାଳ ବର୍ଣ୍ଣନା କରାଯାଉଛି । ପ୍ରାଚୀନ କବିମାନେ ଏ ପ୍ରସଙ୍ଗରେ ବର୍ଣ୍ଣନା କରିଛନ୍ତି—ଶୀତଳ ପବନ ପ୍ରବାହ, ପୂର୍ବ ଦିଗର ଅରୁଣିମା, ପଦ୍ମଫୁଲର ବିକାଶ, ଭ୍ରମରର ଗୁଞ୍ଜନ ଇତ୍ୟାଦି ଇତ୍ୟାଦି । ଏସବୁ ହିଁ ପ୍ରଭାତ କାଳରେ ଅନୁଭୂତ ହୋଇଥାଏ । "ନୂତନ ଭାବରେ ପ୍ରଭାତ ବର୍ଣ୍ଣନା" କରିବାକୁ ଯାଇ ଯଦି କେହି କହେ, 'ଏ ସବୁ ସୁପରିଚିତ ଜିନିଷ ଆମେ କାହିଁକି ବର୍ଣ୍ଣନା କରିବା, ପଦ୍ମ ଜାଗାରେ କଇଁ, ଭ୍ରମର ଜାଗାରେ ଝିଙ୍କିପୋକ, ପୂର୍ବର ଅରୁଣ ବର୍ଣ୍ଣ ଜାଗାରେ ହଳଦିଆ ବର୍ଣ୍ଣ କାହିଁକି ବର୍ଣ୍ଣନା ନ କରିବା', ତେବେ ତାହା ବିକୃତ ମସ୍ତିଷ୍କତା ହିଁ ପ୍ରତିପାଦନ କରିବ । ମଧ୍ୟ-ଯୁଗରେ ସାମାଜିକ ଚଳଣି ଯେପରି ଗୋଟାଏ ନିର୍ଦ୍ଦିଷ୍ଟ ଆକାରରେ ପ୍ରଚଳିତ ଥିଲା ଏବଂ ତାହାର ଅତିକ୍ରମଣ ବା ଉଲ୍ଲଙ୍ଘନ କଲେ ତାକୁ ଉଚ୍ଛୃଙ୍ଖଳତା କୁହାଯାଉଥିଲା, ସାହିତ୍ୟ ରାଜ୍ୟରେ ସେହିପରି ନିୟମାନୁବର୍ତ୍ତନ ହିଁ ଏକାନ୍ତ ଭାବରେ ଅନୁସୃତ ହେଉଥିଲା । ଆଳଙ୍କାରିକ ନିୟମର ଶୃଙ୍ଖଳା ମଧ୍ୟରେ ମୌଳିକତା କିମ୍ବା ସ୍ୱକୀୟ ପ୍ରତିଭାର ବିଲକ୍ଷଣତା ପ୍ରଦର୍ଶନ ଥିଲା ପ୍ରତ୍ୟେକ କବିର ଲକ୍ଷ୍ୟ ।

ଏହି ଦୃଷ୍ଟିରୁ, ବୈଜ୍ଞାନିକ ପଦ୍ଧତିରେ ନିୟନ୍ତ୍ରିତ ପ୍ରାଚୀନ କାବ୍ୟ-ସାହିତ୍ୟ ବୁଝିବା ପାଇଁ ତାର ନିୟାମକ ଗ୍ରନ୍ଥର ଆଲୋଚନା ମଧ୍ୟ ଅପରିହାର୍ଯ୍ୟ । ରାଗ-ଲକ୍ଷଣାଦି ଲିଖିତ ସଙ୍ଗୀତଶାସ୍ତ୍ର ନ ପଢ଼ି ରାଗତର୍କ । ଯାହା, କାବ୍ୟରେ ବର୍ଣ୍ଣନୀୟ ବିଷୟର, ( ଯଥା—ନର, ନାରୀ, ପ୍ରକୃତିକ ଦୃଶ୍ୟ, ସମାଜର ବିବିଧ ଅବସ୍ଥା, ଶିଳ୍ପ, କଳା, ସ୍ଥାପତ୍ୟ, ଜାତି, ରୂପ, ବେଶ ଇତ୍ୟାଦି ଇତ୍ୟାଦି ) ନିୟାମକ ଗ୍ରନ୍ଥ ନ ପଢ଼ି କାବ୍ୟର ସମୀକ୍ଷା କରିବା ଠିକ୍ ସେହି କଥା

ଅଧ୍ୟାପକ ଆର୍ତ୍ତବଲ୍ଲଭ ମହାନ୍ତି ଏହିପରି ଏକ ସମସ୍ୟାର ସମ୍ମୁଖୀନ ହୋଇ ଲେଖିଛନ୍ତି—"ମୃତ୍ୟୁଞ୍ଜୟ ରଥେ କହିଅଛନ୍ତି, ( ପ୍ରାଚୀନ ସାହିତ୍ୟରେ )

କୌଣସି ଉନ୍ନତ ଚିନ୍ତା ଏବଂ ବିଷୟବୈଚିତ୍ର୍ୟ ନାହିଁ । ସେ ସମୟର ଉତ୍କଳ-ସାହିତ୍ୟରେ ଯେ କେବଳ ବାହ୍ୟଭୂଷଣ ଅଛି, ଅନ୍ତଃସାର ନାହିଁ, ଏହା ଆମ୍ଭେମାନେ ବୁଝିପାରୁ ନାହୁଁ । × × × ଅନେକ କାବ୍ୟର ମଙ୍ଗ ପ୍ରାୟ ଏକ । କାରଣ, କୃଷ୍ଣ ଚରିତ୍ର ଓ ରାମ ଚରିତ୍ର ନେଇ କବିମାନେ କାବ୍ୟ ରଚନା କରିଅଛନ୍ତି । ତେଣୁ, ସେ ଉକ୍ତିରେ କିଛି ବୈଚିତ୍ର୍ୟ ନାହିଁ । ଅନ୍ୟାନ୍ୟ ଔପନ୍ୟାସିକ କାବ୍ୟର ମଙ୍ଗ ପ୍ରାୟ ଏକ, ଏ କଥା କହିଲେ ଆମ୍ଭେ ଏ ଉକ୍ତିକୁ ଯଥାର୍ଥ ରୂପେ ସ୍ୱୀକାର କରୁ ।" (୧)

## ଆର୍ତ୍ତ ବାବୁଙ୍କ ଯୁକ୍ତିର ଆଉ ଏକ ସମାନ୍ତରାଳ ଯୁକ୍ତି—

ପଣ୍ଡିତ ମୃତ୍ୟୁଞ୍ଜୟ ରଥ ବୈଚିତ୍ର୍ୟହୀନତା କଥା କହିଲାବେଳେ ଖାଲି ବିଷୟର ନୂତନତା କଥା କହି ନାହାନ୍ତି । ତାହାହେଲେ ତ ରାମ ଚରିତ ଓ କୃଷ୍ଣ ଚରିତ ଯେନି ନୂଆ କାବ୍ୟ ହୋଇପାରିବ ନାହିଁ । ଯଦି କେହି ନୂଆ କାବ୍ୟ ଲେଖେ, ତେବେ, ଖାଲି ମୌଳିକତା ଦେଖାଇବାକୁ ଯାଇ ସୀତାଙ୍କୁ ଭରତଙ୍କ ସ୍ତ୍ରୀ, ସୁଭଦ୍ରାକୁ ରାମଙ୍କ ସ୍ତ୍ରୀ, ଦଶରଥଙ୍କୁ ରାବଣର ଭାଇ, କୃଷ୍ଣଙ୍କୁ ଅର୍ଜୁନଙ୍କର ସାନ ଭାଇ ଇତ୍ୟାଦି ଇତ୍ୟାଦି ବର୍ଣ୍ଣନା କରିବାକୁ ପଡ଼ିବ । ସୁତରାଂ, ମୃତ୍ୟୁଞ୍ଜୟ ରଥେ ଏ ଭଳି ବୈଚିତ୍ର୍ୟ କେବେ ଖୋଜି ନ ଥିବେ । ରାମ ଓ କୃଷ୍ଣ ବିଷୟକ କାବ୍ୟମାନଙ୍କରେ ବିଷୟର ଏକରୂପତା କଥା ଆର୍ତ୍ତବାବୁ ଯାହା କହିଅଛନ୍ତି, ତାହା ଠିକ୍ ; କିନ୍ତୁ ବିଷୟ ପରିବେଷଣ ମଧ୍ୟରେ ଆଳଂକାରିକ ନିୟମାନୁବର୍ତ୍ତନ ଜନିତ ଯେଉଁ ସମତା ବା ଏକରୂପତା ଦେଖାଯାଏ, ତାହାର ଉତ୍ତର ଦେବାକୁ ହେଲେ କେଶବ ମିଶ୍ରଙ୍କର 'ଅଳଙ୍କାର ଶେଖର' ଏବଂ ଓଡ଼ିଆରେ ଯଦୁମଣି ରାଉତରାୟଙ୍କ 'କବି କଳ୍ପଦ୍ରୁମ'ର ପ୍ରୟୋଗ ପଦ୍ଧତି ଦେଖାଇବାକୁ ପଡ଼ିବ । ଏହି ଲେଖକ "ଓଡ଼ିଆ ସାହିତ୍ୟରେ ପ୍ରକୃତି ଚିତ୍ର" ନାମକ ପୁସ୍ତକରେ ଏହି ନୂତନ ଦିଗଟିର ଯେଉଁ ସନ୍ଧାନ ଦେଇ, ପାଠକମାନଙ୍କୁ ଜଣାଇଥିଲି, ତାହା ତତ୍ପୂର୍ବରୁ ଓଡ଼ିଶାରେ ସେ ଭଳି ଗୁରୁତ୍ୱ ସହକାରେ କେହି ଦର୍ଶାଇଥିଲେ ବୋଲି ଜଣାଯାଉ ନାହିଁ (୨) । ପଣ୍ଡିତ ରଥଙ୍କର ଏହି ଆଳଙ୍କାରିକ-ନିର୍ଦ୍ଦେଶ ଦିଗରେ ଜ୍ଞାନ ବା ଚିନ୍ତାଶୃଙ୍ଖଳା ନ ଥିବା ହିଁ ତାଙ୍କ ଯୁକ୍ତିରୁ ଫୁଟିଉଠେ ।

---

(୧) ପ୍ରାଚୀ 'ରସକଲ୍ଲୋଳ' ମୁଖବନ୍ଧ (୧୯୪୯) ପୃ ୧୩

(୨) ଓଡ଼ିଆ ସାହିତ୍ୟରେ ପ୍ରକୃତି ଚିତ୍ର—ପୃ ୮୩ ୮୪

## ଅଳଙ୍କାର ଶେଖରରେ କାବ୍ୟ-ବର୍ଣ୍ଣନୀୟ-ବିଷୟ-ବିସ୍ତାର—

କେଶବ ମିଶ୍ର ସ୍ୱୀୟ 'ଅଳଙ୍କାର ଶେଖର'ରେ ବହିଷ୍ପୂର୍ବକ କାବ୍ୟ-ବର୍ଣ୍ଣିତ ବିବିଧ ବିଷୟର ପ୍ରଶିକ୍ଷଣ ଲକ୍ଷ୍ୟରେ ବର୍ଣ୍ଣନୀୟ ବିଷୟ ତାଲିକା ପ୍ରଦାନ କରିଅଛନ୍ତି । ତହିଁରୁ କେତୋଟି ଦୃଷ୍ଟାନ୍ତ ଏଠାରେ ଉଦ୍ଧାର କରାଯାଉଛି—

(୧) ବନ ବର୍ଣ୍ଣନାରେ—

"ଅରଣ୍ୟେଽହିବରାହେଭଯୂଥ ସିଂହାଦଯୋଦ୍ରୁମାଃ
କାକୋଲୂକ କପୋତାଦ୍ୟା ଭିଲ୍ଲଭଲ୍ଲୂ ଦବାଦଯଃ ।"

ଅର୍ଥାତ୍ କବି ବନ ବର୍ଣ୍ଣନାରେ ପ୍ରବୃତ୍ତ ହେଲେ ଏ ସବୁ ବର୍ଣ୍ଣନା କରିବେ, ଯଥା—ସର୍ପ, ବରାହ, ହାତୀ, ସିଂହ, ବୃକ୍ଷ, କାକ, ଉଲୂକ, କପୋତ, ଭଲ୍ଲୁକ, ବନାଗ୍ନି ପ୍ରଭୃତି ।

(୨) ପର୍ବତ ବର୍ଣ୍ଣନାରେ—

"ଶୈଳେ ମେଘୌଷଧୀ ଧାତୁ ବଂଶ କିନ୍ନର ନିର୍ଝରାଃ
ଶୃଙ୍ଗ ପାଦ ଗୁହାରତ୍ନ ବନଜୀବାଦ୍ୟୁପତ୍ୟକାଃ ।"

( ମେଘ, ଔଷଧୀ, ଧାତୁ, ବାଉଁଶ, କିନ୍ନର, ଝରଣା, ଶୃଙ୍ଗ, ଗୁହା, ରତ୍ନ, ବନ୍ୟଜନ୍ତୁ ପ୍ରଭୃତି )

(୩) ଚନ୍ଦ୍ର ବର୍ଣ୍ଣନାରେ—

"ଚନ୍ଦ୍ରେ କୁଳଟା ଚକ୍ରାମ୍ଭୋଜ ଚୌର ବିରହିତମୋଽବ୍ଧିରୌଦ୍ରଜ୍ୱଳମ୍
ଜଳଧିର ଜନନେନ କୈରବ ଚକୋର ଚନ୍ଦ୍ରକାନ୍ତମଣି ପ୍ରୀତିଃ ।"

ଅର୍ଥାତ୍ କୁଳଟା, ଚକ୍ରବାକ, ପଦ୍ମ, ଚୋର, ବିରହୀ, ସାଗର, କଇଁ, ଚକୋର ଇତ୍ୟାଦି ।

ଏବେ ନିକଟରେ ଏକଟି ରାଜା (୧) ଯଦୁନାଥଙ୍କ 'କବି କଳ୍ପଦ୍ରୁମ' ପ୍ରକାଶ ପାଇଛି । ଏହି ଗ୍ରନ୍ଥଟି ପ୍ରାଚୀନ ଓଡ଼ିଆ ସାହିତ୍ୟ-ସେବୀମାନେ ଅବଶ୍ୟ

---

(୧) ଓଡ଼ିଶା ସରକାରଙ୍କ ସାଂସ୍କୃତିକ ବ୍ୟାପାର ବିଭାଗ ପକ୍ଷରୁ ପ୍ରକାଶିତ ।

ପାଠ କରିବା ଦରକାର । କାରଣ, ଏଥିରେ କାବ୍ୟ ରଚନାର ସହାୟକ ବହୁତ କଥା, ସଂସ୍କୃତ ଅଳଙ୍କାର ଶାସ୍ତ୍ରରୁ ତଥା କବି-ସହାୟକ ତାଦୃଶ ଅନ୍ୟ ଗ୍ରନ୍ଥ-ମାନଙ୍କରୁ ସଙ୍ଗୃହୀତ ହୋଇଅଛି । ଏହି ଗ୍ରନ୍ଥର ପ୍ରଥମ ଓ ଦ୍ୱିତୀୟ ପ୍ରକାଣ୍ଡରେ ରସ-ନିଷ୍ପତ୍ତି, ନାୟକ ନାୟିକା ଭେଦ, ନାୟିକାର ଅଳଙ୍କାର, ବିଭିନ୍ନ ରସର ବିବରଣ ପ୍ରଭୃତି ସମାବେଶିତ । ଦ୍ୱିତୀୟ ପ୍ରକାଣ୍ଡରେ ଗୁଣ, ପାକ, ସ୍ୱଭ ଓ ବିବିଧ ଶବ୍ଦାଳଙ୍କାର, ଅର୍ଥାଳଙ୍କାର, ଦୋଷ ପ୍ରଭୃତି ବିବୃତ ହୋଇଅଛି । ତୃତୀୟ ପ୍ରକାଣ୍ଡରେ କାବ୍ୟ ରଚନା-ସହାୟକ କେତେକ କୌଶଳ ବତାଇ ଦିଆଯାଇଛି । ଗୋଟିଏ ଦୃଷ୍ଟାନ୍ତ ଦେଖନ୍ତୁ—

## 'ମେଷଯୁଦ୍ଧ' ରଚନା ପାଇଁ କବିଙ୍କ ଶବ୍ଦ-ସଂକେତ—

ମଧ୍ୟଯୁଗ ଓଡ଼ିଆ ସାହିତ୍ୟରେ 'ମେଷଯୁଦ୍ଧ' ନାମକ ଏକ ଶବ୍ଦାଳଙ୍କାର ଅଛି । ଦୁଇଟା ମେଣ୍ଢା ଯୁଦ୍ଧ କରିବା ଆଗରୁ ଦୁଇ ଦିଗରେ ଠିଆ ହୋଇଥାଆନ୍ତି । ସେମାନେ ଦଉଡ଼ି ଆସି ପରସ୍ପରର ଦୂରତାର ମଧ୍ୟସ୍ଥଳରେ ମୁଣ୍ଡକୁ ମୁଣ୍ଡ ପିଟି ପୁଣି ପଛକୁ ହଟି ଯାଆନ୍ତି । ଏହି ଦୃଶ୍ୟଟିକୁ ଆଗରେ ରଖି ନିମ୍ନଲିଖିତ ପ୍ରକାରର ରଚନାକୁ 'ମେଷଯୁଦ୍ଧ' କୁହାଯାଇଛି, ଯଥା—

"କଡ଼ାକୁ କାଣୀଗଣିକାକୁ ଡାକ ।" (୧)

ପାଠକେ, ଲକ୍ଷ୍ୟ କରନ୍ତୁ—ଏ ଧାଡ଼ିରେ ଏଗାର ଗୋଟି ଅକ୍ଷର ଅଛି । ପ୍ରଥମ ଅକ୍ଷର 'କ'ରୁ ଗୋଟିଏ ମେଣ୍ଢା ଆଗକୁ ମାଡ଼ି ଆସିଲା 'ଗ' ଯାଏ; ପୁଣି, ଶେଷ ଅକ୍ଷର 'କ'ର ଆଉ ଏକ ମେଣ୍ଢା ଅନ୍ୟ ଦିଗରେ ମେଣ୍ଢା ଆଡ଼କୁ ମାଡ଼ି ଆସିଲା 'ଗ' ଯାଏ । ସେଠାରେ ଦୁହେଁ ପରସ୍ପରର ମୁଣ୍ଡକୁ ନିଜ ମୁଣ୍ଡରେ ଘୋର ଆଘାତ ଦେଇ, ପୁଣି ପଛକୁ ଦଉଡ଼ିଗଲେ ବା ହଟିଗଲେ । ଅନ୍ୟ ଭାବରେ କହିଲେ, ପ୍ରଥମ 'କ' ଅକ୍ଷରରୁ 'ଗ' ଅକ୍ଷର ଯାଏ ପଢ଼, ଶେଷ 'କ' ଅକ୍ଷରଠାରୁ 'ଗ' ଅକ୍ଷର ଯାଏ ପଢ଼ିଲେ ତାହା । ଏହି କଥାଟିକୁ ଟିକିଏ ସମ୍ପ୍ରସାରିତ କଲେ ଏପରି କହି ହେବ—ଏଗାର ଅକ୍ଷର ବିଶିଷ୍ଟ ଏ ଧାଡ଼ିଟିରେ ପ୍ରଥମ ଅକ୍ଷର 'କ'ରୁ ଶେଷ ଅକ୍ଷର 'କ' ଯାଏ ଆଗକୁ ଆଗକୁ ପଢ଼ିଗଲେ ଯାହା, ଶେଷ ଅକ୍ଷର 'କ'ଠାରୁ ପଛେଇ ପଛେଇ ଆଗ ଅକ୍ଷର 'କ' ପର୍ଯ୍ୟନ୍ତ ପଢ଼ିଗଲେ ବି ତାହା ସେଇଆ । 'କଟକ', 'ନବଜୀବନ' ପ୍ରଭୃତି ଶବ୍ଦ ଏହି ମେଷଯୁଦ୍ଧ-ଜାତୀୟ ରଚନା ଲାଗି ବଡ଼ ସହାୟକ । ଇଂରାଜୀ ପ୍ରଭୃତି ଭାଷାରେ ମଧ୍ୟ ଏହି

(୧) ଛନ୍ଦୁମଣି ଦ୍ରଷ୍ଟବ୍ୟ—'ଇ' ହ୍ରସ୍ୱ ଓ ଦୀର୍ଘର ଦ୍ୱିବିଧ ପ୍ରୟୋଗ ସ୍ୱୀକୃତସିଦ୍ଧ ।

ଶୈଳୀ ବା ଶବ୍ଦାଳଙ୍କାର ପ୍ରୟୋଗ ପ୍ରଦର୍ଶିତ ହୋଇ ଥାଏ (୧)। ସଂସ୍କୃତରେ ଏହା 'ଲୋମ-ବିଲୋମ' ନାମରେ ସୁପରିଚିତ।

ଏଠାରେ ପ୍ରଶ୍ନ ଉଠେ, ଯେଉଁ କବିମାନେ ଏ ପ୍ରି କୌଶଳ ବା ଶବ୍ଦାଳଙ୍କାରର ରଚନା କରିବାକୁ ଚାହାନ୍ତି, ସେମାନଙ୍କୁ 'କବି କଳ୍ପଦ୍ରୁମ' ତଥା ଏହି ଜାତୀୟ ଗ୍ରନ୍ଥଗୁଡ଼ିକ କିପରି ଭାବରେ ସାହାଯ୍ୟ କରି ପାରିବେ ?

ଯଦୁମଣି ରାଉତରାୟ ତାଙ୍କ 'କବି କଳ୍ପଦ୍ରୁମ'ର ତୃତୀୟ ପ୍ରକାଣ୍ଡରେ ଏହି ଜାତୀୟ ରଚନା-ସହାୟକ ଏକ ସୁଚୟନିତ ଶବ୍ଦ ତାଲିକା ପ୍ରଦାନ କରି କବି-ମାନଙ୍କର କରାବଲମ୍ବ ହୋଇଅଛନ୍ତି, ଯଥା—

"ଅନୁଲୋମ ଶବ୍ଦ—

ନୟନ ନର୍ତ୍ତନ ପୁଣି କନକ କଟକ
କାଳିକା କାରିକା ଦୁଇ ଅପର କଣ୍ଟକ
ସରସ ସହସ ଦୁଇ କରକ ମଧ୍ୟମ
କବକ ଅପର ପୁଣି କାଞ୍ଚିକା ମହମ
ବର କୈରବ ତରୁଣୀରତ ସନନ୍ଦନ
ବରଭୈରବ ସକଳ ମୂଳକ ହିଁ ଅନ୍ୟ।"

(କ: କ: ତୃ-୫୧)

ଏ ସବୁ ଶବ୍ଦ ବାମରୁ ଡାହାଣକୁ ଓ ଡାହାଣରୁ ବାମକୁ ପଢ଼ିଲେ ସମାନ।

## 'ନିରୋଷ୍ଠକ' ରଚନା ପାଇଁ ଶବ୍ଦ ତାଲିକା—

ସେହିପରି, ଓଷ୍ଠ୍ୟବର୍ଣ୍ଣ (ଅର୍ଥାତ୍ ପ, ଫ, ବ, ଭ, ମ, ଉ ପ୍ରଭୃତି ବର୍ଣ୍ଣ) ନ ଥିବା ଶବ୍ଦମାନଙ୍କୁ ପ୍ରୟୋଗ କରି ଯେଉଁ ପଦ ବା ଶ୍ଳୋକ ରଚନା କରାଯାଏ,

---

(୧) ଇତିହାସଖ୍ୟାତ ବୀର ନେପୋଲିୟନ୍ ଶେଷ ଜୀବନରେ 'Elba' ନାମକ ଏକ ଦ୍ୱୀପକୁ ଯିବା ପ୍ରସଙ୍ଗରେ ଏହି ବାକ୍ୟଟି କୁଆଡ଼େ କହିଥିବାର ଶୁଣାଯାଏ—

"Able was I ere I saw Elba."

ଏଥିରେ ୧୯ଟି ଅକ୍ଷର ଅଛି। ପ୍ରଥମ ଅକ୍ଷରରୁ ଶେଷ ଅକ୍ଷରଯାଏ ପଢ଼ିଲେ ଯାହା, ଶେଷ ଅକ୍ଷରରୁ ପ୍ରଥମ ଅକ୍ଷରକୁ ପଢ଼ି ଆସିଲେ ସେଇଆ।

ତାହା ଓଷ୍ଠ୍ୟବର୍ଣ୍ଣବର୍ଜ୍ଜିତ ହୋଇଥିବାରୁ 'ନିରୋଷ୍ଠ୍ୟ' ରଚନାରୂପେ ପରିଚିତ । ମହାକବି ଭାରବିଙ୍କ 'କିରାତାର୍ଜ୍ଜୁନୀୟ'ରୁ ଏଥିର ଦୃଷ୍ଟାନ୍ତ ଏଥିପୂର୍ବେ ପ୍ରଦତ୍ତ ହୋଇଅଛି । ଭଞ୍ଜଙ୍କର ଏ ଜାତୀୟ ରଚନା ପ୍ରେମ ସୁଧାନିଧି ପ୍ରଭୃତିରେ ଦ୍ରଷ୍ଟବ୍ୟ (୧) ।

ଏ ଭଳି ରଚନା କ୍ଷେତ୍ରରେ କବିଙ୍କୁ ପ୍ରଶିକ୍ଷଣ ଦେବା ଲାଗି 'କବି-କଳ୍ପଦ୍ରୁମ'ରେ ଏକ ଶବ୍ଦ ତାଲିକା ପ୍ରଦାନ କରାଯାଇଛି, ଯଥା—

"ନିରୋଷ୍ଠ୍ୟ ଶବ୍ଦ—

ନିରୋଷ୍ଠ୍ୟ ଯେ ଶବ୍ଦମାନ କହିବା ତା ଶୁଣ
ନିରୋଷ୍ଠ୍ୟ କାବ୍ୟରେ ତାର ଉପଯୋଗ ଜାଣ ।

ଖେଳା-ଲୀଳା-କଳକଳ-କଙ୍କଣ-କଳିଳ
କାଳରାତି କଳକଣ୍ଠ-କାଳିନ୍ଦୀ-କଙ୍କାଳ ।
କାୟ ହୟ କ୍ରୀଡ଼ା କେଳି କଳା ପୁଣି କାନ୍ତ
କୈଳାସ ଶିଶିର ଜଳ ସକଳ ସଙ୍ଗୀତ
ନିଷ୍କଳ କାଳ ଜଳନ ଅନ୍ୟ ସେ କଲ୍ୟାଣ
ନେତ୍ର ଚିତ୍ର କଳହଂସ ଲୀନ କୂଳ ଜାଣ ।"

'ଖେଳା' ଠାରୁ 'କୂଳ' ପର୍ଯ୍ୟନ୍ତ ପ୍ରଦତ୍ତ ନିରୋଷ୍ଠ୍ୟ ଶବ୍ଦମାନ ପ୍ରୟୋଗ କଲେ ସହଜରେ ନିରୋଷ୍ଠ୍ୟକ ରଚନା ଲେଖି ହେବ ।

ପୁଣି, ଏ ଭଳି କେତେଗୁଡ଼ିଏ ଶବ୍ଦ କବିଙ୍କର ଧାରଣାଧିଗତ ହୋଇଗଲେ, ତା ମନକୁ ମନ ଏହି ଜାତୀୟ ଅନ୍ୟ ଅନେକ ଶବ୍ଦ ଅକ୍ଲେଶରେ ସ୍ଥିର କରାଯାଇ, ସେଗୁଡ଼ିକୁ ରଚନାରେ ବ୍ୟବହାର କରାଯାଇ ପାରିବ ।

---

(୧) ନୀରଦ ଜଳ ଶୀତଳ କରି ନିରନ୍ତର
ଜଗିଥାଉ ନିଦାଘରେ ସଜନୀ ନିକର
ଘନସାର ଚନ୍ଦନ ଶୁଖାଇ ଅଙ୍ଗେ ଦେଲେ
ଜଗନ୍ନାଥେ ସିନା ସେ କାଳରେ ରକ୍ଷା କଲେ ।
(ପ୍ରେମ ସୁଧାନିଧି ୧୬୯)

## ସବୁଠାରୁ ବଡ଼ କଥା – ବର୍ଣ୍ଣନୀୟ ବିଷୟ ତାଲିକା –

ଏହିପୂର୍ବେ କେଶବ ମିଶ୍ରଙ୍କର 'ଅଳଙ୍କାର ଶେଖର'ରୁ କେତେକ ଅଂଶ ଉଦ୍ଧୃତ କରାଯାଇ, କାବ୍ୟ ମଧ୍ୟରେ କବିମାନେ କି କି ବିଷୟ ବର୍ଣ୍ଣନା କରିବେ, ତହିଁର ସୂଚନା ଦିଆଯାଇଛି । ଏହା ବ୍ୟତୀତ, ସମଗ୍ର ମଧ୍ୟଯୁଗ ଓଡ଼ିଆ ସାହିତ୍ୟରେ ନାୟିକାର ରୂପ ବର୍ଣ୍ଣନା, ବେଶ ବର୍ଣ୍ଣନା, ନଗରୀ ବର୍ଣ୍ଣନ, ସମୁଦ୍ର ବର୍ଣ୍ଣନା, ନଦୀ ବର୍ଣ୍ଣନା, ବସନ୍ତ, ଶରତ ପ୍ରଭୃତି ଋତୁ ବର୍ଣ୍ଣନା, ସରୋବର ବର୍ଣ୍ଣନା, ଅରଣ୍ୟ ବର୍ଣ୍ଣନା ଇତ୍ୟାଦିରେ ଯେଉଁ ଉପାଦାନଗତ ସାମ୍ୟ ଦେଖାଯାଏ, ତାର କାରଣ ସଂକ୍ଷିପ୍ତ ଭାବରେ ଏହିପୂର୍ବେ ପ୍ରଦତ୍ତ ହୋଇଅଛି । ବର୍ତ୍ତମାନ 'କବି କଳ୍ପଦ୍ରୁମ'ରୁ ତିନୋଟି ଉଦ୍ଧୃତି ଦେଇ, ଏ ଭଳି ଚିହ୍ନମାନ କବି-ସମାଜଙ୍କୁ କିପରି ନିୟନ୍ତ୍ରଣ କରୁଥିଲା, ତାହା ଦର୍ଶାଇ ଦିଆଯାଇପାରେ ।

### ନଦୀ ବର୍ଣ୍ଣନା –

"ନଦୀରେ ବର୍ଣ୍ଣିବ ବରଜଳ ଉଜ୍ଜ୍ୱଳତା
ତରଙ୍ଗ ଶୋଭିତ ପୁଣି ସମୁଦ୍ରଗମିତା
କଚ୍ଛପ ମତ୍ସ୍ୟ ପ୍ରଭୃତି ଜଳଜୀବମାନ
କୋକନଦ କୁମୁଦ ପଙ୍କଜ ଆଦି ବନ
ହଂସ ଚକ୍ରବାକ ଜଳକାକ ହଂସରାଳି
ଆବର୍ତ୍ତସଂକୁଳ ସୁଗୁଞ୍ଜିତ ଭୃଙ୍ଗାବଳି ।"

### ଅରଣ୍ୟ ବର୍ଣ୍ଣନା

"ଅରଣ୍ୟେ ବର୍ଣ୍ଣିବ ନାନା ବୃକ୍ଷଲତାକୁଳ
ଘନ ତରୁଚ୍ଛାୟା ଅନ୍ଧକାର ପୁଷ୍ପ ଫଳ
ସିଂହ ବ୍ୟାଘ୍ର ବରାହ ଭଲ୍ଲୁକ ମୃଗଗଣ
ମୟୂର କପୋତ ଶୁକ ଆଦି ପକ୍ଷୀପୁଣ ।
ବନ-ବହ୍ନି ଝର ହ୍ରଦ ନାଗ କୁଞ୍ଜମାନ
ଗୁଞ୍ଜିତ ଭ୍ରମରପୁଞ୍ଜ ପିକାଦିନିଃସ୍ୱନ ।" (୧)

---

(୧) ଏଥିରେ ସିଂହର ଉଲ୍ଲେଖ ଥିବାରୁ, ଆମ ଜଙ୍ଗଲରେ ସିଂହ ନ ଥିଲେ ମଧ୍ୟ, ଆଳଙ୍କାରିକ ପରମ୍ପରା ରକ୍ଷା ପ୍ରତି ଦୃଷ୍ଟି ଦେଇ କବିମାନେ ବନ ବର୍ଣ୍ଣନାରେ ସିଂହର ବର୍ଣ୍ଣନା କରିଛନ୍ତି ।

## ସୂର୍ଯ୍ୟୋଦୟ ବର୍ଣ୍ଣନା —

"ସୂର୍ଯ୍ୟ ଉଦୟେ ବର୍ଣ୍ଣିବ ତମଗୁହା ସ୍ଥିତି
ଦିଗ ପ୍ରକାଶ ସକଳ ଲୋକ କ୍ରିୟା ଚିତ୍ତ
କଇଁର ଉଷ୍ମ ଭାବ ସୂର୍ଯ୍ୟକାନ୍ତ ଦ୍ରାବ
ଅନ୍ଧକାରେ ପେଚକଙ୍କ ଲୁଚିବା ସ୍ୱଭାବ
ସୂର୍ଯ୍ୟ ଚନ୍ଦ୍ର ଅସ୍ତରେ ତମର ପ୍ରାଦୁର୍ଭାବ
ସକଳ ଜନ ସଞ୍ଚାର ବଗୁର ସ୍ୱଭାବ ।"

ପାଠକମାନେ ଏହି ବର୍ଣ୍ଣନୀୟ ବିଷୟ ତାଲିକା ମନେରଖି, ଧନଞ୍ଜୟ, ଉପେନ୍ଦ୍ର, ଅଭିମନ୍ୟୁ, ବ୍ରଜନାଥ, ବଳଦେବ ପ୍ରଭୃତିଙ୍କ କାବ୍ୟମାନ ପଢ଼ିଯାଆନ୍ତୁ । ଦେଖିବେ, ସମସ୍ତେ ଏହି ତାଲିକାର ଅନୁରୂପ ଦ୍ରବ୍ୟ ବା ବସ୍ତୁମାନଙ୍କର ସ୍ୱ-ପ୍ରତିଭାନୁରଞ୍ଜିତ ବର୍ଣ୍ଣନା ହିଁ କରିଅଛନ୍ତି । ଓଡ଼ିଆ 'କବିକଳ୍ପଦ୍ରୁମ' ରଚିତ ହେବା ଆଗରୁ ମଧ୍ୟ ଯେଉଁ କାବ୍ୟମାନ ରଚିତ, ସେ ସବୁଥିରେ ଏହି ତାଲିକାନୁରୂପ ବର୍ଣ୍ଣନା ଥିବାର କାରଣ ହେଉଛି, ବହୁ ଶତ ବର୍ଷ ଆଗରୁ ସଂସ୍କୃତ ପଣ୍ଡିତମାନେ ଗ୍ରନ୍ଥ ଲେଖି, ଏଥିର ଏକ ପରମ୍ପରା ସୃଷ୍ଟି କରି ଯାଇଛନ୍ତି ଏବଂ ଏହି ଓଡ଼ିଆ ସଂଗ୍ରାହକ ସେହି ସଂସ୍କୃତ ଗ୍ରନ୍ଥମାନଙ୍କରୁ ହିଁ ତଥ୍ୟ ସଂକଳନ କରିଅଛନ୍ତି ।

ଋତୁ ବର୍ଣ୍ଣନା ପ୍ରସଙ୍ଗରେ ମହାକବି କାଳିଦାସଙ୍କ 'ଋତୁ-ସଂହାର' ସମଗ୍ର ଭାରତୀୟ କବି-ସମାଜର ଏକ ଆଲୋକସ୍ତମ୍ଭ । ସମସ୍ତ ସଂସ୍କୃତ ମହାକାବ୍ୟରେ ତଥା ସମସ୍ତ ବିଶିଷ୍ଟ ଓଡ଼ିଆ ଗ୍ରନ୍ଥ ବା କାବ୍ୟରେ ଋତୁ ବର୍ଣ୍ଣନାମୂଳକ ଉପାଦାନରେ ଅଦ୍ଭୁତ ସାମ୍ୟ ଦେଖାଯାଏ; ତହିଁର କାରଣ ମଧ୍ୟ ସହଜରେ ଅନୁମେୟ । ଯଦୁମଣିଙ୍କ 'କବି କଳ୍ପଦ୍ରୁମ'ରେ ବସନ୍ତାଦି 'ଷଡ଼୍-ଋତୁ'ର ଯେଉଁ ସୁଦୀର୍ଘ ବର୍ଣ୍ଣନୀୟ ବିଷୟ ତାଲିକା ପ୍ରଦତ୍ତ, ତାହା ପାଠ କଲେ ପ୍ରାଚୀନ-ସାହିତ୍ୟ-ସ୍ରଷ୍ଟାମାନଙ୍କର ବର୍ଣ୍ଣନାର ମୂଳ ସୂତ୍ର ସହଜରେ ଉପଲବ୍ଧି କରି ହେବ । (୧)

---

(୧) ଷଡ଼-ଋତୁର ବର୍ଣ୍ଣନୀୟ ତାଲିକା ଚତୁର୍ଥ ସ୍ତବକାଣ୍ଡର ୧୦୧ ପଦଠାରୁ ୧୯୬ ପଦ ପର୍ଯ୍ୟନ୍ତ ବିସ୍ତାରିତ ।

ଅଦ୍ୟାପି ଓଡ଼ିଶାର ସମସ୍ତ ସଂସ୍କୃତ ଅଳଙ୍କାର ଗ୍ରନ୍ଥ ପ୍ରକାଶିତ ହୋଇ ନାହିଁ । ଏପରି କି, ଏ ଦେଶର ବଡ଼ ବଡ଼ ପଣ୍ଡିତମାନେ ମଧ୍ୟ ସେ ସବୁ ଦେଖିବାର ସୁଯୋଗ ପାଇ ନାହାନ୍ତି । ଦୃଷ୍ଟାନ୍ତ ରୂପ, ରଘୁନାଥ ଦାସଙ୍କ 'ସାହିତ୍ୟ ଭୂଷଣ' ଓ ରାମଚନ୍ଦ୍ର ଖଡ଼୍‌ଗରାୟଙ୍କ 'ଅଳଙ୍କାର ଚିନ୍ତାମଣି' ଭଳି ଅନେକ ଗ୍ରନ୍ଥ ଏ ଯାଏ ଅଜ୍ଞାତ ରହିଛି କହିଲେ ଚଳେ । କେବଳ କେତେ ଜଣ ଗବେଷକ ସେ ସମ୍ପର୍କରେ କିଛି କିଛି ଜାଣନ୍ତି । ଆମ ଦେଶରେ ବହିପତ୍ର ଓ ଜ୍ଞାନ ଗବେଷଣାର ସ୍ତର ଯେ ମଧ୍ୟ କେତେ କମ୍, ତାର କେତେକ ଦୃଷ୍ଟାନ୍ତ ଏହି ଆଲୋଚନାର ଶେଷଭାଗରେ ଦିଆଯାଇଛି । ଭବିଷ୍ୟତରେ ଏ ଦିଗରେ ଅଧିକ ତଥ୍ୟ ଉଦ୍‌ଘାଟିତ ହୋଇପାରେ ।

## ବେଦାଧ୍ୟୟନ—ଉପନିଷଦ ପାଠ

'ଶ୍ରୁତି' ଶବ୍ଦ ବେଦର ନାମାନ୍ତର । ବେଦର ଚାରିଗୋଟି ବିଭାଗ, ଯଥା—ସଂହିତା, ବ୍ରାହ୍ମଣ, ଆରଣ୍ୟକ ଓ ଉପନିଷଦ ମଧ୍ୟରୁ ଉପନିଷଦ୍‌ଗୁଡ଼ିକୁହିଁ ସାଧାରଣତଃ ପଣ୍ଡିତମାନେ ପଢ଼ିଥାଆନ୍ତି; କିନ୍ତୁ ସଂହିତା ଓ ବ୍ରାହ୍ମଣ ଭାଗର ଅଂଶ-ବିଶେଷ ମଧ୍ୟ ଅଧୀତ ହୋଇଥାଏ । ଯେଉଁମାନେ ସ୍ୱତନ୍ତ୍ର ଭାବରେ ବେଦାଧ୍ୟୟନର ପକ୍ଷପାତି, ସେମାନେ ହୁଏ ତ ଏ ସବୁର ବିସ୍ତୃତ ଅଂଶ ପାଠ କରିଥାନ୍ତି ।

### ଦଶଟି ମୁଖ୍ୟ ଉପନିଷଦ—

'ଉପନିଷଦ୍' ମାନଙ୍କର ସଂଖ୍ୟା ଯଦିଓ ଶତାଧିକ, ତଥାପି, ଏହି ଦଶଗୋଟି ଉପନିଷଦ୍‌ହିଁ ସାଧାରଣରେ ପଠିତ ହୋଇଥାଏ—(୧) ଈଶ, (୨) କେନ, (୩) କଠ, (୪) ପ୍ରଶ୍ନ, (୫) ମୁଣ୍ଡକ, (୬) ମାଣ୍ଡୁକ୍ୟ, (୭) ତୈତ୍ତିରୀୟ, (୮) ଐତରେୟ, (୯) ଛାନ୍ଦୋଗ୍ୟ, (୧୦) ବୃହଦାରଣ୍ୟକ । ଭାରତର ତିନୋଟି ଯାକ ସୁପ୍ରସିଦ୍ଧ ଦାର୍ଶନିକ ମତବାଦ, ( ଶାଙ୍କର-ଅଦ୍ୱୈତ, ରାମାନୁଜୀୟ ବିଶିଷ୍ଟାଦ୍ୱୈତ ଏବଂ ମାଧ୍ୱ-ଦ୍ୱୈତ ) ପ୍ରସ୍ଥାନତ୍ରୟୀ—(୧) ଅନ୍ତର୍ଗତ ଏହି ଉପନିଷଦ-ମାନଙ୍କର ଆଧାର ଉପରେ ପ୍ରତିଷ୍ଠିତ ।

---

(୧) 'ପ୍ରସ୍ଥାନତ୍ରୟୀ' ତିନୋଟି 'ପ୍ରସ୍ଥାନ'କୁ ବୁଝାଏ, ଯଥା— ଶ୍ରୁତି ପ୍ରସ୍ଥାନ, ସୂତ୍ର-ପ୍ରସ୍ଥାନ ଓ ଗୀତା ପ୍ରସ୍ଥାନ । ଶ୍ରୁତି ପ୍ରସ୍ଥାନ ବୋଲିଲେ 'ଈଶ' ଠାରୁ 'ବୃହଦାରଣ୍ୟକ' ପର୍ଯ୍ୟନ୍ତ ଉପନିଷଦ ବୁଝାଯାଏ । ସୂତ୍ର ପ୍ରସ୍ଥାନରେ ଷଡ଼୍‌ଦର୍ଶନ ଅନ୍ତର୍ଗତ ବେଦାନ୍ତ ଦର୍ଶନର ସୂତ୍ରାବଳୀ ବୁଝାଯାଏ ଏବଂ 'ଗୀତା' ପ୍ରସ୍ଥାନରେ ମହାଭାରତ ଅନ୍ତର୍ଗତ ଭଗବଦ୍‌ଗୀତା ବୁଝାଯାଏ ।

## ବେଦତତ୍ତ୍ୱର ବିଶ୍ଳେଷଣ ପାଇଁ ପୁରାଣାଦିର ସୃଷ୍ଟି—

ବେଦ ଭାରତର ତଥା ବିଶ୍ୱର ପ୍ରାଚୀନତମ ଗ୍ରନ୍ଥ ରୂପେ ସର୍ବସ୍ୱୀକୃତ । ଏହାରି ଉପରେ ହିଁ ହଜାର ହଜାର ବର୍ଷରେ ଭାରତୀୟ ଜୀବନଧାରା ପ୍ରବାହିତ । ସୁତରାଂ, ଭାରତୀୟ ଭାଷା ଓ ସାହିତ୍ୟର ବିକାଶ ଏହି ବେଦ ଉପରେ ଆଧାରିତ ହୋଇଅଛି । ବେଦର ଶେଷ ବା 'ଅନ୍ତ' ଭାଗ ହୋଇଥିବାରୁ ଉପନିଷଦମାନଙ୍କୁ ବେଦାନ୍ତ ( ବେଦ + ଅନ୍ତ = ବେଦାନ୍ତ ) ମଧ୍ୟ କୁହାଯାଏ (୧) । ବେଦର ଆଧାର ଉପରେ ବିରାଟ ପୁରାଣ ସାହିତ୍ୟ ଏବଂ ଭାରତୀୟ ପ୍ରାଦେଶିକ ସାହିତ୍ୟମାନ କିପରି ଗଢ଼ିଉଠିଛି, ତାହା ପ୍ରତିପାଦନ କରିବାକୁ ଯାଇ କୁହାଯାଇଛି—

"ଇତିହାସ ପୁରାଣାଭ୍ୟାଂ
ବେଦଂ ସମୁପବୃଂହୟେତ୍ ।"

ଅର୍ଥାତ୍ ଇତିହାସ ଏବଂ ପୁରାଣ ଦ୍ୱାରା ବେଦକୁ 'ଉପବୃଂହଣ' କରିବା ଦରକାର । ବେଦତତ୍ତ୍ୱ କେବଳ ପଣ୍ଡିତମାନଙ୍କର ବୋଧ । କିନ୍ତୁ ଜନତା ମଧ୍ୟରେ ସେ ସବୁ ତତ୍ତ୍ୱ ପ୍ରଚାର କରିବାକୁ ହେଲେ ଇତିହାସ-ପୁରାଣ ପ୍ରଭୃତି ଲେଖି, ବିଭିନ୍ନ ଘଟଣା, ବିଭିନ୍ନ ପୌରାଣିକ ଆଖ୍ୟାନ-ବର୍ଣ୍ଣନା ଭିତରେ ତାହାର ବାସ୍ତବ ବିକାଶ ବା ପ୍ରକାଶ ଦର୍ଶାଇବାକୁ ପଡ଼ିବ (୨) । ତାହାହେଲେ ବେଦର ଅସଲ ମର୍ମ ଲୋକସାଧାରଣ ବୁଝିବାକୁ ସମର୍ଥ ହେବେ ।

---

(୧) 'ବେଦାନ୍ତ' ଶବ୍ଦ ମୁଖ୍ୟତଃ ଷଡ୍‌ଦର୍ଶନ ଅନ୍ତର୍ଗତ 'ବେଦାନ୍ତ' ଦର୍ଶନକୁ ବୁଝାଏ । କିନ୍ତୁ ବେଦର ଚାରିଗୋଟି ପ୍ରସିଦ୍ଧ ବିଭାଗ ମଧ୍ୟରୁ ଶେଷ ବିଭାଗ (ଉପନିଷଦ-ବିଭାଗ) ବେଦର 'ଅନ୍ତ' ବା ଶେଷବାଣୀ ହୋଇଥିବାରୁ ତାକୁ ମଧ୍ୟ ଗୌଣ ଅର୍ଥରେ ବେଦାନ୍ତ କୁହାଯାଏ ।

(୨) ଇତିହାସର ଅର୍ଥ—ଇତି + ହ + ଆସ । ଇତି (ଅଥାତ୍ ଏହିସବୁ ଘଟଣା) ହ ( ଅର୍ଥାତ୍ ଏ କଥା ନିଶ୍ଚୟ ଯେ) ଆସ ( ଏପରି ଥିଲା ) । ମହା-ଭାରତର ପ୍ରତ୍ୟେକ ଘଟଣାକୁ ସତ୍ୟ ମନେକରାଯାଇ, ତାକୁ ଇତିହାସ ବୋଲି ମଧ୍ୟ କୁହାଯାଇଛି; ଅବଶ୍ୟ ନବ୍ୟମତରେ ଏହା ଠିକ୍ ନୁହେ ।

ରାମାୟଣ ଓ ମହାଭାରତରେ ବେଦତତ୍ତ୍ୱର ଉପବୃଂହଣ—

ଏହି ଦୃଷ୍ଟିରୁ ରାମାୟଣ ଓ ମହାଭାରତ, ବୈଦିକ ତତ୍ତ୍ୱର ଭିତ୍ତି ଉପରେ ରଚିତ ହୋଇଥିବାର ପ୍ରଦର୍ଶିତ ହୋଇଥାଏ ।

ଉପନିଷଦ ବାକ୍ୟର ଅର୍ଥ ବିସ୍ତାରରୁ ରାମାୟଣାଦିର ସୃଷ୍ଟି—

ଛାତ୍ରମାନଙ୍କୁ ଉପଦେଶ ଛଳରେ କୁହାଯାଇଛି—(୧)

"ମାତୃଦେବୋ ଭବ,
ପିତୃଦେବୋ ଭବ ।"

ଅର୍ଥାତ୍, ହେ ବିଦ୍ୟାର୍ଥି ! ତୁମେ ତୁମର ମାତାଙ୍କୁ ଦେବତା ରୂପେ ବିବେଚନା କରିବ, ତୁମେ ତୁମର ପିତାଙ୍କୁ ଦେବତା ରୂପେ ବିବେଚନା କରିବ । ଏହି ମାତୃ-ଦେବତା ଜ୍ଞାନରୁ ଗଢ଼ିଉଠିଲା, ମହାଭାରତ । ମା କହିଲେ, "ପିଲାଏ, ଯାହା ଆଣିଛ ପାଞ୍ଚ ଭାଇ ସମାନ ଭାଗରେ ବାଣ୍ଟିକରି ଭୋଗକର ।" ମା' ଜାଣି ନଥିଲେ ଯେ, ତାଙ୍କ ପୁଅମାନେ ଅର୍ଥାତ୍ ପଞ୍ଚପାଣ୍ଡବମାନେ 'ଦ୍ରୌପଦୀ' ନାମ୍ନୀ ଯୁବତୀଟିଏ ଆଣିଛନ୍ତି । ମାତୃଦେବୀଙ୍କର ଆଦେଶ ଦେବତାର ଆଦେଶ । ତେଣୁ ପୁଅମାନେ ମିଳିତ ଭାବରେ ତାଙ୍କୁ 'ଧର୍ମ-ପତ୍ନୀ' କଲେ । ସେହିପରି, ରାଜା ଦଶରଥ କହିଲେ, 'ରାମ, ତୁମେ ବଣକୁ ଯାଅ' । ପିତୃ ଦେବତାଙ୍କର ଆଦେଶ ଅଲଙ୍ଘ୍ୟ । ତେଣୁ, ଆମକୁ ଯେତେ ଅବୈଧ, ଅସଙ୍ଗତ ଓ ଅନ୍ୟାୟ ପ୍ରତୀତ ହେଲେ ମଧ୍ୟ ରାମଚନ୍ଦ୍ର ସେହି 'ଦେବତା'ଙ୍କର ଆଦେଶରେ ବନଗାମୀ ହେଲେ । ବିଭିନ୍ନ ପୁରାଣରେ ଏଭଳି ବହୁ ଉପାଖ୍ୟାନ ରହିଅଛି ।

ଉପେନ୍ଦ୍ର ଭଞ୍ଜ ବୋଧହୁଏ ଏହି ନୀତି ଧରି ତାଙ୍କର କାବ୍ୟାବଳୀ ରଚନା କରି ଯାଇଛନ୍ତି । ଏ କ୍ଷେତ୍ରରେ ଆହୁରି ଗବେଷଣା ହୋଇ ନ ଥିବାରୁ, କେବଳ ଗୋଟିଏ ଉଦାହରଣ ଏଠାରେ ଦିଆଯାଇପାରେ ।

## ଭଞ୍ଜଙ୍କ 'ପ୍ରେମସୁଧାନିଧି' କାବ୍ୟର ମୂଳ ପ୍ରଶ୍ନୋପନିଷଦ—

ଦଶ ଉପନିଷଦ ଅନ୍ତର୍ଗତ ପ୍ରଶ୍ନୋପନିଷଦର ଆଧାର ଉପରେ ଭଞ୍ଜଙ୍କର ପ୍ରେମ ସୁଧାନିଧି କାବ୍ୟ ରଚିତ ହୋଇଥିବା ପ୍ରତୀତ ହୁଏ ।

---

(୧) ତୈତ୍ତିରୀୟ ଉପନିଷଦ୍

## ପ୍ରଶ୍ନୋପନିଷଦରେ ଅଛି—

"ଅଥ ହୈନଂ ସୁକେଶା ଭାରଦ୍ୱାଜଃ ପପ୍ରଚ୍ଛ, ଭଗବନ୍ ! ହିରଣ୍ୟନାଭଃ କୌଶଲ୍ୟୋ ରାଜପୁତ୍ରୋ ମାମୁପେତ୍ୟୈତଂ ପ୍ରଶ୍ନମପୃଚ୍ଛତ । ଷୋଡ଼ଶକଳଂ ଭାରଦ୍ୱାଜ ପୁରୁଷଂ ବେତ୍ଥ, ତମହଂ କୁମାରମବ୍ରୁବ ନାହ ମିମଂ ବେଦ" × × । ସ ତୁଷ୍ଣୀଂ ରଥ ମାରୁହ୍ୟ ପ୍ରବବ୍ରାଜ । ତଂ ତ୍ୱା ପୃଚ୍ଛାମି କ୍ୱା ସୌପୁରୁଷ ଇତି ।"

(ଷଷ୍ଠ ପ୍ରଶ୍ନ)

ପ୍ରସଙ୍ଗ ଧରି, ଏହାର ଅର୍ଥ ଏପରି ବୁଝାଇ ଦିଆଯାଇପାରେ—

ଭାରଦ୍ୱାଜ ସୁକେଶା ( ପିପ୍‌ପଲାଦଙ୍କୁ ) ପଚାରିଲେ, ହେ ଭଗବନ୍, ହିରଣ୍ୟନାଭ ନାମକ କୋଶଳ ଦେଶର ରାଜପୁତ୍ର ମୋ ପାଖକୁ ଆସି ମତେ ପଚାରିଲେ, "ହେ ସୁକେଶ, ତୁମେ ଷୋଡ଼ଶ କଳାବଶିଷ୍ଟ ପୁରୁଷଙ୍କୁ ଜାଣ କି ?" "ମୁଁ ଜାଣେ ନାହିଁ ବୋଲି ତାଙ୍କୁ କହିଲି ।" ଉପରେ ସେ ମତେ ଆଉ କିଛି ନ କହି, ରଥରେ ବସି ଚାଲିଗଲେ ।"

ଏହାପରେ ଆଗ୍ରହୀପ୍ରବର ପିପ୍‌ପଳାଦ, ସୁକେଶାଙ୍କୁ ବୁଝାଇ କହି-ଅଛନ୍ତି,—"ସେହି ଷୋଳକଳା ବିଶିଷ୍ଟ ପୁରୁଷ ମନୁଷ୍ୟର ହୃଦୟରେ ହିଁ ଅଛନ୍ତି । ମନୁଷ୍ୟ ଚେଷ୍ଟା କଲେ ତାଙ୍କୁ ଦେଖିପାରିବ ।"

ଷୋଳକଳା ବିଶିଷ୍ଟ ପୁରୁଷଙ୍କର ଅଧିକ ପରିଚୟ ବା ବିବରଣୀ ଦେବାକୁ ଯାଇ ପ୍ରାଣ, ଶ୍ରଦ୍ଧା, ପଞ୍ଚଭୂତ, ଇନ୍ଦ୍ରିୟ ପ୍ରଭୃତିର ନାମ ଉଲ୍ଲେଖ କରି କଳା-ମାନଙ୍କୁ ଚିହ୍ନାଇ ଦେଇଛନ୍ତି । (୧)

ଏଥିରେ ଥିବା ଚାରୋଟି କଥା ଲକ୍ଷ୍ୟ କରାଯାଇପାରେ, ଯଥା—

(୧) କୋଶଳ ରାଜପୁତ୍ର

(୨) ରଥରେ ଚଢ଼ି ଚାଲିଯିବା

(୩) ଷୋଳ କଳା ବିଶିଷ୍ଟ ପୁରୁଷ

(୪) ସେ ଏହି ଶରୀରରେ ଅଛନ୍ତି ଓ ମନୁଷ୍ୟ ଚେଷ୍ଟା କଲେ ତାଙ୍କୁ ଚିହ୍ନି ପାରିବ ।

## ପ୍ରେମ ସୁଧାନିଧିରେ ଅଙ୍କ—

ଭଞ୍ଜଙ୍କର ପ୍ରେମ ସୁଧାନିଧିର ନାୟକ ହେଉଛନ୍ତି 'କୋଶଳ-ରାଜପୁତ୍ର'। କବି ଲେଖିଛନ୍ତି—

"ଉଜ୍ଜ୍ୱଳ ଉଜ୍ଜ୍ୱଳ ରସେ ଗୀତ ହୋଇବ
ମାନବ ମାନସ ହଂସ ରୂପେ କ୍ରୀଡ଼ିବ
ସୁର ସୁରଞ୍ଜନ ତେଜ ସେହି ବଂଶରେ
ଜାତ ଜାତ ବେଦ ରାଜା ଅରି ବଂଶରେ
କୁଶଳ କୁଶଳ ଦେଶ ପାଳନେ ସେହି
କୁମାର କୁମାର ପାର ସମାନ ନୋହି।" (୧।୫-୮ ମଧ୍ୟରେ)

ଏଥିରେ ଥିବା 'ମାନସ ହଂସ' 'ସୁର ସୁରଞ୍ଜନ ତେଜ' 'ଜାତ ଜାତ ବେଦ' ଏବଂ 'କୁଶଳ ଦେଶ × (ରାଜ) କୁମାର'—ଏହି ଗୁଡ଼ିକ ଅଂଶ ଗମ୍ଭୀର ଭାବରେ ଅନୁଧ୍ୟେୟ। ଏଗୁଡ଼ିକର ବିଚାର କରାଯାଉ—

(୧) 'ମାନସ ହଂସ'—ଏହା ଆମକୁ ଓଡ଼ିଆଙ୍କର ପ୍ରିୟ ପାଠ୍ୟ ଗୀତ-ଗୋବିନ୍ଦର 'ମୁନିଜନ ମାନସ ହଂସ' ମନେପକାଇ ଦିଏ। (୧) ଏଥିରେ ଭଗବାନ୍ ଶ୍ରୀକୃଷ୍ଣଙ୍କର ବନ୍ଦନା କରାଯାଇଛି। ଭଗବାନ ହରି ବା ଶ୍ରୀକୃଷ୍ଣ ହେଉଛନ୍ତି—ମୁନିଙ୍କର ମନ ରୂପକ ମାନସ ସରୋବରର ରାଜହଂସ। ମୁନି ଋଷିମାନେ ଏହି ପରମପୁରୁଷଙ୍କୁ ଏକାଗ୍ର ଚିତ୍ତରେ ଧ୍ୟାନ କରିବା କଥା ଉପନିଷଦ-ମୁଖରୁ ବିବୃତ ହୋଇ ଆସିଛି। ରାମ ପୂର୍ବତାପିନ୍ୟୁପନିଷଦରେ କୁହାଯାଇଛି—

'ରମନ୍ତେ ଯୋଗିନୋ ନନ୍ତେ
ନିତ୍ୟାନନ୍ଦେ ଚିଦାତ୍ମନି।' (୨)

---

(୧) ପୂର୍ଣ୍ଣ ପଦଟି ହେଉଛି—
ଶ୍ରିତକମଳା କୁଚମଣ୍ଡଳ ମଣ୍ଡନ, ଭବ ଖଣ୍ଡନ
ମୁନିଜନ ମାନସ ହଂସ, ଜୟ ଜୟ ଦେବ ହରେ। (୧ମ ସର୍ଗ)

(୨) ରା: ପୂ: ତା ୧।୬

ସୁତରାଂ, ଏହି 'ମାନସ ହଂସ' ଶବ୍ଦ ପ୍ରୟୋଗ କରି କବି ସୂଚନା ଦେଇ ଅଛନ୍ତି ଯେ ବିଶ୍ୱମାନବ ମାନସ ରୂପୀ ମାନସ ସରୋବରରେ ଯେ ହଂସରୂପେ କ୍ରୀଡ଼ା କରନ୍ତି, ସେହି ପରମ ପୁରୁଷ ପରମାତ୍ମାଙ୍କ କଥା ହିଁ ଅତି ଗୁହ୍ୟ, ଅପ୍ରକଟ, ବିଦଗ୍‌ଧୈକବୋଧ୍ୟ ଭାବରେ ଏହି କାବ୍ୟରେ ପ୍ରତିପାଦିତ ହୋଇଅଛି ।

ଦ୍ୱିତୀୟରେ, ଏହି ଉକ୍ତିରେ 'ସୁର-ସୁରଞ୍ଜନ' କଥା ଅଛି । ପରମାତ୍ମା ପରମ ପୁରୁଷ 'ସୁର' ବା ଦେବତାମାନଙ୍କର ଧ୍ୟେୟ ରୂପେ ସେମାନଙ୍କ ମନକୁ ରଞ୍ଜିତ କରିଥାଆନ୍ତି । ଏହା ହିଁ ବହୁ ଶାସ୍ତ୍ରରେ ଉଦ୍‌ଘୋଷିତ । ଭଗବଦ୍ ଗୀତାରେ କୁହାଯାଇଛି—

"ଅମୀ ହି ତ୍ୱାଂ ସୁରସଂଘାବିଶନ୍ତି
କେଚିଦ୍‌ଭୀତାଃ ପ୍ରାଞ୍ଜଳୟୋ ଗୃଣନ୍ତି ।" (୧୧।୨୧)

ସୁତରାଂ, ସେହିଁ ପରମ ପୁରୁଷ ଏହି କାବ୍ୟରେ ପ୍ରଚ୍ଛନ୍ନରୂପେ ପ୍ରତିପାଦିତ, ସେ ସୁରମାନଙ୍କର ମଧ୍ୟ ବନ୍ଦନୀୟ ବୋଲି କବି ସୂଚନା ଦେଇଅଛନ୍ତି ।

ତୃତୀୟରେ, "ଜାତ ଜାତବେଦ", ଏହିତକ ଲେଖି, ଏହି ପ୍ରେମ ସୁଧାନିଧି କାବ୍ୟ ଯେ ବେଦରୁ ଜାତ, ( ବେଦର ବିଶିଷ୍ଟ ଅଂଶ ଉପନିଷଦର ତତ୍ତ୍ୱରୁ ଜାତ ବା ବିକଶିତ ) ଏହା ମଧ୍ୟ ସୂଚାଇ ଦେଇଅଛନ୍ତି ।

ଚତୁର୍ଥରେ, ପ୍ରଶ୍ନୋପନିଷଦର ମୂଳ ପ୍ରଶ୍ନକର୍ତ୍ତା 'କୋଶଳ ରାଜକୁମାର' ଥିବାରୁ, ସେହି କୋଶଳ ରାଜକୁମାରଙ୍କୁ ହିଁ ଏଠାରେ ମୂଳ ରୂପେ ଗ୍ରହଣ କରି କବି ତାଙ୍କର ଲୀଳାବିଳାସ ବର୍ଣ୍ଣନରେ ଉଦ୍ୟତ ହୋଇଅଛନ୍ତି । ଭଗବତ୍ ପ୍ରେମ ହିଁ ଯେ ସୁଧା ବା ଅମୃତ ( =ଅବିନାଶୀ, ସନାତନ ନିତ୍ୟ ) ହେବା ଦିଗରେ ନିଧି (ଖଣି) ସ୍ୱରୂପ, ଏଥିରେ ଭକ୍ତଜନ-ସମାଜରେ ମତଦ୍ୱୈଧ ଆଇ ନ ପାରେ ।

(୨) ପ୍ରଶ୍ନୋପନିଷଦରେ ଅଛି— ପ୍ରଶ୍ନ ପଚାରି ସାରିବା ପରେ, ଉତ୍ତର ନ ପାଇବାରୁ କୋଶଳ ରାଜକୁମାର ରଥ ଆରୋହଣ ପୂର୍ବକ ଫେରିଗଲେ ।

ଏହି କଥା ମନେରଖି ପାଠକମାନେ 'ପ୍ରେମ ସୁଧାନିଧି'ର ନିମ୍ନ-ଉଦ୍ଧୃତ ଅଂଶ ବିଚାର କରନ୍ତୁ—

"ନୃପ ନୃପସୁତ ଶୁଣି ହଉଥିଲେ ମଗ୍ନ
ଗଣକ ଗଣକରେ ଜଣାଇଲେ ଲଗ୍ନ
କୁଞ୍ଜର କୁଞ୍ଜର ହସ୍ତ ଚସ୍ତୁ ସଙ୍ଗରେ
ମରୁତ ମରୁତ ବେଗ ରଥ ଗତିରେ ।" (୧।୩୨-୩୩)

ଟୀକାକାର ଏଥିର ଅର୍ଥ କରିଛନ୍ତି—

"ତହୁଁ କୋଶଳ ରାଜପୁତ୍ର ବିବାହ ଉପଲକ୍ଷରେ ଉତ୍ତମ ହସ୍ତୀ ଓ ଘୋଟକମାନଙ୍କୁ ନେଇ ପବନ ବେଗରେ ରଥ ଚଳାଇଲେ ।" (୧)

ଦେଖାଯାଏ, ଉପନିଷଦରେ ଓ 'ପ୍ରେମ ସୁଧାନିଧି' କାବ୍ୟରେ କୋଶଳ ରାଜପୁତ୍ର ରଥ ଆରୋହଣ କରିବାର ଉଲ୍ଲେଖ ରହିଅଛି ।

(୩) 'ଷୋଳକଳା' ବିଶିଷ୍ଟ ପୁରୁଷଙ୍କର ପରିଚୟ ପ୍ରଶ୍ନ କରାଯାଇଛି ଉପନିଷଦରେ । ଭଞ୍ଜ ପ୍ରେମ ସୁଧାନିଧିର ଶେଷରେ ଲେଖିଛନ୍ତି—

"ହୋଇ ଘେନି ଷୋଳକଳା ସଦା ପୂର୍ଣ୍ଣ ତହିଁ
ଅଙ୍କ ରାହୁ ଦୂଷଣିକୁ ଅବକାଶ ନାହିଁ ।
ପ୍ରତିପଦରେ ପ୍ରତିଦଶ ତହିଁ ପ୍ରକାଶିବ
ରସିକ ହୃଦୟ ରତ୍ନାକର ଉଲ୍ଲାସିବ ।
ପଣ୍ଡିତ କୁମୁଦ ମୁଦ ବର୍ଦ୍ଧନ କରିବ
ଖଳକୁଳ ଅନ୍ଧକାର ବେଗେ ବିଦାରିବ
ମନ ଚକୋରକୁ ତୋଷ କରିବ ସନ୍ତତ
ପୁଣି ହୁଏ ଗୀତ ନାରିକେଳ ଫଳବତ
ବାହାରେ କର୍କଶ ଭିତରେ ତ ସରସତା
ଜାଣିବା ଜନ କଣ୍ଠକୁ ହୋଇବ ମୁକୁତା ।"

୧୬ଶ ଛାନ୍ଦ

(୧) ଧର୍ମଗ୍ରନ୍ଥ ଷ୍ଟୋର ପ୍ରକାଶିତ ସଟୀକ 'ପ୍ରେମ ସୁଧାନିଧି'— ପୃ-୬

କବି ଉପନିଷଦର ଭାଷାରେ 'ଷୋଳକଳା' ସ୍ପୃଷ୍ଟ ଥିବା ଏହି କାବ୍ୟର ଗୌରବ ବଡ଼ ବ୍ୟଞ୍ଜନାତ୍ମକ ଭାଷାରେ ଗାନ କରିଅଛନ୍ତି । ଏହି କାବ୍ୟ ପଢ଼ି ଯଦି କେହି କହେ, "ଭଞ୍ଜେ ବେଦ ପଢ଼ି ନ ଥିଲେ", ତେବେ ଏହି କାବ୍ୟଗତ ଷୋଳକଳା ବିଶିଷ୍ଟ ପୁରୁଷଙ୍କ କଥା ତାଙ୍କୁ ଜଣାଇ ଦିଆଗଲେ, ସେ ନିଜେ ନିଜର ଦୋଷ ମାନିଯିବ ଓ ଆକ୍ଷେପ କରିବ ନାହିଁ ।

ଉପନିଷଦର 'ଷୋଳକଳା' ଶବ୍ଦକୁ ଭଞ୍ଜ ଅବିକଳ ଗ୍ରହଣ କରି କହିଛନ୍ତି—ଏହି କାବ୍ୟ-ରସିକ ଏବଂ ପଣ୍ଡିତ, ଉଭୟଙ୍କୁ ପ୍ରୀତିପ୍ରଦାନ କରିବ । ଯେଉଁମାନେ ରସିକ ଅର୍ଥାତ୍ ପ୍ରେମତତ୍ତ୍ୱଜ୍ଞ ବା ଶୃଙ୍ଗାର ପ୍ରଭୃତି ନବରସ ପ୍ରତିପାଦକ ଅଳଙ୍କାର ଶାସ୍ତ୍ରଜ୍ଞ, ସେମାନେ ଏଥିର ଆଳଙ୍କାରିକ ସୌନ୍ଦର୍ଯ୍ୟ ଓ ପ୍ରେମତତ୍ତ୍ୱ ଦେଖି ଆନନ୍ଦିତ ହେବେ । ଯେଉଁମାନେ ପଣ୍ଡିତ (୧) ଅର୍ଥାତ୍ ଶାସ୍ତ୍ରୋଜ୍ଜ୍ୱଳାବୁଦ୍ଧି ସମ୍ପନ୍ନ, ସେମାନେ ଏହି କାବ୍ୟର ବିଭିନ୍ନ ସ୍ଥଳରେ ପରମ ପୁରୁଷଙ୍କର ଷୋଳକଳାର ସଙ୍କେତ ଉପଲବ୍ଧ କରି ପରମ ଆପ୍ୟାୟିତ ହେବେ । ଖଳମାନେ ଯେପରି ସାଧୁ ପୁରୁଷଙ୍କର ଅନିଷ୍ଟକାରକ, ମାନସିକ ସତ୍ପ୍ରବୃତ୍ତି-ମାନଙ୍କର ଅନିଷ୍ଟକାରୀ ହେଉଛନ୍ତି, କାମ, କ୍ରୋଧ ପ୍ରଭୃତି ଷଡ୍‌ରିପୁ । ଏହି ଷୋଳକଳା ବିଶିଷ୍ଟ ପରମ ପୁରୁଷଙ୍କର ତତ୍ତ୍ୱ ଜାଣିପାରିଲେ ମାନବ ଉପରେ ଏହି ରିପୁ ବା ଖଳମାନଙ୍କର ଆଉ ଆଧିପତ୍ୟ ରହିବ ନାହିଁ । ଏ କାବ୍ୟର ବାହାରଟା ସାଧୁମାନଙ୍କ ପରି କର୍କଶ ବା ନୀରସ । କିନ୍ତୁ ପ୍ରେମର ବାହ୍ୟ ବା ଇନ୍ଦ୍ରିୟଜନ୍ୟ-ଉପଲବ୍ଧିର ଆବରଣ ଭେଦ କରି ଯେ ଭିତରେ ପ୍ରବେଶ କରି ପାରିବ, ସେ ସେହି ଶାଶ୍ୱତ, ଅନାମୟ ପରମ ପୁରୁଷଙ୍କର ତତ୍ତ୍ୱ ରସରେ ଏକାନ୍ତ ପ୍ରୀତିବନ୍ତ ହୋଇ ଉଠିବ । ସେ 'ମୁକୁତା' (=ମୁକ୍ତା) ମାଳା ପରି ଏହି କବିତାକୁ କଣ୍ଠରେ ଧାରଣ କରିବ ବା ଆବୃତ୍ତି କରିବ ବୋଲି ବାହ୍ୟ-ଅର୍ଥରେ କବି ଲେଖିଛନ୍ତି । କିନ୍ତୁ 'ମୁକୁତା' ଶବ୍ଦ ପ୍ରୟୋଗ କରି, ତାଙ୍କର ବିଭୁପ୍ରେମଭରା ଅନ୍ତର-ଗନ୍ଧାଘର ଭିତରକୁ ଟିକିଏ ଦେଖାଇବା ପାଇଁ ସେ ଏକ ଶ୍ରେଷ୍ଠ ଗବାକ୍ଷ ରଖିଦେଇଛନ୍ତି । 'ମୁକୁତା'ର ଅର୍ଥ ମୁକ୍ତା = ମୁକ୍ତ ହେବା । ବେଦବେଦାନ୍ତ ପ୍ରଭୃତି ଯାବତୀୟ ତତ୍ତ୍ୱ ଶାସ୍ତ୍ରରେ ମୁକ୍ତି ହିଁ

---

(୧) ପଣ୍ଡା ଶାସ୍ତ୍ରୋଜ୍ଜ୍ୱଳାବୁଦ୍ଧିଃ । ପଣ୍ଡା ଶବ୍ଦର ଅର୍ଥ—ଶାସ୍ତ୍ରର ଜ୍ଞାନାଲୋକରେ ଆଲୋକିତ ବୁଦ୍ଧି । ସେହି ବୁଦ୍ଧି ଅଛି ଯାହାର, ସେ ପଣ୍ଡିତ

ପରମ କାମ୍ୟରୂପେ ପ୍ରତିପାଦିତ । ଯେଉଁମାନେ କହନ୍ତି—"ମୁକ୍ତିକୁ ମଧ୍ୟ ଆମେ ଗ୍ରହୁଁ ନାହୁଁ, ଆମେ ଗ୍ରହୁଁ ଭଗବାନଙ୍କର ନିତ୍ୟ ପଦସେବା" ସେମାନେ ମଧ୍ୟ ପ୍ରକାରାନ୍ତରରେ ମୁକ୍ତିର ସର୍ବାଧିକ କାମ୍ୟତା ପ୍ରତିପାଦନ କରିଥାଆନ୍ତି । କବି ଏହି କାବ୍ୟର ପ୍ରଥମ ସ୍ତବକରେ (୩୮ଶ ପଦ) 'ପୁରୁଷ' ଶବ୍ଦ ପ୍ରୟୋଗ କରି, ପ୍ରକାରାନ୍ତରରେ, ଷୋଳକଳା ବିଶିଷ୍ଟ 'ପୁରୁଷ'ଙ୍କ ଧାରଣାରୁ ହିଁ ଏହି କାବ୍ୟର ପରିକଳ୍ପନା କଥା ସୂଚାଇଛନ୍ତି । ଏ କାବ୍ୟର ବାହ୍ୟ-ଅର୍ଥ କବିଙ୍କର ବ୍ୟାବହାରିକ ଜଗତର ଅନୁଭୂତି ହେଲେ, ମାତ୍ର ଏହାର ଭିତିର ଅର୍ଥ ବେଦରୁ (ଉପନିଷଦରୁ) ଜାତ ତତ୍ତ୍ୱଜ୍ଞାନର ଅନୁରୂପ ସାରସ୍ୱତ ରୂପାୟନ ।

(୪) ଉପନିଷଦରେ କୁହାଯାଇଛି, ସେହି 'ପୁରୁଷ' ଏହି ଦେହ ଭିତରେ ଅଛନ୍ତି । ସାଧକମାନେ ସାଧନା ବଳରେ ତାଙ୍କୁ ଉପଲବ୍ଧି କରନ୍ତି ।

ଆମ୍ଭମାନଙ୍କର ଏହି ଶରୀର ଏକ କୃମି ପିଣ୍ଡ, ମଳ-ମୂତ୍ରର ଆଗାର-ଆଧାର ମଧ୍ୟ (୧) । ତାହାର ନବଦ୍ୱାର; ପ୍ରତି ମୁହୂର୍ତ୍ତରେ ପରିଦୃଶ୍ୟମାନ ଜଗତକୁ ସମ୍ଭୋଗ କରିବା ପାଇଁ ଇନ୍ଦ୍ରିୟଗୁଡ଼ିକ (ପଞ୍ଚେନ୍ଦ୍ରିୟ) ବ୍ୟଗ୍ର-ଲାଳାୟିତ । ଅଥଚ, ଏହି ରକ୍ତ ମାଂସର ପିଣ୍ଡ ଭିତରେ ପରମ ପୁରୁଷ ଭଗବାନ ନିତ୍ୟ ବିରାଜିତ । ଏହି ଜଡ଼ପିଣ୍ଡ, ନବଦ୍ୱାର, ପଞ୍ଚେନ୍ଦ୍ରିୟ, ଷଡ଼-ରିପୁ—ଏ ସମସ୍ତଙ୍କୁ ମନୋବଳରେ ଏବଂ ଜ୍ଞାନଶକ୍ତିରେ ଯେ ଅତିକ୍ରମ କରିପାରେ, ସେ ହିଁ ଭଗବାନଙ୍କୁ ହୃଦୟ ଭିତରେ ଉପଲବ୍ଧି କରିପାରିବ ।

ଆହୁରି ମଧ୍ୟ, ଏଥିରେ ଏହି ସଙ୍କେତ ପ୍ରଦତ୍ତ ହୋଇଛି ଯେ, ସାହିତ୍ୟର ବାହ୍ୟରୂପ ଶବ୍ଦ, ଛନ୍ଦ, ଅଳଙ୍କାର, ଭାବନା, ବର୍ଣ୍ଣନା, କଳ୍ପନା ପ୍ରଭୃତି ହେଲେ

---

(୧) ଶ୍ରୀମଦ୍‌ଭାଗବତରେ ଅଛି—

"ଅମେଧ୍ୟପୂର୍ଣ୍ଣେ କୃମି ଜାଳ ସଂକୁଳେ
ସ୍ୱଭାବ ଦୁର୍ଗନ୍ଧ ନିନ୍ଦିତାନ୍ତରେ ।
କଳେବରେ ମୂତ୍ର ପୁରୀଷ ଭାବିତେ
ରମନ୍ତି ମୂଢ଼ା ନ ରମନ୍ତି ପଣ୍ଡିତାଃ ।"

ମଧ୍ୟ ଭାଷା ଓ ଭାବର ଅନ୍ତରାଳରେ ଶବ୍ଦ ଶକ୍ତିର ମୂଳାଧାର ସ୍ୱରୂପ ଭଗବତ୍ ସତ୍ତା ହିଁ ବିଦ୍ୟମାନ । ସେଇତକ ଭୁଲିଗଲେ, ସାହିତ୍ୟରୁ ଭୌତିକ, କ୍ଷଣିକ ଓ ଋପଗର୍ଭିତ ଆନନ୍ଦ ମିଳିପାରେ, ମାତ୍ର 'ରସୋବୈ ସଃ'ରେ ସର୍ବବ୍ୟାପକ ପରମାତ୍ମାଙ୍କର ଯେଉଁ ବିରାଟ ପରିକଳ୍ପନା ରୂପାୟିତ, ତାକୁ ହରାଇବାକୁ ପଡ଼ିବ ।

## ବେଦାଙ୍ଗ-ଜ୍ୟୋତିଷ ଅଧ୍ୟୟନ—

ବେଦର ଛ'ଟି ଅଙ୍ଗରୁ ଷଷ୍ଠ ବା ଶେଷ ଅଙ୍ଗ ହେଉଛି ଜ୍ୟୋତିଷ । ଅନ୍ୟ ପାଞ୍ଚଗୋଟି ହେଉଛି, ଶିକ୍ଷା, କଳ୍ପ, ବ୍ୟାକରଣ, ନିରୁକ୍ତ, ଛନ୍ଦ ଓ ଜ୍ୟୋତିଷ । ବେଦାଧ୍ୟାୟୀମାନେ ଏଇ ଷଡଙ୍ଗ ପଢ଼ିଥାଆନ୍ତି । ଆମ ଦେଶର କେତେକ ବ୍ରାହ୍ମଣଙ୍କର ଯେଉଁ 'ଷଡ଼ଙ୍ଗୀ' ନାମକ ସଂଜ୍ଞା ଅଛି, ତାହା ଏହି 'ଷଡ଼ଙ୍ଗ' ଅଧ୍ୟୟନର ସ୍ୱୀକୃତିସୂଚକ ସମ୍ମାନସୂଚକ ଉପନାମ ମାତ୍ର । ତେବେ, ସାଧାରଣ ସଂସ୍କୃତ ପଣ୍ଡିତମାନେ ଏଇ ଛ'ଟିରୁ ଶେଷ ଦୁଇଗୋଟି ପଢ଼ିଥାଆନ୍ତି । ନିରୁକ୍ତ କଥା ମଧ୍ୟ ସ୍ୱତନ୍ତ୍ର କହିଲେ ଚଳେ । କାରଣ, ବ୍ୟାକରଣକୁ ଯେଉଁମାନେ ସ୍ୱତନ୍ତ୍ର ଭାବରେ ଅଧ୍ୟୟନ (Specialise) କରନ୍ତି, ସେମାନେ ପାଣିନି ପ୍ରଭୃତି ବ୍ୟାକରଣ ସହିତ ପାତଞ୍ଜଳ ମହାଭାଷ୍ୟ ଓ ଯାସ୍କ ପ୍ରଣୀତ ନିରୁକ୍ତ ଅଧ୍ୟୟନ କରନ୍ତି ।

ଦକ୍ଷିଣ ଓଡ଼ିଶାର ପରମ୍ପରାରୁ ଜଣାଯାଏ, ସେତେବେଳେ ଦାକ୍ଷିଣାତ୍ୟ ସହିତ ସେ ଅଞ୍ଚଳର ଘନିଷ୍ଠ ସମ୍ପର୍କ ଥିଲା । ତେଣୁ ବଡ଼ ପଣ୍ଡିତ ହେବା ପାଇଁ ପାଣିନି ବ୍ୟାକରଣର ଅଧ୍ୟୟନ ଅପରିହାର୍ଯ୍ୟ ଥିଲା । ଏଥିର ବିସ୍ତୃତ ଏଥିପୂର୍ବେ ଭଞ୍ଜଙ୍କ ବ୍ୟାକରଣ ଅଧ୍ୟୟନ ପ୍ରସଙ୍ଗରେ କରାଯାଇଛି (୧) ।

ଭଞ୍ଜେ ପାଣିନି ବ୍ୟାକରଣ ସହିତ ମହାଭାଷ୍ୟ ଓ ନିରୁକ୍ତ ଅଧ୍ୟୟନ କରିଥାଇ ପାରନ୍ତି । ଜଣେ ନିରୁକ୍ତାଧ୍ୟାୟୀ ପଣ୍ଡିତ ଏ ବିଷୟରେ ନିବେଦନ କଲେ ହୁଏତ

---

(୧) ଯଦିଓ ବ୍ୟାକରଣ-ଅଧ୍ୟୟନ କଥା ଏହି ସ୍ଥଳରେ ଆଲୋଚିତ ହୋଇଥାଆନ୍ତା, ତଥାପି, ଆମ ଦେଶର ପାଠ୍ୟକ୍ରମ ଦୃଷ୍ଟିରୁ କୋଷଗ୍ରନ୍ଥ ସହିତ ବ୍ୟାକରଣ ଗ୍ରନ୍ଥାଧ୍ୟୟନର ବିବରଣୀ ଏହା ଆଗରୁ ପ୍ରଦତ୍ତ ହୋଇଅଛି ।

କେତେକ ପ୍ରମାଣ ଉପଲବ୍ଧ ହେବ । ତାହା ଆଗରୁ ଏଭଳି ଅନୁମାନ ବ୍ୟକ୍ତୀତ ଅଧିକ କିଛି କହି ହେବ ନାହିଁ ।

କିନ୍ତୁ 'ଜ୍ୟୋତିଷ' ଓ ଛନ୍ଦର ଅଧ୍ୟୟନ ବିଷୟରେ ସନ୍ଦେହ ଥାଇ ନ ପାରେ । ଭଞ୍ଜେ ନିଜେ ନିଜ ବିଷୟରେ କହିଅଛନ୍ତି—

"କୁମର ଜ୍ୟୋତିଷ ତାଙ୍କର ଶ୍ରେଷ୍ଠ
କବି ପଣରେ ଅତି ପରନିଷ୍ଠ
କୋଷାଭିଧାନ ସାକ୍ଷାତ ଜନ
କବିତା ଛନ୍ଦ ବନ୍ଧେ କେ ସମାନ
କଳା ପିଙ୍ଗଳ ଶାସ୍ତ୍ରେ ଅନର୍ଗଳ
କେତେ ପ୍ରବନ୍ଧେ ପୂରାଇ ଭୂତଳ ।"

( ରସପଞ୍ଚକ—ଶେଷାଂଶ )

କବିଙ୍କର ସ୍ୱକୀୟ ଉକ୍ତି ଅନୁସାରେ ଛନ୍ଦ ବନ୍ଧରେ ଯେ ପ୍ରବୀଣ ଏବଂ ପିଙ୍ଗଳ ଛନ୍ଦ ଶାସ୍ତ୍ରରେ ଯେ ଧୂରନ୍ଧର ( ପୁଣି ସଙ୍ଗୀତ ଶାସ୍ତ୍ରରେ ଯାହାଙ୍କର ବ୍ୟୁତ୍ପତ୍ତି ସୁଗଭୀର ), ତାଙ୍କର ଛନ୍ଦୋବିଷୟକ ଜ୍ଞାନରେ ସନ୍ଦେହ କରିବାର କିଛି ନାହିଁ ।

ଭଞ୍ଜଙ୍କ ଜ୍ୟୋତିଷ ଜ୍ଞାନ ଅସାଧାରଣ (୧) । ତାଙ୍କର ସମସ୍ତ କାବ୍ୟରେ ଜ୍ୟୋତିଷ ଶାସ୍ତ୍ରର ଯେଉଁ ସୁବିସ୍ତୃତ ବିବରଣ ଦେଖାଯାଏ, ତାହା ସାଧାରଣ ପାଠୀ ପକ୍ଷରେ ସମ୍ଭବପର ନୁହେ । ଭଞ୍ଜଙ୍କର ଜ୍ୟୋତିଷ ଜ୍ଞାନ ବିଷୟକ ଆଲୋଚନା ପ୍ରସଙ୍ଗରେ ଏ କଥା ବହୁ ଦୃଷ୍ଟାନ୍ତ ସହିତ ଦର୍ଶାଇ ଦିଆଯାଉଛି ।

---

(୧) ଅଯୋଧ୍ୟା ନିବାସୀ ଓଡ଼ିଆ ସାଧୁ ଶ୍ରୀଯୁକ୍ତ ବଂଶୀଧର ଆଚାର୍ଯ୍ୟ ମତେ ପତ୍ର ଲେଖି ଜଣାଇଛନ୍ତି ଯେ, ଭଞ୍ଜଙ୍କର ସ୍ୱ-ରଚିତ ( ଏବଂ ଯଥାସମ୍ଭବ ସ୍ୱ-ହସ୍ତଲିଖିତ ) ଜ୍ୟୋତିଷ ବିଷୟକ ଗ୍ରନ୍ଥ ମଧ୍ୟପ୍ରଦେଶ ବିଳାସପୁର ଅଞ୍ଚଳରେ ଥିବାର ସମ୍ବାଦ ସେ ପାଇଛନ୍ତି ଓ ସେ ବିଷୟରେ ସେ ଅନୁସନ୍ଧାନ କରୁଛନ୍ତି ।

ଓଡ଼ିଶାରେ ଜ୍ୟୋତିଷ-ଗଣନାର ଏକ ଦୀର୍ଘ ପରମ୍ପରା ରହିଅଛି । ଯେଉଁ ଦେଶରେ ଏକାଦଶ ଶତାବ୍ଦୀରେ ଓଡ଼ିଆ ଜ୍ୟୋତିଷୀ ଶତାନନ୍ଦ 'ଭାସ୍ୱତୀ' ପରି ପାଣ୍ଡିତ୍ୟ-ପ୍ରତିଭା-ମଣ୍ଡିତ ଗ୍ରନ୍ଥ ରଚନା କରି ପାରିଥିଲେ ଏବଂ ଯେଉଁ ଦେଶରେ ଗତ ଶତାବ୍ଦୀର ଶେଷ ଭାଗରେ 'ସିଦ୍ଧାନ୍ତ ଦର୍ପଣ' ପରି ବିଲକ୍ଷଣ ମୌଳିକତା ସମନ୍ୱିତ ଜ୍ୟୋତିଃଶାସ୍ତ୍ରର ରଚନା ସମ୍ଭବପର ହୋଇ ପାରିଛି, ସେ ଦେଶର କବି ପଣ୍ଡିତ-ସମାଜରେ ଜ୍ୟୋତିଃଶାସ୍ତ୍ର, ବ୍ୟାକରଣ ଶାସ୍ତ୍ର ପରି ଯେ ଅବଶ୍ୟ-ପାଠ୍ୟ ରୂପେ ବିବେଚିତ ହେଉଥିଲା, ଏ କଥାରେ ସନ୍ଦେହର ଅବକାଶ ଥାଇ ନ ପାରେ । (୧)

ଏକାଦଶ ଶତାବ୍ଦୀର ଶତାନନ୍ଦ ଏବଂ ଊନବିଂଶ ଶତାବ୍ଦୀର ସାମନ୍ତ-ଚନ୍ଦ୍ରଶେଖରଙ୍କ ମଧ୍ୟରେ ଏହି ଉତ୍କଳଭୂମି ଅନ୍ୟ ଅନେକ ଜ୍ୟୋତିଷ ଗ୍ରନ୍ଥ-କାରଙ୍କୁ ଜନ୍ମ ଦେଇ, ଏହି ଶାସ୍ତ୍ରାଲୋଚନାର ଧାରା ଅପ୍ରତିହତ ରଖିଅଛି । ଏମାନେ ଶତାନନ୍ଦ ଓ ଚନ୍ଦ୍ରଶେଖରଙ୍କ ପରି ଅସାଧାରଣ ମୌଳିକତା ବା କୃତିତ୍ୱ ପ୍ରଦର୍ଶନ କରି ନ ଥିଲେ ହେଁ, ଶାସ୍ତ୍ରଜ୍ଞାନର ଗଭୀରତା ଦେଖାଇବାରେ ଅକୃତକାର୍ଯ୍ୟ ହୋଇ ନାହାନ୍ତି । ଏମାନେ ହେଉଛନ୍ତି—ଶ୍ରୀଧର ଯୋଗୀଶ୍ୱର, ଗୋଦାବର, କୃଷ୍ଣ ମିଶ୍ର, ରଘୁନାଥ ଦାସ, ଧନଞ୍ଜୟାଚାର୍ଯ୍ୟ, ତ୍ରିପୁରାରି ଦାସ, ବାସୁଦେବ ଦାସ, ତ୍ରିଲୋଚନ ମହାନ୍ତି, ନମ୍ବଦେବ, ମାଗୁଣି ପାଠୀ, ଗଦାଧର ପଟ୍ଟନାୟକ, ପଦ୍ମନାଭ ପଟ୍ଟନାୟକ, ଚୈତନ୍ୟ ରାଜଗୁରୁ, କୃଷ୍ଣଶ୍ୱର ହରିଚନ୍ଦନ, ଦୟାନିଧି ନନ୍ଦ ଓ ନୀଳକଣ୍ଠ ନନ୍ଦ । ଏମାନଙ୍କ ବ୍ୟତୀତ ଅନ୍ୟ ଅନେକ ଅଛନ୍ତି ତଥା ଥାଇପାରନ୍ତି ବୋଲି ନିର୍ବିବାଦରେ କୁହାଯାଇ ପାରିବ ।

ଉପେନ୍ଦ୍ରଙ୍କର ଜ୍ୟୋତିଷଶାସ୍ତ୍ର ମୂଳକ ବହୁ ବିଷୟର ବାରମ୍ବାର ଉଲ୍ଲେଖରୁ ଜଣାଯାଉଛି, ଏମାନଙ୍କର ଅନେକ ଗ୍ରନ୍ଥ ସେ ଅବଶ୍ୟ ପଢ଼ିଥିବେ ।

---

(୧) ପଣ୍ଡିତ ବାଇକୋଳି ଜ୍ୟୋତିଷ ବିଶାରଦଙ୍କ ଲିଖିତ 'ଭାରତୀୟ ଜ୍ୟୋତିଷର ଇତିହାସ'ରେ ଓଡ଼ିଶାର ଜ୍ୟୋତିଃଶାସ୍ତ୍ର ଲେଖକମାନଙ୍କର ସମୟ ଓ ଗ୍ରନ୍ଥ ସମ୍ପର୍କରେ ବହୁ ଉପାଦେୟ ତଥ୍ୟ ପ୍ରଦତ୍ତ ହୋଇଅଛି ।

ଏ କ୍ଷେତ୍ରରେ ସ୍ୱତନ୍ତ୍ର ଗବେଷଣା ହେଲେ ତାଙ୍କର ଗ୍ରନ୍ଥସ୍ଥିତ ନିର୍ଦ୍ଦେଶ ପ୍ରଭୃତିରୁ ଅଧୀତ ଗ୍ରନ୍ଥମାନଙ୍କର ଅଭ୍ରାନ୍ତ ସୂଚନା ମିଳିପାରେ ।

**ଉପବେଦ—**

ଯେପରି ବେଦ ପରି ସେପରି ଉପବେଦ ମଧ୍ୟ ଭାରତୀୟ ପଣ୍ଡିତ-ସମାଜର ଏକ ସ୍ୱତନ୍ତ୍ର ଓ ସମ୍ମାନିତ ପାଠ୍ୟ । ଏ ମଧ୍ୟରୁ 'ଗାନ୍ଧର୍ବ ବେଦ' ଓ 'ଆୟୁର୍ବେଦ' ଆଜି ପର୍ଯ୍ୟନ୍ତ ଉଦ୍‌ଜୀବିତ ରହିଛି । 'ଧନୁର୍ବେଦ' କଥା ଲୋକେ ଭୁଲି ଗଲେଣି । ବ୍ୟୋମଯାନର ଗଠନ ପ୍ରଣାଳୀର ସଂକେତ ଥିବା 'ସମରାଙ୍ଗଣ ସୂତ୍ରଧାର' ଭଳି ବହୁ ତଥ୍ୟ ସମ୍ବଳିତ ଗ୍ରନ୍ଥାବଳୀ ବିସ୍ମୃତି ଗର୍ଭକୁ ଚାଲି ଯାଇଛି । ସ୍ଥାପତ୍ୟ ଉପବେଦ ମଧ୍ୟ ଗୌଣ ହୋଇ ଯାଇଛି ।

ସଙ୍ଗୀତ ଶିକ୍ଷା କଥା ଏଥିପୂର୍ବେ କୁହାଯାଇଥିବାରୁ ଏଠାରେ ସେ ସମ୍ପର୍କରେ ପୁନରାବୃତ୍ତି କରାଯାଉ ନାହିଁ । ଆୟୁର୍ବେଦ ଶାସ୍ତ୍ର ତାର ବାସ୍ତବ ଉପଯୋଗିତା ଯୋଗ ଆଦର ସହକାରେ ଅଧୀତ ଓ ପ୍ରଯୁକ୍ତ ହେଉଅଛି । ପୂର୍ବେ ରାଜା ମହାରାଜାମାନେ "ରାଜବୈଦ୍ୟ" ରଖି ଚିକିତ୍ସା କରାଉଥିଲେ । ପୁଣି ରାଜାମାନେ ଘୋଡ଼ା, ହାତୀ ପ୍ରଭୃତି ରଖୁଥିବାରୁ ଗଜାଶ୍ୱାୟୁର୍ବେଦର ଚର୍ଚ୍ଚା ମଧ୍ୟ କରାଉଥିଲେ । ତେବେ, ସଂସ୍କୃତପାଠୀମାନଙ୍କୁ ସାଧାରଣ ଶିକ୍ଷାର ପରିସର ମଧ୍ୟରେ ଆୟୁର୍ବେଦ ଗ୍ରନ୍ଥମାନ ପଢ଼ିବା ଅପରିହାର୍ଯ୍ୟ ନ ଥିଲା ।

ଉପେନ୍ଦ୍ର ଭଞ୍ଜଙ୍କ ପରି ବଡ଼ ବଡ଼ କବିମାନେ ଆତ୍ମପ୍ରତିଷ୍ଠା ପାଇଁ କେତେକ ଶାସ୍ତ୍ର ଉତ୍ତମରୂପେ ଅଧ୍ୟୟନ କରି ଆୟତ୍ତ କରିବା ପରେ, ଆୟୁର୍ବେଦ, ଜ୍ୟୋତିଷ ପ୍ରଭୃତି ପଢ଼ୁଥିଲେ । ପ୍ରସିଦ୍ଧ ଆୟୁର୍ବେଦ ଗ୍ରନ୍ଥ- 'ମାଧବ ନିଦାନ' ଓଡ଼ିଶାର କୃତି ହୋଇଥିବାରୁ, ଜ୍ଞାନପିପାସୁ ଲୋକେ ଏହାକୁ ମଧ୍ୟ ଅଧ୍ୟୟନ କରିବାକୁ ଇଚ୍ଛୁକ ଥିଲେ । ଗତ ୩୦ ୪୦ ବର୍ଷ ମଧ୍ୟରେ ଗଞ୍ଜାମ ମଣ୍ଡଳର ୨୦।୨୫ ଜଣାଯାଏ 'ପ୍ରକାଣ୍ଡ ପଣ୍ଡିତ' ଇହଧାମ ତ୍ୟାଗ କରି ଯାଇଛନ୍ତି । ସେମାନେ ସାହିତ୍ୟ, ଅଳଙ୍କାର, ଧର୍ମଶାସ୍ତ୍ର, ପୁରାଣ, ଦର୍ଶନ ପ୍ରଭୃତିରେ ପ୍ରବୀଣତା ଲାଭ କରିବା ସଙ୍ଗେ ସଙ୍ଗେ ତନ୍ତ୍ର, ଆୟୁର୍ବେଦ,

ଜ୍ୟୋତିଷ ପ୍ରଭୃତିରେ ମଧ୍ୟ ବ୍ୟୁତ୍ପନ୍ନ ଥିବାର ଏହା ଲେଖକ ଅନୁଭବରୁ ଜାଣିଛୁ । ଏହା ଘୁମୁସର, ଆଠଗଡ଼, ଧରାକୋଟ, ଶେରଗଡ଼, ବଡ଼ଗଡ଼ ପ୍ରଭୃତି ରାଜ୍ୟର ଏକ ପ୍ରତିଷ୍ଠିତ ପରମ୍ପରା ଥିଲା । ସୁତରାଂ, ଉପେନ୍ଦ୍ର ନିଜର ପାଣ୍ଡିତ୍ୟାର୍ଜନ ପିପାସା ହେତୁରୁ ଚରକ, ସୁଶ୍ରୁତ ପ୍ରଭୃତି ଗ୍ରନ୍ଥାଧ୍ୟୟନ କରିଥିବାର ଅନୁମିତ ହୁଏ । ହୁଏ ତ 'ପଞ୍ଚସାୟକ' ଲେଖିଲା ବେଳେ ସେ 'ଦ୍ରବ୍ୟଗୁଣ' ଜାଣିବାକୁ ଇଚ୍ଛା କରିଥିବେ । ତାଙ୍କର ବିଭିନ୍ନ କାବ୍ୟରେ ଔଷଧମାନଙ୍କର ନାମ ତଥା ଔଷଧ ବ୍ୟବସ୍ଥାର ଦୃଷ୍ଟାନ୍ତମାନ ଦେଖିଲେ, ତାଙ୍କର ଆୟୁର୍ବେଦ ଗ୍ରନ୍ଥାଧ୍ୟୟନ ସମ୍ପର୍କରେ ପାଠକର ମନରେ ସନ୍ଦେହର ଅବକାଶ ରହେ ନାହିଁ ।

ଭଞ୍ଜେ ଖାଲି ଯେ ସ୍ୱର୍ବୈଦ୍ୟ ଅଶ୍ୱିନୀ କୁମାରଙ୍କ କଥା ଲେଖିଛନ୍ତି (୧), ତାହା ନୁହେ । ସେ ଭାରତ ବିଖ୍ୟାତ ଆୟୁର୍ବେଦ ଶାସ୍ତ୍ର ରଚୟିତା ଚରକ ଓ ସୁଶ୍ରୁତଙ୍କ ନାମୋଲ୍ଲେଖ ମଧ୍ୟ କରିଛନ୍ତି (୨) । ଓଡ଼ିଶା ମଧ୍ୟ ବହୁ ଆୟୁର୍ବେଦ-ଗ୍ରନ୍ଥକାରଙ୍କ ଅବଦାନ ହେତୁ ଏ କ୍ଷେତ୍ରରେ ଋଦ୍ଧିମନ୍ତ ହୋଇ ରହିଛି । ବିଶ୍ୱନାଥଙ୍କ 'ଆୟୁର୍ବେଦ ସାରସଂଗ୍ରହ' ଓ 'ବିଶ୍ୱନାଥ ଚିକିତ୍ସା', କୃଷ୍ଣଦାସଙ୍କ 'କୃଷ୍ଣଦାସ ବୋଲି', ଜଗନ୍ନାଥ ଦାସଙ୍କ 'ଚିକିତ୍ସା ମଞ୍ଜରୀ', ଗୋପୀନାଥ ଷଡ଼ଙ୍ଗୀଙ୍କ 'ଚିକିତ୍ସା ମଞ୍ଜରୀ', ମୁରାରି ଦାସଙ୍କ 'ରୋଗବିନିଶ୍ଚୟ', ରଘୁନାଥ ଦାସଙ୍କ 'ଆୟୁର୍ବେଦ କଳ୍ପଲତା' ଓ 'ଲୀଳାବତୀ' ( ଆୟୁର୍ବେଦ ), ଦୀନବନ୍ଧୁ ହରିଚନ୍ଦନଙ୍କ 'ଶାଳିହୋତ୍ର ରୋଗ ନିଦାନ', ନୀଳାମ୍ବର ସାମନ୍ତରାୟଙ୍କ 'ବୈଦ୍ୟଜୀବନ ବିବରଣ', ଭୁବନେଶ୍ୱର ପାଟଯୋଶୀଙ୍କ 'ଆୟୁର୍ବେଦ ସାରସଂଗ୍ରହ', ଭୀମ ଦାସଙ୍କ 'ଭୀମ ସଂହିତା' ପ୍ରଭୃତି ଏକ ଗୌରବାବହ ପରମ୍ପରାର ଦ୍ୟୋତକ (୩) । ବହୁ ଗ୍ରନ୍ଥପାଠୀ ଭଞ୍ଜ ମଧ୍ୟ ଏଥିରେ ଅବଗାହି ଥିଲେ ।

---

(୧) କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ—୨ୟ ଛାନ୍ଦ

(୨) କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ—୨୩।୨୨

(୩) ଓଡ଼ିଶା ସରକାରଙ୍କ କ୍ୟୁରେଟରର ପଣ୍ଡିତ ନୀଳମଣି ମିଶ୍ରଙ୍କ ସୌଜନ୍ୟରୁ ପ୍ରାପ୍ତ ।

## ଦର୍ଶନଶାସ୍ତ୍ର ଅଧ୍ୟୟନ —

ଭାରତର ସବୁ ଭାଷାର ମହାକବିମାନେ ଊଣା ଅଧିକେ ଦର୍ଶନଶାସ୍ତ୍ର ମଧ୍ୟ ପଢ଼ିଥାନ୍ତି । ଭାରତର ୬ ଗୋଟି ନାସ୍ତିକ ଦର୍ଶନ ଏବଂ ୬ ଗୋଟି ଆସ୍ତିକ ଦର୍ଶନ ମଧ୍ୟରୁ ସାଧାରଣତଃ ଆସ୍ତିକ ଦର୍ଶନ ଷଟ୍କ ହିଁ ପଠିତ ହୋଇଥାଏ (୧) । ଷଷ୍ଠ ଦର୍ଶନର ନାମ 'ବେଦାନ୍ତ ଦର୍ଶନ' । ଭାରତୀୟ କବିମାନେ ପ୍ରାୟଶଃ ଏହି ଦର୍ଶନର ତତ୍ତ୍ୱ ଜାଣିବାକୁ ବ୍ୟଗ୍ର ହୋଇ ଥାଆନ୍ତି । ତାର କାରଣ ହେଉଛି, ମହାମତି ଶଙ୍କରାଚାର୍ଯ୍ୟଙ୍କ ସମୟରୁ ଭାରତର ସାମ୍ପ୍ରଦାୟିକ ଦର୍ଶନ-ମତଗୁଡ଼ିକୁ ପ୍ରତିଷ୍ଠିତ କରିବା ପାଇଁ ମତପ୍ରବର୍ତ୍ତକ ମୁଖ୍ୟ ଆଚାର୍ଯ୍ୟ ପାଦମାନେ ଏହି ଦର୍ଶନର ସୂତ୍ରଗୁଡ଼ିକ ଉପରେ ଭାଷ୍ୟ ରଚନା କରି ଯାଇଛନ୍ତି । ସୁତରାଂ ଅଦ୍ୱୈତବାଦୀ, ବିଶିଷ୍ଟାଦ୍ୱୈତବାଦୀ, ଦ୍ୱୈତବାଦୀ ପ୍ରଭୃତି ମତବାଦୀମାନେ ଏହାକୁ ଏକ ଅବଶ୍ୟ ପାଠ୍ୟ (compulsory) ରୂପେ ଗ୍ରହଣ କରି ଥାଆନ୍ତି ।

ଏହା ବ୍ୟତୀତ, ଶିବ, ଶକ୍ତି, ବିଷ୍ଣୁ, କୃଷ୍ଣ, ରାମ, ଗଣପତି ପ୍ରଭୃତି ଦେବତାଙ୍କ ଉପାସନା ପଦ୍ଧତିର ଅନୁଗାମୀମାନେ ମଧ୍ୟ ଏହି ଦର୍ଶନ ପ୍ରତି ଅନୁରକ୍ତ ହୋଇଥିବାର ଦେଖାଯାଏ । ସ୍ମାର୍ତ୍ତମତାନୁରୂପ ମୁଖ୍ୟ ପଞ୍ଚ-ଦେବତାଙ୍କର ଉପାସକ ଉପେନ୍ଦ୍ର ଭଞ୍ଜ ଷଡ୍ ଦର୍ଶନରେ ପଣ୍ଡିତ ଥିବାର ଲୋକମୁଖରୁ ଶୁଣାଯାଏ । କିନ୍ତୁ ଦର୍ଶନଶାସ୍ତ୍ରମାନଙ୍କର ନିଗୂଢ଼ ତଥ୍ୟରାଜି କେଉଁ କେଉଁ ସ୍ଥଳରେ ପରିବେଷିତ, ତାହାର ଗବେଷଣା ଅଦ୍ୟାପି ହୋଇ ନାହିଁ । କେବଳ ଭଞ୍ଜଭୂମିର ସ୍ୱର୍ଗତ ପଣ୍ଡିତ ପ୍ରବର କବିରାଜ ବ୍ରଜବନ୍ଧୁ ତ୍ରିପାଠୀ ତଦୀୟ 'ମହାକବି ଉପେନ୍ଦ୍ର ଭଞ୍ଜ' ପୁସ୍ତକରେ ଏକ ଭଞ୍ଜୀୟ କବିତାର ଚମତ୍କାର ଟୀକା କରି କବିଙ୍କର ଗଭୀର ଦାର୍ଶନିକ ପାଣ୍ଡିତ୍ୟର ପରିଚୟ ସହିତ ପ୍ରମାଣ ମଧ୍ୟ ଦେଇଅଛନ୍ତି ।

(୧) ଆସ୍ତିକ ଷଡ୍‌ଦର୍ଶନ ହେଉଛି—ସାଂଖ୍ୟ (କପିଳ), ଯୋଗ (ପତଞ୍ଜଳି), ନ୍ୟାୟ (ଗୌତମ), ବୈଶେଷିକ (କଣାଦ), ମୀମାଂସା (ଜୈମିନି), ବେଦାନ୍ତ (ବାଦରାୟଣ) । ନାସ୍ତିକ ଷଡ୍‌ଦର୍ଶନ – ୪ ବୌଦ୍ଧ ଦର୍ଶନ— ସୌତ୍ରାନ୍ତିକ, ବୈଭାଷିକ, ଯୋଗାଚାର, ମାଧ୍ୟମିକ, (ଜୈନ ଦର୍ଶନ)— ଆର୍ହତ ଏବଂ ଲୁହାକ ।

ଉପେନ୍ଦ୍ର ନିଜେ ରାଜପୁତ୍ର ଥାଇ କାବ୍ୟ-ନାୟକ ରାଜପୁତ୍ରଙ୍କର ପାଣ୍ଡିତ୍ୟ ବର୍ଣ୍ଣନା ଛଳରେ ନିଜର ବର୍ଣ୍ଣନା ହିଁ କରିଥିବା ପରି ଜଣାଯାଏ । 'କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ'ରେ ରାଜକୁମାରର ପାଣ୍ଡିତ୍ୟ ବର୍ଣ୍ଣନା କରି କବି ଲେଖିଛନ୍ତି—

"ମୀମାଂସା ବେଦ ବେଦାନ୍ତେ, ଟୀକା ପୁସ୍ତକ ଏ ସତେ,
ଜୈମିନି ସ୍ୱଗନ ବ୍ୟାସ, ପ୍ରଶଂସି ତୋଷ ଯେ
କଲ୍ୟାଣେ କର ଅଞ୍ଜଳି, କଲେ ଶୁଣି ପତଞ୍ଜଳି
ବୈଶେଷିକ, ସାଂଖ୍ୟରେ ସାକ୍ଷୀ ପ୍ରକାରେ ଯେ ।"

( ୪।୩୧–୩୨ )

ବାସ୍ତବରେ ଷଡ୍-ଦର୍ଶୀ ନ ହେଲେ ବା ଷଡ୍ଦର୍ଶନରେ ବିପୁଳ ପାଣ୍ଡିତ୍ୟ ଉପାର୍ଜିତ ନ ହେଲେ ସେହି ଯୁଗରେ ପଣ୍ଡିତମଣ୍ଡଳୀର ସମ୍ମାନ-ଭାଜନ ହେବା ସମ୍ଭବପର ନ ଥିଲା । ଭଞ୍ଜ-ସାହିତ୍ୟରେ ସ୍ଥାନେ ସ୍ଥାନେ ଦାର୍ଶନିକ ତତ୍ତ୍ୱମାନ ରହିଅଛି ।

## ଧର୍ମଶାସ୍ତ୍ର ଅଧ୍ୟୟନ—

ରାଜାମାନେ ସେ କାଳରେ ନାନାବିଧ ଧର୍ମକାର୍ଯ୍ୟ କରାଉଥିଲେ । ବହୁ କ୍ଷେତ୍ରରେ ଧର୍ମଶାସ୍ତ୍ର-ପଣ୍ଡିତମାନେ ରାଜାଙ୍କର ପରାମର୍ଶଦାତା ରୂପେ ରହୁଥିଲେ । ତେଣୁ, ରାଜାମାନେ ମଧ୍ୟ ଅନୁଭୂତିରୁ ଅନେକ କଥା ଜାଣୁଥିଲେ । ସେ ଯୁଗ ଥିଲା ଧର୍ମର ଯୁଗ । ସୁତରାଂ, ଘରେ ଘରେ ଧର୍ମଶାସ୍ତ୍ରାନୁରୂପ ବିବିଧ ନିତ୍ୟାନୁଷ୍ଠାନ ଲୋକଙ୍କର କାମ୍ୟ ଥିଲା । ଧନୀ ଲୋକେ, ବିଶେଷତଃ ରାଜାମାନେ ତୀର୍ଥବ୍ରତାଦି ଦ୍ୱାରା ଧନାର୍ଜନର ସାର୍ଥକତା ଅନୁଭବ କରୁଥିଲେ । ସେହି ପରମ୍ପରାରେ ଆମ ସମୟ ପର୍ଯ୍ୟନ୍ତ ମଧ୍ୟ ଧର୍ମାନୁସରଣ ପରିଦୃଷ୍ଟ ହୁଏ । ସାମନ୍ତ ଚନ୍ଦ୍ରଶେଖରଙ୍କ ସମ୍ପର୍କରେ ତାଙ୍କ ଜୀବନୀ ଲେଖକ ପଣ୍ଡିତ ଚନ୍ଦ୍ରଶେଖର ମିଶ୍ର ଲେଖିଛନ୍ତି—"ସ୍ମୃତିଶାସ୍ତ୍ରରେ ସାମନ୍ତ ଅସାଧାରଣ ପାଣ୍ଡିତ୍ୟଲାଭ କରିଥିଲେ । ମନୁ ସଂହିତା, ପରାଶର ସଂହିତା, ଯାଜ୍ଞବଲ୍କ୍ୟ ପ୍ରଭୃତି ଋଷି ପ୍ରଣୀତ ଏବଂ ଗଦାଧର ପଦ୍ଧତି, ସିଂହ ବାଜପେୟୀ ଓ ରଘୁନନ୍ଦନ ସ୍ମୃତି ପ୍ରଭୃତି

ପ୍ରାପ୍ତ ସମସ୍ତ ସ୍ମୃତିଶାସ୍ତ୍ର ସେ ଅଧ୍ୟୟନ କରିଥିଲେ ଓ କଣ୍ଠସ୍ଥ କରିଥିଲେ ।" (୧) ଜ୍ୟୋତିଃଶାସ୍ତ୍ର ସଙ୍ଗରେ ବିଶେଷତଃ ପଞ୍ଜିକା ନିର୍ମାଣରେ ସ୍ମୃତି ବିଷୟର ଆବଶ୍ୟକତା ପଡ଼ିବାରୁ ସେଥିପ୍ରତି ତାହାଙ୍କର ତୀକ୍ଷ୍ଣ ଦୃଷ୍ଟି ରହିଥିଲା । ଜ୍ୟୋତିଃଶାସ୍ତ୍ର ନ ଜାଣି କେବଳ ସଂସ୍କୃତଜ୍ଞ ପଣ୍ଡିତ ହେଲେ ସ୍ମୃତିଶାସ୍ତ୍ରରେ ଲୋକର ସମ୍ୟକ୍ ଅବଗାହ ହୋଇପାରେ ନାହିଁ । କାରଣ, ସେଥିରେ ତିଥି, ଦଣ୍ଡ ଓ ଲଗ୍ନ ପ୍ରଭୃତିର ପ୍ରମାଣ ରହିଅଛି । ଶମ୍ଭୂକର ବାଜପେୟୀ, ବିଦ୍ୟାକର ବାଜପେୟୀ, ରାମଚନ୍ଦ୍ର ବାଜପେୟୀ, ବୃହସ୍ପତି ସୂରି, କାଳିଦାସ ଚୟନୀ, ଯୋଗୀଶ୍ୱର ପାତ୍ର, ଗୋଦାବର ମିଶ୍ର, ପୁରୁଷୋତ୍ତମ ଦେବ, ପ୍ରତାପରୁଦ୍ର ଦେବ, ଚିନ୍ତାମଣି ମିଶ୍ର, ନରସିଂହ ମିଶ୍ର, ରାମଚନ୍ଦ୍ର ଦେବ, ବିଶ୍ୱନାଥ ମିଶ୍ର, ବାପୁ ମିଶ୍ର, ଦିବ୍ୟସିଂହ ମହାପାତ୍ର, ଲକ୍ଷ୍ମୀଧର ମିଶ୍ର, ଗଦାଧର ରାଜଗୁରୁ, ବାସୁଦେବ ରଥ, ରଘୁନାଥ ଦାସ, କୃଷ୍ଣ ମିଶ୍ର, ବାସୁଦେବ ବିଦ୍ୟାର୍ଥୀ, ମୁରାରି ମିଶ୍ର, ମାଗୁଣି ମିଶ୍ର, କୃଷ୍ଣ ଦାଶ, ଗୋପାଳ ନନ୍ଦ, ଗୋପୀନାଥ ପଟ୍ଟନାୟକ, ଗୋପୀନାଥ ବାଜପେୟୀ, ଯୋଗୀ ହିନରାଜ ମହାପାତ୍ର, ଗୋବିନ୍ଦ ସାମନ୍ତରାୟ ପ୍ରଭୃତିଙ୍କ ମଧ୍ୟରୁ ଅଧିକାଂଶ ଉପେନ୍ଦ୍ର ଭଞ୍ଜଙ୍କ ପୂର୍ବବର୍ତ୍ତୀ । ଏମାନଙ୍କର ଗ୍ରନ୍ଥମାନ ପୂର୍ବେ ରାଜାମାନଙ୍କର ଧ୍ୟେୟ ଥିଲା । ପଣ୍ଡିତ ସମାଜରେ ପ୍ରତିଷ୍ଠା ପାଇବାକୁ ହେଲେ ଏହି ଧର୍ମଶାସ୍ତ୍ର ସାହିତ୍ୟରେ ସୁ-ପ୍ରବେଶ ଅପରିହାର୍ଯ୍ୟ ଥିଲା । ସୁତରାଂ ସମଗ୍ର ପଣ୍ଡିତ ସମାଜର ପ୍ରତିସ୍ପର୍ଦ୍ଧୀ ଉପେନ୍ଦ୍ର ଭଞ୍ଜଙ୍କର ଧର୍ମଶାସ୍ତ୍ରାଧ୍ୟୟନ ସମ୍ପର୍କରେ ସନ୍ଦେହର ଅବକାଶ ଥାଇ ନ ପାରେ ।

ଭଞ୍ଜ-ସାହିତ୍ୟରେ ଜନ୍ମ, ମରଣ, ବିବାହ, ବ୍ରତ, ଓଷା ପ୍ରଭୃତିର ବର୍ଣ୍ଣନା ମାନ ରହିଅଛି । ଗଭୀର ନିଷ୍ଠାର ସହିତ ଅଧ୍ୟୟନ କଲେ ଏ ସବୁ ବର୍ଣ୍ଣନା ମୂଳରେ ଦେଶ-ପ୍ରଚଳିତ ଧର୍ମଶାସ୍ତ୍ରର ସଙ୍କେତ କିପରି ରହିଅଛି, ତାହା ପ୍ରତୀୟମାନ ହୁଏ ।

ଉତ୍କଳରେ ଧର୍ମଶାସ୍ତ୍ରର ଏକ ବରେଣ୍ୟ ପରମ୍ପରା ରହିଅଛି । ଯେଉଁ-ମାନଙ୍କର ବଳିଷ୍ଠ ସାଧନା ଓ ଅବଦାନ ଫଳରେ ଓଡ଼ିଶାର ସ୍ମୃତିସାହିତ୍ୟ

---

(୧) ସାମନ୍ତ ଚନ୍ଦ୍ରଶେଖର ପୃ: ୭୨

ସମୃଦ୍ଧ ହୋଇ ଉଠିଛି, ସେମାନେ ହେଉଛନ୍ତି ଉତ୍କଳରେ ଭାରତୀୟ ସାମାଜିକ ସଂସ୍କୃତିର ଜଣେ ଜଣେ ପ୍ରଚାରକ ।

## ପୁରାଣ ଚର୍ଚ୍ଚା –

'ପୁରାଣ' ଶବ୍ଦ ଉଚ୍ଚାରିତ ହେଲେ ଭାରତୀୟ ପାଠକ, ପ୍ରସିଦ୍ଧ ଅଷ୍ଟାଦଶ ପୁରାଣ କଥା ଚିନ୍ତା କରିଥାଏ । ଗତ ଏକ ସହସ୍ର ବର୍ଷ ମଧ୍ୟରେ ଏହି ପୁରାଣମାନ ନାନା ଭାବରେ ବିଭିନ୍ନ ଭାରତୀୟ ପ୍ରାଦେଶିକ ଭାଷାମାନଙ୍କୁ ପ୍ରଚୁର ସର୍ଜନାତ୍ମକ ଉପାଦାନ ଯୋଗାଇଅଛି ।

ତେବେ, 'ପୁରାଣ' ଶବ୍ଦ ପ୍ରସିଦ୍ଧ ଅଠର ପୁରାଣ ତଥା ଅଠର ଉପ-ପୁରାଣ ସହିତ ରାମାୟଣ ଓ ମହାଭାରତକୁ ମଧ୍ୟ ବୁଝାଇଥାଏ । ଅଦ୍ୟାପି ସମଗ୍ର ଓଡ଼ିଶାରେ 'ମାନସିକ' ପାଇଁ ପୁରାଣ ପଢ଼ାଯାଏ । ଦେଖାଯାଏ, ରାମାୟଣ କିମ୍ବା ମହାଭାରତ ପଢ଼ାଯାଉଛି (୧) ଅଥଚ, "ପୁରାଣ ଲଗିଛି" ବୋଲି ଲୋକସାଧାରଣ କହିଥାଆନ୍ତି ।

ଭାରତର ପଣ୍ଡିତ-ପରମ୍ପରାରେ ରାମାୟଣ ହେଉଛି 'କାବ୍ୟ' ଏବଂ ମହାଭାରତ ହେଉଛି 'ଇତିହାସ' । ଆଜି ଆମେ ଇତିହାସ ବୋଲିଲେ ଯାହା ବୁଝୁ, ତାହା ଇଂରାଜୀ ଶିକ୍ଷା ମାଧ୍ୟମରେ, 'History' ଶବ୍ଦର ଦ୍ୱାର ଦେଇ ଆମର ବ୍ୟବହାର-ରାଜ୍ୟକୁ ଆସିଯାଇଛି । ତେଣୁ, ଏ ଅର୍ଥରେ ମହାଭାରତ ଆଦୌ ଇତିହାସ ନୁହେଁ, ଯଦିଓ ଐତିହାସିକ ଉପାଦାନ ଏଥିରେ ପ୍ରଚୁର ପରିମାଣରେ ରହିଅଛି । ପଣ୍ଡିତମାନେ ବାଲ୍ମୀକିଙ୍କୁ ଆଦିକବି ରୂପେ ସମ୍ମାନିତ କରି ତାଙ୍କ ରାମାୟଣକୁ ଆଦିକାବ୍ୟ କହିଥାଆନ୍ତି । ଆଜିର ଐତିହାସିକ ମତାନୁସାରେ, ଗ୍ରନ୍ଥ ରଚନା ଦୃଷ୍ଟିରୁ, ରାମାୟଣ ମହାକାବ୍ୟ ବ୍ୟାସକୃତ ( ? ) ମହାଭାରତର ପରବର୍ତ୍ତୀ ହେଉ ବା ନ ହେଉ, ସେ କଥା

---

(୧) ରାମାୟଣ ବୋଲନ୍ତେ କୃଷ୍ଣ ଚରଣ ରାମାୟଣ ବା ଜଗମୋହନ ରାମାୟଣ ଏବଂ ମହାଭାରତ ବୋଲନ୍ତେ କୃଷ୍ଣସିଂହ ବା ସାରଳା ଦାସଙ୍କ ମହାଭାରତ ହିଁ ସାଧାରଣରେ ବୁଝାଯାଇଥାଏ ।

ଏଠାରେ ବିସ୍ତୃତ କରିବାର ଆବଶ୍ୟକତା ବା ଔଚିତ୍ୟ ନାହିଁ । କେବଳ ଏତିକି କହିଲେ ଯଥେଷ୍ଟ ହେବ ଯେ, ପ୍ରାୟ ଦେଢ଼-ଦୁଇ ହଜାର ବର୍ଷ ଧରି ଆସେତୁ-ହିମାଚଳ ଏ ଦୁଇ ମହାଗ୍ରନ୍ଥର ଆବୃତ୍ତି ବା ପାରାୟଣରେ 'ମହାଭାରତମୟ' ହୋଇ ଉଠିଛି । ଭାରତୀୟ ଜନତାର ମନରେ ସର୍ବ-ଭାରତୀୟ ମନୋଭାବର ସର୍ଜନ ଦିଗରେ ଏ ଦୁଇ ମହାଗ୍ରନ୍ଥର ଅବଦାନ (Contribution) ଯେ କେତେ ବେଶି, ତାହା ଭାଷାରେ ବ୍ୟକ୍ତ କରି ହେବ ନାହିଁ ।

## ଓଡ଼ିଆ ଭାଷାର ବିଖ୍ୟାତ ପୁରାଣ —

ଉପେନ୍ଦ୍ର ଭଞ୍ଜଙ୍କ ବେଳକୁ ସଂସ୍କୃତ ପୁରାଣମାନଙ୍କ ଅବଲମ୍ବନରେ ନାନା ଗ୍ରନ୍ଥ ଓଡ଼ିଆରେ ରଚିତ ହୋଇ ସାରିଲାଣି । ସାରଳାଙ୍କ ମହାଭାରତ, ଚଣ୍ଡୀ ପୁରାଣ, ବଳରାମଙ୍କ ଜଗମୋହନ ରାମାୟଣ ( ଓରଫ ଦାଣ୍ଡୀ ରାମାୟଣ ) ଅଚ୍ୟୁତାନନ୍ଦଙ୍କ ହରିବଂଶ, ଜଗନ୍ନାଥ ଦାସଙ୍କ ଭାଗବତ, ପୀତାମ୍ବର ଦାସଙ୍କ ନୃସିଂହ ପୁରାଣ ପ୍ରଭୃତି ରଚିତ ହୋଇ ଗଣମାନସରେ ପ୍ରବଳ ପ୍ରତିକ୍ରିୟା ସୃଷ୍ଟି କରି ସାରିଲାଣି । ଭଞ୍ଜେ ଓଡ଼ିଆ ପୁରାଣାବଳୀ ଅବଶ୍ୟ ପାଠକରି ଥିଲେ ବୋଲି କହିବାରେ ମତଦ୍ୱୈଧ ଥାଇ ନ ପାରେ । ବୈଦେହୀଶ ବିଳାସ ଉପରେ ଜଗମୋହନ ରାମାୟଣର ଏବଂ ସୁଭଦ୍ରା ପରିଣୟ ଉପରେ ସାରଳା ମହାଭାରତର ପ୍ରଭାବ ସମ୍ପର୍କରେ ସନ୍ଦେହ ଥାଇ ନ ପାରେ ।

## ରାମାୟଣ ଅଧ୍ୟୟନ –

ତେବେ, ମୂଳ ରାମାୟଣ ଏବଂ ମୂଳ ମହାଭାରତ ଅଧ୍ୟୟନ ସମ୍ପର୍କରେ ଯଥାର୍ଥ ବିବରଣୀ ପ୍ରଦାନ କରିବା ସହଜ ନୁହେ । ଏହାଛଡ଼ା, ରାମାୟଣ ଅପେକ୍ଷା ମହାଭାରତ ପାଠ ସମ୍ପର୍କରେ ମତପ୍ରକାଶ ଅଧିକ ସତର୍କତା-ସାପେକ୍ଷ । ତାର କାରଣ ଏହି ଯେ, ବାଲ୍ମୀକି ରାମାୟଣର ପାରାୟଣ ଏ ଦେଶରେ ଏକ ସାମାଜିକ ବିଧିରେ ପରିଣତ ହୋଇ ଯାଇଥିଲା । ମୂଳ ରାମାୟଣରେ ସାତକାଣ୍ଡ ( ୨୪୦୦୦ ଶ୍ଳୋକ ) ନବ ଦିବସରେ ପାରାୟଣ କରି ଶେଷ କରିବାକୁ ହୋଇଥାଏ । ଦେଶରେ ହଇଜା, ଅନାବୃଷ୍ଟି ପ୍ରଭୃତି ହେଲେ ଶାସକ ତଥା ଧନୀଲୋକେ ପଣ୍ଡିତଙ୍କୁ ଅଭ୍ୟର୍ଥନା କରି ରାମାୟଣ ପାରାୟଣ କରାଉଥିଲେ । 'ମାନସିକ' ହିସାବରେ ମଧ୍ୟ ଏହା କରାଯାଉଥିଲା । ଏକ

ମାତ୍ର ୨୦-୨୫ ବର୍ଷ ମଧ୍ୟରେ, ସାମାଜିକ ଜୀବନର ଦ୍ରୁତ ପରିବର୍ତ୍ତନ ଫଳରେ 'ପୁରାଣ ଲଗାଇବା' ଧାରା ବିସ୍ମୃତି ଗର୍ଭକୁ ନିକ୍ଷିପ୍ତ ହୋଇ ଯାଉଛି (୧)। ତେଣୁ, ଉପେନ୍ଦ୍ର ଭଞ୍ଜ ଯେ ରାମାୟଣ ପଢ଼ିଥିବେ ବା ଶ୍ରାବ୍ୟପୂଣ କରାଇ ଶୁଣିଥିବେ, ଏଥିରେ ସନ୍ଦେହ କରିବାର କିଛି ନାହିଁ । ବୈଦେହୀଶ ବିଳାସରେ ବାଲ୍ମୀକି ରାମାୟଣର ପ୍ରତ୍ୟକ୍ଷ ପ୍ରଭାବ ମଧ୍ୟ ନିର୍ଦ୍ଦେଶ କରାଯାଇପାରେ । ଭଞ୍ଜଙ୍କର ଗୁରିଖଣ୍ଡି କାବ୍ୟ ରାମାୟଣ ଉପରେ ଆଧାରିତ । ସେଗୁଡ଼ିକ ହେଉଛି—ବୈଦେହୀଶ ବିଳାସ, ରସିକହାରାବଳୀ, ରାମଲୀଳାମୃତ ଓ ଷୋଳପୋଇ । ଏହିସବୁ ରଚନା ଉପରେ ହନୁମନ୍ ମହାନାଟକ, ଅଧ୍ୟାତ୍ମ ରାମାୟଣ, ଭୋଜଙ୍କ ରାମାୟଣ ଚମ୍ପୂ, କାଳିଦାସଙ୍କ ରଘୁବଂଶ, ଭବଭୂତିଙ୍କ ଉତ୍ତର ରାମଚରିତ ପ୍ରଭୃତିର ପ୍ରଭାବ ବହୁସ୍ଥଳରେ ଉପଲବ୍ଧ । ଭଞ୍ଜେ ନିଜେ ଲେଖିଛନ୍ତି-

"ବାଲ୍ମୀକି ବ୍ୟାସ କବି ପହିଁରେ ମହାକାବ୍ୟକେ ପୁରାଣ କରେ
ମହାନାଟକ ବାତସୁତରେ ହେଲେ ରଚିତା ଯେ
ବିହିଲେ କାବ୍ୟ ଯେ କାଳିଦାସେ ଚମ୍ପୂ ରଚନା ଭୋଜ ନରେଶେ
କୃପାସିନ୍ଧୁଏ ଗୀତ ପ୍ରକାଶେ ଛାଡ଼ିଲେ ଚିନ୍ତା ଯେ ।"

( ବୈଦେହୀଶ ବିଳାସ—୧।୪ )

ଏଥିରେ ଥିବା 'କୃପାସିନ୍ଧୁଏ' ଶବ୍ଦ 'କୃପାସିନ୍ଧୁ' ବଳରାମ ଦାସଙ୍କୁ ବୁଝାଉଥିବା କଥା କୁହାଯାଇଥାଏ । କିନ୍ତୁ ଏହା ବିଭିନ୍ନ 'କୃପାସିନ୍ଧୁ' ରାମାୟଣ ଲେଖକଙ୍କ ଉଦ୍ଦେଶ୍ୟରେ ପ୍ରଯୁକ୍ତ । ତାମିଲ୍ ଭାଷାର ରାମାୟଣ ଲେଖକ କମ୍ବନ୍, ମାଲୟାଲମର ଏନ୍‌କାକର, କାନାଡ଼ର ପମ୍ପ, ତେଲୁଗୁର ରଙ୍ଗନାଥ ଓ ଭାସ୍କର, ଆସାମୀର ମାଧବକନ୍ଦଳୀ, ବଙ୍ଗଳାର କୃତ୍ତିବାସ, ହିନ୍ଦୀର ତୁଳସୀ ଦାସ, ଗୁଜୁରାଟୀର ଗିରିଧର, ମରାଠୀର ଶ୍ରୀଧର ପ୍ରମୁଖଙ୍କ ରାମାୟଣ ସେହି ସେହି ଭାଷାର ଏକ ଏକ ବରେଣ୍ୟ ସୃଷ୍ଟି ।

---

(୧) ମନେଅଛି, ମୁଁ ହାଇସ୍କୁଲରେ ପଢ଼ିବା ବେଳେ, ଘୁମୁସର ଅଞ୍ଚଳର ଗାଁ ଗାଁରେ ପୁରାଣ-ପାଠ କରି ବହୁ ବ୍ରାହ୍ମଣ ପରିବାର ଜୀବିକା ନିର୍ବାହ କରୁଥିଲେ । ଏବେ କ୍ୱଚିତ୍ ଭିନ୍ନ ବଡ଼ ବଡ଼ ଗାଁରେ ହେଉଥିବାର ଦେଖାଯାଏ । ଏହି ପୁରାଣ ପାଠର ଧାରା ସମଗ୍ର ଗଞ୍ଜାମ ପ୍ରତି ପ୍ରଯୋଜ୍ୟ । ହୁଏତ, ଅନ୍ୟ ଜିଲ୍ଲାମାନଙ୍କରେ ମଧ୍ୟ ଏ ଧାରା ଥିଲା ।

ନିଜେ ତୁଳସୀ ଦାସ ଲେଖିଅଛନ୍ତି ଯେ, ସେ ରାମାୟଣ ବ୍ୟତୀତ ଅନ୍ୟଠାରୁ ମଧ କିଛି କିଛି ତଥ୍ୟ ଗ୍ରହଣ କରି ନିଜର 'ରାମଚରିତ ମାନସ'ରେ ସମାବେଶିତ କରିଅଛନ୍ତି (୧)। ଶ୍ରୀଧର ଓ ଗିରିଧର ନିଜ ନିଜ ରାମାୟଣରେ ପୂର୍ବକାଳରେ ବହୁ ରାମାୟଣ ରଚିତ ହୋଇଥିବାର ଉଲ୍ଲେଖ କରି ଏକ ଏକ ତାଲିକା ଦେଇଛନ୍ତି (୨)। ଉପେନ୍ଦ୍ର ଭଞ୍ଜ ଭାରତ ଭ୍ରମଣ କରିବା ଅବକାଶରେ ତାଙ୍କ ସମୟକୁ ରଚିତ ବିଭିନ୍ନ ପ୍ରାଦେଶିକ ରାମାୟଣର ରୂପରେଖ ଜାଣିବାକୁ ଅଧିକ ସୁବିଧା ପାଇଥିବେ ଏବଂ ବିଭୁ ରାମଚନ୍ଦ୍ରଙ୍କ 'କୃପା' ବଳରେ କାବ୍ୟ ରଚନାରେ 'ସିଦ୍ଧିଲାଭ' କରିଥିବା କେତେକ ସଂସ୍କୃତ ରଚନା ସହିତ ପ୍ରାଦେଶିକ ଭାଷାମାନଙ୍କ ରାମାୟଣ-ରଚୟିତାମାନଙ୍କ ଅଲକ୍ଷ୍ୟରେ ସେ 'କୃପାସିଦ୍ଧାଏ' (କୃପାସିଦ୍ଧାମାନେ, ଯଥା—ପିଲାଏ = ପିଲାମାନେ) ଶବ୍ଦ ପ୍ରୟୋଗ କରିବା ଅନୁମିତ ହୁଏ। ଯେଉଁମାନେ ପରେ ଲେଖିଛନ୍ତି, ଭକ୍ତକବିଙ୍କ ଯୁକ୍ତିରେ ସେମାନେ ମଧ 'କୃପାସିଦ୍ଧା'।

ଏ ସବୁ ଦୃଷ୍ଟିରୁ ମୂଳ ବାଲ୍ମୀକି ରାମାୟଣ, ଅଧ୍ୟାତ୍ମ ରାମାୟଣ, ରଘୁବଂଶ ତଥା ମହାନାଟକ ଓ ଜଗମୋହନ ରାମାୟଣ ଭଞ୍ଜଙ୍କର ପରିଶୀଳିତ ହୋଇଥିବା ସହଜରେ ଅବଧାରଣୀୟ।

## ମହାଭାରତ ଅଧ୍ୟୟନ—

ତା ପରେ ମହାଭାରତ। ଅଷ୍ଟାଦଶ ପର୍ବ ବ୍ୟାପୀ ସଂସ୍କୃତ ମହାଭାରତ ଅଧ୍ୟୟନ କରିବା ଲୋକ ଆମ ଦେଶରେ ଅତ୍ୟଳ୍ପ; ନାହାନ୍ତି କହିଲେ ଚଳେ।

---

(୧) ନାନା ପୁରାଣ ନିଗମାଗମସଂମତଂ ଯଦ୍-
ରାମାୟଣେ ନିଗଦିତଂ କ୍ୱଚିଦନ୍ୟତୋଽପି
ସ୍ୱାନ୍ତଃସୁଖାୟ ତୁଳସୀ ରଘୁନାଥ ଗାଥା
ଭାଷାନିବନ୍ଧ ମତି ମଞ୍ଜୁଳ ମାତନୋତି।

( ଶ୍ରୀରାମ ଚରିତ ମାନସ—ବାଳକାଣ୍ଡ )

(୨) ହରି କଥାନୋ ମହିମା ମୋଟେ ସନ୍ତ ଜାଣେଛେ ଘଣା
ଆଦିକବି ଯେ ମୁନିବାଲ୍ମୀକି × × ଇତ୍ୟାଦି (ଗୁଜୁରାଟୀ)

ମରାଠୀ) ଅସମ୍ଭାବ୍ୟ ଶ୍ରୀରାମ ଚରିତ × ×
ବାଲ୍ମୀକି ବୋଲିଲା ଅପାର × × ଇତ୍ୟାଦି।

ତେବେ, ଉତ୍ତର-ଓଡ଼ିଶାରେ ସାରଳା ମହାଭାରତ ଏବଂ ଦକ୍ଷିଣ-ଓଡ଼ିଶାରେ କୃଷ୍ଣସିଂହ ମହାଭାରତର ଆଦର ଓ ପ୍ରଚଳନ ଅତ୍ୟଧିକ । କୃଷ୍ଣସିଂହ ମହାଭାରତ ଭଞ୍ଜଙ୍କର ପରବର୍ତ୍ତୀ ରଚନା । ତେଣୁ ସାରଳା ମହାଭାରତ ପାଠ କରିବାକୁ ଭଞ୍ଜେ ଅବଶ୍ୟ ଅବକାଶ ସୃଷ୍ଟି କରିଥିବେ । 'ସୁଭଦ୍ରା ପରିଣୟ'ରେ ଏଥିର ପ୍ରମାଣ ଉପଲଭ୍ୟ ।

ମୂଳ ମହାଭାରତର ବନପର୍ବ, ଯୁଦ୍ଧପର୍ବ ଓ ଶାନ୍ତିପର୍ବ ଏ ଦେଶର ପ୍ରିୟପାଠ୍ୟ । ଭଞ୍ଜେ ତେଣୁ ଏହି ତିନି ପର୍ବ ଅଧ୍ୟୟନ କରିଥାଇ ପାରନ୍ତି । ଅବଶ୍ୟ, ପଣ୍ଡିତ ସମାଜରେ ମହାଭାରତର ଅସାଧାରଣ ପ୍ରଭାବ-ପ୍ରତିପତ୍ତି ଦୃଷ୍ଟିରୁ ଏବଂ ଓଡ଼ିଶାର ସମଗ୍ର ସଂସ୍କୃତ ପଣ୍ଡିତସମାଜ ବିରୁଦ୍ଧରେ ଦଣ୍ଡାୟମାନ ହେବାକୁ ନିଜକୁ ପ୍ରସ୍ତୁତ କରିଥିବା ଦୃଷ୍ଟିରୁ, 'ମହାଭାରତ' ଭଳି ଗ୍ରନ୍ଥ ସେ ଅଧ୍ୟୟନ କରି ନ ଥିବେ ବୋଲି କହିବା ହୁଏତ ଧୃଷ୍ଟତା ହେବ । ମାତ୍ର ସମଗ୍ର ମହାଭାରତର ପାଠକ ସଂଖ୍ୟାର ସ୍ୱଳ୍ପତା ଦୃଷ୍ଟେ ଏବଂ ମହାଭାରତର ବିରାଟ ଆକାର ଦୃଷ୍ଟେ, ସେ ତାହା ଆମୂଳଚୂଳ ଅବଶ୍ୟ ପଢ଼ିଥିବେ ବୋଲି କହିବାର ବିଶେଷ କାରଣ ଦେଖାଯାଏ ନାହିଁ । ତେବେ, ମୋଟାମୋଟି ସମଗ୍ର ମହାଭାରତ ଉପରେ ସେ ସ୍ଥୂଳତଃ ଆଲୋଚନା ବା ଅଧ୍ୟୟନ କରିଥିବାରେ ସନ୍ଦେହ ଥାଇ ନ ପାରେ ।

'ସୁଭଦ୍ରା ପରିଣୟ' ବ୍ୟତୀତ, ତାଙ୍କର ବିଭିନ୍ନ କାବ୍ୟରେ ମହାଭାରତର କେତେକ ଘଟଣା ବା ତଥ୍ୟର ସୂଚନା ବା ସଙ୍କେତ ଦେଖିବାକୁ ମିଳେ । ତେଣୁ ଠିକେ ଠିକେ ମହାଭାରତର ବିଷୟ ଜ୍ଞାନରେ ସେ ବୃଦ୍ଧିମନ୍ତ ଥିବାରେ ସନ୍ଦେହ କରିଯାଇ ନ ପାରେ ।

## ବିଭିନ୍ନ ପୁରାଣ ଅଧ୍ୟୟନ—

ଭୂରିଶ୍ୟ ପୁରାଣ-ସାହିତ୍ୟ । ପୁରାଣଗୁଡ଼ିକୁ ପଣ୍ଡିତମାନେ ବ୍ରହ୍ମା, ବିଷ୍ଣୁ ଓ ଶିବଙ୍କ ଉପାସନାମୂଳକତା ଦୃଷ୍ଟିରୁ ଛ' ଛ'ଟି କରି ତିନି ଭାଗରେ ବିଭକ୍ତ କରିଅଛନ୍ତି । ଯେଉଁମାନେ ଯେଉଁ ଦେବତାଙ୍କୁ ମାନନ୍ତି ବା ଉପାସନା କରନ୍ତି, ସେମାନେ ସେହି ଦେବତାଙ୍କର ପ୍ରଶସ୍ତିମୂଳକ ବା ଚରିତାତ୍ମକ ପୁରାଣ ପାଠ କରିଆଆନ୍ତି । ରାମାୟଣ, ମହାଭାରତ କିନ୍ତୁ ସମସ୍ତଙ୍କର ପ୍ରିୟ ଓ ପୂଜ୍ୟ । ବୈଷ୍ଣବମାନେ ବିଷ୍ଣୁ ପୁରାଣକୁ, ଶୈବମାନେ ଶିବ ପୁରାଣକୁ, ସୌରମାନେ

ସୂର୍ଯ୍ୟ ପୁରାଣକୁ, ଶାକ୍ତମାନେ ଦେବୀ ଭାଗବତକୁ, ଶ୍ରୀକୃଷ୍ଣ ଉପାସକମାନେ ଶ୍ରୀମଦ୍ ଭାଗବତକୁ ମୁଖ୍ୟତଃ ଅଧ୍ୟୟନ କରିଥାଆନ୍ତି । ତନ୍ମଧ୍ୟରେ ମଧ୍ୟ ଅଧିକାର ଭେଦରେ ପାଠ୍ୟାପାଠ୍ୟର ପରମ୍ପରା ରହିଅଛି । ଶ୍ରୀମଦ୍ଭାଗବତର ରାସପଞ୍ଚାଧ୍ୟାୟୀ ( ଦଶମ ସ୍କନ୍ଧର ୨୯ ରୁ ୩୩ ଅଧ୍ୟାୟ ପର୍ଯ୍ୟନ୍ତ ) ପଣ୍ଡିତ-ସମାଜରେ 'ହୃଦ୍ୟା-କର୍ଷୀ' ରୂପେ ଅଭିହିତ । ଏହା ସର୍ବସାଧାରଣଙ୍କର ପାଠ୍ୟ ନୁହେ । ପୁରାଣପାଠ କଥା ଉଠିଲେ ତେବେ ଏହି ଦୃଷ୍ଟିରୁ ବିଚାର କରିବାକୁ ହେବ । ଅନେକ କବି କେଉଁ କେଉଁ ପୁରାଣ ବା ବିଭିନ୍ନ ତନ୍ତ୍ରଗ୍ରନ୍ଥର ଆଧାର ଉପରେ ନିଜ ନିଜର ଗ୍ରନ୍ଥ-ସୌଧ ନିର୍ମାଣ କରିଛନ୍ତି, ତାହା କହି ଯାଇଛନ୍ତି । ଗୋଟିଏ ଦୃଷ୍ଟାନ୍ତ ଦେଖନ୍ତୁ—

## ବୃନ୍ଦାବତୀ ଦାସୀଙ୍କ ପ୍ରଦତ୍ତ ତାଲିକା –

ବୃନ୍ଦାବତୀ ଦାସୀଙ୍କ 'ପୂର୍ଣ୍ଣତମ ଚନ୍ଦ୍ରୋଦୟ' ଏ ଦେଶରେ ଏକ ମହନୀୟ କୃତି । ଏହାର ବିଂଶତି ଅଧ୍ୟାୟରେ ନାୟିକାର ନିଜ ଗ୍ରନ୍ଥର ଆଧାରଭୂତ ଏହିସବୁ ପ୍ରାମାଣିକ ଗ୍ରନ୍ଥର ତାଲିକା ଦେଇଛନ୍ତି—

(୧) ଶ୍ରୀମଦ୍ ଭାଗବତ, (୨) ପଦ୍ମ ପୁରାଣ, (୩) ସ୍କନ୍ଦ ପୁରାଣ, (୪) ବ୍ରହ୍ମାଣ୍ଡ ପୁରାଣ, (୫) ବାୟୁ ପୁରାଣ, (୬) ଆଦି ପୁରାଣ, (୭) କର୍ମ ପୁରାଣ, (୮) ବରାହ ପୁରାଣ, (୯) ଶ୍ରୀମଦ୍ଭାଗବତ, (୧୦) ନାରଦୀୟ ପୁରାଣ, (୧୧) ବିଷ୍ଣୁ ପୁରାଣ, (୧୨) ବୃହଦ୍ ବିଷ୍ଣୁ ପୁରାଣ, (୧୩) ରାଧାତାପିନୀ, (୧୪) ସାଂଖ୍ୟ କାରିକା, (୧୫) ନାରଦ ପଞ୍ଚରାତ୍ର, (୧୬) ବରାହ ସଂହିତା, (୧୭) ବ୍ରହ୍ମ ସଂହିତା, (୧୮) ଚିନ୍ତାମଣି ତନ୍ତ୍ର, (୧୯) ବୈଷ୍ଣବାଗମ, (୨୦) ନନ୍ଦ ଆଗମ, (୨୧) ଗୌତମୀ ତନ୍ତ୍ର, (୨୨) (ହିତାର୍ଥ) ବୈଷ୍ଣବ ତନ୍ତ୍ର, (୨୩) ବିଷ୍ଣୁ ଯାମଳ, (୨୪) ସାରଦା ତିଳକ, (୨୫) କ୍ରମଦୀପିକା, (୨୬) ମହାକୂର୍ମ ବାଣୀ (?), (୨୭) ନାରାୟଣବ୍ୟୂହ ସ୍ତବ, (୨୮) ଚୈତନ୍ୟ ଚରିତାମୃତର ଚୈତନ୍ୟଙ୍କ ବାଣୀ, (୨୯) ଶାମପାର୍ଶ୍ୱ (ଚରିତ ?) (୩୦) ହରିଭକ୍ତି ରସାମୃତ ସିନ୍ଧୁ, (୩୧) ଭାଗବତାମୃତ, (୩୨) ଲଳିତ ମାଧବ, (୩୩) ବିଦଗ୍ଧ ମାଧବ, (୩୪) ବୃହଦ୍ ବାମନ (ପୁରାଣ) ।

ଆଜିର ଗବେଷକମାନେ ସ୍ୱ ସ୍ୱ ନିବନ୍ଧର ପ୍ରାମାଣିକତା ପ୍ରତିପାଦନାର୍ଥେ ଆଧାରିତ ଗ୍ରନ୍ଥ ( Books of Reference ) ଦେଲା ପରି, ଆଜକୁ

୨୭୫ ବର୍ଷ ତଳେ ନାଶ୍ଚକର ତାଙ୍କ ଗ୍ରନ୍ଥଗତ ତଥ୍ୟରାଜିର ପ୍ରାମାଣିକତା ପ୍ରତି-ପାଦନ ପାଇଁ ଏ ଭଳି ଏକ ଶଂସମୀୟ ଉଦ୍ୟମ କରି ଅନେକଙ୍କର ଆଖି ଖୋଲି ଦେଇଛନ୍ତି । ବୈଦେଶିକ ବିକାସ ମୂଳତଃ ଏହା ହିଁ ହୋଇଅଛି ।

## ବୈଷ୍ଣବ କବିମାନଙ୍କର ପ୍ରିୟ ପୁରାଣ—

ପୁରାଣମାନଙ୍କରେ ବିଭିନ୍ନ ଦେବ ଦେବୀଙ୍କର ଗୁଣ-ଗୌରବ କୀର୍ତ୍ତିତ ଦେଖାଯାଏ । ଏମାନଙ୍କୁ ତିନି ଶ୍ରେଣୀରେ ବିଭକ୍ତ କରାଯାଇଥାଏ, ଯଥା— ପୁରାଣ, ଉପପୁରାଣ ଓ ଔପପୁରାଣ । ପ୍ରତ୍ୟେକର ଅଠରଟି ଲେଖା ଭେଦ ରହିଛି, ଯଥା—

## ଅଷ୍ଟାଦଶ ପୁରାଣ—

(୧) ବ୍ରହ୍ମ ପୁରାଣ, (୨) ପଦ୍ମ ପୁରାଣ, (୩) ବିଷ୍ଣୁ ପୁରାଣ, (୪) ଶିବ ପୁରାଣ, (୫) ଶ୍ରୀମଦ୍ ଭାଗବତ ପୁରାଣ (୧), (୬) ନାରଦ ପୁରାଣ, (୭) ମାର୍କଣ୍ଡେୟ ପୁରାଣ, (୮) ଅଗ୍ନି ପୁରାଣ, (୯) ଭବିଷ୍ୟ ପୁରାଣ, (୧୦) ବ୍ରହ୍ମ-ବୈବର୍ତ୍ତ ପୁରାଣ, (୧୧) ଲିଙ୍ଗ ପୁରାଣ, (୧୨) ବରାହ ପୁରାଣ, (୧୩) ସ୍କନ୍ଦ ପୁରାଣ, (୧୪) ବାମନ ପୁରାଣ, (୧୫) କୂର୍ମ ପୁରାଣ, (୧୬) ମତ୍ସ୍ୟ ପୁରାଣ, (୧୭) ଗରୁଡ଼ ପୁରାଣ, (୧୮) ବ୍ରହ୍ମାଣ୍ଡ ପୁରାଣ । ଏହି କ୍ରମରେ ପୁରାଣଗୁଡ଼ିକର ନାମ ବିଭିନ୍ନ ପୁରାଣରେ ଉଲ୍ଲିଖିତ ହୋଇଅଛି । (୨)

(୧) ବୈଷ୍ଣବମାନଙ୍କ ମତରେ ବିଷ୍ଣୁ ( ଶ୍ରୀକୃଷ୍ଣ )ଙ୍କର କୀର୍ତ୍ତିକଳାପ ବର୍ଣ୍ଣିତ ଶ୍ରୀମଦ୍ ଭାଗବତ ହିଁ ଅଠର ପୁରାଣ ଅନ୍ତର୍ଗତ । ମାତ୍ର ଶୈବ ଓ ଶାକ୍ତମାନେ ଦୁର୍ଗା (ଚଣ୍ଡୀ)ଙ୍କର ଗୌରବ ବିସ୍ତାରମୂଳକ ଶ୍ରୀମଦ୍ ଦେବୀ-ଭାଗବତକୁ ( ଶ୍ରୀମଦ୍ ଭାଗବତ ବଦଳରେ ) ସ୍ୱୀକାର କରନ୍ତି ।

(୨) ଶ୍ରୀମଦ୍ ଭାଗବତର ଦ୍ୱାଦଶ ସ୍କନ୍ଧ— ୧୩ଶ ଅଧ୍ୟାୟ, ବିଷ୍ଣୁ ପୁରାଣ ତୃତୀୟ ଭାଗର ଷଷ୍ଠ ଅଧ୍ୟାୟ ଏବଂ ନାରଦ ପୁରାଣ ୧୨ଶ ଅଧ୍ୟାୟରେ ଏହି କ୍ରମରେ ପୁରାଣମାନଙ୍କର ନାମ ଉଲ୍ଲିଖିତ ହୋଇଅଛି ।

( ଦ୍ର:—ବିଷ୍ଣୁ ଟେକଶୀ ପୁରାଣ—ମୁଖବନ୍ଧ, ପୃ ୨।—୨।/ )

## ଅଷ୍ଟାଦଶ ଉପପୁରାଣ-

(୧) ଆଦ୍ୟ, (୨) ନୃସିଂହ, (୩) ସ୍କନ୍ଦ, (୪) ଶିବଧର୍ମ, (୫) ଦୁର୍ବାସା, (୬) ନାରଦ, (୭) କପିଳ, (୮) ବାମନ, (୯) ଉଶନସ, (୧୦) ବ୍ରହ୍ମାଣ୍ଡ, (୧୧) କାଳିକା, (୧୨) ବାରୁଣ, (୧୩) ମାହେଶ୍ୱର, (୧୪) ଶାମ୍ବ, (୧୫) ସୌର, (୧୬) ପାରାଶର, (୧୭) ମାରୀଚ, (୧୮) ଭାସ୍କର ।

ମତାନ୍ତରରେ ଏହି ଉପପୁରାଣ କୋଡ଼ିଏଟି ଏବଂ ଏଗୁଡ଼ିକ ହେଉଛି– (୧) ସନତ୍ କୁମାର, (୨) ନରସିଂହ, (୩) ନାନ୍ଦୀ, (୪) ଶିବଧର୍ମ, (୫) ଦୁର୍ବାସା, (୬) ନାରଦୀୟ, (୭) କପିଳ, (୮) ମାନବ, (୯) ଉଶନସ, (୧୦) ବ୍ରହ୍ମାଣ୍ଡ, (୧୧) ବରୁଣ, (୧୨) କାଳିକା, (୧୩) ବଶିଷ୍ଠ, (୧୪) ଲିଙ୍ଗ, (୧୫) ମହେଶ୍ୱର (୧୬) ଶାମ୍ବ, (୧୭) ସୌର, (୧୮) ପରାଶର, (୧୯) ମାରୀଚ, (୨୦) ଭାର୍ଗବ ।

ଏ କ୍ଷେତ୍ରରେ ଯେଉଁସବୁ ମତ ମତାନ୍ତର ଦେଖାଯାଏ, ସେ ସବୁର ଅବତାରଣା ଏ ସ୍ଥଳରେ ଅନାବଶ୍ୟକ । ପୁରାଣଗୁଡ଼ିକ କିପରି ବିଭିନ୍ନ ଉପାସନା-ସମ୍ପ୍ରଦାୟର ଗୌରବ-କୀର୍ତ୍ତନର ଭିତ୍ତିଭୂମି ଉପରେ ଗଢ଼ିଉଠିଛି, ତାହା ହିଁ ଲକ୍ଷ୍ୟ କରିବାର କଥା ।

ଏଗୁଡ଼ିକ ଉପପୁରାଣ ହେଲେ ମଧ୍ୟ ପ୍ରାୟତଃ 'ପୁରାଣ' ବୋଲି ହିଁ କୁହାଯାଇଥାନ୍ତି । ନାରଦ, ସ୍କନ୍ଦ ଓ ବାମନ ପୁରାଣ ସ୍ଥଳରେ ଉପପୁରାଣ ନ କହିଲେ ଭ୍ରାନ୍ତି ଜନ୍ମିବା ସ୍ୱାଭାବିକ ।

## ଅଷ୍ଟାଦଶ ଔପପୁରାଣ—

[୧] ସନତ୍କୁମାର, [୨] ବୃହନ୍ନାରଦୀୟ, [୩] ଆଦିତ୍ୟ, [୪] ମାନବ, [୫] ନନ୍ଦିକେଶ୍ୱର, [୬] କୌର୍ମ, [୭] ଭାଗବତ, [୮] ବାଶିଷ୍ଠ, [୯] ଭାର୍ଗବ, [୧୦] ମୁଦ୍‌ଗଳ, [୧୧] କଳ୍କି, [୧୨] ଦେବୀ, [୧୩] ମହାଭାଗବତ, [୧୪] ବୃହଦ୍ଧର୍ମ, [୧୫] ପରାନନ୍ଦ, [୧୬] ପଶୁପତି, [୧୭] ବହ୍ନି ଏବଂ [୧୮] ହରିବଂଶ ।

ଏହିସବୁ ପୁରାଣ, ଉପପୁରାଣ ଓ ଔପପୁରାଣ କାଳକ୍ରମେ ଭାରତୀୟ ସାମାଜିକ ଜୀବନରୁ ରସ ଆହରଣ କରି ନିଜର ଅଙ୍ଗସୌଷ୍ଠବ ସମ୍ପାଦନ କରିଥିଲେ ହେଁ, କେତେକ ସ୍ଥଳରେ ସେଗୁଡ଼ିକ ସାଂପ୍ରତିକ ଯୁଗର 'ଜ୍ଞାନକୋଷ' ( **Encylopaedia** ) ଭଳି ବହୁ ତଥ୍ୟପୂର୍ଣ୍ଣ ଥିବା ଜଣାଯାଏ । ଦୃଷ୍ଟାନ୍ତ ସ୍ୱରୂପ, ଅଗ୍ନିପୁରାଣ । ଏଥିରେ ଶବ୍ଦ ଶବ୍ଦ ଶ୍ଲୋକ ରହିଛି, ଯାହା ବିଖ୍ୟାତ ସଂସ୍କୃତ ଅଭିଧାନ 'ଅମରକୋଷ'ର ଅନ୍ୟ ଏକ ସଂସ୍କରଣ ପରି ଜଣାଯାଏ । ଅନେକେ ଶୁଣିଲେ ବିସ୍ମିତ ହେବେ ଯେ (୧) ଅଗ୍ନିପୁରାଣର ୩୩୬ ରୁ ୩୪୬ ଅଧ୍ୟାୟ ଯାଏ କେବଳ ଏକ ଅଳଙ୍କାର ଶାସ୍ତ୍ରରୂପେ ହିଁ ଗ୍ରାହ୍ୟ ।

ସେହିପରି, ସ୍କନ୍ଦ ପୁରାଣ । ଏଥିରେ ଥିବା 'ଉତ୍କଳ ଖଣ୍ଡ' ଓଡ଼ିଶାର ଗୌରବ-ବର୍ଦ୍ଧନ ଲକ୍ଷ୍ୟରେ ଓଡ଼ିଶାର ପଣ୍ଡିତଙ୍କ ଦ୍ୱାରା ଯେ ଲିଖିତ ହୋଇ-ଅଛି, ଏହା ସହଜରେ ଅନୁମେୟ । କାଶୀ ଖଣ୍ଡ, ପ୍ରୟାଗ ମାହାତ୍ମ୍ୟ ପ୍ରଭୃତି ସେହିଭଳି ଅଭିମୁଖ୍ୟରୁ ସମୁଦ୍ଭୂତ । ବ୍ରହ୍ମାଣ୍ଡ ପୁରାଣର ବିଷୟବସ୍ତୁ ନ ଦେଖିଲେ 'ପୁରାଣ'ର ବ୍ୟାପ୍ତି କଳନା କରି ହେବ ନାହିଁ । ଭୁବନେଶ୍ୱର ଠାରେ ସ୍ୱର୍ଗତ ଜଗବନ୍ଧୁ ସିଂହ ଦେଖିଥିବା ଏକ 'ବ୍ରହ୍ମାଣ୍ଡ-ପୁରାଣ'ରେ (୨) ଆମର ସୁବିଖ୍ୟାତ ଚିଲିକା ହ୍ରଦରେ ଚାଲୁଥିବା ବିଭିନ୍ନ ପ୍ରକାରର ଜଳଯାନ ଓ ବୋଇତର ବିବରଣୀ ବଡ଼ କୌତୂହଳ ଉଦ୍ଦୀପକ । ଶିବ ପୁରାଣର ଆକାର ପ୍ରକାର ଯେନ ଗୁରୁତର ମତପାର୍ଥକ୍ୟ ପରିଦୃଷ୍ଟ ହୁଏ । ଗୋଟାଏ ମତରେ ତହିଁରେ ବାରଗୋଟି 'ସଂହିତା' ନାମକ ବିଭାଗ ଅଛି ଓ ତାହାର ମୋଟ ଶ୍ଲୋକ ସଂଖ୍ୟା ଏକ ଲକ୍ଷ । ଅନ୍ୟ ଏକ ମତରେ, ଏହାର ସଂହିତାର ସଂଖ୍ୟା ସାତ ଏବଂ ଶ୍ଲୋକ ସଂଖ୍ୟା ଚବିଶ ହଜାର ।

ଏସବୁ ପୁରାଣ ମଧ୍ୟରୁ ଓଡ଼ିଶାରେ 'ଶ୍ରୀମଦ୍ ଭାଗବତ' ପୁରାଣ ସର୍ବାଧିକ ଜନପ୍ରିୟ ଥିବାର ଜଣାଯାଏ । ପ୍ରଥମ କଥା, ଜୟଦେବଙ୍କ 'ଗୀତ-ଗୋବିନ୍ଦ' ରାଧାକୃଷ୍ଣ ଭକ୍ତିର ସୁରମ୍ୟ ଉପବନ ପ୍ରତି ସହସ୍ର ସହସ୍ର ନରନାରୀଙ୍କୁ ଆକୃଷ୍ଟ କରି ଆଣିଥିଲା । ଦ୍ୱିତୀୟରେ, ଜଗନ୍ନାଥ ଦାସଙ୍କ ଦ୍ୱାରା, ଅହରହ ସହସ୍ର

---

(୧) ଅଳଙ୍କାର ସାହିତ୍ୟର କ୍ରମବିକାଶ (୧୯୪୮) ପୃ ୫୭

(୨) ପ୍ରାଚୀନ ଉତ୍କଳ (୧୯୨୯) ପୃ ୪୯୫

ସହସ୍ର ଯାତ୍ରୀ-ସେବିତ ଶ୍ରୀମନ୍ଦିର ବେଢ଼ାରେ ଭାଗବତର ବ୍ୟାଖ୍ୟାନ ଏବଂ ଓଡ଼ିଆ ଅନୁବାଦ ହେତୁ ଭାଗବତ ପ୍ରତି ଜନମାନସରେ ପ୍ରବଳ ଆତ୍ମୀୟତା ପ୍ରକାଶ ପାଇଥିଲା । ଭୂଖଣ୍ଡରେ, (ଯଥାସମ୍ଭବ, ଉତ୍କଳ-କୈଳାସ କପିଳାସ କନ୍ଦରରେ ) ଶ୍ରୀଧର ସ୍ୱାମୀଙ୍କ ଭାଗବତ ଟୀକା ପଣ୍ଡିତ-ସମାଜରେ ମଧ୍ୟ ଭାଗବତର ସାରସ୍ୱତ ମୂଲ୍ୟ ବଢ଼ାଇ ଦେଇଥିଲା (୧) । ଶେଷରେ, ୧୫୧୦ରେ ଓଡ଼ିଆ ପୁଅ ଅଥଚ ବଙ୍ଗଦେଶ ଜନ୍ମା ଶ୍ରୀ ଚୈତନ୍ୟଙ୍କର ଉତ୍କଳାଗମନ, ଶ୍ରୀକୃଷ୍ଣ-ଉପାସନା-ସହକୃତ ଭାଗବତ ଚର୍ଚ୍ଚା ସଙ୍ଗରେ ସମଧିକ ପ୍ରେରଣାର ପ୍ଲାବନ ଦ୍ୱାରା ଉତ୍କଳରେ ଭକ୍ତି-ଭାବନାର ବଟବିଟପୀକୁ ବହୁ ଶାଖାନ୍ୱିତ ଓ ଘନପଲ୍ଲବ ମଣ୍ଡିତ କରି ଦେଇଥିଲା । ତେଣୁ ଭାଗବତକୁ ଭିତ୍ତି କରି ବହୁ କବି କାବ୍ୟ-କବିତାମାନ ରଚନା କରି ଯାଇଛନ୍ତି ।

ଭଞ୍ଜେ କୁଞ୍ଜବିହାର, କଳା କୌତୁକ ପ୍ରଭୃତି କୃଷ୍ଣ-ଚରିତ ବିଷୟକ କାବ୍ୟମାନ ଲେଖି ଶ୍ରୀକୃଷ୍ଣ ଭକ୍ତିର ପ୍ରମାଣ ଦେଇଛନ୍ତି । ତାଙ୍କର ବିଭିନ୍ନ ରଚନାରେ ନାନା ସୂଚନା, ଉପମା ଓ ତୁଳନା ସୂତ୍ରରେ ଭାଗବତ ଅଧ୍ୟୟନର ନିଦର୍ଶନ ମଧ୍ୟ ପ୍ରକାଶ ପାଇଛି । ଏହି ଶ୍ରୀମଦ୍ ଭାଗବତ ପୁରାଣ ବ୍ୟତୀତ, ଶ୍ରୀମଦ୍ଦେବୀ ଭାଗବତ, ଶିବପୁରାଣ, ବ୍ରହ୍ମବୈବର୍ତ୍ତ ପୁରାଣ, ସ୍କନ୍ଦ ପୁରାଣ, ପଦ୍ମ-ପୁରାଣ ଓ ହରିବଂଶ ପୁରାଣ ମଧ୍ୟ ସେ କାଳରେ ପଣ୍ଡିତମାନଙ୍କର ଅନୁଶୀଳନୀୟ ଥିଲା । ବର୍ତ୍ତମାନ କାଳରେ ଅଶୀତିପର ବୃଦ୍ଧ ପଣ୍ଡିତମାନଙ୍କ ପକ୍ଷରୁ ଏ କଥାର ପରୀକ୍ଷା ମଧ୍ୟ କରାଯାଇଛି । ସୁତରାଂ, ମୁଖ୍ୟତଃ ଏହି କେତୋଟି ପୁରାଣର (୨)

---

(୧) ଶ୍ରୀମଦ୍ ଭାଗବତ ଭୂମିକାରେ ଚିନ୍ତାମଣି ଆଚାର୍ଯ୍ୟଙ୍କ ମତ ।

(୨) ପ୍ରସିଦ୍ଧ ଅଠରଟି ପୁରାଣର ନାମ ମନେ ରଖିବାକୁ ଏକ ଶ୍ଳୋକ ସ୍ମରଣୀୟ, ଯଥା—

ମଦ୍ୱୟଂ ଭଦ୍ୱୟଂ ଚୈବ ବ୍ରତ୍ରୟଂ ବ ଚତୁଷ୍ଟୟମ୍
ଅନାପଲିଙ୍ଗକୂ ସ୍କାନି-ପୁରାଣାନି ପୃଥକ୍ ପୃଥକ୍ ।

ଅର୍ଥାତ୍—ଦୁଇଟି ପୁରାଣ 'ମ'ରେ, ଦୁଇଟି 'ଭ'ରେ, ତିନୋଟି 'ବ୍ର'ରେ, ଚାରୋଟି 'ବ'ରେ, ଅ, ନା, ପ, ଲିଙ୍ଗ, କୂ, ସ୍କ —ଅକ୍ଷରରେ ଆରମ୍ଭ ଗୋଟିଏ ଲେଖା ପୁରାଣ ଅଛି ।

ପ୍ରଭାବ ତଥା ଅନ୍ୟ ପୁରାଣର ଗୁମ୍ଫା କିପରି ଭଞ୍ଜ ଲେଖନୀକୁ ପ୍ରଭାବିତ କରିଥିଲା, ତାହା ତାଙ୍କର ସମସ୍ତ ରଚନାରୁ ସଂଗ୍ରହ କରି ଦେଖିବାକୁ ହେବ ।

ଏହା ବ୍ୟତୀତ, 'ବିଦ୍ୟା ଭାଗବତାବଧି' ବୋଲି ଏ ଦେଶରେ ଏକ ପ୍ରସିଦ୍ଧି ଅଛି । ପାଣ୍ଡିତ୍ୟବାଦରେ ଜିଗୀଷା ଯାହାଙ୍କର ଏକାନ୍ତ କାମ୍ୟ, ସେମାନେ ଭାଗବତରେ 'କୃପି' ନ କରିବାର ପ୍ରଶ୍ନ ଉଠୁ ନାହିଁ । ଏ ଦୃଷ୍ଟିରୁ ମଧ୍ୟ ଭଞ୍ଜଙ୍କର ଅଧ୍ୟୟନ ପରିସର ମଧ୍ୟରେ ଭାଗବତର ଆସନ ଅତି ଉଚ୍ଚରେ ଅବସ୍ଥିତ ଥିବା ଅବଧାରଣୀୟ ।

## ଭଞ୍ଜଙ୍କର ଅନ୍ୟାନ୍ୟ ଗ୍ରନ୍ଥ ଅଧ୍ୟୟନ

### ଭଞ୍ଜଙ୍କ ପୂର୍ବେ ରଚିତ ଓଡ଼ିଆ ତଥା ବିଶିଷ୍ଟ ସଂସ୍କୃତ ଗ୍ରନ୍ଥ—

ଏ ପର୍ଯ୍ୟନ୍ତ ଭଞ୍ଜଙ୍କର ଯେଉଁସବୁ କାବ୍ୟ-କବିତା, ଟୀକା ଓ ଶାସ୍ତ୍ରାଦି ଗ୍ରନ୍ଥର ଅଧ୍ୟୟନ କଥା କୁହାଯାଇଛି, ସେଗୁଡ଼ିକ ଖାଲି ଭଞ୍ଜେ କାହିଁକି, ସମଗ୍ର ଭାରତର ସବୁ ପ୍ରଦେଶର ମହାକବିମାନେ ଊଣା ଅଧିକେ ପଢ଼ୁଥିଲେ । ଏବେ ବି ପୁରୁଣାକାଳିଆ ପଣ୍ଡିତଙ୍କୁ ପଚାରିଲେ, ତାଙ୍କ ପିତୃପିତାମହଙ୍କ ବେଳେ ଏ ଭଳି ରୀତି ହିଁ ପ୍ରଚଳିତ ଥିବା କଥା କହିବେ ।

ଐତିହାସିକ ଭିତ୍ତିରେ ଦଣ୍ଡାୟମାନ ହୋଇ ଭଞ୍ଜଙ୍କର ଅଧୀତ ଗ୍ରନ୍ଥାବଳୀ କଥା ଚିନ୍ତା କଲାବେଳେ ପ୍ରଶ୍ନ ଉଠେ, ଯଥା—(କ) "ଭଞ୍ଜଙ୍କ ପୂର୍ବରୁ ଓଡ଼ିଶାରେ କେଉଁ କେଉଁ କାବ୍ୟ-କବିତା ଓଡ଼ିଆରେ ରଚିତ ହୋଇଥିଲା ? ଓଡ଼ିଶାର ପଣ୍ଡିତମାନଙ୍କ ଦ୍ୱାରା କେଉଁ କେଉଁ ସଂସ୍କୃତ ଗ୍ରନ୍ଥ ରଚିତ ହୋଇଥିଲା । ପୁଣି ଏବଂ ଭାରତୀୟ ସ୍ତରରେ 'ଲଘୁତ୍ରୟୀ', 'ଗୁରୁତ୍ରୟୀ' ପ୍ରଭୃତିଙ୍କୁ ବାଦ୍ ଦେଲେ ଆଉ କେଉଁ କେଉଁ ବିଶିଷ୍ଟ କାବ୍ୟ-ନାଟକାଦି ରଚିତ ହୋଇଥିଲା ?"

ଏହିସବୁ ଗ୍ରନ୍ଥମାନଙ୍କର ନାମ ଜାଣିଲେ, ଅନୁମାନ ବା ପ୍ରମାଣ ବା ସିଦ୍ଧାନ୍ତ କରିହେବ,—ସେ ଏ ମଧ୍ୟରୁ କେଉଁ କେଉଁ ଗ୍ରନ୍ଥ ପଢିଥିଲେ ବା ପଢ଼ିଥାଇ ପାରନ୍ତି । ଭଞ୍ଜଙ୍କ ଉପରେ ଗବେଷଣା କରିବାକୁ ଯେଉଁମାନେ ପ୍ରବୃତ୍ତ ହେବେ, ସେମାନଙ୍କୁ ଏହି ଐତିହାସିକ ଉପାଦାନ ବିଶେଷ ସହାୟତା ପ୍ରଦାନ କରିବ ।

## ପ୍ରଭାବର ସୀମା କଳନା—

ଏପରି ହୋଇପାରେ, କେତେକ ସ୍ଥଳରେ ସମ୍ଭାବନାଶୀଳତା ହେତୁରୁ ଜଣେ ପରବର୍ତ୍ତୀ କବି ପୂର୍ବବର୍ତ୍ତୀ କବିଙ୍କର ଲେଖା ନ ପଢ଼ି ମଧ୍ୟ ପୂର୍ବବର୍ତ୍ତୀ କବିଙ୍କ ଭଳି ଭାବ, ଭାଷା ଓ ଭଙ୍ଗୀର ରଚନା ଲେଖିଥାଇ ପାରନ୍ତି । ତେବେ ସାଧାରଣତଃ, ଏହାକୁ 'ପ୍ରଭାବ' ବୋଲି କୁହାଯିବାରେ ବିଶେଷ ଅନୌଚିତ୍ୟର ଅବକାଶ ନାହିଁ । ପରବର୍ତ୍ତୀ କବି ପୂର୍ବବର୍ତ୍ତୀ ଗ୍ରନ୍ଥ ( ଯାହାର ଅଂଶବିଶେଷ ସଙ୍ଗେ ତାଙ୍କର ସାମ୍ୟ ଦେଖାଯାଏ ) ଦ୍ୱାରା ପ୍ରଭାବିତ ହୋଇଛନ୍ତି କି ନାହିଁ, ଏହା ନିରୂପଣ କରିବାକୁ ହେଲେ, ଦେଶର ଦୂରତା, କାଳର ଦୂରତା ଓ ଅନ୍ୟାନ୍ୟ ସୁବିଧା-ଅସୁବିଧାର କଥା ମଧ୍ୟ ବିଚାରକୁ ନେବାକୁ ପଡ଼ିବ ।

## ପ୍ରଥମ ଉଦାହରଣ—

ଉଦାହରଣ ଦ୍ୱାରା ଏ କଥାର ସ୍ପଷ୍ଟୀକରଣ ଆବଶ୍ୟକ ମନେହୁଏ । ଭଞ୍ଜେ ଲାବଣ୍ୟବତୀର ସୌନ୍ଦର୍ଯ୍ୟ ବର୍ଣ୍ଣନା କରି ଲେଖିଛନ୍ତି—ଏହି କନ୍ୟାଟି ଏତେ ସୁନ୍ଦର ଯେ—

"ଶିବଙ୍କୁ ଦେଲେ ପାର୍ବତୀ ଶାପ ପଡ଼ିବ
ଭସ୍ମ ଭୂଷଣ ଅଙ୍ଗେ ଏ ଦେହ ଜଡ଼ିବ ।
ଚନ୍ଦ୍ର ତ କ୍ଷୀଣ କଳଙ୍କୀ ତହିଁ କି ସୁଖ
ଅଶ୍ୱିନୀ କୁମାର ହେଲେ ତୁରଙ୍ଗମୁଖ ।
କୁସୁମ ଧନୁ ଅତନୁ ଅଛି ଆଉ କେ
ଚିତ୍ରପଟ ଦେଖାଇବା ମାନବ ଲୋକେ ।" (୮ମ ଛାନ୍ଦ)

ଭଞ୍ଜଙ୍କର ଏହି ଅଂଶଟି ପାଠକରି, ଭଞ୍ଜଙ୍କର ପରବର୍ତ୍ତୀ ଯୁଗର କବିରୂପେ ଏବେ ନିର୍ଣ୍ଣୀତ ହେଉଥିବା ନିତ୍ୟାନନ୍ଦ ଭଞ୍ଜଙ୍କର ନିମ୍ନଲିଖିତ ଅଂଶ ପାଠ କଲେ, ଭଞ୍ଜଙ୍କ ପ୍ରଭାବ ନିଃସନ୍ଦେହରେ ପ୍ରତିପାଦିତ ହୋଇପାରିବ । ନିତ୍ୟାନନ୍ଦ କନକଲତାର ସୌନ୍ଦର୍ଯ୍ୟ ବର୍ଣ୍ଣନା କରି ଲେଖିଛନ୍ତି (୧)—

"ହରିଙ୍କି ଦେବା ନାହିଁ ସେ ଜଗତ ବାପ
ହରଙ୍କୁ ଦେଲେ ଶୈଳଜା ଦେବେ ଶାପ

---

(୧) ଓଡ଼ିଆ ସାହିତ୍ୟର ଇତିହାସ, ଡ: ମିଶ୍ର ପୃ-୧୪୧

ବ୍ରହ୍ମା ପିତାମହ ଇନ୍ଦ୍ର ଶଚୀ ଅଧୀନ
ଅଙ୍ଗରେ ପୁଣି ଅଷ୍ଟ ବନ୍ଧୁ ନୟନ
ଚନ୍ଦ୍ର ତ କଳଙ୍କୀ ସେ ପୁନଃ ଗୁରୁଦ୍ରୋହୀ
ଅନଙ୍ଗ କି ବୋଲି ପାର ସେତ ତ ସେହି ।"

ପୁଣି ଭଞ୍ଜଙ୍କ ସମ୍ପର୍କରେ ଯେଉଁ ଅଭିମନ୍ୟୁ ସୂଚନାତ୍ମକ ଭାବରେ ଲେଖିଛନ୍ତି— (୧)

"ଉପଇନ୍ଦ୍ର ପଦେ ଅଭିମନ୍ୟୁ ମନୁ
ଉପେକ୍ଷିତ ନୋହିବ ତ ଦନୁ ତନୁ ।" (୮।୪୧)

ସେହି ଅଭିମନ୍ୟୁଙ୍କର ନିମ୍ନୋଦ୍ଧୃତ ରଚନା ପାଠ କଲେ, ଭଞ୍ଜଙ୍କର ପୂର୍ବୋଦ୍ଧୃତ ରଚନାର ପ୍ରଭାବ କିପରି ଏହା ଉପରେ ପଡ଼ିଅଛି, ସ୍ପଷ୍ଟ ଅବଧାରଣ କରିହେବ । ଅଭିମନ୍ୟୁ ଲେଖିଛନ୍ତି—

(କ) 'ରସବତୀ' କାବ୍ୟରେ—

"ଶାନ୍ତ ସାମନ୍ତ ଯେନ ବର୍ଣ୍ଣିଲେ
ବର ତ୍ରିଲୋକେ ସମାନ ଗଣିଲେ ।
କାମ ଅଦେହ ମାନଭ୍ରଷ୍ଟ ଇନ୍ଦ୍ର
ଦିନମଣି ପ୍ରବାସୀ କ୍ଷୀଣଚନ୍ଦ୍ର ।
ପଞ୍ଚମୁଖା ବହ୍ନି ହର ଯୋଗେନ୍ଦ୍ର
ପ୍ରାପ୍ତ ହେବାର ଦୁର୍ଲ୍ଲଭ ଉପେନ୍ଦ୍ର ।
ମନ୍ତ୍ରୀ ନୃପତି ସମ ସୁତ କେବା
ବର୍ଣ୍ଣିଲେ ସ୍ୱୟମ୍ବର କରିବା ।" (୨ୟ ଛାନ୍ଦ)

(ଖ) 'ସୁଲକ୍ଷଣା' କାବ୍ୟରେ—

"ସୁଜନେ ସୁଲକ୍ଷଣା ସୁବା ହୁଅନ୍ତେ
ନୃପତି ଚିନ୍ତା କରି ମନେ

(୧) ଅଭିମନ୍ୟୁ ସାମନ୍ତ ସିଂହାର, ପୃ ୩୦

ସ୍ୱଜନ ଗୋଷ୍ଠୀରେ ଖଳଲେ ସମାନେ
ବର ତା ନାହିଁ ନିଭୁବନେ
ସୋମେ କଳଙ୍କ,
ସୂରତ ସଦା ପରବାର୍ଯ୍ୟ,
ଶିବ ଦିଗମ୍ବର ମଦନ ଅଦେହ
ନହୁଷ ସର୍ବଦା ଉଦ୍ଧାଶା !
ସୁନାସୀର ସହ- ସ୍ରାକ୍ଷ ବାସୁଦେବ
ଅଶେଷ ପ୍ରିୟା ପ୍ରୀତିବଶ ।" (୨।୧-୨)

ଏ ଦୁଇଟି ଉଦାହରଣରେ ଅଭିମନ୍ୟୁ ମଧ୍ୟ ଦିନକୃଷ୍ଣଙ୍କ ପରି ଭଞ୍ଜଙ୍କ ଭାବଧାରା ଓ ବର୍ଣ୍ଣନା ଦ୍ୱାରା କିପରି ପ୍ରଭାବିତ ହୋଇଛନ୍ତି, ତାହା ପ୍ରାଞ୍ଜଳ ରୂପେ ପ୍ରକାଶ ପାଉଅଛି ।

## ଦ୍ୱିତୀୟ ଉଦାହରଣ –

ଭଞ୍ଜଙ୍କର ଲାବଣ୍ୟବତୀରେ 'ଚେତ ଚତୁରୀ' ଛାନ୍ଦ ଉତ୍କଳରେ ସୁପରିଚିତ । ତହିଁରେ ଅଛି :– ( ସ୍ୱପ୍ନାନ୍ତେ ନିଦ ଭାଙ୍ଗିବା ପରେ ଲାବଣ୍ୟବତୀ ବିକଳ-ବିହ୍ୱଳ ହୋଇପଡ଼ୁଛି ଏବଂ )

"ଚେତ ଚତୁରୀ ପାହିଁଲା ରଜଣୀ ନାରେଣ
ପାଶେ ନାହିଁ ଦିବ୍ୟ ତରୁଣ,
ମାର ହୃଦେ ହାତ 'ନାଥ' 'ନାଥ' ବୋଲି
ଅତି ଉଚ୍ଚେ କଲୁ କାରୁଣ୍ୟ,
ଖୋଜେ ଅଧୀରେ, ଚେତନା ହତ ସେ ବଧୂରେ ।
ଶେଯ ଲେଉଟାଇ କବରୀ ଫିଟାଇ
କର ଭଲି କୁଚ ସନ୍ଧରେ ।" (୧୨।୧)

ଏହା କେବଳ ଭଞ୍ଜଙ୍କର ନିଜର କୃତି ନୁହେ । ଏହା ଉପରେ ତାଙ୍କର ବହୁ ପୂର୍ବବର୍ତ୍ତୀ କବି ଶିଶୁ ଶଙ୍କର ଦାସଙ୍କ 'ଉଷାଭିଳାଷ'ର ପ୍ରଭାବ ପଡ଼ୁଛି ବୋଲି ନିଶ୍ଚିତରୂପେ କୁହାଯାଇପାରେ । ଉପେନ୍ଦ୍ରଙ୍କ ପିତାମହ ଧନଞ୍ଜୟ ଭଞ୍ଜ ତାଙ୍କର

'ରତ୍ନମଞ୍ଜରୀ' କାବ୍ୟର ୧୫ଶ ଛାନ୍ଦରୁ "ଉଷାଭିଳାଷର ଦ୍ୱିତୀୟ ଛାନ୍ଦ ବାଣୀରେ ଗାଇବ" ବୋଲି ନିର୍ଦ୍ଦେଶ କରିଅଛନ୍ତି (୧) । ତେଣୁ ସେତେବେଳକୁ ଘୁମୁସରରେ 'ଉଷାଭିଳାଷ' ମଧ୍ୟ ପରିଚିତ ହୋଇ ସାରିଥିଲା । ତା ଛଡ଼ା, 'ଉଷାଭିଳାଷ'ର ନିମ୍ନୋଦ୍ଧୃତ ଅଂଶ ପାଠ କଲେ କିଏ ଅବା ବିଶ୍ୱାସ କରିବ ଯେ, ଭଞ୍ଜେ ଶିଶୁ ଶଙ୍କରଙ୍କୁ ଅବଲମ୍ବନ କରି ନାହାନ୍ତି ! 'ଉଷାଭିଳାଷ'ର ପଦଟି ହେଉଛି—

"ପଲଙ୍କ ତେଜିଣ ଉଠିଲା ସୁମୁଖୀ
ସପନ ସଂକେତ ପାଇଣ
ଆହା ପ୍ରାଣନାଥ କେଣେ ଗଲୁ ବୋଲି
ଉଚ୍ଚସ୍ୱରେ କରେ କାରୁଣ
ଦଇବ, ଦେଖାଇ ନିଧି ହରିନେଲୁ,
ଶିଶୁ ସୁକୁମାରୀ କିଛୁ ନ ଜାଣଇ
କପାଇଁ ମତେ ଏହା କଲୁ !" (୫ମ ଛାନ୍ଦ)

ଭାଷା, ଭାବ, ଛନ୍ଦ—ସବୁ ସେହି ପ୍ରଭାବମୂଳକତା ପ୍ରମାଣ କରୁଅଛି ।

ଏହି ଦୃଷ୍ଟିରୁ, ଭଞ୍ଜ-ସାହିତ୍ୟ ଉପରେ ପୂର୍ବଜମାନଙ୍କର ପ୍ରଭାବର ସୀମା ଓ ପରିମାଣରେ କଳନା ବା ସିଦ୍ଧାନ୍ତ କରିବାକୁ ପଡ଼ିବ । ଅଳ୍ପ ପାଠୀ ବହୁ ଆଲୋଚକ ତାଙ୍କର ବହୁ ଭାଷଣରେ ଯାହା ଭଞ୍ଜଙ୍କର ଏକାନ୍ତ ମୌଳିକ ଚିନ୍ତା, କଳ୍ପନା ବା ଭାବନା ବୋଲି କହିଥାଆନ୍ତି, ସେ ସବୁ ପ୍ରକୃତରେ ଭଞ୍ଜଙ୍କର "ଆହରଣ"ର ( =ଅନ୍ୟର ରଚନାରୁ ଗ୍ରହଣର ) ଦୃଷ୍ଟାନ୍ତ ରୂପେ ଗ୍ରାହ୍ୟ ହେବା ଉଚିତ ଏବଂ ବ୍ୟାପକ ଅଧ୍ୟୟନର ଅଭାବ ହିଁ ଏ ପ୍ରକାର 'ଶସ୍ତା' ମତର ମୁଖ୍ୟ କାରଣ ।

## ତେଣୁ, ପ୍ରାଗ୍-ଭଞ୍ଜୀୟ ଗ୍ରନ୍ଥମାନଙ୍କର ଧାରଣା ଲୋଡ଼ା –

ଅତଏବ, ପୂର୍ବକଥିତ ପ୍ରକାରେ, ପ୍ରାଗ୍-ଭଞ୍ଜୀୟ ରଚନାମାନଙ୍କୁ ଜାଣିବାକୁ ହେବ । ତଳେ କେତୋଟି ତାଲିକା ପ୍ରଦାନ କରାଯାଉଛି ।

---

(୧) ଓଡ଼ିଆ ସାହିତ୍ୟର ଇତିହାସ, (ସୂର୍ଯ୍ୟନାରାୟଣ ଦାସ) ପ୍ରଥମ ଖଣ୍ଡ ପୃ ୩୯୭

## ପ୍ରଥମ ତାଲିକା—ଭଞ୍ଜଙ୍କ ପୂର୍ବବର୍ତ୍ତୀ ଓଡ଼ିଆ ରଚନା

| | |
|---|---|
| ସାରଳା ଦାସ— | ମହାଭାରତ, ବଚନ ରାମାୟଣ, ଚଣ୍ଡୀ ପୁରାଣ, ବିଲଙ୍କା ରାମାୟଣ । |
| ବଳରାମ ଦାସ— | ଜଗମୋହନ ରାମାୟଣ । |
| ଜଗନ୍ନାଥ ଦାସ— | ଭାଗବତ, ମହାଭାରତ (?) । |
| ଅଚ୍ୟୁତାନନ୍ଦ ଦାସ— | ହରିବଂଶ । |
| ନନ୍ଦ ଦାସ— | ଅଣାକାର ସଂହିତା । |
| ଈଶ୍ୱର ଦାସ— | ଚୈତନ୍ୟ ଗୀତା । |
| ଦେବାନନ୍ଦ ଦାସ— | ବୈଚନ୍ଦ୍ର ଗୀତା । |
| କହ୍ନାଇ ଖୁଣ୍ଟିଆ— | ମହାଭାବ ପ୍ରକାଶ । |
| ଚୈତନ୍ୟ ଦାସ— | ନିର୍ଗୁଣ ମାହାତ୍ମ୍ୟ, ବିଷ୍ଣୁଗର୍ଭ ପୁରାଣ । |
| ନୀଳାମ୍ବର ଦାସ— | ଜୈମିନି ଭାରତ । |
| ହଳଧର ପଟ୍ଟନାୟକ— | ଅଧ୍ୟାତ୍ମ ରାମାୟଣ । |
| ଅର୍ଜ୍ଜୁନ ଦାସ— | ରାମ ବିଭା, କଳ୍ପଲତା । |
| ମାର୍କଣ୍ଡ ଦାସ— | ମହାଭାସ । |
| ନରସିଂହ ସେଣ— | ପରିମଳା, ଗୋପକେଳି । |
| ବିଷ୍ଣୁ ଦାସ— | ସାବିତ୍ରୀଚରିତ, ଶକୁନ୍ତଳାବତୀ(?), ପ୍ରେମଲୋଚନା |
| ମାଧବ ରଥ— | ଚୈତନ୍ୟ ବିଳାସ । |
| ଶ୍ରୀଚନ୍ଦନ— | କଳାବତୀ । |
| ରଘୁନାଥ ହରିଚନ୍ଦନ- | ଲୀଳାବତୀ । |
| ଭୀମା ଧୀବର— | କପଟପାଶା । |
| ଶିଶୁ ଶଙ୍କର— | ଉଷାଭିଳାଷ । |
| ପ୍ରତାପ ରାୟ— | ଶଶିସେଣା । |
| କାର୍ତ୍ତିକ ଦାସ— | ରୁକ୍ମିଣୀ ବିଭା, ନବାନୁରାଗ, କପଟ କେଳି |
| ବୃନ୍ଦ ଦାସ— | ଗୋପୀ ଚନ୍ଦନ । |
| କଣ୍ଠ ଦାସ— | ନ ପୋଇ, ଛ ପୋଇ । |
| ଦେବ ଦୁର୍ଲ୍ଲଭ— | ରହସ୍ୟ ମଞ୍ଜରୀ । |
| ଲୋକନାଥ ବିଦ୍ୟାଧର— | ଚିତ୍ରକଳା, ପଦ୍ମାବତୀ ପରିଣୟ, ସର୍ବାଙ୍ଗ ସୁନ୍ଦରୀ, ନୀଳାଦ୍ରି ମହୋଦୟ, ବା ଚୌତିଶା । |

| | |
|---|---|
| ଲକ୍ଷ୍ମଣ ମହାନ୍ତି— | ଊର୍ମିଳା ଗ୍ରନ୍ଥ । |
| ପୁରୁଷୋତ୍ତମ ଦାସ— | କାଞ୍ଚି କାବେରୀ । |
| ହରିହର ଦାସ— | ଚନ୍ଦ୍ରକାନ୍ତ ବିଳାସ । |
| ବନମାଳୀ ଦାସ— | ବୃହତ ଇଚ୍ଛାବତୀ, ବନମାଳୀ ବିହାର । |
| ଧନଞ୍ଜୟ ଭଞ୍ଜ— | ଇଚ୍ଛାବତୀ, ଅନଙ୍ଗରେଖା, ମଦନ ମଞ୍ଜରୀ, ତ୍ରିପୁର ସୁନ୍ଦରୀ, କୃଷ୍ଣ କ୍ରୀଡ଼ା, ରତ୍ନମଞ୍ଜରୀ । |
| ପୁରୁଷୋତ୍ତମ ମାନ୍ଧାତା— | ଶୋଭାବତୀ । |
| କେଶବରାଜ ହରିଚନ୍ଦନ— | ଅନଙ୍ଗ ରଙ୍ଗିଣୀ, ସୁଲକ୍ଷଣା । |
| ବ୍ରଜ ସୁନ୍ଦର— | ରସ କଳ୍ପଲତା । |
| ଚକ୍ରପାଣି— | କୃଷ୍ଣ ବିଳାସ । |
| ଦୀନବନ୍ଧୁ ହରିଚନ୍ଦନ— | ରାଧାକୃଷ୍ଣ ଲୀଳାମୃତ ସାଗର । |
| କୁଞ୍ଜବିହାରୀ ଭ୍ରମରବର— | ପ୍ରେମଶୀଳା । |
| ହରିହର ନରେନ୍ଦ୍ର— | ମଦାଳସା । |

## ଦ୍ୱିତୀୟ ତାଲିକା—ଓଡ଼ିଶାର ସଂସ୍କୃତ ରଚନା

( ଭଞ୍ଜଙ୍କ ପୂର୍ବରୁ )

| | |
|---|---|
| ଇନ୍ଦ୍ରଭୂତି— | ଜ୍ଞାନସିଦ୍ଧିଃ । |
| ମୁରାରି ମିଶ୍ର— | ଅନର୍ଘ ରାଘବ ନାଟକମ୍ । |
| ପୁରୁଷୋତ୍ତମ ଦେବ— | ତ୍ରିକାଣ୍ଡଶେଷଃ, ହାରାବଳୀ, ଏକାକ୍ଷର କୋଷଃ, ଶବ୍ଦମାଳା । (ଏ ଉତ୍କଳ ଗଜପତି ନୁହନ୍ତି) |
| ଶ୍ରୀହର୍ଷ— | ନୈଷଧୀୟ ଚରିତ । |
| କୃଷ୍ଣ ମିଶ୍ର— | ପ୍ରବୋଧ ଚନ୍ଦ୍ରୋଦୟଃ । |
| ନାରାୟଣ— | ରାମାଭ୍ୟୁଦୟ କାବ୍ୟମ୍ । |
| ଶତାନନ୍ଦ— | ଶତାନନ୍ଦ ସଂଗ୍ରହଃ, ଭାସ୍ୱତିଃ, ଶତାନନ୍ଦ ରତ୍ନମାଳା । |
| ଗୋବର୍ଦ୍ଧନ ଆଚାର୍ଯ୍ୟ— | ଆର୍ଯ୍ୟାସପ୍ତଶତୀ । |
| ଜୟଦେବ— | ଗୀତଗୋବିନ୍ଦମ୍ । |
| ଉଦୟନାଚାର୍ଯ୍ୟ— | ଗୀତଗୋବିନ୍ଦ ଉପରେ 'ଭାବ ବିଭାବନ' ଟୀକା । |

| | |
|---|---|
| ଶଙ୍ଖଧର— | ସୂକ୍ତିରମୁଚ୍ଚୟଃ, ହାସ୍ୟାର୍ଣ୍ଣବଃ, କଳକର୍ପଟୀ। |
| ବିଦ୍ୟାଧର— | ଏକାବଳୀ। |
| ନାରାୟଣ ଦାସ— | ଗୀତଗୋବିନ୍ଦ ଉପରେ ସର୍ବାଙ୍ଗ ସୁନ୍ଦରୀ ଟୀକା। |
| ଚଣ୍ଡୀଦାସ— | କାବ୍ୟପ୍ରକାଶ ଦୀପିକା (ଟୀକା) |
| କୃଷ୍ଣାନନ୍ଦ— | ସହୃଦୟାନନ୍ଦଃ। |
| ଚନ୍ଦ୍ରଶେଖର ମହାପାତ୍ର— | ପୁଷ୍ପମାଳା ଓ ଭାଷାର୍ଣ୍ଣବମ୍। |
| ବିଶ୍ୱନାଥ ମହାପାତ୍ର— | ସାହିତ୍ୟ ଦର୍ପଣମ୍, ରାଘବ ବିଳାସଃ ମହାକାବ୍ୟମ୍, ପ୍ରଭାବତୀ ପରିଣୟମ୍, ଚନ୍ଦ୍ରକଳା ନାଟିକା, ନରସିଂହ ବିଜୟଃ, କୁବଳୟାଶ୍ୱ ଚରିତମ୍, କଂସବଧ କାବ୍ୟମ୍ ଇତ୍ୟାଦି। |
| ଅନନ୍ତ ଦାସ— | (ସାହିତ୍ୟ ଦର୍ପଣ ଉପରେ) ଲୋଚନ-ଟୀକା। |
| ଶ୍ରୀଧର ସ୍ୱାମୀ— | ଭାଗବତର ଟୀକା, ବ୍ରଜବିହାର କାବ୍ୟମ୍ ପ୍ରଭୃତି ନାନା ଗ୍ରନ୍ଥ। |
| ଶଙ୍କର ବାଜପେୟୀ— | ଯାଗଯଜ୍ଞାଦି ସମ୍ପର୍କରେ ଓ ଧର୍ମଶାସ୍ତ୍ରମୂଳକ ବହୁ ଗ୍ରନ୍ଥ। |
| ବିଦ୍ୟାଧର ବାଜପେୟୀ— | କ୍ରମଦୀପିକା, ମୋକ୍ଷ ପରୀକ୍ଷା, ମଦନ ପାରିଜାତ ପ୍ରଭୃତି ବହୁ ଗ୍ରନ୍ଥ। |
| ବୃହସ୍ପତି ସୂରି— | କୃତ୍ୟ କୌମୁଦୀ। |
| ରାମଚନ୍ଦ୍ର ବାଜପେୟୀ— | ବହୁ ଧର୍ମଶାସ୍ତ୍ର ଗ୍ରନ୍ଥ, 'ସମର ସାରଃ' ଇତ୍ୟାଦି। |
| କାଳିଦାସ ଚୟନୀ— | ଶୁଦ୍ଧି ଚନ୍ଦ୍ରିକା। |
| ଯୋଗୀଶ୍ୱର ପାତ୍ର— | ଅଦ୍ଭୁତ ସାଗରଃ, ଦାନ ଦୀପାବଳୀ। |
| କପିଳେନ୍ଦ୍ର ଦେବ— | ପରଶୁରାମ ବ୍ୟାୟୋଗଃ। |
| ପୁରୁଷୋତ୍ତମ ଦେବ- | ଜାନକୀ ପ୍ରମୋଦଃ, ଅଭିନବ ବେଣୀସଂହାରଃ, ଆନନ୍ଦ ବିଳାସଃ। |
| ଗୋଦାବରୀ ମିଶ୍ର— | ଗ୍ରନ୍ଥ ନାମରେ 'ଚିନ୍ତାମଣି' ଶବ୍ଦ ଥାଇ ଅଠର ଖଣ୍ଡ ଗ୍ରନ୍ଥ, ହରିହର ଚତୁରଙ୍ଗ ଓ ଅନ୍ୟ ଅନେକ ଗ୍ରନ୍ଥ। |

| | |
|---|---|
| ଜୀବଦେବାଚାର୍ଯ୍ୟ- | ଭକ୍ତି ଭାଗବତ ମହାକାବ୍ୟମ୍ , ଭକ୍ତିବୈଭବ ନାଟକମ୍ , ଉଷାହରଣ ରୂପକମ୍ । |
| ପ୍ରତାପରୁଦ୍ର ଦେବ- | ସରସ୍ୱତୀ ବିଳାସଃ, କୌତୁକ ଚିନ୍ତାମଣିଃ, ପ୍ରତାପ ମାର୍ତ୍ତଣ୍ଡ ପ୍ରଭୃତି ବହୁ ଗ୍ରନ୍ଥ । |
| ଜଗନ୍ନାଥ ଦାସ— | ନାଟ୍ୟ ଗୁପ୍ତ ଚିନ୍ତାମଣିଃ । |
| ରାୟ ରାମାନନ୍ଦ— | ଜଗନ୍ନାଥ ବଲ୍ଲଭ ନାଟକମ୍ । |
| ବିଶ୍ୱନାଥ ସେଣ— | ବିଶ୍ୱନାଥ ଚିକିତ୍ସା ପ୍ରଭୃତି ୩ ଖଣ୍ଡ ଚିକିତ୍ସା ଗ୍ରନ୍ଥ । |
| ଦିବାକର ମିଶ୍ର— | ଭାରତାମୃତ ମହାକାବ୍ୟମ୍, ଲକ୍ଷଣୋଦର୍କ-ମହାକାବ୍ୟମ୍, ପ୍ରଭାବତୀ ନାଟକମ୍, ପାରିଜାତ ହରଣ ନାଟକମ୍, ହରି ଚରିତ ଚମ୍ପୂଃ, ଦେବୀ ଶତକମ୍, ଅଭିନବ ଗୀତଗୋବିନ୍ଦମ୍ ଇତ୍ୟାଦି । |
| ମାର୍କଣ୍ଡେୟ ମିଶ୍ର— | ଦଶଗ୍ରୀବ ବଧ ମହାକାବ୍ୟମ୍ ଓ ପ୍ରାକୃତ-ସର୍ବସ୍ୱମ୍ |
| ରୁଦ୍ର ମିଶ୍ର— | ଷେବ କଳ୍ପତରୁଃ । |
| ନରସିଂହ ମିଶ୍ର— | ଗ୍ରନ୍ଥ ନାମରେ 'ପ୍ରଦୀପ' ଶବ୍ଦ ଥାଇ ଅଠର ଖଣ୍ଡି ଗ୍ରନ୍ଥ, ( ଯଥା—ଭକ୍ତି ପ୍ରଦୀପଃ, ଶ୍ରାଦ୍ଧ ପ୍ରଦୀପମ୍ ) |
| କହ୍ନାଇ ଖୁଣ୍ଟିଆ— | ମହାଭାବ ପ୍ରକାଶଃ । |
| ଗୋବିନ୍ଦ— | ପ୍ରଦ୍ୟୁମ୍ନ ସମ୍ଭବମ୍ (କାବ୍ୟ) । |
| ଜୟଦେବାଚାର୍ଯ୍ୟ— | ପୀୟୂଷ ଲହରୀ, ବୈଷ୍ଣବାମୃତମ୍ । |
| ଚିନ୍ତାମଣି ମିଶ୍ର— | ବାଙ୍ମୟ ବିବେକଃ, ଶମ୍ବରାରି ଚରିତମ୍ , କାଦମ୍ବରୀ ସାରଃ, କଂସବଧଃ, ତ୍ରିଶିରା ବଧଃ ଇତ୍ୟାଦି । |

| | |
|---|---|
| ଭୃଙ୍ଗୁ ଦାସ— | ଭୃଙ୍ଗୁ କାରିକା, ସମ୍ବନ୍ଧୋଦ୍ଦେଶଃ । |
| ବୈଜଳ ଦେବ— | ବୈଜଳ କାରିକା (ପ୍ରବୋଧ ଚନ୍ଦ୍ରିକା) |
| କୃଷ୍ଣଦାସ ବଡ଼ଜେନା ମହାପାତ୍ର— | ଗୀତ ପ୍ରକାଶଃ । |
| ବର୍ଦ୍ଧନ ଆଚାର୍ଯ୍ୟ— | ଦୁର୍ଗୋତ୍ସବ ଚନ୍ଦ୍ରିକା । |
| ମୁରାରି ମିଶ୍ର (୨ୟ)— | ପ୍ରାୟଶ୍ଚିତ୍ତ ମନୋହରଃ । |
| ବିଦ୍ୟାକର ପୁରୋହିତ— | ରାଘବ ପାଣ୍ଡବୀୟ କାବ୍ୟର ଟୀକା । |
| ଗଙ୍ଗାଧର ମିଶ୍ର— | କୋଶଳାନନ୍ଦ ମହାକାବ୍ୟମ୍ । |
| ହଳଧର ମିଶ୍ର— | ବସନ୍ତୋତ୍ସବ ମହାକାବ୍ୟମ୍, ସଙ୍ଗୀତ କଳ୍ପଲତା ଓ ହଳଧର-କାରିକା । |
| ପୁରୁଷୋତ୍ତମ ମିଶ୍ର— | ନୀଳାଦ୍ରିନାଥ ଶତକମ୍, ରାମଚନ୍ଦ୍ରୋଦୟମ୍, ସଙ୍ଗୀତ ନାରାୟଣଃ ପ୍ରଭୃତି ଅନେକ ଗ୍ରନ୍ଥ ଓ ହଂସଦୂତମ୍, ଅନର୍ଘ ରାଘବ ଓ ନୈଷଧ କାବ୍ୟର ଟୀକା । |
| ଗଜପତି ନାରାୟଣ ଦେବ— | ଅଳଙ୍କାର ଚନ୍ଦ୍ରିକା, ବଳଭଦ୍ରୋଦୟଃ, ଆୟୁର୍ବେଦ କୌମୁଦୀ ପ୍ରଭୃତି । |
| ରଘୂତ୍ତମ ତୀର୍ଥ— | ମୁକୁନ୍ଦ ବିଳାସ ମହାକାବ୍ୟମ୍ । |
| ଶତଂଜୀବ ମିଶ୍ର— | ମୁଦିତ ମାଧବ ନାଟକମ୍ । |
| ନରସିଂହ ମିଶ୍ର— | ଭଞ୍ଜ ମହୋଦୟ ନାଟକମ୍ । |
| ନାରାୟଣ ମଙ୍ଗରାଜ— | ହରିଭକ୍ତି ସୁଧାକରଃ । |
| ଅନାଦି ମିଶ୍ର— | ମଣିମାଳା ନାଟିକା, ରାସଗୋଷ୍ଠୀ ରୂପକମ୍, କୃଷ୍ଣ କେଳି ତରଙ୍ଗିଣୀ । |
| ବିଶ୍ୱନାଥ ମିଶ୍ର— | ସ୍ମୃତିସାର ସଂଗ୍ରହଃ । |

ବଚ୍ଚ ମିଶ୍ର— ଶ୍ରାଦ୍ଧ ପ୍ରଦୀପଃ ।

ଗୋପୀନାଥ ରଥ— ନୈଷଧର 'ହର୍ଷ-ହୃଦୟସ୍ଥ' ଟୀକା ।

ନିତ୍ୟାନନ୍ଦ କବି— ଶିବ ଲୀଳାମୃତ ମହାକାବ୍ୟମ୍ ଓ ଶ୍ରୀକୃଷ୍ଣ ଲୀଳାମୃତମ୍ ।

ଯଦୁନାଥ ସିଂହ— ଅଭିନବ ଦର୍ପଣ ପ୍ରକାଶଃ ।

ରାମଚନ୍ଦ୍ର ମିଶ୍ର— ସହୃଦୟାନନ୍ଦମ୍ କାବ୍ୟର ଟୀକାକାର ।

ରାମଚନ୍ଦ୍ର ଆଚାର୍ଯ୍ୟ— ପ୍ରକ୍ରିୟା କୌମୁଦୀ ।

ଶ୍ରୀନିବାସ— ଶୁଦ୍ଧି ଦୀପିକା ଓ ଜ୍ୟୋତିଷ ରତ୍ନମ୍ ।

ଦଶରଥ ମିଶ୍ର— ଜ୍ୟୋତିଷ ସାର ସଂଗ୍ରହଃ ।

ଚନ୍ଦ୍ରଶେଖର ମିଶ୍ର— ପୁରଶ୍ଚରଣ ଦୀପିକା ।

ରାମଚନ୍ଦ୍ର— ଭାଗର୍ଚ୍ଚନ ତରଙ୍ଗିଣୀ ।

ରଘୁନାଥ ରଥ— ନାଟ୍ୟ ମନୋରମା, ସଙ୍ଗୀତାର୍ଣ୍ଣବ ଚନ୍ଦ୍ରିକା

ଗଙ୍ଗା ଦାସ— ଛନ୍ଦୋମଞ୍ଜରୀ, ଅଚ୍ୟୁତ ଶତକମ୍ , ଦିନେଶ ଶତକମ୍ , କଂସାରି ଶତକମ୍ ।

ବାସୁଦେବ ତ୍ରିପାଠୀ— ପ୍ରାୟଶ୍ଚିତ୍ତ ବଲୋକନମ୍ ।

ରଘୁନାଥ ଦାସ— କାଳନିର୍ଣ୍ଣୟଃ, ଉତ୍ପାତ ତରଙ୍ଗିଣୀ, ସାହିତ୍ୟ ଭୂଷଣମ୍ ପ୍ରଭୃତି ଅନେକ ଗ୍ରନ୍ଥ

ଦିବ୍ୟସିଂହ ମହାପାତ୍ର— କାଳଦୀପଃ ଓ ଶ୍ରାଦ୍ଧ ଦୀପଃ ।

ଲକ୍ଷ୍ମୀଧର ମିଶ୍ର— ଶୈବ କଳ୍ପଦ୍ରୁମଃ ।

ଜଗନ୍ନାଥ ମିଶ୍ର— ରସ କଳ୍ପଦ୍ରୁମଃ ।

ଗଦାଧର ରାଜଗୁରୁ— ଗ୍ରନ୍ଥ ନାମରେ 'ସାର' ଶବ୍ଦ ଥାଇ ଅଠର ଖଣ୍ଡି ଗ୍ରନ୍ଥ ( ଯଥା—କାଳ ସାର, ବ୍ରତ ସାର, ବିବାହ ସାର ଇତ୍ୟାଦି । )

ଶେଷୋକ୍ତ କେତେ ଜଣ ଲେଖକ ଭଞ୍ଜଙ୍କ ସମସ୍ଥୂର । ତେବେ, ସେକାଳର ପାଣ୍ଡିତ୍ୟ-ପରମ୍ପରା, ଅଭିରୁଚି ଓ ଚିନ୍ତାଧାରାର ଅବବୋଧ ପାଇଁ ସେମାନଙ୍କର ଗ୍ରନ୍ଥାବଳୀ ମଧ୍ୟ ଆଲୋଚ୍ୟ । ଏହି ତାଲିକା ଅନ୍ତର୍ଗତ କେତେକ ଗ୍ରନ୍ଥ ବ ରଚନାର ନାମ ଭଞ୍ଜଙ୍କ ଅଧ୍ୟୟନ ପ୍ରସଙ୍ଗରେ, ଭିନ୍ନ ଅବକାଶରେ ଏଥିପୂର୍ବେ ଉଲ୍ଲିଖିତ ହୋଇଅଛି ।

## ତୃତୀୟ ତାଲିକା ପ୍ରାଗ୍-ଭଞ୍ଜୀୟ ଭାରତ ବିଖ୍ୟାତ ସଂସ୍କୃତ ଗ୍ରନ୍ଥ—

ଏହି ତାଲିକା ପ୍ରଦାନ କରିବା ପ୍ରାମାଦିକ । କାରଣ, ଏହାର ପରିସର ଏତେ ବ୍ୟାପକ ଯେ, ଏଥିରେ ପ୍ରବେଶ କରି ଅଭ୍ରାନ୍ତ ମାର୍ଗରେ ଗତି କରିବା ସହଜ ନୁହେ । ସଂକ୍ଷେପରେ ଏତିକି କୁହାଯାଇପାରେ ଯେ, ବେଦର ନାନା ଅଂଶ, ଆୟୁର୍ବେଦ, ଗାନ୍ଧର୍ବ ବେଦ ପ୍ରଭୃତି ଉପବେଦ, ବ୍ୟାକରଣ, ଛନ୍ଦ ପ୍ରଭୃତି ବେଦାଙ୍ଗ ତନ୍ତ୍ର, ରାମାୟଣ, ମହାଭାରତ ଓ ଭାଗବତ ପ୍ରଭୃତି ପୁରାଣ ଗ୍ରନ୍ଥ, ମନୁ, ଯାଜ୍ଞବଲ୍କ୍ୟ, ପରାଶର ପ୍ରଭୃତିଙ୍କ ସଂହିତା, ସାଂଖ୍ୟଯୋଗ, ବେଦାନ୍ତ ପ୍ରଭୃତି ଦର୍ଶନ ଶାସ୍ତ୍ର, କାଳିଦାସ, ମାଘ, ଭାରବି, ବାଣଭଟ୍ଟ, ଭର୍ତ୍ତୃହରି, ଭଟ୍ଟି, ଦଣ୍ଡୀ, ରାଜଶେଖର, ଭଟ୍ଟ ନାରାୟଣ, ଦିଙ୍ନାଗ, ଭବଭୂତି, ଶଙ୍କରାଚାର୍ଯ୍ୟ, ପଣ୍ଡିତରାଜ ଜଗନ୍ନାଥ ବିହ୍ଲଣ, ଭରତ, ବାତ୍ସ୍ୟାୟନ, ଭାମହ, ଶୂଦ୍ରକ, ଆନନ୍ଦବର୍ଦ୍ଧନ, କୁନ୍ତକ, ବିଦ୍ୟାଧର, ବିଦ୍ୟାନାଥ, ବିଶ୍ୱନାଥ, ଶ୍ରୀହର୍ଷ, ଜୟଦେବ, କୁଳାଶୁକ, ଅମରସିଂହ ପ୍ରଭୃତି ବହୁସଂଖ୍ୟକ ଲେଖକଙ୍କ କାବ୍ୟ, ନାଟକ, ଉପନ୍ୟାସ, ଚମ୍ପୂଗ୍ରନ୍ଥ, ସ୍ତୋତ୍ର, କୋଷ ପ୍ରଭୃତି ରାଶି ରାଶି ଗ୍ରନ୍ଥ ସେ ଅଧ୍ୟୟନ କରିଥିଲେ । କେତେ ଶତକ, କେତେ ଚମ୍ପୂ, କେତେ ପୁରାଣ, କେତେ ଅଷ୍ଟକ, କେତେ ବିରୁଦ ପ୍ରଭୃତି ସେ ଅଧ୍ୟୟନ କରିଥିବେ, ତାହା କଳନା କରିହେବ ନାହିଁ ।

## ତନ୍ତ୍ରାଦି ଗ୍ରନ୍ଥ ଅଧ୍ୟୟନ

ଓଡ଼ିଶା ଏକ ପ୍ରସିଦ୍ଧ ତନ୍ତ୍ରପୀଠ । ଭୁବନେଶ୍ୱର ନିକଟବର୍ତ୍ତୀ ହୀରାପୁର-ଠାରେ ଏବଂ ବଲାଙ୍ଗୀର ଜିଲ୍ଲାର ରାଣୀପୁର ନିକଟରେ ଥିବା ଚଉଷଠୀ ଯୋଗିନୀପୀଠ ପ୍ରାୟ ସହସ୍ରାଧିକ ବର୍ଷ ତଳେ ତନ୍ତ୍ରପୀଠ ରୂପେ ଗଢ଼ି ଉଠିଥିଲା । ବୌଦ୍ଧତନ୍ତ୍ର, ବୈଷ୍ଣବ ତନ୍ତ୍ର, ଶୈବ ଓ ଶାକ୍ତ ତନ୍ତ୍ରବାଦର ନାନା ବିଧି-

ବିଧାନ ଜଗନ୍ନାଥ ମନ୍ଦିରରେ ଅନୁପ୍ରବିଷ୍ଟ ହୋଇଥିବାର ଜଣାଯାଏ । ଓଡ଼ିଶାର ରାଜାମାନେ ତାନ୍ତ୍ରିକମାନଙ୍କୁ ଅତ୍ୟଧିକ ସମ୍ମାନ ଦେଉଥିଲେ । ଓଡ଼ିଶାର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ 'ଶାବର ତନ୍ତ୍ର' ନାନା ବିକୃତି-ବ୍ୟତିକ୍ରମ ମଧ୍ୟରେ ଏବେ ମଧ୍ୟ ବଞ୍ଚି ରହିଥିବାର ଜଣାଯାଏ । ଘୁମୁସରର ଏକ ଦିଗରେ ସମୁଚ୍ଚ ପାର୍ବତ୍ୟ ଭୂମି, ଜଙ୍ଗଲମାଳ ଏବଂ ଅପର ଦିଗରେ ଧନଧାନ୍ୟ-ଭରା ଶସ୍ୟଶ୍ୟାମଳା ସମତଳ ଭୂମି । ଏବେ ମଧ୍ୟ ଘୁମୁସରର ତନ୍ତ୍ରବିଦ୍ୟା ସମ୍ପର୍କରେ ନାନା କିମ୍ବଦନ୍ତୀ ଶୁଣିବାକୁ ମିଳେ । ସୁତରାଂ, ଉପେନ୍ଦ୍ର ଭଞ୍ଜ ସଂସ୍କୃତ ସାହିତ୍ୟରେ ବିପୁଳ ପାଣ୍ଡିତ୍ୟ ଅର୍ଜନ କରିବା ପରେ ତନ୍ତ୍ରଶାସ୍ତ୍ର ତଥା ମନ୍ତ୍ର ଶାସ୍ତ୍ର ଅଧ୍ୟୟନ କରିଥିବାର ଲୋକବିଶ୍ୱାସ ଏକାବେଳକେ ସୁସଙ୍ଗତ ।

## ଓଡ଼ିଶାରେ ଉପଲବ୍ଧ ତନ୍ତ୍ର ଗ୍ରନ୍ଥ –

ଓଡ଼ିଶାରେ ତନ୍ତ୍ରଶାସ୍ତ୍ର ପ୍ରତି ଲୋକଙ୍କର କିପରି ଅନୁରାଗ ଥିଲା, ତାହା ସ୍ୱପ୍ରତି ଉପଲବ୍ଧ ତନ୍ତ୍ର ଗ୍ରନ୍ଥମାନଙ୍କରୁ ଅବଧାରଣ କରାଯାଇପାରେ । ରାଜ୍ୟ ସରକାରଙ୍କର ସଂଗ୍ରହାଳୟରେ ବହୁସଂଖ୍ୟକ ତାଳପତ୍ର ପୋଥି ସଂଗୃହୀତ ହୋଇ ରହିଅଛି । ତନ୍ତ୍ରଶାସ୍ତ୍ରର ସେଭଳି ଗଭୀର ଚର୍ଚ୍ଚା ଯଦି ହୋଇ ନ ଥାନ୍ତା, ତାହାହେଲେ ଏତେ ପୁସ୍ତକ କାହିଁକି ଲଭ୍ୟ ହୋଇଥାନ୍ତା ? ଏଠାରେ ତନ୍ତ୍ର ବିଷୟକ କେତୋଟି ତାଳପତ୍ର ପୋଥିର ନାମ ଉଲ୍ଲେଖ କରା-ଯାଇପାରେ—ଉଗ୍ରତାରା ପଦ୍ଧତିଃ, ଉଡ୍ଡାମରେଶ୍ୱର ତନ୍ତ୍ରମ୍, ଉଡ୍ଡୀଶତନ୍ତ୍ରମ୍ କାଳୀ ତନ୍ତ୍ରମ୍, କୁମାର ତନ୍ତ୍ରମ୍, କୁମାରୀ ତନ୍ତ୍ରମ୍, କୁଳ ସର୍ବସ୍ୱମ୍, କୁଳାର୍ଣ୍ଣବ ମହାରହସ୍ୟମ୍, ତନ୍ତ୍ରରତ୍ନମ୍, ତାରା ରହସ୍ୟମ୍, ତ୍ରିପୁରାସାର ସମୁଚ୍ଚୟଃ, ଦଶ-ମହାବିଦ୍ୟା, ମନ୍ତ୍ରପଟ୍ଟୋଦ୍ଧାରଃ, ଦୁର୍ଗୋତ୍ସବ ଚନ୍ଦ୍ରିକା, ପାଶୁପତ ତନ୍ତ୍ରମ, ଯୋନି-ତନ୍ତ୍ରମ୍, ମୁଣ୍ଡମାଳା ତନ୍ତ୍ରମ୍, ଯୋଗିନୀ ତନ୍ତ୍ରମ୍, ସାଂଖ୍ୟାୟନ ତନ୍ତ୍ରମ୍, ଜ୍ଞାନାର୍ଣ୍ଣବ ତନ୍ତ୍ରମ୍, ସର୍ବୋଲ୍ଲାସ ତନ୍ତ୍ରମ୍, ଶକ୍ତି ସଙ୍ଗମ ତନ୍ତ୍ରମ୍, ବୀର ତନ୍ତ୍ରମ୍ ବର୍ଣ୍ଣଭୈରବ ତନ୍ତ୍ରମ୍, ବିଶ୍ୱସାର ତନ୍ତ୍ରମ୍, ବନଦୁର୍ଗା ତନ୍ତ୍ରମ୍, ଲିଙ୍ଗାର୍ଚ୍ଚନ ତନ୍ତ୍ରମ୍ ରାଧା ତନ୍ତ୍ରମ୍, ମେରୁ ତନ୍ତ୍ରମ୍, ମାୟା ତନ୍ତ୍ରମ୍, ମହାନୀଳ ତନ୍ତ୍ରମ୍, ନୀଳ-ତନ୍ତ୍ରମ୍, ନିରୁତ୍ତର ତନ୍ତ୍ରମ୍, ତନ୍ତ୍ର ଦୀପିକା, ଗୁପ୍ତ ସାଧନ ତନ୍ତ୍ରମ୍ (୧)

---

(୧) ବିଶେଷ ବିବରଣୀ ପାଇଁ ଦ୍ରଷ୍ଟବ୍ୟ—

**(1) A Des Cat. of Sans. MSS. of Orissa, Vol. V ( Tantra MSS. )-by M. P Das.**

ଏ ମଧ୍ୟରେ ଓଡ଼ିଶା ବାହାରୁ ସଂଗୃହୀତ କେତେ ଖଣ୍ଡି ଗ୍ରନ୍ଥ ଥିଲେହେଁ ଅଧିକାଂଶ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ମିଳିଥିବା ହେତୁ, ଓଡ଼ିଶାର ତନ୍ତ୍ର-ପ୍ରଚାର ବ୍ୟାପକତା ସହଜରେ ଅବଧାରିତ ହୋଇପାରେ ।

## ଅପଭ୍ରଂଶ ଓ ପ୍ରାକୃତ ସାହିତ୍ୟ ଅଧ୍ୟୟନ !—

ଏକ ସମୟରେ ଅପଭ୍ରଂଶ ଭାଷାର ରଚନାବଳୀ ଏବଂ ବିଭିନ୍ନ ପ୍ରାକୃତ ଭାଷାର କାବ୍ୟ ନାଟକାବଳୀ ସମଗ୍ର ଭାରତରେ ଦୃଢ଼ ଆସ୍ଥାନ ଜମାଇ ବସିଥିଲା । "କାଳସ୍ୟ କୁଟିଳା ଗତିଃ" ମତରେ ଏହି ଭାଷାସ୍ଥ ସାହିତ୍ୟର ଗୌରବ କମିଗଲା । ଆଧୁନିକ ପ୍ରାଦେଶିକ ଭାଷାମାନ (ଯଥା—ଓଡ଼ିଆ, ଆସାମୀ, ବଙ୍ଗଳା, ତେଲୁଗୁ ପ୍ରଭୃତି) ସାହିତ୍ୟ-ଭିତ୍ତିରେ ମହୀୟାନ୍ ହୋଇ ଉଠିଲେ ଏବଂ ସଂସ୍କୃତ ଭାଷା ସେ ସବୁର ଆଦର୍ଶ ହୋଇ ରହିଲା । ଫଳରେ, ବିଶାଳ ପ୍ରାକୃତ ସାହିତ୍ୟ ଶ୍ରୀହୀନ ହୋଇ ପଡ଼ିଲା । ବିଖ୍ୟାତ କବି ରାଜଶେଖର ସଂସ୍କୃତ ଭାଷାକୁ ରୁକ୍ଷ ଓ କର୍କଶ ବୋଲି କହି ପ୍ରାକୃତ ଭାଷାର ଲାଳିତ୍ୟ ପ୍ରତି ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିଅଛନ୍ତି :-

"ପରୁସୋ ସକ୍କଅ ବନ୍ଧୋ ପାଉଅ
ବନ୍ଧୋବି ହୋଇ ସୁଉମାରେ ।
ପୁରିସ ମହିଲାଣଂ ଜେତ୍ତି ଅମି ହଂତରଂ
ତେତ୍ତି ଅମି ମାଣଂ ।"

ଅର୍ଥାତ୍—ପ୍ରାକୃତ ଭାଷାରେ କେବଳ ଯେ ଲାଳିତ୍ୟ ଓ ମାଧୁର୍ଯ୍ୟ ଥିବାରୁ ଯେ ମନୋହାରିଣୀ ହୋଇଅଛି ତାହା ନୁହେଁ, ତାହାର [illegible] ଓ ରଚନା ବୈଭବ ମଧ୍ୟ ଏକାନ୍ତ ଚିତ୍ତାକର୍ଷକ ।

ବାକ୍ ପତିରାଜ ତାଙ୍କର ସୁପ୍ରସିଦ୍ଧ 'ଗୌଡ଼ବହୋ' କାବ୍ୟରେ ଲେଖିଛନ୍ତି—

ଣବମତ୍ଥଅ ଦଂସଣଂ ସଂନିବେଶସମିଦ୍ଧୀଓ × × ପୟୟମ୍ମି ।

ଅର୍ଥାତ୍ ଯେଉଁ ଅନାଦିକାଳରୁ ଆଜି ପର୍ଯ୍ୟନ୍ତ ନୂତନ ନୂତନ ଭାବସମ୍ପଦ ଓ ରଚନା ସମ୍ପଦ ଯଦି କେଉଁଠାରେ ଅନ୍ୱେଷଣ କରାଯାଏ, ତାହା କେବଳ ପ୍ରାକୃତ ସାହିତ୍ୟରେ ଦେଖିବାକୁ ମିଳିବ ସିନା, ଅନ୍ୟତ୍ର ନୁହେଁ ।

ଆଉ ଗୋଟିଏ କବି-ବଚନ ସମ୍ପର୍କରେ ଉଦ୍ଧାର କରାଯାଇପାରେ । ପ୍ରସିଦ୍ଧ ପ୍ରାକୃତ କବି ଜୟବଲ୍ଲଭ ତାଙ୍କର 'ବଜ୍ଜାଲଗ୍ଗ' କାବ୍ୟରେ ଲେଖିଛନ୍ତି—

"ଲଲିଅ ମହୁର କ୍ଖରଏ ଜୁବଇ ଯଣ ବଲ୍ଲହେ
ସ-ସିଂଗାରେ
ସଂତେ ପାଇଅ କବ୍ବେ କୋ ସକ୍କଇ
ସକ୍କଯଂ ପଢିଉମ୍ ।"

ଲଳିତ, ମଧୁର ଓ ଯୁବତୀ ଜନମନହାରୀ ତଥା ଶୃଙ୍ଗାର ରସଯୁକ୍ତ ପ୍ରାକୃତ ରଚନା ଯଦି ପଢ଼ିବାକୁ ମିଳିବ, ତେବେ କିଏ ଅବା କାହିଁକି ସଂସ୍କୃତ ସାହିତ୍ୟ ପଢ଼ିବାକୁ ଆଗ୍ରହୀ ହେବ ?

## ପ୍ରସିଦ୍ଧ ପ୍ରାକୃତ କାବ୍ୟ—

ବିଶାଳ ସଂସ୍କୃତ ସାହିତ୍ୟରେ ଗୁରୁତ୍ରୟୀ ଓ ଲଘୁତ୍ରୟୀର ଉଚ୍ଚ ଆସନ ପରି ଏକଦା ସୁପ୍ରସାରିତ ପ୍ରାକୃତ ସାହିତ୍ୟ ଉଦ୍ୟାନରେ ଯେଉଁ କେତୋଟି କାବ୍ୟ-କବିତାର ବୃକ୍ଷବଲ୍ଲରୀ ବିକଶିତ ହୋଇଥିଲା, ସେ ମଧ୍ୟରେ ଏହି କେତୋଟିର ନାମ ସର୍ବଥା ଉଲ୍ଲେଖଯୋଗ୍ୟ, ଯଥା—ସେତୁବନ୍ଧ କାବ୍ୟ ( ନାମାନ୍ତର, ରାବଣ ବଧ ବା ଦଶମୁଖ ବଧ ), ଗୌଡ଼ବହୋ ( ନାମାନ୍ତର, ଗୌଡ଼ବଧ ) ମଧୁମଖ ବିଜୟ, ଲୀଳାବତୀ, ସୋରି ଚରିଓ ( = ଶୌରି ଚରିତ ) ଉସାଣିରୁଦ୍ଧ ( ଉଷା-ଅନିରୁଦ୍ଧ ), ବଜ୍ଜାଲଗ୍ଗ, ବିଷମବାଣ ଲୀଳା । ଏହା ବ୍ୟତୀତ ଅନେକ ପ୍ରାକୃତ ନାଟକ ଓ ସଟ୍ଟକ ରହିଅଛି । ବଜ୍ଜାଲଗ୍ଗ ଏକ ସଦୁକ୍ତି ସାଗର ବା ସୂକ୍ତି ରତ୍ନାକର ରୂପେ ବିବେଚିତ ହୋଇଥାଏ । ଭାରତର ନବ୍ୟ ପ୍ରାଦେଶିକ ସାହିତ୍ୟଗୁଡ଼ିକ ପ୍ରାକୃତ ସାହିତ୍ୟର ଭିତ୍ତିଭୂମିରେ ଉଠିଥିବାରୁ, ସେ ସାହିତ୍ୟର ସାର-ଆହରଣ କରି ବିକଶିତ ହୋଇଥିବା ସ୍ୱାଭାବିକ ।

ଏହି ପରିପ୍ରେକ୍ଷୀରେ ଗୋଟିଏ ଦୃଷ୍ଟାନ୍ତ ଏଠାରେ ଦିଆଯାଇପାରେ । ପ୍ରାକୃତ ଲୀଳାବତୀ କାବ୍ୟରେ ପ୍ରତିଷ୍ଠାନପୁରର ରାଜା ସାତବାହନଙ୍କ ସଙ୍ଗେ ସିଂହଳ ରାଜକୁମାରୀ ଲୀଳାବତୀର ବିବାହ ବର୍ଣ୍ଣିତ । ଏଥିରେ ଅଛି ଯେ, ରାଜକୁମାର ପ୍ରଥମେ ରାଜକୁମାରୀର ଚିତ୍ର ଦେଖି ଆକୃଷ୍ଟ ହୋଇଥିଲେ । ପରେ ତାଙ୍କୁ ସ୍ୱପ୍ନ ଦେଖି ବିହ୍ୱଳ ଓ ବିମୁଗ୍ଧ ହୋଇ ଯାଇଥିଲେ । ତହିଁରେ ପୁଣି ଅଛି, ରାଜକୁମାରଙ୍କ ପକ୍ଷରୁ 'ବିଜୟାନନ୍ଦ' ଦୂତରୂପେ ଯାଇଥିଲେ । ଉପେନ୍ଦ୍ର ଭଞ୍ଜଙ୍କ 'ଲାବଣ୍ୟବତୀ'ରେ ସିଂହଳ ରାଜକୁମାରୀ ହିଁ କାବ୍ୟ-ନାୟିକା, ତାହାର ଚିତ୍ରପଟ ହିଁ ପଠାଯାଇଥିଲା ଓ ଜ୍ଞାନାନନ୍ଦ ଥିଲେ 'ପ୍ରେମ-ଦୂତ' । କିଏ କହିବ, ଲୀଳାବତୀର 'ବିଜୟାନନ୍ଦ' ଲାବଣ୍ୟବତୀରେ 'ଜ୍ଞାନାନନ୍ଦ' ହୋଇ ନାହାନ୍ତି ବୋଲି ?—ଯଦିଓ ଏହା ସ୍ୱୀକାର୍ଯ୍ୟ ଯେ ନାନା କାବ୍ୟର ବାଟ ବା ଗଳିପଥ ଦେଇ ଏହା ଭଞ୍ଜ-ସାହିତ୍ୟରେ ପ୍ରବେଶଲାଭ କରିଥାଇପାରେ । ଲୀଳାବତୀର ହର-ପାର୍ବତୀ ପୂଜା ବର୍ଣ୍ଣନା ସଙ୍ଗେ ଲାବଣ୍ୟବତୀର ହର-ପାର୍ବତୀ ପ୍ରସଙ୍ଗ ( ପ୍ରଥମ ଛାନ୍ଦ ) ତୁଳନୀୟ ।

ଏହା ଗୋଟିଏ ସୂତ୍ର ମାତ୍ର । ଅପଭ୍ରଂଶ ସାହିତ୍ୟ ସଙ୍ଗେ ମଧ୍ୟ ଭଞ୍ଜଙ୍କର ସମ୍ପର୍କ ଥାଇପାରେ । ମାତ୍ର ଏ ଯାଏ କେହି ଏ ଦିଗ ପ୍ରତି ଦୃଷ୍ଟି ଦେଇ ନାହାନ୍ତି ।

ପ୍ରାକୃତ ସାହିତ୍ୟରେ 'ତରଙ୍ଗବତୀ' ଏକ ପ୍ରସିଦ୍ଧ ଉପନ୍ୟାସ । ଏହାର ଲେଖକ ପିଳତ୍ତ ( ପାଦଲିପ୍ତ ) ସୂରି କୌଶଳ ଦେଶର ଅଧିବାସୀ ଥିଲେ ।

ଓଡ଼ିଆ 'ବତୀ' ସାହିତ୍ୟ ( ଯଥା— ଶୋଭାବତୀ, ଛବିବତୀ, ଇଚ୍ଛାବତୀ, ଲୀଳାବତୀ, ଲାବଣ୍ୟବତୀ ଇତ୍ୟାଦି ) ଉପରେ ଲୀଳାବତୀ, ତରଙ୍ଗବତୀ ପ୍ରଭୃତିର ପ୍ରଭାବ ମଧ୍ୟ ପରୀକ୍ଷଣୀୟ ।

ପ୍ରାକୃତ କାବ୍ୟ 'ସୁରସୁନ୍ଦରୀ'ରୁ ଭଞ୍ଜ ସାହିତ୍ୟ ସମ୍ପର୍କରେ ଆଉ ସଙ୍କେତ ଦିଆଯାଇପାରେ । ଏହି କାବ୍ୟରେ ଷୋଳଟି ପରିଚ୍ଛେଦ ବା ସର୍ଗ ଅଛି ଏବଂ ପ୍ରତି ସର୍ଗରେ ୨୫୦ ପଦ ଅଛି । ଅର୍ଥାତ୍ କାବ୍ୟର ମୋଟ ପଦସଂଖ୍ୟା ହେଉଛି ୨୫୦ × ୧୬ = ୪୦୦୦ । ଭଞ୍ଜଙ୍କର ଛାନ୍ଦ ଭୂଷଣରେ ଅଧିକାଂଶ ଛାନ୍ଦର ପଦସଂଖ୍ୟା ୨୦ । ଯେଉଁ ଛାନ୍ଦରେ ୨୦ ପଦ ନାହିଁ, ତତ୍ ସମ୍ପର୍କରେ

ଅନୁସନ୍ଧାନ ଲାଗି ପ୍ରବୃତ୍ତି ଜାତ ହୁଏ । ରାଜସ୍ଥାନୀ ସାହିତ୍ୟ ତଥା ପ୍ରାକୃତ ଓ ଅପଭ୍ରଂଶ ସାହିତ୍ୟ ଭିତ୍ତିରେ ମଧ୍ୟ ଭଞ୍ଜ-ଭାରତୀର ଗବେଷଣା ଦରକାର ।

## ତୁଳନାତ୍ମକ ଅଧ୍ୟୟନ କ୍ଷେତ୍ର —

ଭଞ୍ଜଙ୍କ ଉପରେ ପୂର୍ବବର୍ତ୍ତୀ ଓଡ଼ିଆ କବି, ଓଡ଼ିଶାର ସଂସ୍କୃତ କବି ଏବଂ ଭାରତର ବିଭିନ୍ନ ପ୍ରଦେଶର ସଂସ୍କୃତ କବିମାନଙ୍କର ପ୍ରଭାବପାତର ପରିମାଣ ନିରୂପଣ ଲାଗି ବହୁ ପଣ୍ଡିତଙ୍କର ସମୂହ ଗବେଷଣା ଦରକାର । ଓଡ଼ିଶାର ରାଜାମାନଙ୍କର ପ୍ରଶସ୍ତିମୂଳକ ଶତ ଶତ ସୁନ୍ଦର ସୁନ୍ଦର ଶ୍ଳୋକ ଅଭିଲେଖମାନଙ୍କରେ ଦେଖାଯାଏ (୧) । ସେ ମଧ୍ୟରୁ ଅନେକ ଶ୍ଳୋକ ପୂର୍ବେ ପଣ୍ଡିତମାନଙ୍କର କଣ୍ଠସ୍ଥ ଥିଲା ଏବଂ ରାଜସଭାମାନଙ୍କରେ ପରିବେଷିତ ହେଉଥିଲା । ହୁଏତ, ଧନଞ୍ଜୟଙ୍କର ରାଜସଭାର ପରମ ଗ୍ରାହକ ଉପେନ୍ଦ୍ର ତଦ୍ଦ୍ୱାରା ଉପକୃତ ହୋଇଥିଲେ । ଓଡ଼ିଶାର 'ଗୌଡ଼ୀରୀତି' ମୂଳକ ଶ୍ଳୋକ ରଚନାର ଧାରା ପ୍ରଦର୍ଶନ ପାଇଁ ପଣ୍ଡିତ ବିନାୟକ ମିଶ୍ର ଶ୍ଳୋକୋଦ୍ଧାର କରି-ଅଛନ୍ତି (୨) । କିନ୍ତୁ ତାହା ଏହି ବିଷୟକ ଉଦ୍ୟମ-ବୀଜର ଅଙ୍କୁରୋଦ୍‌ଗମ ମାତ୍ର । ଅଦ୍ୟାବଧି ତାହା ପଲ୍ଲବ ଧାରଣ କରି ପାରି ନାହିଁ । ଏଥି ସହିତ ଅନ୍ୟାନ୍ୟ ଗ୍ରନ୍ଥର ବିଚାର ପାଇଁ ଯେଉଁ କେତେ ଜଣ ପ୍ରବୀଣ ପଣ୍ଡିତଙ୍କର ସମୂହ ଉଦ୍ୟମ ଦରକାର, ସେମାନେ ସ୍ମୃତିମାନ୍, ମନନଶୀଳ ଓ ବିଚାରକ୍ଷମ ହେବା ଦରକାର । ପ୍ରତ୍ୟେକଙ୍କୁ ଭଞ୍ଜଙ୍କ ଉପଲବ୍ଧ ରଚନାବଳୀର ଗଭୀର ଅଧ୍ୟୟନ କରିବା ସଙ୍ଗେ ସଙ୍ଗେ ଏକ ବା ଏକାଧିକ ସଂସ୍କୃତ ଗ୍ରନ୍ଥର ମଧ୍ୟ ତାଦୃଶ ଅନୁଶୀଳନ କରିବାକୁ ପଡ଼ିବ । ତାହାହେଲେ ଉତ୍କଳ-ଭାରତୀଙ୍କର ଏହି ବରପୁତ୍ର, ଏହି 'ପୁରୁଷ-ସରସ୍ୱତୀ' କେଉଁ କେଉଁ ଗ୍ରନ୍ଥ-ରାଜ୍ୟରେ ବିଚରଣ କରି, କାହାଠାରୁ କି ପ୍ରେରଣା ଲାଭ କରିଥିଲେ, ତାହା ପ୍ରଦର୍ଶିତ ହୋଇ ପାରିବ ।

ଏବେ କେତେ ବର୍ଷ ତଳେ ମହାକବି କାଳିଦାସଙ୍କ ଉପରେ ଶିବ ପୁରାଣର ପ୍ରଭାବ ସମ୍ପର୍କରେ ଗବେଷଣାଲବ୍ଧ ଯେଉଁ ତଥ୍ୟ ଆବିଷ୍କୃତ ହୋଇଅଛି,

---

(୧) ଦେବ ଦେବୀଙ୍କର ବନ୍ଦନାତ୍ମକ ଶ୍ଳୋକମାନଙ୍କର ସଂଗ୍ରହ କ୍ଷେତ୍ରରେ ଐତିହାସିକ ଶ୍ରୀ ସତ୍ୟନାରାୟଣ ରାଜଗୁରୁଙ୍କର ଅବଦାନ ଏକାନ୍ତଭାବେ ଅଭିନନ୍ଦନୀୟ । (୨) ଓ: ସା: ଇତିହାସ (୧୯୨୮)

ତାହା ଅନେକେ ଜାଣି ନ ଥିବେ; ଜାଣିଲେ ହୁଏ ତ ଅବାକ୍ ହୋଇଯିବେ । ଏହା ଆବିଷ୍କୃତି ଦ୍ୱାରା ମହାକବି କାଳିଦାସଙ୍କର ଚରିତ୍ର-ସୁରୁଷ ଲବମାନ କ୍ଷୁଣ୍ଣ ହୋଇ ନାହିଁ; ବରଂ ଚନ୍ଦ୍ରର କଳଙ୍କ ଭୁଲି ସେ ସବୁ ବିବେଚିତ ହୋଇଅଛି ମାତ୍ର । ତଳେ ତହିଁର କେତୋଟି ଦୃଷ୍ଟାନ୍ତ ଦିଆଯାଉଛି ।

ମହାକବି କାଳିଦାସଙ୍କର 'କୁମାର-ସମ୍ଭବମ୍' କାବ୍ୟ ସମଗ୍ର ବିଶ୍ୱ-ସଂସ୍କୃତ-ସାହିତ୍ୟ-ଗଗନରେ ଏକ ମହୋଜ୍ଜ୍ୱଳ ନକ୍ଷତ୍ର ରୂପେ ଶୋଭାପାଏ । ଏଥିରେ ମହାକବି କାଳିଦାସ କିପରି ଶିବ ପୁରାଣରୁ ଆହରଣ କରିଅଛନ୍ତି, ତାହା ଦର୍ଶାଇବା ଲାଗି, ପ୍ରଥମେ କୁମାର-ସମ୍ଭବର ଶ୍ଳୋକ ଏବଂ ପରେ ଶିବ ପୁରାଣର ଶ୍ଳୋକମାନ, 'ଚିଲିକା ଓ ରାଧାନାଥ' ଗ୍ରନ୍ଥର ଭୂମିକାରୁ ଉଦ୍ଧାର କରାଯାଉଛି ।

## ପ୍ରଥମ ଦୃଷ୍ଟାନ୍ତ—

କୁମାର-ସମ୍ଭବରେ ଅଛି—

୧ ୨
ଅସ୍ତ୍ୟୁତ୍ତରସ୍ୟାଂ ଦିଶି ଦେବତାତ୍ମା
୩ ୪
ହିମାଳୟୋ ନାମ ନଗାଧିରାଜଃ
୫ ୬ ୭
ପୂର୍ବାପରୌ ତୋୟନିଧୀ ବଗାହ୍ୟ
୮ ୯ ୧୦ ୧୧
ସ୍ଥିତଃ ପୃଥିବ୍ୟା ଇବ ମାନଦଣ୍ଡଃ

ମହାଶିବ ପୁରାଣରେ ଅଛି—

୧ ୨
ଅସ୍ତୁତ୍ତରସ୍ୟାଂ ଦିଶି ବୈ
୪ ୩
ଗିରୀଶୋ ହିମବାନ୍ମହାନ୍

୫ ୬
ପୂର୍ବାପରୌ ତୋୟନିଧୀ
୭ ୮
ସ୍ଥିତଃ ପୃଥିବ୍ୟା ଇବ ମାନଦଣ୍ଡଃ
ନାନାରତ୍ନାକରୋ ରମ୍ୟା
୧୧ ୧୦ ୯
ମାନଦଣ୍ଡ ଇବ ସ୍ଥିତଃ ।

## ଦ୍ୱିତୀୟ ଦୃଷ୍ଟାନ୍ତ—

କୁମାର-ସମ୍ଭବରେ ଅଛି—

୧ ୨ ୩
କାଳକ୍ରମେଣାଥ ତୟୋଃ ପ୍ରବୃତ୍ତେ
୪
ସ୍ୱରୂପଯୋଗ୍ୟେ ସୁରତ ପ୍ରସଙ୍ଗେ
ମନୋରମଂ ଯୌବନଂ ମୁଦ୍ ବହନ୍ତ୍ୟା
୫ ୬
ଗର୍ଭୋଭବଦ୍ ଭୂଧରରାଜପତ୍ନ୍ୟାଃ ॥

ମହାଶିବ ପୁରାଣରେ ଅଛି—

୧ ୨ ୩ ୪
କାଳକ୍ରମେଣାଥ ତୟୋଃ ପ୍ରବୃତ୍ତେ ସୁରତେ ମୁନେଃ
୫ ୬
ଗର୍ଭୋବଭୂବ ମେନାୟା, ବବୃଧେ ପ୍ରତ୍ୟହଂ ଚ ସଃ ।

( 'ମେନା' ହେଉଛନ୍ତି ଭୂଧରରାଜ ହିମାଳୟଙ୍କ ପତ୍ନୀ )

## ତୃତୀୟ ଦୃଷ୍ଟାନ୍ତ

କୁମାର-ସମ୍ଭବରେ ଅଛି—

୧ ୨
ତାଂ ପାର୍ବତୀତ୍ୟାଭିଜନେନ ନାମ୍ନା
୩ ୪ ୫
ବନ୍ଧୁପ୍ରିୟାଂ ବନ୍ଧୁଜନୋ ଜୁହାବ

୬ ୭ ୮ ୯
ଉମେତି ମାତ୍ରା ତପସୋ ନିଷିଦ୍ଧା
୧୦ ୧୧ ୧୨
ପଶ୍ଚାଦୁମାଖ୍ୟାଂ ସୁମୁଖୀ ଜଗାମ ।

ମହାଶିବ ପୁରାଣରେ ଅଛି—

୨ ୧ ୫
କୁଳୋଚିତେନ ନାମ୍ନାତାଂ ପାର୍ବତୀତ୍ୟାଜୁହାବନ୍ଧ
୩ ୪
ବନ୍ଧୁପ୍ରିୟାଂ ବନ୍ଧୁଜନଃ ସୌଶୀଲ୍ୟଗୁଣ ସଂଯୁତାମ୍
୬ ୭ ୮ ୯
ଉମେତି ମାତ୍ରା ତପସୋ, ନିଷିଦ୍ଧା କାଳକା ତଥା
୧୦ ୧୧ ୧୨
ପଶ୍ଚାଦୁମାଖ୍ୟାଂ ସୁମୁଖୀ ଜଗାମ ଭୁବନେ ମୃତେ ।

**ଚତୁର୍ଥ ଦୃଷ୍ଟାନ୍ତ-**

କୁମାର-ସମ୍ଭବରେ ଅଛି—

୧ ୨
ମହୀଭୃତଃ ପୁତ୍ରବତୋପି ଦୃଷ୍ଟି
୩ ୪ ୫ ୬
ସ୍ତସ୍ମିନ୍ନପତ୍ୟେ ନ ଜଗାମ ତୃପ୍ତିମ୍ ।

ମହାଶିବ ପୁରାଣରେ ଅଛି—

୨ ୧ ୪ ୬ ୫ ୪
ଦୃଷ୍ଟିଃ ପୁତ୍ରବତୋପ୍ୟଦ୍ରେ ସ୍ତସ୍ମିନ୍ ତୃପ୍ତିଂ ଜଗାମ ନ

## ପଞ୍ଚମ ଦୃଷ୍ଟାନ୍ତ—

କୁମାର-ସମ୍ଭବରେ ଅଛି-

୧ ୨ ୩
ତାଂ ହଂସମାଳାଃ ଶରଦୀବ ଗଙ୍ଗା
୪ ୫ ୬
ମହୌଷଧିଂ ନକ୍ତମିବାତ୍ମଭାସଃ
୭ ୮
ସ୍ଥିରୋପଦେଶା ମୁପଦେଶ କାଳେ
୯ ୧୦
ପ୍ରପେଦିରେ ପ୍ରାକ୍ତନ ଜନ୍ମବିଦ୍ୟାଃ ।

ସଦାଶିବ ପୁରାଣରେ ଅଛି—

୭ ୮
ଅଥଦେବୀ ଶିବା ସା ଚୋପଦେଶ ସମୟେ ମୁନେ
ପପାଠ ବିଦ୍ୟାଃ ସୁପ୍ରୀତ୍ୟା ଯତଚାନ୍ତଚ ସଦ୍‌ଗୁରୋଃ
୯ ୧୦ ୨
ପ୍ରାକ୍ତନା ଜନ୍ମବିଦ୍ୟାସ୍ତାଂ ଶରଦୀବ ପ୍ରପେଦିରେ
୧ ୩ ୫ ୮
ହଂସାଳିଃ ସ୍ୱର୍ଣ୍ଣଦୀ ନକ୍ତ-ମାତ୍ମଭାସୋ ମହୌଷଧିମ୍

ପାଠକେ ! ଦୁଇ ଦୁଇଟି ଶ୍ଳୋକର ସାମ୍ୟ ଜାଣିବାକୁ, ଉଭୟ ଶ୍ଳୋକର ବିଭିନ୍ନ ଅଂଶ ଉପରେ ୧, ୨, ୩ ଇତ୍ୟାଦି ଯେଉଁ ଅଙ୍କ ଦିଆଯାଇଛି, ତାକୁ ମିଳାଇ ମିଳାଇ ( ୧କୁ ୧, ୨କୁ ୨ ଇତ୍ୟାଦି ) ଅତରେ ଦେଖନ୍ତୁ, ସାମ୍ୟର ପରିମାଣରେ ବିସ୍ମିତ ହେବେ । ତଥାପି, ଚନ୍ଦ୍ରର କଳଙ୍କ ଭଳି କାଳିଦାସୀୟ ପ୍ରତିଭା-ଚନ୍ଦ୍ରରେ ଏହି ଆଚ୍ଛନ୍ତ କୁଆଡ଼େ ବିଲୀନ ହୋଇ ଯାଇଛି ! (୧)

## ଆଉ ଏକ ଦୃଷ୍ଟାନ୍ତ : ସଂସ୍କୃତ ପ୍ରଭାବ ଦୃଷ୍ଟିରୁ—

ଉତ୍କଳ ଗଜପତି ପୁରୁଷୋତ୍ତମ ଦେବଙ୍କ 'ବିଷ୍ଣୁଭକ୍ତି କଳ୍ପଲତା' ଏକ ବରେଣ୍ୟକୃତି । ଏହା ୧୮୯୨ରେ ବମ୍ବେରୁ ପ୍ରକାଶିତ । ଏଥିରେ ଯେଉଁ

(୧) ଦ୍ରଷ୍ଟବ୍ୟ—ନାରାୟଣ ରାମ ଆଚାର୍ଯ୍ୟଙ୍କ ସଂସ୍କରଣର ଭୂମିକା ।

ଆଳଙ୍କାରିକ ସୁଭୁଷ୍ଟି ପ୍ରଦର୍ଶିତ, ତାହା ମଧ୍ୟ ଏ ପ୍ରସଙ୍ଗରେ ବର୍ଣ୍ଣନୀୟ । ତଳେ ତିନୋଟି ଶ୍ଳୋକ ଉଦ୍ଧାର କରାଯାଉଛି—

(କ) ସୁ—ଦନରା ଦନରା—ନ୍ରିଷୁ କେଶବେ
ଜ—ପରତାଃ ପରତା—ପ ନିବାରିଣି
ଅପି ନ ମୋହତ ମୋହତ ଚେତସ
ସ୍ତୁଦପି କଷ୍ଟ କଥାପି କୃତୋ ଭବେତ୍ ।

( ୩ୟ ସ୍ତବକ, ୪ର୍ଥ ଶ୍ଳୋକ )

(ଖ) ମନସ୍ୱି ଚେତସି ଚେତଃଜ ସ୍ମି-ତ ଦୂ୍ୟତ—
ଦ୍ୟୁମଣି ବୃଂଦ ସମେ ଦ୍ୱ ଧମେ—ପୁଷି
ଅପି ସୁଧ—ମିତସ୍ୟା ମତସ୍ୟା ସତାଂ
କମୁ ଶଚୀ ଶ ତସ୍ୟା ଶତ ସ୍ୟା—ଗତଃ ।

( ୩ୟ ସ୍ତବକ, ୩୫ ଶ୍ଳୋକ )

(ଗ) ମନ୍ଦାରମାଳାଭରସାଦରଂ ଯ
ନ୍ମାଣଂ ନଜାସୁନିଖିଳଂ ନୟନ୍ତି ।
ମନ୍ଦାରମାଳାଭରସାଦରଂ ତ
ନ୍ନ ଚନ୍ଦ୍ରଚୂଡ଼ଂ ପରିତୋଷୟନ୍ତି ।

( ୪ର୍ଥ ସ୍ତବକ, ୪ ଶ୍ଳୋକ )

ଭଞ୍ଜଙ୍କ ଆଳଙ୍କାରିକ ରଚନା ପାଇଁ ଏ ଭଳି ଗ୍ରନ୍ଥ ଅଳ୍ପ ଦାୟୀ ନ ଥିବ ।

## (୭) ଧନଞ୍ଜୟଙ୍କ ସମ୍ପନ୍ନ ନିର୍ଦ୍ଦେଶ : ସାଧନାର ପଥେ—

ସ୍ୱାମୀ ବିବେକାନନ୍ଦଙ୍କୁ ଚିହ୍ନିବାକୁ ହେଲେ ଯେପରି ଶ୍ରୀ ଶ୍ରୀ ରାମକୃଷ୍ଣ ପରମହଂସଙ୍କ ଜୀବନୀ ଜାଣିବାକୁ ହେବ, କବିଶେଖର ରବୀନ୍ଦ୍ରନାଥଙ୍କ ପାଇଁ ତଦୀୟ ପିତୃଦେବଙ୍କର, ଠିକ୍ ସେହିପରି ଉପେନ୍ଦ୍ର ଭଞ୍ଜଙ୍କ ଜୀବନୀର ଅବବୋଧ ପାଇଁ ତଦୀୟ ପିତାମହ ରାଜକବି ଧନଞ୍ଜୟ ଭଞ୍ଜଙ୍କର ଜୀବନୀ ଉତ୍ତମ ଭାବରେ ଜାଣିବାକୁ ହେବ । ଉପେନ୍ଦ୍ରଙ୍କର ପିତା ନୀଳକଣ୍ଠ ଭଞ୍ଜ ମଧ୍ୟ କବି ଥିବାର ଜଣାଯାଏ । ସେଥିପାଇଁ ସେ ବୋଧହୁଏ ଲେଖିଥିଲେ—

"ତଦ୍‌ବତ ତାହାଙ୍କ ତନୁଜ
ନରେଶ ନୀଳକଣ୍ଠ ଭଞ୍ଜ ।" ( ଲାବଣ୍ୟବତୀ, ୧୭ ଛାନ୍ଦ )

ସ୍ୱର୍ଗତ ମହେନ୍ଦ୍ର ପଟ୍ଟନାୟକଙ୍କ ଭାଷାରେ—

"ଯେଉଁ ଧନଞ୍ଜୟଙ୍କର ଉପେନ୍ଦ୍ରଙ୍କ ଉପରେ ଏତେ ପ୍ରଭାବ, ସେହି ଧନଞ୍ଜୟ ସପ୍ତଦଶ ଶତାବ୍ଦୀର ପ୍ରଥମ ଭାଗରେ ଘୁମୁସର ସିଂହାସନରେ ଅଧିରୂଢ଼ ଥିଲେ । × × । ଧନଞ୍ଜୟ ବହୁପତ୍ନୀ ବିବାହ କରିଥିଲେ ଏବଂ ବହୁପତ୍ନୀ ବିବାହ ହିଁ ତାଙ୍କର ଅସ୍ୱାଭାବିକ ମୃତ୍ୟୁ ଆନୟନ କଲା । ବହୁ ପତ୍ନୀଙ୍କ ଗର୍ଭରୁ ଧନଞ୍ଜୟ ବହୁ ସନ୍ତାନ ଲାଭ କରିଥିଲେ । ସେ ଯେତେବେଳେ ବାର୍ଦ୍ଧକ୍ୟରେ ଉପନୀତ ହେଲେ, ତାଙ୍କ ରାଣୀମାନେ ନିଜ ନିଜ ସନ୍ତାନମାନଙ୍କର ସ୍ୱାର୍ଥ ସଂରକ୍ଷଣ ଉଦ୍ଦେଶ୍ୟରେ ନଅର ଭିତରେ ଅନ୍ତର୍ବିପ୍ଳବର ସୂତ୍ରପାତ କଲେ । ଏହି ବିପ୍ଳବ ଫଳରେ ଧନଞ୍ଜୟଙ୍କର ପରମ ପ୍ରିୟବଲ୍ଲଭା ରାଣୀ ହାତରୁ ଦେଇ ତାଙ୍କ ଖାଦ୍ୟରେ ବିଷ ଦିଆଇଲେ (୧) । ଆପଣାର ପ୍ରେୟସୀ ହସ୍ତରେ ବିଷପାନ କରି ଧନଞ୍ଜୟ ଭଞ୍ଜ ଅବଶେଷରେ ପଞ୍ଚତ୍ୱ ପ୍ରାପ୍ତ ହେଲେ । ସେ ବହୁପତ୍ନୀ ବିବାହର ବିଷମୟ ଫଳ ଭୋଗ କଲେ ଏବଂ ତାହାର ଫଳରେ ଘୁମୁସର ଭଞ୍ଜବଂଶ ଅସ୍ତମିତ ହେଲା । ଧନଞ୍ଜୟଙ୍କ ଅତିରିକ୍ତ ସ୍ତ୍ରୈଣତା ତାଙ୍କ ବଂଶ ବିଲୟର କାରଣ ହେଲା । ତାଙ୍କ ବାର୍ଦ୍ଧକ୍ୟର ଅସ୍ୱାଭାବିକ କାମୁକତା ଭଞ୍ଜ ରାଜ୍ୟର ସ୍ୱାଧୀନତା ବିଲୁପ୍ତ କଲା ।

"ଧନଞ୍ଜୟଙ୍କ ମୃତ୍ୟୁ ପରେ ଘୁମୁସରରେ ଘୋରତର ଅନ୍ତର୍ବିପ୍ଳବର ସୃଷ୍ଟି ହେଲା । ଏହି ବିପ୍ଳବ ବେଳକୁ ଆମ୍ଭମାନଙ୍କ ଆଲୋଚିତ "ଉପେନ୍ଦ୍ର ଭଞ୍ଜ" ଯୁବକ । ୧୭୨୦ ଖ୍ରୀଷ୍ଟାବ୍ଦ ସରିକି ଉପଇନ୍ଦ୍ରଙ୍କ 'ଚୌପଦୀଭୂଷଣ' ରଚିତ ହୋଇ ସାରିଲାଣି । ଏତିକିବେଳେ ଧନଞ୍ଜୟଙ୍କ ଅନ୍ୟତମ କୁମାର ନୀଳକଣ୍ଠ ବିପ୍ଳବରେ ବିଜୟୀ ହେଲେ ଏବଂ ଘୁମୁସର ସିଂହାସନ ଆରୋହଣ କଲେ (୨) । କିନ୍ତୁ ଜ୍ୟେଷ୍ଠାରାଣୀ ନୀଳକଣ୍ଠ ଭଞ୍ଜଙ୍କୁ ଦୀର୍ଘକାଳ ଭଞ୍ଜଭୂମିର ସିଂହାସନରେ ବସାଇ ଦେଇ ନ ଥିଲେ । ଜ୍ୟେଷ୍ଠା ରାଣୀଙ୍କର ଶିଶୁ ସନ୍ତାନକୁ ନେଇ ଗୋଟିଏ ପ୍ରବଳ ଦଳ ଗଠିତ ହେଲା । ସେହି ଦଳର ତାଡ଼ନାରେ ନୀଳକଣ୍ଠ ଆଉ ତିଷ୍ଠି ପାରିଲେ ନାହିଁ । ପୂର୍ଣ୍ଣ ଦୁଇଟି ବର୍ଷ ରାଜତ୍ୱ କରିଛନ୍ତି କି ନାହିଁ, ସେ ସପୁତ୍ର ସପରିବାର ଘୁମୁସରରୁ ବିତାଡ଼ିତ ହେଲେ । ସ୍ୱରାଜ୍ୟରୁ ବିତାଡ଼ିତ ହୋଇ ନୀଳକଣ୍ଠ ଭଞ୍ଜ ପୁତ୍ର ପରିବାର ଘେନି ନୂଆଗଡ଼ରେ ନିର୍ବାସିତ ହୋଇ

(୧) ମତାନ୍ତରେ ସେ ହିଁ ମଣ୍ଡାଦେବୀ । (୨) ଏହା ଠିକ୍ ନୁହେ ।

ରହିଲେ । ଉପେନ୍ଦ୍ର ଭଞ୍ଜ ମଧ ପିତା ନୀଳକଣ୍ଠଙ୍କ ସହିତ ନୂଆଗଡ଼ରେ ବାସ କଲେ । ଉପେନ୍ଦ୍ର ସେଠାରେ ସାହିତ୍ୟ ସାଧନରେ ନିଜକୁ ନିୟୋଜିତ କଲେ ।" (୧)

ଧନଞ୍ଜୟଙ୍କ ରାଜସଭାରେ ପଣ୍ଡିତ ଖ୍ୟାତିର ନାନା ବିବରଣୀ ଲୋକ-ମୁଖରେ ଉଜ୍ଜୀବିତ ରହି ଅଛି । ତାରିଣୀ ଚରଣଙ୍କ ମତରେ, ରାଜକବି ଧନଞ୍ଜୟ ଜଣେ ବଳିଷ୍ଠ ସାଧକ । ସେ ପୂର୍ବବର୍ତ୍ତୀ କବିମାନଙ୍କର ଧାରା ଅନୁସରଣ କରିଥିଲେ ମଧ ଏ ଭଳି କେତେକ ଆଳଙ୍କାରିକତା ତହିଁରେ ସମାବେଷ୍ଟିତ କରିଛନ୍ତି, ଯାହା ବହୁ ପରବର୍ତ୍ତୀ କବିଙ୍କର ଅନୁକରଣୀୟ ହୋଇଅଛି । (୨)

## ଧନଞ୍ଜୟଙ୍କ କବିତ୍ୱ—

ଧନଞ୍ଜୟ ଭଞ୍ଜଙ୍କର କାବ୍ୟମାନଙ୍କର ମଧ୍ୟରେ "ରଘୁନାଥ ବିଳାସ" ହିଁ ସର୍ବଶ୍ରେଷ୍ଠ ରୂପେ ବିବେଚିତ ହୋଇଥାଏ । କବି କିନ୍ତୁ ଏହି କାବ୍ୟକୁ 'ଶ୍ରୀରାମ ବିଳାସ' ନାମ ଦେଇଛନ୍ତି । 'ଶ୍ରୀରାମ ବିଳାସ' କେବେ ବା କିପରି ରଘୁନାଥ ବିଳାସ' ରୂପେ ପରିଚିତ ହେଲା, କହିବା କଷ୍ଟକର । କବି ଅଧିକାଂଶ ଛାନ୍ଦରେ ଶ୍ରୀରାମ ବିଳାସ, ଶ୍ରୀ ରାମଚନ୍ଦ୍ର ବିଳାସ ଲେଖିଥିଲେ ମଧ, ଠାଏ ଠାଏ ରଘୁନାଥ ନାମ ଉଲ୍ଲେଖ କରି ଛାନ୍ଦ ଶେଷ କରିଛନ୍ତି । ଯାହାହେଉ, ରୀତିଯୁଗର ଜଣେ ବରେଣ୍ୟ ସାଧକ ରୂପେ ସେ ନିଜକୁ କିପରି ପ୍ରସ୍ତୁତ କରୁଥିଲେ, ତାହା ଏ କାବ୍ୟର ପ୍ରଥମ ଛାନ୍ଦର ମଙ୍ଗଳାଚରଣରୁ ଅନୁମାନ କରିହେବ । ଯଥା—

"ବନ୍ଦଇ ଜଗତ ନାଥ ଅନାଦି କାରଣ,
ସ୍ଥିତି ସୃଷ୍ଟି ପ୍ରଳୟର ଭୟ ନିବାରଣ ଯେ । ୧ ।
ଯୋଗୀ ହୃଦକମଳ ପ୍ରକାଶ ଦିନକର,
ଇନ୍ଦ୍ରନୀଳମଣି ରୁଚି ରୁଚିର ଆକର ଯେ । ୨ ।

---

(୧) ଉତ୍କଳ ପ୍ରତିଭା, ପୃ ୫୩

(୨) ମଦନ ମଞ୍ଜରୀ ମୁଖବନ୍ଧ, ପୃ ।

ରଘୁବଂଶ ଅବତଂସ ସୁମନା ମଣ୍ଡନ
ଖରଖର ଆଦିଦୈତ୍ୟ ସମ୍ପଦ ଖଣ୍ଡନ ଯେ । ୩ ।
ଦଶଶିର ବଂଶ ବଂଶ ଗହନ ଦହନ
ମହୀ ମହୀ ପର ଶୋକ ଘର ନିବାରଣ ଯେ । ୪ ।
କୁମୁଦ କୁମୁଦ ମୋଦକାରୀ ନାମ ମୂର୍ତ୍ତି
ସୁଗ୍ରୀବ ସୁଗ୍ରୀବ ଠାରେ ବନ୍ଦିତ ଯା କୀର୍ତ୍ତି ଯେ । ୫ ।
ସୁଲକ୍ଷଣ ଲକ୍ଷଣ ଯାହାର ଅନୁଚର
ଶୁଭରତ ଭରତ ଯାହାର ପ୍ରୀତିକର ଯେ । ୬ ।
ଶତ୍ରୁଘ୍ନ ଶତ୍ରୁଘ୍ନ ଯାର ଆଜ୍ଞାକାରୀ
ଅସୁର ଅସୁରହାରୀ ଅଯୋଧ୍ୟା ବିହାରୀ ଯେ । ୭ ।
ଘନ ରସେ ଘନରସେ ସ୍ୱଚ୍ଛନ୍ଦେ ବିହରି
ବେଦ ଉଦ୍ଧାରଣ କଲ ମୀନରୂପ ଧରି ଯେ । ୮ ।"

ଏହା ସହିତ 'ବୈଦେହୀଶ ବିଳାସ' ଅନ୍ତର୍ଗତ ଦଶରଥଙ୍କର ପୁତ୍ରମାନଙ୍କର ନାମକରଣ ବର୍ଣ୍ଣନା ତୁଳନୀୟ—

"ବହିଲେ ଭରତ ନାମ କୈକେୟୀ ସୁତ
ବୋଇଲେ ସଦା ବଞ୍ଚିବ ଏ ଶୁଭରତ ।
ବେନି ସୁତ ସୁମିତ୍ରାର ଦେଖି ହରଷ
ବିଚକ୍ଷଣ ଲକ୍ଷଣ ମାନଙ୍କେ ପ୍ରକାଶ
ବଶିଷ୍ଠେ ଯେଣୁ ଶତ୍ରୁଘ୍ନ ହେବ ସହଜେ
ବଦତ ଏଣୁ ଶତ୍ରୁଘ୍ନ ନାମ ଅନୁଜେ ।"

(୫ମ ଛାନ୍ଦ)

ପୁଣି 'ସୁଭଦ୍ରା ପରିଣୟ'ରେ—

"ସ୍ତବ ଏଥିପାଇଁ
ଶାନ୍ତେ ଶ୍ରୀ ରଘୁନାଥ ଆରାଧଇ
ସୁଗ୍ରୀବ ସୁଗ୍ରୀବ ସଙ୍ଗତେ ମିତ
ସୁଗ୍ରୀବ ଯୋଚିତ ରଥରେ ସ୍ଥିତ ।" (ଶେଷ ଛାନ୍ଦ)

ଏଭଳି ଶବ୍ଦ-କଦମ୍ବର ଅନ୍ୟ ଦୃଷ୍ଟାନ୍ତ ମାନ ମଧ୍ୟ ଭଞ୍ଜ-ସାହିତ୍ୟରୁ ଦିଆ-ଯାଇ ପାରିବ । ରେଖାଙ୍କିତ ଶବ୍ଦମାନଙ୍କରୁ ପ୍ରଭାବର ସୂତ୍ର ସହଜରେ ଧରି ହେବ ।

## ଧନଞ୍ଜୟ ଓ ଉପେନ୍ଦ୍ର—

"ଧନଞ୍ଜୟ ଓ ଉପେନ୍ଦ୍ର, ଯଥାକ୍ରମେ ପିତାମହ ଓ ପୌତ୍ର । ପିତାମହଙ୍କ ସମ୍ପତ୍ତିରେ ପୌତ୍ରର ଦାବୀ କେବଳ ଯେ ଅନ୍ୟାୟ ନୁହେ, ତା ନୁହେ; ବରଂ ଶାସ୍ତ୍ରସିଦ୍ଧ ଓ ଆଗ୍ରହ ପ୍ରତିଷ୍ଠିତ । ସୁତରାଂ, ଯଦି ଧନଞ୍ଜୟଙ୍କ କାବ୍ୟଗତ ବିଶେଷତ୍ୱର ଅଂଶ ଉପେନ୍ଦ୍ର ଗ୍ରହଣ କରିଥାନ୍ତି, ତହିଁରେ କୌଣସି ଅଯଥାର୍ଥତା ନାହିଁ; ବରଂ, ଯଦି ତାହା ସେ କରି ପାରି ନାହାନ୍ତି ବୋଲି ଧରାଯାଏ, ତେବେ ହୁଏ ତ ତାଙ୍କର ଅପାରଗତା, ଅନ୍ତତଃ ଲୌକିକ ଓ ସାମାଜିକ ସୂତ୍ରରେ ପ୍ରଦର୍ଶନ କରାଯାଇ ପାରିବ । ପ୍ରକୃତ କଥା ହେଉଛି, ଯେ ମହାକବି, ସେ ମହା-ପ୍ରତିଭାଶାଳୀ । ତାଙ୍କର ପକ୍ଷରେ ହିଁ ଅନ୍ୟଠାରୁ ମହାନ୍ ଭାବରେ ସାର ସଂଗ୍ରହ ସମ୍ଭବପର । ଉପେନ୍ଦ୍ରଙ୍କ ମହାକବିତ୍ୱର ବର୍ଣ୍ଣନା ଏ ସ୍ଥଳରେ ଅନୁଭୂତ ହେଉ ନାହିଁ । ସେ ସ୍ୱଭାବସିଦ୍ଧ ମହାକବି । ସୁତରାଂ, ପିତାମହଙ୍କ ଠାରୁ ଅଂଶ-ବିଶେଷ ଗ୍ରହଣ କରିଥିବାର ପ୍ରମାଣ ବା ଯୁକ୍ତିଯୁକ୍ତ ଅନୁମାନ ତାଙ୍କର ଯେଉଁ କବିତାଂଶମାନଙ୍କରେ ଉପଲବ୍ଧ, ସେଗୁଡ଼ିକୁ ଅବତାରଣା କଲାବେଳେ ଦେଖିବାକୁ ହେବ, ସେହି ଆହରଣ କ୍ରିୟା ମଧ୍ୟରେ ମହାକବିସୁଲଭ ତାଙ୍କର ମହତ୍ତ୍ୱ କେତେଦୂର ପ୍ରତିଫଳିତ ହୋଇଅଛି ।" (ଅ: ରେଖା ମୁଖବନ୍ଧ, ପୃ ।✓)

ଧନଞ୍ଜୟ ଭଞ୍ଜ ବହୁ କାବ୍ୟ ରଚନା କରି ସୁନାମ ଅର୍ଜନ କରିଥିଲେ । ସଂସ୍କୃତ ବ୍ୟାକରଣରେ ତାଙ୍କର ଗଭୀର ପ୍ରବେଶ ଥିଲା । ସେ ଥିଲେ ହାସ୍ୟ-ରସିକ । ନିଜେ ଗୁଣବନ୍ତ ଥାଇ ଗୁଣୀ ଲୋକମାନଙ୍କର ଆଦର କରୁଥିଲେ । 'ରଘୁନାଥ ବିଳାସ' ରଚନା ପରେ ସେ ତାହା ଉପରେ ପଣ୍ଡିତ ଲୋକମାନଙ୍କର ମତ ଲୋଡ଼ିଥିଲେ । ରାଜସଭାରେ ପଣ୍ଡିତମାନେ ପ୍ରାୟତଃ ସ୍ତାବକଶ୍ରେଣୀୟ । ଫଳରେ, ପଣ୍ଡିତ ଲୋକଙ୍କଠାରୁ ପ୍ରତିକୂଳ ମନ୍ତବ୍ୟ ମିଳିବା ସମ୍ଭବପର ନୁହେ ।

କିନ୍ତୁ ବିଧାତା ବ୍ୟକ୍ତିବିଶେଷଙ୍କ ପାଇଁ ଗୋଟିଏ ଗୋଟିଏ ବିଚିତ୍ର ପରିସ୍ଥିତି ସୃଷ୍ଟି କରିଥାନ୍ତି । ସେହି ପରିସ୍ଥିତିରେ ସୌଭାଗ୍ୟଲକ୍ଷ୍ମୀ ବଳେ ବଳେ

ବିରାଜମାନ ହୁଅନ୍ତି । ଭଞ୍ଜ ସେତେବେଳକୁ ବିଦ୍ୟାଧ୍ୟୟନ କରି କୁଲ୍‌ଡଗଡ଼ରେ ତଥା ପଣ୍ଡିତ ମହଲରେ ବିପୁଳ ସୁନାମ ଅର୍ଜନ କରିଥାଆନ୍ତି । ଧନଞ୍ଜୟଙ୍କ ଇଚ୍ଛା ହେଲା, ଉପେନ୍ଦ୍ରଙ୍କୁ ସେଥର 'ରଘୁନାଥବିଳାସ' କାବ୍ୟ ଦେଖାଇବାକୁ । ସେ ତାହା କଲେ । କେତେ ଜଣ ପଣ୍ଡିତ ମଧ୍ୟ ପାଖରେ ଥାଆନ୍ତି । ଉପେନ୍ଦ୍ର ସମ୍ଭ୍ରମରେ ପଣ୍ଡିତ-ପିତାମହଙ୍କ ସସ୍ନେହ ସଙ୍କେତକୁ ଅଲଙ୍ଘ୍ୟ ଆଦେଶ ରୂପେ ଗ୍ରହଣ କଲେ । ରାମାୟଣ କଥା ଉପରେ ଆଧାରିତ ଏହି 'ରଘୁନାଥ ବିଳାସ' କାବ୍ୟ ଖଣ୍ଡିକ ଦୁଇ ହାତରେ ଧରି ଠାଏ ଖୋଲି ଦେଲେ । ଯେଉଁ ଅଂଶଟି ଉପରେ ତାଙ୍କର ଆଖି ପଡ଼ିଲା, ସେହି ଅଂଶଟି ହେଉଛି –

"ପଛେ ରଘୁକୁଳ ମଣି
ନାବିକକୁ ବୋଲେ ବାଣୀ,
ଆଣ ତୁମ୍ଭ ନାବ ବେଗେ,
ଆମ୍ଭେ ଯିବୁ ଋଷି ସଙ୍ଗେ ।
ଶୁଣି ଶ୍ରୀରାମ ଉତ୍ତର,
ବୋଇଲା ତହିଁ ଧୀବର,
ରହ ତୁମ୍ଭେ ରଘୁବୀର,
ଧୋଇବି ତୁମ୍ଭ ପୟର ।
ଏ ନାବ ମୋର ଜୀବିକା,
ଏ ପୁଣି ହେବ ନାୟିକା,
ମୁଁ ପୁଣି କରିବି କିସ,
ମୋ କୁଟୁମ୍ବ ଯିବ ନାଶ ।
ତୋର ଏ ଚରଣ ରେଣୁ,
ଲାଗିଲା ପାଷାଣେ ଯେଣୁ,
ହୋଇଲା ସେ ଦିବ୍ୟ ନାରୀ,
ଗଲା ଗଉତମ ପୁରୀ ।"

ମଧୁର ସ୍ୱରରେ ଏତିକି ପଢ଼ିଦେଇ ଉପେନ୍ଦ୍ର ଟିକିଏ ଚମକିତ ହୋଇଗଲା ପରି ରହିଗଲେ । ଏକାନ୍ତ ସ୍ନେହଶୀଳ ଧନଞ୍ଜୟ ସହାସ ବଦନରେ କହି ପକାଇଲେ, "କ'ଣ ଅଟକିଗଲ, ମୋ ଲେଖା ମନକୁ ଆସିଲା ନାହିଁ କି ?"

ବଡ଼ ବିଚଳିତ ହେଲା ପରି ଉପେନ୍ଦ୍ର ଭଞ୍ଜ ଜଣାଗଲେ । ଟିକିଏ ଗମ୍ଭୀର ସ୍ୱରରେ କହିଲେ, "ଲେଖା ଉତ୍ତମ ହୋଇଛି ମଣିମା, ତେବେ କଥା କଅଣ କି······।" ଧନଞ୍ଜୟ ବିସ୍ମୟରେ ପଚାରିଲେ, "କଥା ତେବେ କଅଣ ?" ଉପେନ୍ଦ୍ର କହିଲେ, "ନାହିଁ ନାହିଁ, କଥା କିଛି ନୁହେ । ମୁଁ ଖାଲି ଭାବୁଥିଲି, ଆପଣ ଯେଉଁ ସଂସ୍କୃତ ରଚନାକୁ ଅବଲମ୍ବନ କରି ଏହି ଅଂଶଟିକୁ ଲେଖି ଯାଇଛନ୍ତି, ସେହି ରଚନାଠାରୁ ଆପଣ ଅଧିକା କ'ଣ କହି ଅଛନ୍ତି ।"

ଧନଞ୍ଜୟ କହିଲେ, "ମୁଁ କାହାଠାରୁ ଏ ସବୁ ଚୋରାଇ ଆଣିଛି ବୋଲି କହୁଛ ?"

ଉପେନ୍ଦ୍ର ଉତ୍ତର ଦେଲେ, 'ଚୋରାଇବା' ଶବ୍ଦ ପ୍ରୟୋଗ କରି ମଣିମା ଠିକ୍ କଥା କହିଛନ୍ତି । ଅର୍ଥାତ୍, ସାହିତ୍ୟ ରାଜ୍ୟରେ ପୂର୍ବବର୍ତ୍ତୀ କବିମାନଙ୍କ ଠାରୁ ଭାଷା ଓ ଭାବ ଆଦୌ ଗ୍ରହଣ କରି ନ ଥିବା ଲୋକ ନାହାନ୍ତି କହିଲେ ଚଳେ । ସେଥିପାଇଁ ପଣ୍ଡିତମାନେ ପରମ୍ପରାରେ କହି ଆସିଛନ୍ତି—"ନ ଅଚୌରସ୍ତୁ କବିଃ କଶ୍ଚିତ୍" । ମଣିମା ଯଦି ଅନ୍ୟଠାରୁ ଗ୍ରହଣ କରିଛନ୍ତି, ଏହା ବଳିଷ୍ଠ ପ୍ରତିଭାର ପ୍ରମାଣ ଦେଉଛି ମାତ୍ର । ତେବେ ମୁଁ ଭାବୁଥିଲି, ଆପଣ 'ଅଧ୍ୟାତ୍ମ ରାମାୟଣ'ର ଏହି ଶ୍ଳୋକଟି ଆଖିରେ ରଖି ଲେଖି ଯାଇଛନ୍ତି ଯଥା—

"କ୍ଷାଳୟାମି ତବ ପାଦପଙ୍କଜଂ
ନାଥ ଦାରୁ ଦୃଷଦୋଃ କିମନ୍ତରମ୍ ।
ମାନୁଷୀକରଣ ରେଣୁରସ୍ତିତେ
ପାଦୟୋରିତିକଥା ପ୍ରଥୀୟସୀ ।"

ଉପେନ୍ଦ୍ର ଏହି ଶ୍ଳୋକ ପାଠ କଲାବେଳେ ଗୁଣଗ୍ରାହକ ଧନଞ୍ଜୟ ଏକ ଦିବ୍ୟ ଆନନ୍ଦ ଅନୁଭବ କରୁଥାନ୍ତି । ଶ୍ଳୋକଟି ପଢ଼ିସାରି ଉପେନ୍ଦ୍ର କହିବାକୁ ଲାଗିଲେ— "ହଁ, ଅଧ୍ୟାତ୍ମ ରାମାୟଣର ଏହି ଶ୍ଳୋକଟିର ଭାବଧାରା ମଧ୍ୟ ମହାନାଟକରୁ ଗୃହୀତ ହୋଇଅଛି (୧) । କାରଣ ମହାନାଟକର ପ୍ରଥମ ଅଙ୍କରେ ଅଛି—

"ଚରଣ ନଳିନରାଗାନୁଗ୍ରହଂତେ ଭଜନ୍ତୀ
ଭବତୁଚରମିସ୍ମୁଂ ନଃ ଶ୍ରୀମତୀ ପୋତପୂର୍ଣ୍ଣୀ ।

(୧) ଏ ଦୁଇ ଗ୍ରନ୍ଥର ଆନୁପୂର୍ବିକତା ଅଦ୍ୟାପି ବିବଦମାନ ।

ଉପଳତନୁରହଲ୍ୟା ଗୌତମସ୍ୟେବ ଶାପାତ୍
ଇତିମପି ମୁନିପତ୍ନୀ ଶାପିତାକେନ ବାସ୍ୟାତ୍ ।”
( ମହାନାଟକ—୧ମ ଅଙ୍କ )

ଖାଲି ସେତିକି ନୁହେଁ, ଉତ୍ତର-ଭାରତର ମହାକବି, ଭକ୍ତପ୍ରବର ତୁଳସୀ ଦାସ ମଧ୍ୟ ଏହି ସଂସ୍କୃତ ଶ୍ଳୋକର ଅବଲମ୍ବନରେ ଲେଖିଛନ୍ତି—

“ଛୁଅତ ଶିଳାଭଇ ନାରି ସୁହାଈ
ପାହନ ତେଁନ କାଠ କାଠିନାଈ
ତରଇ ନଉ ମୁନିଘରନୀ ହୋଇ ଯାଈ
ବାଟ ପରଇ ମୋରି ନାଉ ଉଡ଼ାଈ ।
ଏହି ପ୍ରତିପାଲଉଁ ସବୁ ପରିବାରୂ
ନହିଁ ଜାନଉଁ କଛୁ ଅଉର କବାରୂ
ଜୌଁ ପ୍ରଭୁ ପାର ଅବସି ଗା ଚହହୂ
ମୋହିଁ ପଦ ପଦୁମ ପଖାରନ କହହୂ ।”

ଅଯୋଧ୍ୟା କାଣ୍ଡର ସପ୍ତମ ବିଶ୍ରାମରେ ଏହି ଅଂଶରେ ତୁଳସୀ ଦାସ ଯତ୍‌ସାମାନ୍ୟ ନୂତନତା ଦେଖାଇଛନ୍ତି । ମୁଁ ଖାଲି ଭାବୁଥିଲି, ଆପଣଙ୍କର କି ନୂତନତା ପ୍ରକାଶ ପାଇଛି ଏବଂ ତାହା କେତେଦୂର ପଣ୍ଡିତ ମଣ୍ଡଳୀର ପ୍ରଶଂସନୀୟ ହେବ ।”

ଧନଞ୍ଜୟ ଟିକିଏ ଗମ୍ଭୀର ହୋଇ ରହିଗଲେ । କହିଲେ—“ଆଚ୍ଛା, ତୁମେ ଯଦି ଏହି ଅଂଶଟି ଉପରେ ଲେଖନ୍ତ, କଣ ଲେଖନ୍ତ ?

“ମୁଁ ଲେଖିଲେ, କଣ ଲେଖନ୍ତି ତାହା କହି ପାରିବି । ତେବେ, ଖାଲି ତ ଏହି ଗୋଟିକ କଥା ଦୃଷ୍ଟିରୁ ମୁଁ ଆପଣଙ୍କ କାବ୍ୟକୁ ଦେଖୁ ନାହିଁ । ମୁଁ ଦେଖୁଛି, କାବ୍ୟର ଆଳଙ୍କାରିକ ବିଭବ ଦୃଷ୍ଟିରୁ । ଆଜିର ପଣ୍ଡିତମାନେ ସଂସ୍କୃତ ସାହିତ୍ୟରେ ବୁଡ଼ି ରହି ଆମ ମାତୃଭାଷାର ସାହିତ୍ୟକୁ ସେଭଳି ସମ୍ମାନ ଦେଉ ନାହାନ୍ତି । ଆପଣଙ୍କ ପରି ପଣ୍ଡିତ-କବି ଚେଷ୍ଟା କରିଥିଲେ ସଂସ୍କୃତ ‘ନୈଷଧ ଚରିତ’ ପରି କାବ୍ୟ ଖଣ୍ଡିଏ ଲେଖିଦେଇ ପାରି ଥାଆନ୍ତେ ।”

ଏଭଳି କେତେ କେତେ ତରୁଣ ଯୌବନପ୍ରବରଙ୍କର ସାହସ, ଆତ୍ମମୁଖ୍ୟ, ମାତୃଭାଷା ପ୍ରୀତି ପ୍ରଭୃତି ଲକ୍ଷ୍ୟ କରି ବୃଦ୍ଧ ରାଜକବି ପ୍ରୀତିପୂର୍ଣ୍ଣ ଅନ୍ତରରେ କହିପକାଇଲେ, "ତୁମେ କଣ ପଢ଼ିବ ?"

"ପାରିବ ନିଶ୍ଚୟ, ଆପଣଙ୍କର ଆଶୀର୍ବାଦ ଲାଭ କଲେ ।"

"ହେଉ ତେବେ, ଏହି ରାମାୟଣକୁ ଭିତ୍ତି କରି ନୈଷଧର ପ୍ରତିଦ୍ଵନ୍ଦ୍ୱୀ ଆଉ ଏକ ମହାକାବ୍ୟ ଲେଖିବାରେ ହାତ ଦିଅ । ବାଗ୍‌ଦେବୀ ତୁମର ସହାୟକ ହୁଅନ୍ତୁ ?"

ଏହା ହିଁ ହେଲା ସାଧନା ପଥରେ ଅଗ୍ରସର ହେବା ପାଇଁ ଉପେନ୍ଦ୍ର ଭଞ୍ଜଙ୍କର ପରମ ସମ୍ବଳ ।

'ରଘୁନାଥ ବିଳାସ', 'ବୈଦେହୀଶ ବିଳାସ' ଉପରେ ବିଶେଷ ପ୍ରଭାବ ପାତ କରିଅଛି । 'ଦାଣ୍ଡି ରାମାୟଣ' ଏବଂ 'ରଘୁନାଥ ବିଳାସ' ଏ ଉଭୟ ଗ୍ରନ୍ଥ ସହିତ ବୈଦେହୀଶ ବିଳାସର ତୁଳନାତ୍ମକ ବିଚାର କରି ନ ଯାଇ ପାରିଲେ, ଭଞ୍ଜୀୟ ପ୍ରତିଭାର ଯଥାର୍ଥ ମୂଲ୍ୟ କଳନା କରିବା ସମ୍ଭବପର ହେବ ନାହିଁ । ଭଞ୍ଜ ଯେତେବେଳେ 'ବୈଦେହୀଶ ବିଳାସ' ରଚନା କଲେ, ତାହାର ନବମ ଛାନ୍ଦରେ ( ଭରତଙ୍କୁ ଆଲିଙ୍ଗନ ଛାନ୍ଦ ) 'ରଘୁନାଥ ବିଳାସ'ରୁ ଉପରେ ଉଦ୍ଧୃତ ହୋଇଥିବା ଟୀକା ପାରିହେବା ବିଷୟ ବର୍ଣ୍ଣନା କରିଛନ୍ତି । ତହିଁରେ ସେ 'ଧୀବର' ( କୈବର୍ତ୍ତ ନୁହେ ), 'ଭବତ୍ରାର୍ହ' ( ଜନାର୍ଦ୍ଦନ କିମ୍ବା ଦୀନବନ୍ଧୁ ନୁହେ ) ଓ 'ବିଜ୍ଞାନ' ଶବ୍ଦ ପ୍ରୟୋଗ କରି ଯେଉଁ ବିଦଗ୍ଧତା, ଭକ୍ତିମତ୍ତା ଓ ଦର୍ଶନଜ୍ଞତ ଦେଖାଇଛନ୍ତି, ତାହା ଏକାବେଳେକେ ପ୍ରଶଂସନୀୟ ।

## ଧନଞ୍ଜୟଙ୍କ ପ୍ରଭାବ—

"ରଘୁନାଥ ବିଳାସ, ଅନଙ୍ଗରେଖା, ରତ୍ନମଞ୍ଜରୀ ଓ ମଦନ ମଞ୍ଜରୀ ମୁଖ୍ୟତଃ ଏହି ଚାରୋଟି କାବ୍ୟର ପ୍ରଭାବ ଉପେନ୍ଦ୍ରଙ୍କ କାବ୍ୟ-କବିତାରେ ପ୍ରତିଫଳିତ । × × 'ରତ୍ନମଞ୍ଜରୀ' କୁ ବିଶେଷ ଭାବରେ 'ଲାବଣ୍ୟବତୀ'କୁ ପ୍ରଭାବିତ କରିଛି, ଅଧ୍ୟାପକ ଆର୍ତ୍ତବଲ୍ଲଭ ମହାନ୍ତି 'ଲାବଣ୍ୟବତୀ' ମୁଖବନ୍ଧରେ ( ପ୍ରାଚୀ ସମିତି )

ତାହା ସ୍ପଷ୍ଟ ଦର୍ଶାଇଛନ୍ତି । 'ଅନଙ୍ଗରେଖା' ମଧ୍ୟ ଉପେନ୍ଦ୍ରଙ୍କ କବିତ୍ୱର ବିକାଶରେ କିପରି ସହାୟକ ହୋଇଥିଲା, ତାହା ପ୍ରଦର୍ଶିତ ହୋଇପାରିବ । ଉକ୍ତି ସହ ଆଲୋଚନା କରିବା ଆଗରୁ ଏଠାରେ ସୂଚାଇ ଦିଆଯାଇ-ପାରେ ଯେ, 'ଅନଙ୍ଗରେଖା' କାବ୍ୟରେ ଜଗନ୍ନାଥଙ୍କର ଓ ଶ୍ରୀକ୍ଷେତ୍ରର ବର୍ଣ୍ଣନା, ନାୟକ ଓ ନାୟିକାଙ୍କ ଜନ୍ମସ୍ଥାନ, ଅନଙ୍ଗରେଖାର ବିବିଧ ବିଷୟ ସମ୍ବିଧାନ କ୍ରମ, ନାୟିକାର ଜନ୍ମ, ଯୌବନ ବର୍ଣ୍ଣନା, ଉପବନ ବିହାର, ଅତିମାନୁଷ ଶକ୍ତିସମ୍ପନ୍ନ ଚରିତ୍ରମାନଙ୍କ ଅବତାରଣା, ପ୍ରଥମ ମିଳନ ପରେ ବିରହ ଓ ଶେଷରେ ଅତ୍ୟନ୍ତ ସୁଖବିଧାୟକ ପୁନର୍ମିଳନ, ବିଭିନ୍ନ ଋତୁରେ ବିରହାନୁଚିନ୍ତା ଇତ୍ୟାଦି ଇତ୍ୟାଦି ନାନା ବିଷୟରେ 'ଅନଙ୍ଗରେଖା' ସଙ୍ଗେ 'ଲାବଣ୍ୟବତୀ' ପ୍ରଭୃତିର ସାମ୍ୟ ଦେଖିବାକୁ ମିଳେ । ସେ ସବୁର ତୁଳନାତ୍ମକ ଦୃଷ୍ଟାନ୍ତ ଦେଇ ବସିଲେ ଆଲୋଚନାର କଳେବର ଅତ୍ୟଧିକ ବଢ଼ିଯିବ । ସୁତରାଂ, ନିର୍ଦ୍ଦିଷ୍ଟ କେତୋଟି ସ୍ଥଳରେ ଧନଞ୍ଜୟଙ୍କ ପଦାବଳୀ କିପରି ଉପେନ୍ଦ୍ରଙ୍କୁ ପ୍ରଭାବିତ କରିଥିବା ସମ୍ଭବପର ଏବଂ ଉପେନ୍ଦ୍ର ଧନଞ୍ଜୟଙ୍କଠାରୁ ଋଣ ଗ୍ରହଣ କରି ମଧ୍ୟ ଅଦ୍ଭୁତ ପାଣ୍ଡିତ୍ୟ ଓ ପ୍ରତିଭା ବଳରେ ଚକ୍ରବୃଦ୍ଧି ସୁଧ ସହିତ ତାହା କିପରି ପରିଶୋଧ କରି ପାରିଛନ୍ତି, ତହିଁରେ ଦିଗ୍‌ଦର୍ଶନ ଲାଗି ଏଠାରେ ଚେଷ୍ଟା କରା-ଯାଉଛି । (୧)

(୧) ରାଜା ବିକ୍ରମବାହୁଙ୍କର ନଗର ବର୍ଣ୍ଣନା କରି ଧନଞ୍ଜୟ ଲେଖିଛନ୍ତି—

"ବଳେ ଅକଳିତ ତାର ପଦାତି
ଗୁରୁଲକ୍ଷ ଅଛୁ ତା ମତ୍ତଦନ୍ତୀ ।
ଏକାଲକ୍ଷ ବିରାଜ ରଥବର
ଦଶବୃନ୍ଦ ସୁକାନ୍ତି ହୟବୀର ।" (୨।୩— ୪)

ଉପେନ୍ଦ୍ର 'କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ'ରେ ପଦାତି, ହସ୍ତୀ, ରଥ ଓ ଅଶ୍ୱ ଏହି ଚତୁରଙ୍ଗ ବଳର ବର୍ଣ୍ଣନା କରିଥିଲେ ହେଁ ପ୍ରତିଭା ଓ ପାଣ୍ଡିତ୍ୟ ବଳରେ ତାହାର ମାଧୁରୀ ବହୁ ଗୁଣରେ ବଢ଼ାଇ ଦେଇଛନ୍ତି । କୋଟି ବ୍ରହ୍ମାଣ୍ଡ ସୁନ୍ଦରୀରେ ଦେଖନ୍ତୁ—

(୧) ଅନଙ୍ଗରେଖା ମୁଖବନ୍ଧରୁ ଗୃହୀତ ।

"ପଦାତିପନ୍ତ ଯେ ମହାଭୈରବ
କରିବାରେ ବନଗନ୍ତ ତାଣ୍ଡବ
ଲକ୍ଷି ହୋଇ ନଗ୍ନ ଅରଣ୍ୟ ସଙ୍ଗେ
ମଞ୍ଜୁଳ ଶଫଶ୍ମ ଖଡ଼ଗ ରଙ୍ଗେ
ରାଗ ସଂଯୁକ୍ତରୁ ଉତ୍ତମ ଗୀତ
ହୁଁ ହୁଁ କରିବାରେ ମତ୍ତ କପୋତ
ପେଚକ କରଠ କଠକେ କର
ମହାଗିରି ପ୍ରାୟୁ ଉତ୍ତୁଙ୍ଗ କରୀ
ହାନବାରିରୁ ଘନାଘନ ପଦ
ଉଚିତ ସିନା ହେବାରୁ ଙ୍କାବିଦ
ହୟ ହରିନାମ ବିକ୍ରମ ବଶେ
ଖୁରି ମାରିବାରୁ ଜ୍ୟୋତିଷ କ ସେ
ସ୍କନ୍ଦ ଉଦ୍ଧତ ଦ୍ୱିଷ୍ଟସ୍ୟା ତିଥିକ
କାଞ୍ଚଣୀ ନୂପୁର ବାନ୍ଧି ନର୍ତ୍ତକୀ
କଣ୍ଠମଣି ଘେନ ଯେମନ୍ତ ରବ
ବାଜ ବନ୍ଧିବାରୁ ଶିକାଶ୍ମ ଛବ
ରଥଚୟ ମହାପ୍ରୁ ରୁଷବନ୍ତ
ଉଚ୍ଚ ଜାତକରେ ଅର ସେବିତ
ଦିବ୍ୟ ନାୟିକା ପୁଣି ଆଲିଙ୍ଗିତ
ସୁତ ଝୀଡ଼ାରେ ହୋଇଛି ବିଦିତ
ଗର୍ବକରି ଉର୍ଦ୍ଧ୍ୱ ବାନା ଉଡ଼ାଇ
ଏମନ୍ତେ ଚତୁରଙ୍ଗ ଚଳିଯାଇ ।"

(୨ୟ ଛାନ୍ଦ, ୨୮—୩୩)

(୨) ସୈନ୍ୟ ଓ ସମୁଦ୍ର ବର୍ଣ୍ଣନା କରି ଧନଞ୍ଜୟ ଲେଖିଛନ୍ତି—

"ଶୁଣିଣ ନରନାଥ ବିଜୟେ କଲେ ରଥ
ଧୀରେ ଚଳିଲେ ସର୍ବଜନ ।
ଧ୍ୱଜ ଚନ୍ଦ୍ର ଚମ୍ବାଳ ଦଶନ୍ତ ମାଳ ମାଳ
ସିନ୍ଧୁ ଶୋଷକ ମୁଖଶୋଳ ସେ, ନୃପବର ।

ଶିରେ ଶ୍ୱେତଛତ୍ର ଶୋଭନ୍ତି,
ସୈନ୍ୟ ମହାର୍ଣ୍ଣବର    କି କେତନ ନିକର
ଭ୍ରମରବୃନ୍ଦ ବିରାଜନ୍ତି ସେ ।
ରଥ ପୋତ ଆକାର    ମଗର କରିବର
ଗ୍ରାହଯୂଥ ସେ ହୟବର
ଧ୍ୱଜ ଲହରି ଜାଣି    କୂର୍ମ ଚର୍ମ ଆଢ଼େଣି
ମୀନସମୂହ ସବୁ ନର, ହେ ନୃପବର
ସୈନ୍ୟ ଶୋଭନ୍ତି ଏହେ ପ୍ରାୟେ
ଚଳନ୍ତେ ମହାବାୟେ    ଧରଣୀ ଟଳିଯାଏ
ଯେସନେ ସ୍ୱର୍ଗ ସୁର ରାୟେ ।" (୧୧।୩-୪)

‘ଲାବଣ୍ୟବତୀ’ରେ ଉପେନ୍ଦ୍ର ବର୍ଣ୍ଣନା କଲେ—

"ଗୁଡ଼ି ସେ ବଳ ସେ ବଳଧର    ମାଡ଼ି ଆସିଲା ମଣିସାଗର
ଅତ୍ୟନ୍ତ ଲୋଳ ପତାକା ଚୀର କଲ୍ଲୋଳ ପ୍ରତି ଯେ
କରି ମଣିଲେ ମକରୀ କରି    ତୁରଙ୍ଗ ଚହୁଁ ଶଫରୀ ପରି
କୂର୍ମ ସୁଚର୍ମ ସୁଘନ ଫରୀ ଉଷ୍ଣୀଷ ଫେନ ଯେ
କୃପାଣ ଝଟ ଝଟ ଝଟକ    ବହଇ ଯତ୍ନ ରତ୍ନ ଝଟକ
ଭ୍ରମ ପ୍ରକାଣ୍ଡ ଭଉଁରୀ ଠିକ ବାଦ୍ୟ ଗର୍ଜନ ଯେ
ପୂରି ଏସନ ସୈନ୍ୟ ସେ ମହାରଣ୍ୟେ ଯେ ।"

(ଲାବଣ୍ୟବତୀ—୨୪।୧୪-୧୫)

(ଗ) ବନ ଓ ବନିତା ବର୍ଣ୍ଣନା କରି ଧନଞ୍ଜୟ ଲେଖିଛନ୍ତି—

"ବିକାଶେ ବନ ବନିତା    ନାନା କୁସୁମେ ମଣ୍ଡିତା ।
ନୟନ ମନ ରଞ୍ଜିନୀ    ବିପୁଳ ରସ ଧାରିଣୀ ।
ସିତକମଳ ବଦନୀ    ନୀଳେନ୍ଦୀବର ଲୋଚନୀ ।
ଚକ୍ରବାକ କୁଚ ବେନି    ମୃଣାଳ ବାହୁ ଶୋଭନୀ ।
ଝୁରୁ ଶୈବାଳ କେଶୀ    ସ୍ୱଚ୍ଛ ଅମ୍ବର ପ୍ରକାଶି ।
ଭବ ଭ୍ରମ ତାପନାଶୀ    ମାନସ ଭାପ ଉଲ୍ଲାସୀ ।
କଳମରାଳ ଗମନୀ    ଯୁବା ହୃଦୟ ହାରିଣୀ ।"

ଉପେନ୍ଦ୍ର ଭଞ୍ଜଙ୍କ ଲେଖାରେ ହୁଏ ତ ଏହି ବ୍ୟଞ୍ଜନା ମନୋରମ ଭଙ୍ଗୀରେ ଫୁଟି ଉଠିଛି । 'ବୈଦେହୀଶ ବିଳାସ'ରେ ବନ୍ୟ ଓ ବନିତା (ଅହଲ୍ୟା)ଙ୍କୁ ବର୍ଣ୍ଣନା କରି ଉପେନ୍ଦ୍ର ଲେଖିଛନ୍ତି—

"ବିସ୍ମୟ ହୋଇ ଅନାଇଁ ଗଲେ ରଘୁପତି
ବନିତାର ବନତାର ପ୍ରଶ୍ନ ଏକାକୃତି ।
ବନପ୍ରିୟ ତୋଷଦାମୀ ରମଣୀସ୍ୱେ ଲୋକେ
ବନପ୍ରିୟ ତୋଷ ଦାମୀ ରମଣୀସ୍ୱେ ଲୋକେ ।
ବିରାଜ ବର-କନକ-କଦମ୍ବ ରୁଚିରେ
ବି-ରାଜି ବର କନକ କଦମ୍ବ ରୁଚିରେ ।
ବାସରେ ଆଚ୍ଛନ୍ନ ଶୋଭା ଭୃଙ୍ଗ ପୟୋଧର
ବାସରେ ଆଚ୍ଛନ୍ନ ଶୋଭା ଭୃଙ୍ଗ ପୟୋଧର ।
ବେଣୀ କେଶରେ ରଞ୍ଜନ ସିନ୍ଦୂର ଛଟାରେ
ବେଣୀ କେଶରେ ରଞ୍ଜନ ସିନ୍ଦୂର ଛଟାରେ ।
ବଳା ମଲ୍ଲିକଢ଼ି ଫୁଲ ମଣ୍ଡନ ଅତୁଲ
ବଳା ମଲ୍ଲିକଢ଼ି ଫୁଲ ମଣ୍ଡନ ଅତୁଲ ।"

( ବୈଦେହୀଶ ବିଳାସ—୭ମ ଛାନ୍ଦ )

(୪) ନୟନ ବର୍ଣ୍ଣନାରେ ଅଳଙ୍କାର ଶାସ୍ତ୍ରର ତଥା କବି-ସମାଜର ସୁପରିଚିତ ଉପମାଗୁଡ଼ିକୁ ଏକ ସ୍ଥଳରେ ବ୍ୟବହାର କରି ଧନଞ୍ଜୟ ଲେଖିଛନ୍ତି—

"ଖଞ୍ଜନ ମୀନ ମୃଗର ଇନ୍ଦୀବର
ନିନ୍ଦଇ ଏଣୀଦୃଶୀ ଦୃଶ ।"

ଉପେନ୍ଦ୍ର ଭଞ୍ଜଙ୍କ ପ୍ରତିଭା ଉପାଣିତ ବର୍ଣ୍ଣନାରେ—

"ସାରଙ୍ଗ ମୀନକଞ୍ଜ ଖଞ୍ଜନ          କଞ୍ଜନ ଶରପୁଞ୍ଜ ଗଞ୍ଜନ
ଶଫରୀ ଗର୍ବ ଖର୍ବ ଅଞ୍ଜନ ରଞ୍ଜନ ଦୃଶୀ ଯେ ।"

( ସୁଭଦ୍ରା ପରିଣୟ—୭ମ ଛାନ୍ଦ )

(୫) ଅନଙ୍ଗରେଖାର ଯୌବନ ଉଦ୍‌ଗମ ବର୍ଣ୍ଣନା କରି ଧନଞ୍ଜୟ ଲେଖିଛନ୍ତି—

"ଚରଣ ଚଞ୍ଚଳତାର ଲୋଚନକୁ ଦେଲ
ଛଳିତ ହାସ ବଦନେ ସଖୀକୁ ଲଭିଲ ।"

ଉପେନ୍ଦ୍ରଙ୍କ ଭାଷାରେ—

"କୁଞ୍ଜର ଚଞ୍ଚଳ କୁରଙ୍ଗ ଛଡ଼ାଇ
ଦିନୁ ଦିନୁ ଅତି ଗର୍ବିତ
ଏବେ ଯେ ପୁରୁଷ ଶାର୍ଦ୍ଦୂଳ ଧଇର୍ଯ୍ୟ
ଗ୍ରାସକୁ ହୋଇଛି ଉଦ୍ୟତ ।"
( ପ୍ରେମସୁଧାନିଧି—୪ର୍ଥ ଛାନ୍ଦ )

(୬) ତରୁଣୀ ଅବସ୍ଥାରେ ଅଭିମାନରେ କବି ଅନଙ୍ଗରେଖା ମୁଖରେ ଫୁଟାଇଛନ୍ତି—

"ଅଛନ୍ତି ଯେଉଁ ଦେଶେ ମୋର ବଲ୍ଲଭ
ସେଠାରେ ନ କର କି ଏ ଘନାରମ୍ଭ ହେ
ଶିଖଣ୍ଡ ଶିଖେ ଶିଖୀ ନୃତ୍ୟ କି ନାହିଁ
କାମବନ୍ଧୀ ତାଙ୍କ ନ ରହେ ତହିଁ ହେ ।"

ଉପେନ୍ଦ୍ର ଭଞ୍ଜଙ୍କ ଭାଷାରେ—

"କ୍ଷୀଣ ତପସ୍ୟା ସେ ଦେଶେ ଜଣା
ଖେଳ କି ନାହିଁ କାହିଁ
ପତନ୍ତି ରତି ହୃଦ ପୀରତି
ଚତ୍ରେ ଦେଖିଲେ ତାହିଁ ।
ତହିଁ ବାହନ ଭାଳ ଗହନ
କାଗଜ ନ ମିଳଇ
ପୂର୍ଣ୍ଣ ବରଷ ଏଣୁ ସରସ
ପତ୍ରିକା ଦେଲେ ନାହିଁ ।

ଭେକ ବରଷି ଚାତକ ରହି
          ସେ ସୀମାନ୍ତେ ନ ଥିବେ
ବ୍ୟାଧ ବିଶେଷ ଥିବାରୁ ଶେଷ
          ଉତ୍ସୁକ କେହି ହେବେ ।
ନର ପ୍ରବର ନାହିଁ କି ସ୍ୱର
          ସେ ଦେଶେ ନ ମିଳିଲା
ହିଂସ୍ର ଅବଳ ଶ୍ୟେନ କବଳ
          ପକ୍ଷୀଦୂତ କି କଲା ।”

( ର: ହା:— ୧୩ଶ ଛାନ୍ଦ )

ଉପେନ୍ଦ୍ର ନିଜର ଲୋକୋତ୍ତର ପ୍ରତିଭା ବଳରେ ଏଠାରେ ମଧ୍ୟ ନିଜସ୍ୱର ମୁଦ୍ରା ସ୍ପଷ୍ଟ ଅଙ୍କନ କରିଛନ୍ତି ।” (୧)

## ମଦନ ମଞ୍ଜରୀର ପ୍ରଭାବ—

‘ମଦନ ମଞ୍ଜରୀ’ ବହୁ ବର୍ଷ ତଳେ ପ୍ରକାଶିତ ହୋଇଥିଲା । ତଥାପି, ଭଞ୍ଜଙ୍କ ଉପରେ ଧନଞ୍ଜୟଙ୍କ ପ୍ରଭାବ ବିଚାର ଅବକାଶରେ ତାହାର ଉଲ୍ଲେଖ ବା ବିଚାର ଆଶାନୁରୂପ ହୋଇ ନାହିଁ । ଦୃଷ୍ଟାନ୍ତ ସ୍ୱରୂପ, ‘ଲାବଣ୍ୟବତୀ’ର “ଚେତି ବିଭୂଷା ଗୃହିଁଲା” ଛାନ୍ଦର ବିଚାର ପ୍ରସଙ୍ଗରେ ଭଞ୍ଜଙ୍କ ଉପରେ ‘ଉଷାଭିଳାଷ’ର ପ୍ରଭାବ ହିଁ ପ୍ରଦର୍ଶିତ ହୋଇଥାଏ । କିନ୍ତୁ ଧନଞ୍ଜୟଙ୍କ ‘ମଦନ-ମଞ୍ଜରୀ’ ମଧ୍ୟ ଏ କ୍ଷେତ୍ରରେ ଭଞ୍ଜୀୟ ବର୍ଣ୍ଣନ-କଳାର ନିକଟତମ ପଥପ୍ରଦର୍ଶକ ହୋଇଥାଇ ପାରେ । କିଛି ସମୟ ଆଗରୁ ପାଠକମାନେ “ପ୍ରଭାବ”ର ସୂକ୍ଷ୍ମ ବିଚାର ଅବକାଶରେ ଉଷାଭିଳାଷ ଓ ଲାବଣ୍ୟବତୀର ଉଦ୍ଧୃତି ଦେଖିଛନ୍ତି । ଏବେ ମଦନ-ମଞ୍ଜରୀର ନିମ୍ନୋଦ୍ଧୃତ ଅଂଶକୁ ତାହା ସହିତ ମିଳାଇ ପାଠ କରନ୍ତୁ, ଦେଖିବେ, କିପରି ଭଞ୍ଜଙ୍କର ଆଦ୍ୟ-ଉଦ୍‌ବୋଧକ (ଏହି ବର୍ଣ୍ଣନା କ୍ଷେତ୍ରରେ) ହୁଏ ତ ଏହି କାବ୍ୟ ହିଁ ହୋଇଥାଇ ପାରେ । ଧନଞ୍ଜୟ ରାଜକୁମାରୀର ସ୍ୱପ୍ନାନ୍ତ ଅବସ୍ଥା ବର୍ଣ୍ଣନା କରି ଲେଖିଛନ୍ତି

---

(୧) ଏହି ଲେଖକ ଦ୍ୱାରା ସମ୍ପାଦିତ ଅନଙ୍ଗରେଖାର ଭୂମିକାରୁ ଉଦ୍ଧୃତ ।

"ପଲଙ୍କ ଉପରେ ଉଠି ବସିଲା
ପ୍ରାଣନାଥ କେଣେ ଗଲ ବୋଇଲା ।" (୫ମ ଛାନ୍ଦ)

ମଦନ-ମଞ୍ଜରୀରେ ବର୍ଣ୍ଣିତ 'କାନ୍ତିସାଗର'ଙ୍କ ନାମାନୁସାରେ କୋଟି ବ୍ରହ୍ମାଣ୍ଡ ସୁନ୍ଦରୀରେ ରାଜାଙ୍କ ନାମ 'ଶାନ୍ତି ସାଗର' ଓ ମନ୍ତ୍ରୀଙ୍କ ନାମ 'ବୁଦ୍ଧିସାଗର' ହୋଇଥାଇ ପାରେ । ଏହି କ୍ଷୁଦ୍ର କାବ୍ୟରେ ମଧ୍ୟ ଭଞ୍ଜ-ମାନସର ଗତିପଥ ନିର୍ଣ୍ଣୟ ପାଇଁ ପ୍ରଚୁର ଉପାଦାନ ରହିଛି ।

ଅଧ୍ୟାପକ ଆର୍ତ୍ତବଲ୍ଲଭ ମହାନ୍ତି ତାଙ୍କ 'ଲାବଣ୍ୟବତୀ' ମୁଖବନ୍ଧରେ ଧନଞ୍ଜୟଙ୍କ ପ୍ରଭାବ କିପରି ଭଞ୍ଜଙ୍କ ଉପରେ ନିପତିତ ହୋଇଅଛି, ତାହା ବିସ୍ତୃତ ଭାବରେ ଆଲୋଚନା କରିଛନ୍ତି । ଭଞ୍ଜ-ପ୍ରତିଭାର ଅବବୋଧ ଓ ଭଞ୍ଜଙ୍କର ମୌଳିକତାର କଳନା ପାଇଁ ସେ ସବୁ ଆଲୋଚନାର ଅଧ୍ୟୟନ ଏକାନ୍ତ ଆବଶ୍ୟକ । ତେଣୁ ପୂଜ୍ୟ ଆର୍ତ୍ତବାବୁଙ୍କ ଲେଖାରୁ କିୟଦଂଶ ଉଦ୍ଧାର କରାଯାଇ ସ୍ରଷ୍ଟାଙ୍କ ସହିତ ସମୀକ୍ଷକଙ୍କ ପ୍ରତି ମଧ୍ୟ ସମ୍ମାନ ପ୍ରଦର୍ଶନ କରାଯାଉଛି । ଆର୍ତ୍ତବାବୁ ଲେଖିଛନ୍ତି—

"ଧନଞ୍ଜୟ ଭଞ୍ଜଙ୍କ କୃତ ରତ୍ନମଞ୍ଜରୀର କଥାବସ୍ତୁ କାଳ୍ପନିକ । ଏ କାବ୍ୟର ଲିଖନ ଶୈଳୀ ପୂର୍ବତନ କାବ୍ୟମାନଙ୍କଠାରୁ ପୃଥକ୍ । ଏହି ରତ୍ନମଞ୍ଜରୀ କାବ୍ୟର ରୀତିରେ ଉପେନ୍ଦ୍ର ଭଞ୍ଜ ଲାବଣ୍ୟବତୀ ପ୍ରଭୃତି କାବ୍ୟମାନ ରଚନା କରିଥିଲେ ହେଁ, ନିଜର ପ୍ରତିଭା ବଳରେ କାବ୍ୟମାନଙ୍କୁ ସାତିଶୟ ଚମତ୍କାରିତାପୂର୍ଣ୍ଣ କରିବାରେ ସମର୍ଥ ହୋଇ ନିଜର ବିଶେଷତ୍ୱ ଦେଖାଇଛନ୍ତି । ରତ୍ନମଞ୍ଜରୀର ପ୍ରାରମ୍ଭରେ ଧନଞ୍ଜୟ ଜଗନ୍ନାଥଙ୍କ ବନ୍ଦନା କରିଛନ୍ତି । ଉପେନ୍ଦ୍ର ମଧ୍ୟ ରସିକ ହାରାବଳୀ, କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ, ସୁଭଦ୍ରା ପରିଣୟ ପ୍ରଭୃତି କେତେକ କାବ୍ୟ-ମାନଙ୍କର ପ୍ରାରମ୍ଭରେ ଜଗନ୍ନାଥଙ୍କ ସ୍ତୁତି କରିଅଛନ୍ତି ଏବଂ ଅନ୍ୟାନ୍ୟ କାବ୍ୟ-ମାନଙ୍କରେ ପ୍ରଭୁ ରାମଚନ୍ଦ୍ରଙ୍କର ସ୍ତୁତି କରିଗଲେ ହେଁ, ପ୍ରାୟ କାବ୍ୟମାନଙ୍କ ଛାନ୍ଦମାନଙ୍କ ଶେଷରେ ପୁନଶ୍ଚ ରାମଚନ୍ଦ୍ରଙ୍କୁ ନମସ୍କାର କରା ହୋଇଅଛି ।"

"ଲାବଣ୍ୟବତୀରେ ରତ୍ନମଞ୍ଜରୀର ପ୍ରଭାବ କେତେଦୂର ପଡ଼ିଅଛି, ତାହା ବର୍ତ୍ତମାନ ଦର୍ଶାଇବା ସ୍ଥଳେ, ଉଭୟ କାବ୍ୟର ନାୟକ-ନାୟିକାଙ୍କ ଜନ୍ମ ଦୈବହେତୁକ । ରତ୍ନମଞ୍ଜରୀରେ ଅପ୍ସରା ମନୋରମା ମନସ୍ତାପ ବଳରେ

ଦେବତାଙ୍କ ସହ ଇନ୍ଦ୍ର ଓ ଇନ୍ଦ୍ରାଣୀଙ୍କ ସମ୍ମୁଖରେ ଗାନ ଓ ନୃତ୍ୟ କରୁ କରୁ ସ୍ୱ ସ୍ୱାମୀ ଗନ୍ଧର୍ବ କଳାକର ପ୍ରତି ଦୃଷ୍ଟି ନିକ୍ଷେପ କରନ୍ତେ କାମବିହ୍ୱଳ ହେଲେ ଓ ଫଳତଃ ତାଳ ଲୟ ରକ୍ଷା ନ କରିବା ହେତୁ ସ୍ୱାମୀ ସହ ମର୍ତ୍ତ୍ୟରେ ଜନ୍ମ ଲଭିବା ରୂପ ଇନ୍ଦ୍ରଙ୍କ ଦ୍ୱାରା ଅଭିଶାପ ପ୍ରାପ୍ତ ହେଲେ । ମନୋରମା ହିମାଚଳ ପାର୍ଶ୍ୱସ୍ଥ କୌମୁଦୀ ନଗରର ରଜା କୁସୁମାକରଙ୍କ ଔରସରୁ ରାଜା ଗୁଣସାଗର ଓ ତତ୍‌ପତ୍ନୀ କଳାବତୀ ପୁତ୍ରହୀନା ଥିବାରୁ, ନାରଦଙ୍କ ଆଦେଶରେ ଅଷ୍ଟାକ୍ଷରୀ ନାରାୟଣ ମନ୍ତ୍ର ଜପକରି ନାରାୟଣଙ୍କଠାରୁ ଗୁଣସାଗର ପୁତ୍ରବର ପ୍ରାପ୍ତି ଓ କଳାକରର କୁସୁମରୂପ ରୂପେ ତାଙ୍କ ପୁତ୍ର ରୂପେ ଜନ୍ମହେବା ବର୍ଣ୍ଣିତ । ଲାବଣ୍ୟବତୀରେ— ପାର୍ବତୀଙ୍କ ବାଞ୍ଛାରେ ବାଞ୍ଛାବତୀର ଜନ୍ମ । ଶିବଙ୍କ ଦର୍ଶନ ଭକ୍ତିରୁ ଗଣଦେବୀ ଦ୍ୱାରା ନୟୂମ ସହ ବାଞ୍ଛାବତୀର ଅରଣ୍ୟରେ ସ୍ଥାପନ । ପ୍ରଭାକରର ଅଙ୍ଗ ସ୍ପର୍ଶରେ ବାଞ୍ଛାବତୀର ମୃତ୍ୟୁ । ଦୈବବାଣୀ ଅନୁସାରେ ବାଞ୍ଛାବତୀର ଶରୀର ସଂସ୍କାର ନ କରିବା ଓ ପରଜନ୍ମରେ ସ୍ତ୍ରୀ ରୂପେ ପ୍ରାପ୍ତି ଆଶାରେ ଗଙ୍ଗାସାଗରରେ ପ୍ରଭାକରର ଦେହ ପ୍ରଦାନ । ଶିବ ପାର୍ବତୀଙ୍କ ଭକ୍ତ କର୍ଣ୍ଣାଟେଶ୍ୱରଙ୍କ ପୁତ୍ର ରୂପେ ପ୍ରଭାକରର ଚନ୍ଦ୍ରଭାନୁ ରୂପେ ଜନ୍ମଗ୍ରହଣ, ବାଞ୍ଛାବତୀର ମୃତଶରୀରରେ ପାର୍ବତୀଙ୍କ ଦ୍ୱାରା ପ୍ରାଣସଞ୍ଚାର ଓ ତାକୁ ଆମ୍ରଫଳ ରୂପେ ପରିଣତ କରି ଗୌରୀଭକ୍ତ ସିଂହଳ ରାଜପତ୍ନୀ ବିଦ୍ୟୁଲ୍ଲତାଙ୍କୁ ସ୍ୱପ୍ନରେ ଆମ୍ରଫଳ ପ୍ରଦାନ । ଆମ୍ରଫଳ ଭକ୍ଷଣ ହେତୁ ବିଦ୍ୟୁଲ୍ଲତା ଗର୍ଭରୁ ବାଞ୍ଛାବତୀର ଲାବଣ୍ୟବତୀ ରୂପେ ଜନ୍ମ । ରସିକହାରାବଳୀରେ ନାୟକ ନାୟିକାଙ୍କ ମିଳନ, ବ୍ରହ୍ମାଙ୍କ ବାହନ ହଂସର ସ୍ତ୍ରୀ ଦ୍ୱାରା ସଂଘଟିତ ।

"ଲାବଣ୍ୟବତୀରେ ମଧ୍ୟ ନାୟକ ନାୟିକାଙ୍କ ମିଳନ ମୁଖ୍ୟତଃ ଶୁକ ଦ୍ୱାରା ସମ୍ପାଦିତ । ବ୍ରହ୍ମସ୍ମରୀ, ରତ୍ନାକର ସୌଦାଗର, ଐନ୍ଦ୍ରଜାଲିକ, ମାଳୀ, ସୁବୋଧା ପ୍ରଭୃତି ଗୌଣ ଭାବରେ ମିଳନର ସହାୟ ଥିଲେ । ରସିକହାରାବଳୀରେ— ସଖୀ-ମାନଙ୍କ ସହ ବନ ବିହାର, ବନ ମଧ୍ୟସ୍ଥ ରତ୍ନବେଦିକାରେ କାମଦେବଙ୍କ ଅର୍ଚ୍ଚନା, ସରୋବର ତୀରରେ ପ୍ରବେଶ, ଅରଣ୍ୟ ମଧ୍ୟସ୍ଥ ରତ୍ନ ପ୍ରାସାଦରେ ଶିବଙ୍କ ପୂଜା ଓ ରସିକହାରାବଳୀର ଉପଯୁକ୍ତ ବର ପ୍ରାର୍ଥନା ।

"ବ୍ରହ୍ମାଙ୍କ ବାହନ ହଂସର ସ୍ତ୍ରୀ ତୋର ପୂର୍ବଜନ୍ମର ପତି ସହିତ ମିଳନ କରାଇବ", ଏ ରୂପେ ଦୈବବାଣୀ ଶ୍ରବଣ । ହଂସୀର ଆଗମନ, କଳାକରର ଓ

ରତ୍ନମଞ୍ଜରୀର ପୂର୍ବଜନ୍ମ ବୃତ୍ତାନ୍ତ କଥନ ଓ ରତ୍ନମଞ୍ଜରୀଠାରୁ ପତ୍ର ନେଇ କୁସୁମ ଭୂପ ନିକଟକୁ ଗମନ । କୁସୁମ ଭୂପର ମଧ୍ୟ ସହଚରଙ୍କ ସହ ମଳୟାଚଳ ବନଖଣ୍ଡରେ ବିହାର—ମଦନ ବାଧା, ଚନ୍ଦନବନ ପ୍ରଦେଶ ଗମନ, ସରୋବର ଦର୍ଶନ, ଅପ୍‌ସରାମାନଙ୍କ ସ୍ନାନ ଓ ବେଶବିନ୍ୟାସ ଦର୍ଶନରେ କୁସୁମ ଭୂପର ମୋହ । ସଂଜ୍ଞାପ୍ରାପ୍ତି ପରେ ମନ୍ତ୍ରୀପୁତ୍ର ସହ ଅଗସ୍ତୀ ଆଶ୍ରମ ଗମନ, ଅଗସ୍ତୀଙ୍କ ଦ୍ୱାରା ମନ୍ତ୍ର ପ୍ରଦାନ ଓ ସିଦ୍ଧବନରେ ଜପ କରିବା ନିମିତ୍ତ ଆଦେଶ । କୁସୁମଭୂପର ସିଦ୍ଧବନରେ ଜପ । ଜଙ୍ଗମ ପୁରୁଷର ଆଗମନ ଓ ହଂସୀର ଆଗମନରେ ଦୁଃଖ ମୋଚନ ହେବା କଥନ ।

"ଜଙ୍ଗମ ପୁରୁଷ ଦ୍ୱାରା ହଂସୀ ସହିତ କୁସୁମଭୂପକୁ ଭେଟାଇ ଅନ୍ତର୍ଦ୍ଧାନ, ହଂସୀର କୁସୁମଭୂପକୁ ରତ୍ନମଞ୍ଜରୀର ବିଷୟ କଥନ ଓ ପତ୍ରିକା ଦାନ । କୁସୁମଭୂପଠାରୁ ପତ୍ରିକା ନେଇ ରତ୍ନମଞ୍ଜରୀକୁ ହଂସୀର ପତ୍ରଦାନ, ଉଭୟଙ୍କ ମିଳନ ନିମିତ୍ତ ଉତ୍କଣ୍ଠା । ହଂସୀର ଇଙ୍ଗିତ ଅନୁସାରେ କୁସୁମଭୂପର ପିତୃ-ଆଦେଶମତେ କୌମୁଦୀ ନଗରସ୍ଥ ଦେବବିବାହ ଉତ୍ସବ ଦର୍ଶନ ନିମିତ୍ତ ଯାତ୍ରା । ପଥ ମଧ୍ୟରେ ସରଯୂ ତଟରେ ମୃଗୟା, କୌମୁଦୀ ନଗରୀରେ ଅନ୍ୟାନ୍ୟ ରାଜାଙ୍କ ସହ କୁସୁମଭୂପର ଗମନ, ଉଭୟଙ୍କୁ ଉଭୟେ ଦର୍ଶନ । ରାଜାମାନଙ୍କର ଉପସ୍ଥିତି ଜାଣି ରତ୍ନମଞ୍ଜରୀର ପିତାଙ୍କ ଦ୍ୱାରା ସ୍ୱୟମ୍ବର ବିଧାନ । ରତ୍ନମଞ୍ଜରୀ କୁସୁମଭୂପକୁ ମାଳା ପ୍ରଦାନ କରି ସ୍ୱାମୀରୂପେ ବରଣ, ଉଭୟଙ୍କ ବିବାହ ନିଷ୍ପାଦନ ଇତ୍ୟାଦି ଇତ୍ୟାଦି ।

"ଲାବଣ୍ୟବତୀର ଶୋଭା ବର୍ଣ୍ଣନା, ଉପବନ ବିହାର ଓ ସରସୀ କ୍ରୀଡ଼ାର ବର୍ଣ୍ଣନା ସହିତ ରତ୍ନମଞ୍ଜରୀର ଶୋଭା ବର୍ଣ୍ଣନା, ଇନ୍ଦ୍ରଙ୍କ ଉପବନ ବିହାର ଓ ରତ୍ନମଞ୍ଜରୀର ସ୍ନାନ-ସରସୀର ବର୍ଣ୍ଣନାରେ ବିଶେଷ ସାମ୍ୟ ଅଛି ।

## ରତ୍ନମଞ୍ଜରୀର ଶୋଭା ବର୍ଣ୍ଣନା

"ସୁଧାର ଲାବଣ୍ୟ ସାର ରଚିଲା ଗୁଣୀ,
ଶିରୀଷ ପୁଷ୍ପର ସର୍ବ କୋମଳ ଆଣି ।
ଚନ୍ଦ୍ର ଚନ୍ଦୁଁ ଆହ୍ଲାଦ ଘେନିଲା,
ଜାମ୍ବୁନଦ ସୁବର୍ଣ୍ଣର କାନ୍ତି ହରିଲା ।

ଏମନ୍ତେ ସର୍ବ ରତନ ଆଣିଲ୍ସ ସାର,
ଏଥେ କରି ନିର୍ମାଣିଲା ସୁନ୍ଦରୀ ବର ।
ଏଣୁକରି ଜାତ କଲେ ମାରଜ ଯୋନି ।
ହରି ହତ କାମ ମୃତ୍ୟୁ ଏ ସଞ୍ଜୀବନୀ ।”

“ରତ୍ନମଞ୍ଜରୀରେ ଇନ୍ଦ୍ରଙ୍କ ବନବିହାର ବର୍ଣ୍ଣନାରୁ କିୟଦଂଶ ଉଦ୍ଧୃତ ହେଲା । (୧)

“ଚନ୍ଦ୍ରମା ବଦନୀ ମଦନ ମୋହିନୀ
କୋକିଳ ବଚନୀ ରଙ୍ଗିଣୀ ।
ମୃଗୀ ନିତମ୍ବିନୀ, ଖରି ଯଉବନୀ
ସୁରରାଜ ମନ ରଞ୍ଜନୀ,
ସମସ୍ତେ, ବିବିଧ ବେଶେ ମନୋହାରୀ ।
ନବଦନ୍ତ ହେମ କେତକୀ ଗଉରୀ ଶିରୀଷ ପୁଷ୍ପ ସୁକୁମାରୀ । (୨)

କେବଣ ତରୁଣ ତରୁଣୀ ବଦନେ କାଶ୍ମୀର ରଜ ପକାଇଲା
ବଦନ ବନ୍ଦ କରି ରହି କାମିନୀ କାନ୍ତକୁ ଆଲିଙ୍ଗନ କଲା ।
ଏମନ୍ତ, ଶୋଭା ତା ବଦନ ଦିଶୁଛି,
ମଳୟ ମରୁତେ ଉଲଟି ପଡ଼ି କି ହେମ ସରସିଜ ରହିଛି ।”

“ଲାବଣ୍ୟବତୀର ଉପବନ ବିହାର ଓ ସରୋବରରେ ସ୍ନାନ ଭଳି ରତ୍ନମଞ୍ଜରୀର ସଖୀମାନଙ୍କ ସହ ବସନ୍ତ ଋତୁରେ ବନକେଳି ବର୍ଣ୍ଣନା—

“ଏମନ୍ତ ବନଶୋଭା ଦେଖି ରତ୍ନମଞ୍ଜରୀ ବାଳୀ
ପ୍ରିୟ ସଖୀଙ୍କି କହେ ବାଣୀ ବନେ କରିବା କେଳି ।

× × ×

ନାଗେଶ୍ୱର ବନ ପରିମଳ ଗନ୍ଧେ ମଧୁକର
ଚୁମ୍ବନ୍ତି ଉଡ଼ନ୍ତି ପଡ଼ନ୍ତି ହୋଇଣ ମତ୍ତଭର ।
ତୋର ଶ୍ୱାସ ସଉରଭରେ ମଧୁ ଲୋଭ ଧାଇଁବେ
ମଞ୍ଜୁଳ ମଧୁର ବନ୍ଧୁଳି ଅଧରରେ ଚୁମ୍ବିବେ ।

ବଦନେ ବସନ ଦେଇଣ ଧୀରେ କର ଗମନ
ଏ ସଖୀ କାମ ଚରଗୃରଗଣ ଅଛି ପିଶୁନ ।

× × ×

ଏମନ୍ତେ ନାନା କଉତୁକ ହାସ୍ୟ ଗୀତ ରହସ୍ୟେ
ପ୍ରବେଶ ହୋଇଲେ କାନନେ ରତ୍ନବେଦିକା ପାଶେ ।"

ନାୟିକାର ନାୟକ ନିକଟକୁ ପ୍ରଥମେ ପତ୍ର ଦେବା ବିଷୟ ସଂସ୍କୃତ ସାହିତ୍ୟ, କାବ୍ୟ, ନାଟକରେ ପରିଦୃଷ୍ଟ ହୁଏ । ରତ୍ନମଞ୍ଜରୀରେ ନାୟିକା ନାୟକ ନିକଟକୁ ନିଜେ ପତ୍ର ଲେଖିଥିଲେ ହେଁ, ନିଜ ସଖୀଙ୍କ ନାମରେ ପତ୍ର ଦେଇଥିଲା—

"ସଖୀ ନାମ ଧରି ଚନ୍ଦ୍ରମା ବଦନା ଲେଖିଛୁ ମୋର ଉଦନ୍ତ,
ନୃପନନ୍ଦନା ସନ୍ଦର୍ଭ ବାଣୀ ବିନୁ ନୁହେ ଏ ଆନ ଲିଖିତ ।"

ଲାବଣ୍ୟବତୀରେ କିନ୍ତୁ ଏହି ପଦ୍ଧତି ପରିତ୍ୟକ୍ତ ହୋଇଅଛି । ଏହାର ବ୍ୟତିକ୍ରମର କାରଣ କବି ଲାବଣ୍ୟବତୀର ୧୭ ଛାନ୍ଦରେ କହିଅଛନ୍ତି—

ସେ ବୋଇଲେ ଆମ୍ଭେ ନାରୀ
ପ୍ରଥମରେ ଲେଖିବୁଁ କି ପତ୍ରିକା କି କରି ।"

ଏବେ ନିକଟରେ 'କୃଷ୍ଣଲୀଳା' ନାମକ ଧନଞ୍ଜୟଙ୍କ ଅନ୍ୟ ଏକ କାବ୍ୟ ମଧ୍ୟ ପ୍ରକାଶିତ ହେଉଅଛି । ଭଞ୍ଜଙ୍କର କୁଞ୍ଜବିହାର, ଛାନ୍ଦଭୂଷଣ ଓ କଳା-କୌତୁକ ପ୍ରଭୃତି ଉପରେ ତାହାଁର ପ୍ରଭାବ ଅନୁସନ୍ଧେୟ ।

## (୭) ରାମତାରକ ମନ୍ତ୍ର ସିଦ୍ଧି : କେଉଁଠାରେ ଓ କେବେ ?

ଭଞ୍ଜେ 'ରାମତାରକ ମନ୍ତ୍ର'ରେ ସିଦ୍ଧିଲାଭ କରିଥିଲେ ବୋଲି ବାରମ୍ବାର ଲେଖିଛନ୍ତି । ରାମତାରକ ମନ୍ତ୍ର ଜପ କରିବାକୁ ସେ କାହିଁକି ବାଧ୍ୟ ହୋଇଥିଲେ, ତାହା କମ୍ବଦନ୍ତୀରେ ଉଲ୍ଲିଖିତ ରହିଅଛି । ଧନଞ୍ଜୟ ଭଞ୍ଜ ଯଦି ତାଙ୍କର 'ଶ୍ରୀରାମ ବିଳାସ' କାବ୍ୟ ଉପେନ୍ଦ୍ରଙ୍କୁ ଦେଖାଇ ନ ଥାନ୍ତେ ଓ ତାଙ୍କର

(ଉପେନ୍ଦ୍ରଙ୍କର) ମନ୍ତବ୍ୟ ଲେଖି ନ ଥାନ୍ତେ, ତାହାହେଲେ ହୁଏତ ଉପେନ୍ଦ୍ର ଏ ମନ୍ତ୍ର ସିଦ୍ଧି ପାଇଁ ବ୍ୟଗ୍ର ହୋଇ ନ ଥାନ୍ତେ । କାରଣ, ଦୁଃସାଧ୍ୟ, ଗୁରୁତର ଓ ଲୋକୋତ୍ତର ପ୍ରତିଭାସାପେକ୍ଷ କାର୍ଯ୍ୟ ପାଇଁ ଦୈବାନୁଗ୍ରହ ଆବଶ୍ୟକ ବୋଲି ଏ ଦେଶର ଲୋକେ ଦୃଢ଼ଭାବରେ ବିଶ୍ୱାସ କରନ୍ତି । ଏ ସମ୍ପର୍କରେ ପ୍ରଚଳିତ ଥିବା କିମ୍ବଦନ୍ତୀଗୁଡ଼ିକ ଅନୁଧ୍ୟେୟ । କିମ୍ବଦନ୍ତୀଗୁଡ଼ିକ ତଳେ ପ୍ରଦତ୍ତ ହେଲା ।

## ପ୍ରଥମ କିମ୍ବଦନ୍ତୀ—

ଉପେନ୍ଦ୍ର ଭଞ୍ଜ ଧନଞ୍ଜୟ ଭଞ୍ଜଙ୍କ କାବ୍ୟ ସମୀକ୍ଷାରୁ 'ରାମତାରକ ମନ୍ତ୍ର' ଜପ କରିବାକୁ ପ୍ରବୃତ୍ତ ହୋଇ ନ ଥିଲେ । ରଘୁନାଥ ନାମକ ଜଣେ ସନ୍ନ୍ୟାସୀ କୌଣସି ଏକ ଶୁଭ ଅବସର ପାଇ ରାମତାରକ ମନ୍ତ୍ରର ଅଦ୍ଭୁତ ଶକ୍ତି କଥା ତାଙ୍କୁ କହିଥିଲେ । ସେତେବେଳକୁ ଉପେନ୍ଦ୍ର ଅଳ୍ପ ବୟସର ଶିଶୁ । ସେହି ବାଳକ ଉପେନ୍ଦ୍ର ଭଞ୍ଜ ( ହୁଏତ ୧୪।୧୫ ବର୍ଷ ହୋଇପାରେ ) କୁଳାଡ଼ ଗଡ଼ ଚତୁପଟେ ପାହାଡ଼ ପରିବେଷ୍ଟିତ ଏକ ରମଣୀୟ ସମତଳ ଭୂମିରେ ଥିବା ଗୁମ୍ଫାରେ ବସି ମନ୍ତ୍ର ସିଦ୍ଧିଲାଭ କରିଥିଲେ । ସେହି ସ୍ଥାନଟି ଆଜିକାଲି ବାଘଦାଣ୍ଡି ବା ରାମଣଖୋଳ ନାମରେ ପରିଚିତ ।

## ଦ୍ୱିତୀୟ କିମ୍ବଦନ୍ତୀ

ଭଞ୍ଜ-ରାଜଧାନୀ କୁଳାଡ଼ଠାରୁ ଅଳ୍ପ ଦୂରରେ 'ଅନ୍ଧାରିଗଡ଼' ନାମକ ସ୍ଥାନ ଅଛି । ଅନେକେ ଅନୁମାନ କରନ୍ତି, ଉପେନ୍ଦ୍ର ଭଞ୍ଜ ସେଠାରେ ରହି ରାମତାରକ ମନ୍ତ୍ର ଜପ କରିଥିଲେ । ଏ ପର୍ଯ୍ୟନ୍ତ ସେ ସ୍ଥାନର ଅବଶେଷ ରହିଅଛି ।

## ତୃତୀୟ କିମ୍ବଦନ୍ତୀ —

ଉପେନ୍ଦ୍ର ଭଞ୍ଜ ପୁରୀ ଜିଲ୍ଲା ନୟାଗଡ଼ ଅନ୍ତର୍ଗତ ପ୍ରସିଦ୍ଧ ରଘୁନାଥ ମନ୍ଦିରରେ ମନ୍ତ୍ର ଜପ କରିଥିଲେ । ସିଦ୍ଧିଲାଭ ପରେ ଅଶ୍ୱପୃଷ୍ଠରେ ବସି କୁଳାଡ଼ ଗଡ଼କୁ ପ୍ରତ୍ୟାବର୍ତ୍ତନ କରୁଥିଲେ । ଆସୁ ଆସୁ ବାଟରେ ଏକ ଅଦ୍ଭୁତ କଥା ଦେଖିଲେ । ଜଣେ ଭୈରବ ସାଧକ ଶବାରୂଢ଼ ହୋଇ ମନ୍ତ୍ର ଜପ

କରୁଥିବା ବେଳେ ଦେବୀ ଭୈରବୀ ଆବିର୍ଭୂତା ହେଲେ । "ବର ମାଗ" ବୋଲି ସେ କହିବା ବେଳେ, ତାଙ୍କର ଭୟଙ୍କର ରୂପ ଦେଖି ସାଧକ ନିଶ୍ଚେଷ୍ଟ ହୋଇଗଲା । ଠିକ୍ ସେଠିକବେଳେ ସେ ବାଟେ ଯାଉଥିବା ଉପେନ୍ଦ୍ର କିନ୍ତୁ ସାହସରେ ପାଖକୁ ଯାଇ କହିଲେ, "କାବ୍ୟ ଲେଖିବାକୁ ମତେ ଅଦ୍ଭୁତ ଶକ୍ତି ଦିଅ ।" ସେ "ତଥାସ୍ତୁ" କହି ଅନ୍ତର୍ହିତ ହୋଇଗଲେ । ତାହାପରେ ଉପେନ୍ଦ୍ରଙ୍କର ଅଦ୍ଭୁତ ଶକ୍ତି ସମୁଦିତ ହେଲା ।

## ଚତୁର୍ଥ କିମ୍ବଦନ୍ତୀ—

ଘୁମୁସର ଏବଂ ନୂଆଗଡ଼ ରାଜ୍ୟ ସୀମାରେ, ଓଡ଼ଗାଁ ଓ ପଞ୍ଚଭୂତି ମଧ୍ୟରେ ତଥା କୁମୁଣ୍ଡ ନାମକ ଗ୍ରାମ ନିକଟରେ ଦଧୀନଉତା ନାମକ ସ୍ଥାନ ଅଛି । ସେଠାରେ ଥିବା ଏକ ବାମ୍ଫୀ ସେ ଅଞ୍ଚଳରେ ଏକ ସୁପ୍ରସିଦ୍ଧ ଜଳାଧାର । "ଉପେନ୍ଦ୍ର ଭଞ୍ଜ ଜୀବନୀ"ରେ ଶ୍ରୀ ଦାମୋଦର ଦାସ ଲେଖିଛନ୍ତି—

"ଏକାଦଶ ଶତାବ୍ଦୀଠାରୁ ସେହି ଦଧିନଉତା, ବୌଦ୍ଧଧର୍ମର ମହାଯାନ, ବଜ୍ରଯାନ, ତନ୍ତ୍ରଯାନ, ଓ ସହଜ ଯାନାଦି ଅତିକ୍ରମ କରି ସନ୍ଥଶ୍ରେଷ୍ଠ ଗୋରେଖ ଗୋସାଇଁ ପ୍ରତିଷ୍ଠିତ ହଠଯୋଗାଶ୍ରମରେ ପରିଣତ ହୋଇଥିବା ସାଧୁସନ୍ଥ ପରଂପରା ଅନ୍ତର୍ଗତ ଦିବ୍ୟପୀଠ ବିଶେଷ ଥିଲା ।" ଭଞ୍ଜେ ସେଠାରେ ମନ୍ତ୍ରସିଦ୍ଧି ଲାଭ କରିଥିଲେ ।

## ପଞ୍ଚମ କିମ୍ବଦନ୍ତୀ -

ନାଟ୍ୟକାର ଦେବେନ୍ଦ୍ର ସିଂହ ଲେଖିଛନ୍ତି

"ବୁଗୁଡ଼ା ନିକଟବର୍ତ୍ତୀ ପର୍ବତ ଉପରିସ୍ଥ ସିଦ୍ଧଗୁମ୍ଫାର ସମ୍ମୁଖଭାଗ । ଗୋଟିଏ ବିରାଟ ଶିଳାଖଣ୍ଡର ତଳେ, ପରିଷ୍କୃତ, ପରିଚ୍ଛନ୍ନ ଗହ୍ୱରଟିଏ । ସେହି ଗହ୍ୱର 'ସିଦ୍ଧଗୁମ୍ଫା' ବୋଲି ପରିଚିତ । ସେହି ଗୁମ୍ଫାର ଚତୁଃପାର୍ଶ୍ୱସ୍ଥିତ ପ୍ରସ୍ତର-ଖଣ୍ଡ ସବୁ କଣ୍ଟକାକୀର୍ଣ୍ଣ ଓ ନାନାପ୍ରକାର ଗୁଳ୍ମଲତାରେ ପରିପୂର୍ଣ୍ଣ । ନିକଟ-ବର୍ତ୍ତୀ କୌଣସି ଗୋଟିଏ କ୍ଷୁଦ୍ର ନିର୍ଝରଣୀର କଳ କଳ ଧ୍ୱନି ଗୁମ୍ଫା ମଧ୍ୟରୁ ସ୍ପଷ୍ଟରୂପେ ଶୁଣାଯାଉଥିଲା । ଗୁମ୍ଫାର ସମ୍ମୁଖଭାଗର ତଳଦେଶ ଶିଳା-ବନ୍ଧୁର ହେଲେ ମଧ୍ୟ, ବାମ ପାର୍ଶ୍ୱରେ ଟଗଟାଏ ଅତି ପ୍ରକାଣ୍ଡ ମସୃଣ

ପ୍ରସ୍ତରର ସୁନିର୍ମିତ ଚଉର ବିରାଜିତ । ବୋଧହୁଏ ସ୍ଥାନଟିର ନିର୍ଜନ ସୌନ୍ଦର୍ଯ୍ୟ ଉପଭୋଗ କରିବା ନିମିତ୍ତ ଘୁମୁସରର କୌଣସି ରାଜା ଚଉରଟି ନିର୍ମାଣ କରାଇ ଦେଇଛନ୍ତି, ଦୂରାଗତ ବିଦେଶୀ ପଥିକମାନଙ୍କ ଉଦ୍ଦେଶ୍ୟରେ । ସମୟ— ପ୍ରଭାତ; ସେହି ଗୁମ୍ଫା ମଧ୍ୟରେ ସାଧକ ବେଶରେ ଉପେନ୍ଦ୍ର ଏକାକୀ ଖଣ୍ଡେ ମୃଗଚର୍ମ ଉପରେ ପଦ୍ମାସନରେ ବସି ରହିଛନ୍ତି । ପରିଧାନ କଷାୟ-ବସ୍ତ୍ର । ତାଙ୍କର ଆଗରେ ପ୍ରଜ୍ୱଳିତ ହୋମକୁଣ୍ଡଟି ପ୍ରାୟ ଅର୍ଦ୍ଧନିର୍ବାପିତ ଅବସ୍ଥାରେ ରହିଛି । ଅନ୍ୟାନ୍ୟ ସବୁ ପ୍ରକାର ପୂଜାର ଉପକରଣ ସହିତ, ଗୋଟିଏ ତାଳପତ୍ର ପୋଥି ଓ ଲେଖନୀ ମଧ୍ୟ ଯଥାସ୍ଥାନରେ ରଖା-ଯାଇଛି (୧) ।" ସାରକଥା, ଏଠାରେ ଭଞ୍ଜ ସିଦ୍ଧିଲାଭ କରିଥିଲେ ।

## ଷଷ୍ଠ କିମ୍ବଦନ୍ତୀ –

କୁଳଡ଼ା ଗଡ଼ର ପଶ୍ଚିମରେ ଯେଉଁ ଉଚ୍ଚ ପାହାଡ଼ ଠିଆ ହୋଇଛି, ତାର ଉପରେ ଥିବା 'ସିଦ୍ଧେଶ୍ୱର' ମନ୍ଦିରରେ ସେ ମନ୍ତ୍ର ସିଦ୍ଧି ଲାଭ କରିଥିଲେ !

ଏ ଭଳି ଛଅଗୋଟି କିମ୍ବଦନ୍ତୀରେ ଦୁଇଟି କଥା ପ୍ରତିଫଳିତ । ପ୍ରଥମ କଥା, ଉପେନ୍ଦ୍ର କେବଳ ବଡ଼ କବି ହେବା ପାଇଁ ଓ ସ୍ୱାଭାବିକ ପ୍ରେରଣାକୁ ଚରିତାର୍ଥ କରିବା ଲକ୍ଷ୍ୟରେ 'ତାରକ ମନ୍ତ୍ର' ଜପ କରିଥିଲେ । ଦ୍ୱିତୀୟ କଥା, ଧନଞ୍ଜୟ ଭଞ୍ଜ ତାଙ୍କୁ ଯେଉଁ ସସ୍ନେହ ନିର୍ଦ୍ଦେଶ ଦେଇଥିଲେ, ତାହା କାର୍ଯ୍ୟକାରୀ କରିବା ପାଇଁ ଉପେନ୍ଦ୍ର ଦୈବୀଆଶ୍ରୟ ଗ୍ରହଣ କରିଥିଲେ ।

ଭାରତୀୟ ପରମ୍ପରାରେ ମହାକବିମାନଙ୍କ ସମ୍ପର୍କରେ ଏ ଭଳି ଅନେକ କଥା ଶୁଣାଯାଏ । ଯଥା ଆଦିକବି ବାଲ୍ମୀକି କୁଆଡ଼େ ଆଜନ୍ମ ମୂର୍ଖ ଥିଲେ ଏବଂ ରାମନାମ ଜପ କରି ଅଦ୍ଭୁତ ସିଦ୍ଧି ଲାଭ କରିଥିଲେ । ତାହା ଫଳରେ ନିଷାଦବିଦ୍ଧ କ୍ରୌଞ୍ଚ ଯୁଗଳ ଦର୍ଶନରେ ତାଙ୍କର ହୃଦ୍‌ଗତ ଶୋକ ଶ୍ଳୋକ ରୂପେ ବିନିର୍ଗତ ହୋଇ ଯାଇଥିଲା । ମହାକବି କାଳିଦାସ କାଳିମନ୍ତ୍ର ଜପରେ ସିଦ୍ଧି ଲାଭ କରି ଭାରତୀୟ କବି-ସମାଜରେ "କୋଟିଙ୍କର" ହୋଇ

---

(୧) ଭଞ୍ଜକବି ନାଟକ, ପୃ ୧୩୪

ପାରିଥିଲେ । ମହାକବି ଜୟଦେବ ରାଧାମାଧବଙ୍କ ଏ ଭଳି କୃପାପାତ୍ର ଥିଲେ ଯେ, ନିଜେ ଶ୍ରୀକୃଷ୍ଣ ଜୟଦେବ ରୂପରେ ଆସି ସେ ସ୍ନାନାର୍ଥେ ନଦୀକୁ ଯାଇଥିବା ବେଳେ ତାଙ୍କର ଅପୂର୍ଣ୍ଣ ଶ୍ଳୋକ ପୂର୍ଣ୍ଣ କରିବାକୁ ଏଇତକ ନିଜ ହସ୍ତରେ ଲେଖି ଦେଇଥିଲେ—

"ଦେହି ପଦପଲ୍ଲବ ମୁଦାରମ୍ ।"

ସେହିପରି, ବିଖ୍ୟାତ ନୈଷଧକାର ଶ୍ରୀହର୍ଷ ଚିନ୍ତାମଣି ମନ୍ତ୍ରରେ ସିଦ୍ଧି-ଲାଭପୂର୍ବକ ମହାକବି ହୋଇଥିଲେ ବୋଲି ନୈଷଧୀୟ ଚରିତ କାବ୍ୟରେ ସ୍ପଷ୍ଟ ଉଲ୍ଲେଖ କରିଅଛନ୍ତି । (୧)

ଓଡ଼ିଶାର କବି-ସମାଜରେ ଏହି ମନ୍ତ୍ରସିଦ୍ଧିର ପ୍ରଶସ୍ତି ବହୁଧା ଶ୍ରୁତି-ଗୋଚର ହୋଇଥାଏ । ସାରଳା ଦାସ, ବଳରାମ ଦାସ, ଅଚ୍ୟୁତାନନ୍ଦ ଦାସ, ଭୀମ ଭୋଇ, ଅଭିମନ୍ୟୁ, ବଳଦେବ ରଥ ଏବଂ ତାଙ୍କର ପ୍ରତିଦ୍ୱନ୍ଦୀ 'କବିଚନ୍ଦ୍ର'ଙ୍କ ପର୍ଯ୍ୟନ୍ତ ହୁଏ ତ ଏହି ଦୈବୀକୃପାର ଫଳ ସ୍ୱରୂପ ଓଡ଼ିଶା ସାହିତ୍ୟକୁ ବିପୁଳ ଦାନ ଦେଇଛନ୍ତି । ଭଞ୍ଜଙ୍କ ସମ୍ପର୍କରେ କିମ୍ବଦନ୍ତୀ ଅପେକ୍ଷା ତାଙ୍କର ସ୍ୱକୀୟ ଉଲ୍ଲେଖ ବଳବତ୍ତର ପ୍ରମାଣ । କବି 'ବୈଦେହୀଶ ବିଳାସ'ରେ ଲେଖିଛନ୍ତି—

"ଗୀରବର ପଦ ଉପଇନ୍ଦ୍ର ମୋର ନାମ
ବାରେ ବାରେ ସେବାରେ ମନାଇ ସୀତାରାମ ।
ବିରଚି କବିତ୍ୱ ମାର୍ଗେ ପ୍ରସରିଲା ବୁଦ୍ଧି
ବିରଚିଲି ରାମାୟଣ ଏ ମୋ ବଡ଼ ସିଦ୍ଧି ।"
( ଶେଷ ଛାନ୍ଦ )

'ଲାବଣ୍ୟବତୀ'ରେ ଲେଖିଛନ୍ତି—

"ତାରକ ମନ୍ତ୍ର ପରସାଦେ
ମୋହର କବିପଣେ ଉଦେ ।"
( ୧୭ଶ ଛାନ୍ଦ )

---

(୧) ଚିନ୍ତାମଣି ମନ୍ତ୍ର ଚିନ୍ତନ ଫଳେ ( ୧ । ୧୪୫ )

'ଛାନ୍ଦ ଭୂଷଣ'ରେ ଲେଖିଛନ୍ତି—

"ତାରକ ମନ୍ତ୍ର ନାମ ସାଧକ
ଜାଣ ସେହି ଉପେନ୍ଦ୍ର ଭଞ୍ଜର ।"
(୧୬।୨୯)

'କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ'ରେ ଲେଖିଛନ୍ତି —

"ଯେହୁ ତାରକ ପ୍ରବର୍ତ୍ତକ ଜଗତେ
ତାରକ ହୃଦେ ସେହି ତ
× × ×
ହୋଇଲୁ କବି ଉପେନ୍ଦ୍ର ଭଞ୍ଜର ।"

ରାଶି ରାଶି ଉକ୍ତି ମଧ୍ୟରୁ ଏଠାରେ କେତୋଟି ମାତ୍ର ଉଦ୍ଧୃତ ହେଲା । ଭଞ୍ଜ ଯେତେବେଳେ ଧନଞ୍ଜୟଙ୍କର ରଣୋତ୍ଥାନରୂପୀ ସ୍ୱପ୍ନ ନିର୍ଦ୍ଦେଶ ଲାଭ କଲେ, ସେତେବେଳକୁ ସେ ବହୁ ଶ୍ରେଷ୍ଠ ଶ୍ରେଷ୍ଠ କାବ୍ୟ-କବିତା ଲେଖିଲେଣି ସତ; କିନ୍ତୁ ସେ ସବୁ ପ୍ରଶସ୍ତିଗାନ ଓ ଧାରାବାହିକ ଇତିହାସ ବା ବିବରଣୀର ସଂଗ୍ରହ ଏ ଯାଏ ସମ୍ଭବପର ହୋଇ ନାହିଁ ।

ମୋଟ କଥା, କବି ମନ୍ତ୍ରସିଦ୍ଧି ଲାଭ କରିଥିଲେ ସତ; କିନ୍ତୁ କେଉଁଠାରେ ଜପ କରିଥିଲେ ଏବଂ 'ବୈଦେହୀଶ ବିଳାସ' ଲେଖି ଧନଞ୍ଜୟ ଭଞ୍ଜଙ୍କୁ ଉପହାର ଦେବା ପାଇଁ ମନ୍ତ୍ରସିଦ୍ଧି କରିଥିଲେ କି ନାହିଁ, ତାହା ନିଶ୍ଚିତ ରୂପେ ଜାଣିବାର କୌଣସି ବାଟ ନାହିଁ । ଘୁମୁସରର ସାତ ଆଠଟି ସ୍ଥାନ ଭଞ୍ଜଙ୍କର ସାଧନାପୀଠ ରୂପେ ପ୍ରଦର୍ଶିତ ହୋଇଥାଏ । ସୁତରାଂ, ଏସବୁ ବିବଦମାନ ମତମାନଙ୍କରୁ ଏତିକିମାତ୍ର ଜଣାଯାଏ, ଭଞ୍ଜ ସିଦ୍ଧିଲାଭ ପୂର୍ବରୁ ହେଉ ବା ପରେ ହେଉ, ଏ ସବୁ ପୀଠ ବୁଲି ଦେଖିଥିଲେ ।

## (୮) ତୀର୍ଥାଟନ : ଶ୍ରୀଧାମର ସ୍ମାରକ ଶ୍ରେଷ୍ଠ କାବ୍ୟ –

ଉତ୍କଳମଣି ଗୋପବନ୍ଧୁ ଯଥାର୍ଥରେ ଲେଖିଛନ୍ତି—

"ଅତି ମନୋହର ଶ୍ରୁତି ଚମତ୍କାର
ଶତ ମାନସୀ ପ୍ରତିମ,

କାବ୍ୟ-ଚିତ୍ରପଟେ ଉଜ୍ଜ୍ୱଳେ ପ୍ରକଟେ
ଭୂମି ପ୍ରତିଭା ଗରିମା ।”

କବିଙ୍କର ଶିଳ୍ପମାନସୀ ପ୍ରତିଭା ତାଙ୍କର ବିବିଧ, ବିଚିତ୍ର ଓ ବ୍ୟାପକ ଅନୁଭୂତିରୁ ସମୁଦ୍ଭୂତ ହୋଇଥିଲା । ଅଦ୍ୟାପି ତାଙ୍କର କାବ୍ୟ-ଚିତ୍ରପଟରେ ପ୍ରତିଫଳିତ ତଥା ସମୁଦ୍ଭାସିତ ସେହି ଭୂମିସମୂହ ସାଧାରଣ ପାଠକର ଚିନ୍ତାରାଜ୍ୟରେ ସଞ୍ଚାରଲାଭ କରି ନାହାନ୍ତି । ଭଞ୍ଜଙ୍କର ଜୀବନୀ ଲେଖକ କହନ୍ତି, ସେ ଏକାଧିକ ଥର ଭାରତ ଭ୍ରମଣ କରିଥିଲେ । ପର୍ଯ୍ୟଟନ ସ୍ପୃହାର ପରିସର ମଧ୍ୟରେ ଚାରିଧାମ ଦର୍ଶନ ମଧ୍ୟ ସମାବେଶିତ । କବିଙ୍କର ଏହି ଭାରତ ଭ୍ରମଣ କିପରି ତାଙ୍କ କାବ୍ୟରେ ପ୍ରତିଫଳିତ, ତାହା ସଂକ୍ଷେପରେ ସୂଚାଇ ଦିଆଯାଉଛି ।

ଫକୀର ମୋହନଙ୍କର ପ୍ରସିଦ୍ଧ ଚାରିଖଣ୍ଡି ଉପନ୍ୟାସର ଅନ୍ତର୍ନିହିତ ସଙ୍କେତ ଉଦ୍‌ଘାଟନ କରି ସମୀକ୍ଷକ କହନ୍ତି—

“ଫକୀର ମୋହନଙ୍କ ଚାରୋଟି ଉପନ୍ୟାସ— ଲଛମା, ଛ’ମାଣ ଆଠଗୁଣ୍ଠ, ମାମୁଁ ଓ ପ୍ରାୟଶ୍ଚିତ୍ତ ଓଡ଼ିଶାର ରାଜନୈତିକ ଜୀବନର ଭିତ୍ତିଭୂମିକୁ ଆଶ୍ରୟ କରି ଯଥାର୍ଥ ଉପନ୍ୟାସ ସୃଷ୍ଟି ସମ୍ପଦରେ ଗରୀୟାନ୍ ହୋଇ-ଉଠିଛନ୍ତି । ଏ ଉପନ୍ୟାସମାନ ଅଧ୍ୟୟନ କଲେ ଆମେ ଦୀର୍ଘ ଦୁଇ ଶହ ବର୍ଷ ( ୧୭୨୦-୧୯୨୦ )ର ଉତ୍କଳୀୟ ସାମାଜିକ ଜୀବନର ଏକ ଏକ ଅନବଦ୍ୟ ଚିତ୍ରପଟ ଦେଖିବାକୁ ପାଇବୁଁ ।

( ଓଡ଼ିଆ ସାହିତ୍ୟର ଦିଗ୍‌ଦର୍ଶନ, ପୃ-୪୩ )

ଫକୀର ମୋହନ ସେନାପତିଙ୍କର ପ୍ରସିଦ୍ଧ ଚାରିଖଣ୍ଡି ଉପନ୍ୟାସ ଯେପରି କି ଓଡ଼ିଶାରେ ମୋଗଲ ରାଜତ୍ୱ, ମରହଟ୍ଟା ରାଜତ୍ୱ, ଇଂରାଜୀ ରାଜତ୍ୱର ଆଦ୍ୟ-ଭାଗ ଓ ମଧ୍ୟଭାଗର ସଙ୍କେତ ବହନ କରି ଆତ୍ମପ୍ରକାଶ କରିଅଛି, ଠିକ୍ ସେହିପରି ଭଞ୍ଜଙ୍କର ଚାରିଖଣ୍ଡି ବିଖ୍ୟାତ କାବ୍ୟ ଯଥାକ୍ରମେ ପୂର୍ବଭାରତ ଉତ୍ତର ଭାରତ, ପଶ୍ଚିମ ଭାରତ ଓ ଦକ୍ଷିଣ ଭାରତର ବର୍ଣ୍ଣନାରେ ଚାରିଧାମ ଭ୍ରମଣର ସୂଚନା ପ୍ରଦାନ କରି ଉଦ୍‌ଜୀବିତ ରହିଅଛି । ‘ବୈଦେହୀଶ ବିଳାସ’

ପୂର୍ବ ପାଇଁ, 'କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ' ଉତ୍ତର ପାଇଁ, 'ସୁଭଦ୍ରା ପରିଣୟ' 'ପଶ୍ଚିମ ପାଇଁ ଏବଂ 'ଲାବଣ୍ୟବତୀ' ଦକ୍ଷିଣ ପାଇଁ ଅଭିପ୍ରେତ ।

## ପୂର୍ବ-ଧାମ—ଶ୍ରୀକ୍ଷେତ୍ର ବା ପୁରୀ—

ମହାମତି ଶଙ୍କରାଚାର୍ଯ୍ୟଙ୍କ ସମୟରୁ ହିଁ ଶ୍ରୀକ୍ଷେତ୍ର ବା ପୁରୀ ପୂର୍ବଭାରତୀୟ-ଧାମ ରୂପେ ଗୌରବଲାଭ କରିଛି । ବୈଦେହୀଶ ବିଳାସର ବହୁ ସ୍ଥାନରେ ଶ୍ରୀକ୍ଷେତ୍ରର ଗୌରବ, ପୁରୀର ପୃଥିବୀ ପ୍ରସିଦ୍ଧ ରଥଯାତ୍ରା ପ୍ରଭୃତିର ବର୍ଣ୍ଣନା ଅଛି । ନିଜେ ଭଞ୍ଜ ପୁରୀରେ ଅବସ୍ଥାନ କରିଥିବା ମଧ୍ୟ ଜଣାଯାଏ । ଅନ୍ୟାନ୍ୟ କଥା କ'ଣ କୁହାଯିବ, ପୁରୀ ବଡ଼ଦାଣ୍ଡର 'ବଳଗଣ୍ଡି'ର ମଧ୍ୟ ବର୍ଣ୍ଣନା କରିବାକୁ ଭଞ୍ଜ ଭୁଲି ନାହାନ୍ତି । ସେ ଲେଖିଛନ୍ତି—

"ବଳଗଣ୍ଡି ଠାରେ ରହି ଯଥା ଜଗନ୍ନାଥ
ବିଜେ ପୁଣି ଜନକ ସନ୍ତୋଷେ ଚଳି ରଥ
ବିସ୍ତାରିତ ଜୟଶବ୍ଦ ହେଲା ଦଶ ଦିଶ
ବଡ଼ ଦେଉଳ ସାକେତେ ହେଲେ ପରବେଶ ।"

( ୧୭ଶ ଛାନ୍ଦ )

## ଉତ୍ତର-ଧାମ—ବଦରିକାଶ୍ରମ—

ତା ପରେ, ଉତ୍ତର ଧାମ— ବଦରିକାଶ୍ରମ ବା ବଦରୀନାଥଙ୍କ ଧାମ । କୋଟିବ୍ରହ୍ମାଣ୍ଡ ସୁନ୍ଦରୀର ମୂଳରେ ହିଁ ଏହି ଧାମକୁ ତୀର୍ଥଯାତ୍ରା ପ୍ରସଙ୍ଗରେ ବର୍ଣ୍ଣନା କରାଯାଇଛି ଏବଂ 'ଶ୍ରୀନଗରେ'ର ମଧ୍ୟ ଉଲ୍ଲେଖ ଅଛି ।

"ସଚିବ ନାମ ଯେ ବୁଦ୍ଧିସାଗର
ସେ ବଚନେ ଜଣାଇଲା ଯୋଡ଼ି କର ।

× ×

ସାକ୍ଷାତେ କରନ୍ତାଇ ଦରଶନ
ଥିବା କି ବାରେ ବଦରିକା ବନ

× × ×

ଶ୍ରୀ ନଗରରୁ ଆଦ୍ୟ ବର୍ଣ୍ଣ ଲୁଚିଲେ
ଘୋଷ ବାସୀ ପ୍ରାପ୍ତ ଆସି ଭେଟିଲେ ।"
( ୨ୟ ଛାନ୍ଦ )

ପ୍ରସଙ୍ଗକ୍ରମେ ଗଙ୍ଗା ନଦୀର ପବିତ୍ରତା ପ୍ରଭୃତିର ବର୍ଣ୍ଣନା ମଧ୍ୟ କରା-ଯାଇଛି ।

## ପଶ୍ଚିମ-ଧାମ – ଦ୍ୱାରକା –

ତୃତୀୟରେ, ପଶ୍ଚିମ-ଭାରତର ଦ୍ୱାରକା ଧାମ । 'ସୁଭଦ୍ରା ପରିଣୟ' କାବ୍ୟର ମୂଳରେ ହିଁ ଦ୍ୱାରାବତୀପୁରର ବର୍ଣ୍ଣନା ଦେଖାଯାଏ । ଯଥା—

"ସାଗର ମଧ୍ୟେ ଶୋଭିତ ଦ୍ୱାରାବତୀପୁର
ସାଦୃଶ୍ୟ ବହୁଛି ପଉଲସ୍ତ୍ୟ ଶଇଳର ।"

ପ୍ରସଙ୍ଗାନୁସାରେ କବି ରୈବତ ପର୍ବତର ବର୍ଣ୍ଣନା ମଧ୍ୟ କରିଅଛନ୍ତି ।

## ଦକ୍ଷିଣ-ଧାମ – ରାମେଶ୍ୱର –

ଶେଷରେ, ଦକ୍ଷିଣ ଧାମ ରାମେଶ୍ୱର । ଲାବଣ୍ୟବତୀ କାବ୍ୟରେ ପ୍ରାଧାନ୍ୟର ସହିତ ଏହି ଧାମ ଚିତ୍ରିତ ହୋଇଅଛି । ନାୟକ ଚନ୍ଦ୍ରଭାନୁ ଓ ନାୟିକା ଲାବଣ୍ୟବତୀଙ୍କର ଗୁପ୍ତରୀତି ମିଳନ ସେହି ରାମେଶ୍ୱର ମନ୍ଦିରରେ ହିଁ ସଙ୍ଘଟିତ ହୋଇଅଛି । କବି ନିଜେ ରାମେଶ୍ୱର ମନ୍ଦିର ଦର୍ଶନ କରିଥିବାରୁ କେଉଁ ଦ୍ୱାର ବାଟେ ନାୟିକା ମନ୍ଦିର ମଧ୍ୟରେ ପ୍ରବେଶ କରିଥିଲେ, ତାହା ମଧ୍ୟ ସେ ବର୍ଣ୍ଣନା କରିଅଛନ୍ତି ଯଥା—

"ଶିବରାତ୍ରି ରାମରେ ଉତ୍ସବ
ରାମେଶ୍ୱର ଦେବଠାରେ ହେବ ।"
( ୨୦ଶ ଛାନ୍ଦ )

ପୁଣି ରାମେଶ୍ୱର ଧାମକୁ ଯାଇ, ମନ୍ଦିରକୁ ଯିବାକୁ—
"ପ୍ରବେଶ ହେଲେ ଦେଉଳ ପଶ୍ଚିମ ଦ୍ୱାରେ
( ୨୭ଶ ଛାନ୍ଦ )

× × ×

ପୁଣି, ମନ୍ଦର ଭିତରେ ଜଣାଣ ବେଳେ—

"ବାହୁଡ଼ିଲ ବେଗେ ଶିବ ଦେଖି ବାମା
ଜଣାଇ ହୃଦ କଷଣକୁ ।" ( ୨୭ଶ ଛାନ୍ଦ )

ଏହିପରି ଭାବରେ, ( ସର୍ବଶ୍ରେଷ୍ଠ ଜଗନ୍ନାଥ ଧାମର ମହିମା କୀର୍ତ୍ତନ ସହିତ ) ଚାରୋଟି କାବ୍ୟରେ ଚାରିଧାମ ଭୂମିର ସୂକ୍ଷ୍ମ ସଂକେତ ରହିଅଛି ।

ପ୍ରସଙ୍ଗକ୍ରମେ ଭାରତର ବିଭିନ୍ନ ଧାମକୁ ଯାବାବେଳେ ସେ ଦେଖିଥିବା ଅନ୍ୟ ଅନେକ ସ୍ଥାନର ବର୍ଣ୍ଣନା ମଧ୍ୟ ସେ କରିଛନ୍ତି । ଦୃଷ୍ଟାନ୍ତ ସ୍ୱରୂପ, ବୈଦେହୀଶ ବିଳାସରେ ପୁରୀର ସମୁଦ୍ର, ରଥଯାତ୍ରା ସହିତ ଦକ୍ଷିଣ-ଓଡ଼ିଶାର ଋଷିକୁଲ୍ୟା ମୁହାଣ ଓ ଭୁବନେଶ୍ୱରର ପ୍ରସିଦ୍ଧ ଅଶୋକାଷ୍ଟମୀ ରଥଯାତ୍ରା ପ୍ରଭୃତି ମଧ୍ୟ ବର୍ଣ୍ଣନା କରିଛନ୍ତି । କୋଟି ବ୍ରହ୍ମାଣ୍ଡ ସୁନ୍ଦରୀରେ ଉତ୍ତର-ଭାରତର ବହୁ ତୀର୍ଥ ସମ୍ପର୍କରେ ନାନା କଥା କହିଛନ୍ତି । ଅନ୍ୟ ଦୁଇଟି ଧାମର ଏ ଭଳି ବିସ୍ତୃତ-ବିଶ୍ଳେଷଣ ଲାଗି ମଧ୍ୟ ଅବକାଶ ରହିଅଛି ।

କେହି କେହି ଭଞ୍ଜ-ସମୀକ୍ଷକ ଠାଏ ଠାଏ ବଡ଼ ଉଦ୍‌ଭ୍ରାନ୍ତ ଭାବରେ ଭଞ୍ଜଙ୍କର ବର୍ଣ୍ଣିତ ଦୃଶ୍ୟର ସ୍ଥାନ ନିର୍ଦ୍ଦେଶ କରିଅଛନ୍ତି । ଦୃଷ୍ଟାନ୍ତ ସ୍ୱରୂପ, 'ରସଲେଖା'ରେ କବିଙ୍କର ଶିବ-ବନ୍ଦନାକୁ ନେଇ ଆଲୋଚକ ବାରାଣସୀର ବିଶ୍ୱ-ବିଖ୍ୟାତ 'ବିଶ୍ୱନାଥ'ଙ୍କ ଉପରେ ଆରୋପିତ କରିଛନ୍ତି । ଭଞ୍ଜେ କାବ୍ୟ ମୂଳରେ ଲେଖିଛନ୍ତି—

"ଜୟ ମକର କୁଣ୍ଡଳୀ କୁଣ୍ଡଳ କୁଣ୍ଡଳୀ
ଘନସାର ଶ୍ୟାମଘନ ସାରକାନ୍ତି ଝଳି
ଜୟ ତ୍ରିପୁର ମୋହନ ତ୍ରିପୁର ଦହନ
ଖଗପୁଙ୍ଗବ ବାହନ ପୁଙ୍ଗବ ବାହନ ।" ଇତ୍ୟାଦି ।

ତାହାପରେ କାବ୍ୟର ଚରିତ ଆରମ୍ଭ କରି କବି କହିଛନ୍ତି—

"ସୁଜନ ମନୋରଞ୍ଜନ ହୋଇବ ଏ ଗୀତ
ରସୋଦୟ ନାମେ ବନ ଧରାରେ ବିଦିତ ଯେ ।
ଶୈଳ ଦେଶ ନିକଟେ ମଳୟ ଗିରି ପାଶେ ।" ଇତ୍ୟାଦି ।

ଦକ୍ଷିଣ-ଭାରତର ଚୋଳ ଦେଶ ଓ ମଳୟଗିରି ନିକଟବର୍ତ୍ତୀ ପ୍ରଦେଶରେ ଚରିତ ବର୍ଣ୍ଣନା ବେଳେ ଯେଉଁ ମହାଦେବ ଶିବଙ୍କର ବର୍ଣ୍ଣନା ବା ବନ୍ଦନା କରାଯାଇଛି, ଯାହାଙ୍କୁ କେବଳ ମହାଦେବ କୁହା ନ ଯାଇ 'ହରିହର' ରୂପେ ବର୍ଣ୍ଣନା କରାଯାଇଛି, ତାଙ୍କୁ ନେଇ ଯଦି ଆମେ ହରିହର ନ ହୋଇ କେବଳ ଶିବ ରୂପେ ପୂଜିତ କାଶୀବିଶ୍ୱନାଥଙ୍କ ଉପରେ ଆରୋପ କରିବା, ତେବେ ତାହା ଆମର ମହାଭ୍ରମ ରୂପେ ହିଁ ବିବେଚିତ ହେବ । ସୁତରାଂ, "କାଶୀବିଶ୍ୱନାଥ ଦର୍ଶନରେ ବିମୁଗ୍ଧ ହୋଇ" (୧) ସେ ଏହି ବନ୍ଦନା ଲେଖିଥିବାର କଳ୍ପନା ମଧ୍ୟ ହାସ୍ୟାସ୍ପଦ । ହୁଏ ତ ହରିହର ରୂପେ ପୂଜିତ 'ଲିଙ୍ଗରାଜ' ବା କେରଳର 'ଆୟ୍ୟାପ୍ପନ୍' ମନ୍ଦିର (?) ଲକ୍ଷ୍ୟରେ ଏହା ରଚିତ । ଏହା ଗବେଷଣା ସାପେକ୍ଷ ।

ଆଶା କରାଯାଏ, କେହି ଯଦି ଏ ଦିଗରେ ୨/୪ ବର୍ଷ ଗଭୀର ପରିଶ୍ରମ କରେ, ତେବେ ସମଗ୍ର ଭାରତର ବହୁ ସ୍ଥାନର ଚିହ୍ନ କିପରି ସୁରଧାମ-ଭ୍ରମଣକାରୀ ଏହି ମହାକବି ସଙ୍କେତରେ ଅଙ୍କିତ କରି ଯାଇଛନ୍ତି, ତାହା ପ୍ରଦର୍ଶିତ କରି ପାରିବ ।

## (୪) ଓଡ଼ିଶାରେ ଓଡ଼ିଆ ଭାଷାର ଗୌରବ ପ୍ରତିଷ୍ଠା—

### ଓଡ଼ିଶା ଭ୍ରମଣ : କବିତ୍ୱ ପ୍ରଚାରର ଉଦ୍ଦେଶ୍ୟରେ—

ଆଗରୁ କୁହାଯାଇଛି, ଭଞ୍ଜେ 'ବୈଦେହୀଶ ବିଳାସ' ଲେଖିବା ମୂଳରେ ସଂସ୍କୃତ-ସାହିତ୍ୟର ସୁପ୍ରସିଦ୍ଧ କାବ୍ୟ 'ନୈଷଧୀୟ ଚରିତ'ର ସମକକ୍ଷ ଓଡ଼ିଆ କାବ୍ୟ ରଚନା ଥିଲା ତାଙ୍କର ମୁଖ୍ୟ ଲକ୍ଷ୍ୟ । ଏ କାବ୍ୟର ରଚନା ପରେ ସେ ଓଡ଼ିଶାର ବିଭିନ୍ନ ଭଞ୍ଜ-ରାଜଧାନୀମାନଙ୍କୁ ଯାଇ, ତତ୍ରତ୍ୟ ସଂସ୍କୃତ ପଣ୍ଡିତମାନଙ୍କୁ ନିଜର ପାଣ୍ଡିତ୍ୟ ଓ କାବ୍ୟକଳାର ଉତ୍କର୍ଷରେ ଅଭିଭୂତ କରି ଦେଇଥିଲେ । ପଣ୍ଡିତ ଶ୍ରୀଧର ଶତପଥୀ ତାଙ୍କର 'ଅମୃତ ସନ୍ତାନ'ରେ ଏ ସମ୍ପର୍କରେ କେତେକ ବିବରଣୀ ଦେଇଛନ୍ତି । ସେଗୁଡ଼ିକର ପ୍ରାମାଣିକତା ଯଦିଓ ପରୀକ୍ଷଣୀୟ, ତଥାପି, ସେ ସବୁ ଏକାନ୍ତ ସ୍ୱାଭାବିକ ଓ ସହଜଗ୍ରାହ୍ୟ ମନେହୁଏ ।

---

(୧) ଦ୍ରଷ୍ଟବ୍ୟ— 'ଉପେନ୍ଦ୍ର ଭଞ୍ଜ ଜୀବନୀ' (୧୯୬୭) ପୃ ୧୧୦

## ଶ୍ରୀକ୍ଷେତ୍ରରେ ଭୀଷଣ ପରୀକ୍ଷା ଓ ବିଜୟଲାଭ –

ଭଞ୍ଜବଂଶର ବିବିଧ ପୀଠସ୍ଥଳ ବୌଦ୍ଧ, କେନ୍ଦୁଝର, ମୟୂରଭଞ୍ଜ ପ୍ରଭୃତିରେ ବିପୁଳ ସୁନାମାର୍ଜ୍ଜନ ପରେ, ଭଞ୍ଜେ ଖୋଦ୍ ଶ୍ରୀକ୍ଷେତ୍ରର ପଣ୍ଡିତମାନଙ୍କର ସମ୍ମୁଖୀନ ହେବା ପାଇଁ ମନସ୍ଥ କଲେ । ଭଞ୍ଜଙ୍କର କାବ୍ୟ ପରୀକ୍ଷା ପାଇଁ ମହାରାଜା ଦିବ୍ୟସିଂହ ଦେବ ପୁରୀରେ ବିରାଟ ପଣ୍ଡିତ ସଭାର ଆୟୋଜନ କଲେ । ରଥଯାତ୍ରା ସମୟ ହୋଇଥିବାରୁ ଭାରତର ବିଭିନ୍ନାଞ୍ଚଳର ସାଧୁ, ସନ୍ଥ, ପଣ୍ଡିତ ପ୍ରଭୃତି ପୁରୀ ଆସିଥାଆନ୍ତି ।

## 'ବୈଦେହୀଶ ବିଳାସ'ର ମଙ୍ଗଳାଚରଣ ପାଠ –

ସଭା ଆରମ୍ଭ ହେଲା । ସଭାପତି, ଉତ୍କଳ ଗଜପତିଙ୍କ ନିର୍ଦ୍ଦେଶକ୍ରମେ ଉପେନ୍ଦ୍ର ତାଙ୍କର 'ବୈଦେହୀଶ ବିଳାସ'ର ତାଳପତ୍ର ପୋଥି ହାତରେ ଧରି ଠିଆ ହେଲେ ଓ କାଳବିଳମ୍ବ ନ କରି, 'ମଙ୍ଗଳାଚରଣ' ପାଠ କରିବାକୁ ଆରମ୍ଭ କଲେ । ଏହି କାବ୍ୟର ମୂଳ ଦୁଇଟି ପଦରେ ମଙ୍ଗଳାଚରଣ କରାଯାଇଛି । ଉପେନ୍ଦ୍ର ତାଙ୍କର ସୁମଧୁର କଣ୍ଠରେ ଗାନ କଲେ—

"ବନ୍ଦଇ ଦୀନବାନ୍ଧବ ହରି      ତ୍ରୟ ତମଚକ୍ର ଖଣ୍ଡନକାରୀ
ସଦା କମଳାନନ୍ଦ ବିସ୍ତାରି ସ୍ୱଭାବେ ଦିନ ଯେ ।
ବିଭୁ ଅନନ୍ତ ଅଙ୍କ ବିହାରୀ      କରପ୍ରତାପ ଯାଇ ପସରି
ନିଶାଚରଙ୍କ ଉଲ୍ଲାସ ହରି ପୂଜେ ସୁମନ ଯେ,
ବଇନତେୟ ଯାହା ଅଟନ୍ତେ ସ୍ଥିତ,
ବଇକୁଣ୍ଠ ପଙ୍କଜ ଲୋକ ତୋଷିତ ଯେ,
ବିରାଜ ଅଖଣ୍ଡିତ ମଣ୍ଡଳେ      ସିଂହ ଭାବରେ କ୍ରୀଡନ୍ତ କାଳେ
ଭବେ ତରଣୀ ହୋଇ ମଞ୍ଜୁଳେ ଗିରି ଉଦିତ ଯେ ।"

ଏହି ଅଂଶଟି ଗାନ କରି, ଲୋକଙ୍କ ଉପରେ ଏହାର ପ୍ରଭାବ-ପ୍ରତିକ୍ରିୟା ଜାଣିବା ପାଇଁ ଉପେନ୍ଦ୍ର ସଭାସ୍ଥିତ ବିରାଟ ଜନତା ଉପରେ ଥରେ ତରଳ ଦୃଷ୍ଟି ସଞ୍ଚାଳିତ କରିନେଲେ । ଏହି ସମୟରେ ଉତ୍କଳ ଗଜପତି ତାଙ୍କୁ କହିଲେ—

## ସଭାପତିଙ୍କ ସଂକେତ, ବ୍ୟାଖ୍ୟା କରିବାକୁ—

"କବି ଉପେନ୍ଦ୍ର ! କାଳବିଳମ୍ବ କର ନାହିଁ । ଏହି ମଙ୍ଗଳାଚରଣରେ ତୁମେ ହରିଙ୍କି ବନ୍ଦନା କରିଅଛ । ଆମର ଏହି ପରମ ପବିତ୍ର ଶ୍ରୀକ୍ଷେତ୍ର ଜଗନ୍ନାଥରୂପୀ ହରିଙ୍କ ଲାଗି ସାରା ପୃଥିବୀରେ ସୁଖ୍ୟାତି ଅର୍ଜନ କରିଅଛି । ତୁମେ ହରିଙ୍କର ବନ୍ଦନା କରି ବଡ଼ ବୁଦ୍ଧିମତ୍ତା ଦେଖାଇଛ । ସେହି ହରି ରାମଚନ୍ଦ୍ର ରୂପେ ଅବତାର ଗ୍ରହଣ କରିଥିଲେ ଏବଂ ତୁମେ ତାଙ୍କର ଚରିତ ଏହି କାବ୍ୟରେ ବର୍ଣ୍ଣନା କରିଅଛ । ଏ ଦୃଷ୍ଟିରୁ ମଧ୍ୟ କାବ୍ୟର ମୂଳରେ ହରିଙ୍କର ବନ୍ଦନା ସାର୍ଥକ ହୋଇଅଛି । ତା ହେଲେ ତୁମେ ଗୋଟାଏ କଥା କର, ଯେଉଁସବୁ ବିଶେଷଣ ପଦ ଦେଇ ତୁମେ ହରି ଯେ, ନାରାୟଣ ବା ବିଷ୍ଣୁ, ତାଙ୍କର ବନ୍ଦନା କରିଅଛ, ବିଷ୍ଣୁ ପୁରାଣ ଓ ଭାଗବତ ଅନୁସାରେ ସେହି ବିଶେଷଣ ପଦଗୁଡ଼ିକର ଅର୍ଥ ବୁଝାଇ ଦିଅ ।" ତା ପରେ ଉପେନ୍ଦ୍ର ଏଣେ ନିଜ କବିତାର ଗୋଟିଏ ଗୋଟିଏ ଶବ୍ଦ ଉଲ୍ଲେଖ କଲେ ଏବଂ ତାହାର ଅର୍ଥ ବୁଝାଇବାକୁ ଯାଇ, ସଂସ୍କୃତ ପୁରାଣ ଅନ୍ତର୍ଗତ ଉପାଖ୍ୟାନଗୁଡ଼ିକ ମଧ୍ୟ ପରିବେଷଣ କଲେ ।

ଦେଖୁ ଦେଖୁ ପ୍ରଥମ ପଦର ବ୍ୟାଖ୍ୟାନ ଶେଷ ହୋଇ ଆସିଲା । ଦ୍ୱିତୀୟ ପଦଟି ମଧ୍ୟ ସେହି ମଙ୍ଗଳାଚରଣର ଆଉ ଏକ ଅଂଶ । ତାକୁ ମଧ୍ୟ ସେ ସେହିପରି ଭାବରେ ଘର୍ଣ୍ଣ ସମସ୍ତ ଧରି ବୁଝାଇ ଦେଲେ ।

## ତା ପରେ ପରେ ଶୈବ-ପଣ୍ଡିତଙ୍କ ପ୍ରତିବାଦ—

ମଙ୍ଗଳାଚରଣ ପରେ ସେ ତୃତୀୟ ପଦ ଗାନ କରିବାକୁ ଉଦ୍ୟତ ହେଉଅଛନ୍ତି, ଏତିକିବେଳେ ଶୈବଧର୍ମାବଲମ୍ବୀ ପଣ୍ଡିତମାନଙ୍କ ମଧ୍ୟରେ ଏକ କୋଳାହଳ ପ୍ରକାଶଲାଭ କଲା । ବିଷୟ କ'ଣ ବୋଲି ମହାରାଜା ପଚାରିବାରୁ, ଜଣେ ଦୀର୍ଘବାହୁ ପଣ୍ଡିତ ଦଣ୍ଡାୟମାନ ହେଲେ ଏବଂ ତାଙ୍କର ଆଜାନୁଲମ୍ବୀ ଭୁଜଦଣ୍ଡ ଉତ୍ତୋଳିତ କରି ଗୁରୁଗମ୍ଭୀର ସ୍ୱରରେ କହିଲେ—"ମହାରାଜ ! ଏ ଯେଉଁ ତରୁଣ ବଙ୍ଗକବି ଆଜି ଏଠାରେ ପଣ୍ଡିତମାନଙ୍କ ସମକ୍ଷରେ ଦଣ୍ଡାୟମାନ ଏବଂ ଶ୍ରୀକ୍ଷେତ୍ରରେ ମହାକବିତ୍ୱର ସ୍ୱୀକୃତି ପାଇଁ ଲାଳାୟିତ, ତାଙ୍କର କାବ୍ୟରେ କେବଳ 'ହରି'ଙ୍କ ବନ୍ଦନା ପର୍ଯ୍ୟାପ୍ତ ବା ସୁନ୍ଦର ନୁହେ । ନିଜେ ମୂର୍ତ୍ତିମନ୍ତ ହରିରୂପୀ ଜଗନ୍ନାଥ ମଧ୍ୟ ବିଷ୍ଣୁ ଏବଂ ଭୈରବ ରୂପୀ ଶିବଙ୍କର ଏକ ଅପୂର୍ବ

ସମନ୍ୱୟ । ଶିବପୀଠ ଭୁବନେଶ୍ୱରର 'ତ୍ରିଭୁବନେଶ୍ୱର' ମଧ୍ୟ ହରି ଏବଂ ହରଙ୍କର ମିଳିତ ବିଗ୍ରହ ରୂପେ ପୂଜା ପାଉଛନ୍ତି । ସୁତରାଂ, ଓଡ଼ିଶାର ମହାକବି ବୋଲାଇବାକୁ ଯେ ପଣ୍ଡିତମାନଙ୍କର ମହାସଭାରେ ଦଣ୍ଡାୟମାନ, ତାଙ୍କ ପକ୍ଷରେ କେବଳ ହରିଙ୍କର ବନ୍ଦନା ଆଦୌ ସମୁଚିତ ବା ସୁସଙ୍ଗତ ନୁହେ । ଯଦି କବିଙ୍କର ହରିଭକ୍ତିର ମାତ୍ରା ଖୁବ୍ ଅଧିକ, ତେବେ ସେ ବେଶି ସଂଖ୍ୟକ ବିଶେଷଣ ପଦ ବ୍ୟବହାର କରି ହରିଙ୍କର ବନ୍ଦନା କରନ୍ତୁ, ଆପତ୍ତି ନାହିଁ; କିନ୍ତୁ ଭାରତର ପ୍ରସିଦ୍ଧି ଅନୁସାରେ—

"ଏକୋ ଦେବଃ କେଶବୋ ବା ଶିବୋ ବା ।"

ଭାରତରେ ଦୁଇ ମହାମହିମ ଦେବତାଙ୍କ ଭିତରୁ ଜଣେ କେଶବ ଓ ଜଣେ ଶିବ । ସୁତରାଂ, କବି ଉପେନ୍ଦ୍ର ପକ୍ଷପାତ ବଶୁରପୂର୍ବକ କେବଳ ହରିଙ୍କର ବନ୍ଦନା କରିଥିବାରୁ ଓ ହର (ଶିବ)ଙ୍କ ସମ୍ପର୍କରେ ଆଦୌ ପଦେ ସୁଦ୍ଧା କହି ନ ଥିବାରୁ, ଓଡ଼ିଶାର ଜାତୀୟ ସମନ୍ୱୟବାଦୀ ଧାର୍ମିକ ସଂସ୍କୃତି ଦୃଷ୍ଟିରୁ ତଥା ପ୍ରଭାବଶାଳୀ ଶୈବ ସମ୍ପ୍ରଦାୟ ଦୃଷ୍ଟିରୁ ମୁଁ ଏହି ମଙ୍ଗଳାଚରଣର ଘୋର ନିନ୍ଦାବାଦ କରୁଅଛି ।" (୧)

## ଏହି ଆକସ୍ମିକ 'ଦୁର୍ଘଟନା' ହେତୁ ସଭାସ୍ଥଳରେ ଘୋର ଉଦ୍‌ବେଗ (Suspense) —

କଥିତ ଅଛି ଯେ, ଏଥିରେ ଉତ୍କଳ ଗଜପତି ଗୁଣଗ୍ରାହକ ଦିବ୍ୟସିଂହ ଦେବଙ୍କଠାରୁ ଆରମ୍ଭ କରି ସଭାସ୍ଥିତ ବିଭିନ୍ନ ପଣ୍ଡିତ ଓ ଶ୍ରୋତା ବର୍ଗ ସ୍ତମ୍ଭିତ ଓ ବିସ୍ମିତ ହୋଇଗଲେ । ପ୍ରତିବାଦି ଶୈବ-ପଣ୍ଡିତଙ୍କର ଯୁକ୍ତିଯୁକ୍ତ ଉକ୍ତିକୁ ଯଦି ଉପେନ୍ଦ୍ର ଗ୍ରହଣ କରି ଯାଆନ୍ତି, ତେବେ ତାଙ୍କର କବି-ଗୌରବ ମୁହୂର୍ତ୍ତିକ ମଧ୍ୟରେ ଚୂର୍ଣ୍ଣବିଚୂର୍ଣ୍ଣ ହୋଇଯିବ ଏବଂ ତାଙ୍କ ଗାଲରେ କଳା ବୋଳି ପଣ୍ଡିତମାନେ ତାଙ୍କର "ଗୌରବୋଜ୍ଜ୍ୱଳ ପଟ୍ଟସୁଣ୍ଡା" କରାଇ ଦେବେ । ଯଦି ଆତ୍ମରକ୍ଷା ଲାଗି ଉପେନ୍ଦ୍ର ପଣ୍ଡିତଙ୍କୁ ଜବାବ ଦେବେ, ତେବେ କପରି ଭାବରେ ଜବାବ ଦେବେ— ଏହିପରି ନାନା ଚିନ୍ତା ଦର୍ଶକମାନଙ୍କ ମନରେ ତରଙ୍ଗାୟିତ ହୋଇ ଉଠିଲା ।

---

(୧) ମତାନ୍ତରରେ ପ୍ରଥମ ପଦଟିର ବ୍ୟାଖ୍ୟାନ ପରେ ଏ ଭଳି ପ୍ରତିବାଦ ହୋଇଥିଲା ।

## ରାମ-ଜଗନ୍ନାଥଙ୍କୁ ମନେ ମନେ ଭଞ୍ଜଙ୍କର ସକଳ ପ୍ରାର୍ଥନା –

ବାଣୀଙ୍କର ବରପୁତ୍ର ଏହି ପ୍ରତିବାଦ-ବ୍ରହ୍ମାସ୍ତ୍ରର ଆଘାତରେ ଟିକିଏ ସ୍ତବ୍ଧ ହୋଇଗଲେ । ମହାକବି କାଳିଦାସ ଯେପରି ଜ୍ଞାନପରୀକ୍ଷାର ସଙ୍କଟ ସମୟରେ 'କାଳୀ'ଙ୍କୁ ମନେପକାଇ ବିଜୟଶ୍ରୀ ମଣ୍ଡିତ ହୋଇ ଉଠୁଥିଲେ, ଜୟଦେବ ଯେପରି ଶ୍ରୀକୃଷ୍ଣଙ୍କୁ ଚିନ୍ତା କରି କରି, ପଦମାନ ଲେଖି ଯାଉଥିଲେ, ପଣ୍ଡିତ-ମାନଙ୍କର ବାକ୍ୟବାଣରେ ବିଦ୍ଧ ହୋଇ ଓଡ଼ିଆ ମହାଭାରତ ଲେଖକ ଶୂଦ୍ରମୁନି ସାରଳା ଦାସ ଯେପରି ମନେ ମନେ ସାରଳା ଚଣ୍ଡୀଙ୍କର ଅନୁସ୍ମରଣ କରି ବିଜୟର ବୈଜୟନ୍ତୀ ଉଡ଼ାଇ ପାରୁଥିଲେ, ଭଞ୍ଜେ ସେହିପରି ସବାଭରଣୀୟ ପଣ୍ଡିତ ସଭାରେ ଦଣ୍ଡାୟମାନ ହୋଇ, କାତର କଣ୍ଠରେ ଶ୍ରୀରାମ ରୂପୀ ଜଗନ୍ନାଥଙ୍କର ଶରଣାପନ୍ନ ହେଲେ । ସତେ ଯେପରି କି ତାଙ୍କର ଭକ୍ତି ଓ ମନ୍ତ୍ରସିଦ୍ଧିର ଶକ୍ତିରେ ରତ୍ନସିଂହାସନ ଟଳମଳ ହେଲା ।

## ନିସ୍ତବ୍ଧତା ଭଙ୍ଗ କରି ପ୍ରସନ୍ନ ବଦନରେ ଭଞ୍ଜଙ୍କର ଉତ୍ତର—

ତେଣୁ, ସଭାର ବିସ୍ମୟ ପୂରିତ ସ୍ତବ୍ଧତା ଭଙ୍ଗ କରି ସେ କହିଲେ –

"ପ୍ରିୟ ପଣ୍ଡିତ ମହୋଦୟ ! ଆପଣଙ୍କର ଏହି ସ୍ନେହପୂର୍ଣ୍ଣ ପ୍ରଶ୍ନ ଲାଗି ମୁଁ ଆପଣଙ୍କୁ ହାର୍ଦ୍ଦିକ କୃତଜ୍ଞତା ଜଣାଉଛି । ଯଦିଓ ମହାକବି କାଳିଦାସ ମୁଖ୍ୟାର୍ଥରେ ହରି ଶବ୍ଦ ବିଷ୍ଣୁ-ପର ବୋଲି କହିଅଛନ୍ତି, ତଥାପି, କୋଷାଦି ଗ୍ରନ୍ଥରେ ହରି ଶବ୍ଦର ବହ୍ୱର୍ଥତା ଆପଣ ଅବଶ୍ୟ ଜାଣିଥିବେ । ଏହି ଦେଖନ୍ତୁ, ସଂସ୍କୃତ ଅଭିଧାନର କଥା– ତହିଁରେ 'ହରି' ଶବ୍ଦର ବହୁ ଅର୍ଥ ଥିବାର୍ ସ୍ପଷ୍ଟ କୁହାଯାଇଛି, ଯଥା–

"କୃଷ୍ଣେ କୋକିଳ ଷଟ୍‌ପଦେ କ୍ଷିତି ଜଳେ
ସର୍ପେ ମୃଗେ ବାୟୁସେ
ଚନ୍ଦ୍ରେ ସ୍ୱହିତରେ ବନେ ମଳୟଜେ
ମେଘାର୍କ ଭେକେ କପୌ
ମେଘେ ଶଙ୍କର ସିଂହ ଗୃମର ଯମେ
ଦୈବେ ଭବେ ସାରସେ
ଦିବ୍ୟ ସ୍ତ୍ରୀ ମହୂର୍ଦ୍ଧ୍ୱେ ସୁନ୍ଦର ଗଜେ
ଶଯ୍ୟା ସୁଧର୍ମେ ହରିଃ ।"

ସୁତରାଂ, ମୁଁ 'ହରି' ଶବ୍ଦ ପ୍ରୟୋଗ କରି ବିଷ୍ଣୁବନ୍ଦନା କରିଥିବାରୁ, ଶିବଙ୍କୁ ସମ୍ମାନ ଦେଖାଇ ନାହିଁ ବୋଲି ଭାବୁଛନ୍ତି କାହିଁକି ? ହରି ଶବ୍ଦର ଅର୍ଥ ଯଦି ହୁଏ ବିଷ୍ଣୁ ବା ଶ୍ରୀକୃଷ୍ଣ, ତେବେ, ମୁଁ ଯେଉଁ ବଂଶାଧିକ ବିଶେଷଣ ହରିଙ୍କର ଗୌରବ ବର୍ଣ୍ଣନା ପାଇଁ ପ୍ରୟୋଗ କରିଛି, ତାହାଁର ପ୍ରତ୍ୟେକ ଶବ୍ଦକୁ ବିଷ୍ଣୁ ପୁରାଣ ତଥା ଭାଗବତ ପୁରାଣ ଅନୁସାରେ, ଦୃଷ୍ଟାନ୍ତ ସହିତ ଅର୍ଥ କରାଯାଇ ପାରିବ । ସଭାପତିଙ୍କ ଆଦେଶରେ ମୁଁ ଏବେ ତାହା ହିଁ କରୁଅଛି ।

ପୁଣି, ହରି ଶବ୍ଦକୁ ଯଦି ମହାଦେବ (ଶିବ) ଅର୍ଥରେ ଗ୍ରହଣ କରାଯାଏ, ତେବେ ତ ଶିବ ପୁରାଣ ଅନୁସାରେ ସେହି ବିଶେଷଣ ପଦଗୁଡ଼ିକୁ ସୁନ୍ଦର ରୂପେ ବ୍ୟାଖ୍ୟାନ କରାଯାଇ ମହାଦେବ ଶିବଙ୍କର ଗୌରବ ଗାନ କରାଯାଇ ପାରିବ ।

ଏହା କହି କ୍ଷଣେମାତ୍ର କାଳବିଳମ୍ବ ନ କରି, ପ୍ରତ୍ୟେକ ଶବ୍ଦ ଶିବଙ୍କ ଅର୍ଥରେ କିପରି ପ୍ରଯୁକ୍ତ, ତାହା ଶିବ ପୁରାଣ ଅନ୍ତର୍ଗତ ଘଟଣା ବା ବର୍ଣ୍ଣନାମାନଙ୍କୁ ଆଶ୍ରୟ କରି ବ୍ୟାଖ୍ୟାନ କରିଦେଲେ । ଏହି ଅପ୍ରତ୍ୟାଶିତ ପ୍ରତ୍ୟୁତ୍ତରରେ ବିରାଟ ଜନତାର ହର୍ଷରୋଳ ନଭୋମଣ୍ଡଳକୁ ପ୍ରକମ୍ପିତ କରିଦେଲା । କାରଣ, ତରୁଣ-କବି ଏହି ଉତ୍ତର ଦେଇ, ଶୈବ-ପଣ୍ଡିତମାନଙ୍କୁ ଏ ଭଳି ଭାବରେ ପରାଜିତ କରିଦେଇ ପାରିବେ ବୋଲି, ପ୍ରଥମ ବ୍ୟାଖ୍ୟାନ ପରେ ପରେ କେହି ହେଲେ ଚିନ୍ତା କରି ନ ଥିଲେ ।

## ପୁଣି ଥରେ ପ୍ରତିବାଦର ଗମ୍ଭୀର ସ୍ୱର—

ବୈଷ୍ଣବ ସଂପ୍ରଦାୟ ଓ ଶୈବ ସଂପ୍ରଦାୟ ଭଞ୍ଜଙ୍କର ମଙ୍ଗଳାଚରଣରେ ଆନନ୍ଦିତ ହୋଇ ଉଠିବାରୁ, ଅନ୍ୟ ଧାର୍ମିକ ସଂପ୍ରଦାୟମାନେ କ୍ଷୁବ୍ଧ ହୋଇ-ଉଠିଲେ । ତେଣୁ ସଭାପତିଙ୍କ ଅନୁମତିକ୍ରମେ ଗାଣପତ୍ୟ ସଂପ୍ରଦାୟର ଜଣେ ପ୍ରବୀଣ ପଣ୍ଡିତ କହିବାକୁ ଆରମ୍ଭ କଲେ—

"ବୈଦେହୀଶ ବିଳାସର ମଙ୍ଗଳାଚରଣରେ ବିଷ୍ଣୁ ଓ ଶିବ ଅଭିବନ୍ଦିତ ହୋଇଥିଲେ ମଧ୍ୟ ଗଣେଶଙ୍କର ବନ୍ଦନା ଏକାନ୍ତ ଆବଶ୍ୟକ । କାରଣ, ଶ୍ରୁତି ରହିଛି—"ଅଗ୍ରପୂଜ୍ୟୋ ଗଣାଧିପଃ" ସୁତରାଂ, ଭଞ୍ଜକବି କହିବେ କି, କି କାରଣରୁ ଗଣପତିଙ୍କର ବନ୍ଦନା କରିବାକୁ ସେ ଭୁଲି ଯାଇଛନ୍ତି ?"

**ଏହି ପ୍ରତିବାଦର ପୁଣି ବିଶେଷ ସମାଧାନ —**

ସହାସ୍ୟ ବଦନରେ ଓ ଅବିଚଳିତ ଚିତ୍ତରେ ଉପେନ୍ଦ୍ର ଉତ୍ତର ଦେଲେ-

"ମୁଁ ଆଦୌ ଭୁଲି ନାହିଁ।" ଏହା କହି 'ହରି' ଶବ୍ଦ କିପରି ଗଣେଶଙ୍କୁ ବୁଝାଏ ଏବଂ ମଙ୍ଗଳାଚରଣରେ ଥିବା ସମସ୍ତ ବିଶେଷଣ ପଦ କିପରି ଗଣେଶଙ୍କର ଗୁଣଗୌରବ ପ୍ରକଟନ କରିବାକୁ ସମର୍ଥ, ତାହା ସେ ବଡ଼ ଯୁକ୍ତିଯୁକ୍ତ ଭାବରେ ବ୍ୟାଖ୍ୟାନ କରିଦେଲେ ।

**ଆହୁରି ଥରେ ପ୍ରତିବାଦ —**

ଏହା ପରେ ପରେ ଶାକ୍ତ ପଣ୍ଡିତମାନେ ପ୍ରତିବାଦ କରି କହିଲେ— "ଉପେନ୍ଦ୍ର ! ତୁମେ ପିତା ଶିବଙ୍କର ଓ ପୁତ୍ର ଗଣେଶଙ୍କର ବନ୍ଦନା କରିଥିଲେ ହେଁ, ଜଗଜ୍ଜନନୀ ଦୁର୍ଗାଙ୍କର ବନ୍ଦନା ନ କରି ଗୁରୁତର ଦୋଷ କରିଅଛ । ତୁମେ କଣ ମହାମତି ଶଙ୍କରାଚାର୍ଯ୍ୟଙ୍କର ସୁପ୍ରସିଦ୍ଧ ଶ୍ଲୋକ ପଢ଼ି ନାହିଁ, ଯହିଁରେ ଅଛି—

ଶିବଃ ଶକ୍ତ୍ୟା ଯୁକ୍ତୋ ଯଦି ଭବତି ଶକ୍ତଃ ପ୍ରଭବିତୁଂ
ନ ଚେ ଦେବଂ ଦେବୋ ନ ଖଳୁ କୁଶଳଃ ସ୍ପନ୍ଦିତୁମପି ।
( ଆନନ୍ଦ ଲହରୀ—୧ମ ଶ୍ଲୋକ )

ଏଥିରୁ ଜଣାପଡ଼େ, ଶକ୍ତିଙ୍କ ବଳରେ ହିଁ ମହାଦେବ ଶିବ ଶକ୍ତିମାନ୍ ହୋଇ ଉଠନ୍ତି । ସୁତରାଂ, ଶିବଙ୍କର ବନ୍ଦନା ସଙ୍ଗେ ସଙ୍ଗେ ଶକ୍ତିଙ୍କର ବନ୍ଦନା କରିବା ତୁମ ପକ୍ଷରେ ଏକାନ୍ତ ଆବଶ୍ୟକ ଥିଲା ।"

**ପ୍ରତିବାଦର ପୁଣି ବିସ୍ମୟକର ପ୍ରତ୍ୟୁତ୍ତର —**

ବିସ୍ମୟ ବିସ୍ଫାରିତ ନେତ୍ରରେ ଦର୍ଶକମଣ୍ଡଳୀ ଉପେନ୍ଦ୍ରଙ୍କୁ ଚାହିଁ ରହିଲେ । ହଠାତ୍ ସମସ୍ତଙ୍କ ମନରେ ଆଶ୍ଚର୍ଯ୍ୟର ବିଦ୍ୟୁଲ୍ଲତା ସଞ୍ଚାରିତ କରି ତରୁଣ କବି ଉତ୍ତର ଦେଲେ—

"ଆପଣ ଯଥାର୍ଥ ପ୍ରଶ୍ନ ପଚାରି ଅଛନ୍ତି । କିନ୍ତୁ ଏହି ମଙ୍ଗଳାଚରଣରେ ଜଗନ୍ମାତା ଦୁର୍ଗା ଆଦୌ ଉପେକ୍ଷିତା ହୋଇ ନାହାନ୍ତି; ବରଂ ଶିବଙ୍କର

ସମପ୍ରାଧାନ୍ୟରେ ସେ ମଧ୍ୟ ଅଭିବନ୍ଦିତା ।" ଏହା କହି, ବିଖ୍ୟାତ ଦେବୀ ଭାଗବତର ଅବଲମ୍ବନରେ ଉପେନ୍ଦ୍ର ସମସ୍ତ ବିଶେଷଣ ଶବ୍ଦଗୁଡ଼ିକୁ ଅର୍ଥ କରି, ତହିଁରେ ଦୁର୍ଗାଙ୍କର ଗୁଣଗୌରବ କିପରି ପରିକଳ୍ପିତ, ତାହା ବୁଝାଇ ଦେଲେ ।

## ପ୍ରଶ୍ନ ପରେ ପ୍ରଶ୍ନ ପ୍ରଶ୍ନର ସୀମା ନାହିଁ —

ଭାରତର ଅଗଣିତ ଦେବ ଦେବୀଙ୍କର ଉପାସକମାନେ ମୁଖ୍ୟତଃ ପଞ୍ଚ-ଦେବତାଙ୍କ ପୂଜାପୂଜନ ମଧ୍ୟରେ ଗର୍ଭିତ ହୋଇଥାଆନ୍ତି । ସେମାନେ ହେଉଛନ୍ତି- ବିଷ୍ଣୁ, ଶିବ, ଦୁର୍ଗା, ଗଣେଶ ଓ ସୂର୍ଯ୍ୟ । ଦେଖୁ ଦେଖୁ ଏହି ପଞ୍ଚଦେବତା ମଧ୍ୟରୁ କେବଳ ସୂର୍ଯ୍ୟଙ୍କ ବ୍ୟତୀତ ଅନ୍ୟମାନଙ୍କର ବନ୍ଦନାର ଅର୍ଥ ସେହି ସେହି ବିଶେଷଣମାନଙ୍କର ଅବଲମ୍ବନରେ ଭଞ୍ଜେ ବୁଝାଇ ଦେଲେ । ସୁତରାଂ, ସୌର ସଂପ୍ରଦାୟର ଜଣେ ମୁଖପାତ୍ର ପ୍ରତିବାଦ କରି କହିଲେ—

"କବି ଉପେନ୍ଦ୍ର ! ତୁମେ ବିସ୍ମୟକର ପାଣ୍ଡିତ୍ୟ ପ୍ରଦର୍ଶନ କରି ସମସ୍ତଙ୍କୁ ମୁଗ୍ଧ କରିଅଛ । ତୁମେ ତୁମର କବିତା ପାଠ କଲାବେଳେ ଏ ଭଳି ବିବିଧ ଅର୍ଥ ତହିଁରୁ ପ୍ରକାଶ ପାଇବ ବୋଲି ଆମ୍ଭେ କେହି ଭାବିପାରି ନ ଥିଲୁ । ତେବେ, ମୁଁ ଏତିକି କହିବି, ଭାରତରେ ତେତିଶ କୋଟି ଦେବତା ଯଦିଓ ଉପାସିତ, ତଥାପି ସୂର୍ଯ୍ୟଙ୍କ ସମେତ ପଞ୍ଚଦେବତା ହିଁ ମୁଖ୍ୟ । ତୁମେ ଯଦି ସୂର୍ଯ୍ୟଙ୍କ ସମ୍ପର୍କରେ ପଦେ ସୁଦ୍ଧା କହିଥାଆନ୍ତ, ତାହାହେଲେ ଆମେ ସମସ୍ତେ ବିଶେଷ ଆନନ୍ଦିତ ହୋଇଥାନ୍ତୁ ।"

## ଉତ୍ତର ପରେ ଉତ୍ତରର ପ୍ରବାହ —

ଉପେନ୍ଦ୍ର ଉତ୍ତର ଦେଲେ— "ମୁଁ ତାହା ହିଁ କରିଛି ।" ଏହା କହି ସମସ୍ତ ବିଶେଷଣ ପଦ କିପରି ସୂର୍ଯ୍ୟଦେବଙ୍କର ଗୌରବ ପ୍ରକାଶକ, ସୂର୍ଯ୍ୟପୁରାଣ ଅବଲମ୍ବନରେ ତାହା ବର୍ଣ୍ଣନା କରିଗଲେ ।

## ଧନ୍ୟ କବି, ତୁମେ ସରସ୍ୱତୀଙ୍କର 'ପୁରୁଷ-ଅବତାର'-

ଏହା ପରେ ପରେ ରାମଚନ୍ଦ୍ରଙ୍କର ଉପାସକମାନେ, ଜଗନ୍ନାଥଙ୍କର ଉପାସକମାନେ ଏବଂ ଅନ୍ୟ କେତେକ ଦେବ ଦେବୀଙ୍କର ଉପାସକମାନେ ସେହିଭଳି ପ୍ରଶ୍ନମାନ ଉତ୍ଥାପିତ କଲେ । କିମ୍ବଦନ୍ତୀ ଅଛି ଯେ, ଉପେନ୍ଦ୍ର

ଦ୍ୱାଦଶ ସଂଖ୍ୟକ ବା ତତୋଧିକ ଦେବ ଦେବୀଙ୍କର ବନ୍ଦନାତ୍ମକ ବ୍ୟାଖ୍ୟାନ ଦେଇ ଅପରିକଳ୍ପିତ ଗୌରବ ଲାଭ କଲେ । ବାରାଣସୀରୁ ଆସିଥିବା ଜଣେ ପ୍ରଖ୍ୟାତ ପଣ୍ଡିତ କୁଆଡେ କହିଲେ—"ଏ ତ ଜଣେ ମନୁଷ୍ୟମାତ୍ର ନୁହନ୍ତି, ଏ ହେଉଛନ୍ତି, ମହାକବି କାଳିଦାସଙ୍କ ପରି 'ସରସ୍ୱତୀଙ୍କର ପୁରୁଷ ଅବତାର' ( ସରସ୍ୱତ୍ୟାଃ କୋଽପି ପୁରୁଷାବତାରଃ ) ।

## ସଭା ପକ୍ଷରୁ ଶେଷ ନିବେଦନ

କଥିତ ଅଛି, ଏହା ପରେ ପଣ୍ଡିତମାନଙ୍କ ମଧ୍ୟରେ ବିସ୍ମୟ ଆବେଗ ଏବଂ ପ୍ରକମ୍ପର ତରଙ୍ଗ ଖେଳିଗଲା । ଉପେନ୍ଦ୍ର ଭଞ୍ଜଙ୍କୁ ଆଉ ପରୀକ୍ଷା କରିବାର ପ୍ରଶ୍ନ ଉଠିଲା ନାହିଁ । ପୁରୀ ଗଜପତି ମହାରାଜାଙ୍କର ଗୁଣଗ୍ରାହୀ ରାଜଗୁରୁ ମହୋଦୟ ସଭାପତିଙ୍କ ଅନୁମତିକ୍ରମେ ସଭା ପକ୍ଷରୁ ଏହିଭଳି ନିବେଦନ କଲେ-

"ହେ ବାଣୀ-କୁମାର ଉପେନ୍ଦ୍ର ! ଆଜିର ଏହି ସର୍ବଭାରତୀୟ ପଣ୍ଡିତ ସମ୍ମିଳନୀରେ ତୁମେ ପରୀକ୍ଷା ଦେବାକୁ ଆସି ସମସ୍ତଙ୍କର ଜ୍ଞାନଗରିମା ପରୀକ୍ଷା କରି ନେଇଛ । ତୁମର କାବ୍ୟ ସମ୍ପର୍କରେ ଆମର ଆଉ କିଛି ପଚାରିବାର ନାହିଁ । ଏବେ ମଧ୍ୟ ରାତି ଅନେକ ହୋଇଗଲାଣି । ଜଗନ୍ନାଥଙ୍କର ସନ୍ଧ୍ୟା ଆଳତି ପରେ ସଭା ଆରମ୍ଭ ହୋଇଥିଲା । ବର୍ତ୍ତମାନ ଅର୍ଦ୍ଧରାତ୍ର ହୋଇଗଲାଣି । ତେଣୁ, ଆଉ ତୁମକୁ ପରୀକ୍ଷା କରିବାର ପ୍ରଶ୍ନ ଉଠୁ ନାହିଁ । ଏ କାବ୍ୟରେ ଆଉ କ'ଣ କ'ଣ ବିଶେଷତ୍ୱ ଅଛି, ସେ ସମ୍ପର୍କରେ ଆମକୁ ଦୁଇ ଚାରୋଟି କଥା କହି ଯାଅ । ଭାରତର ବିଭିନ୍ନ ପ୍ରାନ୍ତରୁ ଆସିଥିବା ପଣ୍ଡିତମାନେ ଏଠାରେ ଅଛନ୍ତି । ତୁମେ ଓଡ଼ିଆ ଓ ସଂସ୍କୃତ ମିଶାମିଶି କରି ତୁମ କାବ୍ୟର କେତୋଟି ବିଶେଷତ୍ୱ ପ୍ରକାଶ କରି ନିଜର, ଓଡ଼ିଆ ଭାଷାର ଏବଂ ଓଡ଼ିଆ ଜାତିର ଟେକ ରଖିଯାଅ ।"

## 'ବୈଦେହୀଶ ବିଳାସ'ର କେତୋଟି ବିଶେଷତ୍ୱର ବିବରଣ : କବିଙ୍କ ମୁଖରେ—

ଏହା ପରେ ବିପୁଳ ହର୍ଷରୋଳ ଓ ଘନ ଘନ କରତାଳି ମଧ୍ୟରେ ଉପେନ୍ଦ୍ର, ଦଣ୍ଡାୟମାନ ହୋଇ କହିବାକୁ ଆରମ୍ଭ କଲେ-

"ଉତ୍କଳ ଗଜପତି ମହୋଦୟ ଏବଂ ସହୃଦୟ ପଣ୍ଡିତମଣ୍ଡଳ !

ରାଜଗୁରୁ ମହୋଦୟଙ୍କର ଆଦେଶ ଶିରୋଧାର୍ଯ୍ୟ କରି ମୁଁ ମୋର 'ବୈଦେହୀଶ ବିଳାସ' ମହାକାବ୍ୟର କେତୋଟି ବିଶେଷତ୍ୱ ଏଠାରେ ପ୍ରକାଶ କରୁଛି—

"ଭାରତର ପଣ୍ଡିତମାନଙ୍କର ବିଦଗ୍‌ଧତା ଦୃଷ୍ଟିରୁ, ମୋ କାବ୍ୟର ପ୍ରଥମ ବିଶେଷତ୍ୱ ହେଉଛି— ନାମକରଣ । ଆଜି ମୋର ଯଦି ସମୟ ଥାନ୍ତା, ମୁଁ ଦୀର୍ଘ ସମୟ ଧରି କେବଳ ଏହି ନାମକରଣର ବିଭିନ୍ନ ଅର୍ଥ ବ୍ୟାଖ୍ୟାନ କରିଥାନ୍ତି । ସମୟ ନିତାନ୍ତ ଅଳ୍ପ ହେଲେ ମଧ୍ୟ, ମୁଁ ଏହି ନାମକରଣ ସମ୍ପର୍କରେ ମୋ ମନର କେତୋଟି କଥା ଆପଣମାନଙ୍କୁ କହିବି ।

"ପ୍ରଥମ କଥା, ଏ ନାମର ଅକ୍ଷର ସଂଖ୍ୟା : ଶ୍ରୀ ରାମଚନ୍ଦ୍ର ନବମୀ ତିଥିରେ ଜନ୍ମ ହୋଇଥିବାରୁ, ଗୋସ୍ୱାମୀ ତୁଳସୀ ଦାସ ତାଙ୍କ ମହାକାବ୍ୟକୁ ନ'ଟି ଅକ୍ଷରର ନାମ ଦେଇଛନ୍ତି, ଯଥା—'ଶ୍ରୀରାମଚରିତ ମାନସ' । ମୁଁ କିନ୍ତୁ ମହାପ୍ରଭୁ ରାମଚନ୍ଦ୍ରଙ୍କ ଜନ୍ମତିଥି ଉପରେ ଗୁରୁତ୍ୱ ନ ଦେଇ, ତାଙ୍କର ଅବତାର ସଂଖ୍ୟା ଉପରେ ଗୁରୁତ୍ୱ ଦେଇ, ଅର୍ଥାତ୍ ରାମଚନ୍ଦ୍ର ପରଂବ୍ରହ୍ମ ବିଷ୍ଣୁଙ୍କର ସପ୍ତମ ଅବତାର ହୋଇଥିବାରୁ, ସାତୋଟି ଅକ୍ଷର ବିଶିଷ୍ଟ ନାମ ଏହି କାବ୍ୟକୁ ପ୍ରଦାନ କରିଅଛି । ତେଣୁ, ମୋ କାବ୍ୟର ଅକ୍ଷର ସଂଖ୍ୟା ସୂଚନା ଦିଏ ଯେ, ଏହି କାବ୍ୟର ନାୟକ ରାମଚନ୍ଦ୍ର ବିଷ୍ଣୁଙ୍କର ସପ୍ତମ ଅବତାର ।

## 'ବୈଦେହୀଶ ବିଳାସ'—ଏହି ନାମର ଯେ' ଅର୍ଥ—

"ତା ପରେ, 'ରାମାୟଣ' ଶବ୍ଦ ଯେପରି ସୂଚନା ଦିଏ ଯେ, ରାମଙ୍କ କଥା ଏବଂ ସୀତାଙ୍କ କଥା—ଏ ଦୁହିଁଙ୍କ କଥା ସେଥିରେ ବର୍ଣ୍ଣିତ ହୋଇଛି, ଠିକ୍ ସେହିପରି, ମୋ କାବ୍ୟର ନାମରୁ ହିଁ ଜଣାଯାଏ ଯେ, ଏଥିରେ ରାମ ଓ ସୀତା ଉଭୟଙ୍କ କଥା ଅଛି । ରାମାୟଣକୁ ଲୋକେ ଏହିପରି କହିଥାନ୍ତି—ରାମ+ଅୟନ =ରାମାୟଣ; ଅର୍ଥାତ୍ ରାମଙ୍କର ଧରାଧାମରେ ଜୀବନ ଯାତ୍ରାର ମାର୍ଗ ଏଥିରେ ବର୍ଣ୍ଣିତ ହୋଇଅଛି, କିନ୍ତୁ ଏହା ଠିକ୍ ନୁହେଁ । ଏହି ବ୍ୟାଖ୍ୟାନ ସହିତ ଆଉ ଗୋଟିଏ ଅର୍ଥ ବ୍ୟାଖ୍ୟାନ ମଧ୍ୟ ଏଥିରୁ ବାହାରି ପଡ଼େ, ଯଥା—ରମା+ଅୟନ =ରମାୟଣ+ସ୍ୱାର୍ଥେ ଅ=ରାମାୟଣ; ଅର୍ଥାତ୍, ରମା ଯେ ଲକ୍ଷ୍ମୀ ରୂପିଣୀ ସୀତା, ( ଯେହେତୁ ରାମଚନ୍ଦ୍ର ସ୍ୱୟଂ ନାରାୟଣ ) ସେହି ସୀତାଙ୍କର ଏହି ମର୍ତ୍ତ୍ୟମଣ୍ଡଳରେ

ଜୀବନ ଯାତ୍ରାର ମାର୍ଗ ସମ୍ବନ୍ଧରେ ପ୍ରଦର୍ଶିତ ହୋଇଅଛି । ମୁଁ ସେହିପରି "ବୈଦେହୀ ବିଳାସ" ନ ଲେଖି, ବୈଦେହୀଙ୍କ ସହିତ ତାଙ୍କର 'ଈଶ' ବା ପ୍ରଭୁ ଅଟନ୍ତି ଯେଉଁ ରାମଚନ୍ଦ୍ର, ତାଙ୍କର ଲୀଳା ବିଳାସ ଏଥିରେ ବର୍ଣ୍ଣନା କରିଅଛି ।

ଦ୍ୱିତୀୟରେ, ବୈଦେହୀ ବା ସୀତାଙ୍କର 'ଈଶ' ବା ରାମଙ୍କ ଚରିତ ଏଥିରେ ବର୍ଣ୍ଣିତ ।

ତୃତୀୟରେ, ଯେଉଁମାନେ ମୁଖ୍ୟତଃ ଲକ୍ଷ୍ମୀଙ୍କର ଉପାସକ, ସେମାନଙ୍କ ପାଇଁ ଏହି ନାମର ଅର୍ଥ ହେବ, ବୈଦେହୀ+ଶ+ବିଳାସ; ଅର୍ଥାତ୍, ବୈଦେହୀ ଯେ ସୀତା, ତାଙ୍କର ଶ ଅର୍ଥାତ୍, 'ମଙ୍ଗଳର ବିଳାସ' ଯେଉଁ କାବ୍ୟରେ ବର୍ଣ୍ଣିତ ହୋଇଛି । ସେ ପତିରୂପେ ରାମଚନ୍ଦ୍ରଙ୍କୁ ଲାଭ କରିବା ଏବଂ ବିଚ୍ଛେଦ ପରେ ମଧ୍ୟ ପୁଣି ଥରେ ତାଙ୍କୁ ଲାଭ କରିବା ଭିତରେ, ଅସୁର ସଂହାର ଦ୍ୱାରା ରାମଚନ୍ଦ୍ରଙ୍କର ଅଲୌକିକ ଗୌରବ-ପ୍ରତିଷ୍ଠା ମାର୍ଗରେ ନିଜର ସ୍ୱାମୀଙ୍କ ଗୌରବ ହେତୁ ନିଜର ମଙ୍ଗଳ ସାଧନ କରିବାର ଚରିତ ଏଥିରେ ବର୍ଣ୍ଣିତ ହୋଇଅଛି ।

ଚତୁର୍ଥରେ, ଏହି ନାମର ଅର୍ଥ ହେଉଛି—ବୈ ( ଏ କଥା ନିଶ୍ଚୟ ଯେ ) +ଦେହୀ ( ଦେହଧାରୀ ପ୍ରାଣୀ; ଅର୍ଥାତ୍, ମାନବ ପ୍ରଭୃତି ପ୍ରାଣୀସମୂହ )+ଈଶ ( ଗତିଦାତା ପ୍ରଭୁ )+ବିଳାସ; ଅର୍ଥାତ୍, ଏହି ପୃଥିବୀରେ ନର, ବାନର, ଭଲ୍ଲୁକ ପ୍ରଭୃତି ବହୁ ପ୍ରକାର ଜୀବ ଥିଲେ । ସେମାନଙ୍କ ଗତିମୁକ୍ତିଦାତାଙ୍କର ଚରିତ ଏଥିରେ ବର୍ଣ୍ଣିତ ।

ଦୁଷ୍ଟ ରାକ୍ଷସମାନଙ୍କ ଦ୍ୱାରା ସମଗ୍ର ପ୍ରାଣୀସମାଜ ଯେତେବେଳେ ଉତ୍ପୀଡ଼ିତ ହେଲେ, ସେତେବେଳେ ମର୍ଯ୍ୟାଦା ପୁରୁଷୋତ୍ତମ ରୂପେ ଯାହାଙ୍କର ଆବିର୍ଭାବ ଦ୍ୱାରା ତ୍ରିଲୋକ ବିଜୟୀ ରାବଣର ସବଂଶ ବିନାଶ ହୋଇଥିଲା, ଏଥିରେ ତାଙ୍କର ଚରିତ ବର୍ଣ୍ଣିତ । ସେହି ସମୟରୁ ସେ ତାଙ୍କ ଭକ୍ତମାନଙ୍କର ଗତିମୁକ୍ତି ଦାତା ।

ପଞ୍ଚମରେ, ଏହି ନାମର ଅର୍ଥ ହେଉଛି, ବୈ+ଦେହୀ+ଈ+ଶ+ବିଳାସ, ଅର୍ଥାତ୍, ଏ କଥା ନିଶ୍ଚୟ ଯେ, ସୀତାଙ୍କର 'ଈ' ବା ଗତିସ୍ଥଳ ଅଟନ୍ତି ଯେଉଁ ରାମଚନ୍ଦ୍ର, ତାଙ୍କର ଓ 'ଶ' ଯେ ଶିବ, ତାଙ୍କର ମଧ୍ୟ ଚରିତ ଏଥିରେ ବର୍ଣ୍ଣିତ । ତେଣୁ, ବୈଷ୍ଣବ ଓ ଶୈବମାନଙ୍କର ଏ କାବ୍ୟ ଆଦରଣୀୟ ହେବ । ଶିବଙ୍କର ଚରିତ ମଧ୍ୟ ଏଥିରେ ସ୍ଥାନେ ସ୍ଥାନେ ବର୍ଣ୍ଣିତ ।

"ତନ୍ତ୍ରରେ, ଏହା ବୈ+ଦେହି+ଶ+ବଳାସ ରୂପେ ମଧ୍ୟ ବ୍ରାହ୍ମ୍ୟ କାରଣ, ପ୍ରାଣୀମାନଙ୍କର ମଙ୍ଗଳ (='ଶ'ର ବିକାସ) କାରଣ, ରାମ ନାମ ଜପ କଲେ ମୁକ୍ତି ମିଳିବା ସୁନିଶ୍ଚିତ।

"ଏହିପରି ଭାବରେ, ଆହୁରି କେତେକ ପ୍ରକାରର ଅର୍ଥ ଏଥିରୁ ପ୍ରକାଶଲଭ କରେ। ତେବେ, ମୁଖ୍ୟତଃ ଏହି ଛଅଟି ଅର୍ଥ ସମଗ୍ର ନାମକୁ ଆପଣମାନେ ବର୍ତ୍ତମାନ ପାଇଁ ମନେ ରଖନ୍ତୁ।

"ଏହି ନାମର ଅର୍ଥ ଗୌରବ ମୁଁ ବର୍ତ୍ତମାନ ଅନ୍ୟଏକ ଭାବରେ ପ୍ରତିପାଦନ କରିବି।

"ଆପଣମାନେ ଜାଣନ୍ତି, ଏହି କାବ୍ୟର ନାମରେ ସାତୋଟି ଅକ୍ଷର ଅଛି। ମନେକରନ୍ତୁ, ଶେଷ ଛଅଟି ଅକ୍ଷର ଆମେ ଉଠାଇ ଦେବା। ତାହାହେଲେ, ରହିବ କେବଳ ପ୍ରଥମ ଅକ୍ଷର 'ବୈ'। ମହାଭାରତ ଯୁଦ୍ଧରେ ପାଣ୍ଡବ ପକ୍ଷର ସମସ୍ତ ସୈନ୍ୟ ମରିଗଲେ ବୋଲି ଯଦି ଧରାଯାଏ, ତେବେ ମଧ୍ୟ କୁହାଯାଇ ପାରିବ, ଅର୍ଜୁନ ଓ ଶ୍ରୀକୃଷ୍ଣ ଥିବା ପର୍ଯ୍ୟନ୍ତ ପରାଜୟର ଭୟ ନାହିଁ। ଠିକ୍ ସେହିପରି, ଏହି କାବ୍ୟ ନାମର ସାତୋଟି ଅକ୍ଷର ମଧ୍ୟରୁ ଛଅଟି ଅକ୍ଷର କଟିଗଲେ ମଧ୍ୟ, କେବଳ 'ବୈ' ଅକ୍ଷର ଓ ମୁଁ ଥିବା ପର୍ଯ୍ୟନ୍ତ, ନାମକରଣର ସାର୍ଥକତା ପ୍ରତିପାଦନରେ ଆଶଙ୍କାର କୌଣସି କାରଣ ନାହିଁ। ସେହି କଥା ଏବେ ଶୁଣନ୍ତୁ।

## କେବଳ 'ବୈ'ରୁ ଅନେକ ଅର୍ଥର ପ୍ରକାଶ-

"କେବଳ 'ବୈ' ଅକ୍ଷରଟିରୁ କିପରି ଏହି କାବ୍ୟର ବିଷୟବସ୍ତୁ, ସାଂସାରିକ ଲକ୍ଷ୍ୟ ସାଧନ ଓ ଆଧ୍ୟାତ୍ମିକ ଆଦର୍ଶ ସମ୍ପର୍କରେ କିପରି ନିଗୂଢ଼ ଅର୍ଥମାନ ପ୍ରକାଶ ପାଏ, ତାହା ଏବେ ବୁଝାଇ ଦେଉଛି--

(୧) "ଏହି ସାତ ଅକ୍ଷରରୁ ଏହା ସୂଚିତ ହୁଏ ଯେ, ଏଥିରେ ରାମାୟଣର ସାତ କାଣ୍ଡର ବିଷୟବସ୍ତୁ ଆଳଙ୍କାରିକ ନିୟମ ଅନୁସାରେ ସନ୍ନିବେଶିତ କରା ଯାଇଅଛି।

(୨) "'ବୈଦେହୀଶ ବିଳାସ'ର ପ୍ରଥମ ଅକ୍ଷର ହେଉଛି 'ବୈ'। ଶାସ୍ତ୍ର ଅନୁସାରେ 'ବ' ଅକ୍ଷରର ଜାତି ହେଉଛି କ୍ଷତ୍ରିୟ ଏବଂ 'ଐ'ର ଜାତି ହେଉଛି

ମଧ୍ୟ ଋଷିପ୍ରୁ । ଏହି 'ବୈ' ଅକ୍ଷରରୁ ଜଣାଯାଏ ଯେ, ଏହି କାବ୍ୟରେ ଋଷିପ୍ରୁ କାଶ୍ୟପ୍ରୁ ଦୁଇ ଜଣଙ୍କ କଥା ବର୍ଣ୍ଣନା କରାଯାଇଛି ।

(୩) "ପୁଣି, ଶାସ୍ତ୍ର ଅନୁସାରେ 'ବୈ' ଲିଙ୍ଗର ନିର୍ଣ୍ଣୟ କରାଯାଇ ପାରେ । 'ବ' ହେଉଛି ପୁଂଲିଙ୍ଗ ଏବଂ 'ଐ' ହେଉଛି ସ୍ତ୍ରୀଲିଙ୍ଗ । ସୁତରାଂ, ଏହି 'ବୈ' ଅକ୍ଷରରୁ ଜଣାଯାଏ, ଯେଉଁ ଦୁଇ ଜଣ ଋଷିପ୍ରୁଙ୍କ କଥା ଏଥିରେ ବର୍ଣ୍ଣନା କରାଯାଇଛି, ସେ ମଧ୍ୟରୁ ଜଣେ ହେଉଛନ୍ତି ପୁରୁଷ ଏବଂ ଅନ୍ୟ ଜଣକ ସ୍ତ୍ରୀ ।

(୪) "ଏହା ବ୍ୟତୀତ, ଶାସ୍ତ୍ରରେ ଅକ୍ଷରମାନଙ୍କର ଦିଗ ନିର୍ଣ୍ଣୟ କରାଯାଇଛି । ଶାସ୍ତ୍ରରେ ଅଛି– 'ବ' ଅକ୍ଷରର ଦିଗ ହେଉଛି, ବାୟବ୍ୟ କୋଣ ବା ଉତ୍ତର-ପଶ୍ଚିମ କୋଣ । ମୋର ଜନ୍ମସ୍ଥାନ ହେଉଛି ଏହି ଉତ୍କଳ । ଯେଉଁଠାରେ ମୁଁ ଜନ୍ମଗ୍ରହଣ କରିଛି ତହିଁର, ଅର୍ଥାତ୍, ଆମର ଏ ଉତ୍କଳର ଉତ୍ତର-ପଶ୍ଚିମ ଦିଗ ହେଉଛି, ମୋର ଏହି କାବ୍ୟର ନାୟକଙ୍କ ଜନ୍ମସ୍ଥାନ; ଅର୍ଥାତ୍, ରାମଙ୍କ ଜନ୍ମସ୍ଥାନ ଅଯୋଧ୍ୟା ହେଉଛି, ଉତ୍କଳର ବାୟବ୍ୟ କୋଣରେ ।

(୫) "ଆହୁରି ମଧ୍ୟ, 'ଅ'ଠାରୁ 'କ୍ଷ'ପର୍ଯ୍ୟନ୍ତ ବର୍ଣ୍ଣମାନଙ୍କର କ୍ଷେତ୍ର-ଦେବତା ମଧ୍ୟ ଅଛନ୍ତି । 'ବ' ଅକ୍ଷରର କ୍ଷେତ୍ର-ଦେବତାମାନଙ୍କ ମଧ୍ୟରେ ( ରାମାୟଣ ପାଠକମାନଙ୍କ ପାଇଁ ) କ୍ଷେତ୍ର ଦେବତା ହେଉଛନ୍ତି ରାମଚନ୍ଦ୍ର । ସୁତରାଂ, ବୈଦେହୀଶ ବିଳାସର 'ବ'ରୁ ଜଣାଯାଏ, ଓଡ଼ିଶାର ଉତ୍ତର-ପଶ୍ଚିମ ଦିଗରେ ରାମଚନ୍ଦ୍ର ନାମକ ଯେଉଁ ପ୍ରସିଦ୍ଧ ଋଷିପ୍ରୁ-ପୁରୁଷ ଜନ୍ମଗ୍ରହଣ କରିଥିଲେ, ସେ ହେଉଛନ୍ତି ଏ କାବ୍ୟର ନାୟକ ।

(୬) "ଯେପରି ଜଣେ ଜଣେ ଲୋକ ତାଙ୍କର ଜଣେ ଜଣେ ପୁଅ ବା ଝିଅ ଲାଗି ଅତ୍ୟଧିକ ପ୍ରଶଂସା ବା ଅତ୍ୟଧିକ ନିନ୍ଦା ପାଆନ୍ତି, ସେହିପରି ଜଣେ ଜଣେ କବି ତାଙ୍କର ଗୋଟିଏ ଗୋଟିଏ କାବ୍ୟ ଲାଗି ଅତ୍ୟଧିକ ପ୍ରଶଂସା ବା ନିନ୍ଦା ପାଆନ୍ତି । ଏ ସମ୍ପର୍କରେ ସିଦ୍ଧ ଚକ୍ର, ସାଧ୍ୟ ଚକ୍ର, ସୁସିଦ୍ଧ ଚକ୍ର ଓ ଅରି ଚକ୍ର, ଏ ଭଳି ଚାରୋଟି ଚକ୍ର 'ସାହିତ୍ୟ-ଚୂଡ଼ାମଣି' ନାମକ ପ୍ରସିଦ୍ଧ ଆଳଙ୍କାରିକ ଗ୍ରନ୍ଥରେ ଦେଖିବାକୁ ମିଳେ । ସେ ଦୃଷ୍ଟିରୁ ଦେଖିଲେ, ମୋର ନାମ 'ଉପେନ୍ଦ୍ର'ର ଆଦ୍ୟ ଅକ୍ଷର 'ଉ' ସହିତ 'ବ' ଅକ୍ଷର ସୁସିଦ୍ଧ ହେଉଅଛି । ମୋର ଏହି କାବ୍ୟ 'ବ' ଅକ୍ଷରରେ ଆରମ୍ଭ ହୋଇଥିବାରୁ, ସାଂସାରିକ ଦୃଷ୍ଟିରୁ କବି ଯେଉଁ ଜନପ୍ରିୟତା ଲୋଡ଼େ, ତାହା ମୁଁ ପାଇବି ବୋଲି ମୋତେ ଜଳ ଜଳ ଦିଶିଯାଉଛି ।

(୭) "ମନ୍ତ୍ର ଶାସ୍ତ୍ରରେ 'ବ୍ଲୌଁ' ବୀଜ ଓ 'ବ୍ରୀଁ' ବୀଜ କଥା ଲେଖା ଅଛି । ମହାଦେବ ଶଙ୍କରଙ୍କ ଅବତାର ନିଜେ ଶଙ୍କରାଚାର୍ଯ୍ୟ । 'ଆନନ୍ଦ ଲହରୀ'ର ତୃତୀୟ ଶ୍ଳୋକରେ ଅତି ଗୂଢ଼ ଭାବରେ ସେ ଏ ଦୁଇଟି ବୀଜମନ୍ତ୍ରର ସଙ୍କେତ ପ୍ରଦାନ କରିଅଛନ୍ତି (୧) । 'ବ୍ଲୌଁ' ବୀଜମନ୍ତ୍ରରେ ସିଦ୍ଧିଲାଭ ହେଲେ ସାଧକର ଦରିଦ୍ରତା ଦୂର ହୋଇଯାଏ । ଓଡ଼ିଆ ଭାଷା ଓ ସାହିତ୍ୟ ଅତ୍ୟନ୍ତ ଦରିଦ୍ର ଅବସ୍ଥାରେ ପଡ଼ିଛି ବୋଲି ପଣ୍ଡିତମାନେ ଆକ୍ଷେପ କରିଥାନ୍ତି । ସୁତରାଂ, 'ବ' ଆଦ୍ୟରେ ଥିବା ଏହି 'ବ୍ଲୌ ' ମନ୍ତ୍ରକୁ ଆଗରେ ରଖି ତଥା ତାର 'ବ' ଅକ୍ଷରକୁ ଆଦ୍ୟବର୍ଣ୍ଣ ରୂପେ ପ୍ରୟୋଗ କରି ମୁଁ ଏହି କାବ୍ୟ ରଚନା କରିଅଛି ।

(୮) "ପୁଣି, ଶଙ୍କରାଚାର୍ଯ୍ୟଙ୍କର ଏହି ଶ୍ଳୋକରେ ସୂଚିତ 'ବ୍ରୀଁ' ବୀଜର ଆଦ୍ୟ ଅକ୍ଷର ହେଉଛି 'ବ' । ଏହି ମନ୍ତ୍ରରେ ସିଦ୍ଧିଲାଭ କଲେ, ସାଧକ ସଂସାର ତରିବାକୁ ସମର୍ଥ ହୁଏ । ସଂସାରରେ ସମସ୍ତଙ୍କର ଚରମ ଓ ପରମ କାମ୍ୟ ହେଉଛି ମୋକ୍ଷ । ତେଣୁ ମୋକ୍ଷଦାୟକ ଏହି 'ବ୍ରୀଁ' ବୀଜମନ୍ତ୍ରର ଆଦ୍ୟ ବର୍ଣ୍ଣକୁ ଆଗରେ ରଖି ମୁଁ ଏ କାବ୍ୟ ରଚନା କରିଅଛି ।

(୯) "ଏହି 'ବ' ଅକ୍ଷର ଦେଇ ମୁଁ ରାମାୟଣ ଚରିତଟିକୁ ବଡ଼ ସଂକ୍ଷିପ୍ତ ଭାବରେ ସୂଚାଇ ଦେଇଅଛି । 'ବ' ଅକ୍ଷରର ଯେତେ ଯେତେ ଅର୍ଥ ଅଛି, ସେ ସବୁ ସାହାଯ୍ୟରେ ରାମ ଚରିତକୁ ବୁଝାଇ ଦେଇ ହେବ । 'ବ'ର ଅର୍ଥ ବରୁଣ, ବାସସ୍ଥାନ, ସମୁଦ୍ର, ବ୍ୟାଘ୍ର, ସମ୍ମାନ, ବନ୍ଦନା, ସାନ୍ତ୍ୱନା ଇତ୍ୟାଦି । ଏହି ସମସ୍ତ ଅର୍ଥକୁ ଧରି ବା ଅକ୍ଷରର ଆଧାର ଉପରେ ରାମାୟଣ ଚରିତ ବୁଝାଇ ଦିଆଯାଇ ପାରେ । ଯଥା—ଶ୍ରୀରାମଚନ୍ଦ୍ର ଅବତାର ପୂର୍ବରୁ (କ୍ଷୀର) ସାଗରରେ (ବ) ଶାୟିତ ଥିଲେ । ଦେବତାମାନଙ୍କର ବନ୍ଦନା (ବ) ଶୁଣି, ସେମାନଙ୍କୁ ସାନ୍ତ୍ୱନା (ବ) ଦେଲେ । ସମୁଦ୍ର (ବ) ଅତିକ୍ରମ କରି ସମ୍ମାନ (ବ) ଅର୍ଜନ କଲେ ( ରାବଣ ବଧ ଦ୍ୱାରା ) ଇତ୍ୟାଦି, ଇତ୍ୟାଦି ।

---

(୧) ଅବିଦ୍ୟାନାମନ୍ତ ସ୍ତିମିର ମିହିରଦ୍ୱୀପନକରୀ
ଜଡ଼ାନାଂ ଚୈତନ୍ୟସ୍ତବକ ମକରନ୍ଦ ସ୍ରୁତିଶିରା ।
ଦରିଦ୍ରାଣାଂ ଚିନ୍ତାମଣି ଗୁଣନିକା ଜନ୍ମଜଳଧୌ
ନିମଗ୍ନାନାଂଦଂଷ୍ଟ୍ରା ମୁରରିପୁ ବରାହସ୍ୟ ଭବତି ।

(୧୦) "ଏହାଛଡ଼ା ମୋର ଜନ୍ମ 'ବରଙ୍ଗ' ବଂଶରେ। କାରଣ, ବରଙ୍ଗ କୋଷ (ମୟୂର ଡିମ୍ବ)ରୁ ମୋର ପୂର୍ବପୁରୁଷ ଉତ୍ପନ୍ନ ହୋଇଥିଲେ । ବଶିଷ୍ଠଙ୍କ ଯତ୍ନରେ ସେମାନେ ପାଳିତ ହୋଇଥିଲେ । ଆମ ଘୁମୁସରର ରାଜଧାନୀ କୁଳାଡ଼ ଗଡ଼ର ମହିମା ଦେବୀ ହେଉଛନ୍ତି ବାଗ୍‌ଦେବୀ । ମୋର ପ୍ରଥମା ପତ୍ନୀ ଯେଉଁ ରାଜ୍ୟର କନ୍ୟା, ସେଠାରେ ସର୍ବାଧିକ ସମ୍ମାନ ପାଏ ବ୍ୟାଘ୍ର । କାରଣ, ବ୍ୟାଘ୍ର ବଧ ସେ ରାଜ୍ୟରେ ଏକାବେଳକେ ନିଷିଦ୍ଧ । ମୋର ଦ୍ୱିତୀୟା ପତ୍ନୀଙ୍କ ଜନ୍ମସ୍ଥାନ ବାଣପୁର । ବରଙ୍ଗ ବଂଶ, ବଶିଷ୍ଠ, ବାଗ୍‌ଦେବୀ, ବ୍ୟାଘ୍ର, ବାଣପୁର— ଏ ସବୁ ଶବ୍ଦର ଆଦ୍ୟ ଅକ୍ଷର ହେଉଛି 'ବ'। ସୁତରାଂ, ବସ୍ତୁଙ୍କର ଚରିତ ସହିତ ମୋ ଜୀବନର ଚରିତକୁ ମଧ୍ୟ ଏହି 'ବ' ଅକ୍ଷର ବାଟେ ମୁଁ ସୂଚନାତ୍ମକ ଭାବରେ ପ୍ରକାଶ କରି ଦେଇଛି।

"ମୁଁ ଏହି 'ବୈଦେହୀଶ ବିଳାସ' କାବ୍ୟ ଲେଖିବାର ପ୍ରଧାନ ଲକ୍ଷ୍ୟ ହେଉଛି, ଓଡ଼ିଶାରେ ଓଡ଼ିଆ ଭାଷାର ଗୌରବ ପ୍ରତିଷ୍ଠା କରିବା । ଓଡ଼ିଶା ବଡ଼ ବଡ଼ ପଣ୍ଡିତଙ୍କୁ ଜନ୍ମ ଦେଇଛି । ସମଗ୍ର ଭାରତର ବହୁ ବୁଦ୍ଧିମାନ୍ ଓ ମନସ୍ୱୀ ସାହିତ୍ୟ-ସ୍ରଷ୍ଟା ଯେଉଁସବୁ ବିଦଗ୍ଧ କାବ୍ୟରାଜି ପ୍ରଣୟନ କରି ଯାଇଛନ୍ତି, ଆମର ପଣ୍ଡିତମାନେ ସେ ସମସ୍ତ ଅଧ୍ୟୟନ କରି, ଦିବ୍ୟ ସାରସ୍ୱତ ଆନନ୍ଦ ଲାଭ କରିଛନ୍ତି । ବିଦଗ୍ଧ କବି ଗୋସ୍ୱାମୀ ଯଥାର୍ଥରେ କହିଅଛନ୍ତି—

"ସୁଧାପୂର୍ଣ୍ଣଂ ଚେତଃ କଥମପି ନ ତକ୍ରଂ ମୃଗୟତେ ।"

"ଯାହାର ମନ ସେ ଭଳି ସୁଧା ସାଗରରେ ନିମଗ୍ନ, ସେ ଓଡ଼ିଆ ସାହିତ୍ୟ ପ୍ରତି ଆକୃଷ୍ଟ ହେବ କାହିଁକି ? ସାରଳା ଦାସ, ବଳରାମ ଦାସ, ଜଗନ୍ନାଥ ଦାସ, ଏପରି କି ମୋର ପିତାମହ ରାଜକବି ଧନଞ୍ଜୟ ଭଞ୍ଜ ନିଜର ବିପୁଳ ଦାନ ଦ୍ୱାରା ମୋର ମାତୃଭାଷାର ବିଭୂତି ବର୍ଦ୍ଧନ କରିଅଛନ୍ତି । ତଥାପି, ଭାରବି, ମାଘ ଓ ଶ୍ରୀହର୍ଷଙ୍କର ପାଣ୍ଡିତ୍ୟପୂର୍ଣ୍ଣ କାବ୍ୟର ସମକକ୍ଷ ହେବା ପାଇଁ ଓଡ଼ିଶାରେ ବିଶେଷ କିଛି କରାଯାଇ ପାରି ନାହିଁ । ପଣ୍ଡିତମାନେ ଗୂଢ଼ାର୍ଥ ବହୁର୍ଥତା । ସେଥିପାଇଁ, ନୈଷଧ କାବ୍ୟର ପଞ୍ଚନଳ ବର୍ଣ୍ଣନାତ୍ମକ ଶ୍ଳୋକ ପଣ୍ଡିତମାନଙ୍କର ବିଶେଷ ପ୍ରୀତିଦାୟକ ହୋଇଥାଏ ।

"ସେହି କଥାକୁ ଦୃଷ୍ଟିରେ ରଖି ମୁଁ ଏହି କାବ୍ୟର ପ୍ରଥମ ଓ ଦ୍ୱିତୀୟ ପଦରେ ବହୁ ଅର୍ଥ ପୂରାଇଅଛି । ପଣ୍ଡିତମାନେ ବେଦ ବେଦାନ୍ତ ତନ୍ତ୍ର, ଭକ୍ତି

ତନ୍ତ୍ର, ମୁକ୍ତି ତତ୍ତ୍ୱ ପ୍ରଭୃତି କାବ୍ୟରୁ ଲାଭ କରିବାକୁ ଲାଳାୟିତ । ମୁଁ ସ୍ଥାନେ ସ୍ଥାନେ ବେଦ, ପୁରାଣ, ଦର୍ଶନ ଶାସ୍ତ୍ର ଓ ଭକ୍ତି ଶାସ୍ତ୍ରର ରହସ୍ୟମାନ ସନ୍ନିବେଶିତ କରିଅଛି । ପଣ୍ଡିତମାନେ ଅଳଙ୍କାର ପ୍ରିୟ । ମୁଁ ଏଥିରେ ଯାବତୀୟ ପ୍ରକାରର ବିଶିଷ୍ଟ ବିଶିଷ୍ଟ ଶବ୍ଦାଳଙ୍କାର ଓ ଅର୍ଥାଳଙ୍କାର ପ୍ରୟୋଗ କରିଅଛି । ସଙ୍ଗୀତଜ୍ଞମାନେ ରାଗର ଅନୁରୂପ ରସଯୁକ୍ତ ରଚନା କାମନା କରନ୍ତି । ସେମାନଙ୍କ ପାଇଁ ଏଥିରେ ପ୍ରଚୁର ଉପାଦାନ ମୁଁ ରଖି ଦେଇଛି । ଯୋଗୀ, ଭୋଗୀ, ତ୍ୟାଗୀ— ଏ ସମସ୍ତଙ୍କ ପାଇଁ ଗୋଟିଏ ଗୋଟିଏ ରତ୍ନଭଣ୍ଡାର ମୁଁ ରଖିଦେଇଛି । ଦେଶର ଦୁଃଖୀ, ରଙ୍କୀ, ଅବହେଳିତ ପ୍ରଜା, ଅତ୍ୟାଚାର ପ୍ରପୀଡ଼ିତ ଶ୍ରମିକ ଶ୍ରେଣୀ, ସାଧକ, ବୈଜ୍ଞାନିକ, ଗବେଷକ— ଏ ସମସ୍ତଙ୍କ ପାଇଁ ମୁଁ ନାନା ଉପାୟ, ଆଦର୍ଶ ଏବଂ ସାଧନାର ମାର୍ଗ ଏ କାବ୍ୟରେ ପ୍ରଦର୍ଶିତ କରି ଦେଇଛି । ଦେଶର ଯାବତୀୟ ପ୍ରକାରର କଳା, ବ୍ୟବସାୟ, ଉତ୍ପାଦନକାରୀ ଏବଂ ବିଭିନ୍ନ ଶ୍ରେଣୀର ଦେଶବାସୀଙ୍କ ପାଇଁ ଗୋଟିଏ ଗୋଟିଏ ଆଲେଖ୍ୟ ଅଙ୍କନ କରି ଦେଇଛି । ରାଜା, ମନ୍ତ୍ରୀ, ପଣ୍ଡିତ, ପିତା ମାତା, ପୁତ୍ର କନ୍ୟା, ଶିକ୍ଷକ ଇତ୍ୟାଦି ଇତ୍ୟାଦି ବିଭିନ୍ନ ପ୍ରକାରର ଲୋକଙ୍କ ପାଇଁ ସେମାନଙ୍କର ଜୀବନର ଆଦର୍ଶ ଥୋଇ ଦେଇଛି । ଏ ସବୁ ଦୃଷ୍ଟିରୁ, ଭାରତର ଯେ କୌଣସି ସଂସ୍କୃତ କାବ୍ୟରେ ପଣ୍ଡିତମାନେ ଯାହାସବୁ ଉପଭୋଗ କରିବାକୁ ପାଉଛନ୍ତି, ସେ ସବୁ ଗୁଣାଧିକେ ଏ କାବ୍ୟରେ ମୁଁ ରଖିଦେଇଛି । ସର୍ବୋପରି, ଏ କାବ୍ୟର ୫୨ ଗୋଟି ଛାନ୍ଦରେ ଯେତେ ପଦ ଅଛି, ସେ ସବୁର ପ୍ରତି ପଦର, ପ୍ରତି ପାଦର ପ୍ରଥମ ଅକ୍ଷର ରୂପେ 'ବ' ଅକ୍ଷରକୁ ବ୍ୟବହାର କରି ଏକ ବିଚିତ୍ର ବାଗ୍‌ବିଳାସ ପ୍ରଦର୍ଶନ କରିଅଛି । ରାମାୟଣ ସାତ କାଣ୍ଡ ହୋଇଥିବାରୁ, ମୁଁ ୫୨ ଛାନ୍ଦରେ ଏହି କାବ୍ୟ ସମ୍ପୂର୍ଣ୍ଣ କରିଅଛି । କାରଣ, ୫୨ ସଂଖ୍ୟାର ମିଶାଣ ଫଳ (୫ + ୨ = ୭) ସାତ ହୁଏ । କିନ୍ତୁ ଦୁରନ୍ତ ( = ଦୁଃଖରେ ଅନ୍ତ ଯାହାର ) ବିଷୟ ନିଷିଦ୍ଧ ଥିବାରୁ, ତାହା ଜାଣିଶୁଣି ବୁଦ୍ଧିପୂର୍ବକ ମୁଁ ପରିତ୍ୟାଗ କରିଅଛି । ଅତଏବ ମୋର ନିବେଦନ, ଆଜଠାରୁ ପଣ୍ଡିତମାନେ ଉତ୍କଳ ଭାଷାର ମହାକାବ୍ୟ ସର୍ଜନାତ୍ମକ ଶକ୍ତିରେ ଆସ୍ଥା ସ୍ଥାପନ କରନ୍ତୁ ଏବଂ ସଂସ୍କୃତ ମହାକାବ୍ୟମାନଙ୍କର ସମକକ୍ଷ ଆସନ ଏହି କାବ୍ୟକୁ ପ୍ରଦାନ କରି ଉତ୍କଳରେ ଓଡ଼ିଆ ଭାଷାର ଗୌରବ ପତାକା ଉତ୍ତୋଳନ କରନ୍ତୁ ।"

ହର୍ଷ କରତାଳି ଦ୍ୱାରା ପଣ୍ଡିତମାନେ ଏ ପ୍ରସ୍ତାବକୁ ସାଦରରେ ଗ୍ରହଣ କରିଥିଲେ ଏବଂ "ଜୟ, ଉପେନ୍ଦ୍ରଙ୍କର ଜୟ" ଧ୍ୱନିରେ ସେମାନେ ଶ୍ରୀକ୍ଷେତ୍ରର ନଭୋମଣ୍ଡଳ ବିଦୀର୍ଣ୍ଣ କରି ଦେଇଥିଲେ ।

ଶେଷରେ ସମ୍ରାଟ, ଉତ୍କଳ ଗଜପତିଙ୍କ ପରାମର୍ଶକ୍ରମେ ଉତ୍କଳର ଗୌରବ ବର୍ଦ୍ଧନ ଲକ୍ଷ୍ୟ ରେ ବିଶ୍ୱବିଖ୍ୟାତ ସଂସ୍କୃତ-ପୀଠ ବାରାଣସୀ ଯାତ୍ରା କରିବେ ବୋଲି ସେ ଘୋଷଣା କଲେ ଏବଂ କିଛିଦିନ ପରେ ଶ୍ରୀକ୍ଷେତ୍ରରୁ ବାରାଣସୀ ଅଭିମୁଖେ ଯାତ୍ରା କଲେ ।

## (୧୦) ଦିଗ୍‌ବିଜୟ ଅଭିଯାନ

ଉପେନ୍ଦ୍ର ଭଞ୍ଜଙ୍କର ଯୁଗରେ ପଣ୍ଡିତମାନଙ୍କର ଦିଗ୍‌ବିଜୟ ଅଭିଯାନ ଭାରତୀୟ ପଣ୍ଡିତ-ପରମ୍ପରାର ଏକ ସୁରକ୍ଷିତ ସରଣୀରୂପେ ସ୍ୱୀକୃତ ହୋଇଥିଲା । ମହାମତି ଶଙ୍କରାଚାର୍ଯ୍ୟ ଦିଗ୍‌ବିଜୟ ଅଭିଯାନରେ ଭାରତ ଭ୍ରମଣ କରିଥିଲେ ବୋଲି 'ଶଙ୍କର ଦିଗ୍‌ବିଜୟ' ଗ୍ରନ୍ଥରେ ଲେଖା ଅଛି । ଏହି ଗ୍ରନ୍ଥର ନାମକରଣ ହିଁ ବିଷୟବସ୍ତୁର ସୂଚନା ପ୍ରଦାନ କରେ । ଭାରତର ନରପତିମାନେ ଦିଗ୍‌ବିଜୟର ଅଭିଯାନରେ ବାହାରୁଥିଲେ । କଳିଙ୍ଗର ମହାରାଜାଧିରାଜ ଏବଂ ଗୁପ୍ତବଂଶର ପ୍ରବଳ ପ୍ରତାପୀ ମହାରାଜାଙ୍କ ବିପୁଳ ଦିଗ୍‌ବିଜୟ ଅଭିଯାନ ଅଦ୍ୟାପି ଐତିହାସିକମାନଙ୍କର କୌତୂହଳ ଉଦ୍ଦୀପନ କରେ । ବାରାଣସୀରେ ପରମ୍ପରା ରହିଛି, ଭାରତର ବିଭିନ୍ନ ଅଞ୍ଚଳରୁ ପଣ୍ଡିତମାନେ ଦିଗ୍‌ବିଜୟ ଅଭିଯାନରେ ସେଠାକୁ ଆସି ଶାସ୍ତ୍ରାର୍ଥ କରୁଥିଲେ । ଓଡ଼ିଶାର ପରମ ପବିତ୍ର ତୀର୍ଥକ୍ଷେତ୍ର ଶ୍ରୀକ୍ଷେତ୍ରକୁ ମଧ୍ୟ ଉତ୍ତର ଓ ଦକ୍ଷିଣ-ଭାରତର ପଣ୍ଡିତମାନେ ଦିଗ୍‌ବିଜୟ ଅଭିଯାନରେ ଆସିଥିବାର ଅନେକ ଗଳ୍ପ ବୟୋବୃଦ୍ଧ ପଣ୍ଡିତମାନଙ୍କଠାରୁ ଶୁଣାଯାଏ ।

### ଛାନ୍ଦାର୍ଥୀ ପଣ୍ଡିତମାନଙ୍କର ବିଭିନ୍ନ ରାଜଦରବାର ଭ୍ରମଣ –

ଖାଲି ସେତିକି ନୁହେଁ, ଦକ୍ଷିଣ-ଓଡ଼ିଶାରେ ବହୁସଂଖ୍ୟକ କରଦ ରାଜ୍ୟ ବା ବଡ଼ ଜମିଦାରୀ ଥିଲା । ଉତ୍ତର-ପଶ୍ଚିମ ଓଡ଼ିଶାର ଛତିଶ ଗଡ଼ଜାତ କଥା ନ ଜାଣେ କିଏ ? ଯଦୁମଣିଙ୍କର ବିଭିନ୍ନ ରାଜଦରବାରରେ ଆତ୍ମପ୍ରତିଷ୍ଠା ଲାଗି ବ୍ୟାପକ ଭ୍ରମଣର ରସାଳ ଗଳ୍ପମାଳା ଅଦ୍ୟାପି ଲୋକମୁଖରେ ଉଜ୍ଜୀବିତ । ଏ ପର୍ଯ୍ୟନ୍ତ ଦକ୍ଷିଣ ଓଡ଼ିଶାର ଛାନ୍ଦାର୍ଥୀ ପଣ୍ଡିତମାନେ ସେ ଅଞ୍ଚଳର ନାନା ରାଜ୍ୟ ବୁଲି ସ୍ୱ ପାଣ୍ଡିତ୍ୟ ପ୍ରତିଷ୍ଠା କରିବା ସଙ୍ଗେ ସଙ୍ଗେ ଜୀବନୋପାୟ ଅର୍ଜ୍ଜନ କରୁଥିଲେ । ରାଜ୍ୟଗୁଡ଼ିକ ହେଉଛି—ଘୁମୁସର, ଖଲ୍ଲିକୋଟ, ଆଠଗଡ଼,

ଧାରାକୋଟ, ବଡ଼ ଗଡ଼, ସାନ ଖେମୁଣ୍ଡି, ବଡ଼ ଖେମୁଣ୍ଡି, ମନ୍ଦସା, ଟେକାଟି, ତରଳା, ସୁରଙ୍ଗୀ, ଜରଡ଼ା, ମଞ୍ଜୁଷା, ଜଳନ୍ତର, ଚିକିଲି, ପାରଳାଖେମୁଣ୍ଡି, ଜୟପୁର ଇତ୍ୟାଦି । କାଶୀପୁର କୁମାରଗିରି ନିବାସୀ ଶ୍ଳେଷାର୍ଥୀ ପ୍ରବର ସ୍ୱର୍ଗତ ଜଗନ୍ନାଥ ମହାପାତ୍ର ସାରା ଓଡ଼ିଶାରେ ପ୍ରାଚୀନ ସାହିତ୍ୟ ବ୍ୟାଖ୍ୟାନ ମୂଳକ କରେ ଦିଗ୍ବିଜୟ ଅଭିଯାନ କରିଥିଲେ, ତାହାଁର ମନୋରମ ବିବରଣୀ ଏହି ଲେଖକ ତାଙ୍କଠାରୁ ରାତି ରାତି ବସି ଶୁଣିଛି । ସେ ଭଳି ବହୁ ପଣ୍ଡିତଙ୍କ କଥା ଶୁଣାଯାଏ । ଅଦ୍ୟାପି ପଣ୍ଡିତ ଦଶରଥ ଶତପଥୀ ଓଡ଼ିଶାର ବିଭିନ୍ନ ଅଞ୍ଚଳ ଭ୍ରମଣ କରି, ଶ୍ଳେଷାର୍ଥମୂଳକ ବାଗ୍‌ବିଳାସରେ ସହସ୍ର ସହସ୍ର ଶ୍ରୋତାଙ୍କର ଅନୁରାଗ ଆକର୍ଷଣ କରୁଅଛନ୍ତି । ଏ ସବୁ କହିବାର ଲକ୍ଷ୍ୟ ହେଉଛି, ଭଞ୍ଜଙ୍କ ସମୟରେ ପ୍ରତିଭାଶାଳୀ କବି ଓ ଲେଖକମାନେ ସ୍ୱ ସ୍ଥାନରେ ବା ସ୍ୱ ରାଜ୍ୟରେ ସମଧର୍ମୀ ସାହିତ୍ୟସେବୀ-ମାନଙ୍କୁ ପରାଭୂତ କରିବା ପରେ ଦିଗ୍‌ବିଜୟରେ ରାଜ୍ୟାନ୍ତରକୁ ଯାତ୍ରା କରିବାର ଯେଉଁ ପ୍ରତିଷ୍ଠିତ ପରମ୍ପରା ଥିଲା, ଆମ ସମୟର ଧାରା ଓ ସଂକେତ ଗ୍ରହଣ କରି, ତାହାଁର ମୂଳ ନିର୍ଦ୍ଦେଶ କରିବା ।

## ଦିଗ୍‌ବିଜୟ ଅଭିଯାନ ବେଳେ ଭଞ୍ଜଙ୍କର ତିନିଜଣ ସହଯାତ୍ରୀ—

'ଅମର ସନ୍ତାନ'ର ଲେଖକ 'ଉପେନ୍ଦ୍ର ଭଞ୍ଜଙ୍କ ଦେଶ ଭ୍ରମଣ' ଶୀର୍ଷକ ଏକ ଅଧ୍ୟାୟ ସମାବେଶିତ କରିଅଛନ୍ତି । ତାଙ୍କ ମତରେ ଉପେନ୍ଦ୍ର ଭଞ୍ଜ ନୟାଗଡ଼ ରାଜାଙ୍କଠାରୁ 'କବିବର' ଉପାଧି ଲାଭ କରିଥିଲେ । ପୁଣି ଉପେନ୍ଦ୍ର ଭଞ୍ଜ କେଉଁ କେଉଁ ରାଜ୍ୟ କାଟି ଦେଇ ପାଣ୍ଡିତ୍ୟ ପରୀକ୍ଷାର ପୀଠସ୍ଥଳୀ ତଥା ବିଶ୍ୱବିଖ୍ୟାତ ବିଦ୍ୟାନଗରୀ ବାରାଣସୀରେ ଉପସ୍ଥିତ ହୋଇଥିଲେ, ତାହା ସେ ନିର୍ଦ୍ଦେଶ କରିଅଛନ୍ତି । ସେ ଲେଖିଛନ୍ତି— ଭଞ୍ଜେ ତିନି ଜଣ ବିଶିଷ୍ଟ ପଣ୍ଡିତଙ୍କ ସହିତ ଯାତ୍ରା କରିଥିଲେ । ସେମାନଙ୍କ ନାମ—ରମାକାନ୍ତ ରାଜଗୁରୁ, ସୀତାକାନ୍ତ ଶତପଥୀ ଏବଂ ଶ୍ୱେତବାହନ ଭଞ୍ଜ । ଏ ମଧ୍ୟରୁ ଶ୍ରୀଯୁକ୍ତ ରାଜଗୁରୁ ଥିଲେ ଦକ୍ଷିଣ କାଳିକା ମନ୍ତ୍ର ସାଧକ, ଶ୍ରୀଯୁକ୍ତ ଶତପଥୀ ଥିଲେ ଭୁବନେଶ୍ୱରୀ ମନ୍ତ୍ର ସାଧକ ଏବଂ ଶ୍ରୀଯୁକ୍ତ ଭଞ୍ଜ ଥିଲେ ଏକସନ୍ଧିଗ୍ରାହୀ । ପୁଣି, ଭଞ୍ଜେ ଥିଲେ ଶତାବଧାନୀ ।

## 'ଏକସନ୍ଧିଗ୍ରାହୀ'ର ଅର୍ଥ—

ଏ ପ୍ରସଙ୍ଗରେ ଆଜିର ପାଠକମାନଙ୍କୁ ଉପର କଥିତ ଗୁଣ ପ୍ରକାର ଯୋଗ୍ୟତାର ଅର୍ଥ ବା ସାର୍ଥକତା ବୁଝାଇ ଦିଆଯାଇ ପାରେ । ଦକ୍ଷିଣ-କାଳିକା

ମନ୍ତ୍ର ଏବଂ ଭୁବନେଶ୍ୱରୀ ମନ୍ତ୍ରରେ ଯେଉଁମାନେ ସିଦ୍ଧିଲାଭ କରନ୍ତି, ସେମାନଙ୍କର ଅସାଧାରଣ ପାଣ୍ଡିତ୍ୟ ଏବଂ ପ୍ରତ୍ୟୁତ୍ପନ୍ନମତିତା ଜାତ ହୁଏ । ପୁଣି, ସାହିତ୍ୟିକ-ବାଦ ବିବାଦରେ ଏବଂ ଶାସ୍ତ୍ରୀୟ ଆଲୋଚନାରେ ସେମାନଙ୍କୁ ପରାଜିତ କରିବା କଷ୍ଟସାଧ୍ୟ ହୋଇ ଉଠେ । ଏକସନ୍ଥଗ୍ରାହିତାର ଅର୍ଥ, ସେହି ଶବ୍ଦଟିର ବିଶ୍ଳେଷଣରୁ ହିଁ ଜଣାପଡ଼େ । ଗୁରୁ ଶିଷ୍ୟଙ୍କୁ ପ୍ରତିଦିନ ଯେଉଁ ନୂତନ ନୂତନ ଅଂଶ ପଢ଼ାନ୍ତି କିମ୍ବା ପଢ଼ିବାକୁ ଦିଅନ୍ତି, ତାକୁ 'ସନ୍ଥ' କୁହାଯାଏ । ଅନ୍ୟ ଭାବରେ କହିଲେ, ଏହାର ଅର୍ଥ, ଗୁରୁ ମୁଖରୁ ନୂଆ କରି ଶୁଣିବା ବାକ୍ୟ । ଯେଉଁମାନଙ୍କର ଅସାଧାରଣ ସ୍ମୃତିଶକ୍ତି ଥାଏ, ସେମାନେ ଥରେ ଯାହା ଶୁଣନ୍ତି, ତାକୁ ମନେରଖି ଦିଅନ୍ତି । ସୁତରାଂ, ସାହିତ୍ୟିକ ବାଦ ବିବାଦ ବେଳେ ନିଜର ପ୍ରତିପକ୍ଷମାନଙ୍କୁ ସେମାନେ ସହଜରେ ପରାଜିତ କରିଥାଆନ୍ତି ।

## ଏଥିର ଦୃଷ୍ଟାନ୍ତ –

ମନେକରନ୍ତୁ, ଉପେନ୍ଦ୍ର ତାଙ୍କର ଏହି ସହକର୍ମୀମାନଙ୍କ ସହିତ କୌଣସି ଏକ ରାଜସଭାରେ ଉପସ୍ଥିତ ହେବେ । ସେହି ରାଜସଭାର ଯେ ସର୍ବସମ୍ମାନିତ ପଣ୍ଡିତ, ସେ ନିଜର କବିତ୍ୱ-ଗୌରବ ଦେଖାଇବାକୁ ଯାଇ ଗୋଟିଏ ଦୁଇଟି ଶ୍ଳୋକ ପାଠ କରିବେ । ତାଙ୍କ ସଭାର ଆଉ କେହି ଜଣେ ଠିଆ ହୋଇ କହିବ, "ବାସ୍ତବିକ୍, ଆମ ରାଜ୍ୟର ମହାକବି ବର୍ତ୍ତମାନ ଯେଉଁ ଦୁଇଟି ଶ୍ଳୋକ ପାଠକଲେ ତାହା ଅତ୍ୟନ୍ତ ଉଚ୍ଚକୋଟୀର ହୋଇଅଛି ।"

## ଶ୍ୱେତବାହନ ଭଞ୍ଜଙ୍କର ଅପୂର୍ବ କୃତିତ୍ୱର ସୃଷ୍ଟି -

ଉପେନ୍ଦ୍ର ଭଞ୍ଜ ଓ ତାଙ୍କ ସହକର୍ମୀମାନଙ୍କୁ ଏହାଦ୍ୱାରା ସୂଚନା ଦିଆଯିବ ଯେ, ସେହି ରାଜସଭାରେ ଏଭଳି ଉଚ୍ଚ ଦରର କବି ଅଛନ୍ତି । ସୁତରାଂ, ସେଠାରେ ଭଞ୍ଜେ ତାଙ୍କର କବିତ୍ୱର ଉତ୍କର୍ଷ ଦେଖାଇବା ପୂର୍ବରୁ ଖୁବ ଚିନ୍ତା ଓ ବିନମ୍ରପୂର୍ବକ କାର୍ଯ୍ୟ କରିବା ଉଚିତ ।

ଏବେ କିନ୍ତୁ, ଭଞ୍ଜଙ୍କ ସହିତ ଅଛନ୍ତି ଶ୍ୱେତବାହନ ଭଞ୍ଜ, ଯେ କି ଏକସନ୍ଥଗ୍ରାହୀ । କୌଣସି ଏକ ରାଜସଭାରେ ସେଠା କବିଙ୍କର ଏଭଳି ପ୍ରୌଢ଼ି ଶୁଣି ସେ ହୁଏତ କହିବେ—

"ହେ ପଣ୍ଡିତ ପ୍ରବର ମଣ୍ଡଳ ! ଆମେ ଦୂର ଘୁମୁସର ରାଜ୍ୟରୁ ମହାକବି ଉପେନ୍ଦ୍ର ଭଞ୍ଜଙ୍କ ସହିତ ଆସିଅଛୁ । ତାଙ୍କ କବିତ୍ୱର ପ୍ରମାଣ ଦେବା ଲାଗି ଆମେ ଯେତେବେଳେ ଏଠାକୁ ଆସିଲୁ, ଆମେ ଭାବିଥିଲୁ ଏହି ରାଜ୍ୟରେ ବଡ଼ ବଡ଼ କବି ଥିବେ ଏବଂ ଭଲ ଭଲ କବିତା ରଚନା କରୁଥିବେ । କଥାରେ ତ ଅଛି, 'ଗୁଣୀକୁ ଗୁଣୀ ଚହ୍ନେ, ଧୂଆଁ ପବନକୁ ମୁଣି ଚହ୍ନେ' । ଏ ରାଜ୍ୟରେ ଗୁଣଗ୍ରାହୀ ଏବଂ ଗୁଣଯୁକ୍ତ ପଣ୍ଡିତଙ୍କୁ ଦେଖିଲେ ସିନା ଆମର ମହାକବି ଉପେନ୍ଦ୍ର ତାଙ୍କର ଗୁଣ ପ୍ରକାଶ କରିବେ । କିନ୍ତୁ, ମୁଁ ବଡ଼ ଦୁଃଖରେ କହିବାକୁ ବାଧ ହେଉଛି ଯେ, ଆପଣଙ୍କର ରାଜକବି ଯେଉଁ ଦୁଇଟି ଶ୍ଳୋକ ପାଠକରି ତାଙ୍କର କବିତ୍ୱ ପ୍ରକାଶ କରି ବସିଲେ, ତହିଁରେ ତାଙ୍କର କବିତ୍ୱ ବୋଲି କିଛି ନାହିଁ । ଏ ଦୁଇଟିଯାକ ଶ୍ଳୋକ କେଉଁ ସୁଦୂର ଅତୀତରେ କୌଣସି ଜଣେ ମହାକବି ରଚନା କରିଥିଲେ । ଆପଣଙ୍କର ଏହି କବିପ୍ରବର ସେହି ବହୁ ପୁରାତନ ଶ୍ଳୋକ ଦୁଇଟିକୁ ଆବୃତ୍ତି କରି ତାହା ନିଜର କବିତା ବୋଲି କହିଅଛନ୍ତି । ଏହାଠାରୁ ଲଜ୍ଜା ଓ ପରିତାପର ବିଷୟ କିଛି ନାହିଁ । ଏ ଦୁଇଟି ଶ୍ଳୋକ ମୁଁ ମୋର ବାଲ୍ୟଗୁରୁଙ୍କଠାରୁ ଶିଖିଥିଲି । ଆପଣମାନେ ଯଦି ଏ କଥାକୁ ମିଛ ମନେକରନ୍ତି, ତାହାହେଲେ ଏହି ଶୁଣନ୍ତୁ, ମୁଁ ସେ ଦୁଇଟି ଶ୍ଳୋକ ଆପଣଙ୍କ ଆଗରେ ଗାନ କରୁଛି ।" ସଭାରେ ଉପସ୍ଥିତ ସମସ୍ତଙ୍କୁ ବିସ୍ମୟରେ ଅଭିଭୂତ କରି ଦେଇ ଏହି 'ଏକସନ୍ଥଗ୍ରାହୀ' ଶ୍ୱେତବାହନ ଭଞ୍ଜ ଲଳିତ କଣ୍ଠରେ ଶ୍ଳୋକ ଦୁଇଟିକୁ ଆବୃତ୍ତି କରିବାକୁ ଲାଗିବେ । କ୍ଷଣକାଳ ପାଇଁ ସମସ୍ତେ ସ୍ତବ୍ଧ । କିଛି ସମୟ ପରେ ସେ ସ୍ଥାନରୁ ଆଉ ଜଣେ ଆଶୁକବି ନିଜ ରଚନାର ନୂତନତା ଦେଖାଇବାକୁ ଯାଇ ଗୋଟିଏ ନୂଆ କବିତା ଗାନ କରିବେ । ଶ୍ୱେତବାହନ ଭଞ୍ଜ କିନ୍ତୁ ସଙ୍ଗେ ସଙ୍ଗେ କହିବେ, "ନାହିଁ ନାହିଁ, ଏ ନୂଆ କବିତା ନୁହେଁ, ଏ ମାନଧାତା ଅମଳର ପୁରୁଣା କବିତା । ଏହାକୁ ମଧ ମୁଁ ପିଲାଦିନେ ଶିଖିଥିଲି । ଆପଣମାନେ ଯଦି ବିଶ୍ୱାସ ନ କରୁଛନ୍ତି, ତେବେ ହେଇଟି ଦେଖନ୍ତୁ, ମୁଁ ତାକୁ ଗାନ କରୁଛି ।" ଏହାପରେ ସେହି ସଭାର ପଣ୍ଡିତମାନେ ନିଜ ନିଜ ରଚିତ ଯେତେ କବିତା ଗାନ କଲେ, ସେ ସବୁଗୁଡ଼ିକୁ ଘୁରୁଣାକାଳିଆ କହି ଶ୍ୱେତବାହନ ନିଜ ମୁହଁରୁ ଗାଇଗଲେ ।

**ବାଙ୍ଗମାଦଭଙ୍ଗଙ୍କ ସମ୍ବନ୍ଧରେ ଏ ଭଳି ପଣ୍ଡିତ—**

ଏହି ପଦ୍ଧତି ଭାରତବର୍ଷୀୟ କବି-ପରମ୍ପରା ସହିତ ଓତଃପ୍ରୋତ ଭାବରେ ଜଡ଼ିତ । ଏ ଭଳି ଜଣେ ଜଣେ ପୁତ୍ରସନ୍ତାନ ପାଇବା ଲାଗି ନିଷ୍ଠାପର ଭାବରେ

କେତେ ବହୁ ବ୍ରତ, ଉପବାସ ଆଚରଣ କରୁଥିଲେ । ହୁଏ ତ କୋଟିକରେ ଗୋଟିଏ ଏ ଭଳି ସନ୍ତାନ ଜନ୍ମ ହେଉଥିଲେ । ଭାରତ ବିଖ୍ୟାତ ରାଜା ବିକ୍ରମାଦିତ୍ୟଙ୍କ ରାଜସଭାରେ କୁଆଡ଼େ ଏ ଭଳି ଜଣେ 'ଏକସନ୍ଥଗ୍ରାହୀ' ପଣ୍ଡିତ ଥିଲେ । ସମଗ୍ର ଭାରତରୁ ପଣ୍ଡିତମାନେ ବିକ୍ରମାଦିତ୍ୟଙ୍କ ରାଜଦରବାରରେ ସ୍ୱକୀୟ ଜ୍ଞାନଗରିମା ଏବଂ କବିତ୍ୱ ପ୍ରଦର୍ଶିତ କରିବାକୁ ଯାଉଥିଲେ । ଥରେ ମହାରାଜା ବିକ୍ରମାଦିତ୍ୟ କହିଲେ, "ହେ ପଣ୍ଡିତମାନେ ! ଆଜ ମୋର ଜନ୍ମଦିନ । ଆଜ ଯଦି ଆପଣମାନଙ୍କ ମଧ୍ୟରୁ କେହି ଜଣେ ଗୋଟିଏ ସୁନ୍ଦର ନୂଆ ଶ୍ଳୋକ ରଚନା କରି ମୋତେ ମୁଗ୍ଧ କରିଦେବ, ମୁଁ ତାକୁ ଲକ୍ଷେ ଟଙ୍କା ଉପହାର ଦେବି ।"

## ମହାକବି କାଳିଦାସଙ୍କୁ ନିଷ୍ପ୍ରଭ କରିବା ଉଦ୍ୟମ –

ସେଦିନ କୁଆଡ଼େ ପ୍ରଥମ ଥର ଲାଗି 'ପୁରୁଷ ସରସ୍ୱତୀ' କାଳିଦାସ ସେ ସଭାକୁ ଯାଇଥାନ୍ତି । ସେ ତ ଆଶୁକବି, ମହାକାଳୀଙ୍କର ପରମ କୃପାପାତ୍ର, ଯାହା ଇଚ୍ଛା କରିବେ ଅବାରିତ ଭାବରେ ତାହା କଣ୍ଠରୁ ଝରିପଡ଼ିବ । ସେ ବିକ୍ରମାଦିତ୍ୟଙ୍କର ଘୋଷଣା ଶୁଣି ଅତ୍ୟନ୍ତ ଉତ୍ସାହିତ ହେଲେ ଏବଂ କହିଲେ, "ମହାରାଜ ! ମହାକାଳୀଙ୍କର ପ୍ରସାଦରେ ବାଗ୍‌ଦେବୀ ସରସ୍ୱତୀ ମୋର ରସନାରେ ନିତ୍ୟ ନର୍ତ୍ତନଶୀଳ । ଆପଣ ଗୋଟିଏ ନୂତନ ଶ୍ଳୋକ କଥା କ'ଣ କହୁଛନ୍ତି, ଅସଂଖ୍ୟ ନୂତନ ଶ୍ଳୋକ ଅବଲୀଳା କ୍ରମେ ମୁଁ ବର୍ତ୍ତମାନ ଗାନକରି ଆପଣଙ୍କର ଆଦେଶ ପାଳନ କରିବି ।"

ଏହାକହି କାଳିଦାସ ଗୋଟିକ ପରେ ଗୋଟିଏ ଦଶଟି ଶ୍ଳୋକ ଆବୃତ୍ତି କରି ସଭାସ୍ଥିତ ପଣ୍ଡିତମାନଙ୍କୁ ବାଗ୍‌ବିଳାସରେ ବିମୁଗ୍ଧ କରିଦେଲେ । ମହାରାଜ ବିକ୍ରମାଦିତ୍ୟ ମଧ୍ୟ ସେହି ଅଲୌକିକ ବାଗ୍‌ବିଳାସ ଦେଖି ସମ୍ମୋହିତ ହୋଇଗଲେ । କାଳିଦାସଙ୍କର ନୂତନ କବିତା ପରମ୍ପରାର ପ୍ରବଳ ପ୍ଳାବନ ମଧ୍ୟରେ ସମ୍ମୋହିତ ପଣ୍ଡିତ-ସମାଜକୁ ଦେଖି ସେହି ଏକସନ୍ଥଗ୍ରାହୀ ନିଜ ଶକ୍ତିର ପରିଚୟ ଦେବାକୁ ଉଦ୍‌ଗ୍ରୀବ ହୋଇ ଉଠିଲେ । ମହାରାଜ ବିକ୍ରମାଦିତ୍ୟଙ୍କ ଅନୁମତି ଲଭକରି କହିଲେ, "ହେ ପଣ୍ଡିତମାନେ । ଏହି ଅପରିଚିତ ତରୁଣ କବି କାଳିଦାସ ନିଜର ନୂତନ ରଚନା ବୋଲି କହି ଯେଉଁ ସବୁ ଶ୍ଳୋକ ବର୍ତ୍ତମାନ ପାଠକଲେ, ପ୍ରକୃତରେ ତହିଁରୁ ଗୋଟିଏ ସୁଦ୍ଧା ତାଙ୍କର ନିଜର ନୁହେ । ପିଲାଦିନେ ମୋ ପିତାଙ୍କଠାରୁ ଏସବୁ ଶ୍ଳୋକ ମୁଁ ଶିଖିଥିଲି । ଆପଣମାନେ ଯଦି ମୋ କଥାକୁ ବିଶ୍ୱାସ

କରୁ ଥାଆନ୍ତି, ତାହାହେଲେ ମୁଁ ଏହି ସମସ୍ତ ଶ୍ଳୋକ ଆପଣଙ୍କ ଆଗରେ ପୁଣି ଥରେ ଆବୃତ୍ତି କରୁଛି, ଶୁଣନ୍ତୁ ।”

ମାତ୍ର କେତେକ ମିନଟ୍ ପୂର୍ବେ କାଳିଦାସଙ୍କ ମୁଖରୁ ବିନିର୍ଗତ ମଧୁର ଝଂକାର-ପ୍ରକମ୍ପିତ ଯେଉଁ ଶ୍ଳୋକାବଳୀ ପଣ୍ଡିତମାନଙ୍କୁ ବିମୁଗ୍ଧ କରିଥିଲା, ଅବିକଳ ସେହି ଶ୍ଳୋକାବଳୀ ଏହି ଦ୍ୱାରସ୍ଥ ପଣ୍ଡିତଙ୍କ କଣ୍ଠରୁ ବିନିର୍ଗତ ହୋଇ କାଳିଦାସଙ୍କ ସହିତ ସମସ୍ତଙ୍କୁ ବିସ୍ମୟର ତରଙ୍ଗ ଦୋଳାରେ ଦୋଳାୟିତ କରିଦେଲା ।

ସାଧକ ପ୍ରବର କାଳିଦାସଙ୍କୁ ଏଥିର ରହସ୍ୟ ଭେଦ କରିବାକୁ ବେଶିକ୍ଷଣ ଲାଗିଲା ନାହିଁ । ସେ ଜାଣିଲେ, ଏ ଜଣେ ମନ୍ତ୍ର ସିଦ୍ଧକର୍ତ୍ତା ଏବଂ ଏକସନ୍ଧିଗ୍ରାହୀ । ତେଣୁ ମନେ ମନେ କାଳୀଙ୍କର ଶରଣାପନ୍ନ ହୋଇ ଉପାୟ ଭିକ୍ଷା କଲେ । ଗୃହୁଁ ଗୃହୁଁ ତାଙ୍କ ମନରେ ଏକ ନୂତନ ଶ୍ଳୋକ ପାଠ କରିବାକୁ ଅଦମ୍ୟ ଆବେଗ ଜାତ ହେଲା ଏବଂ ସେ କହିଲେ, “ମହାରାଜ, ଯଦି ଏ ସବୁ ଶ୍ଳୋକ ମୋର ନୁହେଁ, ତେବେ ଆଉ ଏକ ଶ୍ଳୋକ ଶୁଣନ୍ତୁ ।” ଏହା କହି ଗାଇ ଉଠିଲେ-

ସ୍ୱସ୍ତି ଶ୍ରୀ ଭୋଜରାଜ ତ୍ରିଭୁବନ ବିଜୟୀ
ଧାର୍ମିକଃ ସତ୍ୟବାଦୀ
ପିତ୍ରାତେ ମେ ଗୃହୀତା ନବନବତିଯୁତା
ରତ୍ନକୋଟି ର୍ମଦୀୟା ।
ତନ୍ମେ ଦେହୀତି ରାଜନ୍ ସକଳ ବୁଧଗଣୈ
ର୍ଜ୍ଞାୟତେ ସତ୍ୟମେତତ୍
ତେବୈ ଜାନନ୍ତି ନୋରେନ୍ ମମ ବଦନ କୃତଂ
ଲକ୍ଷମେକଂ ଦଦସ୍ୱ ।

ଏହି ଶ୍ଳୋକର ଅର୍ଥ—“ହେ ଭୋଜରାଜ ! ଆପଣ ତ୍ରିଭୁବନ ବିଜୟୀ, ଧାର୍ମିକ ଏବଂ ସତ୍ୟବାଦୀ ଅଟନ୍ତି । ଏଥିଲାଗି ମୁଁ ଆପଣଙ୍କୁ ଗୋଟିଏ ଘଟଣା ଜଣାଉଅଛି । ଆପଣଙ୍କ ପିତା ମୋ ଠାରୁ ନବନବତି ସଂଖ୍ୟାଯୁକ୍ତ ରତ୍ନକୋଟି ଧାରସ୍ୱରୂପ ନେଇଥିଲେ । ଆପଣ ତାହା ମତେ ବର୍ତ୍ତମାନ ଫେରାଇ ଦିଅନ୍ତୁ । ଏ କଥା ଖାଲି ଯେ ମୁଁ କହୁଛି, ତାହା ନୁହେ । ଅନ୍ୟ ସମସ୍ତ ପଣ୍ଡିତ ମଧ୍ୟ

ଏ କଥା ଜାଣନ୍ତି । ଯଦି ଏ କଥା ମିଛ ହୁଏ ଏବଂ ଯଦି ମୋର ଏହି ଶ୍ଳୋକ କିନ୍ତୁ ଆଗରୁ ରଚିତ ହୋଇ ନାହିଁ, ତାହାହେଲେ ଏଇଟା ମୋର ଏକ ନୂତନ ଶ୍ଳୋକ ବୋଲି ସ୍ୱୀକାର କରିବାକୁ ଆପଣ ବାଧ୍ୟ ହେବେ । ସୁତରାଂ, ଅନ୍ତତଃ ଲକ୍ଷେ ଟଙ୍କା ମତେ ଦିଅନ୍ତୁ ।”

ପାଠକେ ! ଲକ୍ଷ୍ୟ କରନ୍ତୁ ସଭାକୁ ଆସିଥିବା ସେହି ରାଜ୍ୟର ‘ଏକସନ୍ଥଗ୍ରାହୀ’ ପଣ୍ଡିତେ ଆଗରୁ ଯେପରି କହିଥିଲେ, ବର୍ତ୍ତମାନ ସେପରି ଯଦି କହନ୍ତି ଯେ, “ଏଇଟା ଗୋଟାଏ ପୁରୁଣା ଶ୍ଳୋକ ଏବଂ ଏହି ଶ୍ଳୋକଟିକୁ ସେ ପିଲାକାଳରୁ ଶିଖିଛନ୍ତି”, ତାହାହେଲେ ପ୍ରମାଣ ହୋଇଯିବ ଯେ, ବିକ୍ରମାଦିତ୍ୟଙ୍କ ବାପା ପ୍ରକୃତରେ ଲକ୍ଷ ଲକ୍ଷ ଟଙ୍କାର ଋଣ ଧାର କରିଥିଲେ ଏବଂ ତାକୁ କାଳିଦାସଙ୍କୁ ଫେରାଇ ଦେବାକୁ ସେ ଏବେ ବାଧ୍ୟ ହେବେ । ଯଦି ପଣ୍ଡିତେ କହିବେ, “ନାହିଁ, ନାହିଁ, ଏ ଶ୍ଳୋକ ମୁଁ ଆଗରୁ ଶୁଣି ନ ଥିଲି (କାରଣ, ଶୁଣିଛି ବୋଇଲେ ତ କାଳିଦାସ ଏତେଗୁଡ଼ାଏ ଟଙ୍କା ଶୂନ୍ୟେ ଶୂନ୍ୟେ ପାଇ ଯାଉଛନ୍ତି ! ) ତାହାହେଲେ ଏ ଶ୍ଳୋକଟା କାଳିଦାସଙ୍କର ନୂଆ ଶ୍ଳୋକ ଏବଂ ଏଥିଲାଗି ସେ ଲକ୍ଷେ ଟଙ୍କା ପାଇବାକୁ ହକଦାର ।

ଏହା ହିଁ ଏକସନ୍ଥଗ୍ରାହିତା । ଶ୍ୱେତବାହନ ଭଞ୍ଜେ ଏ ଭଳି ଶକ୍ତି ଘେନି ଉପେନ୍ଦ୍ରଙ୍କ ସଙ୍ଗେ, ପ୍ରଥମେ ଓଡ଼ିଶା ଭ୍ରମଣ ଓ ପରେ ଭାରତ ଭ୍ରମଣରେ ଯାଇଥିଲେ ।

ବାରାଣସୀରେ ଉପେନ୍ଦ୍ର ଭଞ୍ଜଙ୍କର ‘ବୈଦେହୀଶ ବିଳାସ’ ଅଭିନନ୍ଦିତ ହୋଇଥିବାର ଶୁଣାଯାଏ । ଅଷ୍ଟାଦଶ ବିଦ୍ୟାରେ ପାଣ୍ଡିତ୍ୟ ଅର୍ଜ୍ଜନ କରିଥିବା ଲୋକ ନ ହେଲେ ବାରାଣସୀରେ ନିଜର ବିଜୟ ବୈଜୟନ୍ତୀ ପ୍ରୋଥିତ କରିବା ସମ୍ଭବପର ନୁହେ । ଶ୍ୱେତବାହନ ଭଞ୍ଜ ଯେଉଁ ଏକସନ୍ଥଗ୍ରାହିତା ଶକ୍ତି ଅର୍ଜ୍ଜନ କରିଥିଲେ, ତାହା ସେଠାରେ ପରୀକ୍ଷିତ ହୋଇଥିଲା । ସେଠାର ପଣ୍ଡିତମାନେ ଯେଉଁସବୁ ନୂତନ ନୂତନ ଶ୍ଳୋକ ପାଠକଲେ, ଶ୍ୱେତବାହନ ଭଞ୍ଜ ସେ ସବୁ ସଙ୍ଗେ ସଙ୍ଗେ ଆବୃତ୍ତି କରି ଦେଇ ଓଡ଼ିଆଙ୍କର ସାଧନା ପ୍ରତି ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ । ତା ପରେ ସେ କହିଲେ—“ହେ ପଣ୍ଡିତମାନେ ! ମୁଁ ବର୍ତ୍ତମାନ ଆମର ମହାକବି ଉପେନ୍ଦ୍ର ଭଞ୍ଜଙ୍କ ରଚିତ

ତିନୋଟି ଶ୍ଳୋକ ପାଠ କରୁଛି । ଆପଣମାନେ କୁହନ୍ତୁ ଦେଖି, ଏସବୁ ତାଙ୍କର ନିଜ ରଚନା କିମ୍ବା ଅନ୍ୟ କାହାଦ୍ୱାରା ରଚିତ ପୁରୁଣା ରଚନା !"

ପଣ୍ଡିତମାନେ ତାଙ୍କର ପ୍ରତିଶୋଧ ନେବା ପାଇଁ ସଜାଗ ହୋଇ ବସିରହିଲେ । ଶ୍ୱେତବାହନ ଭଞ୍ଜ ଶାର୍ଦ୍ଦୂଳ-ବିକ୍ରୀଡ଼ିତ ବୃତ୍ତରେ ରଚିତ ଏ ଭଳି ତିନୋଟି ଶ୍ଳୋକ ଆବୃତ୍ତି କଲେ, ଯହିଁରେ ବହୁସଂଖ୍ୟକ 'ଖାଣ୍ଟି ଗାଉଁଲି ଓଡ଼ିଆ ଶବ୍ଦ' ଭର୍ତ୍ତି ହୋଇଥିଲା । ଭଞ୍ଜଙ୍କୁ ସ୍ୱପ୍ନ-ସଂକେତ ମିଳିଥିଲା—"ତୁ ଯଦି ବାରାଣସୀରେ ସଂସ୍କୃତ ଶ୍ଳୋକ ପାଠ କରିବୁ, ତେବେ ତହିଁରେ ଏ ଭଳି ସଂସ୍କୃତ ଶବ୍ଦମାନ ପ୍ରୟୋଗ କରିବୁ, ଯାହା କି ଖାଣ୍ଟି ଗାଉଁଲି ଓଡ଼ିଆ ଶବ୍ଦ ପରି ହୋଇଥିବ; ଅଥଚ ସଂସ୍କୃତ ବ୍ୟାକରଣବେତ୍ତା ପଣ୍ଡିତମାନେ ତାକୁ ସୁନ୍ଦର ଭାବରେ, ଖାଣ୍ଟି ସଂସ୍କୃତ ଶବ୍ଦ ଭଳି ଅର୍ଥ କରି ପାରିବେ । ଏ ଭଳି ଶବ୍ଦଗୁଡ଼ିକ ସଂସ୍କୃତ ପଣ୍ଡିତଙ୍କ ପକ୍ଷରେ ଏକ ପ୍ରକାର ନୂଆ ଧରଣର ହୋଇଥିବାରୁ, ଆଚ୍ଛା ଆଚ୍ଛା ଏକସନ୍ଧଗ୍ରାହୀ ପଣ୍ଡିତମାନେ ତାକୁ ସହଜରେ ମନେରଖି ପାରିବେ ନାହିଁ ।"

ଉପେନ୍ଦ୍ର ସେହିପରି ଭାବରେ ତିନୋଟି ଶ୍ଳୋକ ରଚନା କରିଥିଲେ ଏବଂ ଜନ୍ମରକଣ୍ଠୀ ଶ୍ୱେତବାହନ ଭଞ୍ଜ ସେଗୁଡ଼ିକୁ ଏପରି କୌଶଳରେ ଆବୃତ୍ତି କଲେ ଯେ, ସେଠା ପଣ୍ଡିତମାନେ ତାକୁ ପୂର୍ବାପୂର୍ବ ଅବିକୃତ ଭାବରେ ଗାନ କରି ପାରିଲେ ନାହିଁ । କିନ୍ତୁ ସେହି ଶ୍ଳୋକଗୁଡ଼ିମାନ ଆଜି ଆମର ଉପଲବ୍ଧ ନୁହେ । ସମ୍ଭବତଃ ଭଞ୍ଜଙ୍କର ଜାତକ ଓ ଘୁମୁସର ରାଜବଂଶର ଗୁରୁତ୍ୱପୂର୍ଣ୍ଣ ନଥିପତ୍ର ସହିତ ଯେଉଁ ସବୁ ମୂଲ୍ୟବାନ ସମ୍ପଦ ଘୁମୁସରର ରାଜନୈତିକ ପତନ କାଳରେ ନଷ୍ଟଭ୍ରଷ୍ଟ ହୋଇଗଲା, ତହିଁରେ ଏ ସବୁ ଶ୍ଳୋକ ଥିଲା ବୋଲି ଅନୁମାନ କରାଯାଉଛି ।

## ବାରାଣସୀରେ ଭଞ୍ଜଙ୍କ ଭାଷଣ —

ବାରାଣସୀ ଅବସ୍ଥାନ କାଳରେ ଉପେନ୍ଦ୍ର ଭଞ୍ଜ ନାନା ଭାବରେ ନିଜର ଅସାଧାରଣ କବିତ୍ୱ ଶକ୍ତିର ପରିଚୟ ଦେଇଥିଲେ । ଶ୍ରୀକ୍ଷେତ୍ରର ପଣ୍ଡିତ ସଭାରେ ଓଡ଼ିଆ ଭାଷାର ଗୌରବ ପ୍ରତିଷ୍ଠା ସେ ଯେପରି ଭାବରେ ସାଧିତ କରିଥିଲେ, ତାହା ତାଙ୍କ ମନରେ ଗଭୀର ରେଖାପାତ କରିଥିଲା । ସେଥିପାଇଁ 'ବୈଦେହୀଶ ବିଳାସ'ର ନାନାବିଧ ବ୍ୟାଖ୍ୟାନ ଦ୍ୱାରା ସେ ନିଜ ମହାକାବ୍ୟର ମହତ୍ତ୍ୱ ପ୍ରତିପାଦନ କରିଥିଲେ । ସ୍ଥାନେ ସ୍ଥାନେ ବେଦ, ଦର୍ଶନ, ପୁରାଣ, ଜ୍ୟୋତିଷ, ଆୟୁର୍ବେଦ,

ସଙ୍ଗୀତ, ଶିଳ୍ପଶାସ୍ତ୍ର, ବାସ୍ତୁଦେଶ ଜ୍ଞାନ ଇତ୍ୟାଦି ଇତ୍ୟାଦି ଉପରେ ପ୍ରତିଫଳିତ ହୋଇଅଛି, ତାହା ସେ ପ୍ରତିପାଦନ କରିଥିଲେ । ସେ କହିଲେ, "ବାରାଣସୀ ଭାରତର ସର୍ବଶ୍ରେଷ୍ଠ ଧର୍ମପୀଠ । ଏଠାରେ ମହାଦେବ ବିଶ୍ୱନାଥଙ୍କ ପ୍ରାଧାନ୍ୟ କଥାରେ କହି ହେବ ନାହିଁ । ଭାରତବର୍ଷର କେତେକ ଧର୍ମପୀଠରେ ବିଷ୍ଣୁଙ୍କର ପ୍ରାଧାନ୍ୟ କହିଲେ ନ ସରେ । ଦକ୍ଷିଣ-ଭାରତରେ କାଞ୍ଚୀ ନଗରୀ ଦୁଇ ଭାଗରେ ବିଭକ୍ତ, ଯଥା—ଶିବକାଞ୍ଚୀ ଓ ବିଷ୍ଣୁକାଞ୍ଚୀ । ବହୁକ୍ଷେତ୍ରରେ ଶିବଭକ୍ତ ଓ ବିଷ୍ଣୁଭକ୍ତ-ମାନଙ୍କ ମଧ୍ୟରେ ଘୋରତର ମତଭେଦ ଦେଖାଯାଏ । କିନ୍ତୁ ଆମ ଓଡ଼ିଶାରେ, ସର୍ବଭାରତୀୟ ସଂସ୍କୃତିକୁ ଆଖି ଆଗରେ ରଖି, ଆମେ ବିଷ୍ଣୁ ଓ ଶିବଙ୍କୁ ଅଭିନ୍ନ ରୂପେ ରଖିଛୁ । ଆମ ଉତ୍କଳର ଭୁବନେଶ୍ୱର କ୍ଷେତ୍ର 'ଭାରତର ଦ୍ୱିତୀୟ ବାରାଣସୀ' ରୂପେ ଅଭିହିତ ହୋଇଥାଏ । ସେଠାରେ ଯୁଗ ଯୁଗ ଧରି ଶତ ଶତ ଶିବ ମନ୍ଦିର ଗଢ଼ିଉଠିଛି । ସବୁଠାରୁ ବୃହତ୍ତମ ମନ୍ଦିର ହେଉଛି ତ୍ରିଭୁବନେଶ୍ୱର (ଲିଙ୍ଗରାଜ)ଙ୍କ ମନ୍ଦିର । ପାଷାଣ ଶିଳ୍ପରେ ଏହା ଯେପରି ଭାରତର ଏକ ଅବିନଶ୍ୱର କୀର୍ତ୍ତି, ଧାର୍ମିକ ସମନ୍ୱୟ ଦୃଷ୍ଟିରୁ ଏହା ଯେପରି ଗୌରବମୟ, କଳାତ୍ମକ ପରିପ୍ରକାଶ ଦୃଷ୍ଟିରୁ ସେହିପରି ବିସ୍ମୟକର । ଏହି ମନ୍ଦିରର ଶିଖର ଦେଶରେ ହରଧନୁ ଏବଂ ବିଷ୍ଣୁଚକ୍ର ଏକତ୍ରରେ ସମନ୍ୱିତ ହୋଇ ଶୋଭା ପାଉଛି । ଭକ୍ତମାନେ ଲିଙ୍ଗରାଜଙ୍କୁ ସ୍କନ୍ଧଦେଶରେ ବିଲ୍ୱପତ୍ର ଓ ତୁଳସୀ ପତ୍ର ଅର୍ପଣ କରି ଆରାଧନା କରନ୍ତି । ପୁଣି, ମନ୍ଦିର ସମ୍ମୁଖରେ ଶିଳାସ୍ତମ୍ଭ ଉପରେ ମହାଦେବଙ୍କ ବାହନ ବୃଷଭଙ୍କ ସହିତ ବିଷ୍ଣୁ ବାହନ ଗରୁଡ଼ ମଧ୍ୟ ସ୍ଥାପିତ ।

## ଓଡ଼ିଶାର ଜଗନ୍ନାଥ ଭାରତର ଅନୁପମ ଦେବତା –

"ଏହି ଶିବକ୍ଷେତ୍ର କଥା ଥାଉ, ଆପଣମାନେ ଶ୍ରୀକ୍ଷେତ୍ରର ମହାଦେବତା ଶ୍ରୀଜଗନ୍ନାଥଙ୍କ କଥା ଚିନ୍ତା କଲେ ବିସ୍ମିତ ହେବେ । ଜଗନ୍ନାଥ ବିଷ୍ଣୁ-ପୁରୁଷୋତ୍ତମ ରୂପେ ପରିଚିତ । କିନ୍ତୁ ମହାଦେବ ଲୋକନାଥ ହେଉଛନ୍ତି ଜଗନ୍ନାଥଙ୍କର କ୍ଷେତ୍ରପାଳ । ନିଜେ ଜଗନ୍ନାଥ ବିଷ୍ଣୁ-ଭୈରବ ରୂପେ ପୂଜିତ ହେଉଛନ୍ତି । ଜଗନ୍ନାଥ ମନ୍ଦିରର ପୃଷ୍ଠଦେଶରେ କମଳା (ଲକ୍ଷ୍ମୀ) ଏବଂ ବିମଳାଙ୍କର ମନ୍ଦିର ଥିଲେ ମଧ୍ୟ ବିମଳାଙ୍କ ପରି ଲକ୍ଷ୍ମୀ ଆଦୌ ପ୍ରଭାବଶାଳିନୀ ନୁହନ୍ତି । ଏ ସବୁ ଦୃଷ୍ଟିରୁ ବେଦର ଉଦାରତତ୍ତ୍ୱ—"ଏକଂ ସଦ୍‌ବିପ୍ରା ବହୁଧା ବଦନ୍ତି"ର ବୈଦିକ ମୂଳମନ୍ତ୍ର ମୋର ଜନ୍ମଭୂମି ଉତ୍କଳର ଜଗନ୍ନାଥ ଧାମରେ ଯେପରି ପ୍ରକଟିତ ହୋଇ-ଅଛି, ଭାରତରେ ତାହାର ଉପମା ନାହିଁ କହିଲେ ଚଳେ । ଶ୍ରୀଜଗନ୍ନାଥ କେବଳ ବିଷ୍ଣୁ ଓ ଭୈରବ ନୁହନ୍ତି, ସେ ହେଉଛନ୍ତି ସର୍ବଦେବମୟ ବିଗ୍ରହ ।

ଜଗନ୍ନାଥଙ୍କର ବିଭିନ୍ନ ରୂପ, ବିଭିନ୍ନ ଦିବସର ନୂତନ ନୂତନ ବେଶ ତଥା ପୂଜାବିଧାନରେ ତାଙ୍କ ସର୍ବଦେବମୟତ୍ୱ ପ୍ରକଟିତ ହୋଇଅଛି । ସେଥିପାଇଁ, ମୋର ଏହି ମହାକାବ୍ୟ 'ବୈଦେହୀଶ-ବିଳାସ' କାବ୍ୟରେ ମୁଁ ଜଗନ୍ନାଥଙ୍କୁ ବନ୍ଦନା କରି ମଙ୍ଗଳାଚରଣ କରିଅଛି । କିନ୍ତୁ ଯେହେତୁ ଜଗନ୍ନାଥ ସର୍ବଦେବମୟ ବିଗ୍ରହ, ସେହି ହେତୁରୁ ତାଙ୍କୁ ଏ ଭଳି ପଦକଦମ୍ବ (ସମୂହ) ଦ୍ୱାରା ବର୍ଣ୍ଣନା କରିଛି ଯେ, ସେହି ଶବ୍ଦମାନଙ୍କୁ ବ୍ୟାଖ୍ୟାନ କଲେ, ଅଷ୍ଟାଦଶ ପୁରାଣ ଅନୁସାରେ, ବିଭିନ୍ନ ଦେବ-ଦେବୀଙ୍କର ବନ୍ଦନା ସେ ମଧ୍ୟରୁ ପ୍ରକାଶ ପାଇପାରିବ ।" ଏହା କହି, 'ବୈଦେହୀଶ ବିଳାସ'ର ପ୍ରଥମ ଦୁଇଟି ପଦ ମଧୁର କଣ୍ଠରେ ଗାନକରି, ବହୁ ଦେବ-ଦେବୀଙ୍କର ବନ୍ଦନା ତହିଁରୁ ବ୍ୟାଖ୍ୟାନ ବଳରେ ପ୍ରତିପାଦନ କରିଥିଲେ । ଶ୍ରୀକ୍ଷେତ୍ରରେ ସେ ଯେଉଁପରି ସୁନାମ ଅର୍ଜନ କରିଥିଲେ, ଏଠାରେ ମଧ୍ୟ ସେ ସେହିପରି ଭୂୟସୀ ପ୍ରଶଂସା ଲାଭ କରିଥିଲେ । ଏହି କାବ୍ୟରେ ମହାଭାରତର ବ୍ୟାସକୂଟ, ନୈଷଧୀୟ ପଦଗ୍ରଥିତା, ଭାରବୀଙ୍କ ଅର୍ଥ-ଗାମ୍ଭୀର୍ଯ୍ୟ, କାଳିଦାସଙ୍କର ଉପମା, କର୍ମଯୋଗୀ, ଭକ୍ତିଯୋଗୀ ଓ ଜ୍ଞାନଯୋଗୀଙ୍କର ଆଦର୍ଶ ସହିତ ଆଳଙ୍କାରିକ ଚାତୁର୍ଯ୍ୟ ସ୍ଥାନେ ସ୍ଥାନେ କିପରି ରହିଛି, ତାହା ସେ ଦେଖାଇ ଦେଇଥିଲେ । ମୋଟ ଉପରେ, ଅଷ୍ଟାଦଶ ବିଦ୍ୟା ଦୃଷ୍ଟିରୁ ତାଙ୍କର ଏ ମହାକାବ୍ୟ କିପରି ଏକ ସାରସ୍ୱତ ରତ୍ନଭଣ୍ଡାର, ତାହା ସେ ପ୍ରତିପାଦନ କରିଥିଲେ । ନିଜର ପରମ ପ୍ରିୟ ଓଡ଼ିଆ ଭାଷା ସମସ୍ତ କ୍ଷେତ୍ରରେ ସଂସ୍କୃତ ଭାଷାର ସମକକ୍ଷ ହେବା ପାଇଁ ଏକାନ୍ତ ଯୋଗ୍ୟ ବୋଲି ସେ ଦୃଢ଼ଭାବରେ ଘୋଷଣା କରିଥିଲେ ।

ତଥାପି, ବାରାଣସୀର ପଣ୍ଡିତ ସଭାରେ ତାଙ୍କୁ ଏହି କଥାର ଭିତ୍ତି ଉପରେ ନାନା ପ୍ରଶ୍ନ କରାଯାଇଥିଲା । କିମ୍ବଦନ୍ତୀ ଅନୁସାରେ ଗୋଟିଏ ଘଟଣା ଏଠାରେ ଉଲ୍ଲେଖ କରାଯାଇପାରେ ।

## ବାରାଣସୀରେ ଅକ୍ଷର ମନାସ ବିଷୟକ ପ୍ରଶ୍ନ—

ଜଣେ ପ୍ରବୀଣ ପଣ୍ଡିତ କହିଲେ, "ଆପଣଙ୍କ ଓଡ଼ିଆ ଭାଷା ତ ଗୋଟାଏ ଦେଶୀ ଭାଷା, ତେଣୁ ଆପଣ ସବୁଦିଗରୁ ଓଡ଼ିଆ ଭାଷାକୁ ସଂସ୍କୃତ ଭାଷାର ସମକକ୍ଷ କରି ପାରିବେ କିପରି ?"

ଉପେନ୍ଦ୍ର ଏହି କଥାର ପ୍ରତିବାଦ କରିବାରୁ, ସେହି ପଣ୍ଡିତ ମହୋଦୟ ସଂସ୍କୃତ 'ଅକ୍ଷର ସନ୍ଧାନ' କଥା ଉତ୍ଥାପିତ କଲେ । ସେ ସମ୍ପର୍କରେ ସେ କହିଲେ, "ମୁଁ ସଂସ୍କୃତ ଭାଷା ରଚିତ ପାଞ୍ଚଟି ଶ୍ଳୋକ ପଢ଼ିବି । 'କ' ଠାରୁ 'କ୍ଷ' ମଧ୍ୟରେ ଆପଣ ମନେ ମନେ ଗୋଟିଏ ଅକ୍ଷର ଚିନ୍ତା କରନ୍ତୁ । ମୁଁ ପାଞ୍ଚଟି ଶ୍ଳୋକ ପଢ଼ି ସାରିବା ପରେ ଆପଣ ଏତିକି କହିବେ, ଆପଣ ଭାବିଥିବା ଅକ୍ଷରଟି କେଉଁ କେଉଁ ଶ୍ଳୋକରେ ଅଛି । ତାହାହେଲେ, ଆପଣ ଭାବିଥିବା ଅକ୍ଷରଟିକୁ ମୁଁ ସଙ୍ଗେ ସଙ୍ଗେ କହି ଦେବି ।" ସେ ଯେଉଁ ପାଞ୍ଚୋଟି ଶ୍ଳୋକ ପଢ଼ିଲେ ତା'ର ୧ମ ଶ୍ଳୋକ ହେଉଛି —

ଅଖିଳନାଥହରେ ହରସେବିତ
ଛଳହତାସୁରମାରଧରଛବେ !
ଝଷବଲେଚନଟ୍ଟରୁଚରାନନୋ
ଙର ନିରନ୍ତର ବାଢ଼ମିବାଧିତ୍ତୁମ୍ ।

ଉପେନ୍ଦ୍ର ସେପରି କରନ୍ତେ, ପ୍ରକୃତରେ ସେ ଭାବିଥିବା ଅକ୍ଷରଟି ସେ କହିଦେଲେ ।

ଏହାପରେ ପଣ୍ଡିତ ପଚାରିଲେ, "ଓଡ଼ିଆରେ କ'ଣ ଏପରି ହୋଇପାରିବ ?" ଉପେନ୍ଦ୍ର କହିଲେ, "ହୋଇ ପାରିବ ନୁହେଁ, ହୋଇ ସାରିଛି ଏବଂ ତାଳପତ୍ର ପୋଥି ଆଣି ମୁଁ କାଲିକି ଦେଖାଇଦେବି ।" ସେଦିନ ରାତିରେ ଉପେନ୍ଦ୍ର ନୀଳାଦ୍ରି-ନାଥ ଜଗନ୍ନାଥଙ୍କୁ ମନେପକାଇ, ଓଡ଼ିଆରେ ସେହିପରି ୫ଟି ପଦ (ପ୍ରତ୍ୟେକ ପଦ ଚତୁଷ୍ପାଦ ବିଶିଷ୍ଟ) ଲେଖି, ପରଦିନ ପଣ୍ଡିତଙ୍କୁ ଦେଖାଇଲେ । ପୁଣି, ଠିକ୍ ପଣ୍ଡିତଙ୍କର ପ୍ରଶ୍ନକ୍ରମ ଅବଲମ୍ବନ କରି ସେ ( ସେହି ପଣ୍ଡିତେ ) ମନେ ମନେ ଭାବିଥିବା ଅକ୍ଷରଟିକୁ କହିଦେଲେ । ଉପେନ୍ଦ୍ର ଯେଉଁ ପାଞ୍ଚଟି ପଦ ରଚନା କରିଥିଲେ, ତାହାର ପ୍ରଥମ ପଦ ହେଉଛି—

ଲସ୍ତ ଭକ୍ତ ଅହିନାଥ ଚରଣ ସାଜସେ
ଯୋଗୀଜନ ଯାରେ ଭଜି ଭାସେ ସ୍ୱାସ୍ଥ୍ୟଭସେ
ଅହର୍ନିଶ ଯାର ଯୋଗେ ଝଲସେ ରସାରେ,
ଅହିରେ ସେ ଭଜେ ନଭେ ଝଡ଼େ ସେ ନିଶାରେ ।

ପଣ୍ଡିତ ମହାଶୟ ନିଜର ପରାଜୟ ଅନୁଭବ କରି, ଆତ୍ମରକ୍ଷା ପାଇଁ ଦ୍ୱିତୀୟ ଉଦ୍ୟମ କଲେ ଏବଂ କହିଲେ –"ମୋର ୫ଟି ଶ୍ଳୋକରେ ଶିବ, ବିଷ୍ଣୁ ପ୍ରଭୃତି ପଞ୍ଚ ଦେବତାଙ୍କର ବନ୍ଦନା କରାଯାଇଛି । ଆପଣଙ୍କର କ'ଣ ସେହିପରି ହୋଇଛି ?" ଉପେନ୍ଦ୍ର ଉତ୍ତର ଦେଲେ, "ହଁ, ମୋ ପାଖେ ଥିବା ୫ଟି ପଦରେ ମଧ୍ୟ ପଞ୍ଚ ଦେବତାଙ୍କର ବନ୍ଦନା କରାଯାଇଛି ।" ଏଥିରେ କୁଆଡ଼େ ବାରାଣସୀରେ ଗୁଞ୍ଜନ ଖେଳି ଯାଇଥିଲା ।

ଏ ଭଳି କେତେ କ'ଣ ଘଟଣା ଭଞ୍ଜଙ୍କ ସମ୍ପର୍କରେ ଲୋକମୁଖରେ ବଞ୍ଚିରହିଛି । ଏ ସବୁର ଉପଲବ୍ଧତା ଉପରେ ଭଞ୍ଜଙ୍କର ଅଲୌକିକ ତଥା ଅଦ୍ଭୁତ ଘଟଣାବଳୀ ପରିପୂରିତ ଜୀବନ ଚରିତର ଏକ ଉପାଦେୟ ଉପସ୍ଥାପନ ସମ୍ଭବ ହୋଇ ପାରିବ ।

କାଶୀ ପରମ ଶିବକ୍ଷେତ୍ର ତଥା ସଂସ୍କୃତ ପୀଠ ହୋଇଥିବାରୁ ଉପେନ୍ଦ୍ର ସେଠାରେ କେତେ ଦିନ ଅବସ୍ଥାନ କରି, ସଂସ୍କୃତ-ସାହିତ୍ୟରେ ସେତେବେଳେ କି କି ନୂଆ ଧରଣର ପାଣ୍ଡିତ୍ୟ-ପ୍ରଦର୍ଶନ କାବ୍ୟମାନଙ୍କରେ ହେଉଥିଲା, ବିଭିନ୍ନ ପଣ୍ଡିତଙ୍କ ପାଖକୁ ଯାଇ ତହିଁର ତଥ୍ୟ ସଂଗ୍ରହ କରିଥିଲେ । ସେଠାରେ କେହି କେହି ତାଙ୍କୁ ପରାମର୍ଶ ଦେଲେ, ସେ ରାମ କଥାର କାବ୍ୟ ଲେଖିଥିବାରୁ ଅଯୋଧ୍ୟା ଏବଂ ଚିତ୍ରକୂଟର ପର୍ଣ୍ଣକୁଟୀ ଓ 'କାମଦଗିରି' ଦେଖିବା ପରେ ହିଁ ସ୍ୱସ୍ଥାନକୁ ପ୍ରତ୍ୟାବର୍ତ୍ତନ କରିବା ବିଧେୟ । ତେଣୁ, ଉପେନ୍ଦ୍ର ପ୍ରଥମେ ଅଯୋଧ୍ୟା ଅଭିମୁଖରେ ଯାତ୍ରାରମ୍ଭ କଲେ ।

**ଅଯୋଧ୍ୟାରେ ବୈଦେହୀଶ ବିଳାସ ଚର୍ଚ୍ଚା –**

ଅଯୋଧ୍ୟାରେ ଉପଗତ ହୋଇ ଉପେନ୍ଦ୍ର ସେଠା ପଣ୍ଡିତମାନଙ୍କୁ ନିଜ କାବ୍ୟ 'ବୈଦେହୀଶ ବିଳାସ' କଥା କହିଥିଲେ । କିନ୍ତୁ ଶ୍ରୀକ୍ଷେତ୍ର ଓ ବାରାଣସୀରେ ଏହି କାବ୍ୟର ପ୍ରଶଂସା ସମ୍ବାଦ କେତେକଙ୍କ ମନରେ ବୈରଭାବ ସୃଷ୍ଟି କରିଥିଲା । ବିଶେଷତଃ, ସେ ତୁଳସୀ ଦାସଙ୍କ ଭକ୍ତ-ମାନଙ୍କର ବିଷଦୃଷ୍ଟିରେ ପଡ଼ିଥିଲେ । ଏହାର କାରଣ ସହଜରେ

ଅନୁମେୟ । ତୁଳସୀ ଦାସଙ୍କର 'ଶ୍ରୀରାମଚରିତ ମାନସ' ଏବଂ **ଭଞ୍ଜଙ୍କର** 'ବୈଦେହୀଶ ବିଳାସ', ରାମଚରିତ ଅବଲମ୍ବନରେ ରଚିତ । ଗୋଟିଏ ବିଷୟରେ ଦୁଇଟି କାବ୍ୟ ରଚିତ ହେଲେ ଏବଂ କେତେକ ଦୃଷ୍ଟିରୁ ଉଭୟ କାବ୍ୟ ଜନପ୍ରିୟ ଓ ପ୍ରତିଷ୍ଠାବନ୍ତ ହେଲେ, ଉଭୟ କାବ୍ୟର ପାଠକ ଓ ପରିବେଷକଙ୍କ ମଧ୍ୟରେ ମତଭେଦର ଅବକାଶ ରହିଥାଏ । ଶୁଣାଯାଏ, ପ୍ରଥମ ଦିନର ଆଲୋଚନା ପରେ ଉପେନ୍ଦ୍ର ଭଞ୍ଜ କୁଆଡ଼େ ଏହିଭଳି ଭାବରେ ସେଠା ପଣ୍ଡିତ ସଭାରେ ନିବେଦନ କରିଥିଲେ—

"ହେ ମହାକବି ତୁଳସୀ ଦାସଙ୍କର କାବ୍ୟରସଗ୍ରାହୀ ପଣ୍ଡିତମାନେ ! ମୁଁ ଶୁଣିବାକୁ ପାଇଲି, ଗତକାଲି ମୋ କାବ୍ୟ 'ବୈଦେହୀଶ ବିଳାସ'ର କେତେକ ବିଶେଷତ୍ୱ ମୁଁ ବ୍ୟାଖ୍ୟାନ କରିବାରୁ, କେହି କେହି ମତେ ଭୁଲ ବୁଝିଛନ୍ତି ।

## ଭଞ୍ଜଙ୍କର ଆତ୍ମପକ୍ଷ ଉପସ୍ଥାପନ—

"ସେମାନେ ହୁଏତ ଭାବୁଛନ୍ତି, ମୁଁ ତୁଳସୀ ଦାସଙ୍କର ଗୌରବ କ୍ଷୁଣ୍ଣ କରିବା ପାଇଁ ମୋ ପ୍ରବଚନରେ ଉଦ୍ୟମ କରୁଅଛି; କିନ୍ତୁ ଏହା ଆଦୌ ସତ୍ୟ ନୁହେଁ । ଗୋସ୍ୱାମୀ ତୁଳସୀ ଦାସ ଯେଉଁ ରାମଚନ୍ଦ୍ରଙ୍କର ପରମ ଭକ୍ତ, ମୁଁ ମଧ୍ୟ ସେହି ରାମଚନ୍ଦ୍ରଙ୍କର ଜଣେ ଉପାସକ । ତେଣୁ ରାମ ଭକ୍ତି-ରାଜ୍ୟରେ ସେ ହେଉଛନ୍ତି ମୋର ଗୁରୁ । ମୁଁ ଯାହାଙ୍କୁ ଗୁରୁ ବୋଲି ମାନି ନେଇଛି, ଯାହାଙ୍କର ରଚନାର ଶତ ଶତ ସ୍ତବକ ମୋର ମୁଖସ୍ଥ ଅଛି, ମୁଁ ତାଙ୍କର ଗୌରବ ହ୍ରାସ କରିବାର ଉଦ୍ୟମ ତ ଦୂରର କଥା, କଳ୍ପନା ମଧ୍ୟ କରି ପାରିବି ନାହିଁ । ମୁଁ କେବଳ ମୋର ପରମପୂଜ୍ୟ ଏହି ପରମ ଗୁରୁକଳ୍ପ ରାମଭକ୍ତ ମହାକବିଙ୍କର ଆଦର୍ଶର ଅନୁଧାବନ କରିବାକୁ ଯାଇ, ଗୋଟିଏ କଥା ପ୍ରତି ବିଶେଷ ଦୃଷ୍ଟି ଦେଇଛି । ତାହା ହେଉଛି, ଆଳଙ୍କାରିକ ଚାତୁର୍ଯ୍ୟ ଏବଂ ସଙ୍ଗୀତର ଝଙ୍କାର ସଂଯୋଗ ଲାଗି ମୋର ସ୍ୱକୀୟ ପରିକଳ୍ପନା । ଆମ ଓଡ଼ିଶାରେ ପ୍ରସିଦ୍ଧ ତ୍ରିଭୁବନେଶ୍ୱର ମନ୍ଦିର (ଆଧୁନିକ ନାମ ଲିଙ୍ଗରାଜ ମନ୍ଦିର) ସଗର୍ବରେ ଦଣ୍ଡାୟମାନ । ଭାବୁକ, ଭକ୍ତ, ଉପାସକ ଓ ପଣ୍ଡିତମାନଙ୍କ ଲାଗି ମନ୍ଦିର ଭିତରେ ବିରାଜିତ ବିରାଟ ଶିବଲିଙ୍ଗ ସେଠାର ସର୍ବଶ୍ରେଷ୍ଠ ଆକର୍ଷଣ । ଏହି ଲିଙ୍ଗରାଜ ମନ୍ଦିରର ପାଷାଣ-ଶିଳ୍ପ ଏକାବେଳକେ ବିସ୍ମୟକର । ଶହ ଶହ କଳାପ୍ରେମୀ ସେ

ମନ୍ଦିରର ସୌନ୍ଦର୍ଯ୍ୟ ଦେଖି ଅବାକ୍ ହୋଇଯାନ୍ତି । ସେହି ମନ୍ଦିର ନିର୍ମାଣର କଳାକୌଶଳ ଭିତର ଦେଇ ମଧ୍ୟ, ବିଭିନ୍ନ ଦେବ ଦେବୀଙ୍କ ପ୍ରତି ମନ୍ଦିର ନିର୍ମାତାଙ୍କ ଭକ୍ତିଭାବ ବହୁ ପରିମାଣରେ ଫୁଟି ଉଠିଛି ।

ମୁଁ ଆମର ବିଶ୍ୱବିଖ୍ୟାତ ଏହି ମନ୍ଦିର ସଙ୍ଗେ ତୁଳସୀ ଦାସଙ୍କର 'ରାମଚରିତ ମାନସର' ତୁଳନା କରିବାକୁ ଯାଉଛି । ତୁଳସୀ ଦାସଙ୍କର ଏହି ମହାକାବ୍ୟରେ ଯେଉଁ ଭକ୍ତିମତ୍ତା, ଦାର୍ଶନିକତା ଏବଂ ବୈଦିକ ତଥା ପୌରାଣିକ ପାଣ୍ଡିତ୍ୟ ରହିଅଛି, ତାହା ଅତ୍ୟନ୍ତ ଉଚ୍ଚ କୋଟୀର । ଏହି ଶିବ ମନ୍ଦିରର ଭକ୍ତଜନବନ୍ଦିତ ଶିବଲିଙ୍ଗ ସଙ୍ଗେ ଶ୍ରୀରାମ ଚରିତ ମାନସର ଏହି ଗୁଣଗୁଡ଼ିକ ତୁଳନୀୟ । କିନ୍ତୁ ଏହି ମନ୍ଦିରର ଯେଉଁ ବିସ୍ମୟକର କାରୁକାର୍ଯ୍ୟ, ତାହା ସଙ୍ଗେ ତୁଳନୀୟ ହେବା ଭଳି ସୁରୁଚିର ଅନୁରୂପ ଆଳଙ୍କାରିକ ଚାତୁର୍ଯ୍ୟ ତାଙ୍କ କୃତିରେ ରଖିବାକୁ ଗୋସ୍ୱାମୀଜୀ ହୁଏ ତ ଆବଶ୍ୟକ ମନେକରି ନାହାନ୍ତି । ଏହି ଦୃଷ୍ଟିରୁ ତୁଳସୀ ଦାସଙ୍କର ଆରାଧ୍ୟ ରାମଚନ୍ଦ୍ରଙ୍କ ଚରିତ୍ର ପରିବେଷଣରେ ମୁଁ ଆହୁରି କେତେକ ଚାତୁର୍ଯ୍ୟ ଅନୁପ୍ରବିଷ୍ଟ କରିବା ପାଇଁ ଉଦ୍ୟମ କରିଅଛି । ଗୁରୁଜୀ ତୁଳସୀ ଦାସଙ୍କ ରାମଭକ୍ତି ପ୍ରଚାରମୂଳକ ଯେଉଁ ଲକ୍ଷ୍ୟ ଥିଲା, ସେହି ଲକ୍ଷ୍ୟକୁ ହିଁ ଓଡ଼ିଶା ଦେଶରେ, ଓଡ଼ିଆ ଭାଷାରେ ଚରିତାର୍ଥ କରିବା ପାଇଁ ମୁଁ ଏହି 'ବୈଦେହୀଶ ବିଳାସ'ରେ ଉଦ୍ୟମ କରିଅଛି ।"

## 'ମାନସ'ଠାରୁ 'ବିଳାସ'ର ବିଶେଷତ୍ୱ –

ଉପେନ୍ଦ୍ର ଏତିକି କହିବା ପରେ ତାଙ୍କୁ ବଡ଼ ପାଟିରେ କୁହାଗଲା, "ଆପଣ ଯାହା କହୁଛନ୍ତି, ଗୋଟିଏ ଉଦାହରଣ ଦେଇ ବୁଝାଇ ଦିଅନ୍ତୁ ।"

ଉପେନ୍ଦ୍ର କହିଲେ, "ହଁ, ମୁଁ ସେହି କଥା ହିଁ ପ୍ରାଞ୍ଜଳ ଭାବରେ ବୁଝାଇ ଦେବାକୁ ଚିନ୍ତା କରୁଥିଲି । ଗୋଟିଏ ଉଦାହରଣ ଦେଇ ତୁଳସୀ ଦାସଙ୍କଠାରୁ ମୋ କାବ୍ୟର କି ବିଶେଷତ୍ୱ ଅଛି, ତାହା ଏଠାରେ ବୁଝାଇ ଦେଉଛି ।

ପ୍ରଥମ କଥା, କାବ୍ୟର ମୂଳରେ ପୂଜ୍ୟ ତୁଳସୀ ଦାସଜୀ ଏବଂ ମୁଁ, ଦୁହେଁ ମଙ୍ଗଳାଚରଣ କରିଅଛୁ ଏବଂ ବିଭିନ୍ନ ଦେବଦେବୀଙ୍କର ବନ୍ଦନା କରିଅଛୁ । ତୁଳସୀ ଦାସଜୀଙ୍କ ମଙ୍ଗଳାଚରଣରେ ପ୍ରଥମ ପଦରେ ବାଣୀ ଏବଂ ବିଘ୍ନ-

ରାଜଙ୍କର, ଦ୍ୱିତୀୟ ପଦରେ ଭବାନୀ ଏବଂ ଶଙ୍କରଙ୍କର ଏବଂ ଷଷ୍ଠ ପଦରେ ଶ୍ରୀରାମଙ୍କର ବନ୍ଦନା କରିଅଛନ୍ତି । ଶ୍ରୀ ରାମଚନ୍ଦ୍ର କିପରି ସର୍ବ ଦେବତାଙ୍କର ଆଧାର ସ୍ୱରୂପ ଓ ସର୍ବଶ୍ରେଷ୍ଠ, ତାହା ସେ ବିଭିନ୍ନ ସ୍ତବକରେ ବର୍ଣ୍ଣନା କରି-ଅଛନ୍ତି । କିନ୍ତୁ, ମୁଁ ଭାବୁଛି, ସାହିତ୍ୟିକ କଳା ଦୃଷ୍ଟିରୁ ସେ ଶ୍ରୀରାମଙ୍କର ସର୍ବଦେବମୂଳକତା ପ୍ରତିପାଦନ କରି ପାରି ନାହାନ୍ତି । ଅବଶ୍ୟ ସେହି ତତ୍ତ୍ୱ ସେ ବିସ୍ତୃତ ଭାବରେ ବ୍ୟାଖ୍ୟାନ କରିଅଛନ୍ତି । କିନ୍ତୁ ଆଳଙ୍କାରିକ କଳାତ୍ମକ ପ୍ରକାଶ ମାଧ୍ୟମରେ ସେହି ତତ୍ତ୍ୱ ସେ ଫୁଟାଇ ପାରି ନାହାନ୍ତି । ଦୃଷ୍ଟାନ୍ତ ସ୍ୱରୂପ ସେ କହିଛନ୍ତି—

ବନ୍ଦୌଁ ରାମନାମ ରଘୁ ବରକେ
ହେତୁ କୃଶାନୁ ଭାନୁ ହିମ କରକେ ।

( ବାଳକାଣ୍ଡ—୨ୟ ସୋପାନ )

"ଏଥିରେ ଏବଂ ଏହା ପରେ ପରେ ସେ ପ୍ରତିପାଦନ କରିଛନ୍ତି ଯେ, ରାମ ନାମ ଜଗତର ମୂଳ ସ୍ୱରୂପ, ଏଥିରେ ସୂର୍ଯ୍ୟ, ଅଗ୍ନି, ଚନ୍ଦ୍ର ଏବଂ ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ସମସ୍ତେ ଅଛନ୍ତି । ବିରାଟ ମହାକାଶ ମଧ୍ୟରେ ଯେପରି ସହସ୍ର ସହସ୍ର, ଏପରିକି କୋଟି କୋଟି ଗ୍ରହ ନକ୍ଷତ୍ର ଗର୍ଭିତ ହୋଇ ରହିଛନ୍ତି, ପରମବ୍ରହ୍ମ ରୂପୀ ଶ୍ରୀରାମଙ୍କର ଅନ୍ତରରେ ସମସ୍ତ ବିଶ୍ୱ ବ୍ରହ୍ମାଣ୍ଡ ଏବଂ ଯାବତୀୟ ଦେବ ଦେବୀ ସେପରି ଆଶ୍ରୟ ଗ୍ରହଣ କରିଛନ୍ତି ।

"ଜଣେ ରାମଭକ୍ତ ପକ୍ଷରେ ଏହା ହିଁ ସମୁଚିତ ଓ ସୁସଂଗତ ପରିକଳ୍ପନା । କିନ୍ତୁ ଆଳଙ୍କାରିକ ଚତୁର ଐନ୍ଦ୍ରଜାଳିକ ସୃଷ୍ଟି ମଧ୍ୟରେ ଏ କଥା ଫୁଟାଇବାକୁ ମୋର ଗୁରୁଦେବ ଚେଷ୍ଟା କରି ନାହାନ୍ତି । ମୁଁ କହୁ ନାହିଁ, ତାଙ୍କର ସେ ଶକ୍ତି ନ ଥିଲା । ସେଭଳି ଶକ୍ତି ଫୁଟାଇବାକୁ ଏବଂ ପଣ୍ଡିତମାନଙ୍କ ମଧ୍ୟରେ ଚଳୋଚିତ ସେଭଳି କଳାପ୍ରଦର୍ଶନ କରିବାକୁ ସେ ହୁଏତ ପ୍ରୟୋଜନୀୟ ମନେକରି ନାହାନ୍ତି । କିନ୍ତୁ ଏ କଥା ନିଶ୍ଚୟ ଯେ, ତାଙ୍କର ରଚନା ପରିପାଟୀରୁ ରାମଙ୍କର ସର୍ବଗର୍ଭକତା ପ୍ରକାଶ ପାଉ ନାହିଁ । ଯଦି ପାଉଥାଆନ୍ତା, ତାହାହେଲେ ସେ ଏ ଭଳି ଗୋଟିଏ ସ୍ତୁତି ରଚନା କରିଥାଆନ୍ତେ, ଯହିଁରୁ ରାମଙ୍କର ଗୁଣ ଗୌରବ ପ୍ରକାଶ ପାଆନ୍ତା

ଏବଂ ସେହି ଗୋଟିକ ରଚନା ଥରକୁ ଥର ପାଠକଲେ ଗଣେଶ, ସରସ୍ୱତୀ, ଭବାନୀ, ଶଙ୍କର, ବ୍ରହ୍ମା, ସୂର୍ଯ୍ୟ, ବାଣୀ, ଚନ୍ଦ୍ର ପ୍ରଭୃତିଙ୍କର ବନ୍ଦନା ପ୍ରକାଶ ପାଆନ୍ତା । ଏପରି ଏକ ରଚନା ହିଁ କଳାତ୍ମକ ଭାବରେ ସୂଚାଇ ଦିଅନ୍ତା ଯେ, ରାମଚନ୍ଦ୍ରଙ୍କ ଗର୍ଭରେ ଯେପରିକି ସମସ୍ତ ଦେବଦେବୀ ଆଶ୍ରୟ ଗ୍ରହଣ କରିଛନ୍ତି କିମ୍ବା ସମୁଦ୍‌ଭୂତ ହୋଇଛନ୍ତି, ଠିକ୍ ସେହିପରି, ରାମଚନ୍ଦ୍ରଙ୍କର ସ୍ତୁତି ଭିତରେ ସମସ୍ତ ଦେବତାଙ୍କ ସ୍ତୁତି ସ୍ଥାନ ପାଇଛି କିମ୍ବା ଅନ୍ତର୍ଭୁକ୍ତ ରହିଅଛି ।"

ଏହା ଶୁଣି ପଣ୍ଡିତମାନେ କହିଲେ, "ଆପଣ କ'ଣ କହୁଛନ୍ତି, ବୁଝାଇ ଦିଅନ୍ତୁ ।"

ଉପେନ୍ଦ୍ର କହିଲେ, "ମୋର ଏହି ବୈଦେହୀଶ ବିଳାସ କାବ୍ୟର ଆରମ୍ଭରେ ମୁଁ ଯେଉଁ ମଙ୍ଗଳାଚରଣ କରିଅଛି, ତହିଁରେ ମୋର ଏହି ସୂଚନା ବା ଦୃଷ୍ଟିକୋଣ ରୂପାୟିତ ହୋଇଅଛି । ଏହି ଦେଖନ୍ତୁ"—କହି ଉପେନ୍ଦ୍ର ପ୍ରଥମ ପଦଟି ଆବୃତ୍ତି କଲେ ।

"ବନ୍ଦଇ ଧାନ-ବାନ୍ଧବ ହରି ଯେ ତମଚୟ ଖଣ୍ଡନକାରୀ
ସଦାକମଳାନନ୍ଦ ବିସ୍ତାରି ସ୍ୱଭାବେ ଇନ ଯେ,
ବିଭୁ ଅନନ୍ତ ଅଙ୍କ ବିହାରୀ କର ପ୍ରତାପ ଯାର ସଞ୍ଚରି
ନିଶାଚରଙ୍କ ଉଲ୍ଲାସ ହରି ପୁଟଜ ସୁମନ ଯେ,
ବଇନତେୟ ଯାହା ଅଗ୍ରତେ ସ୍ଥିତ
ବଇକୁଣ୍ଠ ପଙ୍କଜ ଲୋକ ତୋଷିତ ଯେ,
ଦ୍ୱିଜାଳି ଅଖଣ୍ଡିତ ମଣ୍ଡଳେ ସିଂହ ଭାବରେ କ୍ରୀଡ଼ିତ କାଳେ
ଭବେ ତରଣୀ ହୋଇ ମଞ୍ଜୁଳେ ଗିରି ଉଦିତ ଯେ ।"

ତାଙ୍କର ମଧୁର କଣ୍ଠର ଆବୃତ୍ତି ଦ୍ୱାରା ସେ ଏକ ହର୍ଷ-ବର୍ଦ୍ଧିତ ବାତାବରଣ ସୃଷ୍ଟି କରିବାକୁ ସମର୍ଥ ହେଲେ । ଏହି ବନ୍ଦନାରେ ଥିବା ଗୂଢ଼ବୋଧକ ଶବ୍ଦଗୁଡ଼ିକ ଭିତର ଦେଇ, ପରମାତ୍ମା ରାମଚନ୍ଦ୍ରଙ୍କର ଉଚ୍ଚ ଉଦାର ଗୁଣାବଳୀ କିପରି ସେ ପ୍ରକାଶ କରିଛନ୍ତି, ରାମାୟଣର ନାନା ଦୃଷ୍ଟାନ୍ତ ଦେଇ ସେ ତାହା ବ୍ୟାଖ୍ୟାନ କରିଥିଲେ ।

ତାହା ପରେ ସେ କହିଲେ, "ଏହି ବନ୍ଦନା ରାମଚନ୍ଦ୍ରଙ୍କର ବନ୍ଦନା ସତ; କିନ୍ତୁ ତାଙ୍କର ଅନନ୍ତ ଗର୍ଭରେ ଯେପରି କି ସମସ୍ତ ଦେବ ଦେବୀଙ୍କର ଅଂଶପ୍ରକାଶ, ସେହିପରି ଏହି ଗୋଟିକ ବନ୍ଦନାତ୍ମକ ରଚନାରୁ ମଧ୍ୟ ବହୁ ଦେବ ଦେବୀଙ୍କର ମୂର୍ତ୍ତି ପ୍ରକଟିତ।" ଏହା କହି, ଏହି ଶବ୍ଦମାନଙ୍କ ଭିତରେ ଭବାନୀଙ୍କର, ଶଙ୍କରଙ୍କର, ଗଣେଶଙ୍କର, ବ୍ରହ୍ମାଙ୍କର ଏପରି କି ସୂର୍ଯ୍ୟ ଓ ଅନ୍ୟ କେତେକ ଦେବତାଙ୍କର ବିଭିନ୍ନ ପୁରାଣଗତ ଚରିତମୂଳକ ଗୁଣ ଗୌରବ ଗାନ କିପରି ସମ୍ଭବପର ହୋଇଅଛି, ତାହା ସେ ବୁଝାଇ ଦେଇଥିଲେ।

ଏହି ବ୍ୟାଖ୍ୟାନ ସେଠାର ଗୁଣଗ୍ରାହୀ ପଣ୍ଡିତମାନଙ୍କ ଦ୍ୱାରା ପ୍ରଶଂସାର ସହିତ ଗୃହୀତ ହୋଇଥିଲା।

ତାହାପରେ ପଣ୍ଡିତମାନେ କହିଲେ, "ଆପଣଙ୍କ କାବ୍ୟର ଆଉ କେତୋଟି ବିଶେଷତ୍ୱର କଥା କହନ୍ତୁ।"

ଉପେନ୍ଦ୍ର କହିଲେ, "ମୁଁ ଆଉ ଦୁଇଟି ବିଶେଷତ୍ୱ ଏଠାରେ ପ୍ରକାଶ କରିବି, ଶୁଣନ୍ତୁ।"

## ପ୍ରଥମ ଦୃଷ୍ଟାନ୍ତ—ଗୋଟିଏ ଛାନ୍ଦ (ସର୍ଗରେ) କେବଳ ମୁଖ ବର୍ଣ୍ଣନା—

"ମୋ କାବ୍ୟରେ ମୁଁ ବର୍ଣ୍ଣନା କରିଛି ଯେ, ବିଶ୍ୱାମିତ୍ରଙ୍କ ସହିତ ରାମ ଲକ୍ଷ୍ମଣ ବନକୁ ଗଲେ। ସେଠାରେ ଅସୁରମାନଙ୍କର ଅତ୍ୟାଚାର ଦୂର କରି, ଶାନ୍ତି ପ୍ରତିଷ୍ଠା କଲେ। ତା ପରେ ସେ ଅଯୋଧ୍ୟା ଅଭିମୁଖରେ ପ୍ରତ୍ୟାଗମନ କଲେ। ଫେରିଲା ବେଳେ ବିଶ୍ୱାମିତ୍ର ସୀତାଙ୍କ କଥା ରାମଚନ୍ଦ୍ରଙ୍କୁ ଶୁଣାଇଲେ। ସେ ସ୍ଥଳରେ ସୀତାଙ୍କର ସୌନ୍ଦର୍ଯ୍ୟ ବର୍ଣ୍ଣନା କରି ମୁଁ ଗୋଟାଏ ପୂରା ଛାନ୍ଦ ବା ସର୍ଗ ରଚନା କରିଛି। ଅନେକ ବଡ଼ କବି ହୁଏ ତ ନିଜ ନିଜର କାବ୍ୟ-ନାୟିକାର ସୌନ୍ଦର୍ଯ୍ୟ ବର୍ଣ୍ଣନା କରି ଗୋଟିଏ ଗୋଟିଏ ସର୍ଗ ରଚନା କରିଛନ୍ତି କିମ୍ବା ରଚନା କରି ଥାଇ ପାରନ୍ତି। ନାୟିକାର ସୌନ୍ଦର୍ଯ୍ୟ ବର୍ଣ୍ଣନା ପ୍ରସଙ୍ଗରେ ସେମାନେ ଆ-ନଖଶିଖ ( ପାଦ ଆଙ୍ଗୁଠିର ନଖଠାରୁ ମୁଣ୍ଡର କେଶ ପର୍ଯ୍ୟନ୍ତ ) ବର୍ଣ୍ଣନା କରିଥାନ୍ତି। କିନ୍ତୁ ମୁଁ ଭାବୁଛି, କେବଳ ମୁଖର ସୌନ୍ଦର୍ଯ୍ୟ ବର୍ଣ୍ଣନା କରି

ଗୋଟିଏ ସର୍ଗ କେବଳ ବର୍ଣ୍ଣନା କରି ନାହାନ୍ତି ଓ କାବ୍ୟ ଦେହରେ ତାଙ୍କୁ ସୁନ୍ଦର ଭାବରେ ମିଶାଇ ଦେଇ ପାରି ନାହାନ୍ତି । ଏହା ହେଉଛି ମୋର ଏହି କାବ୍ୟର ଅଷ୍ଟମ ଛାନ୍ଦ ବା ସର୍ଗ ଏବଂ ଏଥିରେ ବିଶ୍ୱାମିତ୍ରଙ୍କ ମୁଖରେ ସୀତାଙ୍କର କେବଳ ମୁଖ ସୌନ୍ଦର୍ଯ୍ୟ ବର୍ଣ୍ଣନା କରାଯାଇଛି ।”

## ଦ୍ୱିତୀୟ ଦୃଷ୍ଟାନ୍ତ– ତିନ ଗଙ୍ଗାର ଏକତ୍ର ବର୍ଣ୍ଣନା –

ତା ପରେ ଉପେନ୍ଦ୍ର କହିଲେ—“ବର୍ତ୍ତମାନ ମୋ କାବ୍ୟର ଆଉ ଗୋଟିଏ ବିଶେଷତ୍ୱ ପ୍ରତି ଆପଣମାନଙ୍କର ଦୃଷ୍ଟି ଆକର୍ଷଣ କରିବି । ରାମଚନ୍ଦ୍ର, ଲକ୍ଷ୍ମଣ ଓ ସୀତା ଗଙ୍ଗା ପାରି ହୋଇଛନ୍ତି । ତେଣୁ ଗଙ୍ଗାନଦୀର ବର୍ଣ୍ଣନା ଲାଗି ରାମ ବିଷୟକ ମହାକାବ୍ୟରେ ଯଥେଷ୍ଟ ଅବକାଶ ରହିଅଛି । ଏ ପ୍ରସଙ୍ଗରେ ତୁଳସୀ ଦାସଙ୍କ ଲେଖିଛନ୍ତି—

“ଗଙ୍ଗା ସକଲମୁଦ ମଙ୍ଗଲ ମୂଲା
ସବ ସୁଖ କରନି ହରନି ସୂଲା ।

× × ×

କହି କହି କୋଟିଏ କଥା ପ୍ରସଙ୍ଗା
ରାମୁ ବିଲୋକହିଁ ଗଙ୍ଗ ତରଙ୍ଗା
ସଚିବହି ଅନୁଜହି ପ୍ରିୟହି ସନାଇ
ବିବୁଧ ନଦୀ ମହିମା ଅଧିକାଈ ।

(ଅଯୋଧ୍ୟା କାଣ୍ଡ—୭ମ ବିଶ୍ରାମ)

“ଏଥିରେ କେବଳ ଏତିକି କୁହାଯାଇଛି ଯେ, ଗଙ୍ଗାଦେବୀ ସମସ୍ତଙ୍କର ଆନନ୍ଦ ଦାୟିନୀ, ମଙ୍ଗଳ ଦାୟିନୀ, ମଙ୍ଗଳମୟୀ, ସର୍ବସୁଖ କାରିଣୀ, ସର୍ବଦୁଃଖ ହାରିଣୀ ଏବଂ ଏହାର କୋଟିସଂଖ୍ୟକ ମହିମା ଅଛି ।

“କିନ୍ତୁ ମୁଁ ମୋର ଗଙ୍ଗା ବର୍ଣ୍ଣନା ପ୍ରସଙ୍ଗରେ କେବଳ ମର୍ତ୍ତ୍ୟ-ଗଙ୍ଗା ଭଗିରଥୀକୁ ବର୍ଣ୍ଣନା କରି ନାହିଁ । ମୁଁ ବର୍ଣ୍ଣନା କରିଛି ଏକାବେଳେକେ ତିନି ଗଙ୍ଗାକୁ— ମନ୍ଦାକିନୀ, ଭଗିରଥୀ ଓ ଭୋଗବତୀ । କାରଣ, ଗଙ୍ଗାଙ୍କର ନାମ ହେଉଛି ତ୍ରିସ୍ରୋତା । ସ୍ୱର୍ଗ, ମର୍ତ୍ତ୍ୟ, ପାତାଳରେ ତାଙ୍କର ତିନୋଟି ଧାରା ପୂର୍ବକଥିତ ତିନୋଟି ନାମରେ ପରିଚିତ । ତେଣୁ, ଗୋଟିଏ ଗଙ୍ଗା ଯଦିଓ ବର୍ଣ୍ଣିତ ପ୍ରସଙ୍ଗରେ

ଆମର ମୁଖ୍ୟତଃ ଲକ୍ଷିତ, ତଥାପି ମୁଁ ଆଳଙ୍କାରିକ ଗୁରୁତ୍ୱ ବଳରେ ଏ ଭଳି ଶବ୍ଦ ପ୍ରୟୋଗ କରି ଗଙ୍ଗା ବର୍ଣ୍ଣନା କରିଛି, ଯହିଁରୁ ଏକାବେଳକେ ତିନି ଗଙ୍ଗାର ବର୍ଣ୍ଣନା ପ୍ରକାଶଲାଭ କରେ । ଏହି ଦେଖନ୍ତୁ ମୋର ବର୍ଣ୍ଣନା–

"ବିତଳକୁ ଆଲିଙ୍ଗନ କରି ଜାହ୍ନବୀ ଶୋଭନ
ହରେ ସୁରବର ତାପ ଗୁରୁଧାରୀ ସେ
ବହେ ମକର କେତନ ଉଜ୍ଜ୍ୱଳ ରତି ସମାନ
ପ୍ରୀତ ହୋଇଛି ପୁଣି ଅଶେଷ ରସେ
ବିଦ୍ୟ ହୈମବତୀ ପଦରେ
ବିଷକଣ୍ଠ ତୋଷଦାମ୍ନି କେବଳ ମତରେ ।"

ଏଠା କହି, ବିତଳକୁ (ବି+ତଳ+କୁ) ଶବ୍ଦରେ କିପରି ତିନି ଗଙ୍ଗାର ସୂଚନା ରହିଅଛି ଏବଂ ପରବର୍ତ୍ତୀ ଶବ୍ଦଗୁଡ଼ିକ କିପରି ତ୍ରିଗଙ୍ଗା ଦ୍ୟୋତକ, ତାହା ସେ ଫୁଟାଇଥିଲେ (୧)

## ତୃତୀୟ ଦୃଷ୍ଟାନ୍ତ –ଭାଷାସୂତ୍ରରେ ଭାବାତ୍ମକ ସମନ୍ୱୟ–

ଉପେନ୍ଦ୍ର କହିଲେ, "ମୁଁ ଦୁଇଟି ବିଲକ୍ଷଣ ଦୃଷ୍ଟାନ୍ତ ଦେଇ ସାରିବା ପରେ, ଆଉ ଗୋଟିଏ କଥା କହିବି । ତାହା ହେଉଛି, ରାମ କଥାର ସର୍ବଭାରତୀୟ ସଂହତି ସମନ୍ୱୟ-ବିଧାୟକ ଆଦର୍ଶ । ହିମାଚଳଠାରୁ ଆରମ୍ଭ କରି କୁମାରିକା ପର୍ଯ୍ୟନ୍ତ ରାମ ଚରିତ ହିଁ ଜାତୀୟ ସଂହତି ରକ୍ଷା କରିଛି, ଯଦିଓ ଏ ବିରାଟ ଭୂଖଣ୍ଡରେ ନାନା ଭାଷା ରହିଛି । ଏହି ଦୃଷ୍ଟିରୁ ମୁଁ, ରାମଚନ୍ଦ୍ରଙ୍କର ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ-କାଳୀନ ଦୃଶ୍ୟ ବର୍ଣ୍ଣନା କରି ରଥବନ୍ଧରେ ତାକୁ ସନ୍ନିବେଶିତ କରିଅଛି । ଏହି ରଥବନ୍ଧର ଧାରଣା ମୁଁ ପାଇଛି ଆମ ଉତ୍କଳର ଦେବ ଦେବ ଜଗନ୍ନାଥଙ୍କ ରଥଯାତ୍ରାରୁ । ଜଗନ୍ନାଥ ହିନ୍ଦୁ-ଜଗତର ଅସାଧାରଣ ଦେବତା । କାରଣ,

---

(୧) ଯେଉଁମାନେ ତିନି ଗଙ୍ଗା ପକ୍ଷୀୟ ଅର୍ଥ ଜାଣିବାକୁ ଚାହାନ୍ତି, ସେମାନେ ଓଡ଼ିଶା ସରକାରଙ୍କ ପକ୍ଷରୁ ମୁଦ୍ରିତ ମୋର ବୈଦେହୀଶ ବିଳାସ ଟୀକାର ନବମ ଛାନ୍ଦର ପ୍ରଥମ ପଦର ଟୀକା ଦେଖି ପାରନ୍ତି ।

ଜଗନ୍ନାଥ ବୋଲନ୍ତେ ବ୍ରହ୍ମା, ବିଷ୍ଣୁ, ଶିବ ଓ ଭୁବନୟ ମୂର୍ତ୍ତି ବୁଝାଯାଆନ୍ତି । ପୁଣି ଅନ୍ୟ ଅର୍ଥରେ ଜଗନ୍ନାଥ ନଜେ ହେଉଛନ୍ତି ଭୈରବ ରୂପୀ ଶିବ ଏବଂ ବିଷ୍ଣୁ ପୁରୁଷୋତ୍ତମଙ୍କର ସମନ୍ୱିତ ବିଗ୍ରହ । ପୁଣି, ଜଗନ୍ନାଥ-ଧର୍ମ ବୋଲନ୍ତେ, ବୈଷ୍ଣବ ସଂପ୍ରଦାୟ, ଶୈବ ସଂପ୍ରଦାୟ, ଶାକ୍ତ ସଂପ୍ରଦାୟ, ଗାଣପତ୍ୟ ସଂପ୍ରଦାୟ, ତନ୍ତ୍ରମତ, ବୌଦ୍ଧମତ, ଜୈନମତ ଇତ୍ୟାଦି ଇତ୍ୟାଦି ଯାବତୀୟ ଭାରତୀୟ ଧର୍ମ ସଂପ୍ରଦାୟ ଓ ଦର୍ଶନ ମତର ସୁସମନ୍ୱିତ ପରିପ୍ରକାଶ ରୂପେ ଗୃହୀତ ହୁଏ । ଆ-ସେତୁ ହିମାଚଳ ଭାରତବର୍ଷର ଏ ସବୁ ସଂପ୍ରଦାୟ ଏବଂ ମତର ଲୋକେ ଭୂ-ବୈକୁଣ୍ଠ ମୋର ଜନ୍ମଭୂମି ଶ୍ରୀକ୍ଷେତ୍ରର ରଥଯାତ୍ରା ଦେଖିବାକୁ ଆସନ୍ତି । ରାମଚରିତ ଯେପରି ସମସ୍ତଙ୍କର ପରମ ପ୍ରିୟ, ଜଗନ୍ନାଥ ଧାମ, ଜଗନ୍ନାଥ ଧର୍ମ ଏବଂ ଜଗନ୍ନାଥଙ୍କର ରଥଯାତ୍ରା ସେହିପରି ସମସ୍ତଙ୍କର ପରମପ୍ରିୟ । ସେଥିପାଇଁ ଜଗନ୍ନାଥଙ୍କର ରଥ ଆକାରରେ ମୁଁ ରଥବନ୍ଧର ପରିକଳ୍ପନା କରି, ମୋ କବିତାର ବର୍ଣ୍ଣମାନଙ୍କୁ ବିନ୍ୟାସ କରିଅଛି ଏବଂ ବହୁ ଭାଷା ଭାଷୀ ଭାରତବର୍ଷ, ମୁଖ୍ୟତଃ ଏକ ଏବଂ ଅଭିନ୍ନ ହୋଇଥିବାରୁ, ମୁଁ ସେହି ରଥବନ୍ଧ କବିତାରେ ପାଞ୍ଚ ଗୋଟି ଭାଷାର ଶବ୍ଦ ପ୍ରୟୋଗ କରିଅଛି । ସେଗୁଡ଼ିକ ହେଉଛି, ଓଡ଼ିଆ, ସଂସ୍କୃତ, ବଙ୍ଗଳା, ତେଲୁଗୁ ଏବଂ ହିନ୍ଦୀ ବା ଖଡ଼ିବୋଲି । ମୁଁ ଭାରତବର୍ଷର ଅନେକ ମୁଖ୍ୟ ମୁଖ୍ୟ ଭାଷା ଭିତରୁ ଏଠାରେ କେବଳ ପାଞ୍ଚୋଟି ଭାଷାକୁ ସ୍ଥାନ ଦେଇଥିଲେ ହେଁ, ବ୍ୟଞ୍ଜନାତ୍ମକ ଭାବରେ ଭାରତର ସମସ୍ତ ଭାଷା ଭାଷୀମାନଙ୍କ ପାଇଁ ଜାତୀୟ ସଂହତିବିଧାନର ବିରାଟ ଆଦର୍ଶ ଥୋଇ ଦେଇଛି । ଯେପରି କି, ରାମାୟଣରେ ଏ ଭଳି ଆଦର୍ଶ ପ୍ରତିଷ୍ଠିତ ହୋଇଅଛି ।

"ମୋର କହିବାର କଥା, ମୋ ଜନ୍ମଭୂମି ଓଡ଼ିଶାକୁ କେନ୍ଦ୍ର କରି ମୁଁ ଭାଷାବିନ୍ୟାସର ଏହି ପରିକଳ୍ପନା କରିଅଛି । ଧରନ୍ତୁ, ଓଡ଼ିଆ ଭାଷା । ମୁଁ ଓଡ଼ିଆ ହୋଇଥିବାରୁ ଓଡ଼ିଆକୁ ମୁଖ୍ୟ ସ୍ଥାନ ଦେଲି । ଯାତ ଦୃଷ୍ଟିରୁ ମୁଁ କହିବାକୁ ଚାହେଁ, ଯାହାର ଯାହା ମାତୃଭାଷା, ତାକୁ ସେ ମୁଖ୍ୟସ୍ଥାନ ଦେଉ ।

"ଦ୍ୱିତୀୟରେ, ସଂସ୍କୃତ ଭାଷା । ସଂସ୍କୃତ ହେଉଛି ଆମର ସର୍ବଭାରତୀୟ ଉଚ୍ଚଶିକ୍ଷାର ଭାଷା । ଏହି ଭାଷା ଶିକ୍ଷା ନ କଲେ, ଭାରତବର୍ଷରେ ଜନ୍ମ ହେବା ନିରର୍ଥକ । ସମସ୍ତେ ଏହାକୁ ଉଣାଅଧିକେ ଅଧ୍ୟୟନ କରିବା ଉଚିତ । ଯଦି କୌଣସି କାରଣରୁ ତାହା ସମ୍ଭବପର ନୁହେଁ, ତାହା ହେଲେ ଅନ୍ତତଃ ପ୍ରତି ଭାଷାଗୋଷ୍ଠୀର ପଣ୍ଡିତ ଲୋକେ ଏହାକୁ ଅଧ୍ୟୟନ କରିବା ଉଚିତ ।

"ତା ପରେ, ମୁଁ ମୋ ଜନ୍ମଭୂମି ଉତ୍କଳର ତିନୋଟି ଭାଷା ଗ୍ରହଣ **କରନ୍ତୁ**, ଅର୍ଥାତ୍, ପୂର୍ବ-ଉତ୍ତରରେ ବଙ୍ଗଳା, ଦକ୍ଷିଣ ଓ ଦକ୍ଷିଣ-ପଶ୍ଚିମରେ ତେଲୁଗୁ ଏବଂ ପଶ୍ଚିମ ଓ ଉତ୍ତରରେ ହିନ୍ଦୀ ଭାଷା । ଏହି ତିନୋଟି ଭାଷାର ଶବ୍ଦ ଶ୍ରୀରାମଙ୍କର ଅଯୋଧ୍ୟା ପ୍ରତ୍ୟାଗମନକାଳୀନ ଦୃଶ୍ୟ ବର୍ଣ୍ଣନାରେ ଏବଂ ସର୍ବଭାରତୀୟ ମହାଦେବତା ଜଗନ୍ନାଥଙ୍କର ନନ୍ଦିଘୋଷ ରଥର ଉଲ୍ଲେଖ ପ୍ରସଙ୍ଗରେ ସମାବେଶିତ କରି, ମୁଁ ମୋ ଦେଶବାସୀ ଓଡ଼ିଆଙ୍କ ପାଇଁ ଏ କଥା କହି ଦେଇଛି—'ହେ ଓଡ଼ିଆମାନେ ! ଆପଣମାନେ ମାତୃଭାଷା ଓଡ଼ିଆ ଏବଂ ସର୍ବଭାରତୀୟ ଭାଷା ସଂସ୍କୃତ ସହିତ, ଆମ ନିଜ ରାଜ୍ୟ ଉତ୍କଳର ତିନି ଦିଗରେ ଥିବା ତିନୋଟି ଭାଷା ଶିକ୍ଷା କରିବା ଦରକାର । ତାହାହେଲେ ପଡ଼ୋଶୀ ରାଜ୍ୟମାନଙ୍କ ସହିତ ଆମର ଭାବାତ୍ମକ ସମନ୍ୱୟ, ସଦିଚ୍ଛା ଏବଂ ଆଦାନ ପ୍ରଦାନ ସୁଗମ ହୋଇ ଉଠିବ ।'

"ଏହି ଅନୁକ୍ରମେ ଭାରତର ଅନ୍ୟ ଭାଷା ଭାଷୀମାନେ ମଧ୍ୟ ମୋଠାରୁ ସଂହତିର ଭାଷାମୂଳକ ଏହି ସୂକ୍ଷ୍ମ ସୂତ୍ର ଅବଗତ ହେବା ଦରକାର, ଅର୍ଥାତ୍ ଭାରତର ପ୍ରତ୍ୟେକ ଅଞ୍ଚଳର ପ୍ରତ୍ୟେକ ବିଶିଷ୍ଟ ଭାଷା ଭାଷୀ ନିଜ ମାତୃଭାଷା ଓ ସଂସ୍କୃତ ଭାଷା ସହିତ ନିଜର ପଡ଼ୋଶୀ ରାଜ୍ୟମାନଙ୍କରେ ପ୍ରଚଳିତ ଭାଷାଗୁଡ଼ିକ ମଧ୍ୟ ଜାଣିବା ଦରକାର । କବି କେବଳ କଳ୍ପନାପ୍ରବଣ ଜଣେ ଶବ୍ଦଶିଳ୍ପୀ ବୋଲି ଗୃହୀତ ହେଲେ ମଧ୍ୟ, ତାହାର କଳା ପ୍ରକାଶ ମୂଳରେ ଯଦି ଏକ ମହାମାନବିକ, ଉଚ୍ଚ ଏବଂ ଉଦାର ଆଦର୍ଶ ନ ରହେ, ସେହି କବି ଜାତି ପ୍ରତି ଏବଂ ଦେଶ ପ୍ରତି ତାଙ୍କର ପବିତ୍ର କର୍ତ୍ତବ୍ୟ ସମ୍ପାଦନ କରିଅଛନ୍ତି ବୋଲି କୁହାଯାଇ ପାରିବ ନାହିଁ (୧) । ଏ ଦୃଷ୍ଟିରୁ ମୁଁ ମୋର ଜାତୀୟ ଦାୟିତ୍ୱବୋଧ ବ୍ୟକ୍ତ କରିଛି ।"

## ଚତୁର୍ଥ ଦୃଷ୍ଟାନ୍ତ—ଅତ୍ୟାସ୍ପୃଶ୍ୟ ଶ୍ରମିକମାନଙ୍କୁ ପରାମର୍ଶ –

ଉପେନ୍ଦ୍ର ପୁଣି କହିଲେ—"ଉଲ୍ଲେଖଯୋଗ୍ୟ ଅନେକ କଥା ଭିତରୁ ଆଉ ଗୋଟିଏ ମାତ୍ର କଥା ଏଠାରେ ଉଲ୍ଲେଖ କରିବି । ତାହା ହେଉଛି, ଅତ୍ୟାସ୍ପୃଶ୍ୟ,

---

(୧) ଆଶ୍ଚର୍ଯ୍ୟର କଥା, ଉପେନ୍ଦ୍ର ଭଞ୍ଜଙ୍କର ପ୍ରାୟ ଅଢ଼େଇ ଶହ ବର୍ଷ ପରେ ସ୍ୱାଧୀନ ଭାରତ ସରକାର ଏକ ତ୍ରିଭାଷୀ ଫର୍ମୁଲାର ପରିକଳ୍ପନା ଦ୍ୱାରା ଶିକ୍ଷା ମାଧ୍ୟମରେ, ଭାରତୀୟ ସଂହତି ଆଣିବାର ଯୋଜନା କରିଥିବା କଥା ସୁବିଦିତ ।

ନିପୀଡ଼ିତ ଶ୍ରମିକ ଶ୍ରେଣୀ ପ୍ରତି ମୋର ସନ୍ଦେଶ । ତୁଳସୀ ଦାସଙ୍କ ଭଳି ମୁଁ ମଧ୍ୟ ବର୍ଣ୍ଣନା କରିଛି— ରାବଣ ସୀତାଙ୍କୁ ହରଣ କରି ନେବା ପରେ, ରାମଚନ୍ଦ୍ର ଖେଦ-ଖଣ୍ଡିତ ହୃଦୟରେ ଇତସ୍ତତଃ ଭ୍ରମଣ କରି ସୀତାଙ୍କୁ ଅନ୍ୱେଷଣ କରୁଥିଲେ । ମୁଁ ଲେଖିଛି, ଶୁଣନ୍ତୁ—

"ବଧିରେ ପ୍ରଜାପତିନପ୍ତା ଅର୍ଥୀ
ବ୍ୟାକୁଳ ବଳିବର୍ଦ୍ଧ ଯୋଡ଼ା ତଥି
ବଳେ ହରଷ ପ୍ରଜାଙ୍କୁ ଧଉଡ଼
ବୁଣିବାକୁ ପ୍ରେମ ରଣିକ ଲୋଡ଼
ବଳ ଥିଲେ ତୁମ୍ଭେ
ବଳକ୍ଷେତ୍ର ସୀରକୁ ହନ୍ତ ଆରମ୍ଭେ । (୩୧।୧୧)

ଏହାର ଅର୍ଥ—"ରାମଚନ୍ଦ୍ରଙ୍କୁ ଭେଟି ଗୋଟିଏ ବଣ-କୁକୁଡ଼ା ଉପଦେଶ ପ୍ରଦାନ କରି କହିଲା—'ଆପଣ ଭୁଙ୍କାଟାକୁ ବଣରେ ଏପରି ବୁଲିଲେ, ଆପଣଙ୍କ ପତ୍ନୀ ସୀତାଙ୍କୁ ପାଇବେ କି ? ଆପଣ ଜାଣନ୍ତି, ଅନେକ ସମୟରେ ଅତ୍ୟଧିକ ଧନଲୋଭୀ ଏବଂ ମଦଗର୍ବିତ ଜମି ମାଲିକମାନେ ଶ୍ରମିକମାନଙ୍କୁ ଜମିରୁ ବଳପୂର୍ବକ ହଟାଇ ଦେଇ, ସେମାନଙ୍କ ଶ୍ରମରେ ହୋଇଥିବା ଫସଲ ପୂରାପୁରି କାଟି ନେଇ ଆସନ୍ତି ଓ ନିଜେ ହିଁ ଉପଭୋଗ କରନ୍ତି । ଏପରି ଅବସ୍ଥାରେ ସେହି ଅଧିକାରଚ୍ୟୁତ ଓ ନ୍ୟାଯ୍ୟଦାବୀରୁ ବଞ୍ଚିତ ଶ୍ରମିକମାନେ ଯଦି ଖାଲି କାନ୍ଦି କାନ୍ଦି ସାହାଯ୍ୟ ମାଗି ବୁଲିବେ, ତାହାହେଲେ କିଛି ଲଭ ହେବ ନାହିଁ । ସେମାନଙ୍କ ପକ୍ଷରେ ଏକମାତ୍ର ବାଟ ହେଉଛି, ସେମାନେ ନିଜ ନିଜକୁ ସଂଗଠିତ କରି ବଳ ସଞ୍ଚୟ କରିବେ ଏବଂ ସିଧାସଳଖ କାର୍ଯ୍ୟାନୁଷ୍ଠାନ କରି ( **direct action** ) ଦ୍ୱାରା ଜମି ମାଲିକ ସହିତ ଝଗଡ଼ା କରି, ତାଙ୍କର ମୁଣ୍ଡ କାଟି ଦେଇ, ନିଜର ଅଧିକାର ଜାହିର କରିବେ ।'

"ଆପଣମାନେ ଏହି ଅଂଶର ବ୍ୟାଖ୍ୟାନ ଶୁଣି ହୁଏତ ଭାବୁଥିବେ, ମୁଁ ରାଜପରିବାରରେ ଜନ୍ମ ହୋଇ, ଶ୍ରମିକମାନଙ୍କ ପାଇଁ ଏ ଭଳି ପ୍ରତ୍ୟକ୍ଷ କର୍ମାନୁଷ୍ଠାନର ଏକ ଉଗ୍ର ପନ୍ଥା କିପରି ଅବା ନିର୍ଦ୍ଦେଶ କଲି । ଏ ଭଳି ପ୍ରଶ୍ନର ଉତ୍ତର ଦେଇ ମୁଁ କହିବି, ମୁଁ ରଜା ଘରେ ଜନ୍ମ ହୋଇଥିଲେ ମଧ୍ୟ ଶାସନ କ୍ଷମତା ପାଇଁ କେବେହେଲେ ଲାଳାୟିତ ନ ଥିଲି । ମୁଁ ଦେଖିଛି, ବଡ଼ ବଡ଼

ଜମି ମାଲିକମାନେ ଓ ପୁଞ୍ଜିପତିମାନେ ନାନା ପ୍ରଲୋଭନରେ ରାଜା, ମହାରାଜାମାନଙ୍କର ପ୍ରିୟପାତ୍ର ହୋଇ, ଗରିବ ଶ୍ରେଣୀର ଲୋକଙ୍କୁ ଶୋଷଣ କରିଥାଆନ୍ତି । ମହାପ୍ରଭୁ ରାମଚନ୍ଦ୍ରଙ୍କର ଆବିର୍ଭାବ ହୋଇଥିଲା, ଦୁର୍ବଳମାନଙ୍କର ସମନ୍ୱୟ ଦ୍ୱାରା ପ୍ରବଳ ପ୍ରତାପୀ ରାବଣକୁ ହତ୍ୟା କରିବା ପାଇଁ । ଖାଲି କଥାରେ ଯଦି ଆମେ କହିବା, 'ସର୍ବେ ଭବନ୍ତୁ ସୁଖିନଃ', ତାହାହେଲେ ସମସ୍ତେ ସୁଖୀ ହୋଇଯିବେ କି ? ନିଆଁ, ନିଆଁ, ନିଆଁ ବୋଲି ଦିନ ଦିନ ଧରି ପାଟି କଲେ ମଧ ଟୋପାଏ ପାଣି ଗରମ ହୋଇ ପାରିବ କି ? ସେଥିପାଇଁ କର୍ମ ଅନୁଷ୍ଠାନ ଦରକାର । ଯେଉଁ ମର୍କଟ, ଭଲ୍ଲୁକ ପ୍ରଭୃତିଙ୍କୁ ରାବଣ ଅତ୍ୟନ୍ତ ହୀନଦୃଷ୍ଟିରେ ଦେଖୁଥିଲା, ହନୁମାନ ଏବଂ ସୁଗ୍ରୀବ ସେହିମାନଙ୍କୁ ହିଁ ସଂଗଠିତ କରି ରାବଣର ଶୋଷଣରୁ ପୃଥିବୀକୁ ମୁକ୍ତ କରି ପାରିଥିଲେ । ମହାକବି ବାଲ୍ମୀକିଙ୍କର ରାମାୟଣରୁ ଏହି କଥା ହିଁ ମୁଁ ଉପଲବ୍ଧି କରିଅଛି । ରାଜପରିବାରରେ ଜନ୍ମ ହୋଇ, ବହୁ ସ୍ଥାନ ଭ୍ରମଣ କରିବାର ସୁଯୋଗ ମୁଁ ପାଇଅଛି । ସର୍ବତ୍ର ଦେଖିଛି, ସମାଜର ନିମ୍ନ ଶ୍ରେଣୀର ଲୋକଙ୍କର ନିଃସହାୟ ଅବସ୍ଥା, ସେଥିପାଇଁ ମୁଁ ସାଧାରଣ ଗୋଟିଏ ବନ୍ୟକୁକ୍କୁଟ ମୁଖରେ ହୀନ, ଦଳିତ ଜନସମାଜର ଆତ୍ମପ୍ରତିଷ୍ଠା ମୂଳକ ଏହି ଗୁରୁଗମ୍ଭୀର ଆଦର୍ଶ ପ୍ରକାଶ କରିଅଛି ।"

ତା ପରେ ଉପେନ୍ଦ୍ର ଭଞ୍ଜ କହିଲେ, "କଥାରେ ତ ଅଛି, 'ସର୍ବମୁଦାଦନ୍ନଂ-ତକଳସ୍ପିଣ୍ଡରେକଂହି ମୁଷ୍ଟିତ' ଅର୍ଥାତ୍, 'ଭାତ ହାଣ୍ଡିରୁ ଗୋଟିଏ ଚିପିଲେ ଯେପରି କି ଅନ୍ୟ ସବୁ ଚାଉଳର ଅବସ୍ଥା ଜାଣିହୁଏ, ସେହିପରି ମୋର ଏହି ଗୁଟିଏ ଦୃଷ୍ଟାନ୍ତରୁ ଆପଣମାନେ ଜାଣି ପାରିବେ, କିପରି ଭାରତର ପଣ୍ଡିତ-ସମାଜ, ଜନସାଧାରଣ ତଥା ଶୋଷିତ ଜନତା ପାଇଁ ସ୍ଥାନେ ସ୍ଥାନେ ଉପାଦାନମାନ ମୁଁ ସମାବେଶିତ କରି ପାରିଅଛି ।"

ଶୁଣାଯାଏ, ଉପେନ୍ଦ୍ର ଭଞ୍ଜ ଅଯୋଧାରେ କିଛିଦିନ ଅବସ୍ଥାନ କରି, ପ୍ରୟାଗ ଅଞ୍ଚଳର ଚିତ୍ରକୂଟ ପର୍ବତ ଅଭିମୁଖରେ ଯାତ୍ରା କଲେ । ସ୍ଥାନେ-ସ୍ଥାନେ ଶୃଙ୍ଗାର ଶାସ୍ତ୍ର ଦୃଷ୍ଟିରୁ 'ବୈଦେହୀଶ ବିଳାସ'ର କେତେକ ପଦ ରଚିତ ହୋଇଥିବାରୁ ଏକାନ୍ତ ରାମଭକ୍ତ କେତେକ ସାଧୁ ସେହି ପଦମାନଙ୍କୁ ପସନ୍ଦ କରି ନ ଥିଲେ । କିନ୍ତୁ, ବାଲ୍ମୀକି, କାଳିଦାସ ଏବଂ ଭୋଜରାଜଙ୍କର ରଚନାର

ଦ୍ୱାରା ଦେଇ ଉପେନ୍ଦ୍ର ସ୍ୱ ରଚନାର ଆଳଙ୍କାରିକ ଓ ମନସ୍ତାତ୍ତ୍ୱିକ ଯଥାର୍ଥତା ପ୍ରତିପାଦନ କରିଥିଲେ ।

ବର୍ତ୍ତମାନ ଚିତ୍ରକୂଟ ଦର୍ଶନାଭିଳାଷୀ ଉପେନ୍ଦ୍ରଙ୍କର ଜୀବନ ଗାଥା କିମ୍ବଦନ୍ତୀର ଆଧାର ଉପରେ ଏବଂ ତାଙ୍କର ରଚନାର ଆନୁଷଙ୍ଗିକ ପ୍ରମାଣ ସମ୍ବନ୍ଧ ଆଲୋଚନା କରାଯାଉ ।

ଚିତ୍ରକୂଟ ସାଧାରଣତଃ ଗୋଟିଏ ପର୍ବତର ନାମ ବୋଲି ଧରାଯାଏ । ପ୍ରକୃତରେ ତାହା ଗୋଟିଏ ମାତ୍ର ପର୍ବତ ନୁହେ । ବରଂ, ଗୋଟିଏ ସୁଦୀର୍ଘ ପର୍ବତମାଳା ସମ୍ବଳିତ ଏକ ବିସ୍ତୃତ ଅଞ୍ଚଳର ନାମ ହେଉଛି ଚିତ୍ରକୂଟ । ବର୍ଣ୍ଣିତ ଅଛି ଯେ, ରାମ, ଲକ୍ଷ୍ମଣ ଓ ସୀତା 'ଚିତ୍ରକୂଟ' ପର୍ବତରେ ଅବସ୍ଥାନ କରିଥିଲେ । ଯେଉଁ ପାହାଡରେ ଏମାନେ ବାସ କରିଥିଲେ, ସେହି ପାହାଡ 'କାମଦଗିରି' ନାମରେ ବର୍ତ୍ତମାନ (?) ପରିଚିତ । ତାହାର ପାଦଦେଶରେ ପୂତସଲିଳା ମନ୍ଦାକିନୀ ନଦୀ ପ୍ରବାହିତ । ପ୍ରସିଦ୍ଧ ସହର ଆହ୍ଲାବାଦଠାରୁ ଏହି କାମଦଗିରି ହେଉଛି ପ୍ରାୟ ୧୩୦ କି: ମି । 'ସୀତାପୁର' ନାମକ ଏକ ସହର ଏହି କାମଦଗିରିର ପାଦଦେଶରେ ଓ ମନ୍ଦାକିନୀ ନଦୀର କୂଳରେ ଅବସ୍ଥିତ । ଏଠାରେ ମନ୍ଦାକିନୀ ନଦୀ ଅର୍ଦ୍ଧଚନ୍ଦ୍ର ଆକାରରେ ରହିଅଛି । ଏ ପର୍ଯ୍ୟନ୍ତ ସୀତାପୁର ସହରରେ ମନ୍ଦାକିନୀ ନଦୀ କୂଳରେ, ନଦୀ ପତ୍ତନଠାରୁ ପ୍ରାୟ ୪୦-୫୦ ହାତ ଉପରେ, 'ପର୍ଣ୍ଣକୁଟୀ' ଅବସ୍ଥିତ । ରାମଭକ୍ତମାନଙ୍କର ଏହି ସ୍ଥାନ ପରମ ପବିତ୍ର । ନଦୀ କୂଳରୁ ସେହି ଉଚ୍ଚ ସ୍ଥାନ ପର୍ଯ୍ୟନ୍ତ ସୋପାନ-ଶ୍ରେଣୀ ରହିଅଛି । (୧)

---

(୧) ଓଡ଼ିଆ ସାଧୁ ଶ୍ରୀ ବଂଶୀଧର ଆଚାର୍ଯ୍ୟ ତାଙ୍କର ଏକ ପତ୍ରରେ ମତେ ଜଣାଇଅଛନ୍ତି ଯେ, ସେହି ପାହାଡ ଭିତରୁ ଗୋଟିଏ ପାହାଡର ପଥର ଦେହରେ, "ଉପେନ୍ଦ୍ର ଭଞ୍ଜ—ଘୁମୁସର" ଲେଖାଥିବାର ସେ ଶୁଣିଛନ୍ତି । ହୋଇପାରେ, ଉପେନ୍ଦ୍ର ଭଞ୍ଜ ମଧ୍ୟ ସେ ସ୍ଥାନରେ ପାଷାଣ ଗାତ୍ରରେ ନିଜ ନାମ ଉତ୍କୀର୍ଣ୍ଣ କରାଇଥିଲେ, ଯେପରି କି ପୁରୀ ବଡ଼ ଦେଉଳରେ ଅନେକ ଭକ୍ତ କରିଛନ୍ତି ।

ଭକ୍ତ ପ୍ରବର ତୁଳସୀ ଦାସ ସେହି 'ପର୍ଣ୍ଣ କୁଟୀର' ଠାରେ ଭାବବିହ୍ୱଳ ହୋଇ ରାମଚନ୍ଦ୍ରଙ୍କର ଚରଣ ବନ୍ଦନା କରିଥିଲେ । ବର୍ତ୍ତମାନ ସେହି 'ପର୍ଣ୍ଣ-କୁଟୀ' ସ୍ଥାନରେ ଜଣେ ଭକ୍ତଙ୍କ ଦ୍ୱାରା ନିର୍ମିତ ଏକ ସୁନ୍ଦର ମନ୍ଦିର ଦଣ୍ଡାୟମାନ । ଉପେନ୍ଦ୍ର ଭଞ୍ଜ ଯେ ସ୍ଥାନକୁ ଯାଇଥିବାର ଅନୁଭୂତି ଏହି ଲେଖକର ଅନ୍ତରରେ ଜାତ ହୋଇଥିଲା ତା ୧-୧୨-୬୩ ଦିନ, ଯେତେବେଳେ, ସେହି ପର୍ଣ୍ଣକୁଟୀ ପୀଠରେ ଦଣ୍ଡାୟମାନ ହୋଇ ସମ୍ମୁଖଭାଗରେ ପ୍ରାୟ ୧୦ ମାଇଲ ଦୂରରେ, ଏକ ବିରାଟ ପର୍ବତ ଦେହରେ ସେ ଦେଖିଥିଲା ଅବିରତ ପ୍ରବହମାନ ଏକ ଗିରି-ନିର୍ଝର ।

ଉପେନ୍ଦ୍ର ଭଞ୍ଜ ନିଜ ପିତାମହ ଧନଞ୍ଜୟଙ୍କ ସହିତ ସେହି 'ଚିତ୍ରକୂଟ' ଅଞ୍ଚଳ ହୁଏ ତ ଆଗରୁ ଦେଖିଥିଲେ । ତେଣୁ ତାହାର ସୌନ୍ଦର୍ଯ୍ୟ କବିତ୍ୱର ମୋହନ ମାଦକତାରେ ରୂପାୟିତ ହୋଇ 'ବୈଦେହୀଶ ବିଳାସ'ର ଅଙ୍ଗ ମଣ୍ଡନ କରିଅଛି । ଚିତ୍ରକୂଟ ଦର୍ଶନ ପରେ ଉପେନ୍ଦ୍ର ଭଞ୍ଜ ଗଙ୍ଗା, ଯମୁନା ସରସ୍ୱତୀର ସଙ୍ଗମ ସ୍ଥଳ ପରମ ପବିତ୍ର ପ୍ରୟାଗରେ ନିଜର କାବ୍ୟ ପରିବେଷଣ କରିଥିଲେ । ସେଠାରେ ସେ ମୁଖ୍ୟତଃ ଚିତ୍ରକୂଟର ସୌନ୍ଦର୍ଯ୍ୟକୁ ଭିତ୍ତିକରି ସ୍ୱ-କାବ୍ୟର ଉତ୍କର୍ଷ ପ୍ରତିପାଦନ କରିଥିଲେ ।

କମ୍ବଦନ୍ତୀ କହେ, ପ୍ରୟାଗରେ ଉପେନ୍ଦ୍ର ଭଞ୍ଜ 'ବୈଦେହୀଶ ବିଳାସ' ମଙ୍ଗଳାଚରଣର ବ୍ୟାଖ୍ୟାନ ସହିତ ଗଙ୍ଗା ବର୍ଣ୍ଣନା ଏବଂ ଚିତ୍ରକୂଟ ବର୍ଣ୍ଣନା ବିଶେଷ ଭାବେ ବ୍ୟାଖ୍ୟାନ କରିଥିଲେ । ସେ କହିଲେ, ମହାକବି "କାଳିଦାସ ରଘୁବଂଶ ମହାକାବ୍ୟରେ ଗଙ୍ଗା-ଯମୁନା ସଙ୍ଗମ ଯେପରି ବର୍ଣ୍ଣନା କରିଅଛନ୍ତି, ତାହା ଭାରତୀୟ ସାହିତ୍ୟରେ ଅନୁପମ । ମୁଁ ସେଥିପାଇଁ ଆଉ ସେହିଭଳି ଏକ ବର୍ଣ୍ଣନା ପାଇଁ ଉଦ୍ୟମ କଲି ନାହିଁ । ତା ବଦଳରେ ମୁଁ ଗୋଟିଏ ସ୍ତବକରେ ମନ୍ଦାକିନୀ, ଭାଗିରଥୀ ଏବଂ ଭୋଗବତୀ, ଏହି ତିନି ଗଙ୍ଗାଙ୍କୁ ବର୍ଣ୍ଣନା କରିଅଛି । କିନ୍ତୁ ପ୍ରୟାଗ ନିବାସୀ ସାହିତ୍ୟିକ ବନ୍ଧୁମାନଙ୍କ ପାଇଁ ମୁଁ ବିଶେଷ ଭାବରେ 'ଚିତ୍ରକୂଟ' ବର୍ଣ୍ଣନା ହିଁ ପରିବେଷଣ କରିବାକୁ ଚାହୁଁଛି ।"

ଏହାପରେ ସେ କହିଲେ, "ମୁଁ ଯେତେବେଳେ ଚିତ୍ରକୂଟ ବର୍ଣ୍ଣନା କଲି, ସେତେବେଳେ ମୁଖ୍ୟତଃ ତିନିଜଣ ମହାକବିଙ୍କ ବର୍ଣ୍ଣନା ମୋ ଆଖି

ଆଗରେ ନାଚି ଯାଉଥିଲି । ସେ ମଧ୍ୟରୁ ପ୍ରଥମ ବାଲ୍ମୀକି ରାମାୟଣରେ, ଦ୍ୱିତୀୟ ରଘୁବଂଶ ମହାକାବ୍ୟରେ ଏବଂ ତୃତୀୟ, 'ଶ୍ରୀରାମଚରିତ ମାନସ' ଅନ୍ତର୍ଗତ ଚିତ୍ରକୂଟ ଓ ମନ୍ଦାକିନୀ ବର୍ଣ୍ଣନା ।

"ଆଦିକବି ବାଲ୍ମୀକି ଚିତ୍ରକୂଟ ବର୍ଣ୍ଣନା ପାଇଁ ଗୋଟିଏ ସ୍ୱତନ୍ତ୍ର ସର୍ଗ ଏବଂ ମନ୍ଦାକିନୀ ବର୍ଣ୍ଣନା ପାଇଁ ଆଉ ଗୋଟିଏ ସର୍ଗ ଲେଖିଯାଇ ଅଛନ୍ତି (୧) ।

"ଆପଣମାନଙ୍କର ଅନୁମତି ନେଇ ମୁଁ ବାଲ୍ମୀକିଙ୍କର ଚିତ୍ରକୂଟ ବର୍ଣ୍ଣନା ଏଠାରେ ଉପସ୍ଥାପନ କରୁଅଛି । ଚିତ୍ରକୂଟର ସୌନ୍ଦର୍ଯ୍ୟ ବର୍ଣ୍ଣନା କରିବା ସଙ୍ଗେ ସଙ୍ଗେ ରାମ, ସୀତାଙ୍କର ଆଳାପ ମାଧ୍ୟମରେ ମଧ୍ୟ ଏ ସ୍ଥାନର ନୈସର୍ଗିକ ରମଣୀୟତା ବର୍ଣ୍ଣନା କରାଯାଇଅଛି । ମୁଁ କିଛି ସମୟ ପରେ ଆପଣଙ୍କୁ ଦେଖାଇବି, ବାଲ୍ମୀକିଙ୍କଠାରୁ ମୂଳସୂତ୍ର ଗ୍ରହଣ କରି ମୁଁ କପରି ରାମ ସୀତାଙ୍କର ଆଳାପ ଲିପିବଦ୍ଧ କରିଅଛି ଏବଂ ତାହାରି ଭିତର ଦେଇ ଚିତ୍ରକୂଟ ଅଞ୍ଚଳର ପ୍ରାକୃତିକ ମାଧୁରୀ ପ୍ରକଟିତ କରିଅଛି । ଆପଣମାନେ ବର୍ତ୍ତମାନ ବାଲ୍ମୀକି ରାମାୟଣ ଅନ୍ତର୍ଗତ ଚିତ୍ରକୂଟ ବର୍ଣ୍ଣନା ପ୍ରତି ଟିକିଏ ଧ୍ୟାନ ଦିଅନ୍ତୁ ।

**ବାଲ୍ମୀକିଙ୍କର ଚିତ୍ରକୂଟ ବର୍ଣ୍ଣନା —**

ଦୀର୍ଘକାଳୋଷିତସ୍ତସ୍ମିନ୍ ଗିରୌ ଗିରିବନ ପ୍ରିୟଃ,
ବୈଦେହ୍ୟାଃ ପ୍ରିୟମାକାଙ୍କ୍ଷନ୍ ସ୍ୱଂ ଚ ଚିତ୍ତଂ ବିଲୋଭୟନ୍ । (୧)

ଅଥ ଦାଶରଥିଶ୍ଚିତ୍ରଂ ଚିତ୍ରକୂଟ ମଦର୍ଶୟତ୍ ।
ଭାର୍ଯ୍ୟାମମର ସଂକାଶଃ ଶଚୀମିବ ପୁରନ୍ଦରଃ । (୨)

---

ଗିରିବନପ୍ରିୟ ଦାଶରଥି ରାମ, ବୈଦେହୀଙ୍କ ପ୍ରିୟ କାମନା କରି ଏବଂ ନିଜର ଚିତ୍ତବିନୋଦନ ନିମନ୍ତେ ଅନେକ ଦିନ ଚିତ୍ରକୂଟରେ ଯାପନ କରି, ଇନ୍ଦ୍ର ଶଚୀଙ୍କୁ ଦେଖାଇଲା ପରି, ଭାର୍ଯ୍ୟାଙ୍କୁ ଚିତ୍ରକୂଟର ଶୋଭା ଦେଖାଇ କହିଲେ । (୧—୨)

---

(୧) ବା: ରା: ଅଯୋଧ୍ୟା କାଣ୍ଡର ୯୪ ଓ ୯୫ ସର୍ଗ

ନ ରାଜ୍ୟାଦ୍‌ଭ୍ରଂଶନଂ ଭଦ୍ରେ ନ ସୁହୃଦ୍ଭିର୍ବିନାଭବଃ ।
ମନୋମେ ବାଧତେ ଦୃଷ୍ଟ୍ୱା ରମଣୀୟମିମଂ ଗିରିମ୍ । (୩)

ପଶ୍ୟେମମଚଳଂ ଭଦ୍ରେ ନାନା ଦ୍ୱିଜଗଣାଯୁତମ୍ ।
ଶିଖରୈଃ ଖମିବୋଦ୍ଧିଦ୍ଧୈର୍ଧାତୁ ମଦ୍ଭିର୍ବିଭୂଷିତମ୍ । (୪)

କେଚିଦ୍ରଜତସଂକାଶାଃ କେଚିତ୍‌କ୍ଷତଜସଂନିଭାଃ ।
ପୀତମାଞ୍ଜିଷ୍ଠ ବର୍ଣ୍ଣାଶ୍ଚ କେଚିନ୍ମଣିବରପ୍ରଭାଃ (୫)

ପୁଷ୍ପାର୍କକେତକାଭାଶ୍ଚ କେଚିଜ୍ଜ୍ୟୋତୀରସପ୍ରଭାଃ,
ବିରାଜନ୍ତେଽଚଳେନ୍ଦ୍ରସ୍ୟ ଦେଶାଧାତୁ ବିଭୂଷିତାଃ । (୬)

ନାନା ମୃଗଗଣୈର୍ଦ୍ୱୀପିତରକ୍ଷ୍ୱର୍କ୍ଷ ଗଣୈର୍ବୃତଃ,
ଅଦୁଷ୍ଟୈର୍ଭାତ୍ୟୟଂ ଶୈଳୋ ବହୁପକ୍ଷିସମାକୁଳଃ । (୭)

---

"ହେ ଭଦ୍ରେ ! ଏହି ରମଣୀୟ ପର୍ବତକୁ ଦେଖି କି ରାଜ୍ୟନାଶ, କି ବନ୍ଧୁଜନଙ୍କର ଅଭାବ, କିଛି ମୋର ମନକୁ ବ୍ୟଥିତ କରି ପାରୁ ନାହିଁ । (୩) ହେ ଭଦ୍ରେ ! ଦେଖ, ନାନା ଜାତୀୟ ପକ୍ଷୀ ଏହି ପର୍ବତରେ ବାସ କରିଅଛନ୍ତି ଏବଂ ବିବିଧ ଧାତୁରଞ୍ଜିତ ଶିଖରସମୂହ ଆକାଶକୁ ଭେଦ କଲା ପରି ଶୋଭମାନ ହେଉଅଛି । (୪) କୌଣସି କୌଣସି ଶୃଙ୍ଗ ରଜତ ସଦୃଶ, କେଉଁ ଶିଖର ବା ଶୋଣିତ ସଦୃଶ ରକ୍ତବର୍ଣ୍ଣ, କେଉଁ ଶିଖର ପୀତବର୍ଣ୍ଣ ବା ମଞ୍ଜିଷ୍ଠା ପରି ରକ୍ତବର୍ଣ୍ଣ ଏବଂ କେଉଁଟି ବା ଉତ୍କୃଷ୍ଟ ଇନ୍ଦ୍ରନୀଳମଣି ପରି ଦୀପ୍ତିବିଶିଷ୍ଟ, କେଉଁଟି ପୁଷ୍ପରାଗ ବା କେତକୀ କୁସୁମ ପରି ଆଭାବିଶିଷ୍ଟ ଏବଂ କେଏ ବା ନକ୍ଷତ୍ର କିମ୍ବା ପାରଦ ପରି ପ୍ରଭାଯୁକ୍ତ । ଏହିପରି ଭାବରେ ଏହି ପର୍ବତରାଜ ବିଭିନ୍ନ ଅଞ୍ଚଳମାନ ନାନା ବର୍ଣ୍ଣବିଭୂଷିତ ହୋଇ ଶୋଭା ପାଉଛନ୍ତି । (୫–୬) ହିଂସାଶୂନ୍ୟ ନାନାଜାତୀୟ ମୃଗ, ଚିତାବାଘ ଓ ଭଲ୍ଲୁକମାନଙ୍କ ଦ୍ୱାରା ଏବଂ ବହୁବିଧ ପକ୍ଷୀଙ୍କ ଦ୍ୱାରା ସମାକୀର୍ଣ୍ଣ ହୋଇ ଏହି ଗିରିରାଜ ଅତିଶୟ ଶୋଭା ଧାରଣ କରିଅଛି । (୭)

ଆମ୍ରଜମ୍ବୁସନୈର୍ଲୋଧ୍ରୈଃ ପ୍ରିୟାଳୈଃ ପନସୈର୍ଧବୈଃ,
ଅଙ୍କୋଲୈର୍ଭବ୍ୟତିନଶୈର୍ବିଲ୍ୱତିନ୍ଦୁକବେଣୁଭିଃ । (୮)

କାଶ୍ମର୍ଯ୍ୟରିଷ୍ଟବରଣୈର୍ମଧୂକୈସ୍ତିଳକୈସ୍ତଥା,
ବଦର୍ଯ୍ୟାମଳକୈର୍ନୀପୈର୍ବେତ୍ରଧନ୍ୱନବୀଜକୈଃ । (୯)

ପୁଷ୍ପବଦ୍ଭିଃ ଫଳୋପେତୈଶ୍ଛାୟାବଦ୍ଭିର୍ମନୋରମୈଃ,
ଏବମାଦିଭି ରାକୀର୍ଣ୍ଣଃ ଶ୍ରିୟଂ ପୁଷ୍ୟତ୍ୟୟଂ ଗିରିଃ । (୧୦)

ଶୈଳପ୍ରସ୍ଥେଷୁ ରମ୍ୟେଷୁ ପଶ୍ୟେମାନ୍ ରୋମହର୍ଷଣାନ୍,
କିନ୍ନରାନ୍ ଦ୍ୱନ୍ଦ୍ୱଶୋ ଭଦ୍ରେ ରମମାଣାନ୍ ମନସ୍ୱିନଃ । (୧୧)

ଶାଖା ବସକ୍ତାନ୍ ଖଡ୍ଗାଂଶ୍ଚ ପ୍ରବରାଣ୍ୟମ୍ବରାଣିଚ,
ପଶ୍ୟବିଦ୍ୟାଧରସ୍ତ୍ରୀଣାଂ କ୍ରୀଡୋଦ୍ଦେଶାନ୍ ମନୋରମାନ୍ । (୧୨)

ଜଳପ୍ରପାତୈରୁଦ୍ଭେଦୈର୍ନିଷ୍ୟନ୍ଦୈଶ୍ଚ କ୍ୱଚିତ୍ କ୍ୱଚିତ୍,
ସ୍ରବଦ୍ଭିର୍ଭାତ୍ୟୟଂ ଶୈଳଃ ସ୍ରବନ୍ମଦ ଇବ ଦ୍ୱିପଃ । (୧୩)

---

ଆମ୍ବ, ଜାମୁ, ଅସନ, ଲୋଧ୍ର, ପିଆଳ, ପଣସ, ଧବ, ଅଙ୍କୋଲ, ଭବ୍ୟ, ତିନଶ, ବିଲ୍ୱ, ତିନ୍ଦୁକ, ବେଣୁ, କାଶ୍ମିରୀ, ନିମ୍ବ, ରଣ, ମଧୁକ, ତିଳକ, ବଦରି, ଆମଳକ, କଦମ୍ବ, ବେତ, ଇନ୍ଦ୍ରଜବ, ଲେମ୍ବୁ ପ୍ରଭୃତି ଫଳ ପୁଷ୍ପ ଏବଂ ଛାୟାଯୁକ୍ତ ବୃକ୍ଷମାନଙ୍କରେ ପରିବ୍ୟାପ୍ତ ହୋଇ ଏହି ଶୈଳକୂଟର ଶୋଭା ବୃଦ୍ଧି ପାଉଅଛି । (୮-୧୦)

ହେ ଭଦ୍ରେ ! ରମଣୀୟ ଶୈଳ ପ୍ରସ୍ତରମାନଙ୍କରେ ମନସ୍ୱୀ କିନ୍ନର ମିଥୁନମାନେ ଯୋଡ଼ ଯୋଡ ହୋଇ ରମଣକରିତ ରହିଅଛନ୍ତି (୧୧) । ବିଦ୍ୟାଧରମାନଙ୍କର ଖଡ୍ଗ ଏବଂ ବିଦ୍ୟାଧର ରମଣୀମାନଙ୍କର ଉତ୍କୃଷ୍ଟ ବସ୍ତ୍ର ସକଳ, ମନୋହର କ୍ରୀଡ଼ାସ୍ଥଳମାନଙ୍କରେ ବୃକ୍ଷ ଶାଖାରେ ଲମ୍ବିତ ରହିଅଛି । (୧୨) କେଉଁଠାରେ ଜଳପ୍ରପାତ ଏବଂ କେଉଁଠାରେ ନିର୍ଝରମାନ ଭୂମି ଭେଦ କରି ନିର୍ଗତ ହୋଇ ପ୍ରବାହିତ ହେବାଦ୍ୱାରା ଏହି ପର୍ବତ ମଦସ୍ରାବୀ ହସ୍ତୀ ପରି ଶୋଭା ପାଉଅଛି । (୧୩)

ଗୁହାସମୀରଣୋ ଗନ୍ଧାନ୍ନାନା ପୁଷ୍ପଭବାନ ବହନ୍,
ଘ୍ରାଣତର୍ପଣମଭ୍ୟେତ୍ୟ କଂ ନରଂ ନ ପ୍ରହର୍ଷୟେତ୍ । (୧୪)

ଯଦୀହ (ଶେ) ଶରଦୋଽନେକାସ୍ତ୍ୱୟା ସାର୍ଦ୍ଧମନନ୍ଦିତେ,
ଲକ୍ଷ୍ମଣେନ ନ ବତ୍ସ୍ୟାମି ନ ମାଂ ଶୋକଃ ପ୍ରଧକ୍ଷ୍ୟତି । (୧୫)

ବହୁପୁଷ୍ପେ ଫଳେ ରମ୍ୟେ ନାନାଦ୍ୱିଜଗଣାୟୁତେ,
ବିଚିତ୍ରଶିଖରେ ହ୍ୟସ୍ମିନ୍ ରତବାନସ୍ମି ଭାମିନି । (୧୬)

ଅନେନ ବନବାସେନ ମୟା ପ୍ରାପ୍ତଂ ଫଳଦ୍ୱୟମ୍
ପିତୁରାନୃଣ୍ୟତା ଧର୍ମେ ଭରତସ୍ୟ ପ୍ରିୟଂ ତଥା । (୧୭)

ବୈଦେହି ରମସେ କଚ୍ଚିଚ୍ଚିତ୍ରକୂଟେ ମୟା ସହ,
ପଶ୍ୟନ୍ତୀ ବିବିଧାନ୍ ଭାବାନ୍ ମନୋବାକ୍‌କାୟସଂଯତାନ୍ । (୧୮)

---

ସମୀରଣ ଗୁହାମାନଙ୍କରୁ ନିର୍ଗତ ହୋଇ ନାନାବିଧ ପୁଷ୍ପର ଗନ୍ଧ ବହନ କରି ଘ୍ରାଣେନ୍ଦ୍ରିୟର ତୃପ୍ତି ସାଧନପୂର୍ବକ କାହା ମନରେ ଅତିଶୟ ହର୍ଷ ଜାତ ନ କରାଉଛି ? (୧୪)

ହେ ଅନିନ୍ଦିତେ ! ମୁଁ ଯଦି ଏହି ପର୍ବତରେ ତୁମ ସହିତ ଏବଂ ଲକ୍ଷ୍ମଣ ସହିତ ବାସ କରି ବହୁବର୍ଷ ବିତାଇ ଦିଏ, ତେବେ ମୋତେ କୌଣସି ଶୋକ ଦଗ୍ଧ କରି ପାରିବ ନାହିଁ । (୧୫) ହେ ଭାମିନି ! ବହୁବିଧ ପୁଷ୍ପଫଳ ପୂର୍ଣ୍ଣ, ନାନାଜାତୀୟ ପକ୍ଷୀର ସମାକୀର୍ଣ୍ଣ ଏବଂ ବିଚିତ୍ର ପର୍ବତ ଶିଖର ବିଶିଷ୍ଟ ଏହି ରମଣୀୟ ଚିତ୍ରକୂଟ ପ୍ରତି ମୋର ବିଶେଷ ପ୍ରୀତି ଜନ୍ମିଅଛି । (୧୬) ଏହି ବନବାସ ଦ୍ୱାରା ମୋର ଦୁଇଟି ଫଳ ଲାଭ ହୋଇଅଛି, ଧର୍ମପାଳନ ଦ୍ୱାରା ପିତାଙ୍କର ଋଣ ପରିଶୋଧ ଓ ଭରତଙ୍କର ପ୍ରିୟସାଧନ । (୧୭) ହେ ବୈଦେହି ! ଏହି ଚିତ୍ରକୂଟରେ ମୋ ସହିତ ତୁମେ ମନ, ବଚନ ଏବଂ ଶରୀରର ଅନୁକୂଳ ବିବିଧ ପ୍ରୀତିକର ନୂତନ ନୂତନ ପଦାର୍ଥ ଦେଖି ଆନନ୍ଦ ଉପଭୋଗ କରୁଛ ତ ? (୧୮)

ଇଦମେବାମୃତଂ ପ୍ରାହୂ ରାଜ୍ଞି ରାଜର୍ଷୟଃ ପରେ,
ବନବାସଂ ଭବାର୍ଥାୟ ପ୍ରେତ୍ୟ ମେ ପ୍ରପିତାମହାଃ । (୧୯)

ଶିଳାଃ ଶୈଳସ୍ୟ ଶୋଭନ୍ତେ ବିଶାଳାଃ ଶତଶୋଽଭିତଃ ।
ବହୁଳା ବହୁଳୈର୍ବର୍ଣ୍ଣୈ ର୍ନୀଳପୀତ ସିତାରୁଣୈଃ । (୨୦)

ନିଶି ଭାନ୍ତ୍ୟଚଳେନ୍ଦ୍ରସ୍ୟ ହୁତାଶନ ଶିଖାଇବ ।
ଓଷଧ୍ୟଃ ସ୍ୱପ୍ରଭାଲକ୍ଷ୍ମ୍ୟା ଭ୍ରାଜମାନାଃ ସହସ୍ରଶଃ । (୨୧)

କେଚିତ୍ର କ୍ଷୟନିଭା ଦେଶାଃ କେଚିଦୁଦ୍ୟାନସନ୍ନିଭାଃ,
କେଚିଦେକଶିଳା ଭାନ୍ତି ପର୍ବତସ୍ୟାସ୍ୟ ଭାମିନି । (୨୨)

ଭିତ୍ତ୍ୱେବ ବସୁଧାଂ ଭାତି ଚିତ୍ରକୂଟଃ ସମୁତ୍ଥିତଃ ।
ଚିତ୍ରକୂଟସ୍ୟ କୂଟୋଽୟଂ ଦୃଶ୍ୟତେ ସର୍ବତଃ ଶୁଭଃ । (୨୩)

କୁଷ୍ଠପୁନ୍ନାଗସ୍ତଗର ଭୂର୍ଜପତ୍ରୋତ୍ତରଚ୍ଛଦାନ୍ ।
କାମିନାଂ ସ୍ୱାସ୍ତରାନ୍ ପଶ୍ୟ କୁଶେଶୟ ଦଳାୟୁତାନ୍ । (୨୪)

---

ହେ ରାଜ୍ଞି ! ରାଜର୍ଷିମାନେ ରାଜା ପକ୍ଷରେ ଏପରି ବନବାସକୁ ଅମୃତ ସ୍ୱରୂପ ବୋଲି କହିଛନ୍ତି ଏବଂ ମୋର ପ୍ରପିତାମହଗଣ ମଧ୍ୟ ଏହାକୁ ପରଲୋକର ମଙ୍ଗଳଜନକ ବୋଲି କହିଛନ୍ତି । (୧୯) ଦେଖ, ଏହି ପର୍ବତର ଉଭୟ ପାର୍ଶ୍ୱରେ ଶତ ଶତ ବିଶାଳ ଶିଳା, ଶ୍ୱେତ, ପୀତ, ନୀଳ ଓ ରକ୍ତବର୍ଣ୍ଣାଦି ବିବିଧ ବର୍ଣ୍ଣରେ ଶୋଭା ପାଉଅଛି । (୨୦) ରାତିରେ ଏହି ଶୈଳେନ୍ଦ୍ରର ସହସ୍ର ସହସ୍ର ଔଷଧି ଲତା ସ୍ୱୀୟ ପ୍ରଭାରେ ଦୀପ୍ତିମନ୍ତ ହୋଇ ଅଗ୍ନିଶିଖା ସଦୃଶ ବିଶେଷ ଶୋଭା ବିସ୍ତାର କରନ୍ତି । (୨୧) ହେ ଭାମିନି ! ଏହି ପର୍ବତର କେଉଁ ସ୍ଥାନ ଗୃହ ସଦୃଶ, କେଉଁ ସ୍ଥାନ ଉଦ୍ୟାନ ସଦୃଶ ଏବଂ କେଉଁ ସ୍ଥାନ ଅଖଣ୍ଡ ଶିଳାରେ ଅଳଂକୃତ ହୋଇ ଶୋଭା ପାଉଅଛି । (୨୨) ଚିତ୍ରକୂଟ ବସୁଧାକୁ ଭେଦକରି ଊର୍ଦ୍ଧ୍ୱକୁ ଉତ୍ଥିତ ହୋଇ ଶୋଭମାନ ହେଉଅଛି । ଦେଖ, ଏହି ଚିତ୍ରକୂଟର ଶୃଙ୍ଗ ସବୁଦିଗରୁ ସୁଶୋଭନ ଦେଖାଯାଉଛି । (୨୩) କୁଡ଼, ପୁନ୍ନାଗ, ତଗର, ଭୂର୍ଜପତ୍ରାଦି ନିର୍ମିତ ଆବରଣ-ଯୁକ୍ତ ସୁକୋମଳ ପଦ୍ମଦଳର ଆସ୍ତରଣମାନ କାମୀ ବ୍ୟକ୍ତିମାନଙ୍କ ନିମନ୍ତେ ପ୍ରସାରିତ ହୋଇ ରହିଅଛି । (୨୪)

ମୃଦିତାଶ୍ଚାପବିଦ୍ଧାଶ୍ଚ ଦୃଶ୍ୟନ୍ତେ କମଳସ୍ରଜଃ,
କାମିଭିର୍ବନିତେ ପଶ୍ୟ ଫଳାନି ବିବିଧାନି ଚ । (୨୫)

ବସ୍ୱୌକସାରାଂ ନଳିନୀମତ୍ୟେତୀବୋତ୍ତରାନ୍ କୁରୂନ୍,
ପର୍ବତଶ୍ଚିତ୍ରକୂଟୋଽସୌ ବହୁମୂଳଫଳୋଦକଃ । (୨୬)

ଇମଂ ତୁ କାଳଂ ବନିତେ ବିଜହ୍ରିବାଂ,
ସ୍ତ୍ୱୟା ଚ ସୀତେ ସହ ଲକ୍ଷ୍ମଣେନ ଚ,

ରତିଂ ପ୍ରପତ୍ସ୍ୟେ କୁଳଧର୍ମ ବର୍ଦ୍ଧିନୀମ୍,
ସତାଂ ପଥି ସ୍ୱୈର୍ନିୟମୈଃ ପରୈଃ ସ୍ଥିତଃ । (୨୭)

---

ହେ ପ୍ରିୟେ ! ଦେଖ, କାମୀମାନଙ୍କର ପରିଭୋଗମର୍ଦ୍ଦିତ ପଦ୍ମମାଳାମାନ ପରିତ୍ୟକ୍ତ ହୋଇ ଇତସ୍ତତଃ ବିକ୍ଷିପ୍ତ ରହିଅଛି ଏବଂ ନାନାବିଧ ଫଳ ମଧ୍ୟ ପଡ଼ି ରହିଅଛି । ବହୁବିଧ ଫଳମୂଳ ଏବଂ ପ୍ରଚୁର ଜଳପୂର୍ଣ୍ଣ ଏହି ଚିତ୍ରକୂଟ ଗିରି ବସୁମାନଙ୍କର ପ୍ରଧାନ ବାସସ୍ଥାନ ଅମରାବତୀ ଏବଂ ଉତ୍ତର କୁରୁ ଦେଶକୁ ବଳି ଶୋଭା ପାଉଅଛି । ହେ ବନିତେ ସୀତେ ! ମୁଁ ଯଦି ଏହି ବନବାସ ସମୟତକ ତୁମ ସହିତ ଏବଂ ଲକ୍ଷ୍ମଣଙ୍କ ସହିତ ନିୟମ ଅନୁସାରେ ସାଧୁମାନଙ୍କ ପନ୍ଥା ଆଶ୍ରୟ ପୂର୍ବକ ଏହି ଚିତ୍ରକୂଟରେ ବିହାର କରିପାରେ, ତା ହେଲେ ମୁଁ କୁଳ ଓ ଧର୍ମ ଉଭୟର ଶ୍ରୀବୃଦ୍ଧି ସାଧନ କରି ସୁଖୀ ହୋଇ ପାରିବି ।” (୨୫-୨୭)

ଏଥିରେ ବନର ପଶୁପକ୍ଷୀ, ନିର୍ଝର, ବିବିଧ ବୃକ୍ଷ, ଲତା, ଫଳ ପ୍ରଭୃତିର ଯେଉଁସବୁ ଉଲ୍ଲେଖ ଅଛି, ସେ ସବୁ ବହୁଗୁଣିତ କରି ମୁଁ ଆଳଙ୍କାରିକ ଭିତ୍ତିଭୂମିରେ ସେଗୁଡ଼ିକ ସ୍ଥାପିତ କରିଅଛି ।

## ବାଲ୍ମୀକିଙ୍କର ମନ୍ଦାକିନୀ ନଦୀ ବର୍ଣ୍ଣନା–

“ଏହି ଚିତ୍ରକୂଟ-ଶୋଭିନୀ ମନ୍ଦାକିନୀ ନଦୀର ମଧ୍ୟ ସୁଦୀର୍ଘ ବର୍ଣ୍ଣନା ଆଦିକବିଙ୍କ ଲେଖନୀରୁ ଝରି ପଡ଼ିଛି । ସେ ଲେଖିଛନ୍ତି–

ମାରୁତୋଦ୍ଧୂତଶିଖରୈଃ ପ୍ରନୃତ୍ତଇବ ପର୍ବତଃ,
ପାଦପୈଃ ପତ୍ର ପୁଷ୍ପାଣି ସୃଜଦ୍ଭିରଭିତୋନଦୀମ୍ । (୯୪।୮)

କ୍ୱଚିନ୍ମଣିନିକାଶୋଦାଂ କ୍ୱଚିତ୍ପୁଳିନଶାଳିନୀମ୍ ,
କ୍ୱଚିତ୍ସିଦ୍ଧଜନାକୀର୍ଣ୍ଣାଂ ପଶ୍ୟ ମନ୍ଦାକିନୀଂ ନଦୀମ୍ । (୯୪।୯)

ଅର୍ଥାତ୍—ମୃଦୁ ପବନ ହିଲ୍ଲୋଳରେ ଶିଖରସମୂହ ଆନ୍ଦୋଳିତ ହେବା-ଦ୍ୱାରା, ଚିତ୍ରକୂଟସ୍ଥ ପାଦପରାଜି ନଦୀର ଉଭୟ ପାର୍ଶ୍ୱରେ କୁସୁମରାଜି ବିକିରଣ କରିବା ଦ୍ୱାରା ବୋଧ ହେଉଅଛି, ସତେ ଯେପରି ଏହି ପର୍ବତ ଆନନ୍ଦରେ ନୃତ୍ୟ କରୁଅଛି । (୮) ଦେଖ, ଏହି ମନ୍ଦାକିନୀ ନଦୀ କେଉଁଠାରେ ମଣି ସଦୃଶ ସ୍ୱଚ୍ଛସଲିଳା, କେଉଁଠାରେ ପୁଳିନ ଶୋଭିତା ଏବଂ କେଉଁଠାରେ ସିଦ୍ଧଗଣଙ୍କ ଦ୍ୱାରା ପରିବ୍ୟାପ୍ତା ହୋଇ ରହିଅଛି । (୯)

ତା ପରେ ଲେଖିଛନ୍ତି—

ନିର୍ଧୂତାନ୍ ବାୟୁନା ପଶ୍ୟ ବିତତାନ୍ ପୁଷ୍ପସଂଚୟାନ୍
ପୋପ୍ଲୂୟମାନାନପରାନ୍ ପଶ୍ୟତ୍ୱଂ ଜଳମଧ୍ୟଗାନ୍ । (୯୪।୧୦)

ପଶ୍ୟୈତାନ୍ବଲ୍ଗୁବଚସୋରଥାଙ୍ଗ ହ୍ୱୟନାଦ୍ୱିଜଃ,
ଅଧିରୋହନ୍ତି କଲ୍ୟାଣି ନିଷ୍କୂଜନ୍ତଃ ଶୁଭାଗିରଃ । (୯୪।୧୧)

ଅର୍ଥାତ୍—ହେ ସୀତେ ! ତୁମେ ଦେଖ, ବିପୁଳ ପୁଷ୍ପରାଶି କପରି କେତେକ ଜଳ ମଧ୍ୟରେ ବାୟୁଦ୍ୱାରା ସଞ୍ଚାଳିତ ଏବଂ କେତେକ ନଦୀର ନହିଁରେ ଜଳ ଉପରେ ଭାସମାନ ହେଉଅଛି । ୧୦ ।

ହେ କଲ୍ୟାଣି ! ଏଣେ ଦେଖ, ମଧୁରଭାଷୀ ଚକ୍ରବାକମାନେ ମଧୁର ସ୍ୱରରେ ରବ କରି, ନଦୀକୂଳରୁ ଉପରକୁ ଉଠୁଛନ୍ତି । ୧୧ ।

ଏହାପରେ ପୁଣି ଲେଖିଛନ୍ତି—

ଦର୍ଶନଂ ଚିତ୍ରକୂଟସ୍ୟ ମନ୍ଦାକିନ୍ୟାଶ୍ଚ ଶୋଭନେ,
ଅଧିକଂ ପୁରବାସାଚ୍ଚ ମନ୍ୟେ ତବ ଚ ଦର୍ଶନାତ୍ । (୯୪।୧୨)

ଅର୍ଥାତ୍—ହେ ସୁନ୍ଦରି ! ଏଠାରେ ତୁମକୁ ଦେଖୁଥିବାରୁ ନଗରବାସ ଅପେକ୍ଷା ମୋତେ ଚିତ୍ରକୂଟ ଏବଂ ମନ୍ଦାକିନୀ ଦର୍ଶନ ଅଧିକ ସୁଖକର ଜଣା ଯାଉଛି । ୧୨ ।

ବଧୂତକଳୁଷୈଃ ସିଦ୍ଧୈସ୍ତପୋଦମଶମାନ୍ୱିତୈଃ,
ନିତ୍ୟ ବିକ୍ଷୋଭିତଜଳାଂ ବିଗାହସ୍ୱ ମୟା ସହ । (୯୫ ୧୩)

ତପସ୍ୟା ଓ ଶ୍ରମଦମ ସମନ୍ୱିତ ନିଷ୍ପାପ ସିଦ୍ଧପୁରୁଷମାନେ ନିତ୍ୟ ଯାହାର ଜଳକୁ ଆଲୋଡ଼ିତ କରନ୍ତି, ତୁମେ ବର୍ତ୍ତମାନ ମୋ ସହିତ ସେହି ମନ୍ଦାକିନୀ ନଦୀରେ ଅବଗାହନ କର । ୧୩ ।

"ମନ୍ଦାକିନୀ ନଦୀ ନାନା ରୂପ ବୈଭବରେ ରାମଚନ୍ଦ୍ରଙ୍କୁ ଆକୃଷ୍ଟ କରି, ରାମ ସୀତାଙ୍କ ସହ ଆନନ୍ଦ କରିବାକୁ ପ୍ରରୋଚିତ କରିଅଛି ।

## କାଳିଦାସଙ୍କର ଚିତ୍ରକୂଟ-ମନ୍ଦାକିନୀ ବର୍ଣ୍ଣନା—

"ଏହାପରେ ମହାକବି କାଳିଦାସଙ୍କ ଉପରେ ଦୃଷ୍ଟିପାତ କରାଯାଉ । ତାଙ୍କର ବର୍ଣ୍ଣନା ଅତି ସଂକ୍ଷିପ୍ତ ହେଲେ ମଧ୍ୟ ଅତ୍ୟନ୍ତ କମନୀୟ, ଭାବ ଉଦ୍ଦୀପକ । ସେ ଲେଖିଛନ୍ତି (ରଘୁବଂଶ ମହାକାବ୍ୟରେ)—

ଧାରା ସ୍ୱନୋଦ୍‌ଗାରି ଦରୀମୁଖୋଽସୌ
ଶୃଙ୍ଗାଗ୍ରଲଗ୍ନାମ୍ବୁଦ ବପ୍ରପଙ୍କଃ ।
ବଧ୍ନାତିମେ ବନ୍ଧୁର ଗାତ୍ରି ! ଚକ୍ଷୁଃ
ଦୃପ୍ତଃ କକୁଦ୍‌ମାନିବ ଚିତ୍ରକୂଟଃ । (୧୩।୪୭)

ଏଠାରେ ଚିତ୍ରକୂଟ ପର୍ବତକୁ ଭାରତର ମହାକବି ଗୋଟିଏ ଉନ୍ମତ୍ତ ବୃଷଭ ରୂପେ କଳ୍ପନା କରି ଚମତ୍କାର ଇନ୍ଦ୍ରଜାଲ ସୃଷ୍ଟି କରିଅଛନ୍ତି ।

ଏହାଛଡ଼ା, ମନ୍ଦାକିନୀ ସମ୍ପର୍କରେ ଲେଖିଛନ୍ତି—

ଏଷା ପ୍ରସନ୍ନ ସ୍ତିମିତ ପ୍ରବାହା
ସରିଦ୍ ବିଦୂରାନ୍ତର ଭାବତନ୍ୱୀ
ମନ୍ଦାକିନୀ ଭାତି ନଗୋପକଣ୍ଠେ
ମୁକ୍ତାବଳୀ କଣ୍ଠେ ଗତେବ ଭୂମେଃ । (୧୩।୪୮)

ପ୍ରକୃତରେ ଅର୍ଦ୍ଧବଳୟିତ ଏହି କ୍ଷୀଣକଳେବରା ମନ୍ଦାକିନୀ ନଦୀ ଭୂମି-ନାୟିକାର ମୁକ୍ତାମାଳା ପରି ଶୋଭା ପାଉଅଛି । ଏଥି ସଙ୍ଗେ ସଙ୍ଗେ ସେହି ଅରଣ୍ୟ ପ୍ରଦେଶର ବିଚିତ୍ର ଶକ୍ତି ସମ୍ପର୍କରେ ମଧ୍ୟ ମନୋଜ୍ଞ ସୂଚନା ଦେଇଅଛନ୍ତି ।

## ତୁଳସୀ ଦାସଙ୍କର ଚିତ୍ରକୂଟ ବର୍ଣ୍ଣନା—

ଭକ୍ତପ୍ରବର ତୁଳସୀ ଦାସ ଭକ୍ତିଭାବରେ ବିହ୍ୱଳିତ ହୋଇ ଚିତ୍ରକୂଟର ସୌନ୍ଦର୍ଯ୍ୟ ଓ ମାହାତ୍ମ୍ୟ ବର୍ଣ୍ଣନା କରି ଗାଇଛନ୍ତି—

"ଫିରତ ହେରତ ରାମ ଛବି ଦେଖୀ,
ହୋହିଁ ମୁଦିତ ମୃଗବୃନ୍ଦ ବିଶେଷୀ ।
ବିବୁଧ ବିପିନ ଜହଁ ଲଗି ଜଗମାହୀ
ଦେଖି ରାମ ବନୁ ସକଲ ସିହାହୀଁ ।
ସୁର ସରି ସର ଧାଇ ଦିନକର କନ୍ୟା
ମେକଲସୁତା ଗୋଦାବରି ଧନ୍ୟା ।
ସବ ସର ସିନ୍ଧୁ ନଦୀଁ ନଦ ନାନା,
ମନ୍ଦାକିନିକର କରହିଁ ବଖାନା ।
ଉଦୟ ଅସ୍ତଗିରି ଅରୁ କୈଲାସୂ,
ମନ୍ଦର ମେରୁ ସକଲ ସୁରବାସୂ ।
ଶୈଲ ହିମାଚଳ ଆଦିକ ଜେତେ,
ଚିତ୍ରକୂଟ ଜସୁ ଗାୱହିଁ ତେତେ ।
ବିନ୍ଧ୍ୟ ମୁଦିତ ମନ ସୁଖ ନ ସମାଈ,
ଶ୍ରମ ବିନୁ ବିପୁଲ ବଡ଼ାଈ ପାଈ ।"

ଏହା ଆଗରୁ କବି ଗାଇଛନ୍ତି-

"ଜବତେଁ ଆଇ ରହେ ରଘୁନାୟକୁ,
ତବତେଁ ଭୟଉଁ ବନ ମଙ୍ଗଳଦାୟକୁ ।
ଫୂଲହିଁ ଫଲହିଁ ବିଟପବିଧି ନାନା,
ମଞ୍ଜୁ ବଲିତ ବର ବେଲି ବିତାନା ।

ସୁର ତରୁ ସରସ ସୁଭାୟୁଁ ସୁହାଏ,
ମନହୁ ବିବୁଧ ବନ ପରିହରିଆଏ ।

ଗୁଞ୍ଜ ମଞ୍ଜୁତର ମଧୁକର ଶ୍ରେଣୀ,
ତ୍ରିବିଧ ବୟାରି ବହଇ ସୁଖଦେଣୀ ।

ନୀଲକଣ୍ଠ କଲକଣ୍ଠ ସୁକ,
ଚାତକ ଚକ୍କ ଚକୋର
ଭାଁତି ଭାଁତି ବୋଲହିଁ ବିହଗ,
ଶ୍ରବନ ସୁଖଦ ଚିତ ଚୋର
କରି କେହରି କପି କୋଲକୁରଙ୍ଗା,
ବିଗତ ବୈର ବିଚରହିଁ ସବସଙ୍ଗା ।" (୧)

"ଏଥିରେ କୁହାଯାଇଛି, ରାମଚନ୍ଦ୍ରଙ୍କର ଅବସ୍ଥାନ ହେତୁ ସେହି ବନ ମଙ୍ଗଳଦାୟକ ହୋଇ ଉଠିଲା । ଫୁଲ ଫଳରେ ବନଶୋଭା ବହୁଗୁଣିତ ହୋଇଗଲା । ଭ୍ରମର ଗୁଞ୍ଜନ ଓ ସୁଶୀତଳ ସୁଗନ୍ଧ ମନ୍ଦ ପବନ ଦର୍ଶକର ମନ ହରଣ କଲା । ମୟୂର, କୋକିଳ, ଶୁକ, ଚାତକ, ଚକ୍ରବାକ ପ୍ରଭୃତି ମଧୁର ସ୍ୱରପ୍ରବାହ ସର୍ଜନ କଲେ । ବନର ପଶୁମାନେ ପରସ୍ପରର ବୈର-ଭାବ ତ୍ୟାଗ କଲେ । ଭାରତର ସମସ୍ତ ନଦ ନଦୀ ଯେପରି ଚିତ୍ରକୂଟ ପର୍ବତ ନିକଟବର୍ତ୍ତୀ କ୍ଷୀଣକଳେବର ମନ୍ଦାକିନୀ ( ଗଙ୍ଗା ନୁହେ ) ନଦୀର ପ୍ରଶଂସା କଲେ, ସମସ୍ତ ପର୍ବତ ସେହିପରି ଚିତ୍ରକୂଟର ପ୍ରଶଂସା କଲେ । ଯେହେତୁ ଏହି ମନ୍ଦାକିନୀ ଓ ଚିତ୍ରକୂଟ ରାମଙ୍କର ସାନ୍ନିଧିଲାଭ କରି ଧନ୍ୟ ହେଲେ ।

## 'ବୈଦେହୀଶ ବିଳାସ'ରେ ଚିତ୍ରକୂଟ ବର୍ଣ୍ଣନା —

ମୁଁ କିନ୍ତୁ ଏ ସମସ୍ତ କବିଙ୍କଠାରୁ ପ୍ରେରଣାଲାଭ କରି ଉତ୍କଳ-ଭାରତୀଙ୍କ ପାଇଁ ଏକ ମହାର୍ଘ ସୁମନଦାମ ନିର୍ମାଣ କରିଅଛି । ଆପଣମାନଙ୍କ ଭିତରୁ ଅନେକେ ମୋର ଏହି ଓଡ଼ିଆ ରଚନାର ସାରମର୍ମ ହୁଏ ତ ଗ୍ରହଣ କରି ପାରିବେ । ଯେଉଁମାନେ ତାହା କରି ନ ପାରିବେ, ସେମାନଙ୍କୁ ମୋର ଆଳଙ୍କାରିକ ରଚନା

(୧) ଶ୍ରୀରାମଚରିତ ମାନସ—ନବମ ବିଶ୍ରାମ ।

ଶୈଳୀ ଆନନ୍ଦ ପ୍ରଦାନ କରିବାକୁ ଅକ୍ଷମ ହେବ ନାହିଁ । ଏହା କହି ସେ ତାଙ୍କର ଚିତ୍ରକୂଟ ବର୍ଣ୍ଣନା ( ବୈଦେହୀଶ ବିଳାସରୁ ) ଆବୃତ୍ତି କରିବାକୁ ଆରମ୍ଭ କଲେ—

ବିସ୍ତରଇ ମାଳ୍ୟସମକରେ କବି ମନେ,
ବୁଲେ ରାମ ରାମ ରାମନେତ୍ରୀ ସେନ ବନେ ଯେ ।
ବୃହଭାନୁ ଭାନୁ ଭାନୁପ୍ରଭା ତାପ ନାହିଁ,
ବୃତ ତମାଳମାଳ ମାଳତୀ ଲତା ସହିଁ ଯେ । ୧ ।

ବହଇ ନିର୍ଝର ଝର ଝର ଅବିରତ,
ବିଶେଷ ତରଙ୍ଗ ରଙ୍ଗ ରଙ୍ଗଣୀ ଶୋଭିତ ଯେ ।
ବହେ ଚନ୍ଦ୍ର ଚନ୍ଦ୍ର ଚନ୍ଦ୍ର ଶୀତକୂଳ ବାତ,
ବହେ ମନ୍ଦ ମନ୍ଦ ମନ୍ଦସୁତ କରେ ଧୁତ ଯେ । ୨ ।

ବିଶ୍ୱେ ଘନ ଘନ ଘନ କୁଶକଣ ଯଥା,
ବୃଷ୍ଟି ମଧୁର ମଧୁର ମଧୁରଜେ ତଥା ଯେ,
ବିଭ୍ରାଜିତ ଭୃଙ୍ଗ ଭୃଙ୍ଗ ଭୃଙ୍ଗ କରେ କେଳି,
ବନ୍ଦୀ ବନ୍ଦୀ ବନିତା କି ପୁଷ୍ପହାସେ ଝିଲି ଯେ । ୩ ।

ବୋଧ ଶୃଙ୍ଖଳାରେ ରଘୁନାଥ ସୀତାମନ୍ତ୍ର,
ବିଚିତ୍ର ଚିତ୍ରକୂଟ ଯେ କୁଟଜେ ବ୍ରତତି ଯେ,
ବ୍ରତତୀତତି ଜୟନ୍ତୀ ଅତସୀ ବାସନ୍ତୀ,
ବାସନ୍ତୀ ସତରେ ଫୁଲ୍ଲ ଫୁଲରେ ଭ୍ରମର ଯେ । ୪ ।

ବର୍ତ୍ତିକ ଭେକ ଆଳି ଆଳି ଯେ ବିହରିତ
ବିହରିତ ମାନ ମାନ ଶୁକ ସୁକବିତ ଯେ,
ବିତର ତରଳ ନେତ୍ର ନେତ୍ର ସୁବାସିନୀ
ବାସିନୀ ସୁଜାତି ଜାତି ସୁଭାବ ଭାବନ ଯେ । ୫ ।

ବିନସୃତ ସୃତ ଶୋଭିତ ସ୍ଥିତ ବୈଭ୍ରାଜ
ବୈଭ୍ରାଜ ସୁରସା ରସା କରକର ବୀଜ ଯେ,

ବିଜନମିତ ମିତ ହରଷ ରସବାର
ବାରଣ ଭୂଷା ଭୂଷାକ ସାଜ ପୁର ଯେ । ୬ ।

ବୋଧନ୍ତି ଭ୍ରମ ସିଂହାବଲୋକନେ ଅବଳା
ବଳାକାପଙ୍କ୍ତି କରନ୍ତି ଧ୍ରୁବକୁ ଧବଳା ଯେ,
ବଳାଇ ମାନସ ମାନ ଅନା ପ୍ରାଣବନ୍ଧୁ
ବନ୍ଧୁକ ରଞ୍ଜନ ଅତି ରଙ୍ଗ ନିରବନ୍ଧୁ ଯେ । ୭ ।

ବନ୍ଧୁର ପଥଟି ହେଜ ହେଜି ପଦ ବଳା
ବଳାଧ୍ୱନ ପ୍ରାୟେ ଝିଲ୍ଲୀ ଶବଦ ପ୍ରବଳା ଯେ,
ବଳାପଣ୍ଡ ଫଳବନ୍ତ ପ୍ରଫୁଲ୍ଲ ସେବନ୍ତି
ବନ୍ତଶଲକ୍ଷଣା ଦେଖି ବାନ୍ଧରେ ପାବନ୍ତି ଯେ । ୮ ।

ବର୍ଣ୍ଣି ଅପୂର୍ବ ହୋଇ କେତେ ନାଗବଲ୍ଲୀ
ବଲ୍ଲିକା ତଳେ ଶୟନ ଗୁମସ୍ତ ଆବଳ ଯେ
ବଳବ ତଇସ ରଥୁଁ ଏମନ୍ତ ଭାବନା
ବନାଳୀ ପ୍ରଭୁ କହଇ କର ସମ୍ଭାବନା ଯେ । ୯ ।

ବ୍ୟାଘ୍ର ଗଣ୍ଡରେ ସଧୀରେ କହନ୍ତି ବୀର ସେ
ବୀରତରୁ ବର ତରୁଣୀ କୁସୁମ ବରଷେ ଯେ,
ବର ଉନ୍ନତ ଉନ୍ନତ ଉପମା-ବିସ୍ମାନ
ବିସ୍ମିତ କରନ୍ତି ବିମ୍ବ କକୁଭ ବଦନ ଯେ । ୧୦ ।

ବଟ ସନ୍ନତରେ ସନ୍ଧ୍ୟ ପ୍ରକାଶେ ବିଭୂତି
ବିଭୂଷଣି ଚମ୍ପା ସଣପୁଷ୍ପ ଅନ୍ତରନ୍ତି ଯେ,
ବିରଳ ଖାରନ୍ତି କରି ଖାରନ୍ତି ବିହାରେ
ବିହାୟସେ ଲାସ୍ୟ ଉଲ୍ଲାସକୁ ନ ବିସରେ ଯେ । ୧୧ ।

ବିଶଦ ମଲ୍ଲିକାକୁଳ ବକୁଳ ବସନ୍ତ
ବଶରେ ବସନ୍ତି ମଧୁକରେ ବିଳସନ୍ତି ଯେ,
ବିଳଶଯ୍ୟା ଗନ୍ଧସାର ଗନ୍ଧରେ ବିନ୍ଦିତ
ବିନ୍ଦିଗ ବିଗ ଜବନେ ପବନେ ବାସିତ ଯେ । ୧୨ ।

ବିସନ୍ତବସନ ବଣ ମହାଯମକରେ
ବସନ୍ତ ବସନ୍ତପକ୍ଷୀ ବସନ୍ତ ଦ୍ରୁମରେ ଯେ,
ବିଥୀ ବିଥୀ ଶୋଭା ଦିଶି କୁମୁଦ କୁମୁଦ
ବିଲୋକ ହ୍ରାସ ପ୍ରକାଶି କୁମୁଦ କୁମୁଦ ଯେ । ୧୩ ।

ବିକଶିତ ନହୋଇଛନ୍ତି କେତକୀ କେତକୀ
ବିଳସେ ଶାଖାରେ ଦେଖ କେତକୀ କେ ସର ଯେ,
ବିହାର ଯାଇଛି କର କେତକୀ କେତକୀ
ବିହୀନ ହୋଇଛି ମାନ କେଶରୀ କେଶରୀ ଯେ । ୧୪ ।

ବାଳାକୁ ହସ୍ତ ଦେଖାଇ ପୁଣି ରଘୁବର
ବାକ୍ୟ ସମ୍ବୋଧନ ଭଙ୍ଗି ସର୍ବଯମକର ଯେ,
ବଇଦେହୀ ସୁମନା ସୁମନା ଏ ସୁରଭି
ବଇଦେହୀ ସୁମନା ସୁମନା ଏ ସୁରଭି ଯେ । ୧୫ ।

ବିଦ୍ୟଲୋକରେ ପ୍ରିୟକ ମାଧବୀ ସଂଘାତ
ବିଦ୍ୟ ଲୋକରେ ପ୍ରିୟକ ମାଧବୀ ସଂଘାତ ଯେ,
ବାଳକା କନକକାନ୍ତି କନକ କନକ
ବାଳକା କନକକାନ୍ତି କନକ କନକ ଯେ । ୧୬ ।

ବିଳାସିନି ଏ ସାରଙ୍ଗ ସାର ସଚଞ୍ଚରେ
ବିଳାସିନୀ ଏ ସାରଙ୍ଗ ସାରସ ଚଞ୍ଚରେ ଯେ,
ବିବିଧ ବରେ ପ୍ରକାଶ ମାନ ଯେ ଦନ୍ତରେ
ବିବିଧବରେ ପ୍ରକାଶ ମାନ ଯେ ଦନ୍ତରେ ଯେ । ୧୭ ।

ବୋଲନ୍ତି ଗୋମୁଖ ଛନ୍ଦେ ହସ ହସ ହୋଇ
ସୀତା ପ୍ରତିଭାରେ ଅନା ଡୋଳାକୁ ଖେଳାଇ ଯେ,
ବାର ବାର ତାରତର ମଣିଗଣ ଜ୍ୟୋତି
ବିରତର ସୁରତର ଏଣୀ ଏଣ ପ୍ରୀତି ଯେ । ୧୮ ।

ବଣ ରତ୍ନନିଧି ଗୁଞ୍ଜି ସଙ୍ଗ ଆସନରେ
ବଣ ଯତ୍ନ ବିଧି କୁଞ୍ଜି ଭଙ୍ଗ ପ୍ରସନ୍ନରେ ଯେ,
ବାଦବାତ ବେଣୁ ଥାଇ ଥାଇ ପ୍ରେମଶୀଳା
ବେଦବନ୍ତ ମଣୁଥାଇ ପାଇ ରାମ ଶିଳା ଯେ । ୧୯ ।

"ଏହିପରି ଭାବରେ ମୁଁ ଶିବକଣ୍ଠରେ ସୁଦୀର୍ଘ ବର୍ଣ୍ଣନା କରିଅଛି । ବାଲ୍ମୀକି ରାମାୟଣରେ ସୀତାଙ୍କର ମନୋରଞ୍ଜନ କରିବାକୁ ରାମଙ୍କର ଯେଉଁ ପ୍ରୟାସ ଚିତ୍ରକୂଟର ଦୃଶ୍ୟ ବର୍ଣ୍ଣନା ମାଧ୍ୟମରେ ସମ୍ପାଦିତ ହୋଇଅଛି, ତାହାର ଅବଲମ୍ବନରେ ମୁଁ ମଧ୍ୟ ରାମ ସୀତାଙ୍କର ବିଦଗ୍ଧାଳାପ ବର୍ଣ୍ଣନା କରିଅଛି । ମୋର ଏହି ସୁନାମଧନ୍ୟ ପୂର୍ବକମାନେ ବୈଦର୍ଭୀ ରୀତିରେ ବର୍ଣ୍ଣନା କରି-ଅଛନ୍ତି; କିନ୍ତୁ, ମୁଁ ନୈଷଧୀୟ ରୀତିରେ ବର୍ଣ୍ଣନା କରିଅଛି ।"

ପ୍ରୟାଗର ପଣ୍ଡିତମାନଙ୍କୁ ଉପେନ୍ଦ୍ର ନାନା ପ୍ରକାର ଶାସ୍ତ୍ରୀୟ ବ୍ୟାଖ୍ୟାନରେ ବିମୁଗ୍ଧ କରି, ଦ୍ୱାରକା ଯାତ୍ରା କରିଥିଲେ । ଦ୍ୱାରକାରୁ ରାମେଶ୍ୱର ଯାତ୍ରା କରି, ସ୍ୱଦେଶକୁ ପ୍ରତ୍ୟାଗମନ କରିଥିଲେ ।

ପଣ୍ଡିତ ଓ କବିମାନଙ୍କର ଏହା ଏକ ସାଧାରଣ ପରମ୍ପରା ଯେ, ସେମାନେ ଯେଉଁସବୁ ସ୍ଥାନକୁ ଯାଆନ୍ତି, ସେଠାର ବିଶିଷ୍ଟ ବିଶିଷ୍ଟ ପଣ୍ଡିତ-କବିମାନଙ୍କୁ ଭେଟି ସେମାନଙ୍କଠାରୁ ନାନା ଜ୍ଞାତବ୍ୟ କଥା ସଂଗ୍ରହ କରନ୍ତି । ଉପେନ୍ଦ୍ରଙ୍କର କାବ୍ୟମାନଙ୍କରେ ଯେଉଁସବୁ ରୀତିଗତ ବିଚିତ୍ରତା ଦେଖାଯାଏ, ସେ ସବୁର ମୂଳରେ ହୁଏ ତ ଏ ଭଳି ସଂଗୃହୀତ ଜ୍ଞାନ ଥାଇପାରେ । କିନ୍ତୁ ଅଦ୍ୟାବଧି ସେ ସବୁର ଦ୍ୱାର ଅନୁଦ୍‌ଘାଟିତ । କିମ୍ବଦନ୍ତୀ-ଆଧାରିତ ଏହି ବିବରଣୀର ସହାୟକ ଅଧିକ ବିବରଣୀ ହୁଏ ତ କାଳକ୍ରମେ ବିଭିନ୍ନ ସ୍ଥାନରୁ ଉପଲବ୍‌ଧ ହୋଇପାରେ ।

## (୧୧) ଭଞ୍ଜଙ୍କର ପାରିବାରିକ ଜୀବନ—

ଉପେନ୍ଦ୍ର ଭଞ୍ଜଙ୍କ ପାରିବାରିକ-ଜୀବନ ଦୁଃଖମୟ ଥିବାର ଅନୁମିତ ହୁଏ । ତାଙ୍କ ଭାଗ୍ୟରେ ପତ୍ନୀକଷ୍ଟ ଲେଖା ଥିବାରୁ ହୁଏ ତ ନୂଆଗଡ଼ ଏବଂ ବାଣପୁରରେ ସେ ଦୁଇ ରାଜନନ୍ଦିନୀଙ୍କୁ ( ପ୍ରଥମାର ମୃତ୍ୟୁ ପରେ ଦ୍ୱିତୀୟାଙ୍କୁ ) ବିବାହ କରି ମଧ୍ୟ ଅଳ୍ପ ସମୟ ମଧ୍ୟରେ ଦୁହିଁଙ୍କୁ ହରାଇଥିଲେ । ତଥାପି, ବର୍ତ୍ତମାନ କେହି କେହି ଏହି ମତକୁ ସ୍ୱୀକାର କରୁ ନାହାନ୍ତି । ସେମାନଙ୍କର ଯୁକ୍ତି ହେଉଛି, ଉପେନ୍ଦ୍ର ରାମଭକ୍ତ, ଏକପତ୍ନୀ ବ୍ରତ ଉପାସକ, ବହୁ ସ୍ଥାନରେ ଏକପତ୍ନୀ ବ୍ରତର ମହତ୍ତ୍ୱ ଉଦ୍‌ଘୋଷଣ କରିଛନ୍ତି । ତେଣୁ ସେ

ପ୍ରଥମା ପତ୍ନୀର ମୃତ୍ୟୁ ପରେ ଦ୍ୱିତୀୟା ପତ୍ନୀ ଗ୍ରହଣ କରିଥିବାର ମତବାଦ ଏକାନ୍ତ ଭ୍ରମପୂର୍ଣ୍ଣ ।

କିଛିଦିନ ତଳେ ମୁଁ ଏ ନୂତନ ମତବାଦକୁ କେତେକ ପରିମାଣରେ ଯୁକ୍ତିଯୁକ୍ତ ବୋଲି ମନେ କରୁଥିଲି । କିନ୍ତୁ ପରବର୍ତ୍ତୀ ଆଲୋଚନାରେ ଡକ୍ଟର ଆର୍ତ୍ତବଲ୍ଲଭ ମହାନ୍ତିଙ୍କର ଦ୍ୱିପତ୍ନୀ ଗ୍ରହଣ ବିଷୟକ ମତବାଦକୁ ଅଧିକ ଯୁକ୍ତିଯୁକ୍ତ ବୋଲି ଗ୍ରହଣ କଲି । ଏ ସମ୍ପର୍କରେ ଏହା ପରେ ପରେ ଏକ ବିସ୍ତୃତ ଆଲୋଚନା ଉପସ୍ଥାପନ କରାଯାଉଛି ।

ଉପେନ୍ଦ୍ରଙ୍କର ପାରିବାରିକ-ଜୀବନ କହିଲେ, ଏକ ଶୂନ୍ୟଗୃହ ବୋଲି ବୁଝିବାକୁ ହେବ । ବହୁକାଳବ୍ୟାପୀ ଧର୍ମପତ୍ନୀର ସମ୍ପର୍କ-ଶୂନ୍ୟ, ସନ୍ତାନ-ହୀନ, ଅତଏବ, ପାରିବାରିକ ମଧୁର-ବିଧୁର ଜୀବନର ହର୍ଷ-ବିଷାଦ ସମନ୍ୱିତ ଜୀବନଚିତ୍ର ଏ ସ୍ଥଳରେ ଅନୁପଲଭ୍ୟ, ଅକଳ୍ପନୀୟ । ଭଞ୍ଜେ ବାଲ୍ୟକାଳରେ ପିତାମହଙ୍କ ଯତ୍ନରେ କୁଲଡ଼ ଗଡ଼ରେ କାଳଯାପନ କରିଥିଲେ । ପିତାମହଙ୍କ ମୃତ୍ୟୁର ପ୍ରାୟ ଦୁଇ ତିନ ବର୍ଷ ପରେ ପିତାଙ୍କ ସହିତ ଘୁମୁସରରୁ ବିତାଡ଼ିତ ହୋଇ ନୂଆଗଡ ମାଳୀ ସାହିରେ କାଳଯାପନ କରିଥିଲେ । ତାଙ୍କ ଗ୍ରନ୍ଥ ଆଜି ପ୍ରମାଣ ଦିଏ, ଦିନ ଦିନ, ରାତି ରାତି ବସି ସେ ତାଙ୍କର ଅମର କାବ୍ୟ-କବିତା ତାଳପତ୍ର ପୋଥିରେ ଲିପିବଦ୍ଧ କରୁଥିଲେ । କିଏ କହିବ, ଭବିଷ୍ୟତରେ ତାଙ୍କର ପାରିବାରିକ-ଜୀବନ ସମ୍ପର୍କରେ ଅଧିକ ତଥ୍ୟ ଉପଲବ୍ଧ ନ ହେବ ବୋଲି ?

## (୧୨) ଭଞ୍ଜଙ୍କର ଦାମ୍ପତ୍ୟ ଜୀବନ –

ଉପେନ୍ଦ୍ର ଭଞ୍ଜଙ୍କର ପାରିବାରିକ-ଜୀବନ ମଧ୍ୟରେ ତାଙ୍କର ବୈବାହିକ-ଜୀବନ ହିଁ ମୁଖ୍ୟ । ତେବେ, ଏ ସମ୍ପର୍କରେ ବିଶେଷ କିଛି ସୁସ୍ପଷ୍ଟ ଭାବରେ ଜଣାପାଏ ନାହିଁ । ପ୍ରଥମେ ତାଙ୍କର ବିବାହ-ପୂର୍ବବର୍ତ୍ତୀ ଅବସ୍ଥା ବିଚାର କରିଯାଉ । ବିବାହ ପୂର୍ବରୁ ସେ ପିତା ନୀଳକଣ୍ଠଙ୍କ ସହିତ କୁଲଡ଼ ରାଜନବରରେ ହିଁ ବାସ କରୁଥିଲେ । କବିଙ୍କ ଜୀବନୀ ଲେଖକ ତାଙ୍କ ବିବାହ ବିଷୟରେ କହିଛନ୍ତି—

"ପ୍ରକାଶ ଯେ, ତତ୍କାଳୀନ ବାଣପୁର ରାଜା ଅଚ୍ୟୁତ ହରିଚନ୍ଦନ ରାୟ୍‌, ଯୁବକ ଉପେନ୍ଦ୍ରଙ୍କୁ ତାହାଙ୍କ କନ୍ୟା ଲାବଣ୍ୟନିଧିର ପ୍ରଦାନ ନିମନ୍ତେ, ରାଜ୍ୟର ସେ ଉତ୍ତରାଧିକାରୀ ନ ଥିବାରୁ, ଅନିଚ୍ଛୁକ ହୁଅନ୍ତି । ମାତାମହୀ ମନ୍ତ୍ରୀଦେବୀ ତାହା ଅସନ୍ଦ୍ୟ ମନେକରନ୍ତି । ତାହାଙ୍କ ପ୍ରରୋଚନାରେ ନୃପତି ଧନଞ୍ଜୟ କନିଷ୍ଠ ପୁତ୍ର ନୀଳକଣ୍ଠଙ୍କୁ ଘୁମୁସର ରାଜ୍ୟର ଯୁବରାଜ ପଦରେ ବାଧ୍ୟତଃ ଅଭିଷିକ୍ତ କରିବାକୁ ପଡ଼ିଲା, ଯାହା ଫଳରେ, ବାଣପୁରର ବିଦୁଷୀ ରାଜଜେମଙ୍କ ସହିତ ପାଟକୁମର ଉପେନ୍ଦ୍ରଙ୍କ ବିବାହ ପାଣିଗ୍ରହଣ ପରମାନନ୍ଦରେ ସମାହିତ ହୁଏ ।

( ଦାମୋଦର ଦାସ—ଉପେନ୍ଦ୍ର ଭଞ୍ଜ ଜୀବନୀ, ପୃଷ୍ଠା ୩ )

ଏଥିରୁ ଜଣାଯାଏ, ବାଣପୁର ରାଜା ଭଞ୍ଜଙ୍କୁ ନିଜର ଜାମାତା କରିବାକୁ ଅନିଚ୍ଛା ପ୍ରକାଶ କଲେ । ସେ କହିଲେ—ରାଜା ଧନଞ୍ଜୟ ସିନା ଘୁମୁସରର ରାଜା, ମାତ୍ର ତାଙ୍କ ପୁଅ ନୀଳକଣ୍ଠ ତ ରାଜା ନୁହନ୍ତି; ତେଣୁ, ଉପେନ୍ଦ୍ର ଯୁବରାଜ ମଧ୍ୟ ନୁହନ୍ତି । ତେଣୁ, ଏ ଭଳି ପରିସ୍ଥିତିରେ ତାଙ୍କର ନନ୍ଦିନୀ ଭଞ୍ଜଙ୍କୁ ନିଜର ସ୍ୱାମୀ ପଦରେ ବରଣ କରିବ କିପରି ?

ଲେଖକଙ୍କର ଏହି ଅଭିନବ ମତ ବ୍ୟତୀତ ଏହା ମଧ୍ୟ ଏଠାରେ ଲକ୍ଷ୍ୟ କରିବାର କଥା, ଏହି ଜୀବନୀ ଲେଖକ "ପ୍ରକାଶ ଯେ" ଲେଖି, ଏହା ଯେ କିମ୍ବଦନ୍ତୀମୂଳକ କିମ୍ବା ତାଙ୍କର ଅନୁମାନମୂଳକ, ତାହା ହିଁ ସୂଚାଇଛନ୍ତି । ଉପରେ ତାଙ୍କର ଯେଉଁ କେତୋଟି ବାକ୍ୟ ଉଦ୍ଧାର କରାଯାଇଛି, ତହିଁରେ ଥିବା 'ହୁଅନ୍ତି', 'କରନ୍ତି', 'ହୁଏ' ଏହି କ୍ରିୟାପଦଗୁଡ଼ିକ ବୃଦ୍ଧୀମା ଗପ କହିବା ଭଙ୍ଗୀର ସୂଚନା ଦେଇଥାନ୍ତି । ତାହା ନ ହେଲେ, "ଅନିଚ୍ଛୁକ ହୁଅନ୍ତି" ବଦଳରେ "ଅନିଚ୍ଛୁକ ହେଲେ," "ମନେ କରନ୍ତି" ବଦଳରେ "ମନେକଲେ" ଏବଂ "ସମାହିତ ହୁଏ" ବଦଳରେ "ସମାହିତ ହୋଇଥିଲା" ବୋଲି ସେ ଲେଖିଥାନ୍ତେ । ଜଣାଯାଉଛି, ଏହି ଭଙ୍ଗୀ, ସତ୍ୟାନୁସନ୍ଧିତ୍ସା ବର୍ଜନ କରି ମଉଜିଆ ଗପଟିଏ ହିଁ କହିବାକୁ ପ୍ରସ୍ତୁତ ।

ସେ ପୁଣି ଲେଖିଛନ୍ତି, ଧନଞ୍ଜୟ ଭଞ୍ଜ ସେତେବେଳେ ବାର୍ଦ୍ଧକ୍ୟାବସ୍ଥାର ସମ୍ମୁଖୀନ ହୋଇଥିବା ହେତୁ, ଯୁବରାଜ ନୀଳକଣ୍ଠ ଅଭିଷେକ ଦିନାବଧି,

ତାହାଙ୍କ ପ୍ରତିନିଧି ସ୍ୱରୂପ ରାଜକାର୍ଯ୍ୟ ତୁଲାଇ, ରାଜା ପରି ସମ୍ମାନିତ ହୋଉଥିଲେ । ତେଣୁ, ମାନକଣ୍ଠ "ବସୁଧା-ପତି" ଓ "ନରେଶ" ରୂପେ ଅଭିହିତ ।

( ଉପେନ୍ଦ୍ର ଭଞ୍ଜ ଜୀବନୀ, ପୃଷ୍ଠା-୪ )

କିନ୍ତୁ କବିଶେଖର ଚିନ୍ତାମଣି ମହାନ୍ତି ଘୁମୁସର କାବ୍ୟରେ ଘଟଣାଟିକୁ ଅନ୍ୟ ପ୍ରକାର ଲେଖିଅଛନ୍ତି । ନିଜ କାବ୍ୟରେ ଭଞ୍ଜ ରାଜବଂଶାବଳୀର ବିବରଣୀ ପ୍ରଦାନ କରିବା ଆଗରୁ ସେ ସ୍ପଷ୍ଟ ଲେଖିଛନ୍ତି:—

"ବିରୁଅଛି କାଳ ସଂଗ୍ରାମ ତା ବିଭବ,
ରାଜବଂଶାବଳୀ ଏ କାଳେ ଦୁର୍ଲ୍ଲଭ ।
କବି ସୂର୍ଯ୍ୟମଣି ତ୍ୟାଜି ବିରଚିତ,
ବଂଶ ବୃକ୍ଷ ମାନ ରହିଛି ଜୀବିତ ।
ଭଞ୍ଜ ମହାବଂଶ ଶେଷ କୁଳାଂକୁର,
ଅଛନ୍ତି କୁଳଶ୍ରେଷ୍ଠ ରତି ରମ୍ୟପୁର ।
ରାଜବଂଶାବଳୀ ଅଛି ତାଙ୍କ ଘରେ,
ଲିଖିତ ସେ ପୋଥି ସେକାଳ ଗଦ୍ୟରେ ।
ସେ ଦୁଇ ପୁରୁଣା ପୋଥିରୁ ସଙ୍କଳି
ଲିଖିତ ଏ ଭଞ୍ଜ ରାଜ ବଂଶାବଳୀ ।
ବହୁ ଜନ ଶ୍ରୁତି ପ୍ରବୀଣ କଥିତ
ଏ ବଂଶାବଳୀରେ ହୋଇଛି ଗ୍ରଥିତ ।"

( ଘୁମୁସରର କାବ୍ୟ, ୯ମ ସର୍ଗ )

ଅର୍ଥାତ୍ କବିଶେଖର ଚିନ୍ତାମଣି ମହାନ୍ତି ଦୁଇଟି 'ଭଞ୍ଜ ରାଜବଂଶାବଳୀ' ଏବଂ ପ୍ରବୀଣ ଲୋକଙ୍କଠାରୁ ସଂଗୃହୀତ ତଥ୍ୟ ଉପରେ ଏ କାବ୍ୟ ଲେଖିଛନ୍ତି । ସୁତରାଂ, ଧନଞ୍ଜୟ ଭଞ୍ଜଙ୍କର ଜୀବିତାବସ୍ଥାରେ ମାନକଣ୍ଠ ଭଞ୍ଜ ରାଜା ହୋଇଥିବା ସମ୍ପର୍କରେ ସେ ଯାହା ଲେଖିଛନ୍ତି, ତାହା ଗୁରୁତ୍ୱର ସହିତ ଆଲୋଚିତ ହେବା ଦରକାର । ସେ ଲେଖିଛନ୍ତି—

"ମନ୍ତ୍ରୀ ହେଲେ ତାଙ୍କ ସୁଆଗୀ ମହର୍ଷି
ଏକ ହୋଇଥିଲେ ଦେହ ପ୍ରାଣ ମିଶି ।

ନୂଆଗଡ଼ ରାଜକେମା ସେ ରୁଚିରା
ଶୋଭାସାଗରୁ କି ସଞ୍ଜାତ ଇନ୍ଦିରା ।
ରାଜାଙ୍କ ଦକ୍ଷିଣ ହସ୍ତ ସେ ସାକ୍ଷାତେ
ରାଜକୋଷ କଞ୍ଚି ଥାଏ ତାଙ୍କ ହାତେ ।
ଦିନେ ମନ୍ତ୍ରୀ ଦେଈ ସ୍ୱାମୀ ପାଶେ ବସି
ନିବେଦିଲେ ଧୀରେ ମୃଦୁ ମୃଦୁ ହସି ।

"ହେଲେଣି ତ ପ୍ରଭୁ ବୃଦ୍ଧ ଅବସନ୍ନ
ଉଜ୍ଜୁଳି ଶୀର୍ଣ୍ଣତା କ୍ରମେ ଅପଘନ ।
ଅର୍ପି ରାଜ୍ୟଭାର ନୀଳକଣ୍ଠ କରେ
ଭୁଞ୍ଜନ୍ତୁ ବିଶ୍ରାମ ନିଶ୍ଚିନ୍ତ ମନରେ ।"

ଶୁଣି ରାଣୀ ବାଣୀ ନୃପତି ପୁଙ୍ଗବ
ଅଳ୍ପ ମାତ୍ର ହସି ରହିଲେ ନୀରବ ।
ତହୁଁ ମନ୍ତ୍ରୀ ଦେଈ ହୋଇଣ ବିରସ
କହିବାକୁ ଆଉ ନ କଲେ ସାହସ ।
ଘାରିଲା ଅନ୍ତରେ ସଦା ଦୁଷ୍ଟ ଚିନ୍ତା
ଅନ୍ନ ଜଳ ତାଙ୍କୁ ହେଲା ବିଷ ପିତା ।"

ନୀଳକଣ୍ଠଙ୍କୁ ରାଜା କରିବା କଥା କାହିଁକି ଧନଞ୍ଜୟ ଗ୍ରହଣ କଲେ ନାହିଁ ତା'ର କାରଣ ଦର୍ଶାଇବାକୁ ଯାଇ ଚିନ୍ତାମଣି ଲେଖିଅଛନ୍ତି—

"ସୁଆଣୀ ବଚନେ ନୃପ ହୋଇ ସ୍ତବ୍ଧ
ଭାବିଲେ ଘଟିଲା ବିଷମ ବିପଦ ।
ଗଙ୍ଗାଧର ମୋର ପ୍ରଥମ ତନୟ
ରାଜ୍ୟ ଅଧିକାରୀ ସର୍ବଗୁଣାଶ୍ରୟ ।
ତାକୁ ତେଜି କଲେ ନୀଳକଣ୍ଠେ ରାଜା
ବାଜିବ ମୋ ନାମେ ଅପଖ୍ୟାତି ବାଜା
କରୁଛି ପ୍ରତିଜ୍ଞା ସାକ୍ଷୀ ରବି ଦେବେ
ନୀଳକଣ୍ଠେ ରାଜା ନ କରିବି କେବେ ।"

(ଘୁମୁସର କାବ୍ୟ, ୧୦ମ ସର୍ଗ)

ଏଥିରୁ ଜଣାଯାଏ, ଯେତେବେଳେ ରାଣୀ ମଣ୍ଡାଦେବୀ ରାଜାଙ୍କୁ କହିଲେ—"ଦେଖନ୍ତୁ, ଆପଣ ତ ବୁଢ଼ା ହୋଇଗଲେଣି, ଆଉ ଏ ରାଜକାର୍ଯ୍ୟରେ କାହିଁକି ବ୍ୟସ୍ତ ରହୁଛନ୍ତି । ରାଜକୁମାର ନୀଳକଣ୍ଠଙ୍କୁ ରାଜ୍ୟ ଶାସନର ଦାୟିତ୍ୱ ଦେଇ, ରାଜଗାଦିରୁ ଓହରି ଯାଆନ୍ତୁ ।" ରାଜା କିନ୍ତୁ ଏଥିରେ ସମ୍ମତ ହେଲେ ନାହିଁ । ସେ ଭାବିଲେ, ମୋ ଅନ୍ତେ ମୋ ବଡ଼ପୁଅ ସିଂହାସନ ପାଇବା କଥା । ମୁଁ ଯଦି ସାନ ପୁଅକୁ ରାଜା କରିଦିଏ, ଲୋକେ ଛି ଛି କରିବେ ।" ଇତ୍ୟାଦି ।

ଘୁମୁସରର ଇତିହାସ ପାଠକେ ଜାଣନ୍ତି, ଏଥିରେ ରାଣୀ ମଣ୍ଡାଦେବୀ କ୍ଷୁଣ୍ଣ ହୋଇ ରାଜାଙ୍କୁ ବିଷ ଦିଆଇ ହତ୍ୟା କରିଥିଲେ ଓ ଅନ୍ୟ କେତେକଙ୍କୁ ମଧ୍ୟ ଅମାନୁଷିକ ଭାବରେ ହତ୍ୟା କରାଇ ନୀଳକଣ୍ଠଙ୍କୁ ରାଜଗାଦିରେ ବସାଇଥିଲେ । ମାତ୍ର ଦୁଇ ତିନି ବର୍ଷ ପରେ ରାଜ୍ୟରେ ବିପ୍ଳବ ଘଟିବାରୁ ନୀଳକଣ୍ଠ ଘୁମୁସରରୁ ବିତାଡ଼ିତ ହୋଇ ଆସି ନୂଆଗଡ଼ ମାଳୀ ସାହିରେ ଆଶ୍ରୟ ନେଇଥିଲେ ।

ତେବେ, ଉପେନ୍ଦ୍ର ଭଞ୍ଜ ବାଣପୁର ରାଜନନ୍ଦିନୀଙ୍କୁ ବିବାହ କରିଥିବା କଥାରେ ସମସ୍ତେ ଏକମତ । କେବଳ ଏହି କଥା ସ୍ମରଣୀୟ ଯେ, 'ଉପେନ୍ଦ୍ରଙ୍କୁ କନ୍ୟା ଦେବି ନାହିଁ, ଯଦି ସେ ଯୁବରାଜ ନ ହୁଅନ୍ତି' ବୋଲି ବାଣପୁର ରାଜା କହିବାରୁ ଧନଞ୍ଜୟ ଉପେନ୍ଦ୍ରଙ୍କ ପିତା ନୀଳକଣ୍ଠଙ୍କୁ, ନିଜର ଜୀବଦ୍ଦଶାରେ, ଅବୈଧ ଭାବେ ଓ ଅନ୍ୟ ସୁଯୋଗ୍ୟ ଦାୟାଦମାନଙ୍କର ଆପତ୍ତି-ଅଭିଯୋଗ ନ ଥାଇ, ରାଜ୍ୟ ଶାସନର କ୍ଷମତା ଦେଇଥିଲେ ବୋଲି ଯାହା କୁହାଯାଉଛି, ତାହା ଭିତ୍ତିହୀନ, ଅଥବା ଅଧିକ ପ୍ରମାଣ ସାପେକ୍ଷ ।

ଏହି ରାଜନନ୍ଦିନୀଙ୍କ ସହିତ ଉପେନ୍ଦ୍ର ୨୧୩ ବର୍ଷ ସୁଖରେ ଜୀବନ ଯାପନ କରିବା ପରେ ତାଙ୍କର ଆକସ୍ମିକ ବିୟୋଗ ଘଟିଥିଲା ।

## ଉପେନ୍ଦ୍ରଙ୍କର ପତ୍ନୀସଂଖ୍ୟା ଏକ ନା ଦୁଇ ?

ଅଧ୍ୟାପକ ଆର୍ତ୍ତବଲ୍ଲଭ ମହାନ୍ତି ଲେଖିଅଛନ୍ତି

"ଉପେନ୍ଦ୍ର ଦାର ପରିଗ୍ରହ କରିଥିଲେ ଏବଂ ଗୃହୀ ଥିଲେ । ନୂଆଗଡ଼ ରାଜା ବିନାୟକ ସିଂହଙ୍କ କନ୍ୟା ଭଞ୍ଜଙ୍କର ପ୍ରଥମା ସ୍ତ୍ରୀ ଓ ବାଣପୁର ରାଜା

ଅଚ୍ୟୁତ ହରିଚନ୍ଦନଙ୍କ କନ୍ୟା କବିଙ୍କର ଦ୍ୱିତୀୟା ସ୍ତ୍ରୀ ଥିଲେ । ବାଣପୁର ରାଜକେମା ସୁପଣ୍ଡିତା, ଭକ୍ତପ୍ରାଣା ଓ କାବ୍ୟକୁଶଳା ଥିବାରୁ, କବିଙ୍କ ଯଥାର୍ଥ ଜୀବନରେ ତ୍ରିବର୍ଗ ସାଧନର ସହାୟଭୂତା ଥିଲେ । କବି ୪୦ ବର୍ଷରେ ଦେହତ୍ୟାଗ କରିଥିଲେ । ତାଙ୍କର ହୃଦୟରେ ବିଷୟବାସନା ଥିଲେ ଓ ତାଙ୍କ ଚରିତ୍ର, ହୀନ ଓ ଘୃଣ୍ୟ ହୋଇଥିଲେ, ସେ ଅଳ୍ପକାଳ ମଧ୍ୟରେ ୪୦ ଖଣ୍ଡ ବା ୪୫ ଖଣ୍ଡ କାବ୍ୟାଦି ଲେଖିପାରି ନ ଥାନ୍ତେ । କାଳିଦାସଙ୍କ ଚରିତ୍ରହୀନତା ଆଜସୁଦ୍ଧା ଲୋକମୁଖରେ କଥିତ ହୁଏ । କିନ୍ତୁ ସମଗ୍ର ଉତ୍କଳଖଣ୍ଡରେ ଉପେନ୍ଦ୍ରଙ୍କ ବିଷୟରେ କିଛି ତ ଶୁଣାଯାଏ ନାହିଁ । ଏଥିରୁ ସ୍ପଷ୍ଟ ପ୍ରତୀତ ହୁଏ, ସେ ଜଣେ ଚରିତ୍ରବାନ୍ ମହାପୁରୁଷ ଥିଲେ ।"

( ପ୍ରାଚୀ ଲାବଣ୍ୟବତୀ ମୁଖବନ୍ଧ, ପୃ ୧୬ )

ପାଠକ-ସମାଜରେ ସମ୍ମାନିତ 'ପ୍ରାଚୀ ଲାବଣ୍ୟବତୀ' ମୁଖବନ୍ଧରେ ଆଜିବାବୁ ଏହି କଥା ୧୯୪୪ ଖ୍ରୀଷ୍ଟାବ୍ଦରେ ଲେଖିଥିଲେ । 'କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ' ନାମକ ପୁସ୍ତକ ଖ୍ରୀ: ୧୯୫୯ରେ ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରକାଶିତ ହୋଇଥିଲା । ଏହାର ଲେଖକ ଶ୍ରୀ ଅନନ୍ତ ପଦ୍ମନାଭ ପଟ୍ଟନାୟକ, ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଭୁବନେଶ୍ୱରସ୍ଥ 'କଳାମଣ୍ଡପ'ରେ ଅନୁଷ୍ଠିତ ନିଖିଳ-ଉତ୍କଳ ଲେଖକ ସମ୍ମିଳନୀରେ ଦୃଢ଼ତାର ସହିତ ତାଙ୍କର ଏହି 'ଚରିତ୍ରର ମହନୀୟତା' ନିଜେ ଉଦ୍‌ଘୋଷିତ କରିଥିଲେ ମଧ୍ୟ, ବଡ଼ ଆଶ୍ଚର୍ଯ୍ୟର କଥା, କବିଙ୍କ ସମ୍ପର୍କରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏହି ସମସ୍ୟାଟିକୁ ସେ ବଡ଼ ସତର୍କତାର ସହିତ ଏଡ଼ାଇ ଦେଇଛନ୍ତି । କିନ୍ତୁ 'କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ' ଲେଖିବା ଆଗରୁ ନିଜେ ଶ୍ରୀଯୁକ୍ତ ପଟ୍ଟନାୟକ ଲେଖିଥିଲେ—

"ସେ ( ଉପେନ୍ଦ୍ର ଭଞ୍ଜ ) ୨୬ ବର୍ଷ ବୟସରେ ନବଦୁର୍ଗାଧୀଶ୍ୱର ବିନାୟକ ସିଂହଙ୍କ କନ୍ୟାକୁ ବିବାହ କରିଥିଲେ । ଏହି ସ୍ତ୍ରୀଙ୍କର ଅକାଳ ବିୟୋଗରେ × × ବାଣପୁର ରାଜା ଅଚ୍ୟୁତ ହରିଚନ୍ଦନଙ୍କ କନ୍ୟାଙ୍କ ସହିତ ପାଣିଗ୍ରହଣ ବିଧାନ ହୋଇଥିଲା ।" (୧)

ଜଣେ ବ୍ୟକ୍ତି ଏକ ସମୟରେ ଯେଉଁ ମତ ଘୋଷଣା କରିଥାଏ, ପରେ, ଅନ୍ୟ ପ୍ରମାଣ ବା ଉପାଦାନ ଲାଭପରେ, ତାହାର ପରିବର୍ତ୍ତନ ଅଯୌକ୍ତିକ ନୁହେ,

(୧) ଉତ୍କଳ ଗୌରବ—ପ୍ରଥମ ଖଣ୍ଡ, ପୃ ୧୫

କିନ୍ତୁ, ପ୍ରାମାଣିକ ଗ୍ରନ୍ଥ ଲେଖିଲା ବେଳେ ମତ ପରିବର୍ତ୍ତନ କଥା ସ୍ପଷ୍ଟ କହିଦେବା ଦରକାର ।

ଆର୍ତ୍ତବାବୁଙ୍କ ବ୍ୟକ୍ତିତ କବିବର ଚିନ୍ତାମଣି ମହାନ୍ତି, ନାଟ୍ୟକାର ଦେବେନ୍ଦ୍ର ମଧ୍ୟ ଦ୍ୱିପତ୍ନୀ ମତର ପକ୍ଷପାତୀ । କବିବର ଚିନ୍ତାମଣି ଆର୍ତ୍ତବାବୁଙ୍କ ପରି ଜଣେ ସୁନାମଧନ୍ୟ ଓ ବିପୁଳ ଖ୍ୟାତିସମ୍ପନ୍ନ ଅଧ୍ୟାପକ, ଉପେନ୍ଦ୍ରଙ୍କର ଦୁଇ ପତ୍ନୀ ଗ୍ରହଣ କଥା ସ୍ପଷ୍ଟ ଭାବରେ ଲେଖିଥିଲେ ମଧ୍ୟ, ଶ୍ରୀଯୁକ୍ତ ପଟ୍ଟନାୟକ ତାଙ୍କ ମତକୁ ଗ୍ରହଣ କରି ନାହାନ୍ତି କି ଦୁଇପତ୍ନୀ ଗ୍ରହଣ ବିଷୟ କାହିଁକି ଗ୍ରାହ୍ୟ ନୁହେଁ, ସେ ସମ୍ପର୍କରେ ମଧ୍ୟ କିଛି କହି ନାହାନ୍ତି । ସେ କେବଳ ଲେଖିଛନ୍ତି, 'କବି ବାଣପୁର ରାଜନନ୍ଦିନୀଙ୍କୁ ବିବାହ କରିଥିଲେ (୧) ।

ଦ୍ୱିତୀୟ ଥର ବାଣପୁର ରାଜକନ୍ୟାଙ୍କୁ ବିବାହ କରିଥିବା ବିଷୟ ବର୍ଣ୍ଣନା କରି ଚିନ୍ତାମଣି ଲେଖିଛନ୍ତି—

"ନୂଆଗଡ଼ ରାଜ-ହେମାଦେଈଙ୍କର,
ଗ୍ରହିଥିଲେ ପାଣି ଭଞ୍ଜ କବିବର ।
ପ୍ରାପ୍ତ ହୋଇଥିଲେ ତହିଁ ଗୁଣାରାମ,
ଯୌତୁକ ସ୍ୱରୂପେ ମାଳୀସାହି ଗ୍ରାମ ।
ଅଳ୍ପକାଳ ପରେ ସେ ରାଜନନ୍ଦିନୀ,
ଗଲେ ସ୍ୱର୍ଗେ ତେଜି ମାଟିର ମେଦିନୀ ।
ତହୁଁ ବାଣପୁରେ ଭଞ୍ଜଙ୍କ ବିବାହ,
ରାଜକନ୍ୟା ସହ ହେଲାକ ନିର୍ବାହ ।
ସେ ରାଜକୁମାରୀ କାବ୍ୟ-ବିନୋଦିନୀ,
ନିଜ ଗୁଣେ ନେଲେ ସ୍ୱାମୀ ମନ କିଣି ।"

( ଚିନ୍ତାମଣି-ଗ୍ରନ୍ଥାବଳୀ, ପୃ ୧୦୨ )

## ଏ କ୍ଷେତ୍ରରେ ଭଞ୍ଜକବି ନାଟକ—

'ଭଞ୍ଜକବି' ନାଟକର ଲେଖକ ଶ୍ରୀ ଦେବେନ୍ଦ୍ର କୁମାର ସିଂ ଭଞ୍ଜ-ନଗର ଅଞ୍ଚଳରୁ ବହୁ ତଥ୍ୟ ସଂଗ୍ରହ କରି ଏବଂ ଉପଲଭ୍ୟ ନାନା ପ୍ରାମାଣିକ ଉପାଦାନ ଆଲୋଚନା କରି, ନୂଆଗଡ଼ରେ ଭଞ୍ଜଙ୍କର ବୈବାହିକ ସମ୍ପର୍କରେ ଯେଉଁ ତଥ୍ୟ ଦେଇଛନ୍ତି, ତାହା ଏଠାରେ ଉଦ୍ଧାର କରି ଦିଆଯାଇପାରେ । 'ଭଞ୍ଜକବି' ନାଟକରେ ଅଛି—

(୧) 'ନୂଆଗଡ଼ ରାଜା ପୁରୁଷୋତ୍ତମ ଓ କବି ଉପେନ୍ଦ୍ର ଖେଳିବେ ବସି ରହିଛନ୍ତି—ଉପେନ୍ଦ୍ରଙ୍କ ସମ୍ମୁଖରେ ୫୨ ଖଣ୍ଡ ତାଳପତ୍ର ପୁସ୍ତକ ।'

(୨) 'ପୁରୁଷୋତ୍ତମ ଉପେନ୍ଦ୍ରଙ୍କୁ କହିଲେ, କବି ହେବାର ସୌଭାଗ୍ୟ ମୋର ନାହିଁ ଜେମାମଣି; କିନ୍ତୁ ଏ ଦେଶର ସର୍ବଶ୍ରେଷ୍ଠ କବି ଯେ ମୋର ଭଗିନୀପତି, ଏହି ଗୌରବରେ ମୁଁ ଆଜି ନିଜକୁ ଯଥେଷ୍ଟ ଭାଗ୍ୟବାନ୍ ବୋଲି ମନେକରେ ।'

(୩) ସେ ଦୁହିଁଙ୍କର କଥାବାର୍ତ୍ତା ଚାଲିଥିଲା ବେଳେ ଆଉ ଜଣେ ଆସି କାନ୍ଦି କାନ୍ଦି କହୁଛି 'କଣ କହିବି ସାଆନ୍ତେ ? ମା ସାଆନ୍ତାଣୀ ଯେ ଆଉ ଏ ସଂସାରରେ ନାହାନ୍ତି । ପଲଙ୍କ ଉପରେ ବସିଥିଲେ, ମୋର ଏହି ସମ୍ବାଦ ଶୁଣିବା ମାତ୍ରକେ ଗଡ଼ି ପଡ଼ିଲେ, ସେଠାରୁ ସେ ଉଠି ନାହାନ୍ତି ।'

(୪) ରସିକ କବି ଉପେନ୍ଦ୍ର କହୁଛନ୍ତି—

"ରାଜଜେମା ମାଳତିକା ! ତୁମେ ମଧ୍ୟ ଏତେ ଚଞ୍ଚଳ ବିଦାୟ ନେଇ ଚାଲିଗଲ ? କିନ୍ତୁ ଏହା ତ ମୁଁ ଆଶା କରି ନ ଥିଲି । କସ୍ତୁରିକା ଯାଇଥିଲେ ତା ପଛରେ ଆଜି ମାଳତିକା ମଧ୍ୟ ଗଲେ !"

( ଚତୁର୍ଥ ଅଙ୍କ—ଦ୍ୱିତୀୟ ଦୃଶ୍ୟ )

ଟିପ୍ପଣୀ-ମତଗତ ସାମ୍ୟ ( ଆର୍ତ୍ତବାବୁ ପ୍ରଭୃତିଙ୍କ ସହିତ ) ଲକ୍ଷ୍ୟ କରିବାର କଥା । ଏଠାରେ ପ୍ରଥମେ ବାଣପୁର, ପରେ ନୂଆଗଡ଼ ପ୍ରସଙ୍ଗ ମଧ୍ୟ ଅଭିନବ ।

## ଦାମୋଦର ବାବୁଙ୍କ ମତ ପରୀକ୍ଷା —

ଏ ପର୍ଯ୍ୟନ୍ତ ଯେଉଁସବୁ ଆଲୋଚନା ହୋଇ ଯାଇଛି, ତହିଁରୁ ଜଣାଗଲା ଯେ, ଭଞ୍ଜଙ୍କ ବିବାହ ଘେନି ପ୍ରଥମ ମତ ହେଉଛି, ସେ ନୂଆଗଡ଼ରେ ଓ ବାଣପୁରରେ ବିବାହ କରିଥିଲେ । ଦ୍ୱିତୀୟ ମତ ହେଉଛି, ସେ ନୂଆଗଡ଼ରେ ଆଦୌ ବିବାହ କରି ନ ଥିଲେ ଏବଂ କେବଳ ବାଣପୁରରେ ବିବାହ କରିଥିଲେ । କିନ୍ତୁ ଶ୍ରୀଯୁକ୍ତ ଦାମୋଦର ଦାସ ତାଙ୍କର 'ଉପେନ୍ଦ୍ର ଭଞ୍ଜ ଜୀବନୀ'ରେ କେବଳ ଦ୍ୱିତୀୟ ମତଟିକୁ ଦୃଢ଼ ଭାବରେ ସମର୍ଥନ କରିବାକୁ ଯାଇ

ପ୍ରଥମ ମତବାଦୀମାନଙ୍କୁ ପ୍ରବଳ ଭାବରେ ସମାଲୋଚନା କରିଅଛନ୍ତି । ସେ ତାଙ୍କ 'ଉପେନ୍ଦ୍ର ଭଞ୍ଜ ଜୀବନୀ'ରେ ଲେଖିଛନ୍ତି—

"ସାଧକ ଉପେନ୍ଦ୍ର ବିବାହ ଦ୍ୱାର ପରିଗ୍ରହ କରିଥିବା ସପକ୍ଷରେ କେହି କେହି ମତ ଦେଇଥାଆନ୍ତି । × × × କେହି କେହି ବନମାଳୀ ସିଂହଙ୍କ କନ୍ୟାକୁ ଉପେନ୍ଦ୍ର ପ୍ରଥମରେ ବିବାହ କରିଥିବା କହନ୍ତି । ଏହା ସମ୍ଭବ ନୁହେ, ଯେହେତୁ ଉପେନ୍ଦ୍ରଙ୍କ ଜୀବଦ୍ଦଶାରେ ବନମାଳୀ ସିଂହ ନାମରେ କେହି ନୂଆଗଡ଼ ରାଜ୍ୟର ରାଜା ଥିବା ଆମ୍ଭେ କିଛି ସନ୍ଧି କରି ଜାଣିବାକୁ ପାଇ ନାହୁଁ । ବଂଶ ପୁରୁଷରେ ଜଣେ ବନମାଳୀ ସିଂହ ନାମରେ ରାଜା ଥିବା ଜଣାଯାଏ । ନୂଆଗଡ଼ ରାଜବଂଶର ସପ୍ତଦଶ ପୁରୁଷ ମଧ୍ୟରେ ଉପେନ୍ଦ୍ରଙ୍କ ତିରୋଭାବ ଘଟିଥିବା ଅନୁମିତ ହୁଏ ।

(ପୃଷ୍ଠା-୮୦)

ଲେଖକ ନିଜେ ନୂଆଗଡ଼ ଯାଇ ଏ ସମ୍ପର୍କରେ ଅନୁସନ୍ଧାନ କରିଥିବାର ଜଣାଯାଏ । ଯଦି ତାଙ୍କର ଉପରୋକ୍ତ ମତ ଅନୁସନ୍ଧାନ ଉପରେ ପ୍ରତିଷ୍ଠିତ, ତେବେ ଆର୍ତ୍ତବାବୁଙ୍କ ମତକୁ ଅସ୍ୱୀକାର କରିବାରେ ତାଙ୍କର ପ୍ରୟାସ ପ୍ରଶଂସନୀୟ । କିନ୍ତୁ ଏହି ପ୍ରଶଂସା ସହିତ ତାଙ୍କ ପ୍ରତିପାଦିତ ଆଉ ଗୋଟିଏ କଥା ଏକାନ୍ତ ବିଚାରଯୋଗ୍ୟ ମନେହୁଏ ! ତାହା ହେଉଛି, ଲେଖକଙ୍କର ନିଜର ଏକ ଯୁକ୍ତି । ଲେଖକ ତାଙ୍କ 'ଉପେନ୍ଦ୍ର ଭଞ୍ଜ ଜୀବନୀ'ର ୧୨୯ ପୃଷ୍ଠାରେ କବିଙ୍କ ପ୍ରଦତ୍ତ ବଂଶଲତାର ଆଲୋଚନା କରିଛନ୍ତି ।

ସେ ଦେଖାଇଛନ୍ତି, କିପରି ଉପେନ୍ଦ୍ର ଭଞ୍ଜ ନିଜେ ନିଜର ପିତୃ-ପିତାମହ ପ୍ରଭୃତିଙ୍କର ନାମୋଲ୍ଲେଖ କରିଅଛନ୍ତି । ଏଥି ସହିତ, ଘୁମୁସର ଇତିହାସର ଲେଖକମାନେ ଦେଇଥିବା ନାମ ତାଲିକା ମଧ୍ୟ ଦେଇଅଛନ୍ତି । କବିଙ୍କ ପ୍ରଦତ୍ତ ନିଜ ତାଲିକାରୁ ଜଣାଯାଏ, ତାଙ୍କ ପିତା ନୀଳକଣ୍ଠ, ତାଙ୍କ ପିତା ଧନଞ୍ଜୟ ଭଞ୍ଜ, ତାଙ୍କ ପିତା ଗୋପୀନାଥ ଭଞ୍ଜ, ତାଙ୍କ ପିତା ପ୍ରତାପ ଭଞ୍ଜ ଓ ତାଙ୍କ ପିତା ରଣ ଭଞ୍ଜ ।

କିନ୍ତୁ ଐତିହାସିକମାନଙ୍କ ମତରେ ଉପେନ୍ଦ୍ରଙ୍କ ପିତା ନୀଳକଣ୍ଠ—ତାଙ୍କ ପିତା ଧନଞ୍ଜୟ ଭଞ୍ଜ—ତାଙ୍କ ପିତା ଗୋପୀନାଥ ଭଞ୍ଜ—ତାଙ୍କ ପିତା

ଗୋପାଳ ଭଞ୍ଜ—ତାଙ୍କ ପିତା ଗଜେନ୍ଦ୍ର ଭଞ୍ଜ । ଏହି ତାଲିକା ଆଲୋଚନା କରି ଦାମୋଦର ବାବୁ ଲେଖିଅଛନ୍ତି-

"କବିଙ୍କ ପ୍ରଦତ୍ତ ବଂଶଲତା ସହିତ ଇତିହ୍.ସୋକ୍ତ ବଂଶଲତାରେ ରଣ ଭଞ୍ଜ ଓ ପ୍ରତାପ ଭଞ୍ଜ ସ୍ଥଳେ ଗଜେନ୍ଦ୍ର ଓ ଗୋପାଳ ଭଞ୍ଜ ଥିବାର ଦେଖାଯାଏ । ବଂଶାନୁକ୍ରମିକ ପିତା ଓ ପୁତ୍ର ସମ୍ବନ୍ଧ ସହିତ ଶାସନାନୁକ୍ରମିକ ପୂର୍ବାପର ମେଳ ପ୍ରଭେଦ ରହିପାରେ । ଜଣେ ଲୋକର ଏକାଧିକ ନାମ ଥିବା ଓ ସମୟ ସମୟରେ ନାମ ପରିବର୍ତ୍ତନ ମଧ୍ୟ ଘଟନାକ୍ରମେ ଘଟିଥିବା ଅସମ୍ଭବ ମନେହୁଏ ନା । ବଂଶର ଲୋକେ ଶ୍ରଦ୍ଧା ନାମକୁ ବଡ଼ କରି ଗ୍ରହଣ କରି-ଥାଆନ୍ତି । ଶୁଭକାର୍ଯ୍ୟରେ ଜାତକନାମ ମଧ୍ୟ ଗୃହୀତ ହୋଇଥାଏ । ଏଠାରେ ଗଜେନ୍ଦ୍ର ଓ ଗୋପାଳ ଯଥାକ୍ରମେ ରଣ ଓ ପ୍ରତାପ ଥିବା କବିଙ୍କ ପ୍ରଦତ୍ତ ବଂଶଲତାରୁ ସ୍ପଷ୍ଟ ହୁଏ । କବିଙ୍କ ପ୍ରଦତ୍ତ ବଂଶଲତା, ଯାହା ଶାସନାନୁକ୍ରମିକ ଇତିହାସ ପ୍ରମାଣିତ, ତାହା ଓ ସେହି ଜଣେ ବ୍ୟକ୍ତି ବୋଲି ଗ୍ରହଣ କରି-ନେବାକୁ ଆଉ ସନ୍ଦେହ କରିବା ଉଚିତ ନୁହେ ।"

( ଉପେନ୍ଦ୍ର ଭଞ୍ଜ ଜୀବନୀ, ପୃ-୧୨୯ )

ପାଠକେ ଲକ୍ଷ୍ୟ କରିବେ, କିଛି ସମୟ ଆଗରୁ କୁହାଯାଇଛି, ଦାମୋଦର ବାବୁଙ୍କ ମତରେ ଉପେନ୍ଦ୍ର ଭଞ୍ଜଙ୍କ ସମୟରେ ନୂଆଗଡ଼ ରାଜବଂଶରେ ବିନାୟକ ସିଂହ ବୋଲି କେହି ରାଜା ନ ଥିଲେ । ସୁତରାଂ, ଉପେନ୍ଦ୍ର ବିନାୟକ ସିଂହଙ୍କ କନ୍ୟାଙ୍କୁ ବିବାହ କରିଥିବା କଥା ସତ୍ୟ ନୁହେ ।

କିନ୍ତୁ ଉପର ଉଦ୍ଧୃତିରେ ଲେଖକ ନିଜେ ଯୁକ୍ତି କରୁଛନ୍ତି ଯେ, ଜଣେ ଜଣେ ରାଜାଙ୍କର ଏକାଧିକ ନାମ ଥାଇପାରେ, ଯଥା—ଶ୍ରଦ୍ଧା ନାମ ଓ ଜାତକ ନାମ । ଏହି ଦୃଷ୍ଟିରୁ ଦେଖିଲେ, ଉପେନ୍ଦ୍ର ଭଞ୍ଜଙ୍କ ସମୟରେ ନୂଆଗଡ଼ରେ ଯେଉଁ ବ୍ୟକ୍ତି ରାଜା ଥିଲେ, ତାଙ୍କର ଆଉ ଏକ ନାମ ବିନାୟକ ନ ହୋଇଥିବ କାହିଁକି ? ଆର୍ତ୍ତବାବୁ ବିନାୟକ ସିଂହ ବୋଲି ଲେଖିଥିବା ସ୍ଥଳେ, ନୂଆଗଡ଼ରୁ ଦାମୋଦର ବାବୁ ପାଇଥିବା ସେଠାର ସେ ସମୟର ରାଜାଙ୍କର ଶାସନାନୁକ୍ରମିକ ନାମ 'ବିନାୟକ' ନ ହୋଇଥିବାରୁ, ଉପେନ୍ଦ୍ର ଭଞ୍ଜ ସେଠାରେ ମୋଟେ ବିବାହ କରି ନ ଥିଲେ ବୋଲି କହିବା ଏକାନ୍ତ ଯୁକ୍ତିଯୁକ୍ତ ମନେହେଉ ନାହିଁ ।

ତା ଛଡ଼ା, ଦାମୋଦର ବାବୁଙ୍କର ପ୍ରଧାନ ଯୁକ୍ତି ହେଉଛି—ଉପେନ୍ଦ୍ରଙ୍କ ରଚନାରେ ଏକପତ୍ନୀ ବ୍ରତର ମାହାତ୍ମ୍ୟ ବାରମ୍ବାର ପରିକୀର୍ତ୍ତିତ ହୋଇଥିବାରୁ, ସେ ଦ୍ୱିତୀୟ ପତ୍ନୀ ବିବାହ କରିଥିବା ସମ୍ଭବପର ନୁହେ । କିନ୍ତୁ ଏହା ଆଦୌ ଯୁକ୍ତିଯୁକ୍ତ ନୁହେ । କାରଣ, ତାଙ୍କର ଏହି ଯୁକ୍ତି ସାଧାରଣ ଅନୁଭୂତିର ବିରୁଦ୍ଧାଚରଣ କରେ । ଏହି ଲେଖକ ତାଙ୍କ 'ଉପେନ୍ଦ୍ର ଭଞ୍ଜ ଜୀବନୀ'ର ୯୨ ପୃଷ୍ଠାରେ ସ୍ପଷ୍ଟ ଲେଖିଛନ୍ତି—"ନୂଆଗଡ଼ର ଜଣେ ରାଜ-ମହିଳାଙ୍କୁ କବି ବିବାହ ହୋଇଥିବା ଜନଶ୍ରୁତି ଆଜସୁଦ୍ଧା ଜୀବନ୍ତ ରହିଥିବା ଜଣାଯାଏ ।" ଏହାକୁ କିନ୍ତୁ କବିଙ୍କ ବିରୁଦ୍ଧରେ ଏକ ଅପପ୍ରଚାର ବୋଲି ସେ କହନ୍ତି । ଯେପରି ଦେଖା-ଯାଉଛି, ପ୍ରଚାର ଓ ଅପପ୍ରଚାର, ଦୁଇଟିଯାକ ସେହି କିମ୍ବଦନ୍ତୀରୁ ହିଁ ଉଦ୍ଭୂତ । ସୁତରାଂ, ଗୋଟିକୁ ପୂର୍ଣ୍ଣ ସତ୍ୟ ରୂପେ ଗ୍ରହଣ କରି, ଅନ୍ୟଟିକୁ ଏକାନ୍ତ ମିଥ୍ୟା ରୂପେ ଖଣ୍ଡନ କରିବା ଚିନ୍ତାଶୀଳତାର ପରିଚୟ ଦିଏ ନାହିଁ ।

ଆମର ଗୋଟିଏ ସାଧାରଣ ଅନୁଭୂତିକୁ ଭିତ୍ତି କରି, ଏହି ସମସ୍ୟାଟି ଆଲୋଚନା କରାଯାଉ । ଯୁକ୍ତିଛଳରେ ଧରାଯାଉ, ଜଣେ ଶିକ୍ଷକ ଅଛନ୍ତି, ଯେ ଏକାନ୍ତ ଦୁଷ୍ଟଚରିତ୍ର, ସ୍ତ୍ରୈଣ ଓ ମଦ୍ୟପ । ଖୋଜିବସିଲେ ଆମର ସମସାମୟିକ ସମାଜରେ ଏ ଭଳି ଲୋକ ଦୁଏ ତ ଆଖିରେ ପଡ଼ିବେ । କିନ୍ତୁ ସେହି ଶିକ୍ଷକ କେବେହେଲେ ଛାତ୍ରମାନଙ୍କୁ ଶ୍ରେଣୀରେ ପଢ଼ାଇଲା ବେଳେ ବା ପୁସ୍ତକ ରଚନାରେ ଦୁଃଶ୍ଚରିତ୍ର, ସ୍ତ୍ରୈଣ ଓ ମଦ୍ୟପ ହେବା ପାଇଁ ଆଦୌ ଉପଦେଶ ଦେଉ ନ ଥିବେ । ଯେ ସଦୁପଦେଶ ଦିଅନ୍ତି, ସେ ଯେ ନିଜେ ସମସ୍ତ ସଦ୍‌ଗୁଣର ଏକ ଜୀବନ୍ତ ପ୍ରତିମୂର୍ତ୍ତି, ଏ କଥା କହିବା ଆଦୌ ଯୁକ୍ତିଯୁକ୍ତ ନୁହେ । ଅଭିମନ୍ୟୁ ସାମନ୍ତ ସିଂହାର ଲୋକ ଚରିତ୍ରର ଏହି ଚିରନ୍ତନ ରହସ୍ୟ ପ୍ରକାଶ କରିବାକୁ ଯାଇ ବିଦଗ୍ଧ ଭଙ୍ଗୀରେ ଲେଖିଅଛନ୍ତି—

"ଝମକ, ଝଗଡ଼ା ଦୁଷ୍ଟେ କରନ୍ତି
ହିଁମିଟେ କାଳ ଗଲେ ପୁଣ ଆପଣା
ବାଳକଙ୍କୁ ଭିଆରନ୍ତି ।"

( ବିଦଗ୍ଧ ଚିନ୍ତାମଣି )

ଅର୍ଥାତ୍, ଦୁଷ୍ଟ ଲୋକେ କଥା କଥାରେ କଳିକଜିଆ କରନ୍ତି । ଅଥଚ, କିଛି କାଳ ପରେ ତାଙ୍କର ପିଲାମାନେ କଳିକଜିଆ କଲେ, ତହିଁରୁ ନିବୃତ୍ତ ହେବା ପାଇଁ ସେମାନଙ୍କୁ ଉପଦେଶ ଦିଅନ୍ତି ।

ଏଥିରୁ ଆଦୌ ବୁଝିବା ଉଚିତ ନୁହେ ଯେ, ଉପେନ୍ଦ୍ର ଭଞ୍ଜ ସଂଯମୀ ନ ଥିଲେ ବୋଲି ଯୁକ୍ତି କରାଯାଉଛି । କିନ୍ତୁ, 'ଏକପତ୍ନୀ ବ୍ରତ'ର ମାହାତ୍ମ୍ୟ ପ୍ରତିପାଦନ କରି, ନିଜର ପାଠକମାନଙ୍କୁ ଉଦ୍‌ବୁଦ୍ଧ କରିବାକୁ ଯେଉଁ କବି ଚେଷ୍ଟା କରିଅଛନ୍ତି, ତାଙ୍କର ପ୍ରଥମା ପତ୍ନୀ ଅକାଳରେ ମୃତ୍ୟୁବରଣ କରିବା ପରେ, ଅଳ୍ପବୟସ୍କ, ରାଜବଂଶଜନ୍ମା ରାଜପୁତ୍ର ତାଙ୍କର ତରୁଣ ବୟସରେ ଯେ ଦ୍ୱିତୀୟ ପତ୍ନୀ ବିବାହ କରିବା ଏକାନ୍ତ ଅସଙ୍ଗତ ବା ଅବୈଧ, ଏହି କଥାର ଯୁକ୍ତିହୀନତା ହିଁ ଏଠାରେ ପ୍ରତିପାଦନ କରାଯାଉଛି । ଏ କଥା କୌଣସି ଅନୁଭବୀ ଲୋକ କହିବ କି, ପ୍ରଥମା ପତ୍ନୀର ବିୟୋଗ ପରେ ଯେ ଦ୍ୱିତୀୟ ଥର ବିବାହ କରନ୍ତି, ସେ ହେଉଛନ୍ତି ଅସଂଯତ ଓ ଅସଚ୍ଚରିତ୍ର ? ଉଦ୍ଦାମ ଯୌବନ ରୂପକ ରେଳ ଗାଡ଼ିକୁ ସଂଯତ, ଶୃଙ୍ଖଳିତ ଓ ସୁନିୟନ୍ତ୍ରିତ ମାର୍ଗରେ ଚଳାଇବାର ଏକମାତ୍ର ବାଟ ହେଉଛି ବିବାହବିଧି ମାଧ୍ୟମରେ ପତ୍ନୀ ଗ୍ରହଣ ପୂର୍ବକ ଲୁହାର ଧାରଣା ଯୋଗାଇ ଦେବା । ଘୁମୁସର ରାଜବଂଶର ରାଜପୁରୁଷମାନେ ବିଳାସରେ ପରିବର୍ଦ୍ଧିତ ହୋଇ, ରମଣୀ ଭୋଗ କରିବା କଥା ଆମ ଅପେକ୍ଷା ଉପେନ୍ଦ୍ର ଅଧିକ ଭାବରେ ଜାଣି-ଥିଲେ । ପ୍ରଥମା ପତ୍ନୀଙ୍କ ବିୟୋଗ ପରେ, ସେ ଏ କଥା ଭାବିଥିବା ସ୍ୱାଭାବିକ ଯେ, ଜୀବନକୁ ପବିତ୍ର, ସଂଯତ ଓ ସାମାଜିକ ସୀମା ମଧ୍ୟରେ ନିୟନ୍ତ୍ରିତ କରି ରଖିବାକୁ ହେଲେ ପୁଣି ଥରେ ପତ୍ନୀଗ୍ରହଣ ହିଁ ଏକମାତ୍ର ଉପାୟ । ଏ ଦୃଷ୍ଟିରୁ ସେ ଯଦି ଦ୍ୱିତୀୟା ପତ୍ନୀ ଗ୍ରହଣ କରିଥାନ୍ତି, ତାଙ୍କୁ ଆକ୍ଷେପ କରିବାର କୌଣସି କାରଣ ନାହିଁ ।

ଉପେନ୍ଦ୍ର ଭଞ୍ଜଙ୍କ ପରି ରାମତାରକ ମନ୍ତ୍ରରେ ଯେଉଁ ବଳରାମ ଦାସ ସିଦ୍ଧିଲାଭ କରିଥିଲେ ଏବଂ ଯାହାଙ୍କର 'ଦାଣ୍ଡି ରାମାୟଣ' ଓଡ଼ିଶାର ଏକ ବଶିଷ୍ଟ ସମ୍ପଦ, ତାଙ୍କର ଜୀବନୀ ଲେଖିବାକୁ ଯାଇ ଭକ୍ତପ୍ରବର ରାମ ଦାସ ନିଜ 'ଦାର୍ଢ୍ୟତାଭକ୍ତି'ରେ ଲେଖିଛନ୍ତି—

"କେବଳ ପ୍ରକୃତି ବଶରେ
ନିରତେ ଗମେ ବେଶ୍ୟାଘରେ ।" (୧୭ଶ ଅଧ୍ୟାୟ)

ଅଥଚ, ତାଙ୍କ ରାମାୟଣରେ ଏକପତ୍ନୀ ବ୍ରତର ମହତ୍ତ୍ୱ ଉଦ୍‌ଘୋଷଣ କି ମନ୍ଦ୍ର ନାଦରେ କରା ନ ଯାଇଛି ? ସୁତରାଂ, ଉପେନ୍ଦ୍ରଙ୍କ ଲେଖାରୁ ପତ୍ନୀ ପ୍ରତି ତାଙ୍କର ସ୍ନେହ ମମତା ଦେଖି ସଂଯତ ଜୀବନ ଯାପନ ନିମନ୍ତେ ମୃତଦାର ଉପେନ୍ଦ୍ର

ଭଞ୍ଜ ବିଶ୍ୱାସ୍ତ ପତ୍ନୀ ଗ୍ରହଣ କରି ନ ଥିଲେ ବୋଲି କହିବା ଯୁକ୍ତିଯୁକ୍ତ ନୁହେଁ । ବରଂ 'କରିଥିଲେ' ବୋଲି କହିବାରେ ସ୍ୱାଭାବିକତା, ସତ୍ୟତା ଏବଂ ଦୂରଦୃଷ୍ଟିତା ହିଁ ସମଧିକ ଭାବରେ ପ୍ରକଟିତ ହୁଏ ।

## ତା' ପରେ ଭଞ୍ଜଙ୍କ ନାରୀବନ୍ଧୁ ବ୍ରହ୍ମଚାରିଣୀ କାହାରିଲେ କୁଆଡ଼ୁ ?—

ଶ୍ରୀଯୁକ୍ତ ଦାମୋଦର ଦାସ ଭଞ୍ଜଙ୍କର 'ଏକପତ୍ନୀ ବ୍ରତ'ର ବିସ୍ତୃତ ଆଲୋଚନା କରିବା ପରେ ଏହି ସିଦ୍ଧାନ୍ତରେ ଆସି ପହଞ୍ଚିଛନ୍ତି ଯେ, ପରମହଂସଧର୍ମୀ ଉପେନ୍ଦ୍ର ଭଞ୍ଜଙ୍କର ଜଣେ ନାରୀବନ୍ଧୁ ଥିଲେ ଏବଂ ଦୁହେଁ ଏକତ୍ର କାଳଯାପନ କରୁଥିଲେ ସୁଦ୍ଧା ଏହି ନାରୀବନ୍ଧୁଙ୍କ ପ୍ରତି କୁଆଡ଼େ ଉପେନ୍ଦ୍ରଙ୍କର ଲବମାତ୍ର ଆମ ଭଳିଆ ସାଂସାରିକ ଆସକ୍ତି ନ ଥିଲା !

ଶ୍ରୀଯୁକ୍ତ ଦାମୋଦର ଦାସ ଲେଖିଛନ୍ତି—

(୧) "ପ୍ରକାଶ ଯେ, ନୂଆଗଡ଼ ରାଜପରିବାରର ଜଣେ ରେମାଦେଈ ବଉଦ ରାଜବଂଶରେ ବିବାହ କରିଥିଲେ । ସେ ଅକାଳ ବିଧବା । ବ୍ରହ୍ମଚର୍ଯ୍ୟ ଦୀକ୍ଷାରେ ବ୍ରତିନୀ ହୋଇ, ମାଳୀସାହି ଗ୍ରାମରେ ଆଶ୍ରମ ପ୍ରତିଷ୍ଠା କରି ଥାଆନ୍ତି । କିଶୋର ଉପେନ୍ଦ୍ର, ( ଯେ କି ପିତାମହୀ ମଣ୍ଡୋଦେବୀଙ୍କ ସହିତ ବେଳେ ବେଳେ ନୂଆଗଡ଼ ରାଜପରିବାର ମଧ୍ୟରେ ଅବସ୍ଥାନ କରୁଥିଲେ )ଙ୍କ ବିଚକ୍ଷଣ ବୁଦ୍ଧି ସନ୍ଦର୍ଶନରେ ସେ (ସେହି ବ୍ରହ୍ମଚାରିଣୀ) ପ୍ରୀତ ହୋଇ, ତାଙ୍କ ପଥପ୍ରଦର୍ଶିକା ରୂପେ ଦର୍ଶନ ଜ୍ଞାନର ମହିମା ଶୁଣାଇ ସେ ଦିଗରେ × × ପ୍ରେରଣା ଦେଇଥାଆନ୍ତି । ସେ ଦୁହିଁଙ୍କ ନିଗୂଢ଼ ଆନ୍ତରିକତା ଯେତେବେଳେ ସେଠାରେ ପାପପ୍ରଣୟର ରୂପ ଧାରଣ କରି ଜନମୁଖରେ ପ୍ରଚାରିତ ହେଲା । (ପୃ-୧୦-୧୧)

(୨) "ଶୁଣିବାକୁ ମିଳେ (ଓଡ଼ଗାଁରେ) ଠାକୁରଙ୍କ ପୀଠରେ ଜଣେ ବ୍ରହ୍ମଚାରିଣୀ ସୁନ୍ଦରୀ ଅବଳା ହରିଙ୍କ ପବିତ୍ର ଧୂପ ସମୟରେ ଉପେନ୍ଦ୍ରଙ୍କୁ ଦେଖିବା ମାତ୍ରେ ମନମୁଗ୍‌ଧକର ଗାନ ଓ ନୃତ୍ୟ କରି ଜନତାକୁ ଆପ୍ୟାୟିତ କରୁଥାଏ ।"

( ପୃ-୮୦ )

(୩) "କବିବର ଉପେନ୍ଦ୍ର ବ୍ରହ୍ମସ୍ବରଣୀଙ୍କ ଆମନ୍ତ୍ରଣକ୍ରମେ ମାଳୀ ସାହିରେ କଣ୍ଠଦାନ କରାଉଥିବା ବେଳେ, ସମ୍ମାନ-ଆଦୃତ ଦେବଦାସୀ ଓ ସାଧ୍ୱୀ ବ୍ରହ୍ମସ୍ବରଣୀ ସାହିତ୍ୟ ଚର୍ଚ୍ଚା ଓ ଆଲୋଚନାର କେନ୍ଦ୍ର ସ୍ବରୂପ ହୋଇଥାଆନ୍ତି ।"
( ପୃ-୮୫ )

(୪) "ସାଧକ ଉପେନ୍ଦ୍ରଙ୍କ ସାଧନା ଆରମ୍ଭ ହେଉପୂର୍ବ ମାଳୀ ସାହିର ରହସ୍ୟ ଜାଣିବାକୁ ଯାଇ ଆଆନ୍ତି । ହେଲେ ବ୍ରହ୍ମସ୍ବରଣୀଙ୍କ ମନରେ ଉପେନ୍ଦ୍ରଙ୍କ ସହିତ ନିଭୃତରେ ସାହିତ୍ୟ ଓ ଧର୍ମଚର୍ଚ୍ଚା ପାଇଁ ଏକାନ୍ତ ଆକାଙ୍କ୍ଷା ଜାଗ୍ରତ ହୋଇଥାଏ । ଆଜି ତାହା କାର୍ଯ୍ୟକ୍ଷେତ୍ରରେ ଫଳପ୍ରସୂ ହୋଇପାରେଛି ।"

•

"( ବାଣପୁର ରାଜନନ୍ଦନୀ ତଥା ଉପେନ୍ଦ୍ରଙ୍କ ପତ୍ନୀ ) ଲବଣ୍ୟବତୀଙ୍କ ସ୍ବର୍ଗାରୋହଣ ପରେ କର୍ତ୍ତବ୍ୟ ଦୃଷ୍ଟିରୁ ବ୍ରହ୍ମସ୍ବରଣୀଙ୍କ ସେବା ପାଇଁ ମାଳୀ ସାହିରେ କାଳାତିପାତ କରିବା ଦେବଦାସୀର ମାନସିକ ସଂକଳ୍ପ ଥାଏ । ସେ ଉପେନ୍ଦ୍ରଙ୍କ-ଠାରୁ ଓ ଘୁମୁସର ରାଜକୋଷରୁ ବହୁ ଧନ ଭିକ୍ଷାରୂପେ ସଂଗ୍ରହ କରି, ମାଳୀ ସାହିରେ ଯେଉଁ ଶାନ୍ତ ଆଶ୍ରମଟିଏ ଆରମ୍ଭ କରିଥାଏ, ଦୈବୀ ଘଟଣାରୁ ହେଉ ବା କର୍ତ୍ତବ୍ୟପରାୟଣତାରୁ ହେଉ, ଆଜି ସାଧୁ ଉପେନ୍ଦ୍ରଙ୍କ ସହିତ ବ୍ରହ୍ମସ୍ବରଣୀଙ୍କୁ ଗୋଟିଏ ସ୍ଥଳରେ ସେବା କରିବା ସୁବିଧା ପାଇ, ସେ ତାଙ୍କର ଆଜୀବନ ସାଧନାର ଫଳ ଲାଭ କରି ସୁଖୀ ମନେକଲେ ।

"ଏ ମନ ଭାବୁଥାଇ ଯାହା
କାଳେ ପ୍ରାପତ ହୁଏ ତାହା ।" (ଭାଗବତ)

"ବୋଧହୁଏ, କବି ଉପେନ୍ଦ୍ର, ସାଧ୍ୱୀ, ସୁଲକ୍ଷଣୀ, ବ୍ରହ୍ମସ୍ବରଣୀ ଓ ଅନୁଚରୀ ଦେବଦାସୀର ଏକତ୍ର ମିଳନ ତାହାଙ୍କ ଭାବୀ ଶୁଭ ପାଇଁ ମଙ୍ଗଳମୟଙ୍କ ଅଭିପ୍ରେତ ଥିଲେ । କବି ସେମାନଙ୍କୁ ସହଯୋଗୀ ଓ ସହକାରୀ ରୂପେ ପାଇ ସୁଖୀ ହୋଇଥିଲେ ।" ( ପୃ-୮୯ )

ଶ୍ରୀଯୁକ୍ତ ଦାସ ଏଠାରେ ଏକପତ୍ନୀ ବ୍ରତର ଏକନିଷ୍ଠ ଉପାସକ ଭାବରେ, ଖାଲି କଥାରେ, ଉପେନ୍ଦ୍ରଙ୍କୁ ବର୍ଣ୍ଣନା କରିଥିଲେ ମଧ୍ୟ, ତାଙ୍କ ସହିତ ତାଙ୍କର 'ସହଯୋଗ' ଘଟାଇଛନ୍ତି ! ( କାରଣ, 'ସହଯୋଗୀ' ଶବ୍ଦ ସେ ପ୍ରୟୋଗ

କରିଛନ୍ତି ) । ଏ ସମସ୍ତ ବିବରଣୀ ବ୍ୟକ୍ତିଗତ ଭାବରେ ମତେ ଏକ 'ବୁଢ଼ୀ ମା ଗଳ୍ପ' ପରି ଜଣାଯାଏ । ଭଞ୍ଜଙ୍କର ଯେ ଏ ଭଳି ଅନ୍ୟ ସ୍ତ୍ରୀ ସହ ସହଯୋଗୀ ହେବା ଘଟଣା ହେତୁ 'ବୁଢ଼ୀ ମା ଗଳ୍ପ' ପରି ଲାଗୁଛି, ତାହା ନୁହେଁ । ଲାଗୁଛି ଏହି କାରଣରୁ ଯେ, ଯାହାଙ୍କର ଦୁଇ ପତ୍ନୀ ବିବାହ ( ଜଣଙ୍କର ମୃତ୍ୟୁ ପରେ ଅନ୍ୟ ଜଣକର ) ଅସମୀଚୀନ ବୋଲି କୁହାଯାଉଛି, ତାଙ୍କୁ ପୁଣି ଏ ଭଳି ଅବଳା ଯୁଗଳର ସହଯୋଗରେ କାଳାତିପାତ କରିଥିବା ଭଳି ଅପ୍ରାମାଣିତ ଚରିତକୁ ଦୃଢ଼ ଭାବରେ ପ୍ରଚାର କରାଯାଇ ପାରୁଛି !!

## ଭଞ୍ଜଙ୍କର ପତ୍ନୀବିୟୋଗ ଘଟିଲା କିପରି—

### ପ୍ରଥମ ମତ —

ଶ୍ରୀଯୁକ୍ତ ଅନନ୍ତ ପଦ୍ମନାଭ ପଟ୍ଟନାୟକ ଲେଖିଛନ୍ତି—

"କବିଙ୍କ ସ୍ତ୍ରୀଙ୍କର ଅକାଳ ବିୟୋଗ ସମ୍ପର୍କରେ ଗୋଟିଏ ଜନଶ୍ରୁତି ଅଛି । ଉପେନ୍ଦ୍ର କୁଳାଡ଼ ଗଡ଼ରେ ସାଧାରଣତଃ ବାସ କରୁଥିଲେ ମଧ୍ୟ, ବେଳେ ବେଳେ ସେ ପୂର୍ବୋକ୍ତ 'ଅନ୍ଧାରି ଗଡ଼'କୁ ବିଜେ କରୁଥିଲେ । କଳିଙ୍ଗା ପାଦଦେଶରେ ଶୋଭିତ 'ଅନ୍ଧାରିକୋଟ' ପ୍ରକୃତି ଦେବୀଙ୍କ ଲୀଳାସ୍ଥଳୀ ଥିଲା । ଏକ ଦିଗରେ ଶ୍ୟାମାୟମାନ ଅନନ୍ତ କାନନ ଶ୍ରେଣୀ, ଅନ୍ୟ ଦିଗରେ ବିଭିନ୍ନ ବିହଙ୍ଗମକୁଳର ମଧୁର ରୁତ-ସଙ୍ଗୀତ-ସୁଧା ସ୍ୟନ୍ଦୀ ନିର୍ଝରିଣୀ ଝଂକାର ସହିତ ମିଶି କବିପ୍ରାଣକୁ ଅହରହ ସ୍ୱାଗତ କରିବା ସ୍ୱାଭାବିକ । ଭାବପ୍ରବଣତାକୁ ପ୍ରଶ୍ରୟ ଦେବା ଉଦ୍ଦେଶ୍ୟରେ ବୋଧହୁଏ, ସେ ଥରେ ଥରେ ସେଠାକୁ ଯାଇ ଦିନେ ଦିନେ ରହି ଯାଉଥିଲେ । ଦିନେ ପୁଣି ସେ ନିର୍ଦ୍ଦିଷ୍ଟ ସମୟରେ ଫେରିବା ପାଇଁ କହି ଆଉ ଫେରିଲେ ନାହିଁ । ଆଳସ୍ୟର କାରଣ ଜାଣିବା ପାଇଁ, ଯଥାସମୟରେ ଲୋକ ପ୍ରେରଣ କରାଗଲା । ଅନ୍ଧାରି ଗଡ଼ ପ୍ରଥମ ଦ୍ୱାର ସମୀପରେ ସେ ଦେଖିଲା, ହିଂସ୍ରଜନ୍ତୁ ଅକ୍ରମଣରେ ନିହତ କୌଣସି ମନୁଷ୍ୟ ଶରୀରର କେତେକାଂଶ ଏବଂ ସେ ସ୍ଥାନଟିର ରକ୍ତାକ୍ତ । ସେ ଭୀତତ୍ରସ୍ତ ହୋଇ ଫେରି ସେହି କଥା ରାଣୀଙ୍କ ସମ୍ମୁଖରେ ଜଣାଇଲା । କବିଙ୍କ ସ୍ତ୍ରୀ ତାହା ଶୁଣି ସମ୍ଭାଳି ପାରିଲେ ନାହିଁ । ସେହିଁ ସେହିଁ ତାଙ୍କର ପ୍ରାଣବାୟୁ ଉଡ଼ିଗଲା ।

( କବିସମ୍ରାଟ୍ ଉପେନ୍ଦ୍ର ଭଞ୍ଜ, ପୃ-୨୧ )

## ଦ୍ୱିତୀୟ ମତ –

କବିଶେଖର ଚିନ୍ତାମଣି କିନ୍ତୁ ଭିନ୍ନ ଭାବରେ ଏହି ଦୁର୍ଘଟଣାର ସୁନ୍ଦର ବର୍ଣ୍ଣନା କରି ଲେଖିଛନ୍ତି–

"ଦମ୍ପତି ସମ୍ବନ୍ଧେ ଅଦ୍ଭୁତ ବ୍ୟାପାର,
ଜନଶ୍ରୁତି ସଭା କରୁଛି ପ୍ରଚାର ।
ମନେ ମନେ ଏହନେ ବିଚାରିଲେ କବି,
ବାଣପୁର ଜେମା ଦେବୀ କି ମାନବୀ ?
ଦ୍ୱିତୀୟା ଜାୟା ତ ବୋଲନ୍ତି କନଅଁ
ବାସ୍ତବରେ କନ୍ୟାଜାୟା ଉତ୍ର ନଅଁ ।
କିନ୍ତୁ ସେ ଶାନ୍ତି ତ ନାହିଁ ମୋ ପ୍ରିୟାର,
କେତେ ଶୁଦ୍ଧପୂତ ଏହାଙ୍କ ବେଭାର ।
ରାଜକନ୍ୟା କେହି ଏଭଳି ହେବ କି,
ଖଟିଛନ୍ତି ପାଦେ ସେହନ ସେବକୀ ।
ଏତେ ଅନୁରାଗ ଭକ୍ତି, ଦେବୀ ଭିନା,
ମାନବୀ ପକ୍ଷରେ ଅସମ୍ଭବ ସିନା !
କୌତୁକରେ ଆଜ ବଡ଼ ପ୍ରିୟା ମନ,
କରିବି ଦୁହାର ସନ୍ଦେହ ମୋଚନ ।
ବୁଝିବି ଅଛି କି ଏ ସୁନାରେ ଖାଦ,
ମେଣ୍ଟିଯିବ ସତ୍ୟ ସନ୍ଦେହର ବାଦ ।
ବୁଝିବି ଆବର ପ୍ରତ୍ୟକ୍ଷେ ଏ କଥା
ଏ ସୁଗନ୍ଧ ଫୁଲେ ଅଛି କି ଖାବ୍ରତା ।
ଧଳା ଫର ଫର ଦିଶୁଛି କର୍ପୂର,
ଚାଖିଲେ ଜାଣିବ ପିତା କି ମଧୁର ।
ବିଚାରି ଏହନ କବି ମହାମନା,
ବାହାରିଲେ ଧରି ମୃଗୟା ଛଳନା ।
ଘେନଲେ ମେଲାଣି ପ୍ରିୟା ପାଶୁ ଖରେ,
ବିଜେ ହେଲେ ବନେ ଧନୁ ଧରି କରେ ।
ରଙ୍ଗପ୍ରିୟ କଙ୍କ ଖଣ୍ଡେ ଦୂର ଯାଇ,
ଆଦେଶିଲେ ଜଣେ ଚରିକରେ ଗାଇ ।

କହିବୁ ତୁ ଯାଇ ନଅରେ ତୁରନ୍ତ,
"ଯୁବରାଜ ହେଲେ ବାଘବେଣ୍ଟେ ହତ ।"
କାନ୍ଦିବୁ କପଟେ ଶୁଖାଇଣ ମୁଖ,
ତୋ ପଛେ ଯାଇ ମୁଁ ଦେଖିବି କୌତୁକ ।
ସେହିପରି ଭୃତ୍ୟ କରନ୍ତେ ବଖାଣ,
ଜବପତ୍ନୀଙ୍କର ଉଡ଼ିଗଲା ପ୍ରାଣ ।"
( ଚିନ୍ତାମଣି ଗ୍ରନ୍ଥାବଳୀ—ପୁ: କାବ୍ୟ, ପୃ-୧୦୩ )

ଏହି ବିବରଣୀ ଦୁଇଟିର ବିଷୟ ବିବରଣୀ ଟିକିଏ ଭିନ୍ନ ହେବାକୁ ହେଁ, ଗୋଟିଏ ଘଟଣାର ହିଁ ସୂଚନା ଦିଅନ୍ତି ।

## ଚିନ୍ତାମଣିଙ୍କ ବର୍ଣ୍ଣିତ ଘଟଣା ଭଞ୍ଜଙ୍କର ନା ଅଭିମନ୍ୟୁ ସାମନ୍ତ ସିଂହାରଙ୍କ ଜୀବନରେ ଘଟିଥିଲା ? –

ଶ୍ରୀଯୁକ୍ତ ଜଗବନ୍ଧୁ ସିଂହ 'ପ୍ରାଚୀନ ଉତ୍କଳ'ରେ ଚିନ୍ତାମଣିଙ୍କ ବର୍ଣ୍ଣିତ ଏହି ଘଟଣା ସାମନ୍ତ ସିଂହାରଙ୍କ ଜୀବନର ଘଟଣା ବୋଲି ଲେଖି ଯାଇଛନ୍ତି । ତାଙ୍କ ଭାଷାରେ—

"ବିଦଗ୍ଧ ଚିନ୍ତାମଣି ରଚିତ ହେବା ସମ୍ବନ୍ଧରେ ଗୋଟିଏ କିମ୍ବଦନ୍ତୀ ଶୁଣାଯାଏ । ସାମନ୍ତ ସିଂହାରଙ୍କ ସ୍ତ୍ରୀ ସତୀ, ସାଧ୍ୱୀ, ପତିବ୍ରତା ଥିଲେ ଏବଂ ପତି ଭିନ୍ନ ଅନ୍ୟ କିଛି ଜାଣୁ ନ ଥିଲେ । ସ୍ୱ-ହସ୍ତରେ ରନ୍ଧନ କରିବା ଏବଂ ସ୍ୱାମୀଙ୍କୁ ଆଗେ ବସି ଭୋଜନ କରାଇ ସାରିଲେ, ସେହି ଅଧରାମୃତ ପାନ କରିବା ସାମନ୍ତଙ୍କ ସ୍ତ୍ରୀଙ୍କର ପ୍ରାତ୍ୟହିକ କାର୍ଯ୍ୟ ଥିଲା । ସ୍ୱାମୀ ଭୋଜନ ନ କରିବା ପର୍ଯ୍ୟନ୍ତ ସେ ଜଳ ଗ୍ରହଣ କରୁ ନ ଥିଲେ । ସ୍ତ୍ରୀଙ୍କର ଏହିପରି ନିଷ୍ଠା ପତିଭକ୍ତି ଦେଖି, ସାମନ୍ତସିଂହାର ଦିନେ କହିଲେ—"ଦେଖ, ତୁମ୍ଭେ ମୋତେ ଦଣ୍ଡେ ନ ଦେଖିଲେ ବଣା ହେଉଛ, ମୁଁ ମରିଗଲେ କଣ ତୁମ୍ଭେ ମରିଯିବ ?" ସ୍ତ୍ରୀ ଉତ୍ତର ଦେଲେ—"ମୁଁ ଯଦି ପ୍ରକୃତରେ ତୁମ୍ଭର ସ୍ତ୍ରୀ ହୋଇଥାଏ, ତେବେ ତୁମ୍ଭେ ମରିଯିବ, ମୁଁ ବଞ୍ଚିବି କପରି ?" ସାମନ୍ତ ଏ କଥା ଶୁଣି ମନକଥା ମନେ ରଖିଲେ । କେତେ ଦିନ ବିତିଗଲା । ଦିନେ ସ୍ତ୍ରୀଙ୍କ ଭକ୍ତିକୁ ପରୀକ୍ଷା କରିବାକୁ ମନସ୍ଥ କଲେ । ଭୋଜନ-ଭାଜନ ସାରି ସାମନ୍ତ ଆପଣା ଜମିଦାରୀ ବାଲିଆକୁ ଗଲେ । ସଙ୍ଗରେ ଗୋଟିଏ

ପୁରତନେ ବାହାରି ଶିକାରକୁ ନେଲେ । କାଳିଆ ଓ ସାମନ୍ତଙ୍କ ନିଜ ଗ୍ରାମ ମଧ୍ୟ-ବସ୍ତରେ ଗୋଟିଏ ଜଙ୍ଗଲ ପଡ଼େ । ସାମନ୍ତଙ୍କର ଅଣ୍ଟାରେ ସର୍ବଦା ଗୋଟିଏ କଟାରି ଥାଏ । ହାତ-ହତିଆରର ବ୍ୟବହାର ଜାଣିବା କ୍ଷତ୍ରିୟର କୌଳିକ ଧର୍ମ । କ୍ଷତ୍ରିୟମାନେ ଶିକାର କରିବାକୁ ମଧ୍ୟ ଭଲ ପାଉଥିଲେ । ସୁତରାଂ, ସାମନ୍ତ ସିଂହାର ଆପଣାର କୌଳିକ ଧର୍ମରେ ଅପଟୁ ନ ଥିଲେ ।

"କଳିଆରୁ ଫେରି ଆସିବା ବେଳେ, ଆପଣା ହାତରେ ମୁଦି ଓ ଅଣ୍ଟାରୁ କଟାରି କାଢ଼ି ଭଣ୍ଡାରି ହାତରେ ଦେଇ କହିଲେ—"ତୁ ଯା, କାନ୍ଦି କାନ୍ଦି କହିବୁ, ସାନ୍ତାଣୀଙ୍କି କହିବୁ, ସାଆନ୍ତଙ୍କୁ ବାଘ ଖାଇଗଲା ।" ଭଣ୍ଡାରି ପ୍ରଥମେ ଅସମ୍ମତ ହେଲା; କିନ୍ତୁ କ'ଣ କରିବ, ଚାକିରି କରୁଛି, ସାଆନ୍ତଙ୍କ ଆଜ୍ଞା ପାଳନ ନ କରୁଛି କିପରି ? ସୁତରାଂ, ସାମନ୍ତଙ୍କ ଆଜ୍ଞାକୁ ଅବଜ୍ଞା କରି ନ ପାରି ଅଭିନୟ ପ୍ରଦର୍ଶନ କରିବାକୁ ଗଲା । ଭଣ୍ଡାରି ଯାଇ ପହଞ୍ଚିଲା ବେଳକୁ ସାନ୍ତାଣୀ ଖୁଣ୍ଟକୁ ଧରି ଠିଆ ହୋଇ ସାମନ୍ତଙ୍କ ଆଗମକୁ ଅପେକ୍ଷା କରିଛନ୍ତି । ଭଣ୍ଡାରି ହାତରେ ମୁଦି ଓ କଟାରି ଏବଂ ଆଖିରେ ଲୁହ ଦେଖି, 'କି ହେଲା, କି ହେଲା ?' ପଚାରିବାରୁ, ଭଣ୍ଡାରି ଅବିକଳ ନାଟକାଭିନୟ କରି ସାମନ୍ତଙ୍କ ମୃତ୍ୟୁବାର୍ତ୍ତା ଜଣାଇଲା । ସାନ୍ତାଣୀ ସେହିପରି ଖୁଣ୍ଟକୁ ଧରି ଠିଆ ହୋଇ, 'ଖବର ସତ୍ୟ କି ନା' ବୋଲି ତିନି ଥର ପଚାରିଲେ । ମାତ୍ର ଦୁଷ୍ଟ ଭଣ୍ଡାରି ତିନି ଥରଯାକ ଉତ୍ତର ଦେଲା—'ସତ୍ୟ' । 'ବେଶ୍' ଏତିକି କହି ସାନ୍ତାଣୀ ଠିଆ ହୋଇଛନ୍ତି; ଅଥଚ, ଇତି ମଧ୍ୟରେ ଜୀବାତ୍ମା ଶରୀର-ପିଞ୍ଜରୀ ଛାଡ଼ିଗଲାଣି । ମୁହୂର୍ତ୍ତିକ ପରେ ସାମନ୍ତ ଆସି ପ୍ରବେଶ ହେଲେ । ସ୍ୱାମୀ ଆଗରେ ସ୍ତ୍ରୀ ଠିଆହୋଇ ରହିବା କୌଳିକ ପ୍ରଥା ନୁହେ ଏବଂ ସାମନ୍ତ ମଧ୍ୟ ସ୍ତ୍ରୀଙ୍କର ଏପରି ବ୍ୟବହାର କେବେ ଦେଖି ନ ଥିଲେ । ସୁତରାଂ, ସାମନ୍ତ ଯେତେ ଅଗ୍ରସର ହେଉଥାନ୍ତି, ତାଙ୍କର କୌତୂହଳ ସେତେ ବଢ଼ୁଥାଏ । କ୍ରମେ ମନେ କରୁଥାନ୍ତି, 'କି ଆଶ୍ଚର୍ଯ୍ୟ, ଏ ମୋତେ ଦେଖି ଖୁଲିପାଉ ନାହାନ୍ତି, କାଠ ପରି ଠିଆ ହୋଇଛନ୍ତି କାହିଁକି ? ମୋ ଉପରେ ବିଶେଷ କ୍ରୁଦ୍ଧ ହୋଇ କ'ଣ ମାନ-ମର୍ଯ୍ୟାଦା ଭୁଲିଗଲେ !' ଅବଶେଷରେ ଅତି ନିକଟବର୍ତ୍ତୀ ହୋଇ ସାମନ୍ତ ସ୍ତ୍ରୀଙ୍କ ହାତକୁ ଖୁଣ୍ଟରୁ ଓଟାରି ଦିଅନ୍ତି ତ, ଦେଖିଲେ ଯେ, ସ୍ତ୍ରୀଙ୍କର ଜୀବନ ନାହିଁ । ସ୍ତ୍ରୀ ତଳେ ପଡ଼ିଗଲେ ।"

( ପ୍ରାଚୀନ ଉତ୍କଳ, ପୃ ୧୩୧ )

‘ପ୍ରାଚୀନ ଉତ୍କଳ’ର ଏହି ବିବରଣୀ ପାଠକଲେ, ମନେହୁଏ, ଯେପରି କି କୌଣସିଠାରେ କିଛି ଭୁଲ ରହିଯାଇଛି, ଯାହା ଫଳରେ ଉତ୍କଳର ଗୁରୁଶିଷ୍ୟ-କଳ୍ପ ଏହି ଉଭୟ ମହାକବିଙ୍କ ଜୀବନାପେଷରେ ଗଳ୍ପଟି ପ୍ରସାର ପାଉଛି; ଯଦିଓ ଉଭୟ କବି ପରସ୍ପରର ସମସାମୟିକ ନୁହନ୍ତି। ହୋଇପାରେ, ଉଭୟ କବିଙ୍କର ପତ୍ନୀବିୟୋଗ ଆକସ୍ମିକ ଭାବରେ ହିଁ ସଂଘଟିତ ହୋଇଥିଲା। କିନ୍ତୁ ଯେପରି ଭାବରେ ଏହି ‘ମୃତ୍ୟୁ-ସାଧନ’ ସମ୍ପାଦିତ, ତାହା ଉଭୟ କବିଙ୍କ ପକ୍ଷରେ ସମାନ ଭାବରେ ସତ୍ୟ ହୋଇଥାଇ ନ ପାରେ।

## (୧୩) ରାଜ୍ୟରୁ ବିତାଡ଼ନ

ଉପେନ୍ଦ୍ର ଭଞ୍ଜଙ୍କ ଜୀବନରେ ଦୁଇଟି ଦୁଃଖଦାୟକ ଘଟଣା ମଧ୍ୟରୁ ଗୋଟିଏ ହେଉଛି, ତାଙ୍କର ପତ୍ନୀବିୟୋଗ ଏବଂ ଅନ୍ୟଟି ହେଉଛି, ରାଜ୍ୟରୁ ବିତାଡ଼ନ। ‘ରସିକ ହାରାବଳୀ’ରେ ଥିବା ଗୋଟିଏ ପଦ ଯଥାର୍ଥରେ କବିଙ୍କ ନିଜ ଜୀବନର ଆଲେଖ୍ୟ ରୂପେ ଗୃହୀତ ହୋଇପାରେ। କବି ଲେଖିଛନ୍ତି—

“ରାଜାଙ୍କୁ ହେବାର ରାଜ୍ୟଭ୍ରଷ୍ଟ
ଯୁବାଙ୍କୁ ହେବା’ର ପତ୍ନୀକଷ୍ଟ
ବୋଲେ ଉପଇନ୍ଦ୍ର ଭଞ୍ଜ ବୀରବର
ଏଥୁ ବଳି ନାହିଁ ଆନ କଷ୍ଟ।”

ଉପେନ୍ଦ୍ର ଭଞ୍ଜଙ୍କ ଜନ୍ମଭୂମି ଘୁମୁସର ତାଙ୍କୁ ଆଜୀବନ ନିଜର ମଧୁମୟ କୋଡ଼ରେ ରଖିପାରି ନ ଥିଲା। ସେ ଘଟଣାଚକ୍ରରେ ପଡ଼ି ଘୁମୁସର ବର୍ଜନ ପୂର୍ବକ ନୂଆଗଡ଼ ମାଳୀସାହି ଗ୍ରାମରେ ବାସ କରିଥିଲେ। ଘୁମୁସର ରାଜ-ବଂଶାବଳୀର ପଞ୍ଚମ ଛାନ୍ଦରେ ଲେଖିଅଛନ୍ତି-

“ନୂଆଗଡ଼ରେ ମାଳୀସାହି ଗ୍ରାମରେ
ରହିଲେ କୁଟୁମ୍ବ ଘେନି ନିର୍ଭୟରେ
ତାହାଙ୍କର କୁମର ଉପେନ୍ଦ୍ର ଭଞ୍ଜ
ଛାନ୍ଦ କବିତ୍ୱରେ ସେହି କବିରାଜ
ତାହାଙ୍କର ଅନ୍ୱୟ (ବଂଶ) କେହି ନ ଥିଲେ
ସେହି ମାଳୀସାହି ଗ୍ରାମରେ ରହିଲେ।”

( ୫ମ ଛାନ୍ଦ )

ସେହିପରି ଗଙ୍ଗାଧାରି ମହାପାତ୍ର ନିଜ ଲିଖିତ 'ଭଞ୍ଜ ରାଜାଙ୍କ ବଂଶାବଳୀ'ରେ ଲେଖିଛନ୍ତି—

"ନୂଆଗଡ଼ ମାଳୀପାହିତରେ କରି ଘର
ରହିଲେ ସେହିଠାରେ ଭସ୍ମ କରି ଦୂର ।
ତାହାଙ୍କର କୁମର ଉପେନ୍ଦ୍ର ଭଞ୍ଜ ନାମ
ଛନ୍ଦ କବିତ୍ୱରେ ସେ ଅଟନ୍ତି ଉତ୍ତମ
ତାହାଙ୍କର ଅନ୍ୱୟ କେହି ତ ନ ଥିଲେ ।"

ପ୍ରଶ୍ନ ଉଠେ, କି ଭଳି ପରିସ୍ଥିତିରେ ପଡ଼ି ଉପେନ୍ଦ୍ର ଭଞ୍ଜ ଘୁମୁସରରୁ ବିତାଡ଼ିତ ହୋଇଥିଲେ । ଏ ସମ୍ପର୍କରେ ପଣ୍ଡିତ ସୂର୍ଯ୍ୟନାରାୟଣ ଦାସ ତାଙ୍କର 'ଓଡ଼ିଆ ସାହିତ୍ୟ ଇତିହାସ'ରେ ଲେଖିଛନ୍ତି—

"ଧନଞ୍ଜୟ ଅତି ବୃଦ୍ଧ ହୋଇଯିବାରୁ ରାଜ୍ୟଶାସନ କରିବାରେ କ୍ରମେ ଅସମର୍ଥ ହୋଇ ପଡ଼ିଲେ । ପୁତ୍ରମାନଙ୍କ ଭିତରୁ ଜଣକ ହସ୍ତରେ ରାଜ୍ୟଶାସନ ଭାର ଅର୍ପଣ କରିବା ସ୍ଥିର କଲେ । ମଣ୍ଡା ଦେବୀ ତାଙ୍କର ଅତି ପ୍ରିୟତମା ମହିଷୀ ଥିବାରୁ, ତାଙ୍କର ମନ୍ତ୍ରଣାରେ ନୀଳକଣ୍ଠଙ୍କ ହସ୍ତରେ ରାଜ୍ୟଶାସନ ଭାର ଅର୍ପଣ କରିବା ସ୍ଥିର କରିଥିଲେ । କିନ୍ତୁ ଉତ୍ତରାଧିକାରୀ ମନୋନୟନରେ ତାଙ୍କର ମନ ଦୃଢ଼ ନ ଥିଲା । ସେ ଉପଯୁକ୍ତ ପାତ୍ର ନିର୍ବାଚନ କରିବା ପାଇଁ ଚିନ୍ତା କରୁଥିଲେ । ଜ୍ୟେଷ୍ଠ ପୁତ୍ର ଗଙ୍ଗାଧର ପ୍ରକୃତରେ ଉତ୍ତରାଧିକାରୀ । କିନ୍ତୁ ମଣ୍ଡା ଦେବୀଙ୍କ ପ୍ରତି ଧନଞ୍ଜୟଙ୍କ ମମତା ଏଥିରେ ଅନ୍ତରାୟ ହୋଇଥିଲା । ବୃଦ୍ଧ ପତିଙ୍କ ମୃତ୍ୟୁ ପରେ ଗଙ୍ଗାଧର ଓ ଗୋବିନ୍ଦଙ୍କ ପୁତ୍ର ନାତିମାନେ ସିଂହାସନ ଦାବୀ କରିବା ଆଶଙ୍କା ଥିବାରୁ, ବୁଦ୍ଧିମତୀ ମଣ୍ଡା ଦେବୀ ଆଗରୁ ସତର୍କ ରହିଲେ । ଦେଶର ମୁଖିଆମାନଙ୍କୁ ହାତରେ ରଖିବା ପାଇଁ ଗୋପନରେ ଉଦ୍ୟମ କଲେ । ରାଜନବରରେ ଏହି ସମ୍ପର୍କରେ ବିବାଦ ଆରମ୍ଭ ହୋଇଗଲା ଏବଂ ଏହା କ୍ରମେ ଉତ୍କଟ ଆକାର ଧାରଣ କଲା ।"

ଘୁମୁସର ଇତିହାସରୁ ଉଦ୍ଧାର କରି ଲେଖକ କହିଛନ୍ତି—

"ମଣ୍ଡା ଦେବୀଙ୍କ ନିଜ ଉଦ୍ଦେଶ୍ୟ ସାଧନ କରିବା ଇଚ୍ଛାରେ ନାନାପ୍ରକାର ଅସତ୍ ଉପାୟମାନ ଅବଲମ୍ବନ କରିଥିବାର କଥିତ ଅଛି ।

"ଆଠ ରାଜାଙ୍କ ପୁତ୍ରମାନେ ରାଜାଙ୍କ ଜ୍ୟେଷ୍ଠପୁତ୍ର ଗଙ୍ଗାଧରଙ୍କ ସହିତ ମିଳି ରାଜ୍ୟଲାଭ ନିମନ୍ତେ ନାନାପ୍ରକାର କୁମନ୍ତ୍ରଣା କରୁଅଛନ୍ତି ବୋଲି ଅକାରଣରେ ରାଜାଙ୍କ ମନରେ ବିଶ୍ୱାସ ଜନ୍ମାଇ ପ୍ରଥମେ ସେମାନଙ୍କୁ ଦେଶରୁ ଅନ୍ତର କରାଇଲେ । ଗୋବିନ୍ଦ ଭଞ୍ଜ ବ୍ୟସ୍ତ ହୋଇ ନିଜ ସନ୍ତାନଗଣଙ୍କୁ ସଙ୍ଗରେ ନେଇ ସ୍ୱଦେଶ ତ୍ୟାଗ କରି ପଳାୟନ କଲେ । ସେମାନେ ଯାଇ ନନ୍ଦଦୁର୍ଗ ରାଜ୍ୟ ମଧ୍ୟରେ ଆଶ୍ରୟ ନେଲେ । କିନ୍ତୁ, କନିଷ୍ଠ ପୁତ୍ର ଘନ ଭଞ୍ଜ ଧରାକୋଟ ଯାଇ ବାସ କଲେ । ଏହା ପରେ ମନ୍ତ୍ରୀ ଦେବୀ ଗୁପ୍ତ ଭାବରେ ଭୋଜନ କାଳରେ ଅନ୍ତଃପୁରସ୍ଥା କୌଣସି ଏକ ବ୍ରାହ୍ମଣ ସ୍ତ୍ରୀ (ନାମ୍ନୀ) କର୍ତ୍ତୃକ ବିଷପ୍ରୟୋଗ ଦ୍ୱାରା ବୃଦ୍ଧ ସ୍ୱାମୀଙ୍କର ପ୍ରାଣ ସଂହାର କରିବାକୁ ସାହସୀ ହୋଇଥିଲେ ବୋଲି କଥିତ ଅଛି । ପିତାଙ୍କ ମୃତ୍ୟୁ ପରେ ନୀଳକଣ୍ଠ ଭଞ୍ଜ ପୂର୍ବକଳ୍ପିତ ଦଳ ବଳ ଘେନି ସିଂହାସନାରୋହଣ କଲେ । ତତ୍‌କ୍ଷଣାତ୍ ଏକ ନିଶା ମଧ୍ୟରେ ନିଜ ଦଳର ସାହାଯ୍ୟରେ ଜ୍ୟେଷ୍ଠଭ୍ରାତା ଗଙ୍ଗାଧରଙ୍କ ପ୍ରାସାଦରେ ପ୍ରବେଶ କରି ଅକାତରେ ତାହାଙ୍କର ଓ ତାହାଙ୍କ ପୁତ୍ର ଶତ୍ରୁ ଭଞ୍ଜଙ୍କର ଶିରଚ୍ଛେଦନ କରି ପଳାଇଲେ ।

"ସେତେବେଳକୁ ଶତ୍ରୁଘ୍ନ ଭଞ୍ଜଙ୍କର ସ୍ତ୍ରୀ ଅନ୍ତଃସତ୍ତ୍ୱା ଥିଲେ । ସେ କୌଶଳକ୍ରମେ ଅନୁଚରବର୍ଗଙ୍କ ସହାୟତାରେ ପଳାଇ ଯାଇ ନିକଟବର୍ତ୍ତୀ କରଡ଼ା ଜମିଦାରୀରେ ଆଶ୍ରୟ ନେଲେ ।

"ନୀଳକଣ୍ଠ ଭଞ୍ଜ ବଳପୂର୍ବକ ରାଜସିଂହାସନ ଅଧିକାର କଲେ । ସେ କିଛି ସମୟ ରାଜତ୍ୱ କରିବା ପରେ ରାଜ୍ୟରେ ଅଶାନ୍ତି ଦେଖାଗଲା । ବହୁ ପ୍ରଜା ନୀଳକଣ୍ଠଙ୍କର ଏହି ଲୋମହର୍ଷଣକାରୀ ହତ୍ୟାକାଣ୍ଡକୁ ଘୃଣା କରୁଥିଲେ ଏବଂ ଏହି କାରଣରୁ ରାଜାଙ୍କ ପ୍ରତି ସେମାନଙ୍କ ଆନୁଗତ୍ୟ ମଧ୍ୟ କମି ଯାଇଥିଲା ।

"ଗୋବିନ୍ଦ ଭଞ୍ଜଙ୍କ କନିଷ୍ଠ ପୁତ୍ର ଧରାକୋଟ ରାଜାଙ୍କ ସାହାଯ୍ୟରେ ମେଳି ଆରମ୍ଭ କରିବା ପାଇଁ ଆୟୋଜନ କରିଦେଲେ । ତାଙ୍କର ନାମ ରଣ ଭଞ୍ଜ । ରଣ ଭଞ୍ଜଙ୍କୁ ଧନଞ୍ଜୟ ଭଞ୍ଜଙ୍କର ଉତ୍ତରାଧିକାରୀ ବୋଲି ଘୋଷଣା କରି, ଘନ ଭଞ୍ଜ ବିଦ୍ରୋହର ନେତୃତ୍ୱ ନେଲେ । କରଡ଼ା, ଧରାକୋଟ ପ୍ରଭୃତି କେତେକ ଜମିଦାରଙ୍କ ସାହାଯ୍ୟରେ ଘୁମୁସର ଭିତରେ ପଶି ଗାଲେରିଠାରେ ଉପସ୍ଥିତ ହେଲେ । ସେ ଅଞ୍ଚଳର ସର୍ଦ୍ଦାରମାନେ ଘନ ଭଞ୍ଜଙ୍କୁ ସାହାଯ୍ୟ କରିବା ପାଇଁ ପ୍ରତିଶ୍ରୁତି ଦେବାରୁ, ରଣ ଭଞ୍ଜଙ୍କୁ ଘୁମୁସର ରାଜ୍ୟର ରାଜା ବୋଲି ଘୋଷଣା କରି ନୀଳକଣ୍ଠଙ୍କ ବିରୁଦ୍ଧରେ ଯୁଦ୍ଧାଭିଯାନ ଆରମ୍ଭ କଲେ । ଗାଲେରିଠାରୁ

କୁଲାଡ଼ ଗଡ଼ ଆଡ଼େ ବିଦ୍ରୋହୀମାନେ ଅଗ୍ରସର ହେଲେ ଏବଂ ବାଟରେ କିଛି ଲୋକ ଏମାନଙ୍କ ସହିତ ଯୋଗ ଦେଲେ । ବିରାଟ ବିଦ୍ରୋହୀ ଦଳ ଗଡ଼ ଆକ୍ରମଣ କରିବାକୁ ଆସୁଥିବା ଦେଖି, ନୀଳକଣ୍ଠ ଭୀତ ହୋଇ ସପରିବାର ଗଡ଼ ତ୍ୟାଗ କରି ପଳାୟନ କଲେ । ନୀଳକଣ୍ଠ ଖ୍ରୀ: ୧୭୦୧ ଠାରୁ ଖ୍ରୀ: ୧୭୦୩ ପର୍ଯ୍ୟନ୍ତ, ଏହି ଦୁଇବର୍ଷ ରାଜତ୍ୱ କରିଥିବା ଜଣାଯାଏ ।

"ଶିଶୁ ରଣ ଭଞ୍ଜଙ୍କୁ ରାଜା ବୋଲି ଘୋଷଣା କରି, ଘନ ଭଞ୍ଜ ତାଙ୍କ ନାମରେ ରାଜତ୍ୱ କଲେ । କାଳକ୍ରମେ ପରେ ସେ ଶିଶୁ ରଣ ଭଞ୍ଜଙ୍କୁ ହତ୍ୟାକରି ନିଜେ ରାଜା ହେଲେ ।

"ନୀଳକଣ୍ଠ ଭଞ୍ଜ ଘୁମୁସରରୁ ପଳାଇ ଯାଇ, ଆଠଗଡ଼, ଧରାକୋଟ, ପ୍ରଭୃତି ସ୍ଥାନରେ କିଛି ସମୟ ସପରିବାର ଅବସ୍ଥାନ କଲେ । ସେ ରାଜ୍ୟ ତ୍ୟାଗ କରିଥିଲେ ମଧ୍ୟ, ଜୀବିତ ଥିବା ପର୍ଯ୍ୟନ୍ତ ରଣ ଭଞ୍ଜ ଓ ଘନ ଭଞ୍ଜଙ୍କ ରାଜତ୍ୱକୁ ସ୍ୱୀକାର କରି ନ ଥିଲେ ଏବଂ ଘୁମୁସର ରାଜା ଉପାଧି ତ୍ୟାଗ କରି ନ ଥିଲେ । କିଛି ସମୟ ଗଞ୍ଜାମରେ ରହିବା ପରେ ନୀଳକଣ୍ଠ ନୟାଗଡ଼ ରାଜାଙ୍କ ଆଶ୍ରୟରେ ରହିଲେ ଏବଂ ସେ ରାଜ୍ୟର ଅନ୍ତର୍ଗତ ମଳୀସାହି ନାମକ ଗ୍ରାମରେ ସପରିବାର ବାସ କଲେ ।"

( ଓଡ଼ିଆ ସାହିତ୍ୟର ଇତିହାସ—୨ୟ ଭାଗ, ପୃ-୪୯୪-୪୯୭ )

ମାଳୀ ସାହି ତେଣୁ ଓଡ଼ିଶାର ସାହିତ୍ୟ ସେବକମାନଙ୍କର 'ଦ୍ୱିତୀୟ କୁଲାଡ଼' ରୂପେ ଆଦରଣୀୟ । ମାଳୀ ସାହିରେ କବି ଅନେକ ଗ୍ରନ୍ଥ ଲେଖିଥିବାର କିମ୍ବଦନ୍ତୀ ଅଛି ଏବଂ ସେଠାରୁ ଯାଇ ଶ୍ରୀକ୍ଷେତ୍ର ତଥା ଭାରତର ଅନ୍ୟ କେତେକ ସ୍ଥାନ ଭ୍ରମଣ କରିଥିବାର ଶୁଣାଯାଇଥାଏ ।

## (୧୪) କବିତ୍ୱର ଉଦ୍‌ଗମ

ଉପେନ୍ଦ୍ର ଭଞ୍ଜଙ୍କର କବିତ୍ୱ ଅତ୍ୟନ୍ତ ବାଲ୍ୟବୟସରୁ ହିଁ ପ୍ରକାଶ ପାଇଥିଲା । ସେ ରାମତାରକ ମନ୍ତ୍ରରେ ସିଦ୍ଧିଲାଭ କରିବା ଦ୍ୱାରା ତାଙ୍କର ନୈସର୍ଗିକ ଶକ୍ତି ଅଧିକ ପ୍ରକାଶିତ ହୋଇଥିଲା ମାତ୍ର । ତାଙ୍କର ନିଜ ଉକ୍ତି ଅନୁସାରେ, ବଡ଼ ବଡ଼

କାବ୍ୟ ଲେଖିବା ଆଗରୁ ସେ ରାଶି ରାଶି କ୍ଷୁଦ୍ର କ୍ଷୁଦ୍ର କବିତାର ରଚନା କରିଥିଲେ । ସେ ଲେଖିଛନ୍ତି—

"ଅଶେଷ ଚଉତିଶା ଚଉପଦୀ,
ତାହା କେତେ ସେ କହିବି ସମ୍ବାଦି ।
ଗୀତା ଦୋହା ଷୋଡ଼ଶେନ୍ଦୁ ଛ ଯୋଇ,
ଇତ୍ୟାଦି କବିତା ଗଣନା ନାହିଁ ।"

ଏଥିରେ କବି ଯାହା ଲେଖିଛନ୍ତି, ତାହା ଏକ ବିଶ୍ଵଜନୀନ ସତ୍ୟ । ମହାକବିମାନେ ପିଲାଦିନେ ମୁହେଁ ମୁହେଁ କବିତା ଗାଇଥାଆନ୍ତି । କାହାର କାହାର ଅଧିକାଂଶ କବିତା ଲିପିବଦ୍ଧ ହୋଇନ ପାରେ; କାହାରି କାହାର ଭାଗ୍ୟରେ ସେ କିଛି କିଛି ଅଂଶ ବଞ୍ଚି ରହେ । ଦୁଃଖର କଥା, ଆମେ କବିଙ୍କର ବାଲ୍ୟବୟସର ଅଧିକାଂଶ ରଚନା ହରାଇଅଛୁ । ଲୋକମୁଖରେ କିଛି କିଛି ବଞ୍ଚି ରହିଛି ସତ; କିନ୍ତୁ ସେ କାଳର ଲୋକ ଗଡ଼ି ଗଲିବା ସଙ୍ଗେ ସଙ୍ଗେ ଏ ସମ୍ପଦ ବୁଡ଼ିଯାଉଛି ।

ଶ୍ରୀଯୁକ୍ତ ଅନନ୍ତ ପଟ୍ଟନାୟକ 'କବିସମ୍ରାଟ ଉପେନ୍ଦ୍ର ଭଞ୍ଜ' ପୁସ୍ତକରେ ଭଞ୍ଜଙ୍କର ପଶାଖେଳ ସମ୍ପର୍କରେ ରଚିତ ଗୀତଟିଏ ଉଦ୍ଧାର କରିଛନ୍ତି । ତାଙ୍କ ଉଦ୍ଧୃତିର ଶେଷ ଦୁଇ ଧାଡ଼ି ଅନ୍ୟ ରୂପରେ ପ୍ରଚଳିତ ଥିବାର ଶୁଣିବାକୁ ପାଇଲି । ବାଣପୁର କୁମୁରାଙ୍ଗ ନିବାସୀ ପଣ୍ଡିତ ଶ୍ରୀଯୁକ୍ତ ଲିଙ୍ଗରାଜ ମହାପାତ୍ର ତାଙ୍କର ଏହି ପ୍ରବୃଦ୍ଧ ବୟସରେ ଭଞ୍ଜଙ୍କର ଅନେକ କବିତା ମୁଖସ୍ଥ ରଖିଥିବାର ଦେଖି, ଏହି ପ୍ରକାଶିତ ପଶାଖେଳ ଗୀତଟି ମୁଁ ତାଙ୍କୁ ଦେଖାଇଥିଲି । ସେ କହିଲେ, ଶେଷ ଦୁଇ ଧାଡ଼ି ଏପରି ମତେ ଆସୁଛି—

"ବୋଲେ ଉପେନ୍ଦ୍ର ଭଞ୍ଜ ବୀରବର
ବିଚାର କର ସୁଜନେ,
କେଉଁ ରୂପକୁ ମୁଁ ବର୍ଣ୍ଣନା କରୁଛି
କହିବଅ ଶୁଦ୍ଧ ମନେ ।"

ଏପରି ଅନେକ ଶ୍ରେଷ୍ଠ ଶ୍ରେଷ୍ଠ କବିତା ଆଉ କିଛିକାଳ ପରେ ନିଶ୍ଚିହ୍ନ ହୋଇଯିବ । ହଳଦୀ, ଲଙ୍କା ମିଶାଇ ମାଛ, ମାଂସ ତରକାରୀ ସମ୍ପର୍କରେ ତାଙ୍କର ଏକ କବିତା ଅଛି । କୌଣସି ସଂସ୍ଥା ପକ୍ଷରୁ ଏ ଦିଗରେ ଉଦ୍ୟମ ନ ହେଲେ, ଶେଷକୁ କେବଳ 'ଆହା' କରିବା ଛଡ଼ା ଆଉ କିଛି ନ ଥିବ ।

ଶ୍ରୀଯୁକ୍ତ ପଟ୍ଟନାୟକ ଲେଖିଛନ୍ତି—ନୂଆଗଡ଼ ରାଜା ଉପେନ୍ଦ୍ରଙ୍କୁ କଉତୁକରେ ପଚାରିଲେ—"ଦାସ ପାଠ ତୁମକୁ କଣ ?" ଉପେନ୍ଦ୍ର ଶୁଣିଲେ ସଙ୍ଗେ ସଙ୍ଗେ ଗୀତରେ ଉତ୍ତର ଦେଲେ—

"ତୁମ୍ଭ ବୋଲିବା ଦାସ ପାଠ ରହିଲା
ଶିବଙ୍କ ଚରଣୀ ତାରେ,
ବସ୍ତର ବସ୍ତର ଅସ୍ତର ପସ୍ତର
ଛୁଟିବେ ବାର ବର୍ଷରେ ।"

ଏହି ଛଡ଼ା, ଶ୍ରୀଯୁକ୍ତ ପଟ୍ଟନାୟକ ଲେଖିଛନ୍ତି—"କବିଙ୍କ ଡଗ ଡମାଳି ନାମରେ ଗୋଟିଏ ତାଳପତ୍ର ଗ୍ରନ୍ଥ ଅଛି । କୁଳଡ଼ା ନିକଟବର୍ତ୍ତୀ ଏକ ଗାଁର ଧାମନ୍ତଙ୍କ ଘରେ ତାହା ଅତ୍ୟନ୍ତ ଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି । ନିକଟ ଭବିଷ୍ୟତରେ ତାହା ପ୍ରକାଶ ପାଇବ ।" ( କ: ଉ: ଭ: ପୃ-୨୪ )

ଉପର ଉଦ୍ଧୃତିର ଶେଷ ବାକ୍ୟରେ ଆଲୋଚକ ଯେଉଁ 'ଭବିଷ୍ୟତ ବାଣୀ' ପ୍ରକାଶ କରିଛନ୍ତି, ତହିଁରୁ ଜଣାଯାଉଛି ଯେ, ତାଙ୍କର ଗଣନାରେ ଭୁଲ ରହି- ଯାଇଅଛି । ଜୀର୍ଣ୍ଣ ଅବସ୍ଥାର ପୋଥି ଖଣ୍ଡିକ ପ୍ରକାଶ ପାଇବ କି ନ ପାଇବ, ସେ କଥା କହିବ କିଏ ? ଆହୁରି ମଧ୍ୟ କୁଳଡ଼ା ପାଖର କେଉଁ ଗ୍ରାମରେ ପୋଥିଟି ପଡ଼ିରହିଛି, ସେ ହୁଏ ତ ଜାଣି ନାହାନ୍ତି କିମ୍ବା ଜାଣିଥିଲେ ମଧ୍ୟ ଅନ୍ୟମାନଙ୍କୁ ଜଣାଇବାକୁ ଇଚ୍ଛା ପ୍ରକାଶ କରି ନାହାନ୍ତି । ତାଙ୍କର ଏ ପୁସ୍ତକ ପ୍ରକାଶ ପାଇବାର ପନ୍ଦର ବର୍ଷ ହୋଇ ଯାଇଥିଲେ ମଧ୍ୟ, କୌଣସି ସଂସ୍ଥା ତାହାର ଖୋଜ ଖବର ନେଇ ନାହାନ୍ତି । ତେଣୁ, 'ପାଇବ' ବଦଳରେ 'ପାଇପାରେ' ଭଲ ହୋଇଥାନ୍ତା ।

କୁଳଡ଼ା ନିବାସୀ ଜଣେ ବର୍ଷୀୟାନ୍ ଲୋକଙ୍କଠାରୁ ଶୁଣିଥିଲି, ଭଞ୍ଜଙ୍କର ଏହି ଡଗ ଡମାଳିଗୁଡ଼ିକ ରସିକତା ଓ ବିଦଗ୍ଧତାର ସମନ୍ୱୟରେ ରଚିତ । ଏଗୁଡ଼ିକ ପଢ଼ିଗଲେ ମନେହୁଏ, ଯେପରି କି ଅଶ୍ଳୀଳତା ଭୂରିମାତ୍ରାରେ ତହିଁରେ ପ୍ରକାଶ ପାଇଛି । କିନ୍ତୁ ପ୍ରକୃତରେ ସେଗୁଡ଼ିକ ତତ୍ତ୍ୱପୂର୍ଣ୍ଣ । ଏଗୁଡ଼ିକ ତରୁଣ ବୟସର ରଚନା ହୋଇଥିବା ସମ୍ଭବ ।

ଏ ସମ୍ପର୍କରେ ଭଞ୍ଜଙ୍କର ଆଉ କେତେକ ରଚନା ପ୍ରତି ପାଠକମାନଙ୍କର ଦୃଷ୍ଟି ଆକର୍ଷଣ କରାଯାଇପାରେ ।

ଶ୍ରୀଯୁକ୍ତ ଅନନ୍ତ ପଦ୍ମନାଭ ପଟ୍ଟନାୟକ ନିମ୍ନଲିଖିତ ଗୀତାଂଶ ଉଦ୍ଧାର କରି, ଏହାକୁ ତରୁଣ ବୟସର ରଚନା ବୋଲି କହିଅଛନ୍ତି । କିନ୍ତୁ ଯେତେଦୂର ମନେହୁଏ, ଏହା ରସିକ କବିଙ୍କର ପ୍ରୌଢ଼ ବୟସର ରଚନା—

"ମିଛ ମିଛକି ଗୋ, ଯାହା ମୁଁ ଦେଖିଲି ଆଜ,
କହିବା ଲୋକର ମନକୁ ନ ଆସେ,
ଶୁଣିବା ଲୋକକୁ ଲାଜ ।
ପୁରୁଷର ଇନ୍ଦ୍ର ଠୁଳ ନାହିଁ ପୁଣି,
ନାରୀ ନୁହେ ସେ ପଦ୍ମିନୀ,
ଅତି ହରଷରେ ରତି କରୁଛନ୍ତି
ନୁହେ ଦିବସ ରଜନୀ ।"

ଏହି କବିତା ଉପରେ ଶ୍ରୀଯୁକ୍ତ ପଟ୍ଟନାୟକଙ୍କର ନିକଟବର୍ତ୍ତୀ ସ୍ଥାନ, 'ବେଲଗୁଣ୍ଠା' ନିବାସୀ ସ୍ୱର୍ଗତ ପଣ୍ଡିତ ପ୍ରବର ବ୍ରଜବନ୍ଧୁ ତ୍ରିପାଠୀଙ୍କର ଏକ ଆଲୋଚନା ପ୍ରକାଶ ପାଇଛି । ତାକୁ ପଢ଼ିଲେ ମନେହୁଏ, ଯେପରି କବି ଉପେନ୍ଦ୍ରଙ୍କର ଜ୍ଞାନର ପ୍ରକର୍ଷ ଏବଂ ପ୍ରତିଭାର ଉତ୍କର୍ଷ ଏହି କବିତାରେ ପୁଞ୍ଜିତ ହୋଇ ପ୍ରକାଶଲାଭ କରିଛି । ସୁତରାଂ, ଏ ଦିଗରେ ମଧ୍ୟ ଅଧିକ ଅଧ୍ୟୟନ ଆବଶ୍ୟକ । ଏହା ପରେ ତହିଁରୁ ଏକ ଅଂଶ ଉଦ୍ଧାର କରାଯାଉଛି ।

ଭଞ୍ଜଙ୍କର କାବ୍ୟମାନଙ୍କୁ ମୋଟାମୋଟି ଦୁଇ ଭାଗରେ ବିଭକ୍ତ କରାଯାଇ ପାରେ । କୁହାଯାଇଥାଏ, ରାମତାରକ ମନ୍ତ୍ରରେ ସିଦ୍ଧିଲାଭ ପରେ ସେ ଯେଉଁସବୁ କାବ୍ୟ ରଚନା କରିଛନ୍ତି, ତହିଁରେ, 'ଶ୍ରୀରାମ କୃପାରୁ' ଇତ୍ୟାଦିର ଉଲ୍ଲେଖ ଅଛି, ତାହା ହେଲେ ଏ କଥା କୁହାଯାଇ ପାରିବ ଯେ, ଯହିଁରେ ତାହା ହୋଇ ନାହିଁ, ସେଗୁଡ଼ିକ ରାମତାରକ ମନ୍ତ୍ର ସିଦ୍ଧିର ପୂର୍ବ ରଚିତ ବର୍ଣ୍ଣନା । କିନ୍ତୁ ଏଭଳି ଏକ ସିଦ୍ଧାନ୍ତ ଯୁକ୍ତିଯୁକ୍ତ ମନେହୁଏ ନାହିଁ । ସୁତରାଂ, 'ଭାବବତୀ' ଭଳି ଶ୍ରେଷ୍ଠ ଶ୍ରେଷ୍ଠ କେତେକ ରଚନାକୁ ତରୁଣ ବୟସର ଓ ଅନ୍ୟଗୁଡ଼ିକୁ ମନ୍ତ୍ରସିଦ୍ଧିର ପରବର୍ତ୍ତୀ ରଚନା ବୋଲି ଧରାଯାଇପାରେ । ଆମେ ଆମ ନିତିଦିନିଆ ଅନୁଭବରେ ଦେଖୁ, ଜଣେ ଜଣେ ଲେଖକ ୨୫।୩୦ ବର୍ଷ ବୟସ ଧରେ ଉଚ୍ଚ ଧରଣର ନାଟକ, ଉପନ୍ୟାସ ଆଦି ଲେଖନ୍ତି; ଅଥଚ ସେହିଜଣ ଠାରୁ ପଞ୍ଚାବନ ବର୍ଷ ବୟସ ମଧ୍ୟରେ, ତାଙ୍କର ପ୍ରତିଭା ଦୃଷ୍ଟିରୁ ଅତି ନିକୃଷ୍ଟ ଧରଣର ଖଣ୍ଡେ

ଅଧେ ପୁସ୍ତକ ଲେଖିଥାଆନ୍ତି । ସୁତରାଂ, ପ୍ରୌଢ଼ ବୟସର ବା ପରିଣତ ଜୀବନର ଅନୁଭୂତି ଗଭୀର ଏବଂ ସୂକ୍ଷ୍ମ ହେଲେ ମଧ୍ୟ, ତାହାର କଳାତ୍ମକ ପରିପ୍ରକାଶ ସେହି ଅନୁଭୂତିର ଅନୁରୂପ ବୋଲି କୁହାଯାଇ ପାରିବ ନାହିଁ । ତେବେ, ରଚୟିତାଙ୍କ ମନ୍ତ୍ରର ଉଲ୍ଲେଖ ପ୍ରତି ସବୁବେଳେ ସବିଶେଷ ଧ୍ୟାନ ଦିଆଯିବା ଦରକାର ।

'ବୈଦେହୀଶ ବିଳାସ' କବିଙ୍କର ସାଧନା ପଥରେ ଏକ ବଳିଷ୍ଠ ପଦ ଚିହ୍ନ ହୋଇଛି । ତାଙ୍କ ଗ୍ରନ୍ଥମାନଙ୍କର ଆନୁପୂର୍ବିକତା ନିରୂପଣ କରିବା ବଡ଼ କଠିନ ବ୍ୟାପାର । ସେଥିପାଇଁ, କବିଙ୍କର ଉଦ୍ୟମ ସମ୍ପର୍କରେ ଏତିକି ମାତ୍ର ସୂଚନା ଦେଇ, ତାଙ୍କର ରଚନାବଳୀର ପରିଚୟ ପ୍ରଦାନ କରିବାକୁ ପ୍ରବୃତ୍ତ ହେଉଅଛୁ ।

## (୧୫) ସାହିତ୍ୟ ସର୍ଜନା —

ଭଞ୍ଜଙ୍କର ସାହିତ୍ୟ ସର୍ଜନା ସମ୍ପର୍କରେ ଦୁଇଟି ଗୁରୁତର ପ୍ରଶ୍ନ ଏ ଯାଏ ସିଦ୍ଧାନ୍ତିତ ହୋଇପାରି ନାହିଁ । ପ୍ରଥମ ପ୍ରଶ୍ନ, ତାଙ୍କର ଗ୍ରନ୍ଥସଂଖ୍ୟା ସର୍ବମୋଟ କେତେ ? ଦ୍ୱିତୀୟ ପ୍ରଶ୍ନ, ତାଙ୍କର କେଉଁ ଗ୍ରନ୍ଥ ପରେ କେଉଁ ଗ୍ରନ୍ଥ ରଚିତ ହୋଇଥିଲା ? ଏ ସ୍ଥଳରେ କ୍ଷୁଦ୍ର କ୍ଷୁଦ୍ର ରଚନା କଥା ମୋଟେ ବିଚାରକୁ ନିଆଯାଉ ନାହିଁ । କେବଳ ମୁଖ୍ୟ ମୁଖ୍ୟ ଗ୍ରନ୍ଥର ଆନୁପୂର୍ବିକତା ସମ୍ପର୍କରେ ହିଁ ପ୍ରଶ୍ନ ଉତ୍‌ଥାପିତ ହୋଇଅଛି, ଯେହେତୁ ଭଞ୍ଜଙ୍କର ପ୍ରତିଭା-ବିକାଶର ବିଚାର-ବିଶ୍ଳେଷଣ ଲାଗି, ତାଙ୍କର ମୁଖ୍ୟ ମୁଖ୍ୟ ରଚନାର କାଳ ନିରୂପଣ ଏକାନ୍ତ ଆବଶ୍ୟକ । ଏହା ଏକ ଗୁରୁତର ବିଷୟ ରୂପେ ଗ୍ରାହ୍ୟ ।

## ନିଜର ରଚନା ସମ୍ପର୍କରେ କବିଙ୍କର ବିବରଣୀ—

ଗ୍ରନ୍ଥସଂଖ୍ୟା ସମ୍ପର୍କରେ ନାନା ମୁନିଙ୍କର ନାନା ମତ । ତେବେ, ପ୍ରକୃତ କଥା ହେଉଛି, ଭଞ୍ଜଙ୍କର ନିଜ ଲେଖା ଅନୁସାରେ ସେ ଅସଂଖ୍ୟ ଗ୍ରୋଟ ଗ୍ରୋଟ କବିତା ରଚନା କରିଛନ୍ତି । ସେ ମଧ୍ୟରୁ ଅଧିକାଂଶ ଲୁପ୍ତ ହୋଇ ଯାଇଥିବାର ଆଶଙ୍କା ହୁଏ । କବିଙ୍କର ଶେଷ ବୟସରେ ରଚନା 'ଛାନ୍ଦକାବ୍ୟ ବିନୋଦୟ' । ଏହି ଗ୍ରନ୍ଥରେ ସେ ନିଜ ଗ୍ରନ୍ଥାବଳୀର ତାଲିକା ଦେଇ ଲେଖିଅଛନ୍ତି—

"ଏଣୁ ଏ କବି ବିଚାରି ଚିତ୍ତେ
କଲି ମୁଁ ଅନେକ ପ୍ରକାଶ ଗୀତେ ।

ଅଶେଷ ଚଉତିଶା ଚଉପଦୀ
ଛାନ୍ଦ କେତେ ଯେ କହିବ ସମ୍ବାଦ ।
ଗାହା ଦୋହା ଷୋଡ଼ଶେନ୍ଦୁ ଛ ଯୋଜ
ଇତ୍ୟାଦି କବିଙ୍କ ଗଣନା ନାହିଁ ।
ରସ କଲ୍ପ ବସ୍ତୁ ଯେତେ ଗ୍ରନ୍ଥ
ଚିତ୍ରେଇ ତହୁଁ କହୁ ଲେଖେ ଏଥ ।
ପୁରାଣ ଗୁଇ କଳ୍ପନା ମାଧୁରୀ
ସ୍ତୁତି ଚିତ୍ରଲେଖା ହେମ ମଞ୍ଜରୀ ।
ରସଲେଖା କାମକଳା ଚରିତ
ମନୋରମା ପ୍ରେମଲତା ସୁଗୀତ ।
ଭାବବତୀ ମୁକ୍ତାବତୀ ପ୍ରମାଣ
ବରଜଲୀଳା ଯେ ଛାନ୍ଦ-ଭୂଷଣ ।
ଷଡ଼ଋତୁ କଳା କଉତୁକର
କ ନସ୍ତମ, ସାଦ୍ୟ ସୁଭଦ୍ରା ସାର ।
ବୈଦେହୀଶ ବିଳାସ ସେହି ବାଦ୍ୟ
ପ୍ରସିଦ୍ଧ ଅବନା ଦ୍ୱାଦଶ ଛାନ୍ଦ ।
ରାମ ଲୀଳାମୃତ ଶେଷ ଚରିତ
ପ୍ରେମ ସୁଧାନିଧି ଯମକେ ସ୍ଥିତ ।
ରସିକ ହାରାବଳୀ ନାମେ ଗୀତ
କୁଞ୍ଜ ବିହାରାଦି ଶ୍ୟାମ ଚରିତ ।
ଅଳଙ୍କାର ସୃଷ୍ଟି ରସପଞ୍ଚକ
ଲାବଣ୍ୟବତୀ ରସିକ ତୋଷକ ।
ପୁରୁଷୋତ୍ତମ ମାହାତ୍ମ୍ୟ ରଚନ
ନାନା କୋଷଣରେ ଗୀତାଭିଧାନ ।
ଛାନ୍ଦ କୋଟି ତାରା ଚନ୍ଦ୍ରମା ପରି
ଯା ନାମ କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ ।
ତ୍ରୈଲୋକ୍ୟ ମୋହିନୀ ଆଦି ଯେ ଗୀତ
ନିର୍ମିତ ଛାନ୍ଦ ପୋଥି ପାଞ୍ଚ ସାତ ।
ସେ ଅର୍ଥ ପାର୍ଥିବ ମାର୍ଗେଣ ପୁଣ
ହୋଇଛି ଯେଣୁ କରି ବିବରଣ ।

ବାଲ୍ମୀକେ ମହାନାଟକ ପ୍ରକାରେ
ଦତ୍ତ ହେଲା ପ୍ରାୟ ହନୁମନ୍ତରେ ।
ସେ ଏଣୁ ଲେଖା ନୋହିଲା ଲେଖାରେ
ନଗ୍ରହ ଦାନ ଧନ ଭୂ-ଲେଖାରେ ।"

(ଚିତ୍ରକାବ୍ୟ ବନ୍ଧୋଦୟ, ୧ମ ଖଣ୍ଡ)

ଭଞ୍ଜଙ୍କର ମୋଟ ରଚନା ସମ୍ପର୍କରେ ବିଭିନ୍ନ ସୂତ୍ରରୁ ବିଭିନ୍ନ ବିବରଣର ସମ୍ଭାବନା ଥିଲେ ମଧ୍ୟ, ଏ କଥା ସତ୍ୟ ଯେ, ଏହି ପର୍ଯ୍ୟ ତାଲିକାକୁ ଭିତ୍ତି କରି ତାଙ୍କର ଗ୍ରନ୍ଥ ତାଲିକା ନିରୂପଣ କରାଯାଇଅଛି । ଅନ୍ୟୂନ ୧୦।୧୨ ଜଣ ବିଶିଷ୍ଟ ଐତିହାସିକ, ଗବେଷକ ଓ ସମୀକ୍ଷକ, ବହୁ ଶ୍ରମ ସ୍ୱୀକାର କରି ଏହି ଅନ୍ଧକାରମୟ କକ୍ଷରେ ଆଲୋକପାତ କରିବାକୁ ଉଦ୍ୟମ କରିଅଛନ୍ତି । ତଥାପି, ଅଗ୍ରଗତି ଓ ତଥ୍ୟଲବ୍ଧିର ମାତ୍ରା ଅତ୍ୟନ୍ତ ସୀମିତ ପରି ଜଣାଯାଏ । ଏଠାରେ କବିଙ୍କ ପ୍ରଦତ୍ତ ବିବରଣୀର ଅବଲମ୍ବନରେ ତାଙ୍କ ଗ୍ରନ୍ଥସଂଖ୍ୟାର କଳନା ଓ ପ୍ରକୃତ ସଂଖ୍ୟା ନିରୂପଣର ଅସୁବିଧା ପ୍ରଦର୍ଶନ କରାଯାଉଛି ।

## ଉପରର ଉଦ୍ଧୃତରେ ଥିବା ବ୍ୟଞ୍ଜନା—

'ଚିତ୍ରକାବ୍ୟ ବନ୍ଧୋଦୟ'ରୁ ଯେଉଁ ଅଂଶ ଏଥିପୂର୍ବେ ଉଦ୍ଧୃତ, ତହିଁରୁ କବିଙ୍କର ଗ୍ରନ୍ଥସଂଖ୍ୟା ଅଭିବ୍ୟଞ୍ଜିତ ହୁଏ ସତ; କିନ୍ତୁ ପୂର୍ଣ୍ଣ ବିବରଣୀ ମିଳେ ନାହିଁ । ତହିଁରେ ଥିବା—(୧) ଅନେକ ପ୍ରକାଶ ଗୀତେ; (୨) 'ଅଶେଷ' ଚଉତିଶ ପ୍ରଭୃତି; (୩) ଇତ୍ୟାଦି କବିତା ଗଣନା ନାହିଁ; (୪) କୃଷ୍ଣ ବିହାରାଦି ରସ—କୃଷ୍ଣ ବିଷୟରେ ଯେତେ ଗ୍ରନ୍ଥ ରଚନା କଲି, ତହିଁରୁ ମନେ ପକାଇ (ଚିନ୍ତେଇ) (ଏଠାରେ ସବୁଯାକ ତ ଲେଖିପାରୁ ନାହିଁ, ତେବେ) କିଛି ବା ଅଳ୍ପ କେତେ ଖଣ୍ଡ ମାତ୍ର ରଚନାର ନାମ ଏଠାରେ ଉଲ୍ଲେଖ କରୁଛି; (୫) ମୁଁ ତ୍ରୈଲୋକ୍ୟ ମୋହିନୀ ପରି ପାଞ୍ଚ-ସାତ ଖଣ୍ଡ ଗ୍ରନ୍ଥ ନିଜେ ରଚନା କରିଛି ସତ, କିନ୍ତୁ ସେଗୁଡ଼ିକ ମୋ ନାମରେ ଭଣିତ ନ କରି, ଅନ୍ୟ କାହାରି କାହାରି ନାମରେ ଭଣିତ କରି ଦେଇଛି । ଲୋକେ ଯେତେବେଳେ ଧନ ବା ଭୂମିକୁ ଦାନ-ସୂତ୍ରରେ ଅନ୍ୟକୁ ଅର୍ପଣ କରି ଦିଅନ୍ତି, ତାକୁ ଆଉ ସେମାନେ ପୁଣି ପ୍ରତିଗ୍ରହଣ କରନ୍ତି ନାହିଁ । ( ଶାସ୍ତ୍ରରେ ଏ ଭଳି ନିକୃଷ୍ଟ ଦାତାଙ୍କୁ 'ଦତ୍ତାପହାରୀ' କୁହା-ଯାଇଛି ) ଏହି ଧର୍ମଶାସ୍ତ୍ର ସମ୍ମତ ମତରେ ଆସ୍ଥାବାନ୍ ହୋଇ ଭଞ୍ଜ ଖୋଲି ଖୋଲି

କହି ଦେଇଛନ୍ତି ଯେ, ତହିଁରେ ତାଙ୍କର କ୍ଷୋଭ ନାହିଁ ଓ ତହିଁର ନାମ ସେ ଉଲ୍ଲେଖ କରି ନାହାନ୍ତି ।

ଏହି ଦୀର୍ଘ ଗ୍ରନ୍ଥ ତାଲିକା ଦେଇ ସାରିବା ପରେ, କବି ଲେଖିଛନ୍ତି—

"ଏତେ ପ୍ରକାରେ କରି ଗ୍ରନ୍ଥ ଗୀତ
ଚିତ୍ର କବିତ୍ୱେ ବଳାଇଲି ଚିତ୍ତ ।"

ଏଥିରୁ ଜଣାଯାଏ, ଏହି 'ଚିତ୍ରକାବ୍ୟ ବନ୍ଧୋଦୟ' କବିଙ୍କର ସାହିତ୍ୟ-ସାଧନାର ଶେଷକାଳର ରଚନା । ସେତେବେଳକୁ ପ୍ରସଙ୍ଗକ୍ରମେ ନିଜର ରାଶି ରାଶି ରଚନା ମଧ୍ୟରୁ ଯେଉଁଗୁଡ଼ିକର ନାମ ମନେପଡ଼ିଲା, ସେଗୁଡ଼ିକୁ ଲିପିବଦ୍ଧ କରିଗଲେ । ସୁତରାଂ, ନିଜର ଗ୍ରନ୍ଥମାଳାର ଏକ ସର୍ବାଙ୍ଗ ତାଲିକା ପ୍ରଦାନର ଅଭିପ୍ରାୟ ଏହି ପଦ୍ୟାଂଶରେ ଚରିତାର୍ଥ ହୋଇଛି ବୋଲି ଭାବିବା ଠିକ୍ ହେବ ନାହିଁ । ଏହା କେବଳ ଏକ ନାମରଚନା ତାଲିକା ମାତ୍ର । ତେଣୁ, ସେ ଆମ୍ଭମାନଙ୍କ ପାଇଁ ତାଙ୍କ କାବ୍ୟ ସମ୍ପର୍କରେ ଅନୁମାନର ଏକ ପ୍ରାସାଦ ଗଠନ କରି ଯାଇଛନ୍ତି ।

ପୁସ୍ତକ ତାଲିକାର ବିବରଣୀ ପ୍ରଦାନ କରିବା ଆଗରୁ, ଗୋଟିଏ କଥା ସୂଚାଇ ଦେବା ଆବଶ୍ୟକ ମନେହୁଏ । ତାହା ହେଉଛି, ଯେଉଁ ପଣ୍ଡିତମାନେ ଭଞ୍ଜଙ୍କର ପୁସ୍ତକ ତାଲିକା କରିବାରେ ପ୍ରବୃତ୍ତ ହୋଇଛନ୍ତି, ସେମାନେ ଉପରର ଉଦ୍ଧୃତ ପଦ୍ୟାଂଶରେ ନିମ୍ନଲିଖିତ ଶବ୍ଦଗୁଡ଼ିକୁ ଗୋଟିଏ ଗୋଟିଏ ପୁସ୍ତକ ବା ରଚନାର ନାମ ବୋଲି ଗ୍ରହଣ କରିଅଛନ୍ତି । ଯଥା—(୧) ଗାହା, (୨) ଦୋହା, (୩) ଷୋଡ଼ଶେନ୍ଦୁ ଏବଂ (୪) ଛପେଇ ।

କବିଙ୍କ ପ୍ରଦତ୍ତ ତାଲିକାର ଅନ୍ୟ ନାମଗୁଡ଼ିକ କଥା ସ୍ୱତନ୍ତ୍ର । କିନ୍ତୁ ଦୋହା ପ୍ରଭୃତି ନାମ ସ୍ୱତନ୍ତ୍ର ବିଚାର ଦାବି କରେ । ଭଞ୍ଜଙ୍କର ଗ୍ରନ୍ଥ ତାଲିକା ନିରୂପଣ କରିବାକୁ ଯେଉଁମାନେ ପ୍ରବୃତ୍ତ ହୋଇଛନ୍ତି, କବି ନିଜେ ଉଲ୍ଲେଖ କରିଥିବା ଏହି ଚାରୋଟି ଶବ୍ଦକୁ ତାଙ୍କର ଚାରୋଟି କ୍ଷୁଦ୍ର ଗ୍ରନ୍ଥ ବା ରଚନାର ନାମ ବୋଲି ଧରିନେଇ, ସେମାନେ ମୋଟ ସଂଖ୍ୟାରେ ଏହି ଚାରୋଟି ମିଶାଇଛନ୍ତି । (୧)

ଏତେ ଆଲୋଚନା ହୋଇ ଯାଇଥିଲେ ମଧ୍ୟ, ଗୋଟିଏ ତଥ୍ୟ ପ୍ରତି କାହାର ସେଭଳି ଦୃଷ୍ଟି ପଡ଼ିଥିବାର ଜଣାଯାଏ ନାହିଁ । ଯେତେଦୂର ମନେହୁଏ, କବି

(୧) ଡକ୍ଟର ନ: ବ: ସାମନ୍ତରାୟଙ୍କ ସାହିତ୍ୟାଦର୍ଶର ଶେଷ ପ୍ରବନ୍ଧ ।

ଲେଖିଥିବା ଏହି କେତୋଟି ଶବ୍ଦ ତାଙ୍କର ସ୍ବତନ୍ତ୍ର ଖଣ୍ଡି ଗ୍ରନ୍ଥର ବା ରଚନାର ନାମ ନୁହେଁ, ଏଗୁଡ଼ିକ ହେଉଛି ଗୀତର ପ୍ରକାର ରଚନାର ନାମ । ଏହା କହିବାର ଅବ୍ୟବହିତ ପୂର୍ବେ, କବି ଲେଖିଛନ୍ତି—

"ଅଶେଷ ଚଉତିଶା ଚଉପଦୀ
ତାହା କେତେ ଯେ କହିବ ସମ୍ପାଦି ।

ଏଠାରେ ଚଉତିଶା ଓ ଚଉପଦୀକୁ କବିଙ୍କର ଦୁଇଟି ରଚନାର ନାମ କେବଳ ଗ୍ରହଣ କଲେ ଯେଉଁ ଭ୍ରମ ହେବ, ଆଲୋଚ୍ୟ ବର୍ଣ୍ଣନରେ ଗାହା, ଦୋହା, ଷୋଡ଼ଶେନ୍ଦୁ ଓ ଛ ପୋଇ (?)କୁ ସ୍ବତନ୍ତ୍ରଗୋଟି କ୍ଷୁଦ୍ର ଗ୍ରନ୍ଥର ନାମ ବୋଲି ଗ୍ରହଣ କଲେ ବୋଧହୁଏ ସେହି ଦୋଷ ହେବ । ବସ୍ତୁତଃ, ଚଉତିଶା, ଚଉପଦୀ, ଗାହା (ଗାଥା), ଦୋହା, ଷୋଡ଼ଶେନ୍ଦୁ, ପୋଇ ଗୋଟିଏ ଗୋଟିଏ ଜାତୀୟ ବା ଶ୍ରେଣୀୟ ରଚନା ରୂପେ ହିଁ ଗୃହୀତ ହେବା ବିଧେୟ । ପଦ୍ୟରେ ଥିବା ଛ ପୋଇ ଯଥାସମ୍ଭବ କବିଙ୍କର 'ଛ ପୋଇ' ନାମକ ରଚନା ସହିତ ଛଅ ଗୋଟି ପୋଇ ନାମକ ରଚନାକୁ ମଧ୍ୟ ବୁଝାଉଛି । ଚଉତିଶା ଓ ଚଉପଦୀ ଯେପରି ଏକ ଏକ ଜାତୀୟ ରଚନା, ଠିକ୍ ସେହିପରି, ଗାହା (ପ୍ରାକୃତରେ ଯେପରି 'ଗାଥା' ସପ୍ତଶତୀ), ଦୋହା (ହିନ୍ଦୀରେ ଯେପରି ଦୁହା ବା କବିତା ସ୍ତବକ), ଷୋଡ଼ଶେନ୍ଦୁ ('ଅ' ଠାରୁ 'ଅଃ' ପର୍ଯ୍ୟନ୍ତ ୧୬ଟି ସ୍ବରବର୍ଣ୍ଣ ଏକ ନିର୍ଦ୍ଦିଷ୍ଟ କ୍ରମରେ ଏକାଦିକ୍ରମେ ବିନ୍ୟସ୍ତ ଥାଇ ରଚିତ ହୋଇଥିବା କବିତା) ଏବଂ 'ପୋଇ' (ନିର୍ଦ୍ଦିଷ୍ଟ ସଂଖ୍ୟକ ପଦ ନିୟମରେ ରଚିତ କବିତା) ଗୋଟିଏ ଗୋଟିଏ ଶ୍ରେଣୀୟ ରଚନା ରୂପେ ହିଁ ଗ୍ରାହ୍ୟ । ଯେଉଁ କ୍ରମରେ ଓ ପ୍ରସଙ୍ଗରେ ଏହି ଶବ୍ଦଗୁଡ଼ିକ ଉଦ୍ଧୃତ ପଦ୍ୟାଂଶର ଆଦ୍ୟଭାଗରେ ସମାବେଶିତ, ତହିଁରୁ ଏହି ଅନୁମାନ ଏକାନ୍ତ ସାର୍ଥକ ଓ ଯୁକ୍ତିସଂଗତ ମନେହୁଏ । ସୁତରାଂ, ଏ ଯାଏ ପ୍ରଦତ୍ତ ବା ପ୍ରସ୍ତୁତ ଭଞ୍ଜୀୟ ଗ୍ରନ୍ଥ ତାଲିକାର ପୁନର୍ବିଚାର ଲାଗି ଏହି ନୂତନ ବ୍ୟାଖ୍ୟାନ ତଦ୍‌ବିଦମାନଙ୍କର ବିଚାର ନିମନ୍ତେ ଏକ ନିବେଦନ ।

ଏହି ଦୃଷ୍ଟିରୁ ଦେଖିଲେ, ଭଞ୍ଜେ ନିଜେ ଏହି ୨୬ ଖଣ୍ଡି ପୁସ୍ତକର ନାମ ସ୍ପଷ୍ଟ ଭାବରେ ଉଲ୍ଲେଖ କରିଅଛନ୍ତି । ତାଙ୍କର ଗ୍ରନ୍ଥ ବିଚାରରେ ସେଗୁଡ଼ିକ ହିଁ ପ୍ରଥମେ ଆମ୍ଭମାନଙ୍କର ବିଚାର୍ଯ୍ୟ । ସେଗୁଡ଼ିକ ହେଉଛି—

(୧) ଶଶିଲେଖା, (୨) ହେମ ମଞ୍ଜରୀ, (୩, ରସଲେଖା, (୪) କାମକଳା, (୫) ମନୋରମା, (୬) ପ୍ରେମଲତା, (୭) ଭାବବତୀ, (୮) ମୁକ୍ତାବତୀ,

(୯) ବ୍ରଜଲୀଳା, (୧୦) ଛାନ୍ଦ-ଭୂଷଣ, (୧୧) ଷଡ଼ଋତୁ, (୧୨) କଳା କୌତୁକ, (୧୩) ସୁଭଦ୍ରା ପରିଣୟ, (୧୪) ବୈଦେହୀଶ ବିଳାସ, (୧୫) ରସ ତରଙ୍ଗ, (୧୬) ରାମଲୀଳାମୃତ, (୧୭) ପ୍ରେମ ସୁଧାନିଧି, (୧୮) ରସିକ ହାରାବଳୀ, (୧୯) କୁଞ୍ଜ-ବିହାର, (୨୦) ରସପଞ୍ଚକ, (୨୧) ଲବଣ୍ୟବତୀ, (୨୨) ପୁରୁଷୋତ୍ତମ ମାହାତ୍ମ୍ୟ, (୨୩) ଗୀତାଭିଧାନ, (୨୪) କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ, (୨୫) ତ୍ରୈଲୋକ୍ୟ ମୋହିନୀ ଓ (୨୬) ଚିତ୍ରକାବ୍ୟ ବନ୍ଧୋଦୟ ।

କିନ୍ତୁ ଅଶେଷ ଚଉତିଶା, ଚଉପଦୀ ପ୍ରଭୃତି ଏବଂ ଗାହା, ଦୋହା, ଷୋଡ଼ଶେନ୍ଦୁ ( ଯେପରି କି ତାଙ୍କର ଚୌପଦୀ ଚନ୍ଦ୍ର—ଯାହା ବହୁ ବର୍ଷ ଆଗରୁ ପ୍ରକାଶିତ ହୋଇଅଛି ) ପ୍ରଭୃତି ଅଗଣିତ ସଂଖ୍ୟାରେ ଲେଖିଛନ୍ତି । ଏହା ବ୍ୟତୀତ, ଶ୍ୟାମସୁନ୍ଦର ଶ୍ରୀକୃଷ୍ଣ ସମ୍ପର୍କରେ କୁଞ୍ଜ ବିହାରାଦି କାବ୍ୟ ଲେଖିଛନ୍ତି । ଅର୍ଥାତ୍, ଯଦିଓ କୁଞ୍ଜବିହାର କାବ୍ୟଟିର ନାମୋଲ୍ଲେଖ ସେ କରିଅଛନ୍ତି, ତଥାପି, ସେ ଭଳି ଅନ୍ୟ କେତେକ କାବ୍ୟ ମଧ୍ୟ ସେ ଲେଖିଥିବାର, 'ଆଦି' ଶବ୍ଦରୁ ସ୍ପଷ୍ଟ ପ୍ରକାଶ ପାଉଛି । ତ୍ରୈଲୋକ୍ୟ ମୋହିନୀ ପ୍ରଭୃତି "ପାଞ୍ଚ-ସାତ" ଖଣ୍ଡ ଛାନ୍ଦ ଗ୍ରନ୍ଥ ସେ ନିଜେ ରଚନା କରି ମଧ୍ୟ ଅନ୍ୟଙ୍କ ନାମରେ ଭଣିତା କରି ଦେଇଛନ୍ତି । ( ଯେପରି କି କବିସୂର୍ଯ୍ୟଙ୍କର ରାଶି ରାଶି ରଚନା କଳନ୍ତର ରାଜା ଓ ଆଠଗଡ଼ ରାଜାଙ୍କ ନାମରେ ସେ ନିଜେ ଭଣିତା କରି ଦେଇଛନ୍ତି । ) ଏହି 'ପାଞ୍ଚ-ସାତ' ଶବ୍ଦକୁ ଚାରି ପ୍ରକାର ଅର୍ଥ କରାଯାଏ, ଯଥା—

(କ) ୫ + ୭ = ୧୨ ଖଣ୍ଡ ।

(ଖ) ୫ ଓ ୭ = ୫୭ ଖଣ୍ଡ ।

(ଗ) ୫ ପାଞ୍ଚ-ଶତ ( 'ସାତ'କୁ 'ଶତ' ବୋଲି ପଢ଼ି ) = ୫୦୦ ।

(ଘ) ୫, ୭ ଖଣ୍ଡ = ମୋଟାମୋଟି ୫, ୭ ଖଣ୍ଡ ।

ଉପରର (ଘ)ରେ କଥିତ ପ୍ରକାରରେ, ପାଞ୍ଚ-ଛଅ-ସାତ-ଆଠ-ନ, ଏମିତି କିଛି ଅଳ୍ପସଂଖ୍ୟକ କାବ୍ୟ ବୋଲି ହିଁ ଧରାଯିବା ଯୁକ୍ତିଯୁକ୍ତ ମନେହୁଏ । ଧରନ୍ତୁ, ଆଠ ଖଣ୍ଡ ବୋଲି ଏହାକୁ ଆମେ ଗ୍ରହଣ କରିବା । ତାହାହେଲେ ୨୬ + ୮ = ୩୪ ଖଣ୍ଡ ।

ତା ପରେ 'ଛ ପୋଇ' ଶବ୍ଦ ବିଚାର କରାଯାଉ । ସଂସ୍କୃତ 'ପର୍ଣ୍ଣ'ରୁ ଓଡ଼ିଆ 'ପୋଇ' ନିଷ୍ପନ୍ନ । ଭଞ୍ଜଙ୍କର ନିଜ ରଚନା ବୋଲି ବିଭିନ୍ନ ଲେଖକ ନିମ୍ନଲିଖିତ ପୋଇମାନଙ୍କର ନାମ ଉଲ୍ଲେଖ କରିଅଛନ୍ତି । ଦଶ ପୋଇ, ଛ ପୋଇ, ନ ପୋଇ ଓ ବାର ପୋଇ । ଅଥଚ ଭଣିତିରେ ଭଞ୍ଜଙ୍କର ନାମ ଥିବା 'ଷୋଳ ପୋଇ'ର ନାମୋଲ୍ଲେଖ କୌଣସି ଭଞ୍ଜ ବିଷୟକ ଗ୍ରନ୍ଥରେ ଦେଖାଯାଏ ନାହିଁ । ଚାରି ଖଣ୍ଡଯାଏ ପୋଇର ନାମ ଅନ୍ୟାନ୍ୟ ବିଭିନ୍ନ ସୂତ୍ରରୁ ଭଞ୍ଜଙ୍କର ବୋଲି ପ୍ରତିପାଦିତ ହେଉଥିବାରୁ, ହୁଏ ତ ତାଙ୍କର ଅନାବିଷ୍କୃତ ଅନ୍ୟ ଦୁଇ ଖଣ୍ଡ ପୋଇ ଅଛି ବୋଲି ଅନୁମିତ ହୋଇପାରେ ( ଯେପରି କି ପଣ୍ଡିତ ନୀଳମଣି ମିଶ୍ରଙ୍କ ଦ୍ୱାରା ଉଲ୍ଲିଖିତ ଷୋଳ ପୋଇ ) । ଏହା ସତ୍ୟ ବୋଲି ପ୍ରମାଣିତ ହୋଇ ଯାଉଲେ, "ଛ ପୋଇ" ଶବ୍ଦ କେବଳ ମାତ୍ର "ଛ ପୋଇ" ଗ୍ରନ୍ଥଟିକୁ ନ ବୁଝାଇ, ଛ ଖଣ୍ଡ 'ପୋଇ' ରଚନାକୁ ବୁଝାଉଥିବାର ସମ୍ଭାବନା ମଧ୍ୟ ହୋଇପାରେ ।

ଏସବୁ ବ୍ୟତୀତ, ନିମ୍ନଲିଖିତ ରଚନାମାନ ଭଞ୍ଜଙ୍କର କୃତ ବୋଲି ପଣ୍ଡିତମାନେ ଲିପିବଦ୍ଧ କରି ଯାଇଛନ୍ତି—

(୧) ଚୌପଦୀ ଚନ୍ଦ୍ର, (୨) ଚୌପଦୀ ଭୂଷଣ, (୩) ବଜାର ବୋଲି, (୪) ହାସ୍ୟାର୍ଣ୍ଣବ, (୫) କଟପାସୁ, (୬) ଚନ୍ଦ୍ରକଳା, (୭) ସଙ୍ଗୀତ କୌମୁଦୀ, (୮) ଶୋଭାବତୀ, (୯) କଳାବତୀ, (୧୦) ରସ ମଞ୍ଜରୀ, (୧୧) ବାରମାସୀ, (୧୨) ଦୁର୍ଗା ସ୍ତୁତି, (୧୩) ନୀଳାଦ୍ରୀଶ ଚଉତିଶ, (୧୪) ଶ୍ରୀକୃଷ୍ଣ ବିହାର, (୧୫) ଲତା, (୧୬) ଗଜ ନିସ୍ତାରଣ, (୧୭) ଗରୁଡ଼ ଗୀତ (ଗୀତା ?), (୧୮) ଚିତ୍ରରେଖା, (୧୯) ରାସ ଲୀଳା, (୨୦) ପୁରୁଷୋତ୍ତମ ମାହାତ୍ମ୍ୟ, (୨୧) ଶଶିରେଖା, (୨୨) ଚନ୍ଦ୍ରରେଖା, (୨୩) ଛତିଶ ରାସ, (୨୪) ବିଚିତ୍ର ତରଙ୍ଗିଣୀ, (୨୫) କବି କଲ୍ପରେଖା, (୨୬) ନ ପୋଇ, (୨୭) ବାର ପୋଇ, (୨୮) କଳ୍ପିତ କଲ୍ପରେଖା ଇତ୍ୟାଦି ।

ଏ ମଧ୍ୟରୁ ଅଧିକାଂଶ ଯେ ଭଞ୍ଜଙ୍କର, ତାହା ନାନା ପ୍ରମାଣ ବଳରେ ପ୍ରତିପାଦନ କରାଯାଇପାରେ । କିନ୍ତୁ ପ୍ରତ୍ୟେକଟି ସମ୍ପର୍କରେ ସଠିକ ପ୍ରମାଣ ଅଦ୍ୟାପି ଅନୁପଲବ୍ଧ । ଏଥିପାଇଁ ଅଧିକ ଶ୍ରମସାଧ୍ୟ ଗବେଷଣା ଆବଶ୍ୟକ ।

ଏବେ ପୁଣି ପଣ୍ଡିତ ଶ୍ରୀଧର ଶତପଥୀଙ୍କଠାରୁ ମୁଁ ଜାଣିବାକୁ ପାଇଛି ଯେ, ଭଞ୍ଜଙ୍କର 'ଶବ୍ଦମାଳା' ନାମକ ତିନି ଗ୍ରନ୍ଥ (?) ବିଶିଷ୍ଟ ଏକ ଅଭିଧାନ,

'କଳାବନ୍ତ' ନାମକ ( 'କ' ଆଦ୍ୟ ନିୟମର ) ଏକ କାବ୍ୟ ( ଅଠସ୍ତ୍ରଳଣ ଗ୍ରନ୍ଥ ବିଶିଷ୍ଟ ) ଏବଂ 'ତ' ଆଦ୍ୟ ନିୟମର 'ତ୍ରୈଲୋକ୍ୟ ମୋହିନୀ' ସେ ଦେଖିବାକୁ ପାଇଛନ୍ତି ।

## ଭଞ୍ଜଙ୍କ ନୂଆ କାବ୍ୟ ସମ୍ପର୍କରେ ହାସ୍ୟଜନକ ସଙ୍କେତ—

ଭଞ୍ଜଙ୍କର ରଚନା ଭିତରେ ଗୋଟିଏ ହେଉଛି, 'ବଛନ୍ତି ଶ' ଓ ଆଉ ଗୋଟିଏ, 'କଳାକଣ୍ଟକ' ବୋଲି କେହି କେହି ଲେଖକ ଲେଖିଛନ୍ତି ଏବଂ ଏଭଳି ବହି ମିଳି ନାହିଁ ବୋଲି ଅନ୍ୟ କେହି କେହି ମଧ୍ୟ କହିଛନ୍ତି । ଜାଣିବାର କଥା ହେଉଛି, ଇଂରାଜୀ ଭାଷାରେ ପ୍ରଦତ୍ତ ତାଲିକାରେ ଏ ଦୁଇଟି ବହି ନାମର ବନାନ ଏଭଳି ରହିଯାଇଛି, ଯଥା—

'BACHANTISA' ଓ 'KALAKANTAKA'

ପ୍ରକୃତରେ ପ୍ରଥମଟି ହେବା କଥା—BA (ବା) CHAUTISA (ଚୌତିଶା)='ବା ଚୌତିଶା' । 'ବା ଚୌତିଶା' ଭଞ୍ଜଙ୍କର ବୋଲି ପ୍ରାୟ ସମସ୍ତେ ସ୍ୱୀକାର କରିଛନ୍ତି । **Chutisa** ଶବ୍ଦରେ ଥିବା u ଅକ୍ଷରଟି ଓଲଟି ଭୁଲକ୍ରମେ ଛପାଯାଇ ଥିବାରୁ (୧), ତାହା ସାଧାରଣ ଇଂରାଜୀ ଛପା ଅକ୍ଷରର n ବୋଲି ଧରାଯାଇ, ଭୁଲବଶତଃ 'ବଛନ୍ତିଶ' ବୋଲି ପଢ଼ାଯାଇଛି । ଏହା ପ୍ରକୃତରେ 'ବା ଚଉତିଶା' ।

ଦ୍ୱିତୀୟରେ, ଭଞ୍ଜଙ୍କର 'କଳାକୌତୁକ' ଇଂରାଜୀ ବନାନରେ ଛପାଗଲା ବେଳେ, ସେଠାରେ ମଧ୍ୟ '**Kantaka**'ର ତୃତୀୟ ଅକ୍ଷର ଭୁଲକ୍ରମେ **u**କୁ **n** ବୋଲି ଛପାଯାଇ 'କଳାକଣ୍ଟକ' ନାମର ଭ୍ରାନ୍ତିପୂର୍ଣ୍ଣ ଧାରଣା ସୃଷ୍ଟି ହୋଇଅଛି । ଏହା ପ୍ରକୃତରେ 'କଳାକୌତୁକ' ହେବ ।

ଏହା ବ୍ୟତୀତ ଭଞ୍ଜେ 'ଦୋହା' ବା 'ଢୁହା' ଲେଖିଥିଲେ ବୋଲି ନିଜେ ଲେଖିଛନ୍ତି । ଏହା ଛନ୍ଦୋବଦ୍ଧ ରଚନା ବିଶେଷ । ହିନ୍ଦୀରେ ଢୁହା ସୁପରିଚିତ ।

---

(୧) ଇଂରାଜୀରେ ସାଧାରଣତଃ ଯେଉଁ ଟାଇପ୍ ପ୍ରକାରର ଅକ୍ଷର ଛପା ବହିରେ ବ୍ୟବହୃତ ହୁଏ, ତାର 'n' ଓ 'u' ଓଲଟିଗଲେ 'u' ଏବଂ 'n' ହୋଇଯାଏ ।

ଖବର ମିଳୁଛି ଯେ, ବଳାସପୁର ଅଞ୍ଚଳରେ ଭଞ୍ଜଙ୍କର କେତେକ ହିନ୍ଦୀ ରଚନା ଅଦ୍ୟାପି ରହିଅଛି । ଏଥିରୁ କେତୋଟି ଲୁହ୍ମା ଧରଣର । ଏହି ସମ୍ବାଦ ମୁଁ ଖୁବ୍ ନିକଟରେ, ବିଶ୍ୱସ୍ତସୂତ୍ରରୁ ପାଇଥିଲେ ମଧ୍ୟ, ଏ ଦିଗରେ ଅଧିକ ତଥ୍ୟ ସଂଗ୍ରହ କରିପାଇ ପାରି ନାହିଁ ।

ପୁଣି ଭଞ୍ଜେ ଲେଖିଛନ୍ତି, ସେ 'ପୁରାଣ' ଗ୍ରନ୍ଥ ଲେଖିଛନ୍ତି । ଏବେ ଭଞ୍ଜଙ୍କର 'ନାରଦ ପୁରାଣ' ଓଡ଼ିଶା ସରକାରଙ୍କର ସଂଗ୍ରହଶାଳାରେ ସଂରକ୍ଷିତ ହୋଇଅଛି ।

ଭଞ୍ଜଙ୍କର 'ପଦ୍ମାବତୀ ପରିଣୟ' ନାମକ ୧୫ ଛାନ୍ଦ ବିଶିଷ୍ଟ କାବ୍ୟ ମୋର ହସ୍ତଗତ ହୋଇଅଛି । ଶେଷ ୩ ଛାନ୍ଦ ନଷ୍ଟପ୍ରାୟ । ପୁଣି ଶୁଣିବାକୁ ମିଳୁଛି, ଭଞ୍ଜେ 'ଦ' ନିୟମରେ 'ଦମୟନ୍ତୀଶ ବିଳାସ' ଓ 'ସ' ନିୟମରେ ଶହେ ଛାନ୍ଦ ବିଶିଷ୍ଟ 'ସପ୍ତଶ ବିଳାସ' ନାମକ ଛାନ୍ଦଗ୍ରନ୍ଥ ପ୍ରଣୟନ କରିଥିଲେ । ଏତେ ବର୍ଷର ଆଲୋଚନା ଓ ଚର୍ଚ୍ଚା ପରେ ଯେତେବେଳେ ସାରଳା ଦାସଙ୍କର 'ବିଚିତ୍ର ରାମାୟଣ' ଲୋକଲୋଚନକୁ ଆସିପାରିଲା (ଯାହା କି ୧୫ ବର୍ଷ ତଳେ ମଧ୍ୟ ଏକ ପ୍ରକାର ଅକଳ୍ପନୀୟ ଥିଲା), କିଏ କହିବ, ଏ ଭଳି ନୂତନ ନୂତନ କାବ୍ୟ ଅନ୍ୟ ନାମରେ ଭଣିତା ଥାଇ ଆମର ଦୃଷ୍ଟି ପଥାରୂଢ଼ ନ ହେବ ବୋଲି ।

## ଗ୍ରନ୍ଥମାନଙ୍କର ଆନୁପୂର୍ବିକତା—

ଭଞ୍ଜଙ୍କର ଗ୍ରନ୍ଥାବଳୀର ଆନୁପୂର୍ବିକତା ନିରୂପଣ କରିବା ଏକ କଠିନ ବ୍ୟାପାର । 'ବୈଦେହୀଶ ବିଳାସ'ର ଅଧ୍ୟୟନ ତଥା ଅବବୋଧ ପାଇଁ ଏତିକି ଜାଣିଲେ ଯଥେଷ୍ଟ ହେବ ଯେ, ଏହି ଗ୍ରନ୍ଥ କବିଙ୍କର ଆଦ୍ୟ ବୟସର ରଚନା ହୋଇ ନ ପାରେ । ତାଙ୍କ ଜୀବନୀରୁ ଜଣାଯାଏ, ପିତାମହ ଧନଞ୍ଜୟ ଭଞ୍ଜଙ୍କର ପରଲୋକ ପ୍ରାପ୍ତି ପୂର୍ବରୁ ସେ ଏହି କାବ୍ୟ ଲେଖି ସାରିଥିଲେ । ତାହାହେଲେ ସେତେବେଳକୁ ୨୫।୨୭ ହୋଇଥିବା ସମ୍ଭବ । ମତାନ୍ତରରେ, ଏହା ତାଙ୍କର ଅଧିକ ପ୍ରୌଢ଼ ବୟସର ରଚନା । ଏହା ଯଦି ସତ୍ୟ ହୁଏ, କବିଙ୍କର ଜନ୍ମ ସମୟ ଖ୍ରୀ: ୧୬୭୫ ରୁ ୧୬୭୦ ବୋଲି ଧରାଯିବ । ଏପରି ହେଲେ ଜନ୍ମଦନ୍ତୀର ବିରୁଦ୍ଧାଚରଣ ଘଟୁଅଛି । କାରଣ, ଅଳ୍ପବୟସ୍କ ଯୁବକ ଉପେନ୍ଦ୍ରଙ୍କ ଠାରୁ 'ରଘୁନାଥ ବିଳାସ' କାବ୍ୟର ସମୀକ୍ଷାମୂଳକ ମନ୍ତବ୍ୟରେ ଯେଉଁ ପ୍ରତିଭା-ଦ୍ୟୋତକତା ଅଭିବ୍ୟଞ୍ଜିତ, ତାହା ମଧ୍ୟମ ବୟସର (୩୦—୩୫) ଲୋକ ପକ୍ଷରେ

କେତେଦୂର ମନସ୍ତୁବ୍ୟଞ୍ଜକ ନୁହେଁ ! ସୁତରାଂ, ଏ କ୍ଷେତ୍ରରେ ଏ ଯାଏଁ ସନ୍ଦେହ ନିରାକରଣ ହୋଇପାରି ନାହିଁ ।

ତା ପରେ ରାମତାରକ ମନ୍ତ୍ରସିଦ୍ଧି କଥା । ପିତାମହଙ୍କର ସସ୍ନେହ ବଚନରେ ଯେଉଁ ଉଣାହ୍ୱାନ ଥିଲା, ତାହା ଦ୍ୱାରା ପ୍ରତ୍ୟେଦିତ ହୋଇ ଭଞ୍ଜେ ରାମତାରକ ମନ୍ତ୍ର ଜପ କରିଥିଲେ । ଏହି ମନ୍ତ୍ରସିଦ୍ଧିର ଅବ୍ୟବହିତ ଫଳ ସ୍ୱରୂପ 'ବୈଦେହୀଶ ବିଳାସ' ରଚନା କରିଥିଲେ । ଅନେକଙ୍କର ମତ ଯେ, 'ଲାବଣ୍ୟବତୀ' ଓ 'କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ' କାବ୍ୟ ରଚନା ପରେ ସେ 'ବୈଦେହୀଶ ବିଳାସ' ଲେଖିଥିଲେ । ପ୍ରଶ୍ନ ଉଠେ, 'ଲାବଣ୍ୟବତୀ' ଓ 'କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ' ପରି କାବ୍ୟ ଲେଖିବାକୁ ଯାହାଙ୍କର ଶକ୍ତି ବା ପ୍ରତିଭା ଥିଲା, ସେ କି କାରଣରୁ 'ବୈଦେହୀଶ ବିଳାସ' ଲେଖି ନ ପାରି, ଖୋଦ୍ ସେଥିପାଇଁ ରାମତାରକ ମନ୍ତ୍ର ଜପ କରିଥିଲେ ? ପୁଣି ଯଦି ମନ୍ତ୍ରସିଦ୍ଧି ପରେ 'ବୈଦେହୀଶ ବିଳାସ' ରଚନା କଲେ, ତେବେ 'ଲାବଣ୍ୟବତୀ' ଓ 'କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ'ରେ ମନ୍ତ୍ରସିଦ୍ଧି କଥା ରହିଲା କିପରି ? କବି ଲେଖିଛନ୍ତି—

"ତାରକ ମନ୍ତ୍ର ପରସାଦେ
ମୋହର କବିପଣ ଉଦେ ।" (ଲାବଣ୍ୟବତୀ—୧୬।୪୨)

ପୁଣି 'କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ'ରେ—

"ଯେଉଁ ଅଭିରାମ ରାମ ବାମନ ମୂର୍ତ୍ତି
ଉପଇନ୍ଦ୍ର ଭଞ୍ଜର ସକଳ ସମ୍ପତ୍ତି
ପଦ ଧ୍ୟାନେ ମୋର ଗୀତ ପଦ ସ୍ଫୁରିତ
ରସ ନୋହେ ଘୂର୍ଣ୍ଣି କଣ୍ଠବାଟରେ ଏ ଗୀତ । (୩।୪୫-୪୬)

ଏ ସବୁରୁ ଜଣାଯାଏ, ଏ ସମସ୍ତ ଗ୍ରନ୍ଥ ରଚନା ପୂର୍ବରୁ ହିଁ ସେ ୧୯।୨୦ ବର୍ଷ ବୟସରେ ମନ୍ତ୍ର ସିଦ୍ଧି ଲାଭ କରିଥିଲେ । ତାହା ପରେ ତାଙ୍କର ବିବାହ ଓ ବିବାହର ୧।୨ ବର୍ଷ ପରେ ପତ୍ନୀବିୟୋଗ ଘଟିଥିଲା । 'ଲାବଣ୍ୟବତୀ' ଓ 'କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ' ତହିଁ ପରବର୍ତ୍ତୀ ରଚନା । ତାହା ପରେ 'ବୈଦେହୀଶ ବିଳାସ' ରଚନା ଲାଗି ଆହ୍ୱାନ । ତେବେ ଏ ସବୁ ଏକାନ୍ତ ଆନୁମାନିକ । କେତେଦୂର ମନେହୁଏ, ସେହି ୨୩।୨୪ ବର୍ଷ ବୟସ ପୂର୍ବରୁ ଏ ଗ୍ରନ୍ଥ ହୋଇ

ନାହିଁ । ଏହା ଗୃହୀତ ହେଲେ ଅନ୍ୟାନ୍ୟ କାବ୍ୟମାନଙ୍କରେ ରାମତାରକ ମନ୍ତ୍ରର ଉଲ୍ଲେଖ କପରି ହୋଇଅଛି, ତାହାର ମୂଳ ଅନୁସନ୍ଧାନ କରିବାକୁ ପଡ଼ିବ । ଯଦି ବାଲ୍ୟବୟସରୁ ହିଁ ସେ ରାମଭକ୍ତ ଥିଲେ ତାଙ୍କର ସ୍ମରଣରେ ହିଁ ସେ କାବ୍ୟ-କବିତା ଲେଖିଥିଲେ, ତେବେ ସମସ୍ତ ରଚନାରେ 'ରାମକୃପା'ର ଉଲ୍ଲେଖ ଆସନ୍ତା । ଯେଉଁଗୁଡ଼ିକରେ ନାହିଁ, ସେଗୁଡ଼ିକ ଅବଶ୍ୟ ମନ୍ତ୍ରସିଦ୍ଧି ପୂର୍ବର ବୋଲି ପ୍ରତୀତ ହୁଏ । ତଥାପି, ତାଙ୍କର ଆଦ୍ୟର କେତେ ଖଣ୍ଡ ଉପାଦେୟ ଗ୍ରନ୍ଥ ମିଳିବା ପର୍ଯ୍ୟନ୍ତ, ଏ କ୍ଷେତ୍ରରେ ସନ୍ଦେହ ଦୂର ହୋଇ ପାରିବ ନାହିଁ । 'କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ', 'ଲାବଣ୍ୟବତୀ' ପ୍ରଭୃତିରେ କବିତା ଓ ପାଣ୍ଡିତ୍ୟର ଯେଉଁ ମହନୀୟ ପ୍ରକାଶ, ସେ ଦୃଷ୍ଟିରୁ 'ବୈଦେହୀଶ ବିଳାସ'ର ପରେ ପରେ ସେ ଦୁଇଟିକୁ ସ୍ଥାପନ କଲେ କ'ଣ ସଙ୍ଗତ ହେବ ନାହିଁ ? କିନ୍ତୁ 'ବୈଦେହୀଶ ବିଳାଶ'ରେ ପ୍ରୌଢ଼-ମସ୍ତିଷ୍କର ଯେଉଁ ଅଭିବ୍ୟକ୍ତି, ତାହା ଦେଖି ଅନେକେ ଏହି କାବ୍ୟକୁ 'ଲାବଣ୍ୟବତୀ' ପ୍ରଭୃତି ପରେ ସ୍ଥାପନ କରିବାକୁ ଯୁକ୍ତିଯୁକ୍ତ ମନେ କରନ୍ତି । ସୁତରାଂ, ଏହି ସମସ୍ୟାର ସମାଧାନ ଲାଗି ଅଧିକ ଗବେଷଣା ଆବଶ୍ୟକ ମନେହୁଏ ।

## କାବ୍ୟାଦିର ସଂକ୍ଷିପ୍ତ ପରିଚୟ

### (୧) **ବୈଦେହୀଶ ବିଳାସ** (୫୨ ଛାନ୍ଦ)—

ଏହି କାବ୍ୟ କେବଳ ଭଞ୍ଜୀୟ ସାରସ୍ୱତ-ରତ୍ନକୋଷର କୋହିନୂର ନୁହେଁ, ଏହା ସମଗ୍ର ଓଡ଼ିଆ କାବ୍ୟ-ଗଗନର ପ୍ରଚଣ୍ଡ ମାର୍ତ୍ତଣ୍ଡ ରୂପେ ମଧ୍ୟ ବିବେଚିତ ହୋଇଥାଏ । ନିଜେ ଉପେନ୍ଦ୍ର ଭଞ୍ଜ କହିଅଛନ୍ତି—

"ଗିରବର ପଦ ଉପଇନ୍ଦ୍ର ମୋର ନାମ
ବାରେ ବାରେ ହେବାରେ ମନାଇଁ ସୀତାରାମ ଯେ ।
ବିଚାରି କବିତ୍ୱ ମାର୍ଗେ ପ୍ରସରିଲା ବୁଦ୍ଧି
ବିରଚିଲି ରାମାୟଣ ଏ ମୋ ବଡ଼ ସିଦ୍ଧି ଯେ ।"

କବିଙ୍କ 'ବଡ଼ ସିଦ୍ଧି' ଏହି ମହାକାବ୍ୟ ୫୨ ଛାନ୍ଦରେ ସମ୍ପୂର୍ଣ୍ଣ । ରାମାୟଣ ସାତ କାଣ୍ଡରେ ବିଭକ୍ତ । ସପ୍ତମ କାଣ୍ଡରେ ରାମଚନ୍ଦ୍ରଙ୍କ ଦ୍ୱାରା ସୀତାଙ୍କର ବନବାସ ସମ୍ବଳିତ ଅତ୍ୟନ୍ତ କରୁଣ ରସାତ୍ମକ ଚରିତ ବର୍ଣ୍ଣିତ ହୋଇଅଛି । କବି କାବ୍ୟକୁ

ଆଳଙ୍କାରିକ ନିୟମ ଅନୁସାରେ ବିୟୋଗାତ୍ମକ ବା ଦୁଃଖଦାୟକ କରି ନାହାନ୍ତି । ଏ କଥା ସେ ସ୍ପଷ୍ଟଭାବରେ କହି ଯାଇଛନ୍ତି । ତାଙ୍କର ଭାଷାରେ–

"ବିଭଙ୍ଗ ରସ ବୋଲଣ ନ କହିଁଲି ଏତେ
ବୁଧେ ବୋଲିଛନ୍ତି ଏହା ଦୋଷ ଗ୍ରନ୍ଥ ରୀତେ ।"

ଅନ୍ୟ ଭାବରେ କହିଲେ, କାବ୍ୟଶାସ୍ତ୍ରର ନିର୍ଦ୍ଦେଶ ଦୃଷ୍ଟିରୁ, ସେ ରାମାୟଣ ଚରିତ ପରିବେଷଣ କରିଛନ୍ତି । ଅର୍ଥାତ୍, ସେ ଜାଣି ଶୁଣି ଶେଷ କାଣ୍ଡ ବର୍ଜନ ପୂର୍ବକ ରାମାୟଣ ପରିବେଷଣ କରିଛନ୍ତି । ମୋଟ ଗ୍ରନ୍ଥସଂଖ୍ୟା ହେଉଛି ୫୨ । ଏହି ସଂଖ୍ୟାରେ ଥିବା ୫ ଓ ୨ ମିଶିଲେ ୭ ହୁଏ । ସୁତରାଂ, ସାତ କାଣ୍ଡ ବିଶିଷ୍ଟ ରାମାୟଣ ଚରିତ ଏଥିରେ ସମାବେଶିତ । ତଳେ କେତୋଟି ପ୍ରସିଦ୍ଧ ଗ୍ରନ୍ଥ ସମ୍ପର୍କରେ ସାମାନ୍ୟ ସୂଚନା ଦିଆଯାଉଛି—

## ଏ କାବ୍ୟର କେତୋଟି ବିଶିଷ୍ଟ ଛାନ୍ଦ—

ପ୍ରଥମ ଛାନ୍ଦ—

ଏହି ଛାନ୍ଦର ମଙ୍ଗଳାଚରଣ ନାନା ଦୃଷ୍ଟିରୁ କେବଳ ଓଡ଼ିଆ-ସାହିତ୍ୟରେ ନୁହେଁ, ଭାରତର ସମସ୍ତ ପ୍ରାଦେଶିକ-ସାହିତ୍ୟ ମଧ୍ୟରେ ଭଞ୍ଜଙ୍କ ଆସନର ଅଭ୍ରକାଶ । କଥା ଅଛି, ପୁରୀର ଏକ ପଣ୍ଡିତ ସଭାରେ ଉପେନ୍ଦ୍ର, ଏ ଛାନ୍ଦର ପ୍ରଥମ ଦୁଇଟି ପଦର ବାର-ବାରଟି ଅର୍ଥ ବ୍ୟାଖ୍ୟାନ କରି, ଦୁଇଟି କଥା ପ୍ରତିପାଦନ କରିଥିଲେ । ପ୍ରଥମ, ଓଡ଼ିଆ ଭାଷାରେ ମଧ୍ୟ ସଂସ୍କୃତ ଭାଷା ପରି ବହ୍ୱର୍ଥବିଶିଷ୍ଟ ପଦ୍ୟ ରଚନା କରାଯାଇପାରେ । ଦ୍ୱିତୀୟ, ଓଡ଼ିଆମାନେ କେବଳ ଏକ ଦେବତାଙ୍କୁ ମାନନ୍ତି ଏବଂ ଯେ ଜଗନ୍ନାଥ, ସେ ହିଁ ଶିବ, ଦୁର୍ଗା, ରାମ, ବ୍ରହ୍ମା ଇତ୍ୟାଦି । ଭାରତରେ ଗୋଟିଏ ଗୋଟିଏ ଦେବତାଙ୍କୁ କେନ୍ଦ୍ର କରି ନାନା ଧର୍ମମତ ଗଢ଼ିଉଠିଛି । ପୁଣି, ବେଳେ ବେଳେ ବିଭିନ୍ନ ଧର୍ମ ସମ୍ପ୍ରଦାୟ ମଧ୍ୟରେ ଘୋରତର ଦ୍ୱନ୍ଦ୍ୱ ମଧ୍ୟ ପ୍ରକାଶ ପାଇଛି । ଉପେନ୍ଦ୍ର, ଓଡ଼ିଆ ସଂସ୍କୃତି ଦୃଷ୍ଟିରୁ ଏ ପ୍ରକାର ସାଂପ୍ରଦାୟିକ ମନୋଭାବକୁ ଗ୍ରହଣ କରି ନାହାନ୍ତି । ବରଂ, ବିଭିନ୍ନ ବିଶିଷ୍ଟ ଦେବ ଦେବୀଙ୍କୁ ସେହି ଏକମାତ୍ର ମୂଳ ଦେବତାଙ୍କର ବିଭିନ୍ନ ଅଭିବ୍ୟକ୍ତି ରୂପେ ପ୍ରତିପାଦନ କରି, ବିପୁଳ ଧାର୍ମିକ ଐକ୍ୟ ପ୍ରତିପାଦନ କରିଛନ୍ତି ।

ଏ ଛାନ୍ଦରେ ରାବଣର ଜନ୍ମ ଓ ବାଲ୍ୟଲୀଳା ପ୍ରଭୃତି ବର୍ଣ୍ଣିତ । ୧୫, ୧୬ ଓ ୧୭ ସଂଖ୍ୟକ ପଦ କବିଙ୍କ ପାଣ୍ଡିତ୍ୟ, ପ୍ରତିଭା ଓ କଳ୍ପନା ଶକ୍ତିର ବଶିଷ୍ଟ ଦୃଷ୍ଟାନ୍ତ ।

ଚତୁର୍ଥ ଛାନ୍ଦ—

ଏ ଛାନ୍ଦରେ ଋଷ୍ୟଶୃଙ୍ଗଙ୍କୁ ପ୍ରଲୋଭିତ କରି ଜରତୀ କିପରି ତାଙ୍କୁ ଆଣି ଯାଉଛି, ବର୍ଣ୍ଣିତ । ବିଶେଷ କରି, ଋଷ୍ୟଶୃଙ୍ଗ-ଜରତୀର ଆଳାପ ହାସ୍ୟରସର ବାତାବରଣ ମଧ୍ୟରେ ସାହିତ୍ୟିକ ମାଦକତା ସୃଷ୍ଟି କରୁଛି । ଏହି ପଦଗୁଡ଼ିକ ଛାନ୍ଦାର୍ଥୀମାନଙ୍କର ବଡ଼ ପ୍ରିୟ ।

ପଞ୍ଚମ ଛାନ୍ଦ—

କବିତ୍ୱ ଓ ପାଣ୍ଡିତ୍ୟ ପାଇଁ ଏ ଛାନ୍ଦର ୬ଷ୍ଠ ପଦ ଠାରୁ ୧୧ଶ ପଦ ପର୍ଯ୍ୟନ୍ତ ଅନୁଶୀଳନୀୟ । ଠାଏ ଠାଏ ବ୍ୟାସକୂଟ ରହିଛି । ଏ ଛାନ୍ଦର ୩୭ଶ ପଦ ତହିଁର ଦୃଷ୍ଟାନ୍ତ ।

ଷଷ୍ଠ ଛାନ୍ଦ—

ଏ ଛାନ୍ଦର ଅଯୋଧ୍ୟା ବର୍ଣ୍ଣନା ବହୁ ଦୃଷ୍ଟିରୁ ଭଞ୍ଜଙ୍କର ଏକ ବଶିଷ୍ଟ ସାହିତ୍ୟ ସର୍ଜନା । ଆହୁରି ମଧ୍ୟ, ୪୭ ପଦରୁ ୫୯ ପଦ ପର୍ଯ୍ୟନ୍ତ ଅବତାରୀ ବିଷ୍ଣୁଙ୍କର ଯେଉଁ ଦଶାବତାର ବର୍ଣ୍ଣିତ, ତାହାର ବର୍ଣ୍ଣନା ପରିପାଟୀ ଏକାନ୍ତ ଉପଭୋଗ୍ୟ ।

ସପ୍ତମ ଛାନ୍ଦ—

ସିଦ୍ଧବନର ବିସ୍ତୃତ ବର୍ଣ୍ଣନା ସହିତ କବିକଳ୍ପନା ଓ ଶବ୍ଦଶାସ୍ତ୍ରରେ ଆଧିପତ୍ୟ ପ୍ରତିପାଦନ ପାଇଁ ୨ୟ ପଦରୁ ୧୪ଶ ପଦ ପର୍ଯ୍ୟନ୍ତ ବିଶେଷ ।

ଅଷ୍ଟମ, ନବମ ଓ ଦଶମ ଛାନ୍ଦ—

ଏଗୁଡ଼ିକ ଗାୟକମାନଙ୍କର କଣ୍ଠରତ୍ନହାର । ଅଷ୍ଟମ ଛାନ୍ଦ ସମଗ୍ର ପ୍ରାଚ୍ୟ-ସାହିତ୍ୟର ଏକ ବିଲକ୍ଷଣ ଛାନ୍ଦ । ଏହି ସମଗ୍ର ଛାନ୍ଦରେ ସୀତାଙ୍କର କେବଳ ମୁଖ ହିଁ ବର୍ଣ୍ଣିତ ହୋଇଛି । ଗୋଟିଏ ମୁଖର ବର୍ଣ୍ଣନାରେ ଗୋଟିଏ ଛାନ୍ଦ ବା ସର୍ଗ କୌଣସି କାବ୍ୟର ଅଙ୍ଗମଣ୍ଡନ କରିଥିବାର ଦୃଷ୍ଟାନ୍ତ ବିରଳ କହିଲେ ଚଳେ ।

ନବମ ଛାନ୍ଦ ସାଧାରଣତଃ 'ବିତଳକୁ ଆଲିଙ୍ଗନ'-ଛାନ୍ଦ ନାମରେ ପରିଚିତ । ଏହାର ପ୍ରଥମ ପଦରେ ମନ୍ଦାକିନୀ, ଭାଗୀରଥୀ ଓ ଭୋଗବତୀ ( ଯଥାକ୍ରମେ ସ୍ୱର୍ଗଗଙ୍ଗା, ମର୍ତ୍ତ୍ୟ ଗଙ୍ଗା ଓ ପାତାଳ-ଗଙ୍ଗା ) ବର୍ଣ୍ଣିତ । ଏଥିରେ ହରଧନୁ ଭଙ୍ଗ ଓ ସୀତା ସ୍ୱୟମ୍ବର ବିସ୍ତୃତ ଭାବରେ ବର୍ଣ୍ଣିତ ।

ଦଶମ ଛାନ୍ଦର ପ୍ରଥମ ପଦଟିର ଗୋଟିଏ ଦୁଇଟି ପାଦକୁ ନଅ-ଦଶ ପ୍ରକାର ଅର୍ଥ କରାଯାଏ, ଯଦିଓ ଏହି ଅର୍ଥ ବ୍ୟାଖ୍ୟାନଗୁଡ଼ିକ ବ୍ୟାଖ୍ୟାକାରଙ୍କର ପାଣ୍ଡିତ୍ୟବିଳାସ ଉପରେ ହିଁ ପ୍ରତିଷ୍ଠିତ । ଏହା ମଧ୍ୟ ପଣ୍ଡିତ-ସଭାମାନଙ୍କରେ ଅର୍ଥ କରାଯାଇଥାଏ ।

ଦ୍ୱାଦଶ ଛାନ୍ଦ—

ଏହି ଛାନ୍ଦର ଅନେକ ପଦର ଙ୍କର ଧାଡ଼ିର ପ୍ରଥମ ତିନି ଚାରୋଟି ଅକ୍ଷର ସମାନ ।

ସପ୍ତଦଶ ଛାନ୍ଦ—

ନବମ ଛାନ୍ଦ ପରି ଏ ଛାନ୍ଦ ଅସାଧାରଣ ଜନପ୍ରିୟ । ଏଥିରେ ରାମଙ୍କର ବନଗମନ ଚରିତ ବର୍ଣ୍ଣିତ । ଏ ଛାନ୍ଦର ୧୩ଶ ପଦ, ୨୮ଶ ପାଦ, ୨୯ଶ ପଦ ଏବଂ ୩୯ଶ ପଦ ଓଡ଼ିଆ ଛାନ୍ଦ-ସାହିତ୍ୟରେ କାରୁଣ୍ୟ କଳା ଓ ସଂସ୍କୃତିର ସଂକେତ ବହନ କରିଅଛି ।

ଊନବିଂଶ ଛାନ୍ଦ—

ଏହାକୁ "ବସୁରଇ ମାଳ ଯମକରେ"-ଛାନ୍ଦ ବୋଲି ମଧ୍ୟ କୁହାଯାଏ । ମଞ୍ଜୁଳ ଶୈଳୀରେ ଚିତ୍ରକୂଟ ଅଞ୍ଚଳର ସୁବିସ୍ତୃତ ମନୋରମ ବର୍ଣ୍ଣନା ଲାଗି ଏହି ଛାନ୍ଦ ପାଲା ଗାୟକମାନଙ୍କର ପରମପ୍ରିୟ । ବିଭିନ୍ନ ପ୍ରକାରର ଶ୍ରୁତି-ସୁଖକର ଶବ୍ଦାଳଙ୍କାରଗୁଡ଼ିକ ଶ୍ରୋତାମାନଙ୍କୁ ଆକୃଷ୍ଟ କରିଥାଏ ।

ଚତୁର୍ବିଂଶ ଛାନ୍ଦ—

ଏହାକୁ "ବିନାଶ ନାସା ଶ୍ରବଣ"-ଛାନ୍ଦ ମଧ୍ୟ କୁହାଯାଏ । ଏଥିରେ କବିଙ୍କର ମନସ୍ତତ୍ତ୍ୱ ଜ୍ଞାନ ସୁନ୍ଦର ଭାବରେ ପ୍ରତିଫଳିତ ।

ପଞ୍ଚବିଂଶ ଓ ଷଡ଼ବିଂଶ ଛାନ୍ଦ—

ଏଥିରେ ସୀତା ହରଣ ପରେ ବିରହ-ବିଧୁର ରାମଙ୍କର ଦୁଃଖ ବର୍ଣ୍ଣିତ । ଆଗେ ସ୍ତ୍ରୀଲୋକମାନେ ୨୬ ଛାନ୍ଦଟି ମୁଖସ୍ଥ ରଖି ଗାନ କରୁଥିଲେ । ଏ ଛାନ୍ଦର ଅର୍ଥ ବୁଝି ଆବୃତ୍ତି କଲେ, ହୃଦୟ କରୁଣ ରସରେ ଆପ୍ଲୁତ ହୋଇଯାଏ ।

ଅଷ୍ଟାବିଂଶ ଛାନ୍ଦ—

ଏହା ଗୋଟିଏ ଜନପ୍ରିୟ ଛାନ୍ଦ । ଏହାକୁ "ବୋଲେ ସୁଗ୍ରୀବେ ରାମ"-ଛାନ୍ଦ ବୋଲି କୁହାଯାଇଥାଏ । ଏଥିରେ ଚକ୍ରବନ୍ଧ ଓ ନାଗବନ୍ଧର ରଚନା ଅଛି ।

ଊନତ୍ରିଂଶ ଛାନ୍ଦ—

ଭଞ୍ଜ-ସାହିତ୍ୟରେ ଏହା ଗୋଟିଏ 'ମେଘଦୂତ' କହିଲେ ଚଳେ ।

ତ୍ରିଂଶ ଛାନ୍ଦ—

ଏହି ଛାନ୍ଦଟିଯାକ ପ୍ରତି ପଦର ପ୍ରତି ପାଦର ଆରମ୍ଭରେ ଓ ଶେଷରେ ଅଛି 'ହର' ( ଏହାର ଅନୁସରଣରେ ଅଭିମନ୍ୟୁ 'ବିଦଗ୍ଧ ଚିନ୍ତାମଣି'ର ୮୨ତମ ଛାନ୍ଦଟି ଲେଖି 'ହର' ଆଦ୍ୟ-ପ୍ରାନ୍ତରେ ରଖିଛନ୍ତି ) ।

ଏକତ୍ରିଂଶ ଛାନ୍ଦ—

ଏହା ଆଉ ଗୋଟିଏ ଜନପ୍ରିୟ ଛାନ୍ଦ । ଏହାକୁ ଲୋକେ "ବକେ ବସିଥିଲି" ଛାନ୍ଦ ବୋଲି କହନ୍ତି । ଏଥିରେ ବ୍ରହ୍ମତତ୍ତ୍ୱ, ଯୁଦ୍ଧତତ୍ତ୍ୱ ଓ ଧର୍ମତତ୍ତ୍ୱ ବଡ଼ ଦକ୍ଷତାର ସହିତ ସମାବେଶିତ ହୋଇଅଛି ।

ତ୍ରୟସ୍ତ୍ରିଂଶ ଛାନ୍ଦ—

ଏହାକୁ "ବିଭୂଷା ଜଟା ମୁକୁଟ"-ଛାନ୍ଦ ବୋଲି କହନ୍ତି । ପୂର୍ବେ ଭଞ୍ଜ ପରିବାରର ରମଣୀମାନେ ଏହା କଣ୍ଠସ୍ଥ କରୁଥିଲେ । ଏହାର ୪୨ ଓ ୪୩ ସଂଖ୍ୟକ ପଦ ଛାନ୍ଦାର୍ଥୀମାନଙ୍କର ଅତ୍ୟନ୍ତ ପ୍ରିୟ ।

ଷଟ୍‌ତ୍ରିଂଶ ଛାନ୍ଦ—

ରାବଣର ଅଶୋକ ବନର ବର୍ଣ୍ଣନା ଲାଗି ଏହା ଏକ ପ୍ରସିଦ୍ଧ ଛାନ୍ଦ ।

ଦ୍ୱିଚତ୍ୱାରିଂଶ ଛାନ୍ଦ—

ରାମ ରାବଣ ଯୁଦ୍ଧର ହୃଦୟସ୍ପର୍ଶୀ ବର୍ଣ୍ଣନା ହେତୁ ଏହି ଛାନ୍ଦ ପ୍ରସିଦ୍ଧ ।

## (୨) କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ (୩୫ ଛାନ୍ଦ)—

ଏହା ଉପେନ୍ଦ୍ର ଭଞ୍ଜଙ୍କର ସର୍ବଶ୍ରେଷ୍ଠ ପ୍ରମୋଦ-କାବ୍ୟ । 'ବୈଦେହୀଶ ବିଳାସ'କୁ ଉପେନ୍ଦ୍ର ନିଜର 'ବଡ଼ ସିଦ୍ଧି' ବୋଲି କହିଥିଲେ ମଧ୍ୟ, ପଣ୍ଡିତମାନଙ୍କ ମତରେ—

ସର୍ବସ୍ୱଂ ଭଞ୍ଜବୀରସ୍ୟ
କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

ନିଜେ ଉପେନ୍ଦ୍ର ଭଞ୍ଜ ତାଙ୍କ 'ଚିତ୍ରକାବ୍ୟ ବନ୍ଧୋଦୟ'ରେ କହିଛନ୍ତି—

"ଛାନ୍ଦ କୋଟି ତାରା ଚନ୍ଦ୍ରମା ପରି
ଯା ନାମ କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ ।"

ତେଣୁ, 'ଲାବଣ୍ୟବତୀ'କୁ ଛାଡ଼ିଦେଲେ, ଭଞ୍ଜଙ୍କର ପ୍ରମୋଦ-କାବ୍ୟ ମଧ୍ୟରେ ଏହାର ତୁଳନା ନାହିଁ । ଏହା ପଞ୍ଚତିରିଶ ଛାନ୍ଦରେ ସମ୍ପୂର୍ଣ୍ଣ ।

ଏହାର ବିଷୟବସ୍ତୁ—ଚମ୍ପାନଗରୀର ରାଜା ଥିଲେ ବିଶ୍ୱାନନ୍ଦ । ତାଙ୍କର ରାଣୀ ବିଚିତ୍ରକଳା । ରାଣୀଙ୍କର ମନରେ ଗଭୀର ଦୁଃଖ ଯେ, ସେ କନ୍ୟାଲାଭରୁ ବଞ୍ଚିତା ଥିଲେ । ତାଙ୍କର ମନ୍ତ୍ରୀ ଥିଲେ ବୁଦ୍ଧିସାଗର । ତାଙ୍କର ପରାମର୍ଶରେ ସେ ଭାରତର ଉତ୍ତର-ଧାମ ବଦରିକାଶ୍ରମକୁ ଯାତ୍ରା କଲେ । ତୀର୍ଥଯାତ୍ରା ପ୍ରସଙ୍ଗରେ ଗଙ୍ଗା ନଦୀରେ ସ୍ନାନ କଲାବେଳେ, ବ୍ରହ୍ମାଙ୍କ ବାହନ ହଂସ ଗୋଟାଏ ଭୀଷଣ ସଙ୍କଟରୁ ତାଙ୍କ ଦ୍ୱାରା ରକ୍ଷା ପାଇଥିଲା । ହଂସ ବ୍ରହ୍ମାଙ୍କ ବାହନ ହୋଇଥିବାରୁ, ରାଜା ତାହାର ସାହାଯ୍ୟରେ ବ୍ରହ୍ମାଙ୍କର ଶ୍ରଦ୍ଧାଭାଜନ ହୋଇଥିଲେ । ଫଳରେ ଉତ୍ତମର୍ଦ୍ଧାନାମ୍ନୀ କନ୍ୟା ସେ ଲାଭ କରିଥିଲେ । ତାହା ସହିତ ରାଜା ସ୍ୱର୍ଣ୍ଣ ସରୋବର ତୀରସ୍ଥ ଚନ୍ଦନ ବନରେ ସ୍ୱଚ୍ଛନ୍ଦ ବିହାର କଲେ । ଏହି ଉତ୍ତମର୍ଦ୍ଧାର ଗର୍ଭରୁ କୋଟି ବ୍ରହ୍ମାଣ୍ଡ ସୁନ୍ଦରୀର ଜନ୍ମ । ପୁଷ୍ପପୁରର ରାଜା ଥିଲେ ଦୀପ୍ତିସାଗର । ତାଙ୍କର ପୁତ୍ର ଥିଲେ ପୁଷ୍ପକେତୁ । ସମୟକ୍ରମେ ସେ 'କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ'ର ପାଣିଗ୍ରହଣ କରିଥିଲେ ।

କେହି କେହି କହନ୍ତି, କବି ଏହାକୁ ସଂପୂର୍ଣ୍ଣ କରି ପାରି ନାହାନ୍ତି । ବଡ଼ ବଡ଼ କାବ୍ୟ ଭିତରେ ଯଥାସମ୍ଭବ ଏହା କବିଙ୍କର ଶେଷ ରଚନା । ଏଥିରେ ପଞ୍ଚତିରିଶ ଗୋଟି ଛାନ୍ଦ ବା ସର୍ଗ ଅଛି ସତ; ତେବେ, ଏଥିରୁ ବଂଶ ଛାନ୍ଦଟିକୁ

ଦୁଇଟି ରାଗରେ ଗାଇବା ପାଇଁ କବି ନିର୍ଦ୍ଦେଶ ଦେଇଛନ୍ତି । ତାହାହେଲେ ଯଦିଓ କାବ୍ୟଟି ଚଉତିରିଶ ଛାନ୍ଦରେ ସଂପୂର୍ଣ୍ଣ, ତଥାପି, ଏ ଦୃଷ୍ଟିରୁ (ବିଂଶ ଛାନ୍ଦକୁ ଦୁଇଟି ରାଗରେ ବୋଲିଯିବାର ବ୍ୟବସ୍ଥା ଥିବାରୁ) ଏହାକୁ ଛତିଶ ଗୋଟି ଛାନ୍ଦ ରୂପେ ଧରାଯାଇପାରେ । ଆହୁରି ମଧ୍ୟ, ପଞ୍ଚବିଂଶ ଛାନ୍ଦଟି ଯଦିଓ ଗୋଟିଏ ଛାନ୍ଦ, ତଥାପି, ତାକୁ ଅଲଗା ଅଲଗା ତିନୋଟି ଛାନ୍ଦରୂପେ ଗ୍ରହଣ କରାଯାଇପାରେ । ଏହି ଦୃଷ୍ଟିରୁ ଦେଖିଲେ, ମୋଟ ଛାନ୍ଦସଂଖ୍ୟା ଆହୁରି ଦୁଇଟି ବଢ଼ିଯାଉଛି ଏବଂ ଚଉତିରିଶ ଛାନ୍ଦ ବିଶିଷ୍ଟ ଏହି କାବ୍ୟକୁ ସର୍ବମୋଟ ଅଠତିରିଶ ଛାନ୍ଦ ବିଶିଷ୍ଟ କାବ୍ୟ ବୋଲି କହିବାରେ ଅସଙ୍ଗତି ଅନୁଭୂତ ହୁଏ ନାହିଁ (କାରଣ, ବିଂଶ ଛାନ୍ଦରୁ ଗୋଟିଏ ଏବଂ ପଞ୍ଚବିଂଶ ଛାନ୍ଦରୁ ଦୁଇଟି ଅଧିକା ଛାନ୍ଦ ମୋଟ ୩୫ରେ ଯୋଗ ହୋଇ, ସର୍ବମୋଟ ୩୮ ହେଉଛି)।

## ଏ କାବ୍ୟର କେତୋଟି ବିଶେଷ ଛାନ୍ଦ—

'କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ'ର କେତେକ ଛାନ୍ଦ କିପରି ପ୍ରତିଭା-ମଣ୍ଡିତ, ଅଥବା ସ୍ୱତନ୍ତ୍ର ଗୌରବ ସମ୍ବଳିତ, ଯଥାସ୍ଥାନରେ ତାହାର ସୂଚନା ଦିଆଯାଉଛି ।

ପ୍ରଥମ ଛାନ୍ଦ—

ଏହି ଛାନ୍ଦରେ କବି ମଙ୍ଗଳାଚରଣ କରିଛନ୍ତି । ତେବେ, ଦେବ ଦେବ ଜଗନ୍ନାଥଙ୍କର ବନ୍ଦନାର ମଧୁର ମୂର୍ଚ୍ଛନାରେ ଏହି ଛାନ୍ଦ ଓଡ଼ିଆ ସଂସ୍କୃତିର ଇତିହାସ-ମନ୍ଦିରକୁ ମୁଖରିତ କରିବାର ସୌଭାଗ୍ୟରେ ଅଳଂକୃତ ହୋଇଅଛି । ଶ୍ରୀକ୍ଷେତ୍ରର ମହତ୍ତ୍ୱ, ଜଗନ୍ନାଥଙ୍କ ମହିମା, ମନ୍ଦିର ଭିତରର କେତେକ ସ୍ଥାନର ଅଲୌକିକ ଗୌରବ ଏବଂ ଦଶ ଅବତାରର ସ୍ମାରକ ରୂପେ ଶ୍ରୀମନ୍ଦିରରେ କେତେକ ପର୍ବ ଓ ଉତ୍ସବର ପରିପାଳନାଦି ବଡ଼ ବିସ୍ତୃତ ଭାବରେ ବର୍ଣ୍ଣିତ । ପ୍ରଥମ ପଦଠାରୁ ତେଇଶ ପଦ (୧) ପର୍ଯ୍ୟନ୍ତ ଓଡ଼ିଆ ଭକ୍ତି-ସାହିତ୍ୟକୁ ଏକ

---

(୧) କିମ୍ବଦନ୍ତୀ ଅଛି ଯେ, ଭଞ୍ଜେ ପୁରୀ ବଡ଼ ଦେଉଳରେ ଏହି ଛାନ୍ଦ ପଢ଼ୁ ପଢ଼ୁ ତେଇଶ ପଦଯାଏ ପଢ଼ିଛନ୍ତି, ଏତିକିବେଳେ ହଠାତ୍ ସର୍ବଜନ ସମକ୍ଷରେ ଜଗନ୍ନାଥଙ୍କର ବେକରୁ ଫୁଲମାଳ ଛିଡ଼ି ପଡ଼ିଲା । ଭକ୍ତ ପ୍ରତି ଅନୁକମ୍ପାରେ ସେ ଅନୁକମ୍ପିତ ହୋଇଗଲେ ପରା !!

ଅନୁପମ ଦାନରୂପେ ବିବେଚିତ ହୋଇଥାଏ । ଭଞ୍ଜ ଅନେକ ଦିନ ପୁରୀରେ ଅବସ୍ଥାନ କରିଥିଲେ ଏବଂ ସେ ସ୍ୱଚକ୍ଷୁରେ ସ୍ନାନଯାତ୍ରା ଦେଖିଥିବାର ସୁସ୍ପଷ୍ଟ ପ୍ରମାଣ ଏହି ଛାନ୍ଦର ଚଉଦଶ ପଦରୁ ପଞ୍ଚାବନ ପଦ ମଧ୍ୟରେ ପ୍ରତିଫଳିତ ହୋଇଅଛି ।

ଦ୍ୱିତୀୟ—ତୃତୀୟ ଛାନ୍ଦ

ଏ ଦୁଇ ଛାନ୍ଦରେ ଚମ୍ପାନଗରୀର ବର୍ଣ୍ଣନା ସହିତ କୋଟି ବ୍ରହ୍ମାଣ୍ଡ ସୁନ୍ଦରୀର ଜନ୍ମ ବୃତ୍ତାନ୍ତ ଓ ବାଲ୍ୟ, ଯୌବନ ବର୍ଣ୍ଣିତ । ନଗରୀ ବର୍ଣ୍ଣନାରେ କବିଙ୍କର କଳ୍ପନା ବିଳାସ ଉତ୍ତରଳ ହୋଇ ଉଠିଛି । ବାଲ୍ମୀକି ରାମାୟଣରେ ଥିବା ଅଯୋଧ୍ୟା ନଗରୀର ବର୍ଣ୍ଣନା (ଅଯୋଧ୍ୟା କାଣ୍ଡ) ଏବଂ ନୈଷଧ କାବ୍ୟରେ ଥିବା କୁଣ୍ଡିନ ନଗରୀ ବର୍ଣ୍ଣନା ( ଦ୍ୱିତୀୟ ସର୍ଗ ) ସହିତ ଚମ୍ପାନଗରୀର ଏହି ବର୍ଣ୍ଣନା ତୁଳନୀୟ ।

କବି ଅଳ୍ପବୟସ୍କା କୋଟି ବ୍ରହ୍ମାଣ୍ଡ ସୁନ୍ଦରୀଙ୍କୁ ରାମଲୀଳା ସଙ୍ଗେ, ଭାରତ-ଯୁଦ୍ଧ ସଙ୍ଗେ ତୁଳନା କରି, ଅଦ୍ଭୁତ ପାଣ୍ଡିତ୍ୟ ଓ କବିତ୍ୱର ପରିଚୟ ଦେଇଛନ୍ତି । ଏ ପ୍ରସଙ୍ଗରେ ୩ୟ ଛାନ୍ଦର ପନ୍ଦର ଠାରୁ ଊଣଶି (ପାଞ୍ଚୋଟି ପଦ) ଭଞ୍ଜପ୍ରେମୀ-ମାନଙ୍କର ଏକାନ୍ତ ସେବ୍ୟ ।

ଏହାଛଡ଼ା, ଓଡ଼ିଆ ଘରର ବହୁ ସାମାଜିକ ବିଧିବିଧାନ ଏ ଛାନ୍ଦର ଶେଷ ଭାଗରେ ବର୍ଣ୍ଣିତ ହୋଇଅଛି ।

ଚତୁର୍ଥ ଛାନ୍ଦ—

ଏଥିରେ ଥିବା ମଗଧ ରାଜ୍ୟର ରାଜଧାନୀ ପୁଷ୍ପପୁରର ବର୍ଣ୍ଣନା ଏକାନ୍ତ ମହତ୍ତ୍ୱପୂର୍ଣ୍ଣ । ଚମ୍ପାନଗରୀର ବର୍ଣ୍ଣନା ପରେ ପରେ କବି ପୁଷ୍ପପୁରର ବର୍ଣ୍ଣନା କରିଥିଲେ ମଧ୍ୟ, ବିଷୟମାନଙ୍କର ଆଲୋଡ଼ନ ବା ପୁନରୁକ୍ତି ବଦଳରେ ସେ ବିଲକ୍ଷଣ ନୂତନତା ଦେଖାଇଛନ୍ତି । ଏଥିସଙ୍ଗେ ଉପେନ୍ଦ୍ର ନିଜେ ନଗରର ବିଭିନ୍ନ ଶାସ୍ତ୍ରରେ ସୁପଣ୍ଡିତ ଥିଲେ, ତାହା ହିଁ ଏ ତ ପ୍ରକାରାନ୍ତରେ ପ୍ରକାଶ କରିଅଛନ୍ତି । କେହି କେହି କହନ୍ତି, ଭଞ୍ଜଙ୍କର ସ୍ୱକୀୟ ଜନ୍ମନଗରୀ ଏବଂ ଦୁର୍ଗମ ପର୍ବତମାଳା ବେଷ୍ଟିତ ଘୁମୁସରର ରାଜଧାନୀ କୁଲାଡ଼ ସହରର ବୈଭବ, ମହତ୍ତ୍ୱ ତଥା ପାଣ୍ଡିତ୍ୟ-ଗୌରବ ଏହି ଛାନ୍ଦରେ କବି ପ୍ରକାଶ କରିଅଛନ୍ତି ।

ପଞ୍ଚମ ଛାନ୍ଦ—

କୋଟି ବ୍ରହ୍ମାଣ୍ଡ ସୁନ୍ଦରୀର ସୌନ୍ଦର୍ଯ୍ୟ ଏଥିରେ ବର୍ଣ୍ଣନା କରାଯାଇଛି । ନୈଷଧର ଦମୟନ୍ତୀଙ୍କ ବର୍ଣ୍ଣନା ସଙ୍ଗେ ଏହା ତୁଳନୀୟ ।

ଷଷ୍ଠ ଛାନ୍ଦ—

'ଲାବଣ୍ୟବତୀ'ର ପଞ୍ଚମ ଛାନ୍ଦ ଏବଂ ଏ କାବ୍ୟର ଷଷ୍ଠ ଛାନ୍ଦ ବସନ୍ତ ରାଗରେ ରଚିତ । ବିଷୟବସ୍ତୁ—ବସନ୍ତ ଋତୁ ବର୍ଣ୍ଣନା । ପୁଣି ଯୌବନ ରୂପକ ବସନ୍ତ ଯେଉଁମାନଙ୍କର ଅଙ୍ଗରେ ପରିସ୍ଫୁଟ, ସେହିମାନଙ୍କର ଉପବନ-ବିହାର ଏଥିରେ ଅପୂର୍ବ ଦକ୍ଷତା ସହିତ ସମାବେଶିତ । 'ନୈଷଧ' ପ୍ରଥମ ସର୍ଗରେ ବିରହୀ ନଳଙ୍କର ସରୋବର ପ୍ରଭୃତି ଦର୍ଶନ ଜନିତ ପ୍ରତିକ୍ରିୟା ସଙ୍ଗେ, ଏ ଛାନ୍ଦର ତୁଳନା କରାଯାଇପାରେ ।

ରାଗ ବସନ୍ତରେ ରଚିତ ଭଞ୍ଜଙ୍କର ଏହି ଦୁଇଟି ଛାନ୍ଦ ପରବର୍ତ୍ତୀ କବି-ମାନଙ୍କୁ ଏଭଳି ଗଭୀର ଭାବରେ ପ୍ରଭାବିତ କରିଥିଲା ଯେ, ବସନ୍ତକାଳ ବର୍ଣ୍ଣନାରେ ବହୁ ଶ୍ରେଷ୍ଠ କବି ଏହି ସରଣୀର ଅନୁବର୍ତ୍ତନ କରିଅଛନ୍ତି ।

ସପ୍ତମ ଛାନ୍ଦ—

ନୈଷଧୀୟ ଆଦର୍ଶର ଅନୁସରଣରେ କି ଭଳି ଉଦ୍‌ଭଟ କଳ୍ପନାମାନ କରାଯାଇପାରେ, ଏହି ଛାନ୍ଦ ତହିଁର ଗୋଟିଏ ଦୃଷ୍ଟାନ୍ତ ।

ଦଶମ ଛାନ୍ଦ—

ଷଷ୍ଠ ଛାନ୍ଦରେ ବନବିହାର ବର୍ଣ୍ଣନା ହୋଇଥିଲେ ମଧ୍ୟ, ଏହି ଛାନ୍ଦରେ କବି ନୂତନ ବିଦଗ୍ଧତା ପ୍ରକାଶ କରି, ମୌଳିକ ପ୍ରତିଭା ପ୍ରଦର୍ଶନ କରିଅଛନ୍ତି ।

ଦ୍ୱାଦଶ ଛାନ୍ଦ—

ଏ ଛାନ୍ଦରେ କୋଟି ବ୍ରହ୍ମାଣ୍ଡ ସୁନ୍ଦରୀର ବେଶ ବର୍ଣ୍ଣନା କରାଯାଇଛି । 'ବୈଦେହୀଶ ବିଳାସ' ଓ 'ଲାବଣ୍ୟବତୀ'ରେ ମଧ୍ୟ ଏହିଭଳି ବେଶଭୂଷାର ବର୍ଣ୍ଣନାତ୍ମକ ଛାନ୍ଦ ରହିଛି । ପ୍ରାୟ ତିନି ଶହ ବର୍ଷ ତଳେ ଓଡ଼ିଶାର ରାଜକନ୍ୟା-ମାନେ ତଥା ଧନିକ ନନ୍ଦିନୀମାନେ କିପରି ଏବଂ କେଉଁ କେଉଁ ଅଳଙ୍କାର

ଅନୁଧ୍ୟାନ କରୁଥିଲେ, ତାହା ଜାଣିବାକୁ ଏହା ହେଉଛି ଏକ ବିଶ୍ୱାସଯୋଗ୍ୟ ଉପାଦାନ ।

ଷୋଡ଼ଶ ଛାନ୍ଦ—

ଏ ଛାନ୍ଦ ମୂଳରେ ଥିବା ପ୍ରଶ୍ନୋତ୍ତର ବର୍ଣ୍ଣନା ଅର୍ଥ କରି ପାଲାବାଲାମାନେ ଶ୍ରୋତାମାନଙ୍କୁ ମୁଗ୍ଧ କରିଥାଆନ୍ତି ।

ସପ୍ତଦଶ ଛାନ୍ଦ-

ଏ ଛାନ୍ଦ ଗୋଟିଏ ଚଉତିଶା କହିଲେ ଚଳେ । କିନ୍ତୁ ଏଥିରେ ବର୍ଣ୍ଣ-ବିନ୍ୟାସ ଏପରି କରାଯାଇଛି ଯେ, ଚଉତିଶାର ବିଶେଷତ୍ୱଟି ସାଧାରଣ ପାଠକର ଦୃଷ୍ଟିରେ ପଡ଼ି ନ ଥାଏ । ‘ଅ’ ଠାରୁ ‘କ୍ଷ’ ପର୍ଯ୍ୟନ୍ତ ବର୍ଣ୍ଣମାଳାକୁ ‘ମାତୃକା’ କୁହାଯାଏ । ପୂଜା କଲାବେଳେ ‘ମାତୃକା ନ୍ୟାସ’ କରିବାକୁ ହୁଏ । ମୋଟାମୋଟି ଏହା ତିନି ପ୍ରକାର—‘ଅ’ ଠାରୁ ‘କ୍ଷ’ ପର୍ଯ୍ୟନ୍ତ ( ଯଥା— ଅଁ ନମଃ, ଆଁ ନମଃ, ଏପରି ଭାବରେ ଅଙ୍ଗନ୍ୟାସ କରାଯାଏ) । ଦ୍ୱିତୀୟରେ, ବିଲୋମ ଭାବରେ । ବର୍ଣ୍ଣର ଶେଷ ବର୍ଣ୍ଣ ‘କ୍ଷ’ ଠାରୁ ଓଲଟିକି ଓଲଟିକି ‘ଅ’ ପର୍ଯ୍ୟନ୍ତ ନ୍ୟାସ କରାଯାଏ ( ଯଥା—କ୍ଷଁ ନମଃ, ହଁ ନମଃ, ସଁ ନମଃ ଇତ୍ୟାଦି । ତୃତୀୟରେ, ଆଉ କେତେକ ପୂଜାରେ ପ୍ରଥମ ବର୍ଣ୍ଣ ଓ ଶେଷ ବର୍ଣ୍ଣ ( ଅର୍ଥାତ୍ ଅ ଓ କ୍ଷ ), ମୂଳରୁ ଦ୍ୱିତୀୟ ବର୍ଣ୍ଣ ଓ ଶେଷଆଡ଼ୁ ଦ୍ୱିତୀୟ ବର୍ଣ୍ଣ ( ଅର୍ଥାତ୍ ଖ ଓ ହ ), ମୂଳରୁ ତୃତୀୟ ବର୍ଣ୍ଣ ଓ ଶେଷଆଡ଼ୁ ତୃତୀୟ ବର୍ଣ୍ଣ ( ଅର୍ଥାତ୍ ଗ ଓ ସ ) ଏହିଭଳି ଭାବରେ ନ୍ୟାସ କରିବାକୁ ହୁଏ । ଏହି ଛାନ୍ଦରେ ଚଉତିଶା ନିୟମ ଅବଲମ୍ବିତ ହୋଇଥିବାରୁ, ‘କ’ ଓ ‘କ୍ଷ’, ‘ଖ’ ଓ ‘ହ’, ‘ଗ’ ଓ ‘ସ’ ( ପ୍ରଥମରୁ ଗୋଟିଏ ଓ ଶେଷଆଡ଼ୁ ଗୋଟିଏ ) ବିନ୍ୟାସ କରାଯାଇଅଛି । ଅନ୍ୟ ଭାବରେ କହିଲେ, ଏହି ଛାନ୍ଦରେ ଏହି ତୃତୀୟ କ୍ରମ ଅବଲମ୍ବନ କରାଯାଇଛି । ଫଳରେ, ପ୍ରଥମ ପଦର ଉଭୟ ପାଦର ମୂଳରେ ଅଛି ‘କ’ ଓ ଦ୍ୱିତୀୟ ପଦର ଉଭୟ ପାଦର ମୂଳରେ ‘କ୍ଷ’ ଅଛି । ତୃତୀୟ ପଦରେ ‘ଖ’ ଓ ଚତୁର୍ଥ ପଦରେ ‘ହ’, ପଞ୍ଚମ ପଦରେ ‘ଗ’, ଷଷ୍ଠ ପଦରେ ‘ସ’, ସପ୍ତମ ପଦରେ ‘ଘ’, ଅଷ୍ଟମ ପଦରେ ‘ଷ’ । ଏହିଭଳି ଭାବରେ ଏ ଛାନ୍ଦର ୩୪ଟି ପଦର ମୂଳରେ ୩୪ଟି ବର୍ଣ୍ଣବିନ୍ୟାସ କରାଯାଇଛି । ଓଡ଼ିଆ ଚଉତିଶା-ସାହିତ୍ୟରେ ତନ୍ତ୍ରପୂଜାର ଜ୍ଞାନ ସଂକେତିତ ଏହି ଛାନ୍ଦ, ସାଧାରଣରେ, ଆଖିରେ ପଡ଼ି ନ ଥାଏ ।

ବିଂଶ ଛାନ୍ଦ—

ଆଳଙ୍କାରିକ କଳା ଦୃଷ୍ଟିରୁ ଏହି ଛାନ୍ଦ ସମଗ୍ର ଭାରତୀୟ ପ୍ରାଦେଶିକ-ସାହିତ୍ୟରେ ମହତ୍ତ୍ୱପୂର୍ଣ୍ଣ ଆସନ ଦାବୀ କରେ । ଏହି ଛାନ୍ଦର କୋଡ଼ିଏଟି ପଦରେ ୮୦ ଧାଡ଼ି ଅଛି । ପ୍ରଥମ ପଦ ଓ ଶେଷ ପଦ ଛାଡ଼ିଦେଲେ, ବାକି ୭୨ ଧାଡ଼ିର ବର୍ଣ୍ଣନା ବଡ଼ ବିଚିତ୍ର ବୋଧହୁଏ । ଏ ଛାନ୍ଦରେ ବର କନ୍ୟାଙ୍କ ପକ୍ଷରୁ ଦୁଇ ଜଣ ପ୍ରତିନିଧି ( ବର କନ୍ୟାଙ୍କ ବିବାହ ପୂର୍ବରୁ ) ପ୍ରାଥମିକ ଆଲୋଚନା କରୁଛନ୍ତି । ପ୍ରତି ପଦ ଚାରି ଧାଡ଼ି ବିଶିଷ୍ଟ ଏବଂ ବର ପକ୍ଷର ପୁରୁଷ-ପ୍ରତିନିଧି ଚାରି ଚାରି ଧାଡ଼ିର ଗୋଟିଏ ଗୋଟିଏ ପଦରେ ବରର ରୂପ ଗୁଣ ବର୍ଣ୍ଣନା କରି କରି ଯାଉଛନ୍ତି । ପଦଟିମାନ ସେ ଗାଉଛନ୍ତି 'କଳହଂସ କେଦାର' ରାଗରେ । କନ୍ୟା-ପ୍ରତିନିଧିଙ୍କୁ ତା ପରେ ସେ କହୁଛନ୍ତି, "ଆମର ବରର ରୂପ ଗୁଣ କଥା ତ ଶୁଣିଲ; ଆଚ୍ଛା, ତୁମେ ଏବେ କହ ତ, କନ୍ୟାର ରୂପ-ଗୁଣ କିପରି ?" କନ୍ୟା ପକ୍ଷର ପ୍ରତିନିଧି କହୁଛନ୍ତି, "ଆରେ ଏ ! ତୁମେ ଯେଉଁସବୁ ପଦ ଗାଇଗଲ, ସେହି ପଦଗୁଡ଼ିକୁ 'କଳହଂସ କେଦାର' ରାଗରେ ନ ଗାଇ, ମୁଁ ଏବେ 'ଭୂପାଳ' ରାଗରେ ଗାଇ ଦେଉଛି, ଶୁଣ । ତୁମେ ଯାହା ଯେମିତି କହିଲ, ମୁଁ କେବଳ ତାକୁ ହିଁ ପୁଣି ଥରେ କହିବି—ଗୋଟିଏ ଅକ୍ଷର ଏ ପଟ ସେ ପଟ କରିବି ନାହିଁ ।" ଏହା କହି କନ୍ୟାର ପ୍ରତିନିଧି ବର ପକ୍ଷର ଗୀତକୁ 'ଭୂପାଳ' ରାଗରେ ଗାନ କଲେ । ସେହି ପଦଗୁଡ଼ିକ ଏପରି ଅର୍ଥ କଲା ଯେ, ତହିଁରୁ କନ୍ୟାର ରୂପ, ଗୁଣ ପ୍ରକାଶ ପାଇଗଲା । ସଂସ୍କୃତ ଦ୍ୱ୍ୟର୍ଥ କାବ୍ୟ ସଙ୍ଗେ ଏହି ଛାନ୍ଦଟି ସଗୌରବେ ତୁଳନୀୟ ।

ପଞ୍ଚବିଂଶ ଛାନ୍ଦ—

ଏହି ଛାନ୍ଦ ପରି ରଚନା ସମଗ୍ର ଭାରତବର୍ଷର କୌଣସି ପ୍ରାଦେଶିକ-ସାହିତ୍ୟରେ କେହି କେବେ ଲେଖିଥିବାର ଆମ ଦୃଷ୍ଟିକୁ ଆସି ନାହିଁ । ଏହି ଛାନ୍ଦରେ ତିନି ଋତୁ, ଅର୍ଥାତ୍, ବର୍ଷାଋତୁ, ଶୀତଋତୁ ଓ ଗ୍ରୀଷ୍ମଋତୁ ଏକାଠି ବର୍ଣ୍ଣିତ ହୋଇଅଛି । ପ୍ରଥମ ପଦଟି ନିଆଯାଉ । ତାହା ହେଉଛି—

"ଆସାର ସଘନ କାଳ ହୋଇ ଉଦୟ
ଅଧିତ ପରିବଳରୁ ଦର ସମସ୍ତ ।"

ଦେଖାଯାଏ, ପ୍ରତି ପାଦ (ଧାଡ଼ି)ରେ ତେରଟି ଲେଖା ଅକ୍ଷର ଅଛି । ଏଥିରେ ଦୁଇ ପାଦରେ ଗୋଟିଏ ପଦ ହୁଏ । ପ୍ରତି ପାଦରେ ତେର ତେର ଅକ୍ଷର ଥାଇ, 'ଚନ୍ଦ୍ରା ଦେଶାକ୍ଷ' ରାଗରେ ତାକୁ ପଢ଼ିଲେ, ତହିଁରୁ ବର୍ଷାକାଳର ବର୍ଣ୍ଣନା ବାହାରି ପଡ଼େ ।

ବର୍ତ୍ତମାନ ପ୍ରତି ପାଦର ପ୍ରଥମ ଅକ୍ଷରଟିମାନ କାଟି ଦିଆଯାଉ । ତାହା ହେଲେ, ପ୍ରତି ପାଦରେ ବାରଟି ଲେଖାଏଁ ଅକ୍ଷର ରହିବ ଓ ତାକୁ 'କାଫି-କାମୋଦୀ' ରାଗରେ ଗାଇବାକୁ ହେବ । ପଦଟି ହେବ-

"ସରସ ଘନକାଳ ହୋଇ ଉଦୟ
ସିତ ପରବଳରୁ ଦର ସମୟ ।"

ଏହି ପଦକୁ ଅର୍ଥ କଲେ, ଏଥିରୁ ଶୀତକାଳର ବର୍ଣ୍ଣନା ପ୍ରକାଶଲାଭ କରିବ ।

ଏହା ପରେ ପ୍ରତି ପାଦର ପ୍ରଥମ ଦୁଇ ଦୁଇଟି ଅକ୍ଷର କାଟି ଦିଆଯାଉ । ତାହାହେଲେ ଏପରି ହେବ—

"ରସ ଘନକାଳ ହୋଇ ଉଦୟ
ତପର ବଳରୁ ଦର ସମୟ ।"

ଏଠାରେ ପ୍ରତି ଧାଡ଼ିରେ ନଅ ନଅଟି ଅକ୍ଷର ଅଛି । ଏହାକୁ 'ମାଳ ବସନ୍ତ' ରାଗରେ ଗାଇବାକୁ ହୁଏ । ଏହି ପଦରୁ ଖରାକାଳର ବର୍ଣ୍ଣନା ବାହାରିପଡ଼େ । ଭଞ୍ଜେ ଏହି କୌଶଳରେ ତିରିଶଟି ପଦର ଏ ଯେଉଁ ଏକ ଛାନ୍ଦ ଲେଖି ଯାଇଛନ୍ତି, ତାହା ଶବ୍ଦ-ଶିଳ୍ପ ଦିଗରୁ ହୁଏ ତ ବିଶ୍ୱ-ସାହିତ୍ୟରେ ଅତୁଳନୀୟ ।

ଅଷ୍ଟାବିଂଶ ଛାନ୍ଦ—

ପାଣ୍ଡିତ୍ୟ-ବଚନର ବିଳାସ ପାଇଁ ଏହି ଛାନ୍ଦ ପ୍ରସିଦ୍ଧ ।

ଦ୍ୱାବିଂଶ ଛାନ୍ଦ—

ଜ୍ୟୋତିଷ ଶାସ୍ତ୍ରର ଚର୍ଚ୍ଚା ଦୃଷ୍ଟିରୁ ଏହି ଛାନ୍ଦ ପ୍ରସିଦ୍ଧ ।

ଚତୁସ୍ତ୍ରିଂଶ ଛାନ୍ଦ—

ଓଡ଼ିଶାର ରାଜ-ପରିବାରର ଗାନ ତଥା ଓଡ଼ିଆ ସଂସ୍କୃତିର ଗାନ ଭାବରେ ଏହି ଛାନ୍ଦ ପ୍ରସିଦ୍ଧ । ଏ ଛାନ୍ଦର ଦ୍ୱିତୀୟ ଓ ତୃତୀୟ ପଦ ସାଂସ୍କୃତିକ ବିକାଶ ଦୃଷ୍ଟିରୁ ତଥା ମନସ୍ତତ୍ତ୍ୱ ଦୃଷ୍ଟିରୁ ବିଶ୍ୱ-ସାହିତ୍ୟର ଏକ ବିଶିଷ୍ଟ ସମ୍ପଦ ରୂପେ ବିବେଚିତ ହୋଇପାରେ ।

(୩) **ଲାବଣ୍ୟବତୀ**—(୪୮ ଛାନ୍ଦ)

ଏହା ଭଞ୍ଜଙ୍କର ସର୍ବାଧିକ ଜନପ୍ରିୟ ପ୍ରମୋଦ-କାବ୍ୟ ।

ସିଂହଳ ରାଜକନ୍ୟା ଲାବଣ୍ୟବତୀ ଏହି କାବ୍ୟର ନାୟିକା ଏବଂ ନାୟକ ହେଉଛନ୍ତି, କର୍ଣ୍ଣାଟ ରାଜକୁମାର ଚନ୍ଦ୍ରଭାନୁ । ଏମାନଙ୍କର ଜନ୍ମ, ବାଲ୍ୟ, ଯୌବନ, ପ୍ରଣୟ, ବିବାହ, ବିଚ୍ଛେଦ, ପୁନର୍ମିଳନ ଏବଂ ଶେଷରେ ରାଜ୍ୟର ଶାସନ ଦାୟିତ୍ୱ ଗ୍ରହଣ ବର୍ଣ୍ଣିତ ହୋଇଛି ।

ଏଠାରେ କେତୋଟି ବଛା ବଛା ଛାନ୍ଦ ସମ୍ପର୍କରେ ସାମାନ୍ୟ ସୂଚନା ଦିଆଯାଉଛି ।

ପ୍ରଥମ ଛାନ୍ଦ—

ଏହି ଛାନ୍ଦର ମଙ୍ଗଳାଚରଣରେ ଅଛି—'ଜୟ ଜୟ ଜୟ ରାମ' । ତିନି ଥର 'ଜୟ' ଶବ୍ଦ ପ୍ରୟୋଗ ହୋଇଛି । କାରଣ, 'ରାମ' ଶବ୍ଦ ତିନି ଜଣ ରାମଙ୍କୁ ବୁଝାଉଅଛି । ସେମାନେ ହେଉଛନ୍ତି— ରାମଚନ୍ଦ୍ର, ବଳରାମ ଏବଂ ପରଶୁରାମ । ସୁତରାଂ, ପ୍ରଥମ ପାଞ୍ଚୋଟି ପଦରେ (ଦଶ ଧାଡ଼ିରେ) ଥିବା ସମସ୍ତ ଶବ୍ଦ ପ୍ରତ୍ୟେକ ରାମଙ୍କୁ ବୁଝାଉଛି । ଦ୍ୱିତୀୟରେ, ଏହି ଛାନ୍ଦର ସପ୍ତମ ଓ ଅଷ୍ଟମ ପଦ (୧) ସମଗ୍ର ମଧ୍ୟଯୁଗ ଓଡ଼ିଆ-ସାହିତ୍ୟର ଆଦର୍ଶ ସମ୍ପର୍କରେ ଗୋଟିଏ ଆଲେକ୍ୟସ୍ତମ୍ଭ କହିଲେ ଚଳେ । କବି ଭାରତବର୍ଷୀୟ ଆଳଙ୍କାରିକ ପଣ୍ଡିତମାନଙ୍କର କାବ୍ୟର ଆତ୍ମା ବା ଶ୍ରେଷ୍ଠ ଆଦର୍ଶ ସମ୍ପର୍କୀୟ ସମସ୍ତ ଶ୍ରେଷ୍ଠ ଆଦର୍ଶ ମତବାଦ ପ୍ରତି ନିଜର ସମର୍ଥନ ଜଣାଇଥିବାର ସୂଚନା ଏହି ଦୁଇଟି ପଦରେ ଦେଇଛନ୍ତି । ଏହି ଆଲୋଚନାରେ, ଯଥାସ୍ଥାନରେ ଏ ସମ୍ପର୍କରେ ଅଧିକ ବିବରଣୀ ପ୍ରଦାନ କରାଯିବ ।

---

(୧) "ମନୋରମା" ପତ୍ରିକାରେ ପ୍ରକାଶିତ 'ଲାବଣ୍ୟବତୀ'ର ଅନୁବାଦ ଦ୍ରଷ୍ଟବ୍ୟ ।

ଦ୍ୱିତୀୟ ଛାନ୍ଦ—

ଏଥିରେ ସିଂହଳ ଦ୍ୱୀପର ସୌନ୍ଦର୍ଯ୍ୟ, ଗୌରବ ଓ ସମ୍ପଦ ତଥା ରାଜଧାନୀର ବଭିନ୍ନ ବୈଭବ ବର୍ଣ୍ଣିତ ହୋଇଛି ।

ତୃତୀୟ ଛାନ୍ଦ—

ଭାରତୀୟ ପରମ୍ପରାରେ ଋତୁମତୀ ନାରୀର ବିବିଧ ସାମାଜିକ ବିଧିବିଧାନ ସୁନ୍ଦର ଭାବରେ ଏଥିରେ ବର୍ଣ୍ଣିତ ।

ଚତୁର୍ଥ ଛାନ୍ଦ—

ସେ କାଳରେ ଧନୀ ଘରର ବଧୂମାନେ ତଥା ରାଜକୁମାରୀମାନେ କିପରି ବିଭିନ୍ନ ଅଳଙ୍କାରରେ ମଣ୍ଡିତ ହେଉଥିଲେ, ଏ ଛାନ୍ଦ ତାର ଏକ ଦର୍ପଣ ଦର୍ପଣ ।

ପଞ୍ଚମ ଛାନ୍ଦ—

ଏ ଛାନ୍ଦରେ ଲାବଣ୍ୟବତୀର ଉପବନ ବିହାର ବର୍ଣ୍ଣିତ । ଏ ଛାନ୍ଦର ରାଗ, ଭାଷାବିନ୍ୟାସ, କଳ୍ପନାଶୃଙ୍ଖଳା ଏଭଳି କମ୍ପନ ସୃଷ୍ଟି କରିଥିଲା ଯେ, ପରବର୍ତ୍ତୀ ଯୁଗର ରାଶି ରାଶି କାବ୍ୟରେ ଏହି ଛାନ୍ଦର ରାଗ ଏବଂ ପଦରଚନା ପ୍ରତିଫଳିତ ହୋଇଥିବାର ଦେଖାଯାଏ ।

ଷଷ୍ଠ ଛାନ୍ଦ—

ଏହି ଛାନ୍ଦ ଖାଲି 'ଲାବଣ୍ୟବତୀ' କାବ୍ୟରେ ନୁହେଁ, କିମ୍ବା ଭଞ୍ଜ-ସାହିତ୍ୟରେ ନୁହେଁ, ସମଗ୍ର ମଧ୍ୟଯୁଗର ଓଡ଼ିଆ-ସାହିତ୍ୟରେ ଏକ ଅସାଧାରଣ ଜନପ୍ରିୟ ସୃଷ୍ଟି । ଏହି ଛାନ୍ଦର କେତୋଟି ପଦ କବିବର ରାଧାନାଥ ରାୟ, ଭୂଦେବ ମୁଖୋପାଧ୍ୟାୟଙ୍କୁ ଶୁଣାଇଥିଲେ ଏବଂ ଭୂଦେବ ବାବୁ ଏଥିରେ ଅଭିକମ୍ପିତ ହୋଇ ଉଠିଥିଲେ (୧) । ଏ ଛାନ୍ଦର ଦ୍ୱାଦଶ ପଦଟି ଆଜି ବହୁଶତ ବର୍ଷର ଏକ ଲୋକଗୀତର ଆସନ ଲାଭ କରିଛି କହିଲେ ଅତ୍ୟୁକ୍ତି ହେବ ନାହିଁ । ପଦଟି ହେଉଛି—

---

(୧) ଏହି ଆଲୋଚନାର ପୃ: ୩୮ ଦ୍ରଷ୍ଟବ୍ୟ ।

"କାହିଁ ପୁଣି ଦେଖା ନ ଯାଇ
ଯେବେ ଥାଇ ଜୀବରେ
ଢିଙ୍ଗନ ସମସ୍ୟା ପୂରଣ
ହେଲା ଏହି ଠାବରେ ।"

ଏକାଦଶ ଛାନ୍ଦ—

ଏହି ଛାନ୍ଦର ଜନପ୍ରିୟତା ଅତ୍ୟଧିକ । କଳ୍ପନାବିଳାସ, ବର୍ଣ୍ଣନା ପାଟବ, ପଦ ଯୋଜନା ପ୍ରଭୃତି ଏକାବେଳକେ କବିଜନ-ଲୋଭନୀୟ । ଅଭିମନ୍ୟୁଙ୍କର ବିଦଗ୍ଧ ଚିନ୍ତାମଣିର ୩୦ଶ ଛାନ୍ଦ, ଏହି ଛାନ୍ଦର ଛାଞ୍ଚ ଉପରେ ଢଳାଯାଇଛି । ପାଲ୍ ଗାୟକମାନଙ୍କ ମାଧ୍ୟମରେ ପୁରପଲ୍ଲୀର ଲକ୍ଷ ଲକ୍ଷ ଲୋକ ଶତବର୍ଷ ଏହି ଛାନ୍ଦ ଉପଭୋଗ କରନ୍ତି ।

ଦ୍ୱାଦଶ ଛାନ୍ଦ—

ଏହି ଛାନ୍ଦର ବିଶେଷତ୍ୱ ଏହି ଯେ, କେତେକ ଛାନ୍ଦାର୍ଥୀ ଯୋଗତତ୍ତ୍ୱ ଦୃଷ୍ଟିରୁ ଏହାର ବ୍ୟାଖ୍ୟା କରନ୍ତି । ଜୀବାତ୍ମା ସଂସାରର ମାୟା ମୋହ ମଧ୍ୟରେ ଚିରତରୁଣ ଭଗବାନଙ୍କୁ ପାଇବା ଲାଗି ଯେଉଁ ବ୍ୟାକୁଳତା ପ୍ରକାଶ କରେ, ତାହା ହିଁ ଯୌଗିକ ବ୍ୟାଖ୍ୟାନରେ ପ୍ରତିପାଦନ କରାଯାଇଥାଏ ।

ତ୍ରୟୋଦଶ ଛାନ୍ଦ—

ଏହା ଆଉ ଏକ ମନୋରମ ଛାନ୍ଦ । ମାଳିନୀ ( ମାଳୁଣୀ ବା ମାଳାକାର ସ୍ତ୍ରୀ )ର ବେଶ ବର୍ଣ୍ଣନା ଲାଗି ଏହି ଛାନ୍ଦ ପ୍ରସିଦ୍ଧ । ଭଞ୍ଜ-ସାହିତ୍ୟରେ ସମାଜ ଚିତ୍ର ଦୃଷ୍ଟିରୁ ଏହା ଅତ୍ୟନ୍ତ ଉପାଦେୟ ।

ପଞ୍ଚଦଶ ଛାନ୍ଦ—

ଉପେନ୍ଦ୍ର ଭଞ୍ଜ କେବଳ ରାଜାଘରକୁ ନେଇ କାବ୍ୟ ଲେଖି ନାହାନ୍ତି । ସେ ସମୟର ସମାଜରେ ନିକୃଷ୍ଟ ସ୍ତରର ବୋଲି ଯେଉଁମାନଙ୍କୁ କୁହାଯାଉଥିଲା, ସେମାନଙ୍କୁ ଆଣି ସାହିତ୍ୟ-ମନ୍ଦିରର ରତ୍ନବେଦୀ ଉପରେ ପ୍ରତିଷ୍ଠା କରିବା ପାଇଁ ମଧ୍ୟ ତାଙ୍କର ଉଦ୍ୟମ ଓ କୃତିତ୍ୱ ଅଭିନନ୍ଦନୀୟ । ଏହି ଛାନ୍ଦର ୫ମ ପଦଠାରୁ ୧୪ଶ ପଦ ପର୍ଯ୍ୟନ୍ତ ଜଣେ କେଳୁଣୀର ସେ ଯେଉଁ ଛବିଳ ବର୍ଣ୍ଣନା କରିଛନ୍ତି, ତାହା ଏକ ଅପୂର୍ବ ସୃଷ୍ଟି ।

ସପ୍ତଦଶ ଛାନ୍ଦ—

ବୋଇତ-ବ୍ୟବସାୟୀ ଓଡ଼ିଆ ଜାତି ବହୁଶତ ବର୍ଷ ଧରି ଧନ-ଜନ-ଗୋପ-ଲକ୍ଷ୍ମୀରେ ସ୍ୱଦେଶର ସମୃଦ୍ଧି ବର୍ଦ୍ଧନ କରିବା ପରେ ଆଜି ଶ୍ରୀହୀନ ହୋଇ-ପଡ଼ିଛି । ବୋଇତ ବ୍ୟବସାୟର ମୂକସାକ୍ଷୀ ରୂପେ ଆଜି ଓଡ଼ିଆମାନେ ବର୍ଷକୁ ଥରେ 'ବୋଇତ ବନ୍ଦାଣ' ଉତ୍ସବ ପାଳନ କରୁଛନ୍ତି । ଅତୀତ ଓଡ଼ିଶାର ଏହି ଗୌରବାବହ ସଙ୍କେତ ବହନ କରି, ଏହି ସପ୍ତଦଶ ଛାନ୍ଦ ଆରମ୍ଭ ହୋଇଛି । ପୁରପଲ୍ଲୀରେ ଅଦ୍ୟାବଧି ଲୋକଙ୍କର ମୁଖରୁ ଏହି ଛାନ୍ଦର ପ୍ରଥମ ପଦଟି ବାହାରି ପଡ଼ିବାର ଦେଖାଯାଏ । ପଦଟି ହେଉଛି—

"ବହିତ ଲଗିଲା ଯାଇ ସିଂହଳ ଦ୍ୱୀପରେ
ସାଧବ-ଯୁବତୀମାନେ ଅତି ପ୍ରମୋଦରେ
ଗଲେ ବହିତ ବନ୍ଦାଇ
ଅର୍ଘ୍ୟଥାଳୀମାନ କରେ ହୁଳହୁଳି ଦେଇ ।"

ବିଂଶ ଛାନ୍ଦ—

ଏହାକୁ 'ଲାବଣ୍ୟବତୀର ଚିଟାଉ'-ଛାନ୍ଦ କୁହାଯାଏ । ଲାବଣ୍ୟବତୀ ନିଜର ପ୍ରେମିକ ଚନ୍ଦ୍ରଭାନୁ ନିକଟକୁ ନିଜର ଦାସୀ ଲେଖିଲା ଭଳି ଯେଉଁ ପ୍ରେମ-ପତ୍ର ଲେଖିଛି, ତାହା ବିଶ୍ୱ-ସାହିତ୍ୟର ପ୍ରେମ-ପତ୍ରମାନଙ୍କ ମଧ୍ୟରେ ଉପଯୁକ୍ତ ସ୍ଥାନ ଦାବୀ କରେ । ନାରୀ ଯେ ଗାମ୍ଭୀର୍ଯ୍ୟର ଅନୁରାଗିଣୀ (ଏବଂ ବାହ୍ୟ ଶାରୀରିକ ସୌନ୍ଦର୍ଯ୍ୟର ମାତ୍ର ନୁହେ), ଏହି ଆଦର୍ଶ ଏଥିରେ ମୂର୍ତ୍ତିମନ୍ତ ।

ଦ୍ୱାବିଂଶ ଛାନ୍ଦ—

ଏହା ଷଷ୍ଠ ଛାନ୍ଦ ପରି ଆଉ ଏକ ପରମ ଜନପ୍ରିୟ ଛାନ୍ଦ । ସୁକଣ୍ଠ ଗାୟକ ଆଜି ସୁଦ୍ଧା ଯନ୍ତ୍ର ସାହାଯ୍ୟରେ ଏହା ଗାନ କରି ଶ୍ରୋତାମାନଙ୍କୁ ମୁଗ୍ଧ କରିଥାଏ । ଏବେ ମଧ୍ୟ ପୁରପଲ୍ଲୀରେ ହଜାର ହଜାର ଲୋକ ଏହାର କେତୋଟି ପଦ ଗାନ କରୁଥିବାର ଶୁଣାଯାଏ । ପ୍ରଥମ ପଦଟି ହେଉଛି—

"ଦେଖି ନବକାଳିକା ବକାଳିକା ମାଳିକା
ଆଳି କାଳିକା ଜାନ୍ତି ସ୍ମର
ରକ୍ଷା କେମନ୍ତେ କର କଣ୍ଟକା ମସ୍ତକସ୍ଥ
ଚାତକ ଏମନ୍ତ କହୁଛି ଯେ, ସହିତସ୍ଥ

ଭାବେ ବଞ୍ଚିଲେ ଏ କାଳକୁ, କଥା ଥିବ କାଳ କାଳକୁ,
ଏତେ ତ କ୍ଷୀଣ ଦିନ ହେଲା ଦୁର୍ଦ୍ଦିନ ଦିନ
ନ ଲଭୁ ବଲ୍ଲଭ ମେଳକୁ ରେ ।"

ଚତୁର୍ବିଂଶ ଛାନ୍ଦ

ଏ ଛାନ୍ଦ ଶିକର ଛାନ୍ଦ ବା ପାଉଧି ଛାନ୍ଦ ରୂପେ ପରିଚିତ । କଳ୍ପନା ଓ ପାଣ୍ଡିତ୍ୟ ଏ ସ୍ଥଳରେ ଯୁଗପତ୍ ପ୍ରକାଶିତ । ମହାକବି କାଳିଦାସ 'ମେଘଦୂତ'ର ଉତ୍ତରାର୍ଦ୍ଧରେ ଗୋଟିଏ ଶ୍ଳୋକରେ ଛଅ ଋତୁ ଏକ ସମୟରେ ଓ ଏକ ସ୍ଥାନରେ ବିଳାସ କରୁଥିବାର ବର୍ଣ୍ଣନା କରିଅଛନ୍ତି (୧) । ଏ ଛାନ୍ଦରେ ଉପେନ୍ଦ୍ର ବନ ବର୍ଣ୍ଣନା କରି, ବନର ବୃକ୍ଷଲତା ଓ ପଶୁପକ୍ଷୀଙ୍କ ସାହାଯ୍ୟରେ ଦର୍ଶାଇଛନ୍ତି ଯେ, ସେହି ବଣରେ ଏକ ସମୟରେ ଛଅ ଋତୁ ଅନୁଭୂତ ହେଉଥିଲା । ଏଭଳି କଳ୍ପନା ଲୋକୋତ୍ତର ପ୍ରତିଭାର ପରିଚାୟକ ।

ଷଡ୍‌ବିଂଶ ଛାନ୍ଦ—

ଏହି ଛାନ୍ଦର ପ୍ରଥମ ଷାଠିଏଟି ପଦ ବା ଦଶ ଧାଡ଼ି ( କିମ୍ବା ଅନ୍ୟ ଭାବରେ ଲେଖିଲେ ୨୦ ଧାଡ଼ି ) ବିଶ୍ୱ-ସାହିତ୍ୟରେ ହୁଏ ତ ଅତୁଳନୀୟ । କଥା ଅଛି, ଉପେନ୍ଦ୍ର ଜ୍ୟୋତିଷ ଶାସ୍ତ୍ର ପଢ଼ିବା ବେଳେ, ତାଙ୍କର ଗୁରୁ ତାଙ୍କୁ କହିଲେ, 'ବର୍ଷର ବାର ମାସ ମଧ୍ୟରେ ଛଅଟି ଋତୁ ଅନୁଭୂତ ହୁଏ ସତ; କିନ୍ତୁ, ଗୋଟିଏ ଦିନର ବିଭିନ୍ନ ସମୟରେ ମଧ୍ୟ ଛଅଟି ଯାକ ଋତୁ ଅନୁଭୂତ ହୁଅନ୍ତି ।' ଆହୁରି ମଧ୍ୟ, ଶୁଣାଯାଏ, ସେ ଯେତେବେଳେ ବାସ୍ତୁବିଦ୍ୟା ବା ଗୃହ ନିର୍ମାଣ ଶାସ୍ତ୍ର ଅଧ୍ୟୟନ କଲେ, ସେ ଜାଣିଲେ ଯେ, ଗୋଟିଏ ନିର୍ଦ୍ଦିଷ୍ଟ ଜାଗାରେ ବହୁତଳ ସୌଧ ( ବେଶି ମହଲ ଥିବା କୋଠା ) ନିର୍ମାଣ କରାଯାଇପାରେ । କେବଳ ଏତିକି କଥା, ଭିତ୍ତିକୁ ସୁଦୃଢ଼ ଭାବରେ ଗଢ଼ିବାକୁ ହେବ । ଏଥିରୁ ଭଞ୍ଜଙ୍କର କବି-ପ୍ରତିଭା ତାଙ୍କୁ ଏହି କଥାଟି ଶିଖାଇ ଦେଲା ଯେ, ଜ୍ୟୋତିଷର ଏବଂ ବାସ୍ତୁବିଦ୍ୟାର ଉପର-ଲିଖିତ ସୂତ୍ର ଧରି, ବିଚିତ୍ର କବିତା ରଚନା କରାଯାଇପାରେ । ଅର୍ଥାତ୍, ଯଦି ଗୋଟିଏ ଦିନର ସମସ୍ତ ସୀମା ମଧ୍ୟରେ ଛଅଟି ଋତୁ ଅନୁଭବ କରିହେବ, ତାହା ହେଲେ ଗୋଟିଏ କବିତା ଭିତରେ ଛଅଟିଯାକ ଋତୁ ଏକ ସଙ୍ଗରେ ବର୍ଣ୍ଣନା କରି ନ ହେବ କାହିଁକି ? ଏହାର ଅର୍ଥ ନୁହେ ଯେ, ପ୍ରତ୍ୟେକ ଋତୁ ସମ୍ପର୍କରେ

(୧) "ହସ୍ତେ ଲୀଳା କମଳମଳକେ × × ବଧୂନାମ୍"—ଏହି ଶ୍ଳୋକ ।

ଗୋଟିଏ ଗୋଟିଏ ସ୍ୱୋଟ କବିତା ରଚନା କରି, ସେଗୁଡ଼ିକୁ ଏକାଦିକ୍ରମେ ତଳକୁ ତଳ ସଜାଇବାକୁ ହେବ। ଏପରି କଲେ, ସେ ତ ଆଉ ଗୋଟିଏ କବିତା ହେବ ନାହିଁ, ସେ ହେବ ଗୋଟିଏ କବିତା-ସମାହାର ବା ସଂକଳନ, ଯେପରି କି, କାଳିଦାସଙ୍କର 'ଋତୁସଂହାର'। ଭଞ୍ଜ ତେଣୁ, ଏ ଭଳି ପାଞ୍ଚୋଟି ପଦ (ପ୍ରତ୍ୟେକ ପଦରେ କୋଡ଼ିଏଟି ଅକ୍ଷର) ରଚନା କଲେ, ଯାହା କି ମୂଳରୁ ଶେଷ ପର୍ଯ୍ୟନ୍ତ ଥରେ ପଢ଼ିଗଲେ, ଖରାଦିନର ବର୍ଣ୍ଣନା ବାହାରି ପଡ଼େ। ଦ୍ୱିତୀୟ ଥର ଆମୂଳଚୂଳ ପଢ଼ିଗଲେ, ବର୍ଷା ଋତୁ ବର୍ଣ୍ଣନା ବାହାରି ପଡ଼େ। ତୃତୀୟ ଥର ପଢ଼ିଗଲେ, ଶରତ୍ କାଳର, ଚତୁର୍ଥ ଥର ପଢ଼ିଗଲେ, ହେମନ୍ତ କାଳର, ପଞ୍ଚମ ଥର ପଢ଼ିଗଲେ ଶିଶିର ଋତୁର ଏବଂ ଆଉ ଥରେ ପଢ଼ିଗଲେ ବସନ୍ତ ଋତୁର ଚିତ୍ର ଆଖି ଆଗରେ ନାଚିଯାଏ। ପ୍ରକାଶିତ ଟୀକାରେ ଚାରୋଟି ଋତୁର ବର୍ଣ୍ଣନା ଏହି ପାଞ୍ଚୋଟି ପଦରୁ ପ୍ରତିପାଦନ କରାଯାଇଛି, ଯଥା—ବର୍ଷାକାଳ, ବସନ୍ତ କାଳ, ଗ୍ରୀଷ୍ମକାଳ ଓ ଶୀତକାଳ। କିନ୍ତୁ, ଛାନ୍ଦାର୍ଥୀମାନେ ଶରତ୍ ଏବଂ ହେମନ୍ତ କାଳର ଅର୍ଥ ମଧ୍ୟ ଏଥିରୁ ବାହାର କରି ବ୍ୟାଖ୍ୟା କରିଥାନ୍ତି। ବାଣପୁରର ପ୍ରସିଦ୍ଧ ଛାନ୍ଦାର୍ଥୀ ଜଗନ୍ନାଥ ମହାପାତ୍ରେ ଷଡ଼ଋତୁ ବର୍ଣ୍ଣନାମୂଳକ ବ୍ୟାଖ୍ୟାନ କରିବା ଏହି ଲେଖକ କଟକ ଖ୍ରୀଷ୍ଟ କଲେଜରେ ଅଧ୍ୟାପକ ଥିଲା ବେଳେ (୧୯୪୬-୪୭) ଶୁଣିବାର ସୁଯୋଗ ପାଇଥିଲା।

ଚତ୍ୱାରିଂଶ ଛାନ୍ଦ—

ଏଥିରେ ଥିବା ଗ୍ରୀଷ୍ମଋତୁର ବର୍ଣ୍ଣନା ଏକାବେଳକେ ବିଲକ୍ଷଣ। ଏହା ହାସ୍ୟରସର ଉପାଦାନରେ ଭରପୂର।

ଅଷ୍ଟଚତ୍ୱାରିଂଶ ଛାନ୍ଦ—

ଏହି ଛାନ୍ଦରେ ସୁଶାସକ ରୂପେ ଚନ୍ଦ୍ରଭାନୁଙ୍କର ଏକ ସ୍ୱବଜଢୀପକ ଆଲେଖ୍ୟ ପ୍ରଦାନ କରାଯାଇଛି। ଏଥିରେ ଅତ୍ୟାଚାର ପ୍ରପୀଡ଼ିତ ସମସାମୟିକ ଉତ୍କଳରେ ତଥା ଭାରତରେ ପ୍ରଜାରଞ୍ଜନମୂଳକ ଶାସନ ବ୍ୟବସ୍ଥା କିପରି କରାଯାଇ ପାରିବ, ତାହା (ବାଣଭଟ୍ଟଙ୍କ କାଦମ୍ବରୀର ସୂତ୍ର ଧରି) ଭଞ୍ଜ ବର୍ଣ୍ଣନା କରିଅଛନ୍ତି। ଏହି ଛାନ୍ଦର ସେହି ଅଂଶକୁ ଏହି ଲେଖକ 'ଭଞ୍ଜଙ୍କର ନିର୍ବାଚନ ଇସ୍ତାହାର' ରୂପେ ପରିଚିତ କରାଇଅଛି। "ଭଞ୍ଜଙ୍କର ନିର୍ବାଚନ ଇସ୍ତାହାର" ନାମକ ଗ୍ରନ୍ଥରେ ଏଥିର ବିସ୍ତୃତ ବ୍ୟାଖ୍ୟାନ ଉପଲବ୍ଧ।

## (୪) ପ୍ରେମ ସୁଧାନିଧି—(୧୬ ଛାନ୍ଦ)

'ସୁଧାନିଧି' ଶବ୍ଦର ଅର୍ଥ 'ଚନ୍ଦ୍ର' । ତେଣୁ, 'ପ୍ରେମ ସୁଧାନିଧି'ର ଅର୍ଥ 'ପ୍ରେମ ରୂପକ ଚନ୍ଦ୍ର' । ସାଧାରଣତଃ ଯେଉଁଠାରେ ଚନ୍ଦ୍ରର ପରିକଳ୍ପନା, ସେଠାରେ ଷୋଳ କଳାର ଧାରଣା ପ୍ରକାଶ ପାଇଥାଏ, ଯେପରି କି ପ୍ରେମ ସୁଧାନିଧି, କେଳି କଳାନିଧି, ( କଳାନିଧି = ଚନ୍ଦ୍ର ), ଲକ୍ଷଣ ଚନ୍ଦ୍ରୋଦୟ (୧), ପ୍ରବନ୍ଧ ପୂର୍ଣ୍ଣଚନ୍ଦ୍ର (୨) ଇତ୍ୟାଦି ।

ଏହି କାବ୍ୟ ଷୋଳ ଛାନ୍ଦରେ ବିଭକ୍ତ । କବି ନିଜେ ଲେଖିଛନ୍ତି—

"ହୋଇ ଛାନ୍ଦ ଷୋଳ କଳା ସଦାପୂର୍ଣ୍ଣ ତହିଁ
ଅଙ୍କ ଗହ୍ଣ ଦୂଷଣକୁ ଅବକାଶ ନାହିଁ ।" (୧୬।୧୩)

ଷୋଳଟି ଛାନ୍ଦରେ ବହୁ ପ୍ରକାରର ଆଳଙ୍କାରିକ ବିଶେଷତ୍ୱ ପ୍ରଦର୍ଶିତ ହୋଇଅଛି ।

ତିରିଶି ବର୍ଷର ଆଲୋଚନା ପରେ ଏବେ ମୁଁ ଜାଣିଲି ଯେ, ଯେଉଁ ପ୍ରସିଦ୍ଧ ଉପନିଷଦମାନଙ୍କ ଉପରେ ଶଙ୍କରାଚାର୍ଯ୍ୟ ଟୀକା ଲେଖି 'ପ୍ରସ୍ଥାନତ୍ରୟୀ'ର ପରମ୍ପରା ସୃଷ୍ଟି କରି ଯାଇଛନ୍ତି, ସେହି ଉପନିଷଦମାଳାର ଅନ୍ତର୍ଗତ 'ପ୍ରଶ୍ନୋପନିଷଦ୍' ହେଉଛି ଏହି 'ପ୍ରେମ ସୁଧାନିଧି' କାବ୍ୟର ମୂଳଭିତ୍ତି । ଏ କଥା ଏ ଆଲୋଚନାରେ ଏଥିପୂର୍ବେ ବୁଝାଇ ଦିଆଯାଇଛି (୩) । ଏଥିରେ ତ ବହୁ ପ୍ରକାରର ଶବ୍ଦାଳଙ୍କାର ଶୃଙ୍ଖଳା ରହିଅଛି । କିନ୍ତୁ ତା'ର ଭିତରେ ପଞ୍ଚଦଶ ଛାନ୍ଦଟି

---

(୧) ଏହା ରଘୁନାଥ ପରିଛାଙ୍କର ଷୋଳ ଅଧ୍ୟାୟର ବା ଷୋଳ କଳାର ଏକ ଏକ ବିରାଟ ଗ୍ରନ୍ଥ । ଏହାର କେତେକାଂଶ ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ପ୍ରକାଶିତ ।

(୨) ଯଦୁମଣିଙ୍କର 'ପ୍ରବନ୍ଧ ପୂର୍ଣ୍ଣଚନ୍ଦ୍ର' ଆଠ ଛାନ୍ଦ ପ୍ରକାଶ ପାଇଥିଲେ ହେଁ, ଷୋଳ ଛାନ୍ଦର ରଚନା । ଏହା ବାଙ୍କୀ ଧଳା ପଥର ଅଞ୍ଚଳର ଜଣେ ବୟୋବୃଦ୍ଧ ଲୋକ ୧୯୬୨-୬୩ ରେ ମତେ ଦେଖାଇଥିଲେ ଓ ଶେଷଭାଗର ବହୁ ଅଂଶ ପଢ଼ି ଶୁଣାଇଥିଲେ ।

(୩) ଏ ଗ୍ରନ୍ଥର ପୃ: ୨୨୫-୨୩୦ ଦ୍ରଷ୍ଟବ୍ୟ ।

ଏକାବେଳକେ ବିଲକ୍ଷଣ । ଏହି ଛାନ୍ଦଟିରେ ଚାଳିଶ ଧାଡ଼ିର କୋଡ଼ିଏଟି ପଦ ଅଛି । ପ୍ରତି ଧାଡ଼ିରେ ଚଉଦ ଅକ୍ଷର ହିସାବରେ ମୋଟ ଅକ୍ଷର ସଂଖ୍ୟା ହେଉଛି, ପାଞ୍ଚ ଶହ ଷାଠିଏ । ଏହି ଛାନ୍ଦଟିକୁ ପ୍ରଥମ ଅକ୍ଷରୁ ଶେଷ ଅକ୍ଷର ପର୍ଯ୍ୟନ୍ତ ଆଗକୁ ଆଗକୁ ପଢ଼ିଗଲେ ଯାହା, ଶେଷ ଅକ୍ଷରରୁ ଆରମ୍ଭ କରି ପ୍ରଥମ ଅକ୍ଷର ପର୍ଯ୍ୟନ୍ତ ଓଲଟେଇ ପଲଟେଇ ପଢ଼ିଲେ ତାହା । ଏଭଳି ଲୋମ ବିଲୋମ ରଚନା ପୃଥିବୀର ଅନ୍ୟ କୌଣସି ଭାଷାରେ, ଏପରି କି ସଂସ୍କୃତ ଭାଷାରେ ଥିବାର ଜଣାଯାଇ ନାହିଁ । ଯାହା ବା ଅଛି, ତାହା ଗୋଟିଏ ଦୁଇଟି ଶ୍ଳୋକ ବା ପଦ (stanza) ମଧ୍ୟରେ ହିଁ ସୀମାବଦ୍ଧ ।

'ପ୍ରେମ ସୁଧାନିଧି'ର ତିନୋଟି ଛାନ୍ଦ ପୁରପଲ୍ଲୀରେ ତଥା ସ୍କୁଲବାଲା ଓ ଛାତ୍ରାର୍ଥୀମାନଙ୍କ ମଧ୍ୟରେ ଅତ୍ୟନ୍ତ ଜନପ୍ରିୟ । ସେଗୁଡ଼ିକ ହେଉଛି, ସପ୍ତମ, ନବମ ଓ ଚତୁର୍ଦ୍ଦଶ । ସାଧାରଣତଃ, ଏହି ତିନୋଟିକୁ ଯଥାକ୍ରମରେ 'ରସିକ ହୃଦୟର କରେ ଛାନ୍ଦ', 'ମାଳବେ ହାମରିଭୁ ଛାନ୍ଦ' ଓ 'ନିର୍ମଳ ଚନ୍ଦ୍ରମଣ୍ଡଳ ଛାନ୍ଦ' କୁହାଯାଇଥାଏ ।

ଏହାର ଦ୍ୱାଦଶ ଛାନ୍ଦକୁ 'ଭ୍ରମର ଦୂତ' ବା 'ଭୃଙ୍ଗସନ୍ଦେଶ' ମଧ୍ୟ କୁହାଯାଇଥାଏ । ଶାବ୍ଦିକତା ଓ ଭାବର ସରସତା ପାଇଁ ଏହି ଛାନ୍ଦ ଅନୁଶୀଳନୀୟ ।

'ପ୍ରେମ ସୁଧାନିଧି'ର ଦ୍ୱିତୀୟ ଛାନ୍ଦ ଖାଲି ଭଞ୍ଜ-ସାହିତ୍ୟରେ କାହିଁକି, ସମଗ୍ର ଭାରତୀୟ ପ୍ରାଦେଶିକ ସାହିତ୍ୟମାନଙ୍କରେ ଏକ ମହାର୍ଘ ରତ୍ନାଳଙ୍କାର । 'ବୈଦେହୀଶ ବିଳାସ'ର ଅଷ୍ଟମ ଛାନ୍ଦଟିଯାକ ଯେପରି ସୀତାଙ୍କର କେବଳ ମୁଖ ବର୍ଣ୍ଣନାରେ ଉତ୍ତରଳ, 'ପ୍ରେମ ସୁଧାନିଧି'ର ଦ୍ୱିତୀୟ ଛାନ୍ଦଟିଯାକ ସେହିପରି ନାୟିକାର କେବଳ ନୟନ ବର୍ଣ୍ଣନାରେ ଲୋଭନୀୟ ହୋଇ ଉଠିଛି । ଅବନାର ଗୋଟିଏ ଅର୍ଥ—'ବନାନ ଯୁକ୍ତ ହୋଇ ନ ଥିବା' । ତାହାର ଆଉ ଗୋଟିଏ ଅର୍ଥ— 'ଅବର୍ଣ୍ଣନୀୟ' । ୧୨୦ ଧାଡ଼ି ବା ପଂକ୍ତି ବିଶିଷ୍ଟ ଏହି ଛାନ୍ଦଟିଯାକରେ ଚକ୍ଷୁ ବର୍ଣ୍ଣନାମୂଳକ ଯେଉଁ କବିପ୍ରତିଭା ପ୍ରଦର୍ଶିତ ହୋଇଅଛି, ତାହା ସଂସ୍କୃତ ସାହିତ୍ୟର 'ନେତ୍ର ଶତକ'ର ଭାବାତ୍ମକ ପ୍ରତିଦ୍ବନ୍ଦ୍ୱୀ ରୂପେ ସମୀକ୍ଷକର ମନରେ ଉଦ୍ଭାସିତ ହୋଇ ଉଠେ । ଓଡ଼ିଆରେ ଏହାର ଶ୍ରୁତିସ୍ପର୍ଶ 'ଅବର୍ଣ୍ଣନୀୟ' ।

## (୫) ରସିକ ହାରାବଳୀ—(୧୫ ଛାନ୍ଦ)

ଏଥିରେ ଅଛି, ନାୟିକାର ନାମ କେବଳ 'ରସିକ ହାରାବଳୀ' ନୁହେଁ, 'କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ' ମଧ୍ୟ । ସୁତରାଂ, ଏ ହିସାବରେ, ଭଞ୍ଜଙ୍କର ଦୁଇଟି ନାୟିକାର ନାମ 'କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ' । ପଣ୍ଡିତ ସୂର୍ଯ୍ୟନାରାୟଣ ଦାସଙ୍କ ମତରେ, ରସିକ ହାରାବଳୀର ଅନ୍ୟ ନାମ 'କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ' ହେବାର କାରଣ ସ୍ପଷ୍ଟ ହେଉ ନ ଥିଲେ ମଧ୍ୟ, 'କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ' କାବ୍ୟଟି ସେତେବେଳକୁ ରଚିତ ହୋଇ ନ ଥିବା ଅନୁମାନ କରାଯାଇପାରେ ।

( ଓଡ଼ିଆ ସାହିତ୍ୟର ଇତିହାସ—୩ୟ, ପୃ-୧୨୭ )

କିନ୍ତୁ, ଏହାର ବିପରୀତ ଅନୁମାନ ମଧ୍ୟ ଅଯୌକ୍ତିକ ପରି ପ୍ରତିଭାତ ହୁଏ ନାହିଁ । ହୁଏ ତ 'କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ' କାବ୍ୟ ରଚିତ ହେବା ପରେ, ସେ ନାମଟି ଅତ୍ୟନ୍ତ ଜନପ୍ରିୟ ହୋଇ ଉଠିଥିଲା । ଏପରି କି, ଓଡ଼ିଶାର ରାଜ-ଦରବାରମାନଙ୍କରେ ଅଳ୍ପକାଳ ମଧ୍ୟରେ ଏହି କାବ୍ୟ ଅତିଶୟ ଜନପ୍ରିୟ ହୋଇ ଉଠିବାରୁ, କୌଣସି କୌଣସି ରାଜା ତାଙ୍କ ଝିଅକୁ ସେହି ନାମ ଦେଇଥିବେ । ଏହି ସମ୍ବାଦ ପାଇ ଉପେନ୍ଦ୍ର ଭଞ୍ଜ 'ରସିକ ହାରାବଳୀ' ରୂପେ ନାମିତ ରାଜ-କୁମାରୀଙ୍କୁ 'କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ' ରୂପେ ମଧ୍ୟ ପରିଚିତ କରାଇ ଦେବାକୁ ଯୁକ୍ତିଯୁକ୍ତ ମନେ କରିଥିବେ । ତେବେ, ଏ ସବୁ କେବଳ ଅନୁମାନ ।

ଏହି କାବ୍ୟ ତାଙ୍କର ଅନୁଭବ ଉପରେ ପ୍ରତିଷ୍ଠିତ ବୋଲି ସେ ଲେଖିଛନ୍ତି । କାବ୍ୟ ମୂଳରେ ଜଗନ୍ନାଥଙ୍କର ବନ୍ଦନା ସମାବେଶିତ । କିନ୍ତୁ, ସବୁଠାରୁ ବଡ଼ କଥା, ଦ୍ବିତୀୟ ଛାନ୍ଦର ଚନ୍ଦନ ଯାତ୍ରା ବର୍ଣ୍ଣନା ।

କୋଶଳ ଦେଶ ରାଜକୁମାର ଏହାର ନାୟକ । ପୁଣି, ଅଭିଶାପଗ୍ରସ୍ତ ଏବଂ ଶ୍ରୀକ୍ଷେତ୍ରବାସୀ ବିଦ୍ୟାଧର ଦମ୍ପତିର କନ୍ୟା ହେଉଛି ରସିକ-ହାରାବଳୀ । ଏ ଛାନ୍ଦର ରାଜକୁମାରର ସ୍ୱଦେଶ ଉପରେ ଆକ୍ରମଣ ଏବଂ ନିଜର ବୀରତ୍ୱ ଦ୍ୱାରା ଶତ୍ରୁ ବିତାଡ଼ନ ଭିତରେ କିଛି ଐତିହାସିକ ଘଟଣା ଥାଇପାରେ । ଏ ପର୍ଯ୍ୟନ୍ତ ତାହା ଅନୁଦ୍‌ଘାଟିତ ।

ପଞ୍ଚମ ଛାନ୍ଦରେ ହାସ୍ୟରସର ଅବତାରଣା ଉପଭୋଗ୍ୟ । ଓଡ଼ିଶାର ତତ୍କାଳୀନ ସାମାଜିକ-ଜୀବନର ଇତିହାସ ପ୍ରଣୟନ ଲାଗି ଏ କାବ୍ୟରେ ପ୍ରଚୁର ଉପାଦାନ ରହିଅଛି ।

ଏ କାବ୍ୟରେ କବି ମୋଟ ପଦସଂଖ୍ୟା ନିର୍ଦ୍ଦେଶ କରିଥିଲେ ହେଁ, ମୁଦ୍ରିତ ପୁସ୍ତକରେ ତାହା ସନ୍ଦେହ ସୃଷ୍ଟି କରିଥାଏ । ସୁତରାଂ, ଏକାଧିକ ପୋଥି ସାହାଯ୍ୟରେ ପ୍ରକ୍ଷିପ୍ତ ଅଂଶ ଅଛି କି ନାହିଁ, ତାହା ନିରୂପଣ କରିବାକୁ ହେବ ।

## ଏହାର କେତୋଟି ପ୍ରସିଦ୍ଧ ଛାନ୍ଦ —

ତୃତୀୟ ଛାନ୍ଦ—

ଏ ଛାନ୍ଦ ସୁପ୍ରସିଦ୍ଧ । କାରଣ, ଏଥିରେ ଦେବ ଦେବ ଜଗନ୍ନାଥ ମହାପ୍ରଭୁଙ୍କର ଚନ୍ଦନ ଯାତ୍ରା ବର୍ଣ୍ଣିତ । ପାଲା ଗାୟକମାନେ ଏ ଛାନ୍ଦର ଅଂଶମାନ ପରିବେଷଣ କରି ବେଶ୍ ରସ ସୃଷ୍ଟି କରିଥାନ୍ତି ।

ଷଷ୍ଠ ଛାନ୍ଦ—

ଏଥିରେ ଥିବା ଇଳାବୃତବର୍ଷ ବର୍ଣ୍ଣନା ବଡ଼ ପାଣ୍ଡିତ୍ୟପୂର୍ଣ୍ଣ । ଇଳାବୃତବର୍ଷ ଭାରତର ଉତ୍ତରରେ ଅବସ୍ଥିତ (୧) । ଏ ଛାନ୍ଦର ୧୨ଶ ଓ ୧୩ଶ ପଦର କଳ୍ପନା-ବିଳାସ ତଥା ପାଣ୍ଡିତ୍ୟ ଉଲ୍ଲେଖଯୋଗ୍ୟ ।

ଅଷ୍ଟମ ଛାନ୍ଦ—

ବିଶ୍ୱ ପ୍ରେମ-ସାହିତ୍ୟରେ ଏ ଛାନ୍ଦ ଉଚ୍ଚ ଆସନ ଦାବୀ କରେ । ନାରୀର ମନସ୍ତତ୍ତ୍ୱ ବିଶ୍ଳେଷଣ ବଡ଼ ଚମତ୍କାର ।

ଦ୍ୱାଦଶ ଛାନ୍ଦ—

ଏହା "ବସନ୍ତେ ଭ୍ରମୁ କାନନ"-ଛାନ୍ଦ ବୋଲି ମଧ୍ୟ ପରିଚିତ । ପ୍ରେମ-ସାହିତ୍ୟ ଭାବରେ ଏହାର ମୂଲ୍ୟ ଅତୁଳନୀୟ ।

---

(୧) ଏହି ଲେଖକ ୧୯୬୮ ମେ ମାସରେ, କଟକ ଭଞ୍ଜ-ଜୟନ୍ତୀ ବେଳେ, ରୁଷିଆ ଦେଶର ଲେନିନ୍‌ଗ୍ରାଡ୍ ମହାନଗରୀରେ ଏହି ଅଂଶଟି ଏକ ସଭାରେ ବ୍ୟାଖ୍ୟାନ କରି, ଏହା ରୁଷିଆର ଠିକ ବୋଲି ପ୍ରତିପାଦନ କରିଥିଲି ।

୧୬ଶ ଛାନ୍ଦର ୧୯ଶ ପଦଟି ଉଲ୍ଲେଖଯୋଗ୍ୟ । ଏହି କାବ୍ୟ-ସନ୍ତାନର ଶୁଭକାମନାରେ କବି କହିଛନ୍ତି—

"କର ଏ କରୁଣା ବିଜ୍ଞ ହସ୍ତଗତ ଏ ପୁସ୍ତକ ମୋର ହୋଇବ
ଅଜ୍ଞ୍ୟମୂଢ଼ର କର୍ଣ୍ଣକୁହରକୁ କେବେ ହେଁ ପ୍ରବେଶ ନୋହିବ
ଆଖୁ ଅନଳ, ହାରିରେ ନ ଲଭୁ ବିନାଶ
ଉତ୍ତମ ଜନରେ ଦୂଷିତ ନୋହିଣ ପ୍ରକାଶ ହେଉ ସର୍ବ ଦେଶ ।"

କବିଙ୍କର ଆଶଙ୍କା, ଦିନ ଆସିବ, ଯେତେବେଳେ ଲୋକେ ତାଙ୍କର ପାଣ୍ଡିତ୍ୟ ବୁଝିବେ ନାହିଁ, ତାଙ୍କର ରଚନା ଲିଖିତ ଥିବା ତାଳପତ୍ର ପୋଥିଗୁଡ଼ିକ ମୂଷା ( ଆଖୁ ), ନିଆଁ (ଅନଳ), ଉଇ ( ହାରି = ପିମ୍ପୁଡ଼ି, ଏଠାରେ ଉଇ ) ହେତୁରୁ ନଷ୍ଟ ହୋଇଯିବ । ତେଣୁ , ଏହି ମାନସ-ସନ୍ତାନର ଶୁଭକାମନାରେ, ଏହା ରସିକ ପଣ୍ଡିତମାନଙ୍କର ହିଁ ହସ୍ତଗତ ହେଉଥାଉ ବୋଲି ସ୍ୱ-ବାସନା ପ୍ରକାଶ କରିଛନ୍ତି ।

## (୬) ସୁଭଦ୍ରା ପରିଣୟ—(୧୭ ଛାନ୍ଦ)

ଏହା 'ସ' ଆଦ୍ୟ ନିୟମରେ ରଚିତ । କାବ୍ୟର ନାମ ଅନୁସାରେ ଅର୍ଜୁନଙ୍କ ସହିତ ସୁଭଦ୍ରାଙ୍କ ବିବାହ ଏଥିରେ ବର୍ଣ୍ଣିତ । ଭକ୍ତକବି ନିଜକୁ ଜଗନ୍ନାଥଙ୍କର ପରମ ସେବକ ରୂପେ ସର୍ବତ୍ର ସୂଚନା ଦେଇଅଛନ୍ତି । ବଡ଼ ଦେଉଳର ରତ୍ନବେଦୀ ଉପରେ ଯେଉଁ ନାରୀମୂର୍ତ୍ତି ପୂଜିତା, ଶାକ୍ତମାନଙ୍କ ମତରେ ସେ ହେଉଛନ୍ତି ସୁଭଦ୍ରା = ସୁ-ମଙ୍ଗଳା ( ଭଦ୍ର = ମଙ୍ଗଳ, ସୁତରାଂ, ଭଦ୍ରା = ମଙ୍ଗଳା ) ସୁଭଦ୍ରା = ଉତ୍ତମ ଚଣ୍ଡିକା । କିନ୍ତୁ, ବୈଷ୍ଣବ ମତରେ ସୁଭଦ୍ରା ହେଉଛନ୍ତି କୃଷ୍ଣଙ୍କର ଭଗିନୀ । ସୁତରାଂ, ସେହି ସୁଭଦ୍ରାଙ୍କର ମନୋରମ ବିବାହ ଚରିତ ବର୍ଣ୍ଣନା କରିବାକୁ ଭକ୍ତକବି ଉଦ୍ୟତ ହୋଇଅଛନ୍ତି ।

ଏହାର ଷଷ୍ଠ ଛାନ୍ଦ ଧାନୀ ବୃତ୍ତରୁ ଏ କାବ୍ୟର ଏକ ବିଶିଷ୍ଟ ଛାନ୍ଦ । ଗୋ-ଶୃଙ୍ଗ ଦୈତ୍ୟ ରୈବତ ପର୍ବତକୁ ଯିବା ଫଳରେ ଘୋରତର ଅନିଷ୍ଟ ସୃଷ୍ଟି ହେଲା । ଏହି ରାକ୍ଷସ ବଳପୂର୍ବକ ସତ୍ୟଭାମାଙ୍କୁ ରଥରେ ବସାଇ ନେଇଗଲା । କିନ୍ତୁ ଅର୍ଜୁନ ମନ୍ତ୍ର ଉଚ୍ଚାରଣ କରି, ଏପରି ଶର ପ୍ରୟୋଗ କଲେ ଯେ, ଅସୁର-

ମାନଙ୍କର ମାୟା ତହିଁରେ ଅସ୍ତ ହୋଇଗଲା । ଶେଷରେ ଅର୍ଜ୍ଜୁନ ଗୋ-ଶୃଙ୍ଗ ଦୈତ୍ୟଙ୍କୁ ମଧ୍ୟ ବଧ କଲେ ।

ଯେତେଦୂର ମନେହୁଏ, ଏହି କାବ୍ୟରେ ଅନୁଲେଖକମାନଙ୍କର ଅସାବଧାନତାବଶତଃ କେତେକ ଭ୍ରମ ଅନୁପ୍ରବିଷ୍ଟ ହୋଇଯାଇଛି । ତାହାର ଗୋଟିଏ ଉଦାହରଣ ଦେଖନ୍ତୁ—

କବି ୧୫ଶ ଛାନ୍ଦର ୧୯ଶ ପଦରେ ଲେଖିଛନ୍ତି—

"ସୁଭଦ୍ରା ପିରଣ୍ଡ ଗୁପ୍ତେ ଅର୍ଜ୍ଜୁନର ଭୁଲେ
ସତ୍ୟଭାମା ଶ୍ରୀକୃଷ୍ଣ ବିଶ୍ବରେ ଏହା କଲେ ।
ସେ ସ୍ଥାନକୁ କୁରୁପତି
ସଲଜ୍ଜିତ ହେବାକୁ କି ବିଜୟ କରନ୍ତି ।"

ଅଥଚ, ତାହାର ଗୋଟିଏ ପଦ ପରେ ପୁଣି ଲେଖାଅଛି—

"ସୁଭଦ୍ରା ଗୁପତ ପ୍ରୀତି ଅର୍ଜ୍ଜୁନର ଭୁଲେ
ସତ୍ୟଭାମା ଶ୍ରୀକୃଷ୍ଣ ବିଶ୍ବର ଏହା କଲେ
ସାନଭ୍ରାତ ସ୍ନେହୀ ହୋଇ
ସେ ତ ହେଲ ଗଭରଙ୍କ ପିବା କାହିଁ ପାଇଁ ।"

ଏଠାରେ ଦେଖାଯାଏ, ପ୍ରଥମ ଦୁଇ ପାଦରେ ବିଶେଷ ପାର୍ଥକ୍ୟ ନାହିଁ । ମହାକବି ତ ଦୂରର କଥା, ସାଧାରଣ କବି ମଧ୍ୟ ଏତେ ବଡ଼ ଭ୍ରମ କରିବା ସମ୍ଭବ ନୁହେଁ । ସୁତରାଂ, ଏ କାବ୍ୟର ସଂପାଦନା ଆବଶ୍ୟକ ।

ଭଞ୍ଜଙ୍କର ବିଭିନ୍ନ କାବ୍ୟର କେତେକ ପଦର ବହୁ ଅର୍ଥ କରାଯାଇଥାଏ । ଏହା ପ୍ରାଚ୍ୟ-ପାଣ୍ଡିତ୍ୟ-ପରମ୍ପରା ଦ୍ୱାରା ସମର୍ଥିତ ହେଉଥିଲେ ହେଁ, ସେ କାଳର ସାହିତ୍ୟଧାରା-ଅନଭିଜ୍ଞ ପାଠକମାନେ ତହିଁରେ ସନ୍ଦେହ ପ୍ରକାଶ କରି, ତାହା ଭଞ୍ଜଙ୍କର ନିଜ ମନର କଥା ନୁହେଁ ବୋଲି କହିଥାଆନ୍ତି । 'ସୁଭଦ୍ରା ପରିଣୟ' ଏ କ୍ଷେତ୍ରରେ ଏକ ଆଲୋକସ୍ତମ୍ଭ । ତଳେ ଏଥିର ଦୁଇଟି ଉଦାହରଣ ଦିଆଯାଉଛି—

(୧) "ସୁବଳ ଶଇଳ ସ୍ବର୍ଗ ଅରଣ୍ୟ ପର୍ଯ୍ୟନ୍ତେ
ସେ ରାମ ହସ୍ତ ବିଳାକ୍ଷେ ଅତି ଶୋଭା ପାଏ ।" (୧।୨୭)

ଏ ପଦର ଗୂଢ଼ ଅର୍ଥ ବୋଲି ନିର୍ଦ୍ଦେଶିତ ହୋଇଅଛି ।

(୨) "ସୁମନ ପୁଷ୍ପରେ ସକଳ ଲୋକ ଆନନ୍ଦକର
ସେ ବିଷ୍ଣୁ ଚରଣେ ଶରଣ ଉପଇନ୍ଦ୍ର ଭଞ୍ଜର
ସିନ୍ଧୁ ଭଇରବ ଗଣେଶ ଗଙ୍ଗା ବରୁଣ ଚନ୍ଦ୍ର
ସନତ୍କୁମାର ପୃଥ୍ୱୀ ଘେନ ନବ ଅର୍ଥ ଏ ପଦେ।" (୫।୭୧)

ଏ ପଦଟିର ନଅ ଗୋଟି ଅର୍ଥ; ଏହା କବି କହି ଯାଇଛନ୍ତି।

## (୭) କଳା କୌତୁକ—(୧୦ ଛାନ୍ଦ)

'କଳା କୌତୁକ'—ଏହି ପଞ୍ଚାକ୍ଷର ବିଶିଷ୍ଟ ନାମର ଆଦ୍ୟରେ ଓ ପ୍ରାନ୍ତରେ ଯେପରି 'କ' ଅଛି, ସମଗ୍ର କାବ୍ୟର ପ୍ରତି ପଦର, ପ୍ରତି ପାଦର ଆଦ୍ୟରେ ଓ ପ୍ରାନ୍ତରେ ସେହିପରି 'କ' ଅକ୍ଷର ବିନ୍ୟସ୍ତ ହୋଇଅଛି।

କୃଷ୍ଣ ଚରିତ ଏହାର ଉପଜୀବ୍ୟ ବିଷୟ। କଥା ଅଛି, ଉପେନ୍ଦ୍ର ପୁରୀରେ କବି ଘନକୃଷ୍ଣଙ୍କୁ ଭେଟିଥିଲେ ଏବଂ ତାଙ୍କର 'ରସ-କଲ୍ଲୋଳ' କାବ୍ୟ ଦେଖି-ଥିଲେ। 'ରସ-କଲ୍ଲୋଳ' କାବ୍ୟର ପ୍ରତି ଛାନ୍ଦର ପ୍ରତି ପଦର, ପ୍ରତି ପାଦର ପ୍ରଥମ ଅକ୍ଷର 'କ' ହୋଇଥିଲେ ମଧ୍ୟ, ଘନକୃଷ୍ଣ କାବ୍ୟର ନାମକୁ କାଦ୍ୟ ବର୍ଣ୍ଣ ('କ' ଆଦି ଅକ୍ଷର ହୋଇଥିବା)-ବିଶିଷ୍ଟ ନାମରେ ନାମିତ କରି ନ ଥିବାରୁ, ଉପେନ୍ଦ୍ର ତାଙ୍କର ଦୋଷ ବାଛିଥିଲେ। ଘନକୃଷ୍ଣ କି ଉତ୍ତର ଦେଇଥିଲେ, ତାହା ଯଥାସ୍ଥାନରେ ଉଲ୍ଲେଖ କରାଯାଇଛି।

ଘନକୃଷ୍ଣ ତା ପରେ କହିଲେ—"ମୁଁ 'ରସ-କଲ୍ଲୋଳ' ପ୍ରଥମ ଛାନ୍ଦ ପ୍ରତି ପଦର, ପ୍ରତି ପାଦର ଆଦ୍ୟରେ 'କ' ଓ ପ୍ରାନ୍ତରେ 'କ' ରଖିଅଛି।" ଉପେନ୍ଦ୍ର ଉତ୍ତର ଦେଲେ, "ମୋର 'ବୈଦେହୀଶ ବିଳାସ'ର ସମସ୍ତ ଛାନ୍ଦକୁ ମୁଁ ଏପରି ଭାବରେ ଲେଖିଛି ଯେ, ତାହାର ପ୍ରତି ପଦର, ପ୍ରତି ପାଦ 'ବ ର' (ଏ ଦୁଇ ଅକ୍ଷର)ରେ ଆରମ୍ଭ ଏବଂ ଏ ଦୁଇଟି ଅକ୍ଷର ମଧ୍ୟ ପ୍ରତି ପାଦର ଶେଷରେ ଅଛି। ଯାହା ହେଉ, ଆପଣ ଯେତେବେଳେ 'କ' ଆଦ୍ୟ ପ୍ରାନ୍ତ ନିୟମରେ ଛାନ୍ଦ ଲେଖିବା କଥା କହିଲେଣି, ମୁଁ ଆପଣଙ୍କୁ ପ୍ରତିଶ୍ରୁତି ଦେଉଛି, ଏହି ନିୟମରେ ଗୋଟିଏ ଛାନ୍ଦ ମାତ୍ର ନୁହେଁ, ଗୋଟିଏ କାବ୍ୟ ଲେଖି ଦେବି।" କୃଷ୍ଣ ବିଷୟକ କାବ୍ୟ ହୋଇଥିବାରୁ, ମୁଁ ଠାଏ ମାତ୍ର ପାଦର ଆରମ୍ଭରେ 'କୃଷ୍ଣ' ଶବ୍ଦ ରଖିବି।" ଏହା ପରେ ସେ 'କଳା କୌତୁକ' ଲେଖିଥିଲେ।

ଆଉ ଗୋଟିଏ କଥା । 'କଳା କୌତୁକ'ର 'କ' ନିୟମ ଏବଂ 'ରସ-କଲ୍ଲୋଳ'ର 'କ' ନିୟମ ଭିତରେ ପାର୍ଥକ୍ୟ ରହିଛି । 'ରସ-କଲ୍ଲୋଳ'ରେ କେବଳ 'କ'ରେ ଆରମ୍ଭ ହୋଇଥିବା ଶବ୍ଦ, ଯଥା—କର, କଥା, କମଳ ଇତ୍ୟାଦି ଶବ୍ଦ ଯେ ବ୍ୟବହୃତ ହୋଇଛି, ତାହା ନୁହେ । ଏଥି ସହିତ, କା, କି, କୀ, କୁ, କୂ, କୃ, କେ, କୋ ଇତ୍ୟାଦି ଅକ୍ଷରରେ ଆରମ୍ଭ ହୋଇଥିବା ଶବ୍ଦ ମଧ୍ୟ ବ୍ୟବହୃତ ହୋଇଅଛି । କିନ୍ତୁ 'କଳା କୌତୁକ'ରେ କା, କି, କୀ, କୁ, କୂ ପ୍ରଭୃତି ଅକ୍ଷର ଆରମ୍ଭରେ ଥିବା ଶବ୍ଦ ବ୍ୟବହୃତ ହୋଇ ନାହିଁ । କିମ୍ବଦନ୍ତୀ ଅନୁସାରେ, କାବ୍ୟ ବର୍ଣ୍ଣିତ 'କୃଷ୍ଣ' ଚରିତ ବର୍ଣ୍ଣନରେ ଠାଏ ମାତ୍ର ଏ ନିୟମ ଲଙ୍ଘନ କରାଯାଇ 'କୃଷ୍ଣ' ଶବ୍ଦ ପ୍ରୟୋଗ କରାଯାଇଛି । ଏଥିରେ କବି କାବ୍ୟ ମୂଳରେ ରାମଚନ୍ଦ୍ରଙ୍କୁ ବର୍ଣ୍ଣନା କରିଅଛନ୍ତି । ଏହାର ବିଷୟବସ୍ତୁ, ଶ୍ରୀକୃଷ୍ଣଙ୍କର ଗୋପଲୀଳା ଓ ବ୍ରଜଲୀଳା ବିଷୟକ । ଚନ୍ଦ୍ରାବଳୀଙ୍କ ସହିତ ଶ୍ରୀକୃଷ୍ଣଙ୍କର ପ୍ରେମ ଏଥିରେ ବିସ୍ତୃତ ଭାବରେ ବର୍ଣ୍ଣିତ । 'କ' ନିୟମର ଶୃଙ୍ଖଳା ଭିତରେ ସରସତା ଉପଭୋଗ୍ୟ ।

କବିଙ୍କ ଭାଷାରେ—

"କମଳଧର ହେ କମଳଧରର ଜନ ନାୟକ
କମଳଧରୁ ଯାର ରାମ ନାମ ସଦା ଧ୍ୟାୟକ ।

× × ×

କରୁଣାକର ହେ କରୁଣା କର ହୋଇ ହେତୁକ
କହିବି ଚନ୍ଦ୍ରାବଳୀ-କୃଷ୍ଣ କଳା କେଳି କୌତୁକ
କଳା କଉତୁକ ଏ ଗୀତ ନାମ ହେବ ଖ୍ୟାତକ
କରୁଥିବ ଭକ୍ତ ଶ୍ରବଣରେ ଆଦ୍ୟ ପ୍ରାନ୍ତ 'କ' । ( ପ୍ରଥମ ଛାନ୍ଦ

## (୮) ରସତରଙ୍ଗ—(୧୨ ଛାନ୍ଦ)

ଏହି କାବ୍ୟର ନାମରେ ଯେପରି ସବୁ ବର୍ଣ୍ଣ 'ଅବନା', ସମଗ୍ର କାବ୍ୟର ସବୁ ପଂକ୍ତି ହେଉଛି ସେହିପରି ଅବନାରେ ରଚିତ । ଓଡ଼ିଆରେ ବ୍ୟଞ୍ଜନବର୍ଣ୍ଣ-ମାନଙ୍କ ସହିତ ସ୍ୱରବର୍ଣ୍ଣ ଯୋଗକୁ 'ବନା' କୁହାଯାଏ । ବ୍ୟଞ୍ଜନବର୍ଣ୍ଣଗୁଡ଼ିକ ଉଚ୍ଚାରିତ ହେବାପାଇଁ ସ୍ୱରବର୍ଣ୍ଣ ଉପରେ ନିର୍ଭର କରିଥାଆନ୍ତି । ତେବେ, 'ଅ' ବର୍ଣ୍ଣ

ସ୍ୱରବର୍ଣ୍ଣ ହେଲେ ମଧ୍ୟ, ଓଡ଼ିଆ ଚଳଣିରେ (୧) ତାହା ବନା ରୂପେ ଧରାଯାଏ ନାହିଁ । ବ୍ୟଞ୍ଜନବର୍ଣ୍ଣରେ ଆ, ଇ, ଉ, ଋ ପ୍ରଭୃତି ବର୍ଣ୍ଣର ଯୋଗ ହେଲେ 'ବନା' ହୁଏ । ଏହି କାବ୍ୟରେ ଉପେନ୍ଦ୍ର ଭଞ୍ଜ ବନାନ, ଅର୍ଥାତ୍, ବ୍ୟଞ୍ଜନ ବର୍ଣ୍ଣରେ ଆ, ଇ, ଈ, ଋ, ଏ, ଐ, ଔ ପ୍ରଭୃତି ସ୍ୱରବର୍ଣ୍ଣ ଯୁକ୍ତ ହୋଇଥିବା ଶବ୍ଦ ଆଦ୍ୟୋପାନ୍ତରେ ପ୍ରୟୋଗ କରି ନାହାନ୍ତି । ଶବ୍ଦଶାସ୍ତ୍ର ଉପରେ ତାଙ୍କର ଆଧିପତ୍ୟ ଏଥିରୁ ଅନୁମେୟ । ସମଗ୍ର କାବ୍ୟରେ ଯେପରି 'ବନା' ନାହିଁ, କାବ୍ୟର ନାମ, ଅର୍ଥାତ୍, 'ଋ-ସ-ତ-ର-ଙ୍ଗ' ଏହି ନାମରେ ମଧ୍ୟ ବନା ଯୁକ୍ତ ବର୍ଣ୍ଣ ନାହିଁ ।

ଏହି କାବ୍ୟରେ ଅତି ସଂକ୍ଷେପରେ ରାମଚନ୍ଦ୍ରଙ୍କର ଜନ୍ମଠାରୁ, ଅଯୋଧ୍ୟାକୁ ଫେରି ଆସିବା ପର୍ଯ୍ୟନ୍ତ ଚରିତ ବର୍ଣ୍ଣିତ । ବର୍ଣ୍ଣମାଳା ବିନ୍ୟାସରେ କଠୋର ନିୟମ ସତ୍ତ୍ୱେ, ସେ ଅନେକ ଶବ୍ଦାଳଙ୍କାର ପ୍ରୟୋଗ କରିଛନ୍ତି । ପୁଣି, ବର୍ଷାଋତୁ, ବସନ୍ତ ଋତୁ ପ୍ରଭୃତିର ବର୍ଣ୍ଣନା ଏବଂ ସୀତାଙ୍କର ଶୋଭା ବର୍ଣ୍ଣନାରେ ମଧ୍ୟ କବି-ପ୍ରତିଭା ପରିସ୍ଫୁଟ । ଅବନା ନିୟମର ଏଭଳି ବନ୍ଧନୀ ମଧ୍ୟରେ କବି କପରି ଭାବାଳୁତା ଫୁଟାଇ ପାରିଛନ୍ତି, ତାହା ଚିନ୍ତା କରିବାର କଥା ।

ଦୃଷ୍ଟାନ୍ତ ସ୍ୱରୂପ—

"ଏ ସମସ୍ତ ଖର ଖର          କରପତ୍ର ତର ତର
ପ୍ରବଳ ପ୍ରକଟ ଘଟ ଘଟ ଶବଦ
ପ୍ଲବଗଣ ଭକ ଭକ          ସମଦ ରବକ ବକ
ଖର ଖର ଅନ୍ତକର ପ୍ରଳୟ ପ୍ରଦ
ଲକ୍ଷଣ ଭରତ ସଗନ
ଉପେନ୍ଦ୍ର ଭଞ୍ଜର ଏ ରସ ରଚନ ।"
( ଚତୁର୍ଥ ଛାନ୍ଦ )

---

(୧) ଏହା ବ୍ୟାକରଣ ଶାସ୍ତ୍ର ସମ୍ମତ ନ ହେଲେ ହେଁ, ଓଡ଼ିଶାର ପ୍ରତିଷ୍ଠିତ ଲୋକ-ବ୍ୟବହାର ।

## (୯) ଶବ୍ଦକାବ୍ୟ ଚନ୍ଦ୍ରୋଦୟ—

ଭଞ୍ଜଙ୍କର ଏହା ଶେଷ ରଚନା ବୋଲି କୁହାଯାଇଥାଏ । କାରଣ, ସେ ଏଥିରେ ତାଙ୍କର ରଚିତ ପୁସ୍ତକମାନଙ୍କ ଭିତରୁ ଅନେକଙ୍କର ନାମୋଲ୍ଲେଖ କରିଅଛନ୍ତି । ତା ପରେ ଲେଖିଛନ୍ତି—

"ଏତେ ପ୍ରକାରେ କବି ଛାନ୍ଦ ଗୀତ
ଶେଷ କବିରେ କଳାଇଲି ଚିତ୍ତ ।"

କିନ୍ତୁ, ଏଥିରୁ ନିଃସନ୍ଦେହ ଭାବରେ ଏ କଥା ଧରିନେବା ଉଚିତ ନୁହେଁ ଯେ, ଏହା ପରେ ସେ ଆଉ ଲେଖନୀ ଚାଳନା କରି ନାହାନ୍ତି । ଏହାର ଏକମାତ୍ର ଅର୍ଥ ହେଉଛି, ଏ ଗ୍ରନ୍ଥ ଲେଖିଲା ବେଳକୁ ତାଙ୍କର ସାହିତ୍ୟ-ସୃଷ୍ଟି କ୍ଷେତ୍ରରେ ଶେଷ ଅବସ୍ଥା ପହଞ୍ଚି ଯାଇଥିଲା । ଏହା ପରେ ମଧ୍ୟ ଗୋଟାଏ ଖଣ୍ଡେ କାବ୍ୟ କମ୍ବା ସମୟ ଅନୁସାରେ କେତେକ କବିତା ସେ ରଚନା କରିଥାଇ ପାରନ୍ତି ।

କାବ୍ୟଟିକୁ ଦୁଇ ଭାଗରେ ବିଭକ୍ତ କରାଯାଇପାରେ । ପ୍ରଥମ ଭାଗରେ ଅବନା, ବନା, ଦ୍ୱି-ଅକ୍ଷର, ଏକାକ୍ଷର, ସକାରନ୍ୟସ୍ତ, ଅନ୍ତର୍ଲିପି, ବହିର୍ଲିପି ପ୍ରଭୃତିର ଦୃଷ୍ଟାନ୍ତମାନ ଦିଆଯାଇଛି । ଦ୍ୱିତୀୟରେ, ଏଥିରେ ବୟାଳିଶ ଗୋଟି ବନ୍ଧ ଅଛି । ପ୍ରତ୍ୟେକର ମୂଳ ରଚନା ବା କବିତା ଦିଆଯାଇଛି ଏବଂ ତାହାଁ ସଙ୍ଗେ ସଙ୍ଗେ, ବନ୍ଧରେ ସେଗୁଡ଼ିକର ବିନ୍ୟାସ ମଧ୍ୟ ଦେଖାଇ ଦିଆଯାଇଛି ।

ଏଥିରେ କବି ବିଭିନ୍ନ ପ୍ରକାରର ଶବ୍ଦାଳଙ୍କାର, ଶବ୍ଦଚିତ୍ର ପ୍ରଦର୍ଶନ କରିଛନ୍ତି । ଦ୍ୱିତୀୟ ଛାନ୍ଦରେ ଅବନା, ବନା, ଦ୍ୱି ଅକ୍ଷର (କେବଳ ଦୁଇଟି ଅକ୍ଷରର ପଦ), ତିନୋଟିଯାକ 'ସ'କାର ଥାଇ ପଦ ଇତ୍ୟାଦି ରହିଅଛି ।

ବନ୍ଧମାନଙ୍କ ମଧ୍ୟରେ 'ମହାରଥ ବନ୍ଧ'ର ରଚନା ଭାରତର ଭାବାତ୍ମକ ସମନ୍ୱୟ ( emotional integration ) ଦୃଷ୍ଟିରୁ ବଡ଼ ତାତ୍ପର୍ଯ୍ୟପୂର୍ଣ୍ଣ । କବି ଲେଖିଛନ୍ତି—

"ଶୁଣି ମାନଭଙ୍ଗେ ରଙ୍ଗେ ଅନାଇଲି
ମନ୍ଦେ ହସି କୁନ୍ଦଦନ୍ତୀ
ଜାଣିଲି ଏ ବନ୍ଦେ ସଂସ୍କୃତ ବଙ୍ଗଳା
ତୈଲଙ୍ଗ ଖରୋଠା ଗ୍ରନ୍ଥି ।"

ଓଡ଼ିଆ ଭାଷା ପାଖକୁ ସଂସ୍କୃତ, ବଙ୍ଗଳା, ତେଲୁଗୁ ଓ ଖରୋଠା ( ହିନ୍ଦୀ ପ୍ରଭୃତି ଉତ୍ତର ତଥା ମଧ୍ୟ-ଭାରତୀୟ ଭାଷା-ଉପଭାଷାର ଦ୍ୟୋତକ ), ଏଭଳି ପଞ୍ଚଭାଷା ଭିତରେ କ ଭଳି ଭାଷାଗତ ଭାରତୀୟ ମହାଜାତୀୟ ସଂହତି ରହିଅଛି, ତାହା ଏହାପରେ ଯଥାସ୍ଥାନରେ ଆଲୋଚିତ ହେଉଅଛି ।

## (୧୦) ରସ ପଂଚକ—

'ର-ସ-ପଂ-ଚ-କ', ଏହିପରି ପାଞ୍ଚୋଟି ଅକ୍ଷରକୁ ଆଦ୍ୟବର୍ଣ୍ଣ ନିୟମରେ ପ୍ରୟୋଗ କରାଯାଇ କାବ୍ୟଟି ରଚିତ ହୋଇଅଛି । ସୁତରାଂ, ଏହି ଦୃଷ୍ଟିରୁ କାବ୍ୟଟିକୁ ପାଞ୍ଚ ଭାଗରେ ବିଭକ୍ତ କରାଯାଇଛି । ଏହାର ଏହି ପଞ୍ଚବିଧ ବିଭାଗ ଭିତରେ, ବହୁବିଧ ଉପବିଭାଗ ରହିଅଛି । ଅଳଙ୍କାର ଶାସ୍ତ୍ର ଓ କାମଶାସ୍ତ୍ରର ତଥ୍ୟମାନ ଗ୍ରହଣ ପୂର୍ବକ ଏହା ରଚିତ ହୋଇଅଛି । (୧) 'ର' ବିଭାଗରେ ଅଛି—

(କ) ର'କାର ବୋଲି, ଯହିଁରେ ସତରଟି ପଦ ଲେଖାଯିବା ପରେ ନବରସ ବର୍ଣ୍ଣିତ ହୋଇଅଛି । ତା ପରେ ନାଟ୍ୟଶାସ୍ତ୍ର ପ୍ରତିପାଦିତ ରସର ଲକ୍ଷଣ ଅନୁସାରେ, ଉଦ୍ଦୀପନ ବିଭାବ ବିବୃତ ହୋଇଅଛି । ତା ପରେ, ଦଶ ଗୋଟି ଚଉପଦୀ ସନ୍ନିବେଶିତ ହୋଇଅଛି । ଯେଉଁଗୁଡ଼ିକର ବିଷୟବସ୍ତୁ ହେଉଛି, ନବାନୁରାଗ, ଉତ୍କଣ୍ଠା, ଉଣ୍ଟାଳାପ, ଦୂତୀ ନିବେଦନ, ପ୍ରାପ୍ତି ଇଚ୍ଛା ଇତ୍ୟାଦି ।

ତା ପରେ ଗୋଟିଏ ଚଉତିଶା ସନ୍ନିବେଶିତ । ଏଥିରେ ପ୍ରତ୍ୟେକ ପଦର ପ୍ରତ୍ୟେକ ପାଦ 'ର' ଅକ୍ଷରରେ ଆରମ୍ଭ । କିନ୍ତୁ, ଚଉବିଶଟି ପଦର ଶେଷରେ ଏକାଦିକ୍ରମେ 'କ' ଠାରୁ 'କ୍ଷ' ପର୍ଯ୍ୟନ୍ତ ଚଉବିଂଶଟି ଅକ୍ଷର ସନ୍ନିବେଶିତ । ଅର୍ଥାତ୍, ପ୍ରଥମ ଦୁଇ ପାଦର ଶେଷ ଅକ୍ଷର ଦୁଇଟି 'କ', ଦ୍ୱିତୀୟ ପଦର ଦୁଇ ପାଦର ଶେଷ ଅକ୍ଷର ଦୁଇଟି 'ଖ', ତା ପରେ ଗ, ଘ, ଇତ୍ୟାଦି । ଏହା ଗୋଟିଏ ନୂତନ ଧରଣର ଚଉତିଶା । ଏହିପରି ଭାବରେ ଓଡ଼ିଆ ପ୍ରମୋଦ-ସାହିତ୍ୟର ଆଳଙ୍କାରିକ ସୂକ୍ଷ୍ମ ରୂପେ ପରିଗଣିତ ବହୁ ବିଷୟ 'ରସପଂଚକ'ରେ ସମାବେଶିତ ।

---

(୧) ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରକାଶିତ 'କବି-କଳ୍ପଦ୍ରୁମ'ର ଭୂମିକାରେ ପ୍ରଦତ୍ତ ଓଡ଼ିଆ-ଅଳଙ୍କାର ବିଷୟକ ପୁସ୍ତକ ତାଲିକାରେ ଏହି 'ରସପଞ୍ଚକ' ଓ ଏଭଳି ଅନ୍ୟ କେତୋଟିର ନାମ (ପୃ-୨୪-୨୫) ନ ଥିବା ଦୁଃଖର କଥା ।

'ସ' ବିଭାଗରେ ନାୟକ ନାୟିକା ଭେଦ, ଯୌବନର ବିକାର, ପ୍ରେମଭାବ ଦୃଷ୍ଟିରୁ ନାରୀର ବହୁବିଧ ବିଭାଗ ଇତ୍ୟାଦି ଇତ୍ୟାଦି ନାନା କଥା ବର୍ଣ୍ଣିତ ।

ତୃତୀୟ ବିଭାଗରେ ନାରୀର ଅଷ୍ଟାବିଂଶତି ପ୍ରକାରର ସହଜ ଅଳଙ୍କାର ବର୍ଣ୍ଣିତ ଏବଂ ପ୍ରତ୍ୟେକ ପଦର ପ୍ରତ୍ୟେକ ପାଦ (ପୂର୍ବ ବିଭାଗର 'ସ' ଅକ୍ଷର ପରି) (ଏଠାରେ) 'ପ' ଅକ୍ଷରରେ ଆରମ୍ଭ ।

ଚତୁର୍ଥ ବିଭାଗରେ, 'ଚ' ଆଦ୍ୟ ନିୟମରେ ନାୟିକାର ବିଭିନ୍ନ ଭେଦ ଅଳଙ୍କାରରେ ବର୍ଣ୍ଣିତ । ପୁଣି, ମଞ୍ଜିଷ୍ଠା ପ୍ରଭୃତି ବିଭିନ୍ନ ଅନୁରାଗର ମଧ୍ୟ ବର୍ଣ୍ଣନା କରାଯାଇଛି ।

ପଞ୍ଚମ ବିଭାଗରେ, ପ୍ରତ୍ୟେକ ପଦର ପ୍ରତ୍ୟେକ ପାଦ 'କ' ଅକ୍ଷରରେ ଆରମ୍ଭ । ଏହା ବର୍ଣ୍ଣିତ, ମାଳବ, ସିଂହଳ, କୋଶଳ, ମହାରାଷ୍ଟ୍ର, କଳିଙ୍ଗ ପ୍ରଭୃତି ଦେଶମାନଙ୍କରେ ବାସ କରୁଥିବା ସ୍ତ୍ରୀମାନଙ୍କର ସାଧାରଣୀୟ ଲକ୍ଷଣ ଓ କାମଶାସ୍ତ୍ର ଅନ୍ତର୍ଗତ ଚୁମ୍ବନ ଆଦିର ବିଭିନ୍ନ ଭେଦ ସୁନ୍ଦର ଭାବରେ ବର୍ଣ୍ଣିତ ।

ଏ ଗ୍ରନ୍ଥର ଶେଷ ଅଂଶ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏଥିରେ କବି ନିଜର ବଂଶ, ନିଜର ଯୋଗ୍ୟତା, ଗୁଣ, ଶକ୍ତି ଓ ସାଧନା ସମ୍ପର୍କରେ ଏକ ଅତି ସଂକ୍ଷିପ୍ତ ଅଥଚ, ତତ୍ତ୍ୱପୂର୍ଣ୍ଣ ବିବରଣୀ ପ୍ରଦାନ କରିଅଛନ୍ତି । ତାହା ତାଙ୍କର ଜୀବନୀ ବର୍ଣ୍ଣନା ପ୍ରସଙ୍ଗରେ ଏହି ଆଲୋଚନାରେ ଅନ୍ୟତ୍ର ଉଦ୍ଧାର କରାଯାଇଛି । ବିଶେଷ କରି, ସେ ଯେଉଁ ସଂସ୍କୃତ ଗ୍ରନ୍ଥମାନଙ୍କର ନାମ ଉଲ୍ଲେଖ କରିଅଛନ୍ତି, ତାଙ୍କ ସାହିତ୍ୟର ଅବବୋଧ ଲାଗି ସେଗୁଡ଼ିକର ପରିଶୀଳନ ଆବଶ୍ୟକ, ଯଥା—ରସ ତରଙ୍ଗିଣୀ, ସାହିତ୍ୟ ଦର୍ପଣ, କାବ୍ୟପ୍ରକାଶ, କାମସୂତ୍ର (ସ୍ମରଶାସ୍ତ୍ର) ଓ କବି କଳ୍ପଲତା ।

## (୧୧) **ରାମଲୀଳାମୃତ**—(୧୪ ଛାନ୍ଦ)

ଏହା କବିଙ୍କର ରାମ ଚରିତ ବିଷୟକ ଏକ କ୍ଷୁଦ୍ର ରଚନା । ରାମଙ୍କର ଜନ୍ମଠାରୁ ପରଶୁରାମଙ୍କର ଗର୍ବ ଖର୍ବ ହେବା ପର୍ଯ୍ୟନ୍ତ ଏଥିରେ ବର୍ଣ୍ଣିତ । ତେବେ, ସୀତାଙ୍କର ବିବାହ ଚରିତ ଏଥିରେ ଅଧିକ ଗୁରୁତ୍ୱପୂର୍ଣ୍ଣ । ଏହା ଅଦ୍ୟାବଧି ଜଣାଯାଇଥିବା କବିଙ୍କର ରାମ ଚରିତ ବିଷୟକ ୪ଟି କାବ୍ୟରୁ ଗୋଟିଏ । ହୋଇପାରେ, କବିଙ୍କର ପିତାମହ ରାଜକବି ଧନଞ୍ଜୟ ତାଙ୍କର 'ଶ୍ରୀରାମ ବିଳାସ'

ବା 'ରଘୁନାଥ ବିଳାସ' କାବ୍ୟ ଲେଖିଲା ବେଳକୁ, କବି ଏହି କାବ୍ୟ ଲେଖି ସାରିଲେଣି (୧) । ପୁଣି ଏହି କାବ୍ୟର ରଚୟିତା ଭାବରେ 'ଶ୍ରୀରାମ ବିଳାସ'ର ସମୀକ୍ଷକ ହୋଇ ଜାଣିବା ଦୃଷ୍ଟିରୁ, ସେ ବୃଦ୍ଧ ଧନଞ୍ଜୟଙ୍କର ଅନୁରାଗ ଆକର୍ଷଣ କରି ପାରିଥାନ୍ତି । ଏହି କାବ୍ୟର ମୂଳରେ ସେ ହରି, ଶିବ, ଦୁର୍ଗା ଓ ଗଣେଶଙ୍କର ବନ୍ଦନା କରିଛନ୍ତି । ଆହୁରି ମଧ୍ୟ, ଷଷ୍ଠ ଓ ସପ୍ତମ ଛାନ୍ଦ ପ୍ରଭୃତିରେ ସେ ମୁଖ୍ୟ ଚାରୋଟି ଦେବତାଙ୍କର ବନ୍ଦନା କରିଛନ୍ତି । ଏହା ଗୋଟିଏ ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । 'ବୈଦେହୀଶ ବିଳାସ' ରାମତାରକ ମନ୍ତ୍ର ସିଦ୍ଧି ଲଭର ପରବର୍ତ୍ତୀ କାବ୍ୟ ବୋଲି ସାଧାରଣ ମତ । ସେହି କାବ୍ୟର ମୂଳରେ ସେ ବହୁ ଦେବ-ଦେବୀଙ୍କର ବନ୍ଦନା କରିଛନ୍ତି । ତେବେ, ପ୍ରକାଶିତ ଟୀକାରେ ପ୍ରଥମ ପଦର ତିନୋଟି ଅର୍ଥ ( ତିନି ଦେବତାଙ୍କ ପକ୍ଷରେ ) ଏବଂ ଦ୍ୱିତୀୟ ପଦର ଦୁଇଟି ଅର୍ଥ ( ଦୁଇ ଦେବତାଙ୍କ ପକ୍ଷରେ ) କରାଯାଇଛି । କିନ୍ତୁ, ତହିଁରେ ପଞ୍ଚଦେବତାଙ୍କର ବନ୍ଦନା କରାଯାଇଛି ବୋଲି ମୁଁ ମୋର 'ଭଞ୍ଜ ଜୀବନୀ' ପୁସ୍ତିକାରେ ଲେଖିଥିବାରୁ ଭଞ୍ଜ-ସାହିତ୍ୟ ଅନଭିଜ୍ଞ ଜଣେ ଲେଖକ ମତେ କଟୁ ସମାଲୋଚନା କରିଥିଲେ (୨)। 'ରାମ ଲୀଳାମୃତ'ରେ ଗୋଟିଏ ଗୋଟିଏ ପଦରେ କବି ଚାରି ଦେବ ଦେବୀଙ୍କ ବନ୍ଦନା କରିଛନ୍ତି ବୋଲି ସୁସ୍ପଷ୍ଟ ଶବ୍ଦରେ ଲିପିବଦ୍ଧ କରିଛନ୍ତି, ଯଥା—

(କ) "ବିଷ୍ଣୁ, ଶିବ, ଦୁର୍ଗା, ଗଣପତିଙ୍କ ସ୍ତୁତି
ପ୍ରବନ୍ଧ ଆଦ୍ୟରେ କରି କବି କରିଛନ୍ତି ।"
(ପ୍ରଥମ ଛାନ୍ଦ)

(ଖ) "ବୈଷ୍ଣବ, ଶୈବ, ଶାକ୍ତ, ଗାଣପତ୍ୟଙ୍କ
ହରଷଦାତା ପ୍ରବନ୍ଧନ ।"
(ଷଷ୍ଠ ଛାନ୍ଦ)

(ଗ) "ହିନା ହେ ବୈଷ୍ଣବ ଗାଣପତ୍ୟ ଶୈବ
ଶାକ୍ତ ଜାଣି ନାହିଁ କାରଣ ।"
(ସପ୍ତମ ଛାନ୍ଦ)

---

(୧) ଏହା ଠିକ୍ ନ ହୋଇପାରେ, ଯେହେତୁ ରାମତାରକ ମନ୍ତ୍ରର ପରବର୍ତ୍ତିତା ଯଥା ପ୍ରମାଣିତ ହୁଏ ।

(୨) [illegible]

(ଘ) "ବୈଷ୍ଣବ, ଶୈବ, ଶାକ୍ତ, ଗାଣପତ୍ୟ
ଶାସ୍ତ୍ର ଅନୁଭବେ ବୋଲନ୍ତି ନତ୍ୟ।"
(ଅଷ୍ଟମ ଛାନ୍ଦ)

ଲକ୍ଷ୍ୟ କରିବାର କଥା, ଅଳ୍ପ ବୟସର ରଚନାରେ ଯେ ଏକାଧ ଗୁରୁ ଦେବତାଙ୍କର ବନ୍ଦନା କରି ପାରିଥିଲେ, ତାଙ୍କର ସିଦ୍ଧି ଲାଭ ପରେ, ସର୍ବଶେଷ ଗ୍ରନ୍ଥରେ ଅନ୍ତତଃ ସେହି ଗୁରୁ ଦେବତାଙ୍କର ସ୍ତୁତି କରିଛନ୍ତି ବୋଲି ଧରି-ନେବାରେ ଲବମାତ୍ର ଆପତ୍ତିର ଆଶଙ୍କା ଥାଇ ନ ପାରେ। ଅଥଚ, ଏହି ଲେଖକ ବୃଥା କଷ୍ଟ ଆକ୍ଷେପ ବାଣରେ ବିଦ୍ଧ ହୋଇ, ପ୍ରତିପକ୍ଷର ଯୁକ୍ତିଗତ ଅସଙ୍ଗତି ଦେଖାଇ ଦେବାକୁ ବାଧ୍ୟ ହୋଇଥିଲି। ଏ ପ୍ରସଙ୍ଗରେ 'ସୁଭଦ୍ରା ପରିଣୟ'ର ବିବରଣୀ (ଏହା ଆଗରୁ ପ୍ରଦତ୍ତ) ମଧ୍ୟ ଦ୍ରଷ୍ଟବ୍ୟ।

'ବୈଦେହୀଶ ବିଳାସ'ର ମୂଲ୍ୟାୟନ କ୍ଷେତ୍ରରେ ଏହି କାବ୍ୟର ଅନୁଶୀଳନ ଏକାନ୍ତ ଆବଶ୍ୟକ। କାରଣ, ଚରିତର ସମତା ଦୃଷ୍ଟିରୁ ସୀତା ସ୍ୱୟମ୍ବର ପ୍ରଭୃତି କିପରି ଏହି କାବ୍ୟରେ ବର୍ଣ୍ଣିତ ଏବଂ 'ବୈଦେହୀଶ ବିଳାସ'ରେ ତାହାର ପରିମାର୍ଜ୍ଜନା କିପରି ସମ୍ପାଦିତ, ତାହା ସବୁ ବିଶ୍ଳେଷଣ ପୂର୍ବକ ଦେଖିବାକୁ ପଡ଼ିବ।

## (୧୨) ଛାନ୍ଦଭୂଷଣ—(୩୪ ଛାନ୍ଦ)

ଏହା ଧନଞ୍ଜୟଙ୍କର 'ରସ-କଲ୍ଲୋଳ' ପରି ୩୪ଶ ଛାନ୍ଦବିଶିଷ୍ଟ ଏକ ଦୀର୍ଘ କାବ୍ୟ। ଏହାର ଅଧିକାଂଶ ଛାନ୍ଦ ୨୦ ପଦ ବିଶିଷ୍ଟ। ଠିକ୍ କହିବାକୁ ଗଲେ, ପ୍ରଥମ ଛାନ୍ଦ (୩୯ ପଦ), ତ୍ରୟୋବିଂଶ ଛାନ୍ଦ (୧୯ପଦ) ଓ ଚତୁର୍ବିଂଶ ଛାନ୍ଦ (୧୮ ପଦ) ବ୍ୟତୀତ ଅନ୍ୟ ସମସ୍ତ ଛାନ୍ଦ ୨୦ ପଦ ବିଶିଷ୍ଟ। ପ୍ରଥମ ଛାନ୍ଦରେ ଲଳିତ ପଦ ବନ୍ଧରେ ପାଣ୍ଡିତ୍ୟପୂର୍ଣ୍ଣ ମଙ୍ଗଳାଚରଣ ସମାବେଶିତ। ଯେଉଁମାନେ ଅ-ରସିକ ଏବଂ କାବ୍ୟକଳାର ଗୁଣ ଦେଖିବାକୁ ଅକ୍ଷମ ହୋଇ କେବଳ ଦୋଷ-ଦର୍ଶନ-ତତ୍ପର, ସେମାନଙ୍କ ଲକ୍ଷ୍ୟରେ କବି ଲେଖିଛନ୍ତି—

"କେତେକ କଷ୍ଟେ ହୁଏ ଗୀତ ନାହିଁ ଏ ବିଗୁର
କରନ୍ତି ନାହିଁ ସେ ଭଲ କଥାକର ଆଦର।
କେବଳ ଦୋଷରେ ନିରନ୍ତର ଚିତ୍ତପର
କି ତପ କରି ସେ ଏହା ହୋଇଥାନ୍ତି ନର

କବି କୃଷ୍ଣ ଜନ୍ମ ସମ୍ପର୍କରେ ବଡ଼ ବିପ୍ଳବାତ୍ମକ ସୂଚନା ଦେଇଛନ୍ତି । କୃଷ୍ଣ ଜନ୍ମ ହୋଇ ଅବତାର ଗ୍ରହଣ କଲେ, ଅନେକ କାର୍ଯ୍ୟ କରିବେ । ତାଙ୍କ ଭିତରେ—

"କୁପତି ତସ୍କର ଚମୂ ଗରବ ଧ୍ୱଂସିବେ
କଜଭୁକେ ରାଜଶ୍ରୀ ତାରକା ବନାସିବେ ।"

ଏଠାରେ 'କୁପତି'ର ଅର୍ଥ—ଭୂପତି (=ରାଜା) । କାରଣ, 'ଅମର-କୋଷ'ର ପ୍ରମାଣ ଅନୁସାରେ, 'କୁ'ର ଅର୍ଥ ପୃଥିବୀ । ସୁତରାଂ, କୁପତି ଓ ଭୂପତି ଏକାର୍ଥବାଚକ । ଉପେନ୍ଦ୍ରଙ୍କ ଶାସନ ସମୟରେ, ଶାସକ ଗୋଷ୍ଠୀର ଅତ୍ୟାଚାର ଭୀଷଣ ରୂପ ଧାରଣ କରିଥିଲା । ସେତେବେଳକୁ ଓଡ଼ିଶାର ସ୍ୱାଧୀନତା ଅନସ୍ତ ହୋଇ ମୋଗଲ ଶାସନ ଚାଲିଥିଲା । ତେଣୁ, 'ଭୂପତି' ବା ଶାସକ ଗୋଷ୍ଠୀ ଏକପ୍ରକାର 'ତସ୍କର'-ଗୋଷ୍ଠୀରେ ପରିଣତ ହୋଇ ଯାଇଥିଲେ । ଭଞ୍ଜ ତାଙ୍କର ପାଠକମାନଙ୍କୁ କହିଛନ୍ତି ଯେ, ରାଜା ଯଦି ଅତ୍ୟାଚାରୀ ଓ ଗର୍ବୀ ହୁଏ, ତାକୁ ଧ୍ୱଂସ କରିବାକୁ ଭଗବାନ ଉପାୟ ଚିନ୍ତା କରିବେ । ତେଣୁ, ମାନବ ନିଜର ଚତୁର୍ଦ୍ଦିଗରେ ଅସତ୍ୟର ତାଣ୍ଡବଲୀଳା ଦେଖି ଅବଦମିତ ହୋଇଯିବା ଓ ମିଥ୍ୟାର ସମର୍ଥନ କରିବା ଉଚିତ ନୁହେଁ । ଏହି ଅନୁମାନର ସମର୍ଥକ ରୂପେ 'ପ୍ରେମ ସୁଧାନିଧି'ରୁ ଗୋଟିଏ ପଦ ଉଦ୍ଧାର କରାଯାଇପାରେ, ଯଥା—

"ତିରସ୍କାର କର ଯବନ ସ୍ୱାମୀ,
ତର୍ଷି ମୋହନ ଭାଷା ଏ ଭାରତୀ ।" (୧୬।୧୯)

ଅବଶ୍ୟ, ଏହାର ପ୍ରସଙ୍ଗ ଅଲଗା । ତେବେ, ବହୁଦର୍ଶୀ କବିମାନେ ଏଭଳି ଭାବରେ ନିଜର ମନକଥା ପ୍ରକାଶ କରିଥାଆନ୍ତି । ମହାକବି କାଳିଦାସଙ୍କର ସମୟ ନିରୂପଣରେ ପ୍ରବୃତ୍ତ ହୋଇ ପ୍ରାଚ୍ୟତତ୍ତ୍ୱବିତ୍ ପଣ୍ଡିତମାନେ ବିଭିନ୍ନ ଶତାବ୍ଦୀରେ ତାଙ୍କୁ ଅବସ୍ଥାପିତ କରିଥିଲେ ହେଁ, ଅଧିକାଂଶଙ୍କ ମତ ଯେ, ସେ ହେଉଛନ୍ତି ଗୁପ୍ତଯୁଗର କବି । ଏ ପ୍ରସଙ୍ଗରେ ମହାକବିଙ୍କ 'ରଘୁବଂଶ' ମହାକାବ୍ୟର "ଆସମୁଦ୍ର କ୍ଷିତୀଶାନାଂ" ଏବଂ 'ମେଘଦୂତ' କାବ୍ୟର "ତତ୍ର ସ୍କନ୍ଦଂ ନିୟତ ବସତିଂ" ପ୍ରଭୃତି ଉଦ୍ଧାର କରି ସେମାନେ କହନ୍ତି, ଏଥିରେ ମହାରାଜା ସମୁଦ୍ରଗୁପ୍ତ ଓ ସ୍କନ୍ଦ ଗୁପ୍ତଙ୍କ କଥା ମଧ୍ୟ କାଳିଦାସ ସୂଚନାରେ ବର୍ଣ୍ଣନା କରିଛନ୍ତି । ଏଠାରେ ମଧ୍ୟ ସେ କାଳର ଶାସକ ଗୋଷ୍ଠୀଙ୍କର ସଙ୍କେତ ଥିବାର ଅନୁମାନ କରାଯାଇଥାଏ ।

ଶ୍ରୀକୃଷ୍ଣଙ୍କର ଅବତାର ଗ୍ରହଣ ମୁଖ୍ୟତଃ କଂସବଧ ପାଇଁ ଉଦ୍ଦିଷ୍ଟ । ତାଙ୍କ ଅତ୍ୟାଚାରରେ 'ବେଠି-ବେଗାରି' ପ୍ରଭୃତିର ବ୍ୟାପକ ପ୍ରସାର ସମାଜକୁ କଳୁଷିତ କରି ଦେଇଥିଲା । ରାଜା ବିରୁଦ୍ଧରେ ମନ୍ତ୍ରଣା କରିବାକୁ ହେଲେ, ସହର ବା ଗ୍ରାମ ଉପଯୁକ୍ତ ସ୍ଥାନ ନୁହେ । କାରଣ, ଗୁପ୍ତଚରମାନେ ( ଆଜିର C. I. D. ) ସବୁ ଖବର ରାଜାଙ୍କ ପାଖରେ ପହଞ୍ଚାଇ ଦେଇ, ମନ୍ତ୍ରଣାକାରୀଙ୍କୁ ଦଣ୍ଡ ଦିଆଇ ପାରନ୍ତି । ତେଣୁ, ଜନଗହଳ ଅଞ୍ଚଳ ତ୍ୟାଗ କରି, ନିର୍ଜନ ନଦୀତୀର, ତୋଟାମାଳ, ଜଙ୍ଗଲ, ପାହାଡ଼ ପ୍ରଭୃତିରେ ଶ୍ରୀକୃଷ୍ଣ ତାଙ୍କର ବନ୍ଧୁମାନଙ୍କ ସହିତ ଗୋପନ ମନ୍ତ୍ରଣାମୂଳକ ଲୀଳାଖେଳା କରିଥିବାର କବି ଲେଖିଛନ୍ତି । ତାଙ୍କ ଭାଷାରେ—

"ଗୁରୁ ନିକୁଞ୍ଜ ଲୋକ ଅଗୋଚର
ଚକ୍ରବର୍ତ୍ତୀ ଅନ୍ତଃପୁର ପ୍ରକାର ।
ଚନ୍ଦ୍ର ସୂର୍ଯ୍ୟର ଅଗମିତ ହୋଇ
ଚକ୍ରକାନ୍ତି ଗିରି ଶୋଭାକୁ ଖାଇ ।" (୭।୪)

ରାଜ-ଦରବାରରେ ଯାହାର ଜନ୍ମ, ସେ ଭଲ କରି ଜାଣିପାରେ, ରାଜାଙ୍କ ବିରୁଦ୍ଧରେ କପଟ ଓ କେଉଁଠାରେ ମନ୍ତ୍ରଣା ଓ ଷଡ଼ଯନ୍ତ୍ର ପ୍ରଭୃତି ହୁଏ । ପୃଥିବୀର ସବୁ ଦେଶରେ ଓ ସବୁ ସ୍ଥାନରେ ଗୁପ୍ତ ମନ୍ତ୍ରଣାର ସ୍ଥାନ ଭୂଗର୍ଭ-ଆବାସ କିମ୍ବା ନିର୍ଜନ ବନ ପର୍ବତ । ଘୁମୁସରର ପ୍ରଜାମେଳି ମଧ୍ୟ ଭଞ୍ଜେ ଦେଖିଥିବେ । ସୁତରାଂ, କପଟ ସ୍ଥାନରେ ଶ୍ରୀକୃଷ୍ଣ ତାଙ୍କର 'ଲୀଳା' ପ୍ରଥମେ ବିସ୍ତାର କରିଥିଲେ, ଉଦ୍ଧୃତ ପଦ୍ୟରେ ତାର ସଙ୍କେତ ଲୁକ୍କାୟିତ ହୋଇ ରହିଛି । ଏଭଳି କେତେକ ଐତିହାସିକ ସୂତ୍ର ଏ କାବ୍ୟରୁ ମିଳିଥାଏ ।

## ଶୈଳୀ-ବିଶେଷତ୍ୱ —

ଏହାର ରଚନା-ଶୈଳୀ ବିଲକ୍ଷଣ । ଲୋକେ ଚଉତିଶା ଲେଖି, କ, ଖ, ଗ, ଘ ପ୍ରଭୃତି ୩୪ ଅକ୍ଷରକୁ ଆଦ୍ୟରେ ରଖି ଚଉତିରିଶଟି ପଦ ( ବା ତାର ୨।୪ ଗୁଣ ପଦ )ରେ ରଚନା ଲେଖିବାରୁ, ଉପେନ୍ଦ୍ର ୩୪ଟି ବର୍ଣ୍ଣ ଆଗରେ ( ପ୍ରତି ପଦର, ପ୍ରତି ପାଦର ) ରଖି, ପ୍ରତି ଅକ୍ଷର ପାଇଁ ଗୋଟିଏ ଗୋଟିଏ ପୂରା ଛାନ୍ଦ ଲେଖି ଯାଇଛନ୍ତି । ଅର୍ଥାତ୍, କ ପାଇଁ, ଖ ପାଇଁ, ଏପରି ୩୪ଟି ଅକ୍ଷର ପାଇଁ ୩୪ଟି ଛାନ୍ଦ ଏଥିରେ ସମାବେଶିତ । ଏହାକୁ ଏକ ଛାନ୍ଦ-ଚଉତିଶା କହିଲେ ଅସତ୍ୟ ବା ଅସଙ୍ଗତ ହେବ ନାହିଁ । କବିସୂର୍ଯ୍ୟଙ୍କ ଓଡ଼ିଆ ଚମ୍ପୂ-ଗୀତାବଳୀ ଏହି ଭଞ୍ଜୀୟ କାବ୍ୟର ଅନୁକରଣ ବୋଲି ଅନୁମିତ ହୁଏ ।

## (୧୩) ଗୀତାଭିଧାନ—

ଏହା ଗୋଟିଏ କ୍ଷୁଦ୍ର ରଚନା । ଅଭିଧାନମାନଙ୍କରେ ଆଜିକାଲି ବର୍ଣ୍ଣମାଳାର ଅ, ଆ କ୍ରମରେ ଶବ୍ଦମାନଙ୍କୁ ସମାବେଶିତ କରାଯାଉଛି । ସଂସ୍କୃତ ଅଭିଧାନମାନଙ୍କରେ କିନ୍ତୁ ଦ୍ରବ୍ୟମାନଙ୍କର ବର୍ଗ ଅନୁସାରେ ବିଭିନ୍ନ ଦ୍ରବ୍ୟବୋଧକ ଶବ୍ଦମାନଙ୍କୁ ସଙ୍କଳିତ କରାଯାଇ ରଖାଯାଇଥିବାର ଦେଖାଯାଏ । ତେବେ, କେତେକ ନିର୍ଦ୍ଦିଷ୍ଟ ସ୍ଥଳରେ ଆଜ ଏକ କ୍ରମ ଅବଲମ୍ବିତ ହୋଇଅଛି । ଉଦାହରଣ ସ୍ୱରୂପ, ବିଖ୍ୟାତ କୋଷଗ୍ରନ୍ଥ 'ଅମରକୋଷ'ର 'ନାନାର୍ଥ ବର୍ଗ' । ଏହି ବର୍ଗରେ ଅ ଠାରୁ କ୍ଷ ପର୍ଯ୍ୟନ୍ତ କ୍ରମ ଅବଲମ୍ବିତ ହୋଇଛି, ସତ, କିନ୍ତୁ ଶବ୍ଦଗୁଡ଼ିକର ଶେଷ ଅକ୍ଷରକୁ ଧରି ତାଲିକା ପ୍ରସ୍ତୁତ ହୋଇଛି ଓ ଅର୍ଥ ସୂଚିତ କରାଯାଇଛି । ସେ ଅନୁସାରେ କାନ୍ତ ବର୍ଗ, ଖାନ୍ତ ବର୍ଗ, ଗାନ୍ତ ବର୍ଗ; ଅର୍ଥାତ୍, କ ଅକ୍ଷର ଯାହାର ଅନ୍ତ୍ୟ ଅକ୍ଷର, ଖ ଯାହାର ଅନ୍ତ୍ୟ ଅକ୍ଷର, ଗ ଯାହାର ଅନ୍ତ୍ୟ ଅକ୍ଷର, ସେଭଳି ଗୋଟିଏ ଗୋଟିଏ ବର୍ଗ ହୋଇ ଏକାଦିକ୍ରମେ ସଙ୍କଳିତ ହୋଇ ରହିଛି । 'କ' ଅନ୍ତରେ ଯାହାର ସେ 'କାନ୍ତ' (ବର୍ଗ), 'ଖ' ଅନ୍ତରେ ଯାହାର ସେ 'ଖାନ୍ତ' (ବର୍ଗ) ଇତ୍ୟାଦି ।

ଯେତେବେଳେ ସଂସ୍କୃତ ଅଭିଧାନ ମୁଖସ୍ଥ ନ କଲେ, ଗ୍ରନ୍ଥ ବ୍ୟାଖ୍ୟାନରେ ଗୌରବ ଅର୍ଜନ ସମ୍ଭବପର ନ ଥିଲା, ସେତିକବେଳେ ଖୋଦ ଓଡ଼ିଆ ପାଠକ-ମାନଙ୍କ ପାଇଁ ଉପେନ୍ଦ୍ର ଭଞ୍ଜ ଗୀତରେ 'ଅଭିଧାନ' ପ୍ରସ୍ତୁତ କରି, ଓଡ଼ିଶାର ଶିକ୍ଷା-ରାଜ୍ୟକୁ ବିପୁଳ ଦାନ ଦେଇଅଛନ୍ତି । ହୁଏତ ଭାରତର ପ୍ରାଦେଶିକ ସାହିତ୍ୟରେ ତାଙ୍କ ସମୟକୁ ଏଭଳି ଉଦ୍ୟମ ହୋଇ ନାହିଁ ବୋଲି ଆମର ଧାରଣା ।

ଏବେ କିଛିଦିନ ତଳେ (୧୬-୬-୭୪) ଶୁଣିବାକୁ ପାଇଲି ଯେ, ଏବେ ଯେଉଁ 'ଗୀତାଭିଧାନ' ଛପାଯାଇଛି, ତାହା କୁଆଡ଼େ ସମ୍ପୂର୍ଣ୍ଣ ନୁହେ । ଜଣେ ସାହିତ୍ୟିକ-ବନ୍ଧୁ ପୂର୍ଣ୍ଣାବୟବ ଗୀତାଭିଧାନ ପାଇଛନ୍ତି । ତହିଁରେ କୁଆଡ଼େ ଆହୁରି ଅନେକ ଶବ୍ଦ ବିଭିନ୍ନ ବର୍ଗରେ ରହିଅଛି ଏବଂ ଭଞ୍ଜେ ନସ କାଳର ବହୁ ସଂସ୍କୃତ ଗ୍ରନ୍ଥ ଲେଖକଙ୍କ ପରି ନିଜକୁ 'କବି ସାର୍ବଭୌମ' ବୋଲି ସଙ୍କେତରେ କହିଅଛନ୍ତି ! ଏ ଗ୍ରନ୍ଥ ପ୍ରକାଶ ପାଇଲେ 'କବି ସମ୍ରାଟ୍' ଉପାଧିର ଇତିହାସ କ୍ଷେତ୍ରରେ ଅଧିକ ଆଲୋକପାତ କରି ହେବ ।

## (୧୪) **ରସଲେଖା**—(୨୨ ଛାନ୍ଦ)

ଏହି କାବ୍ୟ କବିଙ୍କର 'ହରିହର' ବନ୍ଦନାରେ ସୁରଭିତ ହୋଇ ଉଠିଛି । ସବୁ ଛାନ୍ଦରେ ବିଷ୍ଣୁ ଓ ଶିବଙ୍କୁ ସମ୍ମାନ ଦେଖାଇବାକୁ ଯାଇ, କବି ବୈଷ୍ଣବ ଓ ଶୈବମାନଙ୍କ ମଧ୍ୟରେ ଥିବା ଉପାସନାଗତ ଭେଦ ଭାବର ବିଷବଲ୍ଲୀକୁ ସମୂଳେ ଉତ୍ପାଟିତ କରିବାକୁ ଚେଷ୍ଟା କରିଛନ୍ତି ।

ଉତ୍କଳଦେଶ ରାଜକୁମାରୀ ଏବଂ କପିଞ୍ଜଳ ଋଷିଙ୍କର କନ୍ୟା ରସଲେଖା ଓ ସୁଧାନିଧି ନାମକ ନଗରର ରାଜକୁମାର ବିଶ୍ୱଭୂତିଙ୍କର ପ୍ରଣୟଲୀଳା ଏହାର ଉପଜୀବ୍ୟ ବିଷୟ ।

ମଧୁର କଳ୍ପନା, କୋମଳ ପଦାବଳୀ ଏବଂ ମଧ୍ୟଯୁଗୀୟ ସରସ ରୂପାୟନରେ 'ରସଲେଖା' ସମଗ୍ର ଭଞ୍ଜ-ସାହିତ୍ୟରେ ସ୍ୱତନ୍ତ୍ର ସମ୍ମାନର ଅଧିକାରୀ । ପଞ୍ଚମ ଛାନ୍ଦରେ କାବ୍ୟ-ନାୟିକା 'ରସଲେଖା'ର ରୂପଲାବଣ୍ୟ ବର୍ଣ୍ଣନା କରି କବି ଯାହା ଲେଖିଛନ୍ତି, ସେଥିରୁ କେତୋଟି ପଂକ୍ତି ଉଦ୍ଧାର ନ କରି ରହି ହେଉ ନାହିଁ ।

"ତହିଁ ନୟନ ଗଣ୍ଡକ ଅନାଇ
ହୋଇ ଅଗତି ମନ୍ତରେ ଛାନଇ ।
କିଏ କୁରଙ୍ଗ କି ଅବା ଭୁରଙ୍ଗ
ଏଣି ଚେଣିକ କରୁଛି ସୁରଙ୍ଗ ।

କିଏ ନବ ବିକଚ ପଦ୍ମଦଳ
ପଡ଼ି କାଳିନ୍ଦୀ ଜଳେ ଢଳଢଳ ।
କିଏ ସୁଧାସିନ୍ଧୁରୁ ଅବତରି
ହୁଏ ତରଳ ଗରଳ ଲହରୀ ।

କି ଏ ଗଙ୍ଗା କଲ୍ଲୋଳ ବାତ ଯୋଗେ
ମୀନ ଉପୁଳ ଚଳେ ଦୁଇଦିଗେ ।
କି ଏ ସୁଧା ମନ୍ଦିରେ କରେ ନାଟ
ବାଦ ଆରମ୍ଭୀ କେଳି ଖଞ୍ଜରୀଟ ।

କିଏ ପଦ୍ମେ ଉଡ଼ି ବସେ ଭ୍ରମର
ଯହିଁ ମୋହିତ ହୋଇବେ ଅମର ।

କି ବା ବଶିଷ ବନ୍ଧ ଶିଖେ ମାର
ହର ଏ ଡରୁ ହେଲେ କି ପଥର ।

ଏହି ସମୟେ ନବୀନ କିଶୋରୀ
ମଣ୍ଡି ଶିରୀ ଶିରୀଷ-ସୁକୁମାରୀ ।
ଧରୁ ଅଶୋକ ଡାଳକୁ ଅଳସ
ଭାଙ୍ଗୁ ଦର୍ଶିଲ ସେ କୁଚ କଳସ ।

ସେହି ଶୋଭା କରଣ ଅଲୌକିକ
ଏତେ ଶତେ ବର୍ଣ୍ଣିଲ ରସିକ ।
କି ଏ ମାତୁଳଙ୍ଗ ଫଳ ଶ୍ରୀଫଳ
କିବା କମଳ କି ଏ ନାରିକେଳ ।

କଳ୍ପ ପାଦପରେ ଫଳ ଅଛି ତ
କେଉଁ ଫଳେ ନୋହୁଛି ଏ ଲକ୍ଷିତ ।
ମାଳୀ ସେବିତ ହୋଇଅଛି ଯେଣୁ
ହେମ ଭୂମିରୁ ଜାତ ଶମ୍ଭୁ ଏଣୁ ।

କି ଏ କୃଷ୍ଣ ବାଳଲୀଳା କନ୍ଦୁକ
କି ଏ ରତି ରଞ୍ଜନ ସମ୍ପୁଟକ ।
କି ଏ ଲାବଣ୍ୟ ଧର ଚକ୍ରବାକ
କି ଏ ନବ-ସରସିଜ କୋରକ ।

କି ଏ ପୀୟୂଷ କୋଷ ମନୋହର
କି ଏ କୁମ୍ଭ ଯଉବନ-କରୀର ।
କି ଏ ମନସିଜ ଶିର ଟୋପର
କି ଏ ମଲ୍ଲ ସାଧନକାରୀ ଘର ।

କି ଏ ଉଲଟି କନକ କଟୋରୀ
ଯୋଡ଼ା ହୋଇଛି ପ୍ରେମରସ ଭରି ।
କି ଏ ବାଣୀ ବୀଣା ତୁମ୍ବୀ ଯୁଗଳ
ହରିଭାଳ ଚନ୍ଦରେ ମହୋଜ୍ଜ୍ୱଳ ।

କି ଏ ପ୍ରାସାଦ କି ଅବା ଜଗତ୍ତି
ଏତେ ଦ୍ରବ୍ୟ ସମ୍ଭୃତ ହୋଇଛନ୍ତି ।
ପୃଥୁ ବର୍ତ୍ତୁଳ ଉଚ୍ଚ କର୍କଶତା
ମୃଗମଦ ଅବା ସରସୁକତା ?

କାଳୀ ମସ୍ତକେ ମଦର ଘରାସେ
ପୁଣି ରୋମାଳୀ ପରେ ଶୋଭାପାଏ ।
ଏ କାଳେ ଛନ୍ଦ ପାଦ ପାଦତଳେ
ଉଭା ହୋଇବା କ୍ଷଣି ଯେ ସେଠାରେ ।

ତହୁଁ ଶୋଭାରେ ଯେ ନେଇ ମଣ୍ଡିଲା
ମନୁ କେତେ ଉପମା ଉପୁଜିଲା ।
କି ଏ ଉଲଟ କନକ କଦଳୀ
କି ଏ ସୁବାଟଭ୍ର ବନ୍ଧା ଅର୍ଗଳୀ ।

କି ଏ ହରତାଳ ନଗ ପୁଳନ
କି ଏ ସ୍ୱର୍ଗ ଆରୋହଣ ସୋପାନ ।
କି ଏ ହିମକର କର ସୁଗୁରୁ
କି ଏ ମଦନ ସାଧନ କୁନ୍ଦୁରୁ ।

କି ଏ ବରହ-ସାଗର ତରଣୀ
ସବୁ ଶୋଭାର ଅଟଇ ଅଗ୍ରଣୀ ।
ଦନ୍ତୀ ଦନ୍ତ କୁନ୍ଦଣ ସ୍ତମ୍ଭ ରୋପି
କି କୁଙ୍କୁମ ଦେଇଛି ଧାତା ଲେପି ।

କି ଏ ବଶ୍ୱକେତୁର ସିଂହାସନ
ଭୋଗ କରିବାକୁ ହେବ ଭାଜନ ।
ବହୁ ଥର ଗଙ୍ଗାରେ ଥିଲେ ଝାସି
ତଥାପି ଅଶେଷ ତପେ କାଶୀବାସୀ ।

## (୧୫) **ଭାବବତୀ**—(୭ ଛାନ୍ଦ)

'ଭାବବତୀ', ଏହା ଭଞ୍ଜଙ୍କର ପ୍ରାଥମିକ ସ୍ତରର କାବ୍ୟରୂପେ ଅନୁମିତ ହୋଇଥାଏ । ଏହାର ଷଷ୍ଠ ଛାନ୍ଦ ଶେଷରେ କବି ନିଜକୁ 'ମଙ୍ଗରାଜ' ରୂପେ ପରିଚିତ କରାଇଛନ୍ତି, ଯଥା—

"ସୀତାରାମ ପଦ୍ମ ଚରଣ ଗୁଣି
ଉପଇନ୍ଦ୍ର ମଙ୍ଗରାଜ ଏ ଭଣି ।"

ଏହି 'ମଙ୍ଗରାଜ' ଶବ୍ଦ ସମ୍ପର୍କରେ ଏହା ପରେ ଆଲୋଚନା କରାଯାଉଛି । ଏହାର ପଞ୍ଚମ ଛାନ୍ଦରେ 'ମଧୁପ'କୁ ସମ୍ବୋଧନ କରାଯାଇ, ରାଜକୁମାରର ମନୋଭାବ ପ୍ରକାଶ କରାଯାଇଛି ।

'ଭାବବତୀ' ହେଉଛି କେରଳ ଦେଶର ରାଜକୁମାରୀ । ଚୋଳ ଦେଶର ରାଜକୁମାର ସହିତ ଭାବବତୀର ବିବାହ ଏଥିରେ ବର୍ଣ୍ଣିତ । ପ୍ରାଥମିକ ସ୍ତରର ରଚନା ହୋଇଥିଲେ ହେଁ, ସ୍ଥାନେ ସ୍ଥାନେ ମନୋରମ କବିତ୍ୱ ପ୍ରକଟିତ—

ହେଲା ବରଷା କାଳ ସୁରଞ୍ଜନ
ନଭ ଲେପିଦେଲା ପ୍ରାୟେ ଅଞ୍ଜନ ।
ଆସି ଆଷାଢ଼ ଯେ ଘନ ଘୋଡ଼ାଇ
ଗିରି ଗଳା ଦେଖାଇଲା ବଢ଼ାଇ । ଚତୁର୍ଥ ଛାନ୍ଦ ୧ ।

ଅନବାର ଜଳଧାର ପ୍ରକାଶ
ଲୋକ ଲୋଚନେ ନୋହିଲା ଆକାଶ ।
ପରି ତଟିନୀ ତଟକୁ ଗ୍ରାସିଲା
ଫେନମୟ ଜଳ ଶୋଭା ବହିଲା । ୨ ।

ରଖି ବରହୀ ଶିରେ ବରହୀଣ
ନୃତ୍ୟ କଲେ ଗିରିଶିଖେ ରହିଣ ।
ଅନୁକ୍ଷଣେ ଧ୍ୱନି କଲେ ଦର୍ଦ୍ଦୁର
ଶୁଣି କାମେ ଚେତନା ହେଲା ଦୂର । ୩ ।

ବନ ଅନଳ ନାଶକୁ ଭଜିଲେ
କେକୀ ଡାହୁକମାନେ ଗରଜିଲେ ।
ସରସିଜ ନାଳ କରି ସମ୍ବଳ
ମେରୁ ଗମନ କଲେ ହଂସକୁଳ । ୪ ।

ଝଟଝଟ ହୋଇ ବିଦ୍ୟୁ ଚମକ
କି ସେ କାମ କରବାଳ ଝମକ ।
ଘରକାଶିଣି ଘୋର ଅନ୍ଧକାର
ନିଶି ଦିବସ କଲ୍ ଏକାକାର । ୫ ।

କାମଭସ୍ମ ଧାତା ଫୁଲ୍ଲ ବିଶିଖ
ଫଡ଼ି ଚଢ଼କ ଚୂନା ଗିରିଶିଖ ।
ମହୀଧରରୁ ନିର୍ଝର ବହିଲେ
କରୀ ମଦଧାର ପ୍ରାୟେ ଶୋହିଲେ । ୬ ।

ଅବନୀରୁ ଇନ୍ଦ୍ର ଗୋପ ଜନିତ
ହ୍ରଦ ଦୁଲୁ ଦୁଲୁ କଲେ ସ୍ତନିତ ।
ମକ ମକ ଧ୍ୱନି କଲେ ଶାମୁକ
ବନପ୍ରିୟ ଶୁଣି ଭଜିଲେ ମୂକ । ୭ ।

ବନେ ସୁଗନ୍ଧ ମାଳତୀ ଫୁଟିଲେ
ବାସ ଅନୁସରି ଭୃଙ୍ଗେ ମାତିଲେ
ଘୁଡ଼ି ଉଦର କେତକୀ ପ୍ରକାଶ
କଲେ ଦମ୍ପତି ମାନସ ଉଲ୍ଲାସ । ୮ ।

ଛଦ ଶୋଭା ଛତ୍ରମାନେ ଲଭିଲେ
ଜାତି ଯୂଥିକା ସୁମନେ ଶୋଭିଲେ ।
ଜ୍ୟୋତି ପ୍ରକାଶିତ ଜ୍ୟୋତିରିଙ୍ଗଣ
ପଥ ପିଚ୍ଛିଳ ପଥିକରିଙ୍ଗଣ । ୯ ।

ଲୋଧ୍ର ଶିଲୀନ୍ଧ୍ର ପୁଷ୍ପେ ଶୋଭାରାଶି
ଚନ୍ଦ୍ର ସୂର୍ଯ୍ୟ ଦରଶନ ଗରାସି
କରି ଦର୍ଶନ ଏ ଋତୁ କୁମାର
କଲା ପ୍ରହାର ତୀକ୍ଷ୍ଣ ଶର ମାର । ୧୦ ।

## (୧୬) ସୁବର୍ଣ୍ଣରେଖା—(୫ ଛାନ୍ଦ)

ମାତ୍ର ୫ଟି ଛାନ୍ଦର ଏହି କାବ୍ୟ ଭଞ୍ଜଙ୍କର ପ୍ରାଥମିକ ରଚନା ବୋଲି କୁହାଯାଇଥାଏ । କୋଶଳ ରାଜପୁତ୍ର ଏହି କାବ୍ୟର ନାୟକ । ନାୟିକା ହେଉଛି ଅନ୍ୟ ଦେଶୀୟ ମନ୍ତ୍ରୀ-ନନ୍ଦନୀ । ତେବେ, ଏହାର ଶେଷ ଛାନ୍ଦର ଗୋଟିଏ ଅଂଶ ବିଶେଷ ଗୁରୁତ୍ୱପୂର୍ଣ୍ଣ । ତାହା ହେଉଛି–

"ପାଞ୍ଚ ଛାନ୍ଦେ ଶେଷ ହୋଇଲା ଏ ରସ
କରିବ ରସିକ ବଶ
ହେ ଜନେ ପ୍ରେମ ସୁ— ଧାନିଧି ରସିକ
ହାରାବଳୀର ଏ ଶେଷ ।"

'ପ୍ରେମ ସୁଧାନିଧି' ଓ 'ରସିକ ହାରାବଳୀ'ର ନାୟକ ହେଉଛି କୋଶଳ ଦେଶର । ସ୍ପଷ୍ଟ ଜଣାଯାଏ, 'ପ୍ରେମ ସୁଧାନିଧି' ଓ 'ରସିକ ହାରାବଳୀ' ପରେ ଏହା ରଚିତ ହୋଇଛି । ସୁତରାଂ, ଏହି କ୍ଷୁଦ୍ର କାବ୍ୟକୁ ଭଞ୍ଜଙ୍କର ପ୍ରାଥମିକ ସ୍ତର ରଚନା ରୂପେ ପ୍ରତିପାଦନ କରାଯାଇ ନ ପାରେ ।

## (୧୭) ଯମକରାଜ ଚଉତିଶା –

'ଯମକରାଜ ଚଉତିଶା' ନାମରୁ ଜଣାଯାଏ, ଏଥିରେ ୩୪ ଗୋଟି ସ୍ତବକ ଅଛି । ଏହାର ବିଷୟ—ଶ୍ରୀକୃଷ୍ଣ କୋକିଳ ଆଗରେ ଶ୍ରୀରାଧାଙ୍କ ପ୍ରତି ନିଜର ପ୍ରେମଭାବ ପ୍ରକାଶ କରିଅଛନ୍ତି । ଏଥିରେ ଯମକ ଅଳଙ୍କାର ବ୍ୟାପକ ଭାବରେ ପ୍ରଯୁକ୍ତ ହୋଇଥିବାରୁ, ଏଭଳି ନାମରେ ରଚନାଟିକୁ ନାମିତ କରାଯାଇଛି । ଯମକ ଅଳଙ୍କାରର ପ୍ରାଚୁର୍ଯ୍ୟ ସୂଚକ ଗୋଟିଏ ପଦ ଏଠାରେ ଉଦ୍ଧାର କରାଯାଉଛି—

"ଖଞ୍ଜନ ନୟନୀ କଟକ କଟକ କଟକ କଟକ ଶୋଭନୀ
ଖେଦକୁ ଯୋନିବ ହାଟକ ହାଟକ ହାଟକ ସୁମନ ମୋହନୀ
କୋକିଳ, ଖିତିମଣ୍ଡନା ଖଞ୍ଜାନନୀ,
ଖଞ୍ଜିଥିଲି ପ୍ରୀତି କଟକ କଟକ କଟକ ସୁସ୍ତନା ଗମନୀ ।

ଗଜାନାଜା ମୋର ପ୍ରିୟୁକ ପ୍ରିୟୁକ ପ୍ରିୟୁକ ପ୍ରିୟୁକ ଦେଖିବ
ଗଣ୍ଡୁଶ ନ ଧରି ପ୍ରିୟୁକ ପ୍ରିୟୁକ ପ୍ରିୟୁକ ମୋହନୀ ହସିବ
କୋକିଳ, ଗୁଣମଣି କେତେହେଁ ବଞ୍ଚିବ,
ଗୁରୁସମ ମଣି ତରଳ ତରଳ ତରଳ ଡୋଳା ହେଉଥିବ ।

ଦୂର କରିଥିବ ନବୀନ ମାଳିକା ମାଳିକା ମାଳିକା ମାଳିକା
ଦହିବ ମଦନ ମାଳିକା ମାଳିକା ମାଳିକା ନିଃସ୍ୱନେ ବାଳିକା
କୋକିଳ, ଦୂର କରିବ ମୋ ଦୁଃଖକୁ
ଦୁଃଖ ଧ୍ୱଂସିନୀ ମୋ ମଣିବ ଅଳକ ଅଳକ ଅଳକ କରକୁ ।

ଯୋଷାମଣି ମୀନକେତନ କେତନ କେତନ କେତନ ରସାଇ
ଯେବେ ରୁହିଁଦେବ କେତନ କେତନ କେତନ ତେବେ ମୋହ ଯାଇ
କୋକିଳ, ଯତନେ ତାର ସଖୀଗଣ
ଯୁବତୀ ଶରୀର କାଞ୍ଚନ କାଞ୍ଚନ କାଞ୍ଚନ କରିବେ ଲେପନ ।

ଶ୍ରୀ ବିଶ୍ୱନାଥ କରଙ୍କର ପ୍ରାଞ୍ଜଳ ଟୀକା ଏହାର ଅବବୋଧରେ ବିଶେଷ ସହାୟକ ।

## (୧୮) **ଚୌପଦୀ ଚନ୍ଦ୍ର** —

ପଣ୍ଡିତ ସୂର୍ଯ୍ୟନାରାୟଣ ଦାଶ ଲେଖିଛନ୍ତି—

"ଚମ୍ପୂ—ଉପେନ୍ଦ୍ରଙ୍କ ପୂର୍ବରୁ ଧନଞ୍ଜୟ ଭଞ୍ଜ "ଚମ୍ପୂ" ଲେଖିଥିଲେ । କବି ଚମ୍ପୂର ନାମକରଣ କରିଥିବା ଉଚନରୁ ଜଣାପଡ଼ୁ ନ ଥିଲେ ମଧ୍ୟ, ଆଧୁନିକ ଯୁଗର ମୁଦ୍ରିତ ପୁସ୍ତକମାନଙ୍କରେ, ଚୌପଦୀ ସଂଗ୍ରହ "ଚୌପଦୀ-ଚନ୍ଦ୍ରୋଦୟରେ" ସ୍ଥାନ ପାଇଥିବାରୁ, ସାଧାରଣତଃ ଏହି ଚମ୍ପୂଟି 'ଚୌପଦୀ-ଚନ୍ଦ୍ରୋଦୟ' ନାମରେ ପରିଚିତ ହେଉଛି । 'ଚୌପଦୀ ସଂଗ୍ରହ' ଗ୍ରନ୍ଥରେ ନରସିଂହ ପଟ୍ଟନାୟକଙ୍କ ଚମ୍ପୂ ଏବଂ ଉପେନ୍ଦ୍ର ଭଞ୍ଜଙ୍କ ଚମ୍ପୂ ମଧ୍ୟ ସ୍ଥାନ ପାଇଛି । ନରସିଂହ ପଟ୍ଟନାୟକଙ୍କ ସମୟ ଜଣାପଡ଼ୁ ନ ଥିବାରୁ, ସେ ଉପେନ୍ଦ୍ରଙ୍କ ପୂର୍ବବର୍ତ୍ତୀ କିମ୍ବା ସମସାମୟିକ କି ପରବର୍ତ୍ତୀ, ତାହା ଠିକ୍ ଭାବରେ କହି ହେଉ ନାହିଁ ।"

( ଓଡ଼ିଆ ସାହିତ୍ୟର ଇତିହାସ—୩ୟ ଭାଗ, ପୃ-୨୪୮ )

ପଣ୍ଡିତ ଦାଶ ଚୌପଦୀ ପଦ ସମ୍ପର୍କରେ ଏଭଳି ମତ ବ୍ୟକ୍ତ କରିବା ପରେ, ଭଞ୍ଜଙ୍କର 'ଚୌପଦୀ ଭୂଷଣ' ସମ୍ପର୍କରେ ଆଲୋଚନା କରି ଲେଖିଛନ୍ତି— "କବିଙ୍କର 'ଚୌପଦୀ ଭୂଷଣ' 'କ' ଠାରୁ 'କ୍ଷ' ପର୍ଯ୍ୟନ୍ତ ବର୍ଣ୍ଣାଦ୍ୟକ୍ଷରିତ ଗୀତଗୁଚ୍ଛ । କବି ଉଭୟ ଚମ୍ପୂର ନାମକରଣ କବିତା ମଧ୍ୟରେ କରି ନାହାନ୍ତି । ଉଭୟ ଚମ୍ପୂର ଅଧିକାଂଶ ଗୀତର ଭାଷା ମାର୍ଜିତ । କେତେକ ଗୀତର ଭାଷା ସଙ୍ଗୀତୋପଯୋଗୀ ନୁହେଁ । କବି ଲୋକ ମୁଖର ଭାଷା ମଧ୍ୟ ପ୍ରୟୋଗ କରିଅଛନ୍ତି ।"

ମାତ୍ର ଏହି ମତ ଯଥାର୍ଥ ପରି ପ୍ରତିଭାତ ହୁଏ ନାହିଁ । ମୁଁ ଯେତେଦୂର ଜାଣେ, ଭଞ୍ଜଙ୍କର 'ଚୌପଦୀ ଚନ୍ଦ୍ର'କୁ 'ଭଞ୍ଜୀୟ ଚମ୍ପୂ' କୁହାଯାଏ ନାହିଁ । 'ଚନ୍ଦ୍ର' ଶବ୍ଦରୁ ଜଣାଯାଏ ଯେ, ଏଥିରେ ଷୋଳଟି ଚଉପଦୀ ଅଛି । ଚନ୍ଦ୍ର ଷୋଡ଼ଶ କଳା ବିଶିଷ୍ଟ ହୋଇଥିବାରୁ, ପ୍ରେମ ସୁଧାନିଧି, କେଳି କଳାନିଧି, ଲକ୍ଷଣ ଚନ୍ଦ୍ରୋଦୟ ପ୍ରଭୃତି ନାମକରଣ ଦ୍ୱାରା କବିମାନେ ଏ ସବୁ ଗ୍ରନ୍ଥ ଷୋଳ ଛାନ୍ଦ (ବା ଭାଗ) ବିଶିଷ୍ଟ ବୋଲି ସୂଚନା ଦେଇ ଯାଇଛନ୍ତି ।

ସୁତରାଂ, 'ଚୌପଦୀ ଚନ୍ଦ୍ର'କୁ କେହି କେବେ ଚମ୍ପୂ ଆଖ୍ୟା ଦେଇ ନାହିଁ ।

'ରସକାବ୍ୟ ବଳୋଦୟ'ରେ କବି ନିଜର ଯେଉଁ ରଚନା ତାଲିକା ପ୍ରଦାନ କରିଅଛନ୍ତି, ତହିଁରେ ଅଛି—

"ଗାହା ଦୋହା ଷୋଡ଼ଶେନ୍ଦୁ ଛ ଯୋଇ
ଇତ୍ୟାଦି କବିତା ଗଣନା ନାହିଁ ।"

'ଷୋଡ଼ଶେନ୍ଦୁ' କହିଲେ, ଷୋଳଟି ପଦ ବା ଷୋଳଟି ବର୍ଗ ବା ବିଭାଗ ବା ସର୍ଗ ବା ଛାନ୍ଦର ରଚନାକୁ ବୁଝାଏ । ସାଧାରଣ ଭାଷାରେ ଏହାକୁ 'ଷୋଡ଼ଶୀ' କହନ୍ତି ।

ଏ ସ୍ଥଳରେ ବର୍ଣ୍ଣମାଳା ବିନ୍ୟାସମୂଳକ ଏହି ଜାତୀୟ ରଚନା ସମ୍ପର୍କରେ ଟିକିଏ ବୁଝାଇ ଦେବା ଆବଶ୍ୟକ ମନେହୁଏ । 'ଅ' ଠାରୁ 'କ୍ଷ' ପର୍ଯ୍ୟନ୍ତ ବର୍ଣ୍ଣମାଳାର ସମଷ୍ଟି ହେଉଛି ୫୦ । ଏହା ଭିତରେ 'ଅ' ଠାରୁ 'ଅଃ' ପର୍ଯ୍ୟନ୍ତ ଷୋଳଟି ସ୍ୱରବର୍ଣ୍ଣ ଏବଂ 'କ' ଠାରୁ 'କ୍ଷ' ପର୍ଯ୍ୟନ୍ତ ୩୪ଟି ବ୍ୟଞ୍ଜନ ବର୍ଣ୍ଣ । ଯେଉଁ ରଚନାରେ ବା ଛାନ୍ଦରେ ସାଧାରଣତଃ ୫୦ଟି ପଦ ଥାଏ ଏବଂ 'ଅ' ଠାରୁ 'କ୍ଷ' ପର୍ଯ୍ୟନ୍ତ ୫୦ ଗୋଟି ବର୍ଣ୍ଣ ଏକ ଏକ କ୍ରମରେ ବିନ୍ୟସ୍ତ ହୋଇଥାଏ, ତାକୁ କହନ୍ତି

"ବର୍ଣ୍ଣମାତୃକା ପ୍ରବନ୍ଧ" । ପ୍ରସିଦ୍ଧ 'ବିଦଗ୍ଧ ଚିନ୍ତାମଣି'ର ପ୍ରଥମ ଛାନ୍ଦଟି ହେଉଛି 'ବର୍ଣ୍ଣମାତୃକା ପ୍ରବନ୍ଧ'ର ପ୍ରକୃଷ୍ଟ ଉଦାହରଣ ।

ଏହି 'ବର୍ଣ୍ଣମାତୃକା ପ୍ରବନ୍ଧ'କୁ ଦୁଇ ଭାଗ କଲେ, ପ୍ରଥମ ଭାଗର ନାମ ହୁଏ, 'ଷୋଡ଼ଶୀ' ( କାରଣ, 'ଅ' ଠାରୁ 'ଅଃ' ପର୍ଯ୍ୟନ୍ତ ଷୋଡ଼ଶ ଗୋଟି ଅକ୍ଷର ଯଥାକ୍ରମରେ ବିନ୍ୟାସ କରାଯାଇ ଏହା ରଚନା କରାଯାଇଥାଏ ) ଓ ଏହାର ଦ୍ୱିତୀୟ ଭାଗକୁ ( 'କ' ଠାରୁ 'କ୍ଷ' ପର୍ଯ୍ୟନ୍ତ ଅଂଶକୁ ) 'ଚଉତିଶା' କୁହାଯାଏ ( କାରଣ, ୩୪ ଗୋଟି ବର୍ଣ୍ଣ ବା ଅକ୍ଷର ଯଥାକ୍ରମେ ଏଥିରେ ବିନ୍ୟସ୍ତ ହୋଇଥାଏ ) ।

ଏହି ଦୃଷ୍ଟିରୁ ଦେଖିଲେ, ଭଞ୍ଜଙ୍କର 'ଚୌପଦୀ ଚନ୍ଦ୍ର' ହେଉଛି ଗୋଟିଏ 'ଷୋଡ଼ଶୀ' ( ଯାହା କି ତାଙ୍କର ଅନ୍ୟତମ ରଚନା ବୋଲି 'ଶବ୍ଦକାବ୍ୟ ବିନୋଦସୂ'ରେ ସେ ସୂଚନା ଦେଇଛନ୍ତି ) । ପୁଣି, ତାଙ୍କର 'ଚୌପଦୀ ଭୂଷଣ' ହେଉଛି ଗୋଟିଏ ଚଉପଦୀ-ଚଉତିଶା ( କାରଣ, ଏଥିରେ ୩୪ ଗୋଟି ଚଉପଦୀ ସନ୍ନିବେଶିତ ହୋଇଅଛି ) । ପ୍ରତି ଚଉପଦୀରେ ପାଞ୍ଚୋଟି ଲେଖା ପଦ ଅଛି । ଚଉପଦୀର ଅର୍ଥ ଯଦ୍ୟପି ଚାରି ପଦ ରଚନାକୁ ବୁଝାଏ, ତଥାପି, ବେଳେ ବେଳେ ଏହି ନିୟମରେ ଟିକିଏ ବ୍ୟତିକ୍ରମ ହୋଇଥାଏ । ଏ ଦୃଷ୍ଟିରୁ ଏଠାରେ ଦୋଷ ଧର୍ତ୍ତବ୍ୟ ହୋଇ ନ ଥାଏ ।

ପୁଣି, 'ଚୌପଦୀ ଭୂଷଣ' ଉପରେ "ଭଞ୍ଜୀୟ ଚମ୍ପୂ ବା ଚଉପଦୀ ଭୂଷଣ" ଲେଖା ଅଛି । ଯେଉଁ ମୁଦ୍ରିତ ପୁସ୍ତକରୁ ମୁଁ ଏହା ଲେଖୁଛି, ତାହା ୧୯୨୯ ମସିହାରେ କଟକ ଲକ୍ଷ୍ମୀନାରାୟଣ ପ୍ରେସରୁ ପ୍ରକାଶିତ ହୋଇଥିଲା । ଏହା ଉପରେ ଭଞ୍ଜୀୟ ଚମ୍ପୂ ବୋଲି ଲେଖାଥିଲେ ମଧ୍ୟ, ଜଣାଯାଉ ନାହିଁ, ଏ ପ୍ରକାର ନାମକରଣ ଭଞ୍ଜେ କରିଥିଲେ ନା କବିସୂର୍ଯ୍ୟଙ୍କ କ୍ଷୁଦ୍ର କ୍ଷୁଦ୍ର ତଥା ଚଉତିଶା ନିୟମରେ ରଚିତ ୩୪ଟି ଛାନ୍ଦ 'ଚମ୍ପୂ' ରୂପେ ପରିଚିତ ହେବା ପରେ, ତାଙ୍କ ପରବର୍ତ୍ତୀ ପାଠକମାନେ ଚଉପଦୀ ନିୟମରେ ରଚିତ ସେ ଭଳି ୩୪ କ୍ଷୁଦ୍ର ରଚନା ଦେଖି, ତାକୁ ଚମ୍ପୂ ବୋଲି ଧାରଣା ଦେଇଥିଲେ ।

ଏଥିପାଇଁ, ଅନ୍ତତଃ କବିସୂର୍ଯ୍ୟଙ୍କ ପୂର୍ବବର୍ତ୍ତୀ ଚଉପଦୀ ଭୂଷଣର ପୋଥି ଦେଖିବାକୁ ପଡ଼ିବ । ଯଦି ଜଣାପଡ଼ିବ ଯେ, ଭଞ୍ଜେ ତାଙ୍କର ୩୪ଟି ଅକ୍ଷର

ନିୟମରେ ରଚିତ ୩୪ଟି କ୍ଷୁଦ୍ର ରଚନାକୁ ଚମ୍ପୂ ନାମ ଦେଇଥିଲେ, ତାହାହେଲେ କବିସୂର୍ଯ୍ୟଙ୍କ ଚମ୍ପୂର ନାମକରଣ ସମ୍ପର୍କରେ ଉପୁଜିଥିବା ସନ୍ଦେହ କେତେକାଂଶରେ ଦୂରୀଭୂତ ହୋଇଯିବ ।

ଏହାର ଶେଷରେ, 'କ୍ଷ' ଗୀତ ପରେ ଦୁଇଟି ଚଉପଦୀ, ର, ପ, ଷ, ତ, କ ଏହି ପାଞ୍ଚୋଟି ଅକ୍ଷର ଆଦ୍ୟ ଅକ୍ଷର ରୂପେ ବ୍ୟବହାର କରାଯାଇ ପାଞ୍ଚୋଟି ଅନୁଷ୍ଟୁପ୍ ଛନ୍ଦର ପାଞ୍ଚୋଟି ଶ୍ଳୋକ ଏବଂ ପ୍ରତ୍ୟେକ ଶ୍ଳୋକ ପରେ ତାହାର ଅର୍ଥ ସମ୍ବଳିତ ପାଞ୍ଚୋଟି ପଦ ଅଛି । ଏହା କିନ୍ତୁ ଅବାନ୍ତର ମନେହୁଏ ।

## (୧୯) ବଜାର ବୋଲି—

'ବଜାର ବୋଲି' ହାସ୍ୟରସପୂର୍ଣ୍ଣ ଏକ କ୍ଷୁଦ୍ର ରଚନା । ହାଟକୁ ନାରୀମାନେ ନାନା ଜିନିଷ ବିକି ନଅନ୍ତି, ଯଥା—କମଳା, ଲେମ୍ବୁ, ପାନ, ଫୁଲମାଳ, ମାଟି ହାଣ୍ଡି, କଂସାବାସନ, ପାଟଫୁଲ, ମିଠେଇ, ଲୁଗା ଇତ୍ୟାଦି । ପୁରୁଷମାନେ ଏହା ଯେ ନ ବିକନ୍ତି ତାହା ନୁହେଁ; କିନ୍ତୁ, ଯେଉଁ ସ୍ଥଳରେ ନାରୀମାନେ ଏ ସବୁ ଜିନିଷ ବିକ୍ରୟ କରନ୍ତି, ତାଙ୍କୁ ଆଗରେ ରଖି, କବି ତାଙ୍କର ଶବ୍ଦଶ୍ଳେଷପୂର୍ଣ୍ଣ ଭରି ରଚନା-ସମ୍ଭାର ପ୍ରସ୍ତୁତ କରିଅଛନ୍ତି ।

ଧୁମୁସର, ପ୍ରତାପ-ଲକ୍ଷ୍ମଣପୁର ନିବାସୀ ସ୍ୱର୍ଗତ କବି ସତ୍ୟକାମ ବ୍ରହ୍ମା (ମହାପାତ୍ର) ପ୍ରାୟ ୩୦ ବର୍ଷ ତଳେ ଏହାର ଏକ ସଟୀକ ସଂସ୍କରଣ ପ୍ରକାଶ କରିଥିଲେ ।

ଉପେନ୍ଦ୍ର ଭଞ୍ଜଙ୍କର ପଟ୍ଟଶିଷ୍ୟ ଭକ୍ତକବି ଶିରୋମଣି ଅଭିମନ୍ୟୁ ସାମନ୍ତ ସିଂହାର ତାଙ୍କର 'ବିଦଗ୍ଧ ଚିନ୍ତାମଣି'ରେ ଏଭଳି ଏକ ରସରସିଆ ବଜାର ଚିତ୍ର ଅଙ୍କନ କରିଅଛନ୍ତି, ଯହିଁରେ ଭଞ୍ଜୀୟ ପ୍ରଭାବ ମୂର୍ତ୍ତିମନ୍ତ ।

'ବଜାର ବୋଲି'ରେ ଉପେନ୍ଦ୍ର ଲେଖିଛନ୍ତି—

"ପାଟରାଣୀ ପାଶେ କେ ବୋଲଇ ଡୋର
ଏ କରତ ମୂଲ୍ୟ କେତେ
ସେ ବୋଲଇ ଏକ— ରତି ପାଟ ସୁନା
କଷି କାଢ଼ି ଦେଖ ଯେତେ ।"

ଉପେନ୍ଦ୍ରଙ୍କ ଅବଲମ୍ବନରେ ଅଭିମନ୍ୟୁ ଲେଖିଛନ୍ତି—

"କେ ବୋଲେ ଖାସ ଏ ମାଳବାସ          ଦେଖି ମଣିଲି ମୁଁ ମାଳବାସ
ହରିତାମ୍ବର ହରିତାମ୍ବର କେନ ପ୍ରକାର ଯେ ।
ଶିଙ୍ଗାରି ପରି ହରିଶେ ଶିଙ୍ଗାର          ପାନ ବେଷ୍ଟନେ ରାଜା କଂସାର
ଥିବାରୁ ନାଗ ପରତେ ନାଗ-କେଶ୍ୱର ପୁଷ୍ପ ଯେ ।
ପାଟରାଣୀଏ କାହିଁ ଅଛନ୍ତି ବସି ଯେ
ପାଟରାଣୀଙ୍କ ମାନ ହଅନ୍ତି ଧ୍ୱଂସି ଯେ
ସୁଚୀର ବଣିକାକୁ କରନ୍ତି          କ୍ଷୀରୋଦ ସ୍ଥାନ ଦେଖାଉଛନ୍ତି
ଅଙ୍ଗୀ ହେବ ନା ସଙ୍ଗୀ ବୋଇଲି ଭଙ୍ଗୀରେ ହସି ଯେ ।"
( ବିଦଗ୍ଧ ଚିନ୍ତାମଣି—୬୫।୬ )

'କୃଷ୍ଣ ରସାମୃତ'ରେ କବି କରୁଣାକର ପଟ୍ଟନାୟକ ଏ ମର୍ମରେ ଲେଖିଛନ୍ତି—

"କାପଡ଼ ବନିତା ପାଶେ          ବସି କେ ବୋଲେ ହରଷେ
କ୍ଷୀରୋଦର ଯୁଗ ମୋତେ ମୂଲାଇ ଦିଅ
ସେ କହେ ଉପର ବାସ          ତାର ଟେକିଦିଅ ଆସ
ମୁଠା ଭିତରେ ପୂରାଇ ପରଖି ନିଅ
ଏବେ ସେ ଉଠିଛି ନାଗର
ଏହି ଦମ୍ଭ ଥିବ ସବୁଦିନେ ଏହାର ।
( କୃଷ୍ଣ ରସାମୃତ—୩୩।୪ )

ଅନ୍ୟ କେତେକ କବି ମଧ୍ୟ ଏହି ରୀତି ଅବଲମ୍ବନ କରିଛନ୍ତି ।

## (୨୦) **ଲାବଣ୍ୟନିଧି**—

ସାଧାରଣ ପାଠକ ଦୃଷ୍ଟିରେ ଏହା ୧୫ ଛାନ୍ଦର ଏକ କ୍ଷୁଦ୍ର ରଚନା । ପ୍ରଥମ ଛାନ୍ଦରେ ପନ୍ଦର ପଦ ତ କେଉଁ ଛାନ୍ଦରେ ଚାରି ପଦ ମାତ୍ର ଅଛି । ପୁଣି, ଅନେକ ଛାନ୍ଦରେ ଘୋଷା ଅଛି । ଆପାତତଃ ଜଣାଯାଏ, ଏହା ହେଉଛି ୧୫ଟି କ୍ଷୁଦ୍ର କବିତାର ସମଷ୍ଟି । କିନ୍ତୁ, ପ୍ରକୃତ କଥା ତାହା ନୁହେଁ ।

ପଣ୍ଡିତ ସୂର୍ଯ୍ୟନାରାୟଣ ଦାସ ଯଥାର୍ଥରେ ଲେଖିଛନ୍ତି—"ଲାବଣ୍ୟନିଧି, ଶ୍ରେଷ୍ଠ ଶ୍ରେଷ୍ଠ ଦୁଇଟି ସୁନ୍ଦର କବିତା।"

( ଓଡ଼ିଆ ସାହିତ୍ୟର ଇତିହାସ—୩ୟ ଭାଗ, ପୃ-୨୪୩ )

ଦୁଇଟି ଛାନ୍ଦ ବ୍ୟତୀତ ଅନ୍ୟଗୁଡ଼ିକ ବାହାରର ଜିନିଷ ଏଥିରେ ଭର୍ତ୍ତି କରି ଦିଆଯାଇଛି ମାତ୍ର। ଭଞ୍ଜଙ୍କର ଯେଉଁ ଲେଖନୀରୁ କ୍ଲିଷ୍ଟପଦପୂର୍ଣ୍ଣ 'କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ' ଭଳି କାବ୍ୟ ଝରି ପଡୁଥିଲା, ସେହି ଲେଖନୀରୁ କିପରି ସରଳ-ତରଳ ରସ ଢଳ ଢଳ ରଚନା ମଧ୍ୟ ସମ୍ଭବ ଥିଲା, ତାହା ଦେଖିବାର କଥା। ସେଥିପାଇଁ ଏଥିରୁ ଏଠାରେ କେତୋଟି ପଂକ୍ତି ଉଦ୍ଧାର କରାଯାଉଛି—

ତୋତେ ଯେତେ ବୁଝାଇ କହିଲିଣି
ପଥର ହେଲେ ହୁଅନ୍ତାଣି ପାଣି।

× × ×

ତୋ କଥା ଜଣା ନ ଥିଲା ଗୋ
ଫୁଲମାଳା ଗଳା କାଟିଦେବୁ ବୋଲି
ମୋ ମନେ ପ୍ରତେ ନ ଥିଲା ଗୋ।
ମୁଁ ଜାଣିଥିଲି ତୁ ବଡ଼ ସୁଜାଣ,
ତୋ ଦେହରେ ଥିଲା ଏମନ୍ତ ଗୁଣ
ବେଳହୁଁ ମୋତେ କ୍ଷମା ନ କହିଲୁ
ଜଳନ୍ତ ଅନଳେ ପକାଇ ଦେଲୁ ସେ
ନ ଜାଣି ମୁହିଁ ହୁଡ଼ିଲି ଗୋ।
ପର ପୀରତି କିଛି ନୋହେ କରିବା
ଅଜ୍ଞାନେ ସିନା ପଡ଼ିଲି ଗୋ।

(୨୧) **ଚନ୍ଦ୍ରରେଖା**—

୧୯୬୨ ମସିହାରେ ଭଞ୍ଜନଗରର 'ଭଞ୍ଜ-ସାହିତ୍ୟ ପରିଷଦ' ପକ୍ଷରୁ ଏହା ପ୍ରକାଶିତ। ତେବେ, ଏହା ଏ କାବ୍ୟର ମାତ୍ର ଦୁଇଟି ସର୍ଗ। ସୁତରାଂ, ସମଗ୍ର କାବ୍ୟ-ପରିଚୟ ସମ୍ଭବପର ନୁହେଁ। ମିଳିଥିବା ଦୁଇଟି ଛାନ୍ଦରୁ, ପ୍ରଥମଟି ଏ କାବ୍ୟର ନବମ ଛାନ୍ଦ ଏବଂ ଦ୍ୱିତୀୟଟି ଅଷ୍ଟାଦଶ ଛାନ୍ଦ। ନବମ ଛାନ୍ଦରେ ବର୍ଣ୍ଣିତ ଅଛି ଯେ,

ରାଜନନ୍ଦିନୀ ଚନ୍ଦ୍ରରେଖା ନିଜର ପ୍ରେମିକ ରାଜକୁମାର ନିକଟକୁ ଏକ ଶୁକପକ୍ଷୀ ପ୍ରେରଣ କରିଥିଲା । ହୁଏ ତ ବାଣଭଟ୍ଟଙ୍କ କାଦମ୍ବରୀର ପ୍ରଭାବ ଏହା ଉପରେ ପଡ଼ିଅଛି । କାବ୍ୟର ନାୟକ ଚନ୍ଦ୍ରଧ୍ୱଜ । ଅଷ୍ଟାଦଶ ଛାନ୍ଦରେ ଦମ୍ପତୀର ଉପବନ ବିହାର ବର୍ଣ୍ଣିତ ।

## (୨୨) ଚଉପଦୀ ଭୂଷଣ–

'ଚଉପଦୀ ଭୂଷଣ'କୁ କେହି କେହି ଭଞ୍ଜୀୟ 'ଚମ୍ପୂ' ବୋଲି କହନ୍ତି । କବିସୂର୍ଯ୍ୟଙ୍କର କ, ଖ, ଗ, ଘ କ୍ରମରେ ଲିଖିତ ଚମ୍ପୂ କଥା ଯେଉଁମାନେ ଜାଣନ୍ତି, ସେମାନଙ୍କୁ ଏତିକି କହିଲେ ଯଥେଷ୍ଟ ହେବ ଯେ, କବିସୂର୍ଯ୍ୟଙ୍କର 'କିଶୋର ଚନ୍ଦ୍ରାନନ ଚମ୍ପୂ'ର ସଂସ୍କୃତ ଅଂଶ ବାଦ୍ ଦେଲେ ବାକି ଯାହା ରହିଲା, ତାହା ଭଞ୍ଜଙ୍କର 'ଚଉପଦୀ ଭୂଷଣ'ର ଛାୟା ବୋଲି କୁହାଯାଇପାରେ । ଭଞ୍ଜଙ୍କର ଏହି ରଚନା 'କ' ଠାରୁ 'କ୍ଷ' ପର୍ଯ୍ୟନ୍ତ ଚଉତିରିଶଟି ଅକ୍ଷରର ଚଉତିରିଶଟି ଗୀତରୁ ପ୍ରତ୍ୟେକଟିରେ ପାଞ୍ଚୋଟି ଲେଖାଏଁ ପଦ ଅଛି । ଦ୍ୱିତୀୟ କଥା, କବିସୂର୍ଯ୍ୟଙ୍କ ଚମ୍ପୂରେ ଯେପରି ଗୋଟିଏ ନିର୍ଦ୍ଦିଷ୍ଟ ଚରିତ୍ର ପରିବେଷିତ ହୋଇଅଛି, ଭଞ୍ଜୀୟ ଚମ୍ପୂରେ ସେପରି ହୋଇ ନାହିଁ । ବରଂ, ଏହାକୁ କେତେକ ସ୍ୱତନ୍ତ୍ର କବିତାର ସମଷ୍ଟି କହିଲେ ଅତ୍ୟୁକ୍ତି ହେବ ନାହିଁ । ତା ଛଡ଼ା, ଶେଷରେ ଆଉ ଦୁଇଟି ସଙ୍ଗୀତ ଓ ଓଡ଼ିଆ ରଚନା ସହିତ ଆଉ ପାଞ୍ଚୋଟି ଓଡ଼ିଆ ରଚନା ମଧ୍ୟ ସମାବେଶିତ ହୋଇଅଛି । ଏ ଦୁଇଟି ପ୍ରକ୍ଷିପ୍ତ ଅଂଶ । ସୁତରାଂ, ଏ ପୁସ୍ତକରୁ ଏହା ପରିତ୍ୟଜ୍ୟ ।

## (୨୩) ଚଉପହରା—

ଏହା ଭଞ୍ଜଙ୍କର ଗୋଟିଏ କ୍ଷୁଦ୍ର ରଚନା । ଜଣେ ରସିକ ରାତ୍ରିର ଚାରି ପ୍ରହର ଭିତରେ କିପରି ତାହାର ପ୍ରେମିକା ସହିତ କାଳ ଯାପନ କରିଅଛି, ତାହା ଏହି କ୍ଷୁଦ୍ର ରଚନାରେ ବର୍ଣ୍ଣିତ । ପ୍ରତି ପ୍ରହରର ଗୀତରେ ଆଠ ଆଠଟି କରି ପଦ ରହିଅଛି ।

କ୍ଷୁଦ୍ର ହେଲେ ମଧ୍ୟ ରଚନାଟି ଜନପ୍ରିୟ ।

## (୨୪) ଶୋଭାବତୀ—

ଭଞ୍ଜନଗରର 'ଭଞ୍ଜ-ସାହିତ୍ୟ ପରିଷଦ' ପକ୍ଷରୁ ଏହା ପ୍ରକାଶିତ । ସମୟ ସମ୍ପର୍କରେ ଭଞ୍ଜଙ୍କ ଯେପରି ଉଦାସୀନ, 'ଭଞ୍ଜ-ସାହିତ୍ୟ ପରିଷଦ'ର କର୍ମକର୍ତ୍ତାଗଣ ବୋଧହୁଏ ସେହି ଆଦର୍ଶ ଅନୁସରଣ କରି 'ଶୋଭାବତୀ' କାବ୍ୟ କେଉଁ ବର୍ଷ ଛପାଗଲା, ତାହାର କୌଣସି ସଂକେତ ବା ସୂଚନା ଦେଇ ନାହାନ୍ତି । ସୁତରାଂ, କାବ୍ୟଟି କେବେ ପ୍ରକାଶିତ, ଜାଣିବାର କୌଣସି ବାଟ ନାହିଁ । ଯେତେଦୂର ମନେହୁଏ, ଏହି ୧୫-୨୦ ବର୍ଷ ଭିତରେ ଏହା ପ୍ରକାଶିତ । କାବ୍ୟଟିର ବିଶେଷତ୍ୱ ଏହି ଯେ, ନୂଆଗଡ଼ ରାଜା ପୁରୁଷୋତ୍ତମ ମାନ୍ଧାତାଙ୍କ ନାମରେ ଏହାର ଭଣିତା ହୋଇଅଛି । କବି ଲେଖିଛନ୍ତି—

"ପୂର୍ବେ ଯେ ରାମଚନ୍ଦ୍ରରେ ପୂଜିତ
ଲଙ୍କେଶ୍ୱର ନାମ ଲିଙ୍ଗ ଖ୍ୟାତ
ନବ ଦୁର୍ଗ ପାଳକର କରତା
ପରମେଶ ତାଙ୍କ ଇଷ୍ଟଦେବତା
ତାଙ୍କ ପଦ ଚିନ୍ତି
ଭଣିଲେ ପୁରୁଷୋତ୍ତମ ନୃପତି । ୨୫ ।"

ଏହିପରି ଅନ୍ୟ ନାମରେ ସେ ଏଭଳି କେତେ ଖଣ୍ଡି କାବ୍ୟ ରଚନା କରିଥିବାର 'ଶବ୍ଦକାବ୍ୟ ବନ୍ଧୋଦୟ'ରେ ଉଲ୍ଲିଖିତ ହୋଇଛି ।

ଏ କାବ୍ୟ କେତେ ଛାନ୍ଦ ବିଶିଷ୍ଟ ଜାଣିବାର ଉପାୟ ନାହିଁ । ପ୍ରକାଶିତ ଦୁଇଟି ଛାନ୍ଦ ମଧ୍ୟରୁ ଗୋଟିଏ ଅଣତୃଶ ପଦ ଓ ଅନ୍ୟଟି ପଚାଶ ପଦ ବିଶିଷ୍ଟ । ଭାଷା ଓ ଭାବ ପ୍ରକାଶ ଭଙ୍ଗୀରୁ ଜଣାଯାଉଛି, ଏହା ଅପେକ୍ଷାକୃତ ପ୍ରାଥମିକ ସ୍ତରର ରଚନା । ଏହାର ବିଷୟବସ୍ତୁ ସେହି ଶୃଙ୍ଗାର ରସର ବାତାବରଣ ମଧ୍ୟରେ ଏକ ପ୍ରେମିକ-ଦମ୍ପତୀର ଚରିତ ବର୍ଣ୍ଣନା ।

## (୨୫) ଦଶପୋଇ—

'ଦଶପୋଇ' ଏକ ପୋଇ ଜାତୀୟ ରଚନା । ସୁତରାଂ, ଏହା ଯେ ଦଶ ଛାନ୍ଦରେ ବିଭକ୍ତ, ବୁଝାଇ କହିବା ଅନାବଶ୍ୟକ । ପ୍ରାୟ ୨୦।୨୫ ବର୍ଷ ପୂର୍ବେ, ଯେତେବେଳେ ଏହି କ୍ଷୁଦ୍ର ରଚନା ଇଂରାଜୀରେ ଅନୂଦିତ ହୋଇ ସଚିତ୍ର ଭାବରେ

( ଖଣ୍ଡିକର ମୂଲ୍ୟ ଟ ୫୦-୦୦ ) ପ୍ରକାଶ ପାଇଲା, ସେତେବେଳେ ବିଭିନ୍ନ ସାହିତ୍ୟ-ପତ୍ରିକା ମାଧ୍ୟମରେ ଏକ ଭ୍ରମମୂଳକ ଆଲୋଡ଼ନର ସୃଷ୍ଟି ହୋଇଥିଲା। କଥା ହେଉଛି, ଛାପା 'ଦଶପୋଇ'ର ମଲାଟରେ ଏହା ଉପେନ୍ଦ୍ର ଭଞ୍ଜଙ୍କର କାବ୍ୟ ବୋଲି ଲେଖାଥିଲେ ମଧ୍ୟ, ଭିତରେ 'ଯୁବ ଭଞ୍ଜ' ବୋଲି ଅଛି । ଅଥଚ, 'ଦଶପୋଇ'ର ଇଂରାଜୀ ଅନୁବାଦରେ ଏହା ଦାମୋଦର ଭଞ୍ଜଙ୍କର ରଚନା ବୋଲି ଲେଖା ଅଛି । ତାଳପତ୍ର ପୋଥିମାନଙ୍କରେ ଭଞ୍ଜଙ୍କ ରଚନା ବୋଲି ଲେଖା ଅଛି । କିନ୍ତୁ ଉପେନ୍ଦ୍ର କହିଥିବା ପ୍ରକାରେ ( ଏବଂ କବିସୂର୍ଯ୍ୟଙ୍କ ପ୍ରସିଦ୍ଧ ଚମ୍ପୂର ଭଣିତା ପରି ) ଏହା ଯୁବ ଭଞ୍ଜଙ୍କ ନାମରେ ଭଣିତ ହୋଇଛି ।

ଏହି ଲେଖକ ସେତେବେଳେ ଯେଉଁ ପ୍ରବନ୍ଧ ପ୍ରକାଶ କରିଥିଲା, ତାହା 'ସମସ୍ୟା ଓ ସମାଧାନ' ନାମକ ପୁସ୍ତକରେ ସମାବେଶିତ । ତହିଁରେ ଅଛି—

ଉତ୍କଳର ପ୍ରସିଦ୍ଧ ସାହିତ୍ୟ-ପତ୍ରିକା 'ଝଙ୍କାର'ରେ ଦାମୋଦର ଭଞ୍ଜଙ୍କ ଉକ୍ତ ପୁସ୍ତକ ଅନୁବାଦରେ ଓ. ସି. ଗାଙ୍ଗୁଲି ମହାଶୟଙ୍କର ସାଧୁ ଉଦ୍ୟମର ଭୂୟସୀ ପ୍ରଶଂସା କରାଯାଇଛି । ପ୍ରକାଶିତ ଇଂରାଜୀ 'ଦଶପୋଇ' ଉପରେ ବଡ଼ ବଡ଼ ଅକ୍ଷରରେ ଦାମୋଦର ଭଞ୍ଜଙ୍କ ନାମ ମଧ୍ୟ ଅଛି । ଅନୁବାଦକ କହିଛନ୍ତି, ଓଡ଼ିଆ ଓ ସଂସ୍କୃତ ଭାଷାରେ ପାଣ୍ଡିତ୍ୟ ଥିବା ଏକାଧିକ ବ୍ୟକ୍ତି ତାଙ୍କୁ ସାହାଯ୍ୟ କରିଛନ୍ତି । ଓଡ଼ିଶାର ଶତ ଶତ ପ୍ରାଚୀନ ପୋଥି ମଧ୍ୟରୁ 'ଦଶପୋଇ'କୁ ସେ କାହିଁକି ଅନୁବାଦ କଲେ, ତାହାର କାରଣ ମଧ୍ୟ ସେ ଦର୍ଶାଇ ଅଛନ୍ତି । ଏଥିର ଅନ୍ୟତମ କାରଣ ରୂପେ ସେ ଲେଖିଛନ୍ତି—

"Partly by reason of its popularity."

ଅର୍ଥାତ୍, ଏହା ବେଶ୍ ଜନପ୍ରିୟ ହୋଇଥିବାରୁ ସେ ଅନୁବାଦ କରିଛନ୍ତି । 'ଦଶପୋଇ' ଯେ ଆମୂଳଚୂଳ କବିତ୍ୱ-ବିଳସିତ, ସନ୍ଦେହ ନାହିଁ । କିନ୍ତୁ, ଏହା କେଶବ କୋଇଲି, ଆର୍ତ୍ତତ୍ରାଣ ଚଉତିଶା କିମ୍ବା ମନବୋଧ ଚଉତିଶାର ଶତାଂଶ ପ୍ରସିଦ୍ଧିଲାଭ କରି ନାହିଁ । ପ୍ରାୟ ତିରିଶ ବର୍ଷ ତଳେ ମୁଦ୍ରିତ ହୋଇଥିବା 'ଦଶପୋଇ' ଆଜି ମଧ୍ୟ ବହୁସଂଖ୍ୟାରେ ବିକ୍ରୟ ନ ହୋଇ ପଡ଼ିଛି । ସେ ଯାହା ହେଉ, ଦାମୋଦର ଭଞ୍ଜଙ୍କ ଉପରେ ଏ ପିତୃତ୍ୱ ଆରୋପର କାରଣ ଯେପରି ନିର୍ଦ୍ଦେଶିତ, ତାହା ଏକାବେଳକେ ହାସ୍ୟାସ୍ପଦ । ତାହା ଦର୍ଶାଇ ଦିଆଯାଉଛି ।

ଗାଙ୍ଗୁଲି ମହାଶୟଙ୍କ ପୁସ୍ତକର ପଞ୍ଚଦଶ ପୃଷ୍ଠାରେ ଅଛି—

"Damodar Bhanja alias Yuba Bhanja, author of 'Dasapoi' was born in one of the Bhanja families of Orissa though it is difficult to say to which family he belonged. Late Prof B. C. Majumdar of the Calcutta University, attributed the authoriship of 'Dasapoi' to Upendra Bhanja though the author describes himself as Yuba Bhanja in all the chapters except the fourth one, where he discloses his real name as Damodar Bhanja."

ଏ କଥାର ସାରମର୍ମ ହେଉଛି, ଦାମୋଦର ଭଞ୍ଜ ଓରଫ୍ ଯୁବ ଭଞ୍ଜ 'ଦଶପୋଇ'ର ରଚୟିତା ଅଟନ୍ତି । ସେ ଓଡ଼ିଶାର କୌଣସି ଏକ ଭଞ୍ଜ ବଂଶରେ ଭୂମିଷ୍ଠ ହୋଇଥିଲେ, ଯଦିଓ ତାହା କେଉଁ ଭଞ୍ଜବଂଶ କହିବା କଷ୍ଟକର । କଲିକତା ବିଶ୍ୱବିଦ୍ୟାଳୟର ଭୂତ ଅଧ୍ୟାପକ ବିଜୟଚନ୍ଦ୍ର ମଜୁମଦାର ଭ୍ରମବଶତଃ ଉପେନ୍ଦ୍ର ଭଞ୍ଜ 'ଦଶପୋଇ'ର ରଚୟିତା ବୋଲି କହିଛନ୍ତି । କବି ନିଜେ ଦଶପୋଇର ସବୁ ଛାନ୍ଦରେ ନିଜକୁ 'ଯୁବ ଭଞ୍ଜ' ବୋଲି ପରିଚିତ କରାଇଛନ୍ତି, ମାତ୍ର, କେବଳ ଚତୁର୍ଥ ଛାନ୍ଦରେ ନିଜର ପ୍ରକୃତ ନାମକୁ ( ଅର୍ଥାତ୍, 'ଦାମୋଦର ଭଞ୍ଜ' ବୋଲି ) ପ୍ରକାଶ କରିଛନ୍ତି ।

ଗାଙ୍ଗୁଲି ମହାଶୟ ନିଜ ପୁସ୍ତକରେ ଇଂରାଜୀ ଅନୁବାଦ ସଙ୍ଗେ ଉପଯୁକ୍ତ ସଂକେତ ସହ ଇଂରାଜୀ ଅକ୍ଷରରେ 'ଦଶପୋଇ'ର ମୂଳ ଓଡ଼ିଆ ପାଠକୁ ଅବିକଳ ସନ୍ନିବେଶିତ କରିଛନ୍ତି । ଉପରେ ଯେଉଁ ଇଂରାଜୀ ଉଦ୍ଧୃତିଟି ଦିଆଯାଇଛି, ତହିଁରେ ତଳଲିଖିତ ପଦଟିକୁ ଲକ୍ଷ୍ୟ କରାଯାଇଛି—

"ଯୁବ ଭଞ୍ଜ ନରେଶ୍ୱର          ବୋଲେ ଦାମୋଦର
ଦେଖି ଦେଖୁ ତନୁ ଗଲା ସଢ଼ି ।"

ଏ ବାକ୍ୟଟିକୁ ଲକ୍ଷ୍ୟ କଲେ ଇଂରାଜୀ ଉଦ୍ଧୃତିର ମନ୍ତବ୍ୟ ପ୍ରମାଦପୂର୍ଣ୍ଣ ଓ ନିରାଟ ଅସତ୍ୟ ବୋଲି ଜଣାଯାଏ । କାରଣ, 'ଦଶପୋଇ'ର ଅନ୍ୟ ନଅଟିଯାକ ଛାନ୍ଦର ଭଣିତାରେ ଯେପରି ଯୁବ ଭଞ୍ଜ ଅଛି, ଉକ୍ତ ଓଡ଼ିଆ ଉଦ୍ଧୃତିରେ ମଧ୍ୟ ଯୁବ ଭଞ୍ଜ ଅଛି । ଏ ପଦଟିରେ 'ଦାମୋଦର' ଶବ୍ଦ ଦେଖି କାହାର

ହାସ୍ୟାସ୍ପଦ ସିଦ୍ଧାନ୍ତରେ ଯୁବ ଭଞ୍ଜଙ୍କୁ କସ୍ମୁ ତ ଗର୍ଭକୁ ଠେଲି ଦିଆଯାଇଛି, ତାହା ସମଗ୍ର ଚତୁର୍ଥ ଛାନ୍ଦର ଆଲୋଚନା କଲେ ହିଁ ଜଣାପଡ଼ିବ ।

'ଦଣପୋଇ' ରାଧାକୃଷ୍ଣ ଚରିତ ଅବଲମ୍ବନରେ ଲିଖିତ । ଚତୁର୍ଥ ଛାନ୍ଦରେ ଅଛି, ଦିନେ ଶ୍ରୀକୃଷ୍ଣ ରାଧାଙ୍କୁ ବଶୀଭୂତ କରିବା ପାଇଁ ଅନୁନୟ ବିନୟ ପରେ, ତାଙ୍କ ଗୋଡ଼ତଳେ ଘଡ଼ ମୁଣ୍ଡିଆ ମାରିବା ବେଳେ, ତାହାଙ୍କ ମାତା ଆସି ପହଞ୍ଚିଗଲେ । ରାଧାଙ୍କ ଉପରେ ରାଗିଯାଇ ପଚାରିଲେ, "ମୋ ପୁଅ ଧୂଳିଟାରେ ଏପରି କାହିଁକି ପଡ଼ିଛି ?" ରାଧା କୃଷ୍ଣଙ୍କୁ ଏ ଅସମ୍ଭାବିତ ବିପତ୍ତିରୁ ରକ୍ଷା କରିବା ପାଇଁ କହିଲେ, "ତୁମ ପୁଅ ଗଛରେ ଚଢ଼ି ଡେଇଁଥିଲେ । ମୁଁ ଆସି ମାଆଙ୍କୁ ଏ କଥା ଜଣାଇ ଦେବି ବୋଲି ଡରାଇବାରୁ, ନ କହିବା ପାଇଁ ଏପରି ଅନୁନୟ କରୁଥିଲେ ।" ଶ୍ରୀକୃଷ୍ଣ ଚାଲିଗଲେ ଏବଂ କବିଙ୍କ ଭାଷାରେ ରାଧା—

"ଦେଇ ବିରହ କାତରେ ଶାଢ଼ୀ ପଣତରେ
ଶ୍ରୀକୃଷ୍ଣ ମନକୁ ବାନ୍ଧି ନେଲେ ।"

ରାଧାଙ୍କର ଅନୁରାଗ ଦେଖି କୃଷ୍ଣ କାମପୀଡ଼ିତ ହେଲେ ଏବଂ କବିଙ୍କ ଭାଷାରେ—

"ଅଙ୍ଗେ କୁସୁମ ପତନ କୁଲିଶ ସମାନ
ଘଡ଼ଘଡ଼ ସମ ପିକ ରଡ଼
ଯୁବ ଭଞ୍ଜ ନରେଶ୍ୱର ବୋଲେ ଦାମୋଦର
ଦେଖୁ ଦେଖୁ ତନୁ ଗଲା ସଢ଼ ।'

ଏଥିରୁ କୁଆଡ଼େ ଅର୍ଥ ବାହାରିଲା ଯେ, କବି ଦାମୋଦର ଭଞ୍ଜ ହିଁ 'ଦଣ-ପୋଇ'ର ଲେଖକ । ଯୁବ ଭଞ୍ଜ ଏଠାରେ ବର୍ଣ୍ଣନା କରିଛନ୍ତି ଯେ, ଶ୍ରୀକୃଷ୍ଣ କାମପୀଡ଼ିତ ଥିବାରୁ, ତାଙ୍କ ଦେହରେ ଫୁଲଟିଏ ପଡ଼ିଲେ, ବଜ୍ରଟିଏ ପଡ଼ିଲା ପରି ଲାଗିଲା ଏବଂ ପିକ କଣ୍ଠର ସୁମଧୁର ସ୍ୱରଲହରୀ ଘଡ଼ଘଡ଼ ପରି ପ୍ରତୀତ ହେଲା । ଦାମୋଦର ବା ଶ୍ରୀକୃଷ୍ଣ ଦେଖୁ ଦେଖୁ ତାଙ୍କର ଅଙ୍ଗ ପ୍ରେମ ରସରେ ଜର୍ଜ୍ଜରିତ ହୋଇଗଲା ବା ସଢ଼ିଗଲା ।

ଏ କଥାକୁ ଆହୁରି ସ୍ପଷ୍ଟ କରିବା ପାଇଁ କବି ଚତୁର୍ଥ ଛାନ୍ଦରେ ଏ ସୂଚନା ଦେଇ, ପଞ୍ଚମ ଛାନ୍ଦର (ଚୋଖିର) ଆରମ୍ଭରେ ଲେଖିଛନ୍ତି, ଦାମୋଦର କା ଶ୍ରୀକୃଷ୍ଣ ବିରହ ଜ୍ୱାଳାରେ ପୀଡ଼ିତ ହେଲେ । କବିଙ୍କ ଭାଷାରେ—

"ନବ ପଲ୍ଲବ ଶୟନେ          ସଜଳ ନୟନେ
ଧ୍ୟାନ କରି ରସବନ୍ତୀ ରୂପ
କରେ ମୃଣାଳରେ ମାଳ          ଧରି ଧରି କାଳ
ରାଧା ରାଧା ବୋଲି କଲେ ଜପ ।"

ଏ ସମ୍ପର୍କରେ ଅଧିକ ବ୍ୟାଖ୍ୟାନ ଅନାବଶ୍ୟକ । ଆଶ୍ଚର୍ଯ୍ୟ ଲାଗେ, ଏ ବିରାଟ ସାଧନା ଭିତରେ ଏପରି ଗୋଟାଏ ଗୁରୁତର ପ୍ରମାଦ କିପରି କାହାରି ଦୃଷ୍ଟିପଥାରୂଢ଼ ହେଲା ନାହିଁ । ବିଖ୍ୟାତ ଐତିହାସିକ ଜୟସ୍ୱାଲଙ୍କ ଗୋଟିଏ ମନ୍ତବ୍ୟର ଅନୁସରଣରେ କହିବାକୁ ଗଲେ, ଯୁବ ଭଞ୍ଜଙ୍କର ସ୍ୱର୍ଗତ ଅମ୍ବା ତାଙ୍କ ପୁସ୍ତକ ଉପରେ ବଡ଼ ବଡ଼ ଅକ୍ଷରରେ 'ଦାମୋଦର ଭଞ୍ଜ' ମୁଦ୍ରିତ ହୋଇଥିବା ଦେଖି କହୁଥିବେ, (ହେ ଗାଙ୍ଗୁଲି ବାବୁ) ମତେ ବାହାରେ ନ ଚହ୍ଲାଇଥିଲେ ଭଲ ହୋଇଥାନ୍ତା । ପୁଣି ବଡ଼ କୌତୁକର ବିଷୟ ହେଉଛି, ଗାଙ୍ଗୁଲି ମହାଶୟ ନିଜ ଭୂମିକାରେ ମୟୂରଭଞ୍ଜ ରାଜବଂଶାବଳୀରୁ ସୌଭାଗ୍ୟକ୍ରମେ ଜଣେ ଦାମୋଦରଙ୍କ ନାମ ପାଇ, ତାଙ୍କ ପାରିବାରିକ ପରିଚୟ ପର୍ଯ୍ୟନ୍ତ ବର୍ଣ୍ଣନା କରି ପାଇଛନ୍ତି !

ସେତେବେଳେ ଏ ସମସ୍ୟା ନେଇ ଯେଉଁ ହଟ୍ଟଗୋଳ ଆରମ୍ଭ ହେଲା, ତହିଁରେ 'ନଆଁ ଖୁଣ୍ଟା' ସମ୍ପାଦକ ସ୍ୱର୍ଗତ ଗୋଦାବରୀଶ ମହାପାତ୍ରେ ମଧ୍ୟ ଆଚମ୍ବା ନିଷ୍ପକ୍ଷକ ଭାବରେ ନିଜର ଶାଣିତ ଲେଖନୀ ଚଳାଇବାକୁ ଅଗ୍ରସର ହୋଇଥିଲେ । ସେ କୌଣସି ସୂତ୍ରରୁ ତଥ୍ୟ ସଂଗ୍ରହ କରି ପ୍ରକାଶ କରିଥିଲେ । ଜଣାଗଲା, ଭଞ୍ଜେ କୌତୁକ ମହାନଦୀରେ ତାଙ୍କ ଦଶଦିନିଆ ନୌକା-ଯାତ୍ରା କଲାବେଳେ, କୌଣସି ରାଜବଂଶର ଯୁବ ଭଞ୍ଜଙ୍କ ଅନୁରୋଧରେ, ନଦୀବକ୍ଷରେ ଦଶ ଦିନ ଯାତ୍ରାର ସ୍ମାରକୀ ସ୍ୱରୂପ, ଏହି 'ଦଶପୋଇ' ଲେଖିଥିଲେ । ଏହାର କବିତ୍ୱ-ବିକାଶ ପ୍ରଦର୍ଶନ ଲାଗି, ଏଠାରେ ଦୁଇ ଛାନ୍ଦରୁ କେତୋଟି ପଦ ଉଦ୍ଧାର କରାଯାଉଛି ।

ରାଗ— ଚୋଖି

କୁନ୍ଦ କରକ ହୀରକ     ମୁକୁତାଫଳ କରକ
ହୃଦସ୍ଥ ଜଟା ନାସ୍ତିକ ସତ୍ତୁ ରଦନା
ସିନ୍ଦୂର ମନ୍ଦାର ବାଳ     ଅରୁଣ ବିମ୍ବ ପ୍ରବାଳ
ମାଣିକ୍ୟ ବନ୍ଧୁଲୀ ଫୁଲ ରଦ ଛଦନା
ନବ ବଧୂ ମଧୁ ରାଧିକା
ଆଦରଣ ସାରସ ବଦନୀ ରାଧିକା । ୧ ।

ସେ ସୁରଭି ସୁରତରୁ     ତରୁଣୀ ରମ୍ଭ ରମ୍ଭୋରୁ
ଚତୁର୍ଦ୍ଦଶୀର ପ୍ରାନ୍ତରୁ ଉଠି ବସିଲା
ପୂଜିବା ପାଇଁ ସୁମନ     ଶରକୁ ବେଗେ ଗମନ
ତୋଳିବା ପାଇଁ ସୁମନା ମନେ ରସିଲା
ସଙ୍ଗ ସେ ନ କରି ସଜନୀ
ମଣ୍ଡିଲା ମଧ୍ୟମଣ୍ଡଳୀ ବନ ଅବନୀ । ୨ ।

କୃଷ୍ଣାସ୍ତ ଛାନ୍ଦ

ନୀଳମଣି ଇନ୍ଦୀବର     ଘନ ତମାଳ ସୁନ୍ଦର
ଯୁବାବୃନ୍ଦ ପୁରନ୍ଦର ନଟ ନାଗର
କନକ ପଦ୍ମକେଶର     କୁଙ୍କୁମ କାନ୍ତି ଅମ୍ବର
ନାଗରୀ ଚିତ୍ତ ଚଉର ରସ ସାଗର
ଖେଳୁଥିଲେ ନିକୁଞ୍ଜ ବନ
ସୁନ୍ଦରୀ ପୁରନ୍ଦରୀରେ ନେତ୍ର ପତନ । ୧ ।

ଭାବିଲେ ଏ ତ ବିକୁଳି     ମଧ୍ୟରେ କରଇ କେଳି
କୁସୁମିତ ଲତାବଳି କି କାଳବଶେ
କିବା ମୋ ପୂର୍ବ ସୁକୃତ     ଠୁଳ ହୋଇ ରୂପବନ୍ତ
ଧାତା ଆଣିଲା ଏକାନ୍ତ ବିପିନ ଦେଶେ
ଥାଉ ତ ସେ ଯାହା ଇଚ୍ଛଇ
ଜାଣନ୍ତି ନୋହିବ କିପାଁ ଏ କାଳ ବହିଁ । ୨ ।

## (୨୭) ରସପୋଇ—

ଏହାର ଶେଷ ଗ୍ରନ୍ଥରେ ଲେଖା ଅଛି 'ଦଶମ ପୋଇ' ଏବଂ ମୂଳରେ ଅଛି "ଏକେ ରସବନ୍ତୀ ଗୋପର ସୁବନ୍ତୀ" ଇତ୍ୟାଦି । ଏ 'ରସ ପୋଇ'ରେ ଦଶଟି ଗୀତ କାହିଁକି ରହିଲା ଜାଣିହେଉ ନାହିଁ ( ଏହା କଣ ଭଞ୍ଜଙ୍କ ଦଶ ପୋଇ କି, ଭୁଲରେ 'ଦ'ଟା 'ର' ହୋଇ ଯାଇଛି ? ) । 'ରସ' ଶବ୍ଦ ବହୁ ଅର୍ଥ ବିଶିଷ୍ଟ ହେଲେ ମଧ୍ୟ, ସାଧାରଣତଃ ତାହା ଛଅ, ଆଠ କିମ୍ବା ନଅକୁ ବୁଝାଇଥାଏ, ( ଯେହେତୁ ବୈଦ୍ୟଶାସ୍ତ୍ରରେ ଷଡ଼ରସ, ନାଟ୍ୟଶାସ୍ତ୍ରରେ ଅଷ୍ଟରସ ଏବଂ ସାହିତ୍ୟ-ଶାସ୍ତ୍ରରେ ନବରସ ମୁଖ୍ୟତଃ ବୁଝାଯାଇଥାଏ ) । କେହି କେହି କହନ୍ତି, ଭଞ୍ଜେ 'ଛ ପୋଇ' ଲେଖି ତାଙ୍କର ଛଅଟି ପୋଇ ରଚନାର ସୂଚନା ଦେଇଛନ୍ତି, ଯଥା—ଛ ପୋଇ, ନ ପୋଇ, ଦଶ ପୋଇ, ରସ ପୋଇ, ବାର ପୋଇ ଓ ଷୋଳ ପୋଇ । ତଥାପି, ଏହା ଏକ ଅନୁମାନ । ହୁଏ ତ ଅଧିକ ସଂଖ୍ୟକ ପୋଇ ରଚନା ଥାଇପାରେ । ପ୍ରତ୍ୟେକ ପୋଇ ଗୀତରେ ଦୁଇ ଭାଗ ଅଛି । ଗୋଟିଏ ବଡ଼ ଭାଗ, ଯହିଁରେ ଆଠ ଦଶ ପଦ ପର୍ଯ୍ୟନ୍ତ ଅଛି । ଶ୍ରେଷ୍ଠ ଭାଗରେ ମାତ୍ର ଦୁଇଟି ଲେଖା ପଦ ଅଛି । ଏହାର ବିଷୟ ବିନ୍ୟାସରେ ଦୋଷ ଥିଲା ପରି ଜଣାଯାଉଛି, ଯାହା କି ଏହାପରେ 'ଭଞ୍ଜ ରଚନାବଳୀର ସମ୍ପାଦନା' ପ୍ରସଙ୍ଗରେ ବୁଝାଇ ଦିଆଯାଉଛି ।

'ରସ ପୋଇ'ରେ କୃଷ୍ଣ ଏବଂ ଗୋପାଙ୍ଗନାମାନଙ୍କର ରସପୂର୍ଣ୍ଣ ଚରିତ ବର୍ଣ୍ଣିତ ହୋଇଅଛି ।

## (୨୭) ସଙ୍ଗୀତ ଉପେନ୍ଦ୍ର ଭଞ୍ଜ—

ଏହା ଏକ କ୍ଷୁଦ୍ର ରଚନା । ଏଥିରେ ସର୍ବମୋଟ ଛବିଶଟି ସଙ୍ଗୀତ ଅଛି । ଏଭଳି ଏକ ପୁସ୍ତିକା ହୁଏ ତ ଉପେନ୍ଦ୍ର ଭଞ୍ଜଙ୍କର ପରିକଳ୍ପନା ପ୍ରସୂତ ନୁହେ । ଏଥିରେ ଦୁଇ ପ୍ରକାର ରଚନା ସମାବେଶିତ ହୋଇଥିବାର ପରିଲକ୍ଷିତ ହୁଏ । ପ୍ରଥମଟି ହେଉଛି, ଭିନ୍ନ ଭିନ୍ନ ସମୟରେ, ଭିନ୍ନ ଭିନ୍ନ ପରିସ୍ଥିତିରେ କବି କଣ୍ଠରୁ ଝରି ପଡ଼ିଥିବା ସୁମଧୁର ସଙ୍ଗୀତ । ଦ୍ୱିତୀୟ, କବିଙ୍କର ଅନ୍ୟାନ୍ୟ ରଚନାରୁ ଅତ୍ୟଧିକ ଜନପ୍ରିୟତା ଲାଭ କରିଥିବା ସୁଗେୟ, ସୁନ୍ଦର ଖଣ୍ଡକବିତା ।

'ସଙ୍ଗୀତ ଉପେନ୍ଦ୍ର ଭଞ୍ଜ'ର ପ୍ରଥମ ସଙ୍ଗୀତଟି 'ଚଉପଦୀ'ର ଦ୍ୱିତୀୟ ଗୀତ । ଏହାଛଡ଼ା, ଏଥିରେ ଅନେକ ସଙ୍ଗୀତ, ମୁଖ୍ୟତଃ ଗଞ୍ଜାମର ପୁରପଲ୍ଲୀରେ

ଗୀତ ହୋଇ ( ଏବଂ ଓଡ଼ିଶାର ଅନ୍ୟ ଅଞ୍ଚଳମାନଙ୍କରେ ମଧ୍ୟ ) ଲକ୍ଷ ଲକ୍ଷ ଶ୍ରୋତାଙ୍କର ଶ୍ରୁତି-ରସାୟନ ହୋଇ ପାରିଛି । ତହିଁରୁ କେତୋଟିର ଘୋଷା-ପଦ ବା ମୂଳପଦ ଏଠାରେ ଉଦ୍ଧାର କରାଯାଉଅଛି—

୧—ଆଜ ଦେଖିଲି ଗୋ, ନବୀନ ବୟସୀ ବାଳା ।

୨—ରଖିଲୁ ମନ କମ୍ବୁଧରୀ ପଛେ ରେ ।

୩—ଶ୍ରୀମନ୍ତ ଶ୍ରୀକାନ୍ତ ବୃନ୍ଦାବନେ କେଳି ରଚିଲେ ।

୪—ଏ ଘୋର ବରଷାକାଳେ ପ୍ରିୟରସ
ରସ ଆଦରରେ ବସିଥିବ

୫—ଦୂତୀ କହିବୁ ଗୋ, ଚିତ୍ତଚୋରଙ୍କୁ ଏତେକ ।

୬—ଆହା ମୋ ଜୀବନଧନ ଜୀବନେ କି ଥିବ ରେ ।

୭—ମଲ୍ଲୀମାଳ ଶ୍ୟାମକୁ ଦେବ, ମନ ତୋଷିବ ।

## ଏହି ୨୭ ଖଣ୍ଡ ଭଞ୍ଜଙ୍କର ପ୍ରକାଶିତ ରଚନା–

ନିମ୍ନଲିଖିତ ଏହି ୨୭ ଖଣ୍ଡି ପୁସ୍ତକ-ପୁସ୍ତିକା ପ୍ରକାଶିତ ହୋଇ ସାରିଛି ବୈଦେହୀଶ ବିଳାସ' ପ୍ରଭୃତିର ବହୁ ସଂସ୍କରଣ ବିଭିନ୍ନ ମୁଦ୍ରାଯନ୍ତ୍ରରୁ ପ୍ରକାଶିତ । ରସପୋଇ' ପ୍ରକାଶିତ ହୋଇଥିଲେ ହେଁ, ଉଦ୍ଭଟର ନଟବର ସାମନ୍ତରାୟ ପଣ୍ଡିତ ସୂର୍ଯ୍ୟନାରାୟଣ ଦାଶ, ଶ୍ରୀ ଅନନ୍ତ ପଦ୍ମନାଭ ପଟ୍ଟନାୟକ, ଶ୍ରୀ ଦାମୋଦର ଦାସ ପ୍ରଭୃତିଙ୍କ ଆଖିରେ ସେ ପଡ଼ି ନାହିଁ । ଭଞ୍ଜଙ୍କର ସମସ୍ତ ରଚନା ( ଯେ କୌଣସି ସଂସ୍ଥା ପକ୍ଷରୁ ପ୍ରକାଶିତ ହୋଇଥାଉ ପଛେ ) ଏକତ୍ର ସଂଗୃହୀତ ହୋଇ ରହିବା କଥା ।

## ଭଞ୍ଜଙ୍କର ଅପ୍ରକାଶିତ କାବ୍ୟାଦି ପରିଚୟ

ଭଞ୍ଜଙ୍କର ଅପ୍ରକାଶିତ କାବ୍ୟ-କବିତାଦିର ନାମ ଏ ପର୍ଯ୍ୟନ୍ତ ପୂର୍ଣ୍ଣଭାବରେ ନିରୂପିତ ହୋଇପାରି ନାହିଁ । ଏ ଦୃଷ୍ଟିରୁ ତାଙ୍କର ବୋଲି କୁହାଯାଉଥିବା ଅପ୍ରକାଶିତ ତିରିଶ ଖଣ୍ଡି କାବ୍ୟର ନାମୋଲ୍ଲେଖ ପରେ 'ଇତ୍ୟାଦି' ଶବ୍ଦ ପ୍ରୟୋଗ କରାଯାଇ, ଏହି ଅନିଶ୍ଚୟତା ହିଁ ପ୍ରତିପାଦିତ ହୋଇଅଛି । ତଥାପି, ପରମ୍ପରା ପ୍ରଚଳିତ କେତେକ ଉପାଦାନ ସାହାଯ୍ୟରେ, ତଥା ଅନ୍ୟ ଭାବରେ ଲବ୍ଧ ପ୍ରମାଣ ବଳରେ, ଏଠାରେ କେତୋଟି ଅପ୍ରକାଶିତ ରଚନାର ସାମାନ୍ୟ ପରିଚୟ ପ୍ରଦାନ କରାଯାଉଅଛି । ଅନେକ ସ୍ଥଳରେ ଅନୁମାନ ହିଁ ପ୍ରଧାନ ସମ୍ବଳ ହୋଇଅଛି ।

### (୧) ଷୋଳ ପୋଇ—

ଏହି ନାମରୁ ଜଣାଯାଏ, ଏହା ଏକ ପୋଇ ଜାତୀୟ ରଚନା ଏବଂ ଏହା ୧୬ ଛାନ୍ଦରେ ବିଭକ୍ତ । ଏ ପର୍ଯ୍ୟନ୍ତ ଭଞ୍ଜଙ୍କର ରାମ-କଥା ମୂଳକ ତିନୋଟି ରଚନା ଜନପ୍ରିୟତା ଲାଭ କରିଅଛି, ଯଥା—ବୈଦେହୀଶ ବିଳାସ, ଅବନା ରସତରଙ୍ଗ ଏବଂ ରାମଲୀଳାମୃତ । କିନ୍ତୁ, ସଂପୂର୍ଣ୍ଣ ରାମ-କଥା ପରିବେଷକ 'ଷୋଳ ପୋଇ' କାବ୍ୟ ଏ ପର୍ଯ୍ୟନ୍ତ ସର୍ବସାଧାରଣଙ୍କ ଦୃଷ୍ଟିକୁ ଆସିପାରି ନାହିଁ । ପ୍ରଥମ କଥିତ ତିନୋଟିଯାକ କାବ୍ୟ ମୂଳ ରାମାୟଣର ସାତ କାଣ୍ଡର ଚରିତ ପରିବେଷଣ କରିପାରି ନାହିଁ । କିନ୍ତୁ, ଷୋଳ ପୋଇ ରାମଙ୍କ ଜନ୍ମଠାରୁ ରାମଙ୍କ ସଦେହରେ ବୈକୁଣ୍ଠ ଗମନ ପର୍ଯ୍ୟନ୍ତ ସମସ୍ତ ଚରିତ ବର୍ଣ୍ଣନା କରି, ଭଞ୍ଜ-ସାହିତ୍ୟ-କାନନରେ ସ୍ୱୈର ବିଚରଣ କରି ସ୍ୱତନ୍ତ୍ର ସମ୍ମାନ ଦାବୀ କରୁଅଛି ।

ଏହା ଶବ୍ଦପାଣ୍ଡିତ୍ୟ ତଥା ପ୍ରାଚ୍ୟ ବିଦଗ୍ଧତା ଦୃଷ୍ଟିରୁ ଭଞ୍ଜଙ୍କର ଏକ ବରେଣ୍ୟ ରଚନା । ତଳେ ବିଭିନ୍ନ ସ୍ଥାନରୁ ପାଞ୍ଚୋଟି ପଦ ଉଦ୍ଧାର କରାଯାଉଛି । ଭାତ ହାଣ୍ଡିରୁ ଗୋଟିଏ ଟିପିଲା ପରି, ଏହି ଉଦ୍ଧୃତପଞ୍ଚକ ଏ କାବ୍ୟ ସମ୍ପର୍କରେ ସମ୍ୟକ୍ ଧାରଣା ପ୍ରଦାନ କରିବାକୁ ସମର୍ଥ ହେବ ।

(୧) ରାବଣ କହନ୍ତେ ରାବଣ ସନ୍ତୋଷ ରାବଣକୁ ପେଷିଦେଲା
ରାବଣମୁଖୀକି ରାବଣ ଦେଖାଇ ରାବଣ ଆଣ ବୋଇଲା ।

(୨) ଜାଣି, ଜନକ ରାଜନ ଜନକ ରାଜନ ଜନକ ରାଜନ ପୂଜା କରି
ବଂଶ, ପ୍ରତାପ ପ୍ରସାଦ କରାଇ ପ୍ରତାପ ସୂର୍ଯ୍ୟବଂଶ ପ୍ରତାପକୁ ଧରି ।

(୩) ମହୀ, ରାବଣ ରାବଣ ରାବଣ ରାବଣ ଯାଉ ରାବଣ କି ଅଛୁ ବସି
ଧନୁରେ ଧନୁରେ ଯେ ଧନୁ ଧନୁରେ ଯେ ନେବ ମୋହର ଧନୁରାଶି ।

(୪) ଏତେ, ଶୁଣି ଦଶରଥ ଚଳି ଦଶରଥ ଦଶରଥ ସଙ୍ଗେ ପାତ୍ରମନ୍ତ୍ରୀ
କରି, ବଶିଷ୍ଠ ବଶିଷ୍ଠ କି ଋଷି ବଶିଷ୍ଠ ବଶିଷ୍ଠ ପଦରେ ପାଉଛନ୍ତି ।

(୫) ପ୍ରଥମ ଛାନ୍ଦରେ କବି ଲେଖିଛନ୍ତି—
କବି, ସାରବର ପଦ ସାରବର ସାରବର ପାଦେ ସାରବର
ଭଞ୍ଜ, ଭଞ୍ଜ ଉପଇନ୍ଦ୍ର ଭଞ୍ଜ ଉପଇନ୍ଦ୍ର ଉପଇନ୍ଦ୍ର ଇନ୍ଦ୍ର ସାର ସାର ।

## (୨) ନାରଦ ପୁରାଣ—

ଉପେନ୍ଦ୍ର ଭଞ୍ଜ ନିଜ କାବ୍ୟ କବିତା ସମ୍ପର୍କରେ କିଛି ତଥ୍ୟ ପ୍ରକାଶ କରିବାକୁ ଯାଇ ଲେଖିଛନ୍ତି—

"ପୁରାଣ ରୁଚି କଳ୍ପନା ମାଧୁରୀ"

( ଛନ୍ଦକାବ୍ୟ ବନ୍ଦୋଦୟ—ପ୍ରଥମ ଛାନ୍ଦ )

ଅନ୍ୟ ଭାବରେ କହିଲେ, ସେ ପୁରାଣ ଗ୍ରନ୍ଥ ଲେଖିବା କଥା କହିଛନ୍ତି । ଏତେ ଦିନ ପରେ ଉପେନ୍ଦ୍ରଙ୍କ 'ନାରଦ ପୁରାଣ' ଆମର ଦୃଷ୍ଟିଗୋଚର ହୋଇ-ଅଛି । ଏହି ପୁରାଣର ମୂଳରେ କେତେଗୁଡ଼ିଏ ବନ୍ଧବନ୍ଧନାତ୍ମକ ଶ୍ଳୋକ ରହିଅଛି । କିନ୍ତୁ ସେଗୁଡ଼ିକ ଭଞ୍ଜଙ୍କର ନିଜ ରଚନା ନୁହେଁ । ଏହା ରାଜ୍ୟ ସଂଗ୍ରହାଳୟରେ ଅଛି ।

ତା ପରେ ପୁରାଣ ଆରମ୍ଭ ହୋଇଛି । ତହିଁରୁ କେତୋଟି ପଦ ଏଠାରେ ଉଦ୍ଧାର କରାଯାଉଛି—

ନମଃ ସରସ୍ୱତୀ ଶ୍ରୀହରି ବଲ୍ଲଭ ବନ୍ଦୁଛି ତୋ ପାଦ ମୁହିଁ
ମୋ କଣ୍ଠେ ବିଜୟ କର ଆଦ୍ୟମାୟେ କବିତ୍ୱରେ ପ୍ରୀତ ହୋଇ ।

× × ×

ସେ ଆଜ୍ଞା ଦେବାରୁ କବରୁ ମୁଁ କଲି ବ୍ରହ୍ମବୈବର୍ତ୍ତ ଯେମ୍ନ
ଯେଣୁ ପୁରାଣ ଯେତେ ବଖାଣ କରୁଛି ନାରଦ ସମ୍ବାଦ ହୋଇ ।
ସରସ୍ୱତୀଙ୍କର ବନ୍ଦନା ସମ୍ପୂର୍ଣ୍ଣ ହରିବୋଲ ସଜ୍ଜନ
ଉପେନ୍ଦ୍ର ଭଞ୍ଜ ସରସ୍ୱତୀ ପାଦେ କାକୁସ୍ଥେ ହେଲେ ନିମଗ୍ନ ।

× × ×

ଆଦ୍ୟ ଅନ୍ତ କରେ ରତିଙ୍କ ଜନମ କହିଲି ତୋତେ ବୁଝାଇ
ହାତ ହିଁଅଠାରୁ ରତି ଜନ୍ମ ହେଲେ ସଭିଙ୍କୁ ଅଯୋଗ୍ୟ ସେହି ।
କହେ ଉପେନ୍ଦ୍ର ନୃପକୁଳ ଚନ୍ଦ୍ର ନିଆଁଙ୍କ (?) ଜନ୍ମ ଯେହ୍ନି
ବତିଶ ଛନ୍ଦେ ଯେ ଗ୍ରନ୍ଥ ପୂର୍ଣ୍ଣ ହେଲା ଶୁଣ ହେ ସଙ୍ଗୀତ ଭାଇ ।

## (ଗ) ପଦ୍ମାବତୀ ପରିଣୟ —

ଏହା ଚାନ୍ଦର ଗ୍ରନ୍ଥ ବିଶିଷ୍ଟ ପୁଣି 'ବୈଦେହୀଶ ବିଳାସ'ର 'ବ' ନିୟମ ପରି ଏହା 'ପ୍ର' ନିୟମରେ ରଚିତ ।

ଏହି କାବ୍ୟର ତାଳପତ୍ର ପୋଥି ଦେଖିବାର ସୁଯୋଗ ମୁଁ ପାଇ ନାହିଁ । ଅନେକ ବର୍ଷ ତଳେ ମୋ ପିତାଙ୍କୁ କେହି ଜଣେ ଘୁମୁସରବାସୀ ଏହାକୁ ସାଦା କାଗଜରେ ଉତ୍ତାରି ଦେଇଥିଲେ । ଏହାର ଶେଷ ଦୁଇଟି ଛାନ୍ଦର ଅନେକ ଅଂଶ ନାହିଁ ଏବଂ ତ୍ରୟୋଦଶ ଛାନ୍ଦର କେତେକ ପଦ ମଧ୍ୟ ଅସ୍ପଷ୍ଟ । ଏହାର ମୂଳର କେତୋଟି ପଦ ମଧ୍ୟ ନାହିଁ । ଯେଉଁଠାରୁ ଥିବା ଅଂଶ ଆରମ୍ଭ, ତାହିଁରେ ଅଛି—

ପରିମଳା କୋମଳାଙ୍ଗୀ ଅଙ୍ଗର ସୁବାସ
ପରକଟି ତୁଷ୍ଟି ପୁଷ୍ଟି କରେ ପଞ୍ଚକୋଶ ।
ପ୍ରଫୁଲ୍ଲ ବିବିଧ ଫୁଲ ଫୁଲରେ ସଜ୍ଜିତ
ପ୍ରବେଣୀ କି ସୁବାଣୀର ଉପମା ନହିଁ ତ ।
ପତଙ୍ଗ ଯା ଗତି ଜିତ କୁଞ୍ଚିତ କୁନ୍ତଳା
ପଙ୍କଜ ଝଲ୍ଲରିକ ନାହିଁ ସମତୁଲ ।
ପାଶାଙ୍କିତ ଶ୍ରବଣକୁ କେ କରୁ ସମାନ
ପ୍ରଭେଦ ଦ୍ୱାଦଶ ହେଲା   କାରର ଘେନ ।

ପ୍ରମଦାର ଦେଖି ଗୁରୁ ସୁକପୋଳ ଯାଳ
ଫାଷ୍ଟଶର ଦରେ ହର ହେଲେ କ କପାଳୀ ।

ଅନ୍ୟ ତାଳପତ୍ର ପୋଥି ନ ମିଳିଲେ ଏହାର ସମ୍ପାଦନା କଷ୍ଟସାଧ୍ୟ ହେବ ।

(୪) **ଚନ୍ଦ୍ରକଳା**—(୧୬ ଛାନ୍ଦ)

କବିସୂର୍ଯ୍ୟଙ୍କର 'ଚନ୍ଦ୍ରକଳା' ସୁପ୍ରସିଦ୍ଧ । କିନ୍ତୁ ଭଞ୍ଜଙ୍କ 'ଚନ୍ଦ୍ରକଳା' ଏ ପର୍ଯ୍ୟନ୍ତ ଲୋକଲୋଚନକୁ ଆସିପାରି ନାହିଁ । ମୋର ଶ୍ରଦ୍ଧେୟ ଗୁରୁ ଅଧ୍ୟାପକ ପ୍ରଫୁଲ୍ଲକୁମାର ଦାଶ (ଆସିକା), ଚନ୍ଦ୍ରକଳା ସମ୍ପର୍କରେ ଉଦ୍ଧୃତ ସହିତ ଯେତିକ ତଥ୍ୟ ଯୋଗାଇ ଦେଇଛନ୍ତି, ସେହିତକ ମୁଁ ଏଠାରେ ଉପସ୍ଥାପନ କରୁଅଛି । ସେ ମତେ ଜଣାଇଛନ୍ତି, ଚଞ୍ଜାମରୁ ପ୍ରକାଶ ପାଉଥିବା କୌଣସି ଏକ ପତ୍ରିକାରେ, ପ୍ରାୟ ୧୦।୧୫ ବର୍ଷ ତଳେ 'ଚନ୍ଦ୍ରକଳା' ସମ୍ପର୍କରେ ଏକ ପ୍ରବନ୍ଧ ବାହାରିଥିଲା । ପତ୍ରିକାର ନାମ ଜଣା ନାହିଁ । ତହିଁରୁ ସେ ଏହା ପାଇଛନ୍ତି ।

ଏ କାବ୍ୟ ୧୬ ଛାନ୍ଦରେ ସମ୍ପୂର୍ଣ୍ଣ । ବଡ଼ ଆନନ୍ଦ ଓ ଆଶ୍ଚର୍ଯ୍ୟର କଥା, ଏ କାବ୍ୟରେ ନାୟକ ହେଉଛନ୍ତି ଉତ୍କଳର ରାଜକୁମାର ଏବଂ ନାୟିକା ହେଉଛନ୍ତି କୋଶଳ ଦେଶର ରାଜକୁମାରୀ । ରଚନାର ପରିପାଟୀରେ ଭଞ୍ଜୀୟ ସ୍ୱାକ୍ଷର ଗଭୀର ଭାବରେ ମୁଦ୍ରିତ ହୋଇ ରହିଛି ।

ଏଥିରେ କୁଆଡ଼େ ଏକ ବିଚିତ୍ର ଧରଣର କାବ୍ୟାଂଶ ରହିଅଛି । ଠାଏ କେତୋଟି ପଂକ୍ତିରେ ପଞ୍ଚଦେବତାଙ୍କ ବନ୍ଦନା କରାଯାଇଛି । ଯେପରି ପଂକ୍ତିଗୁଡ଼ିକ ଅଛି, ସେପରି ଭାବରେ ପଢ଼ିଗଲେ, ଜଣେ ଦେବତାଙ୍କର ବନ୍ଦନା ହୁଏ । ପ୍ରତି ଧାଡ଼ିର ପ୍ରଥମ ଅକ୍ଷର କାଟିଦେଲେ ଯାହା ରହିଲା, ତାକୁ ପଢ଼ିଗଲେ, ଦ୍ୱିତୀୟ ଦେବତାଙ୍କ ବନ୍ଦନା ବାହାରିପଡ଼େ । ପ୍ରତି ଧାଡ଼ିର ମୂଳରୁ ଦୁଇ ଦୁଇଟି ଅକ୍ଷର କାଟିଦେଲେ, ଆଉ ଏକ ଦେବତାଙ୍କର, ତିନ ତିନୋଟି ଅକ୍ଷର କାଟିଦେଲେ, ଆଉ ଏକ ଦେବତାଙ୍କର ଓ ଚାରି ଚାରୋଟି ଅକ୍ଷର କାଟିଦେଲେ, ଆଉ ଏକ ଦେବତାଙ୍କର ବନ୍ଦନା ବାହାରିପଡ଼େ । ଏହା ପଣ୍ଡିତ ଶ୍ରୀଧର ଶତପଥୀ କହିଛନ୍ତି ।

ଏପରି ଯଦି ହୋଇଥାଏ, ମଧ୍ୟଯୁଗର ଶବ୍ଦକଳା ବିଷୟରେ ଏ ଅଂଶ ମହତ୍ତ୍ୱପୂର୍ଣ୍ଣ ହୋଇ ଉଠିବ ।

ଏହି 'ଚନ୍ଦ୍ରକଳା' କାବ୍ୟରେ କୋଶଳ ଦେଶର ରାଜକୁମାରୀଙ୍କ ସହିତ ଉତ୍କଳର ରାଜକୁମାରଙ୍କର ବିବାହ ବର୍ଣ୍ଣିତ । ପ୍ରଥମ ଛାନ୍ଦରେ ଶ୍ରୀରାମଚନ୍ଦ୍ରଙ୍କ ବନ୍ଦନା—

ରାମ ଲକ୍ଷ୍ମଣ ଲକ୍ଷ୍ମଣ ଲକ୍ଷ୍ମଣେ ପୂଜିତ
ଶତ୍ରୁଘ୍ନ ଶତ୍ରୁଘ୍ନ ଭ୍ରାତ ଶତ୍ରୁଘ୍ନେ ପୂଜିତ ।
ବିଭୀଷଣ ବିଭୀଷଣ ବିଭୀଷଣ ଭ୍ରାତ
ବିଭୀଷଣ ରୂପ ଶରେ କରିଛ ନିପାତ ।

ଦ୍ୱିତୀୟ ଛାନ୍ଦରେ ଚନ୍ଦ୍ରକଳାର ସଖୀମାନଙ୍କ ସହ କଥୋପକଥନ ବେଳେ ବସନ୍ତ ଋତୁ ବର୍ଣ୍ଣନା—

ମଧୁର ମଧୁମାସେ ମଧୁମୟ ଦିବସେ
ମଧୁର ମଧୁକଣ୍ଠେ ଭାଷି
ମଧୁଲିଟ ମଧୁରେ ମଧୁର ଝଙ୍କାରରେ
ସୁମନରୁ ମଧୁ ବିନାଶି, ରେ ସହଚରି !
ଏହି କି ଗୋ ମଧୁ ସମୟ
ସବୁ ଲାଗଇ ମଧୁମୟ ।
ମଧୁସୂଦନଗଣ ମଧୁସ୍ୱରେ ଗୁଞ୍ଜନ
ମଧୁରେ କରନ୍ତି ଅଥୟ
ରେ ସହଚରି !

ତୃତୀୟ ଛାନ୍ଦ—ମେଘକୁ ଦେଖି ଚନ୍ଦ୍ରକଳାର ସଖୀମାନେ କହୁଛନ୍ତି—

ଆହେ ଜଳଧର ଧରଣୀଧର ଧର ଆଚ୍ଛାଦି
ବିଳାସକୁ କର ନ ହୁଅ ଆମ୍ଭ ସହ ବିବାଦୀ ।
ଖାଲୁ ବୃହଭାନୁ ବିବାଦ ତୁମ୍ଭେ ନାଶ କରୁଛ
ବିରହ ଅଗ୍ନିରେ ବିରହୀ ତୁମ୍ଭେ ନାଶ କରୁଛ ।

ଚତୁର୍ଥ ଛାନ୍ଦ—ମୁଖ ସହିତ ଚନ୍ଦ୍ର ଓ ପଦ୍ମର ତୁଳନା—

ସାରସ ସାରସ ହୁଇ ଗର୍ବ ବହି ବହି
ପାଶରେ ଯାଇ ମିଳିଲେ ଟେକିଲୁ ଟେକାଇ

ତୋର ମୁଖକୁ ସମାନ,
ଭୂତଳରେ ସମାନ ନୋହିବ ଜନେ ସ୍ୱର୍ଗେ ସ୍ଥାନ ।

ଅଦ୍ଭୁତ ଉପମା-

ପୁଷ୍ପବନ୍ତ ଏକଠାବେ ଦେଖା ନୋହେ କେବେ
ଏବେ ତୋହର ଅଧରେ ହାସରେ ସମ୍ଭବେ
ଅଦଭୂତ କଥା ଅଛି
ଲତାରେ ପର୍ବତ ଜାତ ତୋର ସମ୍ଭବିଛି ।

ଉତ୍କଳର ମହିମା ବର୍ଣ୍ଣନା—

ଧନ୍ୟ ଏ ଉତ୍କଳ ଦେଶ ଧନ୍ୟ ଏ ନରେଶ
ଯହିଁ ବିଜେ କରିଛନ୍ତି ପ୍ରଭୁ ଜଗଦୀଶ
ଧନ୍ୟ ଏ ନଗ୍ର ମହିମା,
ଭେଦା ଭେଦ ନାହିଁ କିଛି କି ଦେବା ଉପମା ।

ଶୁର ଜାତି ଶୁର ବର୍ଗ ସର୍ବଦା ଭଜନ୍ତି
ବାଣିଜ୍ୟରେ ଏହି ଜାତି ବିଦେଶ ଗମନ୍ତି
ଧନ୍ୟ ଏ ଜାତି ମହିମା
ଉପମା ସମାନ ଭାଷା ନାହିଁ ତ ଉପମା ।

ପଞ୍ଚମ ଛାନ୍ଦ- ଚନ୍ଦ୍ରକଳା ବିରହିଣୀ ଅବସ୍ଥାରେ ଅଭିମାନିନୀ ହୋଇ
କହୁଛି-

ମାନସେ ମାନସ ହଂସ ତୁମ୍ଭେ ଅଟ ସୁମନସ
ମାନସରେ ଜାତ ହୁଏ ଏତେକ ମୋର
ମାନସ ମୋହନ ରୂପ ମାନସର ଅଟେ ଭୂପ
ମାନସେ ପାସୋରି ନୁହେ ରୂପ ତୁମ୍ଭର
ମାନସକୁ କର ସନ୍ତୋଷ
ମାନସରେ ବଶୁରିବ ମୋହର ଦୋଷ ।

ମାର ଶର ବାରମ୍ବାର ମାରଇ ମୋର ଶରୀର
ମାର ତାତ ଦଶ ରୂପ ଅଛ ତ ବନ୍ଧି
ମାରଙ୍କେ କି ଯଶ ହେବ ମାରଣ ଦୋଷ ଲଭିବ
ମାର ସମ ରୂପ ନୃପ ଅଛ ତ ବନ୍ଧି
ମାର ଶତ୍ରୁ କର ଜଢାର
ମାର ଶର ମାରୁଅଛ୍ଛ ରାଜକୁମାର ।

ଜଙ୍ଗଲର ମହିମା ବର୍ଣ୍ଣନା—

ଶୁଣିଛୁ ଭୂମର କୀର୍ତ୍ତି ତବ ଦେଶ ରାଜନୀତି
ଭେଦା ଭେଦ ନୀତି ନାହିଁ ଭୂମ ଦେଶରେ
ସମସ୍ତ ଜନ ସମାନ ଧନ ମନ ଦେଇ ପ୍ରାଣ
ସମସ୍ତ ଶକତି ଦେଇ ଦେଶ ସେବାରେ
ଚଉବର୍ଗ ଯାକନ୍ତ ନିତି
ଗରବେ ସତତ ଦାନ ହୁଅଇ ନିତି ।

ତିନିଶହ ବର୍ଷ ତଳର ଓଡ଼ିଆ କବି 'ଦେଶସେବା' କଥା କହିଛନ୍ତି !!

## (୫) ତ୍ରୈଲୋକ୍ୟ ମୋହିନୀ–

ଗତ ତା ୧୬-୬-୭୪ ରେ ଭଞ୍ଜ-ସାହିତ୍ୟସେବୀ ପଣ୍ଡିତ ଶ୍ରୀଧର ଶତପଥୀଙ୍କଠାରୁ ଜାଣିବାକୁ ପାଇଲୁ ଯେ, ଏହି କାବ୍ୟ ଆମୂଳଚୂଳ 'ତ' ନିୟମରେ ଲେଖା, ଯେପରି କି 'ବୈଦେହୀଶ ବିଳାସ'ର 'ବ' ନିୟମ । ତହିଁରେ 'ଲାବଣ୍ୟବତୀ' ଓ 'କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ'ଠାରୁ ମଧ୍ୟ ଅଧିକ ଶବ୍ଦଶାସ୍ତ୍ରିତ୍ୟ ପ୍ରଦର୍ଶିତ ହୋଇଅଛି । ପଣ୍ଡିତ ଶତପଥୀ ଯେ ଟିଏ ପଦର ଯେଉଁ ଅଂଶଟି ମୁହଁରେ ଆବୃତ୍ତି କରି ମତେ ଶୁଣାଇଥିଲେ, ତାହା ହେଉଛି—

ତମାଳ ତମାଳ ତମାଳ ତମାଳ
ତମାଳ ତମାଳ ବରନା
ତଥି ପରେ ତଥି ତଥି ପରେ ତଥି
ତଥି ପରେ ତଥି ଶୋଭନା ।

ଆଶା କରାଯାଏ, ଏହି କାବ୍ୟ ନିକଟ ଭବିଷ୍ୟତରେ ପ୍ରକାଶଲାଭ କରିବ । 'ଲାବଣ୍ୟବତୀ' ପ୍ରଭୃତି ଭଳି ଏହା ଏକ ପ୍ରମୋଦ-କାବ୍ୟ । ଏ କାବ୍ୟର ନାମୋଲ୍ଲେଖ

ଜବ 'ଚନ୍ଦ୍ରକାବ୍ୟ ବଚନୋଦୟ'ରେ କରିଅଛନ୍ତି । ଏହା ଅନ୍ୟ ନାମରେ ଭଣିତା କରିଥିବା କଥା ମଧ୍ୟ କହୁଛନ୍ତି ।

## (୬) କଳାବତୀ—

ଏହି କାବ୍ୟ ଗତ ଜୁନ୍ ମାସରେ ପଣ୍ଡିତ ଶ୍ରୀଧର ଶତପଥୀଙ୍କର ହସ୍ତଗତ ହୋଇଛି ବୋଲି ତାଙ୍କଠାରୁ ପ୍ରକାଶ । ଏହି ମଧ୍ୟ 'ବୈଦେହୀଶ ବିଳାସ'ର 'ବ' ନିୟମ ପରି, 'କ' ନିୟମରେ ରଚିତ । ଏହା 'ଲାବଣ୍ୟବତୀ' ପରି ୪୮ ଛାନ୍ଦ ବିଶିଷ୍ଟ ଏକ ବିରାଟ କାବ୍ୟ । ନାମକରଣରୁ ହିଁ କାବ୍ୟର କଥାବସ୍ତୁ ସହଜରେ ଅନୁମେୟ ।

## (୭—୧୪) ଆଠ ଖଣ୍ଡି କାଳ୍ପନିକ କାବ୍ୟ—

ନିମ୍ନଲିଖିତ କାବ୍ୟଗୁଡ଼ିକର ନାମକରଣରୁ ଜଣାଯାଏ, ଏଗୁଡିକ ରସିକହାରାବଳୀ ଲାବଣ୍ୟବତୀ ପ୍ରଭୃତି ପରି ପ୍ରେମମୂଳକ କାଳ୍ପନିକ କାବ୍ୟ :—ମୁକ୍ତାବତୀ, କଳାବତୀ, ଇଚ୍ଛାବତୀ, ହେମ ମଞ୍ଜରୀ, ପ୍ରେମଲତା, ମନୋରମା, ଚନ୍ଦ୍ରରେଖା, କାମକଳା । ଏଗୁଡ଼ିକର କଥାବସ୍ତୁ ଅନୁମେୟ ହେଲେ ମଧ୍ୟ, ଛାନ୍ଦସଂଖ୍ୟା ତଥା ଆକାର ପ୍ରକାର ଜଣାଯାଉ ନାହିଁ ।

## (୧୫) ହାସ୍ୟାର୍ଣ୍ଣବ—

ଏହା କବିସୂର୍ଯ୍ୟଙ୍କର 'ହାସ୍ୟ-କଲ୍ଲୋଳ' ପରି ଏକ ରଚନା ହୋଇଥାଇ-ପାରେ । କେହି କେହି କହନ୍ତି, ଭଞ୍ଜଙ୍କର ଶହ ଶହ ଢଗ ଅଛି, ଯାହା ଶୁଣିବା ମାତ୍ରେ ନ ହସି ରହି ହୁଏ ନାହିଁ । ଶ୍ରୀଯୁକ୍ତ ଅନନ୍ତ ପଦ୍ମନାଭ ପଟ୍ଟନାୟକ ଏଭଳି ଏକ ତାଳପତ୍ର ପୋଥି ପୂର୍ବ ଘୁମୁସରର ବିଶିଷ୍ଟ ଜନପଦ ବୁଗୁଡ଼ାରେ ଦେଖିଥିବା କଥା କହୁଛନ୍ତି (୧) । ହୋଇପାରେ, ଲୋକମୁଖରେ ଏଭଳି ରଚନାସମଷ୍ଟି 'ହାସ୍ୟାର୍ଣ୍ଣବ' ନାମରେ ନାମିତ ହୋଇଅଛି । ତଥାପି ଏହା ଏକ ଅନୁମାନ ମାତ୍ର ।

## (୧୬) କଳ୍ପଯାତ୍ରା —

ନାମରୁ ଜଣାଯାଉଛି, ଏହା ଏକ ଜ୍ୟୋତିଷ ଗ୍ରନ୍ଥ । ଅଯୋଧ୍ୟା ନିବାସୀ ଓଡ଼ିଆ ସାଧୁ ଶ୍ରୀଯୁକ୍ତ ବଂଶୀଧର ଆଚାର୍ଯ୍ୟ ମଠର ଏହି ଲେଖି ସମ୍ବାଦ ଦେଇଅଛନ୍ତି (୨)

---

(୧) 'କବିସମ୍ରାଟ୍ ଉପେନ୍ଦ୍ର ଭଞ୍ଜ'—ପୃ-୨୪ । (୨) ପ୍ରାୟ ବର୍ଷେ ତଳେ ।

ଯେ, ଭଞ୍ଜଙ୍କ ସ୍ୱରଚିତ ଜ୍ୟୋତିଷ ଗ୍ରନ୍ଥର ସୂଚନା ସେ ପାଇଛନ୍ତି । ଏହାପରେ ସେ ଅଧିକ କିଛି ତଥ୍ୟ ପାଇଛନ୍ତି କି ନାହିଁ, ମୁଁ ଜାଣିପାରି ନାହିଁ । ହୋଇପାରେ, ଜ୍ୟୋତିଷ ଶାସ୍ତ୍ରର ସୁପଣ୍ଡିତ ଉପେନ୍ଦ୍ର 'କଟପାୟୀ' ରଚନା କରିଥିଲେ । ତଥାପି, ଅଧିକ ତଥ୍ୟ ମିଳିବା ପର୍ଯ୍ୟନ୍ତ ଏ ସମ୍ପର୍କରେ ନିର୍ଦ୍ଦିଷ୍ଟ ଭାବରେ କିଛି କୁହାଯାଇ ପାରିବ ନାହିଁ ।

## (୧୭) ବ୍ରଜଲୀଳା—

କବି 'ଚିତ୍ରକାବ୍ୟ ବନ୍ଧୋଦୟ'ରେ ନିଜ ଗ୍ରନ୍ଥ ତାଲିକା ଦେଇ ଲେଖିଛନ୍ତି— "ବରଜ ଲୀଳା ଯେ ଛାନ୍ଦ ଭୂଷଣ" । 'ଛାନ୍ଦ ଭୂଷଣ' ପ୍ରକାଶିତ ଏବଂ ଏହା ଭିତରେ ବ୍ରଜଲୀଳା ମଧ୍ୟ ଅଛି । କିନ୍ତୁ 'ଛାନ୍ଦ ଭୂଷଣ'ଠାରୁ 'ବ୍ରଜଲୀଳା' ଏକ ଅଲଗା ବହି ଭାବରେ ହିଁ ଗୃହୀତ ହୋଇଅଛି । କେହି କେହି ପଣ୍ଡିତ ମତରେ କହିଛନ୍ତି, "ବରଜ ଲୀଳା ଯେ ଛାନ୍ଦ ଭୂଷଣ"ର ଅର୍ଥ ହେଉଛି—ବ୍ରଜଲୀଳା ସମ୍ବଳିତ 'ଛାନ୍ଦ ଭୂଷଣ' କାବ୍ୟ । ଏ ବ୍ୟାଖ୍ୟାନ ଯଦି ଠିକ୍ ହୁଏ, ତାହାହେଲେ 'ବ୍ରଜଲୀଳା' ଏବଂ 'ଛାନ୍ଦ ଭୂଷଣ' ଦୁଇଟି ବହିକୁ ନ ବୁଝାଇ, ଗୋଟିଏ ବହି ଅର୍ଥରେ ହିଁ ଗୃହୀତ ହୋଇଯିବ । ତଥାପି, ଏ ଅବସ୍ଥାରେ ଏହି ଅନ୍ଧକାରମୟ କକ୍ଷରେ ଆଲୋକପାତ କରିବାର ଉପାୟ ନାହିଁ ।

## (୧୮) ରସମଞ୍ଜରୀ—

ଏହା ପଥାସମ୍ଭବ 'ସାହିତ୍ୟ ଦର୍ପଣ' ପ୍ରଭୃତି ଅଳଙ୍କାର ଗ୍ରନ୍ଥର ଅବଲମ୍ବନରେ ରଚିତ ରସତତ୍ତ୍ୱ ବ୍ୟାଖ୍ୟାନମୂଳକ ଗ୍ରନ୍ଥ । ଏହାର ବିଷୟବସ୍ତୁ ସମ୍ପର୍କରେ ଶ୍ରୀଯୁକ୍ତ ଅନନ୍ତ ପଦ୍ମନାଭ ପଟ୍ଟନାୟକ 'ଛନ୍ଦ ବିଷୟକ ରଚନା' ବୋଲି ଯାହା କହିଛନ୍ତି, ତାହା ଯୁକ୍ତିସଙ୍ଗତ ପ୍ରତୀତ ହୁଏ ନାହିଁ (୧) । 'ରସ ମଞ୍ଜରୀ'ରେ ଯଦି ଛନ୍ଦ ବିଷୟ ଅଛି ବୋଲି କୁହାଯିବ, ତେବେ 'ଛନ୍ଦୋମଞ୍ଜରୀ'ରେ କ'ଣ ରସ ବିଷୟର ଚର୍ଚ୍ଚା ହୋଇଛି ବୋଲି କହିବା ?

---

(୧) 'କବିସମ୍ରାଟ୍ ଉପେନ୍ଦ୍ର ଭଞ୍ଜ'—ପୃ-୪୩

## (୧୯) ସଂଗୀତ କୌମୁଦୀ—

ନାମକରଣରୁ ଜଣାଯାଏ, ଏହା ସଂଗୀତ ଶାସ୍ତ୍ର ବିଷୟକ ଏକ ଗ୍ରନ୍ଥ ।

## (୨୦) ବାରମାସୀ—

ବାରମାସୀ କୋଇଲି ଓଡ଼ିଶାରେ ସୁପରିଚିତ । ଏହି ରଚନାର ନାମକରଣରୁ ଜଣାଯାଏ, ବାର ମାସର ବିଶେଷତ୍ୱ ଏଥିରେ ବର୍ଣ୍ଣିତ । ତେବେ, ଏହା କେବଳ ପ୍ରାକୃତିକ ଗୁଣମାନଙ୍କର ରୂପାୟନ ଲାଗି ଉଦ୍ଦିଷ୍ଟ କିମ୍ବା ରାମ କୃଷ୍ଣ ଆଦିଙ୍କର ଲୀଳାବିଳାସ ପ୍ରଖ୍ୟାପନମୂଳକ, ଜାଣି ହେଉ ନାହିଁ ।

## (୨୧) ଦୁର୍ଗାସ୍ତୁତି—

ନାମକରଣରୁ ଜଣାଯାଏ, ଏହା ଭଗବତୀଙ୍କର ବନ୍ଦନାମୂଳକ ରଚନା । ଘୁମୁସରର ରାଜଧାନୀ କୁଲାଡ଼ ଗଡ଼ର ଅଧିଷ୍ଠାତ୍ରୀ ଦେବୀ ବ୍ୟାଘ୍ରଦେବୀ ବା ବାଗ୍‌ଦେବୀ ( ଡାକ ନାଁ ବାଘ ଦେଉଳ ) ଭବଙ୍କର କବିତ୍ୱ ଶକ୍ତିର ଆଦ୍ୟ-ଉଦ୍‌ବୋଧିକା । ଉପେନ୍ଦ୍ର ନିଜର କବିନ କୌଶଳ ମାଧ୍ୟମରେ ତାଙ୍କର ସ୍ତବନ କରିଥିବା ସହଜରେ ଅନୁମେୟ । କବି ନିଜେ କହିବା ଅନୁସାରେ ଏ ଧରଣର ଅଗଣିତ କବିତା ସେ ଲେଖିଛନ୍ତି ।

## (୨୨) ନୀଳାଦ୍ରୀଶ ଚଉତିଶା—

ଏହା କବିଙ୍କର ଶେଷ ଜୀବନର ରଚନା ପରି ମନେହୁଏ । କବିଙ୍କର ଆୟୁଷ ବିଚାରରେ ଏହି ଚଉତିଶା ଖଣ୍ଡିକ ଅସାଧାରଣ ଗୁରୁତ୍ୱପୂର୍ଣ୍ଣ । ଏହାର କେତେକ ଅଂଶ ଶ୍ରୀଯୁକ୍ତ ପଞ୍ଚାନନ ଉଦ୍ଧାର କରିଅଛନ୍ତି (୧) । ଏହାର ଶେଷ ପଦଟି ହେଉଛି—

ଖମାନଙ୍କୁ ବାରେ ଖମ ମୁଁ ଦର୍ଶନରେ
ଛିଡ଼ି ଖ୍ୟାତିକୁ ସମର୍ପିଲି
ଖମ ମୋ ଅପରାଧ ଖମ ମୋ ଜୀବ ସାଧ
ଖ୍ୟାତ ଚରଣ ତଳେ ଦେଲି

---

୧) 'କବିସମ୍ରାଟ୍ ଉପେନ୍ଦ୍ର ଭଞ୍ଜ'—ପୃ ୩୧-୩୨

ହେ ମାଳାଦ୍ରୀଶ,
ଷପୃତ ହେଲଣି ଏ ପିଣ୍ଡ
ଷଳ ଏ ଜଞ୍ଜାଳର ଦଣ୍ଡ
ଖ୍ୟାତ ଏ ଉପେନ୍ଦ୍ରର ଭଞ୍ଜକୁଳ ବେଷ୍ଟାର
ଚରଣ ତଳେ ହେଉ ରୁଣ୍ଡ ।

ଏହି ପଦଟିର ଆଲୋଚନା 'ଭଞ୍ଜ କେତେ ବର୍ଷ ବଞ୍ଚିଥିଲେ' ବରୁର ପ୍ରସଙ୍ଗରେ ହୋଇଅଛି ।

**(୨୩) କୁଞ୍ଜବହାର—**

ନାମରୁ ଜଣାଯାଏ, ଶ୍ରୀକୃଷ୍ଣଙ୍କ ଚରିତ ଏଥିରେ ପରିବେଷିତ

**(୨୪) ଲତା—**

ଏହା କି ଧରଣର ରଚନା ଜାଣିବାର ଉପାୟ ନାହିଁ । ହୁଏ ତ 'କନକ-ଲତା' ବା 'କଳ୍ପଲତା' ପ୍ରଭୃତି କୌଣସି ଏକ ନାୟିକାର ନାମାନୁସାରେ ଏ କାବ୍ୟ ରଚିତ ହୋଇଥିଲା । ଭୁଲକ୍ରମେ 'ଲତା' ବୋଲି ପଡ଼ାଯାଉଛି । ଏହା ପୁଣି କାହାର, ଦେଖିବାର କଥା ।

**(୨୫) ଗଜ ନିସ୍ତାରଣ—**

ଜଣାଯାଏ, ପୁରାଣର ଗଜ-କୁମ୍ଭୀର ଯୁଦ୍ଧ ଏବଂ ଭଗବାନଙ୍କ ଅନୁଗ୍ରହରୁ ଗଜୋଦ୍ଧାରଣ ଏହାର ଉପଜୀବ୍ୟ ବିଷୟ ।

**(୨୬) ଶ୍ରୀକୃଷ୍ଣ ବିହାର—**

ଅନୁମିତ ହୁଏ, କୃଷ୍ଣଙ୍କ ଚରିତ ଏଥିରେ ବର୍ଣ୍ଣିତ । କିନ୍ତୁ ଭଞ୍ଜଙ୍କର କି ନୁହେଁ, ଦେଖିବାକୁ ହେବ ।

**(୨୭) ଗରୁଡ଼ ଗୀତ—**

ଯଥାସମ୍ଭବ ଏହା ଗରୁଡ଼ ଗୀତା । ସମ୍ବାଦ (କଥାବାର୍ତ୍ତା) ଛଳରେ ଏଥିରେ ଭକ୍ତିତତ୍ତ୍ୱ ବିବୃତ ହୋଇଥିବା ସମ୍ଭବ ।

## (୨୮) ଷଡ଼ଋତୁ—

ଏହାର ନାମ 'ରସକାବ୍ୟ ବନ୍ଧୋଦୟ'ରେ ଅଛି । ହୋଇପାରେ, ମହାକବି କାଳିଦାସଙ୍କ 'ଋତୁସଂହାର' ଧରଣର ଏକ କବିତା ଗ୍ରନ୍ଥ ।

## (୨୯) ରହାସ ଲୀଳା—( ରାସଲୀଳା ? )

ଏହା 'ରାସଲୀଳା' ମଧ୍ୟ ହୋଇଥାଇ ପାରେ । ତେବେ, ଏ ମଧ୍ୟରୁ ଯେଉଁଟି ପ୍ରକୃତ ନାମ ହେଉ, ଏଥିରେ ରାସଲୀଳା ବର୍ଣ୍ଣିତ ହୋଇଥିବା ଜଣାଯାଏ ।

## (୩୦) ପୁରୁଷୋତ୍ତମ ମାହାତ୍ମ୍ୟ—

ଏହା ମଧ୍ୟ 'ରସକାବ୍ୟ ବନ୍ଧୋଦୟ'ରେ ଉଲ୍ଲିଖିତ । ନାମରୁ ଗ୍ରନ୍ଥ ବିଷୟ ସୁସ୍ପଷ୍ଟ ।

## (୩୧) ଛତିଶ ରସ—

ନାମରୁ ବିଷୟବସ୍ତୁ ଅନୁମେୟ ।

## (୩୨—୩୪) ତିନଖଣ୍ଡି ପୋଇ—

ଛ ପୋଇ, ନ ପୋଇ ଓ ବାର ପୋଇ ବିଷୟବସ୍ତୁ କହି ହେଉ ନାହିଁ । ତେବେ, ପ୍ରେମ-ଭକ୍ତି ସମ୍ବଳିତ ଗୋଟିଏ ଗୋଟିଏ ରଚନା ହୋଇଥିବା ସମ୍ଭବ । ଛ ପୋଇ ପ୍ରକାଶିତ ବୋଲି ଶ୍ରୀଯୁକ୍ତ ଦାମୋଦର ଦାଶ ଲେଖିଛନ୍ତି । ନିଜେ କିନ୍ତୁ ଏହା ଦେଖିପାରି ନ ଥିବାରୁ କିଛି କହିପାରୁ ନାହିଁ । 'ଷୋଳ ପୋଇ' କଥା ଆଗରୁ କୁହାଯାଇଛି ।

## (୩୫) ବିଚିତ୍ର ତରଙ୍ଗିଣୀ—

ଏହା ଭଞ୍ଜଙ୍କର କି ନୁହେଁ କହି ହେଉ ନାହିଁ । 'ଉତ୍ପାତ ତରଙ୍ଗିଣୀ' ଭଳି ଯଦି ଏହା ଏକ ରଚନା ହୋଇଥାଏ, ତେବେ ପ୍ରାକୃତିକ ଜଗତରେ ଘଟୁଥିବା ବିଚିତ୍ର ଘଟଣା ସମ୍ପର୍କୀୟ ପୁସ୍ତକ ହୋଇପାରେ । ତଥାପି, ଏ ସବୁ ଅନୁମାନ ।

## (୩୫) କଳ୍ପିତ କଳ୍ପରେଖା—

କିଛି ଜାଣି ହେଉ ନାହିଁ । ଭଞ୍ଜଙ୍କର ହୋଇପାରେ କି ନାହିଁ, କହି ହେଉ ନାହିଁ । 'ରେଖା' ସ୍ଥାନରେ 'ଲେଖା' ବୋଲି ମଧ୍ୟ କୁହାଯାଇଥାଏ ।

## (୩୬) ଶବ୍ଦମାଳା (ଅଭିଧାନ)—

ଏବେ ମୁଁ ଖବର ପାଇଲି ଯେ, ଭଞ୍ଜଙ୍କର 'ଶବ୍ଦମାଳା' ନାମକ ଅଭିଧାନ ମଧ୍ୟ ପ୍ରାପ୍ତ ହୋଇଅଛି । ଏହା ସଂସ୍କୃତ 'ଶବ୍ଦମାଳା' ଅଭିଧାନର ଓଡ଼ିଆ ରୂପାନ୍ତର କି ନୁହେଁ, ଜଣାଯାଇ ନାହିଁ । ଏହା କୁଆଡ଼େ ତିନ ଛାନ୍ଦରେ ବିଭକ୍ତ ।

## (୩୭) ସତୀଶ ବିଳାସ—

ଶୁଣାଯାଏ, ଭଞ୍ଜଙ୍କର 'ସତୀଶ ବିଳାସ' ନାମକ ଏକ କାବ୍ୟ ଅଛି । ଏହା ଶତେକ ଛାନ୍ଦରେ ସମ୍ପୂର୍ଣ୍ଣ ଏବଂ 'ସୁଭଦ୍ରା ପରିଣୟ' ପରି 'ସ' ଆଦ୍ୟ ନିୟମରେ ରଚିତ । ହୋଇପାରେ, ( ଏହା ଯଦି ସତ୍ୟ ହୁଏ ) ଏହାରି ଅବଲମ୍ବନରେ ଭଞ୍ଜଙ୍କର ସମର୍ଥ ଅନୁଗାମୀ ବ୍ରଜନାଥ ବଡ଼ଜେନା ତାଙ୍କର 'ଅମ୍ବିକା ବିଳାସ' କାବ୍ୟ 'ଅ' ଆଦ୍ୟ ନିୟମରେ ରଚନା କରିଥିଲେ । ସତୀ+ଈଶ=ସତୀଶ ଅର୍ଥାତ୍, ପାର୍ବତୀଙ୍କର ପୂର୍ବ ରୂପ 'ସତୀ'ଙ୍କର ଶିବଙ୍କ ସହିତ ବିବାହ ଚରିତ ଏଥିରେ ବର୍ଣ୍ଣିତ ହୋଇଥିବା ଏହି ନାମରୁ ପ୍ରତିଭାତ ହୁଏ । ତେବେ, ଗ୍ରନ୍ଥର ଅସ୍ତିତ୍ୱ ଏ ଯାଏ ଅନ୍ଧକାରମୟ ।

## (୩୮) ଦମୟନ୍ତୀଶ ବିଳାସ—

ଏହା ମଧ୍ୟ ଭଞ୍ଜଙ୍କର ବୋଲି 'ବୌଦ୍ଧ'ର ଜଣାଶୁଣା ମହଲରୁ ଖବର ପାଇ, ତତ୍କାଳୀନ ଏସ୍. ଡି. ଓ. ଏବଂ ପରେ ପୁରୀର ଜିଲ୍ଲାପାଳ ମହୋଦୟ ( ଶ୍ରୀଯୁକ୍ତ ପି: ପଟ୍ଟନାୟକ )ଙ୍କୁ ମୁଁ କହିବା ପରେ, ସେ ତାହା ବହୁ ଶ୍ରମରେ ସଂଗ୍ରହ କରି ପାରିଛନ୍ତି । ଏହା କୁଆଡ଼େ 'ଦ' ଆଦ୍ୟ ନିୟମରେ ରଚିତ । କିନ୍ତୁ ପରେ ମୁଁ ଆଉ ଏହା ଦେଖିପାରି ନାହିଁ । ଏବେ ନିକଟରେ ବାଣପୁରରୁ ଏହି ନାମରେ ଏକ କ୍ଷୁଦ୍ର କାବ୍ୟ ମିଳିଅଛି । ଏହାର ଲେଖକ କବି ବୋଲି ଜଣାଯାଇଛି । ଏହା ମଧ୍ୟ 'ଦ' ନିୟମର । ଏହା ଭଞ୍ଜଙ୍କର ବହି କି ନୁହେଁ ଏବଂ ଶ୍ରୀଯୁକ୍ତ ପଟ୍ଟନାୟକଙ୍କ ପାଖେ ଥିବା ପୋଥି ଏହି ପୋଥିର ନକଲ କି

ଏହାଠାରୁ ସ୍ୱତନ୍ତ୍ର, ଏ ଯାଏ ପରୀକ୍ଷା କରାଯାଇ ପାରି ନାହିଁ । ଯଦି ଭଞ୍ଜଙ୍କର ଏ ନାମରେ ଏକ କାବ୍ୟ ଥାଏ, ତେବେ, ସଂସ୍କୃତ 'ନୈଷଧ' କାବ୍ୟ ପରି, ନଳ-ଦମୟନ୍ତୀ ଚରିତ ଏଥିରେ ବର୍ଣ୍ଣିତ ହୋଇଥିବା ସହଜରେ ଅନୁମେୟ । ଭଞ୍ଜେ ନିଜେ 'ନୈଷଧ' କାବ୍ୟର ପରମ ସ୍ତାବକ ଥିବା ତାଙ୍କ ନିଜର ଉକ୍ତିରୁ ଜଣାଯାଏ (୧) ।

## (୩୪) ଭଞ୍ଜଙ୍କର ସଂସ୍କୃତ ରଚନା—

ଶ୍ରୀଯୁକ୍ତ ଅନନ୍ତ ପଟ୍ଟନାୟକ ଲେଖିଛନ୍ତି—"ସେ ସଂସ୍କୃତରେ ଚମ୍ପୂ ଲେଖିଥିବା ଜଣାଯାଏ । ତାହା ଭଞ୍ଜଙ୍କର କି ନୁହେଁ, ନିଶ୍ଚିତ ରୂପେ କହି ହେବ ନାହିଁ । ସେଥିରୁ କିଛି ଏଠାରେ ପ୍ରଦତ୍ତ ହେଲା—

ଚକ୍ଷୁସ୍ତମ୍ଭ ଚଳଖାଙ୍ଗୀ ଚଳନ୍ନୂପୁର × ×<br>
ଛନ୍ଦିତଂ ଚନ୍ଦନଂ ଦେହେ ଚନ୍ଦ୍ରବଦନା ସୁଦୃଶା ।<br>
କନକାଙ୍ଗୀ ନେତ୍ରକୁନ୍ତୈଃ ମାରଣଂ ମମ ବକ୍ଷସି<br>
କୃତଂ ଯାମି କାମବଶେ ସରସୀଭଟମାଶ୍ରିତା ।"

( କବିସମ୍ରାଟ ଉପେନ୍ଦ୍ର ଭଞ୍ଜ, ପୃ-୮୫ )

ଶ୍ରୀଯୁକ୍ତ ପଟ୍ଟନାୟକଙ୍କର ଏହି ଅଂଶଟି ଆଲୋଚନା କରାଯାଉ । ପ୍ରଥମ ବାକ୍ୟରେ ସେ ଲେଖିଛନ୍ତି—"ସେ ସଂସ୍କୃତରେ ଚମ୍ପୂ ଲେଖିଥିବା ଜଣାଯାଏ ।" ଅଥଚ, ତା ପରେ ପରେ ସେ ଲେଖିଛନ୍ତି—"ତାହା ଭଞ୍ଜଙ୍କର କି ନୁହେଁ, ନିଶ୍ଚିତ ରୂପେ କହି ହେବ ନାହିଁ ।"

ଏହା କିପରି କଥା ? ଯଦି 'ଜଣାଗଲା' ଯେ ଏହା ଭଞ୍ଜଙ୍କର ଚମ୍ପୂ, ତେବେ, ଭଞ୍ଜଙ୍କର ନୁହେଁ ବୋଲି ସନ୍ଦେହ କରାଗଲା କିପରି ? ଯଦି ଭଞ୍ଜଙ୍କର ଚମ୍ପୂ ଅଛି କି ନାହିଁ—ତାହା ନିରୂପିତ ହୋଇପାରି ନାହିଁ, ତାହାହେଲେ 'ଜଣାଯାଏ' ବୋଲି ଲେଖାଗଲା କିପରି ? ବରଂ, 'ଜଣାଯାଏ' ବଦଳରେ 'ଶୁଣାଯାଏ' ବୋଲି ଲେଖିଥିଲେ ଯୁକ୍ତିଯୁକ୍ତ ହୋଇଥାନ୍ତା ।

---

(୧) 'କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ'ରେ ସେ ଲେଖିଛନ୍ତି—
"ଘେନ ନୈଷଧ ଉରାସ୍ୱେ" (୧୧।୩୧)

ଶ୍ରୀଯୁକ୍ତ ପଟ୍ଟନାୟକ ଭଞ୍ଜୀୟ ଚମ୍ପୂର ଅଂଶ ବୋଲି ଯାହା ଉଦ୍ଧାର କରିଛନ୍ତି, ତାହା ପ୍ରକୃତରେ ଭଞ୍ଜଙ୍କର ସଂସ୍କୃତ ଚମ୍ପୂର ଅଂଶ ନୁହେ । ଭଞ୍ଜଙ୍କର 'ଚଉପଦୀ ଭୂଷଣ' ଶେଷରେ ତଥା 'ଲାବଣ୍ୟବତୀ' ଶେଷରେ ର, ସ, ପ, ଚ, ଜ, ଏହି ପାଞ୍ଚୋଟି ଅକ୍ଷର ନିୟମରେ ଯେଉଁ ପାଞ୍ଚୋଟି ଶ୍ଳୋକ ସମାବେଶିତ ହୋଇଅଛି, ସେ ମଧ୍ୟରୁ ଶ୍ରୀ ପଟ୍ଟନାୟକ ଉଦ୍ଧାର କରିଥିବା ଏ ଦୁଇଟି ଶ୍ଳୋକ ଅନ୍ୟତମ । ତାହାହେଲେ ଭଞ୍ଜଙ୍କ ସଂସ୍କୃତ ଚମ୍ପୂ ସମ୍ପର୍କୀୟ ଧାରଣା ସତ୍ୟ ନୁହେ । ବରଂ, କୌଣସି କାରଣରୁ ଚଉତିଶା ନିୟମରେ ରଚିତ 'ଚଉପଦୀ ଭୂଷଣ'କୁ 'ଭଞ୍ଜୀୟ ଚମ୍ପୂ' ବୋଲି କୁହାଯିବାରୁ ଏବଂ ମୁଦ୍ରିତ 'ଚଉପଦୀ ଭୂଷଣ'ରେ କୌଣସି କାରଣରୁ ପାଞ୍ଚୋଟି ଶ୍ଳୋକ ସମାବେଶିତ ହୋଇ ଯାଇ-ଥିବାରୁ, ଭ୍ରମବଶତଃ କେହି ତାକୁ ଭଞ୍ଜଙ୍କର ସଂସ୍କୃତ ଚମ୍ପୂ ବୋଲି ମତ ପ୍ରକାଶ କରିଛି ଓ ଲୋକମୁଖରେ ତାହା ଚମ୍ପୂ ବୋଲି ପ୍ରଚଳିତ ହୋଇଯାଇଛି । ଆଉ ଗୋଟିଏ କଥା । ଏ ଯେଉଁ ଦୁଇଟି ଶ୍ଳୋକ ଭଞ୍ଜଙ୍କର ବୋଲି ଉଦ୍ଧାର କରାଯାଇଛି, ତାହା କୌଣସି ଏକ ଛନ୍ଦଜ୍ଞାନହୀନ ନିକୃଷ୍ଟ କବିଙ୍କ ରଚନା ପରି ଅନୁମିତ ହୁଏ । କାରଣ, ଉପେନ୍ଦ୍ର ଭଞ୍ଜ ସଂସ୍କୃତରେ ସୁପଣ୍ଡିତ ଥାଇ, ଓଡ଼ିଶାର ପଣ୍ଡିତ-ସମାଜରେ ନିଜର ବିଜୟ-ବୈଜୟନ୍ତୀ ପ୍ରୋଥିତ କରିଥିବାରୁ, ତାଙ୍କ ସଂସ୍କୃତ ରଚନା ଏପରି ଭ୍ରମପୂର୍ଣ୍ଣ ହେବା ସମ୍ଭବ ନୁହେ । ତାଙ୍କ ରଚନା କିପରି ପରିଶୁଦ୍ଧ, ତାହାର ଦୃଷ୍ଟାନ୍ତ 'ଚିତ୍ରକାବ୍ୟ ବନ୍ଧୋଦୟ'ରେ ଦେଖିବାକୁ ମିଳେ । କବି ଲେଖିଛନ୍ତି—

ଗ୍ରନ୍ଥ ଆରମ୍ଭିଲି ପ୍ରଶ୍ନ-ଉତ୍ତରେ
ଅନୁଷ୍ଟୁପ ଶ୍ଳୋକ ଛନ୍ଦ ଗୀତରେ ।

ଏ ପ୍ରଶ୍ନର ଉତ୍ତର—

ତୋର ପ୍ରତିପଦ କେହୁ ସଂସ୍କୃତେ । ତବ
ତୋର ଅସ୍ତ କେ ମାଉଳ ଜଗତେ । ରୂପ
ସର୍ବସ୍ୱାନ ଆଡ଼ରେ କ ଖାରଣ । ପ୍ରତି
ରବିକାୟା କେ ଖେ ଉ କ ହୁଅନ୍ତି । ଗୁଣ୍ଡୀ-ରାଜତେ
ଆପଣାର କ ବାଣୀ ଦିବ୍ୟ ଖସେ । ମମ
ନେସବ୍ଦଏ ଷଷ୍ଟୀରେ କ ଆଖେସ । ନେସଯୋଃ

ପ୍ରକାଶନ୍ତି ବର୍ଣ୍ଣେ ଲଅ ଇ'କାର । କିଂ
ଲକ୍ଷ୍ମୀ ଲେଖି କର ତା ସାନୁସ୍ୱାର । ମାଂ
ଖେଦ ଦେବାରେ କ ବୋଲନ୍ତି ଦବେ୍ୟ । ଖେଦୟସେ
ସମ୍ବୋଧନେ ନ ଷ୍ଟରେ କି ସମ୍ଭବେ ମୂର୍‌ଥ
ବ୍ୟଥ ଶବ୍ଦ ପ୍ରୟୋଗେ କି ଉତ୍ତର । ମୁଧା
ଷଷ୍ଠୀ ଏକୋକ୍ତିରେ କି ହରପର । କାମସ୍ୟ
ମାଉଗର ତୃତୀୟ ବହୁକ୍ତିରେ । ମାର୍ଗଣୈଃ

## ଉତ୍ତରଗୁଡ଼ିକରୁ ଗୋଟିଏ ସଂସ୍କୃତ ଶ୍ଳୋକ—

ଏଠାରେ ଦେଖାଯାଏ, ପ୍ରଶ୍ନଗୁଡ଼ିକର ଉତ୍ତର, ଯାହା କି ଷ୍ଟାର୍ଟ ଶେଷରେ ଲେଖାଯାଇଛି, ସେ ସବୁ ଏକାଠି କରିଦେଲେ ଗୋଟିଏ ସୁନ୍ଦର ସଂସ୍କୃତ ଶ୍ଳୋକ ହୋଇଯାଉଛି, ଯଥା—

ଭବରୂପ ପ୍ରତିଚ୍ଛାୟା ରାଜତେ ମମ ନେତ୍ରୟୋଃ
କିଂ ମାଂ ଖେଦୟସେ ମୂର୍ଦ୍ଧେ ମୁଧାକାମସ୍ୟ ମାର୍ଗଣୈଃ ।

ଯେ କୌଣସି ସଂସ୍କୃତପାଠୀ ଏ ଶ୍ଳୋକ ପଢ଼ିଲେ ଅନୁଭବ କରି ପାରିବେ ଯେ, ଯାହାଙ୍କ ଲେଖନୀରୁ ଏହି ଶ୍ଳୋକ ନିର୍ଗତ, ଶ୍ରୀଯୁକ୍ତ ଧଡ଼ନାୟକ ଉଦ୍ଧାର କରିଥିବା ଶ୍ଳୋକ ଦୁଇଟି, ଅନ୍ତତଃ ଛନ୍ଦୋଦୋଷ ଦୃଷ୍ଟିରୁ, ତାଙ୍କର ହୋଇଥାଇ ନ ପାରେ । ତଥାପି, ଏହି ମତ ସିଦ୍ଧାନ୍ତ ବୋଲି ଗ୍ରହଣ କରିବା ଉଚିତ ନୁହେଁ ।

ଏ ପର୍ଯ୍ୟନ୍ତ ଅନ୍ୟ କୌଣସି ସୂତ୍ରରୁ ଏ ସମ୍ପର୍କରେ କୌଣସି ତଥ୍ୟ ମୁଁ ପାଇ ପାରି ନାହିଁ । ତେବେ, ଏହା ଭଞ୍ଜଙ୍କ ଚମତ୍କାର ସୂଚକ ନ ହେବା ନିଶ୍ଚିତ ।

## (୪୦) ବସନ୍ତରାସ—

ଏହା ଛଡ଼ା, ଗତ ଅଗଷ୍ଟ ମାସରେ ଶୁଣିବାକୁ ପାଇଲି ଯେ, 'ବସନ୍ତ ରାସ' ନାମକ ଏକ ସଂସ୍କୃତ ଗ୍ରନ୍ଥ ଉପେନ୍ଦ୍ର ଭଞ୍ଜ ଲେଖିଥିବାର ଜଣାଯାଇଛି । ଏହା ଲେଖାଥିବା ତାଳପତ୍ର ପୋଥିଟି ଅତ୍ୟନ୍ତ ଜୀର୍ଣ୍ଣଶୀର୍ଣ୍ଣ ହୋଇଯାଇ ଥିବାରୁ, କାବ୍ୟର ପୁନରୁଦ୍ଧାର ସମ୍ଭବପର ନୁହେଁ । ତଥାପି, ପୁସ୍ତକଟି ଦେଖିବା ପରେ ଏ ସମ୍ପର୍କରେ ଅଧିକ କଥା କହି ହେବ ।

ହେବେ, ଶୁଣିବାକୁ ଯାଉଛୁ, ଏହି ଗ୍ରନ୍ଥରେ ଅନେକ ଛାନ୍ଦର ଭଣିତାରେ ମାଳକଣ୍ଠ-ପୁତ୍ର', 'ଧନଞ୍ଜୟ-ପୌତ୍ର' ପ୍ରଭୃତି ଅଛି । ଏହି କାବ୍ୟ ପ୍ରକାଶିତ ହେଲେ, ଭଞ୍ଜୀୟ-ପ୍ରତିଭା-ପ୍ରାସାଦର କେତେକ ଅନୁଦ୍‌ଘାଟିତ କକ୍ଷ ଲୋକଲୋଚନକୁ ଆସିଯିବ ।

## ଭଞ୍ଜଙ୍କ କାବ୍ୟାଦିର ଶୁଦ୍ଧ ସଂସ୍କରଣ ଦରକାର

ଏଥିପୂର୍ବେ ଭଞ୍ଜଙ୍କର ପ୍ରକାଶିତ ୨୭ ଖଣ୍ଡ ଗ୍ରନ୍ଥର ତାଲିକା ପ୍ରଦାନ କରାଯାଇଛି । ମୁଦ୍ରିତ ଓ ପ୍ରକାଶିତ ପୁସ୍ତକ ଅନୁଶୀଳନ କଲେ ଜଣାଯାଏ, ବହୁ ସ୍ଥଳରେ ପାଠଗତ ଅଶୁଦ୍ଧି ରହିଅଛି । ଏକାଧିକ ପୁସ୍ତକ ସାହାଯ୍ୟରେ ସମସ୍ତ ଗ୍ରନ୍ଥର ଶୁଦ୍ଧପାଠ ବିଧାନ ଆବଶ୍ୟକ । ପ୍ରସଙ୍ଗକ୍ରମେ କେତେ ଖଣ୍ଡି ବହିରୁ ଅଳ୍ପ କେତେ ଗୋଟି ଦୃଷ୍ଟାନ୍ତ ଏଠାରେ ଉପସ୍ଥାପନ କରାଯାଉଅଛି । ଏ ବହିମାନଙ୍କରେ ଏଭଳି ଅନେକ ସଂଶୋଧନୀୟ ସ୍ଥାନ ଅଛି ଏବଂ ଅନ୍ୟ ଗ୍ରନ୍ଥମାନଙ୍କରେ ମଧ୍ୟ ଅଛି ।

### ବୈଦେହୀଶ ବିଳାସ–

(୧) ପ୍ରଥମ ଛାନ୍ଦରେ ଅଛି :—

ବିରଜା ମଣ୍ଡଳରେ ତପସ୍ୟା ଜଗନ୍ନାଥପୁରରେ କରି ମମାଶା
ଅଶନସ୍ଥାନେ ଦିବସ ନିଶା କାଳ ବଞ୍ଚିତ ।

ଏଠାରେ ବିରଜାମଣ୍ଡଳ ପାଠକୁ ଆମ କଟକ ଜିଲ୍ଲା ଅନ୍ତର୍ଗତ ବିରଜାକ୍ଷେତ୍ର (ଆଧୁନିକ ଯାଜପୁର) ଅର୍ଥରେ ବ୍ୟାଖ୍ୟାନ କରାଯାଇଥାଏ । ଏ ବ୍ୟାଖ୍ୟାନ ହାସ୍ୟାସ୍ପଦ ।

ଉପେନ୍ଦ୍ର ଭଞ୍ଜ ଯଥାସମ୍ଭବ ଲେଖିଥିଲେ- 'ବିରୋଜା ମଣ୍ଡଳରେ ତପସ୍ୟା' । ସେ 'ଲାବଣ୍ୟବତୀ'ର ମୂଳରେ ଲେଖିଛନ୍ତି-

ଉତ୍କଳରେ ସାର୍ବଭୌମ ଯା ବ୍ୟାକରଣେ ଲକ୍ଷ
ସୁଚରିତ କରଇ ଏହି ଗୀତ ହିତ ପାଇଁ । (୧।୯)

ଅର୍ଥାତ୍, 'ର' ଏବଂ 'ଡ଼' ଏ ଦୁଇଟି ବର୍ଣ୍ଣ ଏକରୂପେ ଗ୍ରାହ୍ୟ । ଏ କଥା ସଂସ୍କୃତ ପଣ୍ଡିତମାନେ ମଧ୍ୟ ଯୁଗ ଯୁଗ ଧରି କହି ଆସିଛନ୍ତି । ସେମାନଙ୍କ ଭାଷାରେ—

"ରଳୟୋ ରଡ଼ୟୋଶ୍ଚୈବ ଶସୟୋର୍ବବୟୋସ୍ତଥା
ବଦନ୍ତ୍ୟେଷାଂ ଚ ସାବର୍ଣ୍ଣ୍ୟମଳଂକାର ବିଦୋଜନାଃ ।"

ପୁଣି ସୁବିଖ୍ୟାତ ଅଳଙ୍କାର ଗ୍ରନ୍ଥ 'ସାହିତ୍ୟ-ଦର୍ପଣ'ରେ ମଧ୍ୟ ଅଛି—

"ଯମକାଦୌ ଭବେଦୈକ୍ୟଂ
ଡଳୋର୍ବବୋ ର୍ଲରୋସ୍ତଥା ।" (ଦଶମ ପରିଚ୍ଛେଦ)

ଏ ଦୃଷ୍ଟିରୁ ଦେଖିଲେ, କବି ଇନ୍ଦ୍ରମଣ୍ଡଳ ହିମାଚଳର ଉପରିଭାଗ ଅର୍ଥରେ ବିରୌଜାମଣ୍ଡଳ ଲେଖିଥିଲେ । ଇନ୍ଦ୍ର ସ୍ୱର୍ଗର ରାଜା ଏବଂ ସେହି ଅଞ୍ଚଳକୁ ସ୍ୱର୍ଗ ବୋଲି ମଧ୍ୟ ବର୍ଣ୍ଣନା କରାଯାଇଛି । ଛଦ୍ମବେଶଧାରୀ ମହାଦେବ ଶିବଙ୍କ ମୁଖରେ ଶିବ-ସେବାର୍ଥିନୀ ପାର୍ବତୀଙ୍କୁ ମହାକବି କାଳିଦାସ କୁହାଇଛନ୍ତି—

"ଦିବଂ ଯଦି ପ୍ରାର୍ଥୟସେ ବୃଥାଶ୍ରମଃ
ପିତୁଃ ପ୍ରଦେଶାଃ ତବ ଦେବଭୂମୟଃ
ଅଥୋପୟନ୍ତାରମଳଂ ସମାଧିନା
ନରତ୍ନ ମନ୍ୱିଷ୍ୟତି ମୃଗ୍ୟତେ ହିତତ୍ ।"
(କୁମାର ସମ୍ଭବ—୫ମ ସର୍ଗ)

'ଅମର କୋଷ'ରେ ମଧ୍ୟ ଅଛି, 'ବିଡ଼ୌଜା ପାକଶାସନଃ' । ସୁତରାଂ, 'ବିଡ଼ୌଜା'ର ଅର୍ଥ ଇନ୍ଦ୍ର । ବିଡ଼ୌଜାମଣ୍ଡଳ = ଇନ୍ଦ୍ରମଣ୍ଡଳ । 'ର' ଅକ୍ଷର ଲେଖାଗଲେ ମଧ୍ୟ ତାକୁ 'ଡ଼' ବର୍ଣ୍ଣରୂପେ ଗ୍ରହଣ କରାଯିବା ପରମ୍ପରାସିଦ୍ଧ ହୋଇଥିବାରୁ, ଉପେନ୍ଦ୍ର ଚମତ୍କାର ଭାବ ସୃଷ୍ଟି କରିବା ପାଇଁ 'ବିରୌଜା ମଣ୍ଡଳ' ଲେଖିଥିଲେ । କାରଣ, ହିମାଳୟରେ ତପସ୍ୟା କରି ଶିବଙ୍କଠାରୁ ବର ପାଇଥିବା ପୁରାଣରେ ବର୍ଣ୍ଣିତ ।

ପୋଥି ଉତାରିବା ବେଳେ କୌଣସି ସ୍ତରରେ କୌଣସି ଅନୁଲେଖକ ହୁଏ ତ ଭାବିଛନ୍ତି, 'ବିରୌଜାମଣ୍ଡଳ କ'ଣ ?' ସୁତରାଂ, ଔ-କାରଟି ଉଠାଇ ଦେଇ 'ବିରଜା ମଣ୍ଡଳ' ବୋଲି ଲେଖି ଦେଇଛନ୍ତି । ଏହି ଭ୍ରାନ୍ତି ବର୍ତ୍ତମାନ ଏକ ଉତ୍ତମ ଶୁଦ୍ଧପାଠରୂପେ ଆସ୍ଥାନ ମାଡ଼ି ବସିଛି ।

(୨) ଭଞ୍ଜ-ସାହିତ୍ୟର ନୀରବ ସେବକ ଶ୍ରୀଯୁକ୍ତ କମଳ କିଶୋର ମିଶ୍ର, ଆଇ: ଏ: ଏସ୍: ଥରେ ପଚାରିଲେ—'ବୈଦେହୀଶ ବିଳାସ' ତ 'ବ' ନିୟମରେ ଲେଖା । ଠାଏ କିପରି ପାଦର ଆଦ୍ୟରେ 'ମ' ଅକ୍ଷର ରହିଲା ? ଯେଉଁମାନେ ଭଞ୍ଜ-ସାହିତ୍ୟ ପଢ଼ିଛନ୍ତି ବୋଲି ଭାବନ୍ତି, ଏ ସମସ୍ୟାଟିର ସମାଧାନ ଏଠାରେ ପଢ଼ିବା ଆଗରୁ ନିଜକୁ ପଚାରନ୍ତୁ ଦେଖି—"କେଉଁଠାରେ 'ବ' ନିୟମର ଲଙ୍ଘନ ସେମାନେ ଛପା ବହିରେ ଦେଖିଛନ୍ତି ?"

କଥା ହେଉଛି—ମୁଦ୍ରିତ 'ବୈଦେହୀଶ ବିଳାସ'ରେ ଠାଏ ଅଛି—

"ମିଳିଲେ ଜନ ଜନନୀ ଗୁରୁ ଚକ୍ଷୁରକୁ ଯେନ
ଦରିଦ୍ର ଧନ ଲଭିଲା ପରି ସେ (୧) ।

ଏଠାରେ ଦେଖାଯାଏ, ପ୍ରଥମେ ଯେ 'ବୈଦେହୀଶ ବିଳାସ' ଛାପିଲେ, ସେ ଏହି ଭୁଲ କରିଗଲେ । କିନ୍ତୁ ମୂଳ ପୋଥିମାନଙ୍କରେ ଉଦ୍ଧୃତ ପାଦର ପ୍ରଥମ ପଦ 'ମିଳିଲେ' ବଦଳରେ 'ବେଢ଼ିଲେ' ହିଁ ଅଛି ।

ପରେ ଯେଉଁମାନେ ବହି ସମ୍ପାଦନା କଲେ, ଏହି ଭ୍ରମର ମୂଳ ଅନୁସନ୍ଧାନ ନ କରି ସେମାନେ ତାକୁ ଆପ୍ତ ବାକ୍ୟ ପରି ମାନିଗଲେ । ଓଡ଼ିଶା ରାଜ୍ୟ ସଂଗ୍ରହାଳୟରେ ଥିବା ବହୁ ତାଳପତ୍ର ପୋଥିରେ 'ବୈଦେହୀଶ ବିଳାସ'ର ତାଳପତ୍ର ପୋଥିମାନଙ୍କରେ ବାଦ୍ୟ ଶବ୍ଦ ହିଁ ଅଛି, ମାଦ୍ୟ ଶବ୍ଦ ନାହିଁ ।

(୩) ସେହିପରି ୧୭ ଛାନ୍ଦର ମୂଳରେ ଅଛି—

"ବସି ବଶିଷ୍ଠ ଜାବାଳି, ବାମଦେବ" ଇତ୍ୟାଦି ।

ଆଗେ ଓଡ଼ିଆରେ ତିନୋଟି ଶ ଷ ସ-କାରର ପ୍ରୟୋଗ ନ ଥିଲା । ସବୁ ଶ ଷ ସ ପାଇଁ କେବଳ 'ସ' ବ୍ୟବହାର ହେଉଥିଲା । ପୁଣି, ଇ ଈ ରେ ତ ସ୍ୱରଖଣ୍ଡ ମାଫ୍ । ଛାନ୍ଦାର୍ଥୀମାନେ ବାକ୍ୟ ଉଦ୍ଧାର କରି କହୁଥିଲେ—

"ହ୍ରସ୍ୱ ଦୀର୍ଘ ବ୍ୟତିକ୍ରମେ
ଭବନ୍ତ୍ୟେତେ ନ ଦୋଷାୟ
ସଂସ୍କୃତେ, ପ୍ରାକୃତେ ନତୁ ।"

(୧) ବୈଦେହୀଶ ବିଳାସ—(୧୮।୩୬)

ପ୍ରକୃତ କଥା, ବଶିଷ୍ଠ ପ୍ରଭୃତି ଥିଲେ ବଡ଼ ସଂଯମଶୀଳ, ସ୍ଥିତପ୍ରଜ୍ଞ । ସେଥିପାଇଁ ରାମଚନ୍ଦ୍ରଙ୍କୁ ରାଜା କରିବା ବିଷୟରେ ଦଶରଥ ଏହି ସଂଯମଶୀଳ ବ୍ୟକ୍ତିମାନଙ୍କର ପରାମର୍ଶ ଲୋଡ଼ିଥିଲେ । ବେଦରେ ମଧ୍ୟ "ଏକୋବଶୀ ସର୍ବାଭୂତାନ୍ତରାତ୍ମା" ବୋଲି ଲେଖାଅଛି । ସୁତରାଂ, 'ବଶୀ' ବଦଳରେ ଓଡ଼ିଆ ଲେଖା ପଦ୍ଧତିର 'ସ'କାର ଓ 'ଇ'କାର ଦୃଷ୍ଟିରୁ ଆଗେ ଲେଖାଥିଲା—'ବସୀଷ୍ଠ, ବସିଷ୍ଠ' ଇତ୍ୟାଦି । ପରେ ଯେତେବେଳେ 'ସ'କାର ବିଷୟର ସଂସ୍କୃତାନୁରୂପ ବ୍ୟବହାର ବିଧି ଓଡ଼ିଆରେ ପ୍ରବର୍ତ୍ତିତ ହେଲା, ଏହି ରହସ୍ୟ ଆଉ ଉଦ୍‌ଘାଟିତ ହୋଇ ନ ପାରି, ପୂର୍ବାବସ୍ଥାରେ ରହିଗଲା । ଆଜିର ପାଠକମାନେ 'ବସିବା' ଅର୍ଥରେ ହିଁ 'ବଶୀ' ଶବ୍ଦ ବୁଝି ଅର୍ଥ କରିଗଲେ ।

## ଲାବଣ୍ୟବତୀ –

ପ୍ରକାଶିତ ସଟୀକ 'ଲାବଣ୍ୟବତୀ'ମାନଙ୍କ ମଧ୍ୟରେ ଉତ୍କଳର ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ସମ୍ପାଦିତ 'ଲାବଣ୍ୟବତୀ' ସର୍ବାଧିକ ଶୁଦ୍ଧପାଠ ସମ୍ବଳିତ ବୋଲି ସାଧାରଣରେ ସ୍ୱୀକୃତ । କିନ୍ତୁ, ଆର୍ତ୍ତବାବୁଙ୍କ ଜୀବଦ୍ଦଶାରେ ଆଜକୁ ପ୍ରାୟ ୨୫ ବର୍ଷ ତଳେ ପ୍ରସିଦ୍ଧ ମାସିକ ପତ୍ରିକା 'ଝଙ୍କାର'ରେ ଆର୍ତ୍ତବାବୁଙ୍କ 'ଲାବଣ୍ୟବତୀ'ର ପାଠଗତ ଅଶୁଦ୍ଧି ପ୍ରଦର୍ଶନ କରି ମୁଁ ଏକ ପ୍ରବନ୍ଧ ପ୍ରକାଶ କରିଥିଲି । ତାହା ଅଦ୍ୟାବଧି କେହି ଖଣ୍ଡନ କରି ନାହାନ୍ତି । ସେହି ପ୍ରବନ୍ଧର କେତେକ ଅଂଶ ( ମୋର 'ସମସ୍ୟା ଓ ସମାଧାନ' ନାମକ ପୁସ୍ତକରୁ ) ଏଠାରେ ମୁଁ ଉଦ୍ଧାର କରୁଅଛି । ଏଭଳି ଅନେକ ଅଶୁଦ୍ଧି ତହିଁରେ ଦେଖିବାକୁ ମିଳେ । (୧)

## ପ୍ରଥମ ଉଦାହରଣ —

ଅନ୍ୟ ସଂସ୍କରଣରେ ଅଛି :—

"ମୂର୍ତ୍ତିମନ୍ତ କରି ମୃଦୁ ରୀତି ବରୁରଇ
ଏଣୁକରି ଥିବ ଅଳଙ୍କାର ଯୁକ୍ତ ହୋଇ
ପଦ ସରଳ ଧ୍ୱନିରେ ମାନସ ମୋହିବ
ଅର୍ଥ ଜିନ ପ୍ରକରକୁ ଆନନ୍ଦ ହୋଇବ । (୧ମ ଛାନ୍ଦ)

ପ୍ରାଚୀ ସଂସ୍କରଣରେ କିନ୍ତୁ ଶେଷ ଧାଡ଼ିଟି ହେଉଛି :—

"ଅର୍ଥ ଜିନ ପ୍ରକରକୁ ଆନନ୍ଦ ହୋଇବ ।"

---

(୧) ମୂଳ ଲେଖାର ସାମାନ୍ୟ ପରିବର୍ତ୍ତନ କରାଯାଇଛି ।

କବିସମ୍ରାଟ ଉପେନ୍ଦ୍ର ଭଞ୍ଜ 'ଲାବଣ୍ୟବତୀ'ର ଉଦ୍ଧୃତାଂଶରେ କବିତା ସୁନ୍ଦରୀଙ୍କୁ ମୂର୍ତ୍ତିମନ୍ତ କରି, ଜୀବନ୍ୟାସ କରିବାକୁ ଚେଷ୍ଟିତ ହୋଇଅଛନ୍ତି । ପଦ୍ୟଟିର ଅର୍ଥ ହେଉଛି– "ମୁଁ କବିତା-ସୁନ୍ଦରୀଙ୍କୁ ମୂର୍ତ୍ତିମନ୍ତ କରି ଉପସ୍ଥାପନ କରୁଛି । ତାଙ୍କର ମଣ୍ଡନ ବିଧାନ ପାଇଁ ଅଳଙ୍କାର ଆବଶ୍ୟକ । ରମଣୀୟ ରୂପ-ସମ୍ପନ୍ନା କବିତା-ସୁନ୍ଦରୀ ନିଜର ପଦସାରଲ୍ୟ ଓ ଧ୍ୱନି ଦ୍ୱାରା ଅର୍ଥୀ-ପ୍ରବରମାନଙ୍କୁ ଆନନ୍ଦ ଦେଇ ପାରିବେ ।" ଆଉ ଟିକିଏ ବିଶ୍ଳେଷଣ କଲେ, ଏଥିରୁ ପ୍ରତିପନ୍ନ ହେବ– ନବୀନା ବଧୂ ଅଳଙ୍କାରମଣ୍ଡିତା ହୋଇ ଓ ନିଜର ମନ୍ଥର ଗମନ କାଳରେ ନୂପୁର ପ୍ରଭୃତି ପାଦାଳଙ୍କାରରୁ ମଞ୍ଜୁ ମଧୁର ଧ୍ୱନି ସୃଷ୍ଟି କରି, କାମାଭିଳାଷୀ ନିଜର ସୁଯୋଗ୍ୟ ବର (ପ୍ର-ବର) ବା ପତିଙ୍କର ଯେପରି ଚିତ୍ତ-ହରଣ କରିଥାଏ, ଭଞ୍ଜଙ୍କର କବିତା ସୁନ୍ଦରୀ ସେହିପରି ଶବ୍ଦ ଓ ଅର୍ଥାଳଙ୍କାର-ଯୁକ୍ତା ହୋଇ, ପଦର ସରଳତା ଓ ଧ୍ୱନିର ( ବ୍ୟଞ୍ଜନାଶକ୍ତି ସମ୍ଭୂତ ଅର୍ଥମାଧୁରୀ) ଚମତ୍କାରିତା ଦ୍ୱାରା ଅର୍ଥପ୍ରାର୍ଥୀ କାବ୍ୟ-ରସ-ପିପାସୁ ପଣ୍ଡିତଶ୍ରେଷ୍ଠମାନଙ୍କର (ଅର୍ଥିଜନ ପ୍ରବର) ଚିତ୍ତରେ ଅଖଣ୍ଡ ଆନନ୍ଦ ସଞ୍ଚାର କରିବାକୁ ସମର୍ଥ ହେବ । ଅଧ୍ୟାପକ ଆର୍ତ୍ତବଲ୍ଲଭ ମହାନ୍ତି ପ୍ରଚଳିତ ସଂସ୍କରଣମାନଙ୍କର 'ପ୍ରବରଙ୍କୁ' ପାଠ ତ୍ୟାଗକରି ଯେଉଁ 'ପ୍ରକରଙ୍କୁ' ପାଠ ଗ୍ରହଣ କରିଛନ୍ତି, ତାହା ଭଞ୍ଜୀୟ କାବ୍ୟ-କୌଶଳର ଶ୍ରୀ ବର୍ଦ୍ଧକ ନୁହେ । କାରଣ, 'ପ୍ରକର' ଶବ୍ଦର ଅର୍ଥ 'ସମୂହ' ଓ ଏଥିରୁ ଦୁଇଟି ସୁନ୍ଦର ଅର୍ଥ ପ୍ରକାଶ ପାଏ ନାହିଁ ।

ଏ ସ୍ଥଳରେ ବାଣଭଟ୍ଟଙ୍କ ପ୍ରଭାବ—

ଏଠାରେ ସ୍ମରଣ କରାଇ ଦେବା ଆବଶ୍ୟକ ଯେ, ଉତ୍କଳ କାବ୍ୟ-ସାହିତ୍ୟର ବାଣଭଟ୍ଟ ଉପେନ୍ଦ୍ର ଭଞ୍ଜ, ବିଖ୍ୟାତ ବାଣଭଟ୍ଟଙ୍କର ପଦାଙ୍କ ଅନୁସରଣ କରି, କବିତା-ସୁନ୍ଦରୀଙ୍କର ଏ ପ୍ରକାର ରୂପ ବର୍ଣ୍ଣନା କରିଅଛନ୍ତି । 'କାଦମ୍ବରୀ' କଥା-କାବ୍ୟର ମୂଳରେ ମହାକବି ବାଣଭଟ୍ଟ ଦୁଇଟି ଶ୍ଲୋକରେ କବିତା-ସୁନ୍ଦରୀଙ୍କର ରୂପବୈଭବ ଚିତ୍ରଣ କରିଅଛନ୍ତି । ତହିଁରୁ ଗୋଟିଏ ଶ୍ଲୋକ ହେଉଛି—

"ସ୍ଫୁରତ୍କଳାଳାପ ବିଳାସ କୋମଳା
କରୋତି ରାଗଂ ହୃଦି କୌତୁକାଧିକମ୍
ରସେନଶଯ୍ୟାଂ ସ୍ୱୟମଭ୍ୟୁପାଗତା
କଥା ଜନସ୍ୟାଭିନବା ବଧୂରିବ ।"

ଏହାର ମର୍ମ ହେଉଛି—କାବ୍ୟ-କଥା, ନବୀନା ବଧୂତୁଲ୍ୟ ଆନନ୍ଦଦାୟିନୀ, ମଧୁରାଳାପ ଓ ହାବଭାବ ଦ୍ୱାରା ମନୋହରା ଏବଂ ଅନୁରାଗବଶତଃ ସ୍ୱୟଂ ଶଯ୍ୟା

ନିକଟରେ ସମୁପସ୍ଥିତା ବଧୂ ଭୁଲ୍ୟା ବାକ୍ୟବିନ୍ୟାସ ଦ୍ୱାରା ସୁଶ୍ରାବ୍ୟା ଓ ସୁଗ୍ରାହ୍ୟା ।
ଶୃଙ୍ଗାରାଦି ରସଯୁକ୍ତା କାବ୍ୟ-କଥା ଲୋକଙ୍କ ହୃଦୟରେ ଆନନ୍ଦ ଜାତ କରିଥାଏ ।

ଏହା ବ୍ୟତୀତ, ପରିମଳରେ ଉଦ୍ଧୀରିତ ଆଉ ଗୋଟିଏ ଶ୍ଳୋକ ମଧ୍ୟ ଉଲ୍ଲେଖ କରାଯାଇପାରେ ।

"ତସ୍ୟା କବିତାଯା କମ୍ବା ତସ୍ୟା ବନିତୟାଥବା
ପଦବିନ୍ୟାସ ମାତ୍ରେଣ ଯସ୍ୟାନାପହୃତଂ ମନଃ ।"

ଏହାର ଅର୍ଥ :—ସେହି କବିତାରେ କି ମାଧୁର୍ଯ୍ୟ ଅଛି (ବା କ'ଣ ଅଛି), ଏବଂ ସେହି ବନିତାଠାରେ କି ସୌନ୍ଦର୍ଯ୍ୟ ଅଛି (ବା କ'ଣ ଅଛି) ଯେଉଁ କବିତା ରମଣୀୟ ପଦବିନ୍ୟାସ ଦ୍ୱାରା ପାଠକର ଚିତ୍ତହରଣ କରେ ନାହିଁ ଏବଂ ଯେଉଁ ସୁନ୍ଦରୀର ଧୀର ମନ୍ଥର ପଦବିନ୍ୟାସ ଦ୍ୱାରା ହିଁ ପୁରୁଷର ମନ ହରଣ ହୁଏ ନାହିଁ । କବିତା ଉପରେ ବନିତାର ଆରୋପ କରି ବହୁ କବି ସୁନ୍ଦର ସୁନ୍ଦର ଶ୍ଳୋକ ରଚନା କରି ଯାଇଛନ୍ତି । କେବଳ ସେତିକି ନୁହେଁ, ଉପେନ୍ଦ୍ର ଭଞ୍ଜଙ୍କ ସମୟରେ ପ୍ରତ୍ୟେକ କବି ସଂସ୍କୃତ ଅଳଙ୍କାର-ଶାସ୍ତ୍ର ପରିଶୀଳନକୁ କାବ୍ୟ-ସାଧନାର ଅପରିହାର୍ଯ୍ୟ ଅଙ୍ଗ ମନେ କରୁଥିଲେ । ଉପେନ୍ଦ୍ର ଯେ ପ୍ରବୀଣ ଆଳଙ୍କାରିକ ଥିଲେ, କହିବା ବାହୁଲ୍ୟ ମାତ୍ର । କାବ୍ୟର ସ୍ୱରୂପ ସମ୍ପର୍କରେ ଆଳଙ୍କାରିକମାନଙ୍କ ମଧ୍ୟରେ ଘୋର ମତଭେଦ ଦେଖାଯାଏ । କାହାରି ମତରେ—(କ) ରସ ହେଉଛି କାବ୍ୟର ଆତ୍ମା । (ଖ) ଅନ୍ୟ କାହାରି ମତରେ—ପଦମାନଙ୍କର ସୁନ୍ଦର ସଂଯୋଜନମୂଳକ ରଚନା ହେଉଛି ଶ୍ରେଷ୍ଠ କାବ୍ୟ । (ଗ) ଅନ୍ୟ ଏକ ମତରେ—ଧ୍ୱନି ହିଁ କାବ୍ୟର ଆତ୍ମା । (ଘ) ପୁଣି, କେତେକ ଆଳଙ୍କାରିକ ଅଳଙ୍କାରକୁ କାବ୍ୟର ଜୀବନ ରୂପେ ଗ୍ରହଣ କରନ୍ତି । ଏହାଛଡ଼ା, ଯେଉଁ ସଂସ୍କୃତ ଧାତୁରୁ 'କବି', 'କାବ୍ୟ' ବା 'କବିତା' ପ୍ରଭୃତି ଶବ୍ଦ ନିଷ୍ପନ୍ନ ହୁଏ, ତାହାର ଅର୍ଥ ହେଉଛି—'ବର୍ଣ୍ଣନା କରିବା' । କବି ବର୍ଣ୍ଣନା-ନିପୁଣ ନ ହେଲେ, କୌଣସି ଅନୁଭୂତି, ଚିନ୍ତା, ଘଟଣା କିମ୍ବା ପଦାର୍ଥକୁ ରୂପ ଦେଇ ପାରିବ ନାହିଁ । ସେଥିପାଇଁ ମହାସମନ୍ୱୟବାଦୀ ଉପେନ୍ଦ୍ର ନିଜ କବିତା-ସୁନ୍ଦରୀଙ୍କୁ ସମସ୍ତ ଆଳଙ୍କାରିକ ମତବାଦ ଦୃଷ୍ଟିରୁ ରୂପଦାନ କରିବାକୁ ଚେଷ୍ଟା କରିଛନ୍ତି । ସୁବିସ୍ତୃତ ବର୍ଣ୍ଣନା ବଳରେ ନିଜର ପରିକଳ୍ପିତ ପ୍ରତ୍ୟେକ ବସ୍ତୁକୁ ଯଥାର୍ଥ ରୂପ ଦେଇ ପାରିଛନ୍ତି । ବହୁ ପରିମାଣରେ ଅଳଙ୍କାରର ପ୍ରୟୋଗ କରି ମଧ୍ୟ, ଶବ୍ଦାବଳୀର କୋମଳତା ଓ କମନୀୟତା ରକ୍ଷା କରିଛନ୍ତି ଏବଂ ବହୁ କାବ୍ୟରେ

ଧ୍ୱନିମୂଳକ ଅର୍ଥର ଚମତ୍କାରିତା ସମାବେଶ କରି, ବିଚକ୍ଷଣ କବି-ପ୍ରତିଭାର ପରିଚୟ ଦେଇଛନ୍ତି । ଭଞ୍ଜ-ସାହିତ୍ୟ ଚର୍ଚ୍ଚା ବେଳେ ଏ ସବୁ ବିଷୟର ପ୍ରତି ଦୃଷ୍ଟି ଦେବା ଯେତିକି ଉପାଦେୟ, ଭଞ୍ଜୀୟ-କବିତ୍ୱର ସୂକ୍ଷ୍ମ ଅନୁସନ୍ଧାନ ଓ ଅନୁସରଣ କରି ଶୁଦ୍ଧପାଠ ନିର୍ଣ୍ଣୟ କରିବା ସେହିପରି ଆବଶ୍ୟକ । ପ୍ରାଚୀ ସଂସ୍କରଣ ଟୀକାରେ ଠାଏ ଠାଏ ଶବ୍ଦମାନଙ୍କର ଅର୍ଥ ଯେପରି ଅଯଥା ପାଣ୍ଡିତ୍ୟର ପ୍ରୟୋଗ କରାଯାଇଛି । କିନ୍ତୁ 'ପ୍ରବର' ଭଳି ଅର୍ଥ-ଗମ୍ଭୀର ଶୁଦ୍ଧପାଠ ଗ୍ରହଣ କରାଯାଇ ନାହିଁ ।

**ଦ୍ୱିତୀୟ ଉଦାହରଣ —**

କବି 'ଲାବଣ୍ୟବତୀ'ର କେଳି-ସରୋବରର ବର୍ଣ୍ଣନା କରି ଲେଖିଛନ୍ତି—

ଜଳ ଜମ୍ବାଳ ଆବିଳରେ ଜନ ମନ ହରୁଛି
ଜଳ ନିର୍ମଳରେ ଆଦର ଆଦରଶୁ ସାରୁଛି ।
( ପୂର୍ବ ସଂସ୍କରଣମାନଙ୍କ ପାଠ )

ଜଳ ଜମ୍ବାଳ ଆବିଳରେ ହୀନ, ମନ ହରୁଛି
ଜଳ ନିର୍ମଳରେ ଆଦର ଆଦରଶୁ ସାରୁଛି ।
( ପ୍ରାଚୀ ସଂସ୍କରଣର ପାଠ )

ଏଠାରେ ଦେଖାଯାଏ, ପୂର୍ବତନ ସଂସ୍କରଣମାନଙ୍କର ପ୍ରଥମ ଧାଡ଼ିରେ "ଜନ ମନ" ବଦଳରେ, ଅଧ୍ୟାପକ ଆର୍ତ୍ତବଲ୍ଲଭ ମହାନ୍ତି "ହୀନ, ମନ" ପାଠ ଗ୍ରହଣ କରିଛନ୍ତି । ଉକ୍ତ ପଦର ଟୀକାରେ ଲେଖିଛନ୍ତି, "ଜଳ— ପାଣି । ଜମ୍ବାଳ—ପଙ୍କ । ଆବିଳ— ଗୋଳିଆ । ହୀନ— ରହିତ । ନିର୍ମଳରେ— ସ୍ୱଚ୍ଛତାରେ । ଆଦରଶୁ—ଦର୍ପଣରୁ । ଆଦର— ଆଗ୍ରହ । ସାରୁଛି—ରହୁ ନାହିଁ ।" ତାହାହେଲେ ଉଦ୍ଧୃତ ପଦର ସରଳାର୍ଥ ହେଉଛି— ପାଣିରେ ପଙ୍କ ଓ ଆବିଳତା ନ ଥିବାରୁ, ଦେଖିଲେ ମନ ଲାଗି ରହୁଛି । ପୁଣି, ପାଣି ଏଡ଼େ ନିର୍ମଳ ଯେ, ଦେଖିଲେ (ମୁହଁ ପ୍ରଭୃତି ଦେଖିବ ପାଇଁ) ଦର୍ପଣଠାରେ ମଧ୍ୟ ଆଗ୍ରହ ରହୁ ନାହିଁ ।

ପ୍ରାଚୀ ସଂସ୍କରଣ ପାଠକୁ ଯେବେ ଶୁଦ୍ଧପାଠ ବୋଲି ଧରାଯାଏ, ତେବେ ଉକ୍ତ ପଦଟି ନାନା ଦୋଷରେ ଦୂଷିତ ହୋଇ ପଡ଼ିବ ।

(କ) ଉପେନ୍ଦ୍ର ଭଞ୍ଜ କେବଳ ପାଣି ଅର୍ଥରେ 'ଜଳ' ଶବ୍ଦଟିକୁ ଗୋଟିଏ ପଦରେ ଦୁଇ ଥର ବ୍ୟବହାର କରିଛନ୍ତି; ଏହା ବିଶ୍ୱାସଯୋଗ୍ୟ ନୁହେ ।

(ଖ) ପ୍ରଥମ ଧାଡ଼ିରେ ପଙ୍କହୀନତା ଓ ଆବିଳତାର ଅଭାବ ବର୍ଣ୍ଣନା ଦ୍ୱାରା ଯେଉଁ ନିର୍ମଳତା ସୂଚିତ, ତାହା 'ନିର୍ମଳ' ଶବ୍ଦର ପ୍ରୟୋଗ ଦ୍ୱାରା ନିତାନ୍ତ ନୀରସ ଓ କବିତ୍ୱହୀନ ହୋଇପଡ଼ୁଛି । ଅର୍ଥାତ୍, ଥରେ ଚମତ୍କାର ଭାବରେ ନିର୍ମଳତା ପ୍ରତିପାଦନ କରି, ଆଉ ଥରେ ନିର୍ମଳ ବୋଲି କହିବା ପ୍ରକାଶ ମାତ୍ର ।

(ଗ) ଅଧ୍ୟାପକ ମହୋଦୟଙ୍କ ଟୀକା ଅନୁସାରେ, ସେହି ସରୋବରରେ ପଙ୍କ ନ ଥିଲା । ଅଥଚ, ସେହି ଛାନ୍ଦରେ କବି "ଦେଖ ରେ ନଳିନୀ ନଳିନୀ ନଳିନୀରେ ପୂରିତ" ଲେଖି ବହୁ ପଦ୍ମଫୁଲର ବର୍ଣ୍ଣନା କରିଛନ୍ତି । ଉଦ୍ଧୃତ ପଦର ପରବର୍ତ୍ତୀ ଆଉ ଏକ ପଦର ଟୀକାରେ ଟୀକାକାର ନିଜେ ଲେଖିଛନ୍ତି—"ଏ ପୁଷ୍କରିଣୀରେ ଅରବିନ୍ଦ (ପଦ୍ମ) ପ୍ରଚୁର ପରିମାଣରେ ପ୍ରସ୍ଫୁଟିତ ।" ପ୍ରଥମ ପଦରେ ପଙ୍କ ନ ଥିବା ଓ ପର ପଦରେ ପଦ୍ମଫୁଲ ବହୁସଂଖ୍ୟାରେ ଫୁଟିବା ନିତାନ୍ତ ଅସଙ୍ଗତ ବ୍ୟାଖ୍ୟାନ । ( କବି ସମୟ ପ୍ରସିଦ୍ଧି ଏଠାରେ ପ୍ରଯୁଜ୍ୟ ନୁହେଁ ) ।

(ଘ) ଏବେ ମଧ୍ୟ ଘୁମୁସରରେ ଶତସଂଖ୍ୟକ ପୁଷ୍କରିଣୀ ବିଦ୍ୟମାନ । ଲୋକେ ଅନୁଭୂତିରୁ ବିଶ୍ୱାସ କରନ୍ତି, ପଙ୍କପୂର୍ଣ୍ଣ ପୁଷ୍କରିଣୀରେ ଜଳ ଅତି ନିର୍ମଳ ରହେ ଏବଂ ପଙ୍କବିହୀନ ଜଳାଶୟର ଜଳ ସାଧାରଣତଃ ଆବିଳ ।

ଉପେନ୍ଦ୍ର ଭଞ୍ଜଙ୍କର ପ୍ରକୃତ କବି-ପ୍ରତିଭା ଏହି ପଦଟିର ଯଥାର୍ଥ ବ୍ୟାଖ୍ୟାନ କଲେ ପ୍ରତିପନ୍ନ ହେବ । ଭଞ୍ଜ-ସାହିତ୍ୟସେବୀମାନେ ଜାଣନ୍ତି, ଶବ୍ଦବିନ୍ୟାସରୂପୀ ଶ୍ଳେଷବୈଦଗ୍ଧ୍ୟରେ ଭଞ୍ଜେ ଥିଲେ ଅଦ୍ୱିତୀୟ । ଏଠାରେ ସେ ପାଠକ ମନରେ ଭ୍ରାନ୍ତି ସୃଷ୍ଟି କରିଅଛନ୍ତି ମାତ୍ର । ସଂସ୍କୃତରେ "ହତୋ ହନୁ ମତା ରାମଃ" ପ୍ରଭୃତି ଏ ଧରଣର ବହୁ ଶ୍ଳୋକ ଅଛି । ଟିକିଏ ସୂକ୍ଷ୍ମଚିନ୍ତା କଲେ ଅବବୋଧ ଅତିହାରୁ ସହଜ ହେବ ।

ଉଦ୍ଧୃତ ପଦଟିର ଅର୍ଥ ନିମ୍ନୋକ୍ତ ପ୍ରକାରେ ବୁଝିଲେ ସ୍ପଷ୍ଟ ହେବ । ପ୍ରଥମ ଧାଡ଼ିରେ 'ଜଳ' ଓ 'ଜମ୍ବାଳ' ଦୁଇଟି ଶବ୍ଦ ନୁହେଁ, ଗୋଟିଏ ଶବ୍ଦ ମାତ୍ର । ଜଳ-ଜମ୍ବାଳ ହେଉଛି ପୁଷ୍କରିଣୀର ଗୋଟିଏ ଲତା । ଏ ବିଷୟରେ 'ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ'ର ବିବରଣୀ ଉଦ୍ଧାର କରାଯାଇପାରେ, ଯହିଁରେ 'ଜଳ-ଜମ୍ବାଳ'ର ସ୍ୱରୂପ ବର୍ଣ୍ଣନା କରାଯାଇଛି ।

'ଜମ୍ବାଳ'ର ଅର୍ଥ—ଶୈବଳ ; ଏଣୁ 'ଜଳ-ଜମ୍ବାଳ' ହେଉଛି ପାଣି-ଶିଉଳି । ଯହିଁରେ ଅଛି—"ଏହା ଜଳଜ ଲତାବିଶେଷ । ଏହାର ପତ୍ର ଦଳିଣିଆ ପରି, କିନ୍ତୁ

ଅତଳା ଓ ମସୃଣ । ଗଛ ପାଣିରେ ଭସି ଭସି ଜନ୍ମେ ଓ ତେର ପାଣିରେ ଭାସୁଥାଏ । ଫୁଲ ଶ୍ବେତ ଓ ପତର ଧଡ଼ ଚଗ୍ ଚଗ୍ । ଫୁଲର ଡେମ୍ଫ ହଳଦିଆ ।" ପାଣି-ଶିଉଳ ପଡ଼େ, ପାଣି-ଧାନ, ପାଣି-କଖାରୁ, ପାଣି-କୁସୁମ, ପାଣି-ଲେଉଟିଆ, ପାଣି-ଳଜକୁଳ, ପାଣି ସାରୁ ପ୍ରଭୃତିରେ 'ପାଣି' ଏକ ସ୍ୱତନ୍ତ୍ର ଶବ୍ଦରୂପେ ଗୃହୀତ ହୁଏ ନାହିଁ । 'ଆବଳ'ର ଅର୍ଥ—ଘାଣ୍ଟି ହେବା, ଆଲୋଡ଼ିତ ହେବା, ଆନ୍ଦୋଳିତ ହେବା । ତେଣୁ , ଧାଡ଼ିଟିର ଅର୍ଥ ହେଉଛି—ଲାବଣ୍ୟବତୀର କେଳ-ସରୋବରରେ ପାଣି-ଶିଉଳ ଲତା ଚତୁର୍ଦ୍ଦିଗରେ ମାଡ଼ିଯାଇଛି ( ଏବେ ସୁଦ୍ଧା ଘୁମୁସରର ବହୁ ପ୍ରାଚୀନ ପୁଷ୍କରିଣୀରେ ଏ ପ୍ରକାର ଲତା ବହୁସଂଖ୍ୟାରେ ଦେଖାଯାଏ ) । ବାୟୁର ଆଘାତରେ ସରୋବରର ଜଳରାଶି ଆନ୍ଦୋଳିତ ହେଲେ, ଜଳର ଧଉଳ ପଡ଼େ ଓ ଉଠେ । ତହିଁ ଉପରେ ଭାସୁଥିବା ଜଳ-ଜମ୍ବାଳ ଲତାଗୁଡ଼ିକ ନର୍ତ୍ତକୀ ଭଙ୍ଗୀରେ ଉତ୍‌ଥିତ ଓ ପତିତ ହେଉଥିବାରୁ, ସହଜରେ ଜନମନ ହରଣ କରେ ।

## ତୃତୀୟ ଉଦାହରଣ—

ସେହି ସରୋବର ବର୍ଣ୍ଣନ ପ୍ରସଙ୍ଗରେ କବି ପୁଣି ଲେଖିଛନ୍ତି—

କାମ ସରାଳରେ ପ୍ରକାଶ ମାନ ସୁଖଦାନରେ
କୁମୁଦରେ ଯେଣୁ ଶୋଭିତ ତେଣୁ ହରି ପ୍ରକାରେ ।

( ପୂର୍ବତନ ସଂସ୍କରଣମାନଙ୍କର ପାଠ )

ପ୍ରାଚୀ ସଂସ୍କରଣରେ ଅଧ୍ୟାପକ ମହାନ୍ତି କହୁ ଲେଖିଛନ୍ତି—

କାମ ଶରାଳରେ ପ୍ରକାଶ ମାନ ସୁଖଦାନର
କୁମୁଦରେ ଯେଣୁ ବନ୍ଦିତ ତେଣୁ ହରି ପ୍ରକାରେ ।

ଏଠାରେ ଦେଖାଯାଏ, ପୂର୍ବତନ ପାଠର 'ସରାଳ' ବଦଳରେ 'ଶରାଳ' ଓ 'ଶୋଭିତ' ବଦଳରେ 'ବନ୍ଦିତ' ସେ ଗ୍ରହଣ କରିଛନ୍ତି ।

ନିଜ ନିର୍ଦ୍ଧାରିତ ପାଠର ଅର୍ଥଗତ ସଙ୍ଗତି ପ୍ରତିପାଦନ କରିବାକୁ ଯାଇ ଟୀକାରେ ସେ ଲେଖିଛନ୍ତି—

"କାମ ଶରାଳରେ—କନ୍ଦର୍ପର ଶର ସମୂହରେ । ଏ ପୁଷ୍କରିଣୀରେ ଅରବିନ୍ଦ ଓ ମାଳତୀପୁଷ୍ପ ପ୍ରଚୁର ପରିମାଣରେ ପ୍ରସ୍ଫୁଟିତ ହେବାରୁ ସୁଖଦାନରେ

ବିରାଜିତ । ( ଅରବିନ୍ଦ, ଅଶୋକ, ଚୂତ, ମଆଳ, ନୀଳୋତ୍ପଳ କନ୍ଦର୍ପର ଶର ) କାମୁକ ଓ ଶରଜୀ ପକ୍ଷୀମାନଙ୍କରେ ନେତ୍ରସୁଖ ଦେବାରେ ବିରାଜମାନ । କୁମୁଦରେ—କରିରେ ଓ ବିଷ୍ଣୁଙ୍କ ନାମବିଶେଷରେ ( ବିଷ୍ଣୁଙ୍କ ନାମ— କୁମୁଦ, କୁ—ପୃଥିବୀ, ତାହାର ଆନନ୍ଦଦାତା ) । ବନ୍ଦିତ—ଜଣା ହରି— ବିଷ୍ଣୁଙ୍କ ରୂପରେ ।”

ଅଧ୍ୟାପକ ମହାନ୍ତିଙ୍କ ଏହି ଟୀକାରୁ ଯେଉଁପରି ଅଚ-ଅର୍ଥକତା ସ୍ପଷ୍ଟ ହେଉଛି, ସେହିପରି ପାଠାନ୍ତର ଗ୍ରହଣର ଅସାର୍ଥକତା ମଧ୍ୟ ପ୍ରକାଶ ପାଉଛି । ଏହି ପଦ୍ୟରେ ଲାବଣ୍ୟବତୀର କେଳି-ସରୋବରକୁ ହରି ସଙ୍ଗେ ତୁଳନା କରି ଯାଇଛି । ଅଧ୍ୟାପକ ମହୋଦୟ ନିଜ ଟୀକାରେ ହରି ପକ୍ଷରେ ଓ ସରୋବର ପକ୍ଷରେ କେବଳ 'କୁମୁଦ' ଶବ୍ଦର ଅର୍ଥ ନିର୍ଦ୍ଦେଶ କରିଛନ୍ତି; କିନ୍ତୁ ପ୍ରଥମ ପାଦର ଅର୍ଥ ହରି ଏବଂ ସରୋବର ପ୍ରତି କିପରି ପ୍ରଯୁଜ୍ୟ, ଦର୍ଶାଇ ନାହାନ୍ତି । ବରଂ, ଲେଖିଛନ୍ତି—ସରୋବରରେ କାମର ଅରବିନ୍ଦ ଓ ନୀଳୋତ୍ପଳ ଏ ଦୁଇଟି ଶର ପ୍ରକାଶ ପାଇଛି । କବି 'କାମଶରାଳି' ( କାମଶର ସମୂହ ବା ପାଞ୍ଚୋଟି ଫୁଲ ) ବୋଲି କହିଥିବାରୁ ଟୀକାକାରଙ୍କ ଅନୁସାରେ ପାଞ୍ଚୋଟିରୁ ମାତ୍ର ଦୁଇଟି ଫୁଲ ଗ୍ରହଣ କରିବା ଯୁକ୍ତିଯୁକ୍ତ ମନେହେଉ ନାହିଁ ।

## ଏ ପଦର ଯଥାର୍ଥ ବ୍ୟାଖ୍ୟାନ—

ନିମ୍ନଲିଖିତ ପ୍ରକାରେ ଏ ପଦଟିର ଅର୍ଥ ନିର୍ଦ୍ଦେଶ କରାଯାଇପାରେ ( ପୂର୍ବତନ ସଂସ୍କରଣମାନଙ୍କର ପାଠକୁ ଗ୍ରହଣ କରି ) । କବି ସରୋବରକୁ 'ହରି' ବା ମେଘ ସଙ୍ଗେ ( ବିଷ୍ଣୁଙ୍କ ସଙ୍ଗେ ନୁହେ ) ତୁଳନା କରିଛନ୍ତି । ସରୋବର କାମ-ସରାଳରେ ବା ହଂସମାନଙ୍କରେ ଶୋଭିତ ( କାମ-ସରାଳ ପାଇଁ ଭାଷାକୋଷ ଦେଖ ) ସେହିପରି ମେଘ ମଧ୍ୟ ହଂସମାନଙ୍କ ଦ୍ୱାରା ସୁନ୍ଦର ଦେଖାଯାଏ । ( ଏବେ ମଧ୍ୟ ବର୍ଷାକାଳରେ ହଂସମାନଙ୍କ ଦ୍ୱାରା ସୁନ୍ଦର ଦେଖାଯାଏ । ଏବେ ମଧ୍ୟ ବର୍ଷାକାଳରେ ହଂସ ସରୋବରରେ ସନ୍ତରଣ କରି ଶୋଭା ବର୍ଦ୍ଧନ କରନ୍ତି । ) ଏହି ମର୍ମର ଅନେକ ଶ୍ଲୋକ ପ୍ରାକୃତ-ସାହିତ୍ୟରେ ମଧ୍ୟ ଉପଲଭ୍ୟ ।

ଦ୍ୱିତୀୟରେ, ସରୋବର ସ୍ନାନାର୍ଥୀମାନଙ୍କୁ ସୁଖଦାନରେ ମାନ କରେ । ତା ଜଳଠାରୁ ବେଶି ସୁଖ କେହି ଦେଇପାରିବ ନାହିଁ ବୋଲି ତାହାର ବଡ଼ିମା । ମେଘ ମଧ୍ୟ ଲୋକଙ୍କୁ ସୁଖ ବା ଜଳଦାନରେ ମାନ ବା ଆଦର୍ଶସ୍ଥାନୀୟ । କାରଣ,

ସେ ଯେତେ ଜଳ ଧୋଇଲେ ମଧ୍ୟ, ମେଘ ପରି ଅକାତରେ ଏତେ ବେଶି ଜଳ ଦାନ କରି ପାରେ ନାହିଁ ।

ଦ୍ୱିତୀୟରେ, ସରୋବରର କୁମୁଦ ବା କଇଁରେ ପରିଶୋଭିତ । ସେହିପରି, ମେଘ ମଧ୍ୟ କୁମୁଦ ରୂପେ ( କୁ—ପୃଥ୍ୱୀ, ମୁଦ—ଆନନ୍ଦଦାୟକ ) ବା ଧରଣୀର ଆନନ୍ଦବର୍ଦ୍ଧକ ରୂପେ ସୁଶୋଭିତ ।

## ପ୍ରାଚୀ ପାଠ ଗ୍ରହଣ କରିବାରେ ଅସଙ୍ଗତି—

ପ୍ରାଚୀ ପାଠକୁ ଗ୍ରହଣ ନ କଲେ, ଭଞ୍ଜୀୟ କବିତାରୁ ଏହିପରି ସୁସଙ୍ଗତ ଅର୍ଥ ପ୍ରକାଶ ପାଏ । କେବଳ ସେତିକି ନୁହେଁ, ପ୍ରାଚୀ ପାଠ ଗ୍ରହଣ କଲେ ଆହୁରି କେତୋଟି ଦୋଷରେ 'ଅସ୍ତି' ଦିଗରୁ ( positively ) ଭଞ୍ଜୀୟ କବିତା ଦୂଷିତ ହେବ, ଯଥା :—

(କ) ଅଧ୍ୟାପକ ମହାନ୍ତି ଟୀକାରେ ଲେଖିଛନ୍ତି—'କାମ ଶରାଳି' କହିଲେ, ଅଶୋକ, ଆମ୍ବ, ଶାଆଳି ପ୍ରଭୃତି ପଞ୍ଚବିଧ ଫୁଲ ( ବା ଶର ) ବୁଝାଯାଏ । ଅଶୋକ, ଆମ୍ବ ଓ ଶାଆଳି ପ୍ରଭୃତି କ'ଣ ସରୋବରରେ ଫୁଟନ୍ତି ?

(ଖ) 'କାମ ଶରାଳି' ବାସ୍ତବରେ ଫୁଲସମୂହକୁ ବୁଝାଏ । ଟୀକାକାର-ମାନଙ୍କ ମତରେ ଏଠାରେ କେବଳ କଇଁ ଓ ପଦ୍ମ, ଏ ଦୁଇଟି ଶର ମାତ୍ର ଗ୍ରହଣ କରାଯିବା ଉଚିତ । ଏହା କିନ୍ତୁ ଦ୍ୱିତୀୟ ଧାଡ଼ିର ଆଲୋଚନାରୁ ନିତାନ୍ତ ଅସଙ୍ଗତ ହୋଇପଡ଼ୁଛି । କାରଣ, ସରୋବରରେ କୁମୁଦ ବା କଇଁ ଫୁଟିଛି ବୋଲି ବର୍ଣ୍ଣନା କରାଯାଇଛି । ଟୀକାକାରଙ୍କ ଦୁଇଟି ଫୁଲରୁ କଇଁଫୁଲଟି କଟିଯିବାରୁ, ଆଉ ବାକି ରହିଲା ମାତ୍ର ପଦ୍ମଫୁଲ । ତେବେ କଣ ଟୀକାକାରଙ୍କ ଅନୁସାରେ ଧରିବାକୁ ଯେ, "ଗୁଡ଼ାଏ ପଦ୍ମଫୁଲ ଫୁଟିଛି" ଅର୍ଥରେ କବିସମ୍ରାଟ୍ ଉପେନ୍ଦ୍ର ଭଞ୍ଜ ସୁନ୍ଦର ଶବ୍ଦ ନ ପାଇ, 'କାମ ଶରାଳି' ଶବ୍ଦ ପ୍ରୟୋଗ କରିଛନ୍ତି !

## ଚତୁର୍ଥ ଉଦାହରଣ—

କବିସମ୍ରାଟ୍ ଉପେନ୍ଦ୍ର ଭଞ୍ଜ ପଞ୍ଚମ ଛାନ୍ଦରେ ବସନ୍ତ ଋତୁର ବର୍ଣ୍ଣନା କରି ଲେଖିଛନ୍ତି—

ମଳୟ ଶିଖସ୍ଥ ଶିଶୁ ଟେକିର କର
କହ୍ଲଣି ମନ୍ଦ ସମୀର

ସୁମନାକୁ ବାସ            ଗ୍ଭେରାଇ ନେବଟି
ବୋଲି କହିଲଣି  ଭ୍ରମର ।
( ପୁରାତନ ସଂସ୍କରଣମାନଙ୍କର ପାଠ )

ଅଧ୍ୟାପକ ଆର୍ତ୍ତବଲ୍ଲଭ ମହାନ୍ତି କିନ୍ତୁ ଏ ପାଠ ଗ୍ରହଣ ନ କରି ଲେଖିଛନ୍ତି—

ମଳୟ ଶିଖରୁ            ଶିଘ୍ର ଗ୍ଭେରି କରି
ବହିଲାନ  ମନ୍ଦ ସମୀର
ସୁମନାଙ୍କ ବାସ            ଗ୍ଭେରାଇ  ନେବଟି
ବୋଲି  କହିଲଣି ଭ୍ରମର ।

ଏଠାରେ  ଦୃଷ୍ଟି ପଡ଼େ ପୂର୍ବପାଠର 'ଣି', ପ୍ରାଚୀ ପାଠର 'ନ' ଉପରେ । ଦ୍ୱିତୀୟରେ, ଅଧ୍ୟାପକ ମହାନ୍ତି ପୁରାତନ ପାଠର 'ସୁମନାକୁ' ବଦଳରେ 'ସୁମନାଙ୍କ' ଲେଖିଛନ୍ତି ।

ଏହି ଆଲୋଚକ ଦୃଷ୍ଟିରେ ଯେଉଁ  କେତେ ଖଣ୍ଡ ପ୍ରାଚୀନ ପୋଥି ପଡ଼ିଛି, ସେଗୁଡ଼ିକରେ 'ନ' ନାହିଁ । ତେଣୁ ଏ ପରିବର୍ତ୍ତନ ଗ୍ରହଣ କରିବା ପୂର୍ବରୁ ଆଲୋଚନା ହେବା ଦରକାର । ମନେହୁଏ, ସତେ ଯେପରି ଲିପିକାର ପ୍ରମାଦପୂର୍ଣ୍ଣ ପୋଥିର ଅବଲମ୍ବନରେ ଏହି ଭ୍ରାନ୍ତି ଆତ୍ମପ୍ରକାଶ କରିଛି ।

'ସୁମନାଙ୍କ' ପାଠ ଗ୍ରହଣ କରି  ଟୀକାକାର ଲେଖିଛନ୍ତି:—"ସୁମନାଙ୍କ ବାସ—ଫୁଲର ଗନ୍ଧ, ସ୍ତ୍ରୀଙ୍କ ବସ୍ତ୍ର ।" କିନ୍ତୁ ଏହାଦ୍ୱାରା ଭଞ୍ଜୀୟ କବିତ୍ୱର ସୌନ୍ଦର୍ଯ୍ୟ ନଷ୍ଟ ହୋଇଅଛି । ଏ ପଦର ପ୍ରକୃତ ଅର୍ଥ ହେଉଛି—ମଳୟ ପର୍ବତର ଚନ୍ଦନ ବନର ସୌରଭରେ ସୁରଭିତ ମୃଦୁ ମନ୍ଦ ପବନ ବସନ୍ତ କାଳରେ ପ୍ରବାହିତ ହେଲା । ରସିକ ଭ୍ରମର 'ସୁମନାକୁ'=ମାଳତୀ ଫୁଲକୁ ବାସ ବା ସୌରଭ ଗ୍ଭେରାଇ ନେବ ବୋଲି କହିଲା, ଯେପରି ରସିକ ପୁରୁଷ ପ୍ରଣୟିନୀକୁ ବାସ ବା ବସ୍ତ୍ର ଗ୍ଭେରାଇ ନେବ ବୋଲି କହେ । 'କୁ' ତ୍ୟାଗ କରି 'ଙ୍କ' ଗ୍ରହଣ କଲେ, ଅର୍ଥର ସଙ୍ଗତି ସଂରକ୍ଷିତ ହୋଇପାରୁ ନାହିଁ । ଏହା ସାଧାରଣ କଥା ଯେ, କୌଣସି ପୁରୁଷ ସମସ୍ତଙ୍କ ବସ୍ତ୍ର ଗ୍ଭେରାଇବା କଥା କହେ ନାହିଁ । ପୁଣି ବହୁ ଫୁଲ ଥିଲେ ମଧ୍ୟ, କେବଳ ମାଳତୀ ଫୁଲକୁ ( ଏକ ଜାତୀୟ ଫୁଲକୁ ) ଭ୍ରମର କହିଥିବା,

ଅଳଙ୍କାର ଦୃଷ୍ଟିରୁ ସଙ୍ଗତ ମନେ ହେଉଅଛି । ଭ୍ରମର ସମସ୍ତ ଫୁଲ ସେବନ କରୁଥିବାରୁ, ଆନୁସଙ୍ଗିକ ଯୁକ୍ତି ଦୃଷ୍ଟିରୁ, ସର୍ବସାଧାରଣ ବାଚକ "ସୁମନାଙ୍କ" ପାଠ ଗ୍ରହଣ କରିବାର କୌଣସି ଆବଶ୍ୟକତା ନାହିଁ ।

ଉପେନ୍ଦ୍ର ଭଞ୍ଜ "ସୁମନାକୁ" ମାଳତୀ ଫୁଲ ଅର୍ଥରେ ବ୍ୟବହାର କରିଥିବା ଯୁକ୍ତିଯୁକ୍ତ ମନେହୁଏ । ଟୀକାରେ କିନ୍ତୁ କେବଳ ଫୁଲ ବୋଲି ଲେଖାଅଛି । ଭ୍ରମରର ମାଳତୀ ଫୁଲ ସଙ୍ଗେ ଘନିଷ୍ଠ ସମ୍ପର୍କ, ପ୍ରକୃତିବିଳାସୀ କବି ହୁଏତ ପର୍ଯ୍ୟବେକ୍ଷଣ କରି ଜାଣିଥିବେ । ଭ୍ରମରର ପୁଷ୍ପପ୍ରୀତି ବର୍ଣ୍ଣନା କରି ଭାରତର କବିସମ୍ରାଟ୍ କାଳିଦାସ ଲେଖିଛନ୍ତି—

"ଅନନ୍ତ ପୁଷ୍ପସ୍ୟ ମଧୋର୍ହିଚୂତେ
ଦ୍ୱିରେଫମାଳା ସବିଶେଷ ସଙ୍ଗା ।"

ଅର୍ଥାତ୍, ବସନ୍ତ କାଳରେ ନାନାପ୍ରକାର ଫୁଲ ଫୁଟିଲେ ମଧ୍ୟ, ଭ୍ରମରମାନେ ଆମ୍ର ବଉଳରେ ହିଁ ବିଶେଷ ଆସକ୍ତି ପ୍ରକାଶ କରିଥାଆନ୍ତି । ଏ ପରିପ୍ରେକ୍ଷୀ ସତ୍ତ୍ୱେ ଉପେନ୍ଦ୍ର ଭଞ୍ଜ 'ପ୍ରେମ ସୁଧାନିଧି'ରେ ଲେଖିଛନ୍ତି—

"ଯେତେ ସୁମନ        ମିଳିଲେ ମନ
ଭୃଙ୍ଗର ମାଳତୀରେ ।"

ସୁତରାଂ, 'ସୁମନାକୁ' ପାଠ ବଦଳରେ 'ସୁମନାଙ୍କ' ପାଠ ଗ୍ରହଣ କରିବାର କୌଣସି ସାର୍ଥକତା ନାହିଁ । ଏଠାରେ ସ୍ମରଣୀୟ ଯେ, ମାଳତୀ ଦୁଇ ପ୍ରକାର । ବର୍ଷାକାଳରେ ମାଳତୀ ଫୁଲ ଫୁଟେ । ବସନ୍ତ ଋତୁରେ ମଧ୍ୟ ମାଳତୀ ଫୁଲ ଫୁଟେ (ମଧୁମାଳତୀ) ଏବଂ ଏଠାରେ ତାହା ହିଁ ବୋଧ ।

ଉପରେ ଯେଉଁ କେତୋଟି ଦୃଷ୍ଟାନ୍ତ ଦିଆଗଲା, ପ୍ରାଚୀ ସଂସ୍କରଣରେ ସେହିପରି ବହୁସଂଖ୍ୟକ ବିକୃତିମୂଳକ ପ୍ରମାଦ ପରିଲକ୍ଷିତ ହୁଏ । ପ୍ରାଚୀ 'ମଥୁରାମଙ୍ଗଳ' ଓ 'ବିଦଗ୍ଧ ଚିନ୍ତାମଣି' ପ୍ରଭୃତିରେ ମଧ୍ୟ ସମ୍ପାଦକମଣ୍ଡଳୀ ଏହିପରି ବହୁ ଭ୍ରାନ୍ତିକୁ ସ୍ଥାନ ଦେଇଅଛନ୍ତି । ଗୋଟିଏ ଗୋଟିଏ ଅକ୍ଷରର ସାମାନ୍ୟତମ ପରିବର୍ତ୍ତନ ଫଳରେ କିପରି ଗୁରୁତର ଅର୍ଥବିକୃତି ଘଟେ, ଏହା ତହିଁର ଏକ ଉଦାହରଣ ।

## ପ୍ରେମ ସୁଧାନିଧି—

'ପ୍ରେମ ସୁଧାନିଧି'ରେ ମଧ୍ୟ ଅନେକ ଅଂଶ ଅଛି, ଯାହା ଅଶୁଦ୍ଧ ପାଠ ରୂପରେ ହିଁ ପ୍ରଚଳିତ ହୁଏ । ତେଣୁ, ଏକାଧିକ ପୋଥି ସାହାଯ୍ୟରେ ଏହାର ପାଠଶୁଦ୍ଧି ସମ୍ପାଦନ ଦରକାର । ଗୋଟିଏ ଉଦାହରଣ ଏଠାରେ ଦିଆଯାଉଛି— (୧୪ଶ ଛାନ୍ଦ—୫ମ ପଦ)

"ଯେତେ ଦୂରେ ପତ୍ର ପଡ଼ିଥିଲେ ରେ ନବୀନା
ତାହା କି ନୁହଇ ଆନେ ବୃକ୍ଷ ନାମ ବିନା
ବନ୍ଧୁ, ତେମନ୍ତ ମୁଁ ତୋର
ସବୁଠାରେ କୁହାଉଛି ସୁନ୍ଦରୀ କୋଯ୍ପୁର ।"

ଛାନ୍ଦାର୍ଥୀମାନେ ଏ ପଦର ଅର୍ଥ ଏଭଳି ବୁଝାଇଥାନ୍ତି—

ପ୍ରେମିକ ରାଜପୁତ୍ର ତାହାର ପ୍ରଣୟିନୀକୁ ପତ୍ର ଲେଖି କହୁଛି—"ହେ ସୁନ୍ଦରୀ, ତୁମେ ଜାଣ, ଗୋଟାଏ ଗଛର ପତ୍ର ପବନରେ ଉଡ଼ି ଉଡ଼ି ଯେତେ ଦୂରରେ ଯାଇ ପଡ଼ିଥିଲେ ମଧ୍ୟ, ଗଛ ନାଁକୁ ଛାଡ଼ିଦେଲେ ପତ୍ରର ପରିଚୟ ଦେଇ ହୁଏ ନାହିଁ । ହେ ବନ୍ଧୁ, ମୁଁ ଠିକ୍ ସେହିପରି ( ଅର୍ଥାତ୍, ତୁମେ ବୃକ୍ଷ ହେଲେ ମୁଁ ସେହି ବୃକ୍ଷର ଆଶ୍ରିତ ପତ୍ର ଭଳି ) । ଅତଏବ, ସୁନ୍ଦରୀର ସେବକ ବୋଲି ମୁଁ ସବୁଠାରେ ନିଜର ପରିଚୟ ଦେଉଅଛି ।"

ଏଠାରେ ଦେଖାଯାଏ, ଦ୍ୱିତୀୟ ପାଦରେ ଥିବା 'ନୁହଇ' ଶବ୍ଦ ଯଦି 'ହୁଅଇ' କରା ନ ଯାଏ, ଉପରର ଅର୍ଥ ପ୍ରକାଶରେ ବାଧା ଘଟିବ । ଗୋଟିଏ ଉଦାହରଣ ଦ୍ୱାରା କଥାଟାକୁ ବୁଝାଇ ଦିଆଯାଉ । ମନେ କରନ୍ତୁ, ଗୋଟାଏ ବରଗଛ ଠିଆ ହୋଇଛି । ପୂର୍ବଦିଗରୁ ପବନ ବହିଲା, ତେଣୁ ପଶ୍ଚିମ ଦିଗକୁ ଶୁଖିଲା ବରପତ୍ର ଉଡ଼ିଗଲା ଓ ବହୁତ ଦୂରରେ ପଡ଼ିଲା । ଦୁଇ ଜଣ ଲୋକ ସେହି ଶୁଖିଲା ବରପତ୍ରକୁ ଦେଖିଲେ । ସେ ଦୁଇ ଜଣ ମଧ୍ୟରୁ ଜଣେ ବରଗଛ କେବେ-ହେଲେ ଦେଖି ନାହିଁ । ସେ ତା ବନ୍ଧୁକୁ ପଚାରିଲା, 'ଏହା କେଉଁ ଗଛର ପତ୍ର ?' ଉତ୍ତର ମିଳିଲା—'ଏ ହେଉଛି ବରଗଛର ପତ୍ର' । ଏଠାରେ ଦେଖାଗଲା, ପତ୍ରର ପରିଚୟ ଦେବାକୁ ହେଲେ, ବଳେ ବଳେ ଗଛର ନାମ ଉଚ୍ଚାରଣ କରିବା ଅପରିହାର୍ଯ୍ୟ । ଅନ୍ୟ ଭାବରେ କହିଲେ, ଏହିଭଳି ପ୍ରଶ୍ନ ହେବ—'ବୃକ୍ଷ ନାମ

ଝନା ( ଗଛ ନାଁ ଭୁଣ୍ଡରେ ନ ଧରିଲେ ) ଆମେ ( ଅନ୍ୟ ଲୋକ ପକ୍ଷରେ ) ଘରଟିକୁ ଟାଣିଲାଇ ନିଆଯାଇ ପାରିବ କି ? ବା ଘରଟି ଚାଲିପାରିବ କି ?’ ଉତ୍ତର ହେଉଛି—‘ନୁହେଁ’ । ତେଣୁ , ପଦ୍ମରୂପକ ପ୍ରେମିକ ରାଜକୁମାର, ବୃକ୍ଷ-ରୂପକ ରାଜକୁମାରୀର ନାମ ଉଚ୍ଚାରଣ କରି, ତାହାର ଆଶ୍ରିତ ଭାବରେ ନିଜର ପରିଚୟ ଦେଇଥାଏ ବୋଲି କହିଅଛି ।

ଯଦି ‘ଚାହିଁ କି ନୂହଇ’ ପାଠ ଗ୍ରହଣ କରାଯାଏ, ଅର୍ଥାତ୍ ଏକାବେଳକେ ଉଲଟିଯିବ ଏବଂ ‘ସୁନ୍ଦରୀ କୋଷ୍ଠର’ ରୂପେ ରାଜପୁତ୍ର ମୁଖରେ ଆତ୍ମପରିଚୟ ପ୍ରଦାନ ଅସଙ୍ଗତ ହୋଇଯିବ ।

## ଚଉପଦୀ ଭୂଷଣ —

ଏହା ‘କ’ ଠାରୁ ‘କ୍ଷ’ ପର୍ଯ୍ୟନ୍ତ ଚଉତିରିଶ ଗୋଟି ବର୍ଣ୍ଣ କ୍ରମରେ ରଚିତ ଚଉତିରିଶ ଗୋଟି ଚଉପଦୀର ସମାହାର; ଅଥଚ, ଏହାର ଶେଷରେ ଆଉ ତିନୋଟି ଭଞ୍ଜୀୟ ସଙ୍ଗୀତ ଅଛି । ସେଗୁଡ଼ିକର ମୂଳରେ ଅଛି —

(୧) “ଶ୍ୟାମ ମୋହ ଫଳ ହୋଇ କେନ୍ତି ।”

(୨) “ଦୂତୀ କହିବୁ ଗୋ, ଚକ୍ରେଶ୍ୱରଙ୍କୁ ଏତେକ ।”

(୩) “ମନ ତୋଷିବ, ମଲ୍ଲୀମାଳ ଶ୍ୟାମଙ୍କୁ ଦେବ ।”

ଏତଦ୍‌ବ୍ୟତୀତ ‘ଚଉପଦୀ ଭୂଷଣ’ର ଶେଷ ଭାଗରେ ର, ସ, ପ, ତ, କ ଏହି ପାଞ୍ଚୋଟି ବର୍ଣ୍ଣ ଆଦ୍ୟରେ ବ୍ୟବହୃତ ହୋଇ ପାଞ୍ଚଗୋଟି ଶ୍ଲୋକ ସହିତ ପାଞ୍ଚଗୋଟି ଓଡ଼ିଆ ପଦ ମଧ୍ୟ ସମାବେଶିତ ହୋଇଅଛି । ସାଧାରଣ ପାଠକ ମଧ୍ୟ ଅନୁଭବ କରିଥାଏ, ଏହି ତିନୋଟି ସଙ୍ଗୀତ ଏବଂ ର, ସ, ପ, ତ, କ କ୍ରମାନୁସାରୀ ଅଂଶ ମଧ୍ୟ ଭ୍ରମବଶତଃ ଏଥିରେ ସଂଯୁକ୍ତ କରି ଦିଆଯାଇଛି । ସୁତରାଂ, ଶୁଦ୍ଧ ସଂସ୍କରଣ ଦରକାର ।

## ଲାବଣ୍ୟବତୀ—

ଏହା ଦୁଇ ଛାନ୍ଦର ରଚନା ବୋଲି ପଣ୍ଡିତ ସୂର୍ଯ୍ୟନାରାୟଣ ଦାଶ ଯାହା ଲେଖିଛନ୍ତି, ତାହା ଯଥାର୍ଥ ମନେହୁଏ । କିନ୍ତୁ ଏଥିରେ ପନ୍ଦର ଛାନ୍ଦ ପର୍ଯ୍ୟନ୍ତ

ଏକାଦଶକ୍ରମେ ଛାନ୍ଦ ସଂଖ୍ୟା ନିର୍ଦ୍ଦେଶିତ ହୋଇଅଛି । 'ଚଉପଦୀ ଭୂଷଣ'ର ଶେଷରେ ଥିବା "ଦୂତୀ କହିବୁ ଗୋ ଚାଉରେଖରଙ୍କୁ ଏତେକ" ଏବଂ "ମନ ତୋଷିବ, ମଲ୍ଲୀମାଳ ଶ୍ୟାମକୁ ଦେବ" ଏହି 'ଲାବଣ୍ୟନିଧି'ର ଯଥାକ୍ରମେ ତୃତୀୟ ଛାନ୍ଦ ଏବଂ ପଞ୍ଚଦଶ ଛାନ୍ଦ ରୂପେ ପ୍ରକାଶିତ । ସୁତରାଂ, 'ଲାବଣ୍ୟନିଧି' ଭିତରକୁ ମଧ୍ୟ ଏଗୁଡ଼ିକ ପ୍ରକ୍ଷିପ୍ତ ହୋଇ ଆସିଛି । ଆହୁରି ମଧ୍ୟ ଆଶ୍ଚର୍ଯ୍ୟର କଥା, 'ଚଉପଦୀ ଭୂଷଣ'ର ଶେଷଭାଗରେ ଯେଉଁ 'ରସପଞ୍ଚକ' ଶ୍ଳୋକ ଅଛି, ସେଗୁଡ଼ିକ ମଧ୍ୟ 'ଲାବଣ୍ୟନିଧି' ଭିତରେ ସ୍ଥାନଲାଭ କରି, ଗୁରୁତର ବିଭ୍ରାଟ ସୃଷ୍ଟି କରିଛି । ତେବେ, 'ଲାବଣ୍ୟନିଧି'ର ତଥାକଥିତ ଏକାଦଶ ଛାନ୍ଦ କବିଙ୍କର ଜୀବନୀ ଦୃଷ୍ଟିରୁ ଉପାଦେୟ । "ମନ ତୋଷିବ" ଗୀତ କାହାର, ତାହା ନିରୂପଣୀୟ ।

କେହି କେହି କହନ୍ତି, ଉପେନ୍ଦ୍ର ଭଞ୍ଜଙ୍କର ଗୋଟିଏ ପତ୍ନୀର ନାମ ଥିଲା 'ଲାବଣ୍ୟନିଧି', ଯାହାର ଅକାଳ ବିୟୋଗ କବିଙ୍କୁ ଦାରୁଣ ଦୁଃଖ ଦେଇଥିଲା । 'ଲାବଣ୍ୟନିଧି'ର ଏକାଦଶ ଛାନ୍ଦର ଭଣୋଟି ପଢ଼ ହୁଏ ତ ସେହି ପ୍ରାଣପ୍ରିୟା ଲାବଣ୍ୟନିଧିର ଅନୁସ୍ମରଣରେ ଲିଖିତ, ଯଥା—

ଆହା ମୋ ଲାବଣ୍ୟନିଧି ରେ
ହଜାଇ ବସିଲି ବୁଦ୍ଧି ରେ । ଘୋଷା ।

ଶିବ ସେବି ଅନୁବ୍ରତେ
ପାଇଥିଲି ଧନ ତୋତେ
ଏବେ କେମନ୍ତେ ମୁଞ୍ଚିବି ତୋତେ ରେ । ୧ ।

ଯେ ଦିନେ ଗୃହିଁଲେ ଧନ
ଦିଶେ ତୋ ଚନ୍ଦ୍ରବଦନ
ଏବେ କେମନ୍ତେ ବଞ୍ଚିବି ଦିନ ରେ । ୨ ।

ସଖି ମୁଁ ଧରୁଛି କର
ଏଥକୁ ଉପାୟ କର
ଏବେ ତୋ ଚିନ୍ତା ମୋ ହୃଦେ ଗାର ରେ । ୩ ।

'ଲାବଣ୍ୟନିଧି'ର ଦ୍ୱାଦଶ ଛାନ୍ଦ ଏକ ପ୍ରସିଦ୍ଧ ସଙ୍ଗୀତ । ତାହା ହେଉଛି—

ମନ ତୋଷିବ, ମଲ୍ଲୀମାଳ ଶ୍ୟାମକୁ ଦେବ
ଶ୍ରୀଘନ ହୋଇଲେ ଗୋଳ ଚନ୍ଦନ ମୁଁ ବୋଳିବ । ଘୋଷା

ଏହାର ଚତୁର୍ଦ୍ଦଶ ଛାନ୍ଦ ଏବଂ 'ଚଉପଦହାରା'ର ଦ୍ୱିତୀୟ ଗୀତ ଭିତରେ ଅଦ୍ଭୁତ ସାମ୍ୟ ଅଛି । ତଫାତ୍ ଏତିକି, 'ଚଉପଦହାରା'ର ଦ୍ୱିତୀୟ ଗୀତରେ ଆଠଟି ପଦ ଅଛି, ଏଥିରେ କିନ୍ତୁ ଛଅଟି ପଦ ଅଛି । ଏହି ଛଅଟି ପଦର ଅଧିକାଂଶ ଅଂଶ ସମାନ । ମନେହୁଏ, 'ଲାବଣ୍ୟବତୀ' ପାଇଁ ଏହା ମୂଳରୁ ଉଦ୍ଦିଷ୍ଟ ନ ଥିଲା । ପରେ ହୁଏ ତ ଏହା 'ଚଉପଦହାରା'ରୁ ଅଣାଯାଇ ସାମାନ୍ୟ ପରିବର୍ତ୍ତନ ସହିତ ଏଥିରେ ଯୋଗ କରି ଦିଆଯାଇଛି ।

## ରସପଂଚକ—

ବର୍ତ୍ତମାନ ଯେଉଁ 'ରସପଂଚକ' ବଜାରରେ ମିଳୁଅଛି, ତାହାର ଶେଷରେ ଅନୁକ୍ରମଣୀ ଅଂଶଟି ଅଛି । ଯେ କେହି ପାଠକ ଜାଣିପାରିବେ, ପୁସ୍ତକ ପ୍ରକାଶ କାଳରେ ଭ୍ରମବଶତଃ ଏ ଅଂଶଟି ଗ୍ରନ୍ଥର ମୂଳରୁ ଯାଇ ଶେଷରେ ସମାବେଶିତ ହୋଇ ଯାଇଛି । କାରଣ, ଏହା ହେଉଛି 'ରସପଂଚକ'ର ଅନୁକ୍ରମଣିକା । ଗ୍ରନ୍ଥର ବିଷୟସୂଚୀକୁ ନେଇ ଶେଷଭାଗରେ ରଖିବା ଯାହା, ଏହି ଅନୁକ୍ରମଣୀକୁ ନେଇ 'ରସପଂଚକ'ର ଏକାବେଳକେ ଶେଷରେ ସ୍ଥାପନ କରିବା ସେଇଆ । ସୁତରାଂ, ଶୁଦ୍ଧ ସଂସ୍କରଣରେ ଏହି ଅଂଶ ଗ୍ରନ୍ଥର ମୂଳରେ ରହିବା ହିଁ ଯୁକ୍ତି-ସଙ୍ଗତ ପ୍ରତୀତ ହୁଏ । ନଚେତ୍, ଏହା 'ଅନୁକ୍ରମଣୀ' ନ ହୋଇ, ଅନ୍ୟ ଭାବରେ ବର୍ଣ୍ଣିତ ହେବା ହିଁ ଯୁକ୍ତିଯୁକ୍ତ ।

କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ, ରସିକ ହାରାବଳୀ, ସୁଭଦ୍ରା ପରିଣୟ ପ୍ରଭୃତିର ଅନେକାଂଶ ସଂଶୋଧିତ ହେବା ଦରକାର । ଏଥିପାଇଁ ବ୍ୟକ୍ତିବିଶେଷଙ୍କ ଉଦ୍ୟମ ପର୍ଯ୍ୟାପ୍ତ ହେବ ନାହିଁ । ଅର୍ଥଯୁକ୍ତ କୌଣସି ବିଶିଷ୍ଟ ସଂସ୍ଥା ପକ୍ଷରୁ ଏ ସବୁ କାର୍ଯ୍ୟ ହେବା ଦରକାର ।

## ଭଞ୍ଜଙ୍କର ପୁସ୍ତକ ତାଲିକା

ଉପେନ୍ଦ୍ର ଭଞ୍ଜଙ୍କର ମୋଟ ରଚନା ସମ୍ପର୍କରେ ସ୍ଥିର ସିଦ୍ଧାନ୍ତରେ ଉପନୀତ ହେବା ଏକ ଦୁରୂହ ବ୍ୟାପାର । ଏ ସମ୍ପର୍କରେ ଏକ କ୍ରମିକ ଆଲୋଚନା କରି, କେଉଁ ଲେଖକ ଭଞ୍ଜଙ୍କର କେତେ ଖଣ୍ଡି ପୁସ୍ତକର ନାମୋଲ୍ଲେଖ କରି-ଅଛନ୍ତି, ତାହାର ଏକ ତାଲିକା ତଳେ ଦିଆଗଲା ଅନୁସାରେ ସାମଗ୍ରିକ ପ୍ରମାଣ

କରିଅଛନ୍ତି (୧) । ସେହି ତାଲିକାରେ ସ୍ଥାନ ନ ପାଇଥିବା ଅନ୍ୟ କେତୋଟି ତାଲିକା ମଧ୍ୟ ଏ ପ୍ରସଙ୍ଗରେ ଉଲ୍ଲେଖ କରାଯାଉଛି । ତଳେ ତାଲିକାଗୁଡ଼ିକର ସଂକ୍ଷିପ୍ତ ବିବରଣ ଦିଆଯାଉଛି ।

## ୧ । ଚିତ୍ରକାବ୍ୟ ବନ୍ଧୋଦୟର ତାଲିକା —

ଏଥିରେ ସର୍ବମୋଟ ୨୭ ଖଣ୍ଡ ରଚନାର ନାମୋଲ୍ଲେଖ ଦେଖାଯାଏ ( ଗୀତା, ଦୋହା, ଛ ଯୋଗ ବ୍ୟତୀତ ) । ଏହି ଆଲୋଚନାର ପୃଷ୍ଠା ୩୮୦ ରୁ ୩୮୪ ଏ ପ୍ରସଙ୍ଗରେ ଦ୍ରଷ୍ଟବ୍ୟ । କବି ନିଜର ରାଶି ରାଶି କ୍ଷୁଦ୍ର ରଚନାର ସୂଚନା ଦେଇ ସୁଦୂର ଭବିଷ୍ୟତର ଗ୍ରନ୍ଥାବିଷ୍କାରକମାନଙ୍କ ପାଇଁ ଖୋରାକ ରଖି ଦେଇଅଛନ୍ତି । ଏହି ତାଲିକାର ରଚନାବଳୀ ହିଁ ସର୍ବପ୍ରଥମ ଓ ସର୍ବଶ୍ରେଷ୍ଠ ପ୍ରମାଣ ।

## ୨ । ହଣ୍ଟର୍‌ଙ୍କ ତାଲିକା (ଖ୍ରୀ: ୧୮୭୨) —

ଐତିହାସିକ ହଣ୍ଟର୍ ସାହେବ ତାଙ୍କର "ଓଡ଼ିଶା ଇତିହାସ"ରେ ଭଞ୍ଜଙ୍କର ଏକ ପୁସ୍ତକ ତାଲିକା ପ୍ରଦାନ କରିଅଛନ୍ତି । ତହିଁରେ ସର୍ବମୋଟ ୪୨ ଖଣ୍ଡ ପୁସ୍ତକର ନାମ ଉଲ୍ଲେଖ କରିଅଛନ୍ତି ।

## ୩ । ଶ୍ରୀ ମନମୋହନ ଚକ୍ରବର୍ତ୍ତୀଙ୍କ ତାଲିକା (ଖ୍ରୀ: ୧୮୯୭-୯୮ )—

ଐତିହାସିକ ଶ୍ରୀ ମନମୋହନ ଚକ୍ରବର୍ତ୍ତୀ ଖ୍ରୀ: ୧୮୯୭ ଏବଂ ୧୮୯୮ ରେ ପ୍ରବନ୍ଧ ଲେଖି ଭଞ୍ଜଙ୍କର ତାଲିକା ଦେଇ ୪୨ ସଂଖ୍ୟକ ପୁସ୍ତକର ନାମୋଲ୍ଲେଖ କରିଅଛନ୍ତି । ତହିଁରେ 'ଚିତ୍ରକାବ୍ୟ ବନ୍ଧୋଦୟ'ରୁ ୨୯ଟି ଏବଂ ହଣ୍ଟରଙ୍କ ତାଲିକାରୁ ୧୩ଟି ଗ୍ରହଣ କରିଅଛନ୍ତି ।

## ୪ । ଶ୍ରୀ ମଧୁସୂଦନ ଦାସଙ୍କ ତାଲିକା ( ଖ୍ରୀ: ୧୯୦୩ )—

ଶ୍ରୀ ମଧୁସୂଦନ ଦାସଙ୍କ ପ୍ରବନ୍ଧ "ଉତ୍କଳ ସାହିତ୍ୟ", ୨ୟ ଭାଗ—୨ୟ ସଂଖ୍ୟାରେ ପ୍ରକାଶ ପାଇଥିଲା । ଡକ୍ଟର ନଟବର ସାମନ୍ତରାୟ ଏହାଙ୍କ ତାଲିକାର ଆଲୋଚନା କରି ଲେଖିଛନ୍ତି—

(୧) ସାହିତ୍ୟାଦର୍ଶ, ପୃ-୨୧୯—୨୩୨

"ମଧୁବାବୁ ହଣ୍ଟର୍ ସାହେବଙ୍କୁ ଯେ ପ୍ରାୟ ପୂର୍ଣ୍ଣତଃ ଅନୁସରଣ କରିଛନ୍ତି, ଏଥିରେ ସନ୍ଦେହ ନାହିଁ । ମଧୁବାବୁ ପ୍ରଥମେ ଭଞ୍ଜଙ୍କର ୨୨ଟି ରଚନାର ନାମ ଦେଇ ପରେ କହିଛନ୍ତି, "ଏହି କାବ୍ୟଗୁଡ଼ିକ ଏହାଙ୍କର ( ଭଞ୍ଜଙ୍କ ) ରଚିତ । ଏତଦ୍‌ବ୍ୟତୀତ ଅନ୍ୟାନ୍ୟ ଯେ କେତେ ଖଣ୍ଡ ଗ୍ରନ୍ଥ ଅଛି, ତାହା ଯଥାସ୍ଥାନରେ ଉଲ୍ଲେଖ କରାଯିବ ।"

ତେଣୁ, ଯଥାସ୍ଥାନରେ ସେ ଭଞ୍ଜଙ୍କର ଅନ୍ୟାନ୍ୟ ୧୨ଟି ରଚନାର ନାମ ଦେଇଛନ୍ତି । ଏମିତି ଏହି ଦୁଇ ତାଲିକାରେ ସେ ଭଞ୍ଜଙ୍କର ୩୪ଟି ରଚନାର ନାମୋଲ୍ଲେଖ କରିଛନ୍ତି । ଏହି ୩୪ଟିରୁ 'ଲତା'କୁ ବାଦ୍ ଦେଲେ, ଅନ୍ୟ ୩୩ଟି ହଣ୍ଟର୍ ସାହେବଙ୍କଠାରୁ ନିଆଯାଇଛି (୧) ।

ପାଠକମାନେ ଲକ୍ଷ୍ୟ କରିବେ, ଉକ୍ତରେ ସାମନ୍ତରାୟ କହିଛନ୍ତି—

(କ) ହଣ୍ଟର୍‌ଙ୍କ ତାଲିକାରେ ଭଞ୍ଜଙ୍କର ଏହି ୪୨ଟି ରଚନାର ନାମ ଅଛି ।

(ଖ) ଶ୍ରୀ ମଧୁସୂଦନ ଦାସ "ହଣ୍ଟର୍ ସାହେବଙ୍କୁ ଯେ ପ୍ରାୟ ପୂର୍ଣ୍ଣତଃ ଅନୁସରଣ କରିଛନ୍ତି, ଏଥିରେ ସନ୍ଦେହ ନାହିଁ ।"

(ଗ) ମଧୁବାବୁଙ୍କ ତାଲିକାରେ ମୋଟ ୩୪ଟି ରଚନାର ନାମ ଅଛି ।

(ଘ) ଏହି ୩୪ଟି ବହିର ନାମ ଭିତରୁ 'ଲତା' ନାମକ ରଚନା ହଣ୍ଟର୍‌ଙ୍କର ତାଲିକାରେ ନାହିଁ ।

(ଙ) ଅନ୍ୟ ୩୩ଟି ହଣ୍ଟର୍‌ଙ୍କଠାରୁ ନିଆଯାଇଛି ।

ପ୍ରଶ୍ନଉଠେ, ଯଦି ହଣ୍ଟର୍ ସାହେବ ୪୨ଟି ରଚନାର ଏକ ତାଲିକା ଦେଇଛନ୍ତି ଏବଂ ଯଦି ମଧୁସୂଦନ ଦାସ ତାଙ୍କଠାରୁ କେବଳ ମାତ୍ର ୩୩ଟି ରଚନାର ନାମ ଗ୍ରହଣ କରିଛନ୍ତି, ତାହାହେଲେ ସେ "ହଣ୍ଟର୍ ସାହେବଙ୍କୁ ପ୍ରାୟ ପୂର୍ଣ୍ଣତଃ ଅନୁସରଣ କରିଛନ୍ତି, ଏଥିରେ ସନ୍ଦେହ ନାହିଁ" ବୋଲି ଉକ୍ତରେ ସାମନ୍ତରାୟ କପରି ଲେଖିଅଛନ୍ତି ? ୪୨ଟି ରଚନାରୁ ୩୩ଟି ନିଆଗଲେ, "ପ୍ରାୟ ପୂର୍ଣ୍ଣତଃ ଅନୁସରଣ" ହେଲା କି ?

---

(୧) ସାହିତ୍ୟାଦର୍ଶ, ପୃ-୨୧୩

**୫ । ଶ୍ରୀ ତାରଣୀ ଚରଣ ରଥଙ୍କ ତାଲିକା** (ଖ୍ରୀ: ୧୯୧୪)—

ନିଜର "ଉତ୍କଳ ସାହିତ୍ୟ ଇତିହାସ"ରେ ଶ୍ରୀଯୁକ୍ତ ତାରଣୀ ଚରଣ ରଥ ଭଞ୍ଜଙ୍କର ରଚନାବଳୀର ଯେଉଁ ତାଲିକା ଦେଇଛନ୍ତି, ତହିଁରେ ପ୍ରକାଶିତ କୋଡ଼ିଏ ଖଣ୍ଡି ଏବଂ ଅପ୍ରକାଶିତ ୨୨ ଖଣ୍ଡି, ଏହିପରି ସର୍ବମୋଟ ବୟାଳିଶ ଖଣ୍ଡି ରଚନାର ନାମ ଉଲ୍ଲିଖିତ ହୋଇଛି । ଉଣା ଅଧିକେ ସେ ହଣ୍ଟରଙ୍କ ତାଲିକାକୁ ଗ୍ରହଣ କରିଛନ୍ତି । ତାଙ୍କ ତାଲିକାରୁ ଦୁଇଟି ରଚନାର ନାମ ବାଦ୍ ଦେଇ ଆଉ ଦୁଇଟି ଯୋଗ କରିଅଛନ୍ତି, ଯଥା—'ଦଶପୋଇ' ଓ 'ବଜାର ବୋଲି ।' ପୂର୍ବରୁ (୧) ସେ ୨୪ ଖଣ୍ଡ ଅପ୍ରକାଶିତ ରଚନାର ନାମ ଦେଇଥିଲେ ।

**୬ । ଜଗବନ୍ଧୁ ସିଂହଙ୍କ ତାଲିକା** (ଖ୍ରୀ: ୧୯୧୬-୧୭)—

ଉକ୍ତରେ ସାମନ୍ତରାୟଙ୍କ ଭାଷାରେ—(୨) "ଜଗବନ୍ଧୁ ବାବୁ ହଣ୍ଟରଙ୍କ ତାଲିକାକୁ ଉଦ୍ଧାର କରିବାକୁ ଯାଇ, ତାଙ୍କର ୪୨ଟି ନାମରୁ ୪୧ଟିର ନାମ ଦେଇଛନ୍ତି । ଜଗବନ୍ଧୁ ବାବୁ ସ୍ୱତନ୍ତ୍ର ଭାବରେ 'ବଜାର ବୋଲି'କୁ ଭଞ୍ଜଙ୍କ ରଚନା ବୋଲି ଲେଖିଛନ୍ତି ।"

'ପ୍ରାଚୀନ ଉତ୍କଳ'ର ଲେଖକ ଦୁଇଟି ସ୍ଥାନରେ ଭଞ୍ଜଙ୍କର ପୁସ୍ତକ ତାଲିକା ଦେଇଛନ୍ତି (୩) । ପ୍ରଥମେ ସେ ଭଞ୍ଜଙ୍କର ଏକଚାଳିଶଟି ରଚନାର ନାମ ଦେଇଛନ୍ତି । ତାହାପରେ ଅନ୍ୟ ଏକ ପ୍ରସଙ୍ଗରେ ସେ ପଞ୍ଚତିରିଶଟି ରଚନାର ନାମ ଦେଇଛନ୍ତି ଓ ଶେଷ ରଚନାର ନାମ ପରେ 'ପ୍ରଭୃତି' ଶବ୍ଦ ଲେଖିଅଛନ୍ତି । ଏଥିରୁ ଜଣାଯାଏ, ତାଙ୍କ ଅନୁସାରେ ପଞ୍ଚତିରିଶ ଖଣ୍ଡରୁ ଅଧିକା ରଚନାବଳୀର ନାମ ଜାଣିବା ପାଇଁ ତାଙ୍କର ପ୍ରଥମ ତାଲିକା ହିଁ ଦ୍ରଷ୍ଟବ୍ୟ ବୋଲି ସେ ସୂଚାଇଛନ୍ତି । ଏହି କଥାକୁ କେହି କେହି ବିଶିଷ୍ଟ ଆଲୋଚକ ଠିକ୍ ଭାବରେ ଧରି ନ ପାରି, ଜଗବନ୍ଧୁଙ୍କ ପୁସ୍ତକ ତାଲିକା ସମ୍ପର୍କରେ ଅସଙ୍ଖ୍ୟ ମନ୍ତବ୍ୟ ପ୍ରଦାନ କରିଅଛନ୍ତି ।

---

(୧) ସାହିତ୍ୟାଦର୍ଶ, ପୃ-୨୨୩-୨୨୪

(୨) ସାହିତ୍ୟାଦର୍ଶ, ପୃ-୨୨୫

(୩) ପ୍ରାଚୀନ ଉତ୍କଳ (୧୯୨୯)—ପୃ-୯୪ ଓ ୧୫୨

## ୭ । ବିଜୟ ଚନ୍ଦ୍ର ମଜୁମଦାରଙ୍କ ତାଲିକା ( ଖ୍ରୀ: ୧୯୨୩ )—

ଉକ୍ତରେ ନଟବର ସାମନ୍ତରାୟ ଲେଖିଛନ୍ତି— "ମଜୁମଦାର ମହାଶୟ ୪୨ଟି ରଚନାର ନାମ ଦେଇଛନ୍ତି । ଏହା ହଣ୍ଟରଙ୍କ ତାଲିକାର ଅନୁରୂପ । ହଣ୍ଟରଙ୍କ 'ଯମକରାଜ ଚଉତିଶା', ମଧୁବାବୁଙ୍କ 'ଲତା', ତାରିଣୀ ଚରଣ ରଥଙ୍କ 'ଦଶପୋଇ', 'ବଜାର ବୋଲି', ଜଗବନ୍ଧୁଙ୍କର 'ହାସ୍ୟାର୍ଣ୍ଣବ' ଓ 'କଟପାୟୀ' ମଜୁମଦାର ପରିତ୍ୟାଗ କରିଅଛନ୍ତି (୧) ।

ଏଠାରେ ପ୍ରଶ୍ନ ଉଠେ, ହଣ୍ଟର୍ ପ୍ରଥମେ ୪୨ଟି ରଚନାର ତାଲିକା ଦେଇଥିଲେ । ମଜୁମଦାର ମଧ୍ୟ ୪୨ଟି ରଚନାର ତାଲିକା ଦେଇଛନ୍ତି । ଅଥଚ, ହଣ୍ଟରଙ୍କ 'ଲତା'କୁ ବାଦ୍ ଦେଇଛନ୍ତି । ତାହାହେଲେ ସେ କେଉଁ ନୂତନ ରଚନାର ନାମ ପ୍ରଥମ ଥର ଲାଗି ଉଲ୍ଲେଖ କରିଛନ୍ତି ? ବିଜୟଚନ୍ଦ୍ର ହଣ୍ଟରଙ୍କ ବର୍ଣ୍ଣିତ 'ଛ ପୋଇ', 'ବା ଚଉତିଶା', 'ଯମକରାଜ ଚଉତିଶା'—ଏହି ତିନୋଟିକୁ ବର୍ଜନ କରିଛନ୍ତି । ଅନ୍ୟ ଭାବରେ କହିଲେ, ହଣ୍ଟରଙ୍କ ତାଲିକାର ମୋଟ ୪୨ ଗୋଟି ରଚନାରୁ ସେ ଦୁଇଟି ବର୍ଜନ କରିଛନ୍ତି ଏବଂ ଗୋଟିଏ (ଛ ପୋଇ) ଯୋଗ କରିଛନ୍ତି । ତାହାହେଲେ ମୋଟ ରଚନା ସଂଖ୍ୟା ହେଲା ୪୧ । ଏଥିରେ 'ଚଉତିଶା'କୁ ଗୋଟିଏ ରଚନା ବୋଲି ଗ୍ରହଣ କରି ମୋଟ ୪୨ କରିଛନ୍ତି ।

ଚଉତିଶାକୁ ଗୋଟିଏ ରଚନା ବୋଲି ଗ୍ରହଣ କରିବା ପ୍ରମାଦପୂର୍ଣ୍ଣ । କାରଣ ଚଉତିଶା କୌଣସି ଏକ ରଚନାର ନାମ ନୁହେଁ । 'ଚିତ୍ରକାବ୍ୟ ବନ୍ଧୋଦୟ'ରେ ଭଞ୍ଜ ଲେଖିଛନ୍ତି—

"ଅଶେଷ ଚଉତିଶା ଚଉପଦୀ
ତାହା କେତେ ଯେ କହିବି ସମ୍ବାଦ ।"

ଏଥିରୁ ଜଣାଯାଏ, ଚଉତିଶା ଗୋଟିଏ ନିର୍ଦ୍ଦିଷ୍ଟ ରଚନାର ନାମ ନୁହେଁ, ଏହା ହେଉଛି ଗୋଟିଏ ନିର୍ଦ୍ଦିଷ୍ଟ ପ୍ରକାରର ରଚନାର ନାମ । ବିଜୟଚନ୍ଦ୍ର ମଜୁମଦାରଙ୍କ ପକ୍ଷରେ ଏହିଭଳି ଭ୍ରମ ତ ସ୍ୱାଭାବିକ କଥା ।

---

(୧) ସାହିତ୍ୟାଦର୍ଶ, ପୃ-୨୨୭

## ୮ । ବିନାୟକ ମିଶ୍ରଙ୍କ ତାଲିକା (୧୯୨୮)—

ପଣ୍ଡିତ ବିନାୟକ ମିଶ୍ରଙ୍କ 'ଓଡ଼ିଆ ସାହିତ୍ୟର ଇତିହାସ' (ପୃ-୧୨୪)ରେ ଯେଉଁ ତାଲିକା ଦିଆଯାଇଛି, ତହିଁରେ ୪୧ଟି ରଚନାର ନାମ ଅଛି । ଉତ୍କଳର ସାମନ୍ତରାୟ ଯଥାର୍ଥରେ ଲେଖିଛନ୍ତି—"ଏହାଙ୍କ ତାଲିକା × × ମଜୁମଦାର ମହାଶୟଙ୍କ ଅନୁରୂପ × × । ବିନାୟକ ବାବୁ ମଜୁମଦାର ମହାଶୟଙ୍କ ତାଲିକାରେ ଥିବା 'ସଙ୍ଗୀତ କୌମୁଦୀ'କୁ ନିଜ ତାଲିକାରେ ଯେ କାହିଁକି ସ୍ଥାନ ଦେଇ ନାହାନ୍ତି, ତାହାର ସୂଚନା ସେ ପୁସ୍ତକରେ କେଉଁଠି ନାହିଁ ।" (୧) ହୁଏ ତ ଭ୍ରମବଶତଃ ଛୁଡ଼ିଯାଇଛନ୍ତି !!

## ୯ । ଉତ୍କଳର ମହତାବଙ୍କ ତାଲିକା—

ଉତ୍କଳର ହରେକୃଷ୍ଣ ମହତାବ ତାଙ୍କର "ଓଡ଼ିଶା ଇତିହାସ"ରେ ଭଞ୍ଜଙ୍କ ରଚନାର ତାଲିକା ଦେଇଛନ୍ତି (୨) । ଏଥିରେ ୪୧ ଖଣ୍ଡି ରଚନାର ନାମ ସନ୍ନିବେଶିତ । ହଣ୍ଟର୍ ସାହେବଙ୍କ ତାଲିକାରେ 'ଛ ପୋଇ' ନାହିଁ । ଅଥଚ ଏହି ତାଲିକାରେ 'ଛ ପୋଇ' ଗୋଟିଏ ରଚନା ରୂପେ ଗୃହୀତ । କିନ୍ତୁ ଉତ୍କଳର ମହତାବ ନିଜର ଏହି ତାଲିକା ଧରେ ପରେ, ଗଞ୍ଜାମ ଜିଲ୍ଲା ଭଞ୍ଜନଗର ( ପୂର୍ବର ନାମ ରସଲକୋଣ୍ଡା ) ସ୍ଥିତ 'ଭଞ୍ଜ-ସାହିତ୍ୟ ପରିଷଦ'ରୁ ସେମାନେ ପ୍ରସ୍ତୁତ କରିଥିବା ଭଞ୍ଜଙ୍କ ପୁସ୍ତକ ତାଲିକା ଅଣାଇ, ପ୍ରକାଶ କରିଛନ୍ତି । ଏହି ତାଲିକାରେ ୬୮ ଖଣ୍ଡି ରଚନାର ନାମ ପ୍ରଦତ୍ତ ହୋଇଅଛି । ଯେଉଁମାନେ ଏହିଭଳି ଏକ ତାଲିକା ପ୍ରସ୍ତୁତ କରି ଉତ୍କଳର ମହତାବଙ୍କ ନିକଟକୁ ପଠାଇ-ଥିଲେ, ସେମାନେ କି ଭଳି ଘୋର୍ ଭ୍ରାନ୍ତ ଏବଂ ସତ୍ୟାନୁସନ୍ଧାନଠାରୁ କେତେ ଦୂରରେ ଅବସ୍ଥିତ, ତାହା ଏ ତାଲିକା ଦେଖିଲେ ସହଜରେ ଜଣାପଡ଼େ । ଏହି ତାଲିକାର ଗୁରୁତର ଭ୍ରମ ଦୁଇଟି ଦୃଷ୍ଟିକୋଣରୁ ପ୍ରଦର୍ଶିତ ହୋଇପାରେ । ପ୍ରଥମ,—ଗୋଟିଏ ନିର୍ଦ୍ଦିଷ୍ଟ ବହିର ନାମ ଏହି ଗୋଟିକ ତାଲିକାରେ ଦୁଇ ଥର ଲେଖା ରହିଅଛି । ଯଥା :—କ୍ରମିକ ସଂଖ୍ୟା ୩୪ ଏବଂ କ୍ରମିକ ସଂଖ୍ୟା ୬୪ । ଉଭୟ ରଚନାର ନାମ ହେଉଛି 'ଇଚ୍ଛାବତୀ' । କ୍ରମିକ ସଂଖ୍ୟା ୨୧ ଏବଂ କ୍ରମିକ

(୧) ସାହିତ୍ୟାଦର୍ଶ, ପୃ-୨୨୬

(୨) ଓଡ଼ିଶା ଇତିହାସ—୧ମ ସଂସ୍କରଣ, ପୃ-୪୧୬-୪୧୭

ସଂଖ୍ୟା ୬୭, ଉଭୟ ରଚନାର ନାମ ହୋଇଛି 'ତ୍ରୈଲୋକ୍ୟ ମୋହିନୀ' । କ୍ରମିକ ସଂଖ୍ୟା ୩ ଓ ୭୫, ଉଭୟର ନାମ 'ଚଉପଦୀ ଭୂଷଣ' । ତା ପରେ ଉପେନ୍ଦ୍ର ଭଞ୍ଜଙ୍କ ପିତାମହ ଧନଞ୍ଜୟ ଭଞ୍ଜଙ୍କ ରଚନାଗୁଡ଼ିକୁ ମଧ୍ୟ ଉପେନ୍ଦ୍ର ଭଞ୍ଜଙ୍କ ବହି ତାଲିକା ଭିତରେ ଭର୍ତ୍ତିକରି ଦିଆଯାଇଛି, ଯଥା :—ରଘୁନାଥ ବିଳାସ, ମଦନ ମଞ୍ଜରୀ, ନିପୁର ସୁନ୍ଦରୀ, ଅନଙ୍ଗରେଖା ଓ ଇଚ୍ଛାବତୀ ।

ଏହାଛଡ଼ା, ଅନ୍ୟ ପ୍ରକାରର ଭ୍ରମ ମଧ୍ୟ ଏହି ତାଲିକାରେ ଅଛି ।

## ୧୦ । ଚିନ୍ତାମଣି ମହାନ୍ତିଙ୍କ ତାଲିକା (୧୯୩୮)—

କବିଶେଖର ଚିନ୍ତାମଣି ମହାନ୍ତି ତାଙ୍କର 'ଘୁମୁସର' କାବ୍ୟରେ ୩୭ ଖଣ୍ଡ ରଚନାର ନାମୋଲ୍ଲେଖ କରି କବିଙ୍କର ସର୍ବମୋଟ ରଚନା ୫୨ ଖଣ୍ଡ ବୋଲି କହିଅଛନ୍ତି । ସେ ଜଗବନ୍ଧୁଙ୍କ ଉଲ୍ଲିଖିତ 'ହାସ୍ୟାର୍ଣ୍ଣବ' ଓ 'କଟପାସ୍ୟା' ତାରିଣୀ ଚରଣଙ୍କ ଉଲ୍ଲିଖିତ 'ବଜାର ବୋଲି'ର ନାମ ଉଲ୍ଲେଖ କରିଅଛନ୍ତି । ପୁଣି, ହଣ୍ଟରଙ୍କ ତାଲିକାରେ ଥିବା 'ବା ଚଉତିଶା'ର ନାମ ଗ୍ରହଣ କରିଅଛନ୍ତି ।

## ୧୧ । ଅନନ୍ତ ପଦ୍ମନାଭ ପଟ୍ଟନାୟକଙ୍କ ତାଲିକା (୧୯୫୯)—

ଶ୍ରୀଯୁକ୍ତ ଅନନ୍ତ ପଦ୍ମନାଭ ପଟ୍ଟନାୟକ (୧୯୫୯ରେ ପ୍ରକାଶିତ ଏବଂ କେତେ ବର୍ଷ ଆଗରୁ ଲିଖିତ) ଭଞ୍ଜଙ୍କର ପୁସ୍ତକ ତାଲିକା ପ୍ରକାଶ କରିଅଛନ୍ତି । ଭଞ୍ଜଙ୍କର ପ୍ରକାଶିତ ରଚନା ମାତ୍ର ୨° ଖଣ୍ଡ ବୋଲି ସେ ଲେଖିଥିଲେ ମଧ୍ୟ ଭଞ୍ଜଙ୍କର ତଦଧିକ ସଂଖ୍ୟକ ରଚନା ସେତେବେଳକୁ ପ୍ରକାଶ ପାଇ ସାରିଥିଲା (୧) । ଏହାଛଡ଼ା ସେ ଭଞ୍ଜଙ୍କର ଅପ୍ରକାଶିତ ପୁସ୍ତକ ତାଲିକା ପ୍ରଦାନ କରି ୩୮ ଖଣ୍ଡ ରଚନାର ନାମୋଲ୍ଲେଖ କରିଅଛନ୍ତି । ତହିଁରେ 'ଭଞ୍ଜ-ସାହିତ୍ୟ ପରିଷଦ'ର ତାଲିକା ଅନ୍ତର୍ଗତ କେତେକ ରଚନା ସ୍ଥାନ ପାଇଛି । କିନ୍ତୁ ଧନଞ୍ଜୟ ଭଞ୍ଜଙ୍କ ରଚନାଗୁଡ଼ିକୁ ଉପେନ୍ଦ୍ର ଭଞ୍ଜଙ୍କ ରଚନା ବୋଲି ଲେଖିବାର ମହାଭ୍ରମ ଶ୍ରୀଯୁକ୍ତ ପଟ୍ଟନାୟକଙ୍କ ତାଲିକାରେ ନାହିଁ । ଶ୍ରୀଯୁକ୍ତ ପଟ୍ଟନାୟକ ଲେଖିଛନ୍ତି—

---

(୧) ଏହା ସେ ୧୯୧୬ରେ ପ୍ରକାଶିତ ତାରିଣୀ ଚରଣ ରଥଙ୍କ 'ଉତ୍କଳ-ସାହିତ୍ୟ ଇତିହାସ'ରୁ ନେଇଛନ୍ତି ମାତ୍ର । (ପୃ-୨୭-୨୮)

" 'ଚନ୍ତ୍ରୀଶ' ନାମରେ ଖଣ୍ଡେ ବନ୍ଧ ତହିଁର ( ହଣ୍ଟର୍ ସାହେବଙ୍କ ତାଲିକାର ) ଅନ୍ତର୍ଗତ । ଏ ବନ୍ଧ ଖଣ୍ଡିକ ଆଜ ପର୍ଯ୍ୟନ୍ତ କେହି ପାଇ ନାହାଁ । ପରବର୍ତ୍ତୀ ଲେଖକମାନେ ତାଲିକାଭୁକ୍ତ କରି ନାହାନ୍ତି (୧) ।"

'ବା ଚଉତିଶା'ର ଇଂରାଜୀ ବନାନ ଛାପିବା ବେଳେ, 'Chautisa' ଦେହରେ ଥିବା ଚତୁର୍ଥ ବର୍ଣ୍ଣ 'u' ଓଲଟି ଯାଇ ଇଂରାଜୀ 'n' ଅକ୍ଷର ପରି ଭ୍ରାନ୍ତି ସୃଷ୍ଟି କରିବା ଫଳରେ 'ବା ଚଉତିଶା'କୁ 'ଚନ୍ତ୍ରୀଶ' ବା 'ଚନ୍ତନ୍ତଶା' ପଢ଼ାଯାଇ କିପରି ହାସ୍ୟଜନକ ପରିସ୍ଥିତି ସୃଷ୍ଟି ହୋଇଛି, ଭାବିଲେ ବିସ୍ମୟ ଲାଗେ । ଠିକ୍ ସେହିପରି 'କଳାକୌତୁକ'ର ଇଂରାଜୀ ବନାନରେ, ଇଂରାଜୀ 'u' ଅକ୍ଷର ଓଲଟି ଯାଇ, 'n' ପରି ଛପାଯାଇ, 'କଳାକୌତୁକ' ସ୍ଥାନରେ 'କଳାକଣ୍ଟକ' ବୋଲି ଭ୍ରାନ୍ତି ସୃଷ୍ଟି କରି, ଶିବରାତି ଉଜାଗର ବେଳେ ନିଦ୍ରାର ଆକ୍ରମଣକୁ ପ୍ରତିହତ କରିବା ପାଇଁ ଜାଗର-ବ୍ରତୀମାନଙ୍କୁ ଉପାଦାନ ଯୋଗାଇ ଦେଇଛି ! ଶ୍ରୀଯୁକ୍ତ ପଟ୍ଟନାୟକ ମୁଖ୍ୟତଃ ୪୨ ଖଣ୍ଡ ରଚନାକୁ ପାଞ୍ଚ ଭାଗରେ ବିଭକ୍ତ କରି, ପ୍ରତ୍ୟେକ ବିଭାଗରେ ବିଭିନ୍ନ ରଚନା ସମାବେଶିତ କରିଛନ୍ତି ।

ଶ୍ରୀଯୁକ୍ତ ପଟ୍ଟନାୟକ ଲେଖିଛନ୍ତି—"ଖ୍ରୀ: ୧୯୨୯ରେ ପ୍ରକାଶିତ 'ପ୍ରାଚୀନ-ଉତ୍କଳ'ରେ ଶ୍ରୀ ଜଗବନ୍ଧୁ ସିଂହ ୩୫ ଖଣ୍ଡ ବନ୍ଧର କେବଳ ନାମ ଦେଇଛନ୍ତି ।" ଏହା କିନ୍ତୁ ଠିକ୍ ନୁହେଁ । 'ପ୍ରାଚୀନ-ଉତ୍କଳ'ରେ ଶ୍ରୀଯୁକ୍ତ ସିଂହ ପ୍ରଥମେ ଭଞ୍ଜଙ୍କର ୪୩ ଖଣ୍ଡି ରଚନାର ନାମୋଲ୍ଲେଖ କରିଛନ୍ତି (୨) । କିନ୍ତୁ ଅନ୍ୟ ଏକ ପ୍ରସଙ୍ଗରେ କେବଳ ୩୫ଟି ଲେଖି "ପ୍ରଭୃତି" ଶବ୍ଦ ଦ୍ୱାରା ତାଙ୍କର ପୂର୍ବ ତାଲିକାର ଅନ୍ୟ ରଚନାଗୁଡ଼ିକ ପ୍ରତି ଆମ୍ଭମାନଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଶ୍ରୀଯୁକ୍ତ ପଟ୍ଟନାୟକ ତାଙ୍କର ପ୍ରଥମ ତାଲିକାଟି (ସେହି ପୁସ୍ତକରେ) ଦେଖିପାରି ନାହାନ୍ତି ।

ଏହା ପରେ ଶ୍ରୀଯୁକ୍ତ ପଟ୍ଟନାୟକ ଲେଖିଛନ୍ତି—

ଖ୍ରୀ: ୧୯୪୮ରେ ସ୍ୱ-ପ୍ରଣିତ 'ଓଡ଼ିଶା ଇତିହାସ'ରେ ଶ୍ରୀ ହରେକୃଷ୍ଣ ମହତାବ୍, ବିନାୟକ ମିଶ୍ରଙ୍କ ତାଲିକା ଗ୍ରହଣ କରିବା ସଙ୍ଗେ ସଙ୍ଗେ ଭଞ୍ଜନଗର

---

(୧) କବିସମ୍ରାଟ୍ ଉପେନ୍ଦ୍ର ଭଞ୍ଜ, ପୃ-୪୩

‘ଭଞ୍ଜ ସାହିତ୍ୟ ପରିଷଦ’ର ତାଲିକା ଗ୍ରହଣ କରି ଗ୍ରନ୍ଥ ସଂଖ୍ୟା ୭୮ କରିଛନ୍ତି (୧) ।” ଶ୍ରୀଯୁକ୍ତ ପଟ୍ଟନାୟକଙ୍କର ଏହି ଅଭିମତ ସତ୍ୟ ନୁହେ । କାରଣ, ଡକ୍‌ଟର ମହତାବ ନିଜ ଅନୁସାରେ ଭଞ୍ଜଙ୍କ ଗ୍ରନ୍ଥ ତାଲିକା ଦେଇ ସାରିବା ପରେ, ‘ଭଞ୍ଜ ସାହିତ୍ୟ ପରିଷଦ’ର ତାଲିକାଟି ସ୍ୱତନ୍ତ୍ର ଭାବରେ ପ୍ରଦାନ କରିଅଛନ୍ତି । ଏତିକି କଥା, ସେ କେବଳ ତାଲିକାଟି ପ୍ରକାଶ କରି ଦେଇ, ତାହାର ସତ୍ୟାସତ୍ୟ ନିରୂପଣ ଲାଗି ତଦ୍‌ବିଦ୍‌ମାନଙ୍କୁ ଛାଡ଼ିଦେଇ ଅଛନ୍ତି, ଯଦିଓ ଏ କଥା ନିଶ୍ଚୟ ଯେ, ଏହି ତାଲିକାରେ ଥିବା ଭ୍ରାନ୍ତିଗୁଡ଼ିକ ସେ ଦେଖାଇ ଦେଇଥିଲେ ଭଲ ହୋଇଥାନ୍ତା ।

## ୧୧ । ଶ୍ରୀ ଦାମୋଦର ଦାସଙ୍କ ତାଲିକା —

ଶ୍ରୀଯୁକ୍ତ ଦାମୋଦର ଦାସ, ତାଙ୍କର “ଉପେନ୍ଦ୍ର ଭଞ୍ଜ ଜୀବନୀ” ( ପୃ-୧୧୩-୧୧୪ )ରେ ଭଞ୍ଜଙ୍କର ପ୍ରକାଶିତ ଓ ଅପ୍ରକାଶିତ ପୁସ୍ତକ ତାଲିକା ଦେଇ-ଅଛନ୍ତି । ସେ ଅ, ଆ ଅକ୍ଷର କ୍ରମରେ ଏହି ଉଭୟ ପ୍ରକାର ରଚନାବଳୀ ସଜାଇ ଦେଇଛନ୍ତି । ଅନୁମିତ ହୁଏ, ଭଞ୍ଜନଗର ଭଞ୍ଜ-ସାହିତ୍ୟ ପରିଷଦର ଯେଉଁ ତାଲିକା ଡକ୍‌ଟର ମହତାବଙ୍କ ଇତିହାସରେ ସମାବେଶିତ, ତହିଁରେ ଏକା ଏକା ନାମର ଦୁଇ ଦୁଇଟି ରଚନା ଦୁଇ ଥର ଲେଖାଏଁ ଜଣେ କବିଙ୍କର ଅଲଗା ଅଲଗା ରଚନା ବୋଲି ବର୍ଣ୍ଣିତ ହୋଇଥିବାରୁ, ଶ୍ରୀଯୁକ୍ତ ଦାସ ଯଥାର୍ଥରେ ଭାବିଛନ୍ତି, ଅକ୍ଷର କ୍ରମରେ ରଚନାଗୁଡ଼ିକ ତାଲିକାଭୁକ୍ତ ହୋଇଥିଲେ ବୋଧହୁଏ ଏଭଳି ଭ୍ରମ ହୋଇ ନ ଥାନ୍ତା । ସେ ମଧ୍ୟ ଭଞ୍ଜନଗରର ଅଧିବାସୀ ( ସୁତରାଂ, ତାଲିକାଗତ ମହାଭ୍ରମ ସ୍ଥାନର ନିକଟବର୍ତ୍ତୀ ) ।

ପ୍ରକାଶିତ ପୁସ୍ତକ ମଧ୍ୟରେ ସେ ୨୭ଟି ରଚନାର ନାମୋଲ୍ଲେଖ କରି-ଅଛନ୍ତି । ତହିଁରେ ତିନୋଟି ରଚନା ଅଛି, ଯାହା ଏହି ଲେଖକ ଭଞ୍ଜଙ୍କ ପ୍ରକାଶିତ ପୁସ୍ତକ ତାଲିକାରେ ଅନ୍ତର୍ଭୁକ୍ତ କରି ନାହିଁ । ଏହି ଆଲୋଚନାର ଯଥାସ୍ଥାନ ଏ ସମ୍ପର୍କରେ ଦ୍ରଷ୍ଟବ୍ୟ । ସେଗୁଡ଼ିକ ହେଉଛି, ‘ଚନ୍ଦ୍ରାଉ ଛାନ୍ଦ’, ‘ଛ ପୋଇ’ ଏବଂ ‘ପଞ୍ଚସାଏକ’ । ‘ଚନ୍ଦ୍ରାଉ ଛାନ୍ଦ’ ନାମକ କୌଣସି ରଚନା ପ୍ରକାଶ ପାଇଥିବା ଠିକ୍ ନୁହେ । ଗୋଟିଏ ‘ଛ ପୋଇ’ ପ୍ରକାଶିତ; କିନ୍ତୁ ତାହା ଭଞ୍ଜଙ୍କର

(୧) କବିସମ୍ରାଟ୍ ଉପେନ୍ଦ୍ର ଭଞ୍ଜ, ପୃ-୪୫

ବୋଲି କିଛି ପ୍ରମାଣ ନାହିଁ । 'ପଞ୍ଚସାଏକ' ମଧ୍ୟ ଭଞ୍ଜଙ୍କର ନୁହେ । ତାଳପତ୍ର ପୋଥିମାନଙ୍କରେ ଗୋପାଳ ଭଞ୍ଜଙ୍କ ନାମ ଅଛି । ତାହାହେଲେ ତାଙ୍କ ତାଲିକାରେ ଭଞ୍ଜଙ୍କ ପ୍ରକାଶିତ ବହିର ମୋଟ ସଂଖ୍ୟା ୨୪ ବୋଲି ଧରାଯିବା ଯଥାର୍ଥ । 'ପଞ୍ଚସାୟକ' ଶବ୍ଦର ଏଭଳି ଅଶୁଦ୍ଧ ବନାନ ଗ୍ରନ୍ଥକାରଙ୍କ ପ୍ରତି ଉପହାସ ମାତ୍ର ।

ଦାମୋଦର ବାବୁ ୩୫ ଖଣ୍ଡ ଅପ୍ରକାଶିତ ରଚନାର ତାଲିକା ଦେଇଛନ୍ତି । ତହିଁରେ ଥିବା 'କଳାକଣ୍ଠକ' ଏକ ଭ୍ରମପୂର୍ଣ୍ଣ ନାମ, ଯାହା କି ଟିକିଏ ଆଗରୁ ବୁଝାଇ ଦିଆଯାଇଛି । ତାଙ୍କ ତାଲିକାରେ ଥିବା ଚନ୍ଦ୍ରରେଖା ଓ ଶୋଭାବତୀର କ୍ଷୁଦ୍ର କ୍ଷୁଦ୍ର ଅଂଶ ଏ ମଧ୍ୟରେ ସେଠାରୁ ପ୍ରକାଶ ପାଇ ସାରିଛି । ସେ ଲେଖିଥିବା 'କଳ୍ପିତ କଳ୍ପରେଖା' ଶ୍ରୀଯୁକ୍ତ ଅନନ୍ତ ପଦ୍ମନାଭ ପଟ୍ଟନାୟକଙ୍କର 'କଳ୍ପିତ କଳ୍ପରେଖା'ର ନାମାନ୍ତର ହୋଇପାରେ । ଯଦି ଏହା ଭଞ୍ଜଙ୍କର ବୋଲି ଜଣାଯାଏ, ତାହାହେଲେ କହିବାକୁ ହେବ, ଅନୁଲେଖକମାନଙ୍କ ଭ୍ରମ ହେତୁ 'ରେଖା', 'ଲେଖା' ହୋଇଛି କିମ୍ବା 'ଲେଖା' 'ରେଖା' ହୋଇଛି ।

## ୧୨ । ଶ୍ରୀ ଗୌରୀକୁମାର ବ୍ରହ୍ମାଙ୍କ ତାଲିକା (୧୯୭୪)—

ଏହି ଆଲୋଚନାରେ ଅନ୍ୟ ସମସ୍ତ ତାଲିକାରୁ ପୁସ୍ତକ-ନାମାବଳୀ ସଂଗ୍ରହ କରି ( 'ଭଞ୍ଜ-ସାହିତ୍ୟ ପରିଷଦ' ତାଲିକାରୁ ନୁହେ ) ଅଧ୍ୟାପକ ବ୍ରହ୍ମା ତହିଁରେ ତଳଲିଖିତ ନାମଗୁଡ଼ିକ ଯୋଗ କରିଅଛନ୍ତି ।

୧ । ସପ୍ତାଶ ବିଳାସ
୨ । ଦମୟନ୍ତୀଶ ବିଳାସ
୩ । ଶବ୍ଦମାଳା (ଅଭିଧାନ)
୪ । ପଦ୍ମାବତୀ ପରିଣୟ
୫ । ବସନ୍ତ ରାସ (ସଂସ୍କୃତ)
୬ । ଷୋଳ ପୋଇ
୭ । ନାରଦ ପୁରାଣ
୮ । ରସିକାନୁଚିନ୍ତା ।

ଏଗୁଡ଼ିକ ସମ୍ପର୍କରେ ଲେଖକ ତାହାର ବକ୍ତବ୍ୟ "ଭଞ୍ଜଙ୍କ ରଚନା ପରିଚୟ" ପ୍ରସଙ୍ଗରେ ( ଶେଷଟି ବ୍ୟତୀତ ) ପ୍ରକାଶ କରିଅଛି ।

**ରସିକାନୁଚିନ୍ତା:—**

ଏହି କ୍ଷୁଦ୍ର ରଚନାଟି ୧୯୫୪ରେ 'ଭଞ୍ଜ-ସାହିତ୍ୟ ପରିଷଦ' (ଭଞ୍ଜନଗର)ର ପୂର୍ବତନ ସମ୍ପାଦକ ଶ୍ରୀ ମାଗୁଣି ଦାସଙ୍କ ଦ୍ୱାରା ପ୍ରକାଶିତ । ଏହି ଅଂଶର ପାଣ୍ଡୁଲିପି ପ୍ରସ୍ତୁତ ହେଉଥିବା ବେଳେ, ତା ୧୪ । ୯ । ୭୪ ଦିନ ତାଙ୍କଠାରୁ ଏହା ଜାଣିବାକୁ ପାଇ ଏଠାରେ ଲିପିବଦ୍ଧ କଲି ।

ଏହା ଫଳରେ ଭଞ୍ଜଙ୍କର ପ୍ରକାଶିତ ରଚନା ସଂଖ୍ୟା ୨୭ ବୋଲି ଏ ଗ୍ରନ୍ଥରେ ଯାହା ଲେଖା ଅଛି, ତାହା ୨୮କୁ ବୃଦ୍ଧିଲାଭ କଲା (୨) ।

ଏହିପରି ଭାବରେ, ଏକ ସନ୍ଦେହସଙ୍କୁଳ ଓ ଅନିଶ୍ଚିତତାର ବାତାବରଣ ମଧ୍ୟରେ କବିସମ୍ରାଟ୍ ଉପେନ୍ଦ୍ର ଭଞ୍ଜଙ୍କର ଅପ୍ରକାଶିତ ରଚନାବଳୀର ଯତ୍‌ସାମାନ୍ୟ ପରିଚୟ ପ୍ରଦାନ କରାଯାଇଛି । ଏହି ସନ୍ଦେହ ଲାଗି 'ଛନ୍ଦକାବ୍ୟ ବନ୍ଦୋଦୟ'ରେ କବିଙ୍କ ପ୍ରଦତ୍ତ ବିବରଣୀ ଅଳ୍ପ ଉପାଦାନ ଯୋଗାଇ ନାହିଁ । ତାଳପତ୍ର ପୋଥି-ମାନଙ୍କର ସଂରକ୍ଷଣ ଥିଲା କିଛିକାଳ ପୂର୍ବେ କବି, ପଣ୍ଡିତ ଓ ବିଶିଷ୍ଟ ଧନୀ ତଥା ମଧ୍ୟବିତ୍ତ ପରିବାରଙ୍କର ଏକ ଗୌରବର ସଂକେତ । କିନ୍ତୁ ଏ ଧାରଣା କ୍ରମେ ଦୂର ହୋଇ ଯାଉଛି । କବି ନିଜେ ଲେଖିଛନ୍ତି—"ଆଖୁ ଅନଳ ହାରି" (୧); ଅର୍ଥାତ୍, ମୂଷା, ଘରପୋଡ଼ି ଓ ଉଇ ତାଙ୍କ ଗ୍ରନ୍ଥମାନଙ୍କର ପ୍ରଧାନ ଶତ୍ରୁ । ଏବେ ଚତୁର୍ଥ ଧରଣର ଶତ୍ରୁ ଆବିର୍ଭୂତ ହେଲେଣି । ସେମାନେ ହେଉଛନ୍ତି, ପୋଥିର ମୂଲ୍ୟ ଅଗ୍ରାହକ ତାଳପତ୍ର ପୋଥି ବେପାରୀ । ହୋଇପାରେ, କେତେ ବର୍ଷ ପରେ ସୁଦୂର ଆମେରିକାର କୌଣସି ବିଶ୍ୱବିଦ୍ୟାଳୟ ପକ୍ଷରୁ ଭଞ୍ଜଙ୍କର ଅଜ୍ଞାତ ଓ ଅଦ୍ୟାବଧି ଅପ୍ରାପ୍ତ କୌଣସି ଏକ ରଚନା ସମ୍ପାଦିତ ହୋଇ ପ୍ରକାଶଲାଭ କରିବ !!

## (୧୬) କବିତ୍ୱ ପରୀକ୍ଷା : ସମସ୍ୟା ପୂରଣ—

ଭାରତର ପଣ୍ଡିତ-ପରମ୍ପରାରେ କବିତ୍ୱ-ପରୀକ୍ଷା ଏକ ବିଶିଷ୍ଟ ଘଟଣା ରୂପେ ପରିଗଣିତ ହୋଇଥାଏ । କବିମାନେ ନିଜ ନିଜ ଅଞ୍ଚଳରେ ସୁନାମ ଅର୍ଜନ

(୧) ରସିକ ହାରାବଳୀ—୧୫।୧୯ । (୨) ଦ୍ରଷ୍ଟବ୍ୟ—ପୃ-୪୪୪

କରିବା ପରେ, ରାଜଦରବାରମାନଙ୍କୁ ଯାଉଥିଲେ ଏବଂ ସେଠାରେ କବିତ୍ୱ-ପରୀକ୍ଷାରେ ସମୁତ୍ତୀର୍ଣ୍ଣ ହେବା ଉପରେ ହିଁ ସେମାନଙ୍କର ଗୌରବ-ପ୍ରତିଷ୍ଠା ନିର୍ଭର କରୁଥିଲା । ମହାକବି କାଳିଦାସଙ୍କଠାରୁ ଓଡ଼ିଶାର ହାସ୍ୟରସିକ କବିପ୍ରବର ଯଦୁମଣିଙ୍କ ପର୍ଯ୍ୟନ୍ତ ବହୁ ବିଶିଷ୍ଟ କବିଙ୍କର ଜୀବନ-ଚରିତରେ ଏଭଳି ପରୀକ୍ଷାମୂଳକ ଘଟଣାମାନ ଲିପିବଦ୍ଧ ହୋଇ ରହିଛି ।

ଭଞ୍ଜଙ୍କର କବିତ୍ୱ ପରୀକ୍ଷା ସମ୍ପର୍କରେ କେତେକ ବିବରଣୀ ଏଥିପୂର୍ବରୁ ପ୍ରଦତ୍ତ ହୋଇଅଛି, ଯାହାଦ୍ୱାରା ପୁରୀର ପଣ୍ଡିତ-ସଭାରେ ତାଙ୍କର ଅସାଧାରଣ ପାଣ୍ଡିତ୍ୟ ପ୍ରମାଣିତ ହୋଇଥିଲା ।

'ଅମର ସନ୍ତାନ'ର ଲେଖକ କେତେଗୁଡ଼ିଏ ଦୃଷ୍ଟାନ୍ତ ଦେଇ, ଓଡ଼ିଶାର କେତେକ ରାଜଦରବାରରେ ଭଞ୍ଜ-ପ୍ରତିଭା କିପରି ପରୀକ୍ଷିତ ହୋଇଥିଲା, ତହିଁର ସୂଚନା ଦେଇଅଛନ୍ତି । କିନ୍ତୁ, ତାହା ମଧ୍ୟ ଏ ସ୍ଥଳରେ ଉଦ୍ଦିଷ୍ଟ କବିତ୍ୱ ପରୀକ୍ଷାର ପ୍ରକୃଷ୍ଟ ଉଦାହରଣ ନୁହେ । ସମସ୍ୟା ପୂରଣ ହେଉଛି ଭାରତୀୟ ପରମ୍ପରାରେ କବିତ୍ୱ ପରୀକ୍ଷାର ପ୍ରକୃଷ୍ଟ ଦୃଷ୍ଟାନ୍ତ ।

ସମସ୍ୟା ପୂରଣ କ'ଣ, ତାହା ଟିକିଏ ଏଠାରେ ବୁଝାଇ ଦେବା ଦରକାର । ପୂର୍ବେ ରାଜାମାନେ କୌଣସି ଜଣେ କବିଙ୍କର ପ୍ରତିଭା ପରୀକ୍ଷା କଲାବେଳେ, ତାଙ୍କୁ ସାଧାରଣତଃ ଗୋଟିଏ ଚାରିପାଦ ବିଶିଷ୍ଟ ଶ୍ଳୋକ ଲକ୍ଷ୍ୟରେ ଶେଷ ପାଦଟି କହି ଦେଉଥିଲେ । ତା ପରେ ପରେ ରାଜା କହୁଥିଲେ, "ଆପଣଙ୍କୁ ମୁଁ ଏହି ପାଦଟି କହିଦେଲି । ଆପଣ ନିଜ ବୁଦ୍ଧି ବଳରେ ଅନ୍ୟ ତିନୋଟି ପାଦ ପୂରଣ କରି ଗୋଟିଏ ପୂର୍ଣ୍ଣାଙ୍ଗ ଶ୍ଳୋକ ଆବୃତ୍ତି କରନ୍ତୁ ।" ମହାକବି କାଳିଦାସଙ୍କ ସମ୍ପର୍କରେ ଏଭଳି ଗଣି ଗଣି ସମସ୍ୟା ପୂରଣର ଦୃଷ୍ଟାନ୍ତମାନ ରହିଅଛି । ପୁଣି, ମହାକବି କାଳିଦାସ ତାଙ୍କର ଆରାଧ୍ୟ ଦେବୀ ମହାକାଳୀଙ୍କ ପ୍ରସାଦରୁ କିପରି ପାଦଟିମାନଙ୍କୁ ଧରି ଗୋଟିଏ ଗୋଟିଏ ଶ୍ଳୋକ ରଚନା କରିଥିଲେ, ତାହା ମଧ୍ୟ ଲିପିବଦ୍ଧ କରାଯାଇଅଛି । ତଳେ ଦୁଇଟି ଉଦାହରଣ ପ୍ରଦାନ କରାଯାଉଛି ।

୧ । ଜଣେ ରାଜା ପଚାରିଲେ, 'ଏହି ପାଦଟିର ସମସ୍ୟା ପୂରଣ କରନ୍ତୁ ତ' । ପାଦଟି ହେଲା—

"ଠଂ ଠଂ ଠ ଠଂ ଠଂ ଠ ଠ ଠଂ ଠ ଠଂ ଠଃ ।"

କାଳିଦାସ ସଙ୍ଗେ ସଙ୍ଗେ ଗାଇ ଉଠିଲେ—

"ରାଜାଭିଷେକେ ମଦବିହ୍ୱଳାୟାଃ
କକ୍ଷଚ୍ୟୁତୋ ହେମଘଟ ସୁତରୁଣ୍ୟାଃ
ସୋପାନମାରୁହ୍ୟ କରୋତି ଶବ୍ଦଂ
ଠଂ ଠଂ ଠ ଠଂ ଠଂ ଠ ଠଂ ଠଂ ଠ ଠଂ ଠଃ । *

୨। ରାଜା କାଳିଦାସଙ୍କୁ ପଚାରିଲେ, ଏହି ସମସ୍ୟା ପୂରଣ କରନ୍ତୁ—

"ଭ୍ରାତା ଭ୍ରାତବ୍ୟ ପୌତ୍ର ଶ୍ୱଶୁରସୁତ ପିତୃ—
ବ୍ୟେତ ତଂ ଦେବରେତି ।"

ଅର୍ଥାତ୍, ଗୋଟିଏ ନାରୀ ତାହାର କୋଳରେ ଗୋଟିଏ ପୁତ୍ରସନ୍ତାନକୁ ଗେଲ କରୁଥିଲା ବେଳେ, 'ଏଭଳି' ତାକୁ ସମ୍ବୋଧନ କରୁଥିଲା । ଶ୍ରେଷ୍ଠ ପୁଅଟି କିପରି ଅବସ୍ଥାରେ ବୟସ୍କା ସ୍ତ୍ରୀଲୋକଟିର ଭାଇ, ପୁତୁରା, ନାତି, ଶ୍ୱଶୁର, ପୁଅ, ଜେଜେଇ ଓ ଦିଅର ହୋଇପାରେ, ତାହା ହିଁ ସଙ୍ଗେ ସଙ୍ଗେ ଶ୍ଳୋକ ରଚନା ମାଧ୍ୟମରେ ବୁଝାଇ ଦେବା ପାଇଁ କବିଙ୍କୁ ଆହ୍ୱାନ କରାଯାଇଥିଲା । ମହାକବି କାଳିଦାସ କାଳୀଙ୍କ କୃପାରୁ ସଙ୍ଗେ ସଙ୍ଗେ ପାଦ ପୂରଣ କରି କହିଥିଲେ—

"ଜାରେଣୁତ୍ପନ୍ନ ବିପ୍ରସ୍ତେ ତନୟ ଦୁହିତରୌ
ଦମ୍ପତ୍ତୀ ଦୈବଯୋଗାତ୍
ଯୋଗିନ୍ୟାଗର୍ଭିତା ସା ତଦନୁଗମବଶାତ୍
ଯୋଗିନାତ୍ମଂ ପ୍ରବେଦେ

* ରାଜାଙ୍କର ଅଭିଷେକ ଉତ୍ସବ ମହାଆଡ଼ମ୍ବରରେ ପରିପାଳିତ ହେବା ବେଳେ, ଜଣେ ତରୁଣୀ କାଖରେ ଜଳପୂର୍ଣ୍ଣ ସ୍ୱର୍ଣ୍ଣ କଳସ ଧରି ପୋଖରୀରୁ ହୁଡ଼ା ଉପରକୁ ଉଠି ଆସିଲା ବେଳେ ( ଯୁବରାଜଙ୍କର ସୌନ୍ଦର୍ଯ୍ୟର ପ୍ରଶଂସା ଶୁଣି ) ଭାବ କାମଭାବ ଜାତ ହେଲା ଓ ତା ଫଳରେ କାଖର ମାଠିଆ ଖସିପଡ଼ି ଉପର ପାହାଚରୁ ତଳକୁ ଗଡ଼ି ଗଡ଼ି ଆସିଲାବେଳେ, "ଠଂ ଠଂ ଠ ଠଂ ଠଂ ଠ ଠ ଠଂ ଠ ଠଂ ଠଃ" ଶବ୍ଦ ଶୁଣା-ଯାଉଥିଲା ।

ପଶ୍ଚାଦ୍‌ବେଣୀକୃତାମ୍ବାଜନତ ସୁତଶିଶୁଂ
ଲୋଲପୃଷ୍ଠ୍ୟକ୍ରମାତ୍‌ସା
ଭ୍ରାତା ଭ୍ରାତବ୍ୟ ପୌତ୍ର ଶ୍ୱଶୁର ସୁତ ପିତୃ-
ବ୍ୟେଷ୍ଟ ତଂ ଦେବରେଷ୍ଟ ।"

କେତେକ ସ୍ଥଳରେ ପ୍ରଥମ ପାଦ ବା ଦୁଇ ପାଦ କୁହାଯାଇ, ଅନ୍ୟ ପାଦ ପୂରଣ କରିବା ପାଇଁ କବିଙ୍କୁ କୁହାଯାଇଥାଏ । କଥା ଅଛି, ପୂର୍ଣ୍ଣିମା ନିଶୀଥରେ ଭୋଜରାଜ ନିର୍ମଳ ଚନ୍ଦ୍ରମଣ୍ଡଳ ଦେଖି, କବିତ୍ୱବିଳାସରେ ଗାଇ-ଉଠିଲେ—

"ଯଦେତଚ୍ଚନ୍ଦ୍ରାନ୍ତର୍ଜଳଦଲବଲୀଳାଂ ବିତନୁତେ
ତଦାଚଷ୍ଟେଲୋକଃ ଶଶକ ଇତିନୋମାଂପ୍ରତି ତଥା ।"

ଅର୍ଥାତ୍, "ପୂର୍ଣ୍ଣଚନ୍ଦ୍ରର ମଧ୍ୟସ୍ଥଳରେ ଯେଉଁ ଛାୟା ଖଣ୍ଡିକ ଦେଖାଯାଏ, ତାହା ଗୋଟାଏ ଠେକୁଆ ବୋଲି ଲୋକେ କହିଥାନ୍ତି । କିନ୍ତୁ ମୁଁ ଭାବୁଛି, ଏହା ଠିକ୍ ନୁହେ ।" ସେ ଏହା କହିଥିଲେ ହେଁ ସେହି ଛାୟାକୁ କ'ଣ ବୋଲି କହିଲେ ଠିକ୍ ହେବ, ତାହା ସେ କହିପାରିଲେ ନାହିଁ ।

ସଙ୍ଗେ ସଙ୍ଗେ ସାଧକ-କବି ସେହି ଶ୍ଳୋକର ପାଦ ପୂରଣ କରିବାକୁ ଯାଇ ଗାଇ ଉଠିଲେ—

"ଅହଂତ୍ୱିନ୍ଦୁଂ ମନ୍ୟେତ୍ୱଦରିବିରହାକ୍ରାନ୍ତତରୁଣୀ
କଟାକ୍ଷୋଲ୍‌କାପାତ-ବ୍ରଣକଣକଳଂକାଙ୍କିତତନୁମ୍ ।"

ଅର୍ଥାତ୍, ( ହେ ରାଜା ) ମୁଁ ଭାବୁଛି, ତୁମେ ତୁମର ସମସ୍ତ ଶତ୍ରୁରାଜା-ମାନଙ୍କୁ ଧ୍ୱଂସ କରିବା ଭିତରେ ଯେଉଁ ହଜାର ହଜାର ସୈନ୍ୟଙ୍କୁ ମାରିଦେଲ, ସେମାନଙ୍କର ବିଧବା ସ୍ତ୍ରୀମାନେ ଏହି ନିର୍ମଳ ଚନ୍ଦ୍ରମଣ୍ଡଳକୁ ବିରହ-ଦଗ୍ଧ ହୃଦୟରେ ଚାହିଁବା ବେଳେ, ସେମାନଙ୍କର ଦୃଷ୍ଟିରେ ମିଶିଥିବା ବିରହ-ଅଗ୍ନି ଯେତେବେଳେ କୋମଳ ଚନ୍ଦ୍ର ଦେହରେ ବାଜି ହେଲା ( ଦେହରେ ନିଆଁ ଖୁଣ୍ଟା ଖଣ୍ଡେ ଗେଞ୍ଜି ହୋଇଗଲେ, ଖଣ୍ଡେ ମାଂସ ସିଝିଯିବା ପରି ), ସେତେବେଳେ ଚନ୍ଦ୍ରର ଖଣ୍ଡେ ପୋଡ଼ିଗଲା ଓ ଏବେ ତାହା ଆମ ପୋଡ଼ା ଘା'ର ଚିହ୍ନ ପରି ରହିଯାଇଛି, ଯାହାକୁ ଚନ୍ଦ୍ରର 'କଳଙ୍କ' ବୋଲି ନ ଜାଣିବା ଲୋକେ କହିଥାନ୍ତି ।

ଯେତେଦୂର ମନେହୁଏ, ଉପେନ୍ଦ୍ର ଭଞ୍ଜ ତଥା ତାଙ୍କର ସହକର୍ମୀମାନେ ଏଭଳି ସମସ୍ୟା ପୂରଣାତ୍ମକ ପରୀକ୍ଷାର ସମ୍ମୁଖୀନ ହୋଇଥିବେ । କାରଣ, ସେହି ଯୁଗରେ ରାଜ-ଦରବାରମାନଙ୍କରେ ଏହା ହିଁ ଥିଲା ଶକ୍ତି ପରୀକ୍ଷାର ପ୍ରକୃଷ୍ଟ ମାଧ୍ୟମ । କିନ୍ତୁ, ସେ ସବୁର ବିବରଣୀ ଅନୁପଲବ୍ଧ । ବାମଣ୍ଡାର କବି-ପ୍ରବର ବଡ଼କୁମାର ବଳଭଦ୍ରଙ୍କର ଗ୍ରନ୍ଥାବଳୀର ଶେଷଭାଗରେ ସମସ୍ୟା ପୂରଣର କେତୋଟି ଦୃଷ୍ଟାନ୍ତ ସମାବେଶିତ ହୋଇଅଛି । ସମସ୍ୟା ପୂରଣ ପାଇଁ ଯେଉଁ ପଂକ୍ତିଟି ପଣ୍ଡିତମାନଙ୍କୁ ଦିଆଯାଇଥିଲା, ତାହା ହେଉଛି—"ଚନ୍ଦ୍ରର ଶରୀରେ ଏହା ନୁହେ କଳଙ୍କ ।" ଆଜିର ସାହିତ୍ୟିକ ପରିବେଶରେ ସେ ସବୁ କବିତା ହୁଏ ତ ବିସ୍ମୟକର କିମ୍ବା କୌତୂହଳ ଉଦ୍ଦୀପକ ।

ଏହି ପ୍ରସଙ୍ଗରେ 'ଲାବଣ୍ୟବତୀ'—୭ମ ସର୍ଗ ଅନ୍ତର୍ଗତ ଏହି ତିନୋଟି ପଦ ଆମ୍ଭମାନଙ୍କର ସମୀକ୍ଷାମୂଳକ ଦୃଷ୍ଟି ଆକର୍ଷଣ କରେ—

"ସର ଶୋଭା ଦେଖୁ ଦେଖୁ ସେ ସରେ ମର୍ଦ୍ଦନ ବିଧି
ବକ୍ଷପ୍ରମାଣ ଜଳେ ଯାଇ ବିଜେ ଲାବଣ୍ୟନିଧି ।

ଜଳ ଉଚ୍ଛଳି ବଢ଼ିଏ ହେଲ ଭୂମି ବୁଡ଼ିଲା
ନ ବୁଡ଼ି ଶଇଳ ସକଳ ଉପରରେ ରହିଲା ।

କୁଚ ପୁଣି ଦେଖା ନ ଯାଇ ଯେବେ ଥାଇ ଶାବରେ
ଉତ୍ତମ ସମସ୍ୟା ପୂରଣ ହେଲା ଏହି ଠାବରେ ।"

ଉପେନ୍ଦ୍ର ଭଞ୍ଜଙ୍କର ଏହି ବର୍ଣ୍ଣନା ଆଦୌ କାଳ୍ପନିକ ନ ହୋଇଥିବା ସମ୍ଭବ । କାରଣ, ରାଜ-ଅନ୍ତଃପୁରମାନଙ୍କରେ ରାଜନନ୍ଦିନୀ ତଥା ତାଙ୍କର ସହଚରୀ-ମାନଙ୍କର ଜଳକ୍ରୀଡ଼ା ଏକ ସାଧାରଣ ଘଟଣା ହୋଇ ଯାଇଥିଲା ।

ଏହା ବହୁ ଆଗରୁ ଚଳି ଆସିଛି । ମହାକବି କାଳିଦାସ ତାଙ୍କର 'ରଘୁବଂଶ' ମହାକାବ୍ୟରେ ଜଣେ ବିଳାସୀ ରାଜାଙ୍କର ଲୀଳା ବର୍ଣ୍ଣନା ପ୍ରସଙ୍ଗରେ ଲେଖିଛନ୍ତି –

"ମହିଳାମାନଙ୍କ ସହ କେବେ ଆନନ୍ଦରେ
ଜଳେ କରୁଥିଲେ କେଳି ସେ କଳକଣ୍ଠୀଙ୍କ
ଉତ୍ତାନ ପ୍ଲବନ କାଳେ ଉଚ୍ଚ କୁଚମାନେ

ହସୁଥିଲା ମନୋହର ସରସୀର ଜଳ,
କମଳ କୋରକ ଜାଳେ ଭରିଗଲା ପର (୧) ।”

ଯେତେବେଳେ କବିସମ୍ରାଟ ବଳଦେବ ରଥ ନିଜର ‘ଚନ୍ଦ୍ରକଳା’ କାବ୍ୟରେ ଚନ୍ଦ୍ରକଳାର ସରୋବର-କ୍ରୀଡ଼ା ବେଳେ ଉପେନ୍ଦ୍ରଶୈଳୀ ଭାବରେ ସନ୍ତରଣ ବର୍ଣ୍ଣନା କଲେ, ସେତେବେଳେ ସେ ଏହି ପରମ୍ପରାର ଅନୁସରଣ କରିଥାଇ ପାରନ୍ତି କିମ୍ବା ଜଳକ୍ରୀଡ଼ାର ହେଉ ବା ଆଠଗଡ଼ ହେଉ, କୌଣସି ଏକ ରାଜ-ପରିବାରରେ ତାଙ୍କର ଦୃଷ୍ଟପୂର୍ବ କୌଣସି ବାସ୍ତବ ଦୃଶ୍ୟ ଏଭଳି ରୂପାୟନ ପାଇଁ ତାଙ୍କୁ ପ୍ରରୋଚିତ କରିଥାଇ ପାରେ । କବି କଳ୍ପନା ଲାଗି ଉପାଦାନର ସ୍ୱଳ୍ପତା ଏଠାରେ ଲକ୍ଷିତ ନୁହେଁ । କିନ୍ତୁ ରାଜନବରରେ ତାଙ୍କର ଅବାରିତ ପ୍ରବେଶ ଏବଂ ମାନବ-ଚରିତ୍ର ଅଧ୍ୟୟନ ପଟୁତା ହିଁ ଏଠାରେ ସମ୍ଭାବ୍ୟ ପରିମାଣରେ ଏହି ଅନୁମାନ ଲାଗି ସମୀକ୍ଷକଙ୍କୁ ଉନ୍ମୁଖ କରିଥାଏ ।

ମୁଁ ନିଜେ ରୁଷିଆ ଦେଶର ପ୍ରାଚୀନ ନଗରୀ ବୁଖାରାଠାରେ ଏଭଳି ଏକ କୌତୂହଳ ଘଟଣା ଶୁଣି, ଗୋଟିଏ ପୋଖରୀ ଦେଖିବାକୁ ଯାଇଥିଲି । ମୋର ପ୍ରଦର୍ଶିକା ( ଗାଇଡ୍ ) ମତେ କହିଲେ—“ଆମର ଏଠାରେ ଜଣେ ରାଜା ଥିଲେ ଯେ, ଯାହାଙ୍କର ବହୁତ ରାଣୀ ଥିଲେ । ପ୍ରଧାନ ରାଣୀଙ୍କ ସଂଖ୍ୟା ଅଠେଇଶ । ସେ କୁଆଡ଼େ କହୁଥିଲେ—ଗ୍ରହ-ଗଣିତ-ବିଜ୍ଞାନୀମାନେ ନକ୍ଷତ୍ରର ସଂଖ୍ୟା ୨୭ ବୋଲି କହିଥିଲେ ମଧ୍ୟ, ମୋ ମତରେ ତାଙ୍କ ସଂଖ୍ୟା ହେଉଛି ୨୮ । ଅର୍ଥାତ୍, ତାଙ୍କର ଅଠେଇଶ ରାଣୀଙ୍କୁ ସେ ଅଠେଇଶଟି ତାରା ବୋଲି କଳ୍ପନା କରୁଥିଲେ । ସେମାନେ ଗୋଟିଏ ସରୋବରରେ ପ୍ରତିଦିନ ସ୍ନାନ କରୁଥିଲେ । ପାହାଚ ଉଠି ଆସିଲା ବେଳେ, ରାଜା ଗୋଟିଏ ଉଚ୍ଚ ସ୍ଥାନରେ ଠିଆ ହୋଇ ଦେଖୁଥିଲେ । ଯେଉଁଦିନ ତାଙ୍କ ଆଖିକୁ ଯେଉଁ ରାଣୀ ସର୍ବାଧିକ ସୁନ୍ଦରୀ ଦେଖା-ଯାଉଥିଲେ, ତାଙ୍କ ଉପରକୁ ଗୋଟିଏ ମିଠା ଫଳ ଫିଙ୍ଗୁଥିଲେ ।”

କହିବାର କଥା, ‘ଲାବଣ୍ୟବତୀ’ରେ ଏ ଯେଉଁ ଜଳକେଳୀର ବର୍ଣ୍ଣନା ଅଛି, ଏହା ଉପେନ୍ଦ୍ରଙ୍କର ଅନୁଭୂତ ପ୍ରତିଷ୍ଠିତ ଏକ ଘଟଣାର ରୂପାୟନ ।

---

(୧) ମୂଳ ରଚନାର ଏହି ଓଡ଼ିଆ ଅନୁବାଦ ପାଇଁ ଦ୍ରଷ୍ଟବ୍ୟ—
ବଳଭଦ୍ର ଗ୍ରନ୍ଥାବଳୀ (୧୯୬୧) ପୃ-୨୭୮

ଥରେ କୁଆଡ଼େ ତାଙ୍କର ପତ୍ନୀ ଅନ୍ୟ ଯୁବତୀମାନଙ୍କ ସହିତ ଚନ୍ଦ୍ରପହରା ପହଁରୁ-ଥିଲେ । ସେତିକିବେଳେ ଭଞ୍ଜଙ୍କର ଜଣେ ଶାଳୀସ୍ଥାନୀୟା କନ୍ୟା ତାଙ୍କୁ କହିଲା, 'ଆଜ୍ଞା, କବି, ଏ ଦୃଶ୍ୟକୁ ଦେଖି ବର୍ଣ୍ଣନା କର ତ ! ଭଞ୍ଜେ କୁଆଡ଼େ ଏହି ପଦଟିମାନ ସେତେବେଳେ ଗାଇଥିଲେ ଏବଂ ପରେ 'ଲାବଣ୍ୟବତୀ'ର ଚରିତ ପ୍ରସଙ୍ଗରେ ସେଭଳି ଏକ ଘଟଣାର ରୂପାୟନ ବେଳେ ତାକୁ ସମାବେଶିତ କରି ଦେଇଥିଲେ । ବହୁ କବି ନିଜର ପୂର୍ବ ରଚନାକୁ ପରେ ଅନ୍ୟତ୍ର ଲଗାଇଥାନ୍ତି ।

ଏହା ଯଥାର୍ଥରେ ସମସ୍ୟା ପୂରଣ ନୁହେଁ; କିନ୍ତୁ ସମସ୍ୟା ପୂରଣରେ ଯେଭଳି ପ୍ରତ୍ୟୁତ୍ପନ୍ନମତିତା ଦରକାର, ଏଠାରେ ସେହିପରି ଚାତୁର୍ଯ୍ୟ ଓ କ୍ଷିପ୍ର ଚିନ୍ତାଶକ୍ତି ହଠାତ୍ ସମନ୍ୱିତ ହୋଇଥିବାର ଦେଖାଯାଏ ।

ଉପେନ୍ଦ୍ର 'ରସପଞ୍ଚକ'ରେ ନିଜ ସମ୍ପର୍କରେ ଲେଖିଛନ୍ତି—

"କଥିତ କୀର୍ତ୍ତି ଗୀତେ ଏମନ୍ତ
କାଳିଦାସ ବାଣୀ ପରାୟେ ସ୍ଫୂର୍ତ୍ତି ।
କଳା ପିଙ୍ଗଳ ଶାସ୍ତ୍ରେ ଅନର୍ଗଳ
କେତେ ପ୍ରବନ୍ଧେ ପୂରାଇ ଭୂତଳ ।
କୃତକେ ଯଶ ଶ୍ଳୋକ ପ୍ରକାଶ
କବି ଗର୍ବ-ପର୍ବତକୁ କୁଳିଶ ।"

ଏଥିରେ ତାଙ୍କର ଅନର୍ଗଳ କବିତ୍ୱ ପ୍ରକାଶର ସୂଚନା ରହିଅଛି । ଏକ ସମୟରେ ପଣ୍ଡିତମାନେ କହୁଥିଲେ—

"ପୁଷ୍ପେଷୁ ମଲ୍ଲୀ ନଗରୀଷୁ ଦିଲ୍ଲୀ
ନାରୀଷୁ ରମ୍ଭା ପୁରୁଷେଷୁ ବିଷ୍ଣୁଃ ।"
× × ×
କାବ୍ୟେଷୁ ମାଘଃ କବି କାଳିଦାସଃ ।"

ହୁଏ ତ 'ନୈଷଧ' କାବ୍ୟ ରଚିତ ହେବା ପରେ, ଏ ଶ୍ଳୋକ ରଚିତ ହୋଇଥିଲା । ଏଥିରୁ ଜଣାଯାଏ, କାବ୍ୟ ଲେଖକ ହିସାବରେ କାଳିଦାସ ବଡ଼ ନୁହନ୍ତି—ବଡ଼ ହେଉଛନ୍ତି ମାଘ କବି, ଯାହାଙ୍କର 'ଶିଶୁପାଳ ବଧ' କାବ୍ୟ, ଭାରତର ତିନି ଗୋଟି ସୁଖ୍ୟାତତମ ମହାକାବ୍ୟମାନଙ୍କର ଅନ୍ତର୍ଗତ । ଭବ

ହିସାବରେ କିନ୍ତୁ କାଳିଦାସ 'କୋଟିଜିତ୍' ଅଟନ୍ତି । ଅର୍ଥାତ୍, ସେ କାଳର ବହୁ-ସଂଖ୍ୟକ କବିଙ୍କୁ ଅଖଣ୍ଡ ବାକ୍‌ସ୍ଫୂର୍ତ୍ତି ବଳରେ ଏବଂ ଅନର୍ଗଳ କବିତା ରଚନା ଶକ୍ତି ଦ୍ୱାରା ସେ ପରାଜିତ କରିଥିଲେ । ଭଞ୍ଜଙ୍କର କିନ୍ତୁ ସେ ଭଳି ବାକ୍‌ଶକ୍ତିର, ଅର୍ଥାତ୍ କାଳିଦାସ-ସୁଲଭ ଲୋକୋତ୍ତର ଶକ୍ତିର ପ୍ରମାଣ କିମ୍ବା ପରମ୍ପରା ନାହିଁ । ତେବେ, ବସ୍ତୁ ଦର୍ଶନରେ, ଘଟଣା ଦର୍ଶନରେ ସେ ସେ ମୁହେଁ ମୁହେଁ ଗାଇ ଦେଇ ପାରୁଥିଲେ, ଏହା ଗ୍ରନ୍ଥାର୍ଥୀମାନେ କହିଥାନ୍ତି । କିନ୍ତୁ ସମସ୍ୟା ପୂରଣାତ୍ମକ ବିଚିତ୍ର ଶକ୍ତିବିକାଶ ଏବଂ ଦୃଶ୍ୟ ଦର୍ଶନରେ କବିତ୍ୱ ଶକ୍ତି ପ୍ରଦର୍ଶନ ଏକା କଥା ନୁହନ୍ତି । ବର୍ତ୍ତମାନ ପରିସ୍ଥିତିରେ ଆଉ ଅଧିକ କିଛି କହି ହେଉ ନାହିଁ । ଭଞ୍ଜଙ୍କର ନାନା ହାସ୍ୟରସ ସମ୍ବଳିତ ଉଦ୍ଭଟମାଳ ପୋଥି ଥିବାର କୁହାଯାଇଛି । ସେ ଭିତରେ ହୁଏ ତ ଏଭଳି ପରୀକ୍ଷାମୂଳକ ପଦ ରଚନାର ଦୃଷ୍ଟାନ୍ତ ଥାଇ-ପାରେ; କିନ୍ତୁ, ଏ ତଦଧିକ କଥା କହି ହେଉ ନାହିଁ ।

ଏ ପ୍ରସଙ୍ଗରେ କବିସୂର୍ଯ୍ୟଙ୍କର କବିତ୍ୱ ପରୀକ୍ଷାମୂଳକ ଘଟଣା ସ୍ମରଣ କରି ଦିଆଯାଇପାରେ । ଉତ୍କଳ ଗଜପତି ପାଦ ପୂରଣ କରିବାକୁ ନିମ୍ନଲିଖିତ ପଂକ୍ତିଟି କବିସୂର୍ଯ୍ୟଙ୍କୁ ଦେଇଥିଲେ ଏବଂ ଅନ୍ୟ ତିନୋଟି ପାଦ ପୂରଣ କରି ଗୋଟିଏ ଶ୍ଳୋକ ରଚନା କରିବାକୁ ତାଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପଂକ୍ତିଟି (ପାଦଟି) ହେଉଛି—

"ବାଜୀଭୂତ ବିହଙ୍ଗରାଜ ଭବତେ ରାଜୀବନେତ୍ରେ ମନଃ ।"

ଏହି ଗୋଟିକ ପାଦକୁ ଶେଷପାଦ ରୂପେ ବ୍ୟବହାର କରି, ଅତ୍ୟଳ୍ପ ସମୟ ମଧ୍ୟରେ କବିସୂର୍ଯ୍ୟ ଆଠଟି ଶ୍ଳୋକ ରଚନା କରିଥିଲେ । ସେଗୁଡ଼ିକ 'ରାଜୀବାଷ୍ଟକ' ନାମରେ ପରିଚିତ । ତହିଁରୁ ଦୁଇଟି ଶ୍ଳୋକ ଏଠାରେ ଉଦ୍ଧାର କରାଯାଉଛି—

ବାଜୀବାପ୍ୟପଥେନ ଧାବସିକଥଂ ବାଜିବନାବସ୍ଥିତିଃ
ରାଜୀବପ୍ରିୟନନ୍ଦନାନୁଗଭୟଂ ମାଜ୍ଜ୍ୟାଗଣଃ କିଂକୃଥାଃ
ରାଜିତ୍ୱେବସତାଂନଗୃହଦରଭରଃ ରାଜୀବ ବିହେଷଣଂ
ବାଜୀଭୂତ ବିହଙ୍ଗରାଜ ଭବତେ ରାଜୀବନେତ୍ରେ ମନଃ ।

ମାଙ୍ଗୀଶ୍ରିତ୍ୱମୁପାଗତାନ୍ୱି ଗଣିକାରାଙ୍ଗୀମନଃ ପ୍ରୀଣନାତ୍
ଆଙ୍ଗୀବାବଧି ଶନ୍ସ୍ୟାମି ସତତଂ ନାଙ୍ଗୀତରଦ୍ୱଂଧୂଭିଃ
ଆଙ୍ଗୀବଃ ପରପୀଡ଼ନଂ ମମହୃଦୟାଙ୍ଗୀନବାବୈ ଯତୋ
ବାଙ୍ଗୀଭୂତ ବିହଙ୍ଗରାଜ ଭବରେ ରାଙ୍ଗୀବନେତ୍ରେ ମନଃ ।

ଲକ୍ଷ୍ୟ କରିବାର କଥା, ରାଜାଙ୍କ ପାଦଟିରେ ୨ୟ ଓ ୧୪ଶ ଅକ୍ଷର 'ଙ୍ଗୀ' ଥିବାରୁ, କବିସୂର୍ଯ୍ୟ ପ୍ରତି ପାଦର ପ୍ରତି ୨ୟ ଓ ୧୪ଶ ଅକ୍ଷର ସ୍ଥାନରେ ସେହି 'ଙ୍ଗୀ' ବିନ୍ୟାସ କରି ଚମତ୍କାରିତା ସୃଷ୍ଟି କରିଛନ୍ତି । କୁହୁଁ କୁହୁଁ ମୁହେଁ ମୁହେଁ ଏପରି ରଚନା ଗାଇଯିବା ବିରଳ ଶକ୍ତି ନୁହେଁ କି ?

## (୧୭) ଶ୍ରୀକ୍ଷେତ୍ରରେ ଅବସ୍ଥାନ

ଉପେନ୍ଦ୍ର ଭଞ୍ଜଙ୍କ ରଚନାବଳୀ ଶ୍ରୀକ୍ଷେତ୍ରର ମନୋଜ୍ଞ ବର୍ଣ୍ଣନାରେ ଭରପୂର । ବହୁସ୍ଥଳରେ ଜଗନ୍ନାଥଙ୍କ ବିଭିନ୍ନ ପର୍ବ, ଉତ୍ସବ, ଯାତ୍ରା, ବେଶ ପ୍ରଭୃତି ମଧ୍ୟ ବର୍ଣ୍ଣିତ । ତାଙ୍କର ପୁରୀଯାତ୍ରା ବେଳେ ସେ କେଉଁଠାରେ ଅବସ୍ଥାନ କରୁଥିଲେ, ସେ ସମ୍ପର୍କରେ ତିନୋଟି ମତ ଦେଖାଯାଏ ।

### ପ୍ରଥମ ମତ : ଘୁମୁସର ମଠ—

(କ) ପୁରୀ ଅବସ୍ଥାନ ବେଳେ କ୍ଷେତ୍ରର ମହାଚକୋଠ ସାହିରେ ଥିବା ପ୍ରସିଦ୍ଧ ଘୁମୁସର ମଠରେ ଉପେନ୍ଦ୍ର ଭଞ୍ଜ ରହୁଥିଲେ ।

( ଓଡ଼ିଆ ସାହିତ୍ୟର ଇତିହାସ—୨ୟ ଭାଗ, ପୃ-୫୦୦ )

ଶ୍ରୀଯୁକ୍ତ ଅନନ୍ତ ପଦ୍ମନାଭ ପଟ୍ଟନାୟକ ଏହି ମତର ପକ୍ଷପାତୀ ।

### ଦ୍ୱିତୀୟ ମତ : ଓଡ଼ିଆ ମଠ —

ଶ୍ରୀଯୁକ୍ତ ଦାମୋଦର ଦାସ ଲେଖିଛନ୍ତି—"ସେ ଜଗନ୍ନାଥ ଧାମର ସାମ୍ୟ ଧର୍ମତତ୍ତ୍ୱରେ ଏତେ ଅନୁପ୍ରାଣିତ ହୋଇ ଯାଇଥିଲେ ଯେ, ଅଳ୍ପଦିନ ମଧ୍ୟରେ ମାଳସାହି ତ୍ୟାଗ କରି ପୁରୀ ଓଡ଼ିଆ ମଠରେ କାଳାତିପାତ କରିଥିବାର ଜଣାଯାଏ ।

## ତୃତୀୟ ମତ—

ଅଯୋଧ୍ୟା ନିବାସୀ ଓଡ଼ିଆ ସାଧୁ ଶ୍ରୀଯୁକ୍ତ ବଂଶୀଧର ଆଚାର୍ଯ୍ୟ ଅନୁସନ୍ଧାନରୁ ଜାଣିପାରିଛନ୍ତି ଯେ, ଉପେନ୍ଦ୍ରଙ୍କ ଗୁରୁ ପୁରୀରେ ଗୁଜରାଣି ମଠରେ ଅବସ୍ଥାନ କରୁଥିଲେ । ଗୁରୁଙ୍କ ସହିତ ତାଙ୍କ ଶିଷ୍ୟ ସେଠାରେ ଅବସ୍ଥାନ କରୁଥିବା ଅନୁମେୟ । ଏ ସମ୍ପର୍କରେ ସେ ଲେଖିଥିବା ପତ୍ର ମୋ ପାଖରେ ଅଛି ।

ପୁରୀରେ ଅବସ୍ଥାନ କରୁଥିବା ବେଳେ ଉପେନ୍ଦ୍ର ବିଭିନ୍ନ ଚର୍ଚ୍ଚାରେ ବ୍ୟସ୍ତ ଥିବା ସମ୍ପର୍କରେ ଶ୍ରୀଯୁକ୍ତ ଅନନ୍ତ ପଦ୍ମନାଭ ପଟ୍ଟନାୟକ ଲେଖି-ଅଛନ୍ତି—

"ଉପେନ୍ଦ୍ର ଭଞ୍ଜ ପୁରୀ ଆଗମନ ବେଳେ 'ଘୁମୁସର ମଠ'ରେ ଅବସ୍ଥାନ କରୁଥିଲେ ଏବଂ ପ୍ରସିଦ୍ଧ ପଣ୍ଡିତ ବିଶ୍ୱନାଥ ମହାସୁଆରଙ୍କ ସହିତ ଶାସ୍ତ୍ରାଳାପରେ ଓ ଜଗନ୍ନାଥ ତତ୍ତ୍ୱ ଆଲୋଚନାରେ ବହୁ ସମୟ ଅତିବାହିତ କରୁଥିଲେ । ଶ୍ରବଣ ଓ ଅଧ୍ୟୟନରୁ ସଂଗୃହୀତ ତତ୍‌ସଂକ୍ରାନ୍ତ ନାନା ନୂତନ ତତ୍ତ୍ୱ କବିଙ୍କ ବିଭିନ୍ନ କାବ୍ୟ ଓ ଚଉତିଶାରେ ଆତ୍ମପ୍ରକାଶ କରିଛି । 'କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ' ୧ମ ଛାନ୍ଦର ଜଗନ୍ନାଥ ବର୍ଣ୍ଣନା ତଥ୍ୟପୂର୍ଣ୍ଣ; ତାହା ଅନ୍ୟତ୍ର ଦିଆଯାଇଛି । ଏତଦ୍‌ବ୍ୟତୀତ 'ନୀଳାଦ୍ରୀଶ ଚଉତିଶା' ଓ 'ପୁରୁଷୋତ୍ତମ ମାହାତ୍ମ୍ୟ'ରେ ସେ ଜଗନ୍ନାଥ ତତ୍ତ୍ୱର ବ୍ୟାପକ ଆଲୋଚନା କରିଅଛନ୍ତି । 'ପୁରୁଷୋତ୍ତମ ମାହାତ୍ମ୍ୟ'ରେ ସେ ଜଗନ୍ନାଥଙ୍କ ପୌରାଣିକ ବୃତ୍ତାନ୍ତ ସହିତ ଉତ୍କଳର ମୂର୍ତ୍ତିତତ୍ତ୍ୱ ପ୍ରକାଶ କରିବା ସଙ୍ଗେ ସଙ୍ଗେ ଜଗନ୍ନାଥଙ୍କୁ 'ପୂର୍ଣ୍ଣବ୍ରହ୍ମ' ବୋଲି କହନ୍ତି । 'ନୀଳାଦ୍ରୀଶ ଚଉତିଶା'ରେ କେତେକ ସମସ୍ୟାର ସମାଧାନ କରାଯାଇଛି । ଜଗନ୍ନାଥଙ୍କ ଚତୁର୍ଦ୍ଧାମୂର୍ତ୍ତି ରହସ୍ୟ ପ୍ରସଙ୍ଗରେ ସ୍କନ୍ଦପୁରାଣ ଅନୁସାରେ ଶ୍ରୀକୃଷ୍ଣ-ରାଧା ପ୍ରେମ-ରହସ୍ୟ ରୁକ୍ମଣୀ, ସତ୍ୟଭାମା ପ୍ରଭୃତିଙ୍କ ବୋଧଗମ୍ୟ ହେଲା ନାହିଁ । ସଂଶୟ ମୋଚନାର୍ଥେ ସେମାନେ ତାହା ରୋହିଣୀଙ୍କୁ ଜିଜ୍ଞାସା କଲେ । ଉକ୍ତ ଗୋପନ ରହସ୍ୟ ପ୍ରକଟନ ବେଳେ ଶ୍ରୀକୃଷ୍ଣ ଓ ବଳରାମ କାଳେ ପହଞ୍ଚିଗଲେ, ଅବସ୍ଥା ମନ୍ତବ୍ୟରହିତ ହେବ, ସେହି ଆଶଙ୍କା ଥିବାରୁ, ଦ୍ୱାରଦେଶରେ ସୁଭଦ୍ରାଙ୍କୁ 'ଦ୍ୱାସ୍ଥ' ରୂପେ ନିଯୁକ୍ତ କରାଗଲା । ତ୍ରିକାଳଦର୍ଶୀଙ୍କୁ କୌଣସି କଥା ଅଗୋଚର ହୋଇ ନ ପାରେ । ଅପ୍ରକଟ ରହସ୍ୟ ଅନ୍ତଃପୁରରେ ଅତ୍ୟନ୍ତ ଗୋପନରେ ପ୍ରକାଶ ପାଉଥିବା ବେଳେ, ସେମାନେ ଦ୍ୱାରଦେଶରେ ସହସା ପହଞ୍ଚି, ଗୋପନୀୟ

ରହସ୍ୟ ଶ୍ରବଣ କଲେ । ତଦ୍ଦ୍ୱାରା ସେମାନଙ୍କ ଶରୀର ଚତୁର୍ଦ୍ଧାମୂର୍ତ୍ତିରେ ପରିଣତ ହେଲା । ନାରଦଙ୍କ ଆଜ୍ଞାରେ ତାହା ନୀଳାଚଳରେ ସ୍ଥାପନ କରାଗଲା (୧) ।

ଏହା ବ୍ୟତୀତ ଉପେନ୍ଦ୍ର, ବଭିନ୍ନ ମଠମାନଙ୍କୁ ଯାଇ ସେବତ୍ୟ ମଠାଧୀଶ ଏବଂ ସେହି ମଠର ତତ୍ତ୍ୱପ୍ରସ୍ତରକ ପଣ୍ଡିତମାନଙ୍କ ସହିତ ଆଲୋଚନା କରୁଥିଲେ ଏବଂ ସମଗ୍ର ଭାରତବର୍ଷରେ ଜଗନ୍ନାଥ ମନ୍ଦିର କିପରି ଅଦ୍ୱିତୀୟ ସମନ୍ୱୟବାଦୀ ଧର୍ମପୀଠ, ତାହା ପ୍ରତିପାଦନ କରୁଥିଲେ ।

## (୧୮) ଭଞ୍ଜ ଥିଲେ ଦ୍ୱାଦଶାବଧାନୀ

ଦ୍ୱାଦଶ + ଅବଧାନୀ = ଦ୍ୱାଦଶାବଧାନୀ । ଅବଧାନ ଶବ୍ଦର ଅର୍ଥ—ଚିତ୍ତର ଏକାଗ୍ରତା । ପୂର୍ବେ କେହି କେହି ସାଧକ 'ଅବଧାନୀ' ହେବା ପାଇଁ ଦେବ ଦେବୀଙ୍କର ଶରଣାପନ୍ନ ହେଉଥିଲେ । ମୁଁ ଶୁଣିଥିଲି, ଉପେନ୍ଦ୍ର ଦ୍ୱାଦଶାବଧାନୀ ଥିଲେ । ଏବେ କେହି କେହି ତାଙ୍କୁ 'ଶତାବଧାନୀ' ଥିବାର କହୁଛନ୍ତି । ଏହା ହୋଇଥାଇପାରେ । କାରଣ, ରାମତାରକ ମନ୍ତ୍ରରେ ସିଦ୍ଧିଲାଭ ଫଳରେ, କବିଙ୍କଠାରେ ବଚିତ୍ର ଓ ବବିଧ ସାରସ୍ୱତ ଶକ୍ତିର ଉଦ୍‌ଗମ ହୋଇଥିବା ସମ୍ଭବପର । 'ଅଷ୍ଟାବଧାନୀ' ଉପାଧିଧାରୀ ବ୍ୟକ୍ତି ଆମ ସମୟରେ ଥିବାର ମୁଁ ଜାଣେ ।

ଜାଣିବାର କଥା, ଏଭଳି 'ଅବଧାନୀ' ଉପାଧିର ଅର୍ଥ କ'ଣ ?

ଆଗେ ରାଜସଭାରେ ସାଧକ ଉପସ୍ଥିତ ହୋଇ କହନ୍ତି, ଧରନ୍ତୁ— "ମୁଁ ଦଶାବଧାନୀ, ଆପଣ ମତେ ପରୀକ୍ଷା କରି ପାରନ୍ତି ।" ତାହାପରେ ରାଜା ସଭାପତି ଥାଇ, ପଣ୍ଡିତ ସଭାରେ ତାଙ୍କୁ ଏକାବେଳକେ, ଅର୍ଥାତ୍, ବନା ବରାମରେ ଗୋଟିକ ପରେ ଗୋଟିଏ, ଦଶଟି ପ୍ରଶ୍ନ ପଚରାଯାଏ । ପୁଣି, ଧରନ୍ତୁ, ଜଣେ ପଚାରିଲେ ଜ୍ୟୋତିଷରୁ ପ୍ରଶ୍ନ, ଜଣେ ନାଟକରୁ, ଜଣେ ପୁରାଣରୁ, ଆଉ ଜଣେ ତନ୍ତ୍ରଶାସ୍ତ୍ରରୁ, ଆଉ କେହି ଜଣେ ଦର୍ଶନ ଶାସ୍ତ୍ରରୁ—ଏପରି କି, କେହି ଜଣେ

---

(୧) କବିସମ୍ରାଟ୍ ଉପେନ୍ଦ୍ର ଭଞ୍ଜ—ପୃ-୩୧

କହିଲେ, 'ଆପଣ ଅମୁକ ରାଗରେ ଅସ୍ତଗାମୀ ସୂର୍ଯ୍ୟର ବର୍ଣ୍ଣନା କରି ଏକ କବିତା ଲେଖିପାରିବେ କି ?' ଇତ୍ୟାଦି ।

ଏଭଳି ବିଭିନ୍ନ ଶାସ୍ତ୍ରର ପାଣ୍ଡିତ୍ୟସାପେକ୍ଷ ପ୍ରଶ୍ନାବଳୀ ପଚରାଯିବା ପରେ, ସେହି 'ଅବଧାନୀ' ପଣ୍ଡିତେ ୯ଟି ପ୍ରଶ୍ନର ଶାସ୍ତ୍ରୀୟ ପ୍ରମାଣ ସହିତ ଉତ୍ତର ଦେବେ ଏବଂ ତା'ର ଭିତରେ ସୂର୍ଯ୍ୟାସ୍ତ ବର୍ଣ୍ଣନା କରି କବିତା ମଧ୍ୟ ଲେଖୁଥିବେ । ଏହିପରି ଦଶ ଗୋଟି ପ୍ରଶ୍ନ ବା ପରୀକ୍ଷାରେ ସେ ଯଦି ଉତ୍ତୀର୍ଣ୍ଣ ହେବେ, ସେ ପାଇବେ 'ଦଶାବଧାନୀ' ଉପାଧି ।

ଏହିପରି ଭାବରେ, ଶହେ ଗୋଟି ପ୍ରଶ୍ନର ଉତ୍ତର ଯେ ଦେଇ ପାରନ୍ତି, ସେ ହୁଅନ୍ତି 'ଶତାବଧାନୀ' । ଏଥିପାଇଁ ଦରକାର ଗଭୀର ଅଧ୍ୟୟନ, ଶାସ୍ତ୍ରର ବାରମ୍ବାର ପରିଶୀଳନ ଏବଂ ଅସାଧାରଣ ସ୍ମୃତିଶକ୍ତି । ଆଜି ଆମର ବଡ଼ ବଡ଼ ସାହିତ୍ୟିକଙ୍କୁ ପଚାରିଲେ, ଦଶ ପନ୍ଦର ଜଣ ବିଖ୍ୟାତ କବିଙ୍କର ଜନ୍ମାବ୍ଦ ମଧ୍ୟ କହିପାରିବା ସମ୍ଭବପର ନୁହେଁ । ତାଙ୍କର ଟିପାଖାତା ନ ଖୋଲିଲେ ନ ଚଳେ କମ୍ବା ପତ୍ରହୀନ ବୃକ୍ଷ ଶାଖାରେ ବସିଥିବା ମାଙ୍କଡ଼କୁ ପଥର ଫିଙ୍ଗାଗଲେ, ତାର ଅବସ୍ଥା ଯାହା, ସେଭଳି ଦୟନୀୟ ଅବସ୍ଥାରେ ସେମାନେ ପଡ଼ିବା ହିଁ ସୁନିଶ୍ଚିତ !!

ଭଞ୍ଜ ଦ୍ୱାଦଶାବଧାନୀ ଥିବା ସମ୍ପର୍କରେ ନାଟ୍ୟକାର ଦେବେନ୍ଦ୍ର ସିଂହ ଲେଖିଛନ୍ତି—

"ରାଜ୍ୟ ପଣ୍ଡିତ ଶ୍ରୀ ନୀଳକଣ୍ଠଙ୍କଠାରୁ × × ତାଙ୍କର ସାହାଯ୍ୟରେ ମୁଁ ଉପେନ୍ଦ୍ରଙ୍କୁ ଜ୍ୟୋତିଷୀ, ବୈଜ୍ଞାନିକ ଓ ରସିକ ଭକ୍ତ ରୂପରେ ମୋର ଦେଶ ଆଗରେ ଉପସ୍ଥାପିତ କରି ପାରିଛି । କେବଳ ସେତିକି ନୁହେଁ, ତାଙ୍କର ନିର୍ଦ୍ଦେଶ ନ ପାଇଥିଲେ, ଦ୍ୱାଦଶାବଧାନୀ ଉପେନ୍ଦ୍ରଙ୍କୁ ମୁଁ ବୋଧହୁଏ କଳ୍ପନା କରି ପାରି ନ ଥାନ୍ତି । ଏହି ସମ୍ବନ୍ଧରେ ପଣ୍ଡିତ ମହାଶୟ ମୋ ପାଖକୁ ଯାହା ଲେଖିଥିଲେ, ତାହାର ଅବିକଳ ନକଲ ଦେଉଛି—

"କେହି କେହି କହନ୍ତି, ଉପେନ୍ଦ୍ର ଦ୍ୱାଦଶାବଧାନୀ ଥିଲେ, ଅର୍ଥାତ୍, ଏକାବେଳେ ବାର ଗୋଟି ବିଷୟର ଉତ୍ତର ଦେଉଥିଲେ । ମୋର ଅନୁରୋଧ, ନାଟକରେ ଏପରି ଗୋଟିଏ ଦୃଶ୍ୟ ନିଶ୍ଚେ ଦେବ । ଆମ ଜାତିର ଏହା ଗୋଟିଏ ବିଶିଷ୍ଟ କଥା ହେବ । ଉପେନ୍ଦ୍ରଙ୍କ ଏପରି ଗୁଣ ନ ଥିଲେ, ସେ ଅଳ୍ପ ବୟସରେ ଏତେ ବଡ଼ କାବ୍ୟ ଲେଖିପାରନ୍ତେ ନାହିଁ ।"

ପଣ୍ଡିତ ମହାଶୟଙ୍କର ଏହି ସୂଚନା ପାଇ, ମୁଁ ଦ୍ୱାଦଶାବଧାନୀ ଯୋଗୀ ଉପେନ୍ଦ୍ରଙ୍କୁ ମଞ୍ଚ ଉପରକୁ ନେଇ ଆସିଛି ।" (୧)

ଏବେ କେହି କେହି କହୁଛନ୍ତି—ଉପେନ୍ଦ୍ର ଭଞ୍ଜ ଥିଲେ 'ଶତାବଧାନୀ' । ବର୍ତ୍ତମାନ ସୁଦ୍ଧା ପଶ୍ଚିମ ଭାରତରେ, ବିଶେଷତଃ, ଜୈନଧର୍ମାବଲମ୍ବୀ ଗୁରୁବର୍ଗଙ୍କ ମଧ୍ୟରେ ଶତାବଧାନୀ ଓ ସହସ୍ରାବଧାନୀ ଅଛନ୍ତି (୨) । ତେବେ, ଉପେନ୍ଦ୍ରଙ୍କୁ ଦ୍ୱାଦଶାବଧାନୀ, ଶତାବଧାନୀ, ଏପରିକି ସହସ୍ରାବଧାନୀ କହିବାରେ ଆପତ୍ତି ଥାଇ ନ ପାରେ । ପୁରୀର ପଣ୍ଡିତ-ସଭାରେ ପ୍ରତିସ୍ପର୍ଦ୍ଧାଶୀଳ ପ୍ରକାଣ୍ଡ ପଣ୍ଡିତ ମଣ୍ଡଳୀ ଯାହାଙ୍କୁ 'ପୁରୁଷ-ସରସ୍ୱତୀ' ଆଖ୍ୟା ଦେଇଥିଲେ ଏବଂ ବାଗ୍‌ଦେବୀଙ୍କର କରୁଣା କଟାକ୍ଷ ସମ୍ପାତରେ ଯାହାଙ୍କର ବାଗ୍‌ବିଳାସ ଥିଲା ଅବର୍ଣ୍ଣନୀୟ ଏବଂ ଶାସ୍ତ୍ର-ପାଣ୍ଡିତ୍ୟ ଥିଲା ବିସ୍ମୟକର, ପୁଣି ମେଧାଶକ୍ତିରେ ଯେଉଁ କବିପୁଙ୍ଗବ ଥିଲେ ଏକ ଚଳନ୍ତି ପାଠାଗାର, ତାଙ୍କୁ 'ଶତାବଧାନୀ' ବା 'ସହସ୍ରାବଧାନୀ' କହିବାରେ ସନ୍ଦେହ କିମ୍ବା ଆପତ୍ତିର କାରଣ ଥାଇ ନ ପାରେ । ମତାନ୍ତରେ ଭଞ୍ଜ ଥିଲେ ଅଷ୍ଟାବଧାନୀ । ( କବିସମ୍ରାଟ୍ ଉପେନ୍ଦ୍ର ଭଞ୍ଜ, ପୃ-୩୦ )

## (୧୯) ଓଡ଼ଗାଁ ରଘୁନାଥ ମନ୍ଦିର ଓ ଭଞ୍ଜ

ଶ୍ରୀଯୁକ୍ତ ଦାମୋଦର ଦାସ ଉପେନ୍ଦ୍ର ଭଞ୍ଜଙ୍କର ଧାର୍ମିକ-ଜୀବନ ସମ୍ପର୍କରେ ଯେତେଗୁଡ଼ିଏ ସଙ୍କେତ ପ୍ରଦାନ କରିଅଛନ୍ତି, ସେ ମଧ୍ୟରେ ଓଡ଼ଗାଁ ରଘୁନାଥ ମନ୍ଦିର ନିର୍ମାଣ କ୍ଷେତ୍ରରେ ଉପେନ୍ଦ୍ର ଭଞ୍ଜଙ୍କ ସାହାଯ୍ୟର ଉଲ୍ଲେଖ ଅନ୍ୟତମ ।

---

(୧) ଭଞ୍ଜକବି ନାଟକର ଲେଖକଙ୍କ ଭୂମିକା ଦ୍ରଷ୍ଟବ୍ୟ ।

(୨) ଚଳିତ ବର୍ଷ (୧୯୭୪) ମେ ମାସରେ ଭୁବନେଶ୍ୱର ପୁରୁଣା ରେଳ ଷ୍ଟେସନ ନିକଟବର୍ତ୍ତୀ ଧର୍ମଶାଳାରେ ଜଣେ 'ଶତାବଧାନୀ'ଙ୍କ ସହିତ ସାକ୍ଷାତକାର ହୋଇଥିଲା । ସେଠାରେ ସମ୍ବଲପୁର ଜିଲ୍ଲାର ବିଖ୍ୟାତ କବି, ପଣ୍ଡିତ ତଥା ଆଇନଜୀବୀ ଶ୍ରୀ ଗଙ୍ଗାଧର ଗୁରୁ ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀର ପଣ୍ଡିତ ଶ୍ରୀଯୁକ୍ତ ସୋମନାଥ ରଥ ପ୍ରମୁଖ ଉପସ୍ଥିତ ଥିଲେ । ଆମ୍ଭମାନଙ୍କର ଧାରଣା ହେଲା ଯେ, ଓଡ଼ିଶାର ପରମ୍ପରାଗତ ଧାରଣାର ଅନୁରୂପ 'ଶତାବଧାନୀ' ବର୍ତ୍ତମାନ ଯୁଗରେ ଦୁର୍ଲ୍ଲଭ ।

ସେ ଲେଖିଛନ୍ତି—"ସାଧକ ଉପେନ୍ଦ୍ର ଓ ସାଧୁ ରଘୁନାଥ ଯଥାସମୟରେ ପବିତ୍ର ଦଧିନଉତା କ୍ଷେତ୍ରରେ ପହଞ୍ଚିଲେ । ସାଧୁ ବୈରାଗୀ ପଟ୍ଟନାୟକଙ୍କ ସହିତ ସେମାନଙ୍କର ସେଠାରେ ପ୍ରଥମ ସାକ୍ଷାତ ଓ ପରିଚୟ ହୁଏ । ଉପେନ୍ଦ୍ର ଶୁଣିବାକୁ ପାଇଲେ ଯେ, ସେହି ଆଶ୍ରମରେ ସହଜଯାନପନ୍ଥୀଙ୍କ ଅବାଧ ପ୍ରବେଶ ଯୋଗୁଁ ସେହି କ୍ଷେତ୍ରର ପ୍ରସିଦ୍ଧ ରାମ ଲକ୍ଷ୍ମଣ ଠାକୁରଙ୍କୁ ଓଡ଼ଗାଁରେ ଉପଯୁକ୍ତ ସେବା ପାଇଁ ସେ ପ୍ରତିଷ୍ଠା କରିଛନ୍ତି × × ସାଧୁ ବୈରାଗୀ ପଟ୍ଟନାୟକ ଜଣେ ଉଡ୍‌ଡୀୟାନ ତନ୍ତ୍ରଯାନର ଆଞ୍ଚଳିକ ଅଧିନାୟକ । × × ବୈରାଗୀ ପଟ୍ଟନାୟକଙ୍କ ଦ୍ୱାରା ଶ୍ରୀ ରଘୁନାଥ ଠାକୁରଙ୍କ ପ୍ରତିଷ୍ଠା ହୋଇଥିବା × × ପ୍ରମାଣିତ ହେଉଛି । × × ଶ୍ରୀ ଶ୍ରୀ ରଘୁନାଥ ଠାକୁରଙ୍କ ପୁନଃପ୍ରତିଷ୍ଠା ୧୭୦୩ ସାଲରେ ହୋଇଥିବା ଜଣାଯାଏ । ଶୁଣିବାକୁ ମିଳେ, ଏହି ପ୍ରତିଷ୍ଠା ପାଇଁ ଉପେନ୍ଦ୍ରଙ୍କ ପ୍ରଦତ୍ତ ସାହାଯ୍ୟ ଯୋଗେ ସାଧୁ ବୈରାଗୀ ପଟ୍ଟନାୟକ ଏହାର ସକଳ ଭାର ନେଇଥିଲେ । ନୀଳକଣ୍ଠ ଭଞ୍ଜ ଖ୍ରୀ: ୧୭୦୧-୧୭୦୩ ପର୍ଯ୍ୟନ୍ତ (ଘୁମୁସରର) ଶାସକ ଥିବା ଇତିହାସରୁ ପ୍ରମାଣିତ । ଉପେନ୍ଦ୍ର ଏହି ମହତ୍ କାର୍ଯ୍ୟ ପାଇଁ ସାହାଯ୍ୟ ଦେଇଥିବା ସମୀଚୀନ ବୋଧହୁଏ ।" (୧)

ଶ୍ରୀଯୁକ୍ତ ଦାସ ଯେଉଁ 'ଉଡ୍‌ଡୀୟାନ ତନ୍ତ୍ର' ସାଧନା କଥା କହିଛନ୍ତି, ତାହା ପ୍ରାୟ ଏକ ସହସ୍ର ବର୍ଷ ତଳର କଥା । ସେହି ପରମ୍ପରାକୁ ଆଣି ମାତ୍ର ତିନ ଶହ ବର୍ଷ ତଳେ ଘୁମୁସରର ସାମାଜିକ ଜଳବାୟୁରେ ତାକୁ ଖାପ ଖୁଆଇବାକୁ ଚେଷ୍ଟା କଲାବେଳେ, ଐତିହାସିକ ଅସତ୍ୟ ସହିତ ଗୁରୁତର ଅସଙ୍ଗତି ଅନୁଭୂତ ହୁଏ । ଯେ ଯାହାହେଉ, ଓଡ଼ଗାଁ ରଘୁନାଥ ମନ୍ଦିର ନିର୍ମାଣ ସଙ୍ଗେ ଉପେନ୍ଦ୍ର ଭଞ୍ଜଙ୍କର ଘନିଷ୍ଠ ସମ୍ପର୍କ ନିର୍ଦ୍ଦେଶ କରି, ଭଞ୍ଜ-ଜୀବନୀ-କ୍ଷେତ୍ରରେ ନୂତନ ଆଲୋକର ସନ୍ଧାନୀ ରୂପେ ଶ୍ରୀଯୁକ୍ତ ଦାସ ଏ ସ୍ଥଳରେ ଧନ୍ୟବାଦାର୍ହ ହୋଇଛନ୍ତି । ଘୁମୁସରର ବର୍ଷୀୟାନ୍ ଲୋକେ କହନ୍ତି, ସେ ସମୟର କେତେକ ମନ୍ଦିରର ଶ୍ରୀବୃଦ୍ଧି ଦିଗରେ ଉପେନ୍ଦ୍ରଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଥିଲା । ନେଟେଙ୍ଗା ରଘୁନାଥ ମନ୍ଦିର ଏବଂ ବୁଗୁଡ଼ା ବିରଞ୍ଚିନାରାୟଣ ମନ୍ଦିରରେ ଥିବା ରାମାୟଣର କଥାବସ୍ତୁ-ମୂଳକ କାରୁକାର୍ଯ୍ୟ ସମ୍ପର୍କରେ ଏ ପର୍ଯ୍ୟନ୍ତ ଗବେଷଣା ହୋଇ ନାହିଁ । କିନ୍ତୁ, ଏ ଦୁଇ ମନ୍ଦିରର କାରୁକାର୍ଯ୍ୟ ଦର୍ଶକର ମନରେ ବିସ୍ମୟର ସଞ୍ଚାର କରିଥାଏ ।

---

(୧) ଉପେନ୍ଦ୍ର ଭଞ୍ଜ ଜୀବନୀ, ପୃ-୭୯-୮୦

ପଣ୍ଡିତ ସୂର୍ଯ୍ୟନାରାୟଣ ଦାଶ ଯଥାର୍ଥରେ ଲେଖିଛନ୍ତି—

"କବି ରଘୁନାଥଙ୍କ ଭକ୍ତ ଥିବାରୁ ସେ ବେଳେ ବେଳେ ଘୋଡ଼ା ଚଢ଼ି କୁଲଡ଼ ଗଡ଼ଠାରୁ ଓଡ଼ଗାଁ ଯାଇ, ରଘୁନାଥଙ୍କୁ ଦର୍ଶନ କରୁଥିଲେ । ପରେ ସେ ଅସୁସ୍ଥ ହୋଇ ପଡ଼ିଲେ ଏବଂ ରଘୁନାଥଙ୍କ ଦର୍ଶନ ନିମନ୍ତେ ଓଡ଼ଗାଁ ଯାଇ ନ ପାରି ଯତ୍ପରୋନାସ୍ତି ଦୁଃଖିତ ହେଲେ । ରଘୁନାଥ ଭକ୍ତର ମନକଷ୍ଟ ଜାଣିପାରି, ସ୍ୱପ୍ନରେ ଆଦେଶ ଦେଲେ, 'ତୁମ୍ଭେ ତୁମ୍ଭ ରାଜ୍ୟ ଭିତରେ ମୋତେ ଦର୍ଶନ କରିବ । ଏଠାକୁ ଶ୍ରମ ସ୍ୱୀକାର କରି ଆସିବା ଆବଶ୍ୟକ ନାହିଁ ।' ଠାକୁରଙ୍କ ଏ ଆଦେଶାନୁସାରେ ନେଟେଙ୍ଗାରେ ରଘୁନାଥ ମନ୍ଦିର ନିର୍ମାଣ କରି ସେଠାରେ କବି ପ୍ରଭୁଙ୍କୁ ପ୍ରତ୍ୟକ୍ଷ ଦର୍ଶନ କରୁଥିଲେ । ନେଟେଙ୍ଗା ରଘୁନାଥ ମନ୍ଦିରର ଗର୍ଭଗୃହର ପୂର୍ବଦ୍ୱାର, ମଣ୍ଡପର ଶ୍ରେଣୀ ଓ ଅନ୍ୟାନ୍ୟ କାଷ୍ଠ ସ୍ତମ୍ଭ-ମାନଙ୍କରେ ଯେଉଁ ଅପୂର୍ବ ରାମାୟଣ ଚରିତ ବିଷୟକ ମୂର୍ତ୍ତି ଖୋଦିତ ହୋଇଛି, ତାହା ଓଡ଼ିଶା କାହିଁକି, ଭାରତରେ ମଧ୍ୟ ପ୍ରଶଂସାଲାଭ କରିଛି । ମନେ ହେଉଛି, ସତେ ଯେପରି 'ବୈଦେହୀଶ ବିଳାସ'ର ଚିତ୍ର ସେଠାରେ ଖୋଦିତ ହୋଇଛି !" (୧)

ଏହି ମନ୍ତବ୍ୟର ଯଥାର୍ଥତା ପାଇଁ ପ୍ରତ୍ୟକ୍ଷ ଅନୁଭୂତି ଆବଶ୍ୟକ । ସେହି ମୂର୍ତ୍ତିଗୁଡ଼ିକର ସଂରକ୍ଷଣ ଏବଂ ସେଗୁଡ଼ିକର ଆଲୋକ ଚିତ୍ର (photo) ସଂଗ୍ରହ ଏବଂ ପ୍ରକାଶ ପାଇଁ ଉଦ୍ୟମ କରା ନ ଗଲେ, ଆମର ଉତ୍ତର-ପୁରୁଷମାନଙ୍କ ପାଇଁ ଏ ସବୁ ଏକ ଗଳ୍ପ ହୋଇ ରହିବ ସିନା !

## (୨୦) ଭଞ୍ଜ ଓ ଦୀନକୃଷ୍ଣଙ୍କ ସାକ୍ଷାତ୍କାର

'ରସକଲ୍ଲୋଳ' ପ୍ରଭୃତି କାବ୍ୟର ସୁପ୍ରସିଦ୍ଧ କବି ଦୀନକୃଷ୍ଣ ଦାସଙ୍କ ସହିତ ଉପେନ୍ଦ୍ର ଭଞ୍ଜଙ୍କର ସାକ୍ଷାତ୍କାର ହୋଇଥିବା କଥା ମୁଖ୍ୟତଃ କିମ୍ବଦନ୍ତୀରେ ଉଜ୍ଜୀବିତ । ପୁଣି, ଉପେନ୍ଦ୍ର ଭଞ୍ଜଙ୍କ 'କ' ଆଦ୍ୟ-ପ୍ରାନ୍ତ ବିନ୍ୟାସ-ମୂଳକ 'କଳା କୌତୁକ' କାବ୍ୟ ରଚନା ମୂଳରେ ଦୀନକୃଷ୍ଣଙ୍କର 'ରସ-

---

(୧) ଓଡ଼ିଆ ସାହିତ୍ୟର ଇତିହାସ—ତୃତୀୟ ଖଣ୍ଡ, ପୃ-୫୦୬

କଲ୍ଲୋଳ'ର ପ୍ରଥମ ଛାନ୍ଦର 'କ' ଆଦ୍ୟ-ପ୍ରାନ୍ତ ବିନ୍ୟାସମୂଳକତା ହିଁ ବିଦ୍ୟମାନ ଥିବା ଆନୁଷଙ୍ଗିକ ପ୍ରମାଣ ରୂପେ ଗୃହୀତ ହୋଇପାରେ । ଧନକୃଷ୍ଣଙ୍କ ପଦଲାଳିତ୍ୟ, ଉପେନ୍ଦ୍ର ଭଞ୍ଜଙ୍କୁ ଅଭିଭୂତ କରିଥିବାର ଅନୁମିତ ହୁଏ । ତା ନ ହେଲେ ଅନ୍ତତଃ ଲୋକମୁଖରେ ଉପେନ୍ଦ୍ର ଭଞ୍ଜଙ୍କ ମୁଖନିଃସୃତ ବାଣୀ ବୋଲି ନିମ୍ନଲିଖିତ ରଚନା ପ୍ରଚାରିତ ହୋଇ ନ ଥାନ୍ତା, ଯଥା—

"କହେ ଉପେନ୍ଦ୍ର ଖରି ଟେକି ବେନି ବାହାକୁ ।
କବିପଣେ ରବିତଳେ ନ ଗଣେ ମୁଁ କାହାକୁ ।
ଧନକୃଷ୍ଣ ଜୟଦେବ ପୟରେ ତା ଶରଣ
ଆନ କବିମାନଙ୍କର ମୁଣ୍ଡେ ବାମ ଚରଣ ।"

ଏ ସମ୍ପର୍କରେ କିମ୍ବଦନ୍ତୀରେ ଉଲ୍ଲିଖିତ ବିବରଣୀ 'ରସକଲ୍ଲୋଳ-ସମୀକ୍ଷା'ର ଅବଲମ୍ବନରେ ଉପସ୍ଥାପନ କରାଯାଇପାରେ ।

ଧନକୃଷ୍ଣଙ୍କ ସଙ୍ଗେ ଉପେନ୍ଦ୍ରଙ୍କ ସାକ୍ଷାତ୍କାର କବିଙ୍କ ଜୀବନରେ ଆଉ ଏକ ବିଶିଷ୍ଟ ଘଟଣା । ଧନକୃଷ୍ଣଙ୍କର ଥିଲା ଗଭୀର ଆତ୍ମବିଶ୍ୱାସ । କଥା ଅଛି, ପୁରୀ ରାଜଦରବାରରେ ଅନୁଷ୍ଠିତ କବି-ସମ୍ମିଳନୀକୁ ଉତ୍କଳର ବିଭିନ୍ନ ଅଞ୍ଚଳରୁ ଆମନ୍ତ୍ରିତ ହୋଇ କବିମାନେ ଯାଇଥିଲେ । ଉପେନ୍ଦ୍ର ପ୍ରଭୃତି ଲବ୍ଧପ୍ରତିଷ୍ଠ କବିମାନେ ନିଜ ନିଜର କାବ୍ୟମାନ ଧରି ଉପବିଷ୍ଟ ହେଲେ । ଏପରି ସମୟରେ ଧନକୃଷ୍ଣ ଦାସ ହସ୍ତରେ ଗୋଟିଏ ସରା ( ଥାଳିଆ ଆକାରର ମାଟିର ପାତ୍ର ) ଉପରେ 'ରସକଲ୍ଲୋଳ' ପୋଥିକୁ (ତାଳପତ୍ର) ରଖି, ତା ଉପରେ ପତ୍ର ଘୋଡ଼ାଇ, ସଭାସଦନରେ ଉପସ୍ଥିତ ହେଲେ । ରାଜା ବଡ଼ କୌତୂହଳପରବଶ ହୋଇ, ସେପରି କରିବାର କାରଣ ପଚାରିଲେ । କବି ଉତ୍ତର ଦେଲେ—"ମହାରାଜ ! ଏ ସାକ୍ଷାତ୍ ରସ, କାବ୍ୟରସ । କାଳେ ରସ ଗଳିତ ହୋଇ ତଳେ ପଡ଼ିଯିବ, ସେଥିପାଇଁ ତଳେ ଗୋଟିଏ ସରା ରଖି, ଉପରେ କେନ୍ଦୁପତ୍ରଟିଏ ଘୋଡ଼ାଇ ଦେଇଛି । ସଭାରେ ଉପସ୍ଥିତ ଅନେକ କବି ଓ ପଣ୍ଡିତ ଧନକୃଷ୍ଣଙ୍କର ଏ ଚାତୁର୍ଯ୍ୟରେ ଅତ୍ୟନ୍ତ ବିସ୍ମିତ ହେଲେ । ମାତ୍ର 'କବିକୁଳ-କୁଞ୍ଜ ଉପେନ୍ଦ୍ର ଭଞ୍ଜ'ଙ୍କର ଉଗ୍ର କ୍ଷତ୍ରିୟ ରକ୍ତ ପକ୍ଷରେ ତାହା ଏକାନ୍ତ ଅସହ୍ୟ ହେଲା । ଧନକୃଷ୍ଣ ଆସନ ଗ୍ରହଣ କଲା ପରେ, ଲବ୍ଧପ୍ରତିଷ୍ଠ କବିରାଜ ଉପେନ୍ଦ୍ରଙ୍କ ସଙ୍ଗେ ତାଙ୍କୁ ପରିଚିତ କରାଇ ଦିଆଗଲା । ତତ୍ପରେ ବିଭିନ୍ନ କବିଙ୍କର କାବ୍ୟ ରଚନା

କଥା ଆଲୋଚିତ ହେଲା । ସେତେବେଳକୁ 'ବ' ନିୟମରେ ରଚିତ 'ବୈଦେହୀଶ ବିଳାସ' କଥା ସୁଦ୍ଧାଆଡ଼େ କବି ସମାଜରେ ପ୍ରଚାରିତ ହୋଇ ଯାଇଥିଲା । ତେଣୁ, ଘନକୃଷ୍ଣ ସ୍ୱଭାବସିଦ୍ଧ ଧୀରତା ଓ ନମ୍ରତା ରକ୍ଷା କରି, ନିଜ ରଚିତ 'ରସକଲ୍ଲୋଳ' କାବ୍ୟଟିକୁ ଭଞ୍ଜଙ୍କ ହାତକୁ ବଢ଼ାଇ ଦେଲେ । ଭଞ୍ଜେ କାବ୍ୟଟିର ଭୂୟସୀ ପ୍ରଶଂସା କଲେ । ମାତ୍ର କହିଲେ, "ଆପଣ ସୁନ୍ଦର ପୁଅଟିଏ ଜନ୍ମ କରି, ତାହାର ଅନୁରୂପ ନାମଟିଏ ଦେଇପାରି ନାହାନ୍ତି ।" ସେ କହିବାରୁ ଉଦ୍ଦେଶ୍ୟ ହେଉଛି, 'ରସକଲ୍ଲୋଳ'ର ପ୍ରତ୍ୟେକ ପଦର ପ୍ରତି ପାଦ ଯେପରି 'କ'ରେ ଆରମ୍ଭ ହୋଇଛି, ସେହିପରି କାବ୍ୟର ନାମଟିର ପ୍ରଥମ ଅକ୍ଷର 'କ' ହେବାର ଉଚିତ ଥିଲା । ଏଥିରେ ଘନକୃଷ୍ଣ ବ୍ୟସ୍ତ ହେଲେ । ତଥାପି, କହିଲେ, "ମୋର ଏହି କାବ୍ୟଟି ଯେତେ ଥର ପାଠ କଲି, ମୋ ହୃଦସାଗର ଅପୂର୍ବ ରସର ଅଖଣ୍ଡ ବୀଚିମାଳାରେ ଉଦ୍‌ବେଳିତ ହୋଇ ଉଠିଲା । ତେଣୁ, ମୁଁ ଜାଣିଶୁଣି ଏହାର ନାମ ରଖିଛି 'ରସକଲ୍ଲୋଳ' ।" ସେ ପୁଣି କହିଲେ, "ଆପଣ 'ରସକଲ୍ଲୋଳ'ର ପ୍ରଥମ ଛାନ୍ଦଟିକୁ ଭଲ କରି ଦେଖିଲେଣି କି ? ଦେଖନ୍ତୁ, ପ୍ରତି ପଦର କେବଳ ଆଗ ଅକ୍ଷର ଯେ 'କ', ତାହା ନୁହେଁ, ଷଷ୍ଠ ଅକ୍ଷର ମଧ୍ୟ ।

'**କ**ଳିତ ଲଳିତ ଫୁଲମାଳ ଅନେ**କ**
**କ**ରଇ ଅବଶ୍ୟ ବଶ ତ୍ରୈଲୋକ୍ୟଯା**କ**
**କ**ଳ୍ପବୃକ୍ଷେ ନାନା ରତ୍ନ ଫଳ ପ୍ରାପ୍ତ**କ**
**କ**ଳାପୀ କଳାପେ ଶୋଭା ଶ୍ରୀଅଙ୍ଗଯା**କ** ।'

"ଏହା କହିବାର ଉଦ୍ଦେଶ୍ୟ ହେଉଛି, ଆପଣ ସିନା କେବଳ 'ବ' ଆଗରେ ରଖି 'ବୈଦେହୀଶ ବିଳାସ' ଲେଖିଅଛନ୍ତି, ମାତ୍ର, ପ୍ରଥମରେ ଏବଂ ଶେଷରେ ଗୋଟିଏ ନିର୍ଦ୍ଦିଷ୍ଟ ଅକ୍ଷର ରଖି, ଆପଣ କିଛି ଲେଖିଛନ୍ତି କି ?" ଘନକୃଷ୍ଣ ଏହା କହିଲା ବେଳେ, 'ରସକଲ୍ଲୋଳ'ର ପ୍ରଥମ ଛାନ୍ଦ ଉପରେ ଆଖି ପକାଇ ସାରି, ଉପେନ୍ଦ୍ର 'ରସକଲ୍ଲୋଳ'ର ଅନ୍ୟ ଛାନ୍ଦଗୁଡ଼ିକ ଉପରେ ଦୃଷ୍ଟି ପକାଇ ଯାଉଥାନ୍ତି । ହଠାତ୍ ତଳଲିଖିତ ଅଂଶ ଉପରେ ତାଙ୍କର ଆଖି ପଡ଼ିଲା—

"କୃଷ୍ଣ ରୂପ କରୁଥିବ ଧ୍ୟାନ
କୃଷ୍ଣ ଚରିତ କରୁଥିବ ଗାନ ।
କୃଷ୍ଣ କଥା ଶ୍ରବଣରେ ଶୁଣିବ
କୃଷ୍ଣ ବୋଲି ଜଗତକୁ ଜାଣିବ ।

କୃଷ୍ଣ କାର୍ଯ୍ୟେ ତତପର ହୋଇବ
କୃଷ୍ଣ ପାଇଁ ଭଲ ଦ୍ରବ୍ୟ ଥୋଇବ ।
କୃଷ୍ଣ ଗୀତ ଶରଧାରେ ଗାଇବ
କୃଷ୍ଣ ଦାସଙ୍କୁ ପ୍ରସନ୍ନ ହୋଇବ ।"

ଘନକୃଷ୍ଣଙ୍କ ଉକ୍ତି ଉପେନ୍ଦ୍ରଙ୍କୁ ବଡ଼ ଅପମାନସୂଚକ ବୋଧ ହେଲା । ତହୁଁ ଘନକୃଷ୍ଣଙ୍କୁ ଉପହାସ କରି ସେ କହିଲେ—" 'କ' ଅକ୍ଷର ରଖି କାବ୍ୟ ଲେଖିଛନ୍ତି ବୋଲି ଆପଣଙ୍କର ଗର୍ବ । ମାତ୍ର, ଏ ଅଂଶ (ଉଦ୍ଧୃତ ଅଂଶ) ଦେଖିଲେ ଜଣାଯାଏ, ଯେ କୌଣସି ଲୋକ ଏଭଳି ଲେଖା ଲେଖିଦେବ । କାରଣ, ପ୍ରତି ପାଦର ଆରମ୍ଭରେ 'କୃଷ୍ଣ' 'କୃଷ୍ଣ' ରଖିଥିଲେ, ଆଉ 'କ' ଅକ୍ଷରରେ ଆରମ୍ଭ ହୋଇଥିବା ଶବ୍ଦର ଅଭାବ ରହିବ ନାହିଁ !!" ଏହି ବ୍ୟଙ୍ଗ-ବଚନ ଘନକୃଷ୍ଣଙ୍କୁ ମଧ୍ୟ ତତୋଽଧିକ ଅପମାନଜନକ ମନେ ହେଲା । ତେଣୁ, ଅନ୍ତରର ଭାବ ସମ୍ଭାଳି ନ ପାରି ସେ କହି ପକାଇଲେ, "ହେଉ, ତଥାପି ମଧ୍ୟ ଆଦ୍ୟରେ ଏବଂ ପ୍ରାନ୍ତରେ 'କ' ରଖି ମୁଁ ଯେପରି ପ୍ରଥମ ଛାନ୍ଦଟି ରଚନା କରିଛି, ଆପଣ ସେ ଭଳି ଗୋଟିଏ ହେଲେ ଛାନ୍ଦ ଲେଖି, ଏ କଥା କହିଥିଲେ ସୁନ୍ଦର ହୋଇଥାନ୍ତା ।"

ଉପେନ୍ଦ୍ରଙ୍କ ପକ୍ଷେ ଏ କଠୋର ଉତ୍ତର ନିତାନ୍ତ ଅସହ୍ୟ । ତେଣୁ ସେ କହିଲେ, "ଏହି କୃଷ୍ଣପକ୍ଷ ପୂର୍ବରୁ କୃଷ୍ଣଙ୍କ କେଳି ବର୍ଣ୍ଣନ କରି ଏ ଭଳି ଗୋଟିଏ ମାତ୍ର ଛାନ୍ଦ ନୁହେ, ବହୁ ଛାନ୍ଦ ସମ୍ବଳିତ ଗୋଟିଏ କାବ୍ୟ ଲେଖିବି, ଯେଉଁଥିରେ ପ୍ରତି ପାଦର ଆଦ୍ୟ ଏବଂ ପ୍ରାନ୍ତ ଅକ୍ଷର ହୋଇଥିବ 'କ' । ପୁଣି, କୃଷ୍ଣଙ୍କ ଲୀଳା ତହିଁରେ ବର୍ଣ୍ଣିତ ହେବା ଦ୍ୱାରା ଅନେକ ସ୍ଥଳରେ ତାଙ୍କ ନାମ ପ୍ରଥମେ ରହିବାର ସମ୍ଭାବନା ଥିଲେ ମଧ୍ୟ, କେବଳ ଗୋଟିଏ ମାତ୍ର ସ୍ଥାନରେ ତାଙ୍କର ନାମଟି ରଖିବି ।" ତା ପରେ ଭଞ୍ଜ ରଚନା କଲେ 'କଳାକୌତୁକ' । ନାମଟିର ଆଦ୍ୟ ଅକ୍ଷର 'କ' ଏବଂ ପ୍ରାନ୍ତ ଅକ୍ଷର ମଧ୍ୟ 'କ' । ମାତ୍ର ଆଶ୍ଚର୍ଯ୍ୟର କଥା, ପ୍ରତିଜ୍ଞା ଅନୁସାରେ କେବଳ ଗୋଟିଏ ମାତ୍ର ସ୍ଥାନ ଛଡ଼ା, 'କୃଷ୍ଣ' ଶବ୍ଦ ସେ ଅନ୍ୟ କୌଣସିଠାରେ ପ୍ରୟୋଗ କରି ନାହାନ୍ତି ।"

ସେହି କଥା ପ୍ରସଙ୍ଗରେ ଘନକୃଷ୍ଣ କହିଲେ, ତାଙ୍କର ଦୁଃଖର କାରଣ ନୁହେ ଯେ, ସେ ସୁନ୍ଦର ଶିଶୁପୁତ୍ର ପାଇଁ ଉପଯୁକ୍ତ ନାମଟିଏ ବାଛିପାରି ନାହାନ୍ତି ।

ତାଙ୍କର ଦୁଃଖ, ରସିକ-ଭକ୍ତପ୍ରବର ଉପେନ୍ଦ୍ର ଭଞ୍ଜ ମଧ୍ୟ 'ରସକଲ୍ଲୋଳ' ନାମର ଯଥାର୍ଥତା ବୁଝିପାରି ନାହାନ୍ତି ।

ବିଦଗ୍ଧ କବି ଉପେନ୍ଦ୍ର ଧନକୃଷ୍ଣଙ୍କର ମନୋଭାବ ଭଲ ଭାବରେ ଜାଣିବାକୁ ବିନମ୍ର ଭାବରେ ପୁଚ୍ଛିବାରୁ, ଧନକୃଷ୍ଣ କହିଲେ, "ଯେଉଁ ଶ୍ରୀକୃଷ୍ଣଙ୍କର ଲୀଳା ବର୍ଣ୍ଣନା ପାଇଁ ମୁଁ ମୋ ମାତୃଭାଷାରେ ଏହି କାବ୍ୟ ଲେଖିଲି, ସେହି କୃଷ୍ଣ ମଧ୍ୟ ରାଧିକାଙ୍କଠାରେ ନିତ୍ୟ ଅନୁରକ୍ତ । ତେଣୁ, ରାଧାଙ୍କୁ ପ୍ରଥମ ସ୍ଥାନ ଦେବା ହିଁ ଉଚିତ । ପ୍ରଥମେ ରାଧା ଓ ପରେ କୃଷ୍ଣ, ଏହି ଆଦର୍ଶକୁ ଆଖି ଆଗରେ ରଖି 'ରାଧେକୃଷ୍ଣ', 'ରାଧାକୃଷ୍ଣ' ଲୋକେ କହିଥାନ୍ତି ।

ଏ ଦୃଷ୍ଟିରୁ, ମୁଁ 'ରାଧା' ଶବ୍ଦର ଆଦ୍ୟ ଅକ୍ଷର 'ର'କୁ ପ୍ରଥମେ ରଖି, 'ରସ' ଶବ୍ଦ ବିନ୍ୟାସ କଲି ଓ 'କୃଷ୍ଣ' ଶବ୍ଦର ପ୍ରଥମ ଅକ୍ଷର 'କ'କୁ ପରେ ରଖି, 'କଲ୍ଲୋଳ' ଶବ୍ଦ ବିନ୍ୟାସ କଲି । ଏ ହିସାବରେ 'ରସକଲ୍ଲୋଳ' ନାମ ମୋର 'କାଦ୍ୟ' କାବ୍ୟ ପାଇଁ ତତ୍ତ୍ୱତଃ ଏକାନ୍ତ ଯୁକ୍ତିସଙ୍ଗତ, ଯଦିଓ କେବଳ ଶବ୍ଦାର୍ଥ-ଗ୍ରାହୀଙ୍କ ଦୃଷ୍ଟିରୁ ନୁହେ ।"

ଭଞ୍ଜେ କୁଆଡ଼େ ଏଥିରେ ବିମୁଗ୍ଧ ହୋଇ ଯାଇଥିଲେ । ସେଥିପାଇଁ ମଧ୍ୟ "ଧନକୃଷ୍ଣ × × ପଦ୍ମରେ ତା ଶରଣ" ବୋଲି ସେ କହିଥିବା କଥା ଲୋକମୁଖରେ ବଞ୍ଚିରହିଛି ।

## (୨୧) ଭଞ୍ଜ ଓ ବଙ୍ଗଳାର କବି ଭାରତଚନ୍ଦ୍ର

କବିସମ୍ରାଟ୍ ଉପେନ୍ଦ୍ର ଭଞ୍ଜ, ବଙ୍ଗଳାର ସୁବିଖ୍ୟାତ କବି ଭାରତଚନ୍ଦ୍ରଙ୍କ ସହିତ ଭାବ ବିନିମୟ କରିଥିବାର ସମ୍ବାଦ ବା ସୂଚନା ଉଭୟ ଭାଷା ଗୋଷ୍ଠୀର ସାହିତ୍ୟିକମାନଙ୍କ ପକ୍ଷରେ ଅତ୍ୟନ୍ତ ଆନନ୍ଦର କଥା । ଏ ସମ୍ପର୍କରେ ପଣ୍ଡିତ ସୂର୍ଯ୍ୟନାରାୟଣ ଦାଶ ଲେଖିଛନ୍ତି—

"ଭଞ୍ଜଙ୍କ କାବ୍ୟମାନଙ୍କ ସହିତ ଭାରତଚନ୍ଦ୍ରଙ୍କ କାବ୍ୟ 'ବିଦ୍ୟାସୁନ୍ଦର' ତୁଳନାରେ ସମକକ୍ଷ ନ ହେଲେ ମଧ୍ୟ, ରଚନାର ଶୈଳୀରେ କେତେକ ସାଦୃଶ୍ୟ ଥିବାର ଦେଖାଯାଏ । ଭଞ୍ଜଙ୍କ ପ୍ରାଥମିକ ରଚନାମାନଙ୍କ ସହିତ

'ବିଦ୍ୟାସୁନ୍ଦର' ତୁଳନୀୟ ହୋଇପାରେ । ଉଭୟ କବିଙ୍କ ମଧ୍ୟରେ ଆଳାପ-ଆଲୋଚନା ହୋଇଥିବା ଜନଶ୍ରୁତି ଅଛି । 'ଭାରତଚନ୍ଦ୍ର ଗ୍ରନ୍ଥାବଳୀ'ର ମୁଖବନ୍ଧରେ ଏହାର ସୂଚନା ଦେଖାଯାଏ । ଭାରତଚନ୍ଦ୍ର ଉପେନ୍ଦ୍ର ଭଞ୍ଜଙ୍କ ଦ୍ୱାରା ପ୍ରଭାବିତ ହୋଇଥିବା ମଧ୍ୟ କଥିତ ଅଛି ।"

( ଓଡ଼ିଆ ସାହିତ୍ୟର ଇତିହାସ—୨ୟ ଭାଗ, ପୃ ୫୦୦ )

ଭାରତଚନ୍ଦ୍ର ବଙ୍ଗ-ସାହିତ୍ୟର ସ୍ୱନାମଧନ୍ୟ କବି । ବିଶ୍ୱକବି ରବୀନ୍ଦ୍ରନାଥଙ୍କର ମହାନ୍ ଅଭ୍ୟୁଦୟ ପୂର୍ବରୁ ବଙ୍ଗ-ସାହିତ୍ୟ-ଗଗନରେ ଭାରତଚନ୍ଦ୍ରଙ୍କ ଦୀପ୍ତି ଏକାବେଳକେ ଅସାଧାରଣ । ତାଙ୍କର ସାହିତ୍ୟିକ କୃତିତ୍ୱ ତଥା ଅବଦାନ ସମ୍ପର୍କରେ ସମୀକ୍ଷକ ଲେଖିଛନ୍ତି—

"The Middle-Ages in Bengali literature close with Bharat Chandra, a belated follower of the tradition of Chandi Mangal. Bharat Chandra is a precursor of the modern spirit and a conscious artist with important metrical innovations to his credit. In his 'Ananda Mangal', the old fountains of spontaneous devotion have run dry, and in their stead, we have a mocking satirical spirit that criticises and makes fun of contemporary society and indulges in a depravity of taste under the disguise of urban refinement and polish. Its devotion is worked up through thetoric and literary artrifice instead is being a natural flow from the heart. Bharat Chandra's style is chiselled and polished like that of Dryden and Pope and there is nothing of the inartistic effusiveness and gushing overflow of sentiment of the earlier Mangal Kavyas. He compresses great worldly wisdom in terse, memorable lines and is an adept in tracing the psychology of youthful, unspiritual amour. The Goddess Kali is invoked to shield guilty love and afford immunity against the violation of moral and social laws, and his picture of 'Hira Malini', the professional pimp and go-

between, has the brilliant incisiveness, the hard immoral glitter that rests upon the woman of Restoration comedy. Bharat Chandra's is an alert and wide-awake mind, which plays upon the many-coloured surface of life, and adapts old conventions to a new artistic purpose. Thus, even before the advent of English rule and the inauguration of the modern-age, Bharat Chandra stands as a link between the old and the new, illustrating the exhaustion of the old literary impulses and turning the soil in which new seeds were to be sown for reaping the harvest of the future." (1)

ଆହୁରି ମଧ୍ୟ ଅଷ୍ଟାଦଶ ଶତାବ୍ଦୀର ବଙ୍ଗୋତ୍କଳର ଏ ଦୁଇ ମହାକବିଙ୍କ ସମ୍ପର୍କରେ ଲେଖାଯାଇଛି—

"The chaos and corruption that accompanied and followed this breakup of feudalism called forth a number of satirists all over the country, poets who denounced this state of decline in unmistakable terms. Bengali had its Bharat Chandra X X of the 18th century. X X Upendra Bhanja and his school of poets in Oriya deal with secular tales in arabesque pattern. Upendra's 'Lavanyavati' elaborates a story, the hero in which is a prince of Karnataka and the heroine, a princess of Ceylon. X X X Kesab Das and other Hindi Poets of the Riti or Sringara period concern themselves with writing books on poetics and rhetoric." (2)

---

(1) Modern Indian Languages (Ed. Gokak) p. 66.

(2) Modern Indian Languages. p.p. 23-24.

ସର୍ବଭାରତୀୟ ପରିପ୍ରେକ୍ଷୀରେ ଉପେନ୍ଦ୍ର ଭଞ୍ଜଙ୍କୁ ଦେଖିବା ପାଇଁ ଏଠାରେ ଯେଉଁ ସଙ୍କେତ ଦିଆଯାଇଛି, ତାହା କେବଳ ସଙ୍କେତରେ ହିଁ ରହିଯାଇଛି । ମହାକବି ଉପେନ୍ଦ୍ର ଭଞ୍ଜ ଭାରତର ଯେଉଁ ମହାକବିମାନଙ୍କର ସମସାମୟିକ, ସେମାନଙ୍କର ସାରସ୍ୱତ ଅବଦାନ ସହିତ ଭଞ୍ଜ-ସାହିତ୍ୟ ଏ ପର୍ଯ୍ୟନ୍ତ ଆଲୋଚିତ ହୋଇ ନାହିଁ ।

'ଭାରତୀୟ-ସାହିତ୍ୟର ଭୂମିକା'ରେ କୁହାଯାଇଛି—"ଅଷ୍ଟାଦଶ ଶତାବ୍ଦୀର ଶେଷଭାଗର କବି ଭାରତଚନ୍ଦ୍ର ସଂସ୍କୃତ କାବ୍ୟ-ସାହିତ୍ୟର ଆଦର୍ଶରେ କାବ୍ୟ ରଚନା କରିଥିଲେ ହେଁ, ତାଙ୍କର ପ୍ରକାଶ ଭଙ୍ଗୀରେ ବହୁ ପରିମାଣରେ ଆଧୁନିକତାର ରୂପ ଦେଖିବାକୁ ମିଳୁଥିଲା । ସର୍ବଜନ ପରିଚିତ 'ବିଦ୍ୟାସୁନ୍ଦର' ଏହି ଭାରତଚନ୍ଦ୍ରଙ୍କ ରଚନାର ଅନ୍ତର୍ଗତ । ଇଂରେଜଙ୍କ ଆଗମନ ପୂର୍ବରୁ ବଙ୍ଗ-ସମାଜର ଚିତ୍ର ଭାରତଚନ୍ଦ୍ରଙ୍କ ରଚନାରେ ଯେପରି ପ୍ରାଣବନ୍ତ ଏବଂ ଯଥାର୍ଥ ଭାବରେ ରୂପାୟିତ, ଅନ୍ୟ କୌଣସି କବି ସେପରି କରିଛନ୍ତି ବୋଲି ମନେହୁଏ ନାହିଁ । ସେ କାବ୍ୟ ମାଧ୍ୟମରେ ଉପନ୍ୟାସ ରଚନା କରିଛନ୍ତି ବୋଲି ଆଲୋଚକ-ମାନେ କହିଥାନ୍ତି ।" (୧)

ପଣ୍ଡିତ ସୂର୍ଯ୍ୟନାରାୟଣ ଦାଶ ଏ କ୍ଷେତ୍ରରେ ଏକାନ୍ତ ଧନ୍ୟବାଦାର୍ହ । ତାଙ୍କ ପୁସ୍ତକ ପ୍ରକାଶ ପାଇବାର ବହୁ ବର୍ଷ ହୋଇ ଯାଇଥିଲେ ମଧ୍ୟ, ଭଞ୍ଜ-ଜୟନ୍ତୀ ଭାଷଣମାଳାର ଧୂମ୍‌ଧାମ ମଧ୍ୟରେ ବ୍ୟସ୍ତ ରହିଥିବା କିମ୍ବା କେବଳ ଅଳଙ୍କାର-ଶାସ୍ତ୍ରର ସୀମିତ ପରିସର ମଧ୍ୟରେ ଭଞ୍ଜଙ୍କର ଅଳଙ୍କାର ଜ୍ଞାନ, ରସପାକ ଜ୍ଞାନ ଓ ଚଉଷଠି କଳା ଜ୍ଞାନର ଗବେଷଣା କରୁଥିବା 'ପଣ୍ଡିତ'ମାନେ ଉପେନ୍ଦ୍ରଙ୍କର ଏହି ଦିଗ ପ୍ରତି ଦୃଷ୍ଟିଦୃଷ୍ଟି ହୋଇପାରି ନାହାନ୍ତି !!

## (୨୨) ଭଞ୍ଜଙ୍କ ଉପାଧି : ବୀରବର ଓ ମଙ୍ଗରାଜ

ଉପେନ୍ଦ୍ର ଭଞ୍ଜଙ୍କ ଉପାଧି ନେଇ ବିଦ୍ୱାନମାନେ ଆଲୋଚନା କରି ଯାଇଛନ୍ତି । ଆଗରୁ କୁହାଯାଇଛି, 'କବିସମ୍ରାଟ୍' ଉପାଧି ହିଁ ଭଞ୍ଜଙ୍କର ସର୍ବଶ୍ରେଷ୍ଠ

(୧) ଭାରତୀୟ ସାହିତ୍ୟର ଭୂମିକା, ପୃ ୩୨–୩୩

ଉପାଧି । କିନ୍ତୁ, ଏ ଉପାଧି ଯଥାସମ୍ଭବ କୌଣସି ବିଶିଷ୍ଟ ସଂସ୍ଥା କିମ୍ବା ରାଜା ତାଙ୍କୁ ପ୍ରଦାନ କରି ନାହାନ୍ତି, ଏହି ମତ ସର୍ବସାଧାରଣରେ ଗୃହୀତ ହୋଇଯାଇଛି କହିଲେ ଚଳେ । ତେବେ, ମୁଁ ଏହି ଗ୍ରନ୍ଥ ଲେଖୁଥିଲି ବେଳେ, ଏବେ ଏ ସମ୍ପର୍କରେ ଗୋଟିଏ ସୂଚନା ମୋର ଉପଲବ୍ଧ ହୋଇଅଛି । ତାହା ଏଠାରେ ବୁଝାଇ କହିବା ଦରକାର ମନେହୁଏ ।

## 'କବିସମ୍ରାଟ୍' ଉପାଧି : ନୂତନ ସଂକେତ—

ପଣ୍ଡିତ ଶ୍ରୀଧର ଶତପଥୀଙ୍କଠାରୁ ଶୁଣିବାକୁ ପାଇଲି ଯେ, ଉପେନ୍ଦ୍ର ଭଞ୍ଜଙ୍କର 'ଗୀତାଭିଧାନ'ର ଏକ ନୂଆ ପୋଥି ସେ ପାଇଛନ୍ତି । 'ଗୀତାଭିଧାନ' ବହୁ ବର୍ଷ ତଳୁ ପ୍ରକାଶିତ ହୋଇ ଯାଇଛି । କିନ୍ତୁ, ଏବେ ଯେଉଁ ପୋଥି ଆବିଷ୍କୃତ ହୋଇଅଛି, ତହିଁରେ କିଛି କିଛି ଅଧିକା ଅଂଶ ଅଛି । 'ଗୀତାଭିଧାନ' ପୋଥିଟି କ, ଖ, ଗ ପ୍ରଭୃତି ବର୍ଗରେ ବିଭକ୍ତ ହୋଇଥିବା କଥା ଆଗରୁ କୁହା-ଯାଇଛି । ସଂପ୍ରତି ଆବିଷ୍କୃତ ଗୀତାଭିଧାନର 'ମାନ୍ତ' ବର୍ଗର ଶେଷରେ ଅଛି—

"ସାର୍ବଭୌମ ଦିଗ— ଦନ୍ତୀ ଚକ୍ରବର୍ତ୍ତୀ
ମାନ୍ତ-ବର୍ଗ କଲି ଶେଷ ।"

ଏଠାରେ 'ମ' ଅକ୍ଷର ଅନ୍ତ ବା ଶେଷରେ ଥିବା 'ସାର୍ବଭୌମ' ଶବ୍ଦର ଅର୍ଥ ବ୍ୟାଖ୍ୟାନ ହିଁ ମୁଖ୍ୟ କଥା । 'ସାର୍ବଭୌମ' ହେଉଛି ଉତ୍ତର ଦିଗର ଦିଗ୍‌ଗଜର ନାମ ( ଦିକ୍+ଦନ୍ତୀ=ହସ୍ତୀ ) । ତେଣୁ, ସାର୍ବଭୌମ ଶବ୍ଦ ଏଠି ହାତି ଏବଂ ଚକ୍ରବର୍ତ୍ତୀ ବା ସମ୍ରାଟ, ଏ ଦୁଇ ଅର୍ଥର ପ୍ରକାଶକ ।

ତେବେ, ଏ ପ୍ରସଙ୍ଗରେ ସ୍ମରଣୀୟ ଯେ, କବି ଏ କଥା ମଧ୍ୟ କହିଛନ୍ତି— 'ମାନ୍ତ ବର୍ଗ କଲି ଶେଷ ।' ପ୍ରଶ୍ନ ଉଠେ, 'କିଏ ଏହି ବର୍ଗଟିକୁ ଏଠାରେ ଶେଷ କଲି ?' ଉତ୍ତର ହେଉଛି—'ସାର୍ବଭୌମ ଦିଗ୍‌ଦନ୍ତୀ ଚକ୍ରବର୍ତ୍ତୀ' ଏଠାରେ ମାନ୍ତ-ବର୍ଗ ଶେଷ କଲେ । ବଡ଼ ବଡ଼ ପଣ୍ଡିତଙ୍କୁ ଦିଗ୍‌ଗଜ ( =ଦିଗ୍‌ଦନ୍ତୀ ) ପଣ୍ଡିତ କୁହାଯାଏ । ଅନେକ ସଂସ୍କୃତ କବି ନିଜ ନିଜ ରଚନାରେ ନିଜ ନିଜକୁ 'କବିରାଜ-ଚକ୍ରବର୍ତ୍ତୀ' ବୋଲି କହିଥିବାର ବହୁ ପ୍ରମାଣ ବା ଦୃଷ୍ଟାନ୍ତ ରହିଅଛି । ସୁତରାଂ, ସଂସ୍କୃତ-ପଣ୍ଡିତମାନଙ୍କର ସେହି କ୍ରମ ରକ୍ଷାକରି, ନିଜକୁ କବି-ଚକ୍ରବର୍ତ୍ତୀ ବା କବି-ସାର୍ବଭୌମ (କବି-ସମ୍ରାଟ୍) ରୂପେ ହୁଏ ତ ଏ ସ୍ଥଳରେ ଉପେନ୍ଦ୍ର

ଆତ୍ମପରିଚୟ ଦେଇଛନ୍ତି । ତା ନ ହେଲେ 'ମାନ୍ତ ବର୍ଗ କଲି ଶେଷ' ଅର୍ଥହୀନ ହୋଇ ପଡ଼ୁଛି ।

ମନେ ହେଉଛି, ଏ ଦିଗରେ ଅନ୍ୟ କିଛି ଉପାଦାନ ଅନ୍ୟ ସୂତ୍ରରୁ ମଧ୍ୟ ମିଳିଯାଇପାରେ । ତାହାହେଲେ ଏ 'ଉପାଧି'ର ଇତିହାସ କ୍ଷେତ୍ରରେ ଏହା ଏକ ବିପ୍ଳବାତ୍ମକ ଆବିଷ୍କୃତ ହେବ ।

## ବୀରବର—

କବି ଅନେକ ସ୍ଥଳରେ ନିଜର 'ବୀରବର' ଉପାଧି କଥା ଲେଖିଛନ୍ତି । ତହିଁରୁ ଗୋଟିଏ ହେଉଛି—

"ସୀତାବଲ୍ଲଭ, ପଦ ସୁମନ ମନେ ଶମ୍ଭୁ
ସଂଜ୍ଞା ଭଞ୍ଜ ନାମ ଉପଇନ୍ଦ୍ର ପଦ ବୀରବର ଯେ ରଚନ୍ତି ।"
(ସୁଭଦ୍ରା ପରିଣୟ—୧୦।୩୭)

ଏଥିରୁ ଜଣାଯାଏ, ଉପେନ୍ଦ୍ରଙ୍କ କୌଳିକ ସଂଜ୍ଞା 'ଭଞ୍ଜ' ଏବଂ ସେ 'ବୀରବର' ଉପାଧି ପାଇଥିଲେ । ସେ ତାଙ୍କର 'ବୈଦେହୀଶ ବିଳାସ', 'କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ', 'ରସିକ ହାରାବଳୀ', 'ପ୍ରେମ ସୁଧାନିଧି' ପ୍ରଭୃତି ଅନେକ କାବ୍ୟରେ ନିଜକୁ 'ବୀରବର' ରୂପେ ହିଁ ପରିଚିତ କରାଇଛନ୍ତି । କିନ୍ତୁ, ଏ ଉପାଧି ସେ କାହାଠାରୁ ପାଇଛନ୍ତି, ତାହା ଜାଣିବା ପାଇଁ ସେଭଳି କୌଣସି ବିଶ୍ୱସ୍ତ ପ୍ରମାଣ ମିଳୁ ନାହିଁ ।

ଶ୍ରୀଯୁକ୍ତ ଦାମୋଦର ଦାସ ଲେଖିଛନ୍ତି—"ସେତେବେଳେ ଉପେନ୍ଦ୍ରଙ୍କୁ ନବଦୁର୍ଗାଧିପତି (ନୂଆଗଡ଼ ରାଜା) ଚନ୍ଦ୍ରଶେଖର ମାନଧାତା ତାହାଙ୍କ ଅନାବିଳ ସାହିତ୍ୟ ସମ୍ପାଦନ ପାଇଁ ସମ୍ବର୍ଦ୍ଧନା ଜଣାଇବାକୁ ଆମନ୍ତ୍ରଣ କରି ନେଇଥିଲେ, ଉଚ୍ଚକୋଟିର ସମ୍ମାନ ସହିତ 'ବୀରବର' ଉପାଧିରେ ତାହାଙ୍କୁ ଭୂଷିତ କରିଥିବା ଜଣାଯାଏ । 'ମଙ୍ଗରାଜ' ପଦ ବହୁପୂର୍ବରୁ ଖୋର୍ଦ୍ଧ ରାଜା ଦେଇଥିବା କୁହାଯାଉଛି ।

(ଉପେନ୍ଦ୍ର ଭଞ୍ଜଙ୍କ ଜୀବନୀ, ପୃ-୮୪)

ସାଧାରଣରେ ବିଶ୍ୱାସ କରାଯାଏ, ନୂଆଗଡ଼ ରାଜା କବିଙ୍କୁ 'ବୀରବର' ଉପାଧି ଦେଇଥିଲେ । କିନ୍ତୁ, ଏହି ଉପାଧି ବିତରଣ ମୂଳରେ ଆଉ ଏକ ରହସ୍ୟ ନିହିତ ଥିବାର କୁହାଯାଇଥାଏ । ଶୁଣାଯାଏ, ରାଜକବି ଧନଞ୍ଜୟ ଭଞ୍ଜ ନିଜର

ପଣ୍ଡିତ-ସଭାରେ ଜମ୍ବା ପଣ୍ଡିତମାନଙ୍କର ଉପସ୍ଥିତିରେ ଉପେନ୍ଦ୍ର ଭଞ୍ଜଙ୍କ ପାଣ୍ଡିତ୍ୟ ଏବଂ ତାର୍କିକତା ଲକ୍ଷ୍ୟ କରି ହୁଏ ତ କହି ଦେଇଥିଲେ—"ଆରେ ବାଃ, ଇଏ ତ ବୀରବରଟାଏ !"

ସେ କାଳର ମହାମହିମ ଘୁମୁସରାଧୀଶ୍ୱରଙ୍କର ଏପରି ରଙ୍ଗ-ରହସ୍ୟଯୁକ୍ତ ଏବଂ ତତ୍ତ୍ୱପୂର୍ଣ୍ଣ ମନ୍ତବ୍ୟଗର୍ଭିତ ବୀରବର ଶବ୍ଦ ଶୁଣି, ସେହିଦିନଠାରୁ ପଣ୍ଡିତମାନେ 'ବୀରବର' ଉପେନ୍ଦ୍ର ବୋଲି ତାଙ୍କୁ ଡାକଥିବେ ଓ ସେ ନାମର ଯଥାର୍ଥତା ଉପଲବ୍ଧି କରି, ନୂଆଗଡ଼ର ନରପତି ଆନୁଷ୍ଠାନିକ ଭାବରେ ସେ ଉପାଧି ତାଙ୍କୁ ପ୍ରଦାନ କରିଥିବେ । ଅନ୍ୟ କୌଣସି କୌଣସି ଓଡ଼ିଆ କବି ପୂର୍ବରୁ ପାଇଥିବା ସମ୍ମାନସୂଚକ ଉପାଧି ପରବର୍ତ୍ତୀ କାଳରେ ଉତ୍କଳ ଗଜପତିଙ୍କର ସମର୍ଥନଲାଭ ପୂର୍ବକ ଆନୁଷ୍ଠାନିକ ଭାବରେ ପ୍ରଦତ୍ତ ହୋଇଥିବାର ପରମ୍ପରା ମଧ୍ୟ ଗଢ଼ି ଆସିଛି । ସେହି ସୂତ୍ରରେ, ଘୁମୁସର ରାଜାଙ୍କ ମୁଖରୁ ସମୁଦ୍ଭୂତ 'ବୀରବର' ଉପାଧି ନୂଆଗଡ଼ ରାଜସଭା ମାଧ୍ୟମରେ ସୁପ୍ରତିଷ୍ଠିତ ହୋଇଥିବା ଆଦୌ ଅସଙ୍ଗତ ନୁହେ ।

**ମଙ୍ଗରାଜ—**

ଏହା ଭଞ୍ଜୀୟ ରଚନାର ଭଣିତରେ ଥିଲେ ମଧ୍ୟ, ତାଙ୍କର ଅନ୍ୟ ଉପାଧି ପରି ବିଶେଷ ଜନପ୍ରିୟ ନୁହେ । ପ୍ରାୟ ୨୦।୨୫ ବର୍ଷ ତଳେ ସମାଜ ପତ୍ରିକାରେ ଏହି ଉପାଧି ସମ୍ପର୍କରେ ପଣ୍ଡିତ ସୂର୍ଯ୍ୟନାରାୟଣ ଦାଶ ଆଲୋଚନା କରିବା ପରେ ଏକ ଚମକ ଖେଳି ଯାଇଥିଲା । ଏଇ ଲେଖକର ମନେଅଛି, ସେ ବର୍ଷ ଭଞ୍ଜ ଜୟନ୍ତୀ ବେଳେ କେହି କେହି କହି ପକାଇଥିଲେ, 'ଏହା ଯଦି ସତ୍ୟ ହୁଏ, ତେବେ ଗୋଟାଏ ନୂତନ ତଥ୍ୟ ଆବିଷ୍କୃତ ହେଲା ବୋଲି କହିବାକୁ ହେବ ।' ପ୍ରକୃତ କଥା ହେଉଛି, ଉପେନ୍ଦ୍ର ତାଙ୍କର 'ଭାବବତୀ', 'ଯମକରାଜ ଚଉତିଶା', 'ଚିତ୍ରପଦ୍ମ ଭୂଷଣ'ରେ ନିଜକୁ 'ମଙ୍ଗରାଜ' ରୂପେ ପରିଚିତ କରାଇଛନ୍ତି । ଯେଉଁମାନେ ଏହି ରଚନାଗୁଡ଼ିକର ନାମ ଜାଣିଛନ୍ତି, ସେମାନେ ଏଗୁଡ଼ିକୁ ଭଞ୍ଜଙ୍କ ରଚନା କହିବାରେ କୁଣ୍ଠାବୋଧ କରି ନାହାନ୍ତି । କିନ୍ତୁ, ଭଣିତରେ ଥିବା 'ମଙ୍ଗରାଜ' ଶବ୍ଦ ପ୍ରତି ଦୃଷ୍ଟି ଦେଇ ନାହାନ୍ତି ।

ପଣ୍ଡିତ ସୂର୍ଯ୍ୟନାରାୟଣ ଦାଶ ତାଙ୍କର 'ଓଡ଼ିଆ ସାହିତ୍ୟର ଇତିହାସ'ରେ ଲେଖିଛନ୍ତି—

"ଚଉପଦୀ ଭୂଷଣ, ସମକବାଳ ଚଉତିଶା, ରସଲେଖା, ଭାବବତୀ, ଚଉପଦହାର, ଗ୍ରନ୍ଥଭୂଷଣରେ 'ବୀରବର' ପଦ ବ୍ୟବହୃତ ହୋଇ ନାହିଁ ।"
( ଓଡ଼ିଆ ସାହିତ୍ୟର ଇତିହାସ—୨ୟ, ପୃ-୫୦୮ )

ପାଠକମାନେ ଲକ୍ଷ୍ୟ କରିବେ, ପଣ୍ଡିତ ଦାଶ ଲେଖିଛନ୍ତି ଯେ, ଚଉପଦୀ ଭୂଷଣରେ 'ବୀରବର' ପଦ ବ୍ୟବହୃତ ହୋଇ ନାହିଁ । ଅଥଚ, ତାହାର ପର ପୃଷ୍ଠାରେ ସେ ଲେଖିଛନ୍ତି—

"ଚଉପଦୀ ଭୂଷଣର ବିଭିନ୍ନ ଗୀତରେ × × ବ୍ୟବହାର କରି ଥିବାରୁ, ମଙ୍ଗରାଜ ଓ ବୀରବର ପଦବୀ 'ଚଉପଦୀ ଭୂଷଣ' ଲେଖିବା ସମୟକୁ ସେ ପାଇ ସାରିଥିଲେ ।" ପ୍ରକୃତରେ ଏ ରଚନାର 'ଝ' ଗୀତରେ ଅଛି—

"ଝୁରୁଛି ଏବେ ସେହି ଭାବ ସୁମରି
ଉପେନ୍ଦ୍ର ଭଞ୍ଜ ବୀର କବି ।"

ସୁତରାଂ, 'ଚଉପଦୀ ଭୂଷଣ'ରେ 'ବୀରବର'ର ଉଲ୍ଲେଖ ନାହିଁ ବୋଲି ସେ ଯାହା ଟିକିଏ ଆଗରୁ ଲେଖିଛନ୍ତି, ତାହା ପ୍ରାମାଦିକ । (୧)

**ମଙ୍ଗରାଜ—**

'ମଙ୍ଗରାଜ' ଉପାଧି ସମ୍ପର୍କରେ 'ଭାବବତୀ'ର ସମ୍ପାଦକ ଶ୍ରୀଯୁକ୍ତ ଦୁଃଖିଶ୍ୟାମ ପଟ୍ଟନାୟକ ଲେଖିଛନ୍ତି—

"ଭଞ୍ଜ-ରାଜବଂଶରେ 'ମଙ୍ଗରାଜ' ଉପାଧି ପ୍ରଚଳିତ ଥିବା ଐତିହାସିକ ପ୍ରମାଣ ପ୍ରତିଷ୍ଠିତ ନୁହେ । ସେହି ଦୃଷ୍ଟିରୁ 'ସମକବାଳ ଚଉତିଶା' ଓ ଆଉ କେତେକ କବିତାର ଭଞ୍ଜୀୟ କୃତିତ୍ୱ ଉପରେ ସନ୍ଦେହ ଆରୋପିତ ହୁଏ । 'ମଙ୍ଗରାଜ' ଶବ୍ଦ ଅର୍ଥ ଦୃଷ୍ଟିରୁ (ମଙ୍ଗ-ପ୍ରାନ୍ତ ତାହାର ରାଜା) କୌଣସି ଏକ ପ୍ରାନ୍ତର ବା ମଣ୍ଡଳର ରାଜା ବୋଲି, ଯଦି ଉପେନ୍ଦ୍ର ତାଙ୍କର ବାଲ୍ୟକାଳର ଅପରିପକ୍ୱ ମନରେ ସ୍ୱଭାବସୁଲଭ ରାଜସିଂହାସନର ଲାଳସା ଘଟିବାର

(୧) ଏହି ଲେଖକ ତାଙ୍କର ଅନ୍ୟ ଏକ ଗ୍ରନ୍ଥରେ ପଣ୍ଡିତ ସୂର୍ଯ୍ୟନାରାୟଣ ଦାଶଙ୍କ ଏହି ମନ୍ତବ୍ୟ ଉପରେ ଆସ୍ଥା ସ୍ଥାପନ କରି ଚଉପଦୀ ଭୂଷଣରେ 'ବୀରବର'ର ସୂଚନା ନାହିଁ ବୋଲି ଲେଖିଦେଇ ଥିବାରୁ ଦୁଃଖିତ ।

କରି ନ ପାରି ବ୍ୟବହାର କରିଥିବେ, ତେବେ, ହୁଏ ତ କେତେକ କାବ୍ୟ ଭଞ୍ଜୀୟ ରଚନା ଭାବରେ ଗ୍ରହଣ କରାଯାଇପାରେ । କିନ୍ତୁ ତାଙ୍କର କବିତ୍ୱର ପ୍ରକୃତ ପରିଚୟସୂଚକ ଗ୍ରନ୍ଥରାଜି (ଯଥା :—ବୈଦେହୀଶ ବିଳାସ, ଲାବଣ୍ୟବତୀ ସୁଭଦ୍ରା ପରିଣୟ, କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ, ପ୍ରେମସୁଧାନିଧି ଇତ୍ୟାଦି)ରେ ମଙ୍ଗରାଜ ପଦବୀ ଦେଖିବାକୁ ମିଳେ ନାହିଁ । ହୁଏ ତ ଏହି ରଚନାବେଳେ ଉପେନ୍ଦ୍ର ରାଜସିଂହାସନ ପ୍ରତି ସମ୍ପୂର୍ଣ୍ଣ ବୀତଶ୍ରଦ୍ଧ ହୋଇ, ସାରସ୍ୱତ-ରାଜ୍ୟର ସମ୍ରାଟ୍ ପଦରେ ଅଧିଷ୍ଠିତ ହେଲେଣି । ଏହି ଦୃଷ୍ଟିରୁ ବିଚାର କଲେ, 'ଭାବବତୀ' ଉପେନ୍ଦ୍ରଙ୍କ ଏକ ପ୍ରାଥମିକ ରଚନା । ଏହାର ଷଷ୍ଠ ଛାନ୍ଦ ଶେଷରେ 'ଉପଇନ୍ଦ୍ର ମଙ୍ଗରାଜ ଏ ଭଣି'ରୁ ଏହା ସ୍ପଷ୍ଟ ପ୍ରତୀତ ହୁଏ । ଭାଷା, ଭାବ ଓ ଶୈଳୀ ଦୃଷ୍ଟିରୁ ମଧ୍ୟ ଏହା ଭଞ୍ଜୀୟ ପ୍ରତିଭାର ପ୍ରଥମ କାବ୍ୟକୃତି କହିଲେ ଅତ୍ୟୁକ୍ତି ହେବ ନାହିଁ । 'ଚିତ୍ରକାବ୍ୟ ବନ୍ଧୋଦୟ'ରେ ସ୍ୱୟଂ କବିସମ୍ରାଟ୍ "ଭାବବତୀ ମୁକ୍ତାବଳୀ ପ୍ରମାଣ, କରଜଲୀଳା ଯେ ଛାନ୍ଦଭୂଷଣ" (୧-୧୫) କହି ତାଙ୍କର କୃତି 'ଭାବବତୀ'କୁ ସ୍ୱୀକୃତି ଦେଇ ଯାଇଛନ୍ତି ।

(ଭାବବତୀ ମୁଖବନ୍ଧ—ପୃ-'ଖ')

ଏ ପ୍ରସଙ୍ଗରେ 'ମଙ୍ଗରାଜ' ଶବ୍ଦର ଅର୍ଥ ପ୍ରଣିଧେୟ । ରାଜା-ରାଜୁଡ଼ା ସମ୍ପର୍କରେ ଅନୁଭୂତି ସଂପନ୍ନ କେତେ ଜଣ ବିଜ୍ଞବ୍ୟକ୍ତିଙ୍କ ସହିତ ମଙ୍ଗରାଜ ଶବ୍ଦର ଅର୍ଥ ସେନେ ଆଲୋଚନା କରିଥିଲି । ସେଥିରୁ ତିନୋଟି କଥା ପ୍ରକାଶ ପାଇଥିଲା । ପ୍ରଥମ କଥା, ରାଜ୍ୟର ମଙ୍ଗ ବା ପ୍ରାନ୍ତଭାଗରେ, କୂଟନୈତିକ ସୁବିଧା ଦୃଷ୍ଟିରୁ, ଯାହାଙ୍କୁ ରାଜା ରୂପେ ରଖାଯାଇଥିଲା, ତାଙ୍କ ପାଇଁ 'ମଙ୍ଗରାଜ' ଶବ୍ଦ ପ୍ରୟୋଗ ହୋଇଥିବା ସମ୍ଭବ । ଦ୍ୱିତୀୟ କଥା, ରାଜ୍ୟ ରାଜ୍ୟ ମଧ୍ୟରେ ଯୁଦ୍ଧ ବେଳେ ଜଣେ ରାଜାଙ୍କ ପକ୍ଷରୁ ପ୍ରତିନିଧିତ୍ୱ କରି ସେହି ରାଜାଙ୍କ ସୁବିଧା ହେଲା ଭଳି ସନ୍ଧିସ୍ଥାପନରେ ଅପର ପକ୍ଷର ରାଜାଙ୍କୁ ଯେ ମଙ୍ଗେଇ ପାରୁଥିଲା, ସେ ମଧ୍ୟ 'ମଙ୍ଗରାଜ' ପଦର ଯୋଗ୍ୟ ଅଧିକାରୀ । ତୃତୀୟ କଥା, କୌଣସି ଏକ ଘଟଣାରେ (ରୂପକ ଭଙ୍ଗୀରେ) କେହି ଯଦି ମଙ୍ଗମୋଡ଼ି ଲକ୍ଷ୍ୟ ସିଦ୍ଧି କଲା, (ଯେପରି କି ନୌକାର ମଙ୍ଗମୋଡ଼ି ନାଉରୀ ଲକ୍ଷ୍ୟ ସ୍ଥଳରେ ନୌକାକୁ ପହଞ୍ଚାଇ ଦିଏ) ତେବେ, ସେ ମଧ୍ୟ ଶ୍ରେଷ୍ଠ ମଙ୍ଗୁଆଳ ହିସାବରେ 'ମଙ୍ଗରାଜ' ପଦ ପାଇ ଥାଇପାରେ ।

'ଭାବବତୀ'ର ମୁଖବନ୍ଧରେ ଶ୍ରୀଯୁକ୍ତ ପଟ୍ଟନାୟକ 'ମଙ୍ଗରାଜ' ଶବ୍ଦର ଯେଉଁ ବ୍ୟାଖ୍ୟାନ କରିଛନ୍ତି, ତାହା ପ୍ରଥମଟିର ଅନୁରୂପ । କିନ୍ତୁ, ଯେଉଁ

ଅନୁମାନ ବା ସମ୍ଭାବନ ଯୁକ୍ତିବଳରେ ସେ ଏହି ଉଦବାଟିର ଯେଉଁ ସାର୍ଥକତା ପ୍ରତିପାଦନ କରିଛନ୍ତି, ତଦପେକ୍ଷା ଅନ୍ୟ ଏକ ଅନୁମାନ ଅଧିକ ଯୁକ୍ତିଯୁକ୍ତ ମନେହୁଏ ।

ଏ ସମ୍ପର୍କରେ 'ଉପେନ୍ଦ୍ର ଭଞ୍ଜ ଜୀବନୀ' ଲେଖକଙ୍କର ମତ ( ପୃ-୮୭ ) ବିଶ୍ବରଯୋଗ୍ୟ, ସେ ଲେଖିଛନ୍ତି—

"କମସର ଦୁର୍ଗ ନୂଆଗଡ଼ ରାଜାଙ୍କ ଦାନସୂତ୍ରେ ପ୍ରଦତ୍ତ ମାତାମହୀ ମଣ୍ଡା ଦେବୀଙ୍କ ସ୍ତ୍ରୀ ସମ୍ପତ୍ତି । × × ଯୌତୁକ ସ୍ୱରୂପ କମସର ସହିତ (ମଣ୍ଡାଦେବୀ) କେତୋଟି ଗ୍ରାମ ନୂଆଗଡ଼ ରାଜ୍ୟରୁ ଲାଭ କରିଥିଲେ । × × ବିପୁଳ ଧନ ଖର୍ଚ୍ଚରେ (ସେ) କମସର ଓ ପଞ୍ଚଭୂଷଠାରେ ଦୁଇଟି ଦୁର୍ଗ ନିର୍ମାଣ କରାଇ-ଥିଲେ । ଧନର ଅପବ୍ୟୟ ପାଇଁ ପରିବାରକ କଳଙ୍କ ଲଗିଥିଲା । ସେହି ଦୁର୍ଗ-ଗୁଡ଼ିକର ରକ୍ଷା ନିମନ୍ତେ ସର୍ଦ୍ଦାର, ନାୟକ ଓ ପାଇକର ସ୍ୱତନ୍ତ୍ର ବ୍ୟବସ୍ଥା ଥିଲା । × × ଶୁଣାଯାଏ ଯେ, କମସର ଗଡ଼ରେ ଉପେନ୍ଦ୍ର ପିତାମହୀଙ୍କ ସମ୍ପତ୍ତିର ଉତ୍ତରାଧିକାରୀ ରୂପେ ସେହି ଅଞ୍ଚଳରେ ଅଧିବାସୀଙ୍କ ଅନୁରୋଧରେ ଓ ନୀଳକଣ୍ଠ ଭଞ୍ଜଙ୍କ ଆଜ୍ଞାରେ ରାଜା ରୂପେ ଅଭିଷିକ୍ତ ହୋଇଥିଲେ ।"

ଏହି ଘଟଣାର ସତ୍ୟତା ସମ୍ପର୍କରେ ଲେଖକ ଶ୍ରୀଯୁକ୍ତ ଦାମୋଦର ଦାସଙ୍କ ସହିତ ମୋର ଆଲୋଚନା ହୋଇଥିଲା । ଯେତେଦୂର ମନେହୁଏ, ବହୁ ଶ୍ରମରେ ତାଙ୍କ ଦ୍ୱାରା ସଂଗୃହୀତ ଏହି ସମ୍ବାଦ ସତ୍ୟତାର ନିକଟବର୍ତ୍ତୀ । ୧୯୭୭ ଖ୍ରୀଷ୍ଟାବ୍ଦରେ ତାଙ୍କର ଏହି ପୁସ୍ତକ ପ୍ରକାଶ ପାଇବା ପର୍ଯ୍ୟନ୍ତ ଅନ୍ୟ କୌଣସି ଆଲୋଚକ ଏହି କମସର ଗଡର ରାଜା ଭାବରେ ପ୍ରତିପାଦନ କରି ନ ଥିଲେ । ଉପେନ୍ଦ୍ର ଭଞ୍ଜ ନିଜକୁ ନରେଶ ବା ନୃପତି ଭାବରେ ପରିଚିତ କରାଇ ଥିବାରୁ, ଏହି କମସର ଗଡ଼ ସମ୍ପର୍କରେ ଏକ ବିଧିବଦ୍ଧ ଗବେଷଣା କରାଯିବା ଦରକାର ।

ଏ ପ୍ରସଙ୍ଗରେ, ପଣ୍ଡିତ ସୂର୍ଯ୍ୟନାରାୟଣ ଦାଶଙ୍କ ଅଭିମତ ଉପସ୍ଥାପନୀୟ—

"ଉପେନ୍ଦ୍ର ରାଜା ନୀଳକଣ୍ଠଙ୍କ ଜ୍ୟେଷ୍ଠପୁତ୍ର ଥିବାରୁ, ସେ ଯୁବରାଜ, ରାଜକୁମାର ପଦବୀ ବ୍ୟବହାର କରୁଥିଲେ । 'ରସପଞ୍ଚକ'ରେ କବି ନିଜକୁ ରାଜକୁମାର ବୋଲି ପରିଚୟ ଦେଇଛନ୍ତି । × × ପୁଣି, (ରସପଞ୍ଚକର) 'ଙ୍ଗ' ବୋଲିରେ × × ଉପେନ୍ଦ୍ର ନିଜକୁ ରାଜା ବୋଲି ପରିଚିତ କରାଇଛନ୍ତି ।

× × × ଏଥିରୁ ଅନୁମାନ ହେଉଛି, ଏହି ଗୀତ ରଚନା ବେଳକୁ କବିଙ୍କ ପିତାଙ୍କ କାଳ ହୋଇ ଯାଇଥିଲା ଏବଂ ପାଟକୁମାର ରାଜା ହେଲେ । 'ପାଟକୁମାର' ଭଣିତା ଥିବା ଗୀତର ଅବ୍ୟବହିତ ପରେ, 'ରାଜା' ଭଣିତା ଥିବା ଗୀତଟି ଗ୍ରନ୍ଥରେ ଥିବାରୁ ମନେ ହେଉଛି, ଏହି ଦୁଇଟିର ରଚନାକାଳ ମଧ୍ୟରେ ନୀଳକଣ୍ଠଙ୍କର ସ୍ୱର୍ଗବାସ ହୋଇଯାଇଛି । ପିତା ଜୀବାସନ କାଳରେ ମଧ୍ୟ ନିଜକୁ ରାଜା ବୋଲି ପରିଚିତ କରାଉଥିବାରୁ, ଉପେନ୍ଦ୍ର ନିଜକୁ ସେହି ପଦବୀରେ ପରିଚିତ କରାଇବା ସ୍ୱାଭାବିକ ।"

( ପୃ-୪୯୭—୪୯୮ )

ଏ ଅନୁମାନ ମଧ୍ୟ ଅସଙ୍ଗତ ମନେ ହେଉ ନାହିଁ । କେତେକ ସ୍ଥଳରେ ରାଜପରିବାରର ପ୍ରତିପତ୍ତିଶାଳୀ ପୁରୁଷ ବ୍ୟକ୍ତିଙ୍କୁ ମଧ୍ୟ ଲୋକେ 'ରାଜା' ବୋଲି କହିଥାଆନ୍ତି । କ୍ରମେ 'ରାଜା' ନ ହେବା ବ୍ୟକ୍ତିଠାରେ ମଧ୍ୟ, ତହିଁର ବୃତ୍ତି ପ୍ରୟୋଗ ହୋଇଯିବା ଅସମ୍ଭବ ବା ଅସ୍ୱାଭାବିକ ନୁହେ । ଏ ଦୃଷ୍ଟିରୁ ମଧ୍ୟ, ଠାଏ ଦୁଇଠା କବି ଏଭଳି ଲେଖି ଦେଇଥାଇ ପାରନ୍ତି । କିନ୍ତୁ, 'ରାଜା' ରୂପେ କବିଙ୍କର ଆତ୍ମପରିଚୟ ପ୍ରଦାନ ଭଞ୍ଜ-ସାହିତ୍ୟରେ ବିରଳ ।

ଏହା ଆଗରୁ କୁହାଯାଇଥିବା ତତ୍ତ୍ୱରୁ ଜଣାପଡ଼ିବ । ଭଞ୍ଜଙ୍କ ସମୟରେ ଓଡ଼ିଶାର ସାହିତ୍ୟ-ସାଗରରେ ଓଡ଼ିଆ ଭାଷାର ରଚନା ରୂପକ ନୌକାକୁ ନେଇ ଲକ୍ଷ୍ୟସ୍ଥଳରେ ପହଞ୍ଚାଇବା କଷ୍ଟକର ଥିଲା । ଚିଲିକା ପ୍ରଭୃତିରେ କିମ୍ବା ନଦୀମାନଙ୍କରେ ନୌକାଚାଳନା ଯେଉଁମାନେ ଦେଖିଛନ୍ତି, ମଙ୍ଗ ମୋଡ଼ିବାର ଅସଲ ଲକ୍ଷ୍ୟ ସେମାନେ ଅନୁଭବ କରିଥିବେ । ଠିକ୍ ଜାଗାରେ ଟିକିଏ ମଙ୍ଗ ମୋଡ଼ିଦେଲେ ନୌକା ଯାଇ ଲକ୍ଷ୍ୟସ୍ଥଳରେ ପହଞ୍ଚିଯାଏ । ଉପେନ୍ଦ୍ର ଭଞ୍ଜ ଓଡ଼ିଶାର ସାହିତ୍ୟ-ସାଗରରେ ଗୌରବ ପ୍ରତିଷ୍ଠାର ଡଙ୍ଗାକୁ, ନିଜର ମଙ୍ଗ ମୋଡ଼ିବାର ଶକ୍ତି ବଳରେ କପରି ନେଇ ଉଦ୍ଦେଶ୍ୟସିଦ୍ଧି-ଘାଟରେ ଲଗାଇ ଦେଇଛନ୍ତି, ତାହା ଦେଖିଲେ 'ମଙ୍ଗରାଜ' ରୂପେ ପରିଚିତ ହେବା ପାଇଁ ତାଙ୍କର ଶକ୍ତି ଓ ସମ୍ମାନରେ ସନ୍ଦେହ କରି ହୁଏ ନାହିଁ ।

## (୨୩) ଭଞ୍ଜ ନୃପତି ଥିଲେ କି ?

ଏହାର ଅବ୍ୟବହିତପୂର୍ବ ଆଲୋଚନାରେ, ଭଞ୍ଜଙ୍କର 'ମଙ୍ଗରାଜ' ଉପାଧିର ମର୍ମ ବିଷୟର ପ୍ରସଙ୍ଗରେ, 'ନୃପତି' ଶବ୍ଦର ତାତ୍ପର୍ଯ୍ୟ ପ୍ରତିପାଦିତ

ହୋଇ ସାରିଛି । ସୁତରାଂ, ଏଥିପାଇଁ ସ୍ୱତନ୍ତ୍ର ଆଲୋଚନା ଅନାବଶ୍ୟକ । ପଦେ କଥାରେ ଏତିକି କହିଲେ ଚଳିବ, ଉପେନ୍ଦ୍ର କମସର ଗଡ଼ର ଶାସକ ହିସାବରେ, ନୃପତି ଭାବରେ ଆତ୍ମପରିଚୟ ଦେଇଅଛନ୍ତି କି ନୃପ ନୀଳକଣ୍ଠ ଭଞ୍ଜଙ୍କର ପୁତ୍ରରୂପେ, ଯୁବରାଜ ଭାବରେ ନିଜକୁ ରାଜା ବୋଲି କହିଅଛନ୍ତି, ତାହା ଆପାତତଃ ପୂର୍ବ ଆଲୋଚନାରେ ସୂଚିତ କରାଯାଇଥିଲେ ମଧ୍ୟ ଏ ସମ୍ପର୍କରେ ଅଧିକ ଗବେଷଣା ଦରକାର ।

## (୨୪) ଭଞ୍ଜ କେତେ ବର୍ଷ ଜୀବିତ ଥିଲେ ?

ଭଞ୍ଜଙ୍କର ଜୀବନକାଳ ଘେନି ମତାନ୍ତର ଦେଖାଯାଏ । ଷୋଳଶ ବର୍ଷରୁ ଆରମ୍ଭ କରି ୭୦-୭୨ ବର୍ଷ ପର୍ଯ୍ୟନ୍ତ ବୟସ ସୀମା ନିରୂପିତ ହୋଇଥାଏ । ଅନେକେ ଦେଖାଇବାକୁ ଚାହାନ୍ତି ଯେ, ଭଞ୍ଜ ଅଳ୍ପ ବୟସ ବଞ୍ଚିଥିଲେ ମଧ୍ୟ ବହୁ ସଂଖ୍ୟାରେ କାବ୍ୟ-କବିତା ରଚନା କରିଛନ୍ତି । ତେଣୁ, ତାଙ୍କର ଶକ୍ତି ଅସାଧାରଣ । ଏହି ଦୃଷ୍ଟିରୁ ସେମାନେ ୪୦ ବର୍ଷରେ ଭଞ୍ଜଙ୍କର ଦେହାନ୍ତ ସମୟ ନିରୂପିତ କରିଯାଇଛନ୍ତି । କିନ୍ତୁ 'ନୀଳାଦ୍ରୀଶ ଚଉତିଶା'ର ଶେଷ ପଦରେ, ଜଗନ୍ନାଥଙ୍କ ନିକଟରେ ଭକ୍ତ-କବିଙ୍କର ଆତ୍ମନିବେଦନ ଦେଖିଲେ, ସେ ବହୁକାଳ ଜୀବିତ ଥିବା ହିଁ ପ୍ରତିଭାତ ହୁଏ । କବି ଲେଖିଛନ୍ତି—

"କ୍ଷୟ ତ ହେଲଣି ଏ ପିଣ୍ଡ
କ୍ଷାଳ ଏ ଜଞ୍ଜାଳର ଦଣ୍ଡ ।"

ଏଥିରୁ ଜଣାଯାଏ, ପିଣ୍ଡ କ୍ଷୟ ହୋଇ ଆସିବା ପର୍ଯ୍ୟନ୍ତ କବି ବଞ୍ଚିଥିଲେ । ଯାହାର ବୟସ ୭୦-୭୨ରୁ କମ୍ ନୁହେ, ସେ ଯଦି କହେ, ସେ ତାର ପିଣ୍ଡ କ୍ଷୟ ହୋଇଗଲଣି, ତାହା ଅସତ୍ୟ ଏବଂ ଅସମୀଚୀନ ପ୍ରତୀତ ହେବ । ଏ ଦୃଷ୍ଟିରୁ ଭଞ୍ଜଙ୍କର ଦୀର୍ଘଜୀବନ ଏହି ଆଭ୍ୟନ୍ତରୀଣ ପ୍ରମାଣରୁ ପ୍ରତିପାଦନ କରାଯାଇ ପାରିବ ।

ଏହାଛଡ଼ା, ଭଞ୍ଜ ଅତ୍ୟଳ୍ପ ବୟସ ବଞ୍ଚିଥିଲେ ବୋଲି ନୂଆଗଡ଼, ମାଳସାହି ବା ବାଣପୁର ପ୍ରଭୃତିରେ କିମ୍ବଦନ୍ତୀ ନାହିଁ । ଖବର ମିଳିଛି, ୧୭୩୩ ଖ୍ରୀଷ୍ଟାବ୍ଦରେ ତକି ଖାଁ ପୁରୀ ମନ୍ଦିର ଆକ୍ରମଣ କଲାବେଳକୁ ଉପେନ୍ଦ୍ର ଭଞ୍ଜ ଜୀବିତ ଥିଲେ ।

ଏହା ଯଦି ସତ୍ୟ ହୁଏ, ତାହାହେଲେ ତାଙ୍କର ବୟସ ସୀମା ୬୦-୬୫ ମଧ୍ୟରେ ହିଁ ନିରୂପିତ ହେବା ଯୁକ୍ତିସଙ୍ଗତ ମନେହୁଏ ।

## (୨୫) କେଉଁଠାରେ ଭଞ୍ଜଙ୍କର ଦେହାନ୍ତ ହୋଇଥିଲା ?

ଭଞ୍ଜ କେଉଁଠାରେ ଶେଷନିଃଶ୍ୱାସ ତ୍ୟାଗ କରିଥିଲେ ? ଏ ସମ୍ପର୍କରେ ସାଧାରଣତଃ ଶ୍ରୀକ୍ଷେତ୍ରର ନାମ ଉଲ୍ଲେଖ କରାଯାଇଥାଏ । ସେ ଥିଲେ ଜଗନ୍ନାଥଙ୍କର ପରମ ଭକ୍ତ । ତେଣୁ, ଶ୍ରୀକ୍ଷେତ୍ରରେ ତାଙ୍କର ଦେହାନ୍ତ ହେଉ ବୋଲି ସେ ଯେ କେବଳ ଆଶା ପୋଷଣ କରିଥିବେ, ତାହା ନୁହେଁ, ସେ ଦିଗରେ ଚେଷ୍ଟା ମଧ୍ୟ କରିଥିବେ । ବହୁ ଲୋକ ପ୍ରବୃଦ୍ଧ ବୟସରେ ଶ୍ରୀକ୍ଷେତ୍ରରେ ଅବସ୍ଥାନ କରିବାର ପରମ୍ପରା ଗଢ଼ି ଆସିଛି । ଅତଏବ, ଏ ଅନୁମାନ ସମୀଚୀନ ପ୍ରତୀତ ହୁଏ ।

ଏହା ବ୍ୟତୀତ, ଉପେନ୍ଦ୍ର ଭାରତ ବିଖ୍ୟାତ ଚିତ୍ରକୂଟ ଅଞ୍ଚଳ ଅନ୍ତର୍ବର୍ତ୍ତୀ ଅନସୂୟାଙ୍କ ଆଶ୍ରମରେ ପ୍ରାଣତ୍ୟାଗ କରିଥିବାର ସମ୍ବାଦ ମଧ୍ୟ କେହି କେହି ପାଇଛନ୍ତି ବୋଲି ଏ ଲେଖକ ଜାଣିବାକୁ ପାଇଛି । କିନ୍ତୁ, ବର୍ତ୍ତମାନ ସ୍ତରରେ ଏ ସମ୍ପର୍କରେ ବିଶେଷ କିଛି କୁହାଯାଇ ପାରିବ ନାହିଁ । ତା ୧ । ୧୨ । ୭୩ ରେ ଚିତ୍ରକୂଟ ଅଞ୍ଚଳ ବୁଲି ଦେଖିବାର ସୁଯୋଗ ଏହି ଲେଖକ ପାଇଥିଲା । ଶୁଣିବାକୁ ମିଳିଲା, ବହୁ ରାମଭକ୍ତ ସେ ଅଞ୍ଚଳରେ ଦେହାନ୍ତ ବାସନା ପୋଷଣ କରି ଶେଷ-ଜୀବନରେ ସେଠାକୁ ଯାଇଥାଆନ୍ତି । ଖବର ମିଳୁଛି ଯେ, ଭଞ୍ଜଙ୍କ ରଚିତ ଅନେକ ହିନ୍ଦୀ ଭଜନ ବିଳାସପୁର ଅଞ୍ଚଳରେ ବଞ୍ଚିରହିଛି । ଉପେନ୍ଦ୍ର ଭଞ୍ଜ ବାରମ୍ବାର ସେ ଅଞ୍ଚଳ ସହିତ ସମ୍ପର୍କ ରକ୍ଷା କରି ନ ଥିଲେ, ଏ କଥା ବୋଧହୁଏ ସମ୍ଭବପର ହୋଇ ନଥାନ୍ତା । ସୁତରାଂ, ଏ ଦିଗରେ ସ୍ୱତନ୍ତ୍ର ଗବେଷଣା ଆବଶ୍ୟକ । ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଭଞ୍ଜ-ସାହିତ୍ୟ ଗବେଷଣା ଲାଗି ସମୁଦ୍ୟତ ହେଉଥିବା ଦୃଷ୍ଟିରୁ, ଜଣେ କେହି ଗବେଷକ ସେ ଅଞ୍ଚଳକୁ ପ୍ରେରିତ ହୋଇ ଏ କ୍ଷେତ୍ରରେ ଆମ୍ଭମାନଙ୍କର ସନ୍ଦେହ ନିରାକରଣରେ ସାହାଯ୍ୟ କରିପାରନ୍ତେ । କଟକ 'କଳିଙ୍ଗ ଭାରତୀ' କିମ୍ବା ଅନ୍ୟ କୌଣସି ସଂସ୍ଥା ମଧ୍ୟ ଏ ଦିଗରେ ଆଶୁ ପଦକ୍ଷେପ ଗ୍ରହଣ କରିପାରନ୍ତେ ।

## (୨୭) ଭଞ୍ଜଙ୍କର ନାଟ୍ୟ ସଂଗୀତ ନିର୍ଦ୍ଦେଶନା

ଉପେନ୍ଦ୍ର ଭଞ୍ଜ କେବଳ ମହାକବି ନ ଥିଲେ, ନାଟ୍ୟ-ନିର୍ଦ୍ଦେଶନା କ୍ଷେତ୍ରରେ ମଧ୍ୟ ସେ ଧୁରନ୍ଧର ଥିବାର ଶୁଣାଯାଏ । ସେ ଯେଉଁ ସଙ୍ଗୀତ ସବୁ ଲେଖୁଥିଲେ, ତାକୁ ନାଚ ଦଳ ବା ନାଟ୍ୟସଂସ୍ଥାମାନଙ୍କ ଦ୍ୱାରା ପରିବେଷଣ କରାଉଥିଲେ । ଘୁମୁସରରେ 'ନେଟେଙ୍ଗୀ' ବୋଲି ଯେଉଁ ଗ୍ରାମ ଅଦ୍ୟାପି ରହିଅଛି, ତାହା 'ନାଟ ଗାଁ'ର ଅପଭ୍ରଂଶ ବୋଲି କେହି କେହି କହନ୍ତି । ଏହି ନାମକରଣ ଭିତରେ ସଙ୍ଗୀତ ଓ ନାଟ୍ୟ ଚର୍ଚ୍ଚାର ସଙ୍କେତ ପ୍ରକାଶ ପାଇଥାଏ ।

ଏହି ଗ୍ରନ୍ଥରେ ଅନ୍ୟତ୍ର ଭଞ୍ଜଙ୍କର ଏକ ବାକ୍ୟ ଉଦ୍ଧାର କରାଯାଇଛି, ଯହିଁରେ 'କ' ଠାରୁ 'କ୍ଷ' ପର୍ଯ୍ୟନ୍ତ ବର୍ଣ୍ଣାବଳୀ ଏକାଦିକ୍ରମେ ସନ୍ନିବେଶିତ ହୋଇ ରହିଛି । ତହିଁରେ ନାଟଯୋଗ୍ୟ ପ୍ରସ୍ତୁତ କରିବାର ସଙ୍କେତକୁ ଧରି କେହି କେହି ନାଟ୍ୟସଂସ୍ଥା ସଙ୍ଗେ ଭଞ୍ଜଙ୍କ ସମ୍ପର୍କର ଅନୁମାନ ବଡ଼ ଯୁକ୍ତିଯୁକ୍ତ ବୋଲି କହିଥାନ୍ତି ।

ରାଜାମାନେ ନିଜେ ନାଟକ ଲେଖି କିମ୍ବା ଅନ୍ୟ ଦ୍ୱାରା ଲେଖାଇ ବିଶିଷ୍ଟ ଉତ୍ସବ ଅବକାଶରେ ଅଭିନୀତ କରାଉଥିଲେ । ଓଡ଼ିଶାର ବିଶିଷ୍ଟ ସଂସ୍କୃତ ନାଟକ 'ଅନର୍ଘ ରାଘବ' ଠାରୁ ଆରମ୍ଭ କରି ପରବର୍ତ୍ତୀ ଯୁଗର ବହୁ ନାଟକ ପର୍ଯ୍ୟନ୍ତ ଏଥିର ଦୃଷ୍ଟାନ୍ତ ଦିଆଯାଇପାରେ । ଜଣକ ରାଜା 'ରାଧାପ୍ରେମଲୀଳା' ନାଟକର ଅଭିନୟ ଦିଗରେ ପ୍ରୋତ୍ସାହନ ଦେବା ଏ କାଳର ଏକ ବିଶିଷ୍ଟ ଘଟଣା । ଏବେ ବି ବହୁ ରାଜା-ରାଜୁଡ଼ାଙ୍କ ନାଟ୍ୟ-ପୃଷ୍ଠ-ପୋଷକତାର ବିବରଣୀ ବୟୋବୃଦ୍ଧ ନାଟ୍ୟକାରମାନଙ୍କଠାରୁ ଶୁଣିବାକୁ ମିଳେ । ସୁତରାଂ, ରାଜକବି ଧନଞ୍ଜୟ ଭଞ୍ଜଙ୍କ ପୌତ୍ର ଉପେନ୍ଦ୍ର ଭଞ୍ଜଙ୍କ ପକ୍ଷରେ ଏହା ଯେ ସହଜ ସାଧ୍ୟ ଥିଲା, କହିବା ଅନାବଶ୍ୟକ ।

## (୨୮) ଭଞ୍ଜେ ନ ଥିଲେ ଅଜିର ଜଗନ୍ନାଥ ମନ୍ଦିର ନ ଥାନ୍ତା କି ?

ସମଗ୍ର ହିନ୍ଦୁ-ଜଗତର ମହାମହିମମୟ ଉପାସନା-ପୀଠ ଆମର ବଡ଼ଦେଉଳ ( = ଶ୍ରୀ ମନ୍ଦିର = ଜଗନ୍ନାଥ ମନ୍ଦିର = ପୁରୀ ଦେଉଳ ) ଉପରେ ବହୁ ବାର

ଅ-ହିନ୍ଦୁ ଆକ୍ରମଣ ହୋଇଥିବାର ବିବରଣୀ ଐତିହାସିକମାନେ ଲିପିବଦ୍ଧ କରି ଯାଇଛନ୍ତି । ଏତବ ଅଯୋଧ୍ୟାବାସୀ ଓଡ଼ିଆ ସାଧୁ ଶ୍ରୀ ବଂଶୀଧର ଆଚାର୍ଯ୍ୟଙ୍କଠାରୁ ପ୍ରକାଶ ଯେ, ଶ୍ରୀ ମନ୍ଦିର ଉପରେ ଯେତେବେଳେ ପ୍ରଚଣ୍ଡ ଆକ୍ରମଣ ହେଲା, ରାଜପୁତ୍ର ଉପେନ୍ଦ୍ର ସୁଦୂର ଅଯୋଧ୍ୟା ଯାଇ, ସେଠାରୁ ବହୁ ସହସ୍ର ରାମାନନ୍ଦୀ ନାଗାଙ୍କୁ ଆଣି, ପୁରୀରେ ବାଘ ଆଖଡ଼ା, ହାତୀ ଅଖଡ଼ା ପ୍ରଭୃତି ସ୍ଥାପନ ପୂର୍ବକ, ସେମାନଙ୍କ ସହାୟତାରେ ବିଧର୍ମୀଙ୍କ ହାତରୁ ମନ୍ଦିରକୁ ରକ୍ଷା କରି ପାରିଥିଲେ । ଏହା ସତ୍ୟ ବୋଲି ପ୍ରମାଣିତ ହୋଇପାରିଲେ, ସମଗ୍ର ଭାରତର ଇତିହାସ ପାଇଁ ଏକ ବିଶିଷ୍ଟ ତଥ୍ୟ ଉପସ୍ଥାପିତ ହୋଇ ପାରିବ ।

ତଳେ ଓଡ଼ିଶାର ତିନି ଜଣ ଐତିହାସିକଙ୍କ ଗ୍ରନ୍ଥରୁ ପୁରୀ ମନ୍ଦିର ଉପରେ ଆକ୍ରମଣର ବିବରଣୀ ଉଦ୍ଧାର କରାଯାଉଛି—

## ଶ୍ରୀଯୁକ୍ତ କେଦାରନାଥ ମହାପାତ୍ର ଲେଖିଛନ୍ତି—

"ମୋଗଲ ସେନାଦ୍ୱାରା ଜଗନ୍ନାଥ ମନ୍ଦିର ଆକ୍ରମଣ × × ଏକ ପ୍ରସିଦ୍ଧ ଘଟଣା । ଏହାର ଗୁରୁତ୍ୱ ଉପଲବ୍ଧି କରିବା ପାଇଁ ସମସାମୟିକ ଇତିହାସର ଅନୁଧ୍ୟାନ ଆବଶ୍ୟକ । ଗଜପତି ମୁକୁନ୍ଦଦେବ (୧୬୫୮—୧୬୮୮) ଓ ତାଙ୍କ ପୁତ୍ର ଦିବ୍ୟସିଂହ ଦେବ ଉଭୟେ ବହୁ ହିନ୍ଦୁକୀର୍ତ୍ତି-ବିଧ୍ୱଂସୀ ଔରଙ୍ଗଜେବଙ୍କ ସମକାଳୀନ ଥିଲେ । ଉକ୍ତ ବାଦଶାହଙ୍କ ରାଜତ୍ୱ ଆରମ୍ଭରୁ ଭାରତର ଅନ୍ୟାନ୍ୟ ପ୍ରାନ୍ତରେ ଅବସ୍ଥିତ ବହୁ ପ୍ରସିଦ୍ଧ ଦେବାଳୟ ପରି, ଓଡ଼ିଶାର ଅନେକ ଦେବ-ମନ୍ଦିର ଧ୍ୱସ୍ତବିଧ୍ୱସ୍ତ କରାଯାଇ, ପ୍ରତ୍ୟେକ ପୀଠ ନିକଟରେ ଗୋଟିଏ ଲେଖାଏଁ ମସଜିଦ୍ ନିର୍ମିତ ହୋଇଥିଲା । ଗଜପତି ମୁକୁନ୍ଦ ଦେବଙ୍କ ରାଜତ୍ୱ କାଳରେ କେନ୍ଦ୍ରାପଡ଼ାର ବଳଦେବଙ୍କ ମନ୍ଦିର, ପିପିଲିର ବହୁ ଦେବାଳୟ, ଝଙ୍କଡ଼ର ପ୍ରସିଦ୍ଧ ସାରଳା ପୀଠ, ଯାଜପୁରର ଅନେକ ଦେବାଳୟ ଧ୍ୱଂସ କରାଯାଇ, ପ୍ରତ୍ୟେକ ସ୍ଥାନରେ ଗୋଟିଏ ଗୋଟିଏ ମସଜିଦ୍ ନିର୍ମିତ ହୋଇଥିବା ପୂର୍ବେ ବର୍ଣ୍ଣିତ ହୋଇଅଛି ।

ବିଚକ୍ଷଣ ଯୋଦ୍ଧା ଓ କ୍ଷମତାଶାଳୀ ସୁବାଦାର ଖାନ୍-ଇ-ଦୁରାନ୍ (୧୬୬୦—୧୬୬୭) ଗଜପତି ମୁକୁନ୍ଦ ଦେବ ଏବଂ ତାଙ୍କର ଅନୁଗତ ରାଜନ୍ୟମଣ୍ଡଳୀଙ୍କ ପ୍ରବଳ ପ୍ରତିରୋଧର ସମ୍ମୁଖୀନ ହେବାରୁ, ଜଗନ୍ନାଥ ମନ୍ଦିର ଆକ୍ରମଣ କରି ପାରି

ନ ଥିଲେ । ସାରଳା ପୀଠ ଓ ବିରଜା ପୀଠ ଧ୍ୱଂସକାରୀ ସୁବାଦାର ଆବୁନ୍ ନସର ଖାଁଙ୍କ (୧୬୮୩—୧୬୮୭) ପୁରୀ ମନ୍ଦିର ବିରୁଦ୍ଧରେ ଅଭିଯାନ ପିପିଲିଠାରେ ତାଙ୍କ ଡେରା ଉପରେ ଚଡ଼କ ପଡ଼ିବାରୁ, ବ୍ୟର୍ଥ ହୋଇଗଲା । ତାଙ୍କ ପରବର୍ତ୍ତୀ ସୁବାଦାର ନବାବ ଏକରାମ୍ ଖାଁ ବାଦଶାହ ଔରଙ୍ଗଜେବଙ୍କ ଆଦେଶରେ ଜଗନ୍ନାଥ ମନ୍ଦିର ଧ୍ୱଂସ ସାଧନ ଦ୍ୱାରା ଅକ୍ଷୟ ଯଶ ଲାଭ କରିବା ପାଇଁ ଦୃଢ଼ସଂକଳ୍ପ ହେଲେ ।

ନବାବ ଏକରାମ୍ ଖାଁଙ୍କ ବିଷୟ କଟକ ବାଲୁବଜାର ମସଜିଦ୍‌ରେ ଥିବା ଏକ ଫାର୍ଶୀ ଲେଖାରୁ ଜଣାଯାଏ । ଏଥିରେ ଲେଖାଅଛି ଯେ—"ଆଲମଗିର୍ (ଔରଙ୍ଗଜେବ)ଙ୍କ ରାଜତ୍ୱରେ ନୈଷ୍ଠିକ ମୁସଲମାନ ଓଡ଼ିଶାର ନାଜମ୍ ନବାବ ଏକରାମ୍ ଖାଁ ଖାନ୍-ଇ-ଖାନନ୍ ବାଲୁବଜାରରେ ଥିବା ମସଜିଦ୍ ୧୧୦୨ ହିଜରା ସନରେ ସାହାଜାଦୀ ବେଗମ୍ (ଜେବୁନିସା)ଙ୍କ ନାମରେ ଉତ୍ସର୍ଗ କରିଥିଲେ ।" ତେଣୁ ଏପରି ବିଶ୍ୱସ୍ତ କର୍ମଚାରୀଙ୍କ ଉପରେ ଜଗନ୍ନାଥ ମନ୍ଦିର ଭାଙ୍ଗିବା ଭାର ଦିଆଗଲା ।

ମୋଗଲ ଯୁଗର ଏକ ଇତିହାସରେ ଏହି ଆକ୍ରମଣର ନିମ୍ନଲିଖିତ ବିବରଣୀ ମିଳେ—

ବିଲ୍‌ଗ୍ରାମବାସୀ ମୀର ସଯ୍ୟଦ ମହାମୁଦ୍ ଜଣେ ସମ୍ମାନାସ୍ପଦ ବ୍ୟକ୍ତି ଥିଲେ ଏବଂ ସେ ଓଡ଼ିଶାର ନବାବ ଏକରାମ୍ ଖାଁଙ୍କ ଅଧୀନରେ କାର୍ଯ୍ୟ କରୁଥିଲେ । ଔରଙ୍ଗଜେବ ନବାବଙ୍କ ନିକଟକୁ ଜଗନ୍ନାଥ ମନ୍ଦିର ଧ୍ୱଂସ କରିବା ନିମିତ୍ତ ଆଦେଶ ପଠାଇବାରୁ ମନ୍ଦିର ତତ୍ତ୍ୱାବଧାରକ ରାଜା ଦିବ୍ୟସିଂହ ଦେବ ମୀର୍‌ଙ୍କୁ ନବାବଙ୍କ ସହିତ ମୁଲାକାତ କରାଇ ଦେବା ପାଇଁ ଅନୁରୋଧ କରିଥିଲେ । ରାଜା ମନ୍ଦିର ଭାଙ୍ଗି ବଡ଼ ମୂର୍ତ୍ତିଟି ବାଦଶାହଙ୍କ ନିକଟକୁ ପଠାଇବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ସେ ପ୍ରକୃତରେ ମନ୍ଦିରର ପ୍ରବେଶଦ୍ୱାର, ବୋଧହୁଏ ସିଂହଦ୍ୱାର ଉପରେ ଥିବା ରାକ୍ଷସ ମୂର୍ତ୍ତି ଓ ଦୁଇଟି ଗୁମ୍ବୁଟ (buttlements) ଭାଙ୍ଗି ପକାଇଲେ । ଚନ୍ଦନ କାଠରେ ନିର୍ମିତ ନେତ୍ରଦ୍ୱୟରେ ମୂଲ୍ୟବାନ ରତ୍ନଖଚିତ ଏକ ଦେବବିଗ୍ରହ ବିଜାପୁରରେ ଥିବା ସମ୍ରାଟ ଔରଙ୍ଗଜେବଙ୍କ ନିକଟକୁ ପଠା-ଯାଇଥିଲା । ସେଠାରେ ଏହି ବିଗ୍ରହଟି ମସଜିଦ୍‌ର ପାହାଚ ତଳେ ରଖାଯାଇଥିଲା ।

'ମାଦଳାପାଞ୍ଜି'ରେ ଏହି ଆକ୍ରମଣର ନିମ୍ନଲିଖିତ ବିବରଣୀ ମିଳେ :—

*ଏ ମହାରାଜାଙ୍କ ଅ ୭ ଙ୍କ ବୃଷଭ ଦି ୧୩ ନ ମୁଗଲ ଗୋଳରେ ଏ ଦିନ ପଳାଉଣି ନିମନ୍ତେ ରାତ୍ର ତିନ ପ୍ରହରଠାରେ ପରମେଶ୍ୱରରେ ଚତୁର୍ଦ୍ଧାମୂର୍ତ୍ତି ପହଣ୍ଡି ବିଜେ କଲେ । ଭିତର ବେଢ଼ାରେ ବିମଳାଙ୍କ ଘଣ୍ଟଆଡ଼ ବେଢ଼ାରେ ବିଜେ କଲେ । ଦକ୍ଷିଣ ଘରୁ ଦେବତାମାନେ ପୋକଲ (କୋକଲ) ଗଡ଼କୁ ବିଜେ କଲେ । ଏଦିନ ପାହାନ୍ତି ଅବକାଶେ ଦୁଇ ପ୍ରହର ଧୂପ ବଢ଼ିଲା ଉତ୍ତାରୁ ବଡ଼ ଠାକୁରଙ୍କ ବାଡ଼ରୁ ଆଜ୍ଞାମାନେ ହୋଇଲେ । ଏ ଦୁଇ ମାଳ ପଣ୍ଡ ଛଡ଼ା ନୋହି । ଚନ୍ଦନପୁର ନଅରକୁ ବିଜେ କଲେ । ବୃଷଭ ଦି ୧୯ ନେ ହରଣ ଏକାଦଶୀ ପଡ଼ଣା ଆଓରଙ୍ଗ ସାହାଙ୍କ ନବାବ ଏକରାମ ଖାଁ ଏହାଙ୍କଠାରୁ ଅଇଲା । ଏହା ଭାଇ ମରମସ୍ତ ଖାଁ ଜମାଉଲା ଏ ସଙ୍ଗତେ ଇମାମକୋଲି ଅସୁଆର ଗୋ ୫୦୦ଟା ସେନ । ରାଜା ଦିବ୍ୟସିଂହ ଦେବେ ବାରୁଲଗି ହୋଇଥାଇ ସିଂହଦ୍ୱାର ଗୁମୁଟ ଭାଙ୍ଗିଲେ । ଭୋଗମଣ୍ଡପରୁ ଚକ୍ର ନେଲେ । କାଠର ଜଗନ୍ନାଥ ପ୍ରତିମାକୁ ମୁଗଲେ ନେଲେ । ଦେଉଳ ସିଂହାସନ ଉପରକୁ ନବାବ ଭାଇ ଗଲା । ଦେଉଳ ସିଂହଦ୍ୱାର ଦକ୍ଷିଣ ଦ୍ୱାର ମୁଦ କଲା । ପରମେଶ୍ୱରେ ବିମଳାଙ୍କ ପିଠି ଆଡ଼ ବେଢ଼ାରେ ବିଜେ କରିଥିଲେ । ବେଳ ଦ୍ୱିପହର ଦଣ୍ଡକେ ନବାବ ଭାଇ ଜମାଉଲା ମଧ୍ୟ ଗଦାଧର ରାଏଙ୍କ ଉଆସେ ଥିଲେ । ରାଜା ଜଗନ୍ନାଥ ବିଦ୍ୟାଧର ମାପାତ୍ରଙ୍କ ଉଆସେ ବିଜେ କରିଥିଲେ । ସମସ୍ତେ ବେଳବୁଡ଼ି ସରିକି ନନ୍ଦନପୁର ଗଲେ ।

"ଟିକଡ଼ା ପୋଥିରେ ମଧ୍ୟ ଏ ଆକ୍ରମଣର ନିମ୍ନଲିଖିତ ବିବରଣ ମିଳେ । ଅ ୭ ଙ୍କ ବୃଷଭ ଦି ୧୭ ନ ଗୁରୁବାରେ ଏକରାମ ଭାଇ ଜମାଲ ଓ ଅବଦୁଲା ଖାଁ ଦୁଇ ଜଣ ବାଦସାହାଙ୍କ ହଜୁରରୁ ଆସି ରାଜାଙ୍କୁ ସଙ୍ଗେ ସେନ ପୁରୁଷୋତ୍ତମ ପଇଠ ହୋଇଲେ । ଦେଉଳ ମୁଖଶାଳା ଭଙ୍ଗାଇ ସିଂହଦ୍ୱାର ମୁଦାଇଲେ । ପରମେଶ୍ୱରଙ୍କ ସ୍ୱରୂପେ ତିନ ମୂର୍ତ୍ତି ଗଢ଼ାଇଲେ । ବଳଭଦ୍ର, ସୁଭଦ୍ରାଙ୍କୁ କୋଳେ ବସାଇଲେ । ଜଗନ୍ତ ମୂର୍ତ୍ତିକି ଜମାଲେଲଙ୍କୁ ସମର୍ପି ଦେଲେ । ସେ ଚମ ଦଉଡ଼ିରେ ବାନ୍ଧି ଗାଡ଼ିରେ ପକାଇ କଟକ ନେଇ ବାଦଶାହଙ୍କ ହଜୁରକୁ ପଠିଆଇ ଦେଲେ । ପରମେଶ୍ୱରଙ୍କୁ ବିମଳାକ୍ଷୀଙ୍କ ବେଢ଼ା ପଶ୍ଚିମେ ରଖିଦେଲେ । ସିଂହାସନେ ବିଜେ କରାଇ ଦକ୍ଷିଣ ଦ୍ୱାର ଶ୍ରେଷ୍ଠକବାଟ କାଟେ ଯାଇ ପୂଜା କଲେ । ଛତିଶା ନିଯୋଗ ବାହାର ଭୋଗ ମନା କଲେ । ନିଯୋଗ ବ୍ରାହ୍ମଣ ସତର ଜଣ ଗଣିତା କରି ଛାଡ଼ିଲେ । ନିତ୍ୟ ସାତ କାହାଣ ଭୋଗ ହୋଇ ସେମାନେ ଖାଉନ୍ତି । ବାହାରକୁ ମହାପ୍ରସାଦ ନ ଆଣନ୍ତି । ଏ ରୂପେ ହୋଇଥିଲା ।

"ପାଞ୍ଜୀ ଓ ଚକଡ଼ା ବର୍ଣ୍ଣିତ ନବାବ ଏକରାମ ଖାଁଙ୍କ ଆଦେଶରେ ଜଗନ୍ନାଥ ମନ୍ଦିର ଆକ୍ରମଣ ହୋଇଥିବା ମୋଗଲ ଇତିହାସ ଦ୍ୱାରା ସମର୍ଥିତ ହୁଏ । ମୋଗଲ ଇତିହାସର ମୀରସୟଦ୍ ମହମୁଦ୍, ଏକ ପଞ୍ଜିକାର 'ମରମସ୍ତ ଖାଁ' ଓ ଅନ୍ୟ ପଞ୍ଜିକାର 'ମରମଣ୍ତ ଖାଁ' ଭେଳି ଲେଖିଛନ୍ତି । ଇମାମ୍ କୋଲିର ଅର୍ଥ ଜଣାଯାଉ ନାହିଁ । ଚକଡ଼ାରୁ ଜମାଲ ଓ ଅଦ୍‌ଦୁଲ ଖାଁ ଦୁଇ ଜଣଙ୍କ ନାମ ମିଳେ । ଉଭୟ ଶ୍ରେଣୀର ବିବରଣରୁ ଜଣାଯାଏ ଯେ, ରାଜା ଦିବ୍ୟସିଂହ ଦେବ କୌଣସି ପ୍ରତିରୋଧ କରି ନ ଥିଲେ । ମୋଗଲ ବିବରଣ ଅନୁସାରେ ରାଜା ଦେଉଳ ଭାଙ୍ଗିବା ଜବାବ ଦେଇ ସିଂହଦ୍ୱାରରେ ଥିବା ଏକ ରାକ୍ଷସ ମୂର୍ତ୍ତି ଓ ଗୁମୁଟ ଭାଙ୍ଗିଦେଲେ ଏବଂ ଚନ୍ଦନ କାଠରେ ତିଆରି ରତ୍ନଖଚିତ ନେତ୍ର ଏକ ବିଗ୍ରହକୁ ମୋଗଲ ସେନାପତିଙ୍କୁ ଦେଲେ । ସେ ଏହାକୁ ବାଦଶାହଙ୍କ ବିଜାପୁର ମୁକାମ୍‌କୁ ପଠାଇ ଦେଲେ ।

"ପଞ୍ଜିକାରେ ଅଛି, "ସିଂହଦ୍ୱାର ଗୁମୁଟ ଭଙ୍ଗାଗଲା, ଭୋଗମଣ୍ଡପରୁ ଚନ୍ଦ ନେଲେ । କାଠର ଜଗନ୍ନାଥ ପ୍ରତିମାକୁ ମୋଗଲ ସେନାପତିଙ୍କୁ ଦିଆଗଲା । ପ୍ରକୃତ ଜଗନ୍ନାଥ ବିଗ୍ରହକୁ ପ୍ରଥମେ ବିମଳାଙ୍କ ପଛଆଡ଼ ବେଢ଼ାରେ ଲୁଚାଇ ରଖି ପରେ ସ୍ଥାନାନ୍ତରିତ କରିଥିଲେ । ଦେଉଳ ସିଂହଦ୍ୱାର ଓ ଦକ୍ଷିଣଦ୍ୱାର ମୁଦାଗଲା । ନବାବଙ୍କ ଭାଇ (ପ୍ରକୃତରେ ନବାବଙ୍କ କର୍ମଚାରୀ) ମୀର ସୟଦ ମହମ୍ମଦ ରତ୍ନ-ସିଂହାସନ ଉପରେ ଚଢ଼ିଗଲେ ।" ମୋଗଲ ବିବରଣ ଅପେକ୍ଷା ଏ କ୍ଷେତ୍ରରେ ପଞ୍ଜିକାର ବର୍ଣ୍ଣନା ଅଧିକ ସ୍ପଷ୍ଟ ଓ ଯୁକ୍ତିସଂଗତ ।

"ମୁସଲମାନ ଐତିହାସିକ ଏହି ଆକ୍ରମଣର ସମୟ ଦେଇ ନାହାଁନ୍ତି । କିନ୍ତୁ ପାଞ୍ଜୀରେ ଦିଆ ଯାଇଥିବା ବୃଷଭ (ବୃଷ) ୧୯ ହରଣ ଏକାଦଶୀ ତିଥି ୧୬୯୨ ମସିହା ମେ ମାସ ୧୬ ତାରିଖ ସହିତ ସମ୍ପୂର୍ଣ୍ଣ ରୂପେ ମେଳ ଖାଉଛି । ଏ ତାରିଖରେ ଜ୍ୟେଷ୍ଠ ଶୁକ୍ଳ ଏକାଦଶୀ, ସୋମବାର, ବୃଷ ୧୮ ଦିନ ହୋଇଥିଲା । ପାଞ୍ଜୀରେ ୧୯ ଦିନ ଥିବାରୁ ଦିନକର ପାର୍ଥକ୍ୟ ଧର୍ତ୍ତବ୍ୟ ନୁହେଁ । ସ୍ୱର୍ଗୀୟ ଐତିହାସିକ ସାର୍ ଯଦୁନାଥ ସରକାରଙ୍କ ଇତିହାସରୁ ଜଣାଯାଏ ଯେ ବାଦଶାହ ଔରଙ୍ଗଜେବ ୧୬୯୧ ମାର୍ଚ୍ଚ ମାସରୁ ୧୬୯୨ ମେ ମାସ ପର୍ଯ୍ୟନ୍ତ ବିଜାପୁରରେ ଅବସ୍ଥାନ କରୁଥିଲେ । ତେଣୁ ମେ ମାସରେ କାଠର ଜଗନ୍ନାଥ ପ୍ରତିମାକୁ ତାଙ୍କ ବିଜାପୁର ମୁକାମକୁ ପଠାଇଥିବା ମଧ୍ୟ ପ୍ରମାଣିତ ହୋଇ ଯାଇଛି ।

ଏହି ସ୍ମରଣୀୟ ଦିବସରେ ଜଣେ ମୁସଲମାନ ସେନାପତି ପ୍ରଥମ ଥର ହିନ୍ଦୁ-ସମାଜର ପୂଜ୍ୟ ଓ ନମସ୍ୟ ଜଗନ୍ନାଥ ମହାପ୍ରଭୁଙ୍କ ରତ୍ନ ସିଂହାସନ ଉପରେ ସଗର୍ବରେ ଦଣ୍ଡାୟମାନ ହେବା ପାଇଁ ସମର୍ଥ ହୋଇଥିଲେ । ପ୍ରବଳ ପରାକ୍ରାନ୍ତ ଆକ୍ରମଣକାରୀ ସମଗ୍ର ଭାରତର ଏକଚ୍ଛତ୍ର ଶାସକ ବାଦଶାହ ଔରଙ୍ଗ-ଜେବଙ୍କ ବିରୁଦ୍ଧରେ ଅସ୍ତ୍ରଧାରଣ କରିବାକୁ ଅସମର୍ଥ ଥିବାରୁ ଦିବ୍ୟସିଂହ ଦେବ ହିନ୍ଦୁ-ସମାଜର ପ୍ରଧାନ ଆରାଧ୍ୟ ଦେବତାଙ୍କ ପ୍ରତି ଏପରି ତୀବ୍ର ଅପମାନ ଅମ୍ଳାନ ବଦନରେ ସହ୍ୟ କରିବା ପାଇଁ ବାଧ୍ୟ ହୋଇଥିଲେ । ତାଙ୍କର ଏହି ସହିଷ୍ଣୁତା ଫଳରେ ଜଗନ୍ନାଥ ମନ୍ଦିର ନିଶ୍ଚିତ ଧ୍ୱଂସମୁଖରୁ ରକ୍ଷା ପାଇଗଲା ।”

( ଖୁର୍ଦ୍ଧା ଇତିହାସ—ପୃ-୧୨୭ ୧୩୧ )

## ଡକ୍ଟର ହରେକୃଷ୍ଣ ମହତାବ ଲେଖିଛନ୍ତି—

“ରାଜା କେଶୋଦାସ ନାମକ ଜଣେ ରାଜପୁତ୍ର ସେ ସମୟରେ ଓଡ଼ିଶାରେ ଜାୟଗିର ପାଇ ରହିଥିଲେ । ସେ ଅନ୍ୟମାନଙ୍କୁ ଅପେକ୍ଷା ନ କରି ଆଗଭର ହୋଇ ଲୁଣ୍ଠନ ଯୋଜନାକୁ କାର୍ଯ୍ୟରେ ପରିଣତ କରିବାକୁ ବାହାରିଥିଲେ । ପହିଲେ ଜଗନ୍ନାଥ ମନ୍ଦିରର ଅତୁଳ ଧନଭଣ୍ଡାର ଓ ଖୋର୍ଦ୍ଧା ରାଜାଙ୍କ ଉପରେ ଆଖି ପଡ଼ିଲା । ସେତେବେଳେ ଖୋର୍ଦ୍ଧାର ରାଜା ରାମଚନ୍ଦ୍ର ଦେବଙ୍କ ପୁତ୍ର ପୁରୁଷୋତ୍ତମ ଦେବ ଥିଲେ । ଆକବରଙ୍କ ମୃତ୍ୟୁ ପରେ ପରେ ମୋଗଲ ଦରବାରରେ ଖୋର୍ଦ୍ଧା ରାଜାଙ୍କ ସମ୍ମାନ ସମ୍ପୂର୍ଣ୍ଣରୂପେ ଲୋପ ପାଇ ଯାଇଥିଲା ।

“କେଶୋଦାସ ତୀର୍ଥ କରିବା ବାହାନାରେ ପୁରୀ ଯାଇ ଜଗନ୍ନାଥ ମନ୍ଦିର ଅଧିକାର କରି ନେଇ ମନ୍ଦିର ବେଢ଼ା ଭିତରେ ରହି ଭିତରୁ ଦରଜା ବନ୍ଦ କରି ଦେଇ ସେ ମନ୍ଦିରକୁ ଏକ ଦୁର୍ଗ ବନାଇ ଦେଲେ । ମନ୍ଦିରର କୋଟି କୋଟି ଟଙ୍କାର ସମ୍ପତ୍ତି ଲୁଣ୍ଠନ କଲେ । ପୁରୁଷୋତ୍ତମ ଦେବ ଏ ସମ୍ବାଦ ପାଇ ୧୦ ହଜାର ଅଶ୍ୱାରୋହୀ, ୩୫ ଲକ୍ଷ ପଦାତି ଓ ଅନେକ ରଥ ନେଇ ଖୋର୍ଦ୍ଧାରୁ ଆସିଲେ । ଏ ରଥ ସବୁରେ ସୈନ୍ୟ ଭରି ରହିଥିଲେ । ଏହା ହାତୀ ଓ ମନୁଷ୍ୟ ଦ୍ୱାରା ଟଣା ହେଉଥିଲା । ଏହି ରଥ ସାହାଯ୍ୟରେ ପାଚେରୀ ଡେଇଁବା ସୁବିଧା-ଜନକ ହେଉଥିଲା । ଏହିପରି ଦଶ ବାରଗୋଟି ରଥ ସାହାଯ୍ୟରେ ପୁରୁଷୋତ୍ତମଙ୍କ ସୈନ୍ୟମାନେ ମନ୍ଦିରର ପାଚେରୀ ଡେଇଁବାକୁ ଚେଷ୍ଟା କଲେ । ଭିତରୁ ରାଜପୁତ୍-

ମାନେ ଲମ୍ବ ଲମ୍ବ ବାଉଁଶ ଅଗରେ ନିଆଁ ପେଣ୍ଡୁ ଲା ଝାଙ୍କି ସେ ରଥମାନଙ୍କୁ ପୋଡ଼ି ଦେଲେ । ଖୋର୍ଦ୍ଧା ସୈନ୍ୟମାନେ ପାରିଲେ ନାହିଁ । ବିପୁଳ ଓଡ଼ିଶା ସୈନ୍ୟ-ବାହିନୀ କପରି ଅଳ୍ପ କେତେଜଣ ଦୁଷ୍ଟ ରାଜପୁତଙ୍କ ସମକକ୍ଷ ହୋଇ ନ ପାରିଲେ, ଏହା ଆଶ୍ଚର୍ଯ୍ୟର ବିଷୟ । ଯେତେଦୂର ଜଣାଯାଏ, ମୁସଲମାନମାନେ ପ୍ରଥମେ ହିନ୍ଦୁ ମନ୍ଦିର ଓ ଦେବାଦେବୀଙ୍କୁ ଅସମ୍ମାନ କରି ଯେପରି ହିନ୍ଦୁମାନଙ୍କୁ ନିରୁତ୍ସାହ କରି ଦେଇ ସେମାନଙ୍କୁ ସହଜରେ ଜୟ କରୁଥିଲେ, ଠିକ୍ ସେହି ମତ ଅବଲମ୍ବନ କରି କେଶୋଦାସ ଆଗେ ଜଗନ୍ନାଥ ମନ୍ଦିର ଉପରେ ହାତ ପକାଇଲେ । ନିଜର ପକ୍ଷେ ସର୍ବସ୍ୱ ଯାଉ, ଦେବାଦେବୀଙ୍କ ସମ୍ମାନ ରହୁ । ଏହି ବ୍ୟାକୁଳତା ଯୋଗୁଁ ଯେପରି ଧ୍ୱଂସକାରୀ ମୁସଲମାନଙ୍କ ଆଗରେ ମୁଣ୍ଡ ନୁଆଁଇଥିଲେ, ସେହି ବ୍ୟାକୁଳତା ପୁରୁଷୋତ୍ତମ ଦେବ ଓ ତାଙ୍କ ସେନାଙ୍କୁ ଘାରି ଯାଇଥିଲା । କେଶୋଦାସ ମନ୍ଦିର ଭିତରେ ପଶି ଖାଲି ଯେ ଲୁଣ୍ଠନ କଲେ, ତାହା ନୁହେ, ଦେବପୂଜା ମଧ୍ୟ ବନ୍ଦ କରି ଦେଇଥିଲେ । ଏଣୁ କୌଣସି ପ୍ରକାରେ ଦେବପୂଜା ଚାଲୁ, ଏହା ହିଁ ପୁରୁଷୋତ୍ତମଙ୍କ ପ୍ରଧାନ ଚିନ୍ତା । ସହଜେ ଯେତେବେଳେ ସେ ଦୁଷ୍ଟମାନଙ୍କୁ ମନ୍ଦିର ଭିତରୁ ବାହାର କରି ନ ପାରିଲେ, ସେତେବେଳେ ସେ ଜଗନ୍ନାଥଙ୍କ ପ୍ରତି ଭକ୍ତି ହେତୁ ସବୁ କିଛି କରିବା ପାଇଁ ପ୍ରସ୍ତୁତ ହୋଇଗଲେ । ଏ ପ୍ରକାର ଭ୍ରାନ୍ତ ପରାୟଣତାରେ ସେତେବେଳକାର ଭାରତୀୟ ଜନତାର ମନ ଆଚ୍ଛନ୍ନ ନ ଥିଲେ, ଆଜି ହୁଏ ତ ଭାରତର ଇତିହାସ ଭିନ୍ନ ପ୍ରକାରେ ଗଠିତ ହୋଇଥାନ୍ତା । ଯାହା ହେଉ, ପୁରୁଷୋତ୍ତମ ଦେବ ନିଜକୁ ଏତେ ପରାସ୍ତ ବୋଲି ମନେକଲେ ଯେ, ସେ ସନ୍ଧି କରିବା ପାଇଁ କେଶୋଦାସଙ୍କ ନିକଟକୁ ଦୂତ ପଠାଇଲେ ।

"ସନ୍ଧି ସର୍ତ୍ତସବୁ ଯାହା ସ୍ଥିର ହେଲା, ତାହା ଏହି:—(୧) ପୁରୁଷୋତ୍ତମଦେବ ନିଜର ଗୋଟିଏ କନ୍ୟାକୁ ବଧୂ ହିସାବରେ ଦିଲ୍ଲୀର ବାଦଶାହଙ୍କ ଅନ୍ତଃପୁରକୁ ପଠାଇବେ, (୨) ଭେଟି ସ୍ୱରୂପ ୩ ଲକ୍ଷ ଟଙ୍କା ଦେବେ, (୩) ନିଜର ଭଉଣୀକୁ କେଶୋଦାସଙ୍କ ସହିତ ବିବାହ କରାଇବେ, (୪) କେଶୋଦାସ ଓ ତାଙ୍କ ଲୋକଙ୍କୁ ଲକ୍ଷେ ଟଙ୍କା ଦେବେ । ଏହି ସନ୍ଧିରେ ପୁରୁଷୋତ୍ତମ ଅଗତ୍ୟା ସମ୍ମତ ହେଲେ । ଏଥିରୁ ସ୍ପଷ୍ଟ ପ୍ରମାଣିତ ହେବ, ସେତେବେଳର ଦେଶର ନୈତିକ ଅଧଃପତନ । କେଶୋଦାସ ୫୦ ଅଶ୍ୱାରୋହୀ ସୈନ୍ୟ ପୁରୀରୁ ଖୋର୍ଦ୍ଧା ଗଲେ ପୁରୁଷୋତ୍ତମଙ୍କ ଭଉଣୀଙ୍କୁ ବିଭାହେବା ପାଇଁ । ଯୌତୁକରେ ଯେ ହାତୀ ମିଳିଲା, ତା କେଶୋଦାସଙ୍କ ମନକୁ ନ ପାଇବାରୁ ସେ ବଳପୂର୍ବକ ପୁରୁଷୋତ୍ତମ ଦେବଙ୍କ ଛଅଟି ଉତ୍କୃଷ୍ଟ

ହାଣ୍ଡି ନେଇ, କାହାରିଠାରୁ ବିଦାୟ ନ ନେଇ ଗୁଳସିବାକୁ ବାହାରିଲେ । ଏଥିରେ ପୁରୁଷୋତ୍ତମ ଦେବଙ୍କ ଲୋକେ କେଶୋଦାସଙ୍କୁ ପ୍ରବଳ ବାଧା ଦେଲେ । ମାତ୍ର ସମସ୍ତ ବାଧା ଅତିକ୍ରମ କରି କେଶୋଦାସ କୌଣସି ପ୍ରକାରେ ପୁରୀରେ ଆସି ପହଞ୍ଚିଲେ । ଇତିମଧ୍ୟରେ କଟକରୁ ସାହାଯ୍ୟ ଆସି ପହଞ୍ଚି ଯାଇଥିଲା । କେଶୋଦାସ ନିରାପଦରେ କଟକ ଫେରିଲେ । ଏହି ଯେ 'ମହତ୍ତ୍ୱ କାର୍ଯ୍ୟ' କେଶୋଦାସ ସାଧନ କଲେ, ସେଥିପାଇଁ ତାଙ୍କୁ ଜାହାଙ୍ଗୀର ବହୁ ସମ୍ମାନରେ ଭୂଷିତ କଲେ ।

ଏଇଟି ବଡ଼ ଲୁଣ୍ଠନ ବୋଲି ଓ ଏହାର ଅପହୃତ ଧନ ବାଦଶାହଙ୍କ ପର୍ଯ୍ୟନ୍ତ ଗଲା ବୋଲି ଏହାର ବର୍ଣ୍ଣନା ଇତିହାସରେ ଅଛି । ଏହା ତୁଳନାରେ ଛୋଟ ଲୁଣ୍ଠନ ଯେ କେତେ ହୋଇଥିବ, ତା କିଏ ଜାଣେ ? ହାଶିମ୍ ଖାଁଙ୍କ କାର୍ଯ୍ୟକାଳ ଖ୍ରୀ: ୧୬୧୧ରେ ଶେଷ ହେଲା ।" (୧)

## ପଣ୍ଡିତ ସୂର୍ଯ୍ୟନାରାୟଣ ଦାଶ ଲେଖିଛନ୍ତି—

**"ଦେଉଳ ଉପରେ ପୁନର୍ବାର ଆକ୍ରମଣର ଆଶଙ୍କା :**—୧୬୧୫ ଖ୍ରୀଷ୍ଟାବ୍ଦରେ ଓଡ଼ିଶା ଲାଟ ରାଜା କଲ୍ୟାଣ ପୁରୁଷୋତ୍ତମ ଦେବଙ୍କ ବିରୁଦ୍ଧରେ ଅଭିଯାନ ଆରମ୍ଭ କଲେ । କଲ୍ୟାଣଙ୍କ ସୈନ୍ୟମାନଙ୍କ ଭିତରେ ବହୁସଂଖ୍ୟକ ମୁସଲମାନ ଥିବାରୁ ପୁରୁଷୋତ୍ତମ ଆଗରୁ ବଡ଼ ଦେଉଳ ଭିତରୁ ଠାକୁରମାନଙ୍କୁ ବାହାର କରି ଆଣି 'ଗୁରୁବାଦଇ'ଠାକୁ ନେଇ ଲୁଚାଇ ରଖିଲେ । କିନ୍ତୁ କଲ୍ୟାଣ ପୁରୁଷୋତ୍ତମଙ୍କ ଦ୍ୱାରା ସେହି ବର୍ଷ ପରାସ୍ତ ହେଲେ । ଖ୍ରୀ: ୧୬୧୭ରେ ନୂତନ ଲାଟ ମୁକରମ ଖାଁ ଖୋର୍ଦ୍ଧା ଆକ୍ରମଣ କରିଥିଲେ । ଠାକୁରମାନଙ୍କୁ 'ଗୁରୁବାଦଇ'-ଠାରୁ ବାଣପୁରକୁ ରାଜା ପୁରୁଷୋତ୍ତମ ନେଇଗଲେ ।

**"ମୁତାକଦ ଖାଁଙ୍କ ଆକ୍ରମଣ:**—ଖ୍ରୀ: ୧୬୫୬ରେ ଓଡ଼ିଶା ସୁବାଦାର ମୁତାକଦ ଖାଁ ଖୋର୍ଦ୍ଧା ରାଜା ପୁରୁଷୋତ୍ତମଙ୍କ ବିରୁଦ୍ଧରେ ସୈନ୍ୟ ପଠାଇଲେ ଏବଂ ଷଡ଼ଯନ୍ତ୍ର କରି ରାଜାଙ୍କ ଅଜା ଅନିରୁଦ୍ଧ ରାଏଙ୍କ ଦ୍ୱାରା ପୁରୀଠାରେ ରାଜାଙ୍କୁ

(୧) ଡକ୍ଟର ହରେକୃଷ୍ଣ ମହତାବଙ୍କ ଓଡ଼ିଶା ଇତିହାସ (୧୯୫୮) ପ୍ରଥମ ଖଣ୍ଡ ପୃ ୩୧୬—୩୧୭

ହତ୍ୟା କଲେ । ରାଜନଗର ଓ ବଡ଼ ଦେଉଳ ଭିତରେ ପଶି ବହୁ ଧନ ଲୁଣ୍ଠନ କଲେ ।

**"ଏକରାମ୍ ଖାଁଙ୍କ ଆକ୍ରମଣ**—ସମ୍ରାଟ ଆଓରଙ୍ଗଜେବ ବିଜାପୁରରେ ଥିବା ବେଳେ ଜଗନ୍ନାଥ ମନ୍ଦିରକୁ ଧ୍ୱଂସ କରିବା ପାଇଁ ଆଦେଶ ଦେଇଥିଲେ । ସେହି ଆଦେଶ ଅନୁଯାୟୀରେ ଏକରାମ୍ ଖାଁଙ୍କ ଜଣେ କର୍ମଚାରୀ ଖ୍ରୀ: ୧୬୯୮ରେ ପୁରୀ ଆକ୍ରମଣ କଲେ । ଖୋର୍ଦ୍ଧାର ରାଜା ଦିବ୍ୟସିଂହ ଦେବ ବଡ଼ ଦେଉଳକୁ ରକ୍ଷା କରିବା ପାଇଁ ବହୁ ଉଦ୍ୟମ କଲେ, କିନ୍ତୁ ପାରିଲେ ନାହିଁ । ଏକରାମ ଖାଁ ସିଂହଦ୍ୱାର କବାଟକୁ ଭାଙ୍ଗି ଭିତରେ ପଶିଲେ । ତାଙ୍କ ଭାଇ ମରମସ୍ତ ଖାଁ ଜ:ମାଉଲ ମନ୍ଦିର ଭିତରକୁ ପଶି ସିଂହାସନ ଉପରୁ ଠାକୁରମାନଙ୍କୁ ବାହାର କରି ଦେଇ ନିଜ ସାଙ୍ଗରେ ନେଇଗଲେ । ଦିବ୍ୟସିଂହ ଦେବ କୌଣସି ଉପାୟ ନ ଦେଖି ସହର ଭିତରେ ଲୁଚି ରହିଲେ । ଏକରାମ୍ ଖାଁ ଦେଉଳରୁ ବହୁ ସମ୍ପତ୍ତି ଲୁଟିକରି ନେଲେ । କିନ୍ତୁ ଏକରାମ ଖାଁଙ୍କ ଆକ୍ରମଣର ଆଶଙ୍କା କରି ଠାକୁରମାନଙ୍କୁ କୋକଲଗଡ଼କୁ ନେଇ ଯାଇଥିଲେ ବୋଲି ମାଦଳା ପାଞ୍ଜିରୁ ଜଣାଯାଏ । ଖ୍ରୀ: ୧୬୯୩ରେ ବଡ ତୋଫାନ ହେଲା । ସେଥିରେ ବଡ ଦେଉଳର ଚକ୍ର ଭାଙ୍ଗିଯାଇ ଭଣ୍ଡ ଗଣପତିଙ୍କ ଆଗରେ ପଡ଼ିଲା । ବେଢ଼ା ଭିତର ବହୁତ ମନ୍ଦିରର ଶିଖା ଭାଙ୍ଗିଗଲା ।

**"ସୁଜାଉଦ୍ଦିନ୍‌ଙ୍କ ଆକ୍ରମଣ** :—ଖ୍ରୀ: ୧୭୨୩ରେ ଓଡ଼ିଶାର ଲାଟ ସୁଜାଉଦ୍ଦିନ୍ ଖୋର୍ଦ୍ଧା ରାଜାଙ୍କ ବିରୁଦ୍ଧରେ ଅଭିଯାନ କରି ପୁରୀ ଆକ୍ରମଣ କଲେ । ବଡ଼ ଦେଉଳର ସିଂହଦ୍ୱାର କବାଟ ଭାଙ୍ଗି ମନ୍ଦିର ଭିତରେ ପଶି ବହୁ ମୂଲ୍ୟବାନ ସମ୍ପତ୍ତି ଲୁଟି କରି ନେଲେ ।

**"ବଡ଼ ଦେଉଳ ଚୂନ** :—(ଖ୍ରୀ: ୧୭୧୫) ଖୋର୍ଦ୍ଧା ରାଜା ହରେକୃଷ୍ଣ ଦେବ ୩ ଅଙ୍କରେ ଧର୍ମୁ ହରିଚନ୍ଦନଙ୍କ ତତ୍ତ୍ୱାବଧାନରେ ବଡ଼ ଦେଉଳ ଚୂନ କଲେ । ଭଗବାନ ଭ୍ରମରବର ଭିତର ଦୁଆରଠାରୁ ଜଗମୋହନ ପାହାଚ ପର୍ଯ୍ୟନ୍ତ ଅଷ୍ଟଖଣ୍ଡା ପାହାଚ ଗଢ଼ାଇଲେ ।

**"ତକି ଖାଁଙ୍କ କୁଦୃଷ୍ଟି** :—ଓଡ଼ିଶାର ଲାଟ ତକି ଖାଁ ଖୋର୍ଦ୍ଧା ରାଜାଙ୍କ ଅର୍ଦ୍ଧ-ସ୍ୱାଧୀନତାକୁ ଆଦୌ ପସନ୍ଦ କରୁ ନ ଥିଲେ । ଜଗନ୍ନାଥ ମନ୍ଦିର ପ୍ରତି ମଧ୍ୟ ତାଙ୍କର କଡ଼ା ନଜର ଥିଲା । ଖୋର୍ଦ୍ଧା ରାଜା ଏହା ବୁଝିପାରି ତକି ଖାଁଙ୍କ

ମନ୍ଦିର ଆକ୍ରମଣ ଆଶଙ୍କାରେ ଠାକୁରମାନଙ୍କୁ ଦେଉଳରୁ ବାହାର କରି ନେଇ ଚିଲିକା ଭିତରେ ହରିଶଙ୍କର ମଣ୍ଡପରେ କେତେ ବର୍ଷ ଲୁଚାଇ ରଖିଲେ । ପୁଣି ରାଜା ରାମଚନ୍ଦ୍ର ଦେବଙ୍କ ଅମଳରେ ଖ୍ରୀ: ୧୭୩୩ରେ ତକି ଖାଁ ମନ୍ଦିର ଆକ୍ରମଣ କରିବାର ଆଶଙ୍କା ହେବାରୁ, ରାଜା ଠାକୁରମାନଙ୍କୁ ଚିକାଇଲେ ଲୁଚାଇ ରଖିଲେ ।"

( ଶ୍ରୀ ଜଗନ୍ନାଥ ମନ୍ଦିର, ପୃ-୨୩୧-୨୩୩ )

ଏ ସମସ୍ତ ବିବରଣୀରୁ ଜଣାଯାଏ, ଭଞ୍ଜଙ୍କ ସମୟରେ ପୁରୀ ମନ୍ଦିର ଘୋରତର ସଙ୍କଟର ସମ୍ମୁଖୀନ ହୋଇଥିଲା । ଭଞ୍ଜେ ଜଗନ୍ନାଥଙ୍କର ଭକ୍ତ ଥିଲେ । ଅଯୋଧ୍ୟା ଅଞ୍ଚଳ ସଙ୍ଗେ ତାଙ୍କର ସମ୍ପର୍କ ଥିଲା ଏବଂ ବଡ଼ ଦେଉଳର ବିପତ୍ତିରେ ସେ ଅନୁକମ୍ପିତ ହୋଇ ଉଠିଥିବେ । ଏ ସବୁ କଥା ଆଖିରେ ରଖି, ଉପେନ୍ଦ୍ରଙ୍କ ଦ୍ୱାରା କଳସ୍ତ ନାଗାମାନଙ୍କର ଉତ୍କଳ ଆନୟନ ଓ ପୁରୀର ଆଖଡ଼ାମାନଙ୍କରେ ସେମାନଙ୍କର ପ୍ରତିଷ୍ଠାପନ ତଥା ସେମାନଙ୍କ ଦ୍ୱାରା ତକି ଖାଁ (?) ଙ୍କର ଆକ୍ରମଣରୁ ମନ୍ଦିରକୁ ଧ୍ୱଂସମୁଖରୁ ରକ୍ଷା କରିବାର ଇତିହାସ ଯେନ ଗଭୀର ଗବେଷଣା ଦରକାର । ଏ ଅବସ୍ଥାରେ, ଏହି ନବ-ସମ୍ବାଦ ସମ୍ପର୍କରେ ଅଧିକ କିଛି କହି ହେଉ ନାହିଁ ।

## (୨୮) ଉପେନ୍ଦ୍ର ଭଞ୍ଜଙ୍କ ବହୁଭାଷା ଫର୍ମୁ୍ୟଲା

କବିସମ୍ରାଟ୍ ଉପେନ୍ଦ୍ର ଭଞ୍ଜ ଓଡ଼ିଆ ଭାଷାର ଏକନିଷ୍ଠ ସାଧକ ଓ ସେବକ ଥିଲେ । ତଥାପି, ଅନ୍ୟ ଭାଷା ଶିକ୍ଷା କରିବା ପାଇଁ ତାଙ୍କର ଗଭୀର ଆଗ୍ରହ ଥିଲା । କିଛିକାଳ ପୂର୍ବେ, ଭାରତ ସରକାର ଏକ ତ୍ରିଭାଷୀ ଫରମୁ୍ୟଲ କାର୍ଯ୍ୟକାରୀ କରିଥିଲେ । ତଦନୁସାରେ ଭାରତର ବିଭିନ୍ନ ପ୍ରଦେଶର ଲୋକେ ନିଜର ମାତୃଭାଷା ସହିତ ଅନ୍ୟ ଦୁଇଟି ଭାଷା ଶିକ୍ଷା କରିବାର ପରିକଳ୍ପନା ଥିଲା । ଉପେନ୍ଦ୍ର ଭଞ୍ଜ ପ୍ରାୟ ତିନି ଶହ ବର୍ଷ ପୂର୍ବେ ଏଭଳି ଏକ ଆଭିମୁଖ୍ୟର ସ୍ପଷ୍ଟ ସଙ୍କେତ ଦେଇଥିଲେ । ସେ ତାଙ୍କ 'ବୈଦେହୀଶ ବିଳାସ' ଏବଂ 'ଚିତ୍ରକାବ୍ୟ ବନ୍ଧୋଦୟ' କାବ୍ୟଦ୍ୱୟରେ ବହୁଭାଷା ଜ୍ଞାନର ପରିଚୟ ଦେଇଛନ୍ତି, ଯଥା— ଓଡ଼ିଆ, ସଂସ୍କୃତ, ବଙ୍ଗଳା, ତେଲୁଗୁ, ଖରୋଷ୍ଠି । ଯେପରି ମନେହୁଏ, ଏହାର

ଭିତରେ ଭାରତ ସରକାରଙ୍କ ତ୍ରିଭାଷୀ ଫରମୁଲା ଟିକିଏ ବିସ୍ତାରିତ ରୂପରେ ପ୍ରକାଶଲାଭ କରିଅଛି । ଭାଷା ଓ ସାହିତ୍ୟ-ରାଜ୍ୟରେ ଯେଉଁମାନେ ନିଜର ପ୍ରାଣପୁରୁଷ ପାଇଁ ସ୍ଥାୟୀ ବାସଭବନ ନିର୍ମାଣ କରିବାକୁ ଇଚ୍ଛୁକ, ସେମାନେ କେବଳ ନିଜର ମାତୃଭାଷାକୁ ସମ୍ମାନ ଦେଖାଇ, ଅନ୍ୟ ଭାଷାମାନଙ୍କ ପ୍ରତି ବିମୁଖତା ପ୍ରଦର୍ଶନ କରି ନ ପାରନ୍ତି । ଏପରିକି, ଆଜିର ବିଶ୍ୱବିଖ୍ୟାତ ଇଂରାଜୀ ଭାଷା ଯେଉଁମାନଙ୍କ ଦ୍ୱାରା ଉଦ୍ଭାବିତ ଓ ଅଭିବର୍ଦ୍ଧିତ, ସେମାନେ ମଧ୍ୟ ଅନ୍ୟ ଭାଷାମାନଙ୍କର ଶିକ୍ଷା ଦିଗରେ ଆଗ୍ରହ ପ୍ରକାଶ କରୁଅଛନ୍ତି । ଆମେରିକାର ସୁବିଖ୍ୟାତ ଲେଖକ **L. R. Brown** ତାଙ୍କର **'World without Borders'** ରେ ଇଂରାଜୀ ଭାଷାର ସର୍ବବ୍ୟାପିନୀ ଶକ୍ତି ପ୍ରତିପାଦନ କରିବା ସଙ୍ଗେ ସଙ୍ଗେ ଲେଖିଛନ୍ତି—

**"Even while recognizing that English is well on its way to becoming a universal language, English-speaking people must not disregard other languages. X X X Only by learning a language other than one's mother-tongue can the cultural basis of the language barrier be fully appreciated." (1)**

ଏହାର ଅର୍ଥ—ଇଂରାଜୀ ଭାଷା ଯଦିଓ ସମଗ୍ର ବିଶ୍ୱର ଏକ ଭାଷା ହେବାକୁ ଯାଉଛି, ତଥାପି, ଏହି ଭାଷାଭାଷୀମାନେ ଅନ୍ୟ ଭାଷାମାନଙ୍କୁ ଅନାଦର କରିବା କିମ୍ବା ହୀନଦୃଷ୍ଟିରେ ଦେଖିବା ଉଚିତ ହେବ ନାହିଁ । ବରଂ, ନିଜର ମାତୃଭାଷା ଛଡ଼ା ଅନ୍ୟର ଭାଷା ଶିକ୍ଷା କରିବା ଦ୍ୱାରା ହିଁ ଭାଷା-ବେଷ୍ଟନୀର ବା ବାଧାର ଯଥାର୍ଥ ସାଂସ୍କୃତିକ ଉପଲବ୍ଧି ସାଧନ କରାଯାଇପାରେ ।

କିଛିଦିନ ତଳେ ଭାରତ ସରକାର ଏହି ଆଦର୍ଶ ଦୃଷ୍ଟିରୁ ଏକ ତ୍ରିଭାଷୀ ଫରମୁଲାର ପରିକଳ୍ପନା କରିଥିଲେ । କିନ୍ତୁ, ପ୍ରାୟ ତିନି ଶହ ବର୍ଷ ତଳେ ଓଡ଼ିଶାର କବିସମ୍ରାଟ୍ ଏକ ପଞ୍ଚଭାଷୀ-ଫରମୁଲା ତଥା ବହୁଭାଷୀ ଫରମୁଲାର ଆବଶ୍ୟକତା ଅନୁଭବ କରିଥିଲେ । ସେଥିପାଇଁ ସେ 'ବୈଦେହୀଶ ବିଳାସ'ରେ ଏବଂ 'ଚିତ୍ରକାବ୍ୟ ବନ୍ଧୋଦୟ'ରେ ଓଡ଼ିଆ ସହିତ ଅନ୍ୟ କେତୋଟି ଭାଷା ବ୍ୟବହାର

**(1) World without Borders—p. 274.**

କିନ୍ତୁ, ଭାରତର ବିଭିନ୍ନ ଭାଷାଭାଷୀମାନଙ୍କ ପାଇଁ ଭାବାତ୍ମକ ସମନ୍ୱୟର ପଥ ସୁଗମ କରି ଦେଇଛନ୍ତି ।

ଏ ସମ୍ପର୍କରେ ଏହି ଗ୍ରନ୍ଥର ପୃ-[illegible] [illegible] ଏବଂ ପୃ-୪୧୭ର ନିମ୍ନ-ଭାଗରେ ପ୍ରଦତ୍ତ ଉଦ୍ଧୃତି ପ୍ରତି ପାଠକମାନଙ୍କର ଦୃଷ୍ଟି ଆକୃଷ୍ଟ କରାଯାଇପାରେ । ସର୍ବ ଦେବଦେବୀ ସମନ୍ୱିତ-ବିଗ୍ରହ ଜଗନ୍ନାଥଙ୍କ ଦେଶରେ ଜନ୍ମିଥିବାରୁ ସର୍ବ-ଭାରତର ଆତ୍ମିକ-ସଂହତିବିଧାନ ବାସନାରେ ଓଡ଼ିଆ କବିଙ୍କର ଅନ୍ତର ଏଭଳି ଭାଷାଗତ ଉଚ୍ଚ ଆଦର୍ଶରେ ଅଭିମନ୍ଥିତ ହୋଇଥିଲା ପରା !!

## (୨୯) ଭଞ୍ଜଙ୍କର ସଂସ୍କୃତ ରଚନା

ଉପେନ୍ଦ୍ର ଭଞ୍ଜଙ୍କର ସଂସ୍କୃତ ରଚନା ସମ୍ପର୍କରେ ଏହି ଆଲୋଚନାର ପୃଷ୍ଠା ୪୫୮ ଠାରୁ ୪୬୦ ମଧ୍ୟରେ କେତେକ କଥା କୁହାଯାଇଛି । ସୁତରାଂ, ଏ ପ୍ରସଙ୍ଗରେ ସେହି ଅଂଶ ଦ୍ରଷ୍ଟବ୍ୟ ।

## (୩୦) ଉପେନ୍ଦ୍ର ଭଞ୍ଜଙ୍କର ଚରିତ୍ର

କବିମାନେ ନିଜ ନିଜକୁ କାବ୍ୟରେ ପ୍ରକାଶ କରିଥାନ୍ତି । କେବଳ ସେମାନଙ୍କ ପ୍ରତିଭା ଯେ କେତେକ ପରିମାଣରେ ସାହିତ୍ୟ ସର୍ଜନ ମଧ୍ୟରେ ପ୍ରକଟିତ ହୋଇଥାଏ, ତାହା ନୁହେଁ, ସେମାନଙ୍କର ଚରିତ୍ର ମଧ୍ୟ ତହିଁ ସଙ୍ଗେ ସଙ୍ଗେ ଉଣା ଅଧିକ ଭାବରେ ଫୁଟି ଉଠିଥାଏ । ଏହା ଆଜି ଏକ ସାର୍ବଜନୀନ ସତ୍ୟରୂପେ ପରିଗୃହୀତ । କବି-ସମ୍ରାଟ୍ ଉପେନ୍ଦ୍ର ଭଞ୍ଜଙ୍କ ଚରିତ୍ରଗତ କେତୋଟି ବିଷୟ ବିଷୟ ସଂପ୍ରତି ତାହାଙ୍କର ନିନ୍ଦୁକ ଓ ସ୍ତାବକଙ୍କ ମୁଖରେ ବିକୃତରୂପେ ବିବୃତ ହେଉଥିବାର ଉପଲବ୍ଧ ହୁଏ । ମାୟା ଶବଳିତ ଜଗତରେ ସଂପୂର୍ଣ୍ଣ ଦୋଷବିନିର୍ମୁକ୍ତ ବସ୍ତୁର ଅଭାବ ସ୍ୱୟଂସିଦ୍ଧ । ମନୁଷ୍ୟଠାରେ କାୟିକ, ବାଚିକ ଓ ମାନସିକ ଦୋଷ ଯେ ଅବଶ୍ୟ ରହିବ, ଏଥିରେ ସନ୍ଦେହର ଅବକାଶ ନାହିଁ । ସେହି ହେତୁରୁ, ଆମର ଆଲୋଚ୍ୟ କବିଙ୍କର ଯେ ଆଦୌ ଚାରିତ୍ରିକ ଦୋଷ ନ ଥିଲା, ଏ କଥା ଆଦୌ କୁହାଯାଇ ନ ପାରେ । ତାଙ୍କର ସ୍ତାବକମାନେ ତାଙ୍କୁ ଚାରିତ୍ରିକ ଭୂମିମାର

ହିମାଚଳ ଚୂଡ଼ାରେ ସ୍ଥାପିତ କଲାବେଳେ, ବିରୁଦ୍ଧବାଦୀମାନେ ଏକାବେଳକେ ପ୍ରତିକୂଳ ମତ ଓ ମନ୍ତବ୍ୟ ପ୍ରକାଶ କରୁଥିବାର ଦେଖାଯାଏ । ମୂଳରୁ କହି-ରଖିବା ଉଚିତ, ସେ ଭଳି 'ଚରମ ମତ' ସତ୍ୟ ଉପରେ ପ୍ରତିଷ୍ଠିତ ନୁହେ ।

ଉପେନ୍ଦ୍ରଙ୍କ ଜୀବନୀ ଆଲୋଚନା କଲେ ପ୍ରତୀୟମାନ ହୁଏ ଯେ, ଇତିହାସ ତାଙ୍କ ସଂପର୍କରେ ତଥ୍ୟମାନ ଲିପିବଦ୍ଧ କରି ରଖି ନାହିଁ । 'ଘୁମୁସର ଇତିହାସ'ର ଲେଖକମାନଙ୍କ ଲେଖନୀ ମୁନରେ ଯାହା ଫୁଟିଉଠିଛି, ତାହା ଏକାନ୍ତ ସଂକ୍ଷିପ୍ତ । ସୁତରାଂ, କବିଙ୍କ କାବ୍ୟମାନଙ୍କରୁ ଉପଲବ୍ଧ ପ୍ରମାଣ ସଂଗ୍ରହ କରିବାକୁ ପଡ଼ିବ । ଐତିହାସିକମାନେ କିମ୍ବଦନ୍ତୀକୁ ମଧ୍ୟ ବିଶିଷ୍ଟ ସ୍ଥାନ ଦେଉଥିବାରୁ ଯେଉଁ ଯେଉଁ ଜନଶ୍ରୁତିରେ ଭଞ୍ଜଙ୍କର ଗୁଣ ଦୋଷାଦି ପ୍ରତିଫଳିତ, ସେଗୁଡ଼ିକ ପ୍ରତି ମଧ୍ୟ ଦୃଷ୍ଟି ଦେବାକୁ ପଡ଼ିବ । ଏ ସ୍ଥଳରେ ଉପେନ୍ଦ୍ର ଭଞ୍ଜଙ୍କର ସମ-ସାମୟିକ, ଅଥଚ ବୟୋଜ୍ୟେଷ୍ଠ, କବି-କଳାକର ଦୀନକୃଷ୍ଣ ଦାସଙ୍କର ପଦ-ଲାଳିତ୍ୟ ସେତେବେଳେ ମଧ୍ୟ ଭଞ୍ଜ ମୁଖରେ ପ୍ରଶଂସିତ ହୋଇଥିବାର କୁହାଯାଇ-ଥାଏ । କବିତାରେ ଲାଳିତ୍ୟର ପରମ ଉପାସକ କବିସମ୍ରାଟ୍ ଉପେନ୍ଦ୍ର ଗୀତ-ଗୋବିନ୍ଦକାର ଜୟଦେବଙ୍କୁ ତଥା ନିଜର ସମକାଳୀନ ଦୀନକୃଷ୍ଣଙ୍କୁ କିପରି ସମ୍ମାନ ଦେଖାଇଥିଲେ, ତାହା ଆଜିସୁଦ୍ଧା ଲୋକମୁଖରେ ଉଜ୍ଜୀବିତ ଗୋଟିଏ 'ପଦରୁ' ଜଣାଯାଏ । ଭଞ୍ଜ ଏହା କହିଥିବାର ଶୁଣାଯାଏ :—

"କହେ ଉପେନ୍ଦ୍ର ଶିର ଟେକି ବେନି ବାହାକୁ
କବିପଣେ ରବିତଳେ ନ ଗଣେ ସେ କାହାକୁ ।
ଦୀନକୃଷ୍ଣ ଜୟଦେବ ପୟରେ ତା ଶରଣ
ଆନ କବିମାନଙ୍କର ମୁଣ୍ଡେ ବାମ ଚରଣ ।"

ବିଜୟ ଚନ୍ଦ୍ର ମଜୁମଦାର ନିଜର 'ଓଡ଼ିଆ ସାହିତ୍ୟ ପରିଚୟ' ( Typical Oriya Selections ) ୨ୟ ଭାଗରେ ଏହି ପଦଟି ଉଦ୍ଧାର କରି କବିଙ୍କ ଉପରେ ଗୁରୁତର ଗ୍ୱରଣିକ ଦୋଷ ଆରୋପ କରିଛନ୍ତି । ଅଥଚ, ପ୍ରକୃତରେ ଭଞ୍ଜଙ୍କ ଉଦାର ଚରିତ୍ର-କକ୍ଷର ରୁଦ୍ଧଦ୍ୱାର ଉଦ୍‌ଘାଟିତ କରିବାକୁ ହେଲେ, ଏହି ଗୋଟିକ ପଦ ହୁଏ ତ କୁଞ୍ଚିକା ତୁଲ୍ୟ ବିବେଚିତ ହେବ । ଅଧ୍ୟାପକ ଆର୍ତ୍ତବଲ୍ଲଭ ମହାନ୍ତି 'ଲାବଣ୍ୟବତୀ' ମୁଖବନ୍ଧରେ ଲେଖିଛନ୍ତି— "ଆମ୍ଭେମାନେ କହୁ, ଏହା କସ୍ମିନ୍‌କାଳେ ଉପେନ୍ଦ୍ରଙ୍କ ଉକ୍ତି ହୋଇ ନ ପାରେ । ଉପେନ୍ଦ୍ର

ଏପରି ଅହଂକାଶ୍ରି ନ ଥିଲେ । ପୁନଶ୍ଚ ଏ ପଦ ଦୁଇଟି ଜଣେ ହୀନ ଧରଣର ପଦ୍ୟ-ରଚକର ରଚନା ରୂପେ ପ୍ରତୀତ ହୁଏ।" (୧) ଏହା ଲେଖିବା ପରେ ଆର୍ତ୍ତବଲ୍ଲଭ ଉପେନ୍ଦ୍ରଙ୍କର ବିନୟପୂର୍ଣ୍ଣ କେତୋଟି ପଦ ଉଦ୍ଧାର କରି, ଭାରତର କବିସମ୍ରାଟ୍ କାଳିଦାସଙ୍କ ସଙ୍ଗେ ତାଙ୍କ ନମ୍ରତା, ଆତ୍ମଗ୍ଲାନି ଓ ବିନୟର ତୁଳନା କରିଛନ୍ତି ।

ଏକ ଦିଗରେ ବିଜୟଚନ୍ଦ୍ର, ଅନ୍ୟ ଦିଗରେ ଆର୍ତ୍ତବଲ୍ଲଭ—ଏ ଦୁଇ ପଣ୍ଡିତଙ୍କର ପରସ୍ପର ବିରୁଦ୍ଧାତ୍ମକ ମତ ଦେଖିଲେ, ଗୋଟିଏ ପ୍ରଶ୍ନ ମନରେ ଉଦିତ ହୁଏ । ପ୍ରଶ୍ନଟି ହେଉଛି, କେବଳ କାଳିଦାସ ବା କେବଳ ଉପେନ୍ଦ୍ର ଭଞ୍ଜ ଏପରି କହିଅଛନ୍ତି ନା ସଂସ୍କୃତ-ସାହିତ୍ୟରେ ଓ ଉତ୍କଳ-ସାହିତ୍ୟରେ ଏମାନଙ୍କ ବ୍ୟତୀତ ଅନ୍ୟ ବିଶିଷ୍ଟ କବିମାନେ ମଧ୍ୟ ଏଭଳି କହିଅଛନ୍ତି ? ଏହି ପ୍ରଶ୍ନଟିର ସମାଧାନ ଉପରେ ଉପେନ୍ଦ୍ରଙ୍କ ଚରିତ୍ରର ଗୁରୁତ୍ୱ ସମ୍ପର୍କୀୟ ପ୍ରଶ୍ନର ସମାଧାନ ହୋଇ ପାରିବ ବୋଲି ଦୃଢ଼ ଭାବରେ କୁହାଯାଇ ପାରେ ।

ଅଧ୍ୟାପକ ଆର୍ତ୍ତବଲ୍ଲଭ ମହାନ୍ତି, ମହାକବି କାଳିଦାସଙ୍କର 'ରଘୁବଂଶ' କାବ୍ୟରୁ ଗୋଟିଏ ଶ୍ଳୋକ (୨) ଉଦ୍ଧାର କରି, କାଳିଦାସ ନିଜକୁ 'ଅଳ୍ପ ବିଷୟାମତିଃ' ବୋଲି ବର୍ଣ୍ଣନା କରି କପରି ବିନୟ ଭାବ ପ୍ରକାଶ କରିଛନ୍ତି, ତାହା ଦର୍ଶାଇ ଉପେନ୍ଦ୍ରଙ୍କୁ ତାଙ୍କ ପରି ଅତ୍ୟନ୍ତ ବିନୟୀ ବୋଲି ପ୍ରମାଣ କରିଛନ୍ତି । ଉପେନ୍ଦ୍ର 'ବୈଦେହୀଶ ବିଳାସ' କାବ୍ୟ ମୂଳରେ ବାଲ୍ମୀକି, ବ୍ୟାସ, କାଳିଦାସ ପ୍ରଭୃତି କବି-ଶେଖରମାନଙ୍କୁ ରବି-ତାମସ-ଧ୍ୱଂସକାରୀ ତାରକା ଓ ନିଜକୁ ଜ୍ୟୋତିରିଙ୍ଗଣ (ଜୁଳୁଜୁଳିଆ ପୋକ) ରୂପେ ବର୍ଣ୍ଣନା କରି, ନିଜର ଶକ୍ତି ଅନୁସାରେ କାବ୍ୟ-ରସାଲୋକ ବିକିରଣ କରିବାକୁ ପଶ୍ଚାତ୍ପଦ ନୁହନ୍ତି ବୋଲି କହିଛନ୍ତି । ମାତ୍ର ଏତିକିରେ ଏ ମହାକବିଙ୍କର ବିଚାର ଶେଷ କରି ନ ଦେଇ, ତାଙ୍କର ଆତ୍ମବିଶ୍ୱାସ-ମୂଳକ ଉକ୍ତିମାନଙ୍କ ଦୃଷ୍ଟିରୁ ମଧ୍ୟ ଯଥାଯୋଗ୍ୟ ଆଲୋଚନା କରାଯିବା ବିଧେୟ । ତାହାହେଲେ ଭଞ୍ଜଙ୍କ ଚରିତ୍ର ପରିସ୍ଫୁଟ ହେବ ।

---

(୧) ଲାବଣ୍ୟବତୀ ମୁଖବନ୍ଧ (୧୯୪୪), ପୃ-୧୧୦

(୨) ଶ୍ଳୋକଟି ହେଉଛି—

କ୍ୱ ସୂର୍ଯ୍ୟ ପ୍ରଭବୋ ବଂଶଃ  କ୍ୱ ଚାଳ୍ପ ବିଷୟାମତିଃ
ତିତୀର୍ଷୁର୍ଦୁସ୍ତରଂ ମୋହା  ଦୁଡ଼ୁପେନାସ୍ମି ସାଗରମ୍ ।
( ରଘୁବଂଶ—୧ମ ସର୍ଗ )

ମହାକବି କାଳିଦାସ 'ଶକୁନ୍ତଳା' ନାଟକର ମୂଳରେ ନିଜକୁ ପ୍ରବୀଣ ନାଟ୍ୟକାର ରୂପେ ବ୍ୟଞ୍ଜନା ସମ୍ବଳିତ ବିନୟଦ୍ୟୋତକ ଭାଷାରେ, ଉପସ୍ଥାପନ କରିଛନ୍ତି । ସେ ଲେଖିଛନ୍ତି :—

ଆପରିତୋଷାଦ୍ ବିଦୁଷାଂ ନ ସାଧୁମନ୍ୟେ ପ୍ରୟୋଗ ବିଜ୍ଞାନଂ
ବଳବଦପି ଶିକ୍ଷିତାନା ମାତ୍ମନ୍ୟ ପ୍ରତ୍ୟୟଂ ଚେତଃ । (୧)

ଅର୍ଥାତ୍, ବିଦ୍ୱାନ୍‌ମାନଙ୍କର ସନ୍ତୋଷ ସମ୍ପାଦନ ନ ହେଲାଯାଏଁ, ମୋର ପ୍ରୟୋଗକଳାକୁ ସମୁଚିତ ମନେ କରିବି ନାହିଁ । କାରଣ, ଜ୍ଞାନଗରିଷ୍ଠ ଲୋକ-ମାନଙ୍କର ବଳିଷ୍ଠ ଚିତ୍ତ ମଧ୍ୟ ନିଜର ଶକ୍ତିଶାଳିତାରେ ପ୍ରତ୍ୟୟ ବା ଆସ୍ଥା ରଖି ନ ଥାଏ ।

କାଳିଦାସଙ୍କର ଏହି ବିନୟ ସମ୍ବଳିତ ବିଖ୍ୟାତ ଉକ୍ତି ସହିତ ଅନ୍ୟମାନଙ୍କର ଆତ୍ମଶକ୍ତି ପ୍ରକାଶକ ଏତାଦୃଶ ଉକ୍ତିଗୁଡ଼ିକର ଉପସ୍ଥାପନ ପୂର୍ବକ ଭଞ୍ଜ-ଭାରତୀ-ଭିତ୍ତିରେ ଉତ୍କଳର ଏହି ସ୍ୱନାମଧନ୍ୟ ମହାକବିଙ୍କ ସମ୍ପର୍କରେ ମତବ୍ୟକ୍ତ କରାଯାଇପାରେ ।

ଏ ପ୍ରସଙ୍ଗରେ ପ୍ରଥମେ ଗୀତ ଗୋବିନ୍ଦର ଆଲୋଚନା କରାଯାଉ । ସ୍ୱକାବ୍ୟର ଉତ୍କର୍ଷ ଗାନ କରି ଭକ୍ତକବି ଜୟଦେବ ଗୀତ ଗୋବିନ୍ଦ ମୂଳରେ କହିଅଛନ୍ତି— "ହେ ଭକ୍ତ ! ଯଦି ହରିଙ୍କୁ ସ୍ମରଣ କରିବା ପାଇଁ ତୁମର ଇଚ୍ଛା ଅଛି, ତାହାହେଲେ ମଧୁର କୋମଳକାନ୍ତ ପଦାବଳୀ ପରିପୂର୍ଣ୍ଣ ଜୟଦେବ ବିରଚିତ 'ଗୀତ ଗୋବିନ୍ଦ' କାବ୍ୟ ହିଁ ଶ୍ରବଣ କର ।" (୨) ଏହା ବ୍ୟତୀତ, ଗୀତ ଗୋବିନ୍ଦ ଶେଷରେ ମଧ୍ୟ କୁହାଯାଇଛି, ଗୀତ ଗୋବିନ୍ଦ କାବ୍ୟ ଯେତେ ଦିନ ଧରି ରହିଥିବ, ସେତେ-ଦିନ ଯାଏ ଦ୍ରାକ୍ଷାର ଜଣାଶୁଣା ସବୁ ମିଠା ଜିନିଷ ସେମାନଙ୍କର ଆଦର ହରାଇ ବସିବେ । ମଧୁକପୁଷ୍ପ ରସକୁ କେହି ପଚାରିବେ ନାହିଁ । ଶର୍କରା (କନ୍ଦ)କୁ ଆଉ କେହି ଲୋଡ଼ିବେ ନାହିଁ । ଅମୃତ ଏଣିକି ମୃତ ହୋଇଯିବ । କ୍ଷୀର ମଧ୍ୟ ଲୋକଙ୍କୁ ଏଣିକି ନୀର ପରି ନୀରସ ପ୍ରତୀତ ହେବ, ରସାଳ ଫଳ

---

(୧) ଅଭିଜ୍ଞାନ ଶକୁନ୍ତଳମ୍—୧ମ ଅଙ୍କ

(୨) ଯଦି ହରି ସ୍ମରଣେ ସରସଂମନୋ × × ଜୟଦେବ ସରସ୍ୱତୀମ୍ ।"

ଆମ୍ଭକୁ ଆଉ ସୁସ୍ୱାଦୁ ବୋଲି କେହି କହିବେ ନାହିଁ, ପ୍ରେୟସୀର ଅଧର-ମଧୁ ମଧ୍ୟ ଅନାଦୃତ ହେବ। କାରଣ, ଜୟଦେବଙ୍କର ମଧୁର ରସ ପରିପୂର୍ଣ୍ଣ, ଗୀତଗୋବିନ୍ଦ ନାମକ ବିରାଟ ସାରସ୍ୱତ ସୃଷ୍ଟି ସମସ୍ତଙ୍କୁ ସର୍ବାଧିକ ମଧୁର ପରି ପ୍ରତିଭାତ ହେବ । (୧)

ଏହାପରେ ସଂସ୍କୃତ-ସାହିତ୍ୟ-ଗଗନର ପ୍ରଚଣ୍ଡ ମାର୍ତ୍ତଣ୍ଡ ବାଣଭଟ୍ଟଙ୍କ କଥା ନଆଯାଉ । ଏହାଙ୍କ ସମ୍ପର୍କରେ କଥା ଅଛି—‘ବାଣୋଚ୍ଛିଷ୍ଟମିଦଂ ଜଗତ୍’ (ସାହିତ୍ୟ ଜଗତଟାକ ବାଣଭଟ୍ଟଙ୍କର ଅଇଁଠା ) ଅର୍ଥାତ୍ ତାଙ୍କ ତୁଣ୍ଡରୁ ନିର୍ଗତ ବାଣୀ (ତାଙ୍କ ପରବର୍ତ୍ତୀ) ସମସ୍ତ କବିଙ୍କ ଦ୍ୱାରା ଗୃହୀତ ହୋଇଛି । ତାଙ୍କର ବିଶ୍ୱବିଖ୍ୟାତ କାବ୍ୟ ‘କାଦମ୍ବରୀ’ ମୁଖରେ ସେ ନିଜ ଲେଖନୀରେ କାବ୍ୟକୁ ଅଦ୍ୱିତୀୟ ରୂପେ ବର୍ଣ୍ଣନା କରିଅଛନ୍ତି ।

ଅକୁଣ୍ଠ ଚିତ୍ତରେ କାଦମ୍ବରୀ ମୁଖରେ ସେ ଲେଖିଛନ୍ତି—

“ଦ୍ୱିଜେନ ତେନାକ୍ଷତକଣ୍ଠ କୌଣ୍ଠ୍ୟୟା
ମହା ମନୋମୋହମଳୀ ମସାନ୍ଧୟା
ଅଲବ୍‌ଧ ବୈଦଗ୍‌ଧ ବିଳାସ ମୁଗ୍‌ଧୟା
ଧିୟା ନିବଦ୍ଧେୟ ମତିଦ୍ୱୟୀକଥା ।”

ଏହି ଶ୍ଳୋକରେ ଆପାତତଃ ନିଜର କବିତ୍ୱହୀନତା ଓ ବିଦଗ୍‌ଧତା-ବିହୀନତା ପ୍ରତିପାଦନ ପୂର୍ବକ କବି ବାଣଭଟ୍ଟ ଏହି ‘କାଦମ୍ବରୀ’କୁ ଅତିଦ୍ୱୟୀ ବା ନିତାନ୍ତ ନିକୃଷ୍ଟ ବୋଲି କହିଥିଲେ ହେଁ ତା’ର ଭିତରେ, ଅର୍ଥାତ୍ ଗୂଢ଼ଭାବରେ ଏହାକୁ ‘ଅଦ୍ୱିତୀୟ’ ବୋଲି କହିଅଛନ୍ତି ।

ଭାରତର କ୍ଲାସିକାଲ୍ ପୌରାଣିକ କାବ୍ୟମାନଙ୍କ ମଧ୍ୟରେ ଶ୍ରୀହର୍ଷଙ୍କର ‘ନୈଷଧ’ କାବ୍ୟ ଅସାଧାରଣ ଗୌରବର ଅଧିକାରୀ । ଏଥିରେ ଏକାଧିକ ସ୍ଥଳରେ କବି ନିଜ କାବ୍ୟର ଓ ନିଜ କବିତ୍ୱର ଭୂୟସୀ ପ୍ରଶଂସା କରିଅଛନ୍ତି ।

(୧) “ସାଧ୍ୱୀ ମାଧ୍ୱୀକ ଚିନ୍ତା ନ ଭବତି ଭବତଃ ଶର୍କରେ କର୍କରାସି,
ଦ୍ରାକ୍ଷେ ଦ୍ରକ୍ଷ୍ୟନ୍ତି କେ ତ୍ୱାମମୃତ ମୃତମସି କ୍ଷୀର ନୀରଂ ରସସ୍ତେ ।
ମାକନ୍ଦ କ୍ରନ୍ଦ କାନ୍ତାଧର ଧରଣିତଳଂ ଗଚ୍ଛ ଯଚ୍ଛନ୍ତି ଯାବଦ୍
ଭାବଂ ଶୃଙ୍ଗାରସାର ସ୍ୱତମିହ ଜୟଦେବସ୍ୟ ବିଷ୍ୱଗ୍ ବ ଚାଂସି ।”

ନୈଷଧୀୟ ଚରିତ ଶେଷ ହେବା ପରେ, କାବ୍ୟାଂଶରେ ଶେଷରେ ସେ ଆଉ ଏକ ଶ୍ଲୋକ ଲେଖି କହିଅଛନ୍ତି—

"ଯଥାଯୂନସ୍ତଦ୍ୱତ୍ ପରମ ରମଣୀୟାପିରମଣୀ
କୁମାରାଣାମନ୍ତଃ କରଣ ହରଣଂ ନୈବକୁରୁତେ
ମଦୁକ୍ତିଶ୍ଚେଦନ୍ତର୍ମଦୟତି ସୁଧୀଭୂୟ ସୁଧିୟଃ
କିମସ୍ୟାନାମ ସ୍ୟାଦର ପୁ ରୁଷାନାଦର ଭରୈଃ ।"

ଜଣେ ପରମ ରୂପବତୀ ନବଯୁବତୀକୁ ଜଣେ ଯୁବକ ଯେଉଁ ଦୃଷ୍ଟିରେ ଦେଖେ, ଟିକିଏ କ୍ଷୀର ମାତ୍ର ମିଳିଗଲେ ସନ୍ତୁଷ୍ଟ ହେଉଥିବା ସ୍ତନ୍ୟପାୟୀ ଶିଶୁ ସେହି ଦୃଷ୍ଟିରେ ତାକୁ ଦେଖିବ କି ? —ନୁହେ । ସେହିପରି ଜ୍ଞାନରାଜ୍ୟରେ ଯେଉଁମାନେ ଯୁବକ-ରସିକ, ସେମାନେ ଏହି ମୋର ନୈଷଧ କାବ୍ୟକୁ ପସନ୍ଦ କରିବେ । ଅରସିକ (= ଜ୍ଞାନହୀନମାନେ) ପ୍ରଶଂସା କଲେ, ନ କଲେ ଯାଏ ଆସେ କ'ଣ ?

ଶଙ୍କରଙ୍କର ଅବତାର ରୂପେ ସମ୍ମାନିତ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ମଧ୍ୟ ଆତ୍ମଗୌରବ ପ୍ରକଟନ ଲକ୍ଷ୍ୟରେ ଜଗନ୍ମାତାଙ୍କୁ ସମ୍ବୋଧନ କରି, ସ୍ୱୀୟ 'ଆନନ୍ଦ-ଲହରୀ'ରେ କହିଅଛନ୍ତି—"ହେ ଜନନି ! ବାଲ୍ୟକାଳରେ ତୁମ୍ଭର ଅପାର କରୁଣାରୁ ଯେଉଁ ଦ୍ରାବିଡ଼ ଶିଶୁ (ଅର୍ଥାତ୍, ନିଜେ) ତୁମର ସ୍ତନପାନ କରିବାକୁ ସମର୍ଥ ହୋଇଥିଲା, ସେ (ସେହି କାରଣରୁ) ପ୍ରୌଢ଼-କବିମଣ୍ଡଳୀରେ ସୁଦ୍ଧା, ପ୍ରବୀଣ କବିରୂପେ ପରିଚିତ ହୋଇ ପାରିଅଛି (୧) ।

ଭାରତୀୟ ସଂସ୍କୃତ-ସାହିତ୍ୟ-ଗଗନର ଉଜ୍ଜ୍ୱଳ ଜ୍ୟୋତିଷ୍କ ଭବଭୂତି ନିଜର ସୁବିଖ୍ୟାତ ନାଟକ 'ଉତ୍ତର-ରାମ ଚରିତ'ରେ ନିଜର ଶକ୍ତିବିଳାସ ବର୍ଣ୍ଣନା କରି ଲେଖିଅଛନ୍ତି—

"ଯଂ ବ୍ରହ୍ମାଣମିୟଂ ଦେବୀ
ବାଗ୍‌ବଶ୍ୟେବାନୁବର୍ତ୍ତତେ ।"

---

(୧) ତବସ୍ତନ୍ୟଂ ମନ୍ୟେ ଧରଣିଧର କନ୍ୟେ ହୃଦୟତଃ
ପୟଃ ପାରାବାରଃ ପରିବହତି ସାରସ୍ୱତ ଇବ
ଦୟାବତ୍ୟାଦତ୍ତଂ ଦ୍ରାବିଡ଼ଶିଶୁ ରାସାଦ୍ୟ ତବଯତ୍
କବୀନାଂ ପ୍ରୌଢ଼ାନାଂ ଅଜନି କମନୀୟଃ କବୟିତା ।
(ଆନନ୍ଦ ଲହରୀ)

ଅର୍ଥାତ୍, ସ୍ୱୟଂ ବାଗ୍‌ଦେବୀ ମଧ୍ୟ ମୋର (କବିଙ୍କର) ବଶୀଭୂତା ହୋଇ ରହିଛନ୍ତି ।

"ମୁରାରେଃ ତୃତୀୟଃ ପନ୍ଥାଃ" ବା ନାଟ୍ୟରଚନା କ୍ଷେତ୍ରରେ ନୂତନ, 'ତୃତୀୟ ପନ୍ଥା'ର ପଥିକ ରୂପେ ପ୍ରବଳ ଖ୍ୟାତିସମ୍ପନ୍ନ କବି-ପୁଙ୍ଗବ ମୁରାରି ମଧ୍ୟ ନିଜକୁ ବୁଧ୍ୟସ୍ନାନ ପଣ୍ଡିତ ଓ କବି ବୋଲି ନିଃସଙ୍କୋଚରେ ଘୋଷଣା କରିଛନ୍ତି । (୧) ଏମାନଙ୍କ ବ୍ୟତୀତ, ସୁବିଖ୍ୟାତ ଆଳଙ୍କାରିକ ପଣ୍ଡିତ-ରାଜ ଜଗନ୍ନାଥ ନିଜର 'ଭାମିନୀ-ବିଳାସ' କାବ୍ୟରେ ନିଜକୁ ଯେପରି ପ୍ରଶଂସା କରିଛନ୍ତି, ତା ତୁଳନାରେ ଉପେନ୍ଦ୍ରଙ୍କର ଆତ୍ମପ୍ରଶସ୍ତି କିଛି ନୁହେ । ସେ କହିଛନ୍ତି— (୨) ଯେଉଁ ପଣ୍ଡିତ-ରାଜ ଜଗନ୍ନାଥଙ୍କର ଅମୃତମୟ କବିତା ଶ୍ରବଣରେ ସ୍ୱୟଂ ସରସ୍ୱତୀ ମଧ୍ୟ ନିଜର ବୀଣାବାଦନରୁ କ୍ଷାନ୍ତ ହୁଅନ୍ତି, ତାଙ୍କର କବିତା ଶୁଣି ଯେଉଁ ଲୋକ ତାଙ୍କୁ ପ୍ରଶଂସା କରିବା ସଙ୍ଗେ ସଙ୍ଗେ, 'ଆଃ, କି ବଢ଼ିଆ ହୋଇଛି !' କହି ନିଜର ମୁଣ୍ଡକୁ ଟିକିଏ ହଲାଇ ନ ଦିଏ, ସେ ହୁଏତ ପଶୁ ହୋଇଥିବ" ( ସେ ପଶୁ ହୋଇଥିବ, କାରଣ, ପଶୁ ପରି ସେ ସାହିତ୍ୟ-ଅରସିକ ) କିମ୍ବା 'ପଶୁପତି' ହୋଇଥିବ, କାରଣ, ମହାଦେବ ଶିବ ଏକାନ୍ତ ନିର୍ବିକାର ଏବଂ ସଂସାରର କୌଣସି ଉପଭୋଗ୍ୟ ବସ୍ତୁ ତାଙ୍କଠାରେ ବିକାର ଜାତ କରି ନ ପାରେ, ଯାହା ଫଳରେ, ତପସ୍ୟା ବେଳେ ତାଙ୍କ ନିକଟରେ ପରମାସୁନ୍ଦରୀ ପାର୍ବତୀ ଥିଲେ ମଧ୍ୟ ତାଙ୍କଠାରେ କୌଣସି ପ୍ରକାରର ଚିତ୍ତବିକାର ପ୍ରକାଶ ପାଇ ନ ଥିଲା । )

ପ୍ରାଚୀନ ପଣ୍ଡିତମାନଙ୍କର କଥା ଛାଡ଼ି ଆଧୁନିକ ଯୁଗର ସୁପ୍ରସିଦ୍ଧ ଲେଖକମାନଙ୍କ କଥା ଆଲୋଚନା କରାଯାଉ । ବିଶ୍ୱକବି ରବୀନ୍ଦ୍ରନାଥଙ୍କର ଭକ୍ତମଣ୍ଡ

---

(୧) ଅବ୍ଧିର୍ଲଂଘିତ ଏବ ବାନରଭଟୈର୍କୋଽସ୍ୟ ଗମ୍ଭୀରତା—
ମାପାତାଳନିମଗ୍ନ ପୀବର ବପୁର୍ଜ୍ଞାନାତି ମନ୍ଥାଚଳଃ ।
ଦେବୀଂ ବାଚମୁପାସତେ ହି ବହବଃ ସାରଂ ତୁ ସାରସ୍ୱତଂ
ଜାନୀତେ ନିତରାମସୌ ଗୁରୁକୁଳକ୍ଲିଷ୍ଟୋ ମୁରାରିଃ କବିଃ ।

(୨) ଗିରାଂଦେବୀ ବୀଣାଗୁଣରଣନହୀନାଦରକରା
× × ×
ଅଧୁନ୍ୱନ୍ ମୂର୍ଦ୍ଧାନଂ ନୃପଶୁରଥବାୟଂ ପଶୁପତିଃ ।

ଓ ବିନୟସ୍ବୀକାର ତାଙ୍କର ବିଶ୍ୱବିଖ୍ୟାତ 'ଗୀତାଞ୍ଜଳି'ରେ ପ୍ରକାଶ ପାଇଛି ସତ; କିନ୍ତୁ ତାଙ୍କର 'ଏ କାଳ ଓ ସେ କାଳ' ନାମକ କବିତାରେ ସେ ଲେଖିଛନ୍ତି—

"ଆମି ଯଦି ଜନ୍ମ ନିତାମ୍ କାଳିଦାସେର କାଳେ
ଦୈବେ ହୋତାମ୍ ଦଶମ ରତ୍ନ ନବରତ୍ନେର ମାଳେ ।"

ଅର୍ଥାତ୍, ମୁଁ ଯଦି ମହାକବି କାଳିଦାସଙ୍କ ସମୟରେ ଜନ୍ମ ହୋଇଥାଆନ୍ତି, ତେବେ, ମୋ ପାଣ୍ଡିତ୍ୟ ଓ କବିତ୍ୱରେ ମୁଗ୍ଧ ହୋଇ ବିକ୍ରମାଦିତ୍ୟ ତାଙ୍କର ନବରତ୍ନ ସଙ୍ଗେ ମୋତେ 'ଦଶମ ରତ୍ନ' ରୂପେ ଗ୍ରହଣ କରିଥାନ୍ତେ । ସେ ଆଉ ଠାଏ ଲେଖିଛନ୍ତି—

"ଆଜି ହୋତେ ଶତ ବର୍ଷ ପରେ,
କେ ତୁମି ପଡ଼ିଛ ବସି ଆମାର କବିତା କୌତୂହଳଭରେ ।"

ରବୀନ୍ଦ୍ରଙ୍କର ଦୃଢ଼ବିଶ୍ୱାସ ଯେ, ତାଙ୍କର ରଚନାବଳୀ ମହାମୂଲ୍ୟ ହୋଇଥିବାରୁ, ତାଙ୍କ ମୃତ୍ୟୁର ବହୁ ବର୍ଷ ପରେ ମଧ୍ୟ ଲୋକେ ଆଗ୍ରହ ସହକାରେ ତାହା ପାଠ କରିବେ । ଆଧୁନିକ ପାଶ୍ଚାତ୍ୟ ଜଗତର ସର୍ବଶ୍ରେଷ୍ଠ ମନୀଷୀ ବର୍ଣ୍ଣାର୍ଡ ଷ' ଠାଏ ଲେଖିଛନ୍ତି—"ସୁଦୀର୍ଘ ଜୀବନବ୍ୟାପୀ ସାଧନା କରି ଯାହା ଲେଖିଛି, ତାକୁ ଥରେ ମାତ୍ର ପଢ଼ିଗଲେ, ଆପଣମାନେ ଯେ ତାହା ପୂରା ବୁଝିଯିବେ, ଏ କଥା କେବେ ବିଶ୍ୱାସ କରନ୍ତୁ ନାହିଁ । ମୋର ପ୍ରତ୍ୟେକ ଗ୍ରନ୍ଥ ଦଶ ବର୍ଷ ଯାଏ ପ୍ରତିବର୍ଷ ଅନ୍ତତଃ ଦୁଇ ଥର କରି ପଢ଼ିବେ ବୋଲି ଆପଣ ସ୍ଥିର କରନ୍ତୁ । ସେଥିନିମନ୍ତେ ବହିର ବନ୍ଧେଇ ମଧ୍ୟ ମଜବୁତ୍ କରାଯାଇଛି । (୧)

ଏହି ସମସ୍ତ ଆତ୍ମବିଶ୍ୱାସମୂଳକ ନିବେଦନ ସଙ୍ଗେ ଉପେନ୍ଦ୍ରଙ୍କ ତଥାକଥିତ ଔଦ୍ଧତ୍ୟପୂର୍ଣ୍ଣ ଉକ୍ତି ବିଚାର୍ଯ୍ୟ ।

ଉପେନ୍ଦ୍ର "ମୁଣ୍ଡେ ବାମ ଚରଣ" ଦେବା ଅଂଶଟି, ଗୋଟିଏ ଶ୍ଳୋକର ଅନୁକରଣରେ କରିଥିବାର ଅନୁମିତ ହୁଏ ।

---

(୧) ସତ୍ୟବାଦୀ (ନବ ପର୍ଯ୍ୟାୟ)—୧୩ ସଂଖ୍ୟା, ୮ମ ପୃଷ୍ଠା ।

ଶ୍ଳୋକଟି ହେଉଛି—

"ଏକୋଽଭୂତ୍-ନଳନାତ୍ ତତସ୍ତୁ ପୁଳିନାତ୍-ବଲ୍ମୀକତସ୍ତାପରେ
ତେତ୍ରୟସ୍ତଥାପି କବୟଃ କଲେ ଲୋକଗୁରବ ସ୍ତେଭ୍ୟୋନମସ୍କୁର୍ମହେ ।
ଅର୍ବାଞ୍ଚୋ ଯଦି ଗଦ୍ୟପଦ୍ୟରଚନୈଃ ଚେତଶ୍ଚମତ୍କୁର୍ବତେ
ତେଷାଂମୂର୍ଦ୍ଧ୍ନି ଦଦାମି ବାମଚରଣଂ କର୍ଣ୍ଣାଟ ରାଜପ୍ରିୟା । (୧)

ସଂସ୍କୃତ, ବଙ୍ଗଳା ଓ ଇଂରାଜୀ ସାହିତ୍ୟର ଶ୍ରେଷ୍ଠ ଲେଖକମାନଙ୍କର ଏବଂବିଧ ଉକ୍ତିଗୁଡ଼ିକ ସେମାନଙ୍କର ହୃଦୟର କ୍ଷୁଦ୍ରତା ଓ ସଂକୀର୍ଣ୍ଣତାର ଦ୍ୟୋତକ ବୋଲି କଥିତ ବା ଗୃହୀତ ହୋଇଅଛି କି ? ଉପେନ୍ଦ୍ର କ'ଣ ନାହିଁ ରେ...... ?

ପ୍ରକୃତ କଥା ହେଉଛି, ପ୍ରତି ଯୁଗରେ ଜଣେ ଜଣେ ଉଚ୍ଚ ଶ୍ରେଣୀର ସାଧକ, ଭାବୁକ, ଲେଖକ, କବି, ସଂସ୍କାରକ, ମନୀଷୀ ପ୍ରଭୃତି ଧରାଧାମରେ ଅବତୀର୍ଣ୍ଣ ହୋଇ, ଜାତିର, ଦେଶର ଓ ସମାଜର ସଙ୍କଟମୟ ପରିସ୍ଥିତିରେ ମାର୍ଗ ପ୍ରଦର୍ଶନ କରନ୍ତି । ସେମାନଙ୍କର ଜୀବଦ୍ଦଶାରେ କିମ୍ବା ମୃତ୍ୟୁ ପରେ ଦେଶ ଯେ ସେମାନଙ୍କର ସ୍ମୃତିପୂଜା କରେ, ସମ୍ମାନ ଦିଏ, ଏଥିରୁ ହିଁ ସେମାନଙ୍କର ଗୁଣ ଗୌରବର ନିଦର୍ଶନ ମିଳେ । ସେମାନେ ଦେଶର ପରିସ୍ଥିତି ଗଭୀର ଦୃଷ୍ଟିରେ ନିରୀକ୍ଷଣ କରି, ଗୋଟିଏ ସିଦ୍ଧାନ୍ତରେ ଉପନୀତ ହୁଅନ୍ତି ଏବଂ ତାହା ପ୍ରତିଷ୍ଠା କରନ୍ତି । ସେମାନଙ୍କର ଏହି ଆତ୍ମପ୍ରକାଶ ମୂଳରେ ଆଦୌ ସଂକୀର୍ଣ୍ଣତା ବା ଆତ୍ମବଡ଼ିମା ନ ଥାଏ । ବରଂ, ନିଜ ମତରେ ସତ୍ୟତାରେ ଅଟଳ ବିଶ୍ୱାସ ହିଁ ସେମାନଙ୍କୁ ଆତ୍ମପ୍ରତିଷ୍ଠା କରିବାକୁ ଇଙ୍ଗିତ ଦେଇଥାଏ । ଏହା ଅନ୍ତଃସାରଶୂନ୍ୟ ଆତ୍ମବଡ଼ିମା (Vain-glory) ନୁହେ, ଏହା ଏକ ଆତ୍ମବିଶ୍ୱାସ (Self-confidence) ମୂଳକ ନିବେଦନ ମାତ୍ର ।

କୌଣସି କୌଣସି ସଂସ୍କୃତ-କବି ନିଜ ନିଜର କାବ୍ୟ ରଚନା ସମ୍ପର୍କରେ ମନ୍ତ୍ରସାଧନ ପ୍ରଭୃତି ଥିବା କଥା ଯେପରି ଲେଖିଛନ୍ତି, ଓଡ଼ିଆ କବିମାନେ ସେପରି

---

(୧) ନଳିନଜନ୍ମା ବ୍ରହ୍ମା, ପୁଳିନଜନ୍ମା ବ୍ୟାସଦେବ ଓ ବଲ୍ମୀକଜନ୍ମା ବାଲ୍ମୀକି ( ଯଥାକ୍ରମେ ବେଦ, ମହାଭାରତ ଓ ପୁରାଣ ଏବଂ ରାମାୟଣର ପ୍ରବକ୍ତା ବା କବି )ଙ୍କ ବ୍ୟତୀତ ଅନ୍ୟ କେହି ନିଜକୁ ବଡ଼ କବି ବୋଲି କହି ବୁଲିଲେ, କର୍ଣ୍ଣାଟ ରାଜପ୍ରିୟା ତାଙ୍କର 'ମୁଣ୍ଡେ ବାମ ଚରଣ' ଦେବ ।

କରିଅଛନ୍ତି । ଏ କଥା ଦର୍ଶାଇ ଦିଆଯାଇଛି, ସାରଳା, ବଳରାମ ପ୍ରମୁଖ କବି-ମାନେ ନିଜ ନିଜ ଗ୍ରନ୍ଥର କର୍ତ୍ତୃତ୍ୱ କୌଣସି ଦେବ ଦେବୀଙ୍କ ଉପରେ ଆରୋପ କରିଛନ୍ତି ଦେବ ଦେବୀଙ୍କ ମୁଖନିଃସୃତ ବାଣୀରୂପେ ନିଜର ଗ୍ରନ୍ଥଗୁଡ଼ିକୁ ପରିଚିତ କରାଇ ହୁଏତ ସେମାନେ ପଣ୍ଡିତମାନଙ୍କ ସମାଲୋଚନାରୁ ରକ୍ଷା ପାଇବାକୁ ଚେଷ୍ଟା କରିଥିଲେ (୧) । ଉପେନ୍ଦ୍ର କିନ୍ତୁ ନିଜ କାବ୍ୟଗୁଡ଼ିକ ନିଜର ଉପାସ୍ୟ ରାମଚନ୍ଦ୍ରଙ୍କ ମୁଖନିଃସୃତ ବୋଲି ଲେଖି ନାହାନ୍ତି; ବରଂ, ତାଙ୍କର ଅନୁଗ୍ରହରୁ ନିଜର କବିତ୍ୱ ଶକ୍ତିର ବିକାଶ ହୋଇଥିବା ଲେଖିଛନ୍ତି । ଯଥା—

"ତାରକ ମନ୍ତ୍ର ପରସାଦେ
ମୋହର କବିପଣ ଉଦେ ।" (ଲାବଣ୍ୟବତୀ-୧୬।୪୨)

ଅନ୍ୟ ଠାଏ—

"ତରଣୀକୁଳର ସାର
ଆଶ୍ରୟରୁ ନିରନ୍ତର
ବୋଲେ ଉପଇନ୍ଦ୍ର ଭଞ୍ଜ—ମୁଁ ଲଭିଛି
ଶବଦ ସମୁଦ୍ର ପାର । (କୋ: ବ୍ର: ସୁ:-୧୪।୩୮)

ଏଥିରେ ସେ ନିଜେ ଶବ୍ଦ-ସାଗରର ପର ପାରକୁ ଯାଇଛନ୍ତି ବୋଲି ଘୋଷଣା କରିଛନ୍ତି । ଅଦ୍ଭୁତ ଶକ୍ତିଶାଳୀ, କୃପାମୟ ରଘୁନାଥଙ୍କ ପ୍ରତି ତାଙ୍କର ଭକ୍ତି ଓ ଭକ୍ତ ପ୍ରତି ଭଗବାନଙ୍କର ଅପାର କରୁଣା ହିଁ ଏଥିରେ ଅଧିକ ମାତ୍ରାରେ ପ୍ରତିପାଦିତ । ବାସ୍ତବରେ, ଉପେନ୍ଦ୍ରଙ୍କର ଏ ଆତ୍ମପ୍ରଶଂସା ସୁଦୃଢ଼ ଭିତ୍ତିଭୂମିରେ ପ୍ରତିଷ୍ଠିତ । ଅଧ୍ୟାପକ ଆର୍ତ୍ତବଲ୍ଲଭ ମହାନ୍ତି ଯଥାର୍ଥରେ ଲେଖିଛନ୍ତି—"ନିଜର ଗୁଣ

---

(୧) ସାରଳା ଦାସ—

"ସେ ଦେବୀ ଶକ୍ତିରେ ଯାହା କହଇ ତାହା ମୁଁ ଲେଖଇ,
ମୁହିଁ ଅକିଞ୍ଚନ ମୂର୍ଖ ମୋର ଦୋଷ ନାହିଁ ।"

ଧନକୃଷ୍ଣ ଦାସ—

"କୋଟି ବ୍ରହ୍ମାଣ୍ଡ ପ୍ରଭୁ ଜଗନ୍ନାଥ × × କହିଲେ ସେ ଯେଣୁ,
ଭରରେ ତାହା ଲେଖିଲି ମୁଁ ତେଣୁ ।"
(ରସ କଲ୍ଲୋଳ—୩୪ ଛାନ୍ଦ)

ପ୍ରକାଶ ସତ୍ୟବାଦୀଙ୍କ ପକ୍ଷରେ ଦୋଷାବହ ନୁହେ । ଉପେନ୍ଦ୍ର ନିଜର ଶବ୍ଦଶାସ୍ତ୍ରରେ ଅଦ୍ଭୁତ ପାଣ୍ଡିତ୍ୟ କଥା ଯାହା କହିଅଛନ୍ତି, ତାହା ଅକ୍ଷରେ ଅକ୍ଷରେ ସତ । ପୃଥିବୀର କୌଣସି କବି ଏପରି ଶବ୍ଦଶାସ୍ତ୍ରରେ ପଣ୍ଡିତ ନ ଥିଲେ, କହିଲେ ସତ୍ୟର କିଛି ଅପଳାପ ହେବ ନାହିଁ ।" ଏ ମତ ଅନେକାଂଶରେ ଗ୍ରହଣୀୟ ପରି ମନେହୁଏ, —ସମ୍ପୂର୍ଣ୍ଣତଃ ନୁହେ । (୧)

ତାଙ୍କ ପକ୍ଷରେ ଏ ସୁମହତ୍ ସାଧନା ଯେତିକି ଗୌରବମୟ, ଓଡ଼ିଆ ଜାତି ପକ୍ଷରେ ସେତିକି ଆହ୍ଲାଦକର । ଉପେନ୍ଦ୍ରଙ୍କର ଚରିତ୍ରରେ ଦୁର୍ବଳତା ଥିଲା, ଏଭଳି ଗୋଟାଏ ସୂଚନା ଭଜସ୍ୱଚନ୍ଦ୍ର ଦେଇଛନ୍ତି । ମାତ୍ର କୋଣାର୍କ ପରି ପାଷାଣ-ଶିଳ୍ପ ଓ ଭଞ୍ଜ-ସାହିତ୍ୟ ପରି ଅକ୍ଷର-ଶିଳ୍ପ, ଦୁର୍ବଳ ମନୋବୃତ୍ତିରୁ ସମୁଦ୍‌ଭୂତ ହୋଇ ନ ପାରେ । ଉପେନ୍ଦ୍ରଙ୍କ କାବ୍ୟମାନଙ୍କରେ ଶୃଙ୍ଗାର ରସର ପ୍ରାଚୁର୍ଯ୍ୟ ସନ୍ଦର୍ଶନ କରି, ଯେବେ କବିଙ୍କୁ କାମୁକତା, ଲମ୍ପଟ୍ୟ କିମ୍ବା ଅନୈତିକତାଦି ଦୋଷରେ କଳଙ୍କିତ କରାଯାଏ, ତାହାହେଲେ ବିଶ୍ୱ-ସାହିତ୍ୟର ସମୃଦ୍ଧି ଯେଉଁ ମନୀଷୀପୁଙ୍ଗବମାନଙ୍କର ଜୀବନବ୍ୟାପୀ ସାଧନା ବଳରେ ସଂଘଟିତ, ସେ ସମସ୍ତେ ଘୃଣାର ପାତ୍ର ହୋଇପଡ଼ିବେ । ବାଲ୍ମୀକିଙ୍କଠାରୁ ଆରମ୍ଭ କରି ଭାରତ ଭୂମିରେ ଯେଉଁସବୁ କବି ଜନ୍ମଗ୍ରହଣ କରିଅଛନ୍ତି, ସେ ମଧ୍ୟରୁ କେହି କେବେ ଶୃଙ୍ଗାର ରସକୁ ଦୂର କରିବାକୁ ଚେଷ୍ଟା କରି ନାହାନ୍ତି । ବାଲ୍ମୀକି, ବ୍ୟାସ, କାଳିଦାସ, ବାଣଭଟ୍ଟ ଏହାକୁ ଅନୁପାଦେୟ ବୋଲି ଆଦୌ ଗ୍ରହଣ କରି ନାହାନ୍ତି । ସଂସ୍କୃତ-ସାହିତ୍ୟର ଗତିପଥରେ ଏପରି ଏକ ସମୟ ଆସି ଉପସ୍ଥିତ ହେଲା, ଯେତେବେଳେ ଆଳଙ୍କାରିକମାନେ ଶୃଙ୍ଗାର ରସକୁ କବିତ୍ୱର ମହାମୂଲ୍ୟ ଅଙ୍ଗରୂପେ ପ୍ରସ୍ତୁତ କଲେ । 'ସରସ୍ୱତୀ କଣ୍ଠାଭରଣ'ରେ ଭୋଜରାଜ ଏ କଥା ଲେଖିଛନ୍ତି । (୨) ବିଶିଷ୍ଟ ସଂସ୍କୃତ କବିଙ୍କ ପ୍ରଦର୍ଶିତ ପନ୍ଥାରେ ଗତି କରି, ଉପେନ୍ଦ୍ର ଶୃଙ୍ଗାରକାବ୍ୟରୁ ସମୁଦ୍‌ଭୂତ ଅଶ୍ଳୀଳତାକୁ ମଧ୍ୟ ସ୍ଥାନ ଦେଇଛନ୍ତି । ସୁତରାଂ, ଉପେନ୍ଦ୍ରଙ୍କର ଚରିତ୍ରକୁ ଏକ ଯାଦୃଚ୍ଛିକ ସିଦ୍ଧାନ୍ତ ଉପରେ ପ୍ରତିଷ୍ଠା କରିବାର ପ୍ରୟାସ ନିରର୍ଥକ ମାତ୍ର ।

---

(୧) ଏ ସମ୍ପର୍କରେ ଏହି ଆଲୋଚନାର ପୃ-୧୦୬—୧୧୩ ଦ୍ରଷ୍ଟବ୍ୟ ।

(୨) ଶୃଙ୍ଗାରୀଚେତ୍ କବିଃ × × ଜାତଂ ରସମୟଂ ଜଗତ୍ । —ଭୋଜ

କମ୍ବଦନ୍ତୀରୁ ଜଣାଯାଏ, ଉପେନ୍ଦ୍ରଙ୍କର ସୌମ୍ୟବପୁ, ତାଙ୍କ ଅନବଚର୍ଯ୍ୟା ସାରସ୍ୱତ ସାଧନାର ଅନୁରୂପ ଥିଲା । ରାଜ୍ୟରୁ ବିତାଡ଼ିତ ହୋଇଥିଲେ ମଧ୍ୟ, ତାଙ୍କ ହୃଦୟରେ ନୈରାଶ୍ୟ ପ୍ରବେଶ କରି ପାରି ନ ଥିଲା । ସହଧର୍ମିଣୀଙ୍କ ଅକାଳ ମରଣ ହେତୁ କବିଙ୍କୁ ସଂସାର ନୈରାଶ୍ୟମୟ ବୋଧ ହେବା ଅସଙ୍ଗତ ଅନୁମାନ ନୁହେ । ହେଲେ ହେଁ, ସେ ଯେବେ ସେହି ଦୁର୍ବଳତାର କବଳରେ ନିପତିତ ହୋଇଥାନ୍ତେ, ଏତେ ପାଣ୍ଡିତ୍ୟ ଓ ଭାବପୂର୍ଣ୍ଣ କାବ୍ୟମାନ ପ୍ରଣୟନ କରିବାକୁ ଆଦୌ ସମର୍ଥ ହୋଇ ନ ଥାନ୍ତେ । କବିଙ୍କର ଅନ୍ତର ପରୀକ୍ଷା କରି ତାଙ୍କର ହୃଦୟବତ୍ତା, ମତିମତ୍ତା ଓ ବିଦ୍ୱତ୍ତାର ପରିଚୟ ପାଇବାକୁ ହେଲେ, ତାଙ୍କର କାବ୍ୟାବଳୀର ହିଁ ଆଶ୍ରୟ ନେବାକୁ ପଡ଼ିବ ।

କବିମାନେ ନିଜର ଆତ୍ମବିଶ୍ୱାସରେ ନାନା କଥା ରସଜ୍ଞ ଓ ସହୃଦୟ ପାଠକଙ୍କ ପାଇଁ ଲେଖି ଯାଇଥାନ୍ତି । ମୂର୍ଖମାନେ ନିଜର ଦୁର୍ବିଦଗ୍ଧତା ଫଳରେ କବିଙ୍କ ମର୍ମ ଅବଗତରେ ଅସମର୍ଥ ହୋଇ କେବଳ ଦୋଷାରୋପ କରିବାକୁ ଉଦ୍ୟତ ହୁଅନ୍ତି । କାଦମ୍ବରୀ ଲେଖକ ବାଣଭଟ୍ଟ ଯଥାର୍ଥରେ ଲେଖିଛନ୍ତି—

"କଟୁକ୍ୱଣନ୍ତୋ ମଳଦାୟକାଃ ଖଳାଃ ।
ତୁଦନ୍ତ୍ୟଳଂ ବନ୍ଧନ-ଶୃଙ୍ଖଳା ଇବ ॥
ମନସ୍ତୁ ସାଧୁ ଧ୍ୱନିଭିଃ ପଦେ ପଦେ ।
ହରନ୍ତି ସନ୍ତୋ ମଣି-ନୂପୁରା ଇବ ॥

ଖଳ ଓ ଦୋଷଦର୍ଶୀ ଲୋକେ ବନ୍ଧାଶିକୁଳି ପରି କେବଳ ଦୁଃଖ ଓ ଅଶାନ୍ତିଦାୟକ । ମାତ୍ର ସାଧୁମାନେ ମଣିନୂପୁର ଧ୍ୱନି ପରି ମଧୁର ବାକ୍ୟରେ ମନୋହରଣ କରିଥାନ୍ତି

ଦୀନକୃଷ୍ଣ 'ରସ-କଲ୍ଲୋଳ' ଷୋଡ଼ଶ ଛାନ୍ଦର ଶେଷ ଭାଗରେ ଓ ଶେଷ ଛାନ୍ଦର ଶେଷ ଭାଗରେ ମୂର୍ଖମାନଙ୍କୁ ନିନ୍ଦା କରିଅଛନ୍ତି । ଆଳଙ୍କାରିକମାନେ ମଧ୍ୟ କାବ୍ୟରେ 'କ୍ୱଚିନ୍ନିନ୍ଦା ଖଳାଦୀନାଂ, ସତାଂ ଚ ଗୁଣକୀର୍ତ୍ତନମ୍' ( କେଉଁଠାରେ ଖଳନିନ୍ଦା, କେଉଁଠାରେ ଅବା ସାଧୁମାନଙ୍କର ଗୁଣକୀର୍ତ୍ତନ ) ବିଧେୟ ବୋଲି କହିଅଛନ୍ତି । ଅଭିମନ୍ୟୁ ସେଥିପାଇଁ 'ବିଦଗ୍ଧ ଚିନ୍ତାମଣି'ର ପ୍ରଥମ ଛାନ୍ଦରେ ସେ କଥା ଲେଖିଛନ୍ତି ( କବି-ସମାଜର ପରମ୍ପରା ରକ୍ଷା କରି ) । ସେହି ଆଦର୍ଶରେ ଅନୁପ୍ରାଣିତ ହୋଇ ନିଜ କାବ୍ୟମାନଙ୍କରେ, ଉଚିତ ଉଚିତ ପ୍ରସଙ୍ଗରେ ଉପେନ୍ଦ୍ର ସାଧୁ ସ୍ତୁତି ଓ ଖଳନିନ୍ଦା କରିଛନ୍ତି । 'ଲାବଣ୍ୟବତୀ' ଷୋଡ଼ଶ ଛାନ୍ଦରେ ଅଛି—

"ବଚନ ସୁଧାରସ ଏଣୁ, ସୁମନାବୃନ୍ଦ ସୁଖଦାୟୀ
ନାରିକେଳ ଯେ ରସପୂର, ଭକ୍ଷି ନ ପାରଇ ବାନର ।
ତାର କି ସ୍ୱାଦୁ ଯଶ ନୋହି, ପ୍ରସଙ୍ଗୁ ମାତ୍ର ଗଲି କହି ।"

ପୁଣି, 'ସୁଭଦ୍ରା ପରିଣୟ'ର ୧୩ଶ ଛାନ୍ଦ ଶେଷରେ ଲେଖିଛନ୍ତି–

"ସାରମେୟ ପ୍ରାୟ ହୋଇ ହେ ନୃଶଂସ ଭ୍ରାତ
ସୁନ ବ୍ୟର୍ଥ ନ କରିବ ନ ବୁଝି ଏ ଗୀତ ।
ସୁଖରେ କୁଟିଳ ଭୁମ୍ଭେ ତାହା ପୁଚ୍ଛ ପରି
'ସିଦ୍ଧି' ଲେଖିଲି ଶିଶୁ କି କାବ୍ୟ ଅର୍ଥ କରି ।"

ଏଥିସଙ୍ଗେ ଅଭିମନ୍ୟୁ ସାମନ୍ତସିଂହାରଙ୍କ ଆତ୍ମବିଶ୍ୱାସପୂର୍ଣ୍ଣ ମୂର୍ଚ୍ଛନା ମଧ୍ୟ ଭୁଳନୀୟ । ଯଥା—(୧ମ ଛାନ୍ଦରେ)

"ଛନ୍ଦାର୍ଥୀ କି ଦମ୍ଭଧର ଚରଣକୁ ଯିବ
ଛଇଳ ଲୋକର ନବ ରସବର୍ଣ୍ଣ ଛବି ।
ଚାଣ ଚଣା ଚର୍ବଣ ନୀ-ରଦ କଲି ପରି
ଚେଳ ଓଜ ଖଜିବ ଅବଶ୍ୟ ଶ୍ରମ କରି ।"

ଏହା କାବ୍ୟ-ପଣ୍ଡିତ, ରସଜ୍ଞ ତଥା ବିଦଗ୍ଧମାନଙ୍କ ପାଇଁ ଉଦ୍ଦିଷ୍ଟ, ସର୍ବ-ସାଧାରଣଙ୍କ ପାଇଁ ନୁହେଁ । 'ଗୀତ ଗୋବିନ୍ଦ'କାର ଏହି ବିଶ୍ୱାସର ବଶବର୍ତ୍ତୀ ହୋଇ ନିଜକୁ 'ପଣ୍ଡିତ-କବି' ବୋଲି କହିଅଛନ୍ତି (୧) । 'କବିଚନ୍ଦ୍ର'ଙ୍କ ଅଭ୍ୟୁଦୟରେ 'ଚମ୍ପୂ'କାର କବିସୂର୍ଯ୍ୟ ମର୍ମାହତ ହୋଇ ଦୁର୍ବିଦଗ୍ଧମାନଙ୍କର ଧିକ୍କାରସୂଚକ ଭାଷାରେ ଗାଇଥିଲେ—

"କବି ହୋଇଗଲେ ସମସ୍ତ ଲୋକେ
ରବି ହେଲେ ଜ୍ୟୋତିରିଙ୍ଗଣ ପୋକେ
ହବି ହୋଇଗଲା ପୁଲିନ୍ଦ ଭୋଜ
ପବି ହୋଇଲାଣି ମୃଣାଳ ବୃଜ
ଅବିବେକୀ ଭେକେ
ନବୀନ ସୃଷ୍ଟି କି କଲେ କି ଏବେ ।" (୨)

---

(୧) "ଇତଃପରଂ ଜୟଦେବ ପଣ୍ଡିତ କବେଃ"—ଶେଷ ସର୍ଗ ।

(୨) କବିସୂର୍ଯ୍ୟ ଗ୍ରନ୍ଥାବଳୀ (କୁଳମଣି ଦାଶ—୧୯୩୯) ଜୀବନବୃତ୍ତାନ୍ତ, ପୃ-୫୨

ପ୍ରାଚୀନ କବିମାନଙ୍କ ମଧ୍ୟରେ, ବିଶେଷତଃ, ନବରତ୍ନ ମଧ୍ୟରେ, ପାଣ୍ଡିତ୍ୟ-ମୂଳକ ପରସ୍ପରର ଖଣ୍ଡନ ମଣ୍ଡନ ଅନବରତ ଚାଲିଥିଲା । ଏବେ ମଧ୍ୟ ଏ ଦେଶରେ ଲୋକଙ୍କର ଦୃଢ଼ ଧାରଣା ଯେ, କାବ୍ୟରେ ପାଣ୍ଡିତ୍ୟ ଓ କବିତ୍ୱ ଉଭୟର ସମାବେଶ ଅପରିହାର୍ଯ୍ୟ । କଥା ପ୍ରସଙ୍ଗରେ ଆଜି ମଧ୍ୟ ଏ ଦେଶର ଶିକ୍ଷିତ ସମ୍ପ୍ରଦାୟ, ଦୁଇ ଜଣ ଲେଖକଙ୍କର ତୁଳନାତ୍ମକ ବିଚାର ପ୍ରସଙ୍ଗରେ କହିଥାନ୍ତି, "ଅମୁକ ଲୋକ ଜଣେ କବି; କିନ୍ତୁ ଅମୁକ ଲୋକ ଜ୍ଞାନୀ ଓ ପଣ୍ଡିତ ।"

ଉପେନ୍ଦ୍ରଙ୍କ ସମୟରେ ଲୋକଙ୍କର ଏହି ଧାରଣା ଅତି ସୁପ୍ରତିଷ୍ଠିତ ଥିଲା । ତେଣୁ, ପ୍ରତ୍ୟେକ କବି, ନାନା ଶାସ୍ତ୍ରଗତ ଜ୍ଞାନରେ କଳ୍ପନା-ବିଳାସିତା ଓ ମୌଳିକତା ସମାବେଶିତ କରି, କାବ୍ୟ ରଚନା କରୁଥିଲେ ।

ଉପେନ୍ଦ୍ର ଅତ୍ୟନ୍ତ ଯତ୍ନ ସହକାରେ ଶାସ୍ତ୍ରଲବ୍ଧ ଜ୍ଞାନର ପ୍ରକାଶ ଓ ପ୍ରକଟନ କରିବାକୁ ପଦେ ପଦେ ପ୍ରୟାସ କରୁଥିଲେ । ତେବେ ହେଁ, ଅତୀତ ଯୁଗର ମହାକବିମାନଙ୍କ ପ୍ରତି ଯୁଗୋଚିତ ସମ୍ମାନ ପ୍ରଦର୍ଶନ କରିବାକୁ ସେ କୌଣସିଠାରେ ତ୍ରୁଟି ପ୍ରଦର୍ଶନ କରି ନାହାନ୍ତି । ତାଙ୍କର ଶ୍ରେଷ୍ଠ କାବ୍ୟ 'ବୈଦେହୀଶ ବିଳାସ'ର ମୂଳରେ, ଚରମ ଆତ୍ମଗ୍ଳାନିରେ ସେ ଗାଇଛନ୍ତି—

"ବାଲ୍ମୀକି ବ୍ୟାସ କବି ଯହିଁରେ
ମହାକାବ୍ୟ କେ ରଚନା କରେ
ମହାନାଟକ ବାଟ ସୁତରେ ହେଲେ ରଚିତା ।
ବିହିଲେ କାବ୍ୟ ଯେ କାଳିଦାସେ
ଚମ୍ପୂ ରଚନା ଭୋଜ ନରେଶେ
କୃପାସିନ୍ଧୁଏ ଗୀତ ପ୍ରକାଶେ ଛାଡ଼ିଲେ ଚିନ୍ତା ।
କବେକ ହିଁ ଉଦୟ ଏମନ୍ତ ଧାୟି,
ବ୍ୟୋମେ ତାରକା ଯେବେ ବିଳସୁଥାଇ,
ଦିବାବସରେ ଜ୍ୟୋତିରଗଣ
ଗଣଜ୍ୟୋତିଙ୍କ ଦେଖାନ୍ତି ପୁଣ
ସୁଜନେ ସାବଧାନରେ ଶୁଣ ଗ୍ରନ୍ଥ ରଚଇ ।"

ଏଥିରେ ପ୍ରଯୁକ୍ତ 'ସୁଜନେ' ଓ 'ସାବଧାନେ' ଶବ୍ଦଦ୍ୱୟ ଦୁଇଟି ଅଭିପ୍ରାୟର ଦ୍ୟୋତକ । ପ୍ରଥମଟିରେ, 'କାବ୍ୟ ସୁଜନମାନଙ୍କ ପାଇଁ, ସାହିତ୍ୟ ବିଦ୍ୟାବିଳାସୀ-ମାନଙ୍କ ନିମନ୍ତେ ଉଦ୍ଦିଷ୍ଟ', ଏହା ପ୍ରକାଶ ପାଉଛି । ଦ୍ୱିତୀୟ ଶବ୍ଦଟିରେ ପାଠକମାନଙ୍କୁ

ଅବହିତଚିତ୍ତ ହେବା ପାଇଁ ଅନୁରୋଧ କରାଯାଇଛି । "ଅନୁରାଗୀ ହୃଦୟରେ ଏବଂ ନିଶ୍ଚଳ ମନରେ ଅନୁଧ୍ୟାନ କଲେ କବିଙ୍କ ମର୍ମ ବୁଝିହେବ, ଅନ୍ୟଥା ହୋଇପାରିବ ନାହିଁ," ଏହି ସଙ୍କେତ ବଡ଼ ତାତ୍ପର୍ଯ୍ୟପୂର୍ଣ୍ଣ । 'ରସକଲ୍ଲୋଳ'ରେ ଦୀନକୃଷ୍ଣ ମଧ୍ୟ କହିଛନ୍ତି—

"କର୍ଣ୍ଣ ଦେଇ କୃଷ୍ଣ କଥା ଶୁଣ ସୁଜନେ
କେବଳ ମନକୁ ସ୍ଥାପି ସ୍ଥିର ଆସନେ ।" (୧)

ଏଥିରେ ମଧ୍ୟ 'ସୁଜନେ' ଓ 'ମନକୁ ସ୍ଥାପି ସ୍ଥିର ଆସନେ' ପୂର୍ବକଥିତ ଭଞ୍ଜୀୟ ଭାବଧାରାର ଅନୁରୂପ । ସୁତରାଂ, କାହିଁକ, କାହା ନିମନ୍ତେ ଓ କି ପ୍ରକାର କାବ୍ୟ ପ୍ରଣୟନ କରିଛନ୍ତି, କବି ତାହା ଆଗରୁ ହିଁ ସୂଚାଇ ଦେଇଛନ୍ତି । ଯେଉଁମାନେ ଏ ସମସ୍ତ ନିର୍ଦ୍ଦେଶ ପ୍ରତି ଦୃଷ୍ଟି ନ ଦେଇ, କବିଙ୍କର ଶବ୍ଦଗାମ୍ଭୀର୍ଯ୍ୟ-ବ୍ୟୂହ ଭେଦ କରିବାକୁ ଅକ୍ଷମ ହୋଇ, କେବଳ ତାଙ୍କର ନିନ୍ଦାବାଦ କରନ୍ତି, ସେମାନଙ୍କୁ ଉତ୍ତର ଦେବା ପାଇଁ ପଣ୍ଡିତ-ସମାଜରେ ଆଦୃତ ଗୋଟିଏ ଶ୍ଳୋକର ଅବତାରଣା କରାଯାଇପାରେ—

ଯଂ ମୂର୍ଦ୍ଧ୍ନା ନମନାକ୍ଷସୁଦ୍ଧି ବିପଦାଂ
ବନ୍ଦ୍ୟୋଽପି ଗୌରୀଶ୍ୱରଃ
ଯାଂସଷ୍ଟପୁନାତି ନାରଦ-ମୁଖୈଃ
ସନ୍ତୂୟତେ ତାପସୈଃ
ଯସ୍ୟ ସ୍ନାନ ନିମଗ୍ନ ଯୋଜିତଧିୟୋ
ମଜ୍ଜନ୍ତି ଦିଗ୍‌ଦନ୍ତିନୋ
ଛାଗୀ ନିନ୍ଦତି ତଂ ବିରାଗ ବଶତୋ
ଭାଗୀରଥୀ ନିର୍ଝରମ୍ ।

ପୂର୍ବ ପୃଷ୍ଠାରେ 'ବୈଦେହୀଶ ବିଳାସ'ରୁ ଯେଉଁ ପଦଟି ଉଦ୍ଧାର କରାଯାଇଛି, ତହିଁରେ କବି ନିଜର ସଂସ୍କୃତ-ସାହିତ୍ୟର ବହୁ ଶ୍ରେଷ୍ଠ କବିଙ୍କ ପରି ଆତ୍ମଗୌରବ ପ୍ରଦର୍ଶନ କରି ନାହାନ୍ତି । 'ପ୍ରେମ ସୁଧାନିଧି'ରେ, ଧୀର ବିନମ୍ର ଶବ୍ଦରେ, ରସିକ-ପାଠକମାନଙ୍କୁ ନିବେଦନ କରି କହିଛନ୍ତି—

"କବି ବିନା କେ ବୁଝିବ ଏଥି କଷ୍ଟ ଯେତେ ।"

---

(୧) ରସକଲ୍ଲୋଳ—୨୭।୧

କବି ସ୍ଥାନକୁସ୍ତ ମଧ୍ୟ ଏହି ମର୍ମରେ ଲେଖିଛନ୍ତି—

"କହୁଅଛି ସୁଜନମାନଙ୍କୁ ଏତେ
କୃପା କରିବ ମୋତେ ପ୍ରସନ୍ନ ଚିତ୍ତେ ।
'କ' ଅକ୍ଷରେ କଲି ଯେ ଗୀତ
କେବେ ହେଁ ଏଥି ନ ଦେବ ଘାତ ।
କବି ହେଲେ ତ ଜାଣିବ ଏଥି ଶ୍ରମ ହିଁ ଯେତେ ।"
(ରସ-କଲ୍ଲୋଳ—୧୬ଶ ଛାନ୍ଦ)

'ଛାନ୍ଦ ଭୂଷଣ'ରେ ଉପେନ୍ଦ୍ର ଭଞ୍ଜ ପୁଣି କହିଛନ୍ତି—

"କେତେ କଷ୍ଟେ ହୁଏ ଗୀତ ନାହିଁ ଏ ଖବର
କରନ୍ତି ନାହିଁ ସେ ଭଲ କଥାରେ ଆଦର ।" ୧।୧୨)

ପୁଣି, 'ସୁଭଦ୍ରା ପରିଣୟ'ରେ—

"ସେହିରୂପ ଏ ଗୀତ ଯ ବର୍ଣ୍ଣି ଶ୍ରମ ଦେଖି
ସୁଧୀ ସୁରସିକମାନେ ଚିତ୍ତେ ହେବେ ସୁଖୀ ।"

କେତେ କଷ୍ଟରେ ଓ ଶ୍ରମରେ 'କଳା କୌତୁକ' କାବ୍ୟ ରଚିତ, କବି ନିଜେ ପ୍ରକାଶ କରିଅଛନ୍ତି—

"କଳା କଉତୁକ ଏ ଗୀତ ନାମ ହେବ ଖ୍ୟାତକ
କରୁଥିବ ପ୍ରତି ପଦରେ ବାସ ଆଦ୍ୟ ପ୍ରାନ୍ତକ ।
କଷ୍ଟକୁ ଜାଣିବେ ସୁକବି ଯେଉଁମାନେ ପ୍ରାଚକ
'କ' ଥାଉ ଭ୍ରମରେ ଯେ ଖଳ ସେହିପରି ଧନ୍ଦିକ ।" (୧।୯-୧୦)

କେବଳ ଏତିକ ନୁହେଁ, ନିଜକୁ ମନ୍ଦବୁଦ୍ଧି ରୂପେ ମଧ୍ୟ କୌଣସି କୌଣସି ସ୍ଥଳରେ ଉଲ୍ଲେଖ କରି, ଗମ୍ଭୀର ହୃଦୟବତ୍ତାର ପରିଚୟ ଦେଇଛନ୍ତି । 'ଛାନ୍ଦ-ଭୂଷଣ'ରେ ସେ ଲେଖିଛନ୍ତି—

"କ୍ଷମେ ଏ ଛାନ୍ଦ ଭୂଷଣ ଗୀତ ହେଲା ଶେଷ
କ୍ଷୁଲ୍ଲକ ବୁଦ୍ଧି ଉପେନ୍ଦ୍ର ଭଞ୍ଜ କହେ ରସ ।" (୩୪।୨୦)

ଏହିପ୍ରକାର ଅନ୍ୟତ୍ର କୁହାଯାଇଛି, ଉପେନ୍ଦ୍ର ଯେଉଁଠାରେ ଆତ୍ମପ୍ରଶସ୍ତି ଗାନରେ ମୁଖର, ସେଠାରେ ମଧ୍ୟ ତାଙ୍କର ପରମାରାଧ୍ୟ 'ରାମଚନ୍ଦ୍ର-ଜଗନ୍ନାଥ'ଙ୍କର ମାହାତ୍ମ୍ୟ ତୁଳନାରେ ନିଜର ଗୌରବ ପ୍ରକାଶ ଅତ୍ୟଳ୍ପ ମାତ୍ର ହୋଇଛି । ନିମ୍ନ-ଲିଖିତ ଉଦ୍ଧୃତିଗୁଡ଼ିକରୁ ଏ କଥା ସୁସ୍ପଷ୍ଟ ହେବ—

"ବିଶ୍ୱକର୍ମା ରଘୁନାଥ
ତାଙ୍କ ଧ୍ୟାନରେ ଉପଇନ୍ଦ୍ର ଚିତ୍ର ଚରିତ ରଚନେ ସମର୍ଥ ।"
(କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ)

"ବାର ବାର ସେବାରେ ମନାଇଁ ସୀତାରାମ
× × ×
ଚିତ୍ର କବିତ୍ୱ ମାର୍ଗେ ପ୍ରସରିଲା ବୁଦ୍ଧି
ହୋଇଗଲା ରାମାୟଣ ଏ ମୋ ବଡ଼ ସିଦ୍ଧି ।"
(ବୈଦେହୀଶ ବିଳାସ)

"ତାରକ ମନ୍ତ୍ର ପରସାଦେ, ମୋହର କବିପଣ ଉଦେ ।"
(ଲାବଣ୍ୟବତୀ)

କବିଙ୍କର ଏହି ଉକ୍ତିମାନଙ୍କରେ ଉପାସ୍ୟ ଦେବତାଙ୍କ ପ୍ରତି ଯେଉଁ ଭକ୍ତି ଅଭିବ୍ୟଞ୍ଜିତ ହୁଏ, ତାହା ତାଙ୍କର ଚରିତ୍ରଗତ ସମାଲୋଚକଙ୍କୁ ତାଙ୍କର ନୀରବ ଉତ୍ତର କହିଲେ ଅଯଥାର୍ଥ ହେବ ନାହିଁ ।

ଏହା ବୋଲି, ଆତ୍ମବିଶ୍ୱାସମୂଳକ ସ୍ୱକାବ୍ୟ ଉତ୍କର୍ଷ ପ୍ରତିପାଦନ ଭଞ୍ଜ-ଲେଖାମାନରେ ଅନୁପଲବ୍ଧ ବୋଲି କହିବା ଅସତ୍ୟ ହେବ । କବି ଲେଖିଛନ୍ତି—

(କ) "କଳଙ୍କ ବିହୀନ ମୋ ଗୀତ, ଖଳ ରାହୁରେ ଅଦୂଷିତ ।
ଚିତ୍ର ସୁଧାକର ଏହି, ସୁମନାବୃନ୍ଦ ସୁଖଦାୟୀ ।"
(ଲାବଣ୍ୟବତୀ—୧୬ଶ ଛାନ୍ଦ)

(ଖ) "ଖଳଗର୍ବତୃଣ ଦାବଦହନ, ରସିକ ମୂର୍ଖ ଅଗମ୍ୟ ବନ
ଧନୀ ବଣିକ ପସରା ସମାନ, ବିବିଧ ରସ ଦ୍ରବ୍ୟରେ ପୂର୍ଣ୍ଣ ।
(ଲାବଣ୍ୟବତୀ)

(ଗ) "କବି ପଣ୍ଡିତ, ହୃଦୟ ମଣ୍ଡିତ ହୋଇବ
ଖଣ୍ଡିତ କରିବ ସର୍ବ ଖଳ ଗର୍ବ
ବହୁତ କାଳ ଯାଏ ଥିବ । (ରସିକ ହାରାବଳୀ)

(ଘ) "ରସିକ ଜନମାନଙ୍କୁ ପୀୟୂଷ
ଅରସିକଙ୍କୁ ଗରଳ ସଦୃଶ ।" (ରସିକ ହାରାବଳୀ)

ଏହିଭଳି ଭାବରେ, ହୃଦୟ ସମ୍ବଳିତ ଗଭୀର ଆତ୍ମବିଶ୍ୱାସର ଅନୁପ୍ରାଣନ କବିଙ୍କୁ ବିଭିନ୍ନ ସମୟରେ ଉଦ୍ଦୀପିତ କରି, ବହୁ ବାଧାବିଘ୍ନ ମଧ୍ୟରେ କାବ୍ୟ-କୋଣାର୍କ ନିର୍ମାଣ କରିବାକୁ ପ୍ରଚୋଦିତ କରିଥିବାର ଜଣାଯାଏ ।

## କାବ୍ୟରେ ଆତ୍ମଜୀବନୀ—

କବିଙ୍କର ଏକ ଖଣ୍ଡିତ ଜୀବନ-ଚିତ୍ର ପ୍ରଦାନର ପ୍ରୟାସ ଏହିଠାରେ ଶେଷ ହେଲା । ସ୍ଥୂଳ ଭାବରେ ଜଣାଯାଏ, ତାଙ୍କ ଜୀବନର ୨୦।୨୫ ବର୍ଷ ବିଳାସର ପରିବେଷ୍ଟନୀରେ ଯାପିତ ହୋଇଥିଲେ ହେଁ, ତାଙ୍କର ସିଦ୍ଧିଲାଭର ସଦୁଦ୍ୟମ ଅବ୍ୟାହତ ଥିଲା । ନୀଳକଣ୍ଠଙ୍କର ବିତାଡ଼ନ ସମୟରୁ ତାଙ୍କର ସାମାଜିକ ଜୀବନ ଯେପରି ଅସହ୍ୟ ହୋଇ ଉଠିଥିଲା, ଉଭୟ ପତ୍ନୀଙ୍କର ଅକାଳ ବିୟୋଗ ସେହିପରି ପାରିବାରିକ-ନଭୋମଣ୍ଡଳରେ ଅମା-ନିଶିଥିନୀର ପ୍ରତିଚ୍ଛବି ସୃଷ୍ଟି କରିଥିଲା । ତାହା ସତ୍ତ୍ୱେ ସେ ନିସର୍ଗଦତ୍ତ ଗୁଣମାନଙ୍କର ବିକାଶ ସାଧନ ବଳରେ ଅସାଧ୍ୟ ସାଧନ କରି ପାରିଥିଲେ ।

ଚରିତ୍ର ଦିଗରୁ ବିଚାର କଲେ, ଭଞ୍ଜ ଥିଲେ ଜଗନ୍ନାଥଙ୍କର ଭକ୍ତପ୍ରବର, ଏକନିଷ୍ଠ ସାହିତ୍ୟ ସାଧକ, ସ୍ୱଦେଶବତ୍ସଳ, ନିର୍ଭୀକ, କଷ୍ଟସହିଷ୍ଣୁ, ସର୍ବଭାରତୀୟ ସଂସ୍କୃତିର ଶ୍ରେଷ୍ଠ ଉପାସକ ଏବଂ ସର୍ବୋପରି, ଦେଶର ଦୀନ, ଦଳିତ ଓ ଅବହେଳିତ ଜନତାର ଜଣେ ଜନନାୟକ । ବହୁ ସ୍ଥଳରେ ରାଜ-ପରିବାରର ବିଳାସମୟ ଚିତ୍ର ଅଙ୍କନ କରି, ଲୋକଙ୍କ ମନରେ ଅଲକ୍ଷିତ ଭାବରେ, ଅସହିଷ୍ଣୁ ଭାବ ସୃଷ୍ଟି କରିବାକୁ ସେ ଚେଷ୍ଟା କରିଛନ୍ତି । ଯେଉଁଠାରେ ଟିକିଏ ସୁବିଧା ମିଳିଛି, ରାଜାଙ୍କର କର୍ତ୍ତବ୍ୟ-ସୀମା ଭିତରେ ଦେଶର ସୁଶାସନ କିପରି ପ୍ରଥମ ସ୍ଥାନ ଅଧିକାର କରେ, ତାହା ସେ ନାନା କୌଶଳରେ ପ୍ରକାଶ କରିଅଛନ୍ତି । ବ୍ୟକ୍ତିଗତ ଭାବରେ ଏହି ଲେଖକ ଯେତିକି ଯେତିକି ଭଞ୍ଜଙ୍କର ହୃଦୟ-ରାଜ୍ୟରେ ବିଚରଣ କରିବାକୁ ଚେଷ୍ଟା କରୁଛି, ସେ ଅନୁଭବ କରୁଛି, ମଣିଷ ହିସାବରେ

ଭଞ୍ଜ ଥିଲେ ତାଙ୍କ ସାହିତ୍ୟଠାରୁ ମହତ୍ତର । ତାଙ୍କର ସୃଷ୍ଟି ତୁଳନାରେ ସ୍ରଷ୍ଟା ଜୀବନରେ ସେ କିପରି ଅତୁଳନୀୟ, ସେ ଦିଗରେ ଏ ପର୍ଯ୍ୟନ୍ତ ବିଶେଷ କିଛି ଆଲୋଚନା ହୋଇ ନାହିଁ । ଏହି ଲେଖକର 'ଭଞ୍ଜଙ୍କ ନିର୍ବାଚନ ଇସ୍ତାହାର' ନାମକ ପ୍ରକାଶିତ ପୁସ୍ତକର ବିଭିନ୍ନ ପ୍ରବନ୍ଧରେ ଭଞ୍ଜଙ୍କର ବ୍ୟକ୍ତିଗତ ତଥା ଚରିତ୍ରଗତ ମହନୀୟତାର ନାନାବିଧ ଆଭାସ ଦିଆଯାଇଛି ।

ଭଞ୍ଜ ହୁଏତ ନିଜ ଜୀବନକୁ ପ୍ରକାଶ କରିବାକୁ ଯାଇ, ଅନେକ କଥା ବିଭିନ୍ନ ସ୍ଥାନରେ କହିଛନ୍ତି । ଏ ସମ୍ପର୍କରେ ତିନୋଟି ଉଦାହରଣ ଏଠାରେ ଉଦ୍ଧାର କରାଯାଇପାରେ ।

(କ) "କି ହେବ ଇନ୍ଦ୍ର ହୋଇଲେ ସର୍ବସମ୍ପଦେ ସେ<br>
ସ୍ତ୍ରୀଶ୍ରୀହୀନଠାରୁ ପାପୀ ନାହିଁ ମର୍ତ୍ତ୍ୟଦେଶେ ।" (ଲାବଣ୍ୟବତୀ)

(ଖ) "ରାଜାଙ୍କୁ ହେବାର ରାଜ୍ୟ ନଷ୍ଟ<br>
ଯୁବାଙ୍କୁ ହେବାର ପତ୍ନୀ କଷ୍ଟ<br>
ବୋଲେ ଉପେନ୍ଦ୍ର ଭଞ୍ଜ ବୀରବର<br>
ଏଥୁ ବଳି ଆନ ନାହିଁ କଷ୍ଟ ।"<br>
(ରସିକ ହାରାବଳୀ—୮।୨୫)

(ଗ) "ଶିବ ସେବା ଅନୁବ୍ରତେ ପାଇଥିଲି ଧନ ତୋତେ<br>
ଏବେ କିପରି ମୁଞ୍ଚିବି ସତେ ରେ ।" (ଲାବଣ୍ୟବତୀ)

ଏ ସବୁ କବିଙ୍କର ଆତ୍ମଜୀବନ ତଥ୍ୟ ବୋଲି ସମୀକ୍ଷକମାନେ ଯାହା କହି ଯାଇଛନ୍ତି, ତାହା ଏକାନ୍ତ ସତ୍ୟ ପରି ହିଁ ପ୍ରତିଭାତ ହୁଏ ।

ଉପେନ୍ଦ୍ର ଭଞ୍ଜଙ୍କର ଚରିତ୍ରଗତ ଦୋଷ ନ ଥିଲା ବୋଲି ଅଧ୍ୟାପକ ଆର୍ତ୍ତବଲ୍ଲଭ ମହାନ୍ତି ଦୃଢ଼ଭାବରେ 'ଲାବଣ୍ୟବତୀ' ମୁଖବନ୍ଧରେ ଘୋଷଣା କରି ଅଛନ୍ତି । ଯୁକ୍ତିଛଳରେ ଯଦି ଆର୍ତ୍ତବାବୁଙ୍କ ମତର ଅପର ପକ୍ଷ ଗ୍ରହଣ କରାଯାଏ, ତାହାହେଲେ ଇଂରାଜୀ-ସାହିତ୍ୟର ବିଖ୍ୟାତ ଲେଖକ ଶେଲିଙ୍କ ନିମ୍ନଲିଖିତ ମନ୍ତବ୍ୟ ପ୍ରତି ପାଠକଙ୍କ ଦୃଷ୍ଟି ଆକର୍ଷଣ କରାଯାଇପାରେ :—

"Let us assume that Homer was a drunkard, that Virgil was a flatterer, that Horace was a coward, that Tasso was a madman, that Lord Bacon was a peculator, that Raphael was a libertine, that Spenser was a poet Laureate.

It is inconsistent with this division of our subject to cite living poets, but posterity has done ample justice to the great names now referred to. Their errors have been weighed and found to have been dust in the balance; if their sins 'were as scarlet, they are now white as snow'; they have been washed in the blood of the mediator and redeemer, time." (1)

ଏହାର ସାରମର୍ମ : ଜଣେ ପ୍ରତିଭାମାନ୍ କଳା-ସାଧକ ମଦ୍ୟପ ହୋଇପାରେ, ଖଳ ହୋଇପାରେ, ଭୀରୁ ହୋଇପାରେ, ବାତୁଳ ହୋଇପାରେ, ଇତ୍ୟାଦି ଇତ୍ୟାଦି । କିନ୍ତୁ, ତାହାର ରମ୍ୟ କଳାକୃଷ୍ଟି କାଳ ବକ୍ଷରେ ଆଲୋକସ୍ତମ୍ଭ ପରି ଠିଆ ହୋଇ ରହିଛି । ତାହାର ଧର୍ମାବୃତ ଚରିତ୍ରଗତ ଦୁର୍ବଳତା ଯଦି କେଉଁ ସମୟରେ କାହାର ଆଖିକୁ କଳା ଦେଖା ଯାଉଥିଲା, ଆଜି ତାହା ତୁଷାରଶୁଭ୍ର ପ୍ରକ୍ଷାଳିତ ହେଉଅଛି । ନକ୍ଷତ୍ରର ଗାତ୍ରରେ ଲାଗିଥିବା ସାମାନ୍ୟତମ ଧୂଳିକଣାର ଓଜନ ଯାହା, ବିଶ୍ୱମାନବର ବ୍ୟକ୍ତିତ୍ୱ ବିଗ୍ରହର ଗାତ୍ରରେ ସେହି ଦୁର୍ବଳତା ସେହିଭଳି ଏକାନ୍ତ ଲଘୁ । ଯଦି କିଛି କଳଙ୍କ ତାଠାରେ ଥିଲା, ସର୍ବକାଳଙ୍କ ପ୍ରକ୍ଷାଳନକାରୀ କାଳସ୍ରୋତ ସେ ସବୁକୁ ଚିରକାଳ ପାଇଁ ଧୋଇ ଦେଇଛି । ତାହା ଫଳରେ, ସେଭଳି ବରେଣ୍ୟ ସାଧକମାନଙ୍କର ସାଧନା-ମୁକୁର ପ୍ରତିଫଳିତ ପ୍ରତିଭାର ଉତ୍କର୍ଷ ଦେଦୀପ୍ୟମାନ ହୋଇ ରହିଅଛି । ଏହା ( କୋଣାର୍କ ନିର୍ମାତା ଶିଳ୍ପୀମାନଙ୍କ ପାଇଁ ଯେତିକି ପ୍ରଯୁଜ୍ୟ, ପ୍ରାଚୀନ ଜଗତର ସପ୍ତ ଆଶ୍ଚର୍ଯ୍ୟ ନିର୍ମାତାମାନଙ୍କ ପାଇଁ ଯେତିକି ପ୍ରଯୁଜ୍ୟ, ଉପେନ୍ଦ୍ର ଭଞ୍ଜଙ୍କ ଲାଗି ମଧ୍ୟ ସେତିକି ପ୍ରଯୁଜ୍ୟ । )

## ଉପସଂହାର

### ଭଞ୍ଜଙ୍କର ଅଲୌକିକ ଶକ୍ତି—

ଭଞ୍ଜଙ୍କର ଅସାଧାରଣ, ଏପରି କି ଅଲୌକିକ ଶକ୍ତି ସମ୍ପର୍କରେ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ନାନାପ୍ରକାର କିମ୍ବଦନ୍ତୀ ଶୁଣିବାକୁ ମିଳେ । ସେ ଏପରି ଶ୍ରୁତିଧର ଓ ପ୍ରତିବାଦି-ବିମର୍ଦ୍ଦନକ୍ଷମ ଥିଲେ ଯେ, ତାଙ୍କର ନାମ ଉଚ୍ଚାରିତ ହେଲେ, ସାହିତ୍ୟିକ-ଅଭିମାନ ରାଜ୍ୟର ଗର୍ଭିଣୀ ଗାଈ ମଧ୍ୟ ବାଟ ଛାଡ଼ି

(1) 'A Defence of Poetry' ଶୀର୍ଷକ ପ୍ରବନ୍ଧ ।

ଦେଉଥିଲି । ତାଙ୍କର ଏହିସବୁ ଶକ୍ତିବିଳାସ କଥା ଶୁଣିଲି ବେଳେ, ରାମକୃଷ୍ଣ ପରମହଂସ ଦେବଙ୍କ ଜୀବନୀ ଗ୍ରନ୍ଥରେ ଭାରତୀୟ ଯୋଗୀମାନଙ୍କ ସମ୍ପର୍କରେ ବିଶ୍ୱବିଖ୍ୟାତ ଜର୍ମାନ୍ ସଂସ୍କୃତ ପଣ୍ଡିତ **Max Muller** ଯାହା ଲେଖିଛନ୍ତି, ତାହା ମନେ ପଡ଼ିଯାଏ । ସେ ଲେଖିଛନ୍ତି :—

"No doubt, it is difficult to believe all the things which the ancient Yogins are credited with X X X. I confess, I find it equally difficult to believe them or not to believe them".

ଏହାର ଅର୍ଥ : ଯୋଗୀମାନଙ୍କ ସମ୍ପର୍କରେ ଯାହାସବୁ ଶୁଣାଯାଏ, ସେ ସବୁ ବିଶ୍ୱାସ କରିବା ବଡ଼ କଠିନ ବ୍ୟାପାର । ମୁଁ ନିଜେ ମାନୁଛି, ସେ ସବୁକୁ ବିଶ୍ୱାସ କରିବା ମୋ ପକ୍ଷରେ ଯେତିକି କଷ୍ଟକର, ବିଶ୍ୱାସ ନ କରିବା ମଧ୍ୟ ମୋ ପକ୍ଷରେ ସେତିକି କଷ୍ଟକର ।

ଭଞ୍ଜଙ୍କ ସମ୍ପର୍କରେ ଠିକ୍ ସେହି କଥା । ଦୀର୍ଘ ତିରିଶ ବର୍ଷ ଧରି ଭାରତର ବହୁ ଅଞ୍ଚଳ ବୁଲି, ବହୁ ପ୍ରଦେଶର ବହୁ ପ୍ରାଚୀନ କବିଙ୍କ ସମ୍ପର୍କରେ ବହୁ ତଥ୍ୟ ଜାଣିବାକୁ ପାଇ, ସେହି ଅନୁଭୂତିର ପୃଷ୍ଠଭୂମିକାରେ ଓଡ଼ିଶାର ବିଦ୍ୱାନ୍, ଲେଖକ ଓ ପ୍ରଚାରକମାନଙ୍କର ମତ ଓ ତଥ୍ୟ ସଂଗ୍ରହପୂର୍ବକ ଭଞ୍ଜଙ୍କର ଏକ ଖଣ୍ଡିତ ଜୀବନ-ଆଲେଖ୍ୟ ପ୍ରସ୍ତୁତ କରିବାକୁ ମୁଁ ପ୍ରୟାସ କରିଅଛି ମାତ୍ର । ତାଙ୍କ ଜୀବନୀର କେତେକ ପର୍ଯ୍ୟାୟ ଏ ପର୍ଯ୍ୟନ୍ତ ଘନ ତମସାଚ୍ଛନ୍ନ । ସେ ସମ୍ପର୍କରେ କେତେକ ସ୍ଥଳରେ ସୂଚନାମାନ ଦିଆଯାଇଛି ମାତ୍ର । ମୋର ମନେହୁଏ, କାଳକ୍ରମେ ଅଧିକ ତଥ୍ୟ ଲୋକଲୋଚନ ମାର୍ଗରେ ଅଧିରୂଢ଼ ହେବ ଏବଂ ଉତ୍କଳର ଏହି ମହାକବି ବିଶ୍ୱ କବି-ସମାଜରେ ଜଣେ ମହାପୁରୁଷ-ମହାକବି ରୂପେ ସମ୍ମାନଲାଭ କରିବେ । କାରୁକାର୍ଯ୍ୟରେ କୋଣାର୍କ ଏବଂ ଧର୍ମପୀଠ ମଧ୍ୟରେ ଜଗନ୍ନାଥ ମନ୍ଦିର ଯେପରି ଆଜି ବିଶ୍ୱବିଖ୍ୟାତ, ସାହିତ୍ୟ-ସାଧନା କ୍ଷେତ୍ରରେ ଭଞ୍ଜ-ସାହିତ୍ୟ ହିଁ ଏତ ସେହିପରି ଆଦୃତ ହୋଇ ଉଠିବ ।

---

Ramakrishna : His Life and Sayings. (1898) p. 9

# ଭଞ୍ଜ-ସାହିତ୍ୟର ଆଲୋଚନା ଓ ଆଲୋଚକ

ଭଞ୍ଜଙ୍କର ସମସ୍ତ ରଚନା ଅଦ୍ୟାବଧି ଉପଲବ୍ଧ ହୋଇ ନାହିଁ; ସୁତରାଂ, ତାଙ୍କର ପୂର୍ଣ୍ଣାଙ୍ଗ ଆଲୋଚନା ଆଶା କରିବା ବିଡ଼ମ୍ବନା ମାତ୍ର । ତଥାପି, କବି-ପ୍ରତିଭାର ଦ୍ୟୋତକ ନିମନ୍ତେ ବ୍ୟଷ୍ଟି ଓ ସମଷ୍ଟି ଭାବରେ ଯେଉଁସବୁ ଉଦ୍ୟମ କରାଯାଇଛି, ସେ ମଧ୍ୟରୁ କେତୋଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ଅଭିନନ୍ଦନୀୟ ।

ଶ୍ରୀଯୁକ୍ତ ନଟବର ସାମନ୍ତରାୟ ଭଞ୍ଜ ସାହିତ୍ୟ ଆଲୋଚନାର ଏକ ସଂକ୍ଷିପ୍ତ ଇତିହାସ ପ୍ରଦାନ କରି (୧), ଅନୁରାଗୀ ପାଠକମାନଙ୍କ ପାଇଁ କେତେକ ଉପାଦେୟ ଉପାଦାନ ଯୋଗାଇ ଦେଇଛନ୍ତି । ସେ ତାଙ୍କର ପ୍ରବନ୍ଧର ମୂଳରେ ପ୍ରଖ୍ୟାତ ଓଡ଼ିଆ କଥାକାର ଶ୍ରୀଯୁକ୍ତ ଗୋପୀନାଥ ମହାନ୍ତିଙ୍କର ଏକ ଗଳ୍ପରୁ ଗୋଟିଏ ବାକ୍ୟ ଉଦ୍ଧାର କରିଛନ୍ତି । ସେ ବାକ୍ୟଟି ହେଉଛି—

"ଗତ ବର୍ଷ ଅଧ୍ୟାପକ ବ୍ରହ୍ମା ରସଲକୁଣ୍ଡା (୨) ଭଞ୍ଜ ସମ୍ମିଳନୀରେ ଭଞ୍ଜଙ୍କ ଲେଖା ଉପରେ ସାଢ଼େ ତିନି ଘଣ୍ଟା ବକ୍ତୃତା ଦେଇ ଯେଉଁସବୁ ପଦ

---

(୧) ସାହିତ୍ୟାଦର୍ଶ, ପୃ-୧୯୭—୨୧୭

(୨) ଗଞ୍ଜାମ ଜିଲ୍ଲାର ଘୁମୁସର ଅଞ୍ଚଳର ପ୍ରସିଦ୍ଧ ସହର 'ରସଲକୋଣ୍ଡା'ର ନାମ ପରିବର୍ତ୍ତିତ ହୋଇ 'ଭଞ୍ଜନଗର' ରଖାଯାଇଛି । ରାଜ୍ୟପାଳ ଶ୍ରୀଯୁକ୍ତ ସୁକ୍‌ଥାଙ୍କରଙ୍କ ଦ୍ୱାରା ଉଦ୍‌ଘାଟିତ 'ନାମ ପରିବର୍ତ୍ତନ' ଉତ୍ସବରେ ଏହି ବକ୍ତା ସ୍ପଷ୍ଟ ଭାବରେ ଦୀର୍ଘ ଭାଷଣ ଦେଇ, ଭଞ୍ଜଙ୍କର ପ୍ରତିଭା ପ୍ରତିପାଦନ କରିଥିଲେ ।

ଗାଇଗଲେ, ଆମର ମନେହୁଏ, ଆଉ କିଛି ମିଶାଇ ପାରିଥିଲେ ଚଳିଥାନ୍ତା । କାରଣ, ସେଠାରେ ଶ୍ରୋତାମାନେ ଏତେ ଭଞ୍ଜ ଆଗକ ହୋଇଥିଲେ ଯେ, ଭଞ୍ଜ ଗ୍ରୋ ମୋର୍ ଫୁଡ୍ ( Grow More Food ) (୧) ବିଷୟରେ ଏକ କାବ୍ୟ ଲେଖିଛନ୍ତି ବୋଲି ଯଦି କୁହାଯାଇଥାନ୍ତା, ତାହାହେଲେ ଘନ ଘନ ତାଳି ଉଠିଥାନ୍ତା ।”

ଶ୍ରୀଯୁକ୍ତ ଗୋପୀନାଥ ମହାନ୍ତି ଯାହା ଲେଖିଛନ୍ତି, ତାହା ଅକ୍ଷରେ ଅକ୍ଷରେ ସତ୍ୟ । କାରଣ, ଶିକ୍ଷିତ, ଅଶିକ୍ଷିତ, ବାଳ, ଯୁବକ, ବୃଦ୍ଧ, ବିଭିନ୍ନ ବୟସର ସହସ୍ର ସହସ୍ର ଲୋକ ଯେଉଁଠାରେ ସମବେତ, ସେଠାରେ ସମସ୍ତଙ୍କ ମନକୁ ଚୁମ୍ବିଲ ଭଳି ଓ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରି ରଖିବା ପାଇଁ ବକ୍ତାର ବଚନ-କୌଶଳ ତାହାର ଏକମାତ୍ର ଅସ୍ତ୍ର ।

ଦୀର୍ଘ ସାଢ଼େ ତିନି ଘଣ୍ଟାକାଳ ସେମାନଙ୍କୁ ବିମୁଗ୍ଧ ରଖି, ସେମାନଙ୍କର ବଦନରେ ମାଧୁର୍ଯ୍ୟର ତରଙ୍ଗ ଖେଳାଇବା ସଙ୍ଗେ ସଙ୍ଗେ ନିଜର ବାଗ୍ମିତା ବଳରେ ଯେଉଁ ବକ୍ତା ସେମାନଙ୍କୁ କ୍ଷଣକାଳ ଲାଗି ସାହିତ୍ୟ ରସ-ରାଜ୍ୟରେ ବନ୍ଦୀ କରି ରଖିପାରେ ଓ ଘନ ଘନ କରତାଳିର ରୋଳ ସୃଷ୍ଟି କରି, ଶେଷରେ ଜୟଘୋଷ ଚଳାଇ ନେଇପାରେ, ସେ ବକ୍ତା ବ୍ରାହ୍ମଣ ହୁଅନ୍ତୁ ବା ମହାନ୍ତି ହୁଅନ୍ତୁ, ମିଶ୍ର ହୁଅନ୍ତୁ ବା ଦାସ ହୁଅନ୍ତୁ, ସେ ସର୍ବଥା ଶ୍ରଦ୍ଧା ଓ ପ୍ରଶଂସାର ପାତ୍ର । ବାଗ୍‌ବିଳାସ ବିଷୟରେ ସମଗ୍ର ଜାତିର ସେ ଜଣେ ବରେଣ୍ୟ ସନ୍ତାନ ନୁହନ୍ତି କି ?

## ଦୁଇ ପ୍ରକାର ସମାଲୋଚନା !

ଶ୍ରୀଯୁକ୍ତ ଅନନ୍ତ ପଦ୍ମନାଭ ପଟ୍ଟନାୟକ ତାହାଙ୍କ ‘କବିସମ୍ରାଟ୍ ଉପେନ୍ଦ୍ର ଭଞ୍ଜ’ ଗ୍ରନ୍ଥରେ ଭଞ୍ଜ-ସାହିତ୍ୟର ଆଲୋଚନାକୁ ଦୁଇ ଭାଗରେ ବିଭକ୍ତ କରିଅଛନ୍ତି, ଯଥା—ଅନୁକୂଳ ଆଲୋଚନା ଓ ପ୍ରତିକୂଳ ସମାଲୋଚନା । ଯେତେଦୂର

(୧) ପ୍ରାୟ ୨୦ ବର୍ଷ ତଳେ ଖାଦ୍ୟାଭାବ ଦୂର କରିବାକୁ ଓଡ଼ିଶା ସରକାର “ଅଧିକ ଖାଦ୍ୟଶସ୍ୟ ଉତ୍ପାଦନ କର” (Grow More Food) ଯୋଜନା କାର୍ଯ୍ୟକାରୀ କରିଥିଲେ ।

ମନେହୁଏ, ସେ ଆଜ ଏକ ପ୍ରକାରର ଆଲୋଚନା କଥା ଲେଖିବାକୁ ଭୁଲି ଯାଇଛନ୍ତି । ତାହା ତୃତୀୟ ପ୍ରକାରର ରୂପେ ଗ୍ରାହ୍ୟ ।

କଥା ଅଛି, ରାମଚନ୍ଦ୍ର ବଣକୁ ଯିବା ବେଳେ ଅଯୋଧ୍ୟାର ସହସ୍ର ସହସ୍ର ନରନାରୀ ତାଙ୍କ ପଛେ ପଛେ ଗୋଡ଼ାଇ ଥିଲେ । ସେମାନେ ଯେତେ କହିଲେ ସୁଦ୍ଧା, ରାମଚନ୍ଦ୍ର ଅଯୋଧ୍ୟାକୁ ଫେରି ଆସିବାକୁ ସମ୍ମତ ହେଲେ ନାହିଁ । ଶେଷରେ କହିଲେ, "ହେ ନରନାରୀମାନେ, ଆପଣମାନେ ଫେରି ଯାଆନ୍ତୁ, ମୁଁ ଚାଲିଲି ।" ରାମଚନ୍ଦ୍ରଙ୍କର ରଥ ଦ୍ରୁତବେଗରେ ଗଡ଼ି ଚାଲିଲା । ସେ ବଣକୁ ଗଲେ । ଚଉଦ ବର୍ଷ ପରେ ଅଯୋଧ୍ୟାକୁ ଫେରିଲା ବେଳେ ସେହି ନଗରର ଦ୍ୱାରଦେଶରେ କେତେଜଣ ଲୋକ ଠିଆ ହୋଇଥିବାର ଦେଖିଲେ । ଆଗ୍ରହରେ ପଚାରିଲେ, "ଆପଣମାନେ ସବୁ କିଏ ?" ସେମାନେ କହିଲେ, "ମହାପ୍ରଭୁ ! ଆପଣ ଯେଉଁ ଦିନ ବଣକୁ ଯିବାକୁ ଆରମ୍ଭ କଲେ, ଆଜକୁ ଚଉଦ ବର୍ଷ ତଳେ, ସେ ଦିନ ଅଯୋଧ୍ୟାର ସ୍ତ୍ରୀ ପୁରୁଷଙ୍କ ସହିତ ଆମେସବୁ ଏ ଯାଏଁ ଆସିଥିଲୁ । ଆପଣ କହିଲେ, 'ହେ ନରନାରୀମାନେ, ଆପଣମାନେ ଫେରି ଯାଆନ୍ତୁ ।' ଆପଣ ଯିବା ପରେ ସମସ୍ତ ନରନାରୀ ଫେରିଗଲେ । ଆପଣ କିନ୍ତୁ ଆମ୍ଭମାନଙ୍କ କଥା କିଛି କହିଲେ ନାହିଁ । ସେଥିପାଇଁ ଆମ୍ଭେମାନେ ସେ ସମୟରୁ ଆଜ ପର୍ଯ୍ୟନ୍ତ ଆପଣଙ୍କ ଆଦେଶ ଅପେକ୍ଷାରେ ଠିଆ ହୋଇଛୁଁ ।" ରାମଚନ୍ଦ୍ର ଏ କଥାର ରହସ୍ୟ କିଛି ବୁଝିପାରିଲେ ନାହିଁ । ବଡ଼ ବିସ୍ମୟ ଓ ବ୍ୟଗ୍ରତା ଭିତରେ ପଚାରିଲେ, "ଆପଣ-ମାନେ ଫେରି ନ ଗଲେ କାହିଁକି ?" ସେମାନେ କହିଲେ, "ଆପଣ କେବଳ ସ୍ତ୍ରୀ ଓ ପୁରୁଷମାନଙ୍କୁ ଫେରିଯିବାକୁ କହିଲେ । ଆମ୍ଭେମାନେ କିନ୍ତୁ ନପୁଂସକ । ସେଥିପାଇଁ ଠିଆ ହୋଇ ରହିଲୁ ।"

ଏହି ଗଳ୍ପର ସତ୍ୟତା ଯାହା ହେଉ ପଛେ, ଶ୍ରୀଯୁକ୍ତ ପଟ୍ଟନାୟକଙ୍କର ଦ୍ୱିବିଧ ଭଞ୍ଜୀୟ ଆଲୋଚନା କଥା ଶୁଣିଲା ବେଳେ, ତୃତୀୟ ଆଲୋଚନା କଥା ମନେପଡ଼ିଯାଏ । ତାହା ହେଉଛି, 'ଅସତ୍ୟ-ଆଲୋଚନା' । ଏହି 'ଅସତ୍ୟ-ଆଲୋଚନା' କଥା ବିଜୟଚନ୍ଦ୍ର ମଜୁମଦାରଙ୍କର ଭଞ୍ଜ-ସାହିତ୍ୟ ସମାଲୋଚନା ପ୍ରସଙ୍ଗରେ ଏଥିପୂର୍ବେ ଏ ଗ୍ରନ୍ଥର ୫୧—୫୨ ପୃଷ୍ଠାରେ କୁହାଯାଇଛି । ନଟବର ବାବୁ ଯଥାର୍ଥରେ ଲେଖିଛନ୍ତି—"ଭଞ୍ଜ କୀର୍ତ୍ତି-ବିଧ୍ୱଂସୀ ପ୍ରୟାସୀ, ଉତ୍କଳ-ବିଦ୍ୱେଷୀ, ଈର୍ଷାପରାୟଣ, ବଙ୍ଗ-ସନ୍ତାନ, ପୁରାତତ୍ତ୍ୱବିଦ୍ ସୁପଣ୍ଡିତ ଶ୍ରୀ ବିଜୟଚନ୍ଦ୍ର ମଜୁମଦାର ଭଞ୍ଜ-ସାହିତ୍ୟ ସମାଲୋଚନାରେ କୌଣସି ଉଦାର ଦୃଷ୍ଟିର ପରିଚୟ ଦେଇ-

ନାହାନ୍ତି ।" ( ସାହିତ୍ୟାଦର୍ଶ, ପୃ-୨୦୭—୨୦୮ ) । କିନ୍ତୁ, ଅନୁଦାରତା ବିଜୟଚନ୍ଦ୍ରଙ୍କର ଦୋଷ ହେଲେ ମଧ୍ୟ, କ୍ଷମଣୀୟ ହୋଇପାରେ । କାରଣ, ସତ୍ୟ-କଥନ ଓ ଔଦାର୍ଯ୍ୟ ପ୍ରଦର୍ଶନ ଏକା କଥା ନୁହେଁ । ତେଣୁ, ବିଜୟଚନ୍ଦ୍ର ଭଞ୍ଜଙ୍କ ପ୍ରତି ଔଦାର୍ଯ୍ୟ ପ୍ରଦର୍ଶନ କରି ନ ଥିବାରୁ ସେ ଯେ ସମାଲୋଚ୍ୟ ହେବେ, ତହିଁରେ କୌଣସି ଯୁକ୍ତିଯୁକ୍ତତା ନାହିଁ । କିନ୍ତୁ ଅସତ୍ୟ କଥନ ( ଏବଂ ତାହା ପୁଣି ବିଶିଷ୍ଟ ଲୋକ ମୁଖରୁ ) ବ୍ୟକ୍ତି, ଦେଶ ଏବଂ ଜାତି ଉପରେ ମାରାତ୍ମକ । କଳେ, ବଳେ, କୌଶଳେ ଜଣେ ଯଶସ୍ୱୀ ବ୍ୟକ୍ତିଙ୍କୁ କଳଙ୍କିତ କରିବାର ପ୍ରୟାସରୁ ଏହା ସମୁଦ୍‌ଭୂତ ।

ଅନ୍ୟତ୍ର ମଧ୍ୟ କୁହାଯାଇଛି, ଭଞ୍ଜଙ୍କ ଆଲୋଚନା ଓ ଆଲୋଚକଙ୍କ ସମ୍ପର୍କରେ ଏକ ବିସ୍ତୃତ ଆଲୋଚନା ପରବର୍ତ୍ତୀ ଆଉ ଏକ ଖଣ୍ଡର ଅଙ୍ଗ ମଣ୍ଡନ କରିବ । ଏଠାରେ ତହିଁର ଦିଗ୍‌ଦର୍ଶନ କରାଯାଉଛି ମାତ୍ର ।

## ସମୀକ୍ଷା କ୍ଷେତ୍ରରେ ବିଜୟଚନ୍ଦ୍ର ଓ ବିଶ୍ୱନାଥ

ବିଜୟଚନ୍ଦ୍ର ଓ ବିଶ୍ୱନାଥ ଉଭୟେ ଭଞ୍ଜ-ସାହିତ୍ୟର ଉତ୍କର୍ଷ ଦେଖିବାକୁ ଅପାରଗ ହୋଇ, ବଳିଷ୍ଠ ଭାଷାରେ ଭଞ୍ଜଙ୍କର ଗୌରବ-ଗ୍ଲାନିକର ସ୍ୱମତାବଳୀ ଲିପିବଦ୍ଧ କରି ଯାଇଅଛନ୍ତି । 'Typical Oriya Selections'ର ଇଂରାଜୀ ଭାଷା ନିବଦ୍ଧ ମୁଖବନ୍ଧ ଓଡ଼ିଶାର ଶିକ୍ଷିତ ସମାଜକୁ, କଲିକତା ବିଶ୍ୱବିଦ୍ୟାଳୟର ପ୍ରାଧାନ୍ୟ ମାଧ୍ୟମରେ ପ୍ରଭାବିତ କରି, ତାଙ୍କ ମନରେ ଭଞ୍ଜଙ୍କ ପ୍ରତି ଏକ ବୈରି ମନୋଭାବ ସୃଷ୍ଟି କରିଛି । ଅଧ୍ୟାପକ ଆର୍ତ୍ତବଲ୍ଲଭ ମହାନ୍ତି ପ୍ରାଚୀ 'ଲାବଣ୍ୟବତୀ' ମୁଖବନ୍ଧରେ ବିଜୟଚନ୍ଦ୍ରଙ୍କ ମତାବଳୀର ନିଃସାରତା ପ୍ରତିପାଦନ କରିବାକୁ ଯାଇ, ନାନା ତଥ୍ୟ ଉପସ୍ଥାପନ କରିଛନ୍ତି । ବିଜୟଚନ୍ଦ୍ରଙ୍କ ସମ୍ପର୍କରେ ତାଙ୍କର ତିନୋଟି ମତ ତହିଁରୁ ଏଠାରେ ଉଦ୍ଧାର କରାଯାଇପାରେ, ଯଥା—

(୧) "ଦୁଃଖର କଥା, ବିଜୟଚନ୍ଦ୍ର ପ୍ରମୁଖ ସମାଲୋଚକମାନେ ପ୍ରାଚୀନ ସାହିତ୍ୟର ଧାର ନ ଧରି, ନିଜ ନିଜକୁ ଭାଷାର ବିଶେଷଜ୍ଞ ରୂପେ ପରିଚୟ ପ୍ରଦାନ ପୂର୍ବକ ମହାଜନଙ୍କ ପ୍ରତି ଆକ୍ଷେପ କରିଅଛନ୍ତି ।"

(୨) "ବିଜୟଚନ୍ଦ୍ର ପ୍ରାଚୀନ ସାହିତ୍ୟରେ ଅଧିକାରୀ ନ ଥିଲେ ଏବଂ ତାଙ୍କ ସାହାଯ୍ୟକାରୀମାନଙ୍କର ମଧ୍ୟ ପ୍ରାଚୀନ ସାହିତ୍ୟରେ ପ୍ରବେଶ ନ ଥିଲା,

ଏ ବିଷୟ ଆମ୍ଭମାନଙ୍କୁ ପ୍ରତ୍ୟକ୍ଷ ଭାବରେ ଜଣା ।” ( ଏହାର ପ୍ରମାଣ ରୂପେ ଏକ ସୁନ୍ଦର ଦୃଷ୍ଟାନ୍ତ ଦେଇଛନ୍ତି ) ।

(୩) “ବିଜୟଚନ୍ଦ୍ର × × ଙ୍କର ସଂସ୍କୃତ-ସାହିତ୍ୟରେ ପ୍ରକୃତ ଅଭିଜ୍ଞତା ଥିଲେ, × × ଉପେନ୍ଦ୍ରଙ୍କ କାବ୍ୟମାନ × × ଯଥା-ଯଥ ପାଠ କରିଥିଲେ, × × (ତାଙ୍କ) ସ୍ୱର ନଷ୍ଟସ୍ୱ ଅନ୍ୟଥିତ୍ୱ ଧାରଣ କରିଥାନ୍ତା × × ଯଦ୍ୟପି କୌଣସି ବଙ୍ଗୀୟ କବି ଉପେନ୍ଦ୍ରଙ୍କର ଷୋଡ଼ଶାଂଶରୁ ଏକ ଅଂଶ ଅଧିକାରୀ ହୋଇ ଭଞ୍ଜୀୟ ରୀତିରେ କାବ୍ୟ ପ୍ରଣୟନ କରିଥାନ୍ତେ, ତେବେ ସମ୍ଭବତଃ ପ୍ରଶଂସାର ଅତ୍ୟୁଚ୍ଚ ଧ୍ୱନିରେ ଭାରତ ଆକାଶ ସହସ୍ରଧା ବିଦୀର୍ଣ୍ଣ ହୋଇଥାନ୍ତା ।”

ଏହି ଲେଖକ ବିଜୟଚନ୍ଦ୍ରଙ୍କ ମତଗୁଡ଼ିକୁ ଏକାଦିକ୍ରମେ ଉଲ୍ଲେଖ କରି, ସେଗୁଡ଼ିକର ଅମୂଳକତା, ଆରୋପିତ-ଦୋଷଦର୍ଶିତା ଏବଂ ଅନ୍ତଃସାରଶୂନ୍ୟତା ପ୍ରତିପାଦନ ପୂର୍ବକ ଅନ୍ୟ ଏକ ଖଣ୍ଡରେ ଉପସ୍ଥାପନ କରୁଅଛୁ ।

ଦ୍ୱିତୀୟରେ, ବାଗ୍ମୀ ଶ୍ରୀଯୁକ୍ତ ବିଶ୍ୱନାଥ କରଙ୍କ ଅନେକ ମତରୁ ଦୁଇଟି ବିଶିଷ୍ଟ ମତ ଏ ସ୍ଥଳରେ ଉଦ୍ଧାର କରାଯାଇପାରେ । ଏହି ମତଗୁଡ଼ିକ ବିଶ୍ୱନାଥ ବାବୁଙ୍କର ବ୍ରାହ୍ମଧର୍ମଭିତ୍ତିକ ନୈତିକ ଧାରଣା ଉପରେ ପ୍ରତିଷ୍ଠିତ । ସେହି ଧାରଣାର ବଶବର୍ତ୍ତୀ ହୋଇ, ସେ ତାଙ୍କର କଳାକୃଷ୍ଟି ଜ୍ଞାନକୁ କିପରି ସମାଜ ବ୍ୟବଚ୍ଛିନ୍ନ ବ୍ୟଷ୍ଟି-ଦୃଷ୍ଟିରେ ଦେଖିଥିଲେ, ତାହା ଏହି ଗ୍ରନ୍ଥର ୫୦— ୫୩ ପୃଷ୍ଠାରେ ଉପସ୍ଥାପନ କରାଯାଇଛି । ତାଙ୍କର ତଳଲିଖିତ ଦୁଇଟି ମତ ପାଠ କଲାବେଳେ, ପୂର୍ବସୂଚିତ ତାଙ୍କର ମାନସିକ ଜଳବାୟୁର ଧାରଣା ପାଠକ ପକ୍ଷରେ ଏକାନ୍ତ ଆବଶ୍ୟକ । ‘ବିଜୁଳି’ ଓ ‘ଇନ୍ଦ୍ରଧନୁ’ର ପୃଷ୍ଠାମାନଙ୍କରେ ବୌଦ୍ଧିକ ବଳ କଷାକଷି ଚାଲିଥିଲା ବେଳେ, ଭଞ୍ଜବିରୋଧୀ ଗୋଷ୍ଠୀ ଏହି ଧରଣର ଅନେକ ମତ ପ୍ରକାଶ କରିଥିଲେ (୧) । ଆଜି ୧୯୭୪ରେ ସେହି ମତଗୁଡ଼ିକ ଉପରେ ଦୃଷ୍ଟିପାତ କଲେ ତାହାର କ୍ଷୁଦ୍ରତାରେ ବିସ୍ମିତ ହେବାକୁ ପଡ଼େ ।

---

(୧) ଗତ ଶତାବ୍ଦୀର ଶେଷ ଦଶକରେ ‘ବିଜୁଳି’ ଓ ‘ଇନ୍ଦ୍ରଧନୁ’ ନାମକ ଦୁଇଟି ପତ୍ରିକାରେ ଭଞ୍ଜ-ସାହିତ୍ୟର ନିନ୍ଦା-ପ୍ରଶଂସା ନେଇ ଯେଉଁ ସାହିତ୍ୟ-ସମର ଲାଗିଥିଲା, ତାହା ସାହିତ୍ୟିକ ମହଲରେ ସୁପରିଚିତ ।

**ବିଶ୍ୱନାଥଙ୍କ ଦୁଇଟି ମତ—**

(୧) "ଧର୍ମଶାସ୍ତ୍ରରେ ନିଷିଦ୍ଧ ଅଛି, ସ୍ତ୍ରୀ କେଶବନ୍ଧନ କରୁଥିବା ବେଳେ ବା ଅସାବଧାନ ହୋଇ ବସିଥିବା ବେଳେ, ସ୍ୱାମୀ ସେ ସ୍ଥାନକୁ ଯିବେ ନାହିଁ ବା ତେଣିକି ଅନାଇବେ ନାହିଁ । ମାତ୍ର ଭଞ୍ଜକବି କହିଲେ, "ବାଳା ବିବସନ ଶୋଭା ଯେ ଦେଖି ନାହିଁ, ତାହାର ଆଖି ଆଖି ନୁହେ ।" ପୁଣି ନାୟିକା 'ଗୋପ୍ୟପୁର'ରେ ଥିବା ବେଳେ, ଭଞ୍ଜଙ୍କ ନିର୍ଲ୍ଲଜ୍ଜ ନାୟକ ଲୁଚି ଲୁଚି ଯାଇ, ତାହାର ଅଙ୍ଗଶୋଭା ସନ୍ଦର୍ଶନ କରି ସ୍ୱର୍ଗସୁଖ ଭୋଗ କରୁଅଛି । ଦିବା-ଭାଗରେ ନାୟିକାକୁ ନିର୍ଜ୍ଜନରେ ପାଇଲେ 'ରତିଭିକ୍ଷା' କରୁଅଛି । ଏଗୁଡ଼ିକ ଶାସ୍ତ୍ରାନୁମୋଦିତ କି ? ଏଥିରେ ଗଣିବାର ଆଧ୍ୟାତ୍ମିକତା ଅଛି ତ ? ଘୃଣିତ ଏବଂ ଅନିଷ୍ଟକାରୀ ବିଷୟକୁ ଧର୍ମର ପରିଚ୍ଛଦ ଦେଲେ ସେ ସବୁ ଦୋଷରୁ ଅବ୍ୟାହତି ପାଇବାକୁ ହେବ, ଏହା କେବଳ ବିକୃତ ମସ୍ତିଷ୍କ ଲୋକଙ୍କ ଯୁକ୍ତି । ଯାହା ଅନିଷ୍ଟକାରୀ, ତାହା ସର୍ବସ୍ଥଳରେ ଏବଂ ସର୍ବସମୟରେ ଅନିଷ୍ଟକାରୀ । ଯାହା ଉତ୍ତେଜକ, × × ତାହାର ସ୍ୱଭାବସିଦ୍ଧ ଗୁଣ ଅବଶ୍ୟ ପ୍ରକାଶ ପାଇବ ।"

( ବିବିଧ ପ୍ରବନ୍ଧ, ପୃ-୧୧୬ )

(୨) "ଭଞ୍ଜଙ୍କ କବିତାକୁ ଭାଷାନ୍ତର କଲେ ତାହାର ସମ୍ୟକ୍ ମର୍ଯ୍ୟାଦା ରକ୍ଷିତ ହେବ ନାହିଁ । ପୃଥିବୀର ମହାକବିମାନଙ୍କର କବିତାମାନ ନାନା ଭାଷାରେ ଅନୂଦିତ ହୋଇ ନିଜ ନିଜ ମହତ୍ତ୍ୱ ଅକ୍ଷୁଣ୍ଣ ରଖିବାକୁ ସମର୍ଥ ହୋଇଅଛି । ଭଞ୍ଜଙ୍କ କବିତା ବିଶେଷ ଭାବରେ ଏ ପରୀକ୍ଷାର ଅନୁପଯୋଗୀ । ଦ୍ୱିତୀୟ, ଭଞ୍ଜଙ୍କ କାବ୍ୟର ସାର ସଂଗ୍ରହ କଲେ, ତାହାର କାବ୍ୟତ୍ୱର କିଛିମାତ୍ର ଅବଶିଷ୍ଟ ରହେ ନାହିଁ । ମହାକବିମାନଙ୍କ କାବ୍ୟର ଉପାଖ୍ୟାନ ମାତ୍ର ସଂକଳିତ ହୋଇ ପାଠକ-ସମାଜର ମନଃପ୍ରାଣ ବିମୋହିତ କରୁଅଛି ଏବଂ ଜଗତକୁ ଅମୂଲ୍ୟ ଶିକ୍ଷା ପ୍ରଦାନ କରୁଅଛି । ସୁତରାଂ, ରଘୁବଂଶ, କୁମାର ସମ୍ଭବ, ଶକୁନ୍ତଳା, ଉତ୍ତର ଚରିତ ପ୍ରଭୃତି ଯେଉଁ ହିସାବରେ ସାହିତ୍ୟ, ଭଞ୍ଜ-କାବ୍ୟଗୁଡ଼ିକୁ ସେହି ହିସାବରେ ଆଲୋଚନା କଲେ, ସେମାନଙ୍କର ମର୍ଯ୍ୟାଦା ରକ୍ଷା ଅସମ୍ଭବ ହୋଇଉଠେ । ଫଳ କଥା ସେଥିରେ କଳ୍ପନା-ବୈଚିତ୍ର୍ୟ ଅଧିକ ନାହିଁ ।"

( ବିବିଧ ପ୍ରବନ୍ଧ, ପୃ-୧୦୪ )

## ଏ ଦୁଇଟି ମତର ପରୀକ୍ଷା—

ବିଶ୍ୱନାଥ ବାବୁ ଧର୍ମଶାସ୍ତ୍ରର ଆଧାର ଉପରେ ଉପେନ୍ଦ୍ରଙ୍କ ଲେଖାମାନେ ରୂପାୟିତ ପ୍ରଣୟପିପାସୁ ରସିକ-ନାୟକର ଶାରୀରିକ ଦୁର୍ବଳତାର ମାଧ୍ୟମରେ ଭଞ୍ଜଙ୍କ ଉପରେ ଯେଉଁ ଦୋଷାରୋପ କରିଛନ୍ତି, ତାହା ଯୁକ୍ତିଗ୍ରାହ୍ୟ ଭାବେ ପ୍ରତିଷ୍ଠିତ ହୁଏ ନାହିଁ । ବରଂ, ଜଣେ ବୁଦ୍ଧିଜୀବୀର ସ୍ୱଲକ୍ଷ୍ୟସିଦ୍ଧିମୂଳକ ଯୁକ୍ତି-ଶୃଙ୍ଖଳାର ଭୋଜବିଦ୍ୟାସୁଲଭ ପ୍ରୟୋଗପାଟବ ପରି ପ୍ରତୀତ ହୁଏ । ଭଞ୍ଜ 'ବିବସନ ଶୋଭା ଦେଖ' ବୋଲି ଆମକୁ ନିଦେଶ ବା ନିର୍ଦ୍ଦେଶ କରି ନାହାନ୍ତି । ସେ ଖାଲି କହିଛନ୍ତି, ମନୁଷ୍ୟ ଯେତେବେଳେ ପ୍ରଣୟରେ ଆତୁର ହୋଇଉଠେ, ସେତେବେଳେ ସେ ବିଧି-ନିଷେଧ, ଧର୍ମ-ଅଧର୍ମ କିଛି ମାନେ ନାହିଁ । ବରଂ, ସେ ସେହି ପ୍ରଣୟପିପାସା ଚରିତାର୍ଥ କରିବାକୁ ନାନାଭାବରେ ଉଦ୍ୟତ ହୋଇଥାଏ । ପ୍ରେମ-ପାଗଳର ଚରିତ୍ର ଅଧ୍ୟୟନମୂଳକ ଏହି ବିଭାବ ( aspect )ର ରୂପାୟନ 'ବିବସନ ଶୋଭା ସନ୍ଦର୍ଶନ'ର ପ୍ରଚେଷ୍ଟା ରୂପରେ ବର୍ଣ୍ଣିତ ହୋଇଅଛି ମାତ୍ର । ଧର୍ମଶାସ୍ତ୍ର ଭାଷାରେ ଏହି ବାକ୍ୟ 'ବିଧି' ବାକ୍ୟ ନୁହେଁ, 'ଅର୍ଥବାଦ' ମାତ୍ର ।

ଜଣେ ରସିକର ଚରିତ୍ର ଚିତ୍ରଣ ଦୋଷାବହ ବୋଲି ଅନ୍ତତଃ ଯୁକ୍ତିଛଳରେ ଯଦି ଧରାଯାଏ, ତେବେ ବିଶ୍ୱର ଶ୍ରେଷ୍ଠ କବିଙ୍କର ଆଦର୍ଶ ହେବ, ଜଣେ ଜଣେ ଧର୍ମପ୍ରାଣ ଓ ସଦାଚାରସମ୍ପନ୍ନ ଧର୍ମଗୁରୁଙ୍କର ବର୍ଣ୍ଣନା । ଅର୍ଥାତ୍, ବିଶ୍ୱନାଥ ବାବୁଙ୍କର ଏହି ଯୁକ୍ତି ଦୃଷ୍ଟିରୁ ସେହି କାବ୍ୟ ହେବ ଶ୍ରେଷ୍ଠ କାବ୍ୟ, ( ଦୃଶ୍ୟ କାବ୍ୟ ବା ଶ୍ରାବ୍ୟ କାବ୍ୟ ), ଯହିଁରେ କେବଳ ଜଣେ ଜଣେ ଧର୍ମଗୁରୁ ବର୍ଣ୍ଣିତ ହୋଇଥିବେ । ଏହି ମାନଦଣ୍ଡରେ ଦେଖିଲେ, କାଳିଦାସଙ୍କର 'ମେଘଦୂତ' କାବ୍ୟ ଜଣେ ପାଗଳର ପ୍ରଳାପ ରୂପେ ନିନ୍ଦିତ ହେବ । ପୁଣି, ଏହି ବିଚାରରେ, ସେକ୍ସପିଅରଙ୍କ ବିଶ୍ୱବନ୍ଦ୍ୟ ନାଟକଗୁଡ଼ିକ ଜଣେ ଶଇତାନର ମାରାତ୍ମକ ପ୍ରଳାପ ରୂପେ ଦୂଷ୍ୟ ହୋଇ ଉଠିବ । କାରଣ, ତହିଁରେ ଭଣ୍ଡ, ଧୂର୍ତ୍ତ, ତସ୍କର, ମୁନାଫାଖୋର, (ଆଜିକାଲିର ଭାଷାରେ ) କଳାଚୋରିଆ, ଅତ୍ୟାଚାରୀ, ଘାତୁକ ପ୍ରଭୃତିଙ୍କର ଚରିତ୍ର ଚିତ୍ରଣ କରାଯାଇଛି । ଜଣେ ମାତ୍ର ସେକ୍ସପିଅର ସମାଜର ଏତେ ବେଶୀ ପ୍ରକାରର ଚରିତ୍ର ସଙ୍ଗେ ନିଜର କଳାଗତ ସମ୍ପର୍କ ସ୍ଥାପନ କରି, ସେମାନଙ୍କୁ ନିଜର ଅମର ନାଟକାବଳୀରେ ଯଥାଯୋଗ୍ୟ ଭାବରେ, ସମାବେଶିତ କରିଥିବାରୁ, ସମାଲୋଚକମାନେ ତାଙ୍କ ପ୍ରତିଭାରେ ବିସ୍ମିତ ହୋଇ ଯାଉଛନ୍ତି । ଅଥଚ, ବିଶ୍ୱନାଥଙ୍କର ଯୁକ୍ତି ଦୃଷ୍ଟିରୁ ଅଧାର୍ମିକ ଚରିତ୍ର ଚିତ୍ରଣ ଥିବା

ନାଟକାବଳୀ ନିନ୍ଦନୀୟ ହୋଇ ଉଠିବେ । ଆମର ବେଳେ ବେଳେ ମନେହୁଏ, ଭଞ୍ଜଙ୍କୁ ନିନ୍ଦିତ କରିବା ପାଇଁ ଗୋଟିଏ ଦୃଢ଼ସଂକଳ୍ପ ନେଇ ତାଙ୍କ ସମ୍ପର୍କରେ ଏଭଳି ମତବ୍ୟକ୍ତ କରାଯାଇଛି ମାତ୍ର ।

ବିଶ୍ୱନାଥଙ୍କର ଦ୍ୱିତୀୟ ଯୁକ୍ତି ଏକାବେଳକେ ଅଗ୍ରାହ୍ୟ ମନେହୁଏ । ଯଦି କେହି କହେ, "ଇନ୍ଦ୍ରଧନୁ ସୁନ୍ଦର ନୁହେ, ସୂର୍ଯ୍ୟୋଦୟର ଶୋଭା ସୁନ୍ଦର ନୁହେ, ମାତାର ମୁଖ ଦର୍ଶନ କରି ଶିଶୁର ଯେଉଁ ମନ୍ଦ-ମଧୁର ହାସ୍ୟ, ତାହା ସୁନ୍ଦର ନୁହେ । କାରଣ, ଏସବୁ ଦୃଶ୍ୟ ବା ଘଟଣାଗୁଡ଼ିକ କ୍ଷଣସ୍ଥାୟୀ ଏବଂ ସବୁ ସମୟରେ ସମସ୍ତେ ଏଗୁଡ଼ିକୁ ଭୋଗ କରି ପାରିବେ ନାହିଁ", ତାହା ହେଲେ ଏଭଳି ମତ ଯାହାଙ୍କଠାରୁ ପ୍ରକାଶ ପାଇଥାଏ, ତାଙ୍କ ଚିନ୍ତାରେ କିଛି ବିଭ୍ରାଟ ଅଛି ବୋଲି ଧରି ନେବାକୁ ପଡ଼େ । ଯଦି କେହି କହେ, ଆଜିର ବିଶ୍ୱବିଖ୍ୟାତ କୋଣାର୍କ ମନ୍ଦିର ପ୍ରଶଂସା ପାଇବାର ଯୋଗ୍ୟ ନୁହେ, କାରଣ, ତାକୁ ପୃଥିବୀର ବିଭିନ୍ନ ଜାଗାକୁ ନେଇ, ଲୋକଙ୍କୁ ଘରେ ଘରେ ଦେଖାଇ ହୁଏ ନାହିଁ, ତାହା ହେଲେ ବୁଝିବାକୁ ହେବ ଯେ, ଏଭଳି ଯୁକ୍ତି ଯାହାଙ୍କର ବଦନରୁ ବିନିର୍ଗତ ହୋଇଅଛି, ତାଙ୍କର ଚିନ୍ତାରେ କିଛି ଗୋଟାଏ ଗୁରୁତର ଦୋଷ ରହିଯାଇଛି । ବିଶ୍ୱନାଥ ବାବୁଙ୍କର ଏହି ଯୁକ୍ତିରେ ବିଚାର କଲେ, ବିଶ୍ୱବିଖ୍ୟାତ 'ଗୀତଗୋବିନ୍ଦ' କାବ୍ୟ ଆଦୌ ମହନୀୟ ହୋଇପାରିବ ନାହିଁ । କାରଣ, ଏହାର ଅସାଧାରଣ ଓ ଅନନୁକରଣୀୟ ପଦ ଯୋଜନାର ବୈଭବ ଅନୁବାଦ କ୍ଷେତ୍ରରେ ଅନ୍ତରାୟ ସୃଷ୍ଟି କରିବ । ଏପରି କି, ଇଂରାଜୀରେ ତଥା ବିବିଧ ଭାଷାରେ ଯେଉଁଠାରେ ପଦ-ଯୋଜନା ଓ ଛନ୍ଦର ମାଧୁର୍ଯ୍ୟ ହିଁ ରଚନାର ଅସୀମ ଜନପ୍ରିୟତା ସୃଷ୍ଟି କରିପାରିଛି, ସେଠାରେ ମଧ୍ୟ ସେହି ସବୁ ଅଂଶ ଦୁଷ୍ୟ ହୋଇ ଉଠିବ । ସୁତରାଂ, ଏ ଯୁକ୍ତି ଆଦୌ ଯଥାର୍ଥ ନୁହେ ।

ଭଞ୍ଜଙ୍କର କେତୋଟି କାବ୍ୟ, ଯଥା— ବୈଦେହୀଶ ବିଳାସ, ଲାବଣ୍ୟବତୀ, କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ, ରସତରଙ୍ଗ, ରାମ ଲୀଳାମୃତ, ଛାନ୍ଦଭୂଷଣ ପ୍ରଭୃତି 'ରଘୁବଂଶ' ଓ 'କୁମାର ସମ୍ଭବ' ପରି, କଥାଭାଗର ମୂଲ୍ୟ ବିଚାରରେ, ବିଶ୍ୱନାଥ ବାବୁଙ୍କର ମତ ଉପରେ ଗୋଟିଏ ଗୋଟିଏ Steam roller ଚଳାଇ ଦେବାକୁ ସମର୍ଥ । ଯୁକ୍ତିଛଳରେ ଧରାଯାଉ, ଭଞ୍ଜ କେବଳ ଏହି କେତୋଟି କାବ୍ୟ ଲେଖିଛନ୍ତି ଏବଂ ଆଉ କିଛି ଲେଖି ନାହାନ୍ତି । କାବ୍ୟର କଥା ସଂଗ୍ରହ ବିଚାରରେ ଏଗୁଡ଼ିକ 'କୁମାର ସମ୍ଭବ'ର ତଥା 'ଉତ୍ତର ରାମ ଚରିତ'ର ଉନ୍ନତ ସ୍ତର ଭଷା

କରିବାକୁ ଯେ ସମର୍ଥ, ଏ କଥା ପାଠକମାନେ ଜାଣନ୍ତି । ତେଣୁ, ଓଡ଼ିଶାର ଏହି ଜାତୀୟ ମହାକବିଙ୍କୁ ତାଙ୍କର ପ୍ରାପ୍ୟ ସମ୍ମାନରୁ ବଞ୍ଚିତ କରିବାର ଏଭଳି ଚେଷ୍ଟା ବା ଅପଚେଷ୍ଟା କାହିଁକି ?

## ଭଞ୍ଜ-ସାହିତ୍ୟର ପ୍ରବୀଣ ପ୍ରଚାରକ—

କବି କାବ୍ୟ ଲେଖିଯାଆନ୍ତି । କିନ୍ତୁ ସେହି କାବ୍ୟ ସୁଦୃଢ଼ ଭାବରେ ପ୍ରତିଷ୍ଠିତ ହୁଏ ପ୍ରଚାରକମାନଙ୍କର ଅନୁରାଗଭରା ବ୍ୟାଖ୍ୟାନ ଏବଂ ବିବିଧ ଉପାୟରେ ତାହାର ବ୍ୟାପକ ପ୍ରସାର ସାଧନ ଦ୍ୱାରା । କବି ଦୀନକୃଷ୍ଣ ଦାସ ଯଥାର୍ଥରେ କହିଅଛନ୍ତି—

"କବିତା ବନିତା କବିତା ଲତା
କହିବା ଲୋକ ତାର ଉପମାତା ।"
( ରସ—୩୪।୨୭ )

ଅର୍ଥାତ୍, କବି ପକ୍ଷରେ ତାଙ୍କର ରଚିତ କାବ୍ୟ-କବିତା ପ୍ରକୃତି ଗୋଟିଏ ଗୋଟିଏ କନ୍ୟା ଭଳି । ଜନନୀ କନ୍ୟାକୁ ଜନ୍ମଦିଏ, କିନ୍ତୁ ଧାଈମା'ର ଯତ୍ନରେ କନ୍ୟା ହୁଏ ଲାଳିତା, ପାଳିତା ଓ ପରିବର୍ଦ୍ଧିତା । ଏ ଦୃଷ୍ଟିରୁ କାବ୍ୟର ଟୀକାକାର-ମାନେ ହେଉଛନ୍ତି ପ୍ରଥମ ଉପମାତା ସ୍ଥାନୀୟ । ଯେଉଁମାନେ କବିତାର ଉତ୍କର୍ଷ ପ୍ରତିପାଦନ କରିବାକୁ ଯାଇ, ମୂଳ ରଚନାର ସମୀକ୍ଷା କରନ୍ତି, ବିବିଧ ଦୃଷ୍ଟି-କୋଣରୁ ବ୍ୟାଖ୍ୟାନ କରନ୍ତି କିମ୍ବା ମୂଳ ରଚନାର ଭାଷାନ୍ତରୀକରଣ ଦ୍ୱାରା ଇତର ଭାଷାଭାଷୀମାନଙ୍କ ପକ୍ଷରେ ମୂଳ ରଚନାକୁ ଉପଭୋଗ୍ୟ କରାଇ ପାରନ୍ତି, ସେମାନେ ମଧ୍ୟ ଯଥାକ୍ରମରେ ଦ୍ୱିତୀୟ ଓ ତୃତୀୟ ପ୍ରକାରର ଉପମାତା ରୂପେ ପରିଗୃହୀତ ହେବା ଏକାନ୍ତ ଯୁକ୍ତିସଙ୍ଗତ ।

## ମୁଖ୍ୟତଃ ତିନି ପ୍ରକାରର ଆଲୋଚକ—

ଭଞ୍ଜ-ସାହିତ୍ୟ ସମ୍ପର୍କରେ ଆଲୋଚନା କଲାବେଳେ ହଣ୍ଟର୍ ଓ ମନମୋହନ ଚକ୍ରବର୍ତ୍ତୀଙ୍କଠାରୁ ଆରମ୍ଭ କରି ମୁଖ୍ୟତଃ ତିନିଧା ଆଲୋଚକ ବା ପ୍ରଚାରକ ଆମର ଦୃଷ୍ଟିପଥାରୂଢ଼ ହୁଅନ୍ତି । 'ନିନ୍ଦକ' କହିବାର ଲକ୍ଷ୍ୟ ହେଉଛି, କେହି କେହି ଭଞ୍ଜଙ୍କର ଗୁଣକୀର୍ତ୍ତନରେ ଅପାରଗ, ଅସମର୍ଥ ବା ଅନୁଦ୍ୟତ ଥାଇ

ମୁଖ୍ୟତଃ ତାଙ୍କର ସାହିତ୍ୟକୁ ଦୋଷଦୁଷ୍ଟ ଭାବରେ ଚର୍ଚ୍ଚିତ କରି ଯାଇଛନ୍ତି । କେହି କେହି ଭଞ୍ଜଙ୍କର ଦୋଷ ସମ୍ପର୍କରେ ସଚେତନ ଥିଲେ ମଧ୍ୟ, ସେମାନେ ବଶିଷ୍ଟ କାରଣରୁ ହେଉ କିମ୍ବା ନିଜର ଅଭିରୁଚି ଅନୁସାରେ ହେଉ, ଭଞ୍ଜଙ୍କୁ ବିଶ୍ୱ କବି-ସମାଜରେ, ଶୀର୍ଷତମ ଆସନରେ ପ୍ରତିଷ୍ଠିତ କରିବାକୁ ପ୍ରୟାସୀ ହୋଇ ଅଛନ୍ତି । ଆଉ କେହି କେହି ଦୋଷ ଓ ଗୁଣ ଉଭୟ ଦିଗ ପ୍ରତି ସଚେତନ ଥାଇ, ମଧ୍ୟମ ପନ୍ଥା ଅବଲମ୍ବନ କରିଅଛନ୍ତି । ଏହି ତିନି ପ୍ରକାରର ଆଲୋଚକଙ୍କୁ ପୁନଶ୍ଚ କେତେଗୁଡ଼ିଏ ଉପବିଭାଗରେ ବିଭକ୍ତ କରାଯାଇ, ସେମାନଙ୍କ ମତର ତାରତମ୍ୟ ପ୍ରଦର୍ଶନ କରାଯାଇପାରେ ।

## ଭଞ୍ଜ-ସାହିତ୍ୟର ପାଞ୍ଚ ଜଣ ପ୍ରବୀଣ ପ୍ରସାରକ ଓ ପ୍ରଚାରକ ବା ସମୀକ୍ଷକ—

ଭଞ୍ଜ-ସାହିତ୍ୟର ଅର୍ଥ ବ୍ୟାଖ୍ୟାନ, ତତ୍ତ୍ୱ ବ୍ୟାଖ୍ୟାନ ଏବଂ ପ୍ରଚାର କ୍ଷେତ୍ରରେ ନିମ୍ନଲିଖିତ ପାଞ୍ଚ ଜଣ ସର୍ବାଧିକ ପରିମାଣରେ ସ୍ମରଣୀୟ ପରି ପ୍ରତିଭାତ ହୁଅନ୍ତି, ଯଥା—

୧ । ପଣ୍ଡିତ ଲୋକନାଥ ଦାସ
୨ । ଅଧ୍ୟାପକ ଆର୍ତ୍ତବଲ୍ଲଭ ମହାନ୍ତି
୩ । ପଣ୍ଡିତ ନୀଳକଣ୍ଠ ଦାଶ
୪ । ଶ୍ରୀଯୁକ୍ତ ବଳ୍ଳଭ ଚରଣ ପଟ୍ଟନାୟକ
୫ । ପଣ୍ଡିତ ଅନନ୍ତ ତ୍ରିପାଠୀ ଶର୍ମା ।

ଭଞ୍ଜ-ସାହିତ୍ୟର ଅନ୍ୟ ସେବକମାନେ ଆମର ସ୍ମରଣୀୟ ଓ ଆଦରଣୀୟ ହେଲେ ହେଁ, ଉପରୋକ୍ତ ସାଧକପଞ୍ଚକ ବିଲକ୍ଷଣ ସିଦ୍ଧିରେ ଋଦ୍ଧିମନ୍ତ । ବର୍ତ୍ତମାନ ସେମାନଙ୍କ ସମ୍ପର୍କରେ ସାମାନ୍ୟ ସୂଚନା ଦିଆଯାଉଛି ମାତ୍ର । ଭଞ୍ଜ-ଭୂମିକାର ପରବର୍ତ୍ତୀ ଏକ ଖଣ୍ଡରେ ଅନ୍ୟ ସମସ୍ତ ବଶିଷ୍ଟ ଭଞ୍ଜ-ଭକ୍ତ, ସେବକ, ସାଧକ ଏବଂ ଆଲୋଚକମାନଙ୍କ ସହିତ ଏମାନଙ୍କ ସମ୍ପର୍କରେ ମଧ୍ୟ ବିସ୍ତୃତ ଆଲୋଚନା କରାଯିବ ।

## ପ୍ରଥମ—ଟୀକାକାର ଲୋକନାଥ ଦାସ—

ଦକ୍ଷିଣ-ଓଡ଼ିଶାର ଛୋଟିଆ ରାଜ୍ୟ ଆକାରରେ କ୍ଷୁଦ୍ର ହେଲେ ହେଁ, ସାହିତ୍ୟ-ରାଜ୍ୟରେ ଚମକ ସୃଷ୍ଟି କରିଛି । ଏହି ରାଜବଂଶର ଶେଷ ସାହିତ୍ୟ ମହାରଥୀ

ରାଧାମୋହନ ରାଜେନ୍ଦ୍ର ଅାମ୍ଭମାନଙ୍କ ଭିତରୁ ଅନେକଙ୍କର ବୟୋଜ୍ୟେଷ୍ଠ ସମସାମୟିକ ଲେଖକ ଭାବରେ ଏବେ ବି ସ୍ମରଣୀୟ ହୋଇ ରହିଛନ୍ତି । ତାଙ୍କର ସୁବିପୁଳ ଯଦୁମଣି ରାଉତରାୟ 'କବି-କଳ୍ପଦ୍ରୁମ' ରଚନା କରି, ଗ୍ରନ୍ଥସୁଗ-ସାହିତ୍ୟର କକ୍ଷ ବକ୍ଷରେ ରତ୍ନପ୍ରଦୀପ ସ୍ଥାପନ କରି ଯାଇଛନ୍ତି । ଏହି ଚକଟିର ମହାମହୋପାଧ୍ୟାୟ ପଣ୍ଡିତ ନଦେଶ୍ୱର ବିଶ୍ୱବିଖ୍ୟାତ 'ମେଘଦୂତ' ଉପରେ ଯେଉଁ ଟୀକା ରଚନା କରିଅଛନ୍ତି, ତାହା ସମଗ୍ର ପୃଥିବୀର ଜ୍ଞାନପିପାସୁ ପଣ୍ଡିତମାନଙ୍କୁ ଏକ "ଯୁଦ୍ଧଂ ଦେହି" ଆହ୍ୱାନ ଦେଇଅଛି (୧) । ପୁଣି, ଭଞ୍ଜ-ସାହିତ୍ୟର ସମୀକ୍ଷା କ୍ଷେତ୍ରରେ ଲୋକନାଥ ଦାସ ଚକଟିର ଗୌରବ ବର୍ଦ୍ଧନ କରିଅଛନ୍ତି ।

ଭଞ୍ଜଙ୍କର 'ବୈଦେହୀଶ ବିଳାସ' ଓ 'ଲାବଣ୍ୟବତୀ' (?) ଉପରେ ଏହାଙ୍କର ଟୀକା ଏକାବେଳକେ ଅଭିନନ୍ଦନୀୟ । ଖାଲି ତାଙ୍କ ସମୟରେ ନୁହେ, ତାଙ୍କ ପୂର୍ବରୁ ଓ ତାଙ୍କ ପରେ ମଧ୍ୟ ବହୁ ପଣ୍ଡିତ, ଭଞ୍ଜ-ସାହିତ୍ୟ ବ୍ୟାଖ୍ୟାନ କରି ଜୀବିକା ଅର୍ଜନ କରୁଥିବାର ପରମ୍ପରା ରହିଛି । ହୋଇପାରେ ସେମାନଙ୍କ ଭିତରେ କେହି କେହି ଲୋକନାଥ ଦାସଙ୍କଠାରୁ ମଧ୍ୟ ଅଧିକ ପାଣ୍ଡିତ୍ୟ ଓ ବଚନବୈଭବରେ ମଣ୍ଡିତ ଥିଲେ । କିନ୍ତୁ ନିଜର ସଞ୍ଚିତ ଜ୍ଞାନର ଆଲୋକରେ ଭଞ୍ଜଙ୍କର ଅନ୍ତର-ଗନ୍ଧାଗର ନିଜେ ଦେଖିବାକୁ ପ୍ରୟାସ କରି, ଅନ୍ୟମାନଙ୍କୁ ତାହା ଦେଖାଇବାରେ ଏହାଙ୍କର ଯେଉଁ ନିଷ୍ଠା, ଆନ୍ତରିକତା ଏବଂ ନିରବଚ୍ଛିନ୍ନ ସାଧନା, ତାହା ତାଙ୍କୁ ସ୍ୱତନ୍ତ୍ର ଗୌରବର ଅଧିକାରୀ କରିଅଛି । ତାଙ୍କ ଟୀକା ହୁଏତ ରୂପାନ୍ତରିତ ହୋଇ ବହୁ ବର୍ଷ ତଳୁ ପ୍ରକାଶ ପାଇଗଲାଣି । କିନ୍ତୁ ତାଙ୍କର ନିଜ ଲିଖିତ ଭଙ୍ଗୀରେ ତଥା ଆଧୁନିକତା ଦୃଷ୍ଟିରୁ ପରିମାର୍ଜନା ନ ଥାଇ, ତାହା ଏ ପର୍ଯ୍ୟନ୍ତ ପ୍ରକାଶ ପାଇ ପାରି ନାହିଁ । କେହି ସର୍ବଜ୍ଞ ନୁହେ ଏବଂ ମୁନିମାନଙ୍କର ମଧ୍ୟ ମତିଭ୍ରମ ଘଟିଥାଏ । ପୃଥିବୀର କୌଣସି ଟୀକାକାର ଚିରକାଳ ଲାଗି ଅସମାଲୋଚ୍ୟ ହୋଇ ରହି ନାହାନ୍ତି । ସଂସ୍କୃତ-ସାହିତ୍ୟର ଟୀକାକାର ଶିରୋମଣି ମଲ୍ଲିନାଥଙ୍କର ମଧ୍ୟ ବହୁ ଭ୍ରମ ପ୍ରମାଦ ପ୍ରଦର୍ଶିତ ହୋଇଅଛି । କିନ୍ତୁ ଏହାସତ୍ତ୍ୱେ ତାଙ୍କର ଯଶ, ଗୌରବ ଓ କୀର୍ତ୍ତି ଅଦ୍ୟାବଧି ଅନ୍ୟ ଟୀକାକାରମାନଙ୍କର ଅନୁକରଣୀୟ ହୋଇ ରହିଛି କହିଲେ ଚଳେ । ଏ ଦୃଷ୍ଟିରୁ, ଲୋକନାଥଙ୍କ ଟୀକାର ମହତ୍ତ୍ୱ ସ୍ୱୀକାର କରିବା ଦ୍ୱାରା ତାଙ୍କ ଟୀକାରେ ଭ୍ରାନ୍ତି ନାହିଁ ବୋଲି କହି ହେବ ନାହିଁ । ତହିଁ ସଙ୍ଗେ ସଙ୍ଗେ ଏ କଥା ମଧ୍ୟ ମନେ ରଖିବାକୁ ହେବ ଯେ,

---

(୧) ଏ ସମ୍ପର୍କରେ ଏହି 'ଭଞ୍ଜ-ଭୂମିକା'ର ପୃ-୧୦୮ ଦ୍ରଷ୍ଟବ୍ୟ ।

ତାଙ୍କ ଟୀକାରେ ସାମାନ୍ୟ ଭ୍ରମ ଅଛି ବୋଲି ତାଙ୍କର ଗୌରବ ଯେ କମିଯିବ, ତାହା ମଧ୍ୟ ଆଦୌ ସତ୍ୟ ନୁହେ । ମହାକବି କାଳିଦାସ ଯଥାର୍ଥରେ କହିଛନ୍ତି—

"ଅନନ୍ତ ରତ୍ନ ପ୍ରଭବସ୍ୟ ଯସ୍ୟ
ହିମଂ ନ ସୌଭାଗ୍ୟ ବିଲୋପି ଜାତମ୍
ଏକୋହି ଦୋଷୋ ଗୁଣ ସଂନିପାତେ
ନିମଜ୍ଜତୀନ୍ଦୋଃ କିରଣେଷ୍ୱିବାଙ୍କଃ ।"

( କୁମାର ସମ୍ଭବ, ସର୍ଗ—୧ )

## ଦ୍ୱିତୀୟ—ଅଧ୍ୟାପକ ଆର୍ତ୍ତବଲ୍ଲଭ ମହାନ୍ତି—

ଅଧ୍ୟାପକ ଆର୍ତ୍ତବଲ୍ଲଭ ମହାନ୍ତି ଦୁଇ ଦିଗରୁ ସ୍ୱତନ୍ତ୍ର ସମ୍ମାନର ଅଧିକାରୀ । ପ୍ରଥମ କଥା, ସେ ରେଭେନ୍‌ସା କଲେଜରେ ଅଧ୍ୟାପକ ଥାଇ, ଉତ୍କଳ-ଭାରତୀଙ୍କୁ ନିଷ୍ଠାର ସହିତ ଆରାଧନା କରିବାକୁ ଯେପରି ସୁଯୋଗ ପାଇଥିଲେ, ସେହିପରି ପ୍ରଶଂସନୀୟ ଭାବରେ ତହିଁରେ ଆତ୍ମନିୟୋଗ କରିଥିଲେ । ଦ୍ୱିତୀୟ କଥା, ସେ ପ୍ରାଚୀ ଗ୍ରନ୍ଥାବଳୀର ପରିସର ମଧ୍ୟରେ ଭଞ୍ଜଙ୍କ 'ଲାବଣ୍ୟବତୀ'କୁ ସ୍ଥାପିତ କରି, ଅଳଙ୍କାର ଶାସ୍ତ୍ରରେ ନିଜର ବିପୁଳ ପାଣ୍ଡିତ୍ୟ ପ୍ରଦର୍ଶନ ସହିତ ଭଞ୍ଜୀୟ-ଗବେଷକଙ୍କ ପାଇଁ ପ୍ରଚୁର ଉପାଦାନ ପରିବେଷଣ କରି ଯାଇଛନ୍ତି । ବିଶ୍ୱ-ବିଦ୍ୟାଳୟ ସ୍ତରରେ ପ୍ରାଚୀନ ଓଡ଼ିଆ-ସାହିତ୍ୟର ପ୍ରତିଷ୍ଠାପନ କରିବା ୧୯୩୬ରେ ଓଡ଼ିଶା ରାଜ୍ୟର ଗଠନ ପୂର୍ବେ, ଅଳ୍ପ ଆୟାସସାଧ୍ୟ ବ୍ୟାପାର ନ ଥିଲା । ଆର୍ତ୍ତବାବୁ କିନ୍ତୁ ଉତ୍କଳ-ଭାରତୀଙ୍କର ଜଣେ ସୁଯୋଗ୍ୟ ଓ ସମର୍ଥ ସନ୍ତାନ ରୂପେ ଓଡ଼ିଆ ପୁଅ ଝିଅଙ୍କର ଉଚ୍ଚସ୍ତରୀୟ ପାଠ୍ୟରୂପେ ଭଞ୍ଜ-ସାହିତ୍ୟର ଅନୁପ୍ରବେଶ କରାଇ, ତାଙ୍କର ଉତ୍ତର-ପୁରୁଷମାନଙ୍କର ଶ୍ରଦ୍ଧା ଓ ସମ୍ମାନଭାଜନ ହୋଇଅଛନ୍ତି । ଆନ୍ଧ୍ର ବିଶ୍ୱବିଦ୍ୟାଳୟରେ ଆଇ: ଏ: ଓ ବି: ଏ: ଶ୍ରେଣୀର ଛାତ୍ରମାନେ ଯେତେବେଳେ ଓଡ଼ିଆରେ ବାଧ୍ୟତାମୂଳକ (Compulsory) ୨୦୦ ନମ୍ବରର ଓଡ଼ିଆ ପଢ଼ୁଥିଲା ବେଳେ, ଖୋଦ୍ ଓଡ଼ିଶାର ପିଲାମାନେ ମାତ୍ର ୧୦୦ ନମ୍ବରର ବାଧ୍ୟତାମୂଳକ ଓଡ଼ିଆ ପଢ଼ୁଥିଲେ । ଉତ୍କଳ ବିଶ୍ୱବିଦ୍ୟାଳୟ ୧୯୪୩ ନଭେମ୍ବର ମାସରେ ଗଠିତ ହେବା ପରେ, ଆଶା କରାଯାଇଥିଲା ଯେ, ପାଟନା ବିଶ୍ୱ-ବିଦ୍ୟାଳୟର କବଳବିନିର୍ମୁକ୍ତ ଏହି ଓଡ଼ିଶାରେ ଅଧିକ ନମ୍ବରର ବାଧ୍ୟତାମୂଳକ ଓଡ଼ିଆ ପଢ଼ାଯିବ ।

ଭଞ୍ଜେ ଗମ୍ଭୀର ଅନୁଭୂତିରୁ ଯଥାର୍ଥରେ ଲେଖିଥିଲେ—

"କିସ ପୁଣି ଦେଖା ନ ଯାଇ
ଯେବେ ଥାଇ ଜୀବରେ ।"

ଏ କ୍ଷେତ୍ରରେ ତାହା ହିଁ ହେଲା । ଅଧିକ ନମ୍ବରର ଓଡ଼ିଆ ପଢ଼ାଯିବା ତ ଦୂରର କଥା, ଏଭଳି ଏକ ସମୟ ଆସିଲା, ଯେତେବେଳେ ଉତ୍କଳ ବିଶ୍ୱ-ବିଦ୍ୟାଳୟରେ ପଢ଼ାଯାଉଥିବା ୧୦୦ ନମ୍ବର ଓଡ଼ିଆ ମଧ୍ୟ ଉଠାଇ ଦେବାକୁ ବ୍ୟବସ୍ଥା ହେଲା । କଟକ ଟାଉନ-ହଲ୍‌ରେ ଏଥିର ଯେଉଁ ପ୍ରତିବାଦ-ସଭା ହୋଇଥିଲା, ଏହି ଲେଖକ ତହିଁରେ ତୃତୀୟ ବକ୍ତା ଭାବରେ ହୁଂକାର ଦେଇ, ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କର ଘୋର ନିନ୍ଦାବାଦ କରିଥିଲା । ଆନ୍ଧ୍ର ବିଶ୍ୱ-ବିଦ୍ୟାଳୟରେ ସେ ନିଜେ ୨୦୦ ନମ୍ବରର ଓଡ଼ିଆ ପଢ଼ିବା କଥା କହିଲା ବେଳେ ସଭାରେ ଉତ୍କଳ ବିଶ୍ୱବିଦ୍ୟାଳୟର ନିନ୍ଦା କରାଯାଇ ପ୍ରବଳ ଖାଟିଭୁଣ୍ଡ ହୋଇଥିଲା । ସେଦିନର ଘଟଣା ମନେପଡ଼ିଲେ, ଆଜି ପ୍ରାୟ ୨୫ ବର୍ଷ ପରେ ରୋମ ଟାଙ୍କୁରି ଉଠିଥାଏ । ଆର୍ତ୍ତବାବୁଙ୍କ ଅଧ୍ୟାପକ ଜୀବନର ପ୍ରାଥମିକ ସ୍ତରରେ, ଇତର ପ୍ରଦେଶସ୍ଥ ବିଶ୍ୱବିଦ୍ୟାଳୟର ବଡ଼ଦାଣ୍ଡରେ ପ୍ରାଚୀନ ଓଡ଼ିଆ-ସାହିତ୍ୟର ନନ୍ଦିଘୋଷ ରଥ ଗୃହୀତ କରିବାକୁ ସେ କିପରି ବାଧା ଓ ଅସୁବିଧାର ସମ୍ମୁଖୀନ ହୋଇଥିବେ, ସେ କଥା ଉତ୍କଳ ପ୍ରଦେଶ ଗଠନର ୩୮ ବର୍ଷ ପରେ, ଆଜିର ତରୁଣ ଓଡ଼ିଆମାନେ ହୁଏତ କଳ୍ପନା ସୁଦ୍ଧା କରି ପାରିବେ ନାହିଁ । ମନେପଡ଼ୁଛି, ପଣ୍ଡିତ ଗୋଦାବରୀଶ ମିଶ୍ର ଶିକ୍ଷାମନ୍ତ୍ରୀ ଥିଲା ବେଳେ, ପଣ୍ଡିତ ନୀଳକଣ୍ଠ ଦାସ ପ୍ରମୁଖଙ୍କ ସହାୟତାରେ ଯେତେବେଳେ ଓଡ଼ିଶା ପାଇଁ ସ୍ୱତନ୍ତ୍ର ବିଶ୍ୱବିଦ୍ୟାଳୟ ଗଠନର ପରିକଳ୍ପନା କଲେ, ସେତିକବେଳେ ତହିଁର ପ୍ରତିବାଦ ପାଇଁ (ଯେତେଦୂର ମନେପଡ଼ୁଛି, ସ୍ୱର୍ଗତ ମୋହିନୀ ମୋହନ ସେନାପତିଙ୍କ ଅଧ୍ୟକ୍ଷତାରେ) କଟକ ଟାଉନ-ହଲ୍‌ରେ ଏକ ବଡ଼ ଧରଣର ସଭା ଅନୁଷ୍ଠିତ ହୋଇଥିଲା । ସେତେବେଳେ ଏହି ଲେଖକ କଟକ ଟ୍ରେନିଂ କଲେଜ (ସଂପ୍ରତି ରାଧାନାଥ ଟ୍ରେନିଂ କଲେଜ)ର ଛାତ୍ର ଥିଲା ।

ବଙ୍ଗଦେଶାଗତ ସେଦିନର ମୁଖ୍ୟବକ୍ତା ନାନା ଯୁକ୍ତି ଦେଖାଇ କହିଥିଲେ, ଓଡ଼ିଶା ପାଇଁ ସ୍ୱତନ୍ତ୍ର ବିଶ୍ୱବିଦ୍ୟାଳୟ ଆବଶ୍ୟକ ନାହିଁ । ସେଦିନ ଜଣେ ଶୀର୍ଣ୍ଣକାୟ ଯୁବକ ସଭାପତିଙ୍କ ଅନୁମତି ନେଇ, ମୁଖ୍ୟବକ୍ତାଙ୍କ ଭାଷଣ ପରେ ପରେ ଯେଉଁ ଅଗ୍ନିମୟ ଭାଷଣ ଦେଇଥିଲେ, ତାହା ଅନେକଙ୍କୁ ଚକିତ କରି

ଦେଇଥିଲି । ମନେଅଛି, ସେତେବେଳର ସ୍ୱନାମଧନ୍ୟ ଏଡ୍‌ଭୋକେଟ୍ (ସଂପ୍ରତି ଅବସରପ୍ରାପ୍ତ ବିଚାରପତି) ଶ୍ରୀଯୁକ୍ତ ହରିହର ମହାପାତ୍ର, ପରଦିନ ସେହି ଯୁବକକୁ ଡକାଇ, ପୁତ୍ରୋପମ ସ୍ନେହରେ ତାଙ୍କର ସେହି ଭାଷଣ ଲାଗି ତାଙ୍କୁ ଆଶୀର୍ବାଦ ଦେଇଥିଲେ । (୧)

ନାନା ଦୃଷ୍ଟିରୁ ଦେଖିଲେ, ଆର୍ତ୍ତବାବୁଙ୍କର ଦାନ ଅବିସ୍ମରଣୀୟ । ଡକ୍‌ଟର ବଂଶୀଧର ମହାନ୍ତି ଏବଂ ଡକ୍‌ଟର ନଟବର ସାମନ୍ତରାୟ ଆର୍ତ୍ତବାବୁଙ୍କ ସମ୍ପର୍କରେ ପୁସ୍ତକ ଲେଖି, ତାଙ୍କର ସାଧନା ସମ୍ପର୍କରେ ଅଧିକ ଗବେଷଣା କରାଯିବା ପାଇଁ ମାର୍ଗ ପରିଷ୍କାର କରି ଦେଇଛନ୍ତି ମାତ୍ର ।

ଆର୍ତ୍ତବାବୁଙ୍କର 'ପ୍ରାଚୀ ଗ୍ରନ୍ଥମାଳା' ଅନ୍ତର୍ଗତ 'ଲାବଣ୍ୟବତୀ'ର ମୁଖବନ୍ଧ ଏକ ପାଣ୍ଡିତ୍ୟପୂର୍ଣ୍ଣ ଅବଦାନ । ଉତ୍କଳ ବିଶ୍ୱବିଦ୍ୟାଳୟ ତାଙ୍କୁ ସମ୍ମାନସୂଚକ 'ଡକ୍‌ଟରେଟ୍' ଉପାଧିରେ ମଣ୍ଡିତ କଲାବେଳେ, ତାଙ୍କର ବିବିଧ ସାହିତ୍ୟିକ-ଅବଦାନର ଉଲ୍ଲେଖ ମଧ୍ୟରେ 'ଲାବଣ୍ୟବତୀ'ର ମୁଖବନ୍ଧକୁ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଦେଇଥିଲେ ।

ଭଞ୍ଜଙ୍କର ପ୍ରାଚ୍ୟ-ପାଣ୍ଡିତ୍ୟଭିତ୍ତିକ ତଥା ଆଳଙ୍କାରିକ ଉତ୍କର୍ଷମୂଳକ ସମୀକ୍ଷଣ ବିଷୟରେ 'ଲାବଣ୍ୟବତୀ'ର ମୁଖବନ୍ଧ ପାପ୍ରେମନ୍ତ ହୋଇଉଠିଛି । ଉପେନ୍ଦ୍ର ଭଞ୍ଜଙ୍କର ମହତ୍ତ୍ୱ ପ୍ରତିପାଦକ ଆର୍ତ୍ତବାବୁଙ୍କର କେତୋଟି ବାକ୍ୟ ଉଦ୍ଧାର କରାଯାଉଛି ।

## ଆର୍ତ୍ତବାବୁଙ୍କ ଅଭିମତ –

(କ) "ପୂର୍ବେ କଥିତ ଅଛି ଯେ, କାଳିଦାସ, ଶ୍ରୀହର୍ଷ ପ୍ରଭୃତିଙ୍କ ପଦାଙ୍କ ଅନୁସରଣ କରି ଉପେନ୍ଦ୍ର ସ୍ୱ-କାବ୍ୟମାନ ଲେଖିଛନ୍ତି । ପାର୍ବତୀ-ପରମେଶ୍ୱରଙ୍କ ସମ୍ଭୋଗ ବର୍ଣ୍ଣନା କରି, କାଳିଦାସ ସମାଲୋଚକଙ୍କ ହସ୍ତରୁ ନିଷ୍କୃତି ଲଭି ନାହାନ୍ତି । ଶ୍ରୀହର୍ଷଙ୍କ ଅତ୍ୟଧିକ ଅଶ୍ଳୀଳତାର

---

(୧) ସେହି ଯୁବକ ହେଉଛି—ଏହି ଲେଖକ ନିଜେ । ସେତେବେଳେ ସେ ମୁଣ୍ଡରେ ଏକ ଧଳା ଟୋପି ପିନ୍ଧୁଥାଏ ଏବଂ ତାକୁ 'ଟୋପି ବାବୁ' ବୋଲି କେହି କେହି ଡାକୁଥାନ୍ତି ।

ବିଶ୍ଳେଷଣ ଓ ଜୟଦେବଙ୍କର ବାରମ୍ବାର ସ୍ତ୍ରୀ ପୁରୁଷାଦି ଶରୀର ବର୍ଣ୍ଣନା ସାହିତ୍ୟିକଙ୍କ ଦୃଷ୍ଟିରେ ଦୋଷାବହ । କବି ଉପେନ୍ଦ୍ର ଏହି ପରମ୍ପରା ରକ୍ଷା କରିଅଛନ୍ତି । କେବଳ ଯେ ପରମ୍ପରା ରକ୍ଷା କରିଅଛନ୍ତି ତାହା ନୁହେଁ, ସେ ଦିଗରେ ମଧ୍ୟ ସେ ଉତ୍କୃଷ୍ଟ ପଦବୀ ଲାଭ କରିଅଛନ୍ତି । ଅଶ୍ଲୀଳତା ସେ ପରିହାର କରି ପାରିଥାନ୍ତେ; କିନ୍ତୁ, ଭୋଜରାଜ ପ୍ରଭୃତିଙ୍କ "ଶୃଙ୍ଗାରୀ-ଚେତ୍ କବିଃ" ଏହି ଭାବ ସେହି କାଳରେ ସାହିତ୍ୟିକଙ୍କ ହୃଦୟରେ ବଦ୍ଧମୂଳ ଥିବାରୁ, ଏପରି ଅଶ୍ଲୀଳତା ସ୍ୱତଃ ସାହିତ୍ୟରେ ସ୍ଥାନଲାଭ କରିଅଛି ।"

(ଖ) "ଉପେନ୍ଦ୍ର ଶବ୍ଦଶାସ୍ତ୍ରରେ ଅଦ୍ଭୁତ ପାଣ୍ଡିତ୍ୟ କଥା ଯାହା କହିଅଛନ୍ତି, ତାହା ଅକ୍ଷରେ ଅକ୍ଷରେ ସତ୍ୟ । ପୃଥିବୀରେ କୌଣସି କବି ଏପରି ଶବ୍ଦ-ଶାସ୍ତ୍ରରେ ପଣ୍ଡିତ ନ ଥିଲେ, କହିଲେ ସତ୍ୟର କିଞ୍ଚିନ୍ମାତ୍ର ଅପଳାପ ହେବ ନାହିଁ ।"

(ଗ) "ମନେ ରଖିବାକୁ ହେବ ଯେ, ପଞ୍ଚ ଦେବତାଙ୍କ ଉପାସକମାନେ ସ୍ୱ-ଆରାଧ୍ୟ ଦେବଙ୍କୁ ଅବତାରୀ ରୂପେ ଗ୍ରହଣ କରନ୍ତି । ଏତଦ୍‌ଦୃଷ୍ଟିରେ କୃଷ୍ଣୋପାସକମାନଙ୍କ କୃଷ୍ଣଙ୍କୁ ଅବତାରୀ କହିବା ସମୀଚୀନ । ଉପେନ୍ଦ୍ର କିନ୍ତୁ ଜଗନ୍ନାଥ ଓ ରାମଚନ୍ଦ୍ର ଉଭୟଙ୍କୁ ଅଂଶୀ, ଅବତାରୀ ସ୍ୱୟଂ ଭଗବାନ୍ ରୂପେ ଓ ଅନ୍ୟମାନଙ୍କୁ ଅଂଶ, ଅବତାର ରୂପେ ଗ୍ରହଣ କରିଅଛନ୍ତି । ଉପେନ୍ଦ୍ର ଜଣେ ନୈଷ୍ଠିକ, ପରମ ଭାଗବତ, ରାମୋପାସକ ବୈଷ୍ଣବ ଥିଲେ । ତାଙ୍କ କାବ୍ୟମାନଙ୍କ ଗ୍ରନ୍ଥଗୁଡ଼ିକର ଶେଷ ପଦମାନ ପାଠ କଲେ, ସ୍ୱତଃ ଉପେନ୍ଦ୍ରଙ୍କ ପ୍ରତି ହୃଦୟ ଭକ୍ତି-ରସରେ ଆପ୍ଳୁତ ହୁଏ । ସେ ନିଜ କାବ୍ୟମାନଙ୍କରେ ଦୈବ-ପ୍ରଭାବକୁ ଯେପରି ସ୍ଥାନ ଦେଇଅଛନ୍ତି, ସେଥିରୁ ଜଣାଯାଏ, ସେ ଜଣେ ପ୍ରଧାନ ଦେବଭକ୍ତ ଥିଲେ ।"

(ଘ) "ସ୍ୱ-କାବ୍ୟସ୍ଥ ଶବ୍ଦମାନଙ୍କର ଅର୍ଥ ସହଜରେ ବୋଧଗମ୍ୟ ହେବ । ଏହି ଅଭିପ୍ରାୟରେ ଉପେନ୍ଦ୍ର 'ଗୀତାଭିଧାନ' ପ୍ରଣୟନ କରି, ପରବର୍ତ୍ତୀ ସାହିତ୍ୟିକ ଓ ପାଠକଙ୍କ ପନ୍ଥା ସୁଗମ କରି ଦେଇଅଛନ୍ତି । ସେକ୍‌ସପିଅର୍, ମିଲ୍‌ଟନ୍, ଟେନିସନ୍ ପ୍ରଭୃତି ଇଂରେଜ କବିମାନଙ୍କ ପ୍ରଯୁକ୍ତ ଶବ୍ଦାବଳୀର ଅଭିଧାନ ପରବର୍ତ୍ତୀ ପଣ୍ଡିତଙ୍କ ଦ୍ୱାରା କୃ ଶ୍ରମ

ସହକାରେ ସଂକଳିତ ହୋଇଅଛି, ତାହା ସହଜେ ଅନୁମେୟ । ଉପେନ୍ଦ୍ର ସେହି କାର୍ଯ୍ୟ ନିଜେ ସାଧନ କରିଥିବାରୁ କି ଉପକାର ସାଧନ କରି ନାହାନ୍ତି !"

## ତୃତୀୟ—ପଣ୍ଡିତ ନୀଳକଣ୍ଠ ଦାସ—

ଡକ୍ଟର ମାୟାଧର ମାନସିଂହ ତଥ୍ୟଗତ ବହୁଭ୍ରମପୂର୍ଣ୍ଣ ତାଙ୍କର 'ଓଡ଼ିଆ ସାହିତ୍ୟର ଇତିହାସ'ରେ ପଣ୍ଡିତ ନୀଳକଣ୍ଠ ଦାସଙ୍କୁ "The doyen of literary circles in Orissa" ବୋଲି କହିଅଛନ୍ତି (୧) । ପ୍ରକୃତରେ ପଣ୍ଡିତ ନୀଳକଣ୍ଠ ଆଧୁନିକ ଉତ୍କଳରେ ବହୁଦର୍ଶିତାର ଐତିହାସିକ ନବରତ୍ନ ପ୍ରାସାଦ ପରି ଶୋଭା ପାଉଥିଲେ । ତାଙ୍କର ଦୃଷ୍ଟିକୋଣ ଥିଲା ବଡ଼ ବିଚିତ୍ର ଓ ବିଲକ୍ଷଣ । ସେ ଏକାଧାରରେ ଶିକ୍ଷକ ଓ ସ୍ୱଦେଶବତ୍ସଳ-ଜନନାୟକ, ବହୁତନ୍ତ୍ର-ପାଠୀ ଏବଂ ଅଦ୍ଭୁତ ବ୍ୟାଖ୍ୟାନପଟୁ । ସଂସ୍କୃତରେ ଗୋଟିଏ କଥା ଅଛି—'ବ୍ୟାଖ୍ୟା ବୁଦ୍ଧିବଳାପେକ୍ଷା' । ଏ କଥା ପଣ୍ଡିତ ନୀଳକଣ୍ଠଙ୍କଠାରେ କିପରି ସାର୍ଥକ ହୋଇ ଉଠିଥିଲା, ଏହି ଲେଖକ ପରି, ତାଙ୍କର ତରୁଣ ସହକର୍ମୀମାନେ ମଧ୍ୟ ଭଲ ଭାବରେ ଜାଣନ୍ତି । ତାଙ୍କର ବୟଃଜ୍ୟେଷ୍ଠ ବନ୍ଧୁମାନେ ଓ ସାହିତ୍ୟ-ସେବକମାନେ ଏ କଥା ଜାଣିବା ତ ସ୍ୱାଭାବିକ କଥା ।

ପଣ୍ଡିତ ନୀଳକଣ୍ଠ ଭାରତର ରାଜଧାନୀ ଦିଲ୍ଲୀ ସଙ୍ଗେ ନାନା ଭାବରେ ସଂପୃକ୍ତ ଥିଲେ । ୧୮୮୫ ଖ୍ରୀଷ୍ଟାବ୍ଦରୁ ଭାରତରେ ଯେଉଁ ଜାତୀୟ-ଜାଗରଣର ସୂତ୍ରପାତ ହେଲା, ତାହା ସମଗ୍ର ଦେଶରେ ଦେଶପ୍ରେମର ବନ୍ୟା ଛୁଟାଇ ଦେଲା । ଏ ଉପ-ମହାଦେଶର ବିଭିନ୍ନ ଭାଷା ଗୋଷ୍ଠୀ, ନିଜ ନିଜର କଳା କୃତିତ୍ୱ ଭିତ୍ତିରେ ତଥା ସଂସ୍କୃତି ଭିତ୍ତିରେ, ଭାରତୀୟ ଦରବାରରେ ଗୌରବାବହ ଆସନ ଲାଭ କରିବାକୁ ଚେଷ୍ଟିତ ହୋଇ ଉଠିଲେ । ନୂତନ ଦୃଷ୍ଟିକୋଣରୁ ସାହିତ୍ୟର ଆଲୋଚନା ସାହିତ୍ୟିକ-ସମାଜରେ ତରଙ୍ଗ ଭଙ୍ଗ କଲା । ଯୌବନର ଆରମ୍ଭରେ ପୁଣ୍ୟଶ୍ଳୋକ ଉତ୍କଳମଣି ଗୋପବନ୍ଧୁ ଦାସଙ୍କର ଆଦର୍ଶରେ ଉଦ୍‌ବୁଦ୍ଧ ହୋଇ, ନୀଳକଣ୍ଠ ସତ୍ୟବାଦୀ ବନ-ବିଦ୍ୟାଳୟରେ ଶିକ୍ଷକତା କରିଥିଲେ । ସେତେବେଳେ ଓଡ଼ିଆ

---

(୧) କେନ୍ଦ୍ର ସାହିତ୍ୟ ଏକାଡେମୀ କର୍ତ୍ତୃକ ପ୍ରକାଶିତ 'History of Oriya Literature' p.—89.

ସାହିତ୍ୟ ସହିତ ସଂସ୍କୃତ, ଇଂରାଜୀ, ବଙ୍ଗଳା ଏବଂ ହିନ୍ଦୀ ସାହିତ୍ୟ ମଧ୍ୟ ତୁଳନାତ୍ମକ ଭାବରେ ସେ ଆଲୋଚନା କରିଥିଲେ । ଓଡ଼ିଶାର ମହାକବି ଉପେନ୍ଦ୍ର ଭଞ୍ଜଙ୍କ ସାହିତ୍ୟକୁ ସେହି ସମୟରୁ ହିଁ ସେ ନିଜର ଗଭୀର ଅନ୍ତର୍ଦୃଷ୍ଟିରେ ଦେଖିବାକୁ ଚେଷ୍ଟା କରିଥିଲେ । ସେତେବେଳେ 'ଲାବଣ୍ୟବତୀ'ର ଅନୁଶୀଳନ କରି, ଲାବଣ୍ୟମୟୀ ଭାଷା ବିମଣ୍ଡିତ ଏକ ଉପାଦେୟ ପ୍ରବନ୍ଧ ସେ ଲେଖିଥିଲେ, ଯାହା କି ସମ୍ପ୍ରତି ତାଙ୍କର 'ଓଡ଼ିଆ ଭାଷା ଓ ସାହିତ୍ୟ' ନାମକ ପୁସ୍ତକର ଅଙ୍ଗମଣ୍ଡନ କରିଅଛି । ପୁଣି, ୧୯୩୬ରେ ଉତ୍କଳ ପ୍ରଦେଶ ଗଠନ ପରେ ତାଙ୍କର ସାଂସ୍କୃତିକ ଚେତନା ଓଡ଼ିଆ-ସାହିତ୍ୟର ସମୀକ୍ଷା କ୍ଷେତ୍ରରେ ନୂତନ ଦିଗ୍‌ବଳୟ ଉଦ୍‌ଘାଟନ କରିଥିଲା । ଦୁଇ ଖଣ୍ଡରେ ପ୍ରକାଶିତ "ଓଡ଼ିଆ ସାହିତ୍ୟର କ୍ରମ ପରିଣାମ" ତାଙ୍କର ଏହି ଦ୍ୱିତୀୟ ପର୍ଯ୍ୟାୟର ପ୍ରାଣସ୍ପନ୍ଦନ ଯେପରି ଆତ୍ମପ୍ରକାଶ କରିଅଛି । 'ଲାବଣ୍ୟବତୀ'ର ସମାଲୋଚନା କଲାବେଳେ, ଭାଷା, ଭାବ ଓ ଭଙ୍ଗୀ ସହିତ ଅନ୍ୟ କେତୋଟି କଥା ଦୃଷ୍ଟିରୁ ଭଞ୍ଜ-ସାହିତ୍ୟର ମୂଲ୍ୟ କଳନା ପ୍ରକାଶ ପାଇଥିଲା । କିନ୍ତୁ "କ୍ରମ ପରିଣାମ" ଲେଖିଲା ବେଳକୁ ତାଙ୍କର ଦୃଷ୍ଟିକୋଣ ମୁଖ୍ୟତଃ ସାଂସ୍କୃତିକ ହୋଇ ଯାଇଥିଲା । ତହିଁରେ ଉତ୍କଳର ଐତିହ୍ୟ ଓ ସାଂସ୍କୃତିକ ଆଦର୍ଶ ହିଁ ମହନୀୟ ଭାବରେ ପଣ୍ଡିତ ନୀଳକଣ୍ଠଙ୍କୁ ଉଦ୍‌ବୁଦ୍ଧ କରିଥିଲା । ଭଗବଦ୍‌ଗୀତାର ଭୂମିକାରେ ଉତ୍କଳର ଶବର-ସଂସ୍କୃତି ତଥା ଜଗନ୍ନାଥ-ଧର୍ମର ଅଭିନବ ତତ୍ତ୍ୱ ବ୍ୟାଖ୍ୟାନ ଯାହାଙ୍କର ଲେଖନୀରୁ ନିର୍ଗତ ହୋଇଅଛି, ତାଙ୍କ ପକ୍ଷରେ ହିଁ ଭଞ୍ଜଙ୍କର ସାଂସ୍କୃତିକ ସମାଲୋଚନାରେ ଅପୂର୍ବ ନୂତନତାର ପରିପ୍ରକାଶ ସମ୍ଭବପର । ପୁଣି, 'ଖାରବେଳ' ଏବଂ 'କୋଣାର୍କେ' ଭଳି ଦେଶପ୍ରେମ-ଉଦ୍ଭାସିତ କାବ୍ୟ-ସୌଧର ପରିକଳ୍ପନା ଓ ରୂପାୟନ ଯାହାଙ୍କର ଲେଖନୀରେ ସମ୍ଭବପର, ତାଙ୍କ ପକ୍ଷରେ ହିଁ ଭଞ୍ଜଙ୍କର ଏଭଳି ମୌଳିକ ତଥା ସଂସ୍କୃତି ଭିତ୍ତିକ ଦୃଷ୍ଟି ବିକାଶ ସ୍ୱାଭାବିକ । ଏ ସମ୍ପର୍କରେ "ଭଞ୍ଜଙ୍କ ନିର୍ବାଚନ ଇସ୍ତାହାର" ପୁସ୍ତକ ଅନ୍ତର୍ଗତ ନୀଳକଣ୍ଠଙ୍କ ପ୍ରତିଭା ବିଷୟକ ପ୍ରବନ୍ଧ ଦ୍ରଷ୍ଟବ୍ୟ । (୧)

ପଣ୍ଡିତ ନୀଳକଣ୍ଠଙ୍କ କେତୋଟି ଭଞ୍ଜ-ବିଷୟକ ଉପାଦେୟ ମତ ଏଠାରେ ଉଦ୍ଧାର କରାଯାଉଛି । ତାଙ୍କର ଅନ୍ତରରେ ଭଞ୍ଜଙ୍କର ପ୍ରତିଭା-ପ୍ରତିମା କିପରି ମହାମୂଲ୍ୟ ରତ୍ନବେଦିକା ଉପରେ ପ୍ରତିଷ୍ଠିତ ଥିଲା, ନିମ୍ନୋଦ୍ଧୃତ ମତାବଳୀ ତହିଁର ସଙ୍କେତ ପ୍ରଦାନ କରେ । ବାତାୟନ ପଥଦେଇ ଗୃହାଭ୍ୟନ୍ତର ଦେଖାଇଲା ଭଳି

---

(୧) ଭଞ୍ଜଙ୍କ ନିର୍ବାଚନ ଇସ୍ତାହାର, ପୃ-୨୪—୪୦

ଏହି ଉଦ୍ଧୃତଗୁଡ଼ିକ ମାର୍ଫତରେ ଆମକୁ ନୀଳକଣ୍ଠଙ୍କ ହୃଦୟ-ମନ୍ଦିରର ରହସ୍ୟଭେଦ ଦେଖିବାକୁ ପଡ଼ିବ ।

## ନୀଳକଣ୍ଠଙ୍କ ଅଭିମତ—

(କ) "ଉପେନ୍ଦ୍ର ଭଞ୍ଜ ଲୋକସାଧାରଣଙ୍କ ଭାଷାରେ କାବ୍ୟ ଲେଖି ନାହାନ୍ତି । ତାଙ୍କ କାବ୍ୟରେ ଲଙ୍ଗଳ ହସ୍ତ ଚଷାର ବର୍ଣ୍ଣନା ନାହିଁ । ବଢ଼େଇ କାଠ କରୁ ନାହିଁ, ଗଉଡ଼ ଗୋଠରେ ବେଣୁ ବଜାଉ ନାହିଁ, ଦରିଦ୍ର ପଲ୍ଲୀ-କୁମାରୀ ଦଳରେ ଧନସୀସା ଗୋଟାଉ ନାହିଁ । କନ୍ଧ ବିବାହ ନାହିଁ, ସାନ୍ତାଳ ନାଚ ନାହିଁ, ଭୂୟାଁ ଧାଙ୍ଗଡ଼ାମାନଙ୍କର ରାତିରେ ଏକତ୍ର ବାସ ନାହିଁ । ପଲ୍ଲୀ-ଦମ୍ପତିର ଆଳାପ ନାହିଁ, ପ୍ରେମ ନାହିଁ, କଳହ ନାହିଁ । ସ୍ଥୂଳରେ, ଲୋକସାଧାରଣର ଜୀବନକ୍ରିୟା, ଭାବ ବିକାଶ, ହୃଦୟର ଗତି, ଚିନ୍ତାସ୍ଫୁରଣ, ଆକାଙ୍କ୍ଷା, ଆସକ୍ତି, ଅଭିପ୍ରାୟ ପ୍ରଭୃତିର ସ୍ଥାନ ଭଞ୍ଜୀୟ କାବ୍ୟରେ ନାହିଁ କହିଲେ ଚଳେ । କିନ୍ତୁ ଭଞ୍ଜ ଉତ୍କଳର ସର୍ବତ୍ର ଆଦୃତ ଓ ଉତ୍କଳ କବି ଓ ସାହିତ୍ୟିକ କୁଳର ନମସ୍ୟ ।"

( ଓଡ଼ିଆ ଭାଷା ଓ ସାହିତ୍ୟ, ପୃ-୧୧୫ )

(ଖ) "ଉପେନ୍ଦ୍ର ଭଞ୍ଜଙ୍କ ପ୍ରଣୟୀଯୁଗଳ ରାଜକୁଳର ଭୋଗବିଳାସ ଉପାଦାନରେ ଚିତ୍ରିତ ସତ୍ୟ; କିନ୍ତୁ ସେଥିରେ ଅତି ବିଳାସର ଗାଢ଼ତା ନାହିଁ । ସେଥିପାଇଁ ଲାବଣ୍ୟବତୀର ଅକାଟ୍ୟ ପତିପ୍ରାଣତା ଓ ଚନ୍ଦ୍ରଭାନୁଙ୍କର କଠୋର ଏକପତ୍ନୀ ବ୍ରତ । ରୂପଜ ମୋହରେ ପ୍ରାଣର ପ୍ରଣୟ ବନ୍ଧନ କବି ବରାବର ଦେଖାଇ ଅଛନ୍ତି ଏବଂ ସେଥିରେ ପ୍ରେମର ଦୃଢ଼ତା ଆଣିବା ପାଇଁ ବେଳେ ବେଳେ ଆଦିରସ ବିକାଶର ଅତିରଞ୍ଜନ କରିବାକୁ ସେ ବାଧ ହୋଇଅଛନ୍ତି । ତଥାପି ଏ ଅତିରଞ୍ଜନ ମଧ୍ୟରେ ତାଙ୍କ ଆଦର୍ଶ ଦେଖିବାକୁ ହେବ । ସେ ଆଦର୍ଶ ଦେଖିଲା ବେଳେ ଏ ଅତିରଞ୍ଜନ ଆଉ ଦିଶିବ ନାହିଁ ।"

( ଓଡ଼ିଆ ଭାଷା ଓ ସାହିତ୍ୟ, ପୃ-୧୩୫ )

(ଗ) "ଉପେନ୍ଦ୍ର ଭଞ୍ଜଙ୍କ କାବ୍ୟ ଓ ତହିଁ ସଙ୍ଗେ ସେହି ରୀତି ଓ ଭଙ୍ଗୀରେ ଲେଖା ହୋଇଥିବା ଓଡ଼ିଆ ଛାନ୍ଦକାବ୍ୟ ନେଇ ଆଜିକାଲି ଗୋଟିଏ ଓଡ଼ିଆ-ସାହିତ୍ୟିକ ଦଳ ଖୁବ୍ ଆଲୋଚନା ଚଳାଇଛନ୍ତି । ସୁଖର କଥା, ଓଡ଼ିଆର ଅତି ଦୁର୍ଦ୍ଦିନ ଓ ଓଡ଼ିଆ ଜୀବନର ଅତି ଦୁର୍ବିସହ ପରିସ୍ଥିତିରେ

ଉପେନ୍ଦ୍ର ନିଜର କାବ୍ୟ ଲେଖନୀ ଧରିଥିଲେ । ପରାଧୀନ ଓଡ଼ିଶାରେ ଭକ୍ତି, ଧର୍ମ ନାମରେ ଯେତେବେଳେ ବନ୍ୟା-ବିପ୍ଳାବିତ ପରି ଦେଶସାରା 'ଜଗନ୍ନାଥ'ର ସାମ୍ୟ ସଂସ୍କୃତିକୁ କଳୁଷ-ପଙ୍କରେ ବୁଡ଼ାଇ, ପୋତିଦେଇ, ବୃନ୍ଦାବନର ରାଧାକୃଷ୍ଣସେବୀ ଗୌଡ଼ୀୟ ବୈଷ୍ଣବମାନେ ଲାଗିପଡ଼ି, ଓଡ଼ିଆଙ୍କୁ 'ସହଜିଆ'ର ସହଜ ସମ୍ଭୋଗଜନିତ 'ମହାସୁଖ' ତଥା 'ପରକୀୟା' ରତିରେ ସେହି ମହାସୁଖର ଆସ୍ୱାଦନ ଚଖାଇ, ଚରିତ୍ରଗତ ଯୌନ-ବ୍ରହ୍ମଚର୍ଯ୍ୟ-ନିବଦ୍ଧ ଓଡ଼ିଆର ସମାଜ ସାଧନାକୁ ଭ୍ରଷ୍ଟ ଓ ନଷ୍ଟ କରିବାରେ ଲାଗିଥିଲେ । ବଙ୍ଗଳାରୁ ଆସିଥିବା ମୁସଲମାନ-ବିଜୟ ଓ ବିଧ୍ୱଂସରେ କାତର ଓ ମ୍ରିୟମାଣ ହୋଇ ଯେତେବେଳେ ପରପଦାନତ ଖୋରଧାର 'ଗଜପତି'ମାନେ ବଙ୍ଗଳାର ତନ୍ତ୍ରସାଧନା ଓ 'ପଞ୍ଚମକାର' ଠାରୁ କୃଷ୍ଣଙ୍କ ଗୋପୀ ବସ୍ତ୍ରହରଣ ଓ ଗୋପୀରମଣ ସଙ୍ଗେ ଚଣ୍ଡୀଦାସ, ଜୟଦେବଙ୍କ ଆଚରିତ ଓ ପ୍ରଚରିତ ସହଜିଆ ବୈଷ୍ଣବର ପରଦାର-ମାସ-ସେବା ଓ ଜବକର୍ଣ୍ଣଙ୍କ ପାଲର ଧର୍ମ ଓ ସଭ୍ୟତା ଦେଶରେ ତଥା ସମାଜରେ ଭର୍ତ୍ତି କରିବାରେ ନିଜର କୃତିତ୍ୱ ଦେଖୁଥିଲେ, ସେତିକି-ବେଳେ ରାଜ୍ୟହୀନ ରାଜପୁତ୍ର ଉପେନ୍ଦ୍ର ହୁଏତ ଅନୁମାନର ଅନୁଭବରେ ଶତ ଶତ ପୋଇଲୀ-ପରିବାସୀ-ସେବିତ ରାଜପୁତ୍ରର ଏକାନ୍ତ ଯୌନ-ବିଳାସ ସାମଗ୍ରୀ ରାଜକନ୍ୟା ଓ ରାଜଦାରାଙ୍କୁ କଳ୍ପନା କରି କାବ୍ୟମାନ ଲେଖି, ସେ ମହାବନ୍ୟାରେ ଏକ ପ୍ରବଳ ପ୍ରତିବନ୍ଧକ ସୃଷ୍ଟି କରିଥିଲେ । ଏକ କଥାରେ କହିଲେ କୁହାଯିବ, ଉପେନ୍ଦ୍ର ଯେପରି କି ନିଜ ସାହିତ୍ୟ ସାଧନାରେ ଜାଣିକି କହିଦେଲେ—"ଆରେ ଓଡ଼ିଆଏ ! ଧର୍ମ ନାମରେ ପର ଡାଳି ପିନ୍ଧାଅ ନାହିଁ—ପର ଘର ଭାଙ୍ଗ ନାହିଁ—ନିଜ ଘରେ ବିଭ୍ରାଟ, ବିପ୍ଳବ ସୃଷ୍ଟି କର ନାହିଁ । ଏହା ଓଡ଼ିଆ ଧର୍ମ ନୁହେ । ଯୌନ-ଚର୍ଯ୍ୟାର ବିଳାସ ଯେବେ ଗୁହଁ, ତେବେ ଧର୍ମ ନାମରେ, କୃଷ୍ଣଙ୍କ ନାମରେ, ଏ କଥା କାହିଁକି ? ପୂର୍ଣ୍ଣ ସାମାଜିକ ଓ ଗାର୍ହସ୍ଥ୍ୟ ସଂଯମରେ ରହି ଘରେ ମଧ୍ୟ ସେ ସୁବିଧା କରାଯାଇପାରେ । ଏଇ ଆମ ରାଜା ରାଜୁଡ଼ା ବଡ଼ଲୋକଙ୍କ ଘର ଦେଖ ।" ବିଳାସ ଅବଶ୍ୟ ସାନ ଲୋକଙ୍କ କାର୍ଯ୍ୟ ନୁହେ । ସମାଜର ଶିଷ୍ଟାଗ୍ରର ବଡ଼ଲୋକଙ୍କୁ ଘେନି ପ୍ରକାଶ ପାଇଥାଏ । ପୁଣି ଉପେନ୍ଦ୍ରଙ୍କୁ ହୁଏତ ଜନସାଧାରଣଙ୍କ ଘର ଚଳଣି ସେତେ ପ୍ରଭାବିତ ଓ ପ୍ଲାବିତ କରି ନ ଥିଲା ।"

( ଓଡ଼ିଆ ସଂସ୍କୃତି ଓ ସାହିତ୍ୟ, ପୃ-୪୮୫ )

## ଚତୁର୍ଥ—ବିଚ୍ଛନ୍ଦଚରଣ ପଟ୍ଟନାୟକ

ସ୍ୱର୍ଗତ ବିଚ୍ଛନ୍ଦଚରଣ ପଟ୍ଟନାୟକ ତାଙ୍କ ସମନାମା ସ୍ୱର୍ଗତ ବିଚ୍ଛନ୍ଦ ପଟ୍ଟନାୟକଙ୍କ ପରି ଜଣେ ଅସାଧାରଣ ଦେଶପ୍ରେମୀ । ସଂସ୍କୃତ-ସାହିତ୍ୟରେ 'ଉତ୍କଳ' ଓ 'କଳିଙ୍ଗ' ଏ ଦୁଇଟି ନାମରେ ଏହି ଆମ ନିଜ ପ୍ରଦେଶର ଗୌରବ ବର୍ଣ୍ଣିତ ହୋଇଅଛି । ମହାରାଜା ଅଶୋକଙ୍କ ବିରୁଦ୍ଧରେ ଯୁଦ୍ଧ ଘୋଷଣା କରି ଯେଉଁ ଜାତି ମରଣ ବରଣ କରିଥିଲି ସିନା, ଭୟଭୀତ ହୋଇ ପଛଘୁଞ୍ଚା ଦେଇ ନ ଥିଲି; ସେହି ଜାତିର ଗୌରବ, କଳିଙ୍ଗର ଇତିହାସରେ ଶତଧା କୀର୍ତ୍ତିତ ହୋଇଅଛି । ବିଶ୍ୱନାଥ କବିରାଜ ତାଙ୍କ 'ସାହିତ୍ୟ ଦର୍ପଣ'ରେ କଳିଙ୍ଗର ବୀରତ୍ୱ ଲକ୍ଷ୍ୟରେ 'କଳିଙ୍ଗଃ ସାହସିକାଃ' ଲେଖି, ଆଜିର ଓଡ଼ିଆମାନଙ୍କ ମନରେ ତରଙ୍ଗ ଭଙ୍ଗ କରିଅଛନ୍ତି । ଆମେ ଜାଣୁ, କଳିଙ୍ଗ କଥା ପଡ଼ିଲେ ବିଚ୍ଛନ୍ଦ ବାବୁଙ୍କର ପ୍ରତି ରକ୍ତକଣା ଚଞ୍ଚଳ ହୋଇ ଉଠୁଥିଲା । ସେଥିପାଇଁ ଭଞ୍ଜ-ସାହିତ୍ୟର ପ୍ରଚାର ନିମନ୍ତେ ସେ 'କଳିଙ୍ଗ ଭାରତୀ' ପ୍ରତିଷ୍ଠା କରିଥିଲେ ।

ବିଚ୍ଛନ୍ଦ ବାବୁଙ୍କ ହେତୁ ଆଜି ଭଞ୍ଜ-ଜୟନ୍ତୀ ସମଗ୍ର ଓଡ଼ିଶାରେ ତଥା ଓଡ଼ିଶା ବାହାରେ ମଧ୍ୟ ଓଡ଼ିଆର ଜାତୀୟ ପାରମ୍ପରିକ ଉତ୍ସବରେ ପରିଣତ ହୋଇ ଯାଇଅଛି । ସେ ଭଞ୍ଜ-ସାହିତ୍ୟ ଉପରେ ଓଡ଼ିଆରେ ବହୁ ପ୍ରବନ୍ଧ ଲେଖିଛନ୍ତି । ତାଙ୍କର ଉଦ୍ୟମରେ ବହୁ ଗବେଷକ ଓ ସାହିତ୍ୟିକଙ୍କର ଆଲୋଚନା ସମ୍ବଳିତ 'ଭଞ୍ଜ-ପ୍ରଭା' ପ୍ରକାଶିତ ହୋଇଥିଲା । ବିଚ୍ଛନ୍ଦ ବାବୁଙ୍କର ହୃଦୟରେ ଅସୀମ ନୈତିକ ବଳ ଥିଲା । ସେଥିପାଇଁ ଓଡ଼ିଆ ଜାତି ଓ ଓଡ଼ିଆ ସଂସ୍କୃତି ବିରୁଦ୍ଧରେ କେହି ପଦେ କଥା କହିବାର ଶୁଣିଲେ, ସେ ହୁଙ୍କାର ଦେଇ ତାର ଦୃଢ଼ ପ୍ରତିବାଦ କରୁଥିଲେ । ଭଞ୍ଜ-ନିନ୍ଦୁକମାନଙ୍କ ସମ୍ପର୍କରେ କଥା ପଡ଼ିଲେ, ସେ ଭୀମ ନାଦରେ କହୁଥିଲେ—"With them, without them and inspite of them, Upendra Bhanja's glory is to be firmly established." ଓଡ଼ିଶାର ଜଣେ କବି ସ୍ୱର୍ଗତ··················ପ୍ରାୟ ୨୫ ବର୍ଷ ତଳେ ଥରେ ଦୈନିକ ଓଡ଼ିଆ ଖବର କାଗଜରେ ଲେଖିଥିଲେ—ଯେଉଁ ବଙ୍ଗଭାଷାରେ ରବୀନ୍ଦ୍ରନାଥ କବିତା ଲେଖି ନୋବେଲ ପୁରସ୍କାର ପାଇଅଛନ୍ତି, ସେହି ବଙ୍ଗଭାଷା ଭାରତର ରାଷ୍ଟ୍ରଭାଷା ହେବା ଉଚିତ । ସ୍ୱର୍ଗତ ବିଚ୍ଛନ୍ଦଚରଣ ପଟ୍ଟନାୟକଙ୍କ ଉଦ୍ୟମରେ ଏହାର ଦୃଢ଼ ପ୍ରତିବାଦ କରାଯିବାରୁ, ସେହି କବିବର ନିଜର ମତ ବଦଳାଇ ଦେଇ, ଖବର କାଗଜରେ ବିବୃତି ଦେଇଥିଲେ ।

"ବିଚ୍ଛନ୍ଦ ବାବୁ ଜଣେ ଶ୍ରମକର୍ମୀ । ସେ ଉପେନ୍ଦ୍ର ଭଞ୍ଜଙ୍କର ଅନେକ କାବ୍ୟ-କବିତାର ଅଂଶବିଶେଷ ଇଂରାଜୀରେ ଅନୁବାଦ କରି ପୁସ୍ତକ ଆକାରରେ ୧୯୫୦ ଖ୍ରୀଷ୍ଟାବ୍ଦରେ ପ୍ରକାଶ କରିଥିଲେ । ତାହାର ନାମ 'KABISAMRAT UPENDRA BHANJA SOUVENIR' । ଏହାର ଭୂମିକାରେ ସେ ଲେଖିଛନ୍ତି—"I am also taking steps to publish my English translation of Upendra Bhanja's entire poetical works soon." ଏହି ମହୋଦ୍ୟମ କିନ୍ତୁ ପୂର୍ଣ୍ଣତା ଲାଭ କରି ପାରି ନାହିଁ ।

ବିଚ୍ଛନ୍ଦ ବାବୁଙ୍କ କେତୋଟି ମନ୍ତବ୍ୟ ତଳେ ଉଦ୍ଧାର କରାଯାଉଛି—

୧ । କଳିଙ୍ଗ ପ୍ରସ୍ତର-ଶିଳ୍ପର ଚରମ ପ୍ରକାଶ 'କୋଣାର୍କ' ଓ କଳିଙ୍ଗ ଲିପି-ଶିଳ୍ପର ଚରମ ପ୍ରକାଶ 'ଉପେନ୍ଦ୍ର ଭଞ୍ଜ' । (୧)

୨ । To give birth to a poet of Upendra Bhanja's genius is possible only for a country which produced the temple of Konarka."

୩ । Upendra Bhanja and other poets of his school have once again become the idoles of the entire nation and Upendra Bhanja's name is one to conjure with in all circles throughout the country."

ବିଶ୍ୱ ପ୍ରେମ-ସାହିତ୍ୟରେ ସ୍ଥାନ ପାଇଲା ଭଳି କେତୋଟି ଭଞ୍ଜୀୟ ରଚନା କପରି ବିଚ୍ଛନ୍ଦ ବାବୁଙ୍କ ଲେଖମାରେ ଇଂରାଜୀରେ ଫୁଟି ଉଠିଛି, ତାହାର ଦୃଷ୍ଟାନ୍ତ ସ୍ୱରୂପ ଏଠାରେ କେତୋଟି ଅଂଶ ଉଦ୍ଧୃତ ହେଉଅଛି—

1. "Whenever these eyes are cast
Her figure alone greeteth my sight.
Sleep have I never.
How indeed in dream can I have a
sight of her ?

---

(୧) କଳିଙ୍ଗ କବିସମ୍ରାଟ୍ ( ୧୯୫୧—ପୃ-୧୦୬ )

2. A looking-glass do I never use
For painting my forehead with the
mark of Tilak
Her cheek serveth as a mirror to me
Reflecting as it doth the pendants of her ears.

3. Her priceless quality
Is that she sayeth "no" to naught I say.
Her refusal she doth couch in loving words
A novice is she in the art of love
And when I beg of her to be kissed
In blashfulness she doth taper her joined lips.
And ask me how to give the performance.

4. The double-edged sword of thy looks thou
didst unsheathe from thy eye-lids
And after running them into my heart didst
thou take them out
They are tinged red with the blood of my heart
And this mayst thou verify with the
help of a mirror
The nectar of thy smile alone will be
the soothing balm to the wound
If thou does not smile, surely shall I die.

5. Thou art the eye-glasses to my eyes
And hast been removed. X X
I do feel like one who hath newly lost his vision
And my anguish is ever waxing.

6. Though away, imagine that I am nigh
The distance that parteth the moon and
the lilly is no distance

Their love knoweth no barrier
For distance faileth to divide
Whom love doth unite
The dearest is the dearest whether far or near.

## ପଞ୍ଚମ—ପଣ୍ଡିତ ଅନନ୍ତ ତ୍ରିପାଠୀ—

କବିରାଜ ପଣ୍ଡିତ ଅନନ୍ତ ତ୍ରିପାଠୀ ଶର୍ମା, ଏକାଧାରରେ ସୁଚିକିତ୍ସକ ଓ ଓ ସୁସାହିତ୍ୟିକ । ଆଧୁନିକ ଓଡ଼ିଶା ସଂସ୍କୃତ-ପଣ୍ଡିତ-ସମାଜରେ ସେ ତୁଙ୍ଗ ଆସନର ଅଧିକାରୀ । ଆୟୁର୍ବେଦ ତତ୍ତ୍ୱ ବିଷୟକ ତାଙ୍କର ଓଡ଼ିଆ ଗ୍ରନ୍ଥରାଜି ଆଜି ଓଡ଼ିଆ ଭାଷାର ଶ୍ରୀବୃଦ୍ଧି କରିଅଛି । ଜୀବନର ମଧ୍ୟଭାଗରେ ସେ ଥିଲେ ପାରଳାଖେମୁଣ୍ଡି ସଂସ୍କୃତ ମହାବିଦ୍ୟାଳୟର ଜଣେ ପ୍ରଖ୍ୟାତ ଅଧ୍ୟାପକ । 'ମନୋରମା' ନାମକ ସଂସ୍କୃତ ପତ୍ରିକାର ସମ୍ପାଦକ ଭାବରେ ସେ ଆଜି ସମଗ୍ର ଭାରତର ପଣ୍ଡିତ-ସମାଜରେ ସୁପରିଚିତ । ଓଡ଼ିଆରେ 'ଉପନିଷଦ' ଅନୁବାଦ, 'କାମସୂତ୍ର' ଅନୁବାଦ, ଅଳଙ୍କାର ବିଷୟକ 'ଅଳଙ୍କାର ଚନ୍ଦ୍ରିକା' ଓ ସେକ୍ସପିଅରଙ୍କ କେତେକ ନାଟକର ସଂସ୍କୃତ ଅନୁବାଦ ତାଙ୍କର ବହୁମୁଖୀ ପ୍ରତିଭା ବିଦ୍ୟୋତିତ କରୁଅଛି ।

ଏହିସବୁ ଅପେକ୍ଷା ଗତ କେତେ ବର୍ଷ ଧରି ଭଞ୍ଜଙ୍କ 'ଲାବଣ୍ୟବତୀ' କାବ୍ୟର ସେ ଯେଉଁ ପଦ୍ୟାନୁବାଦ କରୁଅଛନ୍ତି, ତାହା ତାଙ୍କର ସାଧନା-କୁଞ୍ଜର ସର୍ବାଧିକ ସୁରଭିତ ସୁମନ ରୂପେ ପ୍ରତିଭାତ ହେଉଅଛି । ସମଗ୍ର ଭାରତରେ, ବିଦ୍ୟାପତି ପ୍ରଭୃତି କେତେ ଜଣ କବିଙ୍କ ଭାଗ୍ୟରେ ସୁର-ଭାରତୀଙ୍କର ଏଭଳି ଅନୁକମ୍ପା ପ୍ରକାଶ ପାଇଛି । କିନ୍ତୁ, ପଣ୍ଡିତ ତ୍ରିପାଠୀ ଯେଉଁଭଳି ଭାବରେ ସରସ ପଦ୍ୟାନୁବାଦ କରୁଅଛନ୍ତି, ଏହି ବିଷୟର ଦୃଷ୍ଟିରୁ, ତାହା ତାଙ୍କର ସମଧର୍ମା ଅନ୍ୟ ଅନେକଙ୍କ କୃତିକୁ ବଳିଯାଇଛି । ଏ ଉଦ୍ୟମର ଯଥାର୍ଥ ପ୍ରଶଂସା କରିବା ପାଇଁ ଏହି ଲେଖକ ଭାଷା ପାଉ ନାହିଁ । ଭଞ୍ଜଭୂମିର ସୀମାନ୍ତରେ ଜନ୍ମଗ୍ରହଣ କରି, ପଣ୍ଡିତ ତ୍ରିପାଠୀ ଯେଉଁ କୃତିତ୍ୱ ଦେଖାଇଛନ୍ତି, ତାହା ତାଙ୍କୁ ଚିରସ୍ମରଣୀୟ କରି ରଖିବ । ତଳେ ମୂଳ 'ଲାବଣ୍ୟବତୀ'ର କେତୋଟି ଅଂଶ ଏବଂ ସେଗୁଡ଼ିକର ସଂସ୍କୃତ ଅନୁବାଦ ପ୍ରଦାନ କରାଯାଉଛି । ସଂସ୍କୃତ-ସାହିତ୍ୟ-ରସିକମାନେ ପଣ୍ଡିତ ତ୍ରିପାଠୀଙ୍କର ସାଧନାର ସ୍ୱାଦୁ ଉପଲବ୍ଧି କରିବା ପାଇଁ ଏହି କେତୋଟି ଉଦ୍ଧୃତିରେ ମଧ୍ୟ ଯଥେଷ୍ଟ ଉପାଦାନ ରହିଅଛି ।

(୧) 'ଲାବଣ୍ୟବତୀ' ମୂଳରେ କବି 'ରାମ' ଅର୍ଥାତ୍ ରାମଚନ୍ଦ୍ର, ପରଶୁରାମ ଏବଂ ବଳରାମଙ୍କୁ ଏକତ୍ର ବନ୍ଦନା କରିଅଛନ୍ତି (ପ୍ରତି ପଦର ତିନି ଅର୍ଥ)—

ଜୟ ଜୟ ଜୟ ରାମ ଜନକ ସୁଖଦ
ଶ୍ରମ ହରଷ ଦାନରେ ସଦା ବିଶାରଦ ହେ । ୧ ।
ଚନ୍ଦ୍ରହାସେ ଶୋଭାକର ସମସ୍ତ କାଳର
ଲକ୍ଷଣବନ୍ତ ଅଲକ୍ଷ୍ୟ ମୁଖ ମନୋହର ଯେ । ୨ ।
କବି ଭାରତୀଙ୍କ ଅଗୋଚର ଛବି ଯାର
ସୁମନାବୃନ୍ଦ ବନ୍ଦନ ଏଣୁ ନିରନ୍ତର ଯେ । ୩ ।
ମହାଶୟ ବଳରିପୁ ପରେ ତାପକର
ଛଳଭଙ୍ଗ କୁଟଚୁ କାତର ଅରିପୁର ହେ । ୪ ।

ଏହି ଚାରି ପଦର ଅନୁବାଦ କରି ପଣ୍ଡିତ ତ୍ରିପାଠୀ ଲେଖିଛନ୍ତି—

ଜୟତି ଜନକମୋଦଂ ସନ୍ଦଧାନଃ ସ ରାମଃ
ସତତ-କଳିତ-କକ୍ଷୋ ଶ୍ରମ-ହର୍ଷ-ପ୍ରଦାନେ ।
ସୁବିମଳ-ଗୁଣଧାମା ଚନ୍ଦ୍ରହାସ ପ୍ରକାଶୋ
ନିରୁପମ-ମୁଖଚନ୍ଦ୍ରୋ ଲକ୍ଷ୍ମଣାରାଧ୍ୟମୂର୍ତ୍ତିଃ ।
ସୁକବି-ବଚନଗୀତୋ ଶେଷଭାର୍ଯ୍ୟ ପ୍ରଭାବୋ
ଭକ୍ତବୃନ୍ଦ-ସୁମନାଳୀ ସେବ୍ୟମାନାଂଘ୍ରି ପଦ୍ମଃ ।
ସୁରନୁତ-ବଳଶତ୍ରୁ ଧ୍ୱାନ୍ତନାଶୈକ-ଦକ୍ଷୋ
କୃତପର ପୁର ଭଙ୍ଗସ୍ତ୍ରସଭଙ୍ଗୈକ ଶୀରଃ ।

(୨) 'ଲାବଣ୍ୟବତୀ'ର ଷଷ୍ଠ ଛାନ୍ଦ ବା ସୁପ୍ରସିଦ୍ଧ ଜଳକେଳି ଛାନ୍ଦରେ ଅଛି—

ହାସ ପରିହାସ ସରସ ଉକ୍ତିମାନ ଭାଷିଲେ ।
କେଶରେ ନଳିନୀ ଦଳିନୀ ନଳିନୀରେ ପୂରିତ
ଭ୍ରମନ୍ତି ଭ୍ରମରେ ଭ୍ରମରେ ଭ୍ରମରେ ଏ ଶୋଭିତ ।

ପଣ୍ଡିତ ତ୍ରିପାଠୀଙ୍କ ଅନୁବାଦ—

ସରସହାସ ବିଦଗ୍ଧସୁଭାଷିତା-
ନ୍ୟଥ ବିହାରରତା ବିଦଧୁସ୍ତୁ ତାଃ

ଭ୍ରମବଶ୍ରୀ ଭ୍ରମରୀ ଭ୍ରମରାଜିତାଃ
ସୁନଳିନୀ ନଳିନୀନ୍ଧ ବିରାଜିତେ ।।

(ଗ) ଏହା ପରେ ଭଞ୍ଜେ ଲେଖିଛନ୍ତି—

ଅଦ୍ଧ ମକର ତାଙ୍ଗ ନାଶେ ଶୋଭା ସାରସ ଚନ୍ଦ୍ରେ
ଅଦ୍ଧମ କର ତାପନାଶେ ଶୋଭା ସାରସ ଚନ୍ଦ୍ରେ ।।

ଏହାର ଅନୁବାଦ କରି ପଣ୍ଡିତ ବିଦ୍ୟାର୍ଥୀ ଲେଖିଛନ୍ତି—

ସରସ ସାରସ ଚନ୍ଦ୍ର ବିଶୋଭିତା
ସରସ ସାରସ ଚନ୍ଦ୍ର ବିଶୋଭିତା
ସରସ ସାରସ ଚନ୍ଦ୍ର ବିଶୋଭିତା
ସରସ ସାରସ ଚନ୍ଦ୍ର ବିଶୋଭିତା ।।

(ଘ) ଭଞ୍ଜେ ଏହା ପରେ ଲେଖିଛନ୍ତି—

ବଣ ପ୍ରକାଶିବ ସୁମନସର ସୁମନ ଶର
ମସ୍ତକ ଆଣିଲ ସୁମନ ଶର ସୁମନ ଶର ।।

ପଣ୍ଡିତ ବିଦ୍ୟାର୍ଥୀଙ୍କ ଭାଷାରେ—

ସୁମନସଂ ସରସୀ ସୁମନଶରଃ
କମ୍ବୁସମାହୃତବାନ୍ ସୁମନଃ ଶରଃ
ସୁମନସଃ ସରସଃ ସୁମନୋଚୟଂ
କଳସ୍ତୁଭୂଂ ନିରତାଃ ସୁମନୋଚୟମ୍ ।।

(ଙ) ଭଞ୍ଜେ ଲେଖିଲେ—

ଦେଖି ନବକାଳିକା ବକାଳିକା ମାଳିକା ଆଳି କାଳିକା କାନ୍ତ ସ୍ବର୍ଣ୍ଣ
ଲଷ୍ଟା କେମନ୍ତ କରି କରିବ ମଣ୍ଡଳକୁ ଗଣ୍ଡିକ, ଏମନ୍ତ ବିଚାରି ସେ
ସନ୍ଧିଚଶ୍ରୀ ଭାବେ ବସିଲେ ଏ କାଳକୁ
କଥା ଥିବ କାଳ କାଳକୁ
ଏବେ ତ ଷୀଣ ଦିନ ହେଲା ଦୁର୍ଦ୍ଦିନ ପାନ ନ ଲଭ ବଲ୍ଲଭ ମେଳକୁ
ରେ, ସନ୍ଧିଚଶ୍ରୀ ।

ପଣ୍ଡିତ ତ୍ରିପାଠୀଙ୍କ ଅନୁବାଦରେ—

ଦୃଷ୍ଟ୍ୱା କାଳୀନ୍ଦନୀକଳନ୍ଦ୍ରିତଚକ୍ରବାକ୍ୟ କାନ୍ତକେବେଣକାନ୍ତା
ସଖ୍ୟାରକ୍ଷା କଥଂ ବୋ ସମଦଳକଇଗତେଃ ସନ୍ନିଧାପ୍ୟେ ଭ୍ୟାକ୍ଷ୍ଟନ ।
ବାଳା ପାନା ନୱାଳାକଧ୍ୱଗରମିଳନା ପ୍ରେଷ୍ଟୁଷା ଦୁର୍ଦ୍ଦିନେଷ୍ଟୁ
କ୍ଷୀବଳ୍ଲୀ କ୍ଷେମମାସ୍ତ୍ୱାଦ୍ ସନ୍ଦଭବନ୍ତ ଦ୍ୱୟୋଃ ସୁପ୍ରନ୍ୟଃ କଦାଚନ୍ ।

ଅପୂର୍ବ ଏ ଅନୁବାଦ କୌଶଳ । ଧନ୍ୟ ପଣ୍ଡିତ ପ୍ରବର ! ଶତଧନ୍ୟ ଭବଦୀୟ ଶକ୍ତିବିଳାସ !!

## ଭଞ୍ଜ-ସାହିତ୍ୟର ଅନ୍ୟ କେତେକ ଆଲୋଚକ

ଭଞ୍ଜ-ସାହିତ୍ୟ ସମ୍ପର୍କରେ, ଗତ ୫୦ ବର୍ଷ ମଧ୍ୟରେ ବହୁ ଶତ ପ୍ରବନ୍ଧ ପ୍ରକାଶ ପାଇଛି । ଏହି ପ୍ରବନ୍ଧଗୁଡ଼ିକ କେବଳ ଯେ ବିଶିଷ୍ଟ ସାହିତ୍ୟ-ପତ୍ରିକା ଓ ଦୈନିକ ପତ୍ରିକାର ଅଙ୍ଗମଣ୍ଡନ କରିଅଛି, ତାହା ନୁହେ । ବିଭିନ୍ନ ସମୟର ସ୍ମରଣିକାଠାରୁ ଆରମ୍ଭ କରି, ଉଚ୍ଚ ବିଦ୍ୟାଳୟ ତଥା ମହାବିଦ୍ୟାଳୟ ପକ୍ଷରୁ ପ୍ରକାଶିତ ବିଭିନ୍ନ ପତ୍ରିକାର ଅଙ୍ଗସୌଷ୍ଠବ ମଧ୍ୟ ସମ୍ପାଦନ କରିଅଛି । ପଣ୍ଡିତ ସୂର୍ଯ୍ୟନାରାୟଣ ଦାଶ, ତାଙ୍କ 'ଓଡ଼ିଆ ସାହିତ୍ୟର ଇତିହାସ'ରେ ଭଞ୍ଜଙ୍କର ଅନେକ କାବ୍ୟର ସୁନ୍ଦର ବିଶ୍ଳେଷଣ କରି, କେଉଁ ସର୍ଗରେ କ'ଣ ଜ୍ଞାତବ୍ୟ ବିଷୟ ଅଛି, ତାହା ସୁନ୍ଦର ରୂପେ ଉପସ୍ଥାପନ କରିଅଛନ୍ତି । ଭଞ୍ଜଙ୍କର ଆଲୋଚନା ଦୁଇଟି ଖଣ୍ଡରେ ବିକ୍ଷିପ୍ତ ଭାବେ ପ୍ରକାଶ କରା ନ ଯାଇ, ଗୋଟିଏ ସ୍ୱତନ୍ତ୍ର ଖଣ୍ଡରେ ପ୍ରକାଶ କରାଯାଇ ପାରିଥିଲେ, ଖୋଦ୍ ଭଞ୍ଜ-ସାହିତ୍ୟ ସମୀକ୍ଷା କ୍ଷେତ୍ରରେ ତାହା ଏକ ଉପାଦେୟ ଗ୍ରନ୍ଥ ରୂପେ ଅଧିକ ଆକର୍ଷଣୀୟ ହୋଇ-ପାରିଥାନ୍ତା ।

ଶ୍ରୀଯୁକ୍ତ ଅନନ୍ତ ପଦ୍ମନାଭ ପଟ୍ଟନାୟକ, ତାଙ୍କର 'କବିସମ୍ରାଟ୍ ଉପେନ୍ଦ୍ର ଭଞ୍ଜ' ପୁସ୍ତକ ଲାଗି ଧନ୍ୟବାଦାର୍ହ । ସେ ଭଞ୍ଜଙ୍କର କବିତ୍ୱ, ବ୍ୟକ୍ତିତ୍ୱ, ପାଣ୍ଡିତ୍ୟ ଓ ବହୁଦର୍ଶିତା ପ୍ରତିପାଦନ କରିବାକୁ ଯାଇ, ଯେଉଁ ଶ୍ରମ ସ୍ୱୀକାର କରିଛନ୍ତି, ତାହା ତାଙ୍କର ପରବର୍ତ୍ତୀ ଗବେଷକମାନଙ୍କ ଲାଗି ଆଲୋଚନାର ବିବିଧ ଦ୍ୱାର ଉଦ୍‌ଘାଟନ କରି ଦେଇଛି ।

ପଣ୍ଡିତ ଶ୍ରୀଧର ଶତପଥୀ ଏବଂ ଶ୍ରୀଯୁକ୍ତ ଦାମୋଦର ଦାସ, ଶ୍ରୀଯୁକ୍ତ ପଟ୍ଟନାୟକଙ୍କ ପରି ସେହି ଭଞ୍ଜନଗର ଅଞ୍ଚଳର ଅଧିବାସୀ । ଭଞ୍ଜଙ୍କର ଜୀବନୀ ସମ୍ପର୍କରେ ଉଭୟଙ୍କର ତଥ୍ୟସଂଗ୍ରହ ପ୍ରଚେଷ୍ଟା ହେବଥା ଅଭିନନ୍ଦନୀୟ । ସ୍ୱର୍ଗତ ପଣ୍ଡିତ ବ୍ରଜବନ୍ଧୁ ତ୍ରିପାଠୀ ମଧ୍ୟ ଭଞ୍ଜ-ଜୟନ୍ତୀ ଉତ୍ସବ ପ୍ରେରଣାରେ 'ମହାକବି ଉପେନ୍ଦ୍ର ଭଞ୍ଜ' ନାମକ ପୁସ୍ତିକା ପ୍ରକାଶ କରି, ଆମ୍ଭମାନଙ୍କର ସ୍ମରଣୀୟ ହୋଇଅଛନ୍ତି । ଏହି ପୁସ୍ତିକାଟି ପ୍ରଥମେ ଏକ ପ୍ରବନ୍ଧ ଆକାରରେ, ଭୁବନେଶ୍ୱର ଭଞ୍ଜ-ଜୟନ୍ତୀ ଉତ୍ସବରେ ପଠିତ ହୋଇଥିଲା । ଏଥିରେ ପ୍ରଦର୍ଶିତ ବିଲକ୍ଷଣ ପାଣ୍ଡିତ୍ୟ, ବିଚକ୍ଷଣ ବିଶ୍ଳେଷଣ ଓ ବିଚାର ବିସ୍ତାରଶୀଳତା, ସମଗ୍ର ଭଞ୍ଜ-ସାହିତ୍ୟ ଗବେଷଣା କ୍ଷେତ୍ରରେ ଏକ ଆଲୋକସ୍ତମ୍ଭ ରୂପେ ଦେଦୀପ୍ୟମାନ ରହି, ମହାକବି ଉପେନ୍ଦ୍ର ଭଞ୍ଜଙ୍କ ସହିତ ପଣ୍ଡିତ ମହୋଦୟଙ୍କର ଗୌରବ ମଧ୍ୟ ଉଦ୍‌ଘୋଷିତ କରୁଅଛି ।

ପୂଜ୍ୟ ଅଧ୍ୟାପକ ଆର୍ତ୍ତବଲ୍ଲଭ ମହାନ୍ତି ତଥା ପଣ୍ଡିତ ନୀଳକଣ୍ଠ ଦାସଙ୍କ କଥା ଏଥିପୂର୍ବେ ଉଲ୍ଲିଖିତ ହୋଇଥିବାରୁ, ସେମାନଙ୍କ ସମ୍ପର୍କରେ ଆଉ କିଛି କହିବା ଆବଶ୍ୟକ ମନେହୁଏ ନାହିଁ । ଏ ଦୁଇ ମହାରଥୀ ଭଞ୍ଜୀୟ ଗୌରବ-ଯାନର ଦୁଇ ଚକ୍ର ପରି ଶୋଭମାନ ।

ଏମାନଙ୍କ ବ୍ୟତୀତ, ମୋର ପ୍ରିୟ ସୁହୃଦ୍ୱୟ, ଅଧ୍ୟାପକ କୁଞ୍ଜବିହାରୀ (?) ନୃସିଂହ ଦାସ (?) ହୃଦାନନ୍ଦ ରାୟ ତଥା ଅଧ୍ୟାପକ ରଜତକୁମାର କରଙ୍କ ଲିଖିତ (ଯଥାକ୍ରମେ) 'ଭଞ୍ଜ-ଭାରତୀ' ଓ 'ଉପେନ୍ଦ୍ର ଭଞ୍ଜ' ନାଟକ, ତଥା ଦେବେନ୍ଦ୍ର ସିଂହ ଓ ମନୋରଞ୍ଜନଙ୍କ ଭଞ୍ଜ ବିଷୟକ ନାଟକ, କବିଶେଖର ସ୍ୱର୍ଗତ ଚିନ୍ତାମଣି ମହାନ୍ତିଙ୍କ 'ଘୁମୁସର କାବ୍ୟ', ଶ୍ରୀଯୁକ୍ତ ବ୍ରଜମୋହନ ମହାନ୍ତିଙ୍କ 'ଭଞ୍ଜ-ସାହିତ୍ୟ ସମୀକ୍ଷା', ଅଧ୍ୟାପକ ଡକ୍ଟର ବିଚିତ୍ରାନନ୍ଦ ମହାନ୍ତି ପ୍ରମୁଖଙ୍କ ଭଞ୍ଜ ବିଷୟକ ପୁସ୍ତକାବଳୀ ଭଞ୍ଜ-ସାହିତ୍ୟର ବିଭିନ୍ନ ସ୍ତରୀୟ ପାଠକଙ୍କର ସହଜବୋଧ କିମ୍ବା ଉପଭୋଗ ଲାଗି ଅଭିପ୍ରେତ ।

ଏ ସବୁ ସତ୍ତ୍ୱେ, ଏ କଥା କୁହାଯାଇ ପାରିବ ଯେ, 'ସମୁଦ୍ରକୁ ଗଙ୍ଗେ ପାଣି' ପ୍ରବଚନ ଏ ସ୍ଥଳରେ ସ୍ମରଣୀୟ ।

ଆଶା କରାଯାଉଛି, ନୂଆ ନୂଆ ପୁସ୍ତକ ଭଞ୍ଜୀୟ ଆଲୋଚନା ନାମରେ ପ୍ରକାଶ ପାଉଥିଲେ ମଧ୍ୟ, ସବୁ ଚର୍ବିତ-ଚର୍ବଣ, ରୋମନ୍ଥନ ବ୍ୟତୀତ ଅନ୍ୟ କିଛି ନୁହେଁ । ସବୁଠାରୁ ହାସ୍ୟର କଥା, ଜଣେ ଜଣେ ଉଚ୍ଚଶିକ୍ଷା-ପଦବୀ ପ୍ରତିଷ୍ଠିତ

ବ୍ୟକ୍ତି, ଭଞ୍ଜଙ୍କ ସମ୍ପର୍କରେ ହୋଇ ପାଇଥିବା ଆଲୋଚନାରୁ ତଥ୍ୟମାନ ସଂଗ୍ରହ କରି, ନିଜ ଲେଖାକୁ ଅତ୍ୟନ୍ତ ମୌଳିକ, ପାଣ୍ଡିତ୍ୟପୂର୍ଣ୍ଣ ଓ ନବୀନ ଦିଗ୍‌ଦର୍ଶକ ରୂପେ ପ୍ରଚ୍ଚର କରୁଛନ୍ତି । ଏହିଭଳି ଖଣ୍ଡିଏ ନୂଆ ବହିର ଆଲୋଚନା ଟିକିଏ ପରେ ପାଠକମାନେ ପଢ଼ିବାକୁ ପାଇବେ ।

## ଭଞ୍ଜ-ସମୀକ୍ଷା କ୍ଷେତ୍ରରେ ମତମୂଳକ ଭ୍ରାନ୍ତି

ଭଞ୍ଜ-ସାହିତ୍ୟର ଅନେକ ଆଲୋଚକ ନିଜର ମତାବଳୀ ଲିପିବଦ୍ଧ କରି, ଭଞ୍ଜୀୟ ସମୀକ୍ଷାର ପରିସର ବଢ଼ାଇଛନ୍ତି ସତ; କିନ୍ତୁ, ଠାଏ ଠାଏ ଗୁରୁତର ଭ୍ରମ ପ୍ରକାଶ ପାଇ, ବିଜ୍ଞ ଲେଖକଙ୍କର ଜ୍ଞାନ-ଗୌରବ ଉପରେ ପ୍ରବଳ 'ଆଞ୍ଚ' ଆଣି ଦେଇଛି । କେତେକ ସ୍ଥଳରେ ଏ ଭଳି 'ପଢ଼ାପଢ଼ି'ର ଅଭାବ ଓ ଏ କ୍ଷେତ୍ରରେ ପଦାର୍ପଣ କରିବା ବିଷୟରେ ଲେଖକଙ୍କର ଯୋଗ୍ୟତା ଅଭାବର ପ୍ରମାଣ ପ୍ରଦାନ କରୁଅଛି । ତଳେ ଅଳ୍ପ କେତେ ଜଣ ବିଶିଷ୍ଟ ବିବେଚକଙ୍କର କେତୋଟି ମତର ଅବତାରଣା ଓ ଆଲୋଚନା କରାଯାଉଛି ମାତ୍ର ।

**ଡକ୍ଟର ମାୟାଧର ମାନସିଂହ** ଲେଖିଛନ୍ତି—

"His Baidehisha Vilasa, in imitation of the Raghunatha-Vilasa by his uncle Dhanajaya Bhanja, is the Ramayana in ornate versification." (1)

ଏଠାରେ ଧନଞ୍ଜୟ ଭଞ୍ଜଙ୍କୁ ଉପେନ୍ଦ୍ର ଭଞ୍ଜଙ୍କର Grand father ବଦଳରେ Uncle ବୋଲି ଡକ୍ଟର ମାନସିଂହ ଲେଖିଅଛନ୍ତି । ଭାଗ୍ୟକୁ, Brother କିମ୍ବା Son ବୋଲି ଲେଖି ନାହାନ୍ତି । ଓଡ଼ିଶାରେ ଅନେକ କବି ଓଡ଼ିଆ ଛଡ଼ା ସଂସ୍କୃତରେ, ବ୍ରଜବୋଲିରେ, ହିନ୍ଦୀରେ, ବଙ୍ଗଳାରେ ଓ ତେଲୁଗୁରେ କାବ୍ୟ-କବିତା ରଚନା କରିଥିବା ସତ୍ତ୍ୱେ, ସେହି ଡକ୍ଟର ମାନସିଂହ ଏହି ତାଙ୍କ ଇଂରାଜୀ ବହିରେ ଲେଖିଅଛନ୍ତି ଯେ, "ଓଡ଼ିଆ ସାହିତ୍ୟର ଆରମ୍ଭ କାଳରୁ ବର୍ତ୍ତମାନ କାଳ ପର୍ଯ୍ୟନ୍ତ କୌଣସି ଓଡ଼ିଆ ଲେଖକ ନିଜ ମାତୃଭାଷା

(୧) ଦ୍ରଷ୍ଟବ୍ୟ—'History of Oriya Literature' by—Mayadhar Mansingh. p. 117

ଓଡ଼ିଆ ଛଡ଼ା ଅନ୍ୟ କୌଣସି ଭାଷାରେ କିଛୁ ବହିପତ୍ର ଲେଖି ନାହାନ୍ତି”, (୧) ତାଙ୍କ ପକ୍ଷରେ ହିଁ ଓ ତାଙ୍କ ଲେଖାରେ ହିଁ ଏହିଭଳି ଗୁରୁତର ତଥା ଅକ୍ଷମଣୀୟ ଭ୍ରମ ସମ୍ଭବପର ।

ଭଞ୍ଜଙ୍କର ‘ଅବନା ରସତରଙ୍ଗ’ କାବ୍ୟର ପରିଚୟ ଦେବାକୁ ଯାଇ, **ଶ୍ରୀଯୁକ୍ତ ବୈକୁଣ୍ଠଚରଣ ପଟ୍ଟନାୟକ** ଲେଖିଛନ୍ତି—

“A work on Lord Sreerama in pure vowels and consonants without the conjunction of vowels and consonants.” (1)

ଏହି କାବ୍ୟ ନାମର ବିଶେଷତ୍ୱ ବୁଝାଇବାକୁ ଯାଇ **ଡକ୍ଟର ମାନସିଂହ** ଲେଖିଛନ୍ତି—

“The entire story is told with only uncombined (abana) vowels and consonants.” (2)

ଏ ଉଭୟ ମତ ଭ୍ରାନ୍ତିପୂର୍ଣ୍ଣ । ‘ଅ’ ଠାରୁ ‘ଅଃ’ ପର୍ଯ୍ୟନ୍ତ ୧୬ଟି ବର୍ଣ୍ଣ ହେଉଛି ସ୍ୱରବର୍ଣ୍ଣ । ‘କ’ ଠାରୁ ‘କ୍ଷ’ ପର୍ଯ୍ୟନ୍ତ ୩୪ଟି ବର୍ଣ୍ଣ ହେଉଛି ବ୍ୟଞ୍ଜନ ବର୍ଣ୍ଣ । ‘କଟକ’ ଏହି ଶବ୍ଦରେ ତିନୋଟି ବ୍ୟଞ୍ଜନ ବର୍ଣ୍ଣ ଓ ତିନୋଟି ସ୍ୱରବର୍ଣ୍ଣ ମିଶି ୬ଟି ବର୍ଣ୍ଣ ଅଛି । ଭଞ୍ଜେ ତାଙ୍କର ଏହି କାବ୍ୟରେ ଖାଣ୍ଟି ସ୍ୱରବର୍ଣ୍ଣ କିମ୍ବା ‘ଅ’ ବର୍ଣ୍ଣ ଯୁକ୍ତ ବ୍ୟଞ୍ଜନ ବର୍ଣ୍ଣ ହିଁ ପ୍ରୟୋଗ କରିଛନ୍ତି । ‘ଆ’, ‘ଇ’ ପ୍ରଭୃତି ଅନ୍ୟ ସ୍ୱରବର୍ଣ୍ଣଗୁଡ଼ିକ ବ୍ୟଞ୍ଜନ ବର୍ଣ୍ଣରେ ଯୁକ୍ତ ହୋଇ, ଏଥିରେ ପ୍ରଯୁକ୍ତ ହୋଇ ନାହାନ୍ତି । ଏହି କଥାଟାକୁ ଏ ଉଭୟ ଲେଖକ ଫୁଟାଇ ପାରି ନାହାନ୍ତି; ବରଂ ବ୍ୟଞ୍ଜନରେ ‘ଅ’ ବର୍ଣ୍ଣ ମଧ୍ୟ ଯୁକ୍ତ ନ ହୋଇଥିବାର ଭ୍ରାନ୍ତି ସୃଷ୍ଟି କରିଅଛନ୍ତି । ତେଣୁ ଭୁଲ ।

---

(୧) Ibid. p. 10.

(1) ‘Kabisamrat Upendra Bhanja Souvenir’ —Preface.

(2) History of Oriya Literature. p. 121.

'କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ' କାବ୍ୟ ସମ୍ପର୍କରେ **ଶ୍ରୀଯୁକ୍ତ ଅନନ୍ତ ପଦ୍ମନାଭ ପଟ୍ଟନାୟକ** ଲେଖିଛନ୍ତି

" 'କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ' ଭଞ୍ଜଙ୍କର ଅନ୍ତିମ ରଚନା × × ତାହା ଅସମ୍ପୂର୍ଣ୍ଣ ଦେଖାଯାଏ । ସମ୍ଭବତଃ 'କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ'ର ସମାପ୍ତି ପୂର୍ବରୁ କବି ଇହଲୀଳା ସମ୍ବରଣ କରିଥିଲେ ।" (୧)

ଜଣେ ବ୍ୟକ୍ତି 'ମୋର ଜିଭ ନାହିଁ' ବୋଲି ବଡ଼ ପାଟିରେ କହିଲେ, ସେ ଯେପରି ହାସ୍ୟାସ୍ପଦ ହୁଏ, ଏହି ଲେଖା ସେହିପରି ହୋଇଛି । ଶ୍ରୀଯୁକ୍ତ ପଟ୍ଟନାୟକ ନିଜେ ଲେଖିଛନ୍ତି ଯେ, ଭଞ୍ଜେ ତାଙ୍କର 'ଶବ୍ଦକାବ୍ୟ ବର୍ଣ୍ଣୋଦୟ'ରେ ନିଜର ବହି ତାଲିକା ଦେଇଛନ୍ତି ଏବଂ ତହିଁରେ 'କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ'ର ନାମ ଅଛି । ଯଦି 'ଶବ୍ଦକାବ୍ୟ ବର୍ଣ୍ଣୋଦୟ' ପରେ ବହୁକାଳ ସାପେକ୍ଷ ଅସାଧାରଣ ଶବ୍ଦ ପାଣ୍ଡିତ୍ୟପୂର୍ଣ୍ଣ କାବ୍ୟ ଖଣ୍ଡିଏ ଭଞ୍ଜେ ଲେଖିପାରିଲେ ଏବଂ ତାର ଦେହରେ 'କୋଟିବ୍ରହ୍ମାଣ୍ଡ ସୁନ୍ଦରୀ' ନିଜେ ଲେଖିଥିବା କଥା କହିଗଲେ, ତାହାହେଲେ 'କୋଟିବ୍ରହ୍ମାଣ୍ଡ ସୁନ୍ଦରୀ' ତାଙ୍କର ଶେଷ ରଚନା ହେଲା କିପରି ? ଏହା ତାଙ୍କର ସର୍ବଶେଷ ଶ୍ରେଷ୍ଠ ପ୍ରମୋଦ-କାବ୍ୟ ବୋଲି କହିଥିଲେ ଅଧିକ ଯୁକ୍ତିଯୁକ୍ତ ହୋଇଥାଆନ୍ତା । ସୁତରାଂ, ଅନବଧାନତା-ବଶତଃ ଗବେଷକ ଶ୍ରୀଯୁକ୍ତ ପଟ୍ଟନାୟକ ଏକ ଗୁରୁତର ଭ୍ରାନ୍ତମତ ଏଠାରେ ପ୍ରଦାନ କରିଛନ୍ତି ବୋଲି କହିଲେ ଆଦୌ ଅସତ୍ୟ ହେବ ନାହିଁ ।

ଅଧ୍ୟାପକ **ଡକ୍ଟର ଗୋପାଳ ଚନ୍ଦ୍ର ମିଶ୍ର** ଲେଖିଛନ୍ତି —

"ଘୁମୁସର ରେ ଭଞ୍ଜ ରାଜପରିବାର ରେ ଉପେନ୍ଦ୍ର ଭଞ୍ଜ କାବ୍ୟଯୁଗ ରେ ସବୁ ଠୁ ବଡ଼ କବି ମାନେ ଯାତେ ହେଁ । ଇନ୍‌କେ ପିତା ଧନଞ୍ଜୟ ଭଞ୍ଜ ଭି ଏକ ନାମି କବି ଥେ ।" (୨)

ଅସଂଖ୍ୟ ଭ୍ରମ ପ୍ରମାଦ ପରିପୂର୍ଣ୍ଣ ଡକ୍ଟର ଗୋପାଳଚନ୍ଦ୍ର ମିଶ୍ରଙ୍କର "ଓଡ଼ିଆ ସାହିତ୍ୟ କି ଭୂମିକା"ରେ ଧନଞ୍ଜୟ ଭଞ୍ଜଙ୍କୁ ଉପେନ୍ଦ୍ର ଭଞ୍ଜଙ୍କର ପିତା ବୋଲି କୁହାଯାଇଛି; କିନ୍ତୁ, ନୀଳକଣ୍ଠ ଭଞ୍ଜ ହିଁ ଉପେନ୍ଦ୍ର ଭଞ୍ଜଙ୍କ ପିତା ବୋଲି ଲୋକେ ଜାଣନ୍ତି ଏବଂ ତତ୍ତ୍ୱବିତ୍‌ମାନେ ତଥା କବି ନିଜେ ମଧ୍ୟ ଲେଖିଯାଇଛନ୍ତି ।

---

(୧) କବିସମ୍ରାଟ ଉପେନ୍ଦ୍ର ଭଞ୍ଜ, ପୃ-୭

(୨) ଓଡ଼ିଆ ସାହିତ୍ୟ କି ଭୂମିକା, ପୃ-୨୪

ଯେଉଁ ଡକ୍ଟର ଗୋପାଳଚନ୍ଦ୍ର ମିଶ୍ର ପ୍ରସିଦ୍ଧ ଓଡ଼ିଆ ଉପନ୍ୟାସ 'ଖାମା ଭୂୟାଁ'କୁ ଗୋଟିଏ ପ୍ରହସନ (ଇଂରାଜୀରେ **Farse**) ବୋଲି ଲେଖିଅଛନ୍ତି, ତାଙ୍କ ଲେଖାମାନଙ୍କରୁ ଓଡ଼ିଶାର ଏହି ଜାତୀୟ ମହାକବିଙ୍କର ଏଭଳି ବିକୃତ-ଅସତ୍ୟ ଓ ଆପତ୍ତିଜନକ ପରିଚୟ ଛଡ଼ା ଅନ୍ୟ କଣ ଅବା ମିଳିପାରନ୍ତା ! (୧)

**ଅଧ୍ୟାପକ ପ୍ରହ୍ଲାଦ ପ୍ରଧାନ** ଭଞ୍ଜଙ୍କର 'ଷୋଡ଼ଶଛାନ୍ଦ' ନାମକ ରଚନା ସମ୍ପର୍କରେ ଲେଖିଅଛନ୍ତି—

"ଉପେନ୍ଦ୍ର ଭଞ୍ଜଙ୍କର 'ଷୋଡ଼ଶୀ' ବା 'ଷୋଡ଼ଶଛାନ୍ଦ' ମିଳି ନାହିଁ ।" ଏହା ପୂର୍ବରୁ ସେ ଲେଖିଛନ୍ତି—

"ଓଡ଼ିଆ ସାହିତ୍ୟ-ଭଣ୍ଡାରରେ ଗୋଟିଏ 'ଷୋଡ଼ଶୀ'ର ଉଲ୍ଲେଖ ମିଳୁଛି ।" (୨)

ପୁଣି, **ପଣ୍ଡିତ ସୂର୍ଯ୍ୟନାରାୟଣ ଦାଶଙ୍କ** ମତରେ ଭଞ୍ଜଙ୍କର 'ଷୋଡ଼ଶଛାନ୍ଦ' ହେଉଛି ତାଙ୍କର 'ଷୋଳଚୋଇ' ନାମକ ରଚନାର ଅନ୍ୟ ଏକ ନାମ । (୩)

ଶ୍ରୀଯୁକ୍ତ ପ୍ରଧାନ 'ଷୋଡ଼ଶଛାନ୍ଦ' ଶବ୍ଦର ଏ ଯେଉଁ ବ୍ୟାଖ୍ୟାନ ଦେଇଅଛନ୍ତି, ସେଥିଲାଗି ସେ ଅଭିନନ୍ଦନୀୟ । କାରଣ, ତାହା ପୂର୍ବରୁ ଏ ଶବ୍ଦର ଅର୍ଥ କେହି ଭଲ ଭାବରେ ପ୍ରତିପାଦନ କରି ନ ଥିଲେ । ଏହା 'ଷୋଡ଼ଶଛାନ୍ଦ' ସମ୍ପର୍କୀୟ ପ୍ରଚଳିତ ଭ୍ରମ ଧାରଣାର ବଶବର୍ତ୍ତୀ ହୋଇ ପଣ୍ଡିତ ସୂର୍ଯ୍ୟନାରାୟଣ ଦାଶ ଷୋଳଛାନ୍ଦ ବିଶିଷ୍ଟ 'ପ୍ରେମସୁଧାନିଧି' କାବ୍ୟକୁ 'ଷୋଡ଼ଶଛାନ୍ଦ' ବୋଲି କହିଅଛନ୍ତି । କିନ୍ତୁ, ପ୍ରକୃତରେ ଭଞ୍ଜଙ୍କର 'ଷୋଡ଼ଶଛାନ୍ଦ' ବା 'ଷୋଡ଼ଶୀ' ବହୁକାଳରୁ ମୁଦ୍ରିତ ଓ ପ୍ରକାଶିତ ହୋଇ ପ୍ରଚଳିତ ହୋଇ ଆସୁଛି । ଭଞ୍ଜଙ୍କର 'ଚୌପଦୀ ଚନ୍ଦ୍ର' 'ଅ' ଠାରୁ 'ଅଃ' ପର୍ଯ୍ୟନ୍ତ ଷୋଳ ବର୍ଣ୍ଣରେ ରଚିତ ଏକ 'ଷୋଡ଼ଶଛାନ୍ଦ', ଯାହା ଶ୍ରୀଯୁକ୍ତ ପ୍ରଧାନଙ୍କ ବ୍ୟାଖ୍ୟାନ ବା ମତର ଅନୁରୂପ । ତେଣୁ ଏଭଳି ଗୁରୁତ୍ୱ

---

(୧) ଖାମା ଭୂୟାଁ ସମ୍ପର୍କରେ ସେ ଲେଖିଛନ୍ତି—"ଖାମା ଭୂୟାଁ ଗୋପାଳ ବଲ୍ଲଭ ଦାସଙ୍କ ଦ୍ୱାରା ଲିଖିତ ଏକ ପ୍ରହସନ ଅଟେ ।" ଓ. ସା. ଭୂ. —ପୃ-୩୬

(୨) ସାହିତ୍ୟାୟନ, ପୃ-୧୫୪ ଓ ୧୫୫

(୩) ଓଡ଼ିଆ ସାହିତ୍ୟର ଇତିହାସ—୨ୟ ଭାଗ, ପୃ-୫୧୮

ବଜାରରେ ବହୁ ଆଗରୁ ଥିଲାବେଳେ, ତାହା ଅପ୍ରକାଶିତ ବୋଲି କହିବା ମହା ଭ୍ରମ ।

**ପଣ୍ଡିତ ଶ୍ରୀଧର ଶତପଥୀ** ଲେଖିଛନ୍ତି—

"ଏହିପରି ବିଗ୍ରହ କରିବାରେ ଉପେନ୍ଦ୍ର ଭଞ୍ଜ ୧୪ ପ୍ରକାରରେ ଅର୍ଥ କରି ବୁଝାଇଥିଲେ । ଏ କଥା ଦେଖି ସଂସ୍କୃତ ଅଭିମାନୀ ପଣ୍ଡିତ-ମଣ୍ଡଳୀ ଅବାକ୍ ହୋଇଥିଲେ । ରାଜନ୍ୟବୃନ୍ଦ ଆନନ୍ଦରେ ବିଭୋର ହୋଇ ସର୍ବସମ୍ମତିକ୍ରମେ 'ବ' ଅନୁପ୍ରାସ ରଖି, "ବୀର ବେନବାଣୀ ବୀର ବିଳାସିନୀ ଭୁଜଙ୍ଗ" ଉପାଧି ପ୍ରଦାନ କରିଥିଲେ ।" (୧)

ଏଭଳି ଏକ ଭାବନାମୂଳକ ଘଟଣାର ଉଲ୍ଲେଖ କରି ପଣ୍ଡିତ ଶତପଥୀ ଧନ୍ୟବାଦାର୍ହ ହୋଇଛନ୍ତି । ତେବେ 'ବ'ନିୟମ ରକ୍ଷାକରି 'ବୀର ବେନ' ଇତ୍ୟାଦି ଶବ୍ଦ ଯଦି ତାଙ୍କର ଅଭିନବ ଉପାଧିରେ ବ୍ୟବହୃତ ହେଲା, ତେବେ 'ଭ' ଅକ୍ଷରରେ ଆରମ୍ଭ ହୋଇଥିବା 'ଭୁଜଙ୍ଗ' ଶବ୍ଦ ତହିଁରେ ସ୍ଥାନ ପାଇଲା କିପରି ? ଯେତେଦୂର ମନେହୁଏ, ଏହା ଭୁଜଙ୍ଗ ନ ହୋଇ 'ବଟପବର' ବା ବଟପୀବର' ହେବ । ପ୍ରଥମ 'ବର'ର ଅର୍ଥ ଶ୍ରେଷ୍ଠ ଏବଂ ଦ୍ୱିତୀୟ 'ବର' ଅର୍ଥ ପତି, କାନ୍ତ ବା ସ୍ୱାମୀ ।

ଏହାଛଡ଼ା, ଭଞ୍ଜେ ୧୪ଟି ପ୍ରକାରେ ଯେଉଁ ଯେଉଁ କଥା ବୁଝାଇ ଥାଇ-ପାରନ୍ତି; ମାତ୍ର, ଏହା ସୁସଙ୍ଗତ ପ୍ରଣୀତ ହେଉ ନାହିଁ ବରଂ, ନିଜର କାବ୍ୟାଂଶ ବ୍ୟାଖ୍ୟାନ କଲାବେଳେ, ଭାରତର ତତ୍ତତଟି ବିଭିନ୍ନ ଭାଷାର କାବ୍ୟରୁ ଉପାଦେୟ ବା ଅନୁରୂପ ଅଂଶମାନ ଉଦ୍ଧାର କରି ତୁଳନାତ୍ମକ ଭାବରେ ନିଜ କବିତାର ଉତ୍କର୍ଷ ପ୍ରତିପାଦନ କରିଥାଇ ପାରନ୍ତି ।

ସେ ପୁଣି ଲେଖିଛନ୍ତି—

" 'ବୈଦେହୀଶ ବିଳାସ' ନାମକ ମହାକାବ୍ୟ ଏକ ବର୍ଷରେ ୫୨ ଛାନ୍ଦରେ ପୂର୍ଣ୍ଣ କରି ଦେଖାଇଥିଲେ । ୫୨ ଛାନ୍ଦର ବିଶେଷତ୍ୱ ଏହି ଯେ, ନିକାଣ୍ଡ ରାମାୟଣର ୭ ଗୋଟି କଥା ଏଥିରେ ଅଛି, (ସାତ ଗୋଟି କଥାକୁ ନେଇ ରାମାୟଣ ଲିଖିତ) ।" (୨)

---

(୧) ଅମର ସନ୍ଧାନ, ପୃ-୧୦

(୨) ଅମର ସନ୍ଧାନ, ପୃ-୯

ମନେହୁଏ, ଏଥିରେ ଥିବା ସାତଗୋଟି କଥା ଭୁଲକ୍ରମେ ଲେଖିଦିଆଯାଇଛି । ରାମାୟଣର ସାତଗୋଟି କାଣ୍ଡ ଅର୍ଥରେ ଲେଖୁ ଲେଖୁ ଅନବଧାନତାବଶତଃ ଏଭଳି ଏକ ଭ୍ରମ ସମାବେଶିତ ହୋଇଯାଇଛି ।

**ଡକ୍ଟର ମାୟାଧର ମାନସିଂହ** ଭଞ୍ଜଙ୍କ କାବ୍ୟ 'ପ୍ରେମସୁଧାନିଧି'ର ନାମଟିର ବୁଝାଇବାକୁ ଯାଇ ଲେଖିଛନ୍ତି—

"Container of the nectar of love." (1)

ଏଥିରୁ ଜଣାଯାଏ, ଡକ୍ଟର ମାନସିଂହଙ୍କ ମତରେ 'ନିଧି' ଅର୍ଥ ଆଧାର, ରଖିବା ସ୍ଥାନ ଏବଂ ପ୍ରେମ ରୂପକ ଅମୃତ ଏଥିରେ ରଖାଯାଇଥିବାରୁ, ଏହାର ନାମ 'ପ୍ରେମସୁଧାନିଧି' ।

କାହାଠାରୁ ଏ ବହିର ନାମ ଶୁଣି, ନାମର ଅର୍ଥ ସମ୍ପର୍କରେ ନିଜ ମନକୁ ଯାହା ଆସିଲା, ତାହା ସେ ଲେଖି ଯାଇଅଛନ୍ତି । ମାତ୍ର, ସେ ଯଦି 'ପ୍ରେମସୁଧାନିଧି' ପଢ଼ିଥାଆନ୍ତେ, ତାହାହେଲେ ଜାଣିଥାଆନ୍ତେ, ଯେ ଭଞ୍ଜେ ଏ କାବ୍ୟକୁ ଷୋଳକଳା ବିଶିଷ୍ଟ ପୂର୍ଣ୍ଣଚନ୍ଦ୍ର ରୂପେ କଳ୍ପନା କରିଅଛନ୍ତି । କବିମାନେ ଚନ୍ଦ୍ରଙ୍କୁ ଅମୃତର ଖଣି ବା ସୁଧାନିଧି ରୂପେ ବର୍ଣ୍ଣନା କରିଅଛନ୍ତି । ଚନ୍ଦ୍ର ଯେପରି ନିଜର ଷୋଳକଳା ଦ୍ୱାରା ବିଶ୍ୱମାନବର ମନକୁ ଆହ୍ଲାଦିତ କରନ୍ତି, ଏହି କାବ୍ୟ ସେହିପରି ପ୍ରେମ ଲକ୍ଷଣମୂଳକ ଚରିତର ଏକ ପୂର୍ଣ୍ଣଚନ୍ଦ୍ର ରୂପେ ପାଠକମାନଙ୍କୁ ଆହ୍ଲାଦିତ କରିବ । କବିଙ୍କ ଭାଷାରେ—

"ଷୋଳ ଛାନ୍ଦେ ଷୋଳକଳା କର ପୂର୍ଣ୍ଣ ଚନ୍ଦ୍ରହିଁ
ଅଙ୍କ ରହୁ ଦୂଷଣକୁ ଅବକାଶ ନାହିଁ ।"

ନିଜେ ନ ଜାଣି, ଅନ୍ୟମାନଙ୍କୁ ଅବାଟ ଦେଖାଇବାର କି ନିନ୍ଦନୀୟ ଅପଉଦ୍ୟମ !

**ପଣ୍ଡିତ ସୂର୍ଯ୍ୟନାରାୟଣ ଦାଶଙ୍କ** ପୁସ୍ତକରେ ସମସ୍ତଗତ କେତେକ ଭ୍ରମ ବୋଧହୁଏ ମୁଦ୍ରାକର ପ୍ରମାଦ ହେତୁ ରହିଯାଇଛି । ଯଥା— ପୃ-୫୩୦ରେ ୧୬୩୬ ଯାଗାରେ ୧୬୩୭, ପୃ ୫୨୩ରେ ୧୬୦୧ ବଦଳରେ ୧୬୦୩, ପୃ-୫୧୪ରେ ୧୭୨୧ ବଦଳରେ ୧୭୨୪ ଛପାଯାଇଛି । ସେ ଲେଖିଛନ୍ତି—

(1) History of Oriya Literature page – 120.

"ଓଡ଼ିଆ ସାହିତ୍ୟ-ଜଗତରେ ଉପେନ୍ଦ୍ର ଭଞ୍ଜ ସମ୍ରାଟ । ସାହିତ୍ୟପ୍ରେମୀ ରସିକ ଗ୍ରାହକଙ୍କ ହୃଦୟର ଏହି ଉପାଧିଟିକୁ ତାହାଙ୍କଠାରୁ ଆଜି ପର୍ଯ୍ୟନ୍ତ ଏହି ଦେଢ଼ଶହ ବର୍ଷ ମଧ୍ୟରେ ଆଉ କେହି ଓଡ଼ିଆ କବି ଛଡ଼ାଇ ନେଇ ପାରି ନାହାନ୍ତି ।" (୧)

ଏଠାରେ ଦେଢ଼ଶହ କହିବାର କିଛି ଯୁକ୍ତିଯୁକ୍ତତା ଅଛି କି ?

ଉପରେ ବିଭିନ୍ନ ଲେଖକଙ୍କ ଲେଖାରୁ ଯେଉଁ କେତୋଟି ଖୁବ୍ ଛୋଟରେ ତଥ୍ୟଗତ ଭ୍ରମ ଦର୍ଶାଇ ଦିଆଯାଇଛି, ସେଗୁଡ଼ିକ ଭଞ୍ଜ-ସାହିତ୍ୟର ନବୀନ ଆଲୋଚକମାନଙ୍କ ପାଇଁ ପିଚ୍ଛିଳ ପଥ ରୂପେ ସ୍ଖଳନର କାରଣ ହେବ । ପରବର୍ତ୍ତୀ ଏକ ଖଣ୍ଡରେ ବିଭିନ୍ନ ଲେଖକଙ୍କର ଶତାଧିକ ଅସତ୍ୟ ମତ ସପ୍ରମାଣ ପ୍ରତିପାଦନ କରାଯାଉଛି ।

## ଭଞ୍ଜ-ସାହିତ୍ୟ ଆଲୋଚନାର ଅନ୍ୟ ଏକ ଦିଗ

ଭଞ୍ଜ-ସାହିତ୍ୟ ଏ ଦେଶରେ କିପରି ଗଭୀର ଆଲୋଡ଼ନ ସୃଷ୍ଟି କରିଛି, ତାହା ଗୋଟିଏ କଥାରୁ ଅଭ୍ରାନ୍ତ ଭାବରେ ଅନୁମାନ କରାଯାଇପାରେ । କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ଧନଞ୍ଜୟଙ୍କର ସମସାମୟିକ ହେଲେ ହେଁ, ଧନଞ୍ଜୟ ଥିଲେ ବୟୋଜ୍ୟେଷ୍ଠ । ଧନଞ୍ଜୟ 'କ' ନିୟମରେ 'ରସ କଲ୍ଲୋଳ' କାବ୍ୟ ରଚନା କଲା ବେଳକୁ, ତେଣେ ଦୂର ଘୁମୁସରରେ ଥାଇ, ଉପେନ୍ଦ୍ର ଭଞ୍ଜ 'ବ' ନିୟମରେ 'ବୈଦେହୀଶ ବିଳାସ' ରଚନା କରିଥିବାର କିମ୍ବଦନ୍ତୀ ଉଜ୍ଜୀବିତ ରହିଛି । ଭଞ୍ଜଙ୍କର ଆଦ୍ୟବର୍ଣ୍ଣ ନିୟମଯୁକ୍ତ ତିନୋଟି କାବ୍ୟ ଧନଞ୍ଜୟଙ୍କ 'କାଦ୍ୟ' କାବ୍ୟଟିକୁ ନିଷ୍ପ୍ରଭ କରି ଦେଇଥିବା ଅନୁମିତ ହୁଏ । ବର୍ଣ୍ଣ-ନିୟମ କାବ୍ୟ-ଗୁଡ଼ିକରେ ଯଦିଓ ସ୍ୱାଭାବିକ ବିଭିନ୍ନ ଭାବ, ସେହି ଧାରାର ପଥିକ ହୋଇଥିବା ପରବର୍ତ୍ତୀ କବିମାନେ ଚର୍ଚ୍ଚା କରନ୍ତି, ତଥାପି, କାବ୍ୟର ବର୍ଣ୍ଣ ନିୟମ ବିଷୟରେ ଉପେନ୍ଦ୍ର ଭଞ୍ଜ ସମ୍ରାଟଙ୍କର ଉଦ୍‌ବୋଧକ ରୂପେ ପ୍ରତିଭାତ ହୋଇଥାନ୍ତି । ଏ ପ୍ରସଙ୍ଗରେ ଜଣାଶୁଣା ଆଦ୍ୟବର୍ଣ୍ଣ ନିୟନ୍ତ୍ରିତ କେତେକ କାବ୍ୟର ତାଲିକା ଏଠାରେ ପ୍ରଦାନ କରାଯାଉଅଛି । ଭଞ୍ଜ-ସାହିତ୍ୟର ତଥା ସ୍ୱାଭାବିକ ଧାରାବାହିକ

(୧) ଓଡ଼ିଆ ସାହିତ୍ୟର ଇତିହାସ—୨ୟ ଭାଗ, ପୃ-୩୩୪——୪୩୬

ଆଲୋଚନା ପାଇଁ ଏହି ତାଲିକାରୁ ଉପାଦେୟ ଉପାଦାନ ଉପଲଭ୍ୟ । 'ଅ-ଆ' କ୍ରମରେ କାବ୍ୟ-ନାମଗୁଡ଼ିକୁ ସଜାଇ ଦିଆଯାଇଛି ।

୧ । ଅର୍କବଂଶାବତଂସ ... ଗୋବିନ୍ଦ ଦାସ
୨ । ଅଖିଳ ରସ ଚିନ୍ତାମଣି ... ପୀତାମ୍ବର ଦେବ
୩ । ଅନୁରାଗ କଳ୍ପଲତା ... ଶ୍ୟାମସୁନ୍ଦର ଦେବ (ପ୍ରକାଶିତ)
୪ । ଅନସୂୟା ...
୫ । ଅବମାଜା ବିଳାସ ... ଜଗନ୍ନାଥ ମିଶ୍ର
୬ । ଅଭିଶପ୍ତା ଅପ୍ସରା ... ଅନନ୍ତ ମହାପାତ୍ର (ପ୍ରକାଶିତ)
୭ । ଅମ୍ବିକା ବିଳାସ ... ବ୍ରଜନାଥ ବଡ଼ଜେନା ( ,, )
୮ । ଅଶୋକ ...
୯ । ଅହଲ୍ୟା ସ୍ତବ ... (ପ୍ରକାଶିତ)
୧୦ । କର୍ଣ୍ଣଦାମା ...
୧୧ । କଳା କୌତୁକ ... ଉପେନ୍ଦ୍ର ଭଞ୍ଜ (ପ୍ରକାଶିତ)
୧୨ । କଳାବତୀ ... ,,
୧୩ । କୁଞ୍ଜ ବିହାର ... କୃଷ୍ଣ କର (ପ୍ରକାଶିତ)
୧୪ । ଗୋପ ଚରିତ ... ମାଗୁଣୀ
୧୫ । ଛପନ ପଦଆ ... ବ୍ରଜସୁନ୍ଦର ପଟ୍ଟନାୟକ (କିୟଦଂଶ ପ୍ରକାଶିତ)
୧୬ । ଛତିଶ ପଦଆ ... ( ,, )
୧୭ । ଜାମ୍ବବତୀ ପରିଣୟ ... ଚନ୍ଦ୍ରଶେଖର ରାଉତ
୧୮ । ଜାନକୀଶ ବିଳାସ ... ରାମ ଦାସ
୧୯ । ତ୍ରୈଲୋକ୍ୟ ମୋହିନୀ ... ଉପେନ୍ଦ୍ର ଭଞ୍ଜ
୨୦ । ଦମୟନ୍ତୀଶ ବିଳାସ ... ,,
୨୧ । ଦମୟନ୍ତୀଶ ବିଳାସ ... × × ସେନାପତି
୨୨ । ପଦ୍ମାବତୀ ପରିଣୟ ... ଉପେନ୍ଦ୍ର ଭଞ୍ଜ
୨୩ । ପ୍ରମିଳା ... କନକ ମଞ୍ଜରୀ
୨୪ । ପ୍ରତିଜ୍ଞା ... ଭୁବନେଶ୍ୱର ମିଶ୍ର (ପ୍ରକାଶିତ)
୨୫ । ବନଜବତୀ ... ଭାଗବତ
୨୬ । ବାସୁଦେବ ବିଳାସ ... ନୃସିଂହ ପଟ୍ଟନାୟକ (ପ୍ରକାଶିତ)

| | | | |
|---|---|---|---|
| ୨୭ । ବାଣୀ ବିଳାସ | ... | ଗଙ୍ଗାଧର ଗୁରୁ | (ପ୍ରକାଶିତ) |
| ୨୮ । ବିଶ୍ୱମ୍ଭର ବିଳାସ | ... | ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମା | |
| ୨୯ । ବିଶ୍ୱ ମୋହିନୀ | ... | ଦାଶରଥି ଦାସ | |
| ୩୦ । ବିଦୁଗ୍ଧଲତା | ... | | |
| ୩୧ । ବୀର ରଘୁନାଥ ବିଳାସ | ... | ବିଶ୍ୱମ୍ଭର ରାଜେନ୍ଦ୍ର | |
| ୩୨ । ବୈତରଣୀ | ... | କାର୍ତ୍ତିକଦାସ ଆଚାର୍ଯ୍ୟ | (ପ୍ରକାଶିତ) |
| ୩୩ । ବୈଦେହୀ ବିଳାସ | ... | ନାରାୟଣ ତ୍ରିପାଠୀ | ( ,, ) |
| ୩୪ । ବୈଦେହୀଶ ବିଳାସ | ... | ଉପେନ୍ଦ୍ର ଭଞ୍ଜ | ( ,, ) |
| ୩୫ । ବ୍ରଜବଧୂ ବିଳାସ | ... | ବ୍ରଜରାଜ ସିଂହ | ( ,, ) |
| ୩୬ । ଭକ୍ତ ପ୍ରହ୍ଲାଦ | ... | | ( ,, ) |
| ୩୭ । ରକ୍ତନଗ୍ର ସନ୍ତରଣ | ... | | |
| ୩୮ । ରସ ରତ୍ନାକର | ... | ଗଙ୍ଗାଧର ମେହେର | |
| ୩୯ । ରସ କଲ୍ଲୋଳ | ... | ଦୀନକୃଷ୍ଣ ଦାସ | (ପ୍ରକାଶିତ) |
| ୪୦ । ଶ୍ୟାମ ରସୋତ୍ସବ | ... | ବ୍ରଜନାଥ ବଡ଼ଜେନା | ( ,, ) |
| ୪୧ । ସରସ୍ୱତୀ | ... | ଚିନ୍ତାମଣି ବ୍ରହ୍ମା | |
| ୪୨ । ସତୀଶ ବିଳାସ | ... | ଉପେନ୍ଦ୍ର ଭଞ୍ଜ | |
| ୪୩ । ସତୀ ଚନ୍ଦ୍ରିକା | ... | ମାଧବଚନ୍ଦ୍ର ଆଚାର୍ଯ୍ୟ | (ପ୍ରକାଶିତ) |
| ୪୪ । ସୀତେଶ ବିଳାସ | ... | ଭୁବନେଶ୍ୱର କବିଚନ୍ଦ୍ର | (କିୟଦଂଶ ପ୍ରକାଶିତ) |
| ୪୫ । ସୀତା ବିଳାସ | ... | ସତ୍ୟବାଦୀ ସାମନ୍ତରାୟ | |
| ୪୬ । ସୀତା ପ୍ରେମ ତରଙ୍ଗିଣୀ | ... | ନୀଳକଣ୍ଠ ରଥ | (ପ୍ରକାଶିତ) |
| ୪୭ । ସୁଲକ୍ଷଣା | ... | ଅଭିମନ୍ୟୁ ସାମନ୍ତସିଂହାର | (ପ୍ରକାଶିତ) |
| ୪୮ । ସୁଧର୍ମା | ... | | |
| ୪୯ । ସୁଭଦ୍ରା ପରିଣୟ | ... | ଉପେନ୍ଦ୍ର ଭଞ୍ଜ | (ପ୍ରକାଶିତ) |
| ୫୦ । ହସ୍ତବ୍ରହ୍ମାଣ୍ଡ ସୁନ୍ଦରୀ | ... | | |

ଏ ମଧ୍ୟରୁ କେତୋଟି କାବ୍ୟ ମୁଁ ଦେଖିଛି, କିନ୍ତୁ ଲେଖକଙ୍କ ନାମ ବିସ୍ମରଣ ହେବାରୁ ଦେଇପାରି ନାହିଁ । କେତୋଟିର କ୍ଷୁଦ୍ର କ୍ଷୁଦ୍ର ଅଂଶ ଆଲୋଚନା ପ୍ରସଙ୍ଗରେ ପ୍ରକାଶିତ ହୋଇଅଛି ।

ଏହି ତାଲିକାରେ ସ୍ଥାନ ନ ପାଇ ଆହୁରି କେତେକ କାବ୍ୟ ରହିଯାଇଥିବା ସୁନିଶ୍ଚିତ । ଭଞ୍ଜଙ୍କର ଯେଉଁ କାବ୍ୟଗୁଡିକ ଏ ତାଲିକାରୁ ଅନ୍ତର୍ଭୁକ୍ତ, ସେଗୁଡ଼ିକ ସମ୍ପର୍କରେ କେତେକ ତଥ୍ୟ ଭଞ୍ଜଙ୍କର ପୁସ୍ତକ ତାଲିକା ବିଚାର ପ୍ରସଙ୍ଗରେ ଦିଆଯାଇଛି । ଏବେ ମଧ୍ୟ ଏହି ନିୟମରେ କାବ୍ୟ-କବିତା ଲେଖା ଚାଲିଛି ।

ଯେଉଁମାନେ ଏହିସବୁ ଆଦ୍ୟବର୍ଣ୍ଣ କାବ୍ୟ ରଚନା କରୁଛନ୍ତି, ସେମାନେ ଊଣା ଅଧିକେ ଅନ୍ତତଃ ଗୋଟିଏ ନିର୍ଦ୍ଦିଷ୍ଟ ଦୃଷ୍ଟିକୋଣରୁ ଭଞ୍ଜୀୟ କାବ୍ୟଧାରାର ଶିଷ୍ୟ ବା ଗ୍ରାହକ ଭାବରେ ହିଁ ଗଣ୍ୟ । ଏମାନଙ୍କର ହୃଦୟ ରାଜ୍ୟରେ ଭଞ୍ଜଙ୍କ ପ୍ରତି ଅସୀମ ଅନୁରାଗ ସହଜରେ ଅବଧାରଣୀୟ ।

## ଖାଲି ଆଦ୍ୟବର୍ଣ୍ଣ ନିୟମରେ ନୁହେଁ, ନୂତନ ଭଙ୍ଗୀର ରଚନାରେ ମଧ୍ୟ ପରୀକ୍ଷା (experiment) ର ଅଭାବ ନାହିଁ—

ଖାଲି ଆଦ୍ୟବର୍ଣ୍ଣ ନିୟମ ରକ୍ଷା କରିବାରେ ନୁହେଁ, ଭଞ୍ଜଙ୍କର ବର୍ଣ୍ଣନା ଭଙ୍ଗୀ ଆଦର୍ଶ ରୂପେ ଗ୍ରହଣ କରି, ତାକୁ ନୂତନ ରୂପ ଦେବା ପାଇଁ ମଧ୍ୟ ସ୍ଥଳ-ବିଶେଷରେ ଉଦ୍ୟମ ପ୍ରକାଶ ପାଇଛି । ଦେଖାଯାଏ, ଏଭଳି ଏକ ଅଭିମୁଖ୍ୟର ରୂପାୟନ ମଧ୍ୟ କଳାତ୍ମ ପ୍ରତିଭାର ଦ୍ୟୋତକ । ଆମ୍ଭମାନଙ୍କର ସମସାମୟିକ ବାଣପୁରର ପ୍ରସିଦ୍ଧ କବି, କବିରାଜ ଶ୍ରୀ ଗୋପୀନାଥ ସେନାପତି, ଏ କ୍ଷେତ୍ରରେ ସମୀକ୍ଷକର ଦୃଷ୍ଟି ଆକର୍ଷଣ କରନ୍ତି । ତାଙ୍କର ଦୁଇଟି କବିତା ଭଞ୍ଜଙ୍କର ମୂଳ ରଚନାର ଉପରେ ଏକ ନୂତନ ଧରଣର ଉପଭୋଗ୍ୟ ରୂପାୟନ, ତାହା ଏଠାରେ ଲେଖାଇ ଦିଆଯାଉଛି ।

## 'ଲାବଣ୍ୟବତୀ'ରେ ଛଅ ଦେଶ ଓ ଛଅ ଅଳଙ୍କାର—

ଲାବଣ୍ୟବତୀ କିପରି ତାହାର ଅଙ୍ଗମଣ୍ଡନ ଓ ପ୍ରସାଧନ କାର୍ଯ୍ୟ ସାଧନ କରୁଥିଲା, ତାହା ବର୍ଣ୍ଣନା କରି କବିସମ୍ରାଟ୍ ଭଞ୍ଜ ଲେଖିଛନ୍ତି—

"କୁନ୍ତଳ ଦେଶରେ ଚୂଡ଼ାଶୋଭା କରାଇଲା
ବିଦର୍ଭରେ ହାସକୁ ପ୍ରଭୁତ୍ୱ ପଣ ଦେଲା ।
ମାଳବରେ କଣ୍ଠକୁ ମଣ୍ଡିତ କଲା ନେଇ
ଚୋଳରେ ଶୋଭିତ କଲା ଉରଜକୁ ସହି ।
କାଞ୍ଚୀରେ ରଞ୍ଜନ କଲା ମଧ୍ୟକୁ ନିରତ
କନକ କଟକେ କଲା ପାଦକୁ ପୂଜିତ ।

ଏଥିରେ କୁନ୍ତଳ, ବିଦର୍ଭ, ମାଳବ, ଚୋଳ, କାଞ୍ଚୀ ଓ କନକ-କଟକ ବା ସ୍ୱର୍ଣ୍ଣପୁରୀ ଲଙ୍କା, ଏହି ଛଅଟି ରାଜ୍ୟ ବା ସ୍ଥାନର ନାମ ଅଛି । କିନ୍ତୁ, ପ୍ରକୃତରେ କାବ୍ୟର ନାୟିକା ଏହି ଛଅ ଗୋଟି ଦେଶ ବୁଲି ବୁଲି ନିଜର ଅଙ୍ଗମଣ୍ଡନ ବିଧାନ କରୁ ନ ଥିଲା । ଏହି ପଦଗୁଡ଼ିକୁ ଅର୍ଥ କଲେ ଜଣାଯିବ, କିପରି ସେ ତାହାର ନିଜ ଭବନରେ ଥାଇ ମଧ୍ୟ, ନିଜ ଦେହର ବିଭିନ୍ନ ଅଂଶକୁ ବିଭିନ୍ନ ଗୁଣ, ଭଙ୍ଗୀ ବା ଅଳଙ୍କାରରେ ମଣ୍ଡିତ କରୁଥିଲା ।

**ଆଜିର ରଚନାରେ ଓଡ଼ିଶାର ୧୩ ଜିଲ୍ଲା ଓ ୧୩ଟି ମାଛର ନାମ—**

କବି ଗୋପୀନାଥ ସେନାପତି ନିଜର ପ୍ରତିଭାପୂର୍ଣ୍ଣ ଦୃଷ୍ଟିଭଙ୍ଗୀରେ ଭଞ୍ଜଙ୍କର ଏହି ପଦଗୁଡ଼ିକର ଅନୁଶୀଳନ କରି, ଗୋଟିଏ କବିତା ଲେଖିଅଛନ୍ତି । (୧) ତହିଁରେ ୧୩ଟି ଜିଲ୍ଲାର ନାମ (ରେଖାଙ୍କିତ) ପାଠକମାନେ ଦେଖିବାକୁ ପାଇବେ । ତାହା ସଙ୍ଗେ ସଙ୍ଗେ ପଦଗୁଡ଼ିକୁ ଅର୍ଥ କଲେ, ତେର ଗୋଟି ମାଛର ନାମ ମଧ୍ୟ ତା ଭିତରୁ ବାହାରି ପଡ଼େ । ଗୀତଟି ହେଉଛି—

ପଠିବ କି ମନୋରଥ ମୀନ ନୟନା
ବାଲିଆ କୁଳେ ଗଞ୍ଜା ନା ଏଣିକ ଅନା । ଘୋଷା ।
କୋରାପୁଟ ଓଷ୍ଠ ବିମ୍ବ, କଳଶଡେଳ ଚୂଡ଼େ ଦମ୍ଭ
ନଟବେଶ କଟକ ଶୋଭି ହୃଦ ବନ୍ଧନା । ୧ ।
ବାଲେଶ୍ୱର କଳାହାଣ୍ଡି କହିଦେ କୁନ୍ତଳ ମଣ୍ଡି
ଦଣ୍ଡି ଢେଙ୍କୀ ରଚ ବାରେ ମହାମଣ୍ଡନା । ୨ ।
ନୀଳାଚଳ ଫୁଲବାଣୀ ଢେଙ୍କାନାଳ ପଞ୍ଚମ ଜିଣି
ଝୋଡ଼ି ପରକୁ ସୁଗନ୍ଧ କର ବରନା । ୩ ।
ଗ କେନ୍ଦୁଝରର ସୁଷମା ମୟୂରଭଞ୍ଜ ଉପମା
ବାନ୍ଧବ କେ ମାଗୁଁ ରତି ବାରେ ବାରନା । ୪ ।
ସକଳ ସମ୍ବଲପୁର ବପୁ ହେଲା ଛୁରଖାଇ
କଥା ରଖି ହିତ ରତି ମାନ ସାରନା । ୫ ।

(୧) ଭଞ୍ଜଙ୍କ 'ଲାବଣ୍ୟବତୀ'ର ଉଦ୍ଧୃତ ଅଂଶରୁ ପ୍ରେରଣା ପାଇ ସେ ଏହି କବିତା ଲେଖିଛନ୍ତି ବୋଲି ଏହି ଲେଖକଙ୍କୁ କହିଅଛନ୍ତି ।

ସୁକୁରୁ ବିବେକ ବନା (କାଂ)-ଗୀରେ ଚୋର ଧୂର୍ତ୍ତଙ୍କ
ବନାଇ ବଜପ୍ପ ଢେଙ୍କାନାନେ ମାରନା । ୬ ।
ତୋ ତନୁ ସୁନ୍ଦରଗଡେ    ଚାଡ଼ିସରିବ ନଈଚେ
ଗୁରୁକୃପା ଫଳ ଶ୍ରୀଧରର ଭାବନା । ୭ ।

ମାଛଗୁଡ଼ିକର ନାମ ହେଉଛି ବାଳିଆ, କଉ, ଦଣ୍ଡିକେରି, ତୋଡ଼, ଶୃଙ୍ଗ, ମାଗୁର, ଶାରଣା, (ସାରନା ହେରେଣାର ଅନ୍ୟ ନାମ) ଜବଲ (କାବଲ), ଫଳ, ମୀନ (ଶ୍ରେଷ୍ଠ ମାଛ) ବଳଙ୍ଗି, ଶ୍ରୀଧର (ଚିଲିକାର ଏକ ମାଛ) ଓ ଗଡ଼ିସ ।

ଏହାଛଡ଼ା, ନଗର ବର୍ଣ୍ଣନା କରି ମହାକବି ଉପେନ୍ଦ୍ର ତାଙ୍କର 'ଛାନ୍ଦ-ଭୂଷଣ'ରେ ଲେଖିଛନ୍ତି—

"ଗୋଚର ନାହିଁ ଯହିଁରେ    ଚଉର ଶବ୍ଦ ଶ୍ରୁତିରେ
ଗୋଚର ଅଛି ଚଉର ଶବ୍ଦ ଶ୍ରୁତିରେ
ଗୋଟିଏ ବିଟପୀ ନାହିଁ    ବହୁ ବିଟପୀରେ ଶୋଭା
ମଧୁବ୍ରତ ସ୍ଥାନ ମଧୁପ ଅଛି ଯହିଁରେ
ଗଣିବାରେ କର୍ପଟ ନାହିଁ
ଗଣିକା ଶିରମଣ୍ଡନ କରନ୍ତି ତହିଁ ।
(ଛାନ୍ଦ ଭୂଷଣ — ୫।୧୬)

ଏଥିରୁ ଦେଖାଯାଏ, କବି ତାଙ୍କର ଶବ୍ଦପ୍ରୟୋଗରେ ସଂସ୍କୃତ-ସାହିତ୍ୟର ଅନେକ ବିଦଗ୍ଧ କବିଙ୍କ ଭଳି, ଶବ୍ଦପ୍ରୟୋଗ ଗତ ଯାଦୁବିଦ୍ୟା ପ୍ରଦର୍ଶନ କରିଅଛନ୍ତି । 'ଗୋଚର ନାହିଁ' ଅଥଚ 'ଗୋଚର ଅଛି', 'ବିଟପୀ ନାହିଁ' ଅଥଚ 'ବିଟପୀ ଅଛି', 'ମଧୁପ ନାହିଁ' ଅଥଚ 'ମଧୁପ ଅଛି' ଇତ୍ୟାଦି ଲେଖି, କବି ଆଳଂକାରିକ ଚତୁରତା ଦେଖାଇଛନ୍ତି 'ବୈଦେହୀଶ ବିଳାସ' ପ୍ରଭୃତିରେ ମଧ୍ୟ ଏଭଳି ଅଳଂକାରମାନ ବିନ୍ୟସ୍ତ ହୋଇଅଛି । ଉଦାହରଣ ସ୍ୱରୂପ, 'ବୈଦେହୀଶ ବିଳାସ'ର ଚତୁର୍ଥ ଛାନ୍ଦର ୧୪, ୧୫, ୧୮, ୧୯ ପଦ । ଏଭଳି ବର୍ଣ୍ଣନା ସଂସ୍କୃତ କାବ୍ୟଧାରାର ଅନୁସରଣକାରୀ ବହୁ କବି ନିଜ ନିଜ କାବ୍ୟରେ ସମାବେଶିତ କରି ଯାଇଛନ୍ତି । କିନ୍ତୁ, କବି ଗୋପୀନାଥ ସେନାପତି, ଏହି ଆଳଂକାରିକ ରୀତି ବା ପଦ୍ଧତି ଅନୁସରଣ କରି, ପ୍ରବଳ ହାସ୍ୟ-ରସର ସହିତ ସମସାମୟିକ ସମାଜ-ଚିତ୍ର ତହିଁରେ ଫୁଟାଇବାକୁ ଚେଷ୍ଟା କରିଅଛନ୍ତି । ତାଙ୍କର ଏକ କବିତାରୁ ଦୁଇଟି ପଦ ଏଠାରେ ଉଦ୍ଧାର କରାଯାଉଛି—

"ବାଟସ କଳାପୋତା ହେଲା ସକଳ-
ବାଟେ କଳାପୋତା ମହାପ୍ରବଳ
ହାସ ଅନାବଳ ହେଲା ବଣିଜା
ଛତ୍ରବଳା ଓଠୁ ଝରୁଛି ମଜା
ନାହିଁ ଦଳ ବଳ
ପଥପ୍ରାନ୍ତେ ପୂର୍ଣ୍ଣ ବନ୍ଧ ଦଳ ।୧।

ତରଳ ଜମିଦାସ୍ତ ସଦାକାଳେ
ଜମିଦାସ୍ତରେ ପୂର୍ଣ୍ଣ ସେ କୂଳେ
କବି ଦୁଆରେ ନାହିଁ କାର ଭିଡ଼
ପାଠଚକ୍ରେ କବି ଓ କା'ର ଭିଡ଼
ଶ୍ରୋତା କେହି ନାହିଁ
ଅଛନ୍ତି ଶ୍ରୋତା କବିଏ ନିଜେ ହିଁ ।୨।"

ଏଠାରେ କବି କହୁଛନ୍ତି, ଏ ଯୁଗରେ ସହର ଭିତରେ ବାଉଁଶ କଳା ପୋତା ହୋଇ ଘର କରାଯାଉ ନାହିଁ (ଅର୍ଥାତ୍, ବାସଗୃହ ନିର୍ମାଣରେ କଳାପୋତା ନାହିଁ) କିନ୍ତୁ, ଘରେ ଘରେ 'କଳାପୋତା' ଦେଖିବାକୁ ମିଳୁଛି କିମ୍ବା କେତେକ 'ଏକ୍ସପ୍ରେସ୍' ଓ 'ଡିଲକ୍ସ' ବାସ୍‌ରେ ଅଗ୍ରୀମ ଟିକେଟ ହେତୁ ଯାତ୍ରୀମାନେ କଳାପୋତେଇ ଦେବାକୁ ବାଧ୍ୟ ହେଉଛନ୍ତି, ଇତ୍ୟାଦି । କଟକ ସହର ପରି ଜନବସତି ଭିତରେ ଥିବା ଗାଡ଼ିଆମାନଙ୍କ ଦଳ ବାହାର କରିଦିଆ ଯିବାରୁ (ଶଙ୍ଖୁଡ଼ିଆ) ଦଳର ବଳ ଭାଙ୍ଗିଯାଇଛି, ଅର୍ଥାତ୍, ସହରର ଗାଡ଼ିଆ ପ୍ରଭୃତିର 'ଦଳ' ନାହିଁ । ଅଥଚ, ସ୍ଥାନେ ସ୍ଥାନେ ରାଜନୈତିକ 'ଦଳ'ମାନଙ୍କୁ ଦେଖିବାକୁ ମିଳୁଛି । ସରକାର 'ଜମିଦାସ୍ତ' ଉଠାଇ ଦେଲେଣି ଅର୍ଥାତ୍ 'ଜମିଦାସ୍ତ' ନାହିଁ, କିନ୍ତୁ ଜମି-ଦାସ୍ତ ଶବ୍ଦକୁ ଦୁଇ ଦୁଇ ଅକ୍ଷରରେ ଭାଗ କଲେ ଯାହା ହେଲା, ତାହା ହୁଏତ ଦେଖିବାକୁ ମିଳୁଛି । ପ୍ରତିଭାଶାଳୀ କବିମାନଙ୍କ ଦ୍ୱାରକୁ ଲୋକେ ଆଗ୍ରହରେ ଆସୁ ନ ଥିବାରୁ ସେମାନଙ୍କ ଦ୍ୱାରରେ କା'ର (କାହାର) ଭିଡ଼ ନାହିଁ । କିନ୍ତୁ କବିତା ପାଠୋତ୍ସବରେ ଆଉ କେହି ନ ଗଲେ ମଧ୍ୟ, କବିମାନେ 'କାର୍' ଭଡ଼ା କରି, ସେଠାରେ ପହଞ୍ଚି ଭିଡ଼ କରୁଅଛନ୍ତି । କଥାରେ ତ ଅଛି—ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ଭାଷାରେ—"ଆପଣା କବିତା ପାଠେ ମୂର୍ଖ କବିବର !"

ଅର୍ଥାତ୍ କେଉଁ କେଉଁ କବି ନିଜ କବିତା ପଢ଼ି ବେଶ୍ ଆନନ୍ଦ ଲାଭ କରୁଛନ୍ତି !! ଏହି ରଚନାରେ ଭଞ୍ଜଙ୍କ ଉଦ୍‌ବୋଧନ ନିହିତ ଥିବାର ଜଣାଯାଉଛି । (୧)

## ଏ କ୍ଷେତ୍ରରେ ଡକ୍ଟର ବେଣୀମାଧବ ପାଢ଼ୀଙ୍କ ବହୁ ଭ୍ରମପୂର୍ଣ୍ଣ ନୂତନ ପୁସ୍ତକ—'ଭଞ୍ଜୀୟ କାବ୍ୟ-ଭାବନା'

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଡ: ବେଣୀମାଧବ ପାଢ଼ୀ ଏହି ବର୍ଷ 'ଭଞ୍ଜୀୟ କାବ୍ୟ-ଭାବନା' ନାମରେ ଖଣ୍ଡିଏ ଭଞ୍ଜ-ସାହିତ୍ୟ-ଆଲୋଚନାମୂଳକ ପୁସ୍ତକ ଲେଖିଛନ୍ତି । ଯେତେଦୂର ମନେହୁଏ, ଏଭଳି ଅଶୁଦ୍ଧି ଏବଂ ବିଭ୍ରାନ୍ତିକର ମତ ଥିବା ଆଲୋଚନା ଗ୍ରନ୍ଥ ( ଏଭଳି ଜଣେ ଉଚ୍ଚ ଶ୍ରେଣୀର ଅଧ୍ୟାପକଙ୍କ ଲେଖନୀରୁ ) ଅନ୍ତତଃ ଓଡ଼ିଆରେ ଅତ୍ୟଳ୍ପ ପ୍ରକାଶ ପାଇଛି । "ଖଜୁରୀ ଗଛର କି ଗୁଣ ଗାଇବି, ମୂଳରୁ ପାହାଚ ପାହାଚ" ଏହି ପ୍ରବଚନ କେଉଁ ପୁସ୍ତକରେ ସାର୍ଥକ ହୋଇଛି ବୋଲି କେହି ପଚାରିଲେ, ଡ: ପାଢ଼ୀଙ୍କର ଏ ପୁସ୍ତକର ନାମ ପ୍ରଥମ ତାଲିକାରେ ଉଲ୍ଲେଖ କରାଯାଇପାରେ । ଯେତେଦୂର ମନେ ହେଉଛି, "ଭଞ୍ଜୀୟ କାବ୍ୟ-ଭାବନା" ଏହି ନାମଟି ସେ ନିଜେ ଦେଇ ନାହାନ୍ତି । କାରଣ, ପ୍ରତ୍ୟେକ ଲେଖକର ବାକ୍ୟ ଗଠନ, ଭାଷା ପ୍ରୟୋଗ ଏବଂ ଭାବ-ଅଭିବ୍ୟକ୍ତିରେ ଏକ ନିଜସ୍ୱ ଶୈଳୀ ଥାଏ ! ଏହା ହିଁ ଲେଖକର ବ୍ୟକ୍ତିତ୍ୱ ବା ସ୍ୱକୀୟତାର ଏକ ନିର୍ଦ୍ଦେଶକ ହୋଇଥାଏ । ଏହି କଥା ମନେରଖି, ପାଠକମାନେ ଶ୍ରୀଯୁକ୍ତ ପାଢ଼ୀଙ୍କ ଏହି ପୁସ୍ତକର ଷଷ୍ଠ ପୃଷ୍ଠାରେ ଥିବା ଏହି ବାକ୍ୟଟି ଥରେ ପଢ଼ନ୍ତୁ ଓ ଚିନ୍ତା କରନ୍ତୁ—

ବାଲ୍ମୀକିଙ୍କଠାରୁ ଆରମ୍ଭ କରି ବାଣଭଟ୍ଟଙ୍କ ଯାଏ ଯେତେଗୁଡ଼ିଏ କାବ୍ୟ କବିତା ରଚିତ ହୋଇ ଲୋକପ୍ରିୟ ହୋଇ ପାରିଛନ୍ତି, ସେଗୁଡ଼ିକର ବିଶ୍ଳେଷଣ କଲେ, ସ୍ପଷ୍ଟ ଜଣାପଡ଼େ ଯେ, ସେ ମଧ୍ୟରୁ ଗୋଟିଏ ହେଉଛି, **କାଳିଦାସୀ** କାବ୍ୟଶୈଳୀ, ଅନ୍ୟଟି **ନୈଷଧୀ** ।"

ପାଠକମାନେ ଲକ୍ଷ୍ୟ କରିବେ, ଡ: ପାଢ଼ୀ ଏ ବାକ୍ୟରେ 'କାଳିଦାସୀ' ଓ 'ନୈଷଧୀ' ଶବ୍ଦ ପ୍ରୟୋଗ କରିଛନ୍ତି । 'କାଳିଦାସୀ' ଓ 'ନୈଷଧୀ' ଶବ୍ଦ

(୧) କବି ନିଜେ ଏ କଥା ପ୍ରକାଶ କରିଥିବାରୁ, ଏହି ଲେଖକ ତାଙ୍କର ଦୃଷ୍ଟି କୋଣ ସମ୍ପର୍କରେ ନିଶ୍ଚିତ ମତ ଏହିଠାରେ ଦେଇଅଛି ।

ବ୍ୟାକରଣ ଦୃଷ୍ଟିରୁ ଶୁଦ୍ଧ କି ଅଶୁଦ୍ଧ, ସେ ପ୍ରଶ୍ନ ଏଠାରେ ଉଠୁନାହିଁ । କେବଳ ଏତିକି କୁହାଯାଉଛି, ଆମେ ସାଧାରଣରେ 'କାଳିଦାସୀୟ' ଓ 'ନୈଷଧୀୟ' ଶବ୍ଦ ବ୍ୟବହାର କରୁଥିଲୁ ବେଳେ, ଡ: ପାଢ଼ୀ 'କାଳିଦାସୀ' ଓ 'ନୈଷଧୀ' ଶବ୍ଦ ବ୍ୟବହାର କରିଛନ୍ତି । ଭଲ କଥା; କିନ୍ତୁ, କେହି କେହି କହୁଛନ୍ତି, ଯେମିତି 'କାଳିଦାସୀୟ' ଶବ୍ଦଟା 'କାଳିଦାସୀ' ହେଲା, 'ନୈଷଧୀୟ' ଶବ୍ଦଟା 'ନୈଷଧୀ' ହେଲା, ସେମିତି 'ଭଞ୍ଜୀୟ' ଶବ୍ଦଟି 'ଭଞ୍ଜୀ' ହେବା କଥା ନୁହେଁ କି ? ଡ: ପାଢ଼ୀଙ୍କ ନିଜ ଭାଷାରେ, "ଭଞ୍ଜପ୍ରେମୀ, ଭଞ୍ଜଜ୍ଞାନୀ ଓ ଭଞ୍ଜ-ଅଭିମାନୀମାନଙ୍କ (୧) କଥା ସହିତ ଭଞ୍ଜଙ୍କ କାବ୍ୟରେ ରୁଚିଆର ଶବ୍ଦ, ପଞ୍ଚବାର୍ଷିକ ଯୋଜନା, ନିର୍ବାଚନ ଇତ୍ୟାଦିର ପ୍ରଭୃତି କଥା କହି ସାମୟିକ ଚମକ ସୃଷ୍ଟି (ପୃ-୧୧୭) (୨) କରୁଥିବା" ବନ୍ଧୁମାନଙ୍କ କଥା ଚିନ୍ତା କରୁ କରୁ ତାଙ୍କ ବହିର ନାମକରଣରେ ଏପରି ଭୁଲ କରିଦେଲେ କି ! ଭୁଲ ହେଉ ବା ଠିକ୍ ହେଉ, ତାଙ୍କର 'କାଳିଦାସୀ' ଓ 'ନୈଷଧୀ' ଶବ୍ଦ ଜାଣିବା ପରେ ତାଙ୍କର ପାଠକମାନେ ଏ ବହିକୁ ନାମ ଦେବେ "**ଭଞ୍ଜୀ କାବ୍ୟ-ଭାବନା**" (ସିନା, 'ଭଞ୍ଜୀୟ କାବ୍ୟ-ଭାବନା' ନୁହେଁ) ।

## ତଥ୍ୟ ପ୍ରକାଶ ଏବଂ ବ୍ୟକ୍ତିଗତ ଅଭିମତ—

ଡ: ବେଣୀମାଧବ ପାଢ଼ୀଙ୍କ ଏହି ପୁସ୍ତକ ଉପରେ ଏଠାରେ ଦୁଇ-ଚାରି କଥା କହିଲା ବେଳେ, ବଡ଼ ସୁନ୍ଦର ଇଂରାଜୀ ଭାଷାରେ ଲିଖିତ, ଅଥଚ, ବହୁ ଅକ୍ଷମଣୀୟ ଭ୍ରମ ସମ୍ବଳିତ, ଡ: ମାୟାଧର ମାନସିଂହଙ୍କର ଦିଲ୍ଲୀରୁ ପ୍ରକାଶିତ "ଓଡ଼ିଆ ସାହିତ୍ୟର ଇତିହାସ" କଥା ମନେ ପଡ଼ିଯାଏ । ଜଣେ ବ୍ୟକ୍ତିର 'ମନ୍ତବ୍ୟଗତ' ଦୋଷ ଏକ କଥା । କିନ୍ତୁ 'ତଥ୍ୟଗତ' ଦୋଷ ତା ଠାରୁ ସମ୍ପୂର୍ଣ୍ଣ ଭିନ୍ନ । ଜଣେ କବିଙ୍କ ସମ୍ପର୍କରେ ଜଣେ ପାଠକ ବା ସମାଲୋଚକ ନିଜର ଯେ କୌଣସି ପ୍ରକାରର ମନ୍ତବ୍ୟ ଦେଇପାରେ । କିନ୍ତୁ, ସେହି କବିଙ୍କ ସମ୍ପର୍କରେ ସେ ଯଦି ଅସତ୍ୟ ମତ ପ୍ରକାଶ କରେ, ତାହାହେଲେ ସେଭଳି ଲୋକ ସତ୍ୟ-ସନ୍ଧାନୀଙ୍କର ଶରାଘାତରେ ଜର୍ଜ୍ଜରିତ ହେବାକୁ ବାଧ୍ୟ ହେବ ।

## ଯେତେ ବିକୃତ ହେଉ, ବ୍ୟକ୍ତିଗତ ମତ କ୍ଷମଣୀୟ; କିନ୍ତୁ, ତଥ୍ୟଗତ ଅସତ୍ୟ ଅକ୍ଷମଣୀୟ–

କଥାଟାକୁ ଗୋଟିଏ ଦୃଷ୍ଟାନ୍ତ ଦେଇ ବୁଝାଇ ଦିଆଯାଇପାରେ । ଆଧୁନିକ ଓଡ଼ିଶାର କବି-ପ୍ରବର ରାଧାନାଥ ରାୟଙ୍କର 'ଚିଲିକା' କାବ୍ୟ କଥା ନିଆଯାଉ ।

---

(୧) ଭଞ୍ଜୀୟ କାବ୍ୟ-ଭାବନା—ମୁଖବନ୍ଧ, ପୃ-୨ । (୨) ଏକକ

ଏ କାବ୍ୟର ଆଲୋଚନା କରି ଜଣେ ପାଠକ ଏହାର ଉଚ୍ଚ ପ୍ରଶଂସା କରିପାରେ, ଏହାର କଟୁ ସମାଲୋଚନା କରି ଏହାକୁ ନିନ୍ଦା କରିପାରେ କିମ୍ବା ଏହା ସମ୍ପର୍କରେ ମନ୍ଦ ମନ୍ଦିଆ ମତ ଦେଇପାରେ । ସାହିତ୍ୟିକ କୃତିତ୍ୱ ବିଷୟରେ ଯେଉଁ ଚିଲିକା ଆଧୁନିକ ଓଡ଼ିଆ-ସାହିତ୍ୟରେ ଏକ ଅମୂଲ୍ୟ ରତ୍ନ, ତାକୁ ଯଦି ଅତି ନିକୃଷ୍ଟ ଧରଣର ବୋଲି କିମ୍ବା (କଟକୀ ଭାଷାରେ) "ବାଜେ" ବୋଲି କେହି ଜଣେ କହେ କିମ୍ବା ଲେଖେ, ତଥାପି ସେ କ୍ଷମଣୀୟ । କାରଣ, ତାହାର ବ୍ୟକ୍ତିଗତ ମତ ଢଙ୍ଗିରେ ପ୍ରକାଶ ପାଇଛି । କିନ୍ତୁ ଆଜି ଯଦି କେହି ଜଣେ କହେ, ରାଧାନାଥ 'ଚିଲିକା' କାବ୍ୟ ଲେଖି ନାହାନ୍ତି, ଅଥବା, 'ଚିଲିକା' କାବ୍ୟ ୨୦ ଖଣ୍ଡରେ ବିଭକ୍ତ, କିମ୍ବା 'ଚିଲିକା' ଏକ ନାଟକ, କିମ୍ବା 'ଚିଲିକା' ନାମରେ ଓଡ଼ିଆରେ କୌଣସି ରଚନା ନାହିଁ, ଇତ୍ୟାଦି ଇତ୍ୟାଦି, ତାହାହେଲେ, ସେହି-ଭଳି ମତବାଦୀ ଅକ୍ଷମଣୀୟ ଭାବରେ ଅପରାଧୀ ବୋଲି ବିବେଚିତ ହେବ । ଯେ ଏଭଳି ମତ ପ୍ରକାଶ କରନ୍ତି, ସେ ନିଜେ ମୂର୍ଖ ବୋଲି ନିଜ ତୁଣ୍ଡରେ ପ୍ରକାଶ କରନ୍ତି ଏବଂ ନିଜ ପାଇଁ ଏକ କଳଙ୍କର ପରମ୍ପରା ରଖି ଯାଆନ୍ତି । ଏହି ପରିପ୍ରେକ୍ଷୀରେ, ଏଠାରେ ଡ: ପାତ୍ରୀଙ୍କର ବ୍ୟକ୍ତିଗତ ମତ ଯେତେ ଅରୁଚିକର, ଅବାଞ୍ଛିତ, ଅପରିମାର୍ଜିତ, ଅପରିପକ୍ୱ ଏବଂ ଯେତେ ଅଜ୍ଞାନମୂଳକ ହୋଇ ପଛେ, ଏ ସ୍ଥଳରେ ସେ ସମ୍ପର୍କରେ କିଛି କୁହାଯାଉ ନାହିଁ । ପରବର୍ତ୍ତୀ ଖଣ୍ଡରେ ଅନ୍ୟାନ୍ୟ ଲେଖକଙ୍କର ମତାମତର ବିଚାର, ବିଶ୍ଳେଷଣ ତଥା ସମୀକ୍ଷା କରାଗଲା ବେଳେ, ଡ: ପାତ୍ରୀଙ୍କର ଏହି ବିଷୟ ସମ୍ପର୍କରେ ଅନେକ କଥା କୁହାଯିବ ।

ଆଗରୁ କୁହାଯାଇଛି, ଲେଖକ ଯେତେବେଳେ ସତ୍ୟର ଓଲଟା ମତ ପ୍ରକାଶ କରି, ପାଠକମାନଙ୍କୁ ଭ୍ରାନ୍ତି-ଜାଲରେ ଆବଦ୍ଧ କରେ, ସେତେବେଳେ ତାହାର ଦୋଷ ଅକ୍ଷମଣୀୟ ହୋଇଉଠେ । କିଏ କେଉଁଠାରେ ଗୋଟାଏ ଉଦ୍ଧୃତ ପଦର ସ୍ଥାନ ନିର୍ଦ୍ଦେଶ କରିବାକୁ ଯାଇ, ପୃଷ୍ଠା ସଂଖ୍ୟା, ଅଧ୍ୟାୟ ସଂଖ୍ୟା ବା ପଦ ସଂଖ୍ୟା ନିର୍ଦ୍ଦେଶ କଲାବେଳେ, ପାଣ୍ଡୁଲିପି ପ୍ରସ୍ତୁତ କାଳରେ ହେଉ କିମ୍ବା ପ୍ରୁଫ୍ ପାଠ ଜନିତ ଭ୍ରମରୁ ହେଉ, ଅଥବା, ମୁଦ୍ରାକର ପ୍ରମାଦ ହେତୁରୁ ହେଉ, ଯଦି ଭ୍ରମ ରହିଗଲା, ସେ ଭ୍ରମ କ୍ଷମଣୀୟ । ଏଭଳି ଭ୍ରମକୁ ପୁଞ୍ଜି କରି ବା ଭିତ୍ତି କରି ଏଠାରେ ଆଲୋଚନା କରାଯାଉ ନାହିଁ କିମ୍ବା ସେଭଳି ଦୃଷ୍ଟିକୋଣ ନେଇ ଡ: ପାତ୍ରୀଙ୍କର ପୁସ୍ତକ ସମୀକ୍ଷିତ ହେଉ ନାହିଁ । କିନ୍ତୁ, ଯେଉଁଠାରେ ତାଙ୍କ ଲେଖାରେ ତଥ୍ୟଗତ ଭ୍ରମ ଗୁରୁତର ଅଜ୍ଞତା ଉପରେ ପ୍ରତିଷ୍ଠିତ, ସେଠାରେ ପାଠକମାନଙ୍କ ଭ୍ରାନ୍ତିର ମୂଳ କରିବା ଦୃଷ୍ଟିରୁ ସଠିକ ତଥ୍ୟ ଜଣାଇବା

ଦରକାର । ଏଭଳି ଅସତ୍ୟ ମତ, ଉକ୍ତି ବା କଥନ ଦୃଷ୍ଟିରୁ ହିଁ ଡ: ପାଢ଼ୀଙ୍କ ପୁସ୍ତକର ଅଳ୍ପ କେତୋଟି ଭ୍ରମ ଏଠାରେ ପ୍ରଦର୍ଶନ କରାଯାଉଛି । କାରଣ, ତାହାଁର ବିସ୍ତୃତ ଆଲୋଚନା କଲେ, ତାହା ଏକ ସ୍ୱତନ୍ତ୍ର ଗ୍ରନ୍ଥ ହେବ ।

## ଡ: ପାଢ଼ୀଙ୍କ ପୁସ୍ତକର କେତୋଟି ତଥ୍ୟଗତ ଭ୍ରମ—

### ପ୍ରଥମ ଭ୍ରମ—

ଟିକିଏ ଆଗରୁ 'କାଳିଦାସୀ' ଏବଂ 'ନୈଷଧୀ' ଶବ୍ଦ ଥିବା ଗୋଟିଏ ବାକ୍ୟ ଡ: ପାଢ଼ୀଙ୍କ ଏ ପୁସ୍ତକର ଷଷ୍ଠ ପୃଷ୍ଠାରୁ ଉଦ୍ଧାର କରାଯାଇଛି । ତହିଁରେ ଅଛି—ବାଲ୍ମୀକିଙ୍କ ଠାରୁ ବାଣଭଟ୍ଟଙ୍କ ଯାଏ ଯେତେଗୁଡ଼ିଏ ସଂସ୍କୃତ କାବ୍ୟ ରଚିତ ହୋଇ ଲୋକପ୍ରିୟ ହୋଇଛି, ସେ ମଧ୍ୟରେ ଦୁଇଟି ଶୈଳୀ ପ୍ରକାଶ ପାଇଛି । ଗୋଟିଏ ଶୈଳୀର ନାମ 'କାଳିଦାସୀ' ଏବଂ ଆଉ ଗୋଟିକର ନାମ ହେଉଛି 'ନୈଷଧୀ' ।"

ପାଠକେ ! ତଳେ ଗୋଟିଏ ବାକ୍ୟ ଦିଆଯାଉଛି । ତାହା ଠିକ୍ କି ଭୁଲ ଆପଣମାନେ କହନ୍ତୁ ତ ! ବାକ୍ୟଟି ହେଉଛି—"ଦ୍ୱିତୀୟ ଶତାବ୍ଦୀଠାରୁ ଅଷ୍ଟମ ଶତାବ୍ଦୀ ଭିତରେ ଯେତେ ଯେତେ ଶତାବ୍ଦୀ ବିତିଯାଇଛି, ସେ ମଧ୍ୟରେ ବିଂଶ ଶତାବ୍ଦୀ ହେଉଛି ସବୁଠାରୁ ସଂକଟପୂର୍ଣ୍ଣ ଶତାବ୍ଦୀ ।"

ପାଠକେ ! ଭୁଲଟା ଧରିପାରିଲେ ତ ? ଦ୍ୱିତୀୟ ଶତାବ୍ଦୀଠାରୁ ଅଷ୍ଟମ ଶତାବ୍ଦୀ ମଧ୍ୟରେ 'ବିଂଶ' ଶତାବ୍ଦୀ ନାହିଁ । ସୁତରାଂ, ଏଭଳି ବାକ୍ୟ ବକ୍ତାର ବିକୃତ ମସ୍ତିଷ୍କତାର ପରିଚାୟକ । ଏହା ଅସତ୍ୟ; ସୁତରାଂ ଏଭଳି ଏକ ବାକ୍ୟର ପ୍ରୟୋଗ ସର୍ବଥା ନିନ୍ଦ୍ୟ ।

ସଂସ୍କୃତ-ସାହିତ୍ୟର ଇତିହାସ କ୍ଷେତ୍ରରେ ବହୁ ଗବେଷଣା ହୋଇ, ପୃଥିବୀର ବିଭିନ୍ନ ଭାଷାରେ ଗଣି ଗଣି ପ୍ରବନ୍ଧ ଓ ପୁସ୍ତକ ରଚିତ ହୋଇଗଲାଣି । ପଣ୍ଡିତ-ମାନେ ସମସ୍ୱରରେ କହିଛନ୍ତି, ସଂସ୍କୃତ ଗଦ୍ୟ ଗ୍ରନ୍ଥ, 'କାଦମ୍ବରୀ'ର ଲେଖକ ବାଣଭଟ୍ଟଙ୍କର ବହୁ ଶତାବ୍ଦୀ ପରେ, ମହାକବି ଶ୍ରୀହର୍ଷ ତାଙ୍କର 'ନୈଷଧୀୟ' ଚରିତ ରଚନା କରିଥିଲେ । ତାଙ୍କର ରଚନା-ଶୈଳୀରେ ଯେଉଁ ଲୋକୋତ୍ତର-ପ୍ରତିଭା-କଳ୍ପିତ ଶବ୍ଦାର୍ଥର ଚମତ୍କାରିତା ପ୍ରକଟିତ ହେଲା, ତାକୁ ହିଁ ଭିତ୍ତି କରି

"ନୈଷଧୀୟ" ଶୈଳୀର ନାମକରଣ କରାଯାଇଛି । ବାଣଭଟ୍ଟଙ୍କର ବହୁ ଶତ ବର୍ଷ ପରେ ଯେଉଁ 'ନୈଷଧ' କାବ୍ୟର ଜନ୍ମ, ସେହି କାବ୍ୟର ନାମାନୁସାରେ ବାଣଭଟ୍ଟଙ୍କ ପୂର୍ବବର୍ତ୍ତୀ ସାହିତ୍ୟ-ଶୈଳୀର ନାମକରଣ ହୋଇପାରିବ କପରି ? କଲେଜ ଶ୍ରେଣୀରେ ପ୍ରାଚୀନ-ସାହିତ୍ୟ ଚର୍ଚ୍ଚା କରୁଥିବା ଅଧ୍ୟାପକଙ୍କଠାରୁ ଏଭଳି ଅସତ୍ୟ ଏବଂ ଐତିହାସିକ ପ୍ରମାଦପୂର୍ଣ୍ଣ ମତ କେହି କେବେ କ୍ଷମଣୀୟ ବୋଲି କହିବ କି ?

## ଦ୍ୱିତୀୟ ଭ୍ରମ-

ଡ଼: ପାଢ଼ୀ ତାଙ୍କର ଏହି ପୁସ୍ତକରେ (ପୃଷ୍ଠା-୩୦) ଲେଖିଛନ୍ତି—

"ଭଞ୍ଜୀୟ କାବ୍ୟର ଛାନ୍ଦଗୁଡ଼ିକ ଦୀର୍ଘ କିମ୍ବା କ୍ଷୁଦ୍ର ନୁହେ । ଛାନ୍ଦସଂଖ୍ୟା ଦଶରୁ—ବାବନ ପର୍ଯ୍ୟନ୍ତ ଥିବା ଜଣାପଡ଼େ ।"

ବହି ନ ଦେଖି, ନ ପଢ଼ି, ତତ୍ସମ୍ପର୍କରେ ମତ ଦିଆଯାଏ ନାହିଁ । ଏପରି ଯେ କରେ, ତାକୁ 'ନବୋଧ' କୁହାଯାଏ । ପାଠକେ ! ଏଠାରେ ଡ଼: ପାଢ଼ୀ ସୁସ୍ପଷ୍ଟ ଭାଷାରେ କହିଛନ୍ତି ଯେ, ଭଞ୍ଜଙ୍କର କୌଣସି କାବ୍ୟରେ ଦଶ ଛାନ୍ଦରୁ କମ୍ ନାହିଁ । ଅଥଚ, ଭଞ୍ଜଙ୍କର 'ସୁବର୍ଣ୍ଣରେଖା' କାବ୍ୟର ମୋଟ ଛାନ୍ଦସଂଖ୍ୟା-ପାଞ୍ଚ ଏବଂ ଭାବବତୀର ମୋଟ ଛାନ୍ଦସଂଖ୍ୟା—ସାତ । ଯଦି ଡ଼: ପାଢ଼ୀଙ୍କ ଭାଷାରେ ୫ ଓ ୭ ସଂଖ୍ୟା, ୧୦ ଠାରୁ ବଡ଼, ତେବେ ଆମର କିଛି କହିବାର ନାହିଁ । ପ୍ରାଥମିକ ଶ୍ରେଣୀର ପିଲାମାନେ ତାଙ୍କୁ ଜବାବ ଦେବେ । କିନ୍ତୁ, ଆମର ଗଣିତରେ ୫ ଓ ୭ ସଂଖ୍ୟା ୧୦ ଠାରୁ ଶ୍ରେଷ୍ଠ । ତେଣୁ, ଡ଼: ପାଢ଼ୀ ବହି ନ ଦେଖି, ତାହା ଉପରେ କପରି ନିତାନ୍ତ ଦାୟିତ୍ୱହୀନ ମତ ଦେଇ ପାରନ୍ତି, ଏହା ତହିଁର ଏକ ପ୍ରମାଣ ।

'ସୁବର୍ଣ୍ଣରେଖା' କାବ୍ୟର ଶେଷରେ ଭଞ୍ଜ ନିଜେ ଲେଖିଛନ୍ତି—

ପାଞ୍ଚ ଛାନ୍ଦେ ଶେଷ ହୋଇଲା ଏ ରସ
ରସିକ କରିବ ବଶ । ( ୫।୧୮ )

ପୁଣି, 'ଭାବବତୀ'ର ୭ମ ଛାନ୍ଦ ଶେଷରେ କବି 'ପାଞ୍ଚ ଦୋନ' (୫+୨ =୭) ଛାନ୍ଦ ଲେଖିଛନ୍ତି । ଏ ସମ୍ପର୍କରେ ତତ୍ତ୍ୱବିଦମାନେ ଉପାଦେୟ ଆଲୋଚନାମାନ ଲେଖି ଯାଇଛନ୍ତି । ଅଥଚ, ମୂଳ ବହି ନ ଦେଖି ଓ କୌଣସି

ସମୀକ୍ଷକର ବହୁପଦ ନ ପଢ଼ି, ଏ ଯେଉଁ ଦୁଃସାହସିକ ବଜ୍ଞତା (?) ଆମର ଅଧ୍ୟାପକ ବନ୍ଧୁ ଦେଖାଇଛନ୍ତି, ତଦ୍ଦ୍ୱାରା ଅନ୍ୟ ବିଭାଗର ଅଧ୍ୟାପକମାନଙ୍କ ଦୃଷ୍ଟିରେ ଓଡ଼ିଆ-ଅଧ୍ୟାପକମାନଙ୍କର ମାନମର୍ଯ୍ୟାଦା ତଳକୁ ପକାଇ ଦେଇଛନ୍ତି କି ନା !

## ତୃତୀୟ ଭ୍ରମ—

ଭଞ୍ଜଙ୍କର ଛାନ୍ଦଗୁଡ଼ିକ କେତେ କେତେ ପଦ ସମ୍ବଳିତ, ସେ ସମ୍ପର୍କରେ ତାଙ୍କର ପାଠକମାନଙ୍କୁ ତଥ୍ୟ ଯୋଗାଇବାକୁ ଯାଇ ଡ: ପାଢ଼ୀ ଲେଖିଛନ୍ତି—

"ଛାନ୍ଦମାନଙ୍କରେ **ଅଠର** ରୁ ଶହେ ବାସ୍ତରି ପର୍ଯ୍ୟନ୍ତ ପଦ ସମାବେଶ ଦୃଷ୍ଟ ହୁଏ।" (ପୃଷ୍ଠା-୩୦)

ଡ: ପାଢ଼ୀଙ୍କର ଏହି ମତ ସତ୍ୟଠାରୁ ବହୁ ଦୂରରେ ଅବସ୍ଥିତ । ସେ ଯଦିଓ ଲେଖିଛନ୍ତି— ଭଞ୍ଜଙ୍କର କୌଣସି ଛାନ୍ଦରେ ଅଠରରୁ କମ୍ ସଂଖ୍ୟକ ପଦ ନାହିଁ; ତଥାପି, ଭଞ୍ଜଙ୍କର ଅଠରରୁ କମ୍ ପଦ ଥିବା ଛାନ୍ଦଯୁକ୍ତ ବହି ଡ: ପାଢ଼ୀଙ୍କ ପାଖରେ ଅଛି । ତାଙ୍କ ବହି ସେ ଖୋଲି ଦେଖିଲେ ଜାଣିପାରିବେ ଯେ, 'ରସିକ ହାରାବଳୀ'ର ଚତୁର୍ଦ୍ଦଶ ଛାନ୍ଦର ମୋଟ ପଦସଂଖ୍ୟା ହେଉଛି—**ଦଶ** । ଯଦି ଡ: ପାଢ଼ୀ ଭାବୁଥାନ୍ତି ଯେ, ସଂଖ୍ୟା ଗଣନାରେ ଏକଠାରୁ ଗଣିଲା ବେଳେ, ଆଗ ଅଠର ପଡ଼େ ଓ ତା ପରେ ଦଶ ଆସେ, ତାହାହେଲେ ଆମର କିଛି କହିବାର ନାହିଁ !

## ଚତୁର୍ଥ ଭ୍ରମ

ସଂସ୍କୃତ-ସାହିତ୍ୟରେ ସାହିତ୍ୟ ଶାସ୍ତ୍ର ଅନ୍ତର୍ଗତ 'ପାକ' କଥା ପାଠକମାନଙ୍କୁ ଜଣାଇବାକୁ ଯାଇ, ଡ: ପାଢ଼ୀ ଲେଖିଛନ୍ତି—(ପୃ-୪୨)

"ସଂସ୍କୃତ ସାହିତ୍ୟରେ ଛ'ଟି କାବ୍ୟ ପାକର ଉଲ୍ଲେଖ ଅଛି × × ପନସ, ନାରିକେଳ, ଦ୍ରାକ୍ଷା, ଖର୍ଜୁର, କଦଳୀ ଓ ଗୁଡ଼ ଭେଦରେ କାବ୍ୟପାକ ଛ' ପ୍ରକାର ଅଟେ।"

ସଂସ୍କୃତ ଅଳଙ୍କାର-ସାହିତ୍ୟ ଯେଉଁମାନେ ପଢ଼ିଛନ୍ତି, ଏ କାବ୍ୟ ପଢ଼ି ଦେଖାଇବେ ସହଜରେ—'ଡ: ପାଢ଼ୀଙ୍କର କାବ୍ୟରେ ପକା ସମସ୍ତ ସଂସ୍କୃ-

ସାହିତ୍ୟ ଆବୃତ୍ତ କରିଥିବାର "ତମ୍ବୁ-ତୋଫାନ" (୧) ମଧ୍ୟରେ ଡ: ପାଢ଼ୀ ସଂସ୍କୃତ ସାହିତ୍ୟରେ ମାତ୍ର ଛ'ଟି ପାକ ଥିବା କଥା ଲେଖି, ନିଜେ ବିଭ୍ରାନ୍ତ ହୋଇ, ପାଠକମାନଙ୍କୁ ବିଭ୍ରାନ୍ତକର ମାର୍ଗ ଦେଖାଇ ଦେଉଛନ୍ତି । କାରଣ, ସୁବିଖ୍ୟାତ ଆଳଙ୍କାରିକ ରାଜଶେଖର ତାଙ୍କର 'କାବ୍ୟ-ମୀମାଂସା'ରେ ନଅ ପ୍ରକାର ପାକ କଥା ବହୁ ଶତାବ୍ଦୀ ଆଗରୁ ଲେଖିଯାଇ ଅଛନ୍ତି । ସେଗୁଡ଼ିକ ହେଉଛି— ପିଚୁମନ୍ଦ, ବଦର, ମୃଦ୍ୱୀକା, ବାର୍ତ୍ତାକ, ତିନ୍ତିଡ଼ୀ, ସହକାର, କ୍ରମୁକ, ତ୍ରପୁସ ଓ ନାରିକେଳ ।

" 'ସଂସ୍କୃତ ସାହିତ୍ୟ' କ'ଣ ଗୋଟିଏ ପୁସ୍ତକର ନାମ କି ?" ସେ ଯଦି କହିଥାନ୍ତେ— "ଅମୁକ ସଂସ୍କୃତ ଗ୍ରନ୍ଥରେ ଛ' ପ୍ରକାର ପାକ କଥା ଲେଖା ଅଛି," ଆମର କିଛି କହିବାର ନ ଥାନ୍ତା । ଅଧ୍ୟାପକ ବ୍ରହ୍ମାଙ୍କର 'ବିଦଗ୍ଧ ଚିନ୍ତାମଣି ଟୀକା' (ପ୍ରଥମ ଖଣ୍ଡ)ରେ ଏଭଳି କେତେ ପାକର ବିବରଣୀ ଦିଆଯାଇଛି । କିନ୍ତୁ, ଡ: ପାଢ଼ୀ ଯେତେବେଳେ କହୁଛନ୍ତି—'ସଂସ୍କୃତ ସାହିତ୍ୟରେ କେବଳ ଛ' ଗୋଟି କାବ୍ୟପାକର ନାମ ଉଲ୍ଲିଖିତ ହୋଇଛି', ସେତେବେଳେ ଆମ ଭଳି କେତେକ ସଂସ୍କୃତ-ପଣ୍ଡିତଙ୍କ ମୁଖରେ ତାଙ୍କ ପ୍ରତି ବିଦ୍ରୁପାତ୍ମକ ହାସ୍ୟ ଝଳେ ଝଳେ ଫୁଟିଉଠେ ।

**ପଞ୍ଚମ ଭ୍ରମ—**

ଡ: ପାଢ଼ୀ ଲେଖିଛନ୍ତି—"କାଳିଦାସଙ୍କର ଏକା 'ମେଘଦୂତ' କାବ୍ୟର ବତିଶ ଖଣ୍ଡି ଟୀକାଗ୍ରନ୍ଥ ରଚିତ ହୋଇଅଛି ।" ( ପୃଷ୍ଠା-୧୧୬ )

ସଂସ୍କୃତ-ସାହିତ୍ୟର ଇତିହାସଠାରୁ ଡ: ପାଢ଼ୀ କେତେ ଶହ କିଲୋମିଟର ଦୂରରେ ଥାଇ ଏହି କଥା ଲେଖିଅଛନ୍ତି, ତାହା ହୁଏତ ସେ ଜାଣିପାରି ନାହାନ୍ତି । କିନ୍ତୁ, ସଂସ୍କୃତ-ସାହିତ୍ୟର ଇତିହାସ ଲେଖକମାନେ 'ମେଘଦୂତ'ର ବହୁ ଟୀକା

(୧) ପ୍ରକାଶିତ ଭଞ୍ଜ-ବଂଶାବଳୀ ମୂଳରେ ଡ: ପାଢ଼ୀଙ୍କ ମନ୍ତବ୍ୟରେ ଏହି ଶବ୍ଦ ଦୁଇଟି ବ୍ୟବହୃତ ।

ଥିବା କଥା ବହୁ ଆଗରୁ ଲେଖି ଯାଇଛନ୍ତି । ୧୯୩୭ ସୁଦ୍ଧା, ଶ୍ରୀଯୁକ୍ତ କୃଷ୍ଣମାଚାରିଆ ଚାଳିଶରୁ ଅଧିକ ସଂଖ୍ୟକ 'ମେଘଦୂତ' ଟୀକାର ନାମ ଉଲ୍ଲେଖ କରିଛନ୍ତି । ପାଠକମାନଙ୍କର ଅବଗତି ନିମନ୍ତେ, ଚଉରାଳିଶ ଗୋଟି ଟୀକାର ଟୀକାକାରଙ୍କ ନାମ ଏଠାରେ ଉଲ୍ଲେଖ କରାଯାଉଛି ।

(୧) କବିଚନ୍ଦ୍ର, (୨) ଲକ୍ଷ୍ମୀନିବାସ, (୩) ବୃଦ୍ଧବର୍ଦ୍ଧନ, (୪) କ୍ଷେମହଂସ ଗଣୀ, (୫) କବିରତ୍ନ, (୬) କୃଷ୍ଣ ଦାସ, (୭) ଚିନ୍ତାମଣି, (୮) ଜନାର୍ଦ୍ଦନ, (୯) ଜନେନ୍ଦ୍ର, (୧୦) ଭରତ ସେଣ, (୧୧) ଭଗୀରଥ ମିଶ୍ର, (୧୨) କଲ୍ୟାଣ ମଲ୍ଲ, (୧୩) ମହିମ ସିଂହ ଗଣୀ, (୧୪) ରାମ ଉପାଧ୍ୟାୟ, (୧୫) ରାମନାଥ, (୧୬) ବଲ୍ଲଭ ଦେବ, (୧୭) ବାଚସ୍ପତି ହରଗୋବିନ୍ଦ, (୧୮) ବିଶ୍ୱନାଥ, (୧୯) ବିଶ୍ୱନାଥ ମିଶ୍ର, (୨୦) ଶାଶ୍ୱତ, (୨୧) ସନାତନ ଶର୍ମା, (୨୨) ସରସ୍ୱତୀ ତୀର୍ଥ, (୨୩) ସୁମତି ବିଜୟ, (୨୪) ହରିଦାସ ସିଦ୍ଧାନ୍ତବାଗୀଶ, (୨୫) ମେଘରାଜ, (୨୬) ଦକ୍ଷିଣାବର୍ତ୍ତ, (୨୭) ପୂର୍ଣ୍ଣ ସରସ୍ୱତୀ, (୨୮) ମଲ୍ଲିନାଥ, (୨୯) ରାମନାଥ (ତ୍ରିବେଦୀ), (୩୦) କମଳାକର, (୩୧) ସ୍ଥିରଦେବ, (୩୨) ଗୁରୁନାଥ କାବ୍ୟତୀର୍ଥ, (୩୩) ଲାଲମୋହନ, (୩୪) ହରିପାଦ ଚଟ୍ଟୋପାଧ୍ୟାୟ, (୩୫) ଜୀବାନନ୍ଦ, (୩୬) ଶ୍ରୀବତ୍ସ ବ୍ୟାସ, (୩୭) ଦିବାକର, (୩୮) ଆସଡ଼, (୩୯) ରବି କର, (୪୦) ମୋତିଜନୁ କବି, (୪୧) କନକ କୀର୍ତ୍ତି, (୪୨) ବିଜୟ ସୂରି, (୪୩) ନରହରି, (୪୪) ଶେଷରାଜ ଶର୍ମା ।

ଯେଉଁମାନେ ଗବେଷଣା କରନ୍ତି, ସେମାନେ ପୂର୍ବାଚାର୍ଯ୍ୟଙ୍କ ଲିଖିତ ବିଭିନ୍ନ ଗ୍ରନ୍ଥ ପଢ଼ିବାର ପରମ୍ପରା ରହିଛି । ମାତ୍ର, ଡଃ ପାଢ଼ୀ ଅନ୍ୟର ବହିପତ୍ର ପଢ଼ିବାର ଘୋର ବିରୋଧୀ ଭଳି ଦେଖାଯାନ୍ତି । ଯଦି ସେ ଡକ୍ଟର ଶ୍ରୀ ଆଦ୍ୟାପ୍ରସାଦ ମିଶ୍ରଙ୍କ ଲିଖିତ ଓ ଖ୍ରୀ: ୧୯୬୨ରେ ପ୍ରକାଶିତ "କାଳିଦାସ ସାହିତ୍ୟମ୍" ନାମକ ପୁସ୍ତକ ଦେଖିଥାନ୍ତେ, ତେବେ 'ମେଘଦୂତ' ଉପରେ ରଚିତ ହୋଇଥିବା ନିମ୍ନଲିଖିତ ୫୮ଟି ସଂସ୍କୃତ ଟୀକାର ତାଲିକା ଦେଖିବାକୁ ପାଇଥାନ୍ତେ, ଯଥା—

୧ । ସଞ୍ଜୀବନୀ ... ମଲ୍ଲିନାଥ ସୂରି
୨ । ମେଘଦୂତାର୍ଥବୋଧିନୀ ... କବିରତ୍ନ ଚକ୍ରବର୍ତ୍ତୀ
୩ । ମେଘଦୂତସ୍ୟ ଅବଚୂରି ସହିତମ ... କନକକୀର୍ତ୍ତି ଗଣୀ

୪ । ମେଘଦୂତମ୍ ବିଦ୍ୟୁଲ୍ଲତା ସମ୍ବଳିତମ୍ ... ପୂର୍ଣ୍ଣ ସରସ୍ୱତୀ
୫ । ମେଘଦୂତମ୍ ପଞ୍ଜିକା ସମ୍ବଳିତମ୍ ... ବଲ୍ଲଭ ଦେବଃ
୬ । ମେଘଦୂତମ୍ ପ୍ରଦୀପ ସମ୍ବଳିତମ୍ ... ଦକ୍ଷିଣାବର୍ତ୍ତ ନାଥ
୭ । ମେଘଦୂତମ୍ ଚୂରଞ୍ଜବର୍ଦ୍ଧିନୀ ସମ୍ବଳିତମ୍ ... ଚୂରଞ୍ଜ ବର୍ଦ୍ଧନ
୮ । ମେଘଦୂତମ୍ ବାଳପ୍ରବୋଧିନୀ ସମ୍ବଳିତମ୍ ... ସ୍ଥିରଦେବ
୯ । ମେଘଦୂତମ୍ ସୁମନୋରମଣୀ ସମ୍ବଳିତମ୍ ... ପରମେଶ୍ୱରଃ
୧୦ । ମେଘଦୂତମ୍ ସୁବୋଧା ସମ୍ବଳିତମ୍ ... ଭରତ ମଲ୍ଲିକ
୧୧ । ମେଘଦୂତତାତ୍ପର୍ଯ୍ୟଦୀପିକା ... ସନାତନ ଗୋସ୍ୱାମୀ
୧୨ । ମେଘଦୂତ— କବିପ୍ରିୟା ... ଶାଶ୍ୱତ
୧୩ । ମେଘଦୂତ— ମାଳତୀ ... କଲ୍ୟାଣ ମଲ୍ଲ
୧୪ । ମେଘଦୂତଶୃଙ୍ଗାର ରସ ଦୀପିକା ... କମଳାକର
୧୫ । ମେଘଦୂତକଲ୍ପଲତା ...
୧୬ । ମେଘଦୂତମନୋରମା ... କଳ୍ପଚନ୍ଦ୍ରଃ
୧୭ । ମେଘଦୂତ ଟୀକା ... କୃଷ୍ଣଦାସ ବିଦ୍ୟାବାଗୀଶ
୧୮ । ମେଘଦୂତ କୌମୁଦୀ ...
୧୯ । ମେଘଦୂତୋଦ୍ଦ୍ୟୋତ ଟୀକା ... ଉଦ୍ଦ୍ୟୋତ କର
୨୦ । ମେଘଦୂତ ଟୀକା ... ଆସଡ଼ଃ
୨୧ । " ... କ୍ଷେମହଂସ ଗଣି
୨୨ । " ... ଜନାର୍ଦ୍ଦନ
୨୩ । " ... ଚିନ୍ତାମଣି
୨୪ । ମେଘଦୂତ ରସ ଦୀପିକା ... ଜଗଦ୍ଧର
୨୫ । ମେଘଦୂତ ଟୀକା ... ଜିନେନ୍ଦ୍ରଃ
୨୬ । " ... ଜ୍ଞାନହଂସଃ
୨୭ । " ... ଦିନକର ମିଶ୍ର
୨୮ । ମେଘଦୂତ ଦ୍ୟୋତିକା ... ଦିବାକର ଉପାଧ୍ୟାୟ
୨୯ । ମେଘଦୂତ ଟୀକା ... ବୃହସ୍ପତି
୩୦ । ମେଘଦୂତ ନିରୁକ୍ତମ୍ ...
୩୧ । ମେଘଦୂତ ତତ୍ତ୍ୱଦୀପିକା ... ଭଗୀରଥ ମିଶ୍ର
୩୨ । ମେଘ ସୌଦାମିନୀ ... ମକରନ୍ଦ ମିଶ୍ର

| | | | |
|---|---|---|---|
| ୩୪ । | ମେଘଦୂତ ଟୀକା | ... | ଶଙ୍କ |
| ୩୫ । | ,, | ... | ମହିମସିଂହ ଗଣି |
| ୩୬ । | ମେଘଦୂତ ବାଳାବବୋଧବୃତ୍ତି | ... | ମହୀମେରୁ |
| ୩୭ । | ମେଘଦୂତ ସୁବୋଧିକା | ... | ମେଘରାଜ |
| ୩୮ । | ମେଘଦୂତ ଟୀକା | ... | ମୋହାଜିତ୍ କଳ୍ପ |
| ୩୯ । | ,, | ... | ରାମ ଉପାଧ୍ୟାୟ |
| ୪୦ । | ,, | ... | ରଙ୍କକରଃ |
| ୪୧ । | ମେଘଦୂତ ରସିକରଞ୍ଜନୀ | ... | |
| ୪୨ । | ମେଘଦୂତ ମେଘଲତା | ... | |
| ୪୩ । | ମେଘଦୂତ ମୁକ୍ତାବଳୀ | ... | ରାମନାଥ ତର୍କାଳଙ୍କାର |
| ୪୪ । | ମେଘଦୂତ ଶିଷ୍ୟ ହିତୈଷିଣୀ | ... | ଲକ୍ଷ୍ମୀନିବାସ |
| ୪୫ । | ମେଘଦୂତ ଶିଶୁ ହିତୈଷିଣୀ | ... | ବସ୍ତ୍ରବ୍ୟାସ |
| ୪୬ । | ମେଘଦୂତ ସୁଖବୋଧିକା | ... | ବିଜୟ ସୂରି |
| ୪୭ । | ମେଘଦୂତ ଦୁର୍ବୋଧ ପଞ୍ଜିକା | ... | ବିଶ୍ୱନାଥ |
| ୪୮ । | ମେଘଦୂତାର୍ଥ ମୁକ୍ତାବଳୀ | ... | ବିଶ୍ୱନାଥ ମିଶ୍ର |
| ୪୯ । | ମେଘଦୂତ ଟୀକା | ... | ଶ୍ରୀକଣ୍ଠ |
| ୫୦ । | ,, | ... | ସମୟ ସୁନ୍ଦର ଗଣି |
| ୫୧ । | ମେଘଦୂତ ସାରୋଦ୍ଧାରଣୀ | ... | |
| ୫୨ । | ମେଘଦୂତ ସୁଗମାନ୍ୱୟା | ... | ସୁମତି ବିଜୟ |
| ୫୩ । | ମେଘଦୂତ ସଙ୍ଗତା | ... | ହରଗୋବିନ୍ଦ ବାଚସ୍ପତି |
| ୫୪ । | ମେଘଦୂତ ଟୀକା | ... | ଜୀବାନନ୍ଦ ବିଦ୍ୟାସାଗର |
| ୫୫ । | ,, | ... | |
| ୫୬ । | ,, | ... | ଜନାର୍ଦ୍ଦନ ପାଣ୍ଡେୟ |
| ୫୭ । | ,, | ... | ସୁଧୀର କୁମାର ଗୁପ୍ତ |
| ୫୮ । | ମେଘଦୂତ ଭାବବୋଧିନୀ | ... | ବ୍ରହ୍ମଶଙ୍କର ମିଶ୍ର |

ଏହାଛଡ଼ା 'ମେଘଦୂତ' ଉପରେ ସଂସ୍କୃତେତର ଅନ୍ୟାନ୍ୟ ଭାଷାରେ ରଚିତ ୭୭ ଗୋଟି ବ୍ୟାଖ୍ୟା ଓ ସମାଲୋଚନା ଗ୍ରନ୍ଥର ନାମୋଲ୍ଲେଖ ଡ: ମିଶ୍ର ତାଙ୍କର 'କାଳିଦାସ ସାହିତ୍ୟମ୍'ରେ କରିଛନ୍ତି ।

ଏହାଛଡ଼ା, ଓଡ଼ିଶାର ପଣ୍ଡିତ-ପ୍ରବର ମହାମହୋପାଧ୍ୟାୟ ନରହରିଙ୍କର 'ବ୍ରହ୍ମପ୍ରକାଶିକା' ଟୀକା (୧) ଭଳି ଆହୁରି କେତେ ଯେ ଟୀକା ଥିବ, କହି ହେଉ ନାହିଁ। ତଥାପି, ୧୯୩୭ ଖ୍ରୀଷ୍ଟାବ୍ଦ ବେଳକୁ ଅନ୍ତତଃ ପଚାଶରୁ ବେଶି ଟୀକା ଥିବା କଥା ପଣ୍ଡିତମାନେ ଜାଣିଲେଣି। ଅଥଚ, ବିଶ୍ୱବିଦ୍ୟାଳୟରେ ଗବେଷଣା-ପରିଚାଳକ ଡ: ପାଢ଼ୀଙ୍କ ଲେଖନୀରୁ ୧୯୭୪ରେ ବାହାରୁଛି ଯେ, କାଳିଦାସଙ୍କ 'ମେଘଦୂତ'ର ମୋଟ ଟୀକା ସଂଖ୍ୟା ହେଉଛି ମାତ୍ର ୩୨ ଗୋଟି।

**ଷଷ୍ଠ ଭ୍ରମ—**

ଡ: ପାଢ଼ୀ ପୁଣି ଲେଖିଛନ୍ତି—"ଶ୍ରୀହର୍ଷଙ୍କ 'ନୈଷଧ' କାବ୍ୟର ଷୋହଳରୁ ଅଧିକ ଟୀକା ଲେଖାଯାଇଛି। କିନ୍ତୁ, ଉପେନ୍ଦ୍ରଙ୍କ ସକାଶେ କ'ଣ ହୋଇଛି ?"

( ପୃଷ୍ଠା—୧୧୬ )

ଏହା ମଧ୍ୟ ଏକ ଭ୍ରମପୂର୍ଣ୍ଣ ମତ, ଯାହା କି କଥା କହିବାର ଭଙ୍ଗୀ ଦୃଷ୍ଟିରୁ ମଧ୍ୟ ଲେଖକଙ୍କୁ ରକ୍ଷା କରି ପାରିବ ନାହିଁ। ଡ: ପାଢ଼ୀ ଯେତେବେଳେ ଲେଖିଲେ 'ଷୋହଳରୁ ବେଶି ଟୀକା ଅଛି', ଆମ ଭଳି ପାଠକମାନେ ତହିଁରୁ ବୁଝନ୍ତି ଯେ, ସତର, ଅଠର ବା ଊଣେଇଶଟି ଟୀକା ଥିବ। ଯଦି ତାଙ୍କ ମତରେ କୋଡ଼ିଏ ବା ଏକୋଇଶ, ବାଇଶ, ତେଇଶ, ଚବିଶ ପର୍ଯ୍ୟନ୍ତ ଟୀକାମାନଙ୍କର ମୋଟ ସଂଖ୍ୟା ହୋଇଥାଆନ୍ତା, ତାହାହେଲେ ସେ 'କୋଡ଼ିଏ କିମ୍ବା ତହିଁରୁ ଅଧିକ' ବୋଲି ଲେଖିଥାଆନ୍ତେ। ମୋଟ ଟୀକା ସଂଖ୍ୟା ପଚାଶ ବା ତହିଁରୁ ଅଧିକ ବୋଲି ତାଙ୍କର ଯଦି ମତ (ଅଣଷଠି ପର୍ଯ୍ୟନ୍ତ) ତେବେ ସେ ଲେଖିଥାନ୍ତେ, 'ପଚାଶ ବା ତହିଁରୁ ଅଧିକ'।

ଯୁକ୍ତିଛଳରେ ଧରାଯାଉ, ମୋଟ ଟୀକା ସଂଖ୍ୟା ତେଇଶ ବା ଚବିଶ। ତାହାହେଲେ ଏହି କଥା ବୁଝାଇବା ପାଇଁ "ଷୋହଳରୁ ଅଧିକ" ବୋଲି ଲେଖିଲେ ଠିକ୍ ହେବ କି ?

---

(୧) ଏହି ଟୀକା, ଏହି ଲେଖକ ଓଡ଼ିଶା ସାହିତ୍ୟ ଏକାଡେମୀର ସମ୍ପାଦକ ଥିଲା ବେଳେ ପ୍ରକାଶ ପାଇଅଛି। ଏଥିରେ ପ୍ରତିପାଦନ କରାଯାଇଛି ଯେ, 'ମେଘଦୂତ'ରେ ମହାପ୍ରଭୁ ଜଗନ୍ନାଥଙ୍କ ଗୁଣ୍ଡିଚା ଯାତ୍ରା ବର୍ଣ୍ଣିତ ହୋଇଅଛି।

## 'ନୈଷଧ'ର ଟୀକାକାରଙ୍କ ନାମ—

ପାଠକମାନଙ୍କର ଅବଗତି ନିମନ୍ତେ ୧୯୩୭ ଖ୍ରୀଷ୍ଟାବ୍ଦରେ ଶ୍ରୀଯୁକ୍ତ କୃଷ୍ଣମାଚାରିଅର୍ ଉଲ୍ଲେଖ କରିଥିବା 'ନୈଷଧ' ଟୀକାର ଲେଖକଙ୍କର ( ଟୀକାକାରଙ୍କର ) ନାମ ଏଠାରେ ଉଲ୍ଲେଖ କରାଯାଉଛି—

(୧) ଆନନ୍ଦ ରାଜାନକ, (୨) ଈଶାନ ଦେବ, (୩) ଉଦୟନାଚାର୍ଯ୍ୟ, (୪) ଗୋପୀନାଥ, (୫) ଜିନରାଜ, (୬) ନରହରି, (୭) ଚାଣ୍ଡୁ ପଣ୍ଡିତ, (୮) ବୃହସ୍ପତିବର୍ଦ୍ଧନ, (୯) ନାରାୟଣ, (୧୦) ଭଗୀରଥ, (୧୧) ଭରତ ମଲ୍ଲିକ ବା ଭରତ ସେନ, (୧୨) ଭବଦତ୍ତ, (୧୩) ମଲ୍ଲିନାଥ, (୧୪) ମଥୁରାନାଥ, (୧୫) ମହାଦେବ, (୧୬) ବିଦ୍ୟାବାଗୀଶ, (୧୭) ଶେଷ ରାମଚନ୍ଦ୍ର, (୧୮) ଶ୍ରୀନାଥ, (୧୯) ବଂଶୀବଦନ, (୨୦) ବିଦ୍ୟାଧର, (୨୧) ବିଦ୍ୟାରଣ୍ୟଯୋଗୀ, (୨୨) ବିଶ୍ୱେଶ୍ୱର, (୨୩) ଶ୍ରୀଦତ୍ତ, (୨୪) ସଦାନନ୍ଦ, (୨୫) ଗଦାଧର, (୨୬) ଲକ୍ଷ୍ମଭଟ୍ଟ, (୨୭) ଗୋବିନ୍ଦ ମିଶ୍ର, (୨୮) ପ୍ରେମଚନ୍ଦ୍ର, (୨୯) ଶ୍ରୀଧର, (୩୦) ପରମାନନ୍ଦ ଚକ୍ରବର୍ତ୍ତୀ, (୩୧) ସର୍ବଜ୍ଞ ମାଧବ, (୩୨) ବିଦ୍ୟା ଶ୍ରୀଧରଦେବ ସୂରି, (୩୩) ପେଦ୍ଦୁ ଭଟ୍ଟ, (୩୪) ଭେଙ୍କଟ ରଙ୍ଗନାଥ।

ଏହାଛଡ଼ା, ହରିଦାସ ସିଦ୍ଧାନ୍ତବାଗୀଶ, ଜୀବାନନ୍ଦ ତଥା ଓଡ଼ିଶାର କବିରତ୍ନ ପୁରୁଷୋତ୍ତମ ମିଶ୍ର ପ୍ରଭୃତିଙ୍କ ରଚିତ 'ନୈଷଧ' ଟୀକା ମଧ୍ୟ ରହିଛି।

## ସପ୍ତମ ଭ୍ରମ—

ଡ: ପାତ୍ରୀ ଲେଖିଛନ୍ତି—

"ତାହାହେଲେ କାବ୍ୟ ଶବ୍ଦର ଅର୍ଥ କଣ ? ତାହାର ଲକ୍ଷଣ ବା କି ? ଓଡ଼ିଶାରେ ତାଦୃଶ ଲକ୍ଷଣ ଗ୍ରନ୍ଥ ଅଛି କି ? ଏ ପ୍ରଶ୍ନର ଉତ୍ତର ଆମେ ଓଡ଼ିଆ ସାହିତ୍ୟରେ ପାଇବା ନାହିଁ । ଏସବୁ ସଂସ୍କୃତର ଅନୁସୃତ । ସଂସ୍କୃତ ଅଳଙ୍କାର ଶାସ୍ତ୍ରରେ ଏ ସମ୍ବନ୍ଧରେ ଆଲୋଚନା କରାଯାଇଛି । (ପୃ-୨୩)

ପାଠକେ ! ଲକ୍ଷ୍ୟ କରିବେ, ଡ: ପାତ୍ରୀ କହିବାକୁ ଚାହାନ୍ତି—

(କ) କାବ୍ୟ ଶବ୍ଦର ଅର୍ଥ ଓ ତାହାର ଲକ୍ଷଣ କେବଳ ସଂସ୍କୃତ ଅଳଙ୍କାର ଶାସ୍ତ୍ରରେ ଆଲୋଚନା କରାଯାଇଛି ।

(ଖ) ଯେଉଁ ଗ୍ରନ୍ଥରେ କାବ୍ୟ ଶବ୍ଦର ଅର୍ଥ ଓ ଲକ୍ଷଣର ଆଲୋଚନା କରାଯାଇଛି, ସେଭଳି ଗ୍ରନ୍ଥ ଓଡ଼ିଶାରେ ନାହିଁ ।

(ଗ) ଓଡ଼ିଆ ଭାଷାରେ ବା ଓଡ଼ିଆ ସାହିତ୍ୟରେ ଆମେ ଏଭଳି ଗ୍ରନ୍ଥ ପାଇବା ନାହିଁ, ଯେଉଁ ଗ୍ରନ୍ଥରେ କାବ୍ୟର ଅର୍ଥ ଓ ଲକ୍ଷଣ ଆଲୋଚନା କରାଯାଇଛି ।

ବିଶ୍ୱବିଦ୍ୟାଳୟ ସ୍ତରରେ ଆମର ଅଧ୍ୟାପକମାନେ ଯଦି ଏଭଳି 'ବି-ଜ୍ଞାନ' ବିତରଣ କରିବେ, ତାହାହେଲେ ତାହା ଦେଶର ପରମ ଦୁର୍ଭାଗ୍ୟ ବୋଲି କହିବା ଛଡ଼ା ଉପାୟାନ୍ତର ନାହିଁ । ବିଜ୍ଞ ପାଠକେ ! ଯେଉଁଭଳି ସଂସ୍କୃତ ଅଳଙ୍କାର ଗ୍ରନ୍ଥରେ କାବ୍ୟର ଅର୍ଥ ଓ ଲକ୍ଷଣ ଲେଖାଯାଇଛି, ସେଭଳି ସଂସ୍କୃତ ଅଳଂକାର ଗ୍ରନ୍ଥ କ'ଣ ଓଡ଼ିଶାରେ ନାହିଁ ! ଓଡ଼ିଶାର "ସାହିତ୍ୟ-ଦର୍ପଣ" ପରି ଏ କ୍ଷେତ୍ରରେ ସମଗ୍ର ଭାରତର ( ତଥା ସମଗ୍ର ବିଶ୍ୱର ସଂସ୍କୃତ-ସାହିତ୍ୟ କ୍ଷେତ୍ରରେ ) ଏକ ମହନୀୟ ଗ୍ରନ୍ଥ ! ଏହାଛଡ଼ା ତ ଏଭଳି ଅନ୍ୟ କେତେକ ସଂସ୍କୃତ ଗ୍ରନ୍ଥ ଏହି ଓଡ଼ିଶାର ପଣ୍ଡିତମାନେ ଲେଖିଅଛନ୍ତି । ତ ହାହେଲେ କି ଅଜ୍ଞତା ଓ ଦୁଃସାହସରେ ଅଧ୍ୟାପକ ଡ: ପାତ୍ରୀ ଓଡ଼ିଶାର ଗୌରବକୁ କୁ-ଜ୍ଞାନର ରୌରବରେ ଫିଙ୍ଗି ଦେବାକୁ ଚେଷ୍ଟା କରି ନାହାନ୍ତି !

ଏଭଳି ଅପସିଦ୍ଧାନ୍ତ ଯେଉଁ ଲେଖନୀ ଲିପିବଦ୍ଧ କରିଦେଇ ପାରିଲା, ଶତ ଧନ୍ୟ ସେହି ଲେଖନୀ, ଆଉ ଶତ ଧନ୍ୟ ସେହି ଲେଖନୀର ଚାଳକ !!

ପାଠକମାନେ ପୁଣି ଲକ୍ଷ୍ୟ କରିବେ, ଡ: ପାତ୍ରୀ ସୁସ୍ପଷ୍ଟ ଭାଷାରେ ଲେଖିଛନ୍ତି ଯେ, ଓଡ଼ିଆ ଭାଷାରେ କାବ୍ୟର ଅର୍ଥ ଓ ଲକ୍ଷଣ ପ୍ରଭୃତି ନିର୍ଦ୍ଦେଶିତ ଥିବା ଗ୍ରନ୍ଥ ଆଦୌ ନାହିଁ । ଏଭଳି ଅସତ୍ୟ ମତ ଅଜ୍ଞ ଲୋକେ ପ୍ରକାଶ କରି ପାରନ୍ତି; କିନ୍ତୁ ବିଜ୍ଞ ଅଧ୍ୟାପକଙ୍କଠାରୁ କ'ଣ ଏସବୁ ଆଶା କରାଯାଏ ? ଡ: ପାତ୍ରୀ ଚଳିତ ବର୍ଷ (୧୯୭୪) ଏ ପୁସ୍ତକ ଲେଖିଛନ୍ତି ଓ ପ୍ରକାଶ କରିଛନ୍ତି; କିନ୍ତୁ ପ୍ରାୟ ତିନି ଶହ ବର୍ଷ ତଳେ ଲିଖିତ, ଚିକିଟି ରାଜା ଯଦୁମଣି ରାଉତରାୟଙ୍କର 'କବି-କଳ୍ପଦ୍ରୁମ' ୧୯୧୨ ରୁ ପ୍ରକାଶ ପାଇ ସାରିଲାଣି । ଏଥିରେ କାବ୍ୟର ଲକ୍ଷଣ ପ୍ରଭୃତି ସୁନ୍ଦର ଭାବରେ ପ୍ରଦତ୍ତ ହୋଇଅଛି ।

ଏହା ବ୍ୟତୀତ ଓଡ଼ିଆ ଭାଷାରେ 'ଅଳଙ୍କାର ବୋଧୋଦୟ', 'ଅଳଙ୍କାର ସାର', ପ୍ରାଚୀ 'ଲାବଣ୍ୟବତୀ' ମୁଖବନ୍ଧ, 'ଅଳଙ୍କାର ତରଙ୍ଗିଣୀ' ପ୍ରଭୃତି ଅନେକ

ଗ୍ରନ୍ଥ ଲିଖିତ ଓ ପ୍ରକାଶିତ ହୋଇଅଛି । ଡ: ପାଢ଼ୀ କ'ଣ ଏଥିରୁ ଖଣ୍ଡିଏ ହେଲେ ଗ୍ରନ୍ଥ ଦେଖି ନାହାନ୍ତି ! ଏସବୁ ଗ୍ରନ୍ଥ ଦେଖିଲେ ଡ: ପାଢ଼ୀ ନିଜ ଜ୍ଞାନର ସଂକୀର୍ଣ୍ଣତାରେ ନିଜେ ହିଁ ବିସ୍ମିତ ହେବେ ।

## ଅଷ୍ଟମ ଭ୍ରମ—

ଡ: ପାଢ଼ୀ ଲେଖିଛନ୍ତି—"ଆଳଂକାରିକ ମତରେ 'ଚିତ୍ରବନ୍ଧ' କାବ୍ୟରସର ଉପକାରକ ନୁହେଁ × × ଆକାର ଅନୁସାରେ ଏଗୁଡ଼ିକର ନାମକରଣ ହୋଇଥାଏ । × × ବନ୍ଧମାନଙ୍କର ସଂଖ୍ୟା ସଂସ୍କୃତ ଭାଷାରେ ୨୦ ରୁ ୩୦ ପର୍ଯ୍ୟନ୍ତ ଦେଖିବାକୁ ମିଳେ । (ପୃ-୧୦୮)

ସଂସ୍କୃତ ଭାଷାର ବିଭିନ୍ନ କାବ୍ୟ ଓ ଅଳଙ୍କାର ଗ୍ରନ୍ଥ ଦେଖିଲେ ଜଣାଯାଏ ଯେ, ୩୦ ରୁ ଯଥେଷ୍ଟ ଅଧିକ ସଂଖ୍ୟକ 'ଚିତ୍ରବନ୍ଧ' ସଂସ୍କୃତରେ ଅଛି । କି କାରଣରୁ ମାତ୍ର ୩୦ଟିରୁ ବେଶି ନୁହେଁ ବୋଲି ଡ: ପାଢ଼ୀ ଲେଖିଛନ୍ତି, ତାହା ଆମ୍ଭମାନଙ୍କ ପକ୍ଷରେ ସବୁଠାରୁ ହାସ୍ୟାସ୍ପଦ କଥା ହେଉଛି ।

ଅସତ୍ୟ ହେଲେ ମଧ୍ୟ, ଯୁକ୍ତିଛଳରେ ଧରାଯାଉ, ସଂସ୍କୃତରେ ଯେତେ ଯେତେ ଚିତ୍ରବନ୍ଧ ଦେଖିବାକୁ ମିଳେ, ସେଗୁଡ଼ିକର ମୋଟ ସଂଖ୍ୟା ୩୦ । ତାହା ହେଲେ, ଏ କଥା କହିବା ଯଥାର୍ଥ ହୁଅନ୍ତା—"ସଂସ୍କୃତରେ ୩୦ଟି ପର୍ଯ୍ୟନ୍ତ ଚିତ୍ରବନ୍ଧ ଅଛି ।"

ଯଦି ୩୦ଟି ଶେଷ ସୀମା ହେଲା, '୨୦ ରୁ' ବୋଲି ଲେଖିବାର ଅର୍ଥ କ'ଣ ? ୨୦ ନ ଲେଖି, ୧, ୨, ୫, ୧୬, ୧୭, ୨୩ ବା ୩୦ ଭିତରର ଯେ କୌଣସି ସଂଖ୍ୟା ଲେଖିଥିଲେ, ସେହିପର ହାସ୍ୟାସ୍ପଦ ଭାବରେ ଠିକ୍ ହୋଇ ନ ଥାନ୍ତା କି ?

ଡ: ପାଢ଼ୀ ସମଗ୍ର ସଂସ୍କୃତ ସାହିତ୍ୟ ପୃଷ୍ଠାମାନ ଓଲଟାଇ ଓଲଟାଇ ସର୍ବମୋଟ କେବଳ ୩୦ଟି ପର୍ଯ୍ୟନ୍ତ ଚିତ୍ରବନ୍ଧ ପାଇଛନ୍ତି । ମାତ୍ର କେବଳ ଯଦି ବେଙ୍କଟାଧ୍ୱରୀଙ୍କ 'ଲକ୍ଷଣ ସହସ୍ର' ଓ ବେଙ୍କଟେଶ୍ୱରଙ୍କ 'ଚିତ୍ରବନ୍ଧ ରାମାୟଣ' କଥା ଜାଣିଥାଆନ୍ତେ, ୩୦ର କେତେ ଗୁଣ ଚିତ୍ରବନ୍ଧ ଏ ଦୁଇଟି ଗ୍ରନ୍ଥରେ ଅଛି, ଦେଖି ଆଶ୍ଚର୍ଯ୍ୟ ହୋଇଥାଆନ୍ତେ ! ଏହି ଗ୍ରନ୍ଥର ଭ୍ରମ କ୍ଷେତ୍ରରେ ଏଗୁଡ଼ିକ ଅଷ୍ଟାବକ୍ରଙ୍କ ଭୁଲ୍ ।

ଭଞ୍ଜ-ସାହିତ୍ୟରେ ଯେଉଁମାନେ "ତମ୍ବୁ-ଟୋପାନ" କରନ୍ତି ନାହିଁ, ମନେହୁଏ, ସେମାନେ ହିଁ ଏଭଳି ଭ୍ରାନ୍ତିପୂର୍ଣ୍ଣ ମତ ପ୍ରକାଶ କରିଥାଆନ୍ତି । ଆଜକୁ ପ୍ରାୟ ଶହେ ବର୍ଷ ତଳେ ଓଡ଼ିଆ ଭାଷାର - ବରେଣ୍ୟ ପୃଷ୍ଠପୋଷକ ଜନ୍ ବିମ୍ସ ସାହେବ ଯାହା କହିଥିଲେ, "The Oriya seldom reads" (୧), ତାହା ଯେ ସତ୍ୟ, ସେ କଥା ୧୯୭୪ ଖ୍ରୀଷ୍ଟାବ୍ଦରେ ମଧ୍ୟ ଉଚ୍ଚାଙ୍ଗ ଗବେଷଣା ଗ୍ରନ୍ଥ (?) ରେ ପ୍ରମାଣିତ ହୋଇ ଯାଇଛି !!

ଡ: ପାଢ଼ୀ ତାଙ୍କର ଏହି ପୁସ୍ତକର ପ୍ରାକ୍ କଥନରେ ଲେଖିଛନ୍ତି ଯେ, ବୈଦେଶିକ ଜିଜ୍ଞାସୁମାନଙ୍କ ପାଇଁ ସେ ଏହି ପୁସ୍ତକ ଲେଖିଛନ୍ତି ।

ଓଡ଼ିଆ ଭାଷାରେ ଲିଖିତ ଏହି ପୁସ୍ତକ ବୈଦେଶିକ ଜିଜ୍ଞାସୁମାନଙ୍କୁ ନିଶ୍ଚୟ ଭଞ୍ଜଙ୍କ ସମ୍ପର୍କରେ ସ୍ପଷ୍ଟ ଧାରଣା ଦେଉଥିବ !! ଆମର ମନେହୁଏ, ଡ: ପାଢ଼ୀ ବୋଧହୁଏ ଭାବନ୍ତି, ଭଞ୍ଜଙ୍କ ସମ୍ପର୍କରେ ଓଡ଼ିଆ ଭାଷାରେ ଶହ ଶହ ପୃଷ୍ଠାର ଯେଉଁସବୁ ତାତ୍ତ୍ୱିକ ଆଲୋଚନା ହୋଇ ଯାଇଛି, ଓଡ଼ିଆ ଭାଷା ଜାଣି ନ ଥିବା ବୈଦେଶିକମାନେ ତାକୁ କିନ୍ତୁ ପଢ଼ିପାରିବେ ନାହିଁ, ଆଉ ତାଙ୍କର ଏହି 'ଭଞ୍ଜୀୟ କାବ୍ୟ ଭାବନା' ପୁସ୍ତକ ପଢ଼ିବାକୁ ସେମାନେ କ'ଣ ଭୁଲିଯିବେ ?

ଡ: ପାଢ଼ୀ ଏହି ପୁସ୍ତକରେ ଯଦିଓ ଏକାଧିକବାର କହିଛନ୍ତି ଯେ, ଏ ପୁସ୍ତକରେ ସେ ଭଞ୍ଜ-ସାହିତ୍ୟର ନୂତନ ମୂଲ୍ୟାଙ୍କନ କରିଛନ୍ତି, ତଥାପି, ତାଙ୍କର ସମଗ୍ର ବହିରେ ଥିବା କେତୋଟି ନଗଣ୍ୟ ନୂଆ ଭୁଲ କଥା ଛଡ଼ା, ତହିଁରେ ଏପରି ଆଉ କିଛି ନାହିଁ, ଯାହା କି ପଣ୍ଡିତ ନୀଳକଣ୍ଠ ଦାସ, ଡ: ଆର୍ତ୍ତବଲ୍ଲଭ ମହାନ୍ତି, ପଣ୍ଡିତ ସୂର୍ଯ୍ୟନାରାୟଣ ଦାଶ, ଶ୍ରୀଯୁକ୍ତ ଅନନ୍ତ ପଦ୍ମନାଭ ପଟ୍ଟନାୟକ ତଥା ଅନ୍ୟ କେତେକ ତରୁଣ ଓ ପ୍ରବୀଣ ଏହି 'ଭଞ୍ଜୀୟ କାବ୍ୟ ଭାବନା' ଆଗରୁ ଲେଖିଯାଇ ନାହାନ୍ତି !

ଏହି 'ଭଞ୍ଜ-ଭୂମିକା' ର ଯେଉଁ ଖଣ୍ଡରେ ବିଭିନ୍ନ ଆଲୋଚକଙ୍କ ମତ ବା ମନ୍ତବ୍ୟର ଆଲୋଚନା କରାଯାଇଛି, ତହିଁରେ ଡ: ପାଢ଼ୀଙ୍କର ଏହି ପୁସ୍ତକର ପ୍ରତ୍ୟେକ କଥା କପରି ତାଙ୍କର ପୂର୍ବବର୍ତ୍ତୀ ଆଲୋଚକମାନଙ୍କର ଉଚ୍ଛିଷ୍ଟ ବା

---

(୧) ଏହାର ଅର୍ଥ : 'ଓଡ଼ିଆମାନେ କ୍ୱଚିତ୍ ପଢ଼ନ୍ତି' ଅଥବା 'ଓଡ଼ିଆମାନଙ୍କର ପଢ଼ାପଢ଼ି ଖୁବ କମ୍' ।

ଆଲୋଚନାର ଉପବୃଂହଣ, ସେ କଥା ଯନୁର ସହିତ ଓ ପ୍ରମାଣ ସହକାରେ ଦର୍ଶାଇ ଦିଆଯାଉଛି ।

ଆଜିର କେତେକ ଭଞ୍ଜ-ସାହିତ୍ୟ ସମୀକ୍ଷା ଦେଖିଲେ ବିଶ୍ୱବିଖ୍ୟାତ ଲେଖକ Bernard Shawଙ୍କର ଗୋଟିଏ ଉକ୍ତି ମନେ ପଡ଼ିଯାଏ । ସେ ଲେଖିଛନ୍ତି—

"I know that there are men, who having nothing to say and nothing to write are never-the-less so in love with oratory and with literature that they delight in repeating as much as they can understand of what others have said or written aforetime"

( 'Man & Superman'—ଭୂମିକା )

ଏଥିର ସାରମର୍ମ ହେଉଛି—"ମୁଁ ଜାଣେ, ଏଭଳି ଅନେକ ଲେଖକ ଅଛନ୍ତି, ଯେଉଁମାନଙ୍କର ପ୍ରକୃତରେ କିଛି କହିବାର ନ ଥାଏ, କି ଲେଖିବାର ନ ଥାଏ । ଖାଲି ଲେଖିବା ପ୍ରବୃତ୍ତିର ପ୍ରରୋଚନାରେ ସେମାନେ ଲେଖିପକାଇ ଥାଆନ୍ତି । ସେମାନେ ଯେଉଁ ବିଷୟରେ ଲେଖିଥାଆନ୍ତି, ସେହି ବିଷୟରେ ଅନ୍ୟମାନେ ସେମାନଙ୍କ ଆଗରୁ ଖୁବ୍ ଭଲ ଭାବରେ ଲେଖିଥାଆନ୍ତି । ମାତ୍ର ଏହି ଧରଣର ଲେଖକମାନେ, ଆଗରୁ ଭଲ ଭାବରେ ଲେଖାଯାଇଥିବା ଅନ୍ୟମାନଙ୍କର ଲେଖାକୁ ପଢ଼ି ପୂରା ଭାବରେ ନ ବୁଝି, ଯେତିକି ବୁଝନ୍ତି, ସେତିକି ଲେଖି, 'ମୁଁ ଜଣେ ଲେଖକ' ବୋଲି ଆତ୍ମପ୍ରସାଦ ଅନୁଭବ କରିଥାଆନ୍ତି ।"

## ଡ: ଜାନକୀ ମହାନ୍ତିଙ୍କ କବିତା—

ଏହି ଆଲୋଚନା ଶେଷ କରିବା ପୂର୍ବରୁ, ଆଉ ଗୋଟିଏ ମାତ୍ର କଥାର ଉଲ୍ଲେଖ କରାଯାଇପାରେ । ତାହା ହେଉଛି, ଡକ୍ଟର ଜାନକୀ ମହାନ୍ତି (ଭରଦ୍ୱାଜ)ଙ୍କ ଲିଖିତ ଭଞ୍ଜ ବିଷୟକ ଏକ କବିତା । ଏକ ସମୟରେ ଏହି କବିତା ବେଶ୍ ଆଲୋଡ଼ନ ସୃଷ୍ଟି କରିଥିଲା । ଏପରି କି, ପଣ୍ଡିତ ବିନାୟକ ମିଶ୍ର ତାଙ୍କର 'ଓଡ଼ିଆ ସାହିତ୍ୟର ଇତିହାସ'ରେ ସୂଚିତ କବିତାର ଏକ ଅଂଶ ଉଦ୍ଧାର କରିଅଛନ୍ତି । ତାହା ହେଉଛି—

"ହେ ଉପେନ୍ଦ୍ର !
ତୁମ କାବ୍ୟ କବଳାରି ଯୁ ତୁରାର କେନ୍ଦ୍ର,
କନ୍ଥ ନୁହେ, ଅଳ୍ପ ତାହା ଏକମାତ୍ର ନାରୀ
ଆଉ ଏକ ଜଟିଳ ଦୁର୍ବୋଧ ଉକ୍ତରାଶି
× × ଯେତେଲେ କଷୁଚ ମୁଁ ଅଙ୍କ
ହେ ଉପେନ୍ଦ୍ର ! ତୁମେ ମୋର ବଶିଷ୍ଠ ଆତଙ୍କ ।" (୧)

ପାଠକମାନେ ଲକ୍ଷ୍ୟ କରିବେ, ଏଥିରେ ଦୁଇଟି କଥା କୁହାଯାଇଛି । ପ୍ରଥମ କଥା, ଭଞ୍ଜ-ସାହିତ୍ୟ ମୁଖ୍ୟତଃ ଶବ୍ଦାଡ଼ମ୍ବର ଏବଂ ଆଳଙ୍କାରିକ-ଗୁରୁତ୍ୱ-ପୂର୍ଣ୍ଣ ହୋଇଥିବାରୁ, ଆଜିର ପାଠକଙ୍କ ପକ୍ଷରେ ଦୁର୍ବୋଧ ହୋଇପଡ଼ୁଛି । ଖାଲି ଦୁର୍ବୋଧ ନୁହେ, ଖିନ୍ନଉତ୍ପାଦକ ହୋଇପଡ଼ୁଛି । ଦ୍ୱିତୀୟ କଥା, ଭଞ୍ଜ-ସାହିତ୍ୟରେ ମୁଖ୍ୟତଃ ନାରୀକେନ୍ଦ୍ରିକ ପ୍ରେମ ବର୍ଣ୍ଣନା ବା ପ୍ରେମ ଭାବନାର ରୂପାୟନ ହୋଇଅଛି ।

ଏହି ଦୁଇଟିଯାକ କଥା ବଡ଼ ତତ୍ତ୍ୱପୂର୍ଣ୍ଣ । କୋଣାର୍କ ମନ୍ଦିର ଯେଉଁମାନେ ଦେଖି ଆସନ୍ତି, ସେମାନେ ପ୍ରାୟତଃ ନଗ୍ନ ମିଥୁନ ମୂର୍ତ୍ତି ସନ୍ଦର୍ଶନ କରି ଉପାସନା ମନ୍ଦିରର ତାତ୍ତ୍ୱିକ ଗୌରବ ଉପଲବ୍ଧି କରିବାକୁ ଅକ୍ଷମ ହୋଇଥାନ୍ତି । ପ୍ରବୀଣ ପ୍ରଦର୍ଶକ ( ଗାଇଡ୍ ) ନ ଥାଇ, କୋଣାର୍କର ମୂର୍ତ୍ତିମାଳା ଦେଖି ଆସିଲେ, ସାଧାରଣ ଦର୍ଶକର ମନରେ ଏଭଳି ଧାରଣା ଜାତ ହେବା ସ୍ୱାଭାବିକ । କିନ୍ତୁ କୋଣାର୍କ ମନ୍ଦିରକୁ ଦୈବଯୋଗେ ସହସ୍ର ବାର ଦେଖିବାର ଓ ଅନ୍ୟଙ୍କୁ ଦେଖାଇବାର ସୁଯୋଗ ଲାଭ କରି, ଏହି ଲେଖକ ଏଭଳି ଭାବରେ ଭାରତର ତଥା ପୃଥିବୀର ବହୁ ବିଶିଷ୍ଟ ଲୋକଙ୍କୁ ଏବେ କୋଣାର୍କ ଦେଖାଉଅଛି, ଯାହା ଫଳରେ, ମନ୍ଦିର ଦେଖିସାରି, ବିସ୍ମୟ-ବିଜଡ଼ିତ କଣ୍ଠରେ ସେମାନେ କହୁଛନ୍ତି— "କୋଣାର୍କ ମନ୍ଦିର ସମ୍ପର୍କରେ ଆମେ ଯେଉଁ ଧାରଣା ନେଇ ଆସିଥିଲୁ, ତାହା ବାଏଁ ବାଏଁ ଉଡ଼ିଯାଇଛି ଏବଂ ବହୁ ନୂତନ କଥା ମନ୍ଦିର ଗାତ୍ରରେ ଦେଖି ଆମେ ଅଭିଭୂତ ହୋଇ ଯାଉଛୁ ।" ଏହା ଆଜି ଏକ ଦୈନନ୍ଦିନ ଘଟଣା ।

ଭଞ୍ଜ-ସାହିତ୍ୟ ସମ୍ପର୍କରେ ଠିକ୍ ସେହି କଥା । ରାଧାକୃଷ୍ଣ ଚକ୍ଷୁ ବାନ୍ଧିଆ ହିସାବରେ ବୁଝିଲେ, ଅତି କୁତ୍ସିତ, ନିକୃଷ୍ଟ, ଏପରିକି ଘୃଣ୍ୟ ପ୍ରତିଭାତ ହୁଏ ।

---

(୧) ଆଧୁନିକ ଓଡ଼ିଆ ସାହିତ୍ୟର ଇତିହାସ—ପୃ-୩୦୮

କିନ୍ତୁ, ଭାରତୀୟ ସାଂସ୍କୃତିକ ଜୀବନର ବଳିଷ୍ଠ ଦାର୍ଶନିକ ଚେତନା ତାହାର ଭିତରେ କିପରି ଜାଗ୍ରତ ରହିଅଛି, ସେ କଥା ଜାଣିଲେ ପରେ କୃତ୍ତି ଚରିତ ପ୍ରତି ବିପୁଳ ଆକର୍ଷଣ ଜାତ ହୁଏ । ଭଞ୍ଜ ସାହିତ୍ୟ ସାଧାରଣ ପାଠକ ଦୃଷ୍ଟିରେ ନର-ନାରୀଙ୍କର ଦାମ୍ପତ୍ୟ ଜୀବନର ମଧୁର-ବିଧୁର ଚିତ୍ରରେ ପରିପୂର୍ଣ୍ଣ । କିନ୍ତୁ, ତା'ର ଭିତରେ ଭାରତୀୟ ନାରୀର ଆଦର୍ଶ, ଯଥା :—ସତୀତ୍ୱ, ପତିସେବା, କଳା-କୁଶଳତା, ପତିଗତପ୍ରାଣତା, ପିତୃଭକ୍ତି, ମାତୃଭକ୍ତି, ଈଶ୍ୱର ଭକ୍ତି, ବନ୍ଧୁପ୍ରୀତି, ଜନତା ପ୍ରତି ସମ୍ବେଦନଶୀଳତା, କର୍ତ୍ତବ୍ୟନିଷ୍ଠା, ଲଜ୍ଜାଶୀଳତା ଇତ୍ୟାଦି ଇତ୍ୟାଦି କିପରି ପଦେ ପଦେ ରୂପାୟିତ ହୋଇଅଛି, ତାହା ଜାଣିବା ପରେ, ଭଞ୍ଜ-ସାହିତ୍ୟ ନାରୀର ପ୍ରଣୟଲୀଳା ଠାରୁ ଯଥାର୍ଥରେ ବହୁ ଦୂରରେ ଥିବାର ଅନୁଭୂତ ହୁଏ ।

ଦ୍ୱିତୀୟ କଥା, ଡ: ମହାନ୍ତି ଭଞ୍ଜ-ସାହିତ୍ୟର ଦୁର୍ଭେଦ୍ୟ ପାଣ୍ଡିତ୍ୟ ସମ୍ପର୍କରେ ଯାହା ଲେଖିଛନ୍ତି, ତାହା ଅକ୍ଷରେ ଅକ୍ଷରେ ସତ୍ୟ । ଓଡ଼ିଶାର ବଡ଼ ବଡ଼ ମନ୍ଦିରମାନଙ୍କର ଅଗ୍ରଭାଗରେ ବଡ଼ ଓଜନଦାର ପଥରଖଣ୍ଡମାନ ରଖାଯାଇଥାଏ । ସେଭଳି ପଥର ଯେଉଁମାନେ ରଖିଥାନ୍ତି, ଦେଉଳ ଭିତରେ ଥିବା ଲୋକେ ପଥର ଚାପରେ ମରିଯାଆନ୍ତି ବୋଲି ଭାବି କେବେ ସେପରି କରି ନ ଥାନ୍ତି । ମନ୍ଦିର ନିର୍ମାଣ କୌଶଳର ତାହା ଏକ ଆବଶ୍ୟକତା । ଠିକ୍ ସେହିପରି, ଓଡ଼ିଆ ସାହିତ୍ୟରେ ଗୁରୁତ୍ୱପୂର୍ଣ୍ଣ ପାଣ୍ଡିତ୍ୟର ପ୍ରକର୍ଷ ନାହିଁ ବୋଲି କହି, ଯେତେବେଳେ ଓଡ଼ିଆ ସାହିତ୍ୟକୁ ଟିକିଏ ତୁଳା ପରି ଉଡ଼ାଇ ଦିଆଯାଉଥିଲା, ସେତିକିବେଳେ ହିଁ ଭଞ୍ଜଙ୍କର ଆବିର୍ଭାବ ଓ ଗୀତମୁର ଓଡ଼ିଆ ସାହିତ୍ୟର ପ୍ରତିଷ୍ଠା କାର୍ଯ୍ୟ ସାଧିତ ହୋଇଥିଲା । କିନ୍ତୁ, ଭଞ୍ଜ-ସାହିତ୍ୟର ବହିରାବରଣ କଠୋର ହେଲେ ମଧ୍ୟ, ଜନତା-ଜନାର୍ଦ୍ଦନଙ୍କ ସେବାର ଅନୁକୂଳ ସାମାଜିକ ଓ ସାଂସ୍କୃତିକ ଚିନ୍ତାର ଅସଂଖ୍ୟ ଉତ୍ସ ତହିଁରେ ଆଚ୍ଛାଦିତ ହୋଇ ରହିଅଛି । ବିଦଗ୍ଧ ପାଠକ ପାଣ୍ଡିତ୍ୟର ସାଧନ ବଳରେ ସେହି ଉତ୍ସମାନଙ୍କୁ ଟିକିଏ ଉତ୍ସାରିତ କରିଦେଲେ, ମଧୁର ଶୀତଳ ଜଳର ତରଳ ପ୍ରବାହ ତାଙ୍କର ଉପଭୋଗ୍ୟ ହୋଇ ଉଠିବ । ଆଜିକାଲି ବିଶ୍ୱବିଦ୍ୟାଳୟର ଉଚ୍ଚତମ ଉପାଧି ଲାଭ ପରେ, ଓଡ଼ିଆରେ ବର୍ଣ୍ଣଶୁଦ୍ଧି ଘେନ ଯେଉଁ ଜ୍ଞାନାଭାବ ବହୁସ୍ଥଳରେ ଦେଖାଯାଏ, ତାହା ଅଧ୍ୟାପକ-ଜୀବନରେ ଡ: ମହାନ୍ତି ଉପଲବ୍ଧି କରିଥିବା ସହଜରେ ଅନୁମେୟ । ସୁତରାଂ, ଆଜିର ଉଚ୍ଚଶିକ୍ଷିତମାନଙ୍କ ପକ୍ଷରେ ସୁଦ୍ଧା ଭଞ୍ଜ-ସାହିତ୍ୟର ଦୁରବଗମ୍ୟ ସମ୍ପାଦକତା ସମ୍ପର୍କରେ ସେ ଯେଉଁ ସ୍ୱର ଉତ୍ତୋଳନ କରିଅଛନ୍ତି, ତାହା ଆଧୁନିକ ଶିକ୍ଷା-ପଦ୍ଧତିର ଗଭୀର ଜ୍ଞାନହୀନତାମୂଳକ ପରିସ୍ଥିତି ପ୍ରତି ଏକ ନୀରବ ପ୍ରତିବାଦ ରୂପେ ଗ୍ରହଣ କରାଯାଇପାରେ ।

ଆଉ ଗୋଟିଏ କଥା, ଡ: ମହାନ୍ତିଙ୍କର ଏହି କବିତା ପଢି, ଅନେକେ ଏ କଥା କହିଅଛନ୍ତି— ଡ: ମହାନ୍ତି ଯତିଯମକପୂର୍ଣ୍ଣ ଓ ଶବ୍ଦାଡମ୍ବରମଣ୍ଡିତ ଭଞ୍ଜୀୟ-ରଚନା ଶୈଳୀର ଜଣେ ବିରୁଦ୍ଧବାଦୀ । ମାତ୍ର, ଏହି ଲେଖକ ଏଭଳି ମତର ସମର୍ଥକ ନୁହେ । ତଥାପି, ଯୁକ୍ତି ସ୍ଥଳରେ ଧରିଯାଉ, ଏହି ମତ ହିଁ ଠିକ୍ । ଏପରି ହେଲେ, ଏଭଳି ମତବାଦୀମାନଙ୍କୁ ବୁଝାଇ ଦିଆଯାଇ ପାରିବ ଯେ, ଡ: ମହାନ୍ତି ଭଞ୍ଜଙ୍କ ଶୈଳୀର ବିରୋଧ ନ କରି, ବରଂ ନିଜ ରଚନା ଶୈଳୀକୁ ଭଞ୍ଜୀୟ ରଞ୍ଜନ-ତୁଳୀକାରେ ଅନୁରଞ୍ଜିତ କରି ଦେଇ ଅଛନ୍ତି । ଯେ ଯେଉଁ ଶୈଳୀର ବିରୋଧୀ, ସେ ତାହାର ଅନୁସରଣ କରେ ନାହିଁ । ଭଞ୍ଜୀୟ-ଶୈଳୀ ବିରୋଧୀମାନେ କହନ୍ତି, ଭଞ୍ଜେ ଟାଣି ଓଟାରି ଶବ୍ଦସବୁ ବସାଇଛନ୍ତି, କେବଳ ବର୍ଣ୍ଣସାମ୍ୟ ବା ଧ୍ୱନିସାମ୍ୟ ସୃଷ୍ଟି କରିବା ପାଇଁ । କିନ୍ତୁ, ଡ: ମହାନ୍ତି କ'ଣ କରି-ଅଛନ୍ତି ? ଭଞ୍ଜଙ୍କର ତଥାକଥିତ ଯତିଯମକ ଶୈଳୀରେ ସେ ଏତେଦୂର ଅନୁପ୍ରାଣିତ ହୋଇଅଛନ୍ତି ଯେ, ଉପର ଧାଡ଼ିର ଶେଷରେ 'ନାରି' ରହିବାରୁ, ସେହି 'ନାରି' ଧ୍ୱନି ସଙ୍ଗେ ଧ୍ୱନିସାମ୍ୟ ରକ୍ଷା କରିବାକୁ ଯାଇ, ଭାରତୀୟ ଭାଷା ଛାଡ଼ି, ଇଂରାଜୀ ଭାଷାରୁ 'ଡିକ୍‌ସନାରି' ଶବ୍ଦ ଗ୍ରହଣ କରି ଲକ୍ଷ୍ୟସାଧନ କରିଛନ୍ତି । ଭଞ୍ଜେ ଭାରତୀୟ ଭାଷାରେ ଏଭଳି ଧ୍ୱନିସାମ୍ୟ ସୃଷ୍ଟି କୌଶଳ ସମ୍ପାଦନ କରିଥିଲେ । ଡ: ମହାନ୍ତି ଭଞ୍ଜଙ୍କ ପଦାଙ୍କ ଅନୁସରଣ କରି, ସୁଦୂର ଇଂଲଣ୍ଡ ପର୍ଯ୍ୟନ୍ତ ଦୌଡ଼ିଛନ୍ତି, ଶବ୍ଦଝଙ୍କାରର ମାଦକତାରେ ପାଠକମାନଙ୍କୁ ତଥା ନିଜକୁ ଅନୁପ୍ରାଣିତ କରିବା ପାଇଁ । ମହାନଗରୀ କଲିକତାର ଜନଗହଳି ଅଞ୍ଚଳ ଚୌରଙ୍ଗୀଠାରେ ରାସ୍ତା କଡ଼ରେ ଲେଖା ଅଛି—

**LOOK AT ALL WAYS, ALWAYS.**

ମୁଁ ଯେତେ ଥର ସେ ବାଟେ ଯାଇଛି, ଭଞ୍ଜ-ସାହିତ୍ୟ କଥା ମୋର ମନେପଡ଼ି-ଯାଇଛି । ପାର୍ବତ୍ୟ ଝରଣାର କଳ କଳ ନାଦରେ ଅର୍ଥ ନ ଥାଇ ବିପୁଳ ଭାବାର୍ଥ ପୂରି ରହିଥିଲା ପରି, ଶବ୍ଦଧ୍ୱନିରେ ମଧ୍ୟ ସେହିଭଳି ଶବ୍ଦଶକ୍ତିଗତ ସଙ୍କେତ ପୂରି ରହିଛି । ଭଞ୍ଜେ ସେହି ଶକ୍ତିର ପ୍ରୟୋଗରେ ନିଜର ଯାଦୁବିଦ୍ୟା ଦେଖାଇଛନ୍ତି । ଯାହା ଫଳରେ ଡ: ମହାନ୍ତିଙ୍କ ଭଳି ବିଶିଷ୍ଟ ସାହିତ୍ୟିକମାନେ ଭଞ୍ଜଙ୍କଠାରୁ ଦୂରରେ ଅଛନ୍ତି ବୋଲି ଭାବୁଥିଲେ ମଧ୍ୟ, ଭଞ୍ଜୀୟ ଶୈଳୀର ମୋହନ ମାଦକତାରେ ଏକାବେଳକେ ଆତ୍ମହରା ହୋଇ ପଡ଼ିଛନ୍ତି । ଏହି ଶୈଳୀ-ବିଭବ କିନ୍ତୁ ଭଞ୍ଜ-ସାହିତ୍ୟର ଏକମାତ୍ର ସମ୍ପଦ ନୁହେ । ନାନା ଭାବ, ଚିନ୍ତା, ଆଦର୍ଶ, ଲକ୍ଷ୍ୟ, ପ୍ରୟାସ ଓ ଆକାଙ୍କ୍ଷାର ବିଳାସ ରୂପାୟନରେ ଭଞ୍ଜଙ୍କର ସାରସ୍ୱତ-ମନ୍ଦିର ଋଦ୍ଧିମନ୍ତ । ପରବର୍ତ୍ତୀ ଖଣ୍ଡମାନଙ୍କରେ ଏହା ହିଁ ପ୍ରଦର୍ଶିତ ହେବ ।

# ପରିଶିଷ୍ଟମାଳା

## ପରିଶିଷ୍ଟ—୧

### ଭଞ୍ଜଙ୍କ ପୁସ୍ତକ ତାଲିକା

ଏହି 'ଭଞ୍ଜ-ଭୂମିକା' ପ୍ରଥମ ଖଣ୍ଡର ପୃଷ୍ଠା ୪୬୮ ରୁ ପୃଷ୍ଠା ୪୮୬ ମଧ୍ୟରେ ବିଭିନ୍ନ ଆଲୋଚକ ଦେଇଥିବା ଭଞ୍ଜଙ୍କ ପୁସ୍ତକ ତାଲିକା ଉପସ୍ଥାପିତ ହୋଇଅଛି । ପ୍ରଦତ୍ତ ତାଲିକାବଳୀ ସହିତ ସ୍ୱର୍ଗତ ବିଚ୍ଛନ୍ଦଚରଣ ପଟ୍ଟନାୟକଙ୍କର ପ୍ରଦତ୍ତ ପୁସ୍ତକ ତାଲିକା ମଧ୍ୟ ଉପସ୍ଥାପନ ଯୋଗ୍ୟ । ୧୯୫୧ ଖ୍ରୀଷ୍ଟାବ୍ଦରେ ଭଞ୍ଜ-ଜୟନ୍ତୀ ଉପଲକ୍ଷେ 'କଳିଙ୍ଗ ଭାରତୀ' ଯେଉଁ ପୁସ୍ତିକା ପ୍ରକାଶ କରିଥିଲେ, ତହିଁରେ ଭଞ୍ଜଙ୍କର ୬୨ ଖଣ୍ଡ ପୁସ୍ତକର ନାମ ପ୍ରଦାନ କରାଯାଇଛି । ତାହା ଏଠାରେ ପ୍ରଦାନ କରାଗଲା—

**ପ୍ରକାଶିତ-**

(୧) ବୈଦେହୀଶ ବିଳାସ, (୨) ଲାବଣ୍ୟବତୀ, (୩) କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ, (୪) ପ୍ରେମ ସୁଧାନିଧି, (୫) ରସିକ ହାରାବଳୀ, (୬) ଅବନା ରସ ତରଙ୍ଗ, (୭) ଛାନ୍ଦଭୂଷଣ, (୮) ରାମଲୀଳାମୃତ, (୯) ଚିତ୍ରକାବ୍ୟ ବନ୍ଧୋଦୟ, (୧୦) ସୁଭଦ୍ରା ପରିଣୟ, (୧୧) ସୁବର୍ଣ୍ଣରେଖା, (୧୨) ଭାବବତୀ, (୧୩) ଚଉପଦୀ ଭୂଷଣ, (୧୪) ଚଉପଦୀ ଚନ୍ଦ୍ର, (୧୫) ରସପଞ୍ଚକ, (୧୬) ଗୀତାଭିଧାନ, (୧୭) ଯମକ-ରାଜ ଚଉତିଶା, (୧୮) କଳା କଉତୁକ, (୧୯) ସଙ୍ଗୀତ ଉପେନ୍ଦ୍ର ଭଞ୍ଜ, (୨୦) ଦଶପୋଇ, (୨୧) ଚଉପଦହାର, (୨୨) ବଜାର ବୋଲି ।

**ଅପ୍ରକାଶିତ—**

(୧) ରାଧାଲୀଳା, (୨) ବ୍ରଜଲୀଳା, (୩) ଶ୍ରୀକୃଷ୍ଣ ବିହାର, (୪) କୁଞ୍ଜ-ବିହାର, (୫) ରସଲେଖା, (୬) ତ୍ରୈଲୋକ୍ୟମୋହିନୀ, (୭) ଲତା, (୮) ମୁକ୍ତାବଳୀ, (୯) ଚନ୍ଦ୍ରକଳା, (୧୦) ଶୋଭାବତୀ, (୧୧) କଳାବତୀ, (୧୨) ରସମଞ୍ଜୁଷା, (୧୩) ଇଚ୍ଛାବତୀ, (୧୪) ହେମ ମଞ୍ଜୁଷା, (୧୫) ଚିତ୍ରଲେଖା, (୧୬) ପ୍ରେମଲତା, (୧୭) ମନୋରମା, (୧୮) ଅନଙ୍ଗ ରଙ୍ଗିଣୀ, (୧୯) ଶଶି-ରେଖା, (୨୦) ମିଳନ ମଞ୍ଜୁଷା, (୨୧) ରସନିଧି, (୨୨) ବଚନ ତରଙ୍ଗିଣୀ, (୨୩) କଳ୍ପିତ କଳ୍ପଲେଖା, (୨୪) ରତ୍ନଦୀପ ଚନ୍ଦ୍ରକା, (୨୫) ଛଅ ପୋଇ, (୨୬) ନଅ ପୋଇ, (୨୭) ବାର ପୋଇ, (୨୮) ଷୋଳ ପୋଇ, (୨୯) କଟପାଦ୍ମା, (୩୦) ହାସ୍ୟାର୍ଣ୍ଣବ, (୩୧) ସଙ୍ଗୀତ କୌମୁଦୀ, (୩୨) ବାର-ମାସୀ, (୩୩) ଦୁର୍ଗାସ୍ତୁତି, (୩୪) ଗଜନିସ୍ତାରଣ, (୩୫) ଗରୁଡ଼ ଗୀତା, (୩୬) କାଳକଣ୍ଟକ, (୩୭) ଷଡ଼ଋତୁ, (୩୮) ପୁରୁଷୋତ୍ତମ ମାହାତ୍ମ୍ୟ, (୩୯) ଛତିଶ ରାଗ, (୪୦) ଚମ୍ପୂସାୟକ ।

କିନ୍ତୁ, ଖ୍ରୀ: ୧୯୫୦ ରେ ତାଙ୍କର ଯେଉଁ ଭଞ୍ଜୀୟ କବିତାର ଇଂରାଜୀ ଅନୁବାଦ 'Kabisamrat Upendra Bhanja Souvenir' ନାମରେ ପ୍ରକାଶିତ ହୋଇଥିଲା, ତହିଁରେ ମଧ୍ୟ ସର୍ବମୋଟ ୬୨ ଖଣ୍ଡ ବହିର ତାଲିକା ଦିଆ ଯାଇଥିଲା ଓ ତଳଲିଖିତ ୨ ଖଣ୍ଡି ବହିର ନାମ ତହିଁରେ ଥିଲା; ଯଥା :— ଅନଙ୍ଗରେଖା, ନୂପୁର ସୁନ୍ଦରୀ । ଖ୍ରୀ: ୧୯୫୧ ରେ ଡଚ୍ଛନ୍ଦ ବାବୁ ଜାଣିପାରିଛନ୍ତି ଯେ, ଭୁଲକ୍ରମେ ଏ ଦୁଇଟି ପୁସ୍ତକର ନାମ ଭଞ୍ଜଙ୍କ ତାଲିକାରେ ଅନ୍ତର୍ଭୁକ୍ତ କରାଯାଇଛି । ସେଥିପାଇଁ ଏ ଦୁଇଟିକୁ ବାଦ୍ ଦେଇ ଅନ୍ୟ ଦୁଇଟି ପୁସ୍ତକର ନାମ ସଂଯୋଗ କରି ମୋଟ ସଂଖ୍ୟା ୬୨ ରଖିଅଛନ୍ତି ।

## ପରିଶିଷ୍ଟ—୨

# ଭଞ୍ଜଙ୍କର ପ୍ରକାଶିତ ପୁସ୍ତକ ସଂଖ୍ୟା

ଏହି ଗ୍ରନ୍ଥର ୪୪୪ ପୃଷ୍ଠାରେ କୁହାଯାଇଛି ଯେ, ଭଞ୍ଜଙ୍କ ମୋଟ ପ୍ରକାଶିତ ପୁସ୍ତକ ସଂଖ୍ୟା ହେଉଛି ୨୭ । କିନ୍ତୁ, ୪୮୭ ପୃଷ୍ଠାରେ କୁହାଯାଇଛି, ଭଞ୍ଜଙ୍କର 'ରସିକାନୁରକ୍ତା' ନାମକ ରଚନା ପ୍ରକାଶ ପାଇଥିବା କଥା ଏହା ପରେ ଏହି ଲେଖକର ଦୃଷ୍ଟିକୁ ଆସିଛି । ସୁତରାଂ, ଭଞ୍ଜଙ୍କର ଅଦ୍ୟାବଧି ପ୍ରକାଶିତ ପୁସ୍ତକ ସଂଖ୍ୟା ୨୮ ବୋଲି ବୁଝିବାକୁ ହେବ ।

'ହରହାନୁରକ୍ତା'ର କବିତାଗୁଡ଼ିକ ଭଞ୍ଜଙ୍କର ବୋଲି ଅନୁଭୂତ ହୁଏ । ଏପରିକି, କେତେକ ପଦ ଭଞ୍ଜଙ୍କର ଅନ୍ୟ ରଚନାରୁ ସଂଗୃହୀତ ହୋଇ, ସାମାନ୍ୟ ପରିବର୍ତ୍ତିତ ସହିତ ଏଥିରେ ସନ୍ନିବେଶିତ ହୋଇଥିବାର ଜଣାଯାଏ । ତେବେ, ଶେଷ ଭାଗରେ ଥିବା 'ଗଞ୍ଜାମ ଜିଲ୍ଲା' ଗର୍ଭିତ ପଦ ପରବର୍ତ୍ତୀ କାଳରେ ରଚିତ ହୋଇ ପ୍ରକ୍ଷିପ୍ତ ହୋଇଥିବା କେହି କେହି ଅନୁମାନ କରନ୍ତି । ଯାହାହେଉ, ଅଦ୍ୟାବଧି ମୋଟ ପ୍ରକାଶିତ ରଚନା ୨୮ ବୋଲି ବୁଝିବାକୁ ହେବ ।

## ପରିଶିଷ୍ଟ—୩

# ଭଞ୍ଜ-ମଣ୍ଡପ

ଓଡ଼ିଶାର ନୂତନ ରାଜଧାନୀ ଭୁବନେଶ୍ୱରରେ ମହାକବି ରବୀନ୍ଦ୍ରନାଥଙ୍କର ଗୌରବ ଗାନ ଓ ସ୍ମୃତି-ତର୍ପଣ ନିମନ୍ତେ 'ରବୀନ୍ଦ୍ର ମଣ୍ଡପ' ନିର୍ମିତ ହୋଇଅଛି । କଟକ, ଭୁବନେଶ୍ୱର, ରାଉରକେଲା ପ୍ରଭୃତିଠାରେ ଅନୁଷ୍ଠିତ ଭଞ୍ଜ-ଜୟନ୍ତୀ ଉତ୍ସବମାନଙ୍କରେ ବହୁ ବକ୍ତା ରବୀନ୍ଦ୍ର ମଣ୍ଡପର ଅନୁରୂପ 'ଉପେନ୍ଦ୍ର-ମନ୍ଦିର'

ବା 'ଭଞ୍ଜ-ମଣ୍ଡପ' ନିର୍ମାଣ କରାଯାଉ ବୋଲି ଦାବି କରି ଆସୁଅଛନ୍ତି । ରାଉରକେଲାରେ ଏଥିଲାଗି ସ୍ଥାନ ନିରୂପିତ ହୋଇ ସାମାନ୍ୟ କାର୍ଯ୍ୟାରମ୍ଭ ହୋଇଥିଲେ ମଧ୍ୟ, ସୌଧ ନିର୍ମାଣରେ ଅଗ୍ରଗତି ହୋଇ ପାରି ନାହିଁ । କଟକରେ 'କଳିଙ୍ଗ ଭାରତୀ' ବହୁ ପ୍ରଯତ୍ନ କରି ମଧ୍ୟ, ଆଶାନୁରୂପ ସାଫଲ୍ୟ ଲାଭ କରି ପାରି ନାହାନ୍ତି । ଭୁବନେଶ୍ୱରରେ ବିଶେଷ କିଛି ହୋଇ ପାରି ନାହିଁ ।

ଏ କ୍ଷେତ୍ରରେ ସୁନାବେଡ଼ାର କୃତିତ୍ୱ ଏକାବେଳକେ ପ୍ରଶଂସନୀୟ ଏବଂ ଉଲ୍ଲେଖଯୋଗ୍ୟ । ଶ୍ରୀଯୁକ୍ତ ଏ. ଏନ୍ ତିୱାରୀ (ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ଓ ସାଂସ୍କୃତିକ ବ୍ୟାପାର ବିଭାଗର ସେକ୍ରେଟେରୀ) ସୁନାବେଡ଼ାରେ ମୁଖ୍ୟ ପ୍ରଶାସକ ଥିଲାବେଳେ, ବହୁ ଲକ୍ଷ ଟଙ୍କା ବ୍ୟୟରେ 'ଭଞ୍ଜ-ମଣ୍ଡପ' ନିର୍ମାଣ କରାଇ ଯେଉଁ ଅନନ୍ୟସାଧାରଣ କୃତବିଦ୍ୟତାରେ ଯଶସ୍ୱୀ ହୋଇଅଛନ୍ତି, ତାହା ଭଞ୍ଜ-ସ୍ମୃତିରକ୍ଷା କ୍ଷେତ୍ରରେ ଓଡ଼ିଶାର ଏକ ମହନୀୟ ସଦୁଦ୍ୟମ ଭାବେ ଭଞ୍ଜ-ସାହିତ୍ୟ-ସେବକମାନଙ୍କୁ ଅନୁକମ୍ପିତ କରିଦେଇଛି । ଏକ ସମୟରେ ଗୋଦାବରୀ ନଦୀ ପର୍ଯ୍ୟନ୍ତ କଳିଙ୍ଗ ଦେଶ ବିସ୍ତୃତ ଥିଲା । ରାୟ ରାମାନନ୍ଦ ପଟ୍ଟନାୟକଙ୍କ ସମୟରେ ସୁଦୂର ରାଜମହେନ୍ଦ୍ରୀ ଥିଲା କଳିଙ୍ଗ କୃଷ୍ଟିର ଏକ ବରେଣ୍ୟ ପୀଠ । କିନ୍ତୁ କାଳର ବିଚିତ୍ର ବିବର୍ତ୍ତନରେ, କୋରାପୁଟ ଜିଲା ବହୁକାଳ ଧରି ମାନ୍ଦ୍ରାଜ ପ୍ରଦେଶର ଅନ୍ତର୍ଗତ ରହିବା ଫଳରେ, ଦକ୍ଷିଣ-ଓଡ଼ିଶା ସୀମାନ୍ତର ଏହି ସମୃଦ୍ଧ ଅଞ୍ଚଳ ସାଂସ୍କୃତିକ-ଓଡ଼ିଶାରୁ ଟିକିଏ ବିଚ୍ଛିନ୍ନ ହୋଇଗଲା ପରି ଅନେକଙ୍କର ଧାରଣା ହେଉଥିଲା । ଶ୍ରୀଯୁକ୍ତ ଏ ଏନ୍ ତିୱାରୀ ମହୋଦୟ ସେହି ସୀମାନ୍ତ ଅଞ୍ଚଳର ଅନ୍ୟତମ ଆଲୋକିତ-ପୀଠ ସୁନାବେଡ଼ାଠାରେ 'ଭଞ୍ଜ-ମଣ୍ଡପ' ନିର୍ମାଣ ଦ୍ୱାରା ଜାତୀୟ ମହାକବିଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ କରିବା ସଙ୍ଗେ ସଙ୍ଗେ, ଭଞ୍ଜ ସ୍ମୃତି-ସୌଧ ନିର୍ମାଣ କ୍ଷେତ୍ରରେ ଅନୁକରଣୀୟ କୃତିତ୍ୱ ଅର୍ଜନ କରିଅଛନ୍ତି । ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ମହାକବି ଉପେନ୍ଦ୍ରଙ୍କର ସ୍ମୃତିରକ୍ଷା ଦିଗରେ ଏଭଳି ସଦୁଦ୍ୟମ ସାଧିତ ହେଉ—ଏହା ହିଁ କାମନା ।

## ପରିଶିଷ୍ଟ—୪

# ଭଞ୍ଜଙ୍କ ସଂସ୍କୃତ ରଚନା : 'ବସନ୍ତ ରାସ'

ଭଞ୍ଜଙ୍କ ସଂସ୍କୃତ ରଚନା ସମ୍ପର୍କରେ ଏହି ଗ୍ରନ୍ଥର ୪୫୮ ପୃଷ୍ଠାରୁ ୪୬୧ ପୃଷ୍ଠା ମଧ୍ୟରେ ଆଲୋଚନା କରାଯାଇଛି । ବିଶେଷତଃ, ୪୬୦ ପୃଷ୍ଠାରେ ଉଲ୍ଲେଖ କରାଯାଇଛି ଯେ, "ଭଞ୍ଜଙ୍କର 'ବସନ୍ତ ରାସ' ନାମକ ସଂସ୍କୃତ ରଚନା ଥିବା କଥା ଜଣାଯାଉଛି ।"

ଏ ସ୍ଥଳରେ ଗଭୀର ଦୁଃଖର ସହିତ ଜଣାଇ ଦିଆଯାଉଛି ଯେ, ଯେଉଁ ପଣ୍ଡିତ ମହୋଦୟ ଏହି ଅଂଶ ଲେଖାଯିବାର ପ୍ରାକ୍‌କାଳରେ ଏହି ସମ୍ବାଦ ଦେଇଥିଲେ, ସେ ମହାଶୟ ଏ ପୁସ୍ତକର ମୁଦ୍ରଣ କାର୍ଯ୍ୟ ଶେଷ ହେବା ପୂର୍ବରୁ, ସେ ଦେଇଥିବା ତାଙ୍କର ଶ୍ରୁତପୂର୍ବ ସମ୍ବାଦର ଅସତ୍ୟତା ହେତୁ ଦୁଃଖ ପ୍ରକାଶ କରିଅଛନ୍ତି । ସୁତରାଂ, ଏହି ଲେଖକ ଏଥିପାଇଁ ଗଭୀର ଭାବରେ ଦୁଃଖିତ । ଭଞ୍ଜଙ୍କର ଯେଉଁ ଅପ୍ରକାଶିତ ପୁସ୍ତକ ତାଲିକା ଏ ଗ୍ରନ୍ଥରେ ସମାବେଶିତ, ତନ୍ମଧ୍ୟରୁ କେତୋଟିର ଭାଗ୍ୟରେ ଏଭଳି ଘଟଣା ଯେ ନ ଘଟିବ, କହି ହେଉ ନାହିଁ ।

## ପରିଶିଷ୍ଟ—୫

# ଭଞ୍ଜଙ୍କ ବୃଦ୍ଧାଂଶ

[ ମୋର 'ଉପେନ୍ଦ୍ର ଭଞ୍ଜ ଜୀବନୀ' ନାମକ ପୁସ୍ତିକା ୧୯୫୫ରେ ପ୍ରକାଶ ପାଇଥିଲା । ତା ୧୬-୫-୫୯ରେ ଶ୍ରୀ କେଶବ ଚନ୍ଦ୍ର ମେହେର ଏହି ପୁସ୍ତିକାର ସମାଲୋଚନା କରି ଦୈନିକ 'ସମାଜ'ରେ ପ୍ରକାଶ କରିଥିଲେ । ତାହା ପରେ ମୁଁ ଦୈନିକ 'ସମାଜ'ରେ ସେହି ସମାଲୋଚନାର ଉତ୍ତର ଦେଇଥିଲି । ତଳେ ଯାହା ଉଦ୍ଧାର କରାଯାଇଛି, ତାହା ସେହି 'ଉତ୍ତର'ର ଅନ୍ତର୍ଗତ । ]

"ବାବୁ ଶ୍ରୀ କେଶବଚନ୍ଦ୍ର ମେହେର ୧୬-୫-୧୯୫୯ 'ସମାଜ' ୩ୟ ପୃଷ୍ଠା—ଷଷ୍ଠ ସ୍ତମ୍ଭରେ ଲେଖିଛନ୍ତି —"ଶ୍ରୀ ରାଜା ଭଞ୍ଜଙ୍କ ବୋଟାନି ପ୍ରେମ ପରିଚୟ

ସୁଦ୍ଧା ପଢ଼ି ନାହାନ୍ତି ।'' ତେବେ ଏଭଳି ଭାଷା ଓ ବ୍ୟାକରଣଗତ ଅଶୁଦ୍ଧି ତାଙ୍କ ଲେଖାରୁ ବାହାର କରି ଏଠାରେ ଦେଖାଇବା ପାଇଁ ସ୍ଥାନ ନାହିଁ । ତାଙ୍କ ଲେଖା ପଢ଼ି ମୋତେ ଇଂରାଜୀ ପ୍ରବଚନ ମନେ ପଡ଼ିଲା—"Fools rush in where angels fear to tread." ଶ୍ରୀ ମେହେରଙ୍କ ମତରେ ମଧ୍ୟ 'ଉପେନ୍ଦ୍ର ଭଞ୍ଜ ଜୀବନୀ'ଟି ସୁକୁମାରମତି ବାଳକଙ୍କ ପାଇଁ ଉଦ୍ଦିଷ୍ଟ । ଯେଉଁ ଭୁଲରୁ ଏହା ବାହାରିଛି, ସେହି ଭୁଲରୁ ଫୁଟିପଡ଼ୁଛି—'ପିଲାଙ୍କ ପାଇଁ ଯେଉଁ ବହିରୁ ଯେଉଁ ବିଷୟ ଉଦ୍ଧାର କରାଯିବ, ସେ ବହିର ସଂସ୍କରଣ ସଂଖ୍ୟା, ପୃଷ୍ଠାସଂଖ୍ୟା ଓ ଧାଡ଼ିସଂଖ୍ୟା ମଧ୍ୟ ଦିଆଯିବ ।' ଶ୍ରୀ ମେହେରଙ୍କ ଲେଖାରୁ ଜଣାପଡ଼ିଲା, ସେ ବିଛାମନ୍ତ୍ର ସୁଦ୍ଧା ଶିଖି ନାହାନ୍ତି, କିନ୍ତୁ ନାଗସାପ ଗାତରେ ହାତ ପୂରାଇବାକୁ ସାହସ କରିଛନ୍ତି । ତାଙ୍କ ଲେଖାରୁ ଭଞ୍ଜ-ସାହିତ୍ୟରେ, ଏପରିକି ସାଧାରଣ ଓଡ଼ିଆ ସାହିତ୍ୟରେ ତାଙ୍କର କିଛି ପ୍ରବେଶ ଥିବାର ସୂଚନା ମିଳିଥିଲେ, ତାଙ୍କୁ କିଛି ଉତ୍ତର ଦେବା ଦରକାର ହୋଇଥାନ୍ତା । ଯଦି ବର୍ତ୍ତମାନ କେହି କହେ, 'ଓଡ଼ିଆ ଭାଷାରେ କୌଣସି ବହି ଛପାଯାଇ ନାହିଁ'—ତାକୁ ତ ଲୋକେ ପାଗଳ କହିବେ, କିନ୍ତୁ ସେ ମତକୁ ଖଣ୍ଡନ କରିବା ପାଇଁ ଯେ ଲେଖନୀ ଧରିବ, ତାକୁ ମଧ୍ୟ 'ବଡ଼ ପାଗଳ' କୁହାଯିବ । ମୋର ଏହି ଭଞ୍ଜଙ୍କ ଜୀବନୀ ପୁସ୍ତିକାଟିର ଯେଉଁ ଅଂଶଗୁଡ଼ିକ ଭୁଲ ବୋଲି ସେ ଦର୍ଶାଇଛନ୍ତି, ତାହା ପଢ଼ିଲେ ଜଣାଯାଏ ଯେ, ଭଞ୍ଜ-ସାହିତ୍ୟ ଆଲୋଚନାର ବହୁଦୂରରେ ଶ୍ରୀ ମେହେର ରହିଛନ୍ତି । ଶ୍ରୀ ମେହେର ପିଲାଦିନେ ଯାହା ପଢ଼ିଥିଲେ, ତାକୁହିଁ ଭଞ୍ଜଙ୍କ ସମ୍ପର୍କରେ ଶେଷ ସିଦ୍ଧାନ୍ତ ବୋଲି ଧରି ନେଇଛନ୍ତି । ଏ ମଧ୍ୟରେ କେତେ କ'ଣ ଆଲୋଚନା ହୋଇଗଲାଣି, ସେ ସବୁ ତାଙ୍କ ଦୃଷ୍ଟିକୁ ମୋଟେ ଆସି ନାହିଁ, —ନ ଆସିବାର କଥା । ଏ ମଧ୍ୟରେ ହେଉଥିବା ଭଞ୍ଜ-ସାହିତ୍ୟ ଆଲୋଚନାର ଖବର ସେ ରଖିପାରି ନାହାନ୍ତି । ତା ନ ହେଲେ, ସେ ଦୀନକୃଷ୍ଣ ଓ ଉପେନ୍ଦ୍ରଙ୍କ କଥାବାର୍ତ୍ତା ସମ୍ପର୍କୀୟ ଗଳ୍ପକୁ ( ଯାହାକି ଏକାଧିକ ଗ୍ରନ୍ଥରେ ଲିପିବଦ୍ଧ ହୋଇଛି ) 'ବ୍ରହ୍ମାଙ୍କ ମନଗଢ଼ା କଥା' ବୋଲି ପ୍ରଳାପ କରି ନ ଥାନ୍ତେ ।

ମୁଁ ସେ ପୁସ୍ତିକାରେ ଲେଖିଛି, "ଉପେନ୍ଦ୍ର ଭଞ୍ଜ 'କଳା କଉତୁକ' କାବ୍ୟରେ 'କୃଷ୍ଣ' ଶବ୍ଦଟିକୁ ଗୋଟିଏ ମାତ୍ର ପଦର ଆଦ୍ୟରେ ରଖିବ ବୋଲି ପ୍ରତିଜ୍ଞା କରିଥିବାର ( 'ରସକଲ୍ଲୋଳ ସମୀକ୍ଷା' ପୁସ୍ତକରେ ଏ କିମ୍ବଦନ୍ତୀର ବିସ୍ତୃତ ବିବରଣୀ ଦିଆଯାଇଛି ) କିମ୍ବଦନ୍ତୀରୁ ଜଣାଯାଏ ।" ଶ୍ରୀ ମେହେରଙ୍କର

ବୁଝିବା, ଶକ୍ତି ଥିଲେ କୌଣସି ପଦର ଆରମ୍ଭରେ ଥରେ ସୁଦ୍ଧା 'କୃଷ୍ଣ' ଶବ୍ଦ ପ୍ରୟୋଗ ହୋଇ ନ ଥିବା ଦେଖାଇ କମ୍ପଦର୍ପୀର ତାତ୍ତ୍ୱିକ ବ୍ୟଞ୍ଜନା ଦୃଷ୍ଟିରୁ ରହସ୍ୟ ଉଦ୍‌ଘାଟନମୂଳକ ଏକ ଜଟିଳ ପ୍ରଶ୍ନ ଉଠାଇ ପାରିଥାନ୍ତେ । କିନ୍ତୁ 'ଆଦ୍ୟ' ଶବ୍ଦର ଅର୍ଥ 'ମଝି' ବୋଲି ସେ ବୁଝିଲେ ! 'କଳା କଉତୁକ' କାବ୍ୟରେ ପଦ ମଝିରେ ଯେଉଁଠି ଯେଉଁଠି 'କୃଷ୍ଣ' ଶବ୍ଦ ପ୍ରୟୋଗ ହୋଇଛି, 'ସମାଜ' ଭଳି ବିଖ୍ୟାତ ଦୈନିକ ପତ୍ରିକାର ଏକ ସ୍ତମ୍ଭ ନଷ୍ଟ କରି ତହିଁର ତାଲିକା ଦେଇ ସେ ତାଙ୍କର ପାଣ୍ଡିତ୍ୟ ଦେଖାଇଛନ୍ତି । ମୋ ବହିରେ ଲେଖାଅଛି, ପଦର ଆରମ୍ଭରେ 'କୃଷ୍ଣ' ଶବ୍ଦ ପ୍ରୟୋଗ କଥା; ମାତ୍ର ଶ୍ରୀ ମେହେରଙ୍କ ଲେଖାରେ ଯେତେ ପଦ ଉଦ୍ଧାର କରାଯାଇଛି, କୌଣସିଠାରେ ତ ପଦର ଆଦ୍ୟରେ 'କୃଷ୍ଣ' ଶବ୍ଦ ଦେଖାଇ ଦିଆଯାଇ ନାହିଁ ! 'ଆଦ୍ୟ' ଓ 'ମଧ୍ୟ' ଭିତରେ କଣ ଅର୍ଥଗତ ପ୍ରଭେଦ କିଛି ନାହିଁ ?

ମୁଁ ଲେଖିଥିଲି, ଭଞ୍ଜ କେବଳ 'କ'ଅକ୍ଷରରେ ପଦଯୋଡ଼ି 'ପ୍ରେମସୁଧାନିଧି'ର ଶେଷ ଛାନ୍ଦରେ ସନ୍ନିବେଶିତ କଲେ । ଏଥିରୁ ଶ୍ରୀ ମେହେର ବୁଝିଲେ, କେବଳ 'କ' ଅକ୍ଷରରେ ସେ ଅନେକଗୁଡ଼ିଏ ପଦ ରଚନା କରିଥିଲେ ବୋଲି ବ୍ରହ୍ମାଙ୍କ ମତ । ଥରେ ଜଣେ ବେସିକ୍ ସ୍କୁଲ ଶିକ୍ଷକ ତଳେ ଉଦ୍ଧାର କରାଯାଇଥିବା ବାକ୍ୟଟି କୌଣସି ଏକ ବହିରୁ ପଢ଼ି ବାକ୍ୟର ଲେଖକଙ୍କ ଉପରେ ଖଡ଼୍ଗହସ୍ତ ହେଲେ । ବାକ୍ୟଟି ହେଉଛି—"ଗୋପବନ୍ଧୁ ସତ୍ୟବାଦୀରେ ଉଚ୍ଚ ବିଦ୍ୟାଳୟ ପ୍ରତିଷ୍ଠା କଲେ" । ଶିକ୍ଷକଙ୍କ ମତରେ ଏ ବାକ୍ୟ ଯେ ଲେଖିଛନ୍ତି, ସେ (ଶ୍ରୀ ମେହେରଙ୍କ ଦୃଷ୍ଟିରେ ବ୍ରହ୍ମାଙ୍କ ଭଳି) ଲୋକଙ୍କୁ ଭୁଲ ଧାରଣା ଦେଇଛନ୍ତି । କାରଣ, ସତ୍ୟବାଦୀରେ ଗୋପବନ୍ଧୁ କେତୋଟି ଉଚ୍ଚବିଦ୍ୟାଳୟ ସ୍ଥାପନ କଲେ, ତାହା ଏ ବାକ୍ୟରୁ ଜଣାଯାଉ ନାହିଁ । ତେଣୁ ଲେଖକ ଗୋପବନ୍ଧୁଙ୍କ ବିଷୟରେ କିଛି ଜାଣିନାହାନ୍ତି !" ଯାହାହେଉ 'ପ୍ରେମ ସୁଧାନିଧି' ଶେଷ ଛାନ୍ଦରେ କେବଳ 'କ' ଅକ୍ଷରରେ ପଦଥିବାର ଜାଣିପାରି ଶ୍ରୀ ମେହେର ସେହି ପଦଟି ଉଦ୍ଧାର କରିବାରେ ଯେଉଁ ଶ୍ରମସ୍ୱୀକାର କରିଛନ୍ତି ଓ ସାଧନାର ପରାକାଷ୍ଠା ଦେଖାଇଛନ୍ତି, ସେଥିପାଇଁ ସେ ପ୍ରଶଂସାର୍ହ !!

ମୁଁ ଲେଖିଥିଲି, 'ପ୍ରେମ ସୁଧାନିଧି' ଓ 'କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ'ର ଦୁଇଟି ଛାନ୍ଦ ବଡ଼ ଗୁରୁତ୍ୱପୂର୍ଣ୍ଣ । କିନ୍ତୁ କେଉଁ ସଂସ୍କରଣର କେତେ ପୃଷ୍ଠାରେ ସେ ଛାନ୍ଦଟିମାନ ଅଛି ଓ ସେ ଦୁଇଟି କେତେ ନମ୍ବର ଛାନ୍ଦ, ତାହା ବାଳକଙ୍କ

ପାଇଁ ଲିଖିତ ଏହି ପୁସ୍ତିକାରେ ଗବେଷଣାତ୍ମକ ପୁସ୍ତକ ଭଳି ସୂଚୀ ହୋଇ ନ ଥିବାରୁ ଶ୍ରୀମେହେର ଏକାବେଳକେ ସିଦ୍ଧାନ୍ତ କରିଛନ୍ତି ଯେ, ଶ୍ରୀ ବ୍ରହ୍ମା ଭଞ୍ଜଙ୍କର ଏ ଦୁଇ ବହି ମୋଟେ ପଢ଼ିନାହାନ୍ତି । ସେଦିନ ବରଗଡ଼ର ଏକ ସଭାରେ ଜଣେ ପଣ୍ଡିତ ଗୀତାର ଶ୍ଳୋକଟିଏ ଉଦ୍ଧାର କରି ପ୍ରସଙ୍ଗୋଚିତ ବ୍ୟାଖ୍ୟାନ କଲେ । ଶ୍ରୋତାଙ୍କ ଭିତରୁ ଜଣେ ତା ପାଖ ଲୋକଙ୍କୁ କହିଲା— 'ଏ ପଣ୍ଡିତେ ମୋଟେ ଗୀତା ପଢ଼ିନାହାନ୍ତି । କାରଣ, ଶ୍ଳୋକଟା ବୋଲିବା ସଙ୍ଗେ ସଙ୍ଗେ ତାହା କେଉଁ ଅଧ୍ୟାୟର କେଉଁ ଶ୍ଳୋକ, ତାହା କହିଲେ ନାହିଁ ।

ମୁଁ ଲେଖିଥିଲି, 'ବୈଦେହୀଶ ବିଳାସ' ମୂଳରେ ପଞ୍ଚଦେବତା ଓ ରାମ ଏହି ଛଅ ଦେବତାଙ୍କ ସ୍ତୁତି କରାଯାଇଛି । ଗତ କୋଡ଼ିଏ ବର୍ଷଧରି ଓଡ଼ିଶାର ବିଭିନ୍ନ ସ୍ଥଳରେ ଭଞ୍ଜ ସାହିତ୍ୟର ଯେଉଁସବୁ ଆଲୋଚନା ହେଉଛି, ଶ୍ରୀ ମେହେର ତାହା କେବେ ପଢ଼ିନାହାନ୍ତି କି ଶୁଣି ନାହାନ୍ତି ବୋଲି ତାଙ୍କ ଲେଖାରୁ ଜଣାପଡ଼ୁଛି । 'ବୈଦେହୀଶ ବିଳାସ' ପ୍ରଥମ ଛାନ୍ଦ ୩ୟ ପଦଟିକୁ ଉଦ୍ଧାର କରିଦେଇ ତହିଁରୁ ଯେତିକ ବୁଝିଲେ, ତାକୁ ଚରମ ସିଦ୍ଧାନ୍ତ ବୋଲି ସେ ମନେକରିଛନ୍ତି । ଏହା ପଢ଼ିଲେ, ଦୁର୍ବିଦଗ୍ଧ ପାଠକଙ୍କୁ ମର୍କଟ ସଙ୍ଗେ ତୁଳନା କରି ଭଞ୍ଜ 'ଲାବଣ୍ୟ-ବତୀ'ରେ ଯାହା ଲେଖିଛନ୍ତି, ତାହା ହିଁ ସ୍ୱତଃ ମନକୁ ଆସିଯାଏ ।

ଭାରତକୁ ନୂଆକରି ଆସିଥିବା ପାଦ୍ରୀ ସାହେବଙ୍କ ପ୍ରଣୟ ଖିଆରେ ପାଦ୍ରୀଙ୍କ ଦାଢ଼ି ଅଯଥା କଷ୍ଟ ପାଇଲା ପରି, ବର୍ତ୍ତମାନ ଶ୍ରୀ ମେହେରଙ୍କୁ ଭଞ୍ଜୀୟ ଅଠା ଲାଗି ଯାଇଛି । ଦୁଇ ଦେବତାଙ୍କୁ ମାତ୍ର ଭଞ୍ଜେ ସ୍ତୁତି କରିଛନ୍ତି ବୋଲି କହିବାକୁ ଯାଇ ଶ୍ରୀ ମେହେର ଯେଉଁ ପଦଟି ଉଦ୍ଧାର କରିଛନ୍ତି, ତହିଁରେ କ'ଣ ଅଛି ଯେ, ମାତ୍ର ଦୁଇ ଦେବତା ହିଁ ତାଙ୍କର ବନ୍ଦନୀୟ ! ପ୍ରଥମ ପଦର (ବନ୍ଦଇ ଦୀନବାନ୍ଧବ ହରି) 'ହରି' ଶବ୍ଦରୁ ଛ' ଦେବତା ସୂଚିତ ହେଲା ପରି, ଶ୍ରୀ ମେହେରଙ୍କ ଉଦ୍ଧୃତ ଅଂଶରେ ଥିବା 'ବିଷ୍ଟର ଶ୍ରବା'ରୁ ପାଞ୍ଚଦେବତା ଓ ପରର ବର୍ଣ୍ଣିତ ସୂର୍ଯ୍ୟ— ଏଭଳି ଛ' ଦେବତାଙ୍କ ସ୍ତୁତି ପ୍ରକାଶ ପାଇବା କଥା ଭଞ୍ଜ-ଛାନ୍ଦାର୍ଥୀମାନେ ଜାଣନ୍ତି ।

ଶ୍ରୀ ମେହେର ଲେଖିଛନ୍ତି ଯେ, ଭଞ୍ଜଙ୍କ କୌଣସି ଗ୍ରନ୍ଥ ଥରେ ସୁଦ୍ଧା ନ ପଢ଼ି ଅଧ୍ୟାପକ ବ୍ରହ୍ମା କୋମଳମତି ବାଳକମାନଙ୍କ ଭବିଷ୍ୟତ ବଡ଼ ଅନ୍ଧକାରମୟ କରିଦେଇଛନ୍ତି । କିନ୍ତୁ ଦେଖାଯାଉଛି, ପରିପକ୍ୱମତି ବୋଲାଉଥିବା ଶ୍ରୀ ମେହେରଙ୍କ

ଘର ଲୋକଙ୍କର ବର୍ତ୍ତମାନ ହିଁ ଅନ୍ଧକାରମୟ ହୋଇ ରହିଛି । ଦେଶର ଦୁର୍ଭାଗ୍ୟ ଯେ, ଯିଏ ଯେତେବେଳେ ଯାହା ଆଲୋଚନା କରନ୍ତି, ସେ ଭାବନ୍ତି ଯେ, ସେ ହେଉଛନ୍ତି ପ୍ରଥମ ଆଲୋଚକ । ପଣ୍ଡିତ ନୀଳକଣ୍ଠ, 'ଫକୀର ମୋହନ ଗ୍ରନ୍ଥାବଳୀ'ର ଉପୋଦ୍‌ଘାତରେ ଜଣେ ପଣ୍ଡିତଙ୍କ ଅଜ୍ଞତାରେ ଦୁଃଖପ୍ରକାଶ କରି ତରୁଣ ଆଲୋଚକମାନଙ୍କୁ ପରାମର୍ଶ ଦେଇଛନ୍ତି ଯେ, ସେମାନେ ନିଜର ପୂର୍ବବର୍ତ୍ତୀ ଆଲୋଚକମାନଙ୍କ ମତ ଉପରେ ଦୃଷ୍ଟି ରଖି ଚର୍ଚ୍ଚା କରନ୍ତୁ । ଶ୍ରୀ ମେହେର ତାଙ୍କର ଏହି ସମାଲୋଚନାରେ ନୀଳକଣ୍ଠଙ୍କ ସୂଚିତ ବହୁ ଆଲୋଚକଙ୍କର ପ୍ରତିନିଧିତ୍ୱ ମାନି କରିଛନ୍ତି । ଶ୍ରୀ ମେହେରଙ୍କର ଆଉ ଯେଉଁଠି ସନ୍ଦେହ ଅଛି, ମୂଳ ଲେଖାକୁ ଆଉ ଥରେ ପଢ଼ିଲେ ବୁଝିଯିବେ ।

କାବ୍ୟକଳା ଓ ସମାଲୋଚନା, ଏ ଦୁଇଟିର କ୍ଷେତ୍ର ସ୍ୱତନ୍ତ୍ର । ସମାଲୋଚକମାନଙ୍କୁ ଭଞ୍ଜ ସତର୍କ ବାଣୀ ଶୁଣାଇ ଦେଇଛନ୍ତି । ଦୁନିଆର ନୀତି ହେଉଛି, ପରମ୍ପରାରେ ଯେଉଁମାନେ ଜ୍ଞାନ ଅର୍ଜ୍ଜନ କରିଛନ୍ତି, ତାଙ୍କଠାରୁ ଶିଖିବା ଉଚିତ । କୌଣସି କାବ୍ୟର କୌଣସି ପଦଟିଏ ପଢ଼ିଲେ, ପଣ୍ଡିତମାନଙ୍କ ମତ ବୁଝି ତାହାର ମହତ୍ତ୍ୱ ଓ ସୌନ୍ଦର୍ଯ୍ୟ କଳନା କରିବା ବିଧେୟ । କିନ୍ତୁ ନିଜର ହୃଦୟରେ ଯେଉଁ ସ୍ଥୂଳଅର୍ଥ ପ୍ରତିଭାତ ହୁଏ, ତାକୁ ପୁଞ୍ଜିକରି ସୂକ୍ଷ୍ମ ଓ ବିଶିଷ୍ଟ ଅର୍ଥ ପ୍ରକାଶ କରୁଥିବା ପଣ୍ଡିତମାନଙ୍କୁ ଅବଜ୍ଞା କରାଯାଏ ନାହିଁ । ଶ୍ରୀ ମେହେର ଆଉ କିଛି ନ ପଢ଼ି, ପ୍ରାୟ ୪୦ ବର୍ଷ ତଳେ ଅରୁଣୋଦୟ ପ୍ରେସରୁ ପ୍ରକାଶ ପାଇଥିବା 'ବୈଦେହୀଶ ବିଳାସ'ର ଟୀକା ଖଣ୍ଡିକ ଥରେ ଦେଖି ପାରିଥିଲେ, ମନକୁ ଯାହା ଆସିଲା, ତାହା ଲେଖି ପକାଇ ନ ଥାନ୍ତେ । ଯେଉଁମାନେ ଯେଉଁ କ୍ଷେତ୍ରରେ ରହି ଚର୍ଚ୍ଚା କରୁଛନ୍ତି, ତାଙ୍କଠାରୁ କିଛି କିଛି ଶିକ୍ଷା କରିବାକୁ ଚେଷ୍ଟା କରନ୍ତୁ । ବୋଧହୁଏ ତାଙ୍କରି ପାଇଁ କବି ଏ ଶ୍ଳୋକଟି ଲେଖିଥିଲେ—

"ବିପୁଳ ହୃଦୟୈକବେଦ୍ୟେଷ୍ୱିତ୍ୟନ୍ତ କାବ୍ୟେ ଜଡ଼ୋ ନ ମୌର୍ଖ୍ୟେଣ୍ୱ ।
ନିନ୍ଦତି କଂଚୁକମେବ ପ୍ରାୟଃ ଶୁଷ୍କସ୍ତନୀ ନାରୀ ।"

ପରିଶିଷ୍ଟ—୭

## କେତେକ ଉଦ୍ଧୃତର ସ୍ଥାନ ନିର୍ଦ୍ଦେଶ

୨—ଉଦ୍ଧୃତର ଶ୍ଲୋକ ତଳେ ରହିବ ( ରଘୁବଂଶ-୩।୪୯ )
୫—ଉଦ୍ଧୃତ କବିତା ତଳେ ରହିବ ( ପୃଷ୍ଠା ୨-୭ )
୧୩— " " (ପୃଷ୍ଠା ୩୦-୩୧ )
୩୧— " " (ରାଧାନାଥ ଜୀବନୀ, ପୃ-୭୩-୭୪ )
୨୭୨-୨୭୩— " " (ପ୍ରାକୃତ ସାହିତ୍ୟ ଓ ଗିର ଉତ୍କଳ ଇତିହାସ, ପୃଷ୍ଠା )
୨୭୬—ମନ୍ଦିର ଉଦ୍ଧୃତ ତଳେ ରହିବ ( ବାଲକାଣ୍ଡ ୭।୩ )

ପରିଶିଷ୍ଟ—୭

## କେତୋଟି ସୂଚନା

(୧) ଆଦ୍ୟବର୍ଣ୍ଣ ନିୟମରେ ରଚିତ କାବ୍ୟାଦିର ନାମର ପ୍ରଥମ ଅକ୍ଷରି ଯାହା, ତାହା ପ୍ରତି ପାଦର ଆଦ୍ୟବର୍ଣ୍ଣ ରୂପେ ଧରିନେବା ଭୁଲ ହେବ । ରସ କଲ୍ଲୋଳ, ଛପନ ପଦିଆ ପ୍ରଭୃତି ଏଥିର ଦୃଷ୍ଟାନ୍ତ ।

(୨) ଶ୍ରୀ ସତ୍ୟବାଦୀ ପଟ୍ଟନାୟକଙ୍କ 'କୃଷ୍ଣ କଥା କଲ୍ଲୋଳ' ମଧ୍ୟ ଏକ ଆଦ୍ୟବର୍ଣ୍ଣ ନିୟମର ରଚନା । ଏହା ୫୮୪-୫୮୫ ପୃଷ୍ଠାରେ ପ୍ରଦତ୍ତ ତାଲିକାରେ ସ୍ଥାନ ପାଇବାର କଥା ।

## ସହାୟକ ଗ୍ରନ୍ଥ ଓ ବିବିଧ ରଚନା

(ଓଡ଼ିଆ, ସଂସ୍କୃତ, ବଙ୍ଗଳା ଓ ହିନ୍ଦୀ ପୁସ୍ତକର ନାମ ଓ ଲେଖକଙ୍କ ନାମ, ସଂସ୍କରଣ ବା ପ୍ରକାଶ-ଅବ୍ଦ ପ୍ରଭୃତି ସହ)

କ୍ର: ସଂ: ରଚନା ଲେଖକଙ୍କ ନାମ ଏ ଗ୍ରନ୍ଥର କେଉଁ ପୃଷ୍ଠାରେ ଉଲ୍ଲିଖିତ

୧ ୨ ୩ ୪

---

୧ । ଅର୍ଚ୍ଚନା—କୁନ୍ତଳା କୁମାରୀ ସାବତ, ସଂ-୧ ୭୮

୨ । ଅଧ୍ୟାତ୍ମ ରାମାୟଣ ୨୭୬

୩ । ଅନଙ୍ଗରେଖା—ଧନଞ୍ଜୟ ଭଞ୍ଜ, ସଂ-୧ ୨୭୪, ୨୭୯, ୨୮୪

୪ । ଅନର୍ଘ ରାଘବ—ମୁରାରି ୫୧୮

୫ । ଅବକାଶ ଚିନ୍ତା—ଗୋପବନ୍ଧୁ ଦାସ ୫୮

୬ । ଅଭିଜ୍ଞାନ ଶାକୁନ୍ତଳମ୍—କାଳିଦାସ ୫୩୨

୭ । ଅମର କୋଷ—ଅମର ସିଂହ ୪୨୩

୮ । ଅମର ସନ୍ତାନ—ଶ୍ରୀଧର ଶତପଥୀ, ସଂ-୧ ୨୨, ୩୧୬, ୩୮୮, ୪୮୧

୯ । ଅମ୍ବିକା ବିଳାସ—ବ୍ରଜନାଥ ବଡ଼ଜେନା, ସଂ-୧ ୧୨୪, ୧୪୯, ୪୫୭

୧୦ । ଅଳଙ୍କାର ଶେଖର—କେଶବ ମିଶ୍ର ୨୨୦

୧୧ । ଅଳଙ୍କାର ସାହିତ୍ୟର କ୍ରମବିକାଶ—ଗୌରୀ କୁମାର ବ୍ରହ୍ମା, ସଂ-୧ ୨୪୭

୧୨ । ଆଧୁନିକ ଓଡ଼ିଆ ସାହିତ୍ୟର ଇତିହାସ—ବିନାୟକ ମିଶ୍ର, ସଂ-୧ ୬୦୮

୧୩ । ଆନନ୍ଦ ଲହରୀ—ଶଙ୍କରାଚାର୍ଯ୍ୟ ୧୬୩, ୩୦୫, ୫୩୪

୧୪ । ଇତିହାସ ଓ କିମ୍ବଦନ୍ତୀ—କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ସଂ-୧, ୧୯୬୩
ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ୧୪୫

୧୫ । ଇନ୍ଦ୍ରଧନୁ (ପତ୍ରିକା) ୩୩

୧୬ । ଉତ୍କଳ ଇତିହାସ—କୃପାସିନ୍ଧୁ ମିଶ୍ର, ସଂ-୨ ୯୩

୧୭ । ଉତ୍କଳ ଗୌରବ, ୧ମ ଖଣ୍ଡ—ଅନନ୍ତ ପଦ୍ମନାଭ ପଟ୍ଟନାୟକ; ସଂ-୧ ୩୫୯

୧୮ । ଉତ୍କଳ ଗୌରବ ମଧୁସୂଦନ—ନବକିଶୋର ଦାସ; ସଂ-୧ ୬୨

୧୯ । ଉତ୍କଳ ପ୍ରତିଭା—ମହେନ୍ଦ୍ର ପଟ୍ଟନାୟକ (୧୯୫୦) ୨୭୨

୨୦ । ଉତ୍କଳ ଦୀପିକା (ପତ୍ରିକା) ୪୧, ୪୨, ୪୩

| ୧ | ୨ | ୩ | ୪ |
|---|---|---|---|

୨୧ । ଉତ୍କଳ ସଙ୍ଗୀତ ପଦ୍ଧତି —ଶ୍ୟାମ ସୁନ୍ଦର ଧୀର ୧୧୬
୨୨ । ଉତ୍କଳ ସାହିତ୍ୟ (ପତ୍ରିକା—୨ମ ଭାଗ—୨ମ ସଂଖ୍ୟା) ୪୮୩, ୪୬୮
୨୩ । ଉତ୍କଳ ସାହିତ୍ୟର ଇତିହାସ—ତାରିଣୀ ଚରଣ ରଥ ୧୪୮, ୨୨୫, ୪୮୦
୨୪ । ଉତ୍ତର ରାମ ଚରିତ—ଭବଭୂତି ୫୩୪
୨୫ । ଉପେନ୍ଦ୍ର ଭଞ୍ଜ ଜୀବନୀ—ଗୌରୀ କୁମାର ବ୍ରହ୍ମା ୨୯୧, ୨୯୯
୩୫୫, ୩୫୬, ୩୬୧, ୩୬୪, ୪୮୫, ୫୧୦, ୫୧୪
୨୬ । ଉପେନ୍ଦ୍ର ଭଞ୍ଜ (ନାଟକ)—ମନୋରଞ୍ଜନ ଦାସ ୫୬୬
୨୭ । ଉଷା—ରାଧାନାଥ ରାୟ ୬
୨୮ । ଊଷାଭିଳାଷ – ଶିଶୁଶଙ୍କର ଦାସ (ପ୍ରାଚୀ) ୨୫୩
୨୯ । ଋତୁସଂହାର—କାଳିଦାସ ୨୨୧, ୪୫୬
୩୦ । ଓଡ଼ିଆ କବି ଓ କାବ୍ୟ—ନୀଳମଣି ମିଶ୍ର; ସଂ-୧ ୧୨୦
୩୧ । ଓଡ଼ିଆ ଭାଷା ଓ ସାହିତ୍ୟ—ନୀଳକଣ୍ଠ ଦାସ ୨୦୧, ୫୬୬, ୫୬୭
୩୨ । ଓଡ଼ିଆ ଭାଷାତତ୍ତ୍ୱ—ଗୋପୀନାଥ ନନ୍ଦ—ସଂ-୧ ୧୩
୩୩ । ଓଡ଼ିଆ ସାହିତ୍ୟର ଭୂମିକା—ଗୋପାଳ ଚନ୍ଦ୍ର ମିଶ୍ର ୫୬୯, ୫୮୦
୩୪ । ଓଡ଼ିଆ ସାହିତ୍ୟର ଆଦିପର୍ବ—ସୁରେନ୍ଦ୍ର ମହାନ୍ତି, ସଂ-୧ ୨୦୦
୩୫ । ଓଡ଼ିଆ ସାହିତ୍ୟର ଇତିହାସ—ସୂର୍ଯ୍ୟନାରାୟଣ ଦାଶ ଓ ବିନାୟକ ମିଶ୍ର
୧୨୪, ୧୮୮, ୨୦୦, ୨୫୦, ୨୫୩, ୩୬୩, ୪୦୯, ୪୩୦, ୪୩୫,
୪୮୨, ୪୯୫, ୫୦୧, ୫୦୬, ୫୬୫, ୫୮୦, ୫୮୩, ୫୯୧, ୬୦୬
୩୬ । ଓଡ଼ିଆ ସାହିତ୍ୟର ଦିଗ୍‌ଦର୍ଶନ—ନଟବର ସାମନ୍ତରାୟ ୨୯୫
୩୭ । ଓଡ଼ିଆ ସାହିତ୍ୟର ପରିଚୟ (Typical Oriya Selections)—
ବିଜୟଚନ୍ଦ୍ର ମଜୁମଦାର ୫୧, ୫୩୦
୩୮ । ଓଡ଼ିଆ ସାହିତ୍ୟର କ୍ରମ ପରିଣାମ—ନୀଳକଣ୍ଠ ଦାସ
(୨ୟ ଭାଗ, ସଂ-୧) ୫୬୮
୩୯ । ଓଡ଼ିଆ ସାହିତ୍ୟରେ ଜୟଦେବ—ନଗେନ୍ଦ୍ର ନାଥ ପ୍ରଧାନ ୧୦୮, ୫୬୮
୪୦ । ଓଡ଼ିଆ ସାହିତ୍ୟରେ ପ୍ରକୃତି ଚିତ୍ର—ଗୌରୀ କୁମାର ବ୍ରହ୍ମା ୨୧୫
୪୧ । ଓଡ଼ିଆ ସାହିତ୍ୟ ସମୀକ୍ଷଣ—ଗୋବିନ୍ଦ ଚନ୍ଦ୍ର ଉଦ୍‌ଗାତା ୮୩
୪୨ । ଓଡ଼ିଶା ଇତିହାସ—ହରେକୃଷ୍ଣ ମହତାବ, ସଂ-୧ ଓ ୨ ୪୮୨, ୫୨୫
୪୩ । ଓଡ଼ିଶାର ସଂସ୍କୃତ ଲେଖା ଓ ଲେଖକ—ନୀଳମଣି ମିଶ୍ର ୧୨୩, ୨୫୫

| ୧ | ୨ | ୩ | ୪ |
|---|---|---|---|
| ୪୪ । | କବିକଳ୍ପଦ୍ରୁମ | —ଯଦୁମଣି ରାଉତରାୟ | ୨୧୬, ୨୧୮, ୨୨୦, ୪୧୬, ୫୬୦, ୬୦୩ |
| ୪୫ । | କବିସମ୍ରାଟ ଉପେନ୍ଦ୍ର ଭଞ୍ଜ | —ଅନନ୍ତ ପଦ୍ମନାଭ ପଟ୍ଟନାୟକ | ୩୫୯, ୩୬୮, ୩୭୬, ୩୭୭, ୪୫୨, ୪୫୩, ୪୫୫, ୪୫୮, ୪୮୨, ୪୮୫, ୪୯୭, ୪୯୯, ୫୫୧, ୫୭୫, ୫୭୯ |
| ୪୬ । | କବିସୂର୍ଯ୍ୟ ଗ୍ରନ୍ଥାବଳୀ, ଖ°-୩ | | ୩୩, ୫୪୧ |
| ୪୭ । | କବିଲିପି | —ଦେବୀ ପ୍ରସନ୍ନ ପଟ୍ଟନାୟକ, ସଂ-୧ | ୩୨, ୩୫ |
| ୪୮ । | କଳାକଳେବର ଚଉତିଶା | —ଭକ୍ତଚରଣ ଦାସ | ୮୯ |
| ୪୯ । | କଳା କୌତୁକ | —ଉପେନ୍ଦ୍ର ଭଞ୍ଜ | ୪୧୩, ୫୦୪ |
| ୫୦ । | କଳିଙ୍ଗ କବିସମ୍ରାଟ୍ | —(ସ୍ମରଣିକା—୧୯୫୧) | ୫୬୦ |
| ୫୧ । | କଳିସନ୍ତରଣୋପନିଷତ୍ | | ୩ |
| ୫୨ । | କାଦମ୍ବରୀ | —ବାଣଭଟ୍ଟ | ୪୬୫, ୫୩୩, ୫୪୦ |
| ୫୩ । | କାବ୍ୟ ପ୍ରକାଶ | —ମମ୍ମଟ ଭଟ୍ଟ | ୧୩୬, ୧୩୮ |
| ୫୪ । | କାବ୍ୟ ମୀମାଂସା | —ରାଜଶେଖର | ୫୯୬ |
| ୫୫ । | କାବ୍ୟାଲଙ୍କାର ସୂତ୍ର | —ବାମନ | ୭୭ |
| ୫୬ । | କାମସୂତ୍ର | —ବାତ୍ସ୍ୟାୟନ | ୨୦୯ |
| ୫୭ । | କାଳିଦାସ ସାହିତ୍ୟମ୍ | —ଆଦ୍ୟାପ୍ରସାଦ ମିଶ୍ର (୧୯୬୨) | ୫୯୭, ୫୯୯ |
| ୫୮ । | କିରାତାର୍ଜୁନୀୟମ୍ | —ଭାରବି | ୧୬୫, ୧୬୯ |
| ୫୯ । | କିଶୋର ଚନ୍ଦ୍ରାନନ୍ଦ ଚମ୍ପୂ | —ବଳଦେବ ରଥ | ୪୩୬ |
| ୬୦ । | କୁଞ୍ଜ ବିହାର | —କୃଷ୍ଣ କର, ସଂ-୧ | ୪୫୫ |
| ୬୧ । | କୁମାର ସମ୍ଭବମ୍ | —କାଳିଦାସ | ୧୫୭, ୧୬୪, ୧୬୫, ୨୬୬, ୪୬୨, ୫୬୧, |
| ୬୨ । | କୃଷ୍ଣ ରସାମୃତ | —କରୁଣାକର ପଟ୍ଟନାୟକ | ୪୩୪ |
| ୬୩ । | କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ | —ଉପେନ୍ଦ୍ର ଭଞ୍ଜ | ୯, ୧୯୧, ୨୩୫, ୨୩୭, ୨୮୦, ୨୯୪, ୩୮୮, ୩୯୪, ୪୩୫, ୫୩୮, ୫୪୫, ୫୭୯ |
| ୬୪ । | କୋଣାର୍କ (ପତ୍ରିକା) ୩ୟ ବର୍ଷ | —୧।୨ ସଂଖ୍ୟା | ୧୧୬ |
| ୬୫ । | ଖୁରୁଧା ଇତିହାସ | —କେଦାରନାଥ ମହାପାତ୍ର; ସଂ-୧ | ୧୨୦, ୫୨୩ |
| ୬୬ । | ଗଙ୍ଗାଧର ଗ୍ରନ୍ଥାବଳୀ | —ଗଙ୍ଗାଧର ମେହେର | ୭୫, ୭୬ |

| ୧ | ୨ | ୩ | ୪ |
|---|---|---|---|
| ୬୭ | । | ଗୀତ ଗୋବିନ୍ଦମ୍—ଜୟଦେବ | ୧୨୫, ୧୩୯ |
| ୬୮ | । | ଗୀତା —(ଭଗବଦ୍ ଗୀତା) (ସୁପ୍ରସିଦ୍ଧ) | ୧୬୨, ୨୦୩ |
| ୬୯ | । | ଗୀତାଞ୍ଜଳି—ରବୀନ୍ଦ୍ରନାଥ ଠାକୁର | ୫୩୬ |
| ୭୦ | । | ଗୀତାଭିଧାନ—ଉପେନ୍ଦ୍ର ଭଞ୍ଜ | ୫୧, ୧୯୧, ୪୨୩, ୫୦୯ |
| ୭୧ | । | ଗୁରୁଭକ୍ତି ଗୀତା—ଅଚ୍ୟୁତାନନ୍ଦ ଦାସ (ପ୍ରାଚୀ) | ୧୦୦ |
| ୭୨ | । | ଗୋଦାବରୀଶ ଗ୍ରନ୍ଥାବଳୀ—ଗୋଦାବରୀଶ ମିଶ୍ର, ସଂ-୧ | ୬୭, ୬୮ |
| ୭୩ | । | ଗୋପୀଭାଷା—ଦନେଇ ଦାସ | ୮୯ |
| ୭୪ | । | ଘୁମୁସର କାବ୍ୟ—ଚିନ୍ତାମଣି ମହାନ୍ତି | ୧୧, ୬୭, ୩୫୬, ୪୮୩, ୫୬୬ |
| ୭୫ | । | ଘୁମୁସର ରାଜବଂଶାବଳୀ—(ମାଗୁଣି ଦାସ ସମ୍ପାଦିତ) | ୩୬୨ |
| ୭୬ | । | ଚଉପଦୀ ଭୂଷଣ—ଉପେନ୍ଦ୍ର ଭଞ୍ଜ | ୪୩୬, ୪୭୫, ୫୧୨ |
| ୭୭ | । | ଚଉପଦୀରା—ଉପେନ୍ଦ୍ର ଭଞ୍ଜ | ୪୩୬ |
| ୭୮ | । | ଚଣ୍ଡୀପୁରାଣ—ସାରଳା ଦାସ | ୯୮ |
| ୭୯ | । | ଚନ୍ଦ୍ରକଳା—ବଳଦେବ ରଥ | ୪୪୮ |
| ୮୦ | । | ଚନ୍ଦ୍ରରେଖା—ଉପେନ୍ଦ୍ର ଭଞ୍ଜ | ୪୩୫ |
| ୮୧ | । | ଚିତ୍ରକାବ୍ୟ ବନ୍ଧୋଦୟ—ଉପେନ୍ଦ୍ର ଭଞ୍ଜ | ୧୭୦, ୩୭୯, ୩୯୪, ୪୧୬, ୪୩୧, ୪୩୬, ୪୭୯ |
| ୮୨ | । | ଚିନ୍ତାମଣି ଗ୍ରନ୍ଥାବଳୀ—ଚିନ୍ତାମଣି ମହାନ୍ତି, ସଂ-୧ | ୩୬୦, ୩୭୦ |
| ୮୩ | । | ଚିଲିକା—ରାଧାନାଥ ରାୟ | ୩୨, ୩୫, ୫୦, ୫୯୧ |
| ୮୪ | । | ଚିଲିକା ଓ ରାଧାନାଥ—ଗୌରୀ କୁମାର ବ୍ରହ୍ମା | ୩୫, ୨୬୬ |
| ୮୫ | । | ଚୌପଦୀ ଚନ୍ଦ୍ର—ଉପେନ୍ଦ୍ର ଭଞ୍ଜ | ୪୩୦ |
| ୮୬ | । | ଛାନ୍ଦଭୂଷଣ—ଉପେନ୍ଦ୍ର ଭଞ୍ଜ | ୨୬୪, ୨୯୪, ୪୨୦, ୫୪୫, ୫୮୮ |
| ୮୭ | । | ଜୟପୁର ରାଜବଂଶାବଳୀ—ରାମନାଥ ନନ୍ଦ; ସଂ-୧ | ୧୧୨ |
| ୮୮ | । | ଡଗର (ପତ୍ରିକା)—୧୯୫୭ ଏପ୍ରିଲ ସଂଖ୍ୟା (?) | ୧୪୮ |
| ୮୯ | । | ତପସ୍ୱିନୀ—ଗଙ୍ଗାଧର ମେହେର | ୬୫ |
| ୯୦ | । | ତୈତ୍ତିରୀୟ ଉପନିଷଦ୍— | ୨୨୪ |
| ୯୧ | । | ଦଣ ପୋଇ—ଉପେନ୍ଦ୍ର ଭଞ୍ଜ (ଯୁବଭଞ୍ଜ ନାମରେ ଭଣିତ) | ୪୩୭ |
| ୯୨ | । | ଦାର୍ଢ୍ୟତା ଭକ୍ତି—ରାମ ଦାସ | ୩୬୫ |
| ୯୩ | । | ନନ୍ଦକିଶୋର ଗ୍ରନ୍ଥାବଳୀ—ନନ୍ଦକିଶୋର ବଳ | ୬୫ |

| ୧ | ୨ | ୩ | ୪ |
|---|---|---|---|
| ୯୪ । | ନାଟ୍ୟଶାସ୍ତ୍ରମ୍— | ଭରତ | ୭୯ |
| ୯୫ । | ନାରଦ ପୁରାଣ— | ଉପେନ୍ଦ୍ର ଭଞ୍ଜ | ୪୪୭ |
| ୯୬ । | ନୀଳକଣ୍ଠ ଗ୍ରନ୍ଥାବଳୀ— | ନୀଳକଣ୍ଠ ଦାସ | ୫୪ |
| ୯୭ । | ନୀଳାଦ୍ରୀଶ ଚଉତିଶା— | ଉପେନ୍ଦ୍ର ଭଞ୍ଜ | ୧୫୩, ୪୫୪, ୫୧୭ |
| ୯୮ । | ନୈଷଧ ବା ନୈଷଧୀୟ ଚରିତ— | ଶ୍ରୀହର୍ଷ | ୧୧୨, ୧୨୨, ୧୭୪, ୧୭୫, ୧୭୮, ୧୮୦, ୧୮୩, ୨୯୩, ୫୩୩, ୬୦୧ |
| ୯୯ । | ପଞ୍ଚସାୟକ— | ଗୋପାଳ ଭଞ୍ଜ | ୨୩୭, ୪୮୭ |
| ୧୦୦ । | ପାର୍ବତୀ— | ରାଧାନାଥ ରାୟ | ୯ |
| ୧୦୧ । | ପୂର୍ଣ୍ଣଚନ୍ଦ୍ର ଭାଷାକୋଷ— | ଗୋପାଳଚନ୍ଦ୍ର ପ୍ରହରାଜ | ୪୬୮ |
| ୧୦୨ । | ପୂର୍ଣ୍ଣତମ ଚନ୍ଦ୍ରୋଦୟ (ପ୍ରାଚୀ)— | ବୃନ୍ଦାବତୀ ଦାସୀ | ୧୩୨, ୨୪୪ |
| ୧୦୩ । | ପ୍ରତାପରୁଦ୍ରୀୟ— | ବିଦ୍ୟାନାଥ | ୧୩୯ |
| ୧୦୪ । | ପ୍ରବନ୍ଧ ପୂର୍ଣ୍ଣଚନ୍ଦ୍ର— | ଯଦୁମଣି ମହାପାତ୍ର | ୧୦୨ |
| ୧୦୫ । | ପ୍ରବନ୍ଧାବଳୀ— | ଶ୍ୟାମସୁନ୍ଦର ରାଜଗୁରୁ (ସଂ-୨) | ୧୯୯ |
| ୧୦୬ । | ପ୍ରଶ୍ନୋପନିଷତ୍— | | ୨୨୫ |
| ୧୦୭ । | ପ୍ରାକୃତ ଔର ଉସ୍‌କା ସାହିତ୍ୟ— | ହରଦେବ ବାହରୀ (ସଂ-୧) | ୨୬୨, ୨୬୩ |
| ୧୦୮ । | ପ୍ରାଚୀନ ଉତ୍କଳ— | ଜଗବନ୍ଧୁ ସିଂହ (ସଂ-୧) | ୧୨୧, ୧୨୨, ୨୪୭, ୩୭୦, ୩୭୨, ୪୮୦, ୪୮୪ |
| ୧୦୯ । | ପ୍ରାଚୀନ ଗଦ୍ୟପଦ୍ୟାଦର୍ଶ— | (ପ୍ରାଚୀ-ସଂ-୧) | ୪୪୭ |
| ୧୧୦ । | ପଦ୍ମାବତୀ ପରିଣୟ— | ଉପେନ୍ଦ୍ର ଭଞ୍ଜ | ୮୭, ୮୯ |
| ୧୧୧ । | ପ୍ରେମ ପଞ୍ଚାମୃତ— | ଭୂପତି ପଣ୍ଡିତ (ପ୍ରାଚୀ) | ୧୦୧ |
| ୧୧୨ । | ପ୍ରେମ ସୁଧାନିଧି— | ଉପେନ୍ଦ୍ର ଭଞ୍ଜ | ୬୭, ୨୧୯, ୨୨୫, ୨୨୮, ୨୮୩, ୪୦୭, ୪୭୪, ୫୪୩ |
| ୧୧୩ । | ଫକୀରମୋହନ ଗ୍ରନ୍ଥାବଳୀ— | ଫକୀରମୋହନ ସେନାପତି (ସଂ-୧) | ୪୩, ୪୭, ୫୫ |
| ୧୧୪ । | ବଜାର ବୋଲି— | ଉପେନ୍ଦ୍ର ଭଞ୍ଜ | ୪୩୩ |
| ୧୧୫ । | ବଳଭଦ୍ର ଗ୍ରନ୍ଥାବଳୀ— | ବସନ୍ତକୁମାର ବଳଭଦ୍ର (ସଂ-୨) | ୪୯୨ |
| ୧୧୬ । | ବାଲ୍ମୀକି ରାମାୟଣମ୍— | ସତ୍ୟବାଦୀ ପ୍ରେସ, କଟକ (ସଂ-୧) | ୩୪୦ |

୧ ୨ ୩ ୪

୧୧୭ । ବିଦଗ୍ଧ ଚିନ୍ତାମଣି—ଅଭିମନ୍ୟୁ ସାମନ୍ତସିଂହାର (ପ୍ରାଚୀ ସଂ-୨) ୯, ୩୦, ୧୦୨, ୧୪ , ୩୬୪, ୪୩୪, ୫୯୬

୧୧୮ । ବିଦଗ୍ଧ ମାଧବ ନାଟକ—ରୂପ ଗୋସ୍ୱାମୀ ୧୦୨

୧୧୯ । ବିବିଧ ପ୍ରବନ୍ଧ—ବିଶ୍ୱନାଥ କର (ସଂ-୧) ୫୦, ୧୪୮, ୫୫୫

୧୨୦ । ବିଦଗ୍ଧ ମୁଖମଣ୍ଡନମ୍— (ସଂ-୨) ୧୯୬

୧୨୧ । ବ୍ରହ୍ମବୈବର୍ତ୍ତ ପୁରାଣ—ନାରାୟଣ ରାଜଗୁରୁ; ସଂ-୨ ୨୪୫

୧୨୨ । ବିଷ୍ଣୁଭକ୍ତି କଳ୍ପଲତା—(ସଂସ୍କୃତ) ୨୬୯

୧୨୩ । ବେଦାନ୍ତସାର ଗୁପ୍ତଗୀତା— ୯୭

୧୨୪ । ବୈଦେହୀଶ ବିଳାସ— ୧୦, ୧୫, ୨୩, ୬୧, ୧୫ , ୧୮୮, ୧୯୩, ୧୯୪, ୧୯୯, ୨୦୯, ୨୪୧, ୨୭୩, ୨୮ , ୨୯୩, ୨୯୭, ୩୦୦, ୩୦୮, ୩୩୦, ୩୩୩, ୩୪୯, ୩୮୯, ୪୬୧, ୪୬୩, ୫୪୨, ୫୪୫, ୫୮୮

୧୨୫ । ବ୍ରହ୍ମଗୋଳକ ଓ ଅଣାକାର ସଂହିତା (ପ୍ରାଚୀ)—ଅଚ୍ୟୁତାନନ୍ଦ (ସ-୨) ୧୩୩

୧୨୬ । ଭଞ୍ଜକବି—ଦେବେନ୍ଦ୍ର କୁମାର ସିଂହ (ସଂ-୧) ୨୯୨, ୩୬୦, ୪୯୯

୧୨୭ । (ଉପେନ୍ଦ୍ର) ଭଞ୍ଜ ଜୀବନୀ—ଗୌରୀକୁମାର ବ୍ରହ୍ମା (ସଂ-୨) ୪୧୯

୧୨୮ । ଭଞ୍ଜ ପ୍ରଭା—(କଳିଙ୍ଗ ଭାରତୀ ପ୍ରକାଶିତ) ୨୨

୧୨୯ । ଭଞ୍ଜ ବଂଶାନୁଚରିତ—ମାଗୁଣି ଦାସ ସମ୍ପାଦିତ (୧୯୫୨) ୪, ୬, ୧୨

୧୩୦ । ଭଞ୍ଜ ଭାଗବତ—ଧ୍ରୁବାନନ୍ଦ ରଥ; ସଂ-୧ ୫୭୬, ୫୯୭

୧୩୧ । ଭଞ୍ଜରାଜାଙ୍କ ବଂଶାବଳୀ—ଗଙ୍ଗାପାଣି ମହାପାତ୍ର (ଅପ୍ରକାଶିତ) ୩୭୩

୧୩୨ । ଭଞ୍ଜ ସାହିତ୍ୟ ସମୀକ୍ଷା— ୫୭୭

୧୩୩ । ଭଞ୍ଜଙ୍କ ନବୀନ ଇସ୍ତାହାର—ଗୌରୀକୁମାର ବ୍ରହ୍ମା (ସଂ-୧) ୧୪୨, ୫୬୭

୧୩୪ । ଭଞ୍ଜୀୟ କାବ୍ୟ ଭାବନା—ବେଣୀମାଧବ ପାଢ଼ୀ (ସଂ-୧) ୫୯୦, ୫୯୧, ୬୦୫

୧୩୫ । ଭଟ୍ଟିକାବ୍ୟମ୍—(ପ୍ରସିଦ୍ଧ)—ଭଟ୍ଟି ୧୯୨

୧୩୬ । ଭାଗବତ—(ସୁପ୍ରସିଦ୍ଧ) ୯୯, ୧୦୫, ୧୦୬, ୩୨୭

୧୩୭ । ଭାବବତୀ— ୪୨୭, ୫୧୬, ୫୯୪

୧୩୮ । ଭାମିନୀ ବିଳାସ—ପଣ୍ଡିତ ରାଜ ଜଗନ୍ନାଥ ୯୪, ୫୩୫

୧୩୯ । ଭାରତଚନ୍ଦ୍ର ଗ୍ରନ୍ଥାବଳୀ— ୫୦୭

| ୧ | ୨ | ୩ | ୪ |
|---|---|---|---|
| ୧୪୦ । | ଭାରତୀୟ ଜ୍ୟୋତିଷର ଇତିହାସ | —ବାଇକୋଳି ଜ୍ୟୋତିଷ ବିଶାରଦ (ସଂ-୧) | ୨୩୩ |
| ୧୪୧ । | ଭାରତୀୟ ଶିକ୍ଷା | —ସର୍ବେଶ୍ୱର ଦାସ (ସଂ-୧) | ୧୨୦ |
| ୧୪୨ । | ଭାରତୀୟ ସଙ୍ଗୀତ | —ନୀଳମାଧବ ପାଣିଗ୍ରାହୀ (ସଂ-୧) | ୧୧୭ |
| ୧୪୩ । | ଭାରତୀୟ ସାହିତ୍ୟର ଭୂମିକା | —ପଠାଣି ପଟ୍ଟନାୟକ (ସଂ-୧) | ୫୦୮ |
| ୧୪୪ । | ମଦନ ମଞ୍ଜରୀ | —ଧନଞ୍ଜୟ ଭଞ୍ଜ | ୨୭୨, ୨୮୪ |
| ୧୪୫ । | ମଧୁସୂଦନ ଗ୍ରନ୍ଥାବଳୀ | —ମଧୁସୂଦନ ରାଓ | ୪୦, ୪୧ |
| ୧୪୬ । | ମନୋରମା (ପତ୍ରିକା) | —ଅନନ୍ତ ତ୍ରିପାଠୀ ସମ୍ପାଦିତ | ୪୦୧ |
| ୧୪୭ । | ମହାକବି ଉପେନ୍ଦ୍ର ଭଞ୍ଜ | —ବ୍ରଜବନ୍ଧୁ ତ୍ରିପାଠୀ (ସଂ-୧) | ୨୩୬, ୫୭୭ |
| ୧୪୮ । | ମହାନାଟକମ୍ | — | ୮୬, ୨୭୭ |
| ୧୪୯ । | ମହାଶିବ ପୁରାଣ | — | ୨୬୬ |
| ୧୫୦ । | ମାଦଳା ପାଞ୍ଜି | —(ପ୍ରାଚୀ) | ୫୨୦ |
| ୧୫୧ । | ମାଧବ ନିଦାନମ୍ | —(ପ୍ରସିଦ୍ଧ ଆୟୁର୍ବେଦ ଗ୍ରନ୍ଥ) | ୨୩୪ |
| ୧୫୨ । | ମାନସ (ପତ୍ରିକା) ମେ, ୧୯୭୩ | — | ୨୧୩ |
| ୧୫୩ । | ମେଘଦୂତ | —(ବ୍ରହ୍ମପ୍ରକାଶିକା ଟୀକା ସହିତ) | ୧୦୮, ୧୫୮, ୧୮୭, ୨୦୫, ୫୯୬ |
| ୧୫୪ । | ମୋ ଦୃଷ୍ଟିରେ ସାଂପ୍ରତିକ କବିତା | —ପଣ୍ଡିତ ନନ୍ଦ ସମ୍ପାଦିତ (ସଂ-୧) | ୨୩୨ |
| ୧୫୫ । | ଯତିପାତ | —ବଳଭଦ୍ର ବହିଦାର (ସଂ-୨) | ୧୨୯ |
| ୧୫୬ । | ଯଦୁମଣି ରହସ୍ୟ | — | ୨୧୭ |
| ୧୫୭ । | ଯମକରାଜ ଚଉତିଶା | —ଉପେନ୍ଦ୍ର ଭଞ୍ଜ | ୪୨୯ |
| ୧୫୮ । | ରଘୁନାଥ ବିଳାସ | —ଧନଞ୍ଜୟ ଭଞ୍ଜ | ୨୭୨, ୨୭୫ |
| ୧୫୯ । | ରଘୁବଂଶ | —କାଳିଦାସ | ୨, ୧୬୪, ୩୦୭, ୪୯୦, ୫୩୧ |
| ୧୬୦ । | ରତ୍ନ ମଞ୍ଜରୀ | —ଧନଞ୍ଜୟ ଭଞ୍ଜ | ୨୮୭ |
| ୧୬୧ । | ରସ କଲ୍ଲୋଳ | —ଦୀନକୃଷ୍ଣ ଦାସ (ପ୍ରାଚୀ) | ୧୩୩, ୨୧୭, ୫୦୩, ୫୩୮, ୫୪୩, ୫୪୪ |
| ୧୬୨ । | ରସକଲ୍ଲୋଳ ସମୀକ୍ଷା | —ଗୌରକୁମାର ବ୍ରହ୍ମା (ସଂ-୨) | ୫୦୨ |
| ୧୬୩ । | ରସ ତରଙ୍ଗ | —ଉପେନ୍ଦ୍ର ଭଞ୍ଜ | ୪୧୪ |

| ୧ | ୨ | ୩ | ୪ |
|---|---|---|---|
| ୧୬୪ । | ରସପଞ୍ଚକ— | ଉପେନ୍ଦ୍ର ଭଞ୍ଜ | ୧୦, ୧୫୨, ୨୩୨, ୪୧୭, ୪୭୭, ୪୯୩ |
| ୧୬୫ । | ରସପୋଇ— | ଉପେନ୍ଦ୍ର ଭଞ୍ଜ | ୪୪୩ |
| ୧୬୬ । | ରସଲେଖା— | ଉପେନ୍ଦ୍ର ଭଞ୍ଜ | ୧୫୩, ୨୯୪, ୪୨୫ |
| ୧୬୭ । | ରସିକାନୁରକ୍ତା— | ଉପେନ୍ଦ୍ର ଭଞ୍ଜ | ୪୮୭ |
| ୧୬୮ । | ରସିକ ହାରାବଳୀ— | ଉପେନ୍ଦ୍ର ଭଞ୍ଜ | ୧୫୪, ୧୮୦, ୩୭୨, ୪୦୯, ୮୭, ୫୦୬, ୫୪୭, ୫୯୫ |
| ୧୬୯ । | ରହସ୍ୟ ମଞ୍ଜରୀ— | ଦେବଦୁର୍ଲ୍ଲଭ ଦାସ | ୧୩୨ |
| ୧୭୦ । | ରାଘବାଷ୍ଟକ— | ବଳଦେବ ରଥ | ୪୯୪ |
| ୧୭୧ । | ରାଧାନାଥ ଗ୍ରନ୍ଥାବଳୀ— | ରାଧାନାଥ ରାୟ | ୭, ୩୨ |
| ୧୭୨ । | ରାଧାନାଥ ଜୀବନୀ— | ଦୁର୍ଗାଚରଣ ରାୟ (ସଂ-୧) | ୭, ୩୧, ୩୭ |
| ୧୭୩ । | ରାଧା ପ୍ରେମଲୀଳା— | ରାଧାମୋହନ ରାଜେନ୍ଦ୍ର | ୫୧୮ |
| ୧୭୪ । | ରାମପୂର୍ବତାପିନ୍ୟୁପନିଷଦ— | | ୨୨୭ |
| ୧୭୫ । | ରାମଲୀଳାମୃତ— | ଉପେନ୍ଦ୍ର ଭଞ୍ଜ | ୪୧୮, ୪୧୯ |
| ୧୭୬ । | ରାଷ୍ଟ୍ରଭାଷା ରଜତ ଜୟନ୍ତୀ ଗ୍ରନ୍ଥ— | | ୧୨୦ |
| ୧୭୭ । | ରୁଦ୍ର ସୁଧାନିଧି— | | ୧୨୮, ୫୪୯ |
| ୧୭୮ । | ଲାବଣ୍ୟନିଧି— | ଉପେନ୍ଦ୍ର ଭଞ୍ଜ | ୪୩୪, ୪୭୫, ୫୪୭ |
| ୧୭୯ । | ଲାବଣ୍ୟବତୀ— | ଉପେନ୍ଦ୍ର ଭଞ୍ଜ | ୯, ୧୪, ୧୩୭, ୧୦୨, ୧୫୧, ୨୦୩, ୨୦୯, ୨୨୧, ୨୭୦, ୨୮୦, ୨୮୫, ୨୮୯, ୨୯୩, ୨୨୭, ୩୫୮, ୩୮୮, ୪୦୧, ୪୭୧, ୪୬୪, ୪୭୭, ୪୯୧, ୫୩୦, ୫୩୮, ୫୪୦, ୫୪୫, ୫୪୭, ୫୭୩, ୫୮୭ |
| ୧୮୦ । | ଶକୁନ୍ତଳା ଓ ଗଙ୍ଗାଧର— | ଗୌରୀକୁମାର ବ୍ରହ୍ମା (ସଂ-୧) | ୧୬୩ |
| ୧୮୧ । | ଶଙ୍କର ଦିଗ୍‌ବିଜୟ— | | ୩୧୫ |
| ୧୮୨ । | ଶିଶୁପାଳ ବଧ— | ମାଘ | ୧୭୧ |
| ୧୮୩ । | ଶ୍ୟାମ ରାସୋତ୍ସବ— | ବ୍ରଜନାଥ ବଡ଼ଜେନା | ୧୦୪ |
| ୧୮୪ । | ଶ୍ରୀ ଖାରବେଳ— | କେଦାରନାଥ ମହାପାତ୍ର | ୧୧୭ |

| ୧ | ୨ | ୩ | ୪ |
|---|---|---|---|
| ୧୮୫ । | ଶ୍ରୀଜଗନ୍ନାଥ ମନ୍ଦର | ସୂର୍ଯ୍ୟନାରାୟଣ ଦାସ, (ସଂ-୧) | ୫୨୭ |
| ୧୮୬ । | ଶ୍ରୀ ଜୟଦେବ ଓ ଶ୍ରୀ ଗୀତଗୋବିନ୍ଦ (ସଂ-୧) | କେଦାରନାଥ ମହାପାତ୍ର | ୧୨୭ |
| ୧୮୭ । | ଶ୍ରୀ ଭାରତ ଦର୍ପଣ | ଗୋପୀନାଥ ନନ୍ଦ (ସଂ-୨) | ୨୦୭ |
| ୧୮୮ । | ଶ୍ରୀମଦ୍ଭାଗବତ | | ୨୩୦, ୨୯୮ |
| ୧୮୯ । | ଶ୍ରୀରାମ ଚରିତ ମାନସ | ତୁଳସୀ ଦାସ | ୨୪୨, ୩୪୯ |
| ୧୯୦ । | ଶୃଙ୍ଗାର ତିଳକ | କାଳିଦାସ | ୧୦୬ |
| ୧୯୧ । | ସୋଳ ପୋଇ | ଉପେନ୍ଦ୍ର ଭଞ୍ଜ (ଅପ୍ରକାଶିତ) | ୪୪୫ |
| ୧୯୨ । | ସଙ୍ଗୀତ ଉପେନ୍ଦ୍ର ଭଞ୍ଜ | ଉପେନ୍ଦ୍ର ଭଞ୍ଜ | ୪୯୩ |
| ୧୯୩ । | ସତ୍ୟବାଦୀ | (ନବପର୍ଯ୍ୟାୟ) (ପତ୍ରିକା) | ୫୩୬ |
| ୧୯୪ । | ସମସ୍ୟା ଓ ସମାଧାନ | ଗୌରୀକୁମାର ବ୍ରହ୍ମା | ୧୨୮, ୧୩୧, ୪୩୮ |
| ୧୯୫ । | ସରସ୍ୱତୀ କଣ୍ଠାଭରଣ | ଭୋଜରାଜ | ୧୩୯, ୫୭୯ |
| ୧୯୬ । | ସାମନ୍ତ ଚନ୍ଦ୍ରଶେଖର ଜୀବନୀ | ଚନ୍ଦ୍ରଶେଖର ମିଶ୍ର (୧୯୫୭) | ୧୨୨ |
| ୧୯୭ । | ସାହିତ୍ୟ ଦର୍ପଣ | ବିଶ୍ୱନାଥ | ୧୯୨, ୪୫୨, ୪୬୨, ୬୦୩ |
| ୧୯୮ । | ସାହିତ୍ୟାଦର୍ଶ | ନଟବର ସାମନ୍ତରାୟ (ସଂ-୧) | ୩୮୨, ୪୭୮, ୪୭୯, ୪୭୯, ୪୮୦, ୫୫୩ |
| ୧୯୯ । | ସାହିତ୍ୟ ସମୀକ୍ଷା | କାହ୍ନୁଚରଣ ମିଶ୍ର (ସଂ-୧) | ୫୩ |
| ୨୦୦ । | ସାହିତ୍ୟାସ୍ୱନ | ପ୍ରହ୍ଲାଦ ପ୍ରଧାନ (ସଂ-୧) | ୫୪୦ |
| ୨୦୧ । | ସିଦ୍ଧାନ୍ତ ଦର୍ପଣ | ସାମନ୍ତ ଚନ୍ଦ୍ରଶେଖର | ୧୨୩ |
| ୨୦୨ । | ସୁବର୍ଣ୍ଣରେଖା | ଉପେନ୍ଦ୍ର ଭଞ୍ଜ | ୪୨୯, ୫୯୪ |
| ୨୦୩ । | ସୁଭଦ୍ରା ପରିଣୟ | ଉପେନ୍ଦ୍ର ଭଞ୍ଜ | ୧୩୮, ୨୪୩, ୨୬୩, ୨୮୨, ୨୯୭, ୪୧୧, ୪୫୭, ୫୧୦, ୫୪୧, ୫୨୪ |
| ୨୦୪ । | ସୁର ସୁନ୍ଦରୀ | ଧନେଶ୍ୱର | ୨୬୪ |
| ୨୦୫ । | ସୁଲକ୍ଷଣା | ଅଭିମନ୍ୟୁ ସାମନ୍ତ ସିଂହାର (ସଂ-୧) | ୨୫୧ |
| ୨୦୬ । | ହର୍ଷ ଚରିତ | ବାଣଭଟ୍ଟ | ୨୫୧ |
| ୨୦୭ । | ହାସ୍ୟକଲ୍ଲୋଳ | ବଳଦେବ ରଥ | ୪୫୨ |

## ଇଂରାଜୀ ଗ୍ରନ୍ଥ


1. Classical Sanskrit Literature—
   Krisnamachariar (1937) ୧୪୯
2. A Comparative Grammar of Modern Indo-
   Aryan Languages—John Beams ୫୮
3. Concepts of Riti and Guna in Sanskrit
   Poetics—P. Lahiri (1937) ୮୬
4. Kavisamrat Upendra Bhanja Souvenir—
   Bichhanda Charan Pattanayak
   (1st Ed.) ୫୮, ୪୭୦, ୪୭୮
5. Defence of Poetry—English Critical Essays
   (Ed. E. D. Jones) (1959) ୪୫୮
6. Descriptive Catalogue of Sanskrit
   Manuscripts—Vol. V
   (Tantra MSS) (1st Ed.)
   Edited by—Mahes Prasad Das ୧୪୪, ୨୭୬
7. Descriptive Catalogue of Sanskrit
   Manuscripts—Vol I.
   Edited by—Kedarnath Mohapatra
   (1st. Edition) ୨୧୦
8. History of Indian Literature—
   A Weber (6th Ed) ୧୫୭
9. History of Oriya Literature—
   Mayadhar Mansingha (1st. Ed.)
   ୪୭୪, ୪୭୭, ୪୭୮, ୫୨,
10. History of Sanskrit Poetics—S. K. De ୮୨
11. Man and Superman—Bernard Shaw ୭୦୭
12. Modern Oriya Literature—
    P. R. Sen (1st Ed.) ୫୯, ୪୯
13. Modern Indian Languages—
    Ed. Gokak (1957) ୪୦୭

14. Ramakrishna : His Life and Sayings—
Max Muller (1898) ୫୪୯
15. Sanatan Dharma— ୧୩୫
16. History of Sanskrit Poetics—
P. V Kane (1961) ୨୪,୧୩୦
17. The Story of Philosophy—
W. Durant (1953) ୨୯
18. World Without Borders—
L. R. Brown (1973 Ed.) ୫୨୮

## ପରିଶିଷ୍ଟ—୮

## କେତେକ ବ୍ୟକ୍ତିଙ୍କ ନାମ : ପୃଷ୍ଠା ନିର୍ଦ୍ଦେଶ

ଅଚ୍ୟୁତାନନ୍ଦ ଦାସ ୧୦୦
ଅନନ୍ତ ତ୍ରିପାଠୀ ଶର୍ମା ୨୧୬, ୫୭୨, ୫୭୩, ୫୬୪
ଅନନ୍ତ ପଟ୍ଟନାୟକ ୩୮୬, ୩୭୭
ଅନନ୍ତ ପଦ୍ମନାଭ ପଟ୍ଟନାୟକ ୩୫୯, ୩୬୮, ୩୭୭, ୩୭୨, ୩୭୮
୪୫୨, ୪୫୩, ୪୫୮, ୪୮୩, ୪୯୫
୪୯୬, ୫୫୧, ୫୭୫, ୫୭୯
ଅଭିମନ୍ୟୁ ସାମନ୍ତ ସିଂହାର ୩୦, ୧୦୨, ୧୪୧, ୨୫୧, ୩୬୪,
୫୪୧
ଆର୍ତ୍ତବଲ୍ଲଭ ମହାନ୍ତି ୬୯, ୮୭, ୧୨୩, ୨୧୪, ୨୮୫, ୩୫୪,
୩୫୮, ୫ ୦, ୫୩୮, ୫୫୩, ୫୬୧
ଆଦ୍ୟାପ୍ରସାଦ ମିଶ୍ର ୫୯୭, ୫୯୯
ଓ. ସି. ଗାଙ୍ଗୁଲି ୪୩୮, ୪୩୯
କରୁଣାକର କର ୧୨୮
କାନ୍ତଚନ୍ଦ୍ର ଭଟ୍ଟାଚାର୍ଯ୍ୟ ୪୪
କାଳିଦାସ ୨, ୨୨, ୧୦୬, ୧୦୮, ୧୮୭, ୩୧୯, ୪୦୫
୪୭୩, ୪୮୯

କାହ୍ନୁଚରଣ ମିଶ୍ର ୫୩
କୁନ୍ତଳା କୁମାରୀ ସାବତ ୬୮
କୁଳମଣି ଦାଶ ୫୪୧
କେଦାରନାଥ ମହାପାତ୍ର ୫୧୯
କେଶବ ମିଶ୍ର ୨୧୬, ୨୨୦
କୃପାସିନ୍ଧୁ ମିଶ୍ର ୯୩
କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ୧୪୫
କୃଷ୍ଣ ସିଂହ ୨୩୯
ଗଙ୍ଗାଧର ଗୁରୁ ୪୯୯
ଗଙ୍ଗାଧର ମେହେର ୬୫
ଗଙ୍ଗାପାଣି ମହାପାତ୍ର ୩୬୩
ଗୋଦାବର ମିଶ୍ର ୧୫୪
ଗୋଦାବରୀଶ ମହାପାତ୍ର ୫୫, ୬୯, ୧୪୯, ୪୪୧
ଗୋଦାବରୀଶ ମିଶ୍ର ୬୭, ୫୮୯
ଗୋପବନ୍ଧୁ ଦାସ ୨୫, ୫୮, ୧୦୩, ୨୯୪
ଗୋପାଳଚନ୍ଦ୍ର ମିଶ୍ର ୨୦୦, ୫୭୯, ୫୮୦
ଗୋପାଳକୃଷ୍ଣ ପଟ୍ଟନାୟକ ୮୯
ଗୋପାଳବଲ୍ଲଭ ଦାସ ୩୩
ଗୋପୀନାଥ ନନ୍ଦ ୧୩, ୨୦୦
ଗୋପୀନାଥ ମହାନ୍ତି ୫୫୦, ୫୫୧
ଗୋପୀନାଥ ସେନାପତି ୫୮୬, ୫୮୭, ୫୮୮
ଗୋବିନ୍ଦଚନ୍ଦ୍ର ଉଦ୍‌ଗାତା ୮୨
ଚନ୍ଦ୍ରଶେଖର ମିଶ୍ର ୨୩୭
ଚିନ୍ତାମଣି ଆଚାର୍ଯ୍ୟ ୨୮; ୨୪୮
ଚିନ୍ତାମଣି ମହାନ୍ତି ୧୧, ୬୭, ୩୫୭, ୩୭୯, ୪୮୩, ୫୭୭
ଜଗନ୍ନାଥ ୯୪
ଜଗନ୍ନାଥ ମହାପାତ୍ର ୩୧୭, ୪୦୭
ଜଗବନ୍ଧୁ ସିଂହ ୧୨୧, ୩୭୦, ୪୮୦
ଜୟଦେବ ୧୨୫
ଜୟବଲ୍ଲଭ ୨୬୩

ଜୟସ୍ୱାଲ ୪୪୧
ଜାନକୀ ମହାନ୍ତି ୬୦୭, ୬୦୮
ତାରିଣୀ ଚରଣ ରଥ ୧୪୮, ୨୭୨, ୪୮୦, ୪୮୩
ତୁଳସୀ ଦାସ ୨୪୨, ୨୭୭, ୩୩୨, ୩୪୮
ଦନେଇ ଦାସ ୮୯
ଦଶରଥ ଶତପଥୀ ୩୧୬
ଦାମୋଦର ଦାସ ୨୯୧, ୩୫୫, ୩୬୧, ୩୬୩, ୩୬୬,
୪୫୬, ୪୮୫, ୪୯୫, ୪୯୯, ୫୧୦, ୫୧୪, ୫୭୬
ଧନକୃଷ୍ଣ ଦାସ ୫୦୩, ୫୩୮, ୫୫୮
ଦୁଃଖିଶ୍ୟାମ ପଟ୍ଟନାୟକ ୫୧୨
ଦୁର୍ଗାଚରଣ ରାୟ ୩୮
ଦେବେନ୍ଦ୍ର କୁମାର ସିଂହ ୨୯୧, ୩୬୦, ୪୯୮, ୫୭୬
ନଟବର ସାମନ୍ତରାୟ ୫୩, ୩୮୨, ୪୭୭, ୪୮୧, ୫୫୦, ୫୫୨
ନନ୍ଦକିଶୋର ବଳ ୬୨
ନରହରି ୧୫୮
ନାରାୟଣ ରାମ ଆଚାର୍ଯ୍ୟ ୨୬୯
ନୀଳକଣ୍ଠ ଦାସ (ଆସିକା) ୧୪
ନୀଳକଣ୍ଠ ଦାସ (ପଣ୍ଡିତ) ୫୩, ୬୯, ୨୦୧, ୫୭୫
ନୀଳମଣି ମିଶ୍ର ୨୩୫, ୩୮୫
ପି. ପଟ୍ଟନାୟକ ୪୫୬
ପୁରୁଷୋତ୍ତମ ମାନ୍ଧାତା ୪୩୭
ପ୍ରଫୁଲ୍ଲ କୁମାର ଦାଶ ୪୪୮
ପ୍ରହ୍ଲାଦ ପ୍ରଧାନ ୫୮୦
ପ୍ରିୟରଞ୍ଜନ ସେନ ୪୯, ୫୯
ଫକୀର ମୋହନ ସେନାପତି ୩୯, ୪୩, ୫୫, ୨୯୫
ବଡ଼ କୁମାର ବଳଭଦ୍ର ୪୯୧
ବଳଦେବ ରଥ ୩୧, ୩୨, ୪୯୪
ବଳଭଦ୍ର ବକ୍ସିଦାର ୧୨୯
ବଳରାମ ଦାସ ୯୭
ବ୍ରଜନାଥ ବଡ଼ଜେନା ୩୦, ୧୦୪

| | |
|---|---|
| ବ୍ରଜବନ୍ଧୁ ତ୍ରିପାଠୀ | ୨୩୬, ୩୭୮, ୪୭୬ |
| ବ୍ରଜମୋହନ ମହାନ୍ତି | ୪୭୬ |
| ବାଇକୋଳି ଜ୍ୟୋତିଷ ବିଶାରଦ | ୧, ୨୩୩ |
| ବାକ୍‌ପତି ରାଜ | ୨୬୨ |
| ବାଣଭଟ୍ଟ | ୮୦, ୨୬୪ |
| ବାନାମ୍ବର ଆଚାର୍ଯ୍ୟ | ୧୨୫, ୧୫୯ |
| ବାମନ | ୭୭ |
| ବିକ୍ରମ ଦେବ ବର୍ମା | ୧୦୯ |
| ବିଠସାନନ୍ଦ ମହାନ୍ତି | ୫୬୬ |
| ବିଚ୍ଛନ୍ଦ ଚରଣ ପଟ୍ଟନାୟକ | ୧୬, ୪୬୯, ୪୭୮ |
| ବିଜୟଚନ୍ଦ୍ର ମଜୁମଦାର | ୪୧, ୨୩୯, ୩୮୧, ୪୩୦, ୪୪୨ |
| ବିନାୟକ ମିଶ୍ର | ୧୨୫, ୧୫୯, ୨୬୪, ୫୮୨, ୬୦୭ |
| ବିମଳ କିଶୋର ମିଶ୍ର | ୫୬୩ |
| ବିଶ୍ୱନାଥ କର | ୪୦, ୧୫୫, ୫୩୦, ୪୪୫ |
| ବିଶ୍ୱନାଥ କବିରାଜ | ୧୯୨, ୪୬୯, ୪୯୦, ୪୯୭ |
| ବେଣୀ ମାଧବ ପାଢ଼ୀ | ୬୦୦, ୬୦୩, ୬୦୪, |
| ବେଙ୍କଟାଧ୍ୱରୀ | ୬୦୫ |
| ବେଙ୍କଟେଶ୍ୱର | ୬୦୫ |
| ବୃନ୍ଦାବତୀ ଦାସୀ | ୨୫୫ |
| ବଂଶୀଧର ଆଚାର୍ଯ୍ୟ | ୨୩୨, ୩୩୮, ୫୪୨, ୫୯୬, ୪୧୯ |
| ବଂଶୀଧର ମହାନ୍ତି | ୪୬୩ |
| ଭକ୍ତଚରଣ ଦାସ | ୮୯ |
| ଭବଭୂତି | ୨୮୧ |
| ଭରତ | ୭୯ |
| ଭାରବି | ୧୬୪, ୧୭୦ |
| ଭୂଦେବ ମୁଖୋପାଧ୍ୟାୟ | ୩୧, ୩୨ |
| ଭୂପତି ପଣ୍ଡିତ | ୧୦୧ |
| ଭୋଜରାଜ | ୭୮, ୧୩୯, ୨୫୧ |
| ମଧୁସୂଦନ ଦାସ | ୬୧, ୫୭୮ |
| ମଧୁସୂଦନ ରାଓ | ୫୦ |

ମଦନମୋହନ ଚକ୍ରବର୍ତ୍ତୀ ୪୭୮
ମନୋରଞ୍ଜନ ଦାସ ୫୬୭
ମହେନ୍ଦ୍ର ପଟ୍ଟନାୟକ ୨୭୧
ମଲ୍ଲିନାଥ ୫୭୦
ମାଗୁଣି ଦାସ ୪୮୭
ମାଘ ୧୭୦, ୧୭୧
ମାୟାଧର ମାନସିଂହ ୫୬୫, ୫୭୭, ୫୭୮, ୫୮୨, ୫୯୧
ମୋହିନୀ ମୋହନ ସେନାପତି ୫୭୨
ମୃତ୍ୟୁଞ୍ଜୟ ରଥ ୨୧୫
ଯଦୁମଣି ମହାପାତ୍ର ୧୦୨, ୧୯୭
ଯଦୁମଣି ରାଉତରାୟ ୨୧୬, ୨୧୮, ୫୭୦, ୭୦୩
ରଘୁନାଥ ପରିଛା ୪୦୭
ରଘୁନାଥ ଭଞ୍ଜ ୧୧
ରଜତକୁମାର କର ୫୭୭
ରବୀନ୍ଦ୍ରନାଥ ଠାକୁର ୩୭
ରମାକାନ୍ତ ରାଜଗୁରୁ ୩୧୭
ରାଜକିଶୋର ପଟ୍ଟନାୟକ ୨୦୪
ରାଜଶେଖର ୫୯୭
ରାଜେନ୍ଦ୍ରଲାଲ ମିତ୍ର ୪୩
ରାଧାନାଥ ରାୟ ୭, ୩୨, ୫୯୯
ରାଧାମୋହନ ରାଜେନ୍ଦ୍ର ୫୭୦
ରାମନାଥ ନନ୍ଦ ୧୧୨
ରାମ ଦାସ ୩୭୫
ରୂପ ଗୋସ୍ୱାମୀ ୧୦୨
ଲିଙ୍ଗରାଜ ମହାପାତ୍ର ୩୭୭
ଲୋକନାଥ ଦାସ ୫୫୯
L. R. Brown ୫୮
ଶଙ୍କରାଚାର୍ଯ୍ୟ ୧୬୩, ୨୩୭
ଶିଶୁଶଙ୍କର ଦାସ ୨୫୩
ଶ୍ରୀଧର ଶତପଥୀ ୨୨, ୨୨୯, ୩୮୫, ୪୪୮, ୪୫୨, ୫୦୯, ୫୭୭, ୫୮୧

| | |
|---|---|
| ଶ୍ରୀହର୍ଷ | ୧୧୨, ୧୭୬, ୧୮୭ |
| ଶ୍ୟାମସୁନ୍ଦର ଧୀର | ୩୨୬ |
| ଶ୍ୱେତବାହନ ଭଞ୍ଜ | ୩୧୬, ୩୧୭ |
| ସଚ୍ଚିଦାନନ୍ଦ ମିଶ୍ର | ୧୪ |
| ସତ୍ୟନାରାୟଣ ରାଜଗୁରୁ | ୧୧୬, ୨୬୫ |
| ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମା | ୧୦୨ |
| ସାରଳା ଦାସ | ୯୮, ୫୩ |
| ସୀତାକାନ୍ତ ଶତପଥୀ | ୩୧୬ |
| ସୁକ୍‌ଥାଙ୍କର | ୫୫୦ |
| ସୁରେନ୍ଦ୍ର ମହାନ୍ତି | ୨୦୦ |
| ସୂର୍ଯ୍ୟନାରାୟଣ ଦାଶ | ୨୩, ୨୫୩, ୩୬୩, ୪୦୯, ୪୮୦, ୪୩୫, ୪୭୦, ୫୦୧, ୫୦୫, ୫୧୧, ୫୧୪, ୫୨୫, ୫୭୫, ୫୮୦, ୫୮୨ |
| ସୋମନାଥ ରଥ | ୧୯୮, ୪୯୯ |
| ହଣ୍ଟର | ୪୭୮ |
| ହରଶରଣ ମହାପାତ୍ର | ୨୨ |
| ହରିହର ମହାପାତ୍ର | ୫୬୩ |
| ହରେକୃଷ୍ଣ ମହତାବ | ୨୩, ୧୧୬, ୪୮୨, ୫୨୩ |
| ହୃଦାନନ୍ଦ ରାୟ | ୫୭୨ |


## ପରିଶିଷ୍ଟ—୯

# କେତେକ ରଚନା ସଂପର୍କରେ ସୂଚନା

୧ । 'ଚନ୍ଦ୍ରଚାମ୍ପୁକ' ପ୍ରକାଶ ପାଇଛି । ଏହା ଭଞ୍ଜଙ୍କର ବୋଲି କୁହାଯାଉଥିଲେ ମଧ୍ୟ, ପରେ ଗଭୀର ଅନୁସନ୍ଧାନରୁ ଏହା ଭଞ୍ଜଙ୍କର ନୁହେଁ ବୋଲି ଜଣାପାଇଛି । ତାଳପତ୍ର ପୋଥିରେ ଗୋପାଳ ଭଞ୍ଜଙ୍କ ନାମ 'ଭଣିତି'ରେ ଅଛି ।

ପ୍ରକାଶିତ ପୁସ୍ତକରେ ଗୋପାଳ ସ୍ଥାନରେ ଉପେନ୍ଦ୍ର କରି ଦିଆଯାଇଛି ମାତ୍ର । ଏଥିରେ ଏହି ରଚନାର ସପ୍ତମ ଛାନ୍ଦର ଶେଷରେ ଯେପରି 'ହାତସଫେଇ' ଦେଖାଯାଉଛି, ତାକୁ ଦେଖିଲେ 'ଲୁଚିଲା ନାହିଁ ଗୋଡ଼ ଦୁଇଟି ଦିଶୁଛି' ପ୍ରବଚନ ମନେ ପଡ଼ିଯାଏ । ସପ୍ତମ ଛାନ୍ଦର ଶେଷ ପଦ ହେଉଛି—

"ସପ୍ତମ ଛାନ୍ଦ କହିଲ ଔଷଧ ବିଷ୍ଣୁର
ଭଣଇ ଉପେନ୍ଦ୍ର ଭଞ୍ଜ ନୃପ ମହାବୀର ।"

ଯେଉଁ ଉପେନ୍ଦ୍ର ନିଜର ପରିଚୟ ଦେଇ "ସଂଜ୍ଞା ଭଞ୍ଜ ନାମ ଉପଇନ୍ଦ୍ର ପଦ ବୀରବର" (ବ୍ର: ପୃ. ୫୧୦) ବୋଲି ଲେଖିଛନ୍ତି, ତାଙ୍କ 'ପଦ'ର ଗୌରବ ରକ୍ଷା ଦୃଷ୍ଟିରୁ 'ମହାବୀର' ବଦଳରେ 'ବୀରବର' ଲେଖିଥିଲେ, 'ନେଇ ଆଣି ଥୋଇ ପାରିବା'ରେ ଅଧିକ ଦକ୍ଷତା ପ୍ରକାଶ ପାଇଥାନ୍ତା ।

୨ । ଏବେ ଜଣାଗଲା ଯେ, ଶ୍ରୀଯୁକ୍ତ ଦୁଃଖିଶ୍ୟାମ ପଟ୍ଟନାୟକ ଭଞ୍ଜଙ୍କର 'ରସମଞ୍ଜରୀ' ପାଇଛନ୍ତି । ସେ ଏହାକୁ ପ୍ରକାଶ କରିବାକୁ ଉଦ୍ୟତ ଥିବା ତାଙ୍କଠାରୁ ପ୍ରକାଶ ।

୩ । ଏ ଗ୍ରନ୍ଥର ପୃ ୫୮୪—୬୮୫ରେ ଅକ୍ଷର-ନିୟମିତ ରଚନା-ମାନଙ୍କର ଏକ ତାଲିକା ଦିଆଯାଇଛି । ସେହି ତାଲିକାରେ ଶ୍ରୀ ସତ୍ୟବାଦୀ ପଟ୍ଟନାୟକଙ୍କ 'କୃଷ୍ଣକଥା କଲ୍ଲୋଳ' ସଂଯୁକ୍ତ ହେବ ।

୪ । ଅକ୍ଷର-ନିୟମିତ କାବ୍ୟମାନଙ୍କୁ ପରୀକ୍ଷା କଲେ ଦେଖାଯାଏ, ଅନେକ ରଚନାର ନାମର ଆଦ୍ୟ ବର୍ଣ୍ଣ ରଚନାରେ ପ୍ରତି ପାଦର ଆଦ୍ୟରେ ବ୍ୟବହୃତ ହୋଇ ନାହିଁ, ଯେପରିକି 'ରସ କଲ୍ଲୋଳ' ।

୫ । ଭଞ୍ଜଙ୍କର କେତେକ ରଚନାର କେତେକ ପଦ ଭିନ୍ନ ଭିନ୍ନ ଭାବରେ ଲୋକମୁଖରେ ଉଦ୍ଘୋଷିତ ତଥା ପ୍ରକାଶିତ । ତେଣୁ ଏଥିରେ ଏକାଧିକ ପ୍ରକାର ପାଠ ପ୍ରଚଳିତ ହୋଇଅଛି ।

## ୬ । ରସିକାନୁଶଂସା—

ଏ ଗ୍ରନ୍ଥର ପୃ ୪୮୭ ରେ ଏହି ରଚନାର ନାମୋଲ୍ଲେଖ କରାଯାଇଛି ଏବେ ଏହି ରଚନା ମିଳାଇ ଦେଖିଲି । ଏହାକୁ ଏକ ସ୍ୱତନ୍ତ୍ର ରଚନା କହିବା ଠିକ

ହେବ ନାହିଁ । ଲବଣ୍ୟବତୀ' ୪୧ ଛାନ୍ଦର ଅନେକ ପଦ ଏଥିରେ ସମାବେଶିତ । ପୁଣି ଏହି କ୍ଷୁଦ୍ର ରଚନାର (?) ଶେଷରେ ଅଛି—

"ଶତ୍ରୁ ଉନ୍ମାଦ ସପଦ ବର୍ଦ୍ଧନ
କବି ଉପଇନ୍ଦ୍ର ବିରଚନ
ସାରବର ଉପାଧି ଅଟେ ମୋର
କଲ୍ଲି ଗଞ୍ଜାମ ଖ୍ୟାତ ଘୁମୁସର
ଅଧିପତି ସୁତ
ଭଞ୍ଜ ବଂଶେ ମୁଁ ଜାତ ହେ ପଣ୍ଡିତ ।"

ଏହି ପଦର ଭଞ୍ଜୀପ୍ରତା ଦେଖଣୀୟ । ପୁସ୍ତକ ମୁଦ୍ରଣରେ ଶେଷ କାଳରେ ଏହା ହସ୍ତଗତ ହୋଇଥିବାରୁ, ଏଥିରେ ପ୍ରତ୍ୟେକ ପଦ ଭଞ୍ଜଙ୍କର ଅଭିନ୍ନ ରଚନାରୁ ସଂଗୃହିତ କମ୍ବା ଏଥିରେ କିଛି ନୂଆ ପଦ ଅଛି, ତାହା ପରେ ବିସ୍ତୃତ କହିବ ।

**ଶୋଭାବତୀ**—ଏହି ଗ୍ରନ୍ଥରେ ଭଞ୍ଜଙ୍କର ରଚନା ରୂପେ 'ଶୋଭାବତୀ'ର ନାମ ଉଲ୍ଲିଖିତ । ନିକଟରେ 'ଭଞ୍ଜ ସାହିତ୍ୟ ପରିଷଦ' ( ଭଞ୍ଜନଗର, ଗଞ୍ଜାମ ) ପକ୍ଷରୁ ଏ କାବ୍ୟର ଦୁଇଟି ମାତ୍ର ଛାନ୍ଦ ପ୍ରକାଶିତ । ମାତ୍ର ଏହା ପୂର୍ବରୁ ମଧ୍ୟ 'ଶୋଭାବତୀ' କାବ୍ୟ ପୂର୍ଣ୍ଣତଃ ପ୍ରକାଶ ପାଇଥିବା କଥା ଏବେ ଜାଣିଲି । ତହିଁରେ ନୂଆଗଡ଼ ରାଜା ପୁରୁଷୋତ୍ତମଙ୍କ ନାମ ଭଣିତରେ ଅଛି । ହୋଇପାରେ, ଅନ୍ୟ କେତେ ଖଣ୍ଡ ଗ୍ରନ୍ଥ ପରି ଭଞ୍ଜେ ଏହାକୁ ମଧ୍ୟ ପୁରୁଷୋତ୍ତମଙ୍କ ନାମରେ ଭଣିତ କରିଥାଇ ପାରନ୍ତି; ଯଦିଓ କେତେ ଜଣ ପଣ୍ଡିତ ଏହା ସ୍ୱୀକାର କରୁ ନାହାନ୍ତି । ସୁତରାଂ, ଭଞ୍ଜଙ୍କର 'ଶୋଭାବତୀ' ନାମରେ ଅନ୍ୟ ଏକ କାବ୍ୟ ଅଛି କି ଏହି ପୁରୁଷୋତ୍ତମଙ୍କ ନାମରେ ଭଣିତ ଥିବା କାବ୍ୟ ଖଣ୍ଡିକ ହିଁ ତାଙ୍କର, ଏହାର ଅଧିକ ବିଚାର ପରବର୍ତ୍ତୀ ଖଣ୍ଡରେ ଯଥା-ସ୍ଥାନରେ ପ୍ରଦାନ କରିବାର ବାସନା ରହିଲା ।